# ମାନବ ଯୁଗ-ଚକ୍ର

'oaob.nitrkl.ac.in' images reprocessed

*Oriya Translation*
*of*
# THE HUMAN CYCLE

ଏକ ସେଟ୍ (ଦଶଖଣ୍ଡ)ର
ମୂଲ୍ୟ: ଟ ୨୪୦.୦୦

'oaob.nitrkl.ac.in' images reprocessed

# ମାନବ ଯୁଗ-ଚକ୍ର

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ

ସାହିତ୍ୟ ସଂଗ୍ରହ

୧୦

# ମାନବ ଯୁଗ-ଚକ୍ର

ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ
ପଣ୍ଡିଚେରୀ-୨

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦଙ୍କ 'The Human Cycle' ଗ୍ରନ୍ଥର
ଓଡ଼ିଆ ଅନୁବାଦ

ଅନୁବାଦ :

ଶ୍ରୀ ଚିତ୍ତରଞ୍ଜନ ଦାସ

ପ୍ରଥମ ମୁଦ୍ରଣ : ନଭେମ୍ବର, ୧୯୭୩

ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୨

ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ,
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୨

ଏକ ସେଟ୍ (ଦଶ ଖଣ୍ଡ)ର ମୂଲ୍ୟ—ଟ ୨୫୦.୦୦

Printed at Brajendra Press, Cuttack-1

'oaob.nitrkl.ac.in' images reprocessed

# ସୂଚିପତ୍ର

## ମାନବ ଯୁଗ-ଚକ୍ର

ବିଷୟ


| | |
|---|---|
| ୧ । ସମାଜର ଚକ୍ର | |
| ୨ । ବ୍ୟକ୍ତିବାଦର ଯୁଗ : ବିବେକ-ବୁଦ୍ଧିର ଯୁଗ | |
| ୩ । ଆତ୍ମଧର୍ମୀ ଯୁଗର ଆଗମନ | ୩୬ |
| ୪ । ଜାତି-ଆତ୍ମାର ଆବିଷ୍କାର | ୫୦ |
| ୫ । ଆତ୍ମଗତତା : ଅସଲ ଓ ନକଲ | ୬୫ |
| ୬ । ଜୀବନର ବସ୍ତୁଗତ ଏବଂ ଆତ୍ମଗତ ଦୃଷ୍ଟି | ୮୪ |
| ୭ । ସାମାଜିକ ବିକାଶର ଆଦର୍ଶ ବିଧାନ | ୯୭ |
| ୮ । ସଭ୍ୟତା ଓ ବର୍ବରତା | ୧୧୪ |
| ୯ । ସଭ୍ୟତା ଓ ସଂସ୍କୃତି | ୧୨୮ |
| ୧୦ । ସୌନ୍ଦର୍ଯ୍ୟବୋଧଗତ ଓ ନୀତିଗତ ସଂସ୍କୃତି | ୧୪୫ |
| ୧୧ । ଜୀବନର ଶାସକରୂପେ ବୁଦ୍ଧି | ୧୬୧ |
| ୧୨ । ବୁଦ୍ଧିଗତ ବିଚାରଣାର ପ୍ରକୃତ କାର୍ଯ୍ୟ ଓ ସୀମା | ୧୮୧ |
| ୧୩ । ତର୍କବୁଦ୍ଧି ଓ ଧର୍ମ | ୧୯୭ |
| ୧୪ । ବୁଦ୍ଧିର ଅତୀତ ସୌନ୍ଦର୍ଯ୍ୟ | ୨୧୭ |
| ୧୫ । ବୁଦ୍ଧିର ଅତୀତ ମଙ୍ଗଳ | ୨୩୩ |
| ୧୬ । ଜୀବନର ବୁଦ୍ଧି-ଅତୀତ ପରମ ଲକ୍ଷ୍ୟ | ୨୪୮ |
| ୧୭ । ଜୀବନର ବିଧାନରୂପେ ଧର୍ମ | ୨୭୭ |
| ୧୮ । ବିବର୍ତ୍ତନର ଅବବୌଦ୍ଧିକ ପର୍ଯ୍ୟାୟ | ୨୯୨ |
| ୧୯ । ବୁଦ୍ଧିଗତ ଯୁଗର ଗତିରେଖା | ୩୦୭ |
| ୨୦ । ବୁଦ୍ଧିବାଦର ଶେଷ ସୀମା | [illegible] |
| ୨୧ । ଆଧ୍ୟାତ୍ମିକ ଲକ୍ଷ୍ୟ ଓ ଜୀବନ | [illegible] |
| ୨୨ । ଆଧ୍ୟାତ୍ମିକ ରୂପାନ୍ତରର ପ୍ରୟୋଜନ | ୩୭୨ |
| ୨୩ । ଆଧ୍ୟାତ୍ମିକ ଯୁଗାବିର୍ଭାବର ପରିବେଶ | ୩୯୨ |
| ୨୪ । ଆତ୍ମଯୁଗରେ ଆବିର୍ଭାବ ଓ ଅଗ୍ରଗତି | ୪୧୭ |


'oaob.nitrkl.ac.in' images reprocessed

## ପ୍ରଥମ ପରିଚ୍ଛେଦ

# ସମାଜର ଚକ୍ର

ଆଧୁନିକ ବିଜ୍ଞାନ ଆପଣା ଭୌତିକ ଆବିଷ୍କାରଗୁଡ଼ିକର ମହାନତା ଓ ବିଚକ୍ଷଣତାକୁ ନେଇ ଏପରି ଅତିଲିପ୍ତ ଓ ଅତିଗ୍ରସ୍ତ ହୋଇ ରହିଛି ଏବଂ କେବଳ ଜଡ଼ ହିଁ ରହିଛି ଓ ଜଡ଼ ବ୍ୟତୀତ ସତ୍ୟ ବୋଲି ଆଉ କିଛି ହେଲେ ନାହିଁ ବୋଲି ଏକ ବିଶ୍ୱାସରେ ଏଭଳି ଘାରିହୋଇ ରହିଛି ଯେ, ତାହା କେବଳ ଭୌତିକ ତଥ୍ୟଗୁଡ଼ିକୁହିଁ ଭିତ୍ତି କରି ଆତ୍ମା ତଥା ମନର ଅଧ୍ୟୟନ କରିବାକୁ ଦୀର୍ଘକାଳ ଧରି ଚେଷ୍ଟା କରିଆସିଛି । ମନୁଷ୍ୟ ଓ ଇତର ପ୍ରାଣୀର ପ୍ରକୃତି ମଧ୍ୟରେ ଯେଉଁସବୁ କାର୍ଯ୍ୟକଳାପର କ୍ଷେତ୍ରରେ ଯେକୌଣସି ଭୌତିକ ବିଜ୍ଞାନ ଭଳି ମନୋବିଜ୍ଞାନ ଲାଗି ମଧ୍ୟ ଏକ ସମାନ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି, ଆଧୁନିକ ବିଜ୍ଞାନ ସେଗୁଡ଼ିକୁ ମଧ୍ୟ କେବଳ ଭୌତିକ ବିଜ୍ଞାନର ତଥ୍ୟ ଦେଇ ଅଧିଗମିବାକୁ ଚେଷ୍ଟା କରିଆସିଛି । ତାହାର ଆପଣାପ୍ରସୂତ ମନୋବିଜ୍ଞାନକୁ ମଧ୍ୟ ଶରୀରବିଜ୍ଞାନ ତଥା ମସ୍ତିଷ୍କ ଓ ସ୍ନାୟୁମଣ୍ଡଳର ଟିକିନିଖି ପରୀକ୍ଷା ଉପରେ ଭିତ୍ତି କରି ଠିଆ ହେବାକୁ ପଡ଼ିଛି । ତେଣୁ ଏଥିରେ ଆମର ଆଶ୍ଚର୍ଯ୍ୟ ହେବାକୁ କିଛି ନାହିଁ ଯେ, ଆମର ଇତିହାସ ତଥା ସମାଜ-ଆଲୋଚନାରେ କେବଳ ବାହାରର ତଥ୍ୟଗୁଡ଼ାକ ଉପରେ ହିଁ ପ୍ରାୟ ସକଳ ଦୃଷ୍ଟି କେନ୍ଦ୍ରିତ ହୋଇ ରହିଛି, କେବଳ ବାହାର ଉପରିଭାଗଟାରେ କାର୍ଯ୍ୟକାରୀ ହେଉଥିବା ନିୟମାନୁଷ୍ଠାନ, ବିଧି, ପରମ୍ପରା ତଥା ଆର୍ଥିକ କାରଣ ଓ ବିକାଶ-ସ୍ତରଗୁଡ଼ାକ ଉପରେ ହିଁ ଏକନିବଦ୍ଧ ହୋଇ ରହିଛି ଏବଂ ତେଣେ ମଣିଷଭଳି ଏକ ମନୋଯୁକ୍ତ, ସମ୍ବେଦନମୟ ତଥା ଭାବନାପ୍ରଧାନ ଜୀବର ବିବିଧ କ୍ରିୟାଶୀଳତାରେ ଅନେକ ମହତ୍ତ୍ୱ ରଖୁଥିବା ଭିତରର ମନୋମୟ ଉପାଦାନଗୁଡ଼ିକ ପ୍ରତି ଭାରି ଅବହେଳା ପ୍ରଦର୍ଶନ କରାଯାଇଛି । ଏହି ପ୍ରକାର ବିଜ୍ଞାନଟି ଇତିହାସ ଓ ସମାଜ ବିକାଶର ଯାବତୀୟ ବିଷୟକୁ ଯଥାସମ୍ଭବ ଅର୍ଥନୈତିକ ଆବଶ୍ୟକତା, ଅର୍ଥାତ୍ ଅଭିପ୍ରାୟଗୁଡ଼ିକ ଦ୍ୱାରା ବୁଝାଇଦେବାକୁ ଆଗଭର ହୋଇ ରହିଥାଏ ଏବଂ ଅର୍ଥନୀତି କହିଲେ ଏହି କ୍ଷେତ୍ରରେ ତାହା ଅର୍ଥନୀତିକୁ ତାହାର ବ୍ୟାପକତମ ଅର୍ଥରେ ବୁଝିଥାଏ । ଏପରିକି ଏଭଳି ଇତିହାସକାରଙ୍କର ମଧ୍ୟ ଆଦୌ ଅଭାବ ନାହିଁ, ଯେଉଁମାନେ କି ମାନବିକ ଅନୁଷ୍ଠାନଗୁଡ଼ିକର ବିକାଶକ୍ରମରେ ଭାବୁକର ଭାବନା ଓ ପ୍ରଭାବର ଆଦୌ

କୌଣସି କାର୍ଯ୍ୟକାରିତା ରହିଛି ବୋଲି ସ୍ୱୀକାର କରନ୍ତି ନାହିଁ; ଅଥବା ତାହା ଉପରେ ଅତ୍ୟନ୍ତ ଗୌଣ ମହତ୍ତ୍ୱ ଦେଇଥାନ୍ତି । ଅନେକ ସମୟରେ ଏପରି ମଧ୍ୟ ବିଚାର କରାଯାଏ ଯେ, ଫରାସୀ ବିପ୍ଳବ ଯେପରି ଘଟିଲା ଓ ଠିକ୍ ଯେତେବେଳେ ଘଟିଲା, ତାହା କେବଳ ଏକ ଅର୍ଥନୈତିକ ଆବଶ୍ୟକତା ବା ଅନିବାର୍ଯ୍ୟତା ଦ୍ୱାରା ହିଁ ସମ୍ଭବ ହେଲା ଏବଂ ଯଦି ରୁଷୋ ଓ ଭଲ୍‌ଟେଅର ସେହି ବିପ୍ଳବର ସାହସିକ ଓ ବୈପ୍ଳବିକ ବିଚାରଗୁଡ଼ିକ ବିଷୟରେ ଆଦୌ କିଛିହେଲେ ଲେଖି ନ ଥାନ୍ତେ, ଅଥବା ଅଷ୍ଟାଦଶ ଶତାବ୍ଦୀର ବିଚାରଧାରାସବୁ ଦର୍ଶନ ଜଗତରେ ସେ ବିଷୟରେ କିଛି ହେଲେ ବିଚାର କରି ନ ଥାନ୍ତେ, ତେବେ ବି ଫରାସୀ ବିପ୍ଳବ ଘଟିଥାଆନ୍ତା ଓ ଠିକ୍ ଯେତେବେଳେ ଘଟିଲା, ସେତିକବେଳେ ହିଁ ଘଟିଥାଆନ୍ତା ।

ମନ ଓ ଆତ୍ମାର ରହସ୍ୟଗୁଡ଼ିକୁ ବିଶ୍ଳେଷଣ କରିବାରେ ଏକ ଉପାଦାନରୂପେ ଜଡ଼କୁ କେତେଦୂର ଯଥେଷ୍ଟ ବୋଲି ଗ୍ରହଣ କରାଯାଇପାରିବ, ଅବଶ୍ୟ ଏବେ ସେ ବିଷୟରେ ସନ୍ଦେହମାନ ପ୍ରକାଶିତ ହେଲାଣି ଏବଂ କେବଳ ଭୌତିକ ବିଜ୍ଞାନକୁ ହିଁ ସମସ୍ତ ମନେକରି ତାହାଦ୍ୱାରା ଛନ୍ଦିହୋଇ ବସିବାର ଦୁର୍ଦ୍ଦଶାରୁ ମୁକ୍ତ ହୋଇପାରିବା ଲାଗି ଏକ ଆନ୍ଦୋଳନର ବି ସୂତ୍ରପାତ ହୋଇଗଲାଣି । ଅବଶ୍ୟ ଏକଥା ନିଶ୍ଚୟ ସତ ଯେ, ଏହି ଆନ୍ଦୋଳନ ଏପର୍ଯ୍ୟନ୍ତ କେବଳ ମାତ୍ର କେତେକ ଅସ୍ଥିରକର ଓ ପ୍ରଥମପ୍ରୟାସ ବାଟଟିଣ୍ଣାରୁ ଖୁବ୍ ବେଶୀ ଅଧିକ ଅଗ୍ରସର ହୋଇପାରିନାହିଁ । ତଥାପି ସମାଜ ତଥା ଇତିହାସର ବିକାଶର ଅର୍ଥନୈତିକ ଅଭିପ୍ରାୟ ଓ କାରଣଗୁଡ଼ିକ ପଛରେ ଯେ ଗମ୍ଭୀର ମନସ୍ତାତ୍ତ୍ୱିକ ଓ ଏପରିକି ଆତ୍ମିକ ଉପାଦାନମାନ ରହିଛି, ସେ ବିଷୟରେ କ୍ରମେ ଏକ ବୋଧୋଦୟ ହେବାକୁ ଆରମ୍ଭ କଲାଣି । ଯୁଦ୍ଧପୂର୍ବ ଜର୍ମାନୀକୁ ଆମେ ବୁଦ୍ଧିବାଦ ଓ ଜଡ଼ବାଦର ମହାକେନ୍ଦ୍ର ବୋଲି କହିପାରିବା ସତ; ମାତ୍ର ଗତ ଦେଢ଼ଶହ ବର୍ଷ ହେଲା ସେଠାରେ ନୂତନ ବିଚାର ଓ ମୌଳିକ ବିଚାରଗତ କେତେକେତେ ଚିନ୍ତାଧାରାର ଏକ ସଦନ ମଧ୍ୟ ନିର୍ମିତ ହୋଇଆସିଛି ବୋଲି କହିପାରିବା । ଏହି ଧାରାଗୁଡ଼ିକରେ ଭଲ ରହିଛି, ମନ୍ଦ ରହିଛି; କଲ୍ୟାଣକାମୀ ପ୍ରବୃତ୍ତି ରହିଛି, ବିନାଶକାମୀ ପ୍ରବୃତ୍ତି ମଧ୍ୟ ରହିଛି । ମହାଯୁଦ୍ଧ ପୂର୍ବରୁ ସେହି ଜର୍ମାନୀଦେଶରେ ମନୋମୟ ଦ୍ୟୋତନାକୁ ମୂଳ କରି ଇତିହାସର ବିବର୍ତ୍ତନକୁ ବୁଝାଇବାର ଏକ ସିଦ୍ଧାନ୍ତ ପ୍ରଥମ କରି ଜନ୍ମଲାଭ କରିଥିଲା ଏବଂ ଏକ ମୌଳିକ ବୁଦ୍ଧିସମ୍ପନ୍ନ ପ୍ରତିଭା ଦ୍ୱାରା ତାହାର ଉପସ୍ଥାପନ ହୋଇଥିଲା । ଏକ ନୂତନ କ୍ଷେତ୍ରରେ ସର୍ବପ୍ରଥମେ ଯେଉଁସବୁ ଉଦ୍ୟମ କରାଯାଏ, ତାହା କ୍ୱଚିତ୍ ସମ୍ପୂର୍ଣ୍ଣଭାବରେ ସଫଳତା ଲାଭ କରିଥାଏ ଏବଂ ଏହି ସିଦ୍ଧାନ୍ତଟିକୁ ଜନ୍ମ ଦେଇଥିବା ଜର୍ମାନ୍ ଇତିହାସକାର ଏକ ସନ୍ଦୀପ୍ତ ବିଚାରର ସନ୍ଧାନ ପାଇଥିଲେ ସତ, ମାତ୍ର ତାହାକୁ ଖୁବ୍ ବେଶୀ ବିକଶିତ କରାଇପାରିଲେ ନାହିଁ କିମ୍ବା ତାହାର ଖୁବ୍ ବେଶୀ ଗଭୀରକୁ ଯାଇପାରିଲେ ନାହିଁ । ଅର୍ଥନୈତିକ କାରଣକୁ ତଥାପି ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମାନିବାକୁ ସେ ପଡ଼ିବ, ଏହିଭଳି ଗୋଟାଏ ସମ୍ଭାର ସତ୍ତେ ଅବା ତାଙ୍କ ପଛରେ

'oaob.nitrkl.ac.in' images reprocessed

ଗୋଡ଼ାଇବାରେ ଲାଗିଥିଲେ ଏବଂ ଇଉରୋପୀୟ ଅଧିକାଂଶ ବିଜ୍ଞାନର କ୍ଷେତ୍ରରେ ଯେପରି ହୋଇଥାଏ, ତାଙ୍କର ସିଦ୍ଧାନ୍ତଟି ମଧ୍ୟ କାର୍ଯ୍ୟତଃ ଲବ୍ଧ ଜ୍ଞାନର ସାମଗ୍ରୀଗୁଡ଼ିକର ରହସ୍ୟ ଉଦ୍‌ଘାଟନ କରିବା ଅପେକ୍ଷା ସେଗୁଡ଼ିକୁ ଅଧିକ ସଫଳ ଭାବରେ ଯୋଡ଼ି ସଜାଇ ଶ୍ରେଣୀବଦ୍ଧ କରି ଦେଖାଇପାରିଥିଲା । ତଥାପି ସିଦ୍ଧାନ୍ତଟିର ମୂଳ ବସ୍ତୁରିଟି କେତେ ନୂତନ ଦ୍ୱାରୋଦ୍‌ଘାଟନର ପ୍ରେରଣା ଦେଇ ଯାଉଥିବା ଏକ ସନ୍ଦୀପନକାରୀ ସତ୍ୟକୁ ସୂତ୍ରବଦ୍ଧ କରି ଦେଖାଇ ଦେଉଥିଲା ଏବଂ ତାହା ଉନ୍ମୋଚିତ କରିଦେଇଥିବା କେତେକ ଅନୁବ୍ୟଞ୍ଜନାକୁ ପ୍ରାଚ୍ୟ ବସ୍ତୁର ତଥା ଅନୁଭୂତିର ଆଲୋକ ଦେଇ ଅବଲୋକନ କରିବାକୁ ଚେଷ୍ଟା କଲେ ତଦ୍ୱାରା ଆମେ ନିଶ୍ଚୟ ଲାଭବାନ୍ ହୋଇପାରିବା ।

ଆପଣାର ବିଶ୍ଳେଷଣରେ ଇଉରୋପୀୟ ଏବଂ ବିଶେଷ କରି ଜର୍ମାନ୍ ଇତିହାସକୁ ଭିତ୍ତି କରି ଇତିହାସକାର ଲାମ୍ପ୍‌ରେଖ୍‌ଟ୍ (Lamprecht) ତାଙ୍କର ସିଦ୍ଧାନ୍ତଟିରେ ଅନୁମାନ କରିଥିଲେ ଯେ, କେତୋଟି ମନୋଭୂମିଗତ ପର୍ଯ୍ୟାୟର କ୍ରମାନୁସରଣ କରି ମନୁଷ୍ୟ-ସମାଜ ଅଗ୍ରସର ହେଉଛି । ଏହି ପର୍ଯ୍ୟାୟଗୁଡ଼ିକୁ ସେ ଯଥାକ୍ରମେ ପ୍ରତୀକମୂଳ, ଆଦର୍ଶଗତ, ପ୍ରଥାମୂଳ ବା ପାରମ୍ପରିକ, ବ୍ୟକ୍ତିମୂଳ ଏବଂ ଆତ୍ମଗତ ବୋଲି କହୁଥିଲେ । ତେଣୁ ଏହି ବିକାଶଧାରାଟିକୁ ଆମେ ମାନସଭୂମିଦ୍ୱାରା ପ୍ରେରିତ ଏକ କ୍ରମ ବୋଲି କଳ୍ପନା କରିପାରିବା, ଯାହାର ମଧ୍ୟଦେଇ କୌଣସି ଜାତି ଅଥବା କୌଣସି ସଭ୍ୟତା ଗତି କରିବାକୁ ବାଧ୍ୟ ହୋଇଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହିସବୁ ପର୍ଯ୍ୟାୟବିଭାଗକୁ ଗୋଟାଏ ଗୋଟାଏ ଅତି ଦୃଢ଼ ଗଣ୍ଡି ପରି ଧରି ରଖିଲେ ସେଥିରୁ କେବଳ ଭ୍ରମ ଉପୁଜିବାର ହିଁ ସମ୍ଭାବନା ରହିଥାଏ, ଏବଂ ତଦ୍ୱାରା ସତତ ନାନା ବକ୍ର ଓ ଭଙ୍ଗ ଦେଇ ଗତି କରୁଥିବା ପ୍ରକୃତିକୁ ମନଃକଳ୍ପିତ ଗୋଟାଏ ସିଧା ସରଳରେଖା ଦ୍ୱାରା ଦେଖାଇଦେବାର ପ୍ରୟାସ କରିବା ହିଁ ସାର ହୁଏ । ମନୁଷ୍ୟ ଏବଂ ତାର ସମାଜଗୁଡ଼ିକର ମନୋଗତ କ୍ଷେତ୍ରଟି ହେଉଛି ଏକ ଅତ୍ୟନ୍ତ ଜଟିଳ କ୍ଷେତ୍ର । ଏଥିରେ ବହୁଧାର ଓ ପରସ୍ପରମିଶ୍ରିତ ନାନା ପ୍ରବୃତ୍ତି ଏଭଳି ଭାବରେ ସମନ୍ୱିତ ହୋଇ ରହିଛନ୍ତି ଯେ, ତଦ୍ୱାରା ଏଭଳି ଏକ କଠୋର ଓ ସୈଦ୍ଧାନ୍ତିକ ବିଶ୍ଳେଷଣ କେବେ-ହେଲେ ସମ୍ଭବ ହେବନାହିଁ । ଗୋଟିକ ପରେ ଗୋଟିଏ ହୋଇ ଆସୁଥିବା ଏହାର ପର୍ଯ୍ୟାୟଗୁଡ଼ିକ ପଛରେ ପ୍ରକୃତରେ କି ଅନ୍ତର୍ଗତ ଅର୍ଥ ନିହିତ ହୋଇ ରହିଛି, ଏଭଳି ଏକ ପର୍ଯ୍ୟାୟକ୍ରମର ପ୍ରକୃତରେ କି ଆବଶ୍ୟକତା ରହିଛି ଏବଂ ପ୍ରକୃତରେ କେଉଁ ସୀମା ଓ ଉଦ୍ଦେଶ୍ୟ ଅଭିମୁଖରେ ସେମାନେ ଧାବିତ ହେବାରେ ଲାଗିଛନ୍ତି, ମନୋମୟ କ୍ରମିକତାର ଏହି ସିଦ୍ଧାନ୍ତଟି ଆମକୁ ସେ ବିଷୟରେ କିଛି କହିପାରେ ନାହିଁ । ମାତ୍ର ତଥାପି ମନ ବା ଜଡ଼ ଯାହାର ହେଉ ପଛକେ, ସେମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇ ରହିଥିବା ପ୍ରାକୃତିକ ନିୟମଗୁଡ଼ିକୁ ବୁଝିପାରିବାକୁ ହେଲେ ମନ ବା ଜଡ଼ର ଯେଉଁ ଉପାଦାନଗୁଡ଼ିକୁ ଆମେ ଆବିଷ୍କାର କରି ଦେଖିପାରିବା, ସେଗୁଡ଼ିକର କ୍ଷେତ୍ରରେ

'oaob.nitrkl.ac.in' images reprocessed

ସେହି ନିୟମମାନ ଉପରେ କାର୍ଯ୍ୟ କରୁଛନ୍ତି, ଆମକୁ ତାହାର ବିଶ୍ଳେଷଣ କରିବାକୁ ପଡ଼ିବ । ମନ ଓ ଜଡ଼ର ପ୍ରଧାନ ପ୍ରଧାନ ଅଂଶରେ ଓ କ୍ରିୟାକ୍ଷେତ୍ରରେ କାର୍ଯ୍ୟ କରୁଥିବା ସେହି ନିୟମଗୁଡ଼ିକର ବିଶ୍ଳେଷଣ କରିବା ଆବଶ୍ୟକ ହେବ । ଅବଶ୍ୟ ଏକଥା ସତ ଯେ, ଏଗୁଡ଼ିକୁ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭାବରେ ଅଲଗା କରି ବିଶ୍ଳେଷଣ କରିପାରିବାଲାଗି ଆମେ ସେଗୁଡ଼ିକୁ କୌଣସିଠାରେ ପରସ୍ପର ବିଚ୍ଛିନ୍ନ ରୂପେ କଦାପି ପାଇବା ନାହିଁ । ପାଶ୍ଚାତ୍ୟ ବିଚାରକ ତାଙ୍କର ବିଚାରଶକ୍ତିକୁ ନେଇ ଯେପରି ଚର୍ଚ୍ଚା ଓ ବିଶ୍ଳେଷଣ କରିଛନ୍ତି, ମୁଁ ଏଠାରେ ସେସବୁର ଉଲ୍ଲେଖ କରିବି ନାହିଁ । ମାତ୍ର ସେ ଆମ ପାଖରେ ଆଣି ଉପସ୍ଥାପିତ କରିଥିବା ବ୍ୟଞ୍ଜନାତ୍ମକ ଅଭିଧାଗୁଡ଼ିକ ମଧ୍ୟରେ ଅନ୍ତର୍ନିହିତ ଅର୍ଥ ତଥା ମୂଲ୍ୟ ଗୁଡ଼ିକୁ ଆମେ ପରୀକ୍ଷା କରି ଦେଖିଲେ ଏକ ଘନ ରହସ୍ୟାବରଣ ଦ୍ୱାରା ଆବୃତ ହୋଇ ରହିଥିବା ଆମର ଐତିହାସିକ ବିବର୍ତ୍ତନ ଉପରେ ତଥାପି କିଞ୍ଚିତ୍ ଆଲୋକପାତ ସମ୍ଭବ ହୋଇପାରିବ ଏବଂ ତେଣୁ ଏହି ମାର୍ଗରେ ଅନୁସନ୍ଧାନ କରି ଅଗ୍ରସର ହେଲେ ଆମେ ସେଥିରୁ ସବୁଠାରୁ ଅଧିକ ଲାଭବାନ୍ ହୋଇପାରିବା ।

ମନୁଷ୍ୟ ସମାଜର ଯେଉଁ ଚରଣଟିକୁ ଆମେ ତାହାର ଆଦିମ ଆରମ୍ଭକାଳ ବା ପ୍ରଥମକାଳୀନ ଯୁଗ ବୋଲି କହିଥାଉ,—ସେହି ଜାତି ଅପେକ୍ଷାକୃତ ଅଧିକ ସଭ୍ୟ ହୋଇଥାଉ ବା ବର୍ବର ଅବସ୍ଥାରେ ରହିଥାଉ, ଅର୍ଥନୀତିର ଦୃଷ୍ଟିରୁ ବିଚାର କଲେ ତାହା ଅଗ୍ରଗତି କରିଥାଉ ଅଥବା ଅନେକ ପଛରେ ପଡ଼ିରହିଥାଉ—ସେହି ଚରଣଟିକୁ ଆଲୋଚନା କରି ଦେଖିଲେ ଆମେ ଅତ୍ୟନ୍ତ ନିଃସନ୍ଦେହ ଭାବରେ ଦେଖିବାକୁ ପାଇବା ଯେ, ତାହାର ବିଚାରଭାବନା, ଜୀବନାଚରଣ ତଥା ଅନୁଷ୍ଠାନଗୁଡ଼ିକ ଏକ ଅତିମାତ୍ରାରେ ପ୍ରତୀକଧର୍ମୀ ମନୋବୃତ୍ତି ଦ୍ୱାରା ନିୟନ୍ତ୍ରିତ ହେଉଛି, ଅଥବା ଏକ ପ୍ରତୀକଧର୍ମୀ ମନୋବୃତ୍ତି ଅନ୍ତତଃ ସେହିସବୁ କ୍ଷେତ୍ରକୁ ଭେଦକରି ରହିଛି । ହଁ, ପ୍ରତୀକଧର୍ମୀ; ମାତ୍ର ସେହିସବୁ ପ୍ରତୀକ କାହାର ସୂଚନା ଦେଉଛି ? ଆମେ ସ୍ପଷ୍ଟ ଦେଖିବାକୁ ପାଇବା ଯେ, ସମାଜର ଏହି ପର୍ଯ୍ୟାୟଟି ନିରତ ଧର୍ମାନୁସିକ୍ତ ହୋଇ ରହିଛି ଏବଂ ଆପଣାର ଧର୍ମଜୀବନରେ ତାହା ଅତି ସହିଷ୍ଣୁ ଭାବରେ କଳ୍ପନାପ୍ରବଣ ହୋଇ ରହିଛି । କାରଣ ପ୍ରତୀକବାଦ ଏବଂ ଏକ ବହୁବ୍ୟାପୀ କଳ୍ପନାପ୍ରବଣ ବା ସବୋଧିପ୍ରେରିତ ଧର୍ମାନୁଭବ ଦୁହିଁଙ୍କ ମଧ୍ୟରେ ସର୍ବଦା ସତେ ଅବା ଏକ ପ୍ରକୃତିଗତ ସଙ୍ଗତିଭାବ ରହି-ଆସିଛି, ଏବଂ ବିଶେଷତଃ ମାନବସମାଜର ଆରମ୍ଭକାଳୀନ ଅର୍ଥାତ୍ ଆଦିମ ଅବସ୍ଥାରେ ଦୁହେଁଯାକ ସର୍ବଦା ପରସ୍ପର ସହିତ ଏକତ୍ର ସମ୍ମିଳିତ ହୋଇ ହିଁ ଗତି କରିଛନ୍ତି । ତା'ପରେ ମଣିଷ ଯେତେବେଳେ ମୁଖ୍ୟତଃ ବୁଦ୍ଧିକୁ ଅବଲମ୍ବନ କରିବାକୁ ଆରମ୍ଭ କରୁଛି, ସଂଶୟ କରିବାକୁ ଶିଖୁଛି ଏବଂ ମସ୍ତିଷ୍କର କଷ୍ଟର ଦ୍ୱାରା ସତ୍ୟର ନିରୂପଣ କରି ବାହାରୁଛି ସେତେବେଳେ ତଦ୍ୱାରା ସେ ଏକ ବ୍ୟକ୍ତିଧର୍ମୀ ସମାଜଲାଗି ପ୍ରସ୍ତୁତ ହେଉଛି ବୋଲି ଜାଣିବାକୁ ହେବ । ସେତେବେଳେ ପ୍ରତୀକ ଆଉ ପରମ୍ପରାର ପର୍ଯ୍ୟାୟଟି ଗତ

'oaob.nitrkl.ac.in' images reprocessed

ହୋଇଯାଉଛି ଏବଂ ସେଗୁଡ଼ିକର ଆଉ କୌଣସି ମୂଲ୍ୟ ବା ଔଚିତ୍ୟ ମଧ୍ୟ ରହୁନାହିଁ । ସେତେବେଳେ ମନୁଷ୍ୟ ପ୍ରତୀକଗୁଡ଼ିକୁ ସତେ ଅବା ଅନ୍ତରାଳରେ ପ୍ରଚ୍ଛନ୍ନ ହୋଇ ରହିଥିବା ପରି ଅନୁଭବ କରୁଛି; ତା'ର ଜୀବନ ତଥା କ୍ରିୟାଶୀଳତାର ପଛରେ ରହିଥିଲା ପରି ଜାଣୁଛି । ସେ ତାକୁ ଦିବ୍ୟତା ବୋଲି କହୁଛି, ଦେବତା ବୋଲି କହୁଛି; ଚରାଚର ସୃଷ୍ଟିର ଅତିପ୍ରାକୃତ ଓ ଗଭୀର, ନାମାତୀତ, ଏକ ପ୍ରଚ୍ଛନ୍ନ, ଜୀବନ୍ତ ତଥା ରହସ୍ୟାଚ୍ଛନ୍ନ ପ୍ରକୃତି ବୋଲି ଅନୁଭବ କରୁଛି । ସେତେବେଳେ ତା'ର ଯାବତୀୟ ସାମାଜିକ ତଥା ଧର୍ମାନୁଷ୍ଠାନ, ତା' ଜୀବନର ଯାବତୀୟ ମୁହୂର୍ତ୍ତ ଓ ଅବସ୍ଥା ତାକୁ କେବଳ ଗୋଟିଏ ଗୋଟିଏ ପ୍ରତୀକ ବୋଲି ବୋଧ ହେଉଛି, ଯାହାର ମାଧ୍ୟମରେ ସେ ଯାହାକୁ ତା'ର ଜୀବନର ଅନ୍ତରାଳରେ ରହି ତା'ର ଜୀବନଗତିକୁ ଆକାର ଦେବାରେ ଲାଗିଥିବା, ତାହାକୁ ଶାସନ କରୁଥିବା ଓ ଅନ୍ତତଃ ତାହାର ନିୟନ୍ତ୍ରଣ କରୁଥିବା ରହସ୍ୟମୟ ନାନାବିଧ ପ୍ରଭାବ ବୋଲି ଜାଣୁଛି ବା ଅନୁମାନ କରୁଛି, ସେହିଗୁଡ଼ିକୁ ସେ ପ୍ରକାଶ କରିବାର ପ୍ରୟାସ କରୁଛି ।

ଭାରତୀୟ ସମାଜର ଆରମ୍ଭକାଳଟି ଉପରେ ଦୃଷ୍ଟିପାତ କଲେ,—ଏଠାରେ ସେହି ସୁଦୂର ବୈଦିକ କାଳଟି କଥା କୁହାଯାଉଛି, ଯାହାକୁ ଏବେ ଆମେ ଆଦୌ ବୁଝି ପାରୁନାହୁଁ, କାରଣ ତାହାକୁ ବୁଝିବାର ମନଟିକୁ ଆମେ ହରାଇବସିଛୁ— ଆମେ ସେଠାରେ ଯାବତୀୟ ବିଷୟକୁ ପ୍ରତୀକଦ୍ୱାରା ଅନୁରଞ୍ଜିତ ହୋଇ ରହିଥିବାର ଦେଖିବାକୁ ପାଇବା । ଯଜ୍ଞର ଧର୍ମାନୁଷ୍ଠାନଟି ହିଁ ସେଠି ସମଗ୍ର ସମାଜର ନିୟମନ କରି ରଖିଛି, ତାହାର ପ୍ରତ୍ୟେକ ଘଟିକା ଓ ପ୍ରତ୍ୟେକ ମୁହୂର୍ତ୍ତକୁ ନିୟନ୍ତ୍ରଣ କରୁଛି ଏବଂ ପ୍ରତ୍ୟେକ ପର୍ଯ୍ୟାୟରେ ତଥା ଟିକିନିଖି ପ୍ରତ୍ୟେକ ଅନୁପର୍ବରେ ଯଜ୍ଞର ଯାବତୀୟ ସମ୍ଭାର ଓ ବିଧି ବଡ଼ ରହସ୍ୟାବୃତ ଭାବରେ ପ୍ରତୀକମୟ ହୋଇ ରହିଛି । ବ୍ରାହ୍ମଣ ଓ ଉପନିଷଦ୍ ଗୁଡ଼ିକର ଅଧିକ ଭିତରକୁ ନ ଯାଇ ସେଗୁଡ଼ିକ ଉପରେ ଏକ ମୋଟାମୋଟି ଦୃଷ୍ଟିପାତ କଲେ ମଧ୍ୟ ଆମେ ନିଶ୍ଚୟ ଏହି କଥାଟିର ହିଁ ନିଦର୍ଶନ ପାଇପାରିବା । ପ୍ରକୃତିର ବିଭିନ୍ନ ଶକ୍ତିର ପ୍ରତିନିଧିତ୍ୱ କରୁଥିବା ଦେବତାମାନଙ୍କର ତୁଷ୍ଟିବିଧାନ କରି ଇହଐଶ୍ୱର୍ଯ୍ୟ ଓ ସ୍ୱର୍ଗର ଅଧିକାର ଲାଭ କରିବାର ଆଶା ରଖିବା ବ୍ୟତୀତ ସେହିସବୁ ଯଜ୍ଞରେ ଆଉ ଅଧିକ କିଛି ନ ଥିଲା ବୋଲି ଯେଉଁ ମତଟି ରହିଛି, ତାହାକୁ ଆମେ ପରବର୍ତ୍ତୀ ଯୁଗର କେବଳ ଏକ ଭୁଲ ବୁଝିବା ବୋଲି ହିଁ କହିବା । ସେତେବେଳେ ମନୁଷ୍ୟ ସମାଜ ଏକ ବୁଦ୍ଧିପ୍ରଧାନ ତଥା ବ୍ୟବହାରସର୍ବସ୍ୱ ମନୋବୃତ୍ତି ଦ୍ୱାରା ପ୍ରଭାବିତ ହେବାକୁ ଆରମ୍ଭ କରିସାରିଥିଲା, ଏପରିକି ଆପଣାର ଧର୍ମଜୀବନକୁ ମଧ୍ୟ ସେ କେବଳ ବ୍ୟାବହାରିକ ଭାବରେ ଗ୍ରହଣ କରୁଥିଲା, ଆପଣାର ସତ୍ୟରହସ୍ୟ ଭେଦ ଓ ପ୍ରତୀକ ସର୍ଜନାରେ ବି ବ୍ୟାବହାରିକ ହୋଇସାରିଥିଲା ଏବଂ ସେହି କାରଣରୁ ପୂର୍ବର ସେହି ଚିଦାତ୍ମକତା ଓ ଭାବାତ୍ମକତା ମଧ୍ୟରେ ପ୍ରବେଶ କରିବାକୁ ତା'ର ଆଉ ସାମର୍ଥ୍ୟ

'oaob.nitrkl.ac.in' images reprocessed

ରହିଲା ନାହିଁ । ସେହି ଯୁଗରେ କେବଳ ପ୍ରକୃତ କ୍ଷେତ୍ରର ଧର୍ମଗତ ଉପାସନା ନୁହେଁ, ମାତ୍ର ସାମାଜିକ ଅନୁଷ୍ଠାନଗୁଡ଼ିକ ମଧ୍ୟ ଏକ ଗଭୀର ପ୍ରତୀକାତ୍ମକତା ଦ୍ୱାରା ଓତଃପ୍ରୋତ ଭାବରେ ଅନୁପ୍ରବିଷ୍ଟ ହୋଇ ରହିଥିଲା । ଏକ ମନୁଷ୍ୟଦମ୍ପତିର ବିବାହ ସକାଶେ ବିବାହକାଳୀନ ସ୍ତୋତ୍ରରୂପେ ବ୍ୟବହୃତ ହେଉଥିଲା ବୋଲି ଅନୁମାନ କରାଯାଉଥିବା ଓ ପରବର୍ତ୍ତୀ ବୈଦିକ ଯୁଗରେ ପ୍ରକୃତରେ ସେହି କାର୍ଯ୍ୟରେ ବ୍ୟବହୃତ ହେଉଥିବା ଋକ୍‌ବେଦୀୟ ସେହି ସ୍ତୋତ୍ରଟିର ଦୃଷ୍ଟାନ୍ତ ଏଠାରେ ନିଆଯାଇପାରେ । ମାତ୍ର ସ୍ତୋତ୍ରଟିର ଭାବଗତ ଦୃଷ୍ଟିରେ ବିଚାର କଲେ ସେଥିରେ ସୂର୍ଯ୍ୟଦେବଙ୍କର କନ୍ୟାଙ୍କର ବିଭିନ୍ନ ଦେବତାଙ୍କ ସହିତ ଏକ ପର୍ଯ୍ୟାୟାନୁକ୍ରମରେ ବିବାହ କରିବାର ଅବତାରଣା କରାଯାଇଛି ଏବଂ ତାହାର ଭିତରେ ମନୁଷ୍ୟଦମ୍ପତିର ବିବାହଟି କୁଆଡ଼େ ଅପ୍ରଧାନ ହୋଇ ପଛକୁ ଚାଲିଯାଇଛି । ଦୁଇ ମନୁଷ୍ୟଙ୍କର ବିବାହଟି ଦିବ୍ୟ ଓ ଦିବ୍ୟକଳ୍ପନାଯୁକ୍ତ ମୂର୍ତ୍ତି ପାଖରେ କୁଆଡ଼େ ଛାଇଭିତରେ ଅଦୃଶ୍ୟ ହୋଇଯାଉଛି, ତାହାର ଦ୍ୱାରା ନିୟନ୍ତ୍ରିତ ହେଉଛି ଏବଂ ତାହାର ସକଳ ବର୍ଣ୍ଣନା କେବଳ ସେହି ଦିବ୍ୟ ମୂର୍ତ୍ତିର ବର୍ଣ୍ଣନା ଦ୍ୱାରା ହିଁ ଅନୁବ୍ୟଞ୍ଜିତ ହୋଇ ରହିଛି । ମନେ ରଖିବାକୁ ହେବ ଯେ, ଏଠାରେ ଦେବତାବିବାହଟିକୁ କେବଳ ଏକ ଅଳଙ୍କାରମୟ କଳ୍ପନା ବା କବିକୃତିର ମଣ୍ଡନ ବୋଲି କଦାପି କୁହାଯାଇପାରିବ ନାହିଁ. ଦୁଇ ମନୁଷ୍ୟଙ୍କର ବିବାହକୁ ମଣ୍ଡନମୟ ଓ ଅଧିକ ସୁନ୍ଦର କରି ଦେଖାଇବା ଲାଗି ଯାହାର ବ୍ୟବହାର କରାଯାଇଛି । ପରବର୍ତ୍ତୀ କାଳର ପ୍ରାଚୀନ କବିତାରେ ଯାଇ ସେହି ପ୍ରବୃତ୍ତିଟି ପ୍ରବେଶ କରିଥିଲା । ମାତ୍ର ଏଠାରେ ମନୁଷ୍ୟର ମୂର୍ତ୍ତିଟିକୁ ନିମ୍ନତର କରି ଦେଖାଯାଇଛି ଏବଂ ଦିବ୍ୟ ମୂର୍ତ୍ତିର ଏକ ପ୍ରତିରୂପ ବୋଲି କଳ୍ପନା କରାଯାଇଛି । ବର୍ଣ୍ଣନା ଓ କଳ୍ପନାଗତ ଏହି ପାର୍ଥକ୍ୟଟି ସେହି ଅପେକ୍ଷାକୃତ ଅଧିକ ପ୍ରାଚୀନ ମନୋଦୃଷ୍ଟି ତଥା ବିଷୟଗୁଡ଼ିକ ସମ୍ବନ୍ଧରେ ଆମର ଆଧୁନିକ ଦୃଷ୍ଟିଟି ମଧ୍ୟରେ ରହିଥିବା ଭିନ୍ନତାଟିକୁ ଅତି ସ୍ପଷ୍ଟଭାବରେ ସୂଚାଇ ଦେଇଥାଏ । ଦୀର୍ଘକାଳ ଧରି ଏହି ପ୍ରତୀକବାଦଟି ବିବାହସମ୍ବନ୍ଧୀ ଭାରତୀୟ ଧାରଣାଗୁଡ଼ିକୁ ପ୍ରଭାବିତ କରି ରଖିଥିଲା ଏବଂ ବର୍ତ୍ତମାନ ମଧ୍ୟ କେହି ଏହାର ଅର୍ଥଟିକୁ ବୁଝୁ ନ ଥିଲେ ବା ଏହାକୁ ପ୍ରକୃତରେ କୌଣସି ପ୍ରକାରେ ପ୍ରଭାବକାରକ ବୋଲି ବିଶ୍ୱାସ କରୁ ନ ଥିଲେ ହେଁ ପରମ୍ପରା ଦ୍ୱାରା ଅଭ୍ୟସ୍ତ ରହି ଏହି ପ୍ରତୀକଟିର ଆବୃତ୍ତି କରାଯାଇଥାଏ ।

ଏଠାରେ ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ ଯେ, ନାରୀ ଓ ପୁରୁଷର ସମ୍ବନ୍ଧ ବିଷୟରେ ଭାରତବର୍ଷ ଯେଉଁ କଳ୍ପନାଟିକୁ ଆଦର୍ଶ ବୋଲି ମାନିଆସିଛି, ତାହା ଚିରକାଳ ପୁରୁଷ ଓ ପ୍ରକୃତିର (ବେଦର ନୃ ଓ ଗ୍ନା) ସମ୍ବନ୍ଧ ଅର୍ଥାତ୍ ବିଶ୍ୱପ୍ରକୃତିରେ କାର୍ଯ୍ୟ କରୁଥିବା ପୁଂ ଓ ସ୍ତ୍ରୀବାଚକ ଦିବ୍ୟ ତତ୍ତ୍ୱଦୁଇଟି ମଧ୍ୟରେ ରହିଥିବା ସମ୍ବନ୍ଧଟିର ପ୍ରତୀକ ଦ୍ୱାରା ଅନୁପ୍ରେରିତ ଓ ନିୟନ୍ତ୍ରିତ ହୋଇଆସିଛି । ଏପରିକି,

'oaob.nitrkl.ac.in' images reprocessed

ନାରୀଜାତିର ସ୍ଥିତି ଓ ଏହି ବିବୃତି ମଧ୍ୟରେ କେତେକ ପରିମାଣରେ ଏକ ବ୍ୟାବହାରିକ ସମନ୍ୱୟୀକରଣ ମଧ୍ୟ କରିଦିଆହୋଇଛି । ପ୍ରାଚୀନ ବୈଦିକ କାଳରେ ପ୍ରତୀକଗତ ଧର୍ମାଚରଣରେ ସ୍ତ୍ରୀତତ୍ତ୍ୱଟି ପୁରୁଷତତ୍ତ୍ୱର ଏକପ୍ରକାର ସମସ୍ତରୀୟ ହୋଇ ରହିଥିଲା । ଅବଶ୍ୟ ଏକଥା ସତ ଯେ, ସ୍ତ୍ରୀ ଉପରେ ପୁରୁଷର କେତେକାଂଶରେ ଏକ ଅଧିକାର ରହିଥିଲା; ମାତ୍ର ନାରୀ ପୁରୁଷର ସାଥୀ ଓ ସହଗାମିନୀ ହୋଇ ରହିଥିଲା । ପରବର୍ତ୍ତୀ କାଳରେ ଯେତେବେଳେ ପ୍ରକୃତି ପୁରୁଷ-କଳ୍ପନାର ଅଧୀନ ହୋଇ ରହିଲା, ସ୍ତ୍ରୀ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ପୁରୁଷର ଅଧୀନ ହୋଇପଡ଼ିଲା; କେବଳ ପୁରୁଷ ସକାଶେ ହିଁ ତା'ର ଅସ୍ତିତ୍ୱର କୌଣସି ଯଥାର୍ଥତା ରହିଲା ଏବଂ ଆଧ୍ୟାତ୍ମିକ ଦୃଷ୍ଟିରୁ ତା'ର ପ୍ରାୟ ଆଉ କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ହିଁ ରହିଲା ନାହିଁ । ତାନ୍ତ୍ରିକ ଶାକ୍ତ ଧର୍ମରେ, ଯେଉଁଠି କି ସ୍ତ୍ରୀତତ୍ତ୍ୱକୁ ଶୀର୍ଷତମ ସ୍ଥାନ ଦିଆଯାଏ, ସେଠାରେ ଆମେ ସମାଜରେ ସ୍ତ୍ରୀର ସ୍ଥାନକୁ ପୁଣି ଉଚ୍ଚକୁ ଉଠାଇନେବାଲାଗି ଏକ ପ୍ରୟାସ ହୋଇଥିବାର ଦେଖିବାକୁ ପାଇବା ଏବଂ ତାହାକୁ ଗଭୀର ସମ୍ମାନ ଓ ଏପରିକି ଉପାସନାର ଏକ ବିଷୟରୂପେ ପ୍ରତିଷ୍ଠିତ କରିବାଲାଗି ଏକ ଚେଷ୍ଟା କରାଯାଇଥିବାର ଦେଖିପାରିବା । ମାତ୍ର ଏହି ପ୍ରୟାସଟିକୁ ତଥାପି ସମାଜକ୍ଷେତ୍ରରେ ଏକ ସତ୍ୟରୂପେ ପ୍ରତିଷ୍ଠିତ କରାଯାଇପାରିଲା ନାହିଁ; ଯେପରି ତାନ୍ତ୍ରିକ ମାର୍ଗଟି ମଧ୍ୟ ବୈଦିକ ଭାବନାର ଆଧିପତ୍ୟଟିକୁ ସମ୍ପୂର୍ଣ୍ଣ ଭାବରେ ହଟାଇଦେବାରେ ସମର୍ଥ ହୋଇ ନ ଥିଲା, ପ୍ରାୟ ସେହିପରି ।

ଅଥବା, ଆମେ ବୈଦିକ ଅନୁଷ୍ଠାନ ଚତୁର୍ବର୍ଣ୍ଣର ଦୃଷ୍ଟାନ୍ତଟି ନେଇପାରିବା, କାରଣ ଏଇଟି ଆମର କଥାଟିକୁ ସବୁଠାରୁ ଅଧିକ ଉପଯୁକ୍ତ ଭାବରେ ପ୍ରତିପାଦିତ କରିଦେବ । ଚତୁର୍ବର୍ଣ୍ଣକୁ ଭୁଲରେ ବୃତ୍ତିଜାତିର ବ୍ୟବସ୍ଥା ବୋଲି କୁହାଯାଇଛି । କାରଣ ଜାତି ହେଉଛି ଏକ ପରମ୍ପରାଗତ ଅନୁଷ୍ଠାନ, ଏବଂ ବର୍ଣ୍ଣ ହେଉଛି ଏକ ରୀତିମୂଳ ବା ପ୍ରତୀକମୂଳ ଅନୁଷ୍ଠାନ । ଆମକୁ କୁହାଯାଇଥାଏ ଯେ, ସମାଜର ଅର୍ଥନୈତିକ ବିବର୍ତ୍ତନଟି ନାନା ରାଜନୀତିକ କାରଣରୁ ଜଟିଳ ହୋଇପଡ଼ିବାରୁ ସମାଜରେ ଚତୁର୍ବର୍ଣ୍ଣର ବ୍ୟବସ୍ଥା ସୃଷ୍ଟି ହୋଇଥିଲା । ହୁଏତ ଖୁବ୍ ସମ୍ଭବ ଏପରି ହୋଇଛି; * ମାତ୍ର ଏହି ବିଷୟଟିରେ ପ୍ରକୃତରେ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଯେ, ସେହି ଯୁଗରେ ବାସ କରୁଥିବା ଲୋକମାନେ ଚତୁର୍ବର୍ଣ୍ଣର ବ୍ୟବସ୍ଥାକୁ ଆଦୌ ଏପରି ଦୃଷ୍ଟିରେ ଦେଖୁ ନ ଥିଲେ ଓ ଏହାକୁ ସେମାନେ କଦାପି ଏପରି ଦୃଷ୍ଟିରେ ଦେଖିପାରି ନ ଥାନ୍ତେ ।

---

* ଏହି ବ୍ୟାଖ୍ୟାଟିରେ ଅନ୍ତତଃ ସନ୍ଦେହର ଅନେକ ଅବକାଶ ରହିଛି । କାରଣ ମନେହେଉଛି ଯେ, ବ୍ରାହ୍ମଣମାନେ ପ୍ରଥମାବସ୍ଥାରେ ସବୁପ୍ରକାର ଆର୍ଥିକ କାର୍ଯ୍ୟରେ ଅଂଶଗ୍ରହଣ କରିଛନ୍ତି ଓ କେବଳ ଯାଜକ ବା ପୁରୋହିତ ହୋଇ ରହିବାରେ ଆପଣାକୁ କଦାପି ସୀମାବଦ୍ଧ କରି ରଖିନାହାନ୍ତି ।

'oaob.nitrkl.ac.in' images reprocessed

କାରଣ, କୌଣସି ଗୋଟିଏ ସାମାଜିକ ବ୍ୟାପାରର ବ୍ୟାବହାରିକ ଓ ଭୌତିକ କାରଣମାନ ପାଇଗଲୁ ବୋଲି ଯେତେବେଳେ ଆମେ ସନ୍ତୁଷ୍ଟ ହୋଇ ରହୁଛୁ ଏବଂ ଅଧିକ ଗଭୀରକୁ ଦୃଷ୍ଟି ପକାଇବାଲାଗି ଆଉ ଇଚ୍ଛା କରୁନାହୁଁ, ସେମାନେ ଅର୍ଥାତ୍ ସେଯୁଗରେ ବାସ କରୁଥିବା ଲୋକମାନେ ତାହାର ଭୌତିକ କାରଣଗୁଡ଼ିକ ଉପରେ କୌଣସି ମହତ୍ତ୍ୱ ଦେଉ ନ ଥିଲେ ଅଥବା କେବଳ ଏକ ଅପ୍ରଧାନ ମହତ୍ତ୍ୱ ହିଁ ଦେଉ-ଥିଲେ; ଏବଂ ସର୍ବଦା ସର୍ବପ୍ରଥମେ ତାହାର ପ୍ରତୀକାର୍ଥକ, ଧର୍ମଗତ ଅର୍ଥାତ୍ ମନୋଭୂମିଗତ ମହତ୍ତ୍ୱଟି ସମ୍ବନ୍ଧରେ ସଚେତନ ରହୁଥିଲେ । ବେଦର ପୁରୁଷ-ସୂକ୍ତରେ ଆମେ ଏହାର ନିଦର୍ଶନ ପାଇପାରିବା, ଯେଉଁଠାରେ ଚାରୋଟିଯାକ ବର୍ଣ୍ଣ ସୃଷ୍ଟିକାରୀ ପରମଦେବତାଙ୍କର ଶରୀରରୁ ହିଁ ସୃଷ୍ଟ ହୋଇଥିବାର ବର୍ଣ୍ଣନା କରାଯାଇଛି; ତାଙ୍କର ମସ୍ତକ, ବାହୁ, ଜଂଘ ଓ ପାଦରୁ ଉଦ୍ଭୂତ ହୋଇଛି ବୋଲି କୁହାଯାଇଛି । ଆମେ ଏହି ବର୍ଣ୍ଣନାଟିକୁ କେବଳ କବିର କଳ୍ପନା ବୋଲି ଭାବୁଛୁ ଓ ଏଥିରୁ ଏହିପରି ବୁଝୁଛୁ ଯେ ବ୍ରାହ୍ମଣମାନେ ଜ୍ଞାନଚର୍ଚ୍ଚା କରୁଥିଲେ, କ୍ଷତ୍ରିୟମାନେ ଶକ୍ତି ଓ ବଳର ଅଧିକାରୀ ଥିଲେ, ବୈଶ୍ୟମାନେ ଉତ୍ପାଦନ କାର୍ଯ୍ୟ କରୁଥିଲେ ଓ ସମାଜର ଭରଣପୋଷଣ ଲାଗି ଦାୟୀ ଥିଲେ ଏବଂ ଶୂଦ୍ରମାନେ ସମାଜର ସେବକ ଥିଲେ । ଆମେ ଭାବୁ, ସତେ ଯେପରି ଏତିକିମାତ୍ର କହିଲେ ହିଁ ସବୁକଥା କୁହା ହୋଇଗଲା; ସତେ ଯେପରି ସେହି ଯୁଗର ମନୁଷ୍ୟମାନଙ୍କର ବ୍ରହ୍ମର ଏହି ଶରୀର ଅଥବା ସୂର୍ଯ୍ୟକନ୍ୟାର ଦେହସବୁ ବିବାହ ଭଳି କେବଳ କବି-କଳ୍ପନାଗତ ପ୍ରତିରୂପଗୁଡ଼ିକ ଲାଗି ଏତେ ଗଭୀର ଶ୍ରଦ୍ଧା ଓ ଅନୁରକ୍ତି ରହିଥିଲା ଯେ ସେମାନେ ସେଗୁଡ଼ିକୁ ଭିତ୍ତି କରି ସଂସ୍କାର ଓ ପବିତ୍ର ବିଧି ତଥା ଉତ୍ସବର ପୁଙ୍ଖାନୁପୁଙ୍ଖ ପଦ୍ଧତିମାନ ନିର୍ମାଣ କରି ରଖିଥିଲେ, ସ୍ଥାୟୀ ଅନୁଷ୍ଠାନମାନ ଗଢ଼ିଥିଲେ ସାମାଜିକ ଶ୍ରେଣୀ ଓ ନୀତିଗତ ନିୟମନର କେତେବଡ଼ ବିସ୍ତରମାନ ନିରୂପିତ କରି ରଖିପାରିଥିଲେ । ଏହି ପ୍ରାଚୀନ ପୂର୍ବପୁରୁଷମାନଙ୍କର ସମାଜଆଡ଼କୁ ଅବଲୋକନ କଲାବେଳେ ଆମେ ତା’ ଭିତରେ କେବଳ ଆପଣା ମନର କଥାଗୁଡ଼ାକୁ ହିଁ ପଢ଼ିପକାଇଥାଉ ଏବଂ ସେହି କାରଣରୁ ଆମେ ସେମାନଙ୍କ ଭିତରେ କେବଳ କଳ୍ପନାପ୍ରବଣ ବର୍ବରମାନଙ୍କ ବ୍ୟତୀତ ଆଉ କିଛି ହେଲେ ଦେଖିପାରୁନାହିଁ । ଆମେ କବିତାକୁ ବୁଦ୍ଧି ତଥା କଳ୍ପନା-ପ୍ରବଣତାର କେବଳ ଗୋଟାଏ ବିଳାସ ବୋଲି ଭାବୁ, କଳ୍ପନାଶକ୍ତିକୁ ଆମର ଚିତ୍ତବିନୋଦନ ଲାଗି ଏକ ଖେଳନା ଓ ପରିଚର୍ଯ୍ୟାକାରୀ ବୋଲି ଭାବୁ, ଆମର ମନୋରଞ୍ଜକ ବୋଲି ଭାବୁ, ଆମ ମନଲାଗି ଙ୍କିନ୍ତୁ ହୋଇଥିବା ସତେ ଅବା ଏକ ନର୍ତ୍ତକୀ ବୋଲି ଭାବୁ । ମାତ୍ର ପ୍ରାଚୀନ ଯୁଗର ବ୍ୟକ୍ତିମାନଙ୍କ ପାଇଁ କବି କହିଲେ ଜଣେ ଋଷି ବା ଦ୍ରଷ୍ଟାକୁ ବୁଝାଉଥିଲା ସତ୍ୟରହସ୍ୟର ଉଦ୍‌ଘାଟନକାରୀକୁ ବୁଝାଉଥିଲା । କଳ୍ପନା କହିଲେ ସେମାନେ କୌଣସି ସଜ୍ଜନଶୀଳଙ୍କୁ ବୁଝୁ ନ ଥିଲେ, କଳ୍ପନାକୁ ସେମାନେ ଭଗବତ୍‌ସଦନର ଏକ ଉପାସିକାକୁ ବୁଝୁଥିଲେ, ଯାହାକି ଅଳୀକ ଓ ଅଳୀକ କଥାସବୁକୁ ଏକାଠି ବୁଣିବାଲାଗି ନିଯୁକ୍ତ ହୋଇ ରହି ନ ଥିଲା; ମାତ୍ର କଠିନ ଓ

'oaob.nitrkl.ac.in' images reprocessed

ପ୍ରଚ୍ଛନ୍ନ ସତ୍ୟଗୁଡ଼ିକର ପ୍ରତିରୂପ ଗଢ଼ିବାଲାଗି ଯାହାର ପ୍ରୟୋଗ କରାଯାଉଥିଲା । ଏପରିକି ବେଦର ରଚନାଶୈଳୀରେ କେବଳ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଉଦ୍ଦେଶ୍ୟ ସାଧନ ଲାଗି ହିଁ ଅଳଙ୍କାର ବା ଉପମାଗୁଡ଼ିକର ବ୍ୟବହାର ହେଉଥିଲା ଏବଂ ତାହା ଏକ ସତ୍ୟର ତାତ୍ପର୍ଯ୍ୟକୁ ବହନ କରି ଆଣିପାରିବ ବୋଲି ଆଶା କରାଯାଉଥିଲା । କେବଳ ଆମୋଦ ଦେବାପାଇଁ ଭାବନାର ଏକ କୌଶଳକୃତ ଯୋଗାଇଦେବା ଆଦୌ ଏହାର ଉଦ୍ଦେଶ୍ୟ ନ ଥିଲା । ପ୍ରତିରୂପ ବା କଳ୍ପନା କହିଲେ ଏହି ଋଷିମାନେ ଅନୁଦ୍‌ଘାଟିତ କୌଣସି ସତ୍ୟର ଉଦ୍‌ଘାଟନକାରୀ ଏକ ପ୍ରତୀକକୁ ହିଁ ବୁଝୁଥିଲେ; ଏବଂ ଏହାର ବ୍ୟବହାର କରାଯାଉଥିଲା, କାରଣ ନ୍ୟାୟଯୁକ୍ତିମୂଳକ ବା ବ୍ୟାବହାରିକ ଭାବନାକ୍ଷେତ୍ରରେ କାମରେ ଆସୁଥିବା ଅଥବା କେବଳ ଭୌତିକ ଓ ଉପରିଭାଗସ୍ଥ ଅର୍ଥଟିକୁ ପ୍ରକାଶ କରିପାରୁଥିବା ବୁଦ୍ଧିପ୍ରସୂତ ଏକ ନିର୍ଦ୍ଦିଷ୍ଟ ଅର୍ଥମାତ୍ରାର ଶବ୍ଦଟି ପକ୍ଷରେ ଯାହା ପ୍ରକାଶିତ କରିପାରିବାର ଆଦୌ କୌଣସି ସମ୍ଭାବନା ହିଁ ନ ଥିଲା, ବ୍ୟବହୃତ ପ୍ରତିରୂପ ବା କଳ୍ପନାଟି ମନର ସମୀପରେ ତାହାର ଏକ ଜ୍ୟୋତିର୍ମୟ ବ୍ୟଞ୍ଜନା ଆଣି ଦେଇପାରୁଥିଲା । ସେହି ଋଷି ଓ ଦ୍ରଷ୍ଟାମାନଙ୍କ ସକାଶେ ସୃଷ୍ଟିକର୍ତ୍ତାଙ୍କର ଶରୀରରୂପୀ ଏହି ପ୍ରତୀକଟି କେବଳ ଏକ ପ୍ରତିରୂପ ମାତ୍ର ହିଁ ନ ଥିଲା, ଏହା ଏକ ଦିବ୍ୟ ସତ୍ୟମୟତାକୁ ପ୍ରକାଶ କରିଦେଉଥିଲା । ମନୁଷ୍ୟର ସମାଜ କହିଲେ ସେମାନେ ଏହି ଜଡ଼ ତଥା ଜଡ଼ାତୀତ ବିଶ୍ୱରେ ଆପଣାକୁ ଅନ୍ୟଥା ପ୍ରକାଶିତ କରି ରଖିଥିବା ପରମ ବିଶ୍ୱପୁରୁଷଙ୍କୁ ଜୀବନ ଭିତରେ ମଧ୍ୟ ପ୍ରକାଶିତ କରିପାରିବାର ଏକ ପ୍ରୟାସକୁ ହିଁ ବୁଝୁଥିଲେ । ମନୁଷ୍ୟ ଆଉ ବିଶ୍ୱଜଗତ—ଏମାନେ ଉଭୟେ ହେଉଛନ୍ତି ସେହି ଗୋଟିଏ ପ୍ରଚ୍ଛନ୍ନ ଓ ପରମ ସତ୍ୟର ପ୍ରତୀକମାତ୍ର, ସେମାନେ କେବଳ ତାଙ୍କର ପ୍ରକାଶମାତ୍ର ।

ଏହି ପ୍ରତୀକମୂଳ ଜୀବନଦୃଷ୍ଟିରୁ ସାମାଜିକ ଜୀବନର ଯାବତୀୟ ବିଷୟକୁ ଏକ ପବିତ୍ର ଧର୍ମବିଷୟ ବୋଲି ଦେଖିବାର ପ୍ରବୃତ୍ତି ଜନ୍ମଲାଭ କରିଥିଲା ଏବଂ ଧର୍ମଗତ ଭାବପ୍ରେରଣା ଦ୍ୱାରା ଏହି ସମାଜର ରକ୍ଷା କରିବାକୁ ହେବ ବୋଲି ଅନୁଭବ କରାଯାଉଥିଲା । ମାତ୍ର ତଥାପି ଏହି ସମାଜର ବିଭିନ୍ନ ରୂପାୟନ କ୍ଷେତ୍ରରେ ଏକ ପ୍ରଶସ୍ତ ଓ ଶକ୍ତିମୟ ସ୍ୱତନ୍ତ୍ରତା ମଧ୍ୟ ପ୍ରେରକଶକ୍ତି ହୋଇ ରହିଥିଲା । ନିଜକୁ ଗୋଟିଏ ଗୋଟିଏ ଅଚଳ ଆୟତନ ରୂପେ ଗଢ଼ିଥିବା 'ଆଦିମ' ଗୋଷ୍ଠୀଗୁଡ଼ିକ ମଧ୍ୟରେ ଆମେ ସେହି ସ୍ୱତନ୍ତ୍ରତାକୁ କଦାପି ଦେଖିବାକୁ ପାଉନାହିଁ; କାରଣ ଏହିସବୁ ଗୋଷ୍ଠୀ ପ୍ରଥମ କାଳର ସେହି ପ୍ରତୀକପ୍ରଧାନ ପର୍ଯ୍ୟାୟଟିକୁ ଅତିକ୍ରମ କରି ପରମ୍ପରାପ୍ରଧାନ ପର୍ଯ୍ୟାୟଟିକୁ ଖସି-ଆସିଥାନ୍ତି । ଏହି ପରିବର୍ତ୍ତନଟିକୁ ଆମେ ବୃଦ୍ଧି ବା ଉନ୍ନତିର ଏକ ସୂଚକ ବୋଲି ନ କହି ଏକ ଅଧୋଗତି ବୋଲି କହିପାରିବା । ପ୍ରତୀକପ୍ରଧାନ ପର୍ଯ୍ୟାୟଟିରେ ଆଧ୍ୟାତ୍ମିକ ଭାବନାଟି ହିଁ ସମାଜରେ ସବୁକିଛିର ବିଧାନ କରେ; ସମାଜକୁ ଧାରଣ କରି ରଖିଥିବା ପ୍ରତୀକମୂଳ ଧର୍ମରୂପଗୁଡ଼ିକ ନିୟମତଃ ଦୃଢ଼ଭାବରେ ସ୍ଥିରୀକୃତ ହୋଇ

'oaob.nitrkl.ac.in' images reprocessed

ରହିଥାଏ; ମାତ୍ର ସମାଜଜୀବନର ଆନୁଷ୍ଠାନିକ ଆଚରଣଗତ ରୂପଗୁଡ଼ିକରେ ସ୍ଥିତିସ୍ଥାପକତା ଥାଏ, ସ୍ୱତନ୍ତ୍ର ଓ ନାନାବିଧ ବିକାଶର ସାମର୍ଥ୍ୟ ରହିଥାଏ । ଅବଶ୍ୟ ଗୋଟିଏ କଥା ଏକ ଦୃଢ଼ ଅପରିବର୍ତ୍ତନୀୟତା ଆଡ଼କୁ ଗତି କରିବାର ପ୍ରବୃତ୍ତି ଦେଖାଏ । ସେଇଟି ହେଉଛି ସମାଜର ମନୋଗତ ରୂପ ବା ମନୋଗତ ଭିତ୍ତି । ତେଣୁ ଆମେ ପ୍ରଥମେ ଚାତୁର୍ବର୍ଣ୍ଣର ପ୍ରତୀକମୟ ଭାବନାଟିକୁ ଦେଖିବାକୁ ପାଉ । ଏହି ଭାବନା ମନୁଷ୍ୟ ଭିତରେ ଜ୍ଞାନରୂପେ, ବଳରୂପେ, ଅନ୍ନୋତ୍ପାଦନ, ଅନ୍ନ-ଉପଭୋଗ ଓ ପାରସ୍ପରିକ ଜୀବନରୂପେ ଏବଂ ସେବା, ଅନୁରକ୍ତି ତଥା କର୍ମରୂପେ ସେହି ପରମ ଦିବ୍ୟତାକୁ ହିଁ ପ୍ରକାଶିତ କରିଦେଉଥିବାର ଦେଖିବାକୁ ପାଉ । ଏପରି କହିଲାବେଳେ ଏଠାରେ କେବଳ ଏକ ଆଧୁନିକରପେକ୍ଷ ଆଲଙ୍କାରିକ ଭାଷାର ବ୍ୟବହାର କରାଯାଇଛି, ବୈଦିକ ଦାର୍ଶନିକ ଓ ଭାବୁକମାନେ ଯାହାକୁ କି କଦାପି ବ୍ୟବହାର କରି ନ ଥାନ୍ତେ କିମ୍ବା ହୁଏତ ବୁଝି ମଧ୍ୟ ପାରି ନ ଥାନ୍ତେ । ମାତ୍ର ଆମ ଆଧୁନିକ ମନର ବୁଝିବାପାଇଁ ଏହିଭଳି ଏକ ଭାଷା ହିଁ ଆମକୁ ସବୁଠାରୁ ଅଧିକ ସାହାଯ୍ୟ କରିପାରିବ । ଏହି ଶ୍ରେଣୀବିଭାଗଟି ଚାରି ବିଶ୍ୱତତ୍ତ୍ୱର ଅନୁକୃତିରେ ଉଦ୍ଭାବିତ ହୋଇଛି । ପ୍ରଥମ ତତ୍ତ୍ୱଟି ହେଉଛି ପରମ ଜ୍ଞାନ ଓ ପ୍ରଜ୍ଞାର ତତ୍ତ୍ୱ ଯାହାକି ବିଶ୍ୱସଂସାରର ବ୍ୟବସ୍ଥା ଓ ଆଧାରଭୂତ ନୀତିଟିର କଳ୍ପନା କରୁଛି; ଦ୍ୱିତୀୟଟି ହେଉଛି ପରମ ବଳର ତତ୍ତ୍ୱ ଯାହାକି ସେହି ବ୍ୟବସ୍ଥାଟିକୁ ସମ୍ଭବ କରାଉଛି, ତାହାକୁ ଧାରଣ କରି ଓ ବଳବତ୍ତର କରି ରଖୁଛି । ତୃତୀୟ ତତ୍ତ୍ୱଟି ହେଉଛି ଏକ ପରମ ସମନ୍ୱୟ ଓ ସମସ୍ତତା ଭିତରେ ଏକତ୍ର ସମାବିଷ୍ଟ ହୋଇ ରହିବାର ତତ୍ତ୍ୱ ଯାହାକି ଏହି ବ୍ୟବସ୍ଥାଟିର ବିଭିନ୍ନ ଭାଗ ମଧ୍ୟରେ ଏକ ସଂଯୋଜନ ସୃଷ୍ଟି କରିପାରୁଛି; ଏବଂ ଚତୁର୍ଥ ତତ୍ତ୍ୱଟି ହେଉଛି କର୍ମ ବା ସେବାର ତତ୍ତ୍ୱ ଯାହାକି ଅନ୍ୟମାନଙ୍କର ଆଦେଶକୁ ପାଳନ କରିବାରେ ଲାଗିଛି । ତା'ପରେ ଏହି ଭାବନାଟିରୁ ମୂଳତଃ ଗୁଣକୁ ଭିତ୍ତି କରି ଏକ ଦୃଢ଼ ଅଥଚ ଏପର୍ଯ୍ୟନ୍ତ କୌଣସି ପ୍ରକାରେ ଅନମନୀୟ ହୋଇ ନ ଥିବା ଏକ ସମାଜବ୍ୟବସ୍ଥା ବିକାଶ ଲାଭ କଲା । ଏହି ଗୁଣଭେଦ ସହିତ ନୈତିକ ଜୀବନଗତ ଅନୁରୂପ ଶୃଙ୍ଖଳାଗୁଡ଼ିକୁ ମଧ୍ୟ ଯୁକ୍ତ ଦିଆଯାଇଥିଲା ଏବଂ ଗୌଣତଃ ଏଥିରେ କର୍ମକୁ ମଧ୍ୟ ଭିତ୍ତି କରି ରଖାଯାଇଥିଲା । ମାତ୍ର ଯେଉଁ ପ୍ରକାର ବ୍ୟକ୍ତିଗତି ଯାହା ଉପଯୁକ୍ତ ବୋଲି ମନେହେଉଥିଲା ଏବଂ ନୀତିଗତ ଜୀବନର ଶୃଙ୍ଖଳା ଲାଗି ଯାହା ସହାୟକ ବୋଲି ପ୍ରତିପାଦିତ ହେଉଥିଲା, ସେହି ଅନୁସାରେ ହିଁ କର୍ମର ନିର୍ଣ୍ଣୟ କରାଯାଉଥିଲା । ଅର୍ଥାତ୍ କର୍ମ ଏହି ବ୍ୟବସ୍ଥାରେ ସର୍ବପ୍ରଥମ ବା ଏକମାତ୍ର ନିର୍ଣ୍ଣାୟକ ହୋଇ ରହି ନ ଥିଲା । ଏହି ବିବର୍ତ୍ତନଟିର ପ୍ରଥମ ଅର୍ଥାତ୍ ପ୍ରତୀକମୂଳ ପର୍ଯ୍ୟାୟଟି ହେଉଛି ମୁଖ୍ୟତଃ ଏକ ଧର୍ମାନୁସିକ୍ତ ଓ ଆଧ୍ୟାତ୍ମିକ ପର୍ଯ୍ୟାୟ । ତା' ଭିତରେ ମନୋଗତ, ନୈତିକ, ଆର୍ଥିକ ତଥା ଭୌତିକ ଅନ୍ୟାନ୍ୟ ଉପାଦାନ ଲାଗି ନିର୍ଦ୍ଦିଷ୍ଟ ସ୍ଥାନ ରହିଛି । ମାତ୍ର ଏଗୁଡ଼ିକ ଧର୍ମଗତ ତଥା ଆଧ୍ୟାତ୍ମିକ ଉପାଦାନଟିର ଅଧୀନ ହୋଇ ରହିଛି । ଦ୍ୱିତୀୟ ପର୍ଯ୍ୟାୟଟିକୁ ଆମେ ଭାବଗତ ବୋଲି କହିପାରିବା । ଏଇଟି ହେଉଛି ମୁଖ୍ୟତଃ ମନୋଗତ ଏବଂ ନୈତିକ,

'oaob.nitrkl.ac.in' images reprocessed

ଏବଂ ଅନ୍ୟ ସକଳ ଉପାଦାନ, ଏପରିକି ଆଧ୍ୟାତ୍ମିକ ଓ ଧର୍ମଗତ ଉପାଦାନଟି ମଧ୍ୟ ଏଥିରେ ମନୋଭୂମିଗତ ଭାବନାଟିର ତଥା ତାହାକୁ ପ୍ରକାଶ କରୁଥିବା ନୀତିଗତ ଆଦର୍ଶଟିର ଅଧୀନ ହୋଇ ରହିଛି । ସେହି କ୍ଷେତ୍ରରେ ଧର୍ମ ନୀତିଗତ ଅଭିପ୍ରାୟ ତଥା ଶୃଙ୍ଖଳା ଲାଗି ଏକ ରହସ୍ୟମୟ ବିଧାୟକ ପରି କାର୍ଯ୍ୟ କରୁଛି, ତାହା ହିଁ ଧର୍ମର ସର୍ବପ୍ରଧାନ ସାମାଜିକ ପ୍ରୟୋଜନ ବୋଲି ସାବ୍ୟସ୍ତ ହେଉଛି; ଏବଂ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ଏହାକୁ ଅଧିକରୁ ଅଧିକ ପରିମାଣରେ ଏକ ପାରଲୌକିକ ବ୍ୟାପାର ବୋଲି ମନେକରାଯାଉଛି । ଏଠି ଏହି ମଣିଷ ଭିତରେ ଯେ ଦ୍ରବ୍ୟ ପରମ ପୁରୁଷ ଅର୍ଥାତ୍ ସେହି ବିଶ୍ୱଗତ ପରମତତ୍ତ୍ୱଟିର ପ୍ରତ୍ୟକ୍ଷ ପ୍ରକାଶ ହୋଇପାରିବ, ସେତେବେଳେ ସେହି ଭାବନାଟି ଆଉ ମୁଖ୍ୟ ହୋଇ ରହିପାରୁନାହିଁ । ପୃଷ୍ଠଭାଗରେ ଅବସ୍ଥିତ ରହି ତାହା ଆଉ କୌଣସି ନେତୃତ୍ୱ ଦେଇପାରୁନାହିଁ । ତାହା ପୃଷ୍ଠଭାଗକୁ ଅପସରିଯାଉଛି, ପଛରେ ରହିଯାଉଛି ଏବଂ ପରିଶେଷରେ ଜୀବନାଚରଣ କ୍ଷେତ୍ରଟିରୁ ଏକାବେଳକେ ଅନ୍ତର୍ହିତ ହୋଇଯାଉଛି ଏବଂ ତା'ପରେ ଜୀବନର ତତ୍ତ୍ୱଗତ ଭୂମିରେ ମଧ୍ୟ ତାହାର ଆଉ କୌଣସି ସ୍ଥାନ ରହୁନାହିଁ ।

ଏହି ନୀତିପ୍ରଧାନ ପର୍ଯ୍ୟାୟଟିହିଁ ମହାନ୍ ସାମାଜିକ ଆଦର୍ଶଗୁଡ଼ିକୁ ସୃଷ୍ଟି କରୁଛି, ଯାହାସବୁର ପର୍ଯ୍ୟାୟଟି ଅତିକ୍ରାନ୍ତ ହୋଇଯିବା ପରେ ମଧ୍ୟ ମନୁଷ୍ୟର ମନ ଉପରେ ଆପଣାର ପ୍ରଭାବ ବିସ୍ତାର କରି ରହୁଛି । ଆପଣାର ଜୀବନଦଶା ଅତିବାହିତ ହୋଇଯିବା ପରେ ମଧ୍ୟ ଏହି ପର୍ଯ୍ୟାୟଟି ଆପଣାର ସର୍ବପ୍ରଧାନ ସକ୍ରିୟ ଅବଦାନରୂପେ କେବଳ ସାମାଜିକ ସମ୍ମାନର ଭାବନାଟିକୁ ହିଁ ପଛରେ ରଖିଦେଇ ଯାଉଛି । ବ୍ରାହ୍ମଣର ସମ୍ମାନ, ଯିଏ କି ଶୁଦ୍ଧତା ଓ ଧର୍ମିଷ୍ଠ ଆଚରଣରେ ଅବସ୍ଥାନ କରୁଛି; ମନ ତଥା ଅଧ୍ୟାତ୍ମଭୂମିର ବିଷୟଗୁଡ଼ିକ ପ୍ରତି ଗଭୀର ଶ୍ରଦ୍ଧାଭାବ ରଖିବାରେ ଏବଂ ଆସକ୍ତିମୁକ୍ତ ଭାବରେ ବିଦ୍ୟା ତଥା ଜ୍ଞାନର ଅଧିକାରୀ ହୋଇ ରହିବାରେ ଓ ବିଶେଷ ଅନୁରକ୍ତି ସହିତ ସେହିଗୁଡ଼ିକର ଅନୁଧାବନ କରିବାରେ ଅବସ୍ଥାନ କରୁଛି । କ୍ଷତ୍ରିୟର ସମ୍ମାନ, ଯିଏ କି ସାହସିକତା, ଦୁର୍ବଳର ରକ୍ଷା କରିବା, ବାହୁବଳ ଓ ଏକପ୍ରକାର ଅଭିମାନଯୁକ୍ତ ଆତ୍ମସଂଯମ ତଥା ଆତ୍ମକର୍ତ୍ତୃତ୍ୱ ସହିତ ଜୀବନ ଧାରଣ କରୁଛି, ଉଚ୍ଚ ଚରିତ୍ରବତ୍ତା ଓ ସେଥିଲାଗି ଆପଣାର କର୍ତ୍ତବ୍ୟଗୁଡ଼ିକ ନେଇ ବଞ୍ଚୁଛି । ବୈଶ୍ୟର ସମ୍ମାନ, ଯିଏ କି ସାଧୁ ବ୍ୟବସାୟଦ୍ୱାରା ଆପଣାର ଭରଣପୋଷଣ କରୁଛି, ବାଣିଜ୍ୟରେ ନିଷ୍ଠା ରଖିଛି, ପର୍ଯ୍ୟାପ୍ତ ଉତ୍ପାଦନ, ଉଦାରଚରିତା ଓ ଲୋକହିତୈଷିତାକୁ ସରଣୀରୂପେ [illegible] । ଶୂଦ୍ରର ସମ୍ମାନ, ଯିଏ କି ଅନୁଗତ ଓ [illegible] ସମର୍ପିତ କରି ରଖିଛି, ବିଶ୍ୱସ୍ତ ଭାବରେ ସେବା କରୁଛି ଏବଂ [illegible] ଭାବରେ ସମାଜର କାର୍ଯ୍ୟରେ ଆପଣାକୁ ଲିପ୍ତ କରିଦେଇଛି । ମାତ୍ର ଏଗୁଡ଼ିକ ଅଧିକରୁ ଅଧିକ ପରିମାଣରେ ବସ୍ତୁକ ମନୋଗତ ଭାବନାର ଭୂମିଟିରେ ଆପଣାର ଜୀବନକୁ [illegible] ମଡ଼ାଇ ରଖିବାରେ

'oaob.nitrkl.ac.in' images reprocessed

ଅସମର୍ଥ ହୋଇପଡ଼ୁଛି, ଅର୍ଥାତ୍ ସମ୍ପୃକ୍ତ ବ୍ୟକ୍ତିର ଅନ୍ତର୍ଜୀବନରୁ ସ୍ୱାଭାବିକ ଭାବରେ ଆଉ ନିଃସୃତ ହୋଇପାରୁନାହିଁ । ସେଗୁଡ଼ିକ କେବଳ ଏକ ପରମ୍ପରାରେ ଆସି ଅବଶେଷ ରହିଯାଉଛି; ଅବଶ୍ୟ କହିବାକୁ ହେବ ଯେ ଅନୁଭବପ୍ରାପ୍ତ ନୈତିକ ନାନା ପରମ୍ପରାରେ ପରିଣତ ହୋଇଯାଉଛି । ପରିଶେଷରେ ସେଗୁଡ଼ିକ ଭାବନା ଭିତରେ ମଧ୍ୟ କେବଳ ଏକ ସଂସ୍କାର ହୋଇ ରହୁଛନ୍ତି; କେବଳ ମୁହଁର କଥାରେ ହିଁ ରହୁଛନ୍ତି ଓ ଜୀବନର ବାସ୍ତବ କ୍ଷେତ୍ରରୁ ପ୍ରାୟ ବିଦା ହୋଇଯାଉଛନ୍ତି ।

କାରଣ ଗୁଣମୂଳ ପର୍ଯ୍ୟାୟଟି ଅତି ସ୍ୱାଭାବିକ ଭାବରେ ପରମ୍ପରାପ୍ରଧାନ ପର୍ଯ୍ୟାୟଟିରେ ପରିଣତ ହୋଇଯାଉଛି । ଯେତେବେଳେ ଚିହ୍ନଗତତା ଅଥବା ଆଦର୍ଶର ବହିରଙ୍ଗ ଅବଲମ୍ବନ ଓ ବାହ୍ୟ ପ୍ରକାଶଗୁଡ଼ାକ ହିଁ ଅସଲ ଆଦର୍ଶଟି ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ ହେବାକୁ ଲାଗେ, ଯେତେବେଳେ ଶରୀର ଅଥବା ଭେକଟା ବ୍ୟକ୍ତିଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇପଡ଼େ, ସେତିକିବେଳେ ହିଁ ମାନବସମାଜରେ ପରମ୍ପରାପ୍ରଧାନ ପର୍ଯ୍ୟାୟଟି ଜନ୍ମଲାଭ କରେ । ଏହିପରି ଭାବରେ ଜାତିବ୍ୟବସ୍ଥାର ବିବର୍ତ୍ତନକ୍ରମରେ ଚତୁର୍ବର୍ଣ୍ଣର ନୈତିକ ବ୍ୟବସ୍ଥାଟିର ବାହ୍ୟ ଅବଲମ୍ବନଗୁଡ଼ିକ, ଅର୍ଥାତ୍ ଜନ୍ମ, ଆର୍ଥିକ ଜୀବନ, ଧର୍ମଗତ ବିଧି ଓ ସଂସ୍କାର ତଥା ପାରିବାରିକ ରୀତି ଓ ରୂଢ଼ିମାନ ସମଗ୍ର ଯୋଜନାଟିରେ ଆପଣାଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ମହତ୍ତ୍ୱ ଓ ସ୍ଥାନଗୁଡ଼ିକୁ ସକଳ ଆନୁପାତିକତାକୁ ଲଙ୍ଘନ କରି ଅତିରିକ୍ତ ପରିମାଣରେ ଅତିରଞ୍ଜିତ କରିବାକୁ ଆରମ୍ଭ କଲେ । ଯେତେଦୂର ମନେହୁଏ, ସମାଜର ବ୍ୟବସ୍ଥାଟିରେ ଜନ୍ମକୁ ପ୍ରଥମେ ସର୍ବପ୍ରଥମ ଗୁରୁତ୍ୱ ଆଦୌ ଦିଆଯାଇ ନ ଥିଲା । କାରଣ ସେତେବେଳେ ବ୍ୟକ୍ତିର ଯୋଗ୍ୟତା ଓ ସାମର୍ଥ୍ୟ ଉପରେ ହିଁ ଗୁରୁତ୍ୱ ଦିଆଯାଉଥିଲା । ମାତ୍ର ପରବର୍ତ୍ତୀ କାଳରେ ବ୍ୟବସ୍ଥାଗତ ରୀତିଟି ଯେତେବେଳେ ଦୃଢ଼ ହେବାକୁ ଆରମ୍ଭ କଲା, ସେତେବେଳେ ଶିକ୍ଷା ତଥା ପରମ୍ପରା ଦ୍ୱାରା ସେଇଟିକୁ ପରିପୁଷ୍ଟ କରି ରଖିବା ଆବଶ୍ୟକ ହୋଇପଡ଼ିଲା ଏବଂ ଶିକ୍ଷା ତଥା ପରମ୍ପରା ଅତ୍ୟନ୍ତ ସ୍ୱାଭାବିକ ଭାବରେ ଆପଣାକୁ ଏକ ବଂଶାନୁକ୍ରମିକ ଗୁଳାଭିତରେ ହିଁ ସ୍ଥାୟୀ କରି ରଖିବାକୁ ଲାଗିଲେ । ଏହିପରି ଭାବରେ ପାରମ୍ପରିକତା ଦ୍ୱାରା ପରିଚାଳିତ ହୋଇ ବ୍ରାହ୍ମଣର ପୁଅକୁ ସମସ୍ତେ ବ୍ରାହ୍ମଣ ବୋଲି କହିଲେ । ବଂଶାନୁକ୍ରମିକ ଏହି ପରମ୍ପରାଟି ଯେତେବେଳେ ଆପଣାର ଦ୍ୱନ୍ଦ୍ୱସ୍ଥ ଲକ୍ଷଣଟି ସହିତ ସତ୍ୟଠାରୁ ଅଧିକ ଦୃଢ଼ ଓ ନିରନ୍ତର ହୋଇ ରହିପାରିଲା, ସେତେବେଳେ ଜନ୍ମ ତଥା ବଂଶଗତ ବ୍ୟବସାୟ ଦୁଇଟିଯାକ ମୋଟିଏ ଜୋରରେ ବଳହୋଇ ତାହାକୁ ଚେକି କରି ବାନ୍ଧିରଖିଲେ । ଏହି ଅନମନୀୟତାଟି ଥରେ ପ୍ରତିଷ୍ଠିତ ହୋଇଯିବା ପରେ ବ୍ୟବସ୍ଥାଟିର ନୈତିକ ଗୁଣମୂଳକତାକୁ ପରିପୁଷ୍ଟ କରି ରଖିବାର ମହତ୍ତ୍ୱଟି କ୍ରମେ ଆପଣାର ଦ୍ୱିତୀୟ ସ୍ଥାନରୁ ଏକ ତୃତୀୟ ସ୍ଥାନକୁ ଖସିପଡ଼ିଲା । ଏହା ହିଁ ଦିନେ ସମୁଦାୟ ବ୍ୟବସ୍ଥାଟିର ମୂଳ ଭିତ୍ତି ହୋଇ ରହିଥିଲା । ମାତ୍ର ବର୍ତ୍ତମାନ ତାହା କେବଳ ଏକ ମୁକୁଟ କମ୍ବା ମସ୍ତକରେ

'oaob.nitrkl.ac.in' images reprocessed

ଝୁଲୁଥିବା ଏକ ଅଳଙ୍କାର ମାତ୍ର ହୋଇ ରହିଲା, ଯାହାକୁ କି ଆଉ ଆଦୌ ଅପରିହାର୍ଯ୍ୟ ବୋଲି ମନେହେଲା ନାହିଁ; ସମାଜର ଦାର୍ଶନିକ ଓ ବିଧିନିର୍ମାତା ହୁଏତ ଏହାକୁ ଅତ୍ୟାବଶ୍ୟକ ଓ ମହତ୍ତ୍ୱପୂର୍ଣ୍ଣ ବୋଲି ଜୋର ଦେଇ କହିଲେ; ମାତ୍ର ସମାଜର ପ୍ରକୃତ ପରିଶାସନରେ ଅଥବା ବ୍ୟାବହାରିକ ଜୀବନରେ ତାହାର ଆଉ କୌଣସି ମହତ୍ତ୍ୱସ୍ଥାନ ରହିଲା ନାହିଁ ଏବଂ ଏହା ଆଦୌ ଅପରିହାର୍ଯ୍ୟ ନୁହେଁ ବୋଲି ଅନୁଭୂତ ହେବା ସଙ୍ଗେ ସଙ୍ଗେ ପରିଶେଷରେ କେବଳ ଏକ ତୁଚ୍ଛା କଳ୍ପନାର ଅଳଙ୍କାର ମଣ୍ଡନ ହୋଇ ରହିଲା, ଅନ୍ୟଥା ଏହାର ଆଉ କୌଣସି ପ୍ରୟୋଜନ ରହିଛି ବୋଲି ଉପଲବ୍ଧି ହେଲା ନାହିଁ ଏବଂ ଶେଷରେ ଏହାର ଆର୍ଥିକ ଭୂମିଟି ମଧ୍ୟ ଭୁଷୁଡ଼ି ପଡ଼ିବାକୁ ଆରମ୍ଭ କଲା । ସେତେବେଳେ ଜନ୍ମ, ପାରିବାରିକ ସଂସ୍କାର ଓ ତାହାର ଅବଶେଷମାନ, ନାନାବିଧ ବିକୃତ, ସମ୍ପୂର୍ଣ୍ଣ ନିରର୍ଥକ ତଥା କଳ୍ପନାପ୍ରସୂତ ଧର୍ମଗତ କେତେଟା ସଙ୍କେତ ତଥା ପୂଜାବିଧିସମ୍ବଳିତ ଏକ ନୂତନ ଜାତିବୁଦ୍ଧି, ଯାହାକୁ କି ଆମେ ପ୍ରାଚୀନ ଶ୍ରେଣୀର ପ୍ରତୀକ ପରମ୍ପରାର ଏକ ବିତାଡ଼ିତ ଏବଂ ବିଦ୍ରୂପ ବୋଲି କହିପାରିବା, ଏହିଗୁଡ଼ାକ ହିଁ ପୁରାତନ ସମାଜର ଲୌହଯୁଗରେ ଜାତିବ୍ୟବସ୍ଥାଟିକୁ କେତୋଟି ରଜ୍ଜୁ ହୋଇ ଯେକୌଣସିମତେ ଏକାଠି ବାନ୍ଧି ରଖିଲା । ଜାତିପ୍ରଥାର ପୂର୍ଣ୍ଣ ଅର୍ଥନୈତିକତା-ପ୍ରଧାନ ପର୍ଯ୍ୟାୟଟିରେ ପୁରୋହିତ ଆଉ ପଣ୍ଡିତମାନେ ହିଁ ନିଜକୁ ବ୍ରାହ୍ମଣ ବୋଲାଇ ବିରାଜିତ ରହିଲେ; ବଂଶାଭିମାନୀ ତଥା ସାମନ୍ତବାଦୀ ସାମନ୍ତ ହିଁ ଆପଣାକୁ କ୍ଷତ୍ରିୟ ବୋଲାଇଲା; ବଣିକ ଆଉ ଅର୍ଥୋପାର୍ଜନକାରୀ ବ୍ୟକ୍ତି ବୈଶ୍ୟ ହୋଇ ରହିଲା ଏବଂ ଅର୍ଦ୍ଧୋପବାସୀ ଶ୍ରମିକ ତଥା ଅର୍ଥନୀତି କ୍ଷେତ୍ରରେ ଅନ୍ୟର ବେଠି ଖଟୁଥିବା ଭାଗ୍ୟହୀନ ହିଁ ଶୂଦ୍ର ହୋଇ ରହିଲା । ଅର୍ଥନୀତିର ବ୍ୟବସ୍ଥାଟି ମଧ୍ୟ ଯେତେବେଳେ ଭାଙ୍ଗିପଡ଼ିଲା, ସେତେବେଳେ ପୁରାତନ ସମାଜ ବ୍ୟବସ୍ଥାଟି ମଧ୍ୟ ନାନା ଅସ୍ୱଚ୍ଛତା ଓ ଦୁର୍ଗୁଣଦ୍ୱାରା ଜର୍ଜର ହୋଇ ପଡ଼ିବାକୁ ଆରମ୍ଭ କରିଥିଲା । ସେତେବେଳେ ତାହା କେବଳ ଏକ ନାମ ବା କେବଳ ଗୋଟାଏ ଖୋଳ ଓ ଛଳନାରେ ହିଁ ପର୍ଯ୍ୟବସିତ ରହିଥିଲା; ଏବଂ ସମାଜର ଏକ ବ୍ୟକ୍ତିବାଦୀ ପର୍ଯ୍ୟାୟର କଡ଼ାଇ ଭିତରେ ନିକ୍ଷିପ୍ତ ହେବା ବ୍ୟତୀତ ଅଥବା ସେହି ସମାଜକୁ ଲକ୍ଷି ପଡ଼ିରହିଥିବା ଜୀବନବ୍ୟବସ୍ଥାଟିକୁ ଦୁର୍ବଳ ଓ ମିଥ୍ୟାଗ୍ରସ୍ତ କରିପକାଇବା ବ୍ୟତୀତ ତାହାର ଆଉ କୌଣସି ଗତି ନ ଥିଲା । ଆମେ ଏହାକୁ ହିଁ ଭାରତୀୟ ବର୍ଣ୍ଣବ୍ୟବସ୍ଥାର ବିବର୍ତ୍ତନକ୍ରମରେ ସର୍ବଶେଷ ଓ ବର୍ତ୍ତମାନର ପର୍ଯ୍ୟାୟଟି ବିଷୟରେ ଦୃଶ୍ୟମାନ ସତ୍ୟ ବୋଲି କହିପାରିବା ।

ଅନମନୀୟ ନାନା ଶ୍ରେଣୀ ଓ ଉଚ୍ଚ ନୀଚ ସୋପାନର ଏକ ବ୍ୟବସ୍ଥାକୁ ଠିଆକରି ରଖିବା, ତାହାକୁ ନାନା ସୂତ୍ର ଓ ନିୟମର ଉପଗ୍ରହରେ ବାନ୍ଧି ଦୃଢ଼ କରି ରଖିବା,— ଏଇଟା ହେଉଛି ସମାଜର ପରମ୍ପରା-ପ୍ରଧାନ ପର୍ଯ୍ୟାୟଟିର ପ୍ରବୃତ୍ତି । ଏହି ପର୍ଯ୍ୟାୟରେ ଧର୍ମକୁ ଏକ ନିର୍ଦ୍ଦିଷ୍ଟ ଆକାର ଓ ଗ୍ରନ୍ଥ ଭିତରେ ଆଣି ଗଣ୍ଡି ଦିଆଯାଏ, ଶିକ୍ଷା ଆଉ

'oaob.nitrkl.ac.in' images reprocessed

ତାହାକୁ ଏକ ପରମ୍ପରାଗତ ଓ ପରିବର୍ତ୍ତନକାତର ଆୟତନ ମଧ୍ୟରେ ଛନ୍ଦିଦେଇ ରଖାଯାଏ, ଭାବନା ଓ ବିଶ୍ୱାସକୁ ମଧ୍ୟ ଅଲଂଘନୀୟ ଓ ତ୍ରୁଟିଶୂନ୍ୟ ପୂର୍ବପୁରୁଷମାନଙ୍କ ସମ୍ମତି ନେଇ ଯୋଡ଼ିଦିଆଯାଏ ଏବଂ ଯେଉଁଟା ତାହାକୁ ମନୁଷ୍ୟର ପରିପୂର୍ଣ୍ଣ ଜୀବନ ବୋଲି ପ୍ରତୀତ ହେଉଥାଏ, ତାହାରି ଉପରେ ହିଁ ଅନ୍ତିମ ସମ୍ଭାବ୍ୟତାର ମୋହର ନେଇ ମାରିଦିଏ । ସମାଜର ଏହି ପାରମ୍ପରିକ ପର୍ଯ୍ୟାୟ ଭିତରେ ମଧ୍ୟ ଏକ ସ୍ୱର୍ଣ୍ଣଯୁଗ ଆସି ପହଞ୍ଚେ; ସେତେବେଳେ ତାହାର ପ୍ରକାଶରୂପଗୁଡ଼ିକୁ ସଂପ୍ରେରିତ କରି ଆଣିଥିବା ଭାବ ତଥା ବିଶ୍ୱାସ ଏକ ଆୟତନ ଭିତରେ ଆବଦ୍ଧ ହୋଇପଡ଼ିଥାନ୍ତି ସତ, ମାତ୍ର ତଥାପି ବଞ୍ଚିଥାନ୍ତି; ସେଗୁଡ଼ିକର ଚାରିପାଖରେ ଏକାବେଳେକେ ପାଚେରୀମାନ ଠିଆହୋଇ ଯାଇ ନ ଥାଏ, ତଥାପି ସେଗୁଡ଼ିକୁ ପ୍ରାୟ ନିଃଶ୍ୱାସ ବନ୍ଦ କରି ମାରି ଦିଆହୋଇଥାଏ; ଏବଂ ଯେଉଁସବୁ ଠେନର ଆବରଣ ମଧ୍ୟରେ ସେଗୁଡ଼ିକ ବନ୍ଦ ହୋଇ ରହିଥାନ୍ତି, ତାହାର କ୍ରମବର୍ଦ୍ଧମାନ କଠିନତା ଦ୍ୱାରା ସେଗୁଡ଼ିକ ପ୍ରାୟ ପଥର ପାଲଟିଯାଇଥାନ୍ତି । ଦୂରରୁ ହିଁ ଦେଖିଲାବେଳେ ଭବିଷ୍ୟତରେ ବଂଶଧରମାନଙ୍କ ଆଖିକୁ ସେହି ସ୍ୱର୍ଣ୍ଣଯୁଗ ଅନେକ ସମୟରେ ବଡ଼ ସୁନ୍ଦର ଦିଶେ, ଭାରି ଆକର୍ଷକ ବୋଧହୁଏ; ତାହାର ନିଖୁଣ ଓ ନିର୍ଦ୍ଦିଷ୍ଟ ବ୍ୟବସ୍ଥା, ଗଠନସମତା, ଚମତ୍କାର ସାମାଜିକ ସ୍ଥପତିକୁଶଳତା ଏବଂ ଏକ ସାଧାରଣ ଓ ପ୍ରଶସ୍ତ ଯୋଜନା ମଧ୍ୟରେ ଅଂଶ ଓ ଭାଗଗୁଡ଼ିକର ଅତ୍ୟନ୍ତ ପ୍ରଶଂସାଯୋଗ୍ୟ ଭାବରେ ଅନୁକୂଳିତ ଓ ଅନୁଯୋଜିତ ହୋଇ ରହିବା—ଏସବୁ ପ୍ରକୃତରେ ବଡ଼ ଆକର୍ଷକ ମନେ ହୋଇଥାଏ । ଠିକ୍ ଏହିପରି ଭାବରେ ହିଁ କୌଣସି ଏକ କାଳରେ ଆଧୁନିକ ସାହିତ୍ୟିକ, ଶିଳ୍ପୀ ବା ଦାର୍ଶନିକ ଏକ ପ୍ରଶଂସାବିଚଳିତ ପୁଲକରେ ଏବଂ ପ୍ରାୟ ସେହି ଲୋଭନୀୟ ଯୁଗଟିକୁ ଫେରିଯିବାର ଏକ ଗୋପନ କାମନା ନେଇ ଅନେକ ସମୟରେ ଇଉରୋପୀୟ ମଧ୍ୟଯୁଗ ଆଡ଼କୁ ଦୃକ୍‌ପାତ କରୁଥିଲା । ଦୂରରୁ ସେହି ଯୁଗର କାବ୍ୟଭଣ୍ଡାର, ସମ୍ଭ୍ରାନ୍ତ ନାନା ସଂସ୍କାର ଓ ଭାବମୟତାକୁ ଦେଖି ସେ ସେହି କର୍କଶ ଯୁଗଟିର ଅନେକ ଭ୍ରାନ୍ତି, ଅଜ୍ଞତା, ବିଷମତା ନୃଶଂସତା ତଥା ନିଷ୍ପେଷଣ ବିଷୟରେ ଏକାବେଳେକେ ବିସ୍ମୃତ ହୋଇ ରହୁଥିଲା । ଉପରର ଚକ୍‌କଣ ଓ ସୁନ୍ଦର ଭୂଇଁଟିର ତଳକୁ ଯେଉଁ ଦୁଃଖଦହନ ଓ ବିଦ୍ରୋହ ଟକ ଟକ ହୋଇ ଫୁଟିଉଠିବା ଲାଗି ପ୍ରସ୍ତୁତ ହେଉଥିଲା, ଉପରର ସୁନ୍ଦର ସଜ୍ଜାଟି ପଛରେ ଯେଉଁ ଦୁର୍ଗତି ଦଣ୍ଡଭୋଗ ଆଉ ଆବର୍ଜନାଗୁଡ଼ାକ ଲୁକ୍କାୟିତ ହୋଇ ରହିଥିଲା, ସେ ସେଗୁଡ଼ାକୁ ଏକାବେଳେକେ ଭୁଲି ଯାଉଥିଲା । ଠିକ୍ ସେହିପରି ଭାବରେ ହିନ୍ଦୁ ରକ୍ଷଣଶୀଳ ଆଦର୍ଶବାଦୀ ମଧ୍ୟ ପଛକୁ ଅନାଇ ସେହିପରି ଏକ ଆଦର୍ଶ ଯୁଗକୁ ଆଖିଆଗରେ ଦେଖୁଥିବା ପରି ଅନୁଭବ କରିଥାଏ; ସେ ଏପରି ଏକ ସମାଜକୁ ଦେଖେ ଯେଉଁଠି କି ସବୁକିଛି ଅତି ନିଖୁଣ ଭାବରେ ନିୟମବଦ୍ଧ ହୋଇ ରହିଥିଲା, ଯେଉଁ ସମାଜ ଅତ୍ୟନ୍ତ ନିଷ୍ଠାପର ଓ ଅନୁଗତ ଭାବରେ ଶାସ୍ତ୍ରର ସର୍ବବଳ ଭାରଟିକୁ ବହନ କରି ବାଟ ଚାଲୁଥିଲା ଓ ତାହାକୁ ଅକ୍ଷରେ ଅକ୍ଷରେ ମାନି ଚାଲୁଥିଲା ଏବଂ ସେହି ଯୁଗକୁ ହିଁ ସେ ଆପଣାର ସ୍ୱର୍ଣ୍ଣଯୁଗ ବୋଲି

'oaob.nitrkl.ac.in' images reprocessed

ଅନୁଭବ କରେ । ମୋହଗ୍ରସ୍ତ ଭାବରେ ତୁଳନା କରି ସେ ଇଉରୋପୀୟ ସ୍ୱର୍ଣ୍ଣଯୁଗଠାରୁ ଆପଣା ଦେଶର ଏହି ସ୍ୱର୍ଣ୍ଣଯୁଗଟିକୁ ଅଧିକ ଉଦାର ବୋଲି ଅନୁଭବ କରିବାକୁ ଲାଗେ । ଇଉରୋପୀୟ ସ୍ୱର୍ଣ୍ଣଯୁଗରେ ଯାହା ସୁବର୍ଣ୍ଣ ପରି ଦେଖାଯାଉଛି, ତାହା ପ୍ରକୃତରେ ଝଲେଇ ହୋଇଥିବା ତମ୍ବା ବ୍ୟତୀତ ଆଉ କିଛି ନୁହେଁ ଓ ତାହା ଉପରେ କେବଳ ଗୋଟାଏ ପରସ୍ତ ପାତଳା ସୁନାପତରକୁ ଛୁଆଁଣି କରିଦିଆଯାଇଛି ବୋଲି କହେ । ମାତ୍ର ଯେତେକ ସୁନା ପରି ଦେଖାଗଲେ ମଧ୍ୟ ତାହା ହେଉଛି କେବଳ ଖାଦ, ତାହାକୁ ଅସଲ ସତ୍ୟଯୁଗ ବୋଲି କଦାପି କହିହେବ ନାହିଁ,—ସେ ଏହିପରି ଦମ୍ଭ କରିଥାଏ । ସମାଜର ଏହିସବୁ ପରମ୍ପରା-ପ୍ରଧାନ ଯୁଗ ଭିତରେ ବସ୍ତୁତଃ ଏପରି ବହୁତ କିଛି ଥାଏ, ଯାହାକି ପ୍ରକୃତରେ ସୁନ୍ଦର, ପ୍ରକୃତରେ ଉପାଦେୟ ଓ ମନୁଷ୍ୟ-ପ୍ରଗତି ଲାଗି ପ୍ରକୃତରେ ସହାୟକ । ମାତ୍ର ତଥାପି ସେଗୁଡ଼ିକୁ ଆମେ ମନୁଷ୍ୟସମାଜର ଯାତ୍ରାପଥରେ କେବଳ ତାମ୍ରଯୁଗ ବୋଲି ହିଁ କହିବା, ଯଥାର୍ଥ ସ୍ୱର୍ଣ୍ଣଯୁଗ ବୋଲି କଦାପି କହିବା ନାହିଁ । ଯେଉଁ ପରମ ସତ୍ୟର ଉପଲବ୍ଧି ଲାଗି ଆମର ସାଧନା ଲାଗିରହିଛି, ସେହିସବୁ ଯୁଗରେ ତାହା ଆଦୌ ଉପଲବ୍ଧ ଓ ସାଧ୍ୟ ହୋଇ ନ ଥାଏ । * ମାତ୍ର ସେହି ସତ୍ୟର ଏକ ଅତି କ୍ଷୀଣ ଭାଗଟିକୁ ଏକ କଳାତ୍ମକ ଆକାର ଦେଇ ଖୋଦିତ କରିଦିଆଯାଇଥାଏ, ଅଥବା ତାହାର ଏକ ପୂର୍ଣ୍ଣାଙ୍ଗ ପ୍ରତୀତିକୁ ନକଲ କରିନିଆଯାଇଥାଏ ଏବଂ ଏହାଦ୍ୱାରା ଆମେ ସତ୍ୟର ଯାହାକିଛି ଲାଭ କରିଥାଉ, ତାହା କ୍ରମେ ପଥରରେ ପରିଣତ ହେବାକୁ ଆରମ୍ଭ କରେ ଏବଂ ନିୟମ, ଶାସନ ଓ ପାରମ୍ପରିକତାର ଏକ କଠିନ ସ୍ତୂପାକୃତି ମଧ୍ୟରେ କୁଆଡ଼େ ଲୁପ୍ତ ହୋଇଯିବା ବ୍ୟତୀତ ଏହାର ଅନ୍ୟ କୌଣସି ଗତି ନ ଥାଏ ।

କାରଣ ସବୁବେଳେ ପ୍ରାୟ ତାହାହିଁ ହୁଏ ; ବାହ୍ୟ ରୂପଗୁଡ଼ାକ ସତେ ଅବା ସ୍ଥାୟୀ ହୋଇ ରହିଯାଏ ଏବଂ ଅନ୍ତରସ୍ଥ ଭାବଟି ପଛକୁ ହଟିଯାଏ ବା କ୍ଷୀଣତର ହୋଇଯାଏ । ଅବଶ୍ୟ ଏକଥା ବି ସତ ଯେ, ତାହା ପୁଣି ଥରେ ଫେରିଆସିବାକୁ ଚେଷ୍ଟା କରେ, ରୂପଗୁଡ଼ିକୁ ପୁନଃପ୍ରାଣିତ କରିବାକୁ ଓ ସେଗୁଡ଼ିକରେ ଆବଶ୍ୟକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରେ ; ଯେକୌଣସି ପ୍ରକାରେ ଆପେ ତିଷ୍ଠିରହିବାକୁ ଏବଂ ଏପରିକି ବାହାରର ରୂପଟିକୁ ବି ତିଷ୍ଠାଇ ରଖିବାକୁ ଚେଷ୍ଟା କରେ । ମାତ୍ର ତଥାପି କାଳର ପ୍ରବୃତ୍ତି ହିଁ ଅଧିକ ଶକ୍ତିଶାଳୀ ସାବ୍ୟସ୍ତ ହୁଏ । ଧର୍ମର ଇତିହାସରେ ଆମେ ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟଭାବରେ ଦେଖିବାକୁ ପାଇବା; ସନ୍ଥ ଓ ଧର୍ମସଂସ୍କାରକମାନଙ୍କର ସକଳ ଉଦ୍ୟମ ଯେତେ ଶକ୍ତିଶାଳୀ ଓ ପ୍ରାଣବନ୍ତ ଆବେଗ ସମ୍ଭୂତ ହେଲେ

* ଭାରତବର୍ଷରେ ସ୍ୱର୍ଣ୍ଣଯୁଗକୁ ସତ୍ୟଯୁଗ ବା କୃତ ବୋଲି ଅଭିହିତ କରାଯାଇଛି । କୃତ ଯୁଗ, ଅର୍ଥାତ୍ ଯେଉଁ ଯୁଗରେ ପରମସତ୍ୟର ବିଧାନଟି ଉପଲବ୍ଧ ବା ସିଦ୍ଧ ହୋଇଥାଏ ।

'oaob.nitrkl.ac.in' images reprocessed

ମଧ୍ୟ ତାହା କ୍ରମଶଃ ଅଧିକରୁ ଅଧିକ ବିକ୍ଷିପ୍ତ ହୋଇପଡ଼େ, ଏବଂ ସେଗୁଡ଼ିକର ଯାହା ଯଥାର୍ଥ ପ୍ରଭାବ ପଡ଼େ ବା ଫଳ ଫଳେ, ସେଗୁଡ଼ାକ କେବଳ ଅଳ୍ପକାଳସ୍ଥାୟୀ ହୁଏ ଓ କେବଳ ଉପରଭାଗଟାକୁ ହିଁ ସ୍ପର୍ଶ କରେ । ତାହାର ସର୍ବଶେଷ ସୁବର୍ଣ୍ଣଯୁଗଟିରେ ଭାରତବର୍ଷ କ୍ରମଶଃ ଅଧିକ ତମସାଚ୍ଛନ୍ନ ଓ ବଳହୀନ ହୋଇପଡ଼ୁଥିବାବେଳେ ଆମେ ଠିକ୍ ଏହି ପଶ୍ଚାଦ୍‌ଗତି ଦେଖିବାକୁ ପାଇଥାଉ । ସେତେବେଳେ ଚରମ ଶକ୍ତିଶାଳୀ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱମାନଙ୍କର ଅଦମ୍ୟ ଓ ଅନବରତ ଚେଷ୍ଟା ଜାତିର ଆତ୍ମାକୁ ଜୀବନ୍ତ ରଖିପାରିଥିଲା ସତ, ମାତ୍ର ତଥାପି ପୁରାତନ ଯୁଗର ସେହି ବନ୍ଧନହୀନ ସତ୍ୟ, ବଳ ଓ ଶକ୍ତିର ପ୍ରବାହଟିକୁ ପୁନରୁଜ୍ଜୀବିତ କରାଇବାରେ ତାହା ଆଦୌ ସଫଳ ହୋଇ ପାରିଲା ନାହିଁ; ଅଥବା ପରମ୍ପରାର କବଳରେ ପଡ଼ି ଜର୍ଜର ଓ ପଳିତ ହୋଇପଡ଼ିଥିବା ଏକ ସମାଜ ମଧ୍ୟରେ ପ୍ରାଣର ପୁନଃସଞ୍ଚାର ମଧ୍ୟ କରିପାରିଲା ନାହିଁ । ପ୍ରାୟ ଗୋଟିଏ କିମ୍ବା ଦୁଇଟି ପୁରୁଷର ଅବଧି ମଧ୍ୟରେ ହିଁ ଯେ ପାରମ୍ପରିକତାର ଲୌହମୁଷ୍ଟି ତତ୍କାଳୀନ ନୂତନ ଆନ୍ଦୋଳନଟିକୁ ଧରିବାକୁ ଯାଇଛି, ତାହାକୁ କବଳୀକୃତ କରିଛି ଓ ତାହାର ପୁରୋଧା ଓ ପ୍ରତିଷ୍ଠାତାମାନଙ୍କର ନାମକୁ ଆତ୍ମସାତ୍ କରିଛି, ଆମେ ଏକଥା ସବୁବେଳେ ଦେଖିବାକୁ ପାଇବା । ୟୁରୋପରେ ଗୀର୍ଜାବାଦ ଏବଂ କାଥୋଲିକ୍ ସମ୍ପ୍ରଦାୟର ଆବାସିକ ମଠ ପରମ୍ପରାର ନୈତିକ ଦୁର୍ଗନ୍ଧ ଓ ଦୁଃଖଦ ପରିଣାମ ଭିତରେ ଆମେ ସେହି କଥାଟି ଦେଖିବାକୁ ପାଇଥାଉ । ଏହିପରି ଭାବରେ କାଳକ୍ରମେ ପୁଣି ଏପରି ଏକ ପର୍ଯ୍ୟାୟ ଆସି ପହଞ୍ଚେ, ଯେତେବେଳେ କି ପାରମ୍ପରିକତା ଏବଂ ସତ୍ୟ ମଧ୍ୟରେ କ୍ରମଶଃ ବୃଦ୍ଧି ପାଉଥିବା ଦୂରତାଟି ଶେଷରେ ଅସହ୍ୟ ହୋଇପଡ଼େ ; ସେତେବେଳେ ପ୍ରବଳ ବୁଦ୍ଧିଶକ୍ତିସମ୍ପନ୍ନ ବ୍ୟକ୍ତିମାନେ ଆସି ଆବିର୍ଭୂତ ହୁଅନ୍ତି । ସକଳ ନିୟମ ଓ ଅନୁଶାସନକୁ ଉଦରସାତ୍ କରିବାକୁ ଚାହାଁଉଥିବା ଏହି ମହାନ୍ 'ସୂତ୍ରଭୁକ୍'ମାନେ ବଳିଷ୍ଠ ବା ପ୍ରଚଣ୍ଡ ଭାବରେ, ଅଥବା ବିବେକ ଓ ବୁଦ୍ଧିର ଶୀତଳ ସ୍ଥିର ଆଲୋକ ଦ୍ୱାରା ସକଳ ପ୍ରତୀକ, ସକଳ ରୂଢ଼ି ଓ ପରମ୍ପରାକୁ ବର୍ଜନ କରି ବାହାରନ୍ତି କାରାଗାରରୂପୀ ସେହି ଅଚଳାୟତନର ପ୍ରାଚୀରଗୁଡ଼ିକ ଉପରେ ଆଘାତ କରନ୍ତି ; ଏବଂ ଯେଉଁ ଯଥାର୍ଥ ସତ୍ୟଟିକୁ ସମାଜ ହରାଇବସିଥାଏ ଅଥବା ଆପଣାର ଯାବତୀୟ ଶଠତା ମଧ୍ୟରେ ଯାହାକୁ ସମାଧି ଦେଇ ରଖିଥାଏ, ବ୍ୟକ୍ତି-ବିବେକ ନୈତିକ ବୋଧ ଓ ସତ୍ୟୋନ୍ମୁଖ ବାସନା ସହିତ ସେମାନେ ତାହାର ଅନୁସନ୍ଧାନ କରିବାହାରନ୍ତି । ସେତିକିବେଳେ ଧର୍ମ, ଚିନ୍ତାର ଓ ସମାଜରେ ବ୍ୟକ୍ତିବାଦୀ ଯୁଗ ବା ପର୍ଯ୍ୟାୟଟି ଆସି ପହଞ୍ଚେ । ପ୍ରୋଟେଷ୍ଟାଣ୍ଟ ଧର୍ମ-ଆନ୍ଦୋଳନର ଯୁଗ ଆରମ୍ଭ ହୁଏ; ବିବେକର, ବିଦ୍ରୋହର, ପ୍ରଗତି ଓ ବନ୍ଧନମୁକ୍ତିର ଯୁଗ ଆରମ୍ଭ ହୁଏ । ଏହି ବନ୍ଧନମୁକ୍ତିକୁ କେବଳ ଏକ ଆଂଶିକ ଓ ବହିଃପ୍ରସ୍ଥ ବନ୍ଧନମୁକ୍ତି ହିଁ କୁହାଯିବ; ତଥାପି ପାରମ୍ପରିକତାର ଯେଉଁ ଯୁଗଟି ଏହାର ପୂର୍ବବର୍ତ୍ତୀ ଯୁଗ ହୋଇ ରହିଥିଲା, ତାହାର ଦ୍ୱାରା ହିଁ ବ୍ୟକ୍ତିବାଦୀ ଯୁଗଟି ବାହ୍ୟତା ଓ ବହିରଙ୍ଗତାର ଏକ ନବବିଧାନ ମଧ୍ୟରେ ଯେ ପରମସତ୍ୟର ପରିଚୟ ପ୍ରାପ୍ତ ହୋଇ

'oaob.nitrkl.ac.in' images reprocessed

ପାରିବ, ଏହିପରି ଏକ ଭାବନାର ଫାନ୍ଦ ଭିତରେ ଯାଇ ପଡ଼ିଯାଏ । କେବଳ ଯାନ୍ତ୍ରିକତା ଦ୍ୱାରା ସେ ପରିପୂର୍ଣ୍ଣ ଜୀବନ ଉପଲବ୍ଧ ହୋଇପାରିବ, ଏହିଭଳି ଏକ ବୃଥାସ୍ୱପ୍ନ ଦେଖିବାରେ ଲାଗେ । ମାତ୍ର ତଥାପି ଏହି ଯୁଗଟିକୁ ଆମେ ମନୁଷ୍ୟତ୍ୱବର୍ତ୍ତନର ଆଣବ୍ୟପ୍ରଧାନ ପର୍ଯ୍ୟାୟଟିକୁ ଅଗ୍ରସର ହୋଇଯିବାର ପଥରେ ଏକ ଆବଶ୍ୟକ ମଧ୍ୟପର୍ଯ୍ୟାୟ ବୋଲି ଅବଶ୍ୟ କହିବା । ମନୁଷ୍ୟକୁ ଏହି ବୃତ୍ତପଥଟି ଅବଶ୍ୟ ବୁଲିଆସିବାକୁ ପଡ଼ିବ ଏବଂ ଏହିପରି ଭାବରେ ହିଁ ସେ ଆପଣାର ଗଭୀରତର ଆତ୍ମସମ୍ପଦଟିକୁ ପୁନର୍ବାର ଲାଭ କରିବାର ଲକ୍ଷ୍ୟଟିର ଅଧିକ ସମୀପବର୍ତ୍ତୀ ହେବ, ତା'ର ସଭ୍ୟତାର ସ୍ଫୁରଣାରେ ଏକ ନୂତନ ଆରୋହୀ ମାର୍ଗରେଖା ଅର୍ଥାତ୍ ଏକ ନୂତନ ଚକ୍ରାବର୍ତ୍ତନ ଆଡ଼କୁ ଅଗ୍ରସର ହୋଇପାରିବ ।

'oaob.nitrkl.ac.in' images reprocessed

## ଦ୍ୱିତୀୟ ପରିଚ୍ଛେଦ

# ବ୍ୟକ୍ତିବାଦର ଯୁଗ : ବିବେକବୁଦ୍ଧିର ଯୁଗ

ପରମ୍ପରାପ୍ରଧାନ ଯୁଗଟିର ଦୋଷଯୁକ୍ତତା ଓ ବିଫଳତାର ପରିଣାମ ସ୍ୱରୂପ ଏବଂ ପ୍ରତ୍ୟକ୍ଷଭୂତ ସ୍ଥିତମୂଳ ଜୀବନାଦର୍ଶଟିର ଜଡ଼ତ୍ୱ ବିରୁଦ୍ଧରେ ଏକ ବିଦ୍ରୋହରୂପେ ମନୁଷ୍ୟ ସମାଜରେ ବ୍ୟକ୍ତିବାଦୀ ଯୁଗର ଆବିର୍ଭାବ ହୁଏ । ଏହି ଯୁଗଟି ଜନ୍ମଲାଭ କରିବା ପୂର୍ବରୁ ତାହାର ଆସ୍ଥା ତଥା ଜୀବନାଚରଣର କ୍ଷେତ୍ରରେ ପ୍ରାଚୀନ ସତ୍ୟଗୁଡ଼ିକ ସଂପୂର୍ଣ୍ଣ ରୂପେ ହୃତ ହୋଇ ଯାଇଥିବା ଆବଶ୍ୟକ ହୁଏ ଏବଂ ଏପରିକି ସେହି ସତ୍ୟଗୁଡ଼ିକର ନକଲ କରି ସେଗୁଡ଼ିକର ସ୍ଥାନରେ ସ୍ୱୟଂ ପ୍ରତିଷ୍ଠିତ ହୋଇ ରହିବାର ପ୍ରୟାସ କରିବାରେ ଲାଗିଥିବା ପରମ୍ପରାଗୁଡ଼ିକ ମଧ୍ୟ ସକଳ ପ୍ରକାର ଯଥାର୍ଥତା ଓ ଯଥାର୍ଥ ବୁଦ୍ଧିରୁ ବର୍ଜିତ ହୋଇ ରହିଥିବା ଆବଶ୍ୟକ ହୋଇଥାଏ । ବ୍ୟାବହାରିକ ଯାବତୀୟ ଔଚିତ୍ୟକୁ ହରାଇ ବସି ସେଗୁଡ଼ିକ କେବଳ ବଦ୍ଧ ବସିଯାଇଥିବା ଧାରଣାଟି ଦ୍ୱାରା ଯନ୍ତ୍ରବତ୍ ତିଷ୍ଠି ରହିଥାନ୍ତି, ସ୍ୱୀକୃତ ସ୍ୱାର୍ଥ ଓ ରୁଢ଼ିଗୁଡ଼ିକର ବଳରେ ଏବଂ ବାହ୍ୟ ରୂପଟା ସହିତ ଅନୁଲଗ୍ନ ହୋଇ ତିଷ୍ଠି ରହିଥାନ୍ତି ଏବଂ ସେତିକିବେଳେ ହିଁ ସମାଜରେ ବାସକରୁଥିବା ବ୍ୟକ୍ତିମାନେ ସାମାଜିକ ମନୋଗତତାର ସ୍ୱାଭାବିକ ସଂରକ୍ଷଣ ପ୍ରବୃତ୍ତିଟି ସତ୍ତ୍ୱେ ତଥାପି ସେମାନଙ୍କ ମଧ୍ୟରେ ସତ୍ୟର ମୃତ୍ୟୁ ଘଟିଲାଣି ଓ ସେମାନେ ପ୍ରକୃତରେ ଏକ ମିଥ୍ୟାକୁ ଆଶ୍ରୟ କରି ହିଁ ଜୀବନ ବଞ୍ଚିବାରେ ଲାଗିଛନ୍ତି ବୋଲି ଶେଷରେ ଅନୁଭବ କରିବାକୁ ଆରମ୍ଭ କରନ୍ତି । ନୂତନ ଯୁଗର ବ୍ୟକ୍ତିବାଦୀ ଦୃଷ୍ଟିଟିକୁ ଆମେ ଜୀବନାଦର୍ଶ ଓ ଜୀବନାଚରଣର ଏକ ତୁଚ୍ଛା ପରମ୍ପରା ସଂସ୍ପୃଷ୍ଟତାରୁ ଏକ ଠାଣି ଓ ନିଦା ଭୂଇଁ ଉପରକୁ ବାହୁଡ଼ି ଆସିବା ଲାଗି ଏକ ପ୍ରୟାସ ବୋଲି କହିବା; ସେଥିଲାଗି ଯେଉଁଠି ଯାହା ହେଉ ପଛକେ, ଏକ ଯଥାର୍ଥ ଓ ଅନୁସରଣୀୟ ନୀତିସତ୍ୟର ନିଦା ଭୂଇଁକୁ ଫେରି ଆସିବାର ଏକ ପ୍ରୟାସ ବୋଲି କହିବା ଏବଂ ଏହି ପ୍ରୟାସ କେବଳ ବ୍ୟକ୍ତିବାଦୀ ହିଁ ହୋଇପାରିବ; କାରଣ ଆଗରୁ ଯେତେଯେତେ ସ୍ୱୀକୃତ ସତ୍ୟମାନ ଯେଉଁଠି ରହିଥିଲା, ସେସବୁ ବର୍ତ୍ତମାନ ଆପଣାକୁ ସଂପୂର୍ଣ୍ଣ ସାମର୍ଥ୍ୟହୀନ ବୋଲି ଘୋଷଣା କରିଛନ୍ତି ଓ କୌଣସି ପ୍ରକାର ଅନ୍ତର୍ଗତ ସହାୟତା ଦେଇ ପାରିବାକୁ ସେଗୁଡ଼ିକର ଆଉ କୌଣସି ଶକ୍ତି ନାହିଁ । ତେଣୁ ଏଥର ସ୍ୱୟଂ ବ୍ୟକ୍ତିକୁ ହିଁ ଆବିଷ୍କାର କରି ବାହାରି-ବାକୁ ପଡ଼ିବ, ବ୍ୟକ୍ତିକୁ ହିଁ ଆଗୁଆ ହୋଇ ସତ୍ୟ ଖୋଜିଯିବାକୁ ପଡ଼ିବ ଏବଂ ଜଣେ

'oaob.nitrkl.ac.in' images reprocessed

ବ୍ୟକ୍ତି ହିସାବରେ ତା'ର ବିବେକବୁଦ୍ଧି, ଅନ୍ତର୍ଜ୍ଞାନ, ଆଦର୍ଶବାଦ, ଅଭିଳାଷ, ଜୀବନ ଉପରେ ତା'ର ଅଧିକାର ବା ସେ ଆପଣା ଭିତରେ ଆଉ ଯାହା କିଛି ଆଲୋକ ରହିଛି ବୋଲି ଅନୁଭବ କରିପାରୁଛି, ତାହାରି ସାହାଯ୍ୟରେ ହିଁ ସେ ଏହି ବିଶ୍ୱସଂସାରର ତଥା ତା'ର ଆପଣା ସତ୍ତ୍ୱାଟିର ସତ୍ୟବିଧାନଟିକୁ ଖୋଜି ବାହାରିବ । ସେହି ବାଟରେ ଯାଇ ଯେତେବେଳେ ସେ ଏହି ସତ୍ୟ ବା ବିଧାନଟିକୁ ଲାଭ କରିପାରିବ ଅଥବା ଲାଭ କରିପାରିଛି ବୋଲି ଭାବିବ, ସେତେବେଳେ ସେ ସେହି ନୂତନ ଦୃଢ଼ ଭୂମିଟି ଉପରେ ହିଁ ଧର୍ମ, ସମାଜ, ନୈତିକତା, ରାଜନୀତିଗତ ଯାବତୀୟ ଅନୁଷ୍ଠାନ, ଅନ୍ୟ ମନୁଷ୍ୟଙ୍କ ସହିତ ତା'ର ସମ୍ବନ୍ଧ, ଆପଣାର ଚରମ ସିଦ୍ଧି ଲାଗି ତା'ର ଯାବତୀୟ ପ୍ରୟାସ ତଥା ସମଗ୍ର ମାନବଜାତି ଲାଗି ମଧ୍ୟ ତା'ର ସକଳ ପ୍ରଚେଷ୍ଟାକୁ ପ୍ରତିଷ୍ଠିତ କରି ବାହାରିବ, ପୂର୍ବ ତୁଳନାରେ ଅଧିକ ଦୀନତାଗ୍ରସ୍ତ ହେଲେ ମଧ୍ୟ ତଥାପି ଅଧିକ ପ୍ରାଣବନ୍ତ ଆକାର ଦେଇ ସେ ସେଗୁଡ଼ିକୁ ଆଉଥରେ ଗଢ଼ିବାଲାଗି ଚେଷ୍ଟା ଆରମ୍ଭ କରିବ ।

ଇଉରୋପୀୟ ଭୂଖଣ୍ଡରେ ହିଁ ବ୍ୟକ୍ତିବାଦର ଏହି ଯୁଗଟିର ଜନ୍ମ ହୋଇଛି ଏବଂ ଏହା ଆପଣାର ପରିପୂର୍ଣ୍ଣ ରାଜତ୍ୱର ପ୍ରତିଷ୍ଠା କରିପାରିଛି । କୌଣସି ପ୍ରକାର ମୂଳ ଆବେଗଦ୍ୱାରା ପ୍ରେରିତ ହୋଇ ନୁହେଁ; ମାତ୍ର ଇଉରୋପର ସମ୍ପର୍କରେ ଆସି ଓ ତାହାରି ଦ୍ୱାରା ପ୍ରଭାବିତ ହୋଇ ପ୍ରାଚ୍ୟଜଗତ ବ୍ୟକ୍ତିବାଦ ଭିତରେ ପ୍ରବେଶ କରିଛି । ବସ୍ତୁଗୁଡ଼ିକର ବାସ୍ତବ ସତ୍ୟଟିକୁ ଖୋଜି ବାହାର କରିବା ଲାଗି ଏବଂ ଏହାଦ୍ୱାରା ଯାହାକିଛି ସତ୍ୟବିଧାନ ଗୋଚରକୁ ଆସିପାରୁଛି, ତାହାରି ଦ୍ୱାରା ମନୁଷ୍ୟର ଜୀବନକୁ ଅନୁଶାସିତ କରି ରଖିବାଲାଗି ପାଶ୍ଚାତ୍ୟ ଜଗତର ଯେଉଁ ବଳବତୀ ଓ ଅଦମ୍ୟ ଆକାଂକ୍ଷା ରହିଛି, ତାହାରି ବଳରେ ହିଁ ତାହା ଶତାବ୍ଦୀ ଶତାବ୍ଦୀ ଧରି ବଳ, ଶକ୍ତି, ଆଲୋକ, ଅଗ୍ରଗତି ତଥା ଅପ୍ରତିରୋଧୀ ସଂପ୍ରସାରଣର ଅଧିକାରୀ ହୋଇଆସିଛି । ଠିକ୍ ସେହିପରି ଅପର ପକ୍ଷରେ ଯେଉଁସବୁ ଆଦର୍ଶଗୁଡ଼ିକ ଉପରେ ପ୍ରାଚ୍ୟ ଆପଣାର ଜୀବନକୁ ପ୍ରତିଷ୍ଠିତ କରି ରଖିଥିଲା, ସେଥିରେ ମୂଳତଃ କୌଣସି ମିଥ୍ୟା ରହିଯାଇଛି ବୋଲି ନୁହେଁ, ମାତ୍ର ଏକଦା ତାହା ଯେଉଁ ସତ୍ୟଟିର ଉପଲବ୍ଧି କରିଥିଲା ଓ ତାହାର ଅଧିକାରୀ ହୋଇଥିଲା, ତାହାରି ଜୀବନମୟ ବୋଧଟିକୁ ହରାଇ ବସିବା ଫଳରେ ଏବଂ ଏକ ଯନ୍ତ୍ରବତ୍ ପରମ୍ପରା-ସର୍ବସ୍ୱତାର ସଂକୀର୍ଣ୍ଣ ବନ୍ଧନ ଭିତରେ ଏକପ୍ରକାର ଆତ୍ମସନ୍ତୋଷ ସହିତ ଦୀର୍ଘକାଳ ନିଦ୍ରାମଗ୍ନ ହୋଇ ରହିବା ଫଳରେ ହିଁ ଆପଣାର ଜାଗରଣ ମୁହୂର୍ତ୍ତଟି ଆସି ପହଞ୍ଚିଲା ବେଳକୁ ପ୍ରାଚ୍ୟ ଆପଣାକୁ ଏପରି ଅସହାୟ ବୋଲି ମଣିଛି । ସେ ଏକ ବଳହୀନ ମହାଦୈତ୍ୟ ପରି ଶୋଇ ରହିଛି; ଏଠି କୋଟି କୋଟି ମଣିଷଙ୍କର ଯୂଥମାନ ସତେଅବା ଜୀବନ ନିଃଶେଷିତ ହୋଇ ଯାଇଥିବା ପରି ବସ୍ତୁସ୍ଥିତି ଓ ବସ୍ତୁଗୁଡ଼ିକୁ ପ୍ରେରିତ କରି ରଖିଥିବା ଶକ୍ତିଗୁଡ଼ିକର ସମ୍ମୁଖୀନ ହୋଇ ମୁକ୍ତ ଭାବରେ ଜୀବନଯାପନ କରିବାକୁ ଏକାବେଳେକେ ଭୁଲି ଯାଇଛନ୍ତି; କାରଣ କେବଳ

'oaob.nitrkl.ac.in' images reprocessed

ପରମ୍ପରାଗତ ବନ୍ଧ ଭାବନା ଏବଂ ସ୍ଥିତିସର୍ବସ୍ୱ ନିଷ୍କ୍ରିୟାଶୀଳତାର ଏକ ସଂସାର ଭିତରେ ବାସ କରି ରହିବାକୁ ହିଁ ସେମାନେ ଆଗରୁ ଏପରି ଅଭ୍ୟସ୍ତ ଭାବରେ ଶିକ୍ଷା ପାଇ ଆସିଛନ୍ତି । ତଥାପି ଇଉରୋପ ଆପଣାର ବ୍ୟକ୍ତିବାଦୀ ଯୁଗଟି ଦ୍ୱାରା ଯେଉଁସବୁ ସତ୍ୟ ଆବିଷ୍କାର କରିଛି, ସେଗୁଡ଼ିକ ହେଉଛି ଜୀବନର ଅପେକ୍ଷାକୃତ ଅଧିକ ସ୍ପଷ୍ଟ, ଭୌତିକ ଓ ବାହ୍ୟ ବିଷୟଗୁଡ଼ିକର କ୍ଷେତ୍ରର ପ୍ରଥମ ପରସ୍ତର ସତ୍ୟ; ଏବଂ ବିଶ୍ଳେଷଣାତ୍ମକ ବୁଦ୍ଧି ଓ ବ୍ୟାବହାରିକ ପ୍ରୟୋଜନୀୟତାର ଅନୁଧାବନ ମନୁଷ୍ୟକୁ ଜୀବନର ଅପେକ୍ଷାକୃତ ଅଧିକ ପ୍ରଚ୍ଛନ୍ନ ସତ୍ୟ ଓ ସାମର୍ଥ୍ୟ ବିଷୟରେ ଯେତିକି ଜ୍ଞାନ ଆଣି ଦେଇ ପାରିବ, ଇଉରୋପ କେବଳ ସେତିକି ଜ୍ଞାନର ଅଧିକାରୀ ହୋଇପାରିଛି । ଇଉରୋପର ବୁଦ୍ଧି ମୂଳ ସଭ୍ୟତା ଯେ ଆଜି ପୃଥିବୀରେ ଏଭଳି ବିଜୟୀ ହୋଇ ବ୍ୟାପି ଯାଇପାରିଛି, ଏହାର କାରଣ ହେଉଛି ଯେ ପୃଥିବୀ ଏହାଠାରୁ ଅଧିକ ଗଭୀର ଓ ଅଧିକ ଶକ୍ତିଶାଳୀ ଆଉ କୌଣସି ସତ୍ୟର ସମ୍ମୁଖୀନ ହୋଇନାହିଁ । କାରଣ ସେହି ସମୟରେ ମନୁଷ୍ୟ ଜାତିର ଅବଶିଷ୍ଟ ଅଂଶଟି ତଥାପି ପରମ୍ପରାପ୍ରଧାନ ଯୁଗଟିର ଅନ୍ତିମ ତମିସ୍ରାକାଳୀନ ନିଷ୍କ୍ରିୟତା ଭିତରେ ହିଁ ଅବଶ ହୋଇ ରହିଛି ।

ଇଉରୋପର ବ୍ୟକ୍ତିବାଦୀ ଯୁଗଟି ତାହାର ପ୍ରଥମ ପର୍ଯ୍ୟାୟରେ ବୁଦ୍ଧିଶକ୍ତିର ଏକ ବିଦ୍ରୋହ ରୂପେ ଆବିର୍ଭୂତ ହୋଇଥିଲା ଏବଂ ଏହାର ଚରମ ପର୍ଯ୍ୟାୟରେ ଭୌତିକ ବିଜ୍ଞାନର ଏକ ପ୍ରଗତିମୟ ବିଜୟରେ ତାହା ଆପଣାକୁ ପରିପ୍ରକାଶିତ କରିଥିଲା । ଏହାର ଏହିଭଳି ବିବର୍ତ୍ତନଟିକୁ ଏକ ଐତିହାସିକ ଅନିବାର୍ଯ୍ୟତା ବୋଲି କହିବାକୁ ହେବ । ଏକ ସଂଶୟ ବା ଏକ ଅସ୍ୱୀକାର ରୂପରେ ହିଁ ସର୍ବଦା ବ୍ୟକ୍ତିବାଦର ଉନ୍ମେଷ ହୋଇଥାଏ । ବ୍ୟକ୍ତି ଆପଣା ଉପରେ ଗୋଟାଏ ଧର୍ମକୁ ସତେଅବା ଲଦି ହୋଇ ରହିଥିବା ପରି ଅନୁଭବ କରିବାକୁ ଆରମ୍ଭ କରେ ଯାହାର ମୂଳ ବିଶ୍ୱାସ ଓ ନିୟମଗୁଡ଼ାକ କି ଉପଲବ୍ଧ ମୂଳ ଆଧ୍ୟାତ୍ମିକ କୌଣସି ସତ୍ୟକୁ ଭିତ୍ତି କରି ଠିଆ ହୋଇନଥାଏ, ମାତ୍ର କୌଣସି ଏକ ପ୍ରାଚୀନ ଗ୍ରନ୍ଥରେ ଲେଖା ହୋଇଥିବା କଥାକୁ ଅବଲମ୍ବନ କରି ରହିଥାଏ, ଜଣେ ପୋପ୍ ବା ସର୍ବୋଚ୍ଚ ଧର୍ମଶାସ୍ତ୍ରୀଙ୍କର ଅକାଟ୍ୟ ଆଦେଶ ଉପରେ ନିର୍ଭର କରି ରହିଥାଏ ଅଥବା ଗୋଟାଏ ଗୀର୍ଜାର ପରମ୍ପରା ଉପରେ ତିଷ୍ଠି ରହିଥାଏ । ତାହା ବିଦ୍ୟାବାଗୀଶ ଓ ପଣ୍ଡିତମାନଙ୍କର ବିଜ୍ଞ ମତ ନିରୂପଣ, ଧର୍ମୋପଦେଶମାନଙ୍କର ପରିଷଦ ସଭା ବା ସଙ୍ଘ ସମ୍ପ୍ରଦାୟମାନଙ୍କର ଧାରାସବୁକୁ ଆଶ୍ରା କରି ରହିଥାଏ । ଏହିସବୁ ସଭାର ମୀମାଂସାଗୁଡ଼ିକ ଉପରେ କୌଣସି ପ୍ରକାର ସଂଶୟ ପ୍ରକାଶ କରିବା ଲାଗି କଦାପି ଅବକାଶ ନଥାଏ; ଯେଉଁମାନେ କେବଳ ବିଚାର କରୁଥାନ୍ତି ଓ ରାୟ ଦେଉଥାନ୍ତି; ମାତ୍ର କେବେ କିଛିହେଲେ ଖୋଜି ବାହାର କରିବାକୁ, ପରୀକ୍ଷା କରି ଦେଖିବାକୁ, ପ୍ରମାଣ ବା ଅନୁସନ୍ଧାନ କରିବାକୁ କିମ୍ବା ଆବିଷ୍କାର କରିବାକୁ ଆଦୌ କୌଣସି ଆବଶ୍ୟକତା କିମ୍ବା ଅବକାଶ ରହିଛି ବୋଲି ଯେଉଁମାନେ କେବେ

'oaob.nitrkl.ac.in' images reprocessed

ଭାବୁଥିଲା ପରି ବି ଦିଶୁନଥାନ୍ତି । ଏହିପରି ଏକ କ୍ଷେତ୍ରର ନିଯ୍ମନ୍ତ୍ରଣ ଭିତରେ ପଡ଼ି ବ୍ୟକ୍ତି ଅନିବାର୍ଯ୍ୟତଃ ଆବିଷ୍କାର କରିବାକୁ ଆରମ୍ଭ କରେ ଯେ ଏଠାରେ ଯଥାର୍ଥ ଜ୍ଞାନ ଓ ବିଜ୍ଞାନ ହୁଏତ ନିଷିଦ୍ଧ ହୋଇ ରହିଛି, ସେଗୁଡ଼ିକୁ ଶାସ୍ତ୍ରି ଓ ଶାସନର ସମ୍ମୁଖୀନ ହେବାକୁ ପଡ଼ୁଛି, ଅଥବା ପୂର୍ବରୁ ସ୍ଥିରୀକୃତ ହୋଇ ରହିଥିବା କର୍ତ୍ତୃତ୍ୱ ସ୍ଥାନଗୁଡ଼ିକ ଉପରେ ଅନ୍ଧ ଭାବରେ ବିଶ୍ୱାସ ସ୍ଥାପନ କରିବାର ଅଭ୍ୟାସ ଦ୍ୱାରା ତାହା ପ୍ରାୟ ଅଚଳ ଓ ଅକାମୀ ହୋଇପଡ଼ୁଛି । ଏପରିକି ପୁରାତନ ପ୍ରାମାଣିକତାଗୁଡ଼ିକରେ ଯେତିକି ସତ୍ୟ ରହିଥିଲା, ସେଥିରେ ବର୍ତ୍ତମାନ ଆଉ କୌଣସି ମୂଲ୍ୟ ଥିଲାପରି ଲାଗୁନାହିଁ; କାରଣ ଅତ୍ୟନ୍ତ ପ୍ରବଳ ଅଥବା ଅଳ୍ପ ଭାବରେ ତାହାର ଶବ୍ଦଗୁଡ଼ିକୁ ପୁନରାବୃତ୍ତି କରାଯାଉଛି ସତ; ମାତ୍ର ତାହାର ଯଥାର୍ଥ ମର୍ମଟିକୁ କେହି ଆପଣା ଜୀବନରେ ଆଦୌ ପାଳନ କରୁନାହାନ୍ତି; ଅଥବା କେବଳ ଅତି ଅଳ୍ପସଂଖ୍ୟକ ବ୍ୟକ୍ତି ହିଁ ତାହା କରୁଛନ୍ତି । ରାଜନୀତି-କ୍ଷେତ୍ରରେ ସେ ଯେଉଁଆଡ଼େ ଚାହେଁ, ସମସ୍ତେ କେବଳ ସ୍ୱୟଂ ଭଗବାନଙ୍କଠାରୁ ସେମାନଙ୍କର ଏକାଧିକାରଗୁଡ଼ାକ ହାସଲ କରିଥିଲା ପରି ଦେଖିବାକୁ ପାଏ; ନାନାପ୍ରକାର ବିଶେଷ ଅଧିକାରମାନ ପ୍ରତିଷ୍ଠିତ ହୋଇ ରହିଥାଏ, କେତେକେତେ ଉତ୍ପୀଡ଼ନ ପବିତ୍ର ଅନୁଜ୍ଞାର ଧ୍ୱଜା ଧରି ଆପଣାକୁ ଜାରି କରି ରଖିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେଗୁଡ଼ିକ ନିଷ୍ପେଷଣକାରୀ କ୍ଷମତାଦ୍ୱାରା ବଳବତ୍ତର ହୋଇ ରହିଥାନ୍ତି ଏବଂ ଦୀର୍ଘକାଳ ଧରି ସେମାନେ ଯେ ଏହିପରି ଭାବରେ ରହି ଆସିଛନ୍ତି, ତାହାରି ଭିତ୍ତି ଉପରେ ଆପଣାର ଔଚିତ୍ୟକୁ ପ୍ରମାଣ କରିବାରେ ଲାଗିଥାନ୍ତି । ମାତ୍ର ପ୍ରକୃତ ପକ୍ଷରେ ଏଗୁଡ଼ିକର ତିଷ୍ଠି ରହିବା ଲାଗି ଆଦୌ କୌଣସି ଦାବୀ କିମ୍ବା ଅଧିକାର ଥିଲାପରି ମନେ ହେଉ ନ ଥାଏ । ସମାଜ ବ୍ୟବସ୍ଥାରେ ମଧ୍ୟ ସେ ସେହିପରି ପୁରାତନ ସ୍ୱୀକୃତ ଗୁଳାଭିତରେ ପଡ଼ି ରହିଥିବାର ପରମ୍ପରାର ରାଜତ୍ୱଟିକୁ ହିଁ ଦେଖିବାକୁ ପାଏ, ଅସମର୍ଥତା ତଥା ବିଶେଷ ସମର୍ଥତାଗୁଡ଼ାକ ସେହିପରି ଧରାବନ୍ଧା ହୋଇ ରହିଥାନ୍ତି । ଯେଉଁମାନେ ଉପରେ ଥାଆନ୍ତି, ସେମାନେ କେବଳ ଆପଣାକୁ ହିଁ ବଡ଼ ବୋଲି ଅନୁଭବ କରୁଥାନ୍ତି ଓ ସେଇଥିରୁ ଅଭିଭୂତ ହୋଇ ରହିଥାନ୍ତି ଏବଂ ଯେଉଁମାନେ ତଳେ ରହିଥାନ୍ତି, ସେମାନେ ଏକାବେଳେକେ ଅନ୍ଧଭାବରେ ଗୋଡ଼ତଳେ ପଡ଼ିକରି ରହିଥାନ୍ତି ଏବଂ ସମାଜର ଯେଉଁ କ୍ରିୟାନୁଷ୍ଠାନଗୁଡ଼ାକର ହୁଏତ ଏକଦା ସମାଜସ୍ଥ ଆସନଗୁଡ଼ିକର ଏହିପରି ଏକ ବିତରଣ ଲାଗି କୌଣସି ନା କୌଣସି ଔଚିତ୍ୟ ରହିଥିଲା, ବର୍ତ୍ତମାନର ସାମାଜିକ ଆଚରଣର କ୍ଷେତ୍ରରେ ସେହି କ୍ରିୟାନୁଷ୍ଠାନ ଗୁଡ଼ିକୁ ହୁଏତ ଆଦୌ କେଉଁଠି ହେଲେ ଦେଖିବାକୁ ମିଳୁନାହିଁ; ଅଥବା ସେଗୁଡ଼ିକ ଅତି ଅବିନ୍ୟସ୍ତ ଭାବରେ ଆଚରିତ ହେଉଛି; ସେଥିରେ କେଉଁଠି ହେଲେ କର୍ତ୍ତବ୍ୟବୋଧର କୌଣସି ଯଥାର୍ଥ ସ୍ଥାନ ନାହିଁ ଏବଂ କେବଳ ଜାତିଗତ ଅଭିମାନର ଏକ ଅଂଶରୂପେ ହିଁ ସେଗୁଡ଼ିକର ଆଚରଣ କରାଯାଉଛି । ଏହି ସ୍ଥିତିଟି ବିରୁଦ୍ଧରେ ତାକୁ ବିଦ୍ରୋହ କରିବାକୁ ହୁଏ; ଯେଉଁଠି ଯେତେ କର୍ତ୍ତା ଆପଣା ଲାଗି କର୍ତ୍ତୃତ୍ୱର ଦାବୀ କରି

'oaob.nitrkl.ac.in' images reprocessed

କର୍ତ୍ତୃତ୍ୱ ଜମାଇ ବସିଛନ୍ତି, ସେଠାରେ ଆପଣାର ଦୃଢ଼ ପ୍ରଶ୍ନବାଚୀର ଦୃଷ୍ଟି ନିକ୍ଷେପ କରିବାକୁ ହୁଏ । ସଂସାର ବିଷୟରେ ଏହାହିଁ ହେଉଛି ପବିତ୍ର ସତ୍ୟ, ଏହାହିଁ ଭଗବାନଙ୍କର ଆଦେଶ ଅଥବା ଆବହମାନ କାଳରୁ ମନୁଷ୍ୟ ଜୀବନରେ ଠିକ୍ ଏହାହିଁ ଚାଲିଆସିଛି ବୋଲି ଯେତେବେଳେ ତାକୁ କୁହାଯାଏ, ସେତେବେଳେ ତାକୁ ମଧ୍ୟ ଉତ୍ତର ଦେଇ କହିବାକୁ ପଡ଼େ, "ମାତ୍ର ଏଗୁଡ଼ାକ ଯାହାସବୁ କୁହାଯାଉଛି, ତାହା କ'ଣ ପ୍ରକୃତରେ ସତ, ପ୍ରକୃତରେ ଠିକ୍ ? ଏହାହିଁ ଯେ ସଂସାର ବିଷୟରେ ଯଥାର୍ଥ ସତ୍ୟ ଓ ଅନ୍ଧବିଶ୍ୱାସ ବା ମିଥ୍ୟା ନୁହେଁ; ସେକଥା ମୁଁ କିପରି ଜାଣିବି ? ଭଗବାନ ପ୍ରକୃତରେ କେତେବେଳେ ଏଭଳି ଆଦେଶ ଦେଇଛନ୍ତି, ବା ମୁଁ କିପରି ଜାଣିବି ଯେ ଏହାହିଁ ତାଙ୍କ ଆଦେଶର ପ୍ରକୃତ ଅର୍ଥ ଓ କେବଳ ଆପଣଙ୍କର ଏକ ଭୁଲ ବା ମିଥ୍ୟାଭିଆଣ ନୁହେଁ ? ଅଥବା ଯେଉଁ ଗ୍ରନ୍ଥଟି ଉପରେ ଆପଣ ଆପଣଙ୍କର ଯୁକ୍ତିଟିକୁ ଆଧାରିତ କରି ରଖିଛନ୍ତି, ସେହି ଗ୍ରନ୍ଥ ଯେ ପ୍ରକୃତରେ ଭଗବାନଙ୍କର ଉଚ୍ଚାରିତ ବେଦଗୁଡ଼ିକୁ ଲିପିବଦ୍ଧ କରି ରଖିଛି ବା ଭଗବାନ ଯେ ଆଦୌ କେବେହେଲେ ମନୁଷ୍ୟଜାତିକୁ ବେଦର ସାହାଯ୍ୟରେ ତାଙ୍କର ଇଚ୍ଛାଟିକୁ ପ୍ରକଟ କରିଛନ୍ତି, ସେକଥା ମୁଁ କିପରି ଜାଣିବି ? ଯେଉଁ ବ୍ୟବସ୍ଥାଟି ଆବହମାନ କାଳରୁ ଚାଲିଆସିଛି ବୋଲି ଆପଣ କହୁଛନ୍ତି, ତାହା କି'ଣ ପ୍ରକୃତରେ ଆବହମାନ କାଳରୁ ଚାଲିଆସିଛି, ତାହା କି'ଣ ପ୍ରକୃତରେ ପ୍ରକୃତିର ଏକ ନିୟମ ନା ତାହା ହେଉଛି କାଳର କେବଳ ଏକ ଅପରିପୂର୍ଣ୍ଣ ପରିଣାମ ଏବଂ ବର୍ତ୍ତମାନର ଭୂମି ଉପରେ କେବଳ ଏକ ଅତି ମିଥ୍ୟା ପରମ୍ପରା ବ୍ୟତୀତ ଆଉ କିଛି ନୁହେଁ ? ଏବଂ ଆପଣ ମୋତେ ଯାହାକିଛି କହୁଛନ୍ତି, ସେସବୁର ଉତ୍ତରରେ ମୁଁ ତଥାପି ଆପଣଙ୍କୁ ପ୍ରଶ୍ନ କରିବି, ବିଶ୍ୱସଂସାରର ବସ୍ତୁସତ୍ୟଗୁଡ଼ିକ ସହିତ ଏହାର ଯଥାର୍ଥ ସଙ୍ଗତି ରହିଛି କି, ଠିକ୍ ଓ ଭୁଲ ବିଷୟରେ ମୋର ଯେଉଁ ବୋଧ ରହିଛି, ସତ୍ୟ ବିଷୟରେ ମୋର ଯେଉଁ ଆପଣା ବିଚାର ରହିଛି ଏବଂ ବସ୍ତୁସ୍ଥିତି ବିଷୟରେ ମୋର ଯେଉଁ ଆପଣା ଅନୁଭୂତି ରହିଛି, ତାହା ସହିତ ଏହାର କୌଣସି ଯଥାର୍ଥ ସଙ୍ଗତି ରହିଛି କି ?" ଏବଂ ଯଦି ପ୍ରକୃତରେ ଏପରି ଏକ ସଙ୍ଗତି ନଥାଏ, ତେବେ ବିଦ୍ରୋହୀ ବ୍ୟକ୍ତିର ମନ ତାହା ଉପରେ ଲଦା ହୋଇ ରହିଥିବା ଦାସତ୍ୱକୁ ଫୋପାଡ଼ି ଦେବାକୁ ବାହାରେ ଏବଂ ସତ୍ୟକୁ ସେ ଯେଉଁଭଳି ପ୍ରତ୍ୟକ୍ଷ କରେ, ତାହାକୁ ହିଁ ସତ୍ୟ ବୋଲି ଘୋଷଣା କରେ; ଏବଂ ଏପରି କରି ସେ ସମାଜର ପ୍ରତିଷ୍ଠିତ ଧର୍ମନୈତିକ, ସାମାଜିକ, ରାଜନୀତିକ ଓ ଏପରିକି ହୁଏତ ସେହି ସମଷ୍ଟି ଲାଗି ନୈତିକ ବ୍ୟବସ୍ଥାଟିର ମୂଳରେ ଆଘାତ ବସାଏ । କାରଣ ସେ ଯେଉଁ କର୍ତ୍ତୃତ୍ୱଟିକୁ ଅମାନ୍ୟ ଓ ଅସ୍ୱୀକାର କରେ, ଯେଉଁ ପରମ୍ପରାଟିକୁ ସେ ଭାଙ୍ଗିଦେବାକୁ ବାହାରିଥାଏ, ଉକ୍ତ ବ୍ୟବସ୍ଥା ତାହାରି ଉପରେ ହିଁ ଠିଆ ହୋଇ ରହିଥାଏ, ତା'ର ଆପଣା ସତ୍ୟର ସଫଳ ବିରୋଧ କରି ପାରୁଥିବା ଜୀବନମୟ କୌଣସି ସମାଜର ସତ୍ୟ ଉପରେ ତାହା ଦଣ୍ଡାୟମାନ ରହି ନ ଥାଏ ! ପୁରାତନ ବ୍ୟବସ୍ଥାଟିର ସମର୍ଥନ କରୁଥିବା ଦିଗ୍‌ବିଜୟୀମାନେ ଯେତେବେଳେ ଏହି

'oaob.nitrkl.ac.in' images reprocessed

ବ୍ୟକ୍ତିକୁ ସାମାଜିକ ନିରାପତ୍ତା, ରାଜନୀତିକ ବ୍ୟବସ୍ଥା ଓ ଧର୍ମ ପରମ୍ପରା ଲାଗି ଅତ୍ୟନ୍ତ ବିପଜ୍ଜନକ ଏକ ବିନାଶକାରକ କାରଣ ମନେକରି ତାହାକୁ ଦମନ କରିବାକୁ ଇଚ୍ଛା କରନ୍ତି, ସେତେବେଳେ ସେମାନେ ହୁଏତ ସେମାନଙ୍କର ଉଚିତ କର୍ତ୍ତବ୍ୟ ହିଁ କରନ୍ତି, ମାତ୍ର ସେ ଯେଉଁଠି ଠିଆ ହୋଇଥାଏ, ତାକୁ ସେହିଠାରେ ହିଁ ଠିଆ ହୋଇ ରହିବାକୁ ପଡ଼େ ଓ ତଦ୍‌ଭିନ୍ନ ସେ ଆଉ କିଛିହେଲେ କରି ପାରେନାହିଁ, କାରଣ ଧ୍ୱଂସ କରିବାଲାଗି ହିଁ ସେ ଏକ ବ୍ରତ ନେଇ ବାହାରିଥାଏ, ମିଥ୍ୟାର ବିନାଶ ଘଟାଇ ସତ୍ୟର ଏକ ନୂତନ ଭିତ୍ତିର ସ୍ଥାପନା ଲାଗି ସେ ବ୍ରତ ଗ୍ରହଣ କରିଥାଏ ।

ମାତ୍ର ବ୍ୟକ୍ତିଗତ କେଉଁ ସାମର୍ଥ୍ୟ ଅଥବା ମାନଦଣ୍ଡ ଦ୍ୱାରା ନବ ପ୍ରବର୍ତ୍ତିକ ବ୍ୟକ୍ତି ତା'ର ନୂତନ ଭିତ୍ତିଟିର ଆବିଷ୍କାର କରିବ ବା ତା'ର ନୂତନ ପଦକ୍ଷେପଟିକୁ ପ୍ରତିଷ୍ଠିତ କରି ରଖି ପାରିବ ? ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହା ତତ୍କାଳୀନ ଉପଲବ୍ଧ ଜ୍ଞାନ ଉପରେ ଓ ସେ ପ୍ରବେଶ କରି ପାରୁଥିବା ସମ୍ଭାବ୍ୟ ଜ୍ଞାନକ୍ଷେତ୍ରଗୁଡ଼ିକ ଉପରେ ଅବଶ୍ୟ ନିର୍ଭରଶୀଳ ହୋଇ ରହିବ । ସର୍ବପ୍ରଥମେ ଧର୍ମର କ୍ଷେତ୍ରରେ ହିଁ ଏକ ବ୍ୟକ୍ତିଗତ ସନ୍ଦୀପନର ଆବିର୍ଭାବ ହୋଇଥିଲା; ପାଶ୍ଚାତ୍ୟରେ ଭଗବାନଙ୍କୁ କେନ୍ଦ୍ର କରି ଯେଉଁ ସୂକ୍ଷ୍ମ ଓ ତତ୍ତ୍ୱର ବଖାଣ ହୋଇଥିଲା, ତାହାହିଁ ଏହି ସନ୍ଦୀପନ ଲାଗି ଭୂମି ଯୋଗାଇ ଦେଇଥିଲା ଏବଂ ପ୍ରାଚ୍ୟରେ ଦାର୍ଶନିକ ବିବେକବୁଦ୍ଧି ହିଁ ଏହି କାର୍ଯ୍ୟର ସମ୍ପାଦନ କରିଥିଲା । ସମାଜ ତଥା ରାଜନୀତିର କ୍ଷେତ୍ରରେ ସ୍ୱାଭାବିକ ଅଧିକାର ଏବଂ ସ୍ୱାଭାବିକ ନ୍ୟାୟ ବିଷୟରେ ଏକ ପ୍ରଥମକାଳୀନ ଅଶୋଧିତ ଅବବୋଧ ବା ଚେତନାରୁ ଏହାର ଆରମ୍ଭ ହୋଇଥିଲା । ଏହି ଚେତନାଟି ଦୁଃଖକ୍ଳେଶଜନିତ କ୍ରୋଧରୁ ହିଁ ଜନ୍ମଲାଭ କରିଥିଲା; ଅଥବା ସେତେବେଳେ ସବୁଠାରେ ବଳବତ୍ତର ହୋଇ ରହିଥିବା ଅତ୍ୟାଚାର, ଅବିଚାର ଓ ଅନ୍ୟାୟ ବିଷୟରେ ଏକ ଜାଗ୍ରତ ଅବବୋଧରୁ ଜନ୍ମଲାଭ କରିଥିଲା । ଏବଂ କେବଳ ବିଶେଷାଧିକାର ଓ ପ୍ରତିଷ୍ଠିତ ପରମ୍ପରାକୁ ଛାଡ଼ିଦେଲେ ଆଉ ଯେକୌଣସି ମାନଦଣ୍ଡ ଉପରେ ପରୀକ୍ଷା କରି ଦେଖିଲେ, ସେତେବେଳର ପ୍ରଚଳିତ ବ୍ୟବସ୍ଥାଟି ଲାଗି ଆପଣାର ପକ୍ଷ ସମର୍ଥନ କରିବାପାଇଁ ଯେ ଆଦୌ କିଛି ହେଲେ ନ ଥିଲା, ସେଥିରୁ ମଧ୍ୟ ଉକ୍ତ ଚେତନାଟିର ଉନ୍ମେଷ ହୋଇଥିଲା । ଏହି କ୍ଷେତ୍ରରେ ଧର୍ମାଭିଳାଷ ହିଁ ପ୍ରଥମ ନେତୃତ୍ୱ ଦେଲା । ସାମାଜିକ ତଥା ରାଜନୀତିକ ଆକାଙ୍‌କ୍ଷାଟିର ପ୍ରଥମକାଳୀନ ନୃଶଂସ ଓ ଦର୍ପିତ ଆନ୍ଦୋଳନଗୁଡ଼ିକୁ ଯେତେବେଳେ ଅତି ଅଳ୍ପକାଳ ମଧ୍ୟରେ ଦମନ କରି ଦିଆଗଲା, ସେତେବେଳେ ତାହା ଆପଣାର ଦର୍ପକୁ ଅବଶ୍ୟକ ପରିମାଣରେ ହ୍ରାସ କରି ଆଣିଥିଲା; ଧର୍ମଗତ ସଂସ୍କାର ଆନ୍ଦୋଳନର ଜାଗରଣର ସୁଯୋଗ ଗ୍ରହଣ କଲା, ଏକ ଆବଶ୍ୟକ ସହଗାମୀ ଭାବରେ ତାହାର ଅନୁସରଣ କଲା, ଏବଂ ଆଧ୍ୟାତ୍ମିକ ବେଗୋତ୍ସାହଟି ନିଃଶେଷିତ ହୋଇଯିବା ପର୍ଯ୍ୟନ୍ତ ଆପେ ନେତୃତ୍ୱ ଦେଇ ପାରିବାଲାଗି ଆପଣାର ଉପଯୁକ୍ତ ସମୟଟିର ଅପେକ୍ଷା କରିବାରେ ଲାଗିଥିଲା ।

'oaob.nitrkl.ac.in' images reprocessed

ସମ୍ଭବତଃ ଧର୍ମେତର ପ୍ରସ୍ତାବଗୁଡ଼ିକର ସେହି ଶକ୍ତି ଓ ପ୍ରବୃତ୍ତିଗୁଡ଼ିକୁ ଧର୍ମ ଯେତେବେଳେ ଆପଣାର ସାହାଯ୍ୟକାରୀ ରୂପେ ବ୍ୟବହାର କଲା, ସେତିକିବେଳେ ହିଁ ଧର୍ମ ଆପଣାର ପଥରୁ କ୍ରମେ ବିଚ୍ୟୁତ ହେବାରେ ଲାଗିଲା । ପ୍ରେରଣା ପ୍ରଧାନ ଧର୍ମଗ୍ରନ୍ଥ, ଖ୍ରୀଷ୍ଟଧର୍ମଗତ ଧର୍ମବିଧିମାନ ତଥା ଗୀର୍ଜାର ଧର୍ମାନୁଶାସନର ଯଥାର୍ଥ ଓ ପ୍ରକୃତ ଅର୍ଥ ଓ ମର୍ମର ନିରୂପଣ କରିବାଲାଗି ବ୍ୟକ୍ତିର ଅନୁଭୂତ ଏବଂ ସନ୍ଦୀପିତ ବିବେକବୁଦ୍ଧିର ଅବଶ୍ୟ ଅଧିକାର ରହିଛି, ଏହାକୁ ଭିତ୍ତି କରି ଇଉରୋପୀୟ ଧର୍ମମୁକ୍ତି ଆନ୍ଦୋଳନ ମସ୍ତକ ଉତ୍ତୋଳନ କରିଥିଲା, ପ୍ରଥମେ କେତେକ ସୀମିତ କ୍ଷେତ୍ରରେ ଏବଂ ପରେ ସକଳ କ୍ଷେତ୍ରରେ ହିଁ ତାହା ଏହି ଅଧିକାରଟିର ଦାବୀ ଘୋଷଣା କରିଥିଲା । ସେତେବେଳେ ଧର୍ମଗତ କ୍ଷମତାତନ୍ତ୍ରର ଅନୁଷ୍ଠାନ ସାଧାରଣଙ୍କର ଜ୍ଞାନଗୋଚର କ୍ଷେତ୍ରରୁ ଧର୍ମଗ୍ରନ୍ଥକୁ ଅପସାରିତ ଓ ପ୍ରତ୍ୟାହୃତ କରି ରଖିଥିଲା ଏବଂ ଆପଣାର ନୈତିକ କର୍ତ୍ତୃତ୍ୱବଳ ଓ ଶାରୀରିକ ହିଂସାଦ୍ୱାରା ହିଁ ଏକ ବିକଳ୍ପ ଧର୍ମମତକୁ ନ ହେଲେ ମଧ୍ୟ ପବିତ୍ର ଧର୍ମାନୁଶାସନର ଆପଣା ବ୍ୟାଖ୍ୟାଟାକୁ ହିଁ ଦୃଢ଼ ସ୍ୱେଚ୍ଛାଚାରୀ ଭାବରେ ବ୍ୟକ୍ତିର ବିବେକ ଉପରେ ତାହାର ଇଚ୍ଛା ବିରୁଦ୍ଧରେ ନେଇ ଲଦି ଦେଉଥିଲା । ଧର୍ମାନୁଷ୍ଠାନିକ କର୍ତ୍ତାମାନଙ୍କର ଏହିସବୁ ବଳାତ୍କାର, ଛଳନା ତଥା ନୃଶଂସତା ବିରୁଦ୍ଧରେ ଧର୍ମମୁକ୍ତିର ଆନ୍ଦୋଳନ ଯେଉଁ ବିଦ୍ରୋହ ଘୋଷଣା କଲା, ତାହାର ଶକ୍ତିଶାଳୀତାରୁ ହିଁ ତାହାର ଉକ୍ତ ଦାବୀଟିର ଶକ୍ତିଶାଳୀତାକୁ ମଧ୍ୟ ପରିମାପନ କରାଯାଉଥିଲା । ଆପଣାର ନାତିଶୀତୋଷ୍ଣ ଓ ଅପେକ୍ଷାକୃତ ଅଧିକ ସହନଶୀଳ କେତେକ ରୂପରେ ଏହି ବିଦ୍ରୋହଟିରୁ କେତେପ୍ରକାର ସାଲିସର ବି ଉଦ୍ଭବ ହୋଇଥିଲା । ପାଦ୍ରୀମାନଙ୍କ ଦ୍ୱାରା ଗୀର୍ଜାର ଆନୁଷ୍ଠାନିକ ପ୍ରଶାସନର ପରିଚାଳନା କରିବାକୁ ଆମେ ଏହି ଦିଗରେ ଗୋଟିଏ ଦୃଷ୍ଟାନ୍ତରୂପେ ଗ୍ରହଣ କରିପାରିବା । ପୁଣି ଯେତେବେଳେ ସେହି ବିଦ୍ରୋହର ଉତ୍ତାପ ଓ ଉତ୍ସାହ ଏକ ଉଚ୍ଚତର ମାତ୍ରାକୁ ସ୍ପର୍ଶ କଲା, ସେତେବେଳେ ତାହା କାଲଭିନଙ୍କର ପିଉରିଟାନ୍ ଧର୍ମମତରୂପେ ପ୍ରକାଶିତ ହେଲା ଏବଂ ଅଧିକ୍ରମପର ପର୍ଯ୍ୟାୟରେ ଆନାବାପ୍ଟିଷ୍ଟ, ଇଣ୍ଡିପେଣ୍ଡେଣ୍ଟ, ସୋସିନିଆନ୍ ଏବଂ ଅଗଣିତ ଅଦ୍ଭୁତ ଅନେକ ଶାଖା ଓ ସମ୍ପ୍ରଦାୟରୂପେ ଆତ୍ମପ୍ରକାଶ କରି ତାହା କେବଳ ବ୍ୟକ୍ତିମୂଳ ଧର୍ମବିଶ୍ୱର ଓ ଧର୍ମକଳ୍ପନାର ଏକ ଅଡ଼ମ୍ବରରେ ପରିଣତ ମଧ୍ୟ ହୋଇଥିଲା । ସକଳ ରାଜନୈତିକ ଏବଂ କୌଣସି ପ୍ରକାରର ପ୍ରଭୁତା ଅଥବା ପରମ୍ପରାଭଙ୍ଗକାରୀ ଶକ୍ତିଶାଳୀ ସାମାଜିକ ତାତ୍ପର୍ଯ୍ୟରୁ ବିଚ୍ଛିନ୍ନ ହୋଇ ରହିଥିବା ଏପରି ଗୋଟିଏ ଆନ୍ଦୋଳନ ପ୍ରାଚ୍ୟ ଜଗତରେ ସହଜତଃ କେତେ ଧର୍ମସଂସ୍କାରକ, ସନ୍ଦୀପ୍ତ ସନ୍ଥପୁରୁଷ ତଥା ଧର୍ମବିଶ୍ୱାସର କେତେ ନୂତନ ସଂଗଠନର ଜନକ ହୋଇ ପାରିଥାନ୍ତା ଏବଂ ସାଂସ୍କୃତିକ ଓ ସାମାଜିକ ଆଚରଣର କ୍ଷେତ୍ରରେ ମଧ୍ୟ ସେହିସବୁ ସଂଗଠନ ନୂତନ ସ୍ତରର ପ୍ରବର୍ତ୍ତନ କରିଥାଆନ୍ତା । ମାତ୍ର ପାଶ୍ଚାତ୍ୟ ଜଗତରେ କେବଳ ନାସ୍ତିକତା ଓ ଧର୍ମବିଚ୍ଛିନ୍ନତା ହିଁ ଏହାର ଉଦ୍ଦେଶ୍ୟ ହୋଇ ରହିଥିଲା । ପ୍ରଥମ ପର୍ଯ୍ୟାୟଟିରେ ତାହା ଧର୍ମର ପରମ୍ପରାସିଦ୍ଧ ଆକାରଗୁଡ଼ିକ ବିଷୟରେ ଆପଣାର କେତେ

'oaob.nitrkl.ac.in' images reprocessed

ପ୍ରଶ୍ନ ଉତ୍ଥାପନ କଲା, ଏକ ପକ୍ଷରେ ଭଗବାନ ଓ ଅନ୍ୟ ପକ୍ଷରେ ବ୍ୟକ୍ତିଆତ୍ମା ମଧ୍ୟରେ ପାଦ୍ରୀମାନଙ୍କର ମଧ୍ୟସ୍ଥତା କରିବା ଏବଂ ଧର୍ମଗ୍ରନ୍ଥର ସର୍ବମାନ୍ୟତ୍ୱ ସ୍ଥାନରେ ପୋପଙ୍କର ସର୍ବମାନ୍ୟତାକୁ ବିକଳ୍ପରୂପେ ଗ୍ରହଣ କରିବା ବିରୁଦ୍ଧରେ ସଂଶୟ ପ୍ରକଟ କରିଥିଲା; ମାତ୍ର ଏହିପରି ଭାବରେ ଅଗ୍ରସର ହୋଇ ତାହା ସ୍ୱୟଂ ଧର୍ମଗ୍ରନ୍ଥଟି ବିଷୟରେ ମଧ୍ୟ ସଂଶୟ ପ୍ରକଟ କରିବାରେ ଆଦୌ କୁଣ୍ଠିତ ହେଲା ନାହିଁ । ତା'ପରେ ବାହ୍ୟ ଧର୍ମରତତା ଓ ଧର୍ମାନୁଷ୍ଠାନ ପରି କ୍ରମେ ସକଳପ୍ରକାର ଅତିପ୍ରାକୃତ ବ୍ୟାପାର, ଧର୍ମ ବିଶ୍ୱାସ ଅର୍ଥାତ୍ ବୁଦ୍ଧିର ଆୟତ୍ତନ ବାହାରେ ରହିଥିବା ଯାବତୀୟ ସତ୍ୟ ବିଷୟରେ ମଧ୍ୟ ସଂଶୟ ବ୍ୟକ୍ତ କଲା, ସେଗୁଡ଼ିକର ଯଥାର୍ଥତାକୁ ପ୍ରଶ୍ନ କରିବାକୁ ବାହାରିଲା ।

କାରଣ ତତ୍କାଳୀନ ଘଟଣାପ୍ରବାହର ଅଧ୍ୟୟନ କଲେ ଆମେ ଜାଣିପାରିବା ଯେ, ଇଉରୋପର ବିବର୍ତ୍ତନଟି ଧର୍ମସଂସ୍କାରର ଆନ୍ଦୋଳନଟି ଦ୍ୱାରା ଯେତେଦୂର ନିୟନ୍ତ୍ରିତ ହୋଇ ନ ଥିଲା, ପରିଶେଷରେ ସାଂସ୍କୃତିକ ପୁନର୍ଜାଗରଣର ପ୍ରଭାବଗୁଡ଼ିକ ଦ୍ୱାରା ତାଠାରୁ ଅଧିକ ନିୟନ୍ତ୍ରିତ ହୋଇଥିଲା । ଏହି ପୁନର୍ଜାଗରଣ ଫଳରେ ଇଉରୋପରେ ପ୍ରାଚୀନ ଗ୍ରୀକ୍ ଓ ରୋମାନ୍ ମନୋଦୃଷ୍ଟିର ଏକ ଶକ୍ତିଶାଳୀ ପ୍ରତ୍ୟାବର୍ତ୍ତନ ସଂଘଟିତ ହେଲା ଏବଂ ତାହାଦ୍ୱାରା ହିଁ ଇଉରୋପୀୟ ବିବର୍ତ୍ତନ କ୍ରମମିତ ହୋଇଥିଲା; ମାତ୍ର ଧର୍ମସଂସ୍କାରର ଆନ୍ଦୋଳନଟି ପଛରେ ହିବ୍ରୁ ସଂସ୍କୃତିଗତ ଯେଉଁ ଧର୍ମଗତ-ନୈତିକ ମନୋଦୃଷ୍ଟିଟି ନିହିତ ହୋଇ ରହିଥିଲା, ଏହି ବିବର୍ତ୍ତନଟି ଉପରେ ତାହାର ସେତେ ବେଶୀ ପ୍ରଭାବ ଆଦୌ ପଡ଼ି ନ ଥିଲା । ଗୋଟିଏ ଦିଗରୁ ଦେଖିଲେ ଏହି ପୁନର୍ଜାଗରଣର ପ୍ରଭାବଟି ଫଳରେ ଇଉରୋପ ଗ୍ରୀକ୍ ମନର ସେହି ବନ୍ଧନମୁକ୍ତ ଜିଜ୍ଞାସାବୃତ୍ତିଟିକୁ ଫେରି ପାଇଲା; ବିଶ୍ୱକ୍ଷେତ୍ରର ନିୟମାତ୍ମକ ପ୍ରଥମ କାରଣ ଓ ବୁଦ୍ଧିପ୍ରେରିତ ବିଧାନଗୁଡ଼ିକ ଲାଗି ଗ୍ରୀକ୍ ମନର ଉତ୍ସାହପୂର୍ଣ୍ଣ ଅନୁସନ୍ଧାନ ପ୍ରବୃତ୍ତିଟିକୁ ଲାଭ କଲା । ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ତଥା ବ୍ୟକ୍ତିଗତ ବିଚାରବୁଦ୍ଧି ଦ୍ୱାରା ବୁଦ୍ଧିର ଭୂମି ଉପରେ ଜୀବନର ଯାବତୀୟ ବିଷୟକୁ ତନ୍ନ ତନ୍ନ କରି ଦେଖିବାରେ ଗ୍ରୀକ୍ ମାନସ ସର୍ବଦା ଯେଉଁ ଆନନ୍ଦ ଅନୁଭବ କରୁଥିଲା, ଇଉରୋପ ସେଇଟିକୁ ମଧ୍ୟ ଉତ୍ତରାଧିକାର ହିସାବରେ ପାଇଥିଲା ଏବଂ ଅନ୍ୟ ଦିଗରେ ତାକୁ ପ୍ରାଚୀନ ରୋମ୍‌ବାସୀର ବହୁକ୍ଷେତ୍ରୀୟ ବ୍ୟାବହାରିକ ନୈପୁଣ୍ୟଟି ମଧ୍ୟ ପ୍ରାପ୍ତ ହୋଇଥିଲା; ଏକ ବଳିଷ୍ଠ ପ୍ରୟୋଜନମୂଳକତା ଓ ସଂସାରବିଷୟ ସମ୍ବନ୍ଧରେ ଏକ ନ୍ୟାୟ ସମର୍ଥିତ ସିଦ୍ଧାନ୍ତ ସହିତ ତାଳ ରଖି ଜୀବନର ଯାବତୀୟ ବ୍ୟାପାରକୁ ଶୃଙ୍ଖଳିତ ଓ ବ୍ୟବସ୍ଥାବଦ୍ଧ କରି ରଖିବାଲାଗି ରୋମ ନାଗରିକର ଯେଉଁ ଆନ୍ତରଗତ ବୋଧ ରହିଥିଲା, ଇଉରୋପ ସେଇଟିକୁ ବି ପାଇଲା । ମାତ୍ର ଦୁଇ ଦିଗରେ ଏହି ଦୁଇଟିଯାକ ପ୍ରବୃତ୍ତିକୁ ଇଉରୋପ ଏପରି ଏକ ମହୋତ୍ସାହ, ଗମ୍ଭୀରତା ଓ ଏକ ନୈତିକ ବା ପ୍ରାୟ ଏକ ଧର୍ମାନୁପ୍ରେରିତ ଅତ୍ୟାଗ୍ରହ ସହିତ ଅନୁଧାବନ କରିବାକୁ ଲାଗିଲା, ଯାହା କି ପୁରାତନ ଗ୍ରୀସ୍ ବା ରୋମ୍ କାହାରି ମନୋଦୃଷ୍ଟି ମଧ୍ୟରେ ନ ଥିଲା; ମାତ୍ର ଯାହାକୁ କି ସେ ଇହୁଦୀୟ

'oaob.nitrkl.ac.in' images reprocessed

ତଥା ଖ୍ରୀଷ୍ଟଧର୍ମର ଶୃଙ୍ଖଳାରୁ ଆପଣାର ବହୁଶତାବ୍ଦୀଗତ ଅନୁଭବରୁ ହିଁ ପ୍ରାପ୍ତ ହୋଇଥିଲା ଏବଂ ପରିଶେଷରେ ଏହିସବୁ ଉତ୍ସରୁ ହିଁ ପାଶ୍ଚାତ୍ୟ ସମାଜର ବ୍ୟକ୍ତିବାଦୀ ଯୁଗଟି ଆପଣାଲାଗି ଶୃଙ୍ଖଳା ଓ ନିୟନ୍ତ୍ରଣର ସେହି ମୂଳନୀତିଗୁଡ଼ିକୁ ସନ୍ଧାନ କରିବାକୁ ଯାଇଥିଲା, ଯାହାକି ମନୁଷ୍ୟର ସମାଜ ମାତ୍ରକେ ସମସ୍ତେ ଆବଶ୍ୟକ କରିଥାନ୍ତି ଏବଂ ପ୍ରାଚୀନତର କାଳର ସମାଜଗୁଡ଼ିକ ପ୍ରଥମେ ସତ୍ୟର ନିର୍ଦ୍ଦିଷ୍ଟ ପ୍ରତୀକଗୁଡ଼ିକୁ ମୂର୍ତ୍ତି ରୂପ ଦେଇ ଯାହାକୁ ହାସଲ କରିବାର ପ୍ରୟାସ କରିଥିଲେ, ପରବର୍ତ୍ତୀ କାଳରେ ସେଥିଲାଗି ନୈତିକ ସୂତ୍ରଗୁଡ଼ିକର ଆଶ୍ରୟ ନେଲେ ଓ ସର୍ବଶେଷରେ ଅକାଟ୍ୟ କର୍ତ୍ତୃତ୍ୱ ଓ ସର୍ବମାନ୍ୟତାଗୁଡ଼ିକର ପ୍ରତିଷ୍ଠା କରି ଏବଂ ବଦ୍ଧମୂଳ ସ୍ୱୀକୃତ ପରମ୍ପରାର ପ୍ରଣୟନ କରି ଯାହାକୁ ସମ୍ଭବ କରିଥିଲେ ।

ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଆପଣାର କଳନା କରି ପାରିବାପାଇଁ କୌଣସି ବାହ୍ୟ ମାନଦଣ୍ଡ ନ ଥାଇ ଅଥବା ସାଧାରଣ ଭାବେ ସ୍ୱୀକୃତ ସତ୍ୟର କୌଣସି ଉତ୍ସ ନ ଥାଇ କେବଳ ବ୍ୟକ୍ତିଗତ ଆଲୋକନ ବା ବିଚାରକୁ ହିଁ ଯଦି ନିରଙ୍କୁଶଭାବରେ ଛାଡ଼ି ଦିଆଯାଏ, ତେବେ ଅନେକ ଅସମ୍ପୂର୍ଣ୍ଣତା ଭରି ରହିଥିବା ଆମର ଏହି ମାନବସମାଜ ଲାଗି ତାହା ଏକ ଅତ୍ୟନ୍ତ ବିନାଶକ ପରୀକ୍ଷା ବା ପ୍ରୟୋଗ ବୋଲି ସାବ୍ୟସ୍ତ ହେବ । ଏହାଦ୍ୱାରା ବିଷୟଗତ ସତ୍ୟର କ୍ରମବର୍ଦ୍ଧମାନ ବିକାଶ ପରିବର୍ତ୍ତରେ ମତର ଅବିରତ ପରିବର୍ତ୍ତନ ଏବଂ ମତବିଶୃଙ୍ଖଳା ଲାଗି ହିଁ ସର୍ବଦା ଅଧିକ ସମ୍ଭାବନା ରହିଥିବ । ପୁଣି କେବଳ ବ୍ୟକ୍ତିଗତ ଅଧିକାର ତଥା ବର୍ଗର ସ୍ୱାର୍ଥ ଓ ଇଚ୍ଛାଗୁଡ଼ିକର କଠୋର ଦାବି ଅନୁସାରେ ହିଁ ସାମାଜିକ ନ୍ୟାୟର ମୀମାଂସା କରିବସିଲେ ସେଥିରେ ମଧ୍ୟ ଅବିରାମ ସଂଗ୍ରାମ, ସଂଘର୍ଷ, ତଥା ବିପ୍ଳବ ଲାଗି ସମାନ ସମ୍ଭାବନା ରହିଥିବ ଏବଂ ଏହାର ଅନ୍ତିମ ପରିଣାମ ସ୍ୱରୂପ ପ୍ରତ୍ୟେକ ବ୍ୟକ୍ତି କେବଳ ନିଜ ଜୀବନଟାକୁ ବଞ୍ଚିବାକୁ ଓ କେବଳ ନିଜର ଭାବନା ତଥା ଅଭିଳାଷଗୁଡ଼ିକର ପରିପୂର୍ତ୍ତି କରିବାକୁ ହିଁ ଇଚ୍ଛାପ୍ରକାଶ କରି ଅତିରଞ୍ଜିତ ଦାବିମାନ କରି ବାହାରିବେ । ଫଳରେ ସମାଜର ସାମୂହିକ ସଂଗଠନ ଭିତରେ ଏକ ଭୟାନକ ବ୍ୟାଧି ଆସି ପଶିଯିବ ଅଥବା ଯେଉଁ ବିଶୃଙ୍ଖଳାଟି ଦେଖାଦେବ, ତାହା ଦିନକୁ ଦିନ କେବଳ ବୃଦ୍ଧି ପାଇବାରେ ହିଁ ଲାଗିଥିବ । ତେଣୁ ମନୁଷ୍ୟ-ଇତିହାସର ପ୍ରତ୍ୟେକ ବ୍ୟକ୍ତିବାଦୀ ଯୁଗରେ ଆମକୁ ଯେକୌଣସି ପ୍ରକାରେ ଦୁଇଗୋଟି ଅତି ବଡ଼ ଅଭାବର ପୂରଣ ଲାଗି ଉପାୟ ଅନ୍ୱେଷଣ କରିବାକୁ ପଡ଼ିବ । ପ୍ରଥମତଃ ସତ୍ୟର ଏକ ସାଧାରଣ ଅର୍ଥାତ୍ ସର୍ବସ୍ୱୀକୃତ ମାନଦଣ୍ଡର ଆବିଷ୍କାର କରିବାକୁ ହେବ, ଯାହାର ଅନୁଗତ ହୋଇ ରହିବାକୁ କି ସମସ୍ତଙ୍କର ବ୍ୟକ୍ତିଗତ ବିଚାର ଆନ୍ତରିକ ଭାବରେ ବାଧ୍ୟ ହେଉଥିବ । ସେଥିଲାଗି କୌଣସି ଶାରୀରିକ ବଳାତ୍କାର କରିବାକୁ ପଡ଼ୁ ନ ଥିବ ଅଥବା ବୁଦ୍ଧିଦ୍ୱାରା ସମର୍ଥିତ ନ ହେଉଥିବା କୌଣସି କର୍ତ୍ତୃତ୍ୱକୁ ଜବରଦସ୍ତି ଆଣି ଲଦିବାକୁ ମଧ୍ୟ ପଡ଼ୁ ନ ଥିବ । ଏବଂ ଦ୍ୱିତୀୟତଃ ଏହାକୁ ସାମାଜିକ ବ୍ୟବସ୍ଥା ବା ଶୃଙ୍ଖଳାର କେତୋଟି

'oaob.nitrkl.ac.in' images reprocessed

ମୂଳନୀତିକୁ ସ୍ୱୀକାର ବି କରି ନେବାକୁ ପଡ଼ିବ, ଯାହାକି ଏକ ସର୍ବସ୍ୱୀକୃତ ବିଷୟ ସତ୍ୟ ଉପରେ ଠିକ୍ ସେହିପରି ଆଧାରିତ ହୋଇ ରହିଥିବ । ଏହି ହେତୁରେ ଏକ ସମଗ୍ର ଶୃଙ୍ଖଳା ବା ବ୍ୟବସ୍ଥା ରହିଥିବା ଆବଶ୍ୟକ ହେବ, ଯାହାକି ବ୍ୟକ୍ତିର ଅଭିଳାଷ ଓ ବ୍ୟକ୍ତିର ସ୍ୱାର୍ଥକୁ ଲଗାମ ଦେଇ ବାନ୍ଧି ରଖି ପାରିବ, ଏହା ସର୍ବଦା ଆମକୁ ଅନ୍ତତଃ କେତେକ ବୁଦ୍ଧିଗତ ତଥା ନୈତିକ କଷଟି ଯୋଗାଇ ଦେଇପାରୁଥିବ, ଯେଉଁଥିରେ ବ୍ୟକ୍ତିର ଏହି ଦୁଇଟିଯାକ ଅତି ଶକ୍ତିଶାଳୀ ଓ ଅତି ବିପଜ୍ଜନକ ପ୍ରବୃତ୍ତି ପ୍ରଥମେ ଆପଣାକୁ ପୂର୍ଣ୍ଣରୂପେ ପରଖି ଦେଖିବେ ଏବଂ ତା'ପରେ ଯାଇ ଜୀବନ ଉପରେ ଆପଣାର ଦାବୀଗୁଡ଼ାକ ନେଇ ଉପସ୍ଥାପିତ କରିବା ଲାଗି ଆପଣାକୁ ଯଥାର୍ଥ ଅଧିକାରୀ ବୋଲି ଅନୁଭବ କରିପାରିବେ । ଇଉରୋପର ପ୍ରଗତିଶୀଳ ଜନସମୂହଗୁଡ଼ିକ ମଧ୍ୟ ଦିନେ ଏହିପରି ଏକ ଆଲୋକ ଓ ଏକ ବିଧାନର ଅନ୍ୱେଷଣ କରି ବାହାରିଥିଲେ; ଆପଣାର ସାଧନ ରୂପେ ସେମାନେ ତତ୍ତ୍ୱମୂଳ ଓ ବୈଜ୍ଞାନିକ ବୁଦ୍ଧିକୁ ଗ୍ରହଣ କରିଥିଲେ ଏବଂ ସମ୍ଭବ ବୋଲି ଦିଶୁଥିବା ଏକ ସାମାଜିକ ନ୍ୟାୟ ଏବଂ ଯୁକ୍ତିସମର୍ଥିତ ପ୍ରୟୋଜନପରତାର ଅନୁଧାବନକୁ ସେମାନେ ନିଜର ଭାଗଦତ୍ତ ଭୂମି ବୋଲି ସ୍ୱୀକାର କରି ନେଇଥିଲେ ।

ଭୌତିକ ବିଜ୍ଞାନର ନାନା ଉଦ୍ଭାବନ-କ୍ଷେତ୍ରରେ ସେମାନେ ଏହାର ସନ୍ଧାନ ପାଇଥିଲେ ଓ ତାହାକୁ ବିପୁଳ ଉତ୍ସାହର ସହିତ ଧରି ରଖିଥିଲେ । ଯେଉଁ ଅତିବାଦୀ ପରମ ପରିପୂର୍ଣ୍ଣତା ସହିତ ଏହା ପାଶ୍ଚାତ୍ୟ ମାନସର ଏହିସବୁ ବୃହତ୍ ମନୋଭୂମିଗତ ଆବଶ୍ୟକତାକୁ ସନ୍ତୁଷ୍ଟ କରିପାରୁଛି ବୋଲି ଅନ୍ତତଃ ପ୍ରତୀତ ହେଉଥିଲା, ପ୍ରଧାନତଃ ତାହାରି ବଳରେ ହିଁ ଊନବିଂଶ ଶତାବ୍ଦୀର ଇଉରୋପରେ ବିଜ୍ଞାନ ଏଭଳି ବିଜୟଦର୍ପିତ ଭାବରେ ସର୍ବକ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିଥିଲା, ସବୁକିଛିକୁ ପରାହତ କରି ଏଭଳି ଅପ୍ରତିରୋଧ୍ୟ ଭାବରେ ଆପଣାର ଜୟଜୟକାର ଘୋଷଣା କରିପାରିଥିଲା । ଏକ ବ୍ୟକ୍ତିବାଦୀ ଯୁଗର ଦୁଇଟିଯାକ ସର୍ବବୃହତ୍ ଅଭାବର ପରିପୂରଣ ଲାଗି ଇଉରୋପ ଯେଉଁ ଅନ୍ୱେଷଣରେ ବାହାରିଥିଲା, ବିଜ୍ଞାନ ହିଁ ଅତ୍ୟନ୍ତ ନିଖୁଣ ଓ ନିର୍ଦ୍ଦୋଷ ଭାବରେ ସେହି ପରିପୂରଣଟିକୁ ସମ୍ଭବ କରିପାରୁଛି ବୋଲି ତା'ର ମନେ ହୋଇଥିଲା । ବିଜ୍ଞାନ ମଧ୍ୟରେ ହିଁ ସେ ଅବଶେଷରେ ଏଭଳି ଏକ ବିଷୟ ସତ୍ୟର ସାକ୍ଷାତ୍ ଲାଭ କଲା, ଯାହା କି କୌଣସି ସଂଶୟଜଡ଼ିତ ଧର୍ମପୁସ୍ତକ ଉପରେ ନିର୍ଭରଶୀଳ ହୋଇ ରହି ନ ଥିଲା କିମ୍ବା କୌଣସି ଦୋଷଯୁକ୍ତ ମନୁଷ୍ୟକର୍ତ୍ତୃତ୍ୱକୁ ଆଶ୍ରୟ କରୁ ନ ଥିଲା । ମାତ୍ର ସ୍ୱୟଂ ପ୍ରକୃତିମାତା ହିଁ ସେହି ସତ୍ୟକୁ ତାଙ୍କର ଶାଶ୍ୱତ ପୁସ୍ତକଟିରେ ଲିପିବଦ୍ଧ କରି ରଖିଥିଲେ; ଏବଂ ଯଥାର୍ଥ ଭାବରେ ଦେଖିବା ଲାଗି ଯାହାର ଆବଶ୍ୟକ ଧୈର୍ଯ୍ୟ ଥିଲା ଓ ବିଚାରକରି ପାରିବା ଲାଗି ବୁଦ୍ଧିରେ ସାଧୁତା ମଧ୍ୟ ରହିଥିଲା, ସେ ମନ କଲା ମାତ୍ରକେ ସେହି ପୁସ୍ତକକୁ ପାଠ କରିପାରୁଥିଲା । ଏହି ପୁସ୍ତକଟି ଭିତରେ କେତେ କେତେ

'oaob.nitrkl.ac.in' images reprocessed

ନିୟମ ଥିଲା, କେତେ ଆଧାରସୂତ୍ର ରହିଥିଲା ଏବଂ ଏହି ପୃଥିବୀ ତଥା ଆମର ଏହି ଜୀବନସମଷ୍ଟି ବିଷୟରେ କେତେ କେତେ ମୂଳସତ୍ୟ ରହିଥିଲା, ଯାହାକୁ ସମସ୍ତେ ଇଚ୍ଛା କଲା ମାତ୍ରକେ ଅଳ୍ପେ ଅଳ୍ପେ ଠାବ କରି ନେବାକୁ ସମର୍ଥ ହେଲେ ଓ ତେଣୁ ତାହା ଯେ ପ୍ରତ୍ୟେକ ବ୍ୟକ୍ତିର ସ୍ୱାଧୀନ ବିଚାରଶକ୍ତିର ଆବଶ୍ୟକତାକୁ ଅବଶ୍ୟ ପୂରଣ କରିପାରିବ ଏବଂ ତାହାକୁ ବାଟ ଦେଖାଇ ନେଇଯାଇ ପାରିବ, ତାହାକୁ ଯାବତୀୟ ବାହ୍ୟ ବାଧ୍ୟତାରୁ ମୁକ୍ତ ଦେଇପାରିବ ଏବଂ ଏଣେ ଭ୍ରମପ୍ରବଣ ସ୍ୱ-ଇଚ୍ଛାଟିରୁ ମଧ୍ୟ ମୁକ୍ତ କରି ରଖିପାରିବ, ଏଥିରେ ଆଉ କୌଣସି ସନ୍ଦେହ ରହିଲା ନାହିଁ । ଏଥିରେ ଏପରି ସବୁ ନିୟମ ଓ ସତ୍ୟ ଲିପିବଦ୍ଧ ହୋଇ ରହିଥିଲା, ଯାହା ପ୍ରତ୍ୟେକ ବ୍ୟକ୍ତିର ଦାବୀ ତଥା ଆକାଂକ୍ଷା ଗୁଡ଼ିକର ଔଚିତ୍ୟ ପ୍ରତିପାଦିତ କରୁଥିଲେ ଏବଂ ସେଗୁଡ଼ିକୁ ନିୟନ୍ତ୍ରିତ ବି କରୁଥିଲେ । ଏଠାରେ ଏଭଳି ଏକ ବିଜ୍ଞାନର ଦର୍ଶନ ସମ୍ଭବ ହେଲା, ଯାହା ଜୀବନଲାଗି ଏକ ମାନଦଣ୍ଡ, ଏକ ଜ୍ଞାନଗତ ମାନ ଓ ଏକ ବୁଦ୍ଧିଗତ ଭୂମି ଯୋଗାଇ ଦେଇପାରିଲା; ବ୍ୟକ୍ତି ତଥା ଜାତିର ପ୍ରଗତି ଏବଂ ପରିପୂର୍ଣ୍ଣତା ଲାଗି ଏକ ସ୍ପଷ୍ଟ ନକ୍ସା ଓ ଏକ ଅମୋଘ ସାଧନ ମଧ୍ୟ ଯୋଗାଇଦେଲା । ଅକାଟ୍ୟ ପ୍ରମାଣଦ୍ୱାରା ପ୍ରତିପାଦିତ ହୋଇପାରୁଥିବା ଏହି ବିଜ୍ଞାନଦ୍ୱାରା, ଏକ ସାର୍ବଜନୀନ ବିଧାନ ଓ ବିଷୟଗତ ସତ୍ୟ ଦ୍ୱାରା ଏବଂ ଆପଣାର ଭୂମି ଓ ସତ୍ୟକୁ ଆଧାର କରି ସମସ୍ତେ ପର୍ଯ୍ୟବେକ୍ଷଣ ଓ ପରୀକ୍ଷଣ କରିପାରୁଥିବା ଏବଂ ତେଣୁ ସ୍ୱାଧୀନ ଭାବରେ ଓ ବୁଦ୍ଧିର ସାହାଯ୍ୟରେ ଏହି କ୍ଷେତ୍ରରେ ଆପଣାର ଅବଦାନଟି ଦେଇ ପାରିବାଲାଗି ସମସ୍ତଙ୍କୁ ଏକ ସମ୍ଭାବନା ଯୋଗାଇ ଦେଇପାରୁଥିବା ଏକ ବ୍ୟବସ୍ଥା ଓ ମୂଳ ନୀତିଗୁଡ଼ିକ ଦ୍ୱାରା ମନୁଷ୍ୟର ଜୀବନକୁ ନିୟନ୍ତ୍ରିତ କରି ରଖିବା ଓ ତାହାକୁ ଏକ ସଂଗଠିତ ରୂପ ଦେଇପାରିବାର ଏହି ପ୍ରୟାସଟି, ଏହାକୁ ହିଁ ଇଉରୋପୀୟ ସଭ୍ୟତାର ସର୍ବମୀମାଂସକ ଓ ସର୍ବଶୀର୍ଷ ଗତିଧାରା ବୋଲି କହିବାକୁ ହେବ । ଏହି ସଭ୍ୟତାର ମଧ୍ୟଦେଇ ମାନବସମାଜର ବ୍ୟକ୍ତିବାଦୀ ଯୁଗଟି ଆପଣାର ପରିପୂର୍ଣ୍ଣତା ହାସଲ କରିପାରିଛି ଓ ବିଜୟଗୌରବ ପ୍ରାପ୍ତ ହୋଇଛି ଏବଂ ସମ୍ଭବତଃ ଏହା ହିଁ ସେହି ବ୍ୟକ୍ତିବାଦୀ ଯୁଗର ସମାପ୍ତି ବୋଲି ପ୍ରତୀତ ମଧ୍ୟ ହୋଇଛି, ବ୍ୟକ୍ତିବାଦର ମୃତ୍ୟୁଲାଗି ଏକ କାରଣ ବୋଲି ବୋଧ ହେଉଛି: ଏହିଠାରେ ହିଁ ତାହାର ପରିସମାପ୍ତି ଘଟିବ ଏବଂ ଅତୀତର ଅନେକ ସ୍ତୂପସମୂହ ଭିତରେ ଏଇଟି ମଧ୍ୟ କୁଆଡ଼େ ପୋତିହୋଇ ରହିବ ବୋଲି ଏକ ସୂଚନା ଦେଇଯାଉଛି ।

ଆମେ ଯାହାକୁ ବ୍ୟକ୍ତି ବୋଲି କହୁଛୁ, ସେ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ଏହି ବିଶ୍ୱକୁ ପ୍ରଚଳିତ କରି ରଖିଥିବା ବିଧାନଗୁଡ଼ିକରୁ ହିଁ ନିଷ୍ପନ୍ନ ହୋଇଛି ବୋଲି କହିବାକୁ ହେବ ଏବଂ ସେହି ବିଶ୍ୱବିଧାନର ଶାସନ ଦ୍ୱାରା ହିଁ ବ୍ୟକ୍ତିକୁ ଶାସିତ ହେବାକୁ ପଡ଼ିବ ଏବଂ ଯେତେବେଳେ ବ୍ୟକ୍ତିର ସ୍ୱାଧୀନ ଭାବନାଶକ୍ତି ହିଁ ସେହି ବିଶ୍ୱଗତ ବିଧାନଗୁଡ଼ିକୁ ଆବିଷ୍କାର କରୁଛି ଏବଂ ଏହି ବିଧାନଗୁଡ଼ିକର ନିୟାମନ ଅନୁସାରେ ହିଁ

'oaob.nitrkl.ac.in' images reprocessed

ମନୁଷ୍ୟର ସାମାଜିକ ଜୀବନଟିକୁ ଅନୁଶାସିତ କରି ରଖିବାଲାଗି ବ୍ୟକ୍ତି ସଚେତନ ଭାବରେ ଯେଉଁ ପ୍ରୟାସଟି ଚଳାଇଛି, ସେଥିରୁ ହିଁ ନ୍ୟାୟତଃ ଉକ୍ତ ଆବିଷ୍କାର ଓ ଉକ୍ତ ପ୍ରୟାସକୁ ସମ୍ଭବ କରିଥିବା ବ୍ୟକ୍ତି-ସ୍ୱାଧୀନତାକୁ ଦବାଇ କରି ରଖିବାର ବିଗିଦ କରାଯାଉଛି ବୋଲି ହୁଏତ ଆମେ ଅନୁମାନ କରିବସିବା । ଆପଣା ଜୀବନ-ସତ୍ତାର ସତ୍ୟ ଓ ମୂଳ ବିଧାନଟିକୁ ଖୋଜି ବାହାର କରୁ କରୁ ବ୍ୟକ୍ତି ଏପରି ଏକ ସତ୍ୟ ତଥା ବିଧାନକୁ ଆବିଷ୍କାର କରିଥିବା ପରି ମନେହେଉଛି, ଯାହାକି ଆଦୌ ତା'ର ସତ୍ୟ ନୁହେଁ ବା ତା'ର ବିଧାନ ମଧ୍ୟ ନୁହେଁ; ତାହା ହେଉଛି ଅନେକଙ୍କୁ ନେଇ ଗଠିତ ହୋଇଥିବା ସାମୂହିକତାଟିର ସତ୍ୟ, ଏକ ଯୂଥ ବା ସମଷ୍ଟିର ସତ୍ୟ, ତାହାର ସାମୂହିକ ଜୀବନଟିକୁ ନେଇ ଗଢ଼ା ହୋଇଥିବା ଯନ୍ତ୍ରଟିର ସତ୍ୟ ଓ ବିଧାନ । ଏହି ବାସ୍ତବିକତାଟି ଯେଉଁ ପରିଣାମ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଦେଉଛି ଏବଂ ଅପ୍ରତିରୋଧ୍ୟ ଭାବରେ ଏହା ଆମକୁ ତଥାପି ଯେଉଁଆଡ଼କୁ ଚଲାଇ ନେଇଥିବା ପରି ମନେହେଉଛି, ତାହା ହେଉଛି ସମାଜର ଏକ ନୂତନ ବ୍ୟବସ୍ଥା, ତାହା ହେଉଛି କୌଣସି ପ୍ରକାର ସ୍ଥିତିସ୍ଥାପକତା ନ ଥିବା ଏକ ଆର୍ଥିକ ବା ରାଷ୍ଟ୍ରଶାସିତ ସାମ୍ୟବାଦତନ୍ତ୍ର, ଯେଉଁଥିରେ କି ବ୍ୟକ୍ତିକୁ ତା'ର ନିଜର ସ୍ୱାର୍ଥ ଓ ହିତ ସକାଶେ ତଥା ସମଗ୍ର ମାନବସମାଜର ସ୍ୱାର୍ଥ ଓ ଲାଭ ସକାଶେ ତା'ର ସକଳ ସ୍ୱାଧୀନତାରୁ ବଞ୍ଚିତ କରି ରଖାଯାଏ । ସେହି ବ୍ୟବସ୍ଥାଟିରେ ବ୍ୟକ୍ତିର ସମୁଦାୟ ଜୀବନ ଓ କ୍ରିୟାଶୀଳତାକୁ ପ୍ରତ୍ୟେକ ସୋପାନରେ ତା'ଲାଗି ବାହାରୁ ନିୟନ୍ତ୍ରିତ କରି ରଖାଯାଏ, ଜନ୍ମ ହେବାଠାରୁ ବୁଢ଼ା ହେବା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଓ ଜୀବନର ପ୍ରତ୍ୟେକ ବିନ୍ଦୁରେ ରାଷ୍ଟ୍ରର ଅତି ନିଖୁଣ ଭାବରେ ବ୍ୟବସ୍ଥିତ ଓ ନିର୍ଦ୍ଧାରିତ ହୋଇ ରହିଥିବା ମହାବିଧାନଗୁଡ଼ିକ ଦ୍ୱାରା ତାହା ନିରୂପିତ ଓ ପରିଚାଳିତ ହେଉଥାଏ । * ଯଦି ଠିକ ଏହିଭଳି ହୁଏ, ତେବେ ତାହାର ପରିଣାମ ସ୍ୱରୂପ ପ୍ରାଚୀନ ଏସିଆ ଅଥବା ପ୍ରାଚୀନ ଭାରତରେ ସମାଜର ଯେଉଁ ଗ୍ରନ୍ଥିଟି ବଳବତ୍ତର ରହିଥିଲା, ଆମଲାଗି ହୁଏତ ତାହାର ଏକ ବିଚିତ୍ର ଓ ଅଭିନବ ସଂସ୍କରଣ ହିଁ ଉପଲବ୍ଧ ହୋଇପାରିବ । ଅବଶ୍ୟ ଦୁହିଙ୍କ ମଧ୍ୟରେ ଯେ ମହତ୍ତ୍ୱପୂର୍ଣ୍ଣ ଏକାଧିକ ପାର୍ଥକ୍ୟ ଅବଶ୍ୟ

---

* ଫାସିଷ୍ଟ ଇଟାଲି, ନାତ୍ସି ଜର୍ମାନୀ ଓ କମ୍ୟୁନିଷ୍ଟ ରୁଷରେ ଯେତେ ଅସମ୍ପୂର୍ଣ୍ଣ ରୂପରେ ହେଲେ ମଧ୍ୟ ଆମକୁ ଏବେ ସମାଜ-ବିବର୍ତ୍ତନର ଏହି ଧାରାଟିର ହିଁ ନିଦର୍ଶନ ମିଳିଲାଣି । ପୃଥିବୀର ଅଧିକରୁ ଅଧିକ ଜାତି ଏହି ନୂତନ ବ୍ୟବସ୍ଥାଟିର ଅନୁକୃତିକୁ ନିଜପାଇଁ ମଧ୍ୟ ଗ୍ରହଣ କରିନେବାର ପ୍ରବୃତ୍ତି ପ୍ରକାଶ ପାଉଛି । ଏବଂ ତେଣେ ପୁରାତନ ବ୍ୟବସ୍ଥାଟି ଏହି ନୂତନ ସଙ୍ଗଠନଟିର ଯେଉଁ ପ୍ରତିରୋଧ କରୁଛି, ତାହା ସକ୍ରିୟ ନହୋଇ ଅଧିକ ନିଷ୍କ୍ରିୟ ହେବାପରି ମନେ ହେଉଛି । ନବୋତ୍ସାହୀ ବର୍ବରଟି ମଧ୍ୟରେ ଯେଉଁ ଅଗ୍ନିମୟତା, ଉତ୍ସାହ ଓ ଆତ୍ମବିଶ୍ୱାସ ରହିଛି, ପୁରାତନ ବ୍ୟବସ୍ଥାଟିରେ ସେସବୁର ପୂର୍ଣ୍ଣ ଅଭାବ ହିଁ ରହିଛି ।

'oaob.nitrkl.ac.in' images reprocessed

ରହିବ, ସେକଥା ସ୍ୱୀକାର କରାଯାଉଛି । ଆଗେ ଅନୁଜ୍ଞା ଧର୍ମରୁ ମିଳୁଥିଲା, ଧର୍ମକୁ ଅବଲମ୍ବନ କରି ରହିଥିବା ନୀତିଗତ ଶୃଙ୍ଖଳାରୁ ମିଳୁଥିଲା ; ବର୍ତ୍ତମାନ ତା ବଦଳରେ ଏକ ବୈଜ୍ଞାନିକ ଓ ବୌଦ୍ଧିକ ଅର୍ଥାତ୍ ପ୍ରାକୃତିକବାଦୀ ଅଭିପ୍ରାୟ ଓ ଶାସନ ଦ୍ୱାରା ସବୁକିଛିର ନିର୍ଦ୍ଧାରଣ କରାଯିବ । ଆଗେ ସଂଶୟ ଉପସ୍ଥିତ ହେଲେ ବ୍ରାହ୍ମଣ ଶାସ୍ତ୍ରକାର ତାହାର ସମାଧାନ କରୁଥିଲେ, ଏବେ ବୈଜ୍ଞାନିକ, ପ୍ରଶାସନିକ ଓ ଅର୍ଥନୀତିବିଶାରଦ ବିଶେଷଜ୍ଞମାନେ ସେଥିଲାଗି ନିଯୁକ୍ତ ହୋଇ ରହିବେ । ଆଗେ ରାଜ୍ୟରେ ରାଜା ରହିଥିଲେ, ସେ ନିଜେ ଯାବତୀୟ ନିୟମ ପାଳନ କରୁଥିଲେ ଏବଂ ସମାଜର ସାହାଯ୍ୟ ଓ ସମ୍ମତି ନେଇ କୌଣସି ପ୍ରକାର ତ୍ରୁଟି ବା ବିଚ୍ୟୁତି ନ କରି ସମସ୍ତଙ୍କୁ ସେମାନଙ୍କ ଲାଗି ନିର୍ଦ୍ଦେଶିତ ପଥରେ ଯିବାଲାଗି ବାଧ୍ୟ କରୁଥିଲେ । ସେହି ନିର୍ଦ୍ଦେଶିତ ପଥକୁ ଧର୍ମପଥ ବୋଲି କୁହାଯାଉଥିଲା । ତାହା ସ୍ଥାନରେ ଏବେ ନିରଙ୍କୁଶ ଭାବରେ ସମୂହର ଇଚ୍ଛାକୁ ହିଁ କାର୍ଯ୍ୟ କରୁଥିବା ରାଷ୍ଟ୍ର ସର୍ବାଧିନାୟକ ହୋଇ ରହିବ, ଠିକ୍ ସେହିପରି ପରିଚାଳିତ ହେବ ଓ ସେହିପରି କ୍ଷମତାଦ୍ୱାରା ବଳବାନ୍ ହୋଇ ରହିବ । ଆଗେ ସମାଜର ଭିନ୍ନ ଭିନ୍ନ ବର୍ଗ ଓ ଶ୍ରେଣୀ ମଧ୍ୟରେ ଏକ ସୋପାନକ୍ରମର ବ୍ୟବସ୍ଥା ଥିଲା, ପ୍ରତ୍ୟେକ ଶ୍ରେଣୀକୁ ତାର ସ୍ୱକୀୟ କ୍ଷମତାସବୁ ଦିଆଯାଇ ଥିଲା, ସ୍ୱକୀୟ ବିଶେଷ ସୁବିଧା ତଥା କର୍ତ୍ତବ୍ୟମାନ ମଧ୍ୟ ରହିଥିଲା । ଏବେ ସେସବୁର ସ୍ଥାନରେ ଶିକ୍ଷା ତଥା ସୁଯୋଗର କ୍ଷେତ୍ରରେ ସମସ୍ତଙ୍କୁ ପ୍ରାଥମିକ ସମାନ ସୁବିଧା ଦିଆଯିବ ଏବଂ ସମ୍ଭବତଃ ଶେଷରେ ବିଶେଷଜ୍ଞମାନେ ହିଁ କାହାକୁ କେଉଁ କାମ ଦିଆଯିବ, ତାହାର ନିର୍ଣ୍ଣୟ କରିବେ । ଏହି ବିଶେଷଜ୍ଞମାନେ ଆମକୁ ଆମ ନିଜ ଅପେକ୍ଷା ଅଧିକ ଭଲଭାବରେ ଜାଣିବେ ଓ ଆମଲାଗି ଆମର କାର୍ଯ୍ୟ ଓ ଗୁଣାତ୍ମକ ସ୍ଥାନଟିକୁ ଠିକ୍ କରିଦେବେ । ବିବାହ, ସନ୍ତାନୋତ୍ପାଦନ ଏବଂ ଶିଶୁର ଶିକ୍ଷାକୁ ଆଗେ ଯେପରି ଶାସ୍ତ୍ର ନିର୍ଣ୍ଣୟ କରି ଦେଉଥିଲା, ବର୍ତ୍ତମାନ ବିଜ୍ଞାନକୁ ହିଁ ଅବଲମ୍ବନକରି ଧରିଥିବା ରାଷ୍ଟ୍ର ହୁଏତ ସେସବୁକୁ ଠିକ୍ କରିଦେବ । ପ୍ରତ୍ୟେକ ମନୁଷ୍ୟ ସକାଶେ ଏକ ଦୀର୍ଘ ଅବଧି ଲାଗି ରାଷ୍ଟ୍ର ପାଇଁ କୌଣସି ନା କୌଣସି କାର୍ଯ୍ୟ କରିବା ବାଧ୍ୟତାମୂଳକ ହୋଇ ରହିବ ଏବଂ ସାମୂହିକବାଦୀ କର୍ତ୍ତାମାନେ ସେହିସବୁ କାର୍ଯ୍ୟର ତତ୍ତ୍ୱାବଧାନ କରିବାକୁ ରହିଥିବେ । ଏହି ଅବଧିଟି ଅତିବାହିତ ହୋଇଗଲେ ସମ୍ଭବତଃ ଛୁଟୀ ପାଇବାର ବା ଅବସର ନେବାର ମଧ୍ୟ କୋଟିଏ ପର୍ଯ୍ୟାପ୍ତ ରହିବ । ସେତେବେଳେ କେହି ଆଉ କୌଣସି କାର୍ଯ୍ୟ କରିବନାହିଁ, କେବଳ ଆପଣା ଅବସର-ସମୟଟିର ଉପଭୋଗ କରିବ ଏବଂ ବ୍ୟକ୍ତିଗତ ଆତ୍ମୋନ୍ନତି ଲାଗି କିଛି ନା କିଛି କରିବ । ପ୍ରାଚୀନ ଆର୍ଯ୍ୟମାନଙ୍କର ସମାଜରେ ଯେପରି ବାନପ୍ରସ୍ଥ ଓ ସନ୍ନ୍ୟାସର ଆଶ୍ରମଗୁଡ଼ିକ ରହିଥିଲା, ପ୍ରାୟ ସେହିପରି । ଭବିଷ୍ୟତର ଏହି ସମୂହଧର୍ମୀ ରାଷ୍ଟ୍ରର କଠୋରତା ଓ ଅନମନୀୟତା ତା'ର ପୂର୍ବଗାମୀ ଏସୀୟ ସମାଜ୍ୟରଟିକୁ ବଳିଯାଇ କେତେ ନା କେତେ ଆଗକୁ ଚାଲିଯିବ; କାରଣ ପୂର୍ବର ସେହି ପର୍ଯ୍ୟାୟଟିରେ ବିଦ୍ରୋହ ତଥା ନବୋନ୍ମେଷକାରୀ

ପ୍ରକାଶେ ଅନ୍ତତଃ ଦୁଇଟି ମହତ୍ତ୍ୱପୂର୍ଣ୍ଣ ବାଟ ସର୍ବଦା ମୁକ୍ତ ହୋଇ ରହିଥିଲା । ବ୍ୟକ୍ତିଲାଗି ସତ୍ତ୍ୱର ସନ୍ନ୍ୟାସର ସ୍ୱାଧୀନତା ରହିଥିଲା, ମୁକ୍ତ ଅଧ୍ୟାତ୍ମଜୀବନର ସାଧନାଲାଗି ସେ ଇଚ୍ଛାକଲେ ସାମାଜିକ ଜୀବନକୁ ଛାଡ଼ି ଚାଲିଯାଇ ପାରୁଥିଲା । ତେଣେ ଗୋଷ୍ଠୀ ଜୀବନରେ ମଧ୍ୟ ନୂତନ ବିଚାର ଏବଂ କଳ୍ପନାକୁ ଆଧାର କରି ଏକ ଶାଖା-ସମାଜ ଗଢ଼ି ପାରିବାର ସ୍ୱାଧୀନତା ରହିଥିଲା । ଶିଖ-ସଂପ୍ରଦାୟ ଓ ବୈଷ୍ଣବ ଧର୍ମଶାଖାର ଉଦ୍‌ଭବକୁ ଆମେ ଏଠାରେ ଦୃଷ୍ଟାନ୍ତ ରୂପେ ଗ୍ରହଣ କରିପାରିବା । ମାତ୍ର ଯେଉଁ ସମାଜ କେବଳ ଅର୍ଥନୀତିକୁ ହିଁ ଜୀବନର ଏକମାତ୍ର ନିୟାମକ ବୋଲି ଜାଣୁଛି, ତଥାକଥିତ ବୈଜ୍ଞାନିକ ବିଚାର ପଦ୍ଧତିକୁ ହିଁ ଏକମାତ୍ର ପଦ୍ଧତି ବୋଲି ଜାଣୁଛି ଓ କେବଳ ଗୋଟିଏ ପଥ ତଥା ଗୋଟିଏ ରୀତିକୁ ହିଁ ଏକମାତ୍ର ପଥ ବା ରୀତି ବୋଲି ମାନୁଛି, ସେହି ସମାଜ ତା'ର ସ୍ୱୀକୃତ ଆଚରଣମାନଠାରୁ ଏହିସବୁ ଅତିରିକ୍ତ ଅନ୍ୟବିଧତାକୁ କଦାପି ସହ୍ୟ କରିବ ନାହିଁ । ତେଣୁ ସ୍ପଷ୍ଟତଃ ସାମାଜିକ ନୀତି ତଥା ସଂସ୍କାରଗତ ଜୀବନର ଏକ ନିର୍ଦ୍ଦିଷ୍ଟ ରୀତି ବା ପ୍ରକାରର ହିଁ ବିକାଶ ହେବ ଏବଂ ବୈଜ୍ଞାନିକ ନିୟମବଦ୍ଧତାର ଏକ ସମାହାର ଆପଣାକୁ ଦୃଢ଼ ପ୍ରତିଷ୍ଠିତ କରି ରଖିବ, ଯାହାର ଅଭ୍ରାନ୍ତତା ବିଷୟରେ ବସ୍ତୁତଃ କାହାରିକୁ କୌଣସି ସଂଶୟ ବ୍ୟକ୍ତ କରିବାକୁ ଅନୁମତି ଦିଆଯିବ ନାହିଁ । ଏପରିକି ବୁଦ୍ଧି ଓ ବିଚାରର କ୍ଷେତ୍ରରେ ମଧ୍ୟ ସେଇଟି ବିଷୟରେ କୌଣସି ସଂଶୟ ପ୍ରକାଶ କରିବା ଲାଗି ଆଉ କାହାରି ଅଧିକାର ନ ଥିବ । କାରଣ ତଦ୍ଦ୍ୱାରା ସ୍ୱୀକୃତ ବିଚାରଟି ଖଣ୍ଡ ଖଣ୍ଡ ହୋଇଯିବ, ତାହାର ଅବମାନନା କରାଯିବ । ଏହିପରି ଭାବରେ ଆମର ସମାଜରେ ଏକ ନୂତନ ରୀତିମୂଳ ବ୍ୟବସ୍ଥାର ପ୍ରଣୟନ ହେବ, କେବଳ ଅର୍ଥନୈତିକ ସମର୍ଥତା ଓ ଆର୍ଥିକ କ୍ରିୟାଶୀଳତା ଅର୍ଥାତ୍ ଅର୍ଥଗତ ଗୁଣ ତଥା ଅର୍ଥଗତ କର୍ମକୁ ହିଁ ତାହା ସଂପୂର୍ଣ୍ଣ ରୂପେ ଭିତ୍ତି କରି ରହିବ ଏବଂ ବ୍ୟକ୍ତିର ସ୍ୱାଧୀନତାକୁ ସବୁପ୍ରକାର ନିଷେଧ ଓ ବନ୍ଧନଦ୍ୱାରା ବାନ୍ଧି ରଖି ତାହା ଅନ୍ତରେ କେବଳ ବୁଦ୍ଧିସର୍ବସ୍ୱ ଏକ ପରମ୍ପରାବାଦର ଏକ ପ୍ରସ୍ତରବତ୍ ବ୍ୟବସ୍ଥାରେ ପରିଣତ ହୋଇଯିବ ଏବଂ ଏ କଥାରେ ମଧ୍ୟ ଆଦୌ କୌଣସି ସନ୍ଦେହ ନାହିଁ ଯେ ପରିଶେଷରେ ପୁଣି ଗୋଟିଏ ବ୍ୟକ୍ତିବାଦୀ ବିଦ୍ରୋହର ଯୁଗ ଦ୍ୱାରା ଏହି ଅଚଳ ବ୍ୟବସ୍ଥାଟି ଖଣ୍ଡ ଖଣ୍ଡ ହୋଇଯିବ । ସେତେବେଳେ ସେହି ନୂତନ ବିଦ୍ରୋହଟି ସମ୍ଭବତଃ ଏକ ଅତ୍ୟନ୍ତିକ ଦାର୍ଶନିକ ଅରାଜକତାବାଦର ନୀତିକୁ ଆଦର୍ଶ କରି ଧରି ତାହାର ଦ୍ୱାରା ହିଁ ପରିଚାଳିତ ହେଉଥିବ ।

ପୁଣି ଅପର ପକ୍ଷରେ ଏହି ପୃଥିବୀରେ ବର୍ତ୍ତମାନ ଏପରି ଅନ୍ୟ ଶକ୍ତିମାନେ ମଧ୍ୟ ସକ୍ରିୟ ହୋଇ ରହିଛନ୍ତି, ଯେଉଁଗୁଡ଼ିକ ଏହିପରି ଏକ ବିପଜ୍ଜନକ ବିକାଶକୁ ତାହା ଆପଣାର ବିନାଶକାରୀ ଚରମ ସୀମାଟିରେ ଯାଇ ପହଞ୍ଚିବା ପୂର୍ବରୁ ସମ୍ଭବତଃ ବିଫଳ ଓ ବ୍ୟର୍ଥ କରିଦେବେ; ଅଥବା ସେଥିରେ ଆବଶ୍ୟକ ପରିବର୍ତ୍ତନ ଘଟାଇବେ ବୋଲି

'oaob.nitrkl.ac.in' images reprocessed

ମନେ ହେଉଛି । ପ୍ରଥମତଃ ବୁଦ୍ଧିବାଦୀ ଓ ଭୌତିକ ବିଜ୍ଞାନ କ୍ରମେ ଆପଣା ସମ୍ଭାବନାର ସକଳ ସୀମାକୁ ଅତିକ୍ରମ କରିବାକୁ ବସିଲାଣି । ମନୋବୈଜ୍ଞାନିକ ଓ ଚୈତସିକ ଜ୍ଞାନର ଯେଉଁ ପ୍ଲାବନକାରୀ ବନ୍ୟା ନିଃସନ୍ଦେହ ଭାବରେ ମନୁଷ୍ୟ ଜୀବନ ବିଷୟରେ ସମ୍ପୂର୍ଣ୍ଣ ଏକ ନୂତନ ଦୃଷ୍ଟିକୁ ଆମ ସମକ୍ଷରେ ଉପସ୍ଥାପିତ କରିବାକୁ ଯାଉଛି ଏବଂ ମନୁଷ୍ୟ ସମାଜ ଆଗରେ ଏକ ନୂତନ ସମ୍ଭାବନା ରାଜ୍ୟକୁ ଉନ୍ମୋଚିତ କରିଦେବାକୁ ବାହାରିଛି, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତାହା ବୁଦ୍ଧିସର୍ବସ୍ୱ ଓ ଭୌତିକ ବିଜ୍ଞାନର କ୍ଷେତ୍ରଟିକୁ ଗ୍ରାସ କରି ଅଚିରେ ଆହୁରି ଆଗକୁ ମାଡ଼ି ଚାଲିଯିବ । ପୁଣି ଏଣେ ବୁଦ୍ଧି ଉପରେ ପୂର୍ଣ୍ଣରୂପେ ନିର୍ଭର କରି ରହିଥିବା ବିବେକ ଓ ବିବେଚନର ଯୁଗଟିର ମଧ୍ୟ କ୍ରମଶଃ ଅନ୍ତ ହୋଇ ଆସୁଛି ବୋଲି ସ୍ପଷ୍ଟ ଦେଖାଗଲାଣି । ଆମର ଏହି ପୃଥିବୀରେ କେତେ କେତେ ଅଭିନବ ବିପ୍ଳବର ବାତ୍ୟା ବହିବାକୁ ଆରମ୍ଭ କଲାଣି ଏବଂ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଶୀଘ୍ରତା ସହିତ ତାହାକୁ ସମସ୍ତେ ଗ୍ରହଣ ମଧ୍ୟ କରି ନେଉଛନ୍ତି । ଏହିସବୁ ବିପ୍ଳବ ମଧ୍ୟରେ ଅର୍ଥନୀତିସର୍ବସ୍ୱ ବୁଦ୍ଧିବାଦର ଯେକୌଣସି ଅପରିପକ୍ୱ ଯୁକ୍ତିପ୍ରଧାନ ସମାଜ-ବ୍ୟବସ୍ଥାକୁ ଚୂନା କରି ଭାଙ୍ଗିଦେବାର ସୂଚନାମାନ ନିହିତ ହୋଇ ରହିଛି । ଦାର୍ଶନିକ ନିତ୍‌ସେଙ୍କଠାରୁ ଆମେ 'ବଞ୍ଚି ରହିବାର ସର୍ବମୂଳ ଇଚ୍ଛା'ର ବ୍ୟାଖ୍ୟା ଶୁଣିଲୁଣି, ଦାର୍ଶନିକ ବେର୍ଗସଁ ପ୍ରତିବୋଧକୁ ମନୁଷ୍ୟର ବୁଦ୍ଧିଶକ୍ତିଠାରୁ ଅଧିକ କର୍ତ୍ତୃତ୍ୱଶାଳୀ ବୋଲି ଘୋଷଣା କଲେଣି ଏବଂ ଅଧୁନାତନ ଜର୍ମାନ୍ ଦର୍ଶନରେ ମନୁଷ୍ୟର ଏକ ବୁଦ୍ଧି-ଅତୀତ ବୃତ୍ତି ଓ ସତ୍ତାର ଏକ ବୁଦ୍ଧି-ଅତୀତ ସୋପାନ ଅବଶ୍ୟ ରହିଛି ବୋଲି ସ୍ୱୀକାର କରିବା ଦିଗରେ ଏକ ପ୍ରବୃତ୍ତି ମଧ୍ୟ ପ୍ରକାଶ ପାଇଲାଣି;—ଏହିସବୁ ଗତିଶୀଳ ବିପ୍ଳବକୁ ଆମେ ଉଦ୍‌ଭୂତ ହୋଇ ଆସୁଥିବା ନୂତନ ଦିକ୍‌ସଙ୍କେତର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ବୋଲି କହି ପାରିବା । ମନୋଗତ ବିଚରଣରେ ଆଉ ଏକ ସମତାବସ୍ଥା ଆପଣାକୁ ଅବସ୍ଥାପିତ କରିବାକୁ ଆରମ୍ଭ କଲାଣି ଏବଂ ଏପରି କେତେ କେତେ କଳ୍ପନା ବାସ୍ତବ ଜୀବନାଚରଣର କ୍ଷେତ୍ରରେ ଆପଣାକୁ ପ୍ରୟୋଗ କରାଇବାକୁ ଲାଗିଲେଣି, ଯେଉଁଥିରୁ ଏକ ପ୍ରତିଶ୍ରୁତି ମିଳିଯାଉଛି ଯେ ସମାଜର ଏହି ବ୍ୟକ୍ତିବାଦୀ ଯୁଗଟି ଏହାର ପରବର୍ତ୍ତୀ ପର୍ଯ୍ୟାୟରେ କଦାପି ଏକ ନୂତନ ଋତମୂଳ ଯୁଗକୁ ଆଣି ଆସନରେ ବସାଇ ଦେବ ନାହିଁ; ମାତ୍ର ଏହାପରେ ଏକ ଆତ୍ମଧର୍ମୀ ଯୁଗର ଆବିର୍ଭାବ ହେବ, ଯାହାକି ହୁଏତ ସମ୍ପୂର୍ଣ୍ଣ ଏକ ଭିନ୍ନ ଆଦର୍ଶ ଓ ଲକ୍ଷ୍ୟର ପ୍ରାପ୍ତି ଦିଗରେ ଏକ ମହାନ୍ ଓ ମହତ୍ତ୍ୱପୂର୍ଣ୍ଣ ମଧ୍ୟପଥ ହୋଇ ରହିବ । ଆମେ ବର୍ତ୍ତମାନ ମଧ୍ୟ ମନୁଷ୍ୟର ବିବର୍ତ୍ତନ କ୍ରମରେ ଏକ ନୂତନ ଯୁଗାରମ୍ଭର ଅସ୍ପଷ୍ଟ ପ୍ରଥମୋଦ୍‌ଭାସ ମଧ୍ୟରେ ଯେ ଆସି ଉପନୀତ ହୋଇସାରିଲୁଣି, ଏପରି ଅନୁମାନ କରିବାର ମଧ୍ୟ ଯଥେଷ୍ଟ କାରଣ ରହିଛି ।

ଦ୍ୱିତୀୟତଃ ସମଗ୍ର ବିଶ୍ୱକୁ ଆପଣାର ଅଧୀନ କରି ରଖିବାର ବିଜୟ-ଅଭିଯାନରେ ପାଶ୍ଚାତ୍ୟ ଜଗତ ପ୍ରାଚ୍ୟକୁ ମଧ୍ୟ ତା'ର ନିଦ୍ରାମଗ୍ନତା ମଧ୍ୟରୁ ଜାଗ୍ରତ କରିଦେଇଛି ଏବଂ

'oaob.nitrkl.ac.in' images reprocessed

ପ୍ରାଚ୍ୟର ଜୀବନକ୍ଷେତ୍ରରେ ଏକ ବହିରାଗତ ପାଶ୍ଚାତ୍ୟ ବ୍ୟକ୍ତିବାଦ ଏବଂ ସେଠାରେ ପ୍ରଚଳିତ ହୋଇଆସିଥିବା ସମାଜର ପୁରୁଣା ପାରମ୍ପରିକତା ମଧ୍ୟରେ ଉତ୍ତରୋତ୍ତର ବୃଦ୍ଧି ପାଉଥିବା ଏକ ତୁମୁଳ ସଂଘର୍ଷର ସୂତ୍ରପାତ କରିଛି । ଏହି ପରମ୍ପରାଗତ ପୁରାତନ ବ୍ୟବସ୍ଥାଟି କ୍ରମଶଃ ଭାଙ୍ଗିଯିବାରେ ଲାଗିଛି; କେଉଁଠି ଶୀଘ୍ର ଭାଙ୍ଗୁଛି, କେଉଁଠି ବା ଟିକିଏ ଧୀର ଗତିରେ ଭାଙ୍ଗୁଛି । ମାତ୍ର ତାହାର ସ୍ଥାନାପନ୍ନ ଭାବରେ ସେଠାରେ ପାଶ୍ଚାତ୍ୟ ବ୍ୟକ୍ତିବାଦଠାରୁ ସମ୍ପୂର୍ଣ୍ଣ ଭିନ୍ନ ଆଉ କିଛି ଯେ ଜନ୍ମଗ୍ରହଣ କରିବ, ତାହାର ଅନେକ ପରିମାଣରେ ସମ୍ଭାବନା ରହିଛି । ଅନେକେ ମତପ୍ରକାଶ କରି କହନ୍ତି ଯେ, ଇଉରୋପରେ ଯେଉଁ ବୁଦ୍ଧିମୂଳ ବିବେକର ଯୁଗଟି ଅଧିପତ୍ତି ହୋଇରହିଛି, ଏସିଆରେ ତାହାର କେବଳ ପୁନରାବୃତ୍ତି ହିଁ ହେବ । ତେଣେ ଇଉରୋପ ସ୍ୱୟଂ କେତେ କେତେ ନୂତନ ରୂପ ଓ ନୂତନ ବସ୍ତୁର ଆଡ଼କୁ ଆପଣାକୁ ଧାବିତ କରି ନେଇଯିବ; ମାତ୍ର ଏସିଆ ଇଉରୋପର ବସ୍ତୁସର୍ବସ୍ୱତା ଓ ଧର୍ମବିଚ୍ଛିନ୍ନ ବ୍ୟକ୍ତିବାଦଟାକୁ ଆଦରି ପଡ଼ିରହିଥିବ । ମାତ୍ର ଏହିପରି ଏକ ସ୍ଥିତି କଦାପି ସମ୍ଭବ ହେବ ନାହିଁ । ବରଂ ଏଭଳି ଅନେକ ସୂଚନା ମିଳିଲାଣି ଯେ, ପ୍ରାଚ୍ୟରେ ଏହି ବ୍ୟକ୍ତିବାଦୀ ପର୍ଯ୍ୟାୟଟିର ମିଆଦଟି ଆଦୌ ଦୀର୍ଘକାଳ ସ୍ଥାୟୀ ହେବ ନାହିଁ ଏବଂ ଆପଣାର ପ୍ରକୃତିରେ ଏହା ପ୍ରଧାନତଃ ବୁଦ୍ଧିକୁ ହିଁ ଏକମାତ୍ର ଅବଲମ୍ବନ କରି ଧରିବ ନାହିଁ କିମ୍ବା ଧର୍ମଠାରୁ ଆପଣାକୁ ବିଚ୍ଛିନ୍ନ କରି ରଖିବ ନାହିଁ । ତେବେ, ଆପଣା ଜାଗରଣର ମାର୍ଗ ଅନୁସରଣ କରି ଯଦି ପ୍ରାଚ୍ୟ ଆପଣାର ସ୍ୱକୀୟ ଧାରାଟିରେ ଗତି କରିବାକୁ ଲାଗେ ଏବଂ ଏକ ନୂତନ ସାମାଜିକ ପ୍ରବୃତ୍ତି ତଥା ସଂସ୍କୃତିକୁ ବିକଶିତ କରାଏ, ବିଶ୍ୱଐକ୍ୟତାର ଦିଗ୍‌ନିର୍ଦ୍ଦେଶନ ଦୃଷ୍ଟିରୁ ତାହାର ଏକ ପ୍ରଭୂତ ପ୍ରଭାବ ନିଶ୍ଚୟ ପଡ଼ିବ । ଏପର୍ଯ୍ୟନ୍ତ ଯଥାର୍ଥ ଭାବରେ ଜାଗ୍ରତ ହୋଇ ନ ଥିବା ପ୍ରାଚ୍ୟର ବିଚାରଗୁଡ଼ିକ ଇଉରୋପର ପଛଦ୍ୱାର ବାଟେ ମାଡ଼ି ମାଡ଼ି ଗଲାବେଳେ ତାହାର ଯେଉଁ ଗଭୀର ପ୍ରଭାବ ସେଠାରେ ପଡ଼ୁଛି, ପ୍ରାଚ୍ୟ ଆପଣାଲାଗି ଏକ ମାର୍ଗର ବିକାଶ କରାଇ ପାରିଲେ, ତାହା ଯେ କେଡ଼େ ଶକ୍ତିଶାଳୀ ପ୍ରଭାବ ପକାଇବାର ସମ୍ଭାବନା ରହିଛି, ଆମେ ସେଥିରୁ ତାହାର ଏକ କଳନା କରିପାରିବା । ସେହି ପ୍ରଭାବ ଓ ପରିଣାମର ସ୍ୱରୂପ ଯାହା ହେଉ ନା କାହିଁକି; ତାହା କଦାପି ଯାନ୍ତ୍ରିକ ଅର୍ଥନୀତିବାଦର ପ୍ରବୃତ୍ତି ଆଡ଼କୁ ଧାଇଁବାର ଯେଉଁ ପ୍ରବୃତ୍ତିଟି ଆଜି ମଧ୍ୟ ପାଶ୍ଚାତ୍ୟ ଭୂ-ଖଣ୍ଡର ମନ ତଥା ଜୀବନର କ୍ଷେତ୍ର ଉପରେ ଆଧିପତ୍ୟ ମଣ୍ଡାଇ ରହିଛି, ତାହାର ଗତିକୁ ସବଳ କରି ଧରି ସମାଜର ଏକ ପୁନର୍ବ୍ୟବସ୍ଥା କରିବାର ଅନୁକୂଳ ହେବ ନାହିଁ । ବରଂ ଆତ୍ମପ୍ରଧାନ ବା ଆତ୍ମନିଷ୍ଠ ହେବା ଦିଗରେ ହିଁ ସମ୍ଭବତଃ ପ୍ରାଚ୍ୟର ଅଧିକତର ପ୍ରଭାବ ପଡ଼ିବ; ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗ କରିବା ଦିଗରେ ହିଁ ଏହି ପ୍ରଭାବ ପଡ଼ିବ । ସେମାନଙ୍କର ସ୍ୱକୀୟ ସ୍ଥୂଳ ପ୍ରକୃତିଟିର ଅପ୍ରତନ ଭିତରେ ଆମର ଏହି ଜୀବନ ଓ ଶରୀର ଆମକୁ ଯେଡ଼େ ପରାକ୍ରମ ସହିତ ହେଲେ ମଧ୍ୟ ଯେଉଁ ଅତି ସୀମାବଦ୍ଧ ଲକ୍ଷ୍ୟଗୁଡ଼ିକର ସଙ୍କେତ ଦେଇ ପାରୁଛନ୍ତି, ଏହି ପ୍ରଭାବଟି ପଡ଼ିବା ଫଳରେ ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ କେତେ

'oaob.nitrkl.ac.in' images reprocessed

କେବଳ ଅନ୍ୟ ଆଦର୍ଶର ଉପଲବ୍ଧି ଲାଗି ଆମର ଏହି ପାର୍ଥିବ ଜୀବନର ଆନ୍ତର କେତେକେତେ ଦ୍ୱାର ଉନ୍ମୋଚିତ ହୋଇଯାଇ ପାରିବ ।

କିନ୍ତୁ ସବୁଠାରୁ ଅଧିକ ମହତ୍ତ୍ୱର କଥା ହେଉଛି, ଇଉରୋପର ବ୍ୟକ୍ତିବାଦୀ ଯୁଗ ବ୍ୟକ୍ତିର ଆବିଷ୍କାର କରିବାର ଆପଣା ପ୍ରକ୍ରିୟାଟିରେ ଭବିଷ୍ୟତର ଶକ୍ତିମନ୍ତ ଚିନ୍ତାରଶ୍ମିଗୁଡ଼ିକ ମଧ୍ୟରେ ଏପରି ଦୁଇଟି ଅତି ଶକ୍ତିଶାଳୀ ଉପାଦାନକୁ ଦୃଢ଼ ପ୍ରତିଷ୍ଠିତ କରି ରଖିପାରିଛି, କୌଣସି ପ୍ରକାର ସାମୟିକ ପ୍ରତିକ୍ରିୟା ଯାହାକୁ କଦାପି ସମ୍ପୂର୍ଣ୍ଣରୂପେ ନିଶ୍ଚିହ୍ନ ବା ଲୁପ୍ତ କରିଇ ପାରିବ ନାହିଁ । ଏଥିରୁ ପ୍ରଥମଟି, ଯାହାକୁ କି ସମଗ୍ର ପୃଥିବୀ ବର୍ତ୍ତମାନ ଗ୍ରହଣ କରିସାରିଲାଣି, ହେଉଛି ଏକ ଗଣତାନ୍ତ୍ରିକ କଳ୍ପନା ଯାହାକି, ସମାଜର ଜଣେ ସଦସ୍ୟ ହିସାବରେ ପ୍ରତ୍ୟେକ ବ୍ୟକ୍ତିର ପରିପୂର୍ଣ୍ଣ ଜୀବନ ଏବଂ ବ୍ୟକ୍ତି ହିସାବରେ ପ୍ରତ୍ୟେକ ଭିତରେ ଯେଉଁ ସାମର୍ଥ୍ୟ ଅନ୍ତର୍ନିହିତ ହୋଇ ରହିଛି, ତାହାର ପରିପୂର୍ଣ୍ଣ ବିକାଶ କରିପାରିବାର ଅଧିକାରକୁ ସ୍ୱୀକାର କରିନେଇଛି । ସମାଜ ଭିତରେ ଏଭଳି ଏକ ବ୍ୟବସ୍ଥା ରହିବ, ଯାହାଦ୍ୱାରା ସମାଜରେ ବାସ କରୁଥିବା କେବଳ କେତୋଟି ନିର୍ଦ୍ଦିଷ୍ଟ ବର୍ଗ ସକଳ ବିକାଶ ଓ ସାମାଜିକ ଚରିତାର୍ଥତାର ଅବସରଗୁଡ଼ିକୁ ସର୍ବଦା ଆପଣା ସକାଶେ ହିଁ ଅକ୍ତିଆର ଓ ଆତ୍ମସାତ୍ କରି ବସିଥିବେ ଏବଂ ତେଣେ ଅନ୍ୟମାନଙ୍କ ଉପରେ ତୁଚ୍ଛା ସେବା ଖଟିବାର ଯାବତୀୟ ବୋଝକୁ ନେଇ ଲଦି ଦେଇଥିବେ— ଏହାକୁ ଯେ ଆମେ କେବେହେଲେ ଏକ ଆଦର୍ଶରୂପେ ସ୍ୱୀକାର କରିବା, ଆଜି ଆଉ ସେକଥା କଦାପି ସମ୍ଭବ ନୁହେଁ । ବର୍ତ୍ତମାନ ଏ କଥାଟି ସର୍ବମାନ୍ୟ ରୂପେ ସ୍ୱୀକୃତ ହୋଇଗଲାଣି ଯେ, ସାମାଜିକ ବିକାଶ ଓ ସାମାଜିକ ସୁଖ କହିଲେ ସମାଜରେ ବାସ କରୁଥିବା ବ୍ୟକ୍ତି ମାତ୍ରକେ ପ୍ରତ୍ୟେକଙ୍କର ବିକାଶ ଓ ସୁଖବିଧାନକୁ ହିଁ ବୁଝାଇବ ଏବଂ ସମୂହ ବା ସର୍ବଜନ ରୂପେ କଳ୍ପନା କରାଯାଉଥିବା କୌଣସି ଅବାସ୍ତବ ସମୁଦାୟର ସମୃଦ୍ଧିକୁ ବୁଝାଇବ ନାହିଁ, ଯେଉଁଥିରେ ବାସ୍ତବ କ୍ଷେତ୍ରରେ କେବଳ ଗୋଟିଏ କିମ୍ବା ଦୁଇଟି ବର୍ଗ ଐଶ୍ୱର୍ଯ୍ୟସମ୍ପନ୍ନ ହୋଇ ରହିଥିବେ ଓ ସକଳ କ୍ଷମତା କେବଳ ସେହିମାନଙ୍କ ହାତରେ ଠୁଳ ହୋଇ ରହିଥିବ । ବିକାଶ କହିଲେ ଯେ ପ୍ରତ୍ୟେକ ବ୍ୟକ୍ତିର ବିକାଶକୁ ବୁଝାଇବ, ଏହି ଚିନ୍ତାଟିକୁ ଆଜି ସବୁ ପ୍ରଗତିଶୀଳ ଜାତି ପୂର୍ଣ୍ଣଭାବରେ ଗ୍ରହଣ କରି ନେଇଛନ୍ତି; ଏବଂ ସାମ୍ୟ ଓ ସାମାଜିକ ନ୍ୟାୟ ଆଦର୍ଶକୁ ବର୍ତ୍ତମାନ ଆମ ପୃଥିବୀରେ ଯେଉଁ ପ୍ରବୃତ୍ତିଟି ଆତ୍ମପ୍ରକାଶ କରିବାରେ ଲାଗିଲାଣି, ଏହି କଳ୍ପନାଟି ହିଁ ତାହାର ଆଧାରଶିଳା ହୋଇ ରହିଛି । ମାତ୍ର ତା ସହିତ ବ୍ୟକ୍ତିବାଦ ଆଉ ଗୋଟିଏ ଗଭୀର ସତ୍ୟର ଉଦ୍‌ଘାଟନ ବି କରିଦେଇଛି । ବ୍ୟକ୍ତି ଯେ ସମାଜର ଅର୍ଥାତ୍ କେବଳ ସମାଜ ଲାଗି ଜୀବନଧାରଣ କରିଥିବା ଏକ ଏକକ ମାତ୍ର ନୁହେଁ, ବ୍ୟକ୍ତିବାଦ ସୁସ୍ପଷ୍ଟଭାବରେ ସେକଥା ଘୋଷଣା କରିଛି । ବ୍ୟକ୍ତିର ଜୀବନ ବଞ୍ଚିରହିବା ଲାଗି ଓ ଆପଣାର ବିକାଶ ସାଧନ କରିବାଲାଗି ତା'ର ଦାବୀ ଓ ଅଧିକାର, ସମାଜରେ ସେ ଯେଉଁ କାର୍ଯ୍ୟ କରୁଛି ବା ତାକୁ ଯେଉଁ

'oaob.nitrkl.ac.in' images reprocessed

କାର୍ଯ୍ୟ କରିବାକୁ ହେଉଛି, ଏଗୁଡ଼ିକ କେବଳ ତାହାର ଉପରେ କଦାପି ପର୍ଯ୍ୟବସିତ ହୋଇ ରହି ନାହିଁ । ସେ କେବଳ ଏକ ସମାଜ ବା ସମୂହରୂପୀ ଫଳରେ ଗୋଟାଏ ପ୍ରାଣୀ ନୁହେଁ, କୌଣସି ଫେଣାରେ କେବଳ ଗୋଟାଏ ମାତ୍ର ମାଛି ନୁହେଁ କିମ୍ବା କୌଣସି ଉଇ ହୁଙ୍କାରେ ଗୋଟାଏ ମାତ୍ର ଉଇ ନୁହେଁ । ତା'ର ନିଜର ମଧ୍ୟ ଏକ ଅସ୍ତିତ୍ୱ ଅଛି, ତା ଭିତରେ କୌଣସି ଏକ ସତ୍ୟ ମଧ୍ୟ ରହିଛି । ସେ ହେଉଛି ଏକ ଆତ୍ମା, ଏକ ସତ୍ତ୍ୱା ଏବଂ ସାମୂହିକ ଅସ୍ତିତ୍ୱର * ସତ୍ୟ ତଥା ବିଧାନ ଭିତରେ ରହି ସେଠାରେ ତାହାର ସ୍ୱାଭାବିକ ତଥା ନିର୍ଦ୍ଦେଶିତ ଅଂଶଟିର ଭୂମିକାଟି ଗ୍ରହଣ କରିବା ସଙ୍ଗେ ସଙ୍ଗେ ତାକୁ ଆପଣାର ବ୍ୟକ୍ତିଗତ ସତ୍ୟ ଓ ବିଧାନଟିକୁ ମଧ୍ୟ ପରିପୂର୍ଣ୍ଣ କରିବାକୁ ପଡ଼ିବ । ଆପଣାର ଆତ୍ମାଲାଗି ବ୍ୟକ୍ତି ସ୍ୱାଧୀନତା ଦାବୀ କରେ, ଏକ ପ୍ରଶସ୍ତ କ୍ଷେତ୍ର ଦାବୀ କରେ ଏବଂ ଆପେ ଉଦ୍ୟତ ହୋଇପାରିବା ଲାଗି ସୁଯୋଗ ମଧ୍ୟ ଦାବୀ କରେ । ତା'ର ଭିତରେ ଅତୀବ ଶକ୍ତିଶାଳୀ ଓ ଅତୀବ ମହାନ ହୋଇ ଅବସ୍ଥିତ ରହିଥିବା ଆପଣାର ଯଥାର୍ଥ ପ୍ରକୃତିଟି ଲାଗି ସେ ଏସବୁ ଦାବୀ କରିଥାଏ; ଯାହାକୁ ସମାଜ ସବୁବେଳେ ଅବିଶ୍ୱାସ କରେ ଏବଂ ଯାହାକୁ ଏକାବେଳକେ ଦମନ କରି ରଖିବା ଲାଗି ଅଥବା କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ହିଁ ସୀମାବଦ୍ଧ କରି ରଖିବାଲାଗି ସମାଜ ଅତୀତରେ ଅନେକଭାବେ ଚେଷ୍ଟା କରିଆସିଛି, ଆପଣାର ସେହି ବ୍ୟକ୍ତିଗତ ବିଚାର, ବ୍ୟକ୍ତିଗତ ଇଚ୍ଛା ଓ ବ୍ୟକ୍ତିଗତ ବିବେକ ଲାଗି ସେ ଏସବୁର ଦାବୀ କରିଥାଏ । ଯଦି ବ୍ୟକ୍ତିକୁ ଏଗୁଡ଼ିକୁ ନେଇ ଶେଷରେ ତାହାର ଭିତରେ ସମ୍ମିଳିତ କରିଦେବାକୁ ହୁଏ; ତେବେ ଆଧିପତ୍ୟ ମାଡ଼ି ରହିଥିବା ଅନ୍ୟମାନଙ୍କର ବିଚାର, ଇଚ୍ଛା ବା ବିବେକ ମଧ୍ୟରେ ସେ ସେଗୁଡ଼ିକୁ କଦାପି ସମ୍ମିଳିତ କରିପାରିବ ନାହିଁ ବା ସେଗୁଡ଼ିକୁ ବିସର୍ଜନ ଦେଇଆସିବ ନାହିଁ; ମାତ୍ର ଏହିସବୁ ସୀମାର ଅତୀତ ହୋଇ ବିରାଜିତ ରହିଥିବା ଯେଉଁ ଏକ ମହାନ୍ ସମ୍ପଦ ମଧ୍ୟକୁ ଆପଣାକୁ [illegible] ଭାବରେ ବିକଶିତ କରାଇ ନେବାଲାଗି ବ୍ୟକ୍ତି ତଥା ସମୂହର ସମସ୍ତଙ୍କୁ ପୂର୍ଣ୍ଣ ଅନୁମତି ଦିଆଯିବା ଉଚିତ ଓ ସାହାଯ୍ୟ ମିଳିବା ଉଚିତ । ବ୍ୟକ୍ତି କେବଳ ତାହାର ଭିତରେ ହିଁ ଆପଣାର ବିଚାର, ଇଚ୍ଛା ଏବଂ ବିବେକକୁ ନେଇ ସମ୍ମିଳିତ କରିଦେଇପାରିବ ।

---

* ଫାସିଷ୍ଟ ଅଥବା କମ୍ୟୁନିଷ୍ଟ କୌଣସି ନୂଆ ବ୍ୟବସ୍ଥା ଆଉ ଏ କଥାଟିକୁ ସ୍ୱୀକାର କରୁନାହାନ୍ତି । ଏହିସବୁ ଯୋଜନାରେ ବ୍ୟକ୍ତିକୁ ସମାଜରୂପୀ ଶରୀରରେ କେବଳ ଏକ କୋଷ ବା ଅଙ୍ଗରେ ପରିଣତ କରି ଦିଆଯାଉଛି । ଜର୍ମାନୀର ଜଣେ ବ୍ୟାଖ୍ୟାକାରୀ ଘୋଷଣା କରି କହିଛନ୍ତି : "ମଣିଷମାନେ ଯେ ଗୋଟିଏ ଗୋଟିଏ ବ୍ୟକ୍ତି, ଏହି ଭ୍ରାନ୍ତିଟିକୁ ଆମେ ସମ୍ପୂର୍ଣ୍ଣରୂପେ ବିନଷ୍ଟ କରିଦେଇଛୁ । ବ୍ୟକ୍ତିମାନଙ୍କର ଆଦୌ କୌଣସି ସ୍ୱାଧୀନତା ନାହିଁ, ବ୍ୟକ୍ତିସ୍ୱାଧୀନତା ବୋଲି ଆଦୌ କିଛି ନାହିଁ, କେବଳ ଜାତି ଓ ସମୂହର ହିଁ ସ୍ୱାଧୀନତା ରହିଛି ।"

'oaob.nitrkl.ac.in' images reprocessed

## ତୃତୀୟ ପରିଚ୍ଛେଦ

# ଆଣସ୍ୱଧର୍ମୀ ଯୁଗର ଆଗମନ

ଜୀବନ, ବିଶ୍ୱର ତଥା କର୍ମର ଯେଉଁ ମର୍ମଗତ ସତ୍ୟଗୁଡ଼ିକ ପରମ୍ପରାଶ୍ରିତ ନୀତି ଓ ମାନଗୁଡ଼ିକର (ଏହି ମାନଗୁଡ଼ିକର ପରମ୍ପରା କେତୋଟି ବିଶ୍ୱରଗତ ସତ୍ୟରୁ ଜନ୍ମଲାଭ କରିଥିଲା ସତ; ମାତ୍ର କାଳକ୍ରମେ ସେସବୁ ସେହି ସତ୍ୟଟିରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି ।) ମିଥ୍ୟାଟିଦ୍ୱାରା ଆଚ୍ଛନ୍ନ ହୋଇ ପଡ଼ିଛନ୍ତି । ସେଗୁଡ଼ିକୁ ପୁନର୍ବାର ଆବିଷ୍କାର କରିବାର ଆବଶ୍ୟକତାରୁ ହିଁ ମନୁଷ୍ୟସମାଜରେ ବ୍ୟକ୍ତିବାଦୀ ଯୁଗର ବିକାଶଗତ ସମୁଦାୟ ପ୍ରବୃତ୍ତିଟି ଉଦ୍‌ଭୂତ ହୁଏ; ତାହାହିଁ ତାହାର ଉଦ୍ଦେଶ୍ୟ, ଉଦ୍ୟମ ତଥା ଔଚିତ୍ୟ ହୋଇ ରହିଥାଏ ଏବଂ ତାହାର ମନୋଭୂମିଗତ ମୂଳ କାରଣଟି ରୂପେ କାର୍ଯ୍ୟ କରୁଥାଏ । ହୁଏତ ସର୍ବପ୍ରଥମେ ଏଭଳି ମନେ ହୋଇପାରେ ଯେ, ଆଲୋକ ପାଇବାଲାଗି ପୁଣି ଥରେ ସେହି ମୂଳ ବିଶ୍ୱରଗୁଡ଼ିକ ପାଖକୁ ଫେରିଆସିବା ହିଁ ସବୁଠାରୁ କମ୍ ଓ ସହଜ ରାସ୍ତା ହେବ, ସେଗୁଡ଼ିକର ସତ୍ୟଟି ଯେଉଁ ପରମ୍ପରାଟିର ଆବରଣ ଭିତରେ ବନ୍ଦ ହୋଇ ରହିଯାଇଛି, ସେହି ଆବରଣଟି ମଧ୍ୟରୁ ସେଗୁଡ଼ିକର ସତ୍ୟମର୍ମଟିକୁ ଉଦ୍ଧାର କରିନେଇ ପାରିଲେ ହୁଏତ ସବୁ ସମାଧାନ ହୋଇଯିବ । ମାତ୍ର ଏହି ମାର୍ଗରେ ଯିବାଲାଗି ଏକ ବ୍ୟାବହାରିକ ବଡ଼ ପ୍ରତିବନ୍ଧକ ମଧ୍ୟ ରହିଛି; ଏହି ଏଇଟି ବ୍ୟତୀତ ଆଉ ଗୋଟିଏ ମାର୍ଗ ମଧ୍ୟ ରହିଛି, ଯାହାକି ବସ୍ତୁଗୁଡ଼ିକର କେବଳ ଉପରିଭାଗଠାରୁ ଆହୁରି ଅଧିକ ଭିତରକୁ ପ୍ରବେଶ କରି ପାରୁଛି, ମନୁଷ୍ୟସମାଜରେ ଆତ୍ମାର ବିକାଶସାଧନ କରାଉଥିବା ଗଭୀରତର ନିୟମଗୁଡ଼ିକର ତାହା ଅଧିକ ନିକଟବର୍ତ୍ତୀ ହୋଇ ପାରୁଛି । ପରମ୍ପରାଦ୍ୱାରା ମିଥ୍ୟା ରଞ୍ଜିତ ହୋଇ ପଡ଼ିଥିବା ପୁରାତନ ମୂଳ ବିଗ୍ରହଗୁଡ଼ିକର ପୁନରୁଦ୍ଧାର କରିବାରେ ଏହିପରି ଗୋଟିଏ ବ୍ୟାବହାରିକ ଅସୁବିଧା ରହିଛି ଯେ ଏହି ପୁନରୁଦ୍ଧାରର କେତେକ କାଳ ଅତିବାହିତ ହେବାପରେ ତାହା ପରମ୍ପରାଗୁଡ଼ିକରେ ପୁଣି ଶକ୍ତି ସଞ୍ଚାର କରିଦେବାକୁ ଆରମ୍ଭ କରେ; ଏବଂ ତେଣେ କାଳର ଆତ୍ମା ସେହି ପରମ୍ପରାଗୁଡ଼ିକର ସୀମା ଡେଇଁ ବାହାରି ଯିବାର ଚେଷ୍ଟା କରୁଥାଏ ଏବଂ ଏହି ପ୍ରତିସ୍ଥିତି ଚାଲିଥିବା ସମୟରେ ଯଦି ବା ଯେତେବେଳେ ସତ୍ୟାନ୍ୱେଷଣର ଗଭୀରତର ପ୍ରବୃତ୍ତିଗୁଡ଼ିକ ଆପଣାର ଆବେଗରେ କୌଣସି ପ୍ରକାରେ ଶିଥିଳ ହୋଇ ଯାଆନ୍ତି, ସେତେବେଳେ ଆପଣାର ନିୟନ୍ତ୍ରଣକୁ ପୁନର୍ବାର ପ୍ରତିଷ୍ଠିତ

'oaob.nitrkl.ac.in' images reprocessed

କରି ରଖିବାଲାଗି ପରମ୍ପରାଗୁଡ଼ିକୁ ସେଥିରୁ ହୁଏତ ସହାୟତା ମିଳିପାରେ । ପରମ୍ପରାଗୁଡ଼ିକ ପୁଣି ମୁଣ୍ଡଟେକିବାକୁ ଆରମ୍ଭ କରନ୍ତି । ଅବଶ୍ୟ ଏଥର ସେଗୁଡ଼ିକର ସ୍ୱରୂପରେ କିଛିଟା ପରିବର୍ତ୍ତନ ନିଶ୍ଚୟ ହୋଇଥାଏ; ମାତ୍ର ତଥାପି ସେମାନଙ୍କର ଶକ୍ତି କୌଣସି ପ୍ରକାରରେ କମିଯାଇ ନ ଥାଏ । ତା'ପରେ ଦ୍ୱିତୀୟଥର ପାଇଁ ପୁଣି ଏକ ଆବରଣ ସୃଷ୍ଟି ହେବାକୁ ଆରମ୍ଭ କରେ ଏବଂ ବିଷୟସମୂହର ସତ୍ୟଟି ପୂର୍ବାପେକ୍ଷା ଅଧିକ ଜଟିଳ ଏକ ମିଥ୍ୟାଦ୍ୱାରା ଆଚ୍ଛନ୍ନ ହୋଇପଡ଼େ ଏବଂ ଏପରି ନ ହୋଇ ଅନ୍ୟ ଯାହାକିଛି ହେଉଥିଲେ ମଧ୍ୟ, ସର୍ବଦା ଆପଣାର ପୁରାତନ ସତ୍ୟଗୁଡ଼ିକ ପାଖକୁ ଲେଉଟି ଆସିବାରେ ହିଁ ଏକ ବିକାଶମୁଖୀ ମାନବଜାତିର ଆବଶ୍ୟକତା ଆଦୌ ପରିପୂର୍ତ୍ତି ହୁଏ ନାହିଁ । ଏକ ବୃହତ୍ତର ପରିପୂର୍ତ୍ତିତା ମଧ୍ୟକୁ ଅଗ୍ରସର ହୋଇ ଯିବାକୁ ହିଁ ତାହାର ଆବଶ୍ୟକତା ରହିଥାଏ, ଯେଉଁଥିରେ ପୁରାତନକୁ ତଥାପି ସାଙ୍ଗରେ ନେବାକୁ ପଡ଼ିଲେ ମଧ୍ୟ ସେହି ପୁରାତନରେ ରୂପାନ୍ତର ଘଟାଇବାକୁ ପଡ଼େ, ତାହାର ସୀମାଟିକୁ ଅତିକ୍ରମ କରିଯିବାକୁ ହୁଏ । କାରଣ ଏକଥାରେ କୌଣସି ସନ୍ଦେହ ନାହିଁ ଯେ, ଅନ୍ତର୍ମର୍ମର ସତ୍ୟଟି ସର୍ବଦା ଯେଉଁଭଳି ରହିଥିଲା, ସେହିଭଳି ରହିଥାଏ ଓ ସେଥିରେ ଆଦୌ କୌଣସି ପରିବର୍ତ୍ତନ ହୁଏ ନାହିଁ; ମାତ୍ର ମନର ଭୂମି ଉପରେ ତାହାର ରୂପାୟନଗୁଡ଼ିକ, ଏହାର ପ୍ରାଣଗତ ଆକାର ତଥା ଭୌତିକ ସ୍ତରର ଶାରୀର ରୂପଗୁଡ଼ିକ ସର୍ବଦା ଉତ୍ତରୋତ୍ତର ବିକାଶ ତଥା ପରିବର୍ତ୍ତନ ଆବଶ୍ୟକ କରୁଥାଏ ।

ଜୀବନବିଷୟର ଏହି ମୂଳ ନୀତି ଓ ଆବଶ୍ୟକତାଟି ହିଁ ବ୍ୟକ୍ତିବାଦ ତଥା ବୁଦ୍ଧିବାଦର ଏକ ଯୁଗର ଔଚିତ୍ୟକୁ ପ୍ରତିପାଦନ କରିଦିଏ ଏବଂ ବାସ୍ତବ କ୍ଷେତ୍ରରେ ତାହାକୁ ସଂଘଟିତ ବି କରାଏ । ଏହି ଯୁଗଟିର ଅବଧି ଯେତେ ଅଳ୍ପକ୍ଷଣସ୍ଥାୟୀ ହେଲେ ମଧ୍ୟ ବିବର୍ତ୍ତନର ସମଗ୍ର ଗତିଟିରେ ଏହା ଏକ ଅପରିହାର୍ଯ୍ୟ ପର୍ଯ୍ୟାୟରୂପେ ଅବଶ୍ୟ ରହିଥାଏ । ଆପଣାର କ୍ରିୟାରେ ସମୀକ୍ଷାମୂଳକ ବୁଦ୍ଧିର ଏହି ସାମୟିକ ରାଜତ୍ୱ ସମଗ୍ରତଃ ଯେତେ ଧ୍ୱଂସକାରକ ବୋଲି ସାବ୍ୟସ୍ତ ହେଉଥିଲେ ମଧ୍ୟ ମନୁଷ୍ୟଜାତିର ପ୍ରଗତିଲାଗି ତାହାର ଏକ ଅନିବାର୍ଯ୍ୟ ଆବଶ୍ୟକତା ସବୁ କ୍ଷେତ୍ରରେ ରହିଥାଏ । ଭାରତର ଜାତୀୟ ଚିନ୍ତା ତଥା ଜୀବନର କ୍ଷେତ୍ରରେ ବୌଦ୍ଧଧର୍ମର ମାଧ୍ୟମରେ ଘଟିଥିବା ସେହି ମହାନ୍ ଜାଗରଣଟିରୁ ଆରମ୍ଭ କରି ଆତ୍ମା ଓ ଜୀବନଗତ ସତ୍ୟଟିର ପୁନରାବିଷ୍କାର କରିବାକୁ ଏବଂ ଶ୍ୱାସରୁଦ୍ଧ କରି ରଖିଥିବା ପରମ୍ପରାପଟଳର ଆବରଣଟିକୁ ଭେଦ ଆହୁରି ଭିତରକୁ ଯିବାକୁ ବାରବାର କେତେ ପ୍ରୟାସ ହୋଇଆସିଛି । ମାତ୍ର ଏହିସବୁ ଜାଗରଣର ଆନ୍ଦୋଳନରେ ଏକ ଉଦାର ଓ ପ୍ରଶସ୍ତ ଦୃଷ୍ଟି ସହନଶୀଳ ବୁଦ୍ଧିରୁ ଜାତ ହେଉଥିବା ବିବେକ ହିଁ ସର୍ବଦା ନେତୃତ୍ୱ ଗ୍ରହଣ କରିଛି, ଆତ୍ମାର କ୍ଷେତ୍ରରୁ ସମ୍ପ୍ରେରିତ ହୋଇ ଆସୁଥିବା ଏକ ସ୍ଥିତିସ୍ଥାପକ ସମ୍ବୋଧି ଏବଂ ଗଭୀର ଆତ୍ମଧର୍ମୀ ଜିଜ୍ଞାସା ହିଁ ନେତୃତ୍ୱ ନେଇଛି ଏବଂ ତାହା ଭିତରେ ଯୁଦ୍ଧ ଲଢ଼ିବାର ଓ ଧ୍ୱଂସ କରିଦେବାର ପ୍ରବୃତ୍ତିଟି କଦାପି ଯଥେଷ୍ଟ ପରିମାଣରେ ରହିନାହିଁ । ଏହିସବୁ ଆନ୍ଦୋଳନ ବଡ଼ ବଡ଼ ଅନ୍ତଃପରିବର୍ତ୍ତନ

'oaob.nitrkl.ac.in' images reprocessed

ଓ ଅନେକ ବହିଃପରିବର୍ତ୍ତନକୁ ସମ୍ଭବ କରାଇ ପାରିଛନ୍ତି ସତ; ମାତ୍ର ସବୁରି ଉପରେ ରହି ଆଧିପତ୍ୟ କରୁଥିବା ପାରମ୍ପରିକ ଜୀବନ ବ୍ୟବସ୍ଥାଟିରୁ ନିଷ୍କୃତି ଲାଭ କରିବାରେ ସେମାନେ କେବେହେଲେ ସଫଳ ହୋଇ ନାହାନ୍ତି । ଏହିପରି କେତୋଟି ଆନ୍ଦୋଳନ ଭିତରେ ଭଙ୍ଗିଦେବା ଓ ଧ୍ୱଂସ କରି ପକାଉଥିବା ବୁଦ୍ଧିପ୍ରଧାନ ସମୀକ୍ଷା ଓ ସମାଲୋଚନାର କ୍ରିୟାଟିଲାଗି ଯେ ଆଦୌ କୌଣସି ସ୍ଥାନ ରହିନାହିଁ, ସେକଥା ନୁହେଁ; ମାତ୍ର ତାହା କେବେହେଲେ ଯଥେଷ୍ଟ ପରିମାଣରେ ଆଗକୁ ଯାଇ ପାରି ନାହିଁ । ବଡ଼ ଅତ୍ୟଳ୍ପ ପରିମାଣରେ ଧ୍ୱଂସକାରକ ଶକ୍ତିଟିଠାରୁ ସାହାଯ୍ୟ ପାଇଥିବା ଏଗୁଡ଼ିକର ରଚନାମୂଳକ ଶକ୍ତି କ୍ଷମ ଆପଣାର ନୂତନ ଗଠନଟି ସକାଶେ ଏକ ପ୍ରଶସ୍ତ ଓ ମୁକ୍ତ ବିଚରଣଭୂମି ତିଆରି କରିବାରେ କେବେହେଲେ ସମର୍ଥ ହୋଇନାହିଁ । କେବଳ ଇଉରୋପୀୟ ପ୍ରଭାବଟିର ସମ୍ମୁଖୀନ ହେବାର ଫଳରେ ଯାଇ ବିଶ୍ୱର ତଥା ବିଷୟଗୁଡ଼ିକର ମୌଳିକ ଏବଂ ଫଳଦାୟକ ପୁନର୍ମୂଲ୍ୟାୟନ କରିପାରିବାଭଳି ଏକ ନୂତନ ଯୁଗର ଆରମ୍ଭକୁ ସବଳେ ମୁହାଁଇ ଆଣିବାଲାଗି ଯଥେଷ୍ଟ ଶକ୍ତିଶାଳୀ ପରିସ୍ଥିତି ଓ ପ୍ରବୃତ୍ତିଗୁଡ଼ିକ ଏଠାରେ ସମ୍ଭବ ହୋଇ ପାରିଛି । ଏହି ପ୍ରଭାବଗୁଡ଼ିକର ସ୍ୱଭାବଗତ ଶକ୍ତିଟି ସର୍ବଦା ବା ଅନ୍ତତଃ ଏପର୍ଯ୍ୟନ୍ତ, ବୁଦ୍ଧିବାଦୀ, ପ୍ରୟୋଜନବାଦୀ ଓ ବ୍ୟକ୍ତିବାଦୀ ହୋଇ ରହିଆସିଛି । ତାହା ଜାତୀୟ ମାନସକୁ ଏକ ନୂତନ, ବିଶ୍ଳେଷଣକାରୀ ଓ ସମୀକ୍ଷାମୂଳ ଦୃଷ୍ଟିରେ ହିଁ ସବୁ କଥାକୁ ଦେଖିବାଲାଗି ବାଧ୍ୟ କରିଛି; ଏବଂ ଏପରିକି ଯେଉଁମାନେ ବର୍ତ୍ତମାନ ସ୍ଥିତିଟିକୁ ସୁରକ୍ଷିତ କରି ରଖିବାକୁ ଅଥବା ଅତୀତର ପୁନଃସ୍ଥାପନା କରିବାକୁ ଇଚ୍ଛା କରୁଛନ୍ତି, ସେମାନେ ମଧ୍ୟ ଅଚେତନ ବା ଅର୍ଦ୍ଧଚେତନ ଭାବରେ ଏହି ଦୃଷ୍ଟିଗତ ନବ୍ୟସ୍ୱାଦ ଓ ବିବେଚନା କରିବାର ତାହାର ଅନୁରୂପ ପରିମାପଗୁଡ଼ିକଦ୍ୱାରା ହିଁ ଆପଣା ଉଦ୍ୟମଟିର ଔଚିତ୍ୟ ପ୍ରମାଣ କରିବାକୁ ବାଧ୍ୟ ହେଉଛନ୍ତି । ପ୍ରାଚ୍ୟ ଭୂଖଣ୍ଡର ସବୁଠାରେ ଆତ୍ମନିଷ୍ଠ ଏସୀୟ ମାନସ ପରିବର୍ତ୍ତିତ ଜୀବନମୂଲ୍ୟ ତଥା ବିଚାରମୂଲ୍ୟର ଆବଶ୍ୟକତାଟି ଅନୁସାରେ ଆପଣାକୁ ଅନୁକୂଳିତ କରି ରଖିବାରେ ପ୍ରବୃତ୍ତ ହେବାରେ ଲାଗିଛି । ପାଶ୍ଚାତ୍ୟ ଜ୍ଞାନର ଚାପରେ, ତଥା ଅନେକ ପରିମାଣରେ ପରିବର୍ତ୍ତିତ ହୋଇଯାଇଥିବା ଜୀବନଗତ ପ୍ରୟୋଜନ ଏବଂ ପରିସ୍ଥିତି ଦ୍ୱାରା ବାଧ୍ୟହୋଇ ଏସୀୟମାନସ ଆପଣାକୁ ଆକ୍ରମଣ କରିବାକୁ ଆରମ୍ଭ କରି ଦେଇଛି । ଆପଣା ଭିତରର କୌଣସି ଆବଶ୍ୟକତା ଦ୍ୱାରା ପ୍ରବୃତ୍ତ ହୋଇ ଏହା ଯାହା କରି ନ ଥିଲା, ଆଜି ବାହାରୁ ଅନ୍ୟ ଏକ କ୍ଷେତ୍ରରୁ ତାହା ଏକ ଅବଶ୍ୟ-ପ୍ରୟୋଜନ ରୂପେ ଆସି ଏହା ଉପରେ ପଡ଼ୁଛି; ଏବଂ ଏହି ବାହ୍ୟ ସଂକ୍ରମଣ ଭିତରେ ଯେପରି ଗୋଟିଏ ଭାରି ବଡ଼ ସୁବିଧା ରହିଛି, ସେହିପରି ବୃହତ୍ ବିପଦମାନ ମଧ୍ୟ ନିହିତ ହୋଇ ରହିଛି ।

ତେଣୁ ଏହି ବ୍ୟକ୍ତିବାଦୀ ଯୁଗକୁ ଆତ୍ମ ବ୍ୟକ୍ତିସତ୍ତା ଏବଂ ବ୍ୟକ୍ତିସତ୍ତା ଯାହାର ଅନ୍ତର୍ଗତ ହୋଇ ରହିଛି, ସେହି ଜଗତର ମଧ୍ୟ ସତ୍ୟ ଓ ବିଧାନଟିକୁ ଆବିଷ୍କାର କରିବାଲାଗି ମନୁଷ୍ୟସମାଜର ଏକ ମୌଳିକ ପ୍ରୟାସ ବୋଲି ଜାଣିବା । ଇଉରୋପରେ

'oaob.nitrkl.ac.in' images reprocessed

ଯେଉଁଭଳି ଘଟିଥିଲା, ପରମ୍ପରାଭ୍ରାନ୍ତ ଯୁଗଟିଦ୍ୱାରା ଆଚ୍ଛନ୍ନ, ବିକୃତ ବା କଦାକୃତ ହୋଇ ରହିଥିବା ମୂଳ ସତ୍ୟଟି ପାଖକୁ ଲେଉଟି ଯିବାର, ବିଶେଷ କରି ଧର୍ମର କ୍ଷେତ୍ରରେ ସେହି ସତ୍ୟଟି ପାଖକୁ ଲେଉଟି ଯିବାର ଚେଷ୍ଟାଦ୍ୱାରା ଏହି ପ୍ରୟାସଟିର ଆରମ୍ଭ ହୋଇପାରେ । ମାତ୍ର ସେହି ପ୍ରଥମ ପାଦଟି ପକାଇ ସାରିବା ପରେ ସେହିଠାରେ ହିଁ ଅଟକି ନଯାଇ ତାହାକୁ ଅଗ୍ରସର ହୋଇ ଆହୁରି ପାଦ ବି ପକାଇବାକୁ ପଡ଼ିବ ଏବଂ ଅବଶେଷରେ ମନୁଷ୍ୟ ଜୀବନ ଓ ମାନବୀକ କର୍ମର ଯାବତୀୟ କ୍ଷେତ୍ରରେ ବିଚାର ତଥା ଆଚରଣର ମୂଳଭୂମିଗୁଡ଼ିକ ବିଷୟରେ ମଧ୍ୟ ସାଧାରଣ ଭାବରେ ପ୍ରଶ୍ନ ଉତ୍ଥାପନ କରିବାକୁ ପଡ଼ିବ ଏବଂ ଏହାର ଅପରିହାର୍ଯ୍ୟ ସର୍ବଶେଷ ପରିଣାମ ରୂପେ ଧର୍ମ, ଦର୍ଶନ, ବିଜ୍ଞାନ, କଳା ଓ ସମାଜର ଏକ ବୈପ୍ଳବିକ ପୁନର୍ଗଠନ ବି କରିବାକୁ ପଡ଼ିବ । ଏହି ଉଦ୍ୟମଟି ପ୍ରଥମେ ବ୍ୟକ୍ତିର ମନ ଓ ବ୍ୟକ୍ତିଗତ ବିବେକର ଆଲୋକଦ୍ୱାରା ଆଗକୁ ପାଦ ପକାଇବ; ବ୍ୟକ୍ତି ଜୀବନଠାରୁ ଯାହା ପ୍ରତ୍ୟାଶା କରୁଛି ଓ ଜୀବନ କହିଲେ ଯାହାସବୁ ଅନୁଭୂତ ଲାଭ କରୁଛି, ତାହାରିଦ୍ୱାରା ହିଁ ପରିଚାଳିତ ହେବ; ମାତ୍ର ତା'ପରେ ବ୍ୟକ୍ତିର ଭୂମିଟିକୁ ଅତିକ୍ରମ କରି ବିଶ୍ୱର ଭୂମିକୁ ମଧ୍ୟ ଯିବାକୁ ପଡ଼ିବ । କାରଣ ବ୍ୟକ୍ତିର ପ୍ରୟାସ ତାକୁ ଅଚିରେ ଏ କଥାଟି ଅତି ସ୍ପଷ୍ଟ ଭାବରେ ଦେଖାଇଦେବ ଯେ, କୌଣସି ନା କୌଣସି ବିଶ୍ୱଗତ ନିୟମ ଓ ସତ୍ୟର ଆବିଷ୍କାର ନ କରି ସେ ନିର୍ଭରଯୋଗ୍ୟ ଭାବରେ ଆପଣା ନିଜ ସତ୍ତାର ମଧ୍ୟ କୌଣସି ନିୟମ କିମ୍ବା ସତ୍ୟକୁ କଦାପି ଆବିଷ୍କାର କରି ପାରିବ ନାହିଁ; କାରଣ ଏକ ବିଶ୍ୱଗତ ନିୟମ ଓ ସତ୍ୟ ସହିତ ହିଁ ସେ ଆପଣାର ନିଜ ନିୟମ ଓ ସତ୍ୟଟିକୁ ସଂପୃକ୍ତ କରି ରଖି ପାରିବ । ବ୍ୟକ୍ତି ହେଉଛି ବିଶ୍ୱର ହିଁ ଗୋଟିଏ ଅଂଶ; କେବଳ ତା'ର ଚରମତମ ଆତ୍ମଦେଶଟିକୁ ଛାଡ଼ିଦେଲେ ସିଏ ହେଉଛି, ଏହି ବିଶ୍ୱରାଜ୍ୟର ହିଁ ଜଣେ ପ୍ରଜା, ବିଶ୍ୱରୂପୀ ସେହି ବିଶାଳାକୃତି ଜୈବ ସମାହାର ଭିତରେ ସିଏ ହେଉଛି ଗୋଟିଏ କ୍ଷୁଦ୍ରାୟତନ କୋଷ । ତାହାର ଉପାଦାନଟି ସେହି ବିଶ୍ୱର ଉପାଦାନରୁ ହିଁ ଆସିଛି ଏବଂ ବିଶ୍ୱର ଜୀବନବିଧାନଟି ଦ୍ୱାରା ହିଁ ତା' ଜୀବନର ବିଧାନଟି ନିରୂପିତ ଓ ନିୟନ୍ତ୍ରିତ ହୋଇ ରହିଛି । ତେଣୁ ବିଶ୍ୱ ବିଷୟରେ ଏକ ନୂତନ ଲୋକନ ଓ ନୂତନ ଜ୍ଞାନରୁ ହିଁ ତା' ନିଜ ବିଷୟରେ ଏକ ନୂତନ ଦୃଷ୍ଟି ଓ ନୂତନ ଜ୍ଞାନ ସମ୍ଭବ ହୋଇ ପାରିବ; ତାହାରିଦ୍ୱାରା ହିଁ ତା ନିଜ ଶକ୍ତି, ସାମର୍ଥ୍ୟ ତଥା ସୀମାଗୁଡ଼ିକର ନିର୍ଣ୍ଣୟ ହେବ । ଏହି ଜୀବନଠାରୁ ସେ ଯାହା ସବୁ ପ୍ରତ୍ୟାଶା କରୁଛି ଏବଂ ନିଜର ବ୍ୟକ୍ତିଗତ ତଥା ସାମାଜିକ ନିୟତିରେ ଯାଇ ଉପନୀତ ହେବା ଲାଗି ସେ ଯେଉଁ ସ୍ୱୀକୃତ ପଥଟିକୁ ଅତିକ୍ରମ କରୁଛି ଏବଂ ଯାହାକିଛି ସେହି ନିୟତିର ସୁଦୂର ଅଥବା ଉପସ୍ଥିତ ଲକ୍ଷ୍ୟ ହୋଇ ରହିଛି, କେବଳ ବିଶ୍ୱଗତ ସେହି ଲୋକନ ଓ ଜ୍ଞାନଟି ଦ୍ୱାରା ହିଁ ସେସବୁର ନିର୍ଣ୍ଣୟ ହେବ ।

ଇଉରୋପରେ ଏବଂ ଆମର ଏହି ଆଧୁନିକ ଯୁଗରେ ଏହା ଆପଣାର କ୍ଷେତ୍ରଟିକୁ ଅତ୍ୟନ୍ତ ପରିଷ୍କାର ଭାବରେ ଦେଖି ପାରୁଥିବା ଓ ନାନା ସମ୍ଭାବନା ଦ୍ୱାରା ଶକ୍ତିଶାଳୀ

'oaob.nitrkl.ac.in' images reprocessed

ହୋଇ ରହିଥିବା ଏକ ଭୌତିକ ବିଜ୍ଞାନର ରୂପ ଗ୍ରହଣ କରିଛି । ଯେଉଁ ନିୟମଗୁଡ଼ିକ ଦ୍ୱାରା ଏହି ଭୌତିକ ବିଶ୍ୱର ନିୟନ୍ତ୍ରଣ ହେଉଛି ଏବଂ ମନୁଷ୍ୟର ଭୌତିକ ସତ୍ତା, ତା'ର ପରିବେଶ, ତା'ର ବିବର୍ତ୍ତନଗତ ଇତିହାସ; ତଥା ତାହାର ଭୌତିକ, ପ୍ରାଣିକ, ବ୍ୟକ୍ତିଗତ ଏବଂ ସାମୂହିକ ଆବଶ୍ୟକତା ଦ୍ୱାରା ମନୁଷ୍ୟ ଜୀବନର ଆର୍ଥିକ ଓ ସମାଜ-କ୍ଷେତ୍ରୀୟ ଅବସ୍ଥାଗୁଡ଼ିକ ଯେପରି ଭାବରେ ନିୟନ୍ତ୍ରିତ ହେଉଛି, ସେହିଗୁଡ଼ିକର ଆବିଷ୍କାର କରି ହିଁ ତାହା ଅଗ୍ରସର ହୋଇଛି । ମାତ୍ର ଏହିପରି ଭାବରେ କିଛି କାଳ ଅଗ୍ରସର ହେବାପରେ ଏକଥା ଅବଶ୍ୟ ଅତି ସ୍ପଷ୍ଟ ହୋଇଯିବ ଯେ, କେବଳ ଏହି ଭୌତିକ ବିଶ୍ୱର ଜ୍ଞାନ ହିଁ ସମଗ୍ର ଜ୍ଞାନ କଦାପି ନୁହେଁ; ସେତେବେଳେ ଆମେ ବଡ଼ ସ୍ପଷ୍ଟଭାବରେ ଜାଣିବାକୁ ପାଇବା ଯେ, ମନୁଷ୍ୟ ହେଉଛି ଏକ ମାନସ ସତ୍ତା, ଠିକ୍ ଯେପରି ସେ ଏକ ପ୍ରାଣିକ ସତ୍ତା ଓ ଭୌତିକ ସତ୍ତା ଏବଂ ଅଧିକ ମର୍ମଗତ ଭାବରେ ସେ ମୁଖ୍ୟତଃ ଏକ ମାନସ ସତ୍ତା ଓ ତା'ପରେ ଯାଇ ପ୍ରାଣିକ ସତ୍ତା ଓ ଭୌତିକ ସତ୍ତା । ଏକଥା ସମ୍ପୂର୍ଣ୍ଣ ସତ୍ୟ ଯେ, ତା'ର ମାନସିକ ଜୀବନ ତା'ର ଭୌତିକ ଜୀବନ ଓ ପରିବେଶଟି ଦ୍ୱାରା ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ନିୟନ୍ତ୍ରିତ ଓ ପ୍ରଭାବିତ ହୋଇଥାଏ, ତା'ର ଭୌତିକ ଜୀବନ ଓ ପରିବେଶ ତା'ର ମାନସିକ ଜୀବନର ସୀମାଗୁଡ଼ିକୁ ଅନେକ ପରିମାଣରେ ନିରୂପିତ କରି ଦେଇଥାଏ; ମାତ୍ର ମୂଳତଃ ଅର୍ଥାତ୍ ଆଧାର କ୍ଷେତ୍ରରେ ତାହା ସେଗୁଡ଼ିକ ଦ୍ୱାରା କଦାପି ନିୟନ୍ତ୍ରିତ କିମ୍ବା ନିରୂପିତ ହୁଏନାହିଁ । ବରଂ ମାନସିକ ଜୀବନ ହିଁ ମନୁଷ୍ୟର ଭୌତିକ ଜୀବନ ତଥା ପରିବେଶଟି ଉଦ୍ଦେଶ୍ୟରେ ଆପଣାର ପ୍ରତିକ୍ରିୟାମାନ ବ୍ୟକ୍ତ କରିବାରେ ଲାଗିଥାଏ, ଅତ୍ୟନ୍ତ ସୂକ୍ଷ୍ମଭାବରେ ଭୌତିକ ଜୀବନ ତଥା ପରିବେଶର କ୍ରିୟାଶୀଳତାଗୁଡ଼ିକୁ ନିରୂପିତ କରେ ଏବଂ ଜୀବନ ଉପରେ ତାହାର ମନୋଗତ ଦାବୀଗୁଡ଼ିକର ଶକ୍ତି ବଳରେ ହିଁ ସେଗୁଡ଼ିକୁ ନୂତନ ନୂତନ ଆକାର ମଧ୍ୟ ଦେଇଥାଏ । ମନୁଷ୍ୟ ଜାତିର ମନ ତଥା ଆତ୍ମା ସହିତ ତା'ର ପ୍ରାଣ ତଥା ଦେହର ସମ୍ବନ୍ଧଟି ଦ୍ୱାରା ସୃଷ୍ଟ ହେଉଥିବା ସମ୍ଭାବନା, ସ୍ଥିତି ଓ ପ୍ରବୃତ୍ତିଗୁଡ଼ିକ ଉପରେ ମନୁଷ୍ୟର ମନୋଭୂମିଗତ ଜୀବନ ସର୍ବଦା ଯାହାସବୁ ଦାବୀ କରୁଥାଏ, ମନୁଷ୍ୟର ଆର୍ଥିକ ସ୍ଥିତି ଏବଂ ସାମାଜିକ ଅନୁଷ୍ଠାନଗୁଡ଼ିକ ସ୍ୱୟଂ ସେହି ଦାବୀଗୁଡ଼ିକ ଦ୍ୱାରା ହିଁ ନିୟନ୍ତ୍ରିତ ହେଉଥାଏ । ତେଣୁ ବିଷୟଗୁଡ଼ିକର ଅନ୍ତର ସତ୍ୟ ଏବଂ ସେହି ସତ୍ୟଟି ସହିତ ସମ୍ପୃକ୍ତ ହୋଇ ରହିଥିବା ତା'ର ଆପଣା ଜୀବନର ବିଧାନଗୁଡ଼ିକୁ ଯଥାର୍ଥ ଭାବରେ ଜାଣି ପାରିବାକୁ ହେଲେ ମନୁଷ୍ୟକୁ ଆହୁରି ଅଧିକ ଗଭୀରକୁ ଯିବାକୁ ପଡ଼ିବ ଏବଂ ତା' ନିଜର ତଥା ବିଶ୍ୱର ଯାବତୀୟ ବିଷୟର ଆଶୟଗତ ରହସ୍ୟ ଓ ସେଗୁଡ଼ିକର ବସ୍ତୁସ୍ଥିତିଗତ ରୂପ ଓ ପରିବେଶଗୁଡ଼ିକର ସତ୍ୟ-ରହସ୍ୟରେ ମଧ୍ୟ ଯାଇ ଉପନୀତ ହେବାକୁ ପଡ଼ିବ ।

ଆଲୋଚନାଧର୍ମୀ ଓ ବିଶ୍ଳେଷଣାତ୍ମକ ଯେଉଁ ବୁଦ୍ଧିଗତ ବିବେଚନଶକ୍ତି ତାକୁ ଏପର୍ଯ୍ୟନ୍ତ ଅଗ୍ରସର କରାଇ ଆଣିପାରିଛି, ତାହାର ସାହାଯ୍ୟ ନେଇ ହୁଏତ ପ୍ରଥମେ

'oaob.nitrkl.ac.in' images reprocessed

କେତେ ସମୟ ଲାଗି ସେ ଏହି ଦିଗରେ ଉଦ୍ୟମ କରିପାରେ । ମାତ୍ର ତାହାର ଏହି ଉଦ୍ୟମଟି କଦାପି ଦୀର୍ଘ ସମୟ ଲାଗି ଚାଲିପାରିବ ନାହିଁ । କାରଣ ତା'ର ନିଜ ବିଷୟରେ ତଥା ଏହି ଜଗତ ବିଷୟରେ ଆପଣାର ଅଧ୍ୟୟନରେ ତାକୁ ଅନିବାର୍ଯ୍ୟ ଭାବରେ ତା' ଆପଣା ଭିତରେ ରହିଥିବା ଆତ୍ମା ତଥା ଏହି ଜଗତ ପଛରେ ରହିଥିବା ଆତ୍ମାଟିର ସମ୍ମୁଖୀନ ହେବାକୁ ହିଁ ପଡ଼ିବ ଏବଂ ସେ ତାହାକୁ ଏପରି ଏକ ଗଭୀର, ଜଟିଳ ଏବଂ ଏତେ ବେଶୀ ପ୍ରଚ୍ଛନ୍ନ ରହସ୍ୟ ତଥା ଶକ୍ତିଶାଳିତା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବାର ଆବିଷ୍କାର କରିବାକୁ ଆରମ୍ଭ କରିବ ଯେ, ସେତେବେଳେ ତା'ର ମସ୍ତିଷ୍କସର୍ବସ୍ୱ ବିବେଚନାଶକ୍ତିଟି ଏହି ଉଦ୍ୟମରେ ଏକ ଅପ୍ରଚୁର ଆଲୋକ ଓ ଭ୍ରାନ୍ତିବିପର୍ଯ୍ୟସ୍ତ ଅନ୍ୱେଷକ ବୋଲି ଏକାବେଳେକେ ଧରା ପଡ଼ିଯିବ । କେବଳ ଉପରିଭାଗଟାକୁ ଯାହାକିଛି ସତ୍ୟ ବୋଲି ଦେଖାଯାଉଛି ଏବଂ ସେହି ଉପୁରିଆ ସତ୍ୟଗୁଡ଼ାକର ଠିକ୍ ତଳକୁ ଯାହାକିଛି ରହିଛି, କେବଳ ସେହିଗୁଡ଼ାକୁ ହିଁ ଏହି ବୁଦ୍ଧିଶକ୍ତି ବଡ଼ ସଫଳ ଓ ନିପୁଣ ଭାବରେ ବିଶ୍ଳେଷଣ କରି ଦେଖାଇ ଦେଇ ପାରିବ । ସେତିକବେଳେ ଏକ ଗଭୀରତର ଜ୍ଞାନୋପଲବ୍ଧିର ଆକାଙ୍‌କ୍ଷା ଓ ଆବଶ୍ୟକତା ତାହାର ମଧ୍ୟରେ ରହିଥିବା ଅନ୍ୟ ନାନାବିଧ ନୂତନ ଶକ୍ତି ତଥା ସାଧନାର ଆବିଷ୍କାର କରିବା ଲାଗି ପ୍ରବୃତ୍ତ କରି ନେଇଯିବ । ସେତେବେଳେ ସେ ଏ କଥାଟି ଜାଣିବାକୁ ପାଇବ ଯେ, କେବଳ ଆତ୍ମସମୀକ୍ଷାମୂଳକ ହେଲେ ନୁହେଁ, ମାତ୍ର ସମ୍ପୂର୍ଣ୍ଣ ଓ ସକ୍ରିୟ ଭାବରେ ଆତ୍ମଚେତନ ହୋଇପାରିଲେ ଯାଇ ସେ ଆପଣାକୁ ଜାଣିବା ଲାଗି ସମର୍ଥ ହେବ; କେବଳ ଉପରିଭାଗଗୁଡ଼ାକରେ ନ ଭ୍ରମି ଓ ନିସରପସର ନହୋଇ ଅଧିକରୁ ଅଧିକ ପରିମାଣରେ ଆପଣାର ଆତ୍ମାରେ ବାସ କରିପାରିଲେ ଏବଂ ସେହି ଆତ୍ମାର ପ୍ରେରଣା ଦ୍ୱାରା କାର୍ଯ୍ୟ କରିପାରିଲେ ହିଁ ସେ ନିଜର ଯଥାର୍ଥ ପରିଚୟ ପାଇବ; ତା'ର ଉପରିଭାଗସ୍ଥ ମନୋଗତତା ଏବଂ ମନଃସୀମାଟିର ଆହୁରି ଗଭୀର ତଳକୁ ଯେଉଁ ପରମ ସମ୍ପଦଟି ଚିରନ୍ତନ ବିରାଜି ରହିଛି, ଆପଣାକୁ ସଚେତନ ଭାବରେ ତାହାର ସହିତ ସମତାନ କରି ରଖିପାରିଲେ, ଆପଣାର ବୁଦ୍ଧି ଓ ବୁଦ୍ଧିଗତ ବିବେଚନାକୁ ତାହାର ଆଲୋକଦ୍ୱାରା ଆଲୋକିତ କରିପାରିଲେ ଏବଂ ଏହିପରି ଭାବରେ ସେ ଆପଣାକୁ ଯେଉଁ ଶକ୍ତି ଓ ଆଲୋକଟି ଆଗରେ ଉନ୍ମୋଚିତ କରିଦେଇ ପାରିବ, ସେହି ଗଭୀରତର ଶକ୍ତି ତଥା ଆଲୋକ ବଳରେ ଆପଣାର ଯାବତୀୟ କ୍ରିୟାକୁ ଗତିଶୀଳ କରିଦେଇ ପାରିଲେ ସେ ଯଥାର୍ଥ ଜ୍ଞାନର ଅଧିକାରୀ ହୋଇପାରିବ । ଏହି ପ୍ରକ୍ରିୟାଟି ଦ୍ୱାରା ବୁଦ୍ଧିବାଦୀ ଜ୍ଞାନମାର୍ଗର ଆଦର୍ଶଟି କ୍ରମେ ସମ୍ବୋଧିଲବ୍ଧ ଜ୍ଞାନ ଓ ଏକ ଗଭୀରତର ଆତ୍ମସମ୍ଭୂତିର ଆଦର୍ଶ ପାଖରେ ନିଜକୁ ଅଧୀନ କରି ରଖିବାକୁ ଆରମ୍ଭ କରିବ; ଜ୍ଞାନଲାଭର ପ୍ରୟୋଜନବାଦୀ ମାନଦଣ୍ଡଟି ଆତ୍ମଚେତନଶୀଳତା ଏବଂ ଆତ୍ମୋପଲବ୍ଧିର ଆକାଙ୍‌କ୍ଷାଟି ଲାଗି ବାଟ ଛାଡ଼ିଦେବ; ଭୌତିକ ପ୍ରକୃତିର କେବଳ ବହିର୍ବିଧାନଗୁଡ଼ିକୁ ହିଁ ଅବଲମ୍ବନ କରି ଜୀବନ ବଞ୍ଚିବାର ଯେଉଁ ନିୟମ ସବୁ ଆଗରୁ ପ୍ରତିଷ୍ଠିତ ହୋଇ ରହିଥାଏ, ତାହା ସ୍ଥାନରେ ଏହି ବିଶ୍ୱର ଜୀବନକ୍ଷେତ୍ରରେ ତଥା

'oaob.nitrkl.ac.in' images reprocessed

ମନୁଷ୍ୟ ସମାଜର ଅନ୍ତର୍ଜୀବନ ଓ ବହିର୍ଜୀବନରେ କ୍ରିୟାଶୀଳ ହୋଇ ରହିଥିବା ସେହି ପ୍ରଚ୍ଛନ୍ନ ପରମ ବିଧାନ, ପରମ ଇଚ୍ଛା ଏବଂ ପରମ ଶକ୍ତିମତ୍ତାକୁ ହିଁ ନିର୍ଭର କରି ତାହାରି ଅନୁସାରେ ଜୀବନ ବଞ୍ଚିବାର ପ୍ରୟାସ ଅଧିଷ୍ଠିତ ହୋଇ ରହିବ ।

ଯେତେ ଅଶୋଧିତ, ପ୍ରାଥମିକ ଓ ଅବିକଶିତ ରୂପରେ ହେଲେ ମଧ୍ୟ ଏହିସବୁ ପ୍ରବୃତ୍ତି ଆମ ପୃଥିବୀରେ ବର୍ତ୍ତମାନ ପ୍ରକଟ ହେବାକୁ ଲାଗିଲାଣି ଏବଂ ଏକ ଉଲ୍ଲେଖଯୋଗ୍ୟ ସତ୍ୱରତା ସହିତ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଏବଂ ସେଗୁଡ଼ିକର ଆବର୍ତ୍ତ ବ ତଥା ଉଦ୍‌ବେଗର ପ୍ରାଧାନ୍ୟ ଲାଭ ବ୍ୟକ୍ତିବାଦ ଦ୍ୱାରା ସୃଷ୍ଟ ହୋଇଥିବା ମାନବ ବିକାଶର ବୁଦ୍ଧିପ୍ରଧାନ ଏବଂ ପ୍ରୟୋଜନବାଦୀ ପର୍ଯ୍ୟାୟଟିରୁ ଏକ ବୃହତ୍ତର ଆତ୍ମଧର୍ମୀ ପର୍ଯ୍ୟାୟକୁ ସମାଜ ପରିବର୍ତ୍ତିତ ହେଉଥିବାର ସୂଚନା ମିଳିଯାଉଛି । ବିଚାରର ପ୍ରବାହଟି ପୁରାତନ ବୁଦ୍ଧିସର୍ବସ୍ୱ ମାନଦଣ୍ଡଗୁଡ଼ିକୁ ଗ୍ରୁଡ଼ି ବିପର୍ଯ୍ୟସ୍ତ ଢଗରେ ନାନା ବୃହତ୍ ଏବଂ ଗଭୀର ଚିନ୍ତାଧାରାର ରୂପ ଗ୍ରହଣ କରି କ୍ଷିପ୍ରବେଗରେ ପ୍ରବାହିତ ହେବା ସଙ୍ଗେ ସଙ୍ଗେ ହିଁ ଉକ୍ତ ପରିବର୍ତ୍ତନ ଆରମ୍ଭ ହୋଇଛି ଏବଂ ତଦ୍ଦ୍ୱାରା ପୁରୁଣା ପର୍ଯ୍ୟାୟଟିର ପ୍ରତିଷ୍ଠିତ ଭୂମିଗୁଡ଼ିକ ମଧ୍ୟ କ୍ଷିପ୍ରବେଗରେ ଭାଙ୍ଗିଯାଇଛି । ଊନବିଂଶ ଶତାବ୍ଦୀର ଭୌତିକବାଦ ପ୍ରଥମେ ଏକ ନୂତନ ଓ ଗଭୀର ପ୍ରାଣଶକ୍ତିବାଦକୁ ଜନ୍ମ ଦେଇଛି, ଯାହାକି ଜୀବନର ସର୍ବମୂଳ ଉତ୍ସ ଓ ବିଧାନରୂପେ ଦାର୍ଶନିକ ନିତ୍‌ସେଙ୍କର 'ବଞ୍ଚି ରହିବାଲାଗି ଦୁର୍ବାର ଇଚ୍ଛା' ଓ 'କ୍ଷମତା ଲାଭ କରିବାଲାଗି ଦୁର୍ବାର ଇଚ୍ଛା'ଠାରୁ ଆରମ୍ଭ କରି ଆଧୁନିକ ଯୁଗର ଅନେକବାଦୀ ଓ ବ୍ୟାବହାରିକତାବାଦୀ ଦର୍ଶନଯାଏ ନାନା ରୂପରେ ଆତ୍ମପ୍ରକାଶ କରିଛି । ଏହାକୁ ଆମେ ଏକ ଅନେକବାଦୀ ଦର୍ଶନ ବୋଲି କହିବା, କାରଣ ଆତ୍ମା ଅପେକ୍ଷା ପ୍ରାଣର ଭୂମିଟି ଉପରେ ହିଁ ତାହା ଆପଣାର ଦୃଷ୍ଟିକୁ ନିବଦ୍ଧ କରି ରଖିଛି; ଏବଂ ବ୍ୟାବହାରିକତାବାଦୀ ବୋଲି କହିବା, କାରଣ ଆଧ୍ୟାତ୍ମିକ ଆଲୋକ ତଥା ଜ୍ଞାନ ଅପେକ୍ଷା ଶକ୍ତି ଓ କ୍ରିୟାତ୍ମକତାର ବିଭବଟି ଉପରେ ଅଧିକ ମହତ୍ତ୍ୱର ଆରୋପ କରି ତାହା ସତ୍ତାଗତ ସତ୍ୟଟିର ବ୍ୟାଖ୍ୟା କରିବାର ପ୍ରୟାସ କରୁଛି । ମହାଯୁଦ୍ଧ ଆରମ୍ଭ ହେବାର ପୂର୍ବବର୍ତ୍ତୀ ଯୁଗରେ ପ୍ରାୟ କାଳପର୍ଯ୍ୟନ୍ତ ଇଉରୋପର ଜୀବନ ଓ ଚିନ୍ତାଧାରା ଉପରେ ଦର୍ଶନ ବିଚାରର ଏହି ପ୍ରବୃତ୍ତିଗୁଡ଼ିକ ହିଁ ଗଭୀର ପ୍ରଭାବ ବିସ୍ତାର କରି ରହିଥିଲା; ଏବଂ ଫ୍ରାନ୍ସ ଏବଂ ଜର୍ମାନୀରେ ସେହି ପ୍ରଭାବଟି ବିଶେଷ ଭାବରେ ଅନୁଭୂତ ହେଉଥିଲା । ଏହି ପ୍ରବୃତ୍ତିଗୁଡ଼ିକୁ ଆମେ ବୁଦ୍ଧିବାଦର ପର୍ଯ୍ୟାୟଟିରୁ କେବଳ ଉପର ସ୍ତରରେ ହିଁ ପ୍ରାଣ ଓ କ୍ରିୟାପ୍ରଧାନତାର ପର୍ଯ୍ୟାୟଟିକୁ ଏକ ପ୍ରତିକ୍ରିୟାଜନିତ ବାହୁଡ଼ି ଆସିବା ବୋଲି କଦାପି କହିପାରିବା ନାହିଁ । ଅବଶ୍ୟ ଏକଥା ସତ ଯେ, ଯେତେବେଳେ ଲଘୁଚେତାମାନେ ସେଗୁଡ଼ିକୁ କାର୍ଯ୍ୟରେ ପ୍ରୟୋଗ କରିବାକୁ ଗଲେ, ସେତେବେଳେ ସେଗୁଡ଼ିକ ଅନେକ ସମୟରେ ପ୍ରାୟ ସେହିପରି ଏକ ଆକାର ଧାରଣ କରିଥିଲା । ମାତ୍ର ଯଥାର୍ଥତଃ ସେଗୁଡ଼ିକ ଦ୍ୱାରା ଏହି ବିଶ୍ୱର ପ୍ରାଣମର୍ମଟିକୁ ଗଭୀର ଭାବରେ ଅଧ୍ୟୟନ

'oaob.nitrkl.ac.in' images reprocessed

କରି ତାହାରଦ୍ୱାରା ହିଁ ଜୀବନକୁ ବଞ୍ଚିବାର ଏକ ପ୍ରୟାସ କରାଯାଇଥିଲା ଏବଂ ଆପଣାର କ୍ରିୟାପଦ୍ଧତିରେ ସେଗୁଡ଼ିକ ମଧ୍ୟରେ ଗଭୀର ଭାବରେ ମନଃପ୍ରଧାନ ଓ ଆଧ୍ୟାତ୍ମଧର୍ମୀ ହେବାର ଏକ ପ୍ରବୃତ୍ତି ସବୁବେଳେ ରହିଥିଲା ଏବଂ ସେଗୁଡ଼ିକର ପଛରୁ ସେହି ପୁରାତନ ମସ୍ତିଷ୍କପ୍ରଧାନ ବୁଦ୍ଧିବାଦର ବ୍ୟର୍ଥତା ଦ୍ୱାରା ସୃଷ୍ଟ ହୋଇଥିବା ଶୂନ୍ୟଟି ମଧ୍ୟରେ ନିଜର ମସ୍ତକୋତ୍ତୋଳନ କରି ଏକ ନୂତନ ସମ୍ବୋଧିବାଦର ଆବିର୍ଭାବ ହୋଇଥିଲା । ଏହି ସମ୍ବୋଧିବାଦ ଏପର୍ଯ୍ୟନ୍ତ ଆପଣାର ପ୍ରବୃତ୍ତି ତଥା ପ୍ରକୃତି ବିଷୟରେ କୌଣସି ସ୍ପଷ୍ଟ ସମ୍ବିତ୍‌ସମ୍ପନ୍ନତା ଲାଭ କରି ନ ଥିଲା ସତ; ମାତ୍ର ପ୍ରାଣର ବିବିଧ ରୂପାୟନ ଏବଂ ସାମର୍ଥ୍ୟ ମଧ୍ୟ ଦେଇ ପ୍ରାଣର ପୃଷ୍ଠଭାଗରେ ପ୍ରଚ୍ଛନ୍ନ ହୋଇ ରହିଥିବା ସେହି ପରମ ସମ୍ପଦଟିର ଅନ୍ୱେଷଣ କରୁଥିଲା ଏବଂ ସମୟ ସମୟରେ ଏପରିକି ପରମ ଚେତନାର ଅନୁଦ୍‌ଘାଟିତ ଦ୍ୱାରଗୁଡ଼ିକ ଉପରେ ତଥାପି ଅନିଶ୍ଚିତ କରାଘାତ କରିବାକୁ ମଧ୍ୟ ସାହସୀ ହେଉଥିଲା ।

ସର୍ବଦା ଯେକୌଣସି ଯୁଗର ପ୍ରାଣଭୂମିଗତ ପ୍ରବୃତ୍ତିଗୁଡ଼ିକୁ ଜାଣିବାଲାଗି ଏକ ନିଶ୍ଚିତ ସୂଚକରୂପେ କାର୍ଯ୍ୟ କରୁଥିବା ବିଶ୍ୱର କଳା, ସଙ୍ଗୀତ ତଥା ସାହିତ୍ୟର କ୍ଷେତ୍ରଗୁଡ଼ିକ ମଧ୍ୟ ଅଧିକରୁ ଅଧିକ ଗଭୀରତା ପ୍ରାପ୍ତ ହେଉଥିବା ଏକ ପ୍ରତ୍ୟକ୍ ଚେତନା ଅଭିମୁଖରେ ଏକ ଗଭୀର ବୈପ୍ଳବିକ ପରିବର୍ତ୍ତନର ମଧ୍ୟ ଦେଇ ଗତି କରି ପାରିଛନ୍ତି । ଅତୀତ ଯୁଗର ସେହି ବୃହତ୍ ବିଷୟ ଓ ବସ୍ତୁସ୍ଥିତିପ୍ରଧାନ କଳା ଆଉ ସାହିତ୍ୟ ଏବେ ଆଉ ଏହି ନୂତନ ଯୁଗଟିର ମାନସକୁ ଆଦୌ ସର୍ବଶକ୍ତିଶାଳୀ ଭାବରେ ପ୍ରେରିତ କରି ପାରୁନାହିଁ । ଦର୍ଶନରେ ଯାହା ହୋଇଛି, ସାହିତ୍ୟର କ୍ଷେତ୍ରରେ ମଧ୍ୟ ଠିକ୍ ସେହି କଥା ହୋଇଛି; ଏହି କ୍ଷେତ୍ରରେ ସର୍ବପ୍ରଥମ ପ୍ରବୃତ୍ତିରୂପେ ଏକ କ୍ରମବର୍ଦ୍ଧମାନ ମନଃପ୍ରଧାନ ପ୍ରାଣଶକ୍ତିବାଦର ଆବିର୍ଭାବ ହୋଇଛି । ମନୁଷ୍ୟର ସମ୍ବେଗଗତ, ସୌନ୍ଦର୍ଯ୍ୟାନୁଭୂତିଗତ ଓ ପ୍ରାଣଶକ୍ତିଗତ ଆକାଙ୍‌କ୍ଷା ଓ କ୍ରିୟାଶୀଳତାଗୁଡ଼ିକର ମଧ୍ୟ ଦେଇ ତାହା ଭିତରେ ଯେଉଁ ସୂକ୍ଷ୍ମତମ ମନୋଗତ ଆବେଗ ତଥା ପ୍ରବୃତ୍ତିମାନ ତା' ଜୀବନର ଉପରିଭାଗକୁ ଆସିବାକୁ ଉଦ୍ୟତ ହେଉଥାନ୍ତି, ଉକ୍ତ ପ୍ରାଣଶକ୍ତିବାଦ ସେହିଗୁଡ଼ିକର ମର୍ମପ୍ରବେଶ କରି ସେଗୁଡ଼ିକୁ କଳା ଓ ସାହିତ୍ୟର ମାଧ୍ୟମରେ ପ୍ରକାଶିତ କରିବାର ଚେଷ୍ଟା କରିଛି । ଏହିସବୁ ସୃଷ୍ଟି ଓ କୃତି ପଛରେ ପ୍ରଭୂତ କୌଶଳ ତଥା ଅତି ନିପୁଣ ସୂକ୍ଷ୍ମ ଦୃଷ୍ଟି ଅବଶ୍ୟ ରହିଛି; ମାତ୍ର ମନୁଷ୍ୟର ଜୀବନଗତ ବିଧାନଗୁଡ଼ିକ ସମ୍ବନ୍ଧରେ ଏଥିରେ କୌଣସି ଯଥାର୍ଥ ଅନ୍ତର୍ଦୃଷ୍ଟି ନାହିଁ; ଏହିସବୁ କୃତି ଆମ ଜୀବନର ଉପରିଭାଗସ୍ଥ ସମ୍ବେଗ, ଚେତନା, ସଂସ୍ପର୍ଶ ତଥା କ୍ରିୟାଗୁଡ଼ିକର ଠିକ୍ ଆରପାଖଠାରୁ କ୍ୱଚିତ୍ ଅଧିକ ଗଭୀରକୁ ଯିବାଲାଗି ସମର୍ଥ ହୋଇଛନ୍ତି । ଉପରିଭାଗର ସମ୍ବେଗ, ସଂସ୍ପର୍ଶ ଏବଂ କ୍ରିୟାଗୁଡ଼ିକୁ ଏମାନେ ବଡ଼ ତନ୍ନ ତନ୍ନ ଭାବରେ ବିଶ୍ଳେଷଣ କରିଛନ୍ତି; ମାତ୍ର ସେହି ବିଶ୍ଳେଷଣ ଭିତରେ କୌଣସି ପ୍ରକାର ପ୍ରଶସ୍ତ ବା ଗଭୀର ଜ୍ଞାନାଲୋକର ଏକାନ୍ତ ଅଭାବ ହିଁ ରହିଛି । ସମ୍ଭବତଃ ତାତ୍କାଳିକ ଭାବରେ ସେଗୁଡ଼ିକ ଅଧିକ ଆଗ୍ରହ ଓ ଉଦ୍ଦୀପନାର ସୃଷ୍ଟି କରିଛି,

'oaob.nitrkl.ac.in' images reprocessed

ମାତ୍ର ପୁରାତନ ସାହିତ୍ୟ ସହିତ ତାହାର ତୁଳନା କରି ଦେଖିଲେ ତାହା ଯଥାର୍ଥ କଳାକୃତି ହିସାବରେ ତା'ଠାରୁ ସାଧାରଣତଃ ନିମ୍ନତର ସ୍ତରର ବୋଲି ପ୍ରତିପାଦିତ ହୋଇଛି । ପୁରାତନ ସାହିତ୍ୟ ଭିତରେ ତାହାର ସ୍ୱକୀୟ କ୍ଷେତ୍ରଟି ଉପରେ ଅନ୍ତତଃ ଏକ ଦୃଢ଼ ଦଖଲ ରହିଥିଲା, ଏକ ବହୁବ୍ୟାପୀ ତଥା ଶକ୍ତିଶାଳୀ ବ୍ୟୁତ୍ପତ୍ତି ମଧ୍ୟ ରହିଥିଲା । ଅନେକ ସମୟରେ ସେହି କୃତିଗୁଡ଼ିକ ଜୀବନର ସ୍ପଷ୍ଟତା ଏବଂ ଶକ୍ତିବତ୍ତା ଅପେକ୍ଷା ଜୀବନର ରୁଗ୍ଣତାଗୁଡ଼ାକର ହିଁ ଅଧିକ ବର୍ଣ୍ଣନା କରୁଥିଲେ; ଆପଣାକୁ ପ୍ରକାଶିତ କରିଦେବାର ଏବଂ ଆପଣା ଭିତରେ ଆପେ ଆପଣାର ଅଧିକାରୀ ହୋଇ ରହିବାର ଯେଉଁ ଗତିଶୀଳତା ଏହି ଜୀବନ ଭିତରେ ରହିଛି, ସେହି କୃତିସବୁ ତାହା ଅପେକ୍ଷା ଜୀବନାକାଙ୍କ୍ଷାର ବିଶୃଙ୍ଖଳ ବିପର୍ଯ୍ୟସ୍ତତା ଓ ବିଦ୍ରୋହଗୁଡ଼ିକର ହିଁ ଅଧିକତର ବର୍ଣ୍ଣନା କରୁଥିଲେ, ବାହାରକୁ ଅତ୍ୟନ୍ତ ଶକ୍ତିଯୁକ୍ତ ପରି ଦିଶୁଥିବା ଏବଂ ତେଣୁ ଭିତରେ ବଡ଼ ଶକ୍ତିହୀନ ଓ ଅତୃପ୍ତ ହୋଇ ରହିଥିବା ଆକାଙ୍କ୍ଷାଗୁଡ଼ିକର ସମାକୁଳତାକୁ ହିଁ ଅଧିକ ବର୍ଣ୍ଣନା କରୁଥିଲେ । ମାତ୍ର ଏହି ଧାରାଟି ଚୁଷିଆରେ ଆପଣାର ଉଚ୍ଚତମ ସୃଜନାତ୍ମକ ସାମର୍ଥ୍ୟରେ ଯାଇ ଉପନୀତ ହୋଇ ସାରିବା ପରେ ଅଧିକ ଯଥାର୍ଥ ଭାବରେ ମନୋଗତ ଓ ମନଃପ୍ରେରିତ ଏକ କଳା, ସଙ୍ଗୀତ ଓ ସାହିତ୍ୟ ଲାଗି ପୁଣି ଏକ ନୂତନ ଅଭିମୁଖିତା ଆସି ପହଞ୍ଚିଲା, ଯାହାକୁ କି ପ୍ରାଣଶକ୍ତିପ୍ରଧାନ ଅପେକ୍ଷା ଅଧିକତର ଭାବରେ ମାନସଗତ, ସମ୍ବୋଧିଧର୍ମୀ ଓ ଚୈତ୍ୟସ୍ତରର ବୋଲି କୁହାଯାଇ ପାରିବ । ଏହାର ପୂର୍ବବର୍ତ୍ତୀ ପ୍ରବୃତ୍ତିଗୁଡ଼ିକ ଯେପରି ଅତୀତ ଯୁଗର ବସ୍ତୁସ୍ଥିତିସର୍ବସ୍ୱ ମନର ସୀମାଗୁଡ଼ିକୁ ଛାଡ଼ି ବାହାରି ଆସିଥିଲେ, ବର୍ତ୍ତମାନ ଏହି ପ୍ରବୃତ୍ତିଟି ସେହିପରି କେବଳ ଉପରସ୍ତରଟାକୁ ସବୁକିଛି ବୋଲି ଦେଖୁଥିବା ପ୍ରାଣଶକ୍ତିବାଦକୁ ଛାଡ଼ି ଆଗକୁ ବାହାରି ଆସିଲା । ଦର୍ଶନ କ୍ଷେତ୍ରର ନୂତନ ସମ୍ବୋଧିବାଦଟି ପରି ଏହି ନୂତନ ଆନ୍ଦୋଳନଟି ମଧ୍ୟ ତା'ର ସମ୍ମୁଖରେ ଆବରଣ ପରି ହୋଇ ରହିଥିବା ପରସ୍ତଟିକୁ ପ୍ରକୃତରେ ଛିନ୍ନ ଭିନ୍ନ କରିଦେବାକୁ ହିଁ ମୁଖ୍ୟତଃ ଆପଣାର ଉଦ୍ଦେଶ୍ୟ କରି ରଖିଥିଲା; ଯାହା ସ୍ପଷ୍ଟଭାବରେ ଆପଣାକୁ ପ୍ରକାଶିତ କରୁନାହିଁ, ଏହି ଆନ୍ଦୋଳନ ମନୁଷ୍ୟର ମନ ଦ୍ୱାରା ହିଁ ତାହାକୁ ଅନୁଭବ କରିବାକୁ ବାହାରିଲା; ବିଶ୍ୱର ଯାବତୀୟ ବିଷୟର ଅନ୍ତରାଳରେ ପ୍ରଚ୍ଛନ୍ନ ହୋଇ ରହିଥିବା ଆତ୍ମାଟିକୁ ସ୍ପଷ୍ଟ କରିବାର ଓ ତାହା ଭିତରେ ପ୍ରବେଶ କରି ପାରିବାର ଆକାଙ୍କ୍ଷା ପୋଷଣ କରିଥିଲା । ଏହା ଯେଉଁସବୁ ବିଷୟର ଅନୁଧାବନ କରୁଥିଲା, ସେଗୁଡ଼ାକ ଏପର୍ଯ୍ୟନ୍ତ ମଧ୍ୟ ଦୃଢ଼ଭାବରେ ତାହାର ହସ୍ତଗତ ହୋଇ ନ ଥିଲା ଓ ଅନେକ ସନ୍ଦେହଦ୍ୱାରା ଆଚ୍ଛନ୍ନ ହୋଇ ରହିଥିଲା; ଏହାର ରୂପଗୁଡ଼ାକ ଏପର୍ଯ୍ୟନ୍ତ କେବଳ ଅତି ପ୍ରାଥମିକ ଅବସ୍ଥାରେ ରହିଥିଲା । ମାତ୍ର ଏହି ଆନ୍ଦୋଳନ ମନୁଷ୍ୟର ମନକୁ ଆପଣାର ପରିଚିତ ବିଚରଣ କ୍ଷେତ୍ରଟିରୁ ବାହାରି ଆସି ଏକ ମୀମାଂସକ ନୂତନ ପଦକ୍ଷେପ ନେବାଲାଗି ପ୍ରଥମ ସୂତ୍ରପାତ କରାଇଥିଲା ଏବଂ ଆବିଷ୍କାରର ଏକ ସ୍ମରଣୀୟ ଯାତ୍ରାପଥରେ ମନୁଷ୍ୟର ମନ ବର୍ତ୍ତମାନ ଯେଉଁଆଡ଼କୁ ଦିଗ୍ନିର୍ଦ୍ଦେଶିତ ହୋଇ

'oaob.nitrkl.ac.in' images reprocessed

ଯିବାରେ ଲାଗିଛି, ସେହି ଆନ୍ଦୋଳନ ତାହାର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରାଇ ଦେଇଥିଲା । ଏହି ଆବିଷ୍କାର ହେଉଛି ଅନ୍ତରସ୍ଥ ଏକ ନୂତନ ବିଶ୍ୱର ଆବିଷ୍କାର, ଯାହାକି ଅବଶେଷରେ ବାହାରେ ଏହି ଜୀବନ ତଥା ସମାଜର କ୍ଷେତ୍ରରେ ଏକ ନୂତନ ପୃଥିବୀର ସୃଷ୍ଟିକୁ ସମ୍ଭବ କରାଇ ଆଣିବ । କଳା ଓ ସାହିତ୍ୟ ମଧ୍ୟ ଅତି ନିର୍ଦ୍ଦିଷ୍ଟ ଭାବରେ ଏକ ଆତ୍ମସ୍ଥଧର୍ମୀ ଅନ୍ୱେଷଣ ଦିଗରେ ଆପଣାର ଦୃଷ୍ଟି ବିନ୍ଦୁଟିକୁ ବୁଲାଇ ରଖିଲେଣି ବୋଲି ବର୍ତ୍ତମାନ ବୋଧ ହେଉଛି; ବିଷୟୀଚସ୍ତୁର ଅନ୍ତର ଭିତରେ ଯେଉଁ ସତ୍ୟକ୍ଷେତ୍ର ପ୍ରଚ୍ଛନ୍ନ ହୋଇ ରହିଛି, କଳା ଓ ସାହିତ୍ୟ ତାହାର ଅନ୍ୱେଷଣରେ ବାହାରିଛନ୍ତି ଏବଂ ଏହାଦ୍ୱାରା ସେମାନେ ବୁଦ୍ଧିପ୍ରଧାନ ଓ ବସ୍ତୁସ୍ଥିତିସର୍ବସ୍ୱ ବିଧାନ ତଥା ପ୍ରକୃତିଠାରୁ ଅଧିକରୁ ଅଧିକ ଦୂରକୁ ଚାଲିଯିବାରେ ଲାଗିଛନ୍ତି ।

ବ୍ୟାବହାରିକ ସ୍ତରରେ ଜୀବନର ସମ୍ମୁଖୀନ ହେବାର କ୍ଷେତ୍ରରେ ମଧ୍ୟ ଏବେ ଏପରି ଏକାଧିକ ପୁରୋଗାମୀ ଓ ପ୍ରଗତିଶୀଳ ପ୍ରବୃତ୍ତିମାନ ପ୍ରକାଶ ପାଇଲଣି, ଯାହାକି ଏହି ଗଭୀରତର ଆତ୍ମସ୍ଥଧର୍ମୀଠାରୁ ହିଁ ଆପଣାର ପ୍ରେରଣାଶକ୍ତି ପାଉଛନ୍ତି । ଅବଶ୍ୟ ଏହି ଦିଗରେ ଏପର୍ଯ୍ୟନ୍ତ ବି କୌଣସି ନିଶ୍ଚିତ ସିଦ୍ଧି ମିଳି ନାହିଁ, ସବୁକଥା କେବଳ ଏକ ପରୀକ୍ଷାମୂଳକ ଆରମ୍ଭ ସ୍ତରରେ ହିଁ ରହିଛି ଏବଂ ଏହି ନୂତନ ଭାବୋନ୍ମେଷଟିକୁ ଏକ ମୂର୍ତ୍ତିମନ୍ତ ରୂପ ଦେବାଲାଗି ଏକ ଆବଶ୍ୟକତା ରହିଛି ବୋଲି କେବଳ ଅନୁଭବ ହିଁ କରାଯାଇଛି । ପୃଥିବୀର ଘଟଣାପ୍ରବାହକୁ ସବୁଠାରୁ ଅଧିକ ପ୍ରଭାବିତ କରି ଏବେ ଯାହାସବୁ ଘଟୁଛି, ଏବେ ଇଉରୋପରେ ଜାତି ଜାତି ମଧ୍ୟରେ ଯେଉଁସବୁ ତୁମୁଳ ସଂଘର୍ଷ ଲାଗିଛି ଏବଂ ଜାତିଗୁଡ଼ିକର ଆପଣା କ୍ଷେତ୍ରରେ ଏହି ସଂଘର୍ଷଟି ପୂର୍ବରୁ ତଥା ପରେ ଯେଉଁସବୁ ଉଦ୍‌ବେଳନ ଏବଂ ପରିବର୍ତ୍ତନମାନ ଦେଖାଦେଇଛି, ଆମେ ସେଗୁଡ଼ିକୁ ପାଶ୍ଚାତ୍ୟ ଜଗତର ସେହି ପୁରାତନ ବୁଦ୍ଧିବାଦୀ ଓ ଭୌତିକବାଦୀ ଆକୁଳତା ତଥା ବର୍ତ୍ତମାନ ମଧ୍ୟ ପ୍ରାପ୍ତ ଉପରସ୍ତରଟାରେ ହିଁ ସୀମାବଦ୍ଧ ହୋଇ ରହିଥିବା ଏକ ନୂତନ ଆତ୍ମସ୍ଥଧର୍ମୀ ଏବଂ ପ୍ରାଣଶକ୍ତିମନ୍ତ ଆବେଗଗୁଡ଼ିକ ମଧ୍ୟରେ ଏପରି ଏକ ଅନ୍ଧ ସଂଘର୍ଷ ଓ ଅନ୍ଧ ପ୍ରୟାସ ବୋଲି କହିପାରିବା, ଆପଣାର ଯଥାର୍ଥ ଅଭିପ୍ରାୟ ଓ ଗତିଟି ସମ୍ବନ୍ଧରେ ବି ଯାହାର ଏପର୍ଯ୍ୟନ୍ତ ପରିଷ୍କାର ଧାରଣା ଆସି ନାହିଁ । ଏହି ଆବେଗଗୁଡ଼ିକ ଉପରେ ପ୍ରକୃତରେ ଆତ୍ମାର କୌଣସି ଯଥାର୍ଥ ଅନ୍ତର୍ଗତ ଅଭିବୃଦ୍ଧିର ଆଲୋକପାତ ହୋଇ ନ ଥିଲା, ତାହା ସତେଅବା ପରିସ୍ଥିତି ଦ୍ୱାରା ବାଧ୍ୟହୋଇ ଆଗରୁ ପ୍ରତିଷ୍ଠିତ ରହିଥିବା ବୁଦ୍ଧିବାଦୀ ଓ ଭୌତିକବାଦୀ ତତ୍ତ୍ୱ ଓ ଅଭିଳାଷକୁ ଆପଣାର ବଶବର୍ତ୍ତୀ କରି ରଖିବାକୁ ଓ ଜୀବନ ଉପରେ ଆପଣାର ସୀମାହୀନ ଦାବୀଗୁଡ଼ିକର ଚରିତାର୍ଥ କରିବାକୁ ହିଁ ସେଗୁଡ଼ିକୁ କାମରେ ଲଗାଇବାକୁ ଚାହୁଁଥିଲା । ସେତେବେଳେ ପୃଥିବୀ 'ବଞ୍ଚିରହିବାର ତଥା କ୍ଷମତାଯୁକ୍ତ ହୋଇ ରହିବାର ଦୁର୍ବାର ଇଚ୍ଛା'କୁ ଉଚ୍ଚ ଆଦର୍ଶରୂପେ ଗ୍ରହଣକରି ଭୟଙ୍କର ଓ ସର୍ବସମ୍ପୂର୍ଣ୍ଣ ଭାବରେ କେବଳ ସେଇଥିଲାଗି ଆପଣାକୁ ସଂଗଠିତ ଓ ସଜ୍ଜିତ

'oaob.nitrkl.ac.in' images reprocessed

କରି ରଖିବା ଦିଗରେ ଧାବିତ ହେଉଥିଲା ଏବଂ ଏହାରି ଫଳରେ ହିଁ ପୃଥିବୀ ଏକ ମହାଯୁଦ୍ଧ ଦ୍ୱାରା ଆକ୍ରାନ୍ତ ହେଲା ଓ ବର୍ତ୍ତମାନ ଆପଣାଲାଗି ଜୀବନର ନୂତନ ରୂପଗୁଡ଼ିକୁ ଆବିଷ୍କାର କରିପାରିଲା ବା କରିବାର ଉଦ୍ୟମ କଲା, ଯାହାକି ତା' ଜୀବନର ନିୟାମକ ଚିନ୍ତାଧାରା ତଥା ଅଭିପ୍ରାୟଗୁଡ଼ିକୁ ଅଧିକ ସ୍ପଷ୍ଟଭାବରେ ସୂଚିତ କରିଦେବାରେ ସମର୍ଥ ହୋଇପାରିଲା । ଗୋଟାଏ ପାଖରେ ମିଥ୍ୟାଲୋକ ଦ୍ୱାରା ଆପଣାକୁ ପ୍ରାୟ ବିମୂଢ଼ କରି ରଖିଥିବା ପ୍ରାଣଶକ୍ତିପ୍ରଧାନ ଅଭିପ୍ରାୟଶକ୍ତି ସହିତ, ଅନ୍ୟ ଏକ ପାଖରେ ଦାସ ପରି କାର୍ଯ୍ୟରେ ଲାଗିଥିବା ଏକ ବୁଦ୍ଧି ଓ ବିଜ୍ଞାନ-କୌଶଳର ଯେଉଁ ଦୁର୍ଦ୍ଧାନ୍ତ ମିଳନ ଘଟିଲା; ତାହାରି ଦ୍ୱାରା ହିଁ ଆଧୁନିକ ପୃଥିବୀକୁ ଏହି ଅସ୍ୱସ୍ତି ଓ ଏପରିକି ଶାରୀରିକ ସଂଘାତଟିର ସମ୍ମୁଖୀନ ହେବାକୁ ପଡ଼ିଲା । ସେହି ବୁଦ୍ଧି ଓ ବିଜ୍ଞାନକୌଶଳ ପ୍ରାଣପ୍ରଧାନ ଅଭିପ୍ରାୟ ଶକ୍ତିଟିର ସାଧନ ରୂପେ ବ୍ୟବହୃତ ହେଲା ଏବଂ ଅନେକ ସିଦ୍ଧିପ୍ରାପ୍ତ ଏକ ଭୌତିକ ବିଜ୍ଞାନର ଅଦ୍‌ଭୁତ ପ୍ରତିଭାସମ୍ପନ୍ନତା ତା'ଲାଗି ଆଜ୍ଞାକାରୀ ପ୍ରେତର କାର୍ଯ୍ୟ କଲା ଏବଂ ତାହାରି ଲାଗି କେଡ଼େ କେଡ଼େ ପ୍ରକାଣ୍ଡ, ଅତିକାୟ; ଅଥଚ କୌଣସି ଆତ୍ମା ନ ଥିବା କମିଆଁ ସବୁ ଗଢ଼ିକରି ଥୋଇଦେଲା । ଏହିପରି ଭାବରେ ଯେଉଁ ବିସ୍ଫୋରକ ଶକ୍ତିଗୁଡ଼ିକର ସୃଷ୍ଟି ହେଲା; ମହାଯୁଦ୍ଧ ରୂପରେ ହିଁ ତାହାର ବିସ୍ଫୋରଣ ଘଟିଲା, ଏବଂ ଏହି ଯୁଦ୍ଧ ପୃଥିବୀକୁ ନାନାପ୍ରକାରେ ନାରଖାର ଓ ଛିନ୍ନଭିନ୍ନ କରି ଦେଇଥିଲେ ମଧ୍ୟ ତାହାର ପରବର୍ତ୍ତୀ ଘଟଣାରୂପେ ଯାହାସବୁ ଘଟିଲା; ତାହା ସେହି ଯୁଦ୍ଧର ଜନକରୂପେ କାର୍ଯ୍ୟ କରିଥିବା ପୂର୍ବାଲୋଚିତ ସେହି ଉଭୟଙ୍କର ମିଳନଟିର ଭୂଶୁଡ଼ି ପଡ଼ିବାଲାଗି ପ୍ରାୟ ଏକ କ୍ଷେତ୍ର ମଧ୍ୟ ପ୍ରସ୍ତୁତ କରିଦେଇଥିଲା । ଏହି ଯୁଦ୍ଧର ପରବର୍ତ୍ତୀ ପରିଣାମମାନ ଯେ ଏକ ସମଗ୍ର ବିଘଟନ ସୃଷ୍ଟି କରିବାଭଳି ଏକ ଅରାଜକତା ସଂଘଟିତ କରିପାରିଛନ୍ତି ବା ଅନ୍ତତଃ ସ୍ପଷ୍ଟଭାବରେ ଏକ ବିଶୃଙ୍ଖଳା ସମ୍ଭବ କରିଦେଇଛନ୍ତି, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ ଏବଂ ଏହିପରି ଏକ ଶୁଭ ସଙ୍କେତମୟ ସମଗ୍ର ଧ୍ୱଂସସାଧନ ଘଟାଇ ସେହି ପରିଣାମସବୁ ମନୁଷ୍ୟର ଜୀବନରେ ଏକ ଉଚ୍ଚତର ଲକ୍ଷ୍ୟ ସିଦ୍ଧି ପଥରେ ଯେଉଁ ମୁଖ୍ୟ ପ୍ରତିବନ୍ଧକମାନ ରହିଥିଲା ସେଗୁଡ଼ିକୁ ଦୂର କରି ଦେବାରେ ଲାଗିଛନ୍ତି ।

ଏହିସବୁର ପଛରେ ଏପର୍ଯ୍ୟନ୍ତ ଗୌଣ ଓ ଶିଶୁ ଅବସ୍ଥାରେ ରହିଥିବା ଯେଉଁ ପ୍ରବୃତ୍ତିଗୁଡ଼ିକ ଆପଣା ମଧ୍ୟରେ ଏକ ନୂତନ ଆତ୍ମଗତ ଏବଂ ଚେତନ ସ୍ତରରେ ମନୁଷ୍ୟ ତା'ର ଆପଣା ସତ୍ତାଟିର ଅନ୍ୟ ମଣିଷଙ୍କର ଏବଂ ତା'ର ବ୍ୟକ୍ତିଗତ ତଥା ସାମାଜିକ ଜୀବନ ବ୍ୟବସ୍ଥା ସମ୍ମୁଖୀନ ହେବାର ବୀଜକୁ ବହନ କରୁଛନ୍ତି, ସେହିଗୁଡ଼ିକରେ ହିଁ ମନୁଷ୍ୟଜାତିର ସବୁ ଆଶା ନିହିତ ହୋଇ ରହିଛି । ଯୁଦ୍ଧପୂର୍ବ ଯୁଗରେ ଶିକ୍ଷା ଏବଂ ଶିଶୁର ପରିପାଳନ ବିଷୟରେ ଯେଉଁସବୁ ନୂତନ ବିଚାର ଅତି ଶକ୍ତିଶାଳୀ ଭାବରେ ଆପଣାକୁ ଅନୁଭୂତ କରାଇଥିଲା, ଆମେ ସେଗୁଡ଼ିକ ଭିତରେ ଏହିସବୁ ପ୍ରବୃତ୍ତିର ଏକ ସ୍ୱଭାବଗତ ସୂଚନା ବେଶ୍ ପାଇପାରିବା । ଆଗରୁ ଶିକ୍ଷା କହିଲେ ଶିଶୁର ପ୍ରକୃତିକୁ

'oaob.nitrkl.ac.in' images reprocessed

ବଡ଼ ଯାନ୍ତ୍ରିକ ଭାବରେ ତାଲିମ ଦେବା ଆଉ ପାଠ ଶିଖାଇବାର କେତେଟା ସ୍ୱେଚ୍ଛାକୃତ ଗୁଳାଭିତରେ ନେଇ କେବଳ ଜବରଦସ୍ତି ଭର୍ତ୍ତି କରିଦେବାକୁ ହିଁ ବୁଝାଉଥିଲା । ପିଲାର ଯେ ଗୋଟାଏ ସ୍ୱକୀୟ ବ୍ୟକ୍ତିଗତ ସତ୍ତା ବା ଆତ୍ମସମ୍ପଦ ରହିଛି, ତାଏତ ସବା ଶେଷରେ ଯାଇ ସେକଥାର ବିଚାର ହେଉଥିଲା । ପରିବାରରେ ପିଲାର ଲାଳନପାଳନ କହିଲେ ପିଲାକୁ ସବୁକଥାରେ ସବୁବେଳେ କେବଳ ଦବାଇକରି ରଖିବା ଏବଂ ନାନା ବାଧାବାଧକତା ଦ୍ୱାରା ତା'ର ଆଚରଣ, ତା'ର ଭାବନା ଓ ତା'ର ଚରିତ୍ରକୁ ପାରମ୍ପରିକ ଧାରଣା ଅଥବା ସଂପୃକ୍ତ ଶିକ୍ଷକ ଏବଂ ପିତାମାତାଙ୍କର ବ୍ୟକ୍ତିଗତ ଇଚ୍ଛା ବା ଆଦର୍ଶ ଅନୁସାରେ ସେମାନଙ୍କ ପାଇଁ ତିଆରି ହୋଇ ରହିଥିବା ଗୋଟାଏ ନିର୍ଦ୍ଦିଷ୍ଟ ଛାଞ୍ଚ ଭିତରେ ପକାଇଦେବାକୁ ହିଁ ବୁଝାଉଥିଲା । ପିଲାର ବୁଦ୍ଧିଗତ ତଥା ନୈତିକ ସାମର୍ଥ୍ୟଗୁଡ଼ିକୁ ସେଗୁଡ଼ିକର ସମ୍ଭାବ୍ୟ ଉଚ୍ଚତମ ମୂଲ୍ୟସ୍ତର ଯାଏ ବିକଶିତ କରାଇ ଆଣିବାକୁ ହିଁ ଯେ ଶିକ୍ଷା କୁହାଯିବ ଏବଂ ଶିଶୁପ୍ରକୃତିର ମନୋବିଜ୍ଞାନ ଉପରେ ହିଁ ଯେ ଶିକ୍ଷା ଆଧାରିତ ହୋଇ ରହିବ, ଏହି ଆବିଷ୍କାର ବା ନୂତନ ଅନ୍ତର୍ଦୃଷ୍ଟି ଲାଭକୁ ଆମେ ଏକ ସୁସ୍ଥ, କାରଣ ଏକ ଆତ୍ମପ୍ରଧାନ ଶିକ୍ଷା ବ୍ୟବସ୍ଥା ଦିଗରେ ଏକ ଅଗ୍ରଗତିଶୀଳ ପଦକ୍ଷେପ ବୋଲି କହିପାରିବା । ମାତ୍ର ଏଥିରେ ତଥାପି ଅସମ୍ପୂର୍ଣ୍ଣତା ରହି ଯାଇଥିଲା; କାରଣ ଏହା ସେତେବେଳେ ମଧ୍ୟ ପିଲାକୁ ଗୋଟାଏ ବସ୍ତୁ ବା ପିଣ୍ଡୁଳା ପରି ଦେଖୁଥିଲା, ଯାହାକୁ କି ଶିକ୍ଷକ ଆପଣା ହାତରେ ଏପାଖ ସେପାଖ କରି ଗଢ଼ିପାରିବ ଓ ଶିକ୍ଷା ଦେଇ ପାରିବ । ମାତ୍ର ଏଥିରେ ଏହି ଉପଲବ୍ଧିଟିର ଅନ୍ତତଃ ଏକ ଆଭାସ ନିଶ୍ଚୟ ରହିଥିଲା ଯେ, ପ୍ରତ୍ୟେକ ମନୁଷ୍ୟସତ୍ତା ହେଉଛି ମୂଳତଃ ଗୋଟିଏ ସ୍ୱୟଂବିକାଶମାନ ସତ୍ତା ଏବଂ ତେଣୁ ପିତା ମାତା ତଥା ଶିକ୍ଷକ ପ୍ରତ୍ୟେକ ମନୁଷ୍ୟଶିଶୁ ଯେପରି ନିଜ ନିଜକୁ ଶିକ୍ଷାଲାଗି ପ୍ରେରିତ କରି ପାରିବ, ସେଥିଲାଗି ଶିଶୁଭିତରେ ଆବଶ୍ୟକ ସାମର୍ଥ୍ୟ ଆଣିଦେବେ ଓ ଶିଶୁକୁ ସେଥିଲାଗି ସାହାଯ୍ୟ କରିବେ । ଶିଶୁ ଯେପରି ସ୍ୱୟଂପ୍ରେରିତ ହୋଇ ଆପଣାର ବୁଦ୍ଧିଗତ, ନୈତିକ ସୌନ୍ଦର୍ଯ୍ୟବୋଧଗତ ତଥା ବ୍ୟାବହାରିକ ସମାର୍ଥ୍ୟଗୁଡ଼ିକର ବିକାଶ କରି ପାରିବ, ଏକ ଜୀବନଶାଳୀ ସତ୍ତା ପରି ମୁକ୍ତ ଓ ସ୍ୱଚ୍ଛନ୍ଦ ଭାବରେ ବଢ଼ିପାରିବ ଓ ମେଞ୍ଚାଏ କାଦୁଅ ପରି କୌଣସି ଏକ ଜୀବନହୀନ ବସ୍ତୁ ପରି ତାକୁ ଚପାଇ ଦଳି କୌଣସି ଏକ ପୂର୍ବନିର୍ଦ୍ଦିଷ୍ଟ ଛାଞ୍ଚ ଦିଆଯିବାକୁ ଆଦୌ ଚେଷ୍ଟା କରାଯିବ ନାହିଁ । ସେମାନେ ସେଇଥିଲାଗି ହିଁ ଶିଶୁକୁ ସାହାଯ୍ୟ କରିବେ ଓ ଶିଶୁଭିତରେ ଆବଶ୍ୟକ ସାମର୍ଥ୍ୟ ଆଣିଦେବେ । ଶିଶୁର ଆତ୍ମା କହିଲେ ଯଥାର୍ଥରେ କ'ଣ ବୁଝାଏ ଏବଂ ପିଲା ବା ବଡ଼ମଣିଷ ଯାହା ହୋଇଥାଉ ପଛକେ, ପ୍ରତ୍ୟେକ କ୍ଷେତ୍ରରେ ତାକୁ ତା'ର ଗଭୀରତର ଆତ୍ମପରିଚୟଟି ଲାଭ କରିବାରେ ଅର୍ଥାତ୍ ତାହାର ଭିତରେ ରହିଥିବା ଚେତନ ସତ୍ୟସତ୍ତାଟିର ଆବିଷ୍କାର କରିବାରେ ହିଁ ସହାୟତା କରିବାକୁ ଯେ ଶିକ୍ଷାର ଗୁପ୍ତ ଅସଲକଥା ବୋଲି ଜାଣିବାକୁ ହେବ, ସେ କଥାଟି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଅନୁଭୂତ ହୋଇ ନାହିଁ । ଏହି କଥାଟିକୁ ଯଦି ଆମେ ଆଗକୁ ଆସିବାକୁ ଅନୁମତି ଦେଉ ଏବଂ ଆହୁରି ଅଧିକ କରି କହିଲେ, 'ଆମ ସମ୍ମୁଖରେ

'oaob.nitrkl.ac.in' images reprocessed

ରହିଥିବା ଯାହାର 'ନାୟକ' ରୂପେ ଯଦି ଆମେ ପୁରୋଭୂମିକୁ ଏହି ସତ୍ୟଟିର ଆବାହନ କରି ଆଣିପାରୁ, ତେବେ କେବଳ ତାହାହିଁ ଆମ ହାତରେ ରହିଥିବା ଶିକ୍ଷାର ଅଧିକାଂଶ ଦାୟିତ୍ୱକୁ ଆପେ ସମ୍ଭାଳିନେଇ ପାରିବ ଏବଂ ମନୋମୟ ମନୁଷ୍ୟସତ୍ତାର ସାମର୍ଥ୍ୟକୁ ତା'ର ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକର ଉପଲବ୍ଧି ଦିଗରେ ଅବଶ୍ୟ ବିକାଶ କରାଇ ଆଣିବ । ଜୀବନ ଆଉ ମଣିଷକୁ ଏବେ ଆମେ ସତେଅବା ଗୋଟାଏ ଯନ୍ତ୍ରପରି ହିଁ ଦେଖୁଛୁ ଏବଂ କେବଳ ବାହ୍ୟ ରୁଟିନର ଏକ ପଦ୍ଧତିଦ୍ୱାରା ହିଁ ଆମେ ସେସବୁର ସମ୍ମୁଖୀନ ହୋଇ ପାରୁଛୁ ଏବଂ ସେହି କାରଣରୁ ହିଁ ଆମେ ସେହି ଅନ୍ତର୍ନିହିତ ସମ୍ଭାବନାଗୁଡ଼ିକ ବିଷୟରେ କୌଣସି ଅନୁଭୂତି ଲାଭ କରିବାରେ କିମ୍ବା ସେଗୁଡ଼ିକର କୌଣସି କଳ୍ପନା କରି ପାରିବାରେ ମଧ୍ୟ ଏକାନ୍ତ ଅସମର୍ଥ ହୋଇ ରହିଛୁ । ବର୍ତ୍ତମାନ ଶିକ୍ଷାର ଯେଉଁସବୁ ନୂତନ ପଦ୍ଧତି ଉଦ୍‌ଭୂତ ହେବାକୁ ଆରମ୍ଭ କରୁଛି, ସେସବୁ ସେହି ସମ୍ଭାବନା ଗୁଡ଼ିକର ସମ୍ମୁଖୀନ ହୋଇ ପାରିବାଭଳି ଏକ ସିଧା ବାଟର ହିଁ ଅନୁସରଣ କରୁଛି । ଆମର ପ୍ରାଣଗତ ତଥା ଜଡ଼ ମନର ପଶ୍ଚାତରେ ରହିଥିବା ଚୈତ୍ୟ ସତ୍ତାଟିକୁ ଅନ୍ତରଙ୍ଗ ଭାବରେ ସ୍ପର୍ଶ କରି ପାରିବା ଲାଗି ଯେଉଁ ପ୍ରୟାସ କରାଯାଉଛି ଏବଂ ତାହାର ସମ୍ଭାବନାଗୁଡ଼ିକ ଉପରେ ଯେପରି କ୍ରମେ ଅଧିକରୁ ଅଧିକ ଆସ୍ଥା ସ୍ଥାପନ କରାଯାଉଛି, ତାହା ଆମକୁ ସେହି ଚରମ ପରିଚୟ ଲାଭ ଆଡ଼କୁ ଅବଶ୍ୟ ବାଟ ଦେଖାଇ ନେଇଯିବ; ଅନ୍ତଃସ୍ଥ ଭାବରେ ମନୁଷ୍ୟ ଯେ ଏକ ଆତ୍ମା ଓ ପରମ ଦିବ୍ୟସତ୍ତାର ଏକ ଚେତନାମୟ ଶକ୍ତି, ଏବଂ ଅନ୍ତର ଭିତରେ ବାସ କରୁଥିବା ଏହି ଯଥାର୍ଥ ମନୁଷ୍ୟଟିର ବିକାଶ ଓ ଉନ୍ମୋଚନ ଘଟାଇବା ଯେ ଶିକ୍ଷାର ଯଥାର୍ଥ ଉଦ୍ଦେଶ୍ୟ, ଆମେ କ୍ରମେ ଏହି ସତ୍ୟଟିର ଆବିଷ୍କାର କରି ପାରିବା । ମନୁଷ୍ୟର ଜୀବନ ଯଦି ଆପଣା ସତ୍ତାର ସେହି ପ୍ରଚ୍ଛନ୍ନ ପରମସତ୍ୟ ଏବଂ ଅନ୍ତରତମ ଈଶ୍ୱରର ବିଧାନଟିକୁ ଆବିଷ୍କାର କରି ତାହାରି ଅନୁସାରେ ବଞ୍ଚିବାଲାଗି ଇଚ୍ଛା କରୁଥାଏ, ତେବେ ତାହାକୁ ହିଁ ଆମେ ବସ୍ତୁତଃ ସମଗ୍ର ମନୁଷ୍ୟଜୀବନର ମଧ୍ୟ ଯଥାର୍ଥ ଉଦ୍ଦେଶ୍ୟ ବୋଲି କହିପାରିବା । ଆପଣାର ଧର୍ମକ୍ଷେତ୍ରୀୟ ତଥା ସାମାଜିକ ପ୍ରତୀକଗୁଡ଼ିକ ଦ୍ୱାରା ପ୍ରାଚୀନ ମନୀଷୀମାନେ ଏହି ଜ୍ଞାନଟିକୁ ହିଁ ପ୍ରକାଶ କରିବାର ଆକାଙ୍‌କ୍ଷା ରଖିଥିଲେ ଏବଂ ଆତ୍ମନିଷ୍ଠଭାବ ସେଇ ଲୁପ୍ତ ଜ୍ଞାନର ଭୂମିଟିକୁ ପୁଣି ଫେରି ପାଇବାର ଏକ ପନ୍ଥା—ଏହି ଆଭ୍ୟନ୍ତରଗତତା ପ୍ରଥମେ ମନୁଷ୍ୟର ଅନ୍ତରାନୁଭୂତିଟିକୁ ଅଧିକ ଗଭୀର କରିବ, ସମ୍ଭବତଃ ମନୁଷ୍ୟଜାତିକୁ ତାହା ଏକ ଅଭୂତପୂର୍ବ ଆଲୋଡ଼ନକ୍ଷମତା ସହିତ ଅନ୍ତର୍ଦୃଷ୍ଟି ଏବଂ ଆତ୍ମଜ୍ଞାନ ଆଣି ଦେବ; ଏବଂ ଶେଷରେ ତା'ର ସାମାଜିକ ତଥା ସାମୂହିକ ଆତ୍ମଅଭିବ୍ୟକ୍ତିର କ୍ଷେତ୍ରରେ ଏକ ତୁମୁଳ ବିପ୍ଳବ ଘଟାଇ ପାରିବ ।

ନୂତନ ଯୁଗଲାଗି ପ୍ରସ୍ତୁତିର ବାର୍ତ୍ତା ବହନ କରି ଆଭ୍ୟନ୍ତରପ୍ରଧାନ ଯେଉଁ ଯୁଗ ପର୍ଯ୍ୟାୟଟି ଜନ୍ମ ନେବାକୁ ଯାଉଛି, ତାହା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ରହିଥିବା ସମ୍ବନ୍ଧ ମଧ୍ୟରେ କିମ୍ବା ସାମାଜିକ ବିକାଶର ସର୍ବାଧିକ ପ୍ରଭାବଶାଳୀ ବିଗ୍ରହର ଏବଂ ପ୍ରବୃତ୍ତିଗୁଡ଼ିକ

'oaob.nitrkl.ac.in' images reprocessed

ଭିତରେ ଆପଣାକୁ ସେତେ ବେଶୀ ପରିଚିତ ଅଥବା ଅନୁଭୂତ କରାଇନାହିଁ; ଏହିସବୁ କ୍ଷେତ୍ରରେ ମୁଖ୍ୟତଃ ବୁଦ୍ଧିବାଦ ଓ ଜଡ଼ବାଦ ହିଁ କାର୍ଯ୍ୟ କରୁଛି ଏବଂ ଏହା ଦେହରେ ସେହି ଗଭୀରତର ଆତ୍ମପ୍ରଧାନ ପ୍ରବୃତ୍ତିଟିର ଏକ ଅସ୍ପଷ୍ଟ ସ୍ପର୍ଶମାତ୍ର ହୁଏତ ଆସି ବାଜୁଛି । ମାତ୍ର ଆପଣାର ଜାତି ବୋଲି କହି ମନୁଷ୍ୟ ଅତୀତ ଯୁଗରେ ଆପଣା ଜୀବନର ଯେଉଁ ଜୀବନୋଦ୍ଦୀପିତ ସମୂହଟିର ସବୁଠାରୁ ଅଧିକ ସୁନିଶ୍ଚିତ ଭାବରେ ବିକାଶ କରାଇଆଣିଛି, ସେହି ଜାତି ବିଷୟରେ ମନୁଷ୍ୟର ସେହି ନୂତନ ସାମୁଦାୟିକ ଆତ୍ମ-ଚେତନାର କ୍ଷେତ୍ରରେ ହିଁ ଉକ୍ତ ଆତ୍ମପ୍ରଧାନ ଦୃଷ୍ଟିଟି ଆପଣାକୁ ସର୍ବାଧିକ ପରିମାଣରେ ଅନୁଭୂତ କରାଇପାରିଛି । ଏହି କ୍ଷେତ୍ରଟିରେ ହିଁ ତାହା ଶକ୍ତିଶାଳୀ ଫଳମାନ ଫଳାଇବାକୁ ଆରମ୍ଭ କଲାଣି । କେତେବେଳେ ତାହା ଏକ ପ୍ରାଣଶକ୍ତିପ୍ରଧାନ ଆତ୍ମଗତତା ଓ ପୁଣି କେତେବେଳେ ଏକ ଚୈତନ୍ୟସ୍ୱସ୍ଥ ଆତ୍ମଗତତା ରୂପେ କାର୍ଯ୍ୟ କରିବାରେ ଲାଗିଛି । ଏହି ଆତ୍ମଗତତାର ସ୍ରୋତ ପ୍ରକୃତରେ କେଉଁଆଡ଼କୁ ଚାଲିଛି, ଏଥିରେ କ'ଣ ସବୁ ଅଭାବ ବା ପ୍ରମାଦ ପ୍ରଚ୍ଛନ୍ନ ହୋଇ ରହିଛି, ଜାତିର କ୍ଷେତ୍ରଟିରେ ହିଁ ଆମେ ସେଗୁଡ଼ିକୁ ଅତି ପରିଷ୍କାର କରି ଦେଖିବାକୁ ପାଇବା ଏବଂ ମନୁଷ୍ୟଜାତିର ଏହି ଆତ୍ମପ୍ରଧାନ ପର୍ଯ୍ୟାୟଟିରେ ପ୍ରକୃତରେ କେଉଁ ଉଦ୍ଦେଶ୍ୟ ନିହିତ ହୋଇ ରହିଛି, ତାହା କେଉଁସବୁ ସ୍ଥିତି ବା ଅବସ୍ଥାର ଅବତାରଣା କରିବାକୁ ଯାଉଛି ଏବଂ ଏହି ପର୍ଯ୍ୟାୟଟି ମଧ୍ୟରେ ପ୍ରବେଶ କରି ସମାଜର ବିବର୍ତ୍ତନ ଆପଣାର ବୃହତ୍ ଆବର୍ତ୍ତନ ପଥରେ ପ୍ରକୃତରେ କେଉଁ ଲକ୍ଷ୍ୟସ୍ଥଳରେ ଯାଇ ଉପନୀତ ହେବାର ଅଭିପ୍ରାୟ ରଖିଛି, ଜାତିର ଏହି କ୍ଷେତ୍ରଟିରେ ହିଁ ଆମେ ତାହାର ଏକ ସ୍ପଷ୍ଟ ପରିଚୟ ପାଇବାକୁ ସମର୍ଥ ହେବା ।

'oaob.nitrkl.ac.in' images reprocessed

### ଚତୁର୍ଥ ପରିଚ୍ଛେଦ

## ଜାତି-ଆତ୍ମାର ଆବିଷ୍କାର

ନିଜର ଆତ୍ମବିକାଶ ଲାଗି ଇଚ୍ଛା କରିବା ଏବଂ ସେହି ଦିଗରେ ସତତ ଉଦ୍ୟମଶୀଳ ହୋଇ ରହିବା ହେଉଛି ବ୍ୟକ୍ତିଜୀବନର ସର୍ବମୂଳ ବିଧାନ ଓ ସର୍ବମୂଳ ଉଦ୍ଦେଶ୍ୟ । ସମ୍ପୂର୍ଣ୍ଣ ସଚେତନ ଭାବରେ ହେଉ, ଅର୍ଦ୍ଧଚେତନ ଭାବରେ ହେଉ ଅଥବା ଅତି ଅସ୍ପଷ୍ଟ ଓ ଅଚେତନ ଭାବରେ କେବଳ ଅନ୍ଧାରେ ବୁଲିବା ପରି ହେଉ, ବ୍ୟକ୍ତି ନିରନ୍ତର ଏବଂ ଯଥାର୍ଥ ଭାବରେ ଆପଣା ଜୀବନ ଲାଗି ସ୍ୱ-ଆବିଷ୍କୃତ ଏକ ସୂତ୍ର ପାଇବା ଲାଗି ହିଁ ଉଦ୍ୟମ କରିବାରେ ଲାଗିଥାଏ, ଆପଣାକୁ ଆବିଷ୍କାର କରିବାରେ ଲାଗିଥାଏ ଏବଂ ଆପଣା ଭିତରେ ଆପଣା ସତ୍ତାଟିର ଯଥାର୍ଥ ବିଧାନ ତଥା ଯଥାର୍ଥ ସାମର୍ଥ୍ୟଟିର ଆବିଷ୍କାର କରି ସ୍ୱ-ଜୀବନରେ ସେହିଟିକୁ ପରିପୂର୍ଣ୍ଣ କରିବାରେ ତତ୍ପର ରହିଥାଏ । ବ୍ୟକ୍ତିର ଏହି ଉଦ୍ଦେଶ୍ୟ ବା ଲକ୍ଷ୍ୟକୁ ଆମେ ଏକ ଆଧାରଭୂତ, ଯଥାର୍ଥ ଓ ଅନିବାର୍ଯ୍ୟ ଲକ୍ଷ୍ୟ ବୋଲି କହିବା; କାରଣ, ସବୁ ପ୍ରକାର ସୀମା ଓ ବାଡ଼ସବୁକୁ ବାନ୍ଧିଦେଇ ମନୁଷ୍ୟବ୍ୟକ୍ତିକୁ ଏକ ନିର୍ଦ୍ଦିଷ୍ଟ ଆୟତନର ବୋଲି ଦେଖାଇଦିଆଯିବାର ସକଳ ଚେଷ୍ଟା କରାଯାଇପାରିଲେ ମଧ୍ୟ ତଥାପି ଆମକୁ ସ୍ମରଣ ରଖିବାକୁ ହେବ ଯେ, ବ୍ୟକ୍ତିକୁ ଆମେ ଯେଉଁ ଅତି କ୍ଷଣଭଙ୍ଗୁର ଜଡ଼ଗତ ଜୀବଟି ବୋଲି ଭାବୁଛୁ, ସିଏ କଦାପି କେବଳ ସେତିକି ନୁହେଁ, କେବଳ ସମଷ୍ଟି କରୁଥିବା ଏବଂ ଭାଙ୍ଗିପକାଉଥିବା ମନ ତଥା ଶରୀରର ଗୋଟାଏ ରୂପାୟନମାତ୍ର ନୁହେଁ; ବ୍ୟକ୍ତି ହେଉଛି ସେହି ଶାଶ୍ୱତ ପରମ ସତ୍ୟର ଏକ ସତ୍ତା, ତାହାର ଏକ ଜୀବନ୍ତ ସାମର୍ଥ୍ୟ; ବ୍ୟକ୍ତି ହେଉଛି ଆପଣାକୁ ପ୍ରକାଶ କରିବାରେ ଲାଗିଥିବା ଏକ ଚିନ୍ମୟତା ଓ ଚିଦ୍‌ଗତତା । ଠିକ୍ ସେହିପରି ଭାବରେ ଯେକୌଣସି ସମାଜ, ଗୋଷ୍ଠୀ ବା ଜାତିର ସର୍ବମୂଳ ବିଧାନ ଓ ସର୍ବମୂଳ ଉଦ୍ଦେଶ୍ୟ ହେଉଛି ଆପଣାର ଆତ୍ମପରିପୂର୍ଣ୍ଣତାର ସନ୍ଧାନ କରିବା । ବଡ଼ ଯଥାର୍ଥ ଭାବରେ ହିଁ ସମାଜ, ଗୋଷ୍ଠୀ ବା ଜାତି ଆପଣାକୁ ଆବିଷ୍କାର କରିବାର ଉଦ୍ୟମ କରୁଥାଏ, ଆପଣା ଭିତରେ ଆପଣାର ସତ୍ତାର ବିଧାନ ଓ ସାମର୍ଥ୍ୟଟି ବିଷୟରେ ପୂର୍ଣ୍ଣ ସଂବିତ୍ ଲାଭ କରିବାକୁ ଓ ଯଥାସମ୍ଭବ ପରିପୂର୍ଣ୍ଣ ଭାବରେ ସେହି ବିଧାନ ତଥା ଉଦ୍ଦେଶ୍ୟକୁ ସିଦ୍ଧ କରିବାର ଉଦ୍ୟମ କରୁଥାଏ; ଆପଣା ଭିତରେ ନିହିତ ରହିଥିବା ସକଳ ସମ୍ଭାବନାର ଉପଲବ୍ଧି କରିବାଲାଗି ଓ ଆପଣାକୁ ପ୍ରକଟ କରିଦେଉଥିବା

'oaob.nitrkl.ac.in' images reprocessed

ତା'ର ଆପଣା ଜୀବନଟିକୁ ବଞ୍ଚିବାଲାଗି ପ୍ରୟାସୀ ହୋଇ ରହିଥାଏ । ଏହାର କାରଣଟି ମଧ୍ୟ ଠିକ୍ ସେଇଆ; କାରଣ ଗୋଷ୍ଠୀ ବା ଜାତି ମଧ୍ୟ ଗୋଟିଏ ସତ୍ତା, ଶାଶ୍ୱତ ପରମ ସତ୍ୟର ଏକ ଜୀବନଶାଳୀ ସାମର୍ଥ୍ୟ, ବିଶ୍ୱଗତ ପରମ ଚେତନାର ଏକ ଆତ୍ମପ୍ରକାଶ; ଏବଂ ଏହା ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ସେହି ବିଶ୍ୱଗତ ପରମ ଚିଦ୍‌ଗତତାର ବିଶେଷ ସତ୍ୟ, ଶକ୍ତିମତ୍ତା ତଥା ତାତ୍ପର୍ଯ୍ୟଟିକୁ ଆପଣାର ସ୍ୱକୀୟ ରୀତିରେ ପ୍ରକାଶିତ କରିଦେବା ଓ ପରିପୂର୍ଣ୍ଣ କରିବା ହେଉଛି ଏହାର ସର୍ବପ୍ରଧାନ କର୍ତ୍ତବ୍ୟ । ବ୍ୟକ୍ତି ଭଳି ଜାତି ବା ସମାଜର ମଧ୍ୟ ଏକ ଶରୀର ଅଛି, ଏକ ଜୀବନମୟ ଭୂମି ରହିଛି, ଏକ ନୈତିକ ତଥା ସୌନ୍ଦର୍ଯ୍ୟବୋଧଗତ ସ୍ୱଭାବ ଅଛି, ଏକ ବିକାଶଶୀଳ ମନ ରହିଛି ଏବଂ ଏହିସବୁ ସଙ୍କେତ ଓ ସାମର୍ଥ୍ୟ ପଛରେ ଗୋଟିଏ ଆତ୍ମା ମଧ୍ୟ ରହିଛି । ସେହି ଆତ୍ମାଟି ସକାଶେ ହିଁ ଏସବୁର ଅସ୍ତିତ୍ୱ ଲାଗି ଏକ ଔଚିତ୍ୟ ରହିଛି । ଏପରିକି ଆମେ ଏ କଥାଟି ମଧ୍ୟ ଦେଖିବାକୁ ପାଇବା ଯେ, ଠିକ୍ ବ୍ୟକ୍ତି ପରି ଜାତି ବା ଗୋଷ୍ଠୀ ମଧ୍ୟ ମୂଳତଃ ଗୋଟିଏ ଆତ୍ମା । ଜାତିର ଏକ ଆତ୍ମା ରହିଛି, କେବଳ ଏତିକି କହିଲେ ଯଥେଷ୍ଟ ହେବ ନାହିଁ; ଜାତି ମୂଳତଃ ଏକ ଆତ୍ମା ବୋଲି କହିବାକୁ ହେବ । ଜାତି ଏକ ସଙ୍ଘାତ୍ମା ବା ସମୂହ ଆତ୍ମା; ଆପଣାର ଏକ ସ୍ୱକୀୟ ବିଶିଷ୍ଟ ପରିଚୟ ହାସଲ କରିସାରିବା ପରେ ଆପଣାର ଗୋଷ୍ଠୀଗତ କ୍ରିୟାତ୍ମକତା, ମନୋଭୂମି ଏବଂ ଆପଣାର ଜୀବନମୟ ଆତ୍ମଅଭିବ୍ୟକ୍ତିଶାଳୀ ଜୀବନଟିର ବିକାଶ ସାଧନ କରିବା ସଙ୍ଗେ ସଙ୍ଗେ ଏହାକୁ ଅଧିକରୁ ଅଧିକ ଆତ୍ମସଚେତନ ହେବାକୁ ପଡ଼ିବ, ଅଧିକରୁ ଅଧିକ ପରିପୂର୍ଣ୍ଣ ଭାବରେ ଆପଣାର ଆବିଷ୍କାର କରିବାକୁ ହେବ ।

ବ୍ୟକ୍ତି ଓ ଜାତି ମଧ୍ୟରେ ଆମେ ଯେଉଁ ଢଙ୍ଗରେ ଚାହିଁବା, ସେଠାରେ ମଧ୍ୟ ଏକ ସମାନ୍ତର ଦେଖିବାକୁ ପାଇବା । କାରଣ ଏହା କେବଳ ଏକ ସମାନ୍ତର ନୁହେଁ, ଏହା ତା'ଠାରୁ ଅନେକ ଅଧିକ । ଏହି କ୍ଷେତ୍ରରେ ସ୍ୱଭାବଗତ ଏକ ଯଥାର୍ଥ ତଦାତ୍ମକତା ବା ଅଭିନ୍ନତା ମଧ୍ୟ ଅବଶ୍ୟ ରହିଛି । ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ ବୋଲି କେବଳ ଏତିକି ରହିଛି ଯେ, ସଙ୍ଘ ବା ସମୂହର ଆତ୍ମା ବ୍ୟକ୍ତିର ଆତ୍ମାଠାରୁ ଅଧିକ ଜଟିଳ; କାରଣ କେବଳ ପ୍ରାଣମୟ ଅବଚେତନ କୋଷଗୁଡ଼ିକର ଏକ ସମୂହ ବା ସମାହାର ପରିବର୍ତ୍ତରେ ଆପଣା ଭୌତିକ ସତ୍ତାର କର୍ମୀସ୍ୱକ ଅଙ୍ଗରୂପେ ଏଥିରେ ମନର ଭୂମି ଉପରେ ସକ୍ରିୟ ରହିଥିବା ଆଂଶିକ ଭାବରେ ଆତ୍ମସଚେତନ ଅନେକସଂଖ୍ୟକ ବ୍ୟକ୍ତି ଅନ୍ତର୍ଭୁକ୍ତ ହୋଇ ରହିଛନ୍ତି । ଖାସ୍ ଏହି କାରଣରୁ ପ୍ରଥମେ ଚାହିଁଦେଲାବେଳକୁ ଏହା ଆପଣାର ରୂପାୟନଗୁଡ଼ିକରେ ସତେ ଅବା ଅଧିକ ଅଶୋଧିତ, ଅଧିକ ଆଦିମ ଏବଂ କୃତ୍ରିମ ବୋଲି ଦେଖାଯାଇଥାଏ । କାରଣ ଏହାର ସମ୍ମୁଖରେ ସର୍ବଦା ଏକ ଅଧିକ ଆୟାସସାଧ୍ୟ କାର୍ଯ୍ୟ ମଧ୍ୟ ରହିଛି, ଆପଣାର ଆବିଷ୍କାର କରିପାରିବାକୁ ଅର୍ଥାତ୍ ଆପଣାର ସତ୍ୟ ରୂପଟି ଚିହ୍ନି ନେଇପାରିବାକୁ ଅଧିକ ସମୟ ଆବଶ୍ୟକ ହୋଇଥାଏ; ଏଥିରେ ପରିବର୍ତ୍ତନଗୁଡ଼ାକ

'oaob.nitrkl.ac.in' images reprocessed

ଅପେକ୍ଷାକୃତ ଅଧିକ କ୍ଷିପ୍ରଗତିରେ ହେଉଥାଏ ଏବଂ ଏହାର ମଧ୍ୟ ଏକ ଜୀବନ ରହିଛି ବୋଲି ସେତେ ସହଜରେ ମନେ ହୁଏ ନାହିଁ । ଅତି ଅସ୍ପଷ୍ଟ ଭାବରେ ସଚେତନ ଆତ୍ମରୂପାୟନର ସୋପାନଟିରୁ ଆପଣାକୁ ବାହାରକରି ନେଇଯିବାରେ ସଫଳ ହୋଇ-ସାରିବା ପରେ ମଧ୍ୟ ପ୍ରଥମ ଅବସ୍ଥାରେ ତାହାର ସେହି ଆତ୍ମସଚେତନତା ଆଶୟପ୍ରଧାନ ହେବା ଅପେକ୍ଷା ଅଧିକ ବିଷୟନିଷ୍ଠ ବା ବସ୍ତୁସ୍ଥିତିପ୍ରଧାନ ହୋଇ ରହିଥାଏ ଏବଂ ତାହାର ଆଶୟପ୍ରଧାନତା ମଧ୍ୟ ସାଧାରଣତଃ କେବଳ ଉପରଠାଉରିଆ, ହୁଗୁଳା ହୋଇ ରହିଥାଏ, ସେଥିରେ ଖୁବ୍ ବେଶୀ ସ୍ପଷ୍ଟତା ରହିଥିଲା ପରି ଆଦୌ ମନେ ହୁଏ ନାହିଁ । ବିଷୟପ୍ରଧାନତା ବା ବସ୍ତୁସ୍ଥିତିଗତ ନିଷ୍ଠାକୁ ହିଁ ଅତି ବଳ ଦେଇ ସାଧାରଣତଃ ଏକ ସଂବେଗମୟ ଭାବପ୍ରବଣ ସ୍ତରରେ ଜାତିର ଏକ କଳ୍ପନା କରାଯାଏ । ଜାତି କହିଲେ ସେତେବେଳେ ଏକ ଭୌଗୋଳିକ ସୀମାବିଶିଷ୍ଟ ଆୟତନକୁ ବୁଝାଏ, କେବଳ ଅତି ବାହ୍ୟ ତଥା ଭୌତିକ ବିଗ୍ରହଟିକୁ ହିଁ ବୁଝାଇଥାଏ । ଆମେ ଯେଉଁ ଦେଶ ବା ଭୂଇଁଟିରେ ବାସ କରୁଛୁ, ତାହାର ପ୍ରତି ଆମେ ଏକପ୍ରକାର ମୋହଭାବ ଦେଖାଇଥାଉ, ତାହାକୁ ଆମ ପୂର୍ବପୁରୁଷମାନଙ୍କର ଦେଶ ବୋଲି କହୁ; ତାହା ଆମର ଦେଶ, **patria**, **vaterland** ଓ ଜନ୍ମଭୂମି ପ୍ରଭୃତି ନାନା ନାମରେ ଅଭିହିତ ହୋଇଥାଏ । ତା'ପରେ ଆମେ କ୍ରମେ ଉପଲବ୍ଧି କରିବାକୁ ଆରମ୍ଭ କରୁ ଯେ, ଯାହାକୁ ଆମେ ଦେଶ ବା ଦେଶଭୂମି ବୋଲି କହୁଛୁ, ସେଇଟି ହେଉଛି ଅସଲ ଶରୀରଟିର କେବଳ ଖୋଳ ମାତ୍ର । ଅବଶ୍ୟ ଏ କଥା ସତ ଯେ, ସେହି ଖୋଳଟି ଏକ ଜୀବନ୍ତ ଖୋଳ, ଜାତି ଉପରେ ତାହାର ମଧ୍ୟ ଏକ ବଡ଼ ଶକ୍ତିଶାଳୀ ପ୍ରଭାବ ନିଶ୍ଚୟ ରହିଛି । ଆମେ କ୍ରମେ ଏ କଥା ଅନୁଭବ କରିବାକୁ ଆରମ୍ଭ କରୁ ଯେ, ଯାହାଦ୍ୱାରା ଏହି ଜାତିରୂପ ଏକକଟି ଗଢ଼ାହୋଇଛି, ସେହି ଅଗଣିତ ନରନାରୀ ହେଉଛନ୍ତି ଜାତିର ଅସଲ ଓ ଅଧିକ ଯଥାର୍ଥ ଶରୀର । ସେହି ଶରୀରଟି ନିତ୍ୟ ବଦଳିଯାଉଛି, ତଥାପି ବ୍ୟକ୍ତି-ମନୁଷ୍ୟର ଶରୀର ପରି ତାହା ସର୍ବଦା ଠିକ୍ ତାହା ହିଁ ହୋଇ ରହିଛି, ଏବଂ ସେତିକବେଳେ ହିଁ ଆମେ ଏକ ଯଥାର୍ଥ ଆଶୟଗତ ସଂଘଚେତନାର ମାର୍ଗରେ ଅଗ୍ରସର ହେବାକୁ ଆରମ୍ଭ କରୁ । କାରଣ ସେତେବେଳେ ଆମକୁ ଏକଥାଟିର ଉପଲବ୍ଧି କରିବାଲାଗି ମଧ୍ୟ କେତେକ ପରିମାଣରେ ଏକ ଅବସର ମିଳେ ଯେ, ସମାଜର ଭୌତିକ ଗଠନ ବା ଶରୀରଟି ମଧ୍ୟ ମୂଳତଃ ଏକ ଆତ୍ମଗତ ସାମର୍ଥ୍ୟ ଏବଂ ତାହାକୁ ଆମେ କେବଳ ଏକ ବାହ୍ୟ ବସ୍ତୁସ୍ଥିତିଗତ ଅସ୍ତିତ୍ୱ ବୋଲି କଦାପି କହିପାରିବା ନାହିଁ । ଏହାର ଅନ୍ତର୍ଗତ ମର୍ମାତ୍ମକତାରେ ଜାତି ହେଉଛି କେବଳ ଏତିକଠାରୁ ଆହୁରି ଅନେକ ଅଧିକ, ଏହା ହେଉଛି ଏକ ଅତି ମହାନ୍ ସଂଘ-ଆତ୍ମା ବା ସମୂହାତ୍ମା; ଏବଂ ଆତ୍ମଗତ ଜୀବନ ମଧ୍ୟରେ ସର୍ବଦା ଯେଉଁସବୁ ମହତ୍ତର ସମ୍ଭାବନା ତଥା ବିପଦମାନ ନିହିତ ହୋଇ ରହିଥାଏ, ଏଥିରେ ମଧ୍ୟ ସେଗୁଡ଼ିକ ଅବଶ୍ୟ ନିହିତ ହୋଇ ରହିଛି ।

ପାଶ୍ଚାତ୍ୟ ମାନବ-ଇତିହାସର ସକଳ ପର୍ଯ୍ୟାୟରେ ସମାଜ ସମ୍ବନ୍ଧରେ ବିଷୟନିଷ୍ଠ ଓ ବସ୍ତୁପ୍ରଧାନ ଦୃଷ୍ଟିଟି ହିଁ ସବୁଠାରେ ସର୍ବାଧିକ ପ୍ରଭାବ ବିସ୍ତାର କରି ରହିଛି । ପ୍ରାଚ୍ୟ ଜଗତରେ ବି ଏହା ସାମାଜିକ କ୍ଷେତ୍ରଟିକୁ ଏକାବେଳେକେ ଗ୍ରାସ କରିପକାଇ ନ ଥିଲେ ମଧ୍ୟ ତଥାପି ଯଥେଷ୍ଟ ଶକ୍ତିଶାଳୀ ହୋଇ ରହିଆସିଛି । ଜାତୀୟ ଅସ୍ତିତ୍ୱ କହିଲେ ଶାସକ, ଜନଗଣ ତଥା ଦାର୍ଶନିକ ସମସ୍ତେ ଅଧିକତର ଭାବରେ ଏକ ରାଜନୀତିକ ସ୍ଥିତି ବା ପ୍ରତିଷ୍ଠାକୁ ବୁଝିଛନ୍ତି; ସେମାନଙ୍କର ସୀମାଗୁଡ଼ିକ ମେଣ୍ଟାଏ ବିସ୍ତାରି ରହିଛି, ସେହି ଅଞ୍ଚଳଟିକୁ ବୁଝିଛନ୍ତି; ଗୋଟିଏ ସମୂହ ହିସାବରେ ଆପଣାର ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ତଥା ଅର୍ଥିକ କାୟପ୍ରସାରଣକୁ ବୁଝିଛନ୍ତି, ଆପଣାର ଆଇନ୍‌କାନୁନ୍‌, ଅନୁଷ୍ଠାନ ତଥା ସେଗୁଡ଼ିକର କାର୍ଯ୍ୟକାରୀ ରୂପଗୁଡ଼ିକୁ ହିଁ ବୁଝିଛନ୍ତି । ଏହି କାରଣରୁ ରାଜନୀତି ଓ ଅର୍ଥନୀତି କ୍ଷେତ୍ରର ଅଭିପ୍ରାୟଗୁଡ଼ାକ ହିଁ ସବୁଠାରେ ସାମାଜିକ ଜୀବନର ଉପର ପରସ୍ତରଟାରେ ଏପରି ସର୍ବାଧିପତ୍ୟ ବିସ୍ତାର କରି ରହିଆସିଛି ଏବଂ ସେହି ଅଭିପ୍ରାୟ-ଗୁଡ଼ିକର କାର୍ଯ୍ୟାନ୍ୱିତ ରୂପ ଏବଂ ପ୍ରଭାବଗୁଡ଼ିକୁ ହିଁ ସମସ୍ତେ ଇତିହାସ ବୋଲି ବୁଝି-ଆସିଛନ୍ତି । କେବଳ ବ୍ୟକ୍ତିର ଜୀବନ ସ୍ତରରେ ହିଁ କୌଣସି ଆଶୟପ୍ରଧାନ ଓ ମନୋଧର୍ମୀ ସାମର୍ଥ୍ୟ ବା ଶକ୍ତି ରହିଛି ବୋଲି ସଚେତନ ଭାବରେ ସ୍ୱୀକାର କରାଯାଇଛି ଓ ତାହାକୁ ଅସ୍ୱୀକାର କରିପାରିବା ସର୍ବଦା ଅତି କଷ୍ଟକର ବୋଲି ମନେହୋଇଛି । ମାତ୍ର ସାମାଜିକ କ୍ଷେତ୍ରରେ ଅନ୍ୟଟିର ଏଭଳି ଏକ ପ୍ରାଧାନ୍ୟ ରହିଛି ଯେ, ପ୍ରକୃତିଦ୍ୱାରା ନିୟତ ହୋଇ ରହିଥିବା ବିଧାନଟି ଅନୁସାରେ କେବଳ ବସ୍ତୁସ୍ଥିତିଗତ ନାନା ଆବଶ୍ୟକତା ଦ୍ୱାରା ପ୍ରେରିତ ହୋଇ ହିଁ ସମାଜର ସବୁକିଛି ପ୍ରକୃତରେ ନିୟନ୍ତ୍ରିତ ହେଉଛି ବୋଲି ଅଧିକାଂଶ ଆଧୁନିକ ଇତିହାସକାର ଏବଂ ରାଜନୀତିର ଆଲୋଚନା କରିଥିବା କେତେଜଣ ବିଚାରକ ଏକ ସିଦ୍ଧାନ୍ତ ମଧ୍ୟ କରିଦେଇଛନ୍ତି । ଏହିସବୁ ଆବଶ୍ୟକତାର ପ୍ରେରଣାଦ୍ୱାରା ହିଁ ଆଉ ସବୁକିଛି ସମ୍ଭବ ହେଉଛି, ଅଥବା କେବଳ ଏକ ପରିଣାମ କିମ୍ବା ଆକସ୍ମିକତା ରୂପେ ସଂଘଟିତ ହେବାରେ ଲାଗିଛି । ଇତିହାସ କହିଲେ ସତେ ଯେପରି ରାଜନୀତିକ କ୍ରିୟାକଳାପର ବାହ୍ୟ ପରିବେଶଗତ ଅଭିପ୍ରାୟଗୁଡ଼ିକୁ ହିଁ ବୁଝିବା ଓ ଏକତ୍ର ଲିପିବଦ୍ଧ କରି ରଖିବା ବ୍ୟତୀତ ଆଉ କିଛିହେଲେ ବୁଝାଏ ନାହିଁ, ସତେ ଯେପରି କେବଳ ଅର୍ଥନୀତିଗତ ପ୍ରଭାବ ତଥା ବିକାଶର ଏକ ଖେଳ କିମ୍ବା ଅନୁଷ୍ଠାନଗୁଡ଼ିକର ବିବର୍ତ୍ତନଗତ ଗତିପଥଟି ବ୍ୟତୀତ ଆଉ କିଛି ହେଲେ ବୁଝାଏ ନାହିଁ, ଠିକ୍ ସେହିପରି ଭାବରେ ବିଜ୍ଞାନକୁ ଅବଲମ୍ବନ କରି ଧରିଥିବା ଇତିହାସର କଳ୍ପନା କରାଯାଇଛି । ଯେଉଁ ଅଳ୍ପ କେତେଜଣ ଇତିହାସକାର ତଥାପି ମାନସିକ ଉପାଦାନଟିକୁ କୌଣସି ମୂଲ୍ୟ ବା ମହତ୍ତ୍ୱ ଦେଇଛନ୍ତି, ସେମାନେ କେବଳ ବ୍ୟକ୍ତି ଉପରେ ହିଁ ଆପଣାର ଯାବତୀୟ ଦୃଷ୍ଟିକୁ ସୀମାବଦ୍ଧ କରି ରଖିଛନ୍ତି ଏବଂ ଇତିହାସକୁ କେବଳ ଅନେକସଂଖ୍ୟକ ଜୀବନୀର ଗୋଟିଏ ସମୂହ ବା ସ୍ତୂପ ବୋଲି କଳ୍ପନା କରିବା ବ୍ୟତୀତ ଆଉ ଅଧିକ ଦୂର ଅଗ୍ରସର ହୋଇ-ପାରିନାହାନ୍ତି; ଏବଂ ଭବିଷ୍ୟତରେ ଯେଉଁ ଯଥାର୍ଥତର ଏବଂ ବୃହତ୍ତର ଦୃଷ୍ଟିସମ୍ପନ୍ନ

'oaob.nitrkl.ac.in' images reprocessed

ବିଜ୍ଞାନର ବିକାଶ ହେବାକୁ ଯାଉଛି, ଏହିସବୁ ଲୋକଜନଶୈଳୀକୁ ତାହା ଜାତୀୟ ବିକାଶରେ ଅତି ଅପୂର୍ଣ୍ଣ ଭାବରେ ଆତ୍ମସଚେତନତା ଲାଭ କରିଥିବା ଏକ ପର୍ଯ୍ୟାୟର ଶୈଳୀ ବୋଲି ଦେଖିବ । ଅସ୍ତାତର ସେହି ବିଷୟପ୍ରଧାନ ଯୁଗଟିରେ ମଧ୍ୟ ବ୍ୟକ୍ତି, ଆଚରିତ ନୀତି, ଅର୍ଥନୀତିଗତ ଆନ୍ଦୋଳନ ତଥା ଆନୁଷ୍ଠାନିକ ନାନା ପରିବର୍ତ୍ତନ ପଛରେ ସର୍ବଦା ଏକ ବୃହତ୍ତର ଆଶୟଧର୍ମୀ ସାମର୍ଥ୍ୟ କାର୍ଯ୍ୟକାରୀ ହୋଇ ରହିଥିଲା । ମାତ୍ର ଅଧିକାଂଶତଃ ଏହା ଅବଚେତନ ଭାବରେ କାର୍ଯ୍ୟ କରୁଥିଲା, ଏକ ସଚେତନ ମନ ଅପେକ୍ଷା ଅଧିକତର ଭାବରେ ଏକ ଅବମାନସ ପ୍ରେରଣାରୂପେ କାର୍ଯ୍ୟ କରୁଥିଲା । ସଂଘଗତ ଆତ୍ମାର ଏହି ଅବଚେତନ ସାମର୍ଥ୍ୟଟି ଯେତେବେଳେ ଉପରିସ୍ଥ ଭୂମିରେ ମଧ୍ୟ ଆପଣାକୁ ଆବିର୍ଭୂତ କରାଇବାକୁ ଆରମ୍ଭ କରେ, ସେତିକିବେଳେ ଯାଇ ଜାତିମାନେ ସେମାନଙ୍କର ଆତ୍ମଗତ ଆୟତନଟିର ଅଧିକାର ଲାଭ କରିବାକୁ ଆରମ୍ଭ କରନ୍ତି; ଯେତେ ଅସ୍ପଷ୍ଟ ବା ଅପୂର୍ଣ୍ଣ ଭାବରେ ହେଲେ ମଧ୍ୟ ସେମାନେ ଆପଣାର ଆତ୍ମୋପଲବ୍ଧି ଦିଗରେ ଅଗ୍ରସର ହୁଅନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସଂଘଗତ ମାନସର ଉପରିଭାଗରେ ମଧ୍ୟ ସର୍ବଦା ଏହି ଆଶୟଗତ ଅସ୍ତିତ୍ୱ ବିଷୟରେ ଏକ ଅସ୍ପଷ୍ଟ ବୋଧ କାର୍ଯ୍ୟକାରୀ ହୋଇ ରହିଥାଏ । ମାତ୍ର ଏହି ଅସ୍ପଷ୍ଟ ବୋଧଟି କେବେ କୌଣସି ଏକ ନିର୍ଦ୍ଦିଷ୍ଟ ଆକାର ଧାରଣ କରିବାକୁ ବସିଲେ ତାହା କେବଳ କେତୋଟି ଟିକିନିଖି ଅପ୍ରଧାନତା ଭିତରେ ହିଁ ଆପଣାର ଆଗ୍ରହକୁ ସୀମାବଦ୍ଧ କରି ରଖିଥାଏ; ତାହାର ଯାବତୀୟ କାରବାର କେବଳ ଜାତିଗତ କେତେଟା ବିଶେଷ ଖିଆଲ, ଅଭ୍ୟସ୍ତତା, ବଦ୍ଧଧାରଣା ଓ ଅନ୍ୟଠାରୁ ଅନ୍ୟ ପ୍ରକାର ବୋଲି ବାରି ହୋଇପଡୁଥିବା କେତେଟା ମାନସିକ ପ୍ରବୃତ୍ତି ଭିତରେ ହିଁ ସୀମିତ ରହିଥାଏ । ଏହାକୁ ଆମେ ଗୋଟାଏ ଅର୍ଥରେ ଆଶୟଗତତାର ଏକ ବିଷୟାଗ୍ରହୀ ବୋଧ ବୋଲି କହିପାରିବା । ଯେପରି ମନୁଷ୍ୟ ଆପଣାକୁ ପ୍ରଧାନତଃ ଏକ ଶରୀର ଓ ଏକ ପ୍ରାଣ ବୋଲି ଦେଖିବାରେ ଅଭ୍ୟସ୍ତ ହୋଇଆସିଛି, ନୀତି ଆଉ ଅନୀତି ବିଷୟରେ କିଞ୍ଚିତ୍ ଅନୁଭୂତି ରହିଥିବା ଏକ ଭୌତିକ ପ୍ରାଣୀ ବୋଲି ଦେଖିଆସିଛି ଏବଂ ମନୋଗତ ସମ୍ପଦ ଓ ସାମଗ୍ରୀଗୁଡ଼ିକୁ ଯେପରି ସ୍ୱରୂପତଃ କୌଣସି ସାରସମ୍ପଦ ଅଥବା କୌଣସି ସାରନ୍ତର ସମ୍ପଦର ସୂଚକ ବୋଲି ନ ଦେଖି ସ୍ଥୂଳତଃ ଏହି ଭୌତିକ ବା ଜଡ଼ସ୍ଥ ଜୀବନରୁ ହିଁ ବିକଶିଉଠିଥିବା ଗୋଟିଏ ସୁନ୍ଦର ଫୁଲ ଅଥବା ଲାଭ କରାଯାଇଥିବା ଏକ ସିଦ୍ଧି ବୋଲି ବିଚାର କରାଯାଇଛି, ସେହିପରି ଓ ତା'ଠାରୁ ଅଧିକ ଭାବରେ ମନୁଷ୍ୟସମାଜ ଯେତେବେଳେ ଆପଣା ଭିତରର ଆଶୟଗତ ଆତ୍ମାର କ୍ଷୁଦ୍ର ଅଂଶଟି ବିଷୟରେ କୌଣସି ସଚେତନତା ଲାଭ କରିଛି, ତାହାକୁ ସେ ସେତେବେଳେ ସେହିପରି ଏକ ଦୃଷ୍ଟିରେ ହିଁ ଦେଖିଆସିଛି । ଏହା ବସ୍ତୁତଃ ସବୁବେଳେ ଆପଣାର ବହିଃସ୍ଥ ଖିଆଲଗୁଡ଼ାକୁ ପ୍ରାୟ କାମୁଡ଼ି ଧରି ପଡ଼ିରହିଛି, ଏକ ଅନ୍ଧ ଓ ବିଷୟଗତ ଭାବରେ

'oaob.nitrkl.ac.in' images reprocessed

ଆପଣାର ଅଭ୍ୟସ୍ତତା ଓ ବଦ୍ଧଧାରଣାଗୁଡ଼ାକୁ ବହୁମୂଲ୍ୟ ସମ୍ପଦ ପରି ଆଦର କରୁଛୁ; ସେଗୁଡ଼ିକର ତୁଚ୍ଛା ବାହ୍ୟ ଦିଗଗୁଡ଼ିକ ଉପରେ ହିଁ ସବୁଠାରୁ ଅଧିକ ମୂଲ୍ୟର ଆରୋପ କରୁଛୁ ଏବଂ ସେଗୁଡ଼ିକ ଯାହାର ପ୍ରତିନିଧିତ୍ୱ କରୁଛନ୍ତି ଓ ଯେଉଁଗୁଡ଼ିକ ପ୍ରକାଶ କରିବାଲାଗି ଅନ୍ଧ ଭାବରେ ଚେଷ୍ଟା କରୁଛନ୍ତି, ପଛରେ ପ୍ରଚ୍ଛନ୍ନ ହୋଇ ରହିଥିବା ସେଗୁଡ଼ିକ ଲାଗି କେବେହେଲେ ମନ ବଳାଇନାହିଁ ।

କେବଳ ଜାତିର କ୍ଷେତ୍ରରେ ନୁହେଁ, ଗୋଷ୍ଠୀଗତ ଯାବତୀୟ କ୍ଷେତ୍ରରେ ପ୍ରାୟ ନିୟମ ଭଳି ପ୍ରଧାନତଃ ଏହାହିଁ ଘଟିଛି । ଖ୍ରୀଷ୍ଟିଆନ୍ ଧର୍ମର ଗୀର୍ଜାକୁ ଆମେ ଏକ ସଂଗଠିତ ଧର୍ମଗୋଷ୍ଠୀ ବୋଲି କହିବା ଏବଂ ଧର୍ମକୁ ଏହି ସଂସାରରେ ଆମେ ଆଉ କିଛି ବୋଲି ବୁଝୁଁ କିମ୍ବା ନ ବୁଝୁଁ ପଛକେ, ଧର୍ମ ସବୁବେଳେ ଆଶ୍ରୟଗତ ହିଁ ହୋଇ ରହିବ । କାରଣ, ଯେଉଁସବୁ କ୍ଷେତ୍ରରେ ଏକ ଅତିଭୌତିକ କର୍ତ୍ତୃତ୍ୱକୁ ଉପରେ ଥାପି-ଦେଇ ଏବଂ ଏଣେ କେବଳ ମାତ୍ରଗତ କେତେଟା ଅଙ୍ଗକୁ ସ୍ୱୀକାର କରିନେଇ ତାହାକୁ ହିଁ ଧର୍ମ ବୋଲି କୁହାଯାଉଛି, ସେହିସବୁ କ୍ଷେତ୍ରକୁ ଛାଡ଼ିଦେଲେ ଆତ୍ମା'ର ଉଦ୍‌ଘାଟନ ଓ ଉପଲବ୍ଧି କରିବାକୁ ହିଁ ସବୁଠାରେ ଧର୍ମ ବୋଲି କୁହାଯିବ ଏବଂ କେବଳ ଏଇଥିଲାଗି ହିଁ ଧର୍ମର ଏକ ଔଚିତ୍ୟ ରହିଛି । ମାତ୍ର କେବଳ ଧର୍ମସଂସ୍ଥାପକ ଓ ସେମାନଙ୍କର ଠିକ୍ ପରବର୍ତ୍ତୀମାନଙ୍କର ସମୟଟିକୁ ବାଦ୍ ଦେଲେ ଧର୍ମର ଇତିହାସ ପ୍ରାୟ ସଂପୂର୍ଣ୍ଣତଃ ବାହ୍ୟ ବସ୍ତୁଗୁଡ଼ାକୁ ନେଇ ସର୍ବଦା ବ୍ୟସ୍ତ ଓ ବିଭ୍ରାନ୍ତ ହୋଇ ରହିଛି । ନାନା ପ୍ରକାରର ବିଧି, ପୂଜା ଓ ଉପାସନା, କର୍ତ୍ତୃତ୍ୱବାଦ, ଗୀର୍ଜାନୁଶାସନ, ଅନ୍ଧଭାବରେ ମାନିନିଆଯାଇଥିବା ନାନା ସୂତ୍ର ଓ ନାନାପ୍ରକାରର କେତେଟା ବିଶ୍ୱାସକୁ ହିଁ ସର୍ବସ୍ୱ ବୋଲି ଜିଦ୍ କରି ବସିଛି । ଇଉରୋପୀୟ ବାହ୍ୟ ଧର୍ମୀବୃତ୍ତର ସଂପୂର୍ଣ୍ଣ ଇତିହାସଟିକୁ ଅନାଇ ଦେଖିଲେ ଆମେ ତାହା ଭିତରେ କେତେକେତେ ବିଦ୍ଦମାନତାର ପରିଣତାହାନିକର ଦୁଃଖାନ୍ତକ-ମିଳନାନ୍ତକ ଘଟଣାମାନ ଦେଖିବାକୁ ପାଇବା । ସେଠାରେ ଧର୍ମଗତ କେତେ ମତଭେଦରୁ କେତେକେତେ ରକ୍ତପାତ ହୋଇଛି, 'ଧର୍ମ' ନାମରେ କେତେ ଯୁଦ୍ଧ ହୋଇଛି ଓ କେତେକେତେ ନିର୍ଯାତନାକୁ ପ୍ରଶ୍ରୟ ଦିଆଯାଇଛି । ଖ୍ରୀଷ୍ଟୀୟ ଗୀର୍ଜା ଓ ଆହୁରି ଯାବତୀୟ କେତେ କଅଣର ଉପଗ୍ରହମାନ ସୃଷ୍ଟି ହୋଇ ଆଧ୍ୟାତ୍ମିକ ଜୀବନର କବାଟଗୁଡ଼ାକୁ କେବଳ କିଳିକରି ରଖାଯାଇଛି । ଖ୍ରୀଷ୍ଟିଆନ୍ ଧର୍ମ, କାଥୋଲିକ୍ ମତ ବା ଇସଲାମ୍ ଆଦି କହିଲେ ପ୍ରକୃତରେ କ'ଣ ବୁଝାଏ ଏବଂ ମର୍ମତଃ ଅର୍ଥାତ୍ ସେଗୁଡ଼ିକର ସତ୍ୟରୂପରେ ସେଗୁଡ଼ିକରେ ପ୍ରକୃତରେ କି କି ସାରସମ୍ପଦ ରହିଛି, ଏବେ ମାତ୍ର ଅଳ୍ପଦିନ ହେଲା ଲୋକେ ଗମ୍ଭୀର ଭାବରେ ସେସବୁର ବିଚାର କରିବାକୁ ଆରମ୍ଭ କରିଛନ୍ତି ।

ମାତ୍ର ବର୍ତ୍ତମାନ ସଂଘଚେତନାର ଏହି ନୂତନ ମନୋଗତ ପ୍ରବୃତ୍ତିଗୁଡ଼ିକ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଭାବରେ ଓ ଅତ୍ୟନ୍ତ କ୍ଷିପ୍ରଗତିରେ ଆମ ସାମୂହିକ ବିଚରଣ

'oaob.nitrkl.ac.in' images reprocessed

ଭୂମିଟିର ଉପରିଭାଗକୁ ମଧ୍ଯ ଆସିବାକୁ ଆରମ୍ଭ କଲେଣି । ବର୍ତ୍ତମାନ ଇତିହାସରେ ପ୍ରଥମ ଥର ପାଇଁ ଆମେ ଜାତିର ଆତ୍ମା ବିଷୟରେ ଶୁଣିବାକୁ ପାଉଛୁ ଏବଂ ଏହି ଦିଗରେ ଯାହାକୁ ଆମେ ଆହୁରି ଅଧିକ ମହତ୍ତ୍ୱପୂର୍ଣ୍ଣ ସୂଚନା ବୋଲି କହିବା, ବିଭିନ୍ନ ଜାତି ବସ୍ତୁତଃ ସେମାନଙ୍କର ଆତ୍ମାଟିର ସନ୍ଧାନ କରି ବି ବାହାରିଲେଣି, ତାହାର ଆବିଷ୍କାର କରିବାକୁ ଚେଷ୍ଟା କଲେଣି; ଏବଂ ଏଥିରୁ ଯେଉଁ ନୂତନ ବୋଧଟି ଜାତ ହେଉଛି, ସେମାନେ ସେହି ବୋଧଟି ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରିବାକୁ ମଧ୍ୟ ଚେଷ୍ଟା କରୁଛନ୍ତି ଏବଂ ଆପଣାର ଲୋକସ୍ୱାସ୍ଥ୍ୟ ସାଧାରଣ ଜୀବନ ଓ କ୍ରିୟାଶୀଳତାରେ ସଚେତନ ଭାବରେ ସେହି ବୋଧଟିକୁ ହିଁ କାର୍ଯ୍ୟରେ ଲଗାଉଛନ୍ତି । ଏହା ବଡ଼ ସ୍ୱାଭାବିକ ଯେ, ନୂତନ ଜାତିଗୁଡ଼ିକ ମଧ୍ୟରେ ଅର୍ଥାତ୍ ରାଜନୀତିକ ଦାସତ୍ୱ ଏବଂ ପରାଭବ ସତ୍ତ୍ୱେ ତଥାପି ଆପଣାର ସତ୍ୟ ପରିଚୟଟିର ସନ୍ଧାନ ପାଇବାଲାଗି ସଂଗ୍ରାମ କରୁଥିବା ଜାତିଗୁଡ଼ିକ ମଧ୍ୟରେ ଏହି ନୂତନ ପ୍ରବୃତ୍ତିଟି ଅଧିକାଂଶତଃ ସବୁଠାରୁ ଅଧିକ ଶକ୍ତିଶାଳୀ ଭାବରେ ପ୍ରକାଶଲାଭ କରିଛି । କାରଣ ଆପଣା ଏବଂ ଅନ୍ୟମାନଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଅନୁଭବ କରିପାରିବାଲାଗି ଏହି ଜାତିଗୁଡ଼ିକର ହିଁ ଅଧିକ ଆବଶ୍ୟକତା ରହିଛି, ଯେପରିକି ସେମାନେ ସେମାନଙ୍କୁ ସତେ ଅବା ଆତ୍ମସାତ୍ ବା ବିଲୁପ୍ତ କରିଦେବାକୁ ବସିଥିବା ଅତି ଶକ୍ତିଶାଳୀ ମହାଶକ୍ତିଗୁଡ଼ିକର ସମ୍ମୁଖରେ ତଥାପି ଆପଣା ବ୍ୟକ୍ତିତ୍ୱଟିର ପୂର୍ଣ୍ଣ ପ୍ରତିଷ୍ଠା ନେଇ ଦଣ୍ଡାୟମାନ ହୋଇପାରିବେ ଏବଂ ସେହି ବ୍ୟକ୍ତିତ୍ୱଟିର ଔଚିତ୍ୟକୁ ମଧ୍ୟ ପ୍ରତିପାଦିତ କରିପାରିବେ ଏବଂ ବାହ୍ୟ ବାସ୍ତବ ଜୀବନରେ ସେମାନେ ସାଧାରଣତଃ କ୍ଷୀଣଶକ୍ତି ହୋଇ ରହିଥିବାରୁ ଓ ପ୍ରତିକୂଳ ପରିସ୍ଥିତିଗୁଡ଼ିକର ମଧ୍ୟରେ ଆପଣାର ନିଜ ବଳଟି ଉପରେ ନିର୍ଭର କରି ସେହି ଜୀବନଟିକୁ ପ୍ରତିଷ୍ଠିତ କରିପାରିବା ସେମାନଙ୍କ ଲାଗି ଆୟାସସାଧ୍ୟ ହୋଇଥିବାରୁ, ସେମାନଙ୍କ କ୍ଷେତ୍ରରେ ଆପଣାର ନିହିତ ବ୍ୟକ୍ତିତ୍ୱଟିର ସନ୍ଧାନ କରି ବାହାରିବା ଲାଗି ହିଁ ଅଧିକତର ସମ୍ଭାବନା ରହିଛି; ଯାହାକିଛି ଆଧ୍ୟାତ୍ମିକଗତ ଓ ମନୋଗତ, ଅଥବା ଅନ୍ତତଃ ଯାହାକିଛି ଭିତରେ ଏକ ଆଶୟଗତ ବା ଏକ ମନୋଗତ ମହତ୍ତ୍ୱ ବା ତାତ୍ପର୍ଯ୍ୟ ନିହିତ ହୋଇ ରହିଛି, ତାହାର କ୍ଷେତ୍ରରେ ହିଁ ଆପଣା ଆତ୍ମପ୍ରତିଷ୍ଠା ଶକ୍ତିର ସନ୍ଧାନ କରିବାଲାଗି ସେମାନଙ୍କର ଅଧିକତର ସମ୍ଭାବନା ରହିଛି ।

ତେଣୁ ଏହିପରି ଏକ ପରିସ୍ଥିତି ମଧ୍ୟରେ ରହିଥିବା ଜାତିଗୁଡ଼ିକ ଭିତରେ ଆପଣାକୁ ଆବିଷ୍କାର କରିବାର ଏହି ପ୍ରବୃତ୍ତିଟି ସବୁଠାରୁ ଅଧିକ ଶକ୍ତିଶାଳୀ ଭାବରେ ପ୍ରକାଶ ପାଇଛି ଏବଂ ଏପରିକି ସେମାନଙ୍କ ମଧ୍ୟରୁ କେତେକଙ୍କ ଭିତରେ ଏକ ନୂତନ ଧରଣର ଜାତୀୟ ଆନ୍ଦୋଳନ ସୃଷ୍ଟି କରିପାରିଛି । ଏଠାରେ ଆୟର୍ଲଣ୍ଡ ଓ ଭାରତବର୍ଷକୁ ଆମେ ଦୃଷ୍ଟାନ୍ତରୂପେ ଗ୍ରହଣ କରିପାରିବା । ବଙ୍ଗଳାର ସ୍ୱଦେଶୀ ଆନ୍ଦୋଳନରେ ଏବଂ ସମ୍ପୂର୍ଣ୍ଣ ଏକ ରାଜନୀତିକ ଆନ୍ଦୋଳନରେ ପରିଣତ ହେବା ପୂର୍ବରୁ ଆୟର୍ଲଣ୍ଡର ଜାତୀୟ

'oaob.nitrkl.ac.in' images reprocessed

ଆନ୍ଦୋଳନଟି ପ୍ରଥମ ପର୍ଯ୍ୟାୟରେ ଯେଉଁଭଳି ହୋଇ ରହିଥିଲା, ସେଥିରେ ଆନ୍ଦୋଳନର ସର୍ବମୂଳ ନିହିତାର୍ଥରୂପେ ଆମେ ସେହି ନୂତନ ପ୍ରବୃତ୍ତିଟିକୁ ହିଁ ଦେଖିବାକୁ ପାଇବା । ଭାରତବର୍ଷରେ ଏକ ପ୍ରାଦେଶିକ ଜାତିରୂପେ ବଙ୍ଗର ଆବିର୍ଭାବ ସର୍ବଦା ଏକ ବଳିଷ୍ଠ ଆତ୍ମପ୍ରଧାନ ଆନ୍ଦୋଳନର ପ୍ରତିଷ୍ଠା ହୋଇ ରହିଥିଲା ଏବଂ ବିକାଶର ପରବର୍ତ୍ତୀ ପର୍ଯ୍ୟାୟଟିରେ ଏହା ଅତି ସଚେତନ ଭାବରେ ଆପଣାକୁ ସେହିଭଳି ଏକ ଆନ୍ଦୋଳନରେ ହିଁ ପରିଣତ କରିଦେଇଥିଲା । ୧୯୦୫ ମସିହାରେ ବଙ୍ଗରେ ଯେଉଁ ଆନ୍ଦୋଳନ ହୋଇଥିଲା, ତାହା ଜାତି କହିଲେ ତାହାକୁ ସମ୍ପୂର୍ଣ୍ଣ ଅଭିନବ ଏକ କଳ୍ପନା ଦେଇ ବୁଝୁଥିଲା । ଜାତି କହିଲେ ତାହା କେବଳ ଗୋଟାଏ ଦେଶ ବା ଗୋଟାଏ ଭୂମିକୁ ବୁଝୁ ନ ଥିଲା, ମାତ୍ର ଏକ ଆତ୍ମାକୁ ବୁଝୁଥିଲା, ଏକ ମନୋମୟ ଓ ପ୍ରାୟ ଏକ ଆଧ୍ୟାତ୍ମିକ ସତ୍ତାକୁ ହିଁ ବୁଝୁଥିଲା; ଏବଂ ଏପରିକି ଅର୍ଥନୀତିଗତ ତଥା ରାଜନୀତିକ ଅଭିପ୍ରାୟଗୁଡ଼ିକ ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରୁଥିବାବେଳେ ମଧ୍ୟ ତାହା ସେଗୁଡ଼ିକୁ ଏହି ଆତ୍ମପ୍ରଧାନ କଳ୍ପନାଟି ଦ୍ୱାରା ସମ୍ପ୍ରେରିତ ଓ ସଚଳ କରି ରଖିବାକୁ ତତ୍ପର ରହିଥିଲା, ସେଗୁଡ଼ିକୁ ଗୋଟିଏ ଗୋଟିଏ ସ୍ୱୟଂସମ୍ପୂର୍ଣ୍ଣ କାମ୍ୟ ବା ଲକ୍ଷ୍ୟବସ୍ତୁରୂପେ ନ ଦେଖି ଅଧିକତର ଭାବରେ ଆପଣାକୁ ଅଭିବ୍ୟକ୍ତ କରିପାରିବାର ଗୋଟିଏ ଗୋଟିଏ ସାଧନାରେ ପରିଣତ କରି ରଖିବାକୁ ଚେଷ୍ଟା କରୁଥିଲା । ଅବଶ୍ୟ ଆମେ ଏ କଥାଟିକୁ କଦାପି ଭୁଲିଯିବା ନାହିଁ ଯେ, ପ୍ରଥମ ପର୍ଯ୍ୟାୟଗୁଡ଼ିକରେ ଏହିସବୁ ଆନ୍ଦୋଳନ କେବଳ ଉପରଠାଉରିଆ କେତେକ ବିଚାର ଦ୍ୱାରା ପ୍ରେରିତ ହୋଇ ଏକ ବସ୍ତୁପ୍ରଧାନ ଓ ଅଧିକାଂଶ ପରିମାଣରେ ରାଜନୀତିକ ଆତ୍ମସଚେତନତାର ସେହି ପୁରାତନ ଅଭିପ୍ରାୟଗୁଡ଼ିକର ହିଁ ଅନୁସରଣ କରିବାରେ ଲାଗିଥିଲେ । ବସ୍ତୁତଃ ପାଶ୍ଚାତ୍ୟ ଜଗତର ତୁଳନାରେ ପ୍ରାଚ୍ୟର ଦୃଷ୍ଟି ପ୍ରାୟ ସର୍ବଦା ଅଧିକ ଆତ୍ମପ୍ରଧାନ ରହିଆସିଛି ଏବଂ ପାରସ୍ୟ, ଭାରତବର୍ଷ ଓ ଚୀନ ଯେଉଁଠି ହେଉ ପଛକେ, ସେଠାରେ ହେଉଥିବା ରାଜନୀତିକ ଆନ୍ଦୋଳନଗୁଡ଼ିକରେ ମଧ୍ୟ ଆମେ ଅତି ନିଶ୍ଚିତ ଭାବରେ ସେହି ଆତ୍ମପ୍ରଧାନ ବ୍ୟଞ୍ଜନାଟାକୁ ବେଶ୍ ଠାବରାଇ ନେଇ-ପାରିବା । ଏପରିକି ଜାପାନରେ ଏକ ପୁନର୍ଜାଗରଣ ଘଟାଇ ସେଠାରେ ପାଶ୍ଚାତ୍ୟର ଅନୁକରଣରେ ଯେଉଁ ଆନ୍ଦୋଳନଟି ହେଉଛି, ସେଥିରେ ମଧ୍ୟ ଆମେ ସେକଥା ଅବଶ୍ୟ ଦେଖିବାକୁ ପାଇବା । ମାତ୍ର କେବଳ ଏହି ଅଳ୍ପଦିନ ହେଲା ଏହି ଆତ୍ମପ୍ରଧାନ ପ୍ରବୃତ୍ତିଟି ଆତ୍ମସଚେତନ ହେବାକୁ ଆରମ୍ଭ କରିଛି । ତେଣୁ ଆମେ ହୁଏତ ଏହିଭଳି ଏକ ସିଦ୍ଧାନ୍ତରେ ଆସି ପହଞ୍ଚିପାରିବା ଯେ, କେତେକ ଜାତିଙ୍କର ଜୀବନକ୍ଷେତ୍ରରେ ଏବେ ସଚେତନ ଓ ସ୍ୱନିର୍ବାଚିତ ଭାବରେ ଯେଉଁ ଆତ୍ମପ୍ରଧାନତାର ଆବିର୍ଭାବ ସଂଘଟିତ ହୋଇଛି, ତାହା ଆମକୁ ସମଗ୍ର ମାନବସମାଜରେ ଘଟିବାକୁ ଯାଉଥିବା ଏକ ସାଧାରଣ ପରିବର୍ତ୍ତନର ହିଁ ସୂଚନା ଦେଇଯାଉଛି ଓ ତାହାର ପୂର୍ବଗାମୀ ପରି କାର୍ଯ୍ୟ ମଧ୍ୟ କରୁଛି । ସ୍ଥାନୀୟ ପରିସ୍ଥିତି ଦ୍ୱାରା ଏହି ଆତ୍ମପ୍ରଧାନତା ବିଭିନ୍ନ ପରିମାଣରେ ଅବଶ୍ୟ ବଳ ଓ ବେଗ ପାଇଛି ସତ; ମାତ୍ର କଦାପି ତାହାରି ଉପରେ ହିଁ ନିର୍ଭର କରି ରହିନାହିଁ ଅଥବା କୌଣସି ପ୍ରକାରେ ସେଇଥିରୁ ହିଁ ସମ୍ଭୂତ ହୋଇନାହିଁ ।

'oaob.nitrkl.ac.in' images reprocessed

ଏହି ସାଧାରଣ ପରିବର୍ତ୍ତନଟି ହେଉଛି ଏକ ଅପ୍ରତିଦ୍ୱନ୍ଦ୍ୱୀ ପରିବର୍ତ୍ତନ; ଏ ଯୁଗର ବର୍ତ୍ତମାନ କ୍ଷଣଟିରେ ଜାତୀୟ ଓ ଗୋଷ୍ଠୀଜୀବନଗତ ପ୍ରବୃତ୍ତିଗୁଡ଼ିକ ମଧ୍ୟରେ ଆମେ ଏଇଟିକୁ ମଧ୍ୟ ଏକ ଅନ୍ୟତମ ଅତି ମହତ୍ତ୍ୱପୂର୍ଣ୍ଣ ଘଟନ ବୋଲି କହିବା । ଆୟର୍ଲଣ୍ଡ ଓ ଭାରତବର୍ଷ ସର୍ବପ୍ରଥମେ ଏହି କଳ୍ପନାଟିକୁ 'ଆମେ ଆପଣାର ହିଁ ଉପଲବ୍ଧି କରିବା', ଏହିପରି ଏକ ନିର୍ଦ୍ଦିଷ୍ଟ ସୂତ୍ରଦ୍ୱାରା ପ୍ରକାଶ କରିଦେଇଛନ୍ତି । ଅତୀତରେ ପରାଧୀନ ଓ ଦୁର୍ଭାଗ୍ୟ ଦେଶସବୁ ପ୍ରଧାନତଃ ଅନ୍ୟମାନଙ୍କ ଭଳି ହେବାକୁ ହିଁ ଆପଣାର ସର୍ବପ୍ରଧାନ ପ୍ରେରଣା ଓ ମହତ୍ତ୍ୱାକାଙ୍କ୍ଷା ବୋଲି ବୁଝୁଥିଲେ । କିନ୍ତୁ ଆୟର୍ଲଣ୍ଡ ଓ ଭାରତବର୍ଷ ଆପଣାର ଅନ୍ତରରେ ଆପଣାକୁ ସେମାନଙ୍କଠାରୁ ଅନେକ ପୃଥକ୍ ବୋଲି ଦେଖାଇଦେଇପାରିଛନ୍ତି ଏବଂ ଆତ୍ମପ୍ରଧାନତାର ଏହି ପରିବର୍ତ୍ତିତ କଳ୍ପନାଟି ହିଁ ବର୍ତ୍ତମାନ ଅଧିକରୁ ଅଧିକ ପରିମାଣରେ ସମସ୍ତଙ୍କର ଜାତୀୟ ଜୀବନରେ କ୍ରମେ ସାଧାରଣ ସ୍ୱୀକୃତି ଲାଭ କରିବାରେ ଲାଗିଛି । ଏହାଦ୍ୱାରା ଅନେକ ବଡ଼ ବଡ଼ ବିପଦ ଓ ଭୁଲ୍ ଲାଗି ମଧ୍ୟ ବାଟ ଫିଟିଯାଉଛି ସତ; ମାତ୍ର ବର୍ତ୍ତମାନ ମାନବସମାଜଠାରୁ କାଳର ଆତ୍ମା ଯେଉଁ ଦାବୀଟି କରିବାକୁ ବାହାରିଛନ୍ତି, ଏକମାତ୍ର ଏହା ହିଁ ତାହାଲାଗି ଅନୁକୂଳ କ୍ଷେତ୍ର ଯୋଗାଇଦେବାର ସାମର୍ଥ୍ୟ ରଖିଛି । ସେହି ଦାବୀଟି ହେଉଛି ଯେ ମନୁଷ୍ୟସମାଜ ଆପଣାର ଗଭୀରତର ପ୍ରକୃତ ଅର୍ଥଟିର ଆବିଷ୍କାର କରିବ; ଆପଣାର ଅନ୍ତର୍ଗତ ବିଧାନ ଓ ଯଥାର୍ଥ ଆତ୍ମାଟିର ଆବିଷ୍କାର କରିବ ଏବଂ କୌଣସି ପ୍ରକାର କୃତ୍ରିମ ମାନଦଣ୍ଡକୁ ଆଦର୍ଶ କରି ନ ଧରି ସେହି ବିଧାନ ଓ ଆତ୍ମାର ନିର୍ଦ୍ଦେଶ ଅନୁସାରେ ହିଁ ଆପଣାର ଜୀବନ ବଞ୍ଚିବାକୁ ସମର୍ଥ ହେବ । କେବଳ ଜଣେ ଜଣେ ବ୍ୟକ୍ତିଙ୍କର ଜୀବନକ୍ଷେତ୍ରରେ ନୁହେଁ, ମାତ୍ର ଜାତିର ଜୀବନରେ ତଥା ସମଗ୍ର ମନୁଷ୍ୟଜାତିର ଏକତାକ୍ଷେତ୍ରରେ ମଧ୍ୟ ଆତ୍ମଗତ ଭାବରେ ଆପଣାର ଅନ୍ତର ସତ୍ୟଟିକୁ ଆବିଷ୍କାର କରିବାଲାଗି ଆଜି କାଳ-ଆତ୍ମାର ଦାବୀ ଆସି ପହଞ୍ଚିଛି । ଯୁଦ୍ଧ ପୂର୍ବରୁ ଏହି ପ୍ରବୃତ୍ତିଟି ପ୍ରାୟ ସର୍ବତ୍ର ଆପଣାକୁ ପ୍ରସ୍ତୁତ କରୁଥିଲା ଓ ଆଂଶିକ ଭାବରେ ଉପରଭାଗକୁ ପ୍ରକାଶିତ ହେବାକୁ ମଧ୍ୟ ଆରମ୍ଭ କରୁଥିଲା; ମାତ୍ର ଯାହା ପୂର୍ବରୁ ବୁଝାଯାଇସାରିଛି, ଜର୍ମାନୀ ଭଳି କେତୋଟି ନୂତନ ଜାତି ଏବଂ ଆୟର୍ଲଣ୍ଡ ଓ ଭାରତବର୍ଷ ପରି ପରାଧୀନ ଦେଶମାନଙ୍କରେ ଏହା ସବୁଠାରୁ ଅଧିକ ପ୍ରାଧାନ୍ୟର ସହିତ ପ୍ରକାଶଲାଭ କରୁଥିଲା । ଯୁଦ୍ଧଜନିତ ଆଘାତ ତାହାର ସର୍ବପ୍ରଥମ କ୍ଷଣଗୁଡ଼ିକରୁ ପ୍ରାୟ ସବୁଠାରେ ମଧ୍ୟ ଠିକ୍ ଏହି ଗଭୀରତର ଆତ୍ମସଚେତନତାଟିର ଆବିର୍ଭାବ ଘଟାଇଲା । ସେତେବେଳେ ସାମୟିକ ଭାବରେ ତାହା ଭିତରେ ଅବଶ୍ୟ ଏକ ଉଗ୍ର ଯୁଦ୍ଧୋତ୍ସାହିତା ବେଶ୍ ପ୍ରକଟ ହୋଇ ରହିଥିଲା । ଏହି ନୂତନ ଚେତନାର ପ୍ରଥମ ପ୍ରକାଶ ରୂପଗୁଡ଼ିକ ପ୍ରଧାନତଃ ବଡ଼ ଅଶୋଧିତ ପରି ରହିଥିଲା ଏବଂ ଅନେକ ସମୟରେ ସେହି ଅଶୋଧିତତା ପ୍ରକୃତରେ ଏକ ନୃଶଂସ ବର୍ବରତା ଓ ପ୍ରତିକ୍ରିୟାଶୀଳତାର ଗାରକୁ ମଧ୍ୟ ସ୍ପର୍ଶ କରିପକାଉଥିଲା । ବିଶେଷତଃ ଏହା ସତେ ଅବା ଅତୀତର ସେହି ଟିଉଟନିକ୍ ଯୁଗର ପୁନରାବୃତ୍ତି କରିବାକୁ ଯାଉଥିଲା

'oaob.nitrkl.ac.in' images reprocessed

ପରି ମନେହେଉଥିଲା; ତାହା କେବଳ ଯେ ଆପଣାର ଉପଲବ୍ଧି କରିବାଲାଗି ପ୍ରସ୍ତୁତ ହେଉଥିଲା, ତାହା ନୁହେଁ (ଅବଶ୍ୟ ଏହି ପ୍ରସ୍ତୁତିଟି ମଧ୍ୟରେ ସମ୍ପୂର୍ଣ୍ଣ ଯଥାର୍ଥତା ଅବଶ୍ୟ ରହିଥିଲା ।), ମାତ୍ର କେବଳ ଆପେ ବଞ୍ଚି ରହିବାଲାଗି ଓ ଆପଣା ସକାଶେ ହିଁ ବଞ୍ଚି ରହିବାଲାଗି ଏଥିରେ ଏକ ପ୍ରବଳତା ଭରି ରହିଥିଲା; ଏବଂ ପ୍ରବୃତ୍ତିଟିକୁ ଯଦି ଏକ ସୁନିର୍ଦ୍ଦିଷ୍ଟ ସୀମାରୁ ବାହାରକୁ ପ୍ରସାରିତ କରିନିଆଯାଏ, ତେବେ ସେଥିରୁ ଯେ ଧ୍ୱଂସକାରୀ କେତେକେତେ ପ୍ରମାଦ ଆସି ପହଞ୍ଚିବ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । କାରଣ, ମନୁଷ୍ୟସମାଜର ଏହି ଆତ୍ମପ୍ରଧାନ ଯୁଗଟି ଯେପରି ସର୍ବୋତ୍ତମ ଭାବରେ ଫଳପ୍ରସୂ ହୋଇପାରିବ, ସେଥିଲାଗି ଏକଥାଟି ଏକାନ୍ତ ଆବଶ୍ୟକ ଯେ, ବିଭିନ୍ନ ଜାତି ଯେ କେବଳ ଆପଣା ଆପଣାର ଆତ୍ମାଟି ବିଷୟରେ ସଚେତନ ହୋଇ ରହିବେ ତାହା ନୁହେଁ, ସେମାନେ ପରସ୍ପରର ଆତ୍ମା ବିଷୟରେ ମଧ୍ୟ ସଚେତନ ରହିବେ, ପରସ୍ପରକୁ ସମ୍ମାନ କରି ଶିଖିବେ ଓ ସାହାଯ୍ୟ କରି ଶିଖିବେ; କେବଳ ଆର୍ଥିକ ସମ୍ବନ୍ଧର କ୍ଷେତ୍ରରେ ବା ବୁଦ୍ଧିର କ୍ଷେତ୍ରରେ ନୁହେଁ, ଆତ୍ମଗତ ବା ଆତ୍ମିକ କ୍ଷେତ୍ରରେ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ସେମାନେ ପରସ୍ପର ଦ୍ୱାରା ଲାଭବାନ୍ ହୋଇ-ଶିଖିବେ ।

ଜର୍ମାନୀର ଦୃଷ୍ଟାନ୍ତ ତଥା ଜର୍ମାନୀର ଆକ୍ରମଣ ଏହି କ୍ଷେତ୍ରରେ ସବୁଠାରୁ ଅଧିକ ଏକ ମୀମାଂସକ ଶକ୍ତିରୂପେ କାର୍ଯ୍ୟ କରିଛି । ଆତ୍ମପ୍ରଧାନତା ଦିଗରେ ଜର୍ମାନୀକୁ ଆମେ ଏକ ଯଥାର୍ଥ ଦୃଷ୍ଟାନ୍ତ ବୋଲି କହିବା, କାରଣ ଜର୍ମାନୀକୁ ଛାଡ଼ିଦେଲେ ଅନ୍ୟ କୌଣସି ଜାତି ଏତେ ଆତ୍ମସଚେତନ ଭାବରେ ଓ ପଦ୍ଧତି ଅନୁକ୍ରମେ, ଏତେ ବୁଦ୍ଧିମତ୍ତାର ସହିତ ଓ ବାହ୍ୟ ଦୃଷ୍ଟିକୋଣଟିରୁ ବିଗ୍ଭର କଲେ ଏତେ ସାଫଲ୍ୟମଣ୍ଡିତ ଭାବରେ ଆପଣାକୁ ଆବିଷ୍କାର କରିବାର, ଆପଣାର ଜୀବନରେ ଗତିଶୀଳତା ଭରିଦେବାର, ଆପଣାର ଜୀବନଟାକୁ ହିଁ ବଞ୍ଚିବାର ଓ ଆପଣାର ସତ୍ତାଗତ ସାମର୍ଥ୍ୟଟିକୁ ସର୍ବୋତ୍କୃଷ୍ଟଭାବେ କାର୍ଯ୍ୟରେ ଲଗାଇବାର ଆଦୌ ଏତେ ବେଶୀ ଆକାଙ୍‌କ୍ଷୀ ଦେଖାଇନାହିଁ କିମ୍ବା ଏତେଦୂର ଅଗ୍ରସର ବି ହୋଇପାରିନାହିଁ । ଜର୍ମାନୀର ଆକ୍ରମଣକୁ ମଧ୍ୟ ଆମେ ଏହି କ୍ଷେତ୍ରରେ ଆଉ ଏକ ସାମର୍ଥ୍ୟ ବୋଲି ଉଲ୍ଲେଖ କରିବା; କାରଣ ଜର୍ମାନ ଆକ୍ରମଣର ସ୍ୱକୀୟ ପ୍ରକୃତିଟି ଏବଂ ଏହାର ଘୋଷିତ ସମରନୀତି ଗୁଡ଼ିକ ହିଁ ଆକ୍ରାନ୍ତ ଦେଶଗୁଡ଼ିକରେ ଏକ ଆତ୍ମରକ୍ଷାମୂଳକ ଆତ୍ମସଚେତନତା ଜାଗ୍ରତ କରାଇବାରେ ସମର୍ଥ ହୋଇପାରିଛି; ଏବଂ ଏହି ଅଭାବନୀୟ ବଳଶାଳୀତାର ମୂଳ ଉତ୍ସ ପ୍ରକୃତରେ କେଉଁଠାରେ ଥିଲା ଓ ଠିକ୍ ସେହି ଗଭୀରତର ଉତ୍ସଗୁଡ଼ିକରେ ଯେ ସେମାନଙ୍କୁ ମଧ୍ୟ ସଚେତନ ଭାବରେ ସେହି ବଳଶାଳୀତାର ସମ୍ମୁଖୀନ ହେବାଭଳି ଆବଶ୍ୟକ ଓ ଉପଯୁକ୍ତ ବଳର ସନ୍ଧାନ କରିବାକୁ ପଡ଼ିବ, ଜର୍ମାନୀର ଆକ୍ରମଣ ସେମାନଙ୍କୁ ସେହି କଥାଗୁଡ଼ିକ ଉପରେ ବିଗ୍ଭର କରିବାଲାଗି ବାଧ୍ୟ ମଧ୍ୟ କରିଛି । ଆତ୍ମପ୍ରଧାନ ପର୍ଯ୍ୟାୟଟି ଲାଗି ପ୍ରସ୍ତୁତ ହେଉଥିବା ଏକ ଜାତି ହିସାବରେ ଜର୍ମାନୀ ହିଁ ସେହି ସମସ୍ତଟି ଲାଗି ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ

'oaob.nitrkl.ac.in' images reprocessed

ଏକ ଉପସ୍ଥିତ ଦୃଷ୍ଟାନ୍ତ ହୋଇ ରହିଥିଲା ; କାରଣ ପ୍ରଥମତଃ ଜର୍ମାନୀର ସମ୍ମୁଖରେ ଏକପ୍ରକାର ଭବିଷ୍ୟଦ୍‌ଦୃଷ୍ଟି ସ୍ପଷ୍ଟ ହୋଇ ରହିଥିଲା ଏବଂ ସେହି ଦୃଷ୍ଟିର ଅନୁଧାବନ କରିବାଲାଗି ତା'ଠାରେ ଆବଶ୍ୟକ ସାହସ ମଧ୍ୟ ଥିଲା । ଦୁର୍ଭାଗ୍ୟବଶତଃ ସେହି ଭବିଷ୍ୟଦ୍‌ଦୃଷ୍ଟି ମଧ୍ୟରେ ଦିବ୍ୟୋଦ୍‌ଭାସ ଅପେକ୍ଷା ବୁଦ୍ଧିର ଭାଗଟା ହିଁ ଅଧିକ ମାତ୍ରାରେ ରହିଥିଲା ଏବଂ ଦୁର୍ଭାଗ୍ୟତଃ ସେହି ସାହସ ମଧ୍ୟରେ ଆଧ୍ୟାତ୍ମିକ ବଳିଷ୍ଠତା ଅପେକ୍ଷା ପ୍ରାଣଗତ ଓ ବୁଦ୍ଧିଗତ ବଳିଷ୍ଠତାଟା ହିଁ ଅଧିକ ମାତ୍ରାରେ ଥିଲା । ଦ୍ୱିତୀୟତଃ, ଆପଣାର ନିଜତ୍ୱ ଉପରେ ଆତ୍ମ ନିଷ୍ଠାମକ ହୋଇ ରହିଥିବାରୁ ଜର୍ମାନୀ ଆପଣା ବିଷୟରେ ଆପଣାର ସ୍ୱକୀୟ ଦୃଷ୍ଟିଟିକୁ ଏକ ପ୍ରକାଶରୂପ ଦେଇପାରିବାଭଳି ଆପଣାର ଜୀବନକୁ ମଧ୍ୟ ଅନୁରୂପ ଭାବରେ ଶୃଙ୍ଖଳାବଦ୍ଧ କରି ରଖିବାରେ ସମର୍ଥ ହୋଇଥିଲା । ବାହ୍ୟ ପ୍ରତୀତିଗୁଡ଼ାକ ଦ୍ୱାରା ଭୁଲ ଭାବରେ ପରିଚାଳିତ ହୋଇ ଆମେ କଦାପି ଏକଥା ଭାବିବସିବା ନାହିଁ ଯେ, ଜର୍ମାନୀର ଏହି ବଳ ବା ଶକ୍ତି ବିସ୍‌ମାର୍କଙ୍କ ଦ୍ୱାରା ସୃଷ୍ଟ ହୋଇଥିଲା ଅଥବା କାଇଜର ଦ୍ୱିତୀୟ ଉଇଲିୟମ୍‌ଙ୍କ ଦ୍ୱାରା ଯଥାର୍ଥ ମାର୍ଗରେ ଚାଳିତ ହୋଇଥିଲା । ବିସ୍‌ମାର୍କଙ୍କର ଆବିର୍ଭାବକୁ ଏହି ନୂତନ ବର୍ଦ୍ଧନଶୀଳ ଜାତିଟି ପକ୍ଷରେ ଅନେକ ଦୃଷ୍ଟିରୁ ବରଂ ଏକ ଦୁର୍ଭାଗ୍ୟ ବୋଲି କୁହାଯାଇପାରିବ ; କାରଣ ତାଙ୍କର ନୃଶଂସ ଓ ଶକ୍ତିଶାଳୀ ହସ୍ତଟି ପ୍ରକୃତ ସମୟ ଆସି ପହଞ୍ଚିବା ପୂର୍ବରୁ ଜର୍ମାନୀର ଆତ୍ମପ୍ରଧାନ ଆକାଙ୍‌କ୍ଷାଗୁଡ଼ିକୁ ବଡ଼ ତରବର ହୋଇ ଏକ ନିର୍ଦ୍ଦିଷ୍ଟ ଆକାର ଓ କ୍ରିୟାଶୀଳତା ଆଣିଦେବା ଲାଗି ଆଗଭର ହୋଇପଡ଼ିଥିଲା । ଏକ ଯଥାର୍ଥ ପ୍ରସ୍ତୁତି ଓ ପରିପକ୍ୱତା ଲାଗି ଆଉ ଟିକିଏ ଅଧିକ ସମୟ ମିଳିଥିଲେ ହୁଏତ ପରିଣାମତଃ ଯେଉଁ ଫଳସବୁ ଫଳିଥାନ୍ତା, ତାହା ଜର୍ମାନୀ ଲାଗି ହୁଏତ ଆଦୌ ଏତେଦୂର ଧ୍ୱଂସାବହ ବା ବିନାଶକ ବୋଲି କଦାପି ସାବ୍ୟସ୍ତ ହୋଇ ନ ଥାନ୍ତା । ଅବଶ୍ୟ ସେଭଳି କ୍ଷେତ୍ରରେ ତାହା ଅବଶିଷ୍ଟ ମାନବସମାଜ ଲାଗି ଏଡ଼େ ତୀବ୍ର ଭାବରେ ଏକ ଉତ୍‌ପ୍ରେରକ ଓ ଉଦ୍‌ବୋଧକରୂପେ କାର୍ଯ୍ୟ କରିବାରେ ସମର୍ଥ ହୋଇ ପାରି ନ ଥାନ୍ତା । ଜର୍ମାନୀର ଶାସନଙ୍କ ବା ସୈନ୍ୟମାନଙ୍କୁ ଆମେ କଦାପି ବାସ୍ତବ କ୍ରିୟାନ୍ୱିତତାର କ୍ଷେତ୍ରରେ ଏଭଳି ବିକୃତ ହୋଇପଡ଼ିଥିବା ଏହି ବିରାଟ ଆତ୍ମଧର୍ମୀ ଶକ୍ତିର ଯଥାର୍ଥ ଉତ୍ସ ବୋଲି କହିପାରିବା ନାହିଁ । ଏହି ଶାସନଙ୍କ ଓ ସୈନ୍ୟ ବୀରମାନେ ମଣିଷ ହିସାବରେ ଅଧିକାଂଶତଃ ଏକ ନିକୃଷ୍ଟ ନମୁନାର ହିଁ ପରିଚୟ ଦେଉଥିଲେ । ସେହି ଉତ୍ସ ପ୍ରକୃତରେ କାଣ୍ଟ୍, ହେଗେଲ, ଫିକ୍‌ଟେ ଓ ନିତ୍‌ଶେ ପ୍ରଭୃତି ଜର୍ମାନୀର ମହାନ୍ ଦାର୍ଶନିକମାନଙ୍କଠାରୁ ଉଦ୍‌ଭୂତ ହୋଇ ଆସିଥିଲା, ଜର୍ମାନୀର ମହାନ୍ ବିଶ୍ୱରଶାଳୀ କବି ଗ୍ୟେଟେଙ୍କଠାରୁ ଆସିଥିଲା, ବିଥୋଫେନ୍ ଓ ଭାଗ୍‌ନରଙ୍କ ଭଳି ସେହି ଦେଶର ମହାନ୍ ସଙ୍ଗୀତକାରମାନଙ୍କଠାରୁ ଆସିଥିଲା ଏବଂ ଏହିମାନେ ପ୍ରତିନିଧିତ୍ୱ କରୁଥିବା ଜର୍ମାନ ଆତ୍ମା ଓ ମନୋଦୃଷ୍ଟିରେ ନିହିତ ଯାବତୀୟ ସମ୍ପଦଗୁଡ଼ିକରୁ ହିଁ ଉଦ୍‌ଭୂତ ହୋଇଥିଲା । ଯେଉଁ ଜାତିର ସର୍ବଶ୍ରେଷ୍ଠ ସାଫଲ୍ୟ ଓ ସିଦ୍ଧି ପ୍ରାୟ ସମ୍ପୂର୍ଣ୍ଣତଃ ଦର୍ଶନ ଓ ସଙ୍ଗୀତ, ଏହି ଦୁଇଟି କ୍ଷେତ୍ରରେ ହିଁ ନିର୍ଦ୍ଦିଷ୍ଟ ହୋଇ ରହିଛି, ଆତ୍ମଗତତାର ନୂତନ

'oaob.nitrkl.ac.in' images reprocessed

ପ୍ରବୃତ୍ତି ପଥରେ ନେତୃତ୍ୱ ଗ୍ରହଣ କରିବା ଲାଗି କେବଳ ସେଇ ଯେ ନିୟତିନିର୍ଦ୍ଦିଷ୍ଟ ହୋଇ ପୃଥିବୀକୁ ଆସିଛୁ ଏବଂ ଆଶୟଗତ ଯୁଗର ଆରମ୍ଭକାଳୀନ ପର୍ଯ୍ୟାୟଗୁଡ଼ିକ ଉପରେ କଲ୍ୟାଣ ତଥା ଅକଲ୍ୟାଣ ଉଭୟ କ୍ଷେତ୍ରରେ ସେହି ଜାତି ଯେ ଏକ ଗଭୀର ପ୍ରଭାବ ଅବଶ୍ୟ ପକାଇବ, ଏ କଥା କଦାପି ଅସ୍ୱୀକାର କରାଯାଇପାରିବ ନାହିଁ ।

ଜର୍ମାନୀ ଲାଗି ପୂର୍ବନିର୍ଦ୍ଧାରିତ ହୋଇ ଆସିଥିବା ନିୟତିନିର୍ଦ୍ଦେଶଟିରେ ଇଏ ହେଉଛି ଗୋଟିଏ ଦିଗ; ଅନ୍ୟ ଦିଗଟିକୁ ଆମେ ସେହି ଜାତିର ପ୍ରବୀଣ ପଣ୍ଡିତ, ଶିକ୍ଷାବିତ୍, ବୈଜ୍ଞାନିକ ତଥା ସଂଗଠକମାନଙ୍କ ଭିତରେ ଦେଖିବାକୁ ପାଇବା । ଏହି ଦିଗଟି ହେଉଛି ଶିଳ୍ପବିକାଶର ଦିଗ, ବିବେକିତାସମ୍ପନ୍ନ କର୍ମତତ୍ପରତାର ଦିଗ, ବିଚାରନିଷ୍ଠାର ଦିଗ ଏବଂ ଆପଣାର କର୍ତ୍ତବ୍ୟ ଓ କର୍ମ ଲାଗି ସାଧୁଭାବରେ ପ୍ରସ୍ତୁତ ରହିଥିବା ଓ ଯେତେ ଆୟାସର ସମ୍ମୁଖୀନ ହେବାକୁ ପଡ଼ିଲେ ମଧ୍ୟ ତାହାଙ୍କୁ ସାଧନ କରିବାର ଦିଗ, ଯେଉଁଟି ସକାଶେ ସେହି ଜାତିର ଦୀର୍ଘକାଳ ଧରି ସୁନାମ ଓ ଖ୍ୟାତି ରହିଆସିଛି । ଆଶୟଗତ ନାନା ସାମର୍ଥ୍ୟର କ୍ଷେତ୍ରରେ କୌଣସି ଜାତିର ହୁଏତ ପ୍ରଭୂତ ପ୍ରତିଭା ଥାଇପାରେ; ମାତ୍ର ତଥାପି ଆମର ବହୁମୁଖୀ ଜଟିଳ ପ୍ରକୃତିର ଏହି ନିମ୍ନତର ଦିଗଟିର ଅନୁଶୀଳନ କରିବାରେ ଯଦି ତାହା କୌଣସି ପ୍ରକାର ଅବହେଳା ପ୍ରଦର୍ଶନ କରେ, ତେବେ ଗୋଟିଏ ପାଖରେ ବିଚାର ଏବଂ କଳ୍ପନା, ତଥା ଅନ୍ୟ ପାଖରେ ବାସ୍ତବ ତଥ୍ୟ ଓ ସତ୍ୟଗୁଡ଼ିକର ପୃଥିବୀ, ଏହି ଉଭୟ ମଧ୍ୟରେ ସେହି ଜାତି ହୁଏତ ଆଦୌ କୌଣସି ସମ୍ମିଳନ ଘଟାଇପାରିବ ନାହିଁ; ଆପଣାର ଦୃଷ୍ଟି ଓ ଆପଣାର କର୍ମଶକ୍ତି ଭିତରେ କୌଣସି ସେତୁ ପକାଇ ପାରିବ ନାହିଁ । ଏବଂ ଏହି ସମ୍ମିଳନ ଘଟାଇବାର ସାମର୍ଥ୍ୟ ହିଁ ଯେକୌଣସି ଜାତିର ଆତ୍ମଉପଲବ୍ଧିକୁ ସମ୍ଭବ କରାଇ-ଦେଇଥାଏ । ଏପରି ପରିସ୍ଥିତିରେ ସେହି ଜାତିର ଉଚ୍ଚତର ସମ୍ପଦ ଓ ସାମର୍ଥ୍ୟଗୁଡ଼ିକ ହୁଏତ ପୃଥିବୀ ଲାଗି ଅନେକ ଆନନ୍ଦ ଓ ପ୍ରେରଣା ଆଣି ଦେଇପାରେ; ମାତ୍ର ନିମ୍ନତର ସ୍ତରରେ ମଧ୍ୟ ଆପଣାର କର୍ମ କରିପାରିବାର ସାନ ପାଠଟିକୁ ଆୟତ୍ତ ନ କରିବା ଯାଏ ସେହି ଜାତି କଦାପି ଆପଣାର ପୃଥିବୀଟିକୁ ଆପଣାର ରଜ୍ଜୁରେ ଧରି ରଖିପାରିବ ନାହିଁ । ଜର୍ମାନୀରେ ଏହି ସେତୁଟି ନିଶ୍ଚୟ ରହିଥିଲା; ଅବଶ୍ୟ ଏକଥା ସତ ଯେ ଅଧିକାଂଶ ସ୍ଥଳରେ ଏକ ଅନ୍ଧକାରମୟ ସୁଡ଼ଙ୍ଗପଥ ମଧ୍ୟ ଦେଇ ଗତି କରୁଥିଲା ଏବଂ ତଳେ ଏକ ଉପସାଗର ଅବସ୍ଥିତ ରହିଥିଲା । କାରଣ ସେହି ଦେଶରେ ଦାର୍ଶନିକ ଏବଂ ସଂଗୀତକାର-ମାନଙ୍କର ଆଶୟଗତ ମନୋଭୂମିରୁ ପ୍ରବୀଣ ପଣ୍ଡିତ ଏବଂ ପ୍ରବୀଣ ସଂଗଠକମାନଙ୍କର ମନୋଭୂମି ଭିତରକୁ ପ୍ରକୃତରେ କୌଣସି ସଞ୍ଚାରଣପଥ ବା ସଂଯୋଜନପଥ ନ ଥିଲା । ଜାତୀୟ ତଥା ଆନ୍ତର୍ଜାତୀୟ କ୍ଷେତ୍ରରେ କାମରେ ଲଗାଇପାରିବା ଲାଗି ଟ୍ରାଇତ୍‌ଶ୍‌କେ ଦାର୍ଶନିକ ନିତ୍‌ଶେଙ୍କର ଶିକ୍ଷାଗୁଡ଼ିକର ଯେଉଁଭଳି ଭ୍ରାନ୍ତିକର ପ୍ରୟୋଗମାନ କଲେ, ତାହା ସ୍ୱୟଂ ଦାର୍ଶନିକଙ୍କୁ ମଧ୍ୟ ଅତ୍ୟନ୍ତ ବିରକ୍ତ କରିପକାଇଥାନ୍ତା । ବିଚାର ଓ ବାସ୍ତବ

'oaob.nitrkl.ac.in' images reprocessed

କ୍ଷେତ୍ରରେ ସେଠାରେ ଯେଉଁ କଦର୍ଥାତ୍ମକ ଯୋଗାଯୋଗ ଘଟିଥିଲା, ଏଇଟି ହେଉଛି ତାହାର ଗୋଟିଏ ଦୃଷ୍ଟାନ୍ତ । ମାତ୍ର ତଥାପି ଯୋଗାଯୋଗ ଅବଶ୍ୟ ରହିଥିଲା । କାରଣ, ପ୍ରାୟ ଏକ ଅର୍ଦ୍ଧଶତାବ୍ଦୀଠାରୁ ଅଧିକ କାଳ ଲାଗି ଜର୍ମାନୀ ଆପଣାକୁ, ତଥା ବସ୍ତୁର ଓ ବିଷୟଗୁଡ଼ିକୁ ଆତ୍ମସ୍ଥଗତ ଅନ୍ତର୍ଲୋକନର ଗଭୀର ଦୃଷ୍ଟି ଦେଇ ଦେଖିବାରେ ଲାଗିଥିଲା । ଜର୍ମାନୀ ଆପଣା ସତ୍ତାର ତଥା ଏହି ଜଗତର ଅନ୍ତର୍ନିହିତ ସତ୍ୟଟିର ଅନ୍ୱେଷଣ କରୁଥିଲା; ଏବଂ ଆଉ ଗୋଟିଏ ଅର୍ଦ୍ଧଶତାବ୍ଦୀ ଲାଗି ନିଜେ ଯାହାକିଛି ସମ୍ପଦ ଲାଭ କରିଥିଲା ବା ଲାଭ କରିପାରିଛି ବୋଲି ଭାବୁଥିଲା, ତାହାକୁ ସଂଗଠିତ ଓ ସଂବଦ୍ଧ କରି ରଖିବାଲାଗି ବୈଜ୍ଞାନିକ ଗବେଷଣା ତଥା ଅନୁସନ୍ଧାନର କ୍ଷେତ୍ରରେ ଆପଣାର ଅଧ୍ୟବସାୟୀ ଦୃଷ୍ଟିକୁ ନିବଦ୍ଧ କରି ରଖିଥିଲା ଏବଂ ଏହା ଫଳରେ ଜର୍ମାନୀ କିଛି ନା କିଛି ଅବଶ୍ୟ ସାଧି କରିଥିଲା ଏବଂ ଏହି ସିଦ୍ଧିକୁ ଆମେ ଅବଶ୍ୟ ଏକ ଶକ୍ତିଶାଳୀ ଓ ପ୍ରଭୂତ ସିଦ୍ଧି ବୋଲି କହିବା; ମାତ୍ର ତାହା କେବଳ କେତୋଟି ଦିଗରେ ହିଁ ସମ୍ଭବ ହୋଇଥିଲା, ସବୁ ଦିଗରେ ଠିକ କରି ନ ଥିଲା ଏବଂ ଏହିସବୁ ସିଦ୍ଧିରେ କୌଣସି ପୂର୍ଣ୍ଣ ସନ୍ତୁଳିତତା ଓ ସଙ୍ଗତି ମଧ୍ୟ ରହି ନ ଥିଲା ଏବଂ ଦୁର୍ଭାଗ୍ୟବଶତଃ ସେହି ଦିଗଗୁଡ଼ିକୁ ଜର୍ମାନ ଜୀବନର ମଧ୍ୟକ୍ଷେତ୍ରରେ ପଡ଼ିଥିବା ଠିକ୍ ଏପରିସବୁ ଦିଗ ଥିଲା, ଯେଉଁଠି ଭୁଲ ଭାବରେ ଗତି କଲେ ଲକ୍ଷ୍ୟଭ୍ରଷ୍ଟ ହୋଇ ବସିବା ବ୍ୟତୀତ ଆଉ ଅନ୍ୟ ଗତି ନ ଥିଲା ।

ବସ୍ତୁତଃ ଏପରି କୁହାଯାଇପାରିବ ଯେ, ଜର୍ମାନୀରେ କୃତକର୍ମର ପରିଣାମ-ସ୍ୱରୂପ ଯେଉଁ ଯୁଦ୍ଧ ଘଟିଛି, ରାଷ୍ଟ୍ରର ଯେଉଁ ପତନ ଘଟିଛି ଓ ନାତ୍ସି ଶାସନବଳର ଅତି କଠୋର, ଅସ୍ତ୍ରବଳୀୟ୍ୟାର, ଆକ୍ରମଣାତ୍ମକ ଭାବ ଏବଂ ଦୁର୍ଦ୍ଦାନ୍ତ ଆଚରଣ ବିରୁଦ୍ଧରେ ଯେଉଁ ତୀବ୍ର ପ୍ରତିକ୍ରିୟା ଜାଗ୍ରତ ହୋଇଉଠିଛି, ତାହାକୁ କେବଳ ନୈରାଶ୍ୟଜନକ ବୋଲି କୁହାଯିବା ଉଚିତ ନୁହେଁ । ଆମେ ତାହାକୁ ସେହି ଆଚରିତ କୁମାର୍ଗଟିକୁ ପରିତ୍ୟାଗ କରି ପୂର୍ବର ଅଧିକ ନିରାପଦ ପଥଗୁଡ଼ିକୁ ଫେରିଯିବାଲାଗି ଗୋଟିଏ ସ୍ପଷ୍ଟ ଚେତାବନୀ ବୋଲି ବି ନିଶ୍ଚୟ କହିପାରିବା । ମାତ୍ର ଅତୁଳ ଶକ୍ତିର କେବଳ ଅପବ୍ୟବହାର କରାଯାଇଛି ବୋଲି ତାହାର ଯେ ଯଥାର୍ଥ ବ୍ୟବହାର ଆଦୌ ହୋଇପାରିବ ନାହିଁ, ସେପରି କହିବା ଏକାନ୍ତ ଅଯୌକ୍ତିକ ହେବ । ପୂର୍ବତନ ବାଟଟିକୁ ଫେରିଯିବା କଦାପି ସମ୍ଭବ ନୁହେଁ; ଏହି ଚେଷ୍ଟାକୁ ସର୍ବଦା କେବଳ ଏକ ଭ୍ରମଚେଷ୍ଟା ବୋଲି ହିଁ କୁହାଯିବ । ଜର୍ମାନୀ ଯାହାସବୁ ସାଧି କରିବାର ପ୍ରୟାସ କରିଛି, ଆମ ସମସ୍ତଙ୍କୁ ମଧ୍ୟ ସେହି ପ୍ରୟାସଟି କରିବାକୁ ପଡ଼ିବ; ମାତ୍ର ଆମେସବୁ ଯେପରି ଠିକ୍ ଜର୍ମାନୀର ଭୁଲଗୁଡ଼ାକୁ ମଧ୍ୟ କରି ନ ବସୁ, ସେଥିଲାଗି ସାବଧାନ ରହିବାକୁ ହେବ । ତେଣୁ ଯୁଦ୍ଧଜନିତ ରକ୍ତପାତର ଯେଉଁ ଲାଲ କୁହୁଡ଼ି ପର୍ଦ୍ଦାଟି ବର୍ତ୍ତମାନ ଆମ ଆଗରେ ଝୁଲିକରି ରହିଥିବା ପରି ଦେଖାଯାଉଛି ଏବଂ ସାରା ପୃଥିବୀକୁ ନିର୍ଯାତିତ କରି ବର୍ତ୍ତମାନ ଚାରିଆଡ଼େ ଯେଉଁ ଅନ୍ଧକାର ଓ ଅସ୍ପଷ୍ଟତାମାନ ଅଳନ୍ଧୁ ପରି ମାଡ଼ି ରହିଛି, ଆମକୁ ସେଗୁଡ଼ାକର ସେପାଖକୁ ଅନାଇ

'oaob.nitrkl.ac.in' images reprocessed

ଦେଖିପାରିବାଲାଗି ସମର୍ଥ ହେବାକୁ ପଡ଼ିବ ଏବଂ କାହିଁକି ଓ କେଉଁଠାରେ ବିଫଳତାଟି ଘଟିଲା, ସେକଥା ଖୋଜି ବାହାର କରିବାକୁ ପଡ଼ିବ । କାରଣ ଜର୍ମାନୀର କର୍ମସବୁ ଯେଉଁଭଳି ଏକ ଢଙ୍ଗ ନେବାକୁ ଲାଗିଲା ଏବଂ ସେହି ସମସ୍ତଟି ଲାଗି ଏକ ସମଗ୍ର ପତନର ଅଧୋଗତି ଲାଭ କଲା, ସେଇଥିରୁ ହିଁ ସେ ଜର୍ମାନୀର ବିଫଳତାଟି ଅତି ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଯାଉଥିଲା, ସେତେବେଳେ ମଧ୍ୟ କେବଳ ସତ୍ୟର ହିଁ ଅନୁସନ୍ଧାନ କରୁଥିବା ଯେକୌଣସି ନିରପେକ୍ଷ ବିଚାରକ ଲାଗି ତାହା ହୁଏତ ଜଳ ଜଳ ହୋଇ ଦିଶୁଥିଲା । ଯୋଗ ଅର୍ଥାତ୍ ସଚେତନ ଆତ୍ମ-ଆବିଷ୍କାରର ସାଧନାମାର୍ଗରେ ବେଳେବେଳେ ଯେଉଁ ପ୍ରମାଦ ଆସି ପହଞ୍ଚିଥାଏ, ଜର୍ମାନୀ ପ୍ରାୟ ସେହି ପ୍ରମାଦଟିର ସମ୍ମୁଖୀନ ହୋଇଥିଲା । ଏଠାରେ ମନେ ରଖିବାକୁ ହେବ ଯେ, ଜଣେ ସାଧାରଣ ମଣିଷର ଜୀବନରେ ସାଧାରଣତଃ ଯେଉଁସବୁ ବିପଦ ଆସି ପଡ଼ିଥାଏ, ଯୋଗର ମାର୍ଗ ତାହାଠାରୁ ଅନେକ ଅଧିକ ଗମ୍ଭୀର ନାନା ବିପଦ ଲାଗି ସବୁବେଳେ ଉନ୍ମୁକ୍ତ ହୋଇ ରହିଥାଏ । ଯୋଗମାର୍ଗର ସାଧକ ମଧ୍ୟ ଅନେକ ସମୟରେ ଏକ ମିଥ୍ୟା ଆଲୋକକୁ ପ୍ରକୃତ ଆଲୋକ ବୋଲି ଭ୍ରମ କରି ତାହାର ଅନୁସରଣ କରିଥାଏ, ଯାହା ଫଳରେ କି ସେ ଆପଣାର ଆଧ୍ୟାତ୍ମିକ ବିନାଶଟିକୁ ଆମନ୍ତ୍ରଣ କରି ନେଇଆସେ । ଠିକ୍ ସେହିପରି ଜର୍ମାନୀ ମଧ୍ୟ ତା'ର ପ୍ରାଣଗତ ଅହଂଟିକୁ ତା'ର ଅସଲ ଆତ୍ମା ଓ ଅସଲ ମର୍ମ ବୋଲି ଭ୍ରମ କରିପକାଇଥିଲା । ସିଏ ବସ୍ତୁତଃ ଆତ୍ମାର ହିଁ ଅନୁସନ୍ଧାନ କରି ବାହାରିଥିଲା ଓ କେବଳ ଆପଣାର ଶକ୍ତିଟିର ହିଁ ସାକ୍ଷାତ ଲାଭ କରିଥିଲା । କାରଣ ଅସୁର ପରି ଜର୍ମାନୀ ମଧ୍ୟ ସେତେବେଳେ ଘୋଷଣା କରିଥିଲା, "ମୁଁ ହେଉଛି ମୋର ଶରୀର, ମୋର ପ୍ରାଣ, ମୋର ମନ ଓ ମୋର ମିଜାଜ; ମୁଁ କହିଲେ କେବଳ ଏହିସବୁକୁ ହିଁ ବୁଝାଏ ।" ତା'ପରେ ଏକ ଆତ୍ମଘାତୀ ପରାକ୍ରମଶାଳିତା ସହିତ ସେ କେବଳ ସେହିଗୁଡ଼ିକ ମଧ୍ୟରେ ହିଁ ଲିପ୍ତ ହୋଇ ରହିଗଲା । "ମୁଁ କହିଲେ କେବଳ ମୋର ପ୍ରାଣଶକ୍ତିକୁ ବୁଝାଇବ ଓ କେବଳ ମୋର ଶରୀରକୁ ହିଁ ବୁଝାଇବ—" ଜର୍ମାନୀ ବିଶେଷ କରି ଏହି କଥାଟି କହିଥିଲା ଏବଂ ଯେକୌଣସି ବ୍ୟକ୍ତି ବା ଜାତି ପକ୍ଷରେ ଏହାଠାରୁ ବଳି ଆଉ କୌଣସି ପ୍ରମାଦ କଦାପି ଥାଇ ନ ପାରେ । କୌଣସି ବ୍ୟକ୍ତି ବା ଜାତିର ଆତ୍ମା କେବଳ ସେତିକିଠାରୁ ଅନେକ ଅଧିକ ଓ ଅନେକ ଐଶ୍ୱର୍ଯ୍ୟ ଏକ ସମ୍ପଦ । ତାହା ତାହାର ସାଧନଗୁଡ଼ିକ-ଠାରୁ ଅଧିକ ବୃହତ୍ ଏବଂ ଆମେ ତାହାକୁ ଏକ ଭୌତିକ, ପ୍ରାଣିକ, ମନୋଗତ କିମ୍ବା ମିଜାଜଗତ ସୂତ୍ରନପାତ ଭିତରେ କଳିକରି କଦାପି ରଖିପାରିବା ନାହିଁ । ଏହାକୁ ଏହିପରି ଭାବରେ କଳି ରଖିବାକୁ ଚେଷ୍ଟା କଲେ, ଏପରିକି ତଦ୍ୱାରା ଏକ ପ୍ରକାଣ୍ଡ ମନୁଷ୍ୟସମୂହର ଏକ ପ୍ରାଗୈତିହାସିକ ସରୀସୃପ ତୁଲ୍ୟ ଅସ୍ତ୍ରବସଜ୍ଜିତ ସାମାଜିକ ଅତିକାୟତା ମଧ୍ୟରେ ଦେହ ଧାରଣ କରିଥିବା ଏକ ଦୃଢ଼ ସମାଜଗଠନର ମିଥ୍ୟାଭ୍ରମ ସୃଷ୍ଟି ହୋଇ ରହିଥିଲେ ମଧ୍ୟ ଫଳରେ କେବଳ ଅନ୍ତର୍ଗତ ଅସଲ ସତ୍ୟଟିର ଅଭିବୃଦ୍ଧିକୁ ଶ୍ୱାସରୁଦ୍ଧ କରି ରଖିବା ହିଁ ସାର ହେବ । ତଦ୍ୱାରା ଜାତିର ଅବକ୍ଷୟ ହିଁ ଘଟିବ; ଏଭଳି

'oaob.nitrkl.ac.in' images reprocessed

ଏକ ସମୂଳ ବିନାଶ ଆସି ଉପସ୍ଥିତ ହେବ, ଯାହାକି ସ୍ଥିତିସ୍ଥାପକ ଏବଂ ଅନୁକୂଳନସମର୍ଥ ହୋଇ ରହି ନ ଥିବା ଯାବତୀୟ ବିଷୟକୁ ଗ୍ରାସିକରି ଆଗକୁ ବାହାରିଯିବ ।

ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ, ଯେପରି ଏକ ଭ୍ରାନ୍ତ ଆତ୍ମସ୍ୱଗତତା ରହିଛି, ସେହିପରି ଏକ ଯଥାର୍ଥ ଆତ୍ମସ୍ୱଗତତା ମଧ୍ୟ ରହିଛି । ତେଣୁ ଆତ୍ମସ୍ୱଗତତାର ଗର୍ଭରେ ଯେତିକ ସମ୍ଭାବନା ରହିଛି, ଏକ ପ୍ରବୃତ୍ତି ଭାବରେ ଏହା ଭିତରେ ସେତିକ ପ୍ରମାଦରେ ପଡ଼ିଯିବାର ଆଶଙ୍କାମାନ ମଧ୍ୟ ରହିଛି ଏବଂ ଏହି ପ୍ରମାଦଗୁଡ଼ିକରୁ ବଡ଼ ବଡ଼ ଅନିଷ୍ଟ ଘଟିବାର ଆଶଙ୍କାମାନ ବି ରହିଛି । ସାମାଜିକ ବିବର୍ତ୍ତନର ଏହି ପର୍ଯ୍ୟାୟଟିର ଗତିପଥଟିକୁ ମନୁଷ୍ୟସମାଜ ଲାଗି ନିରାପଦ କରି ରଖିବାକୁ ହେଲେ ଆମକୁ ଅସଲ ଓ ନକଲ ଆତ୍ମସ୍ୱଗତତା ମଧ୍ୟରେ ରହିଥିବା ଏହି ପାର୍ଥକ୍ୟଟିକୁ ସ୍ପଷ୍ଟରୂପେ ବୁଝି ରଖିବାକୁ ହେବ ।

'oaob.nitrkl.ac.in' images reprocessed

ପଞ୍ଚମ ପରିଚ୍ଛେଦ

# ଆତ୍ମସ୍ୱଗତତା : ଅସଲ୍ ଓ ନକଲ୍

ମନୁଷ୍ୟର ବିକାଶରେ ଆତ୍ମସ୍ୱପ୍ରଧାନ ଯୁଗଟିକୁ ଆମେ ସେହି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସନ୍ଧିକ୍ଷଣ ବୋଲି କହିବା, ଯେତେବେଳେ କି ଆମର ମନୁଷ୍ୟଜାତି ପ୍ରତୀକ, ରୀତି ଓ ପରମ୍ପରାଗୁଡ଼ିକୁ ପଛରେ ରଖି ଅଗ୍ରସର ହୋଇ ଚାଲିଯାଏ, କେବଳ ଉପରିଭାଗରେ ହେଲେ ମଧ୍ୟ ବ୍ୟକ୍ତି ଉପରକୁ ହିଁ ଆପଣାର ଦୃଷ୍ଟିଟିକୁ ବୁଲାଇଆଣେ, ବ୍ୟକ୍ତିର ସତ୍ୟ ତଥା ତାହାର କର୍ମଗତ ଯଥାର୍ଥ ବିଧାନଟିର ଆବିଷ୍କାର କରିବାଲାଗି ଏବଂ ସମଗ୍ର ବିଶ୍ୱର ଉପରିଭାଗରେ କାର୍ଯ୍ୟ କରୁଥିବା ବାହ୍ୟ ସତ୍ୟ ଓ ବିଧାନଟି ସହିତ ତାହାର ସମ୍ବନ୍ଧଟିକୁ ମଧ୍ୟ ଖୋଜି ବାହାର କରିବାଲାଗି ଅଭିଲାଷ ରଖିଥାଏ, ଏବଂ ସେହି ପର୍ଯ୍ୟାୟଟିକୁ ଅତିକ୍ରମ କରି ସେ ଆହୁରି ଭିତରକୁ ଅନାଇ ଦେଖିବାକୁ ଆରମ୍ଭ କରେ । ଏହି ବାହ୍ୟ ପରସ୍ତଟାର ପଛରେ ଓ ଏହି ଉପରିଭାଗଟାର ତଳେ ଯାହାକିଛି ପ୍ରଚ୍ଛନ୍ନ ହୋଇ ରହିଛି, ତାହାକୁ ଦେଖିବାକୁ ଓ ଅନୁଭବ କରିବାକୁ ଆରମ୍ଭ କରେ ଏବଂ ଆପଣାର ଅନ୍ତଃପ୍ରେରଣା ଦ୍ୱାରା ହିଁ ପ୍ରେରିତ ହୋଇ ବଞ୍ଚେ । ଏହି ପର୍ଯ୍ୟାୟଟିକୁ ଆମେ ଆତ୍ମଜ୍ଞାନର ଅଭିମୁଖରେ ଆହୁରି ଏକ ପଦକ୍ଷେପ ବୋଲି କହିବା, ଆପଣାର ଆତ୍ମାର ଭୂମିରେ ଓ ସେହି ଭୂମିରୁ ପ୍ରେରଣା ପାଇ ଜୀବନ କଟାଇବା ବୋଲି କହିବା । ଯେଉଁ ଜ୍ଞାନ ବସ୍ତୁଗୁଡ଼ିକୁ ଅନାତ୍ମା ବୋଲି କହେ ଏବଂ ଯେଉଁ ଜୀବନ ତଥା ବିଶ୍ୱର ଏକ ବିଷୟପ୍ରଧାନ ଧାରଣାକୁ ଅନୁସରଣ କରି ବଞ୍ଚିବାରେ ଲାଗିଥାଏ, ଆତ୍ମସ୍ୱପ୍ରଧାନ ପର୍ଯ୍ୟାୟଟି ସେହି ଜ୍ଞାନ ଓ ସେହି ଜୀବନକୁ ପଛରେ ପକାଇ ଚାଲିଥାଏ । ସେହି ପଦକ୍ଷେପଟି ପ୍ରକୃତରେ କିପରି ଭାବରେ ନିଆଯାଏ, ଏହି ବାଟରେ ଯାଇ ଆମେ ପ୍ରକୃତରେ କେଉଁ ପ୍ରକାରର ଆତ୍ମସ୍ୱଗତତାରେ ଯାଇ ପହଞ୍ଚୁ ଓ ଆତ୍ମଜ୍ଞାନର ପଥରେ ଆମେ ପ୍ରକୃତରେ କେତେଦୂର ଅଗ୍ରସର ହେବାକୁ ସମର୍ଥ ହେଉ, ସବୁକଥା ସେହି କଥାଗୁଡ଼ିକ ଉପରେ ହିଁ ନିର୍ଭର କରୁଥାଏ । କାରଣ ଏହି ପର୍ଯ୍ୟାୟଟିରେ ଯଥାର୍ଥ ଅନ୍ୱେଷଣ ଓ ଯଥାର୍ଥ ଅନୁସନ୍ଧାନର ଯେତିକି ମହାନ୍ ଓ ସୁଦୂରଗାମୀ ପରିଣାମମାନ ନିହିତ ହୋଇ ରହିଥାଏ, ଭୁଲ ବାଟରେ ଚାଲିଗଲେ ସେତିକି ବଡ଼ ଓ ସେତିକି ସୁଦୂରଗାମୀ ନାନା ବିପଦର ମଧ୍ୟ ଆଶଙ୍କା ଥାଏ । ପ୍ରତୀକବାଦୀ, ରୀତିମୂଳ ଏବଂ ପରମ୍ପରାପ୍ରଧାନ ଯୁଗଗୁଡ଼ିକ ସେହି ବିପଦଗୁଡ଼ିକ ବିରୁଦ୍ଧରେ ଆତ୍ମପ୍ରସୀମନର ଗୋଟିଏ ପାଚେରି ଠିଆ କରି ରଖନ୍ତି ଓ ତାହାର

'oaob.nitrkl.ac.in' images reprocessed

ସାହାଯ୍ୟରେ ସେଗୁଡ଼ିକୁ ଏଡ଼ାଇ ରଖିବାର ବ୍ୟବସ୍ଥା କରିଥାନ୍ତି । ଅବଶ୍ୟ ଏକଥା ସତ ଯେ କାଳକ୍ରମେ ସେହି ପାଚେରିଟି ଅଜ୍ଞାନର ଏକ କାରାଗାରରେ ପରିଣତ ହୋଇଯାଏ, ସେତେବେଳେ ତାହାକୁ ଭାଙ୍ଗିପକାଇବାକୁ ପଡ଼େ, ଏବଂ ଆତ୍ମସ୍ୱ-ପ୍ରଧାନତାର ବିପଦସଙ୍କୁଳ ଅଥଚ ଫଳସମ୍ଭାବନାମୟ ଦୁଃସାହସର ମାର୍ଗଟିର ଅବଲମ୍ବନ କରିବାକୁ ହୁଏ ।

ଏକ ଚୈତ୍ୟପୁରୁଷ ଆତ୍ମଜ୍ଞାନରୁ ଆମକୁ ଏକଥାଟିର ସୂଚନା ମିଳିଥାଏ ଯେ, ଆମର ଏହି ସତ୍ତାଟି ମଧ୍ୟରେ ଏକାଧିକ ଉପସ୍ତରର ଏକାଧିକ ଆତ୍ମା ରହିଛି, ଏକାଧିକ ଆତ୍ମା ଆମ ସତ୍ତାର କେବଳ ଉପର ଭାଗଟାରେ ହିଁ ରହିଛି, ପୁଣି ଆଉ କେତେ କେବଳ ଆପାତ ବା ପ୍ରତିନିଧିମୂଳକ ଆତ୍ମା ହିସାବରେ ମଧ୍ୟ କାର୍ଯ୍ୟ କରୁଛି, ଏବଂ କେବଳ ଗୋଟିଏ ଏଭଳି ଆତ୍ମା ରହିଛି, ଯାହାକୁ କି ସମ୍ପୂର୍ଣ୍ଣ ପ୍ରଚ୍ଛନ୍ନ ଓ ଯଥାର୍ଥ ଆତ୍ମା ବୋଲି କୁହାଯାଇପାରିବ । ଆପାତ ଆତ୍ମାର ସ୍ତରରେ ଅଟକି ରହିଯିବା ଓ ତାହାକୁ ହିଁ ସତ୍ୟ ଆତ୍ମା ବୋଲି ମଣିବା—ଏଇଟି ହେଉଛି ଗୋଟିଏ ସାଧାରଣ ଭୁଲ୍ ଏବଂ ଏହି ମୂଳ ପ୍ରମାଦଟିରୁ ହିଁ ଆମର ଅନ୍ୟ ସକଳ ପ୍ରମାଦର ଜନ୍ମ ହୋଇଥାଏ । ଏହାହିଁ ଆମର ଯାବତୀୟ ଝୁଣ୍ଟିବା ଓ କଷଣ ଭୋଗିବାର ହେତୁ ହୋଇଥାଏ । ଆପଣାର ମନୋଗତ ସ୍ୱଭାବଟି ସକାଶେ ହିଁ ମନୁଷ୍ୟ ଲାଗି ଏହି ପ୍ରମାଦଟିର ଆଶଙ୍କା ରହିଥାଏ । ଜଣେ ବ୍ୟକ୍ତି ହିସାବରେ ହେଉ ଅଥବା ଆପଣା ସମାଜର ସମୂହମନ ବା ସମୂହଶରୀର ମଧ୍ୟରେ ଏକ ସାମାଜିକ ଏକକରୂପେ ହେଉ ପଛକେ, ଆପଣାର ଆତ୍ମସ୍ୱଗତ ସତ୍ତାର ବିଧାନଟି ଦ୍ୱାରା ପ୍ରେରିତ ହୋଇ ମନୁଷ୍ୟ ଯେତେବେଳେ ବଞ୍ଚିବାର ପ୍ରୟାସ କରୁଥାଏ, ତାହାର ସେହି ପ୍ରୟାସର କ୍ଷେତ୍ରରେ ମଧ୍ୟ ଆମେ ଏହି ସତ୍ୟଟିକୁ ପ୍ରୟୋଗ କରିପାରିବ ।

କାରଣ, ବର୍ତ୍ତମାନ ସଭ୍ୟତା ଏବେ ବିଶେଷ କରି ଯେଉଁଭଳି ଏକ ଗତି ଧରିଛି, ସେଥିରେ ଆମେ ଠିକ୍ ଏହି ନିହିତାର୍ଥଟିର ସୂଚନା ପାଇବା । ଏପର୍ଯ୍ୟନ୍ତ କେବଳ ଅତି ବିରଳ ଭାବରେ ଏବଂ କେବଳ ଆଗକୁ ବାଡ଼ି ବୁଲାଇଲା ଭଳି ଏକ ପରୀକ୍ଷାମୂଳକ ଢଙ୍ଗରେ ହେଲେ ମଧ୍ୟ ବର୍ତ୍ତମାନ ସବୁଠାରେ ଏକ ଆତ୍ମସ୍ୱଗତ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇ ଆମେ ବିଶ୍ୱଗତ ଯାବତୀୟ ବ୍ୟାପାରର ସମ୍ମୁଖୀନ ହେବାକୁ ଆରମ୍ଭ କରୁଛୁ । ପିଲା ଗୋଟିଏ ମଣିଷ ହୋଇ ବଢ଼ୁଥିବାର ପ୍ରକ୍ରିୟାଟି ମଧ୍ୟରେ ତା'ର ମନୋବିକାଶର ସ୍ୱକୀୟ ଢଙ୍ଗଟିକୁ ଜାଣିବା ହିଁ ଶିକ୍ଷାର କ୍ଷେତ୍ରରେ ଏବେ ଆମର ଉଦ୍ଦେଶ୍ୟ ହୋଇ ରହିଲାଣି ଏବଂ ତାହାରି ଆଧାର ଉପରେ ହିଁ ଆମେ ଆମର ଯାବତୀୟ ଶିକ୍ଷଣ ତଥା ପ୍ରଶିକ୍ଷଣ ଢଙ୍ଗକୁ ଆଧାରିତ କରି ରଖିବାକୁ ଠିକ୍ କଲୁଣି । ପିଲା ଯେପରି ଆପଣାର ଅନ୍ତଃପ୍ରକୃତି ଓ ସାମର୍ଥ୍ୟଗୁଡ଼ିକରୁ ଉତ୍ପ୍ରେରଣା ପାଇ ହିଁ ଆପଣାର ବୌଦ୍ଧିକ, ସୌନ୍ଦର୍ଯ୍ୟବୋଧଗତ, ସଂବେଗଗତ, ନୈତିକ ତଥା ଆଧ୍ୟାତ୍ମିକ ସତ୍ତାର ଏବଂ ଆପଣାର ଗୋଷ୍ଠୀଗତ ଜୀବନ ତଥା ଆବେଗଗୁଡ଼ିକର ବିକାଶସାଧନ କରିପାରିବ, ସେଇଥିରେ

'oaob.nitrkl.ac.in' images reprocessed

ତାକୁ ଯଥୋଚିତ ସାହାଯ୍ୟ କରିପାରିବା ହିଁ ଏବେ ଶିକ୍ଷାର ନୂତନ ଉଦ୍ଦେଶ୍ୟରୂପେ ସ୍ୱୀକୃତ ହେଲାଣି । ମାତ୍ର ପୁରାତନ ଶିକ୍ଷାର ଉଦ୍ଦେଶ୍ୟ ଏହାଠାରୁ ସମ୍ପୂର୍ଣ୍ଣ ପୃଥକ୍ ଥିଲା, ପୁରାତନ ଶିକ୍ଷା କେବଳ କେତେଗୁଡ଼ାଏ ପୂର୍ବସ୍ୱୀକୃତ ପାଠ ଓ ଜ୍ଞାନକୁ ପିଲାର ମୁଣ୍ଡ ଭିତରେ ତାହାର ସକଳ ପ୍ରତିରୋଧ ସତ୍ତ୍ୱେ ଯେକୌଣସି ପ୍ରକାରେ ଭର୍ତ୍ତି କରିଦେବାକୁ ହିଁ ବୁଝାଉଥିଲା, ନାନାପ୍ରକାର ଦୌରାତ୍ମ୍ୟର ଆଧିପତ୍ୟ ମଧ୍ୟରେ ରହି ସଂଗ୍ରାମ କରୁଥିବା ତା'ର ଆବେଗଗୁଡ଼ିକ * ଉପରେ ଆଗରୁ ସ୍ୱୀକୃତ ହୋଇ ଆସୁଥିବା କେତେଟା ଆଚରଣ ନିୟମକୁ ନେଇ ଲଦିଦେବାକୁ ହିଁ ବୁଝାଉଥିଲା । ଅପରାଧୀର ବିଚାର କଲାବେଳେ ଜଗତର ସବୁଠାରୁ ଅଧିକ ପ୍ରଗତିଶୀଳ ସମାଜସବୁ ଆଉ ତାକୁ କେବଳ ଶାସ୍ତିର ଯୋଗ୍ୟ ଜଣେ ଆଇନ୍‌ଭଙ୍ଗକାରୀରୂପେ ଦେଖି ଆଦୌ ସନ୍ତୁଷ୍ଟ ହୋଇପାରୁନାହାନ୍ତି । ଆଇନ୍‌ଭଙ୍ଗ କରିଥିବାରୁ ଅପରାଧୀକୁ ଶାସ୍ତି ବା ସଜା ଦିଆଯାଉ, ତାକୁ ଭୟଭୀତ କରି ରଖାଯାଉ ବା ଫାଶୀ ଦିଆଯାଉ, ଅଥବା ତାକୁ ଶାରୀରିକ ଓ ନୈତିକ ଭାବରେ ନିର୍ଯାତିତ କରାଯାଉ, ମୋଟ ଉପରେ ସମାଜ ବିରୁଦ୍ଧରେ ସେ କରିଥିବା ବିଦ୍ରୋହର ଏକ ପ୍ରତିଶୋଧରୂପେ କିମ୍ବା ଅନ୍ୟମାନଙ୍କ ଲାଗି ଏକ ଦୃଷ୍ଟାନ୍ତରୂପେ ତାହା ପ୍ରତି ସେହିଭଳି କୌଣସି ବ୍ୟବସ୍ଥା କରାଯାଉ, ଏଥିରେ ଆଉ ସେମାନଙ୍କର ମୋଟେ ସନ୍ତୋଷ ଆସୁନାହିଁ । ଅପରାଧୀକୁ ଅଧିକ ପରିମାଣରେ ବୁଝିବା, ତା'ର ବଂଶଗତ ପୃଷ୍ଠଭୂମି, ତା'ର ପରିବେଶ, ତଥା ଅନ୍ତର୍ଗତ ଅପୂର୍ଣ୍ଣତାଗୁଡ଼ିକର ମଧ୍ୟ ତାହାର ଅପରାଧମୂଳକ ଆଚରଣରେ ଏକ ଭାଗ ରହିଛି ବୋଲି ସ୍ୱୀକାର କରିବା ଏବଂ ବାହାରୁ ଦଣ୍ଡାଘାତ ଦେଇ ତାକୁ ଏକାବେଳେକେ ପେଷିପକାଇବା ପରିବର୍ତ୍ତେ ତା'ର ଭିତରୁ ହିଁ ଏକ ପରିବର୍ତ୍ତନ ଲାଗି ଆବଶ୍ୟକ ସମ୍ଭାବନାଗୁଡ଼ିକୁ ଉନ୍ମୁକ୍ତ କରିଦେବା ଏହିସବୁ ଦିଗରେ ଏବେ ଅଧିକରୁ ଅଧିକ ପ୍ରୟାସ ହେଲାଣି । ଖାସ୍ ସମାଜ ବିଷୟରେ ମଧ୍ୟ ଆମର ସାଧାରଣ ଦୃଷ୍ଟିଟିରେ ଆମେ ଗୋଷ୍ଠୀଜୀବନ, ଦେଶ ବା ମନୁଷ୍ୟସମୂହର ଯେକୌଣସି ଏକ ନିର୍ଦ୍ଦିଷ୍ଟ ସଙ୍ଘବଦ୍ଧତାକୁ ଏକ ଜୀବନ୍ତ ସଂଗଠନ ବୋଲି ବିଚାର କରିବାକୁ ଆରମ୍ଭ କରୁଛୁ; ଏକ ଜୀବନ୍ତ ସଂଗଠନ ଯାହାର କି ନିଜର ଏକ ଆତ୍ମଗତ ସତ୍ତା ରହିଛି ଏବଂ ତଦନୁରୂପ ଏକ ଅଭିବୃଦ୍ଧି ତଥା ସ୍ୱଭାବପ୍ରଣୋଦିତ ବିକାଶ ମଧ୍ୟ ରହିଛି ଯାହାକୁ ପରିପୂର୍ଣ୍ଣ ଏବଂ ଫଳପ୍ରଦ କରିବା ହିଁ ସେହି ସଂଗଠନର କର୍ତ୍ତବ୍ୟ

---

* ଏକଛତ୍ର ଶାସନ ଚାଲୁଥିବା ରାଷ୍ଟ୍ରଗୁଡ଼ିକରେ ଏବେ ଅତି ନିର୍ମମ ଭାବରେ ବିକାଶର ଏହି ପୁରୁଣା ରୀତିଟିକୁ ଫେରିଆସିବାର ପ୍ରବୃତ୍ତି ଦେଖାଦେଇଛି । ସେମାନଙ୍କର ସିଦ୍ଧାନ୍ତ ହେଉଛି ଯେ, ବ୍ୟକ୍ତି ବୋଲି ପ୍ରକୃତରେ କିଛି ନାହିଁ ଏବଂ କେବଳ ସମୂହର ଜୀବନଟି ଲାଗି ହିଁ କୌଣସି ଅସ୍ତିତ୍ୱ ବା ମହତ୍ତ୍ୱ ରହିଛି । ମାତ୍ର ତଥାପି ଅପେକ୍ଷାକୃତ ଅଧିକ ସ୍ୱାଧୀନ ଦେଶଗୁଡ଼ିକରେ ବିକାଶର ସେହି ଅନ୍ୟ ଉଦାରତର ଦୃଷ୍ଟିଟି ହିଁ ସବୁରି ସ୍ୱୀକୃତି ଲାଭ କରି ରହିଛି ।

'oaob.nitrkl.ac.in' images reprocessed

ହୋଇ ରହିଛି । ଏପର୍ଯ୍ୟନ୍ତ ଏହି ବିଷୟରେ କାହାର କିଛି କହିବାର ନାହିଁ ଏବଂ ଏହି ନୂତନ ଦୃଷ୍ଟିରେ ଯେ ଏକ ବୃହତ୍ତର ଜ୍ଞାନ, ଯଥାର୍ଥରେ ସତ୍ୟ ଏବଂ ଅଧିକ ବିଜ୍ଞତାସମ୍ପନ୍ନ ମାନବିକତା ନିହିତ ହୋଇ ରହିଛି, ତାହା ସ୍ପଷ୍ଟ ହୋଇଯାଉଛି । ମାତ୍ର ଏ କଥାଟି ମଧ୍ୟ ମନେରଖିବାକୁ ହେବ ଯେ, ଏହି ନୂତନ ମାର୍ଗ ଏବଂ ଏଥିରେ ଥିବା ଗୁରୁତର ଭ୍ରମପ୍ରମାଦ ଓ ବାଧାବିଘ୍ନଗୁଡ଼ିକ ଲାଗି କ'ଣ ସବୁ ଆଶଙ୍କା ବା ସମ୍ଭାବନାମାନ ଅଛି, ସେବିଷୟରେ ଆମର ଜ୍ଞାନ ତଥା ଅଭିଜ୍ଞତା ବଡ଼ ସୀମାବଦ୍ଧ ହୋଇ ରହିଛି ।

ପରାଧୀନ ହୁଅନ୍ତୁ ବା ସ୍ୱାଧୀନ ହୁଅନ୍ତୁ, ବିଭିନ୍ନ ଜାତି ସଚେତନ ଭାବରେ ନିଜକୁ ପରିପୂର୍ଣ୍ଣ କରିବାଲାଗି ଯେଉଁ ନୂତନ ଚେଷ୍ଟା ଆରମ୍ଭ କରିଛନ୍ତି ଓ ଆତ୍ମପ୍ରଧାନ ଜର୍ମାନ ଜାତିର ସଚେତନତା ବିଶେଷ ଭାବରେ ଯେଉଁ ମହତ୍ତ୍ୱପୂର୍ଣ୍ଣ ପ୍ରୟୋଗଟି କରିବାରେ ଲାଗିଛି, ସେଗୁଡ଼ିକ ଉପରେ ଦୃଷ୍ଟିପାତ କଲେ ଆମେ ଏହିସବୁ ସମ୍ଭାବ୍ୟ ପ୍ରମାଦଗୁଡ଼ିକର ଆରମ୍ଭସଙ୍କେତମାନ ଦେଖିବାକୁ ପାଇବା । ବର୍ତ୍ତମାନର ଏହି ଆତ୍ମପ୍ରଧାନ ଯୁଗଟି ବ୍ୟକ୍ତିବାଦୀ ପୂର୍ବବର୍ତ୍ତୀ ଯୁଗଟିରୁ ଜନ୍ମଲାଭ କରିଛି,—ଏଇ ଐତିହାସିକ ଘଟଣାଟିରୁ ପ୍ରଥମ ବିପଦଟିର ଉଦ୍ରେକ ହୋଇଛି । ବ୍ୟକ୍ତିବାଦୀ ଅହଂଭରତାର ପ୍ରମାଦଟିକୁ ଏକ ବୃହତ୍ତର ସାମୂହିକ ଅହଂଭରତାର ଅଧିକ ଗୁରୁତ୍ୱପୂର୍ଣ୍ଣ ଏକ ପ୍ରମାଦରେ ରୂପାନ୍ତରିତ କରିବାକୁ ଅଭିଳାଷ କରି ହିଁ ପ୍ରଥମ ବିରାଟ ବାଧାଟିର ସୃଷ୍ଟି କରାଯାଇଛି । ଆପଣା ସତ୍ତାର ବିଧାନଟିକୁ ଜାଣିବାକୁ ବାହାରିଥିବା ବ୍ୟକ୍ତି ଯଦି ମନୋଗତ ଦୁଇଟି ବୃହତ୍ ସତ୍ୟକୁ ସ୍ୱଚ୍ଛ ଭାବରେ ଦେଖିବାକୁ ସମର୍ଥ ହେବ ଓ ସେହି ସ୍ୱଚ୍ଛ ଦୃଷ୍ଟିଟି ଭିତରେ ବଞ୍ଚିରହିପାରିବ, ତେବେଯାଇ ସେ ନିରାପଦ ଭାବରେ ସେହି ବିଧାନଟିର ଆବିଷ୍କାର କରିପାରିବ । ପ୍ରଥମତଃ ସେ ଏହି ସତ୍ୟଟିକୁ ଜାଣିବ ଯେ, ଆମର ଅହଂ ଆମର ପ୍ରକୃତ ଆତ୍ମା ନୁହେଁ । ସବୁକିଛିର କେବଳ ଗୋଟିଏ ଆତ୍ମା ରହିଛି ଏବଂ ଆମର ଆତ୍ମା ହେଉଛି ସେହି ବିଶ୍ୱଗତ ପରମ ଦିବ୍ୟତାର କେବଳ ଗୋଟିଏ ଅଂଶ ମାତ୍ର । କେବଳ ଆପଣାର ଅହଂଟିର ବୁଦ୍ଧି, ପ୍ରାଣଶକ୍ତି ଓ ଭୌତିକ ସୁଖର ଯଥାସମ୍ଭବ ଅଧିକ ବିକାଶ ସାଧନ କଲେ ଓ ଆପଣାର ମାନସିକ, ଆବେଗଗତ ତଥା ଭୌତିକ ଆକାଙ୍କ୍ଷାଗୁଡ଼ିକର ଯଥାସମ୍ଭବ ଅଧିକ ତୃପ୍ତିବିଧାନ କରିଦେଲେ ତାହାକୁ ହିଁ କଦାପି ବ୍ୟକ୍ତିଜୀବନର ପରିପୂର୍ଣ୍ଣତା ବୋଲି କୁହାଯିବ ନାହିଁ । ବ୍ୟକ୍ତି ମଧ୍ୟରେ ଯେଉଁ ଦିବ୍ୟ ସମ୍ଭାବନା ରହିଛି, ସେଇଟି ଆପଣାର ଜ୍ଞାନ, ଶକ୍ତି, ପ୍ରେମ ଓ ବିଶ୍ୱଗତତାର ଚରମ ସାମର୍ଥ୍ୟରେ ଫୁଟି-ଉଠିପାରିବ ଏବଂ ଏହି ଫୁଟିଉଠିବା ଫଳରେ ବ୍ୟକ୍ତି ସମ୍ଭାବ୍ୟ ସକଳ ସୌନ୍ଦର୍ଯ୍ୟ ତଥା ସତ୍ତାଗତ ଆନନ୍ଦର ପରିପୂର୍ଣ୍ଣ ଉପଲବ୍ଧି କରିପାରିବ; ତେବେଯାଇ ତାହାକୁ ବ୍ୟକ୍ତି-ଜୀବନର ପରିପୂର୍ଣ୍ଣତା ବୋଲି କୁହାଯିବ ।

ବଞ୍ଚିରହିବାର ବା ତିଷ୍ଠିରହିବାର ଇଚ୍ଛା, କ୍ଷମତାପନ୍ନ ହେବାର ଇଚ୍ଛା ଓ ଜାଣିବାର ଇଚ୍ଛା—ଏସବୁର ନ୍ୟାଯ୍ୟତା ବା ସଙ୍ଗତତା ବିଷୟରେ କାହାର ତିଳେ ହେଲେ

'oaob.nitrkl.ac.in' images reprocessed

ଆପତ୍ତି ହେବ ନାହିଁ; ସେହି ଇଚ୍ଛାର ପରିତୃପ୍ତିକୁ ଆମେ ନିଶ୍ଚୟ ଆମର ଏହି ଜୀବନାତ୍ମିତ୍ୱର ଯଥାର୍ଥ ବିଧାନ ବୋଲି କହିବା ଏବଂ ସେଗୁଡ଼ିକୁ ଅଯଥା ହତୋତ୍ସାହିତ କରାଗଲେ ବା ଦବାଇ ରଖିବାଲାଗି ଚେଷ୍ଟା କରାଗଲେ ତଦ୍ଦ୍ୱାରା ଆମର ସତ୍ତାକୁହିଁ ଆଘାତ ପହଞ୍ଚିବ, ତଦ୍ଦ୍ୱାରା ଜୀବନ ଏବଂ ଅଭିବୃଦ୍ଧିର ଉତ୍ସଗୁଡ଼ିକ ହିଁ ଶୁଷ୍କ ଅଥବା କ୍ଷୀଣ ହୋଇ-ପଡ଼ିବ । ମାତ୍ର ସେଗୁଡ଼ିକର ତୃପ୍ତିବିଧାନ କଦାପି ଅହଂସୀମିତ ଓ ଅହଂକେନ୍ଦ୍ରିତ ହୋଇ ରହିବା ଉଚିତ ନୁହେଁ । ଏପରି କହିବା ପଛରେ ଯେ ଅନ୍ୟ କୌଣସି ନୈତିକ ବା ଧର୍ମଗତ କାରଣ ରହିଛି, ତାହା ନୁହେଁ; ମାତ୍ର ଅହଂକେନ୍ଦ୍ରିତ ହୋଇ ରହିଥିବା ପର୍ଯ୍ୟନ୍ତ ସେଗୁଡ଼ିକର ଯଥାର୍ଥ ତୃପ୍ତିବିଧାନ କଦାପି ସମ୍ଭବ ହିଁ ହେବ ନାହିଁ । ଏହିପରି ତୃପ୍ତିବିଧାନର ଚେଷ୍ଟା କରୁଥିବା ପର୍ଯ୍ୟନ୍ତ ଫଳରେ ସର୍ବଦା କେବଳ ଅନ୍ୟ ଅହଂଗୁଡ଼ିକ ସହିତ ଅବିଶ୍ରାନ୍ତ ଭାବରେ ସଂଘର୍ଷରେ ଲିପ୍ତ ହୋଇ ରହିବାକୁ ପଡ଼ିବ; କେବଳ ଅହଂ ଅହଂ ଭିତରେ ପରସ୍ପରକୁ ଆଘାତ କରିବା ଓ ପରସ୍ପରର ପ୍ରତିବନ୍ଧକ ହୋଇ ଛିଡ଼ାହେବାହିଁ ସାର ହେଉଥିବ, ଏବଂ ଏପରିକି ପରସ୍ପରର ବିନାଶ କରିବାକୁ ହିଁ ପଡ଼ୁଥିବ । ବିନାଶ ଓ ନିପାତ କରିଦେବାର ଏହି ଯୁଦ୍ଧରେ ଯଦି ଆମେ ଆଜି ବିଜୟୀ ହେଉଥିବା, ତେବେ କାଲି ହୁଏତ ଆମ ପରାଜୟର ପାଳି ଆସି ପହଞ୍ଚିବ ଏବଂ ହୁଏତ ନିହତ ବି ହେବାକୁ ପଡ଼ିବ । କାରଣ ଅନ୍ୟର ଧ୍ୱଂସ ସାଧନ ଓ ଶୋଷଣଦ୍ୱାରା ବଞ୍ଚିରହିବାଲାଗି ଆମେ ଯେତିକି ଯେତିକି ବିପଦଜନକ ଚେଷ୍ଟା କରିବାରେ ଲାଗିଥିବା ତଦ୍ଦ୍ୱାରା ଆମେ ଆପଣାର ହିଁ ଶକ୍ତିକ୍ଷୟ କରୁଥିବା, ଆପଣାକୁ ହିଁ ପାପଦ୍ୱାରା ଗ୍ରସ୍ତ କରିପକାଉଥିବା । ଯିଏ ଆପଣାର ଆତ୍ମସତ୍ତାଟିର କ୍ଷେତ୍ରରେ ଆପଣାର ଜୀବନଟିକୁ ବଞ୍ଚିପାରୁଛି, କେବଳ ସେଇ ତିଷ୍ଠିରହିପାରିବ; ଏବଂ ସାଧାରଣତଃ ଅନ୍ୟକୁ ଗିଳି ପକାଇବାର ଅର୍ଥ ହେଉଛି ଆଉ କାହାର ଗ୍ରାସରେ ପଡ଼ିବାଲାଗି ଆପଣାକୁ ତାଲିକାଭୁକ୍ତ କରି ରଖିବା ଓ ମୃତ୍ୟୁର ଶିକାର ହେବାଲାଗି ଆପଣାକୁ ପୂର୍ବନିର୍ଦ୍ଧାରିତ କରିଦେବା ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆତ୍ମଜ୍ଞାନ-ବିବର୍ଜିତ ହୋଇ ଜୀବନ-ଧାରଣ କରୁଥିବା ପର୍ଯ୍ୟନ୍ତ ଆମେ କେବଳ ଏତିକି କରିପାରିବା ଓ ଏହାଛଡ଼ା ଆଉ ଅନ୍ୟ କିଛି କରିପାରିବାଲାଗି ଆମର ଆଦୌ କୌଣସି ଧୃତି ନ ଥିବ । ସକଳ ବ୍ୟକ୍ତି ଓ ସକଳ ଜାତି କେବଳ ଅହଂକେନ୍ଦ୍ରିତ ହୋଇ କାର୍ଯ୍ୟ କରୁଥିବେ ଓ ଅହଂକେନ୍ଦ୍ରିତ ହୋଇ ଭାବୁଥିବେ; କାରଣ ଆତ୍ମ-ଅଜ୍ଞାନର ଏହି ସ୍ଥିତିଟିରେ କେବଳ ତାହାହିଁ ସେମାନଙ୍କ ଲାଗି ଏକମାତ୍ର ପରିଚିତ ଜୀବନମାର୍ଗ ହୋଇ ରହିଥିବ ଏବଂ ସେମାନଙ୍କୁ ସେହି ମାର୍ଗଟିରେ ବଞ୍ଚିବାକୁ ହିଁ ପଡ଼ିବ; କାରଣ ବଞ୍ଚିବା ହେଉଛି ସେମାନଙ୍କର ଏକ ଈଶ୍ୱରଦତ୍ତ ପ୍ରବୃତ୍ତି । ତେଣୁ ଆଦୌ ନ ବଞ୍ଚିବା ସମ୍ଭବ ହେଉ ନ ଥିବାରୁ ସେମାନେ ଅହଂକେନ୍ଦ୍ରିତ ହୋଇ ବଞ୍ଚିବାକୁ ହିଁ ବାଧ୍ୟ ହେଉଥିବେ ଏବଂ ସେଥିଲାଗି ସେମାନଙ୍କର ପ୍ରକୃତି ଓ ଅଭିଜ୍ଞତା ସେମାନଙ୍କୁ ବିଧାନ ଓ ନୀତିଗତ ଯାହାକିଛି ବାରଣ ଓ ନିଷେଧ ଶିଖାଇଥିବ,

'oaob.nitrkl.ac.in' images reprocessed

ସେମାନଙ୍କ ଆତ୍ମସଂଯମର ଯାହାକିଛି ବ୍ୟାବହାରିକ ସାଧାରଣବୋଧ ଆଣି ଦେଇଥିବ, ସେହିଗୁଡ଼ିକର ସାହାଯ୍ୟ ନେଇହିଁ ସେମାନେ ଆପଣା ଆପଣାର ଜୀବନଟିକୁ ବଞ୍ଚୁଥିବେ । ମାତ୍ର ଯେକୌଣସି ଯଥାର୍ଥ ଆତ୍ମଯନ୍ତ୍ରତା କହିଲେ ସ୍ୱଭାବତଃ ଆତ୍ମଜ୍ଞାନର ପ୍ରୟାସୀ ହେବାକୁ ହିଁ ବୁଝାଇବ, ଏକ ଯଥାର୍ଥ ଆତ୍ମଜ୍ଞାନ ଦ୍ୱାରା ପରିଚାଳିତ ହୋଇ ଏକ ଶକ୍ତିବସ୍ତୁରେ ହିଁ ଜୀବନ ବଞ୍ଚିବାକୁ ବୁଝାଇବ; ତେଣୁ ଏହି କ୍ଷେତ୍ରକୁ ଆସି ଯେବେ ଆମେ କେବଳ ଏକ ନୂତନ ପୁନରାବୃତ୍ତି ସହିତ ସେହି ପୁରୁଣା ଭୁଲଟାକୁ ହିଁ କରିବସିବା, ତେବେ ସେଥିରୁ ଆମକୁ ପ୍ରକୃତରେ କୌଣସି ଫଳ ମିଳିବ ନାହିଁ । ତେଣୁ, ଯଥାର୍ଥ ବ୍ୟକ୍ତି କହିଲେ କଦାପି ତାର ଅହଂଟାକୁ ଯେ ବୁଝାଏ ନାହିଁ, ଆମକୁ ସେହି କଥାଟି ଅବଶ୍ୟ ଜାଣି ରଖିବାକୁ ପଡ଼ିବ । ବ୍ୟକ୍ତି ଭିତରେ ଅବସ୍ଥିତ ଦିବ୍ୟ ବ୍ୟକ୍ତିତ୍ୱଟିକୁ ହିଁ ଆମେ ଅସଲ ବ୍ୟକ୍ତି ବୋଲି ଚିହ୍ନିବା, ଆମର ବିବର୍ତ୍ତନଟିର ମଧ୍ୟ ଦେଇ ତାହା ଆମର ଭିତରେ ଆପଣାକୁ ଅଭିବ୍ୟକ୍ତ ଓ ପ୍ରକାଶିତ କରିବାପାଇଁ ପ୍ରସ୍ତୁତ ହେଉଛି ବୋଲି ଜାଣିବା । ତାହାର ଅଭିବ୍ୟକ୍ତି ଓ ତାହାର ତୃପ୍ତିବିଧାନ ହେଉଛି ଅସଲ ଲକ୍ଷ୍ୟ; ଆପଣାର ନିମ୍ନସ୍ତରୀୟ ଜୀବନାଙ୍ଗଗୁଡ଼ିକ ଲାଗି ଅହଂକେନ୍ଦ୍ରିତ ହୋଇ ବଞ୍ଚି-ରହିବାର ଇଚ୍ଛାଟିର ତୃପ୍ତିବିଧାନ କଦାପି ଅସଲ ଲକ୍ଷ୍ୟ ନୁହେଁ । ଏବଂ ଯେଉଁ ମନୁଷ୍ୟଜାତି ଆତ୍ମଗତ ଭାବରେ ଆପଣାର ସବୁଠାରୁ ଅଧିକ ଅନ୍ତରସ୍ଥ ବିଧାନ ଓ ସତ୍ୟଟିକୁ ଜାଣିବାଲାଗି ଓ ନିଜର ଜୀବନରେ ତାହାକୁ ପରିପୂର୍ଣ୍ଣ କରିବାଲାଗି ଆକାଙ୍କ୍ଷା ରଖିଛି, ତାହା କେବଳ ସେହି ଅସଲ ଲକ୍ଷ୍ୟଟିକୁ ହିଁ ଅଧିକରୁ ଅଧିକ ପରିମାଣରେ ଆପଣାର ଧେୟ କରି ରଖିବ ।

ବ୍ୟକ୍ତି ଏହି ଜଗତରେ କେବଳ ସେ ନିଜେ ନୁହେଁ, କେବଳ ସେଇ ଏକା ନୁହେଁ, ମାତ୍ର ଅବଶିଷ୍ଟ ସବୁ ବ୍ୟକ୍ତିଙ୍କ ସହିତ ମଧ୍ୟ ସେ ଦୃଢ଼ଭାବରେ ଏକାଠି ବନ୍ଧାହୋଇ ରହିଛି,—ଏହି ଦ୍ୱିତୀୟ ଚୈତ୍ୟସତ୍ୟଟିକୁ ମଧ୍ୟ ସେ ଅବଶ୍ୟ ଆପଣାର ବୋଧଗମ୍ୟ କରି ରଖିବ । ସଂସାରର ଆଉ ଯାହାସବୁ ମନୁଷ୍ୟର ସ୍ୱଜାତି ବୋଲି ପ୍ରତୀତ ହେଉ-ନାହିଁ, ବର୍ତ୍ତମାନ ପାଇଁ ଆମେ ସେସବୁକୁ ଆମ ଆଲୋଚନାରୁ ବାଦ୍ ଦେଇ ରଖିବା । ଆମ ଭିତରର ମର୍ମସତ୍ୟଟି ବ୍ୟକ୍ତିର ମାଧ୍ୟମରେ ଆପଣାକୁ ଅଭିବ୍ୟକ୍ତ କରିଦେଇଛି; ମାତ୍ର ଏହି ବିଶ୍ୱଚରାଚରର ମାଧ୍ୟମରେ ବି ତାହା ଆପଣାକୁ ଅଭିବ୍ୟକ୍ତ କରି ରଖିଛି ଏବଂ ପ୍ରତ୍ୟେକ ବ୍ୟକ୍ତି କେବଳ ଆପଣାର ସ୍ୱକୀୟ ସ୍ୱଭାବଟିରେ ହିଁ ଆପଣାକୁ ପରିପୂର୍ଣ୍ଣ କରିବାଲାଗି ଉଦ୍ଦିଷ୍ଟ ହୋଇ ଆସିଥିଲେ ହେଁ, ଅନ୍ୟ ଆଉଜଣକଠାରୁ ଆପଣାକୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ବିଚ୍ଛିନ୍ନ ରଖି କେହି କଦାପି ଆପଣାର ସେହି କାର୍ଯ୍ୟଟିରେ ସଫଳ ହୋଇପାରିବ ନାହିଁ । ଆପଣାର ଅଧିକତର ବିକାଶ, ବୃଦ୍ଧି ଅଥବା ଆତ୍ମତୃପ୍ତି-ଲାଗି ବ୍ୟକ୍ତିକୁ ପେଷିଦେବାକୁ ବା ତାହାକୁ ନିପାତ କରିଦେବାକୁ ସମାଜର ଆଦୌ କୌଣସି ଅଧିକାର ନାହିଁ ଏବଂ ବ୍ୟକ୍ତି ଯେପର୍ଯ୍ୟନ୍ତ ଏହି ପୃଥିବୀରେ ବାସ କରି ରହିବାକୁ ଇଚ୍ଛା କରୁଛି, ସେପର୍ଯ୍ୟନ୍ତ କେବଳ ଏକା ତାହାର ତୃପ୍ତିବିଧାନ ଓ

'oaob.nitrkl.ac.in' images reprocessed

ବିକାଶସାଧନ ସକାଶେ ତାହାର ଭଳି ଏହି ସଂସାରରେ ବାସ କରୁଥିବା ଅନ୍ୟ ବ୍ୟକ୍ତିମାନଙ୍କର ଅବଜ୍ଞା କରିବାଲାଗି ମଧ୍ୟ ତା'ର କୌଣସି ଅଧିକାର ନାହିଁ; ସେମାନଙ୍କ ସହିତ ଯୁଦ୍ଧରେ ଲିପ୍ତ ରହି ଜୀବନ ବିତାଇବାରେ କିମ୍ବା ଏକାନ୍ତ ସ୍ୱାର୍ଥପର ଭାବରେ କେବଳ ଆପଣାର ମଙ୍ଗଳସାଧନ ଲାଗି ତତ୍ପର ହୋଇ ରହିବାକୁ ମଧ୍ୟ ତା'ର କୌଣସି ଅଧିକାର ନାହିଁ । ଏସବୁ ଲାଗି ବ୍ୟକ୍ତିର କୌଣସି ଅଧିକାର ନାହିଁ ବୋଲି ଯେତେବେଳେ କୁହାଯାଉଛି, ସେତେବେଳେ କୌଣସି ସମାଜଗତ, ନୈତିକ କିମ୍ବା ଧର୍ମଗତ ଦୃଷ୍ଟିକୋଣରୁ ତାହା କୁହାଯାଉନାହିଁ, ମାତ୍ର ଜୀବନଧାରଣର ଏକ ଅତ୍ୟନ୍ତ ବ୍ୟାବହାରିକ ଦୃଷ୍ଟିରୁ ହିଁ ତାହା କୁହାଯାଉଛି, କେବଳ ଜୀବନର ମୂଳବିଧାନଟି ଉପରେ ଦୃଷ୍ଟିରଖି ହିଁ ତାହା କୁହାଯାଉଛି । କାରଣ ସେପରି କରି ସମାଜ ବା ବ୍ୟକ୍ତି କେହି ହେଲେ ଆପଣାର ପରିପୂର୍ଣ୍ଣତା ଆଡ଼କୁ କଦାପି ବିକଶିତ ହୋଇପାରିବ ନାହିଁ । ଯେତେବେଳେ ସମାଜ ଆପଣାର କୌଣସି ଉଦ୍ଦେଶ୍ୟ ସାଧନ ପାଇଁ ବ୍ୟକ୍ତିକୁ ପେଷି-ପକାଉଛି ବା ମାରିଦେଉଛି, ସେତେବେଳେ ସେ ଆପଣା ଦେହରେ ହିଁ ଆଘାତ କରୁଛି ଏବଂ କେବଳ ଆପଣାର ଜୀବନଟିକୁ ହିଁ ଉତ୍‌ପ୍ରେରଣା ଓ ଅଭିବୃଦ୍ଧିର କେତେ ନା କେତେ ମୂଲ୍ୟବାନ ଉତ୍ସରୁ ବଞ୍ଚିତ କରି ରଖୁଛି । ବ୍ୟକ୍ତି ମଧ୍ୟ କେବଳ ଆପଣାକୁ ହିଁ ସର୍ବସାର ଓ ସର୍ବକାମ୍ୟ କରି ରଖି କଦାପି ଆପଣାର ଅଭିବୃଦ୍ଧି ଘଟାଇପାରିବ ନାହିଁ । କାରଣ ଯାହା ବିଶ୍ୱଗତ ଓ ସର୍ବଜନୀନ, ତାହାର ସହିତ ଏଠି ବାସ କରୁଥିବା ଅନ୍ୟ ବ୍ୟକ୍ତିମାନଙ୍କର ଏକତା ଓ ସଂହତି ଉପରେ ଯାହା ପ୍ରତିଷ୍ଠିତ ହୋଇ ରହିଛି, ତାହା ହିଁ ହେଉଛି ଏହି ଜୀବନରେ ତା'ର ପ୍ରକୃତ ଉତ୍ସ ଓ ପ୍ରକୃତ ଭଣ୍ଡାର । ସେ ଆପଣାର ବ୍ୟକ୍ତିଜୀବନରେ କେବଳ ତାହାର ସମ୍ଭାବନାଗୁଡ଼ିକୁ ହିଁ ଅଭିବ୍ୟକ୍ତ କରିବାରେ ଲାଗିଛି; ଏପରିକି ତାହାର ତାତ୍କାଳିକ ସ୍ତରଗୁଡ଼ିକରୁ ଉପରକୁ ଉଠିଯିବାବେଳେ ମଧ୍ୟ ସେ କେବଳ ତାହାର ସମ୍ଭାବନାଗୁଡ଼ିକୁ ହିଁ ପ୍ରକାଶ କରୁଛି । ତାହାର ଏହି ପ୍ରାତିଭାସିକ ରୂପାୟନଟିରେ ତାହାକୁ ଆମେ କେବଳ ସେହି ବିଶ୍ୱଗତତାର ହିଁ ଏକ ପରିଣାମ ବୋଲି କହିବା । ସେହି ବିଶ୍ୱଜନୀନତାର ମହତ୍ତ୍ୱଟି ହ୍ରାସ ହେବା ମାତ୍ରକେ ତଦ୍ୱାରା ବ୍ୟକ୍ତିର ଆପଣା ଜୀବନଟିର ଉତ୍ସଗୁଡ଼ିକରେ ହିଁ ତାହାର ଆଘାତ ଆସି ବାଜୁଛି, ସେହି ବିଶ୍ୱଜନୀନତା ବୃଦ୍ଧିପ୍ରାପ୍ତ ହେଲେ ବ୍ୟକ୍ତିର ମଧ୍ୟ ଅଭିବୃଦ୍ଧି ସାଧିତ ହେଉଛି । ଯେକୌଣସି ଯଥାର୍ଥ ଆତ୍ମସ୍ଥପ୍ରଧାନ ଦୃଷ୍ଟି ଆମକୁ କେବଳ ଏହି ଶିକ୍ଷାଗୁଡ଼ିକ ଦେଇଯାଉଛି : ପ୍ରଥମଟି ହେଉଛି ଯେ ଆମର ଅସଲ ପରିଚୟଟି ହେଉଛି ଆମର ଅହଂ ଅଥବା ଭୌତିକ ଜୀବନାଙ୍ଗଗୁଡ଼ିକଠାରୁ ଉଚ୍ଚତର ହୋଇ ରହିଥିବା ଏକ ଆତ୍ମାର ପରିଚୟ । ଦ୍ୱିତୀୟରେ, ଆମର ଜୀବନ ତଥା ସତ୍ତାର କ୍ଷେତ୍ରରେ ଆମେ କେବଳ ଆମରି ଭିତରେ ହିଁ ସୀମିତ ନୋହୁଁ ଏବଂ ଆମେ କହିଲେ ତାହା ସର୍ବଦା ଅନ୍ୟ ସମସ୍ତଙ୍କୁ ମଧ୍ୟ ବୁଝାଉଛି । କାରଣ ଏହି କ୍ଷେତ୍ରରେ ଏକ ଏକବଦ୍ଧତା ଓ ଏକସଂହତି ପ୍ରଚ୍ଛନ୍ନ ହୋଇ ରହିଛି । ଆମର ଅହଂସର୍ବସ୍ୱତା ତାହାକୁ ପଦାଘାତ କରିପାରେ ଅଥବା ତାହାର ପରିପନ୍ଥୀ

'oaob.nitrkl.ac.in' images reprocessed

ହୋଇ ଠିଆ ହୋଇପାରେ; ମାତ୍ର ଆମେ କଦାପି ସେଇଟିକୁ ଏଡ଼ି ପଳାଇଯାଇ-ପାରିବା ନାହିଁ । ପ୍ରାଚୀନ ଭାରତୀୟ ଉପଲବ୍ଧିଟି ଅନୁସାରେ ଆମର ପ୍ରକୃତ ମୁଁ ହେଉଛି ଏକ ପରମ ସତ୍ତା, ତାହାହିଁ ଆମର ପ୍ରକୃତ ଆତ୍ମା; ଆମକୁ ତାହାର ଆବିଷ୍କାର କରିବାକୁ ହେବ, ଆମକୁ କ୍ରମବିକଶିତ ହୋଇ ତାହାର ସହିତ ଏକାତ୍ମ ହୋଇଯିବାକୁ ପଡ଼ିବ । ଦ୍ୱିତୀୟତଃ, ସେହି ଉପଲବ୍ଧିଟି ଅନୁସାରେ ସେହି ପରମ ସତ୍ତା ସବୁଟି ଭିତରେ ସେହି ଏକାଭଳି ବିରାଜମାନ ରହିଛନ୍ତି, ବ୍ୟଷ୍ଟି ଓ ସମଷ୍ଟି ଉଭୟ ମଧ୍ୟରେ ପ୍ରକାଶିତ ରହିଛନ୍ତି ଏବଂ ଅନ୍ୟ ସମସ୍ତଙ୍କ ସହିତ ଆପଣାର ଏକାତ୍ମତାଟିକୁ ସ୍ୱୀକାର କରିନେଇ-ପାରିଲେ ଓ ତାହାର ଉପଲବ୍ଧ କରିପାରିଲେ ଯାଇ ଆମେ ସଂପୂର୍ଣ୍ଣ ଭାବରେ ଆପଣାର ଯଥାର୍ଥ ଆତ୍ମସନ୍ତୁଷ୍ଟିର ପରିପୂର୍ଣ୍ଣତା ବିଧାନ କରିପାରିବା । *

ଆପଣାର ବ୍ୟକ୍ତିସମ୍ବନ୍ଧୀ ବିଚାରରେ ମନୁଷ୍ୟଜାତିର ଏହି ଦୁଇଟି ସତ୍ୟ ବିଷୟରେ ସିଦ୍ଧାନ୍ତତଃ ଏକ ବଡ଼ ଅସ୍ପଷ୍ଟ ଦୃଷ୍ଟି ବା ଆଭାସ ସବୁବେଳେ ରହିଆସିଛି । ଅବଶ୍ୟ ଏକଥାଟି ମଧ୍ୟ ସ୍ମରଣ ରଖିବାକୁ ହେବ ଯେ ଆପଣାର ଆଚରଣଗତ ଜୀବନରେ ସେ ଏଗୁଡ଼ିକ ପ୍ରତି ଆପଣାର କର୍ତ୍ତବ୍ୟ କରିବାକୁ କେବଳ ଏକ ଅତି ଦରିଦ୍ର ଓ ଖଣ୍ଡପ୍ରୟାସ ମାତ୍ର କରିଆସିଛି ଏବଂ ଆପଣା ଜୀବନର ଦଶଭାଗରୁ ନଅଭାଗ କ୍ଷେତ୍ରରେ ସେ ସେହି ସତ୍ୟଗୁଡ଼ିକରୁ ଦୂରଛଡ଼ା ହୋଇ ରହିବାର ହିଁ ବିବାଦ କରିଛି । ବାହାରେ ସେ ସେହି ସତ୍ୟଗୁଡ଼ିକର ବିଧାନଟିକୁ କେବଳ ଉପରମୁହଁରେ ସ୍ୱୀକାର କରୁଥିଲେ ମଧ୍ୟ ଆପଣାର ପ୍ରକୃତ ଜୀବନକ୍ଷେତ୍ରରେ ସେହିପରି ହିଁ କରିଆସିଛି । ମାତ୍ର ସେହି ସତ୍ୟଗୁଡ଼ିକର କେବଳ ଯେ ବ୍ୟକ୍ତିର ଜୀବନରେ କୌଣସି ପ୍ରାସଙ୍ଗିକତା ରହିଛି ତାହା ନୁହେଁ, ଜାତିର ଜୀବନକ୍ଷେତ୍ରରେ ମଧ୍ୟ ରହିଛି ଏବଂ ଏହିଠାରେ ହିଁ ଆମେ ଜର୍ମାନ ଆତ୍ମସ୍ୱଗତତାର ସର୍ବପ୍ରଥମ ଭୁଲଟିକୁ ଦେଖିବାକୁ ପାଇବା । ଆପଣାର ବୁଦ୍ଧିଗତ ବିବେଚନ ଦ୍ୱାରା ପରମ ନିର୍ବିଶେଷ, ବ୍ୟକ୍ତି ତଥା ବିଶ୍ୱର ବିଶ୍ଳେଷଣ କରିବାକୁ ଚେଷ୍ଟା କରି ସେହି ଆତ୍ମସ୍ୱଗତତା ଆପଣାର ଭିତରକୁ ମଧ୍ୟ ଅବଲୋକନ କଲା ଏବଂ ଦେଖିବାକୁ ପାଇଲା ଯେ, ବସ୍ତୁତଃ ଏହି ଜୀବନର ଏକ ବାସ୍ତବ ସତ୍ୟ ହିସାବରେ ସେହି ପରମ ସତ୍ୟ ଅହଂ ରୂପେ ହିଁ ଆପଣାକୁ ପ୍ରକଟ କରିଦେଇଥିବା ପରି ପ୍ରତୀତ ହେଉଛି । ପୁଣି ଆଧୁନିକ ବିଜ୍ଞାନର ସିଦ୍ଧାନ୍ତଗୁଡ଼ିକୁ ଭିତ୍ତି କରି ତାହା ଯେତେବେଳେ ବିଚାର କଲା, ସେତେବେଳେ ସେ ବ୍ୟକ୍ତିକୁ ସମୂହଗତ ଅହଂର କେବଳ ଏକ କ୍ଷୁଦ୍ର କୋଷ ବ୍ୟତୀତ

---

* ଏହି ସତ୍ୟର ଆଉ ଗୋଟିଏ ଦିଗ ରହିଛି, ଯେଉଁଥିରେ କି ଏହି ପରସ୍ପର-ନିର୍ଭରତାକୁ ସେତେ ଆବଶ୍ୟକ ବା ଜରୁରୀ ବୋଲି କୁହାଯାଏ ନାହିଁ । ମାତ୍ର ତାହା ହେଉଛି ଆଧ୍ୟାତ୍ମିକ ବିବର୍ତ୍ତନର ଏପରି ଏକ ପ୍ରସଙ୍ଗ ବା ବ୍ୟାପାର, ଯାହାର କି ଆମର ବର୍ତ୍ତମାନ ବିଷୟଟି ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ ।

'oaob.nitrkl.ac.in' images reprocessed

ଆଦୌ ଅନ୍ୟ କିଛି ନୁହେଁ ବୋଲି ଦେଖିବାକୁ ପାଇଲା । ସେତିକିବେଳେ ସେ ଏହି ସମୂହଗତ ଅହଂକୁ ହିଁ ଜୀବନର ବାସ୍ତବିକ ସବୁଠାରୁ ବଡ଼ ସଂଗଠିତ ପ୍ରକାଶରୂପ ବୋଲି ଗ୍ରହଣ କରିବାକୁ ଲାଗିଲା ଏବଂ ସବୁକିଛି କେବଳ ତାହାରି ଅଧୀନ ଓ ଅଧସ୍ତନ ହୋଇ ରହିବା ଉଚିତ ବୋଲି ଭାବିଲା । କାରଣ ସେ ଦେଖିଲା ଯେ, କେବଳ ଏହାରିଦ୍ୱାରା ହିଁ ଆମେ ପ୍ରକୃତି ଓ ତାହାର ବିବର୍ତ୍ତନଟିକୁ ସର୍ବୋତ୍କୃଷ୍ଟ ଭାବରେ ସ୍ୱୀକାର କରିନେଇପାରିବା ଓ ତାହାର ପ୍ରକ୍ରିୟାଟିରେ ସାହାଯ୍ୟ ମଧ୍ୟ କରିପାରିବା । ମନୁଷ୍ୟ-କ୍ଷେତ୍ରରେ ମଧ୍ୟ ଏକ ବୃହତ୍ତର ସମୂହ ଅବଶ୍ୟ ରହିଛି; ମାତ୍ର ତାହା କେବଳ ଏକ ପ୍ରାରମ୍ଭିକ ସ୍ତରରେ ବଡ଼ ଅସଂଗଠିତ ହୋଇ ରହିଛି । ତେଣୁ ଆଗରୁ ରହିଆସିଥିବା ସବୁଠାରୁ ଅଧିକ ଦକ୍ଷ ଓ ନିପୁଣ ସଂଗଠିତ ସାମୂହିକ ଜୀବନକୁ ଆହୁରି ଅଧିକ ଦକ୍ଷ ଓ ନିପୁଣ ଭାବରେ ବିକଶିତ କରାଇପାରିଲେ ଯାଇ ମନୁଷ୍ୟଜାତିର ସର୍ବୋତ୍କୃଷ୍ଟ ବୃଦ୍ଧି ଓ ବିକାଶ ମଧ୍ୟ ସମ୍ଭବ ହୋଇପାରିବ । ବ୍ୟାବହାରିକ କ୍ଷେତ୍ରରେ ତାହାର ଅର୍ଥ ହେବ ଯେ ପୃଥିବୀରେ ସବୁଠାରୁ ଅଧିକ ଅଗ୍ରସର ହୋଇସାରିଥିବା ଜାତିଗୁଡ଼ିକର ଅଥବା ଏହିଭଳି ଅଗ୍ରଗତି କରିଥିବା ଜାତିମାନଙ୍କ ମଧ୍ୟରୁ ସମ୍ଭବତଃ କୌଣସି ଗୋଟିଏ ଜାତିର ଅଭିବୃଦ୍ଧି ହେବ ଏବଂ ଆପଣାର ଚରମ ପରିପୂର୍ଣ୍ଣତା ହାସଲ କରି ତାହା ସମସ୍ତଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବ ଓ ସମସ୍ତଙ୍କର ନିୟାମକ ହୋଇ ରହିବ । କାରଣ କେବଳ ସେହି ଜାତିଗୁଡ଼ିକର ଅଥବା କେବଳ ସେହି ଜାତିର ସାମୂହିକ ଅହଂଟି ହିଁ ସର୍ବୋତ୍କୃଷ୍ଟ ଭାବରେ ପ୍ରକୃତିର ଅଭିପ୍ରାୟଟିକୁ ସିଦ୍ଧ କରିସାରିଥିବ ଏବଂ ତେଣୁ ତାହାର ବିଜୟ ଓ ବିଧାନର ପ୍ରତିଷ୍ଠାଦ୍ୱାରା ଈଶ୍ୱରଙ୍କର ଇଚ୍ଛାଟିର ପୂରଣ ହେବ । କାରଣ ସଂଗଠିତ ଜୀବନ ତଥା ଆତ୍ମସଚେତନ ଅହଂଗୁଡ଼ିକର ଯାବତୀୟ କ୍ଷେତ୍ରରେ ପରସ୍ପର ଭିତରେ ଏକ ସତତ ସଂଗ୍ରାମ ହିଁ ଲାଗିରହିଛି । ଏହି ସଂଗ୍ରାମ କେତେବେଳେ ପ୍ରକାଶ୍ୟ ଭାବରେ ଚାଲିଛି, ପୁଣି କେତେବେଳେ ପ୍ରଚ୍ଛନ୍ନ ଭାବରେ ଚାଲିଛି । କେତେବେଳେ ସମଗ୍ର ଭାବରେ ବା କେତେବେଳେ ଆଂଶିକ ଭାବରେ ଚାଲିଛି ଏବଂ ସବୁରି ଉପରେ ବିଜୟୀ ହୋଇ ଯେତେବେଳେ ସର୍ବୋତ୍ତମ ଆପଣା ବଞ୍ଚିରହିବାର ଔଚିତ୍ୟଟିକୁ ସିଦ୍ଧ କରିଦେଉଛି, ତାହାରି ଫଳରେ ହିଁ ମନୁଷ୍ୟଜାତିର ସର୍ବୋଚ୍ଚ ପ୍ରଗତି ଓ ଅଗ୍ରଗତିଟି ମଧ୍ୟ ସିଦ୍ଧ ହୋଇଯାଉଛି, ଏବଂ ଖାସ୍ ଜର୍ମାନୀକୁ ଛାଡ଼ିଦେଲେ ଏହି ସର୍ବୋତ୍ତମ ଓ ସବୁଠାରୁ ଅଧିକ ଅଗ୍ରସର ଅନ୍ୟ ଜାତି ଆଉ କିଏ ଅଛି, କିଏ ଆପଣାକୁ ଏତେ ବେଶୀ ଉପଲବ୍ଧି କରିପାରିଛି, ଆପଣାର ଏତେଦୂର ନୈପୁଣ୍ୟ ଦେଖାଇପାରିଛି ଓ ଏକ ଉଚ୍ଚସଂସ୍କୃତ ଜାତି ହିସାବରେ ଆପଣାର ପ୍ରମାଣ ଦେଇପାରିଛି ? ସମସ୍ତେ ସଂସାରଯାକ କେବଳ ସେହି ସତ୍ୟଟିର ହିଁ ସ୍ୱୀକାର କରିଛନ୍ତି ଓ ନିଜେ ଜର୍ମାନୀ ମଧ୍ୟ ଆପଣାର ଦୃଷ୍ଟି ମଧ୍ୟରେ ଆପଣାକୁ ଠିକ୍ ସେହିଭଳି ଭାବରେ ହିଁ ଦେଖୁଛି । ତେଣୁ ଜର୍ମାନୀର ସାମୂହିକ ଅହଂଟିକୁ ପରିପୂର୍ଣ୍ଣ କରିବା, ତାହାରି ବୃଦ୍ଧିସାଧନ କରି ତାହାକୁ ହିଁ ସର୍ବାଧିପତିରୂପେ ପ୍ରତିଷ୍ଠିତ କରାଇବା,—ଏକାଧାରରେ ଏହାହିଁ ହେଉଛି ବିବେକର ବିଧାନ, ଏହାହିଁ

'oaob.nitrkl.ac.in' images reprocessed

ସମସ୍ତ ମନୁଷ୍ୟଜାତିର ପରମ ମଙ୍ଗଳ ତଥା ମହାନ୍ ଟିଉଟନିକ୍ ଜାତିର ମହା ବ୍ରତ ଓ ମହା ସ୍ୱପ୍ନ । *

ଆପଣାକୁ ନେଇ ଏହିଭଳି ଅହଂସର୍ବସ୍ୱ ଭାବରେ ବଡ଼ ବଡ଼ ସ୍ୱପ୍ନ ଦେଖିବାରୁ ହିଁ ନ୍ୟାୟତଃ କେତେଗୁଡ଼ିଏ ପରିଣାମ ବା ଅନୁସିଦ୍ଧାନ୍ତ ଉଦ୍‌ଭୂତ ହୋଇ ଆସିଲା, ଯାହାକି ଆପଣାକୁ ସ୍ୱତନ୍ତ୍ର ଗୋଟିଏ ଗୋଟିଏ ଆତ୍ମଘାତୀ ପ୍ରମାଦ ବୋଲି ସିଦ୍ଧ କରିଦେଲା । ପ୍ରଥମତଃ, ଯଦି ମନୁଷ୍ୟବ୍ୟକ୍ତିକୁ ମନୁଷ୍ୟସମୂହର କେବଳ ଏକ କ୍ଷୁଦ୍ର କୋଷମାତ୍ର ବୋଲି ଧରିନିଆଯାଏ, ତେବେ ତାହାର ଜୀବନଟିକୁ ମଧ୍ୟ ଜାତିର ସର୍ବସମର୍ଥ ଜୀବନ ପାଖରେ ସର୍ବଦା ଅଧୀନସ୍ଥ ହୋଇ ରହିବାକୁ ପଡ଼ିବ । ବସ୍ତୁତଃ ତାକୁ ଉପଯୁକ୍ତ ମାର୍ଗରେ ସମର୍ଥ ଓ ନିପୁଣ କରିନିଆଯିବାର ବିଶେଷ ଦରକାର ହେବ; ଜାତି ହିଁ ତା'ର ଶିକ୍ଷାର ବ୍ୟବସ୍ଥା କରିଦେବ, ତା'ର ଯଥାଯୋଗ୍ୟ ଜୀବନାଚରଣ ତଥା ଜୀବନଶୃଙ୍ଖଳା ଲାଗି ଜାତି ହିଁ ନିୟାମକ ହୋଇ ରହିବ, ତାହାର ଯାବତୀୟ କର୍ମ ଓ କର୍ତ୍ତବ୍ୟକୁ ଜାତିଦ୍ୱାରା ହିଁ ଉପଯୁକ୍ତ ତାଲିମ ଦିଆଯିବ ଓ ସେସବୁ କେବଳ ଜାତିର ଅଭିପ୍ରାୟସିଦ୍ଧିରେ ସାଧନ ହୋଇ ରହିବ । ଆପଣାର ସକଳ ଦକ୍ଷତା ଓ ନିପୁଣତା ସହିତ ବ୍ୟକ୍ତି କେବଳ ଜାତୀୟ ବୃହତ୍ତର ଜୀବନର ହିଁ ଉଚିତ ପ୍ରକାରେ ଶୃଙ୍ଖଳିତ ଏକ ସାଧନ ବା ହତିଆର ହୋଇ ରହିବ, ଜାତିର ବୃହତ୍ ମେସିନ୍‌ରେ ସେ କେବଳ ଏକ ଅଂଶମାତ୍ର ହୋଇ ରହିବ । ସକଳ କର୍ମର ଉଦ୍ୟମ କେବଳ ସମୂହ ହିଁ କରିବ ଏବଂ ନିର୍ଦ୍ଦେଶ ଅନୁସାରେ ବ୍ୟକ୍ତି ତାହାକୁ କାର୍ଯ୍ୟରେ ପରିଣତ କରୁଥିବ । ମାତ୍ର ସମୂହ ବା ସାମୂହିକ ଜୀବନରୂପୀ ସେହି ଅସ୍ପଷ୍ଟ ପଦାର୍ଥଟି ପ୍ରକୃତରେ କେଉଁଠି ଅଛି ଯେ ଆମେ ତାହାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇଦେଇପାରିବା ଏବଂ କେବଳ ଏକ ଆତ୍ମସଚେତନ ଇଚ୍ଛାରୂପେ ନୁହେଁ, ଏକ ସଂଗଠିତ ଓ ସର୍ବସମର୍ଥ ସାମୂହିକ ଇଚ୍ଛା ଏବଂ ନିଜେ ନିଜକୁ ପରିଚାଳିତ କରିନେଉଥିବା ଏକ ଶକ୍ତିରୂପେ ତାହା ଆପଣାକୁ ବସ୍ତୁତଃ କିପରି ପ୍ରକାଶିତ କରିପାରିବ ? ଏହି କାର୍ଯ୍ୟଟି ରାଷ୍ଟ୍ର ଦ୍ୱାରା ସାଧିତ ହେବ, ରାଷ୍ଟ୍ର ହିଁ ଏହି ପ୍ରଶ୍ନଟିର ସମାଧାନ କରିଦେବ । ତେଣୁ ରାଷ୍ଟ୍ରକୁ ହିଁ ଆମେ ଏକ ପରିପୂର୍ଣ୍ଣ ନିଖୁଣ ଅଧିଷ୍ଠାନରୂପେ ତିଆରି କରି ରଖିବା; ସବୁରି ଉପରେ ତାହାର ଆଧିପତ୍ୟ ରହିବ, ଲୋକଜୀବନର ସକଳ କ୍ଷେତ୍ରକୁ ତାହାର ପ୍ରବେଶ ରହିବ; ରାଷ୍ଟ୍ର ସବୁ ଦେଖିବ, ସବୁକିଛି କରିପାରିବ । କେବଳ ଏହିପରି ହେଲେ ଯାଇ ସାମୂହିକ ଅହଂ ଏକ ନିର୍ଦ୍ଦିଷ୍ଟ ଆକାର ନେଇ ସେହିଠାରେ ହିଁ କେନ୍ଦ୍ରୀଭୂତ

* କୌଣସି କାରଣରୁ ଏହି ଗୁରୁତ୍ୱାରୋପ ବର୍ତ୍ତମାନ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଯାଇଛି । ଏବେ ରକ୍ତଗତ ସାମ୍ୟ, ପ୍ରଜାତତ୍ତ୍ୱ ଏବଂ ଜୀବନର ବୃଦ୍ଧି ଲାଗି ଆବଶ୍ୟକ ଯଥେଷ୍ଟ କ୍ଷେତ୍ର ପ୍ରଭୃତି ଅଶୋଧିତ ପ୍ରାଣତନ୍ତ୍ରୀୟ ଧାରଣାଗୁଡ଼ିକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ମାତ୍ର ପୁରାତନ ପ୍ରଥମ ଧାରଣାଟି ତଥାପି ବଳବତ୍ତର ରହିଛି ଓ ଏହାର ପରବର୍ତ୍ତୀ ସୂତ୍ରାୟନଗୁଡ଼ିକୁ ଅଧିକ ବଳ ଦେବାରେ ଲାଗିଛି ।

ରହିପାରିବ, ଆପଣାକୁ ଆବିଷ୍କାର କରିପାରିବ ଏବଂ ସେତେବେଳେ ତାହାର ଜୀବନକୁ ମଧ୍ୟ ବଳ, ସଂଗଠନ ତଥା କର୍ମନୈପୁଣ୍ୟର ପରାକାଷ୍ଠାକୁ ଅଣାଯାଇପାରିବ । ଏହିଭଳି ଭାବରେ ପ୍ରେରିତ ହୋଇ ଜର୍ମାନୀ ରାଷ୍ଟ୍ରକୁ ହିଁ ଏକ ଠୁଳ ପ୍ରତିମା କରି ବସାଇଦେଲା ଓ କ୍ରମଶଃ ବାସ୍ତବ୍ୟାର କରୁଥିବା ଆମର ଏହି ଆଧୁନିକ ଭୁଲଟିକୁ ପ୍ରତିଷ୍ଠିତ କରିଦେଲା । ଏବଂ ଫଳରେ ବ୍ୟକ୍ତି ଅଧିକରୁ ଅଧିକ ପରିମାଣରେ ରାଷ୍ଟ୍ରର ଅଧୀନ ହୋଇ ରହିଲା ଓ ପରିଶେଷରେ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିହ୍ନ ହୋଇଯିବାକୁ ବସିଲା । ଏଥିରୁ ଯାହାସବୁ ଲାଭ ହେଲା, ଆମେ ଗୋଟି ଗୋଟି ତାହାର ହିସାବ କରି ଦେଖିପାରିବା । ସାମୂହିକତାକୁ ଆଲମ୍ବନ କରି ଏକ ପ୍ରଚଣ୍ଡ ଶକ୍ତି ପ୍ରତିଷ୍ଠିତ ହେଲା, ସାଧନଗୁଡ଼ିକୁ ଏକ ପରିପୂର୍ଣ୍ଣତା ଦେଇ ଓ ତାହାର ଏକ ବୈଜ୍ଞାନିକ ଅନୁକୂଳନ କରାଯାଇ ଚରମ ଲକ୍ଷ୍ୟର ଅଧୀନ କରି ରଖାଗଲା ଏବଂ ଆର୍ଥିକ, ବୁଦ୍ଧିଗତ ତଥା ସାମାଜିକ ନୈପୁଣ୍ୟର ଏକ ଅତ୍ୟନ୍ତ ସାଧାରଣ ସ୍ତର ମଧ୍ୟ ଉପଲବ୍ଧ ହୋଇପାରିଲା । ଏବଂ ଏକ ମହାନ୍ ବସ୍ତୁରକୁ ସତେଅବା ଏକ ଆଲୋକଦ୍ୱାରା ପ୍ରେରିତ ହୋଇ ପରିପୂର୍ଣ୍ଣ କରିପାରିଲେ ସେଥିରୁ ବ୍ୟକ୍ତି ତଥା ଜାତିର ଜୀବନକ୍ଷେତ୍ରରେ ଯେଉଁ ତାତ୍କାଳିକ ଅପୂର୍ବ ଶକ୍ତିମତ୍ତା ଅନୁଭୂତ ହୋଇଥାଏ, ଆମେ ସେଇଟିକୁ ମଧ୍ୟ ନିଶ୍ଚୟ ସ୍ମରଣ ରଖିବା । ମାତ୍ର ଏହି ପ୍ରକ୍ରିୟାଟି ଦ୍ୱାରା ଏହା ଯାହାସବୁ ହରାଇବାକୁ ଆରମ୍ଭ କଲା, ସେତେବେଳେ ତାହାର ଏକ କ୍ଷୀଣ ସୂଚନା ମାତ୍ର ଉପରକୁ ମିଳୁଥିଲା । ସେହି ଗଭୀରତର ଜୀବନ, ଗଭୀର ଦୃଷ୍ଟି, ସମ୍ବୋଧି ଶକ୍ତି, ବ୍ୟକ୍ତିତ୍ୱର ପ୍ରବେଗ ତଥା ଚୈତ୍ୟସ୍ୱଭାବସୁ ମାଧୁର୍ଯ୍ୟ ଓ ଔଦାର୍ଯ୍ୟ ପ୍ରଭୃତି ଯେଉଁସବୁ ବହୁମୂଲ୍ୟ ସମ୍ପଦକୁ ବ୍ୟକ୍ତି ଆପଣାର ଯଥାର୍ଥ ଅବଦାନରୂପେ ଆପଣାର ଜାତି ପାଖକୁ ବହନ କରି ଆଣିଥାଏ, କ୍ରମେ ସେହିଗୁଡ଼ିକ ହିଁ ହଜି ହଜି ଯିବାକୁ ଲାଗିଲା ।

*

ଦ୍ୱିତୀୟରେ, ଯଦି ରାଷ୍ଟ୍ର ହିଁ ସର୍ବପରମ ହୋଇ ରହିଲା, ଏଠାରେ ଈଶ୍ୱର କର୍ତ୍ତୃତ୍ୱର ପ୍ରତିନିଧି ତଥା ମନୁଷ୍ୟଜୀବନର ସର୍ବୋଚ୍ଚ ଉପଲବ୍ଧି କ୍ରିୟାରୂପ ହୋଇ ରହିଲା, ବ୍ୟକ୍ତି ସେହି ରାଷ୍ଟ୍ରରହିଁ ଅନୁଗତ ଓ ବାଧ୍ୟ ପରିକର ହୋଇ ରହିବ ଏବଂ ତାହାର ଯାବତୀୟ କର୍ମ ଓ କ୍ରିୟା କେବଳ ରାଷ୍ଟ୍ରଲାଗିହିଁ ଉଦ୍ଦିଷ୍ଟ ହୋଇ ରହିବ ବୋଲି ଯଦି ରାଷ୍ଟ୍ରର ଏକ ଈଶ୍ୱରୀୟ ଅଧିକାରକୁ ସ୍ୱୀକାର କରିନିଆଗଲା, ତେବେ ରାଷ୍ଟ୍ର ତଥା ସମୂହର ପରିଚର୍ଯ୍ୟା ଖଟିବାହିଁ ବଂଚିଲାଗି ଯାବତ ନୈତିକତାର ପରମ ବିଧାନ ହୋଇ ରହିବ । ରାଷ୍ଟ୍ରର ଆୟତନ ମଧ୍ୟରେ ଏହାହିଁ ନୀତିଗତ ସକଳ ଆଚରଣକୁ ନିୟନ୍ତ୍ରିତ କରିବ ଓ ସେଗୁଡ଼ିକୁ ଆପଣା ଭିତରେ ଅନ୍ତର୍ଭୁକ୍ତ କରି ରଖିବ, କାରଣ ସେହି କ୍ଷେତ୍ରରେ ପ୍ରତିବାଦୀ କୌଣସି ଅହଂକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ବ୍ୟକ୍ତିର ଅହଂ ଆପଣାକୁ ରାଷ୍ଟ୍ରୀୟ ଅହଂଟି ମଧ୍ୟରେ ସମ୍ପୂର୍ଣ୍ଣରୂପେ ବିସର୍ଜିତ କରି ରଖିବ; ଅର୍ଥାତ୍ ଏହାର କେବଳ ଏକ ଅଂଶରେହିଁ ପରିଣତ ହୋଇ ରହିବ ଏବଂ ପ୍ରକାଶ୍ୟ ଅଥବା ପ୍ରଚ୍ଛନ୍ନ ବିରୁଦ୍ଧାଚରଣର ଯାବତୀୟ ସମ୍ଭାବନା ଓ ସ୍ଥିତିକୁ କେବଳ ସମୂହର ଇଚ୍ଛାଦ୍ୱାରାହିଁ

'oaob.nitrkl.ac.in' images reprocessed

ନିର୍ଦ୍ଧାରିତ ହେଉଥିବା ସମୂହର କଲ୍ୟାଣ ଲାଗି ଅନୁଗତ ଓ ବାଧ୍ୟ ହୋଇ ରହିବାର ଆବଶ୍ୟକତା ମଧ୍ୟରେ ବିଲୁପ୍ତ କରିଦିଆଯିବ । ମାତ୍ର ଅନ୍ୟ ରାଷ୍ଟ୍ର ଏବଂ ସମୂହବର୍ଗ ଅନ୍ୟାନ୍ୟ ଅହଂସର୍ବସ୍ୱ ସମ୍ବନ୍ଧର କ୍ଷେତ୍ରରେ ସାଧାରଣ ସ୍ଥିତି ଓ ବିଧାନ ତଥାପି ଯୁଦ୍ଧରହିଁ ସ୍ଥିତି ଓ ବିଧାନ ହୋଇ ରହିଥିବ, ପରସ୍ପର ସହିତ ତୀକ୍ଷ୍ଣ ଶତ୍ରୁତାଚରଣ କରୁଥିବା ଓ ଅନ୍ୟକୁ ଦଳିଦେଇ ଆପଣାର ପରିପୂରଣ କରିବାକୁ ଚେଷ୍ଟା କରିବାରେ ଲାଗିଥିବା ଅହଂକେନ୍ଦ୍ରଗୁଡ଼ିକ ମଧ୍ୟରେ ସତତ ସଂଘର୍ଷ ଲାଗିରହିଥିବ, ପ୍ରତ୍ୟେକ ଆପଣା କ୍ଷେତ୍ରରେ ଅନ୍ୟମାନଙ୍କ ଦ୍ୱାରା ବ୍ୟାହତ ଓ ବାଧାପ୍ରାପ୍ତ ହୋଇ ରହିଥିବ । ଅର୍ଥାତ୍, ଅନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଆପଣାର ସମ୍ବନ୍ଧକ୍ଷେତ୍ରରେ ଯୁଦ୍ଧହିଁ ରାଷ୍ଟ୍ରର ଏକମାତ୍ର ଓ ସମୁଦାୟ ବ୍ୟାପାର ହୋଇ ରହିବ; ଅସ୍ତ୍ରଶସ୍ତ୍ରରେ ଯୁଦ୍ଧ ଲାଗିଥିବ, ବାଣିଜ୍ୟରେ ଯୁଦ୍ଧ ଲାଗିଥିବ, ବିଚାର ତଥା ସଂସ୍କୃତିର କ୍ଷେତ୍ରରେ ଯୁଦ୍ଧ ଲାଗିଥିବ; ତଥା ସାମୂହିକ ବ୍ୟକ୍ତିତ୍ୱଗୁଡ଼ିକ ମଧ୍ୟରେ ବି ଯୁଦ୍ଧ ଲାଗିରହିଥିବ ଏବଂ ପ୍ରତ୍ୟେକ ରାଷ୍ଟ୍ର ସମଗ୍ର ପୃଥିବୀ ଉପରେ ସର୍ବେସର୍ବା ହୋଇ ବସିବାର ଚେଷ୍ଟା କରୁଥିବ ଏବଂ ପୃଥିବୀରେ ସର୍ବାଗ୍ରଗଣ୍ୟ ତଥା ପ୍ରଥମ ହୋଇ ରହିବାଲାଗି ବ୍ୟାକୁଳ ହେଉଥିବ । ଏଭଳି ଏକ କ୍ଷେତ୍ରରେ କେବଳ ସଫଳତା ବ୍ୟତୀତ ନୀତି ବା ନୈତିକତା କହିଲେ ଆଉ କିଛି ହେଲେ ରହିବ ନାହିଁ; ଅବଶ୍ୟ ଏ କଥା ସତ ଯେ, ଯୁଦ୍ଧର ଏକ ପ୍ରୟୋଜନୀୟ କୌଶଳ ହିସାବରେ ନୈତିକତାର ଛଳନାପୂର୍ଣ୍ଣ ବ୍ୟବହାର କରାହେଉଥିବ । ରାଷ୍ଟ୍ର ଅର୍ଥାତ୍ ଜର୍ମାନୀର ସାମୂହିକ ଆତ୍ମାକୁହିଁ ବ୍ୟକ୍ତିର ବୃହତ୍ତର ତଥା ଯଥାର୍ଥ ଆତ୍ମା ବୋଲି ଘୋଷଣା କରାଯିବ ଏବଂ ଦେଶରେ ହେଉ ଅଥବା ଦେଶ ବାହାରେ ହେଉ ତାହାର ପ୍ରତି ଏକାନ୍ତଗତ ହୋଇ ରହିବା ହିଁ ଜର୍ମାନୀରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିର ପରମ କର୍ତ୍ତବ୍ୟ ହୋଇ ରହିବ ଏବଂ ସେହି ଉଦ୍ଦେଶ୍ୟଟିର ସାଧନ ଲାଗି ଯାହାକିଛି ସଫଳ ବୋଲି ସାବ୍ୟସ୍ତ ହେବ, ତାହାକୁହିଁ କରଣୀୟ ଓ ଉଚିତ ବୋଲି କୁହାଯିବ । ନିପୁଣତାର ଅଭାବ, ଦକ୍ଷତାର ଅଭାବ ଏବଂ ବିଫଳତାକୁହିଁ ନୀତିହୀନତା ବୋଲି କୁହାଯିବ । ଯୁଦ୍ଧରେ ଯେକୌଣସି କୌଶଳ ରାଷ୍ଟ୍ରର ସାମରିକ ବିଜୟ ଲାଗି ସହାୟକ ବୋଲି ସାବ୍ୟସ୍ତ ହେବ, ତାହାକୁହିଁ ଉଚିତ ବୋଲି ଘୋଷଣା କରାଯିବ । ତଥାକଥିତ ଶାନ୍ତି ସମୟରେ ମଧ୍ୟ ଯାହାକିଛି ଯୁଦ୍ଧର ପ୍ରସ୍ତୁତି ଲାଗି ସାହାଯ୍ୟ କରୁଥିବ, ତାହାକୁ ଉଚିତ ବୋଲି କୁହାଯିବ । କାରଣ ଯେତେବେଳେ ଜାତି ଓ ଜାତି ମଧ୍ୟରେ ଶାନ୍ତିର ଅବସ୍ଥା କହିଲେ କେବଳ ପ୍ରଚ୍ଛନ୍ନ ଯୁଦ୍ଧର ଏକ ସ୍ଥିତିକୁହିଁ ବୁଝାଇବ ଏବଂ ଭୌତିକ ସ୍ତରରେ ତିଷ୍ଠି ରହିବାକୁ ଏବଂ ଆଧିପତ୍ୟ ବିସ୍ତାର କରିବାକୁ ଯେପରି ଯୁଦ୍ଧ ବୋଲି କୁହାଯିବ, ଅର୍ଥନୈତିକ କ୍ଷେତ୍ରରେ ତିଷ୍ଠି ରହିବାକୁ ଏବଂ ଆଧିପତ୍ୟ ବିସ୍ତାର କରିବାକୁ ସେହିପରି ବାଣିଜ୍ୟ ଓ ବ୍ୟବସାୟ ବୋଲି କୁହାଯିବ । ବସ୍ତୁତଃ ତାହା କେବଳ ଏକ ଅନ୍ୟ ପ୍ରକାରରହିଁ ଯୁଦ୍ଧ ହୋଇ ରହିବ, ବଞ୍ଚିବାର ସମଗ୍ର ସଂଗ୍ରାମରେ କେବଳ ଏକ ଅନ୍ୟତମ ବିଭାଗ ହୋଇ ରହିବ; ଗୋଟିକୁ ଆମେ ଭୌତିକସ୍ତରୀୟ ଏକ ବିଭାଗ ବୋଲି କହିଲେ ଅନ୍ୟଟିକୁ ଏକ ପ୍ରାଣସ୍ତରୀୟ

'oaob.nitrkl.ac.in' images reprocessed

ବିଭାଗ ବୋଲି କହିପାରିବା । ଏବଂ ଆଧୁନିକ ବିଜ୍ଞାନ ତ ଆମକୁ ନିର୍ଭର ଦେଇ କହିପାରିଲଣି ଯେ, କେବଳ ପ୍ରାଣ ଓ ଶରୀରକୁ ନେଇ ହିଁ ଆମ ଜୀବନର ସମଗ୍ର କ୍ଷେତ୍ରଟି ଗଠିତ ହୋଇଛି ।

ଦ୍ବିତୀୟତଃ, ଜୀବନର ସଂଗ୍ରାମରେ ସବୁଠାରୁ ଅଧିକ ଯୋଗ୍ୟ ତଥା ସବୁଠାରୁ ଅଧିକ ସମର୍ଥ ହିଁ ବିଜୟୀ ହୋଇ ରହିବାରେ ଯେହେତୁ ମନୁଷ୍ୟଜାତିର ସର୍ବୋଚ୍ଚ କଲ୍ୟାଣ ସାଧିତ ହୋଇପାରିବ ଏବଂ ଅଯୋଗ୍ୟକୁ ଏକାବେଳେକେ ନିର୍ମୂଳ କରିଦେଇ ଓ ଅଳ୍ପ ଯୋଗ୍ୟକୁ ବୃହତ୍ ସମୂହଟି ମଧ୍ୟରେ ଗ୍ରାସ କରିନେଇ ଯେହେତୁ ସବୁଠାରୁ ଅଧିକ ଯୋଗ୍ୟ ତଥା ସର୍ବୋତ୍ତମର ବିଜୟୀ ହୋଇ ରହିବା ସମ୍ଭବ ହୋଇପାରିବ, ତେଣୁ ନିଷ୍କର୍ଷ ହେଉଛି ଯେ ଜର୍ମାନ ସଂସ୍କୃତି ସମସ୍ତ ପୃଥିବୀକୁ ଜୟ କରିନେଲେହିଁ ତଦ୍ଦ୍ୱାରା ସବୁଠାରୁ ଅଧିକ ସରଳ ମାର୍ଗରେ ଯାଇ ମନୁଷ୍ୟଜାତିର ପ୍ରଗତି ଉପଲବ୍ଧ ହୋଇପାରିବ । ମାତ୍ର ଏହି ଦୃଷ୍ଟିକୋଣଟି ଅନୁସାରେ ସଂସ୍କୃତି କହିଲେ କେବଳ ଜ୍ଞାନସିଦ୍ଧିର ଏକ ସ୍ଥିତିକୁ ବୁଝାଏ ନାହିଁ, କେତୋଟି ବିଷୟର ଏକ ନିର୍ଦ୍ଦିଷ୍ଟ ସଂଗଠିତ ରୂପ କିମ୍ବା ଗୁଣକୁ ବୁଝାଏ ନାହିଁ ଅଥବା ନୈତିକ ତଥା ସୌନ୍ଦର୍ଯ୍ୟବୋଧଗତ ପ୍ରବୃତ୍ତିଚୟର କୌଣସି ବିଶେଷ ପ୍ରକାରକୁ ମଧ୍ୟ ବୁଝାଏ ନାହିଁ । ଏଠାରେ ସଂସ୍କୃତି କହିଲେ କେତୋଟି ବିଶେଷ ବିଷୟର ଦ୍ୱାରା ପ୍ରଶାସିତ ଏକ ଜୀବନକୁ ବୁଝାଏ; ମାତ୍ର ଏହି ବିଷୟଗୁଡ଼ିକ ମଧ୍ୟ ଜୀବନର ସତ୍ୟଗୁଡ଼ିକ ଉପରେ ଭିତ୍ତି କରି ରହିଥାଏ ଏବଂ ଏହାକୁ ଏପରି ଭାବରେ ସଂଗଠିତ କରି ରଖାଯାଇଥାଏ ଯେ ତଦ୍ଦ୍ୱାରା ଜୀବନର ସର୍ବୋଚ୍ଚ କାର୍ଯ୍ୟସାଧକତା ତଥା ନିପୁଣତାଟି ମଧ୍ୟ ଉପଲବ୍ଧ ହୋଇପାରେ । ତେଣୁ ଯେଉଁସବୁ ଜୀବନ ଏହି ସଂସ୍କୃତି ଓ ଏହି ଦକ୍ଷତା ଲାଗି ଅଯୋଗ୍ୟ ଓ ଅସମର୍ଥ ବୋଲି ପ୍ରମାଣିତ ହେଉଛନ୍ତି, ସେଗୁଡ଼ିକୁ ନ୍ୟାୟତଃ ବିଲୁପ୍ତ କରିଦେବାକୁ ପଡ଼ିବ, ସେଗୁଡ଼ିକୁ ପାଦରେ ମାଡ଼ିଦେଇ ଆଗକୁ ଚାଲିଯିବାକୁ ହେବ । ଏବଂ ଯେଉଁସବୁ ଜୀବନ ମଧ୍ୟରେ ସେହି ସମର୍ଥତା ରହିଛି, ଅଥଚ ଯେଉଁମାନେ କାର୍ଯ୍ୟକ୍ଷେତ୍ରରେ ସେଥିଲାଗି ଚେଷ୍ଟିତ ହେଉନାହାନ୍ତି, ସେମାନଙ୍କୁ ଆପଣା ଭିତରେ ଗ୍ରହଣ ଓ ଗ୍ରାସ କରିନେବାକୁ ହେବ । ମାତ୍ର ସମର୍ଥତା କହିଲେ ସର୍ବଦା ଏକ ଶ୍ରେଣୀ ବା ସମୂହକୁ ବୁଝାଏ ଏବଂ ସେହି ଶ୍ରେଣୀ ବା ସମୂହର ଅନ୍ତର୍ଭୁକ୍ତ ହୋଇ ରହିବାକୁହିଁ ବୁଝାଏ; ମନୁଷ୍ୟର କ୍ଷେତ୍ରରେ ତାହା କେବଳ ଜାତିର ବ୍ୟାପାରଟିକୁହିଁ ବୁଝାଏ । ତେଣୁ ନ୍ୟାୟତଃ କେବଳ ଟିଉଟନିକ ଜାତି (ବର୍ତ୍ତମାନ ସ୍ୱୀକୃତ ଭାବରେ ଏହାକୁ ନର୍ଡ଼ିକ୍ ବୋଲି କୁହାଯାଉଛି) ଏକମାତ୍ର ସମ୍ପୂର୍ଣ୍ଣ ସମର୍ଥ ଜାତି; ତେଣୁ ଯେତେ ଯେଉଁଠି ଟିଉଟନିକ୍ ଜାତିର ଲୋକ ଅଛନ୍ତି, ସେମାନଙ୍କୁ ଯେକୌଣସି ମତେ ଜର୍ମାନୀକୁ ଆଣିବାକୁ ପଡ଼ିବ ଓ ଜର୍ମାନ୍ ଗଣସମୂହର ଅନ୍ତର୍ଭୁକ୍ତ କରି ରଖିବାକୁ ପଡ଼ିବ । ଯେଉଁସବୁ ଜାତି ମଧ୍ୟରେ ଏହା ଅପେକ୍ଷା ଅପେକ୍ଷାକୃତ କମ୍ ସମର୍ଥତା ରହିଛି, ମାତ୍ର ତଥାପି ଯେଉଁମାନଙ୍କୁ ଏକାବେଳେକେ ଅଯୋଗ୍ୟ ବୋଲି କୁହାଯିବ ନାହିଁ, ସେମାନଙ୍କୁ ଜର୍ମାନ ଜୀବନ

'oaob.nitrkl.ac.in' images reprocessed

ଭିତରେ ମଣାଇନିଆଯିବ । ଏମାନଙ୍କୁ ଛାଡ଼ିଦେଲେ ଆଉ ଯେଉଁମାନେ ରହିଲେ, ଇହୁଦୀ ଏବଂ ଆମେରିକାର ଲ୍ୟାଟିନ୍ ଜାତିମାନଙ୍କ ଭଳି ଯେଉଁମାନେ ଏତେଦୂର ଅବକ୍ଷୟଗ୍ରସ୍ତ ହୋଇପଡ଼ିଛନ୍ତି ଯେ ସେମାନଙ୍କର ପୁନରୁଦୟର ଆଉ ଆଦୌ କୌଣସି ଆଶା ନାହିଁ, ଏବଂ ଆଫ୍ରିକା ତଥା ଏସିଆର ଅଗଣିତ ଅଧିକସଂଖ୍ୟକ ଅଧିବାସୀଙ୍କ ପରି ଯେଉଁମାନେ ସ୍ୱଭାବତଃ ନିମ୍ନତର ସ୍ତରରେ ଅଛନ୍ତି, ସେମାନଙ୍କୁ ହେରେନ୍ଭୋମାନଙ୍କ ପରି ବହିଷ୍କୃତ କରିନିଆଯିବ; ଅଥବା ଯେଉଁଠି ତାହା ସମ୍ଭବ ନ ହେବ, ସେମାନଙ୍କୁ ଅଧୀନସ୍ଥ ଓ ଶୋଷିତ କରି ରଖାଯିବ, ସେମାନଙ୍କର ନିମ୍ନସ୍ତରୀୟତା ଅନୁଯାୟୀ ସେମାନଙ୍କୁ ବ୍ୟବହାର କରାଯିବ । ଏହିଭଳି ଭାବରେ ବିବର୍ତ୍ତନରେ ପ୍ରଗତି ହେଉଥିବ ଓ ମନୁଷ୍ୟଜାତି ଆପଣାର ପରିପୂର୍ଣ୍ଣତା ଆଡ଼କୁ ମାଡ଼ିଚାଲିଥିବ । *

ଆମେ ଏ କଥାଟିକୁ ଆଦୌ ଅନୁମାନ କରିନେବା ନାହିଁ ଯେ ସମଗ୍ର ଜର୍ମାନୀ ସେତେବେଳେ ଏହିଭଳି ତୀବ୍ର ଭାବରେ ଏହି ବିଶ୍ୱରୀତିର ଆବର୍ତ୍ତ ଭିତରେ ପଡ଼ିଥିଲା । ଅବଶ୍ୟ ଅନେକ ଜନଯାଏ ସେଇଟାକୁ ହିଁ ସତ୍ୟ ବୋଲି ପ୍ରଚାର କରାଗଲା । ଏ କଥା ମଧ୍ୟ ଆଦୌ ସତ ନୁହେଁ ଯେ ଜର୍ମାନୀର ଅଧିକସଂଖ୍ୟକ ଲୋକ ସଚେତନ ଭାବରେ ଠିକ୍ ଏହିଭଳି ଚିନ୍ତା କରୁଥିଲେ । ମାତ୍ର ଯେତେବେଳେ ଅଳ୍ପସଂଖ୍ୟକ କେତେଜଣ ଶକ୍ତିଶାଳୀ ବିଚାରକ ତଥା ବଳବାନ୍ ବ୍ୟକ୍ତିତ୍ୱ ଜାତୀୟ ଜୀବନକୁ ଆପଣାର ଆୟତ୍ତ କରିନେବେ ଏବଂ କେତେକ ବିଶେଷ ପ୍ରବୃତ୍ତିକୁ ଆଣି ତାହା ଉପରେ ଲଦିଦେବେ ଏବଂ ବ୍ୟାବହାରିକ କ୍ଷେତ୍ରରେ ସେହିଗୁଡ଼ାକ ହିଁ ସ୍ଥାୟୀ ଓ ପ୍ରକୃତ କଥା ବୋଲି ସମସ୍ତଙ୍କର ହୃଦ୍‌ବୋଧ କରାଇନେବେ, ଅଥବା ସଚେତନ ମନୋଭୂମିରେ ସ୍ୱୟଂବିଚାରଟିର ପ୍ରବର୍ତ୍ତନାଟି ପ୍ରବେଶ କରୁ ନ ଥିଲେ ମଧ୍ୟ ଅନ୍ତତଃ ଅବଚେତନ ଭାବରେ ତାହାଲାଗି ଏକ ସାଧାରଣ ଗତିଶୀଳତା ସୃଷ୍ଟି କରିଦେବେ, ସେତେବେଳେ ତାହା ହିଁ ଯଥେଷ୍ଟ ହେବ ଏବଂ ବର୍ତ୍ତମାନ ମୁହୂର୍ତ୍ତରେ ଯେଉଁସବୁ ଘଟଣା ଘଟିଯାଉଛି, ତାହା ଆମକୁ ଠିକ୍ ଏହି କଥାଟି ଦେଖାଇ-ଦେଉଥିବା ପରି ବୋଧ ହେଉଛି ଯେ ବସ୍ତୁତଃ ଏହି ବିଶ୍ୱାସଟି ହିଁ କେତେକ ପରିମାଣରେ ସଚେତନ ଭାବରେ ଓ କେତେକ ପରିମାଣରେ ଅବଚେତନ ରୂପେ ଅଥବା ଅର୍ଦ୍ଧସ୍ପଷ୍ଟ ଭାବରେ ଏକ ସମୂହ ହିସାବରେ ଜର୍ମାନୀର ମନକୁ ଅଧିକାର କରିନେଇଥିଲା ! ଏହି ଭୟାନକ ଯୁକ୍ତିଟିର କଠୋରତାକୁ ପ୍ରକୃତ ସତ୍ୟ ନୁହେଁ ବୋଲି କହି ଉପହାସ

---

* ପ୍ରାୟ ତିରିଶ ବର୍ଷ ପୂର୍ବେ ଏସବୁ ଲେଖାଯାଇଥିଲା । ତା'ପରେ ପୃଥିବୀରେ ଯାହାସବୁ ଘଟଣା ଘଟିଲା, ସେଗୁଡ଼ିକ ଏହି ବର୍ଣ୍ଣନାର ସତ୍ୟଟିକୁ ବଡ଼ ସ୍ପଷ୍ଟ ଭାବରେ ବାହାରକୁ ପ୍ରକାଶ କରିଦେଇଛି ଓ ତାହାର ଗୁରୁତ୍ୱଟିକୁ ପରିଷ୍କାର ଭାବରେ ବୁଝାଇଦେଇଛି । ସେତେବେଳେ ଏସବୁ କଥା ବାହାରୁ ପ୍ରକୃତରେ ସେତେ ପରିଷ୍କାର ହୋଇ ଆଦୌ ଦିଶୁ ନ ଥିଲା ।

'oaob.nitrkl.ac.in' images reprocessed

କରିବା କିମ୍ବା ତାହା ଯେଉଁସବୁ ବିଷୟ ବା ସତ୍ୟକୁ ଉପେକ୍ଷା କରି ରଖିଥିଲା, ତାହା ଭିତରେ ସେହିଗୁଡ଼ିକୁ ନେଇ ଅନୁମାନରୂପେ ଭର୍ତ୍ତି କରିଦେବା ଅବଶ୍ୟ ବଡ଼ ସହଜ; ମାତ୍ର ଗୋଟାଏ ପାଖରେ ଏହାକୁ ଘୃଣା କରିବା, ଭର୍ତ୍ସ କରିବା ଓ ଧିକ୍କାର କହିବା ଏବଂ ତେଣେ ବ୍ୟାବହାରିକ କ୍ଷେତ୍ରରେ ଅପେକ୍ଷାକୃତ କମ୍ ଉନ୍ନ୍ତ ଲୁବ୍ଧଦୃଷ୍ଟିତା, ଅଭ୍ରାନ୍ତତା ଓ ସାହସିକତା ସହିତ ଆମର ନିଜ କର୍ମଗୁଡ଼ିକରେ ଠିକ୍ ତାହାର ନୀତିଗୁଡ଼ିକର ଅନୁସରଣ କରିବା ତାହାଠାରୁ ଆହୁରି ସହଜ । ମାତ୍ର, ଏହି ବିଷୟଟି ପଛରେ ଏକ ଅଦ୍‌ଭୁତ ନିଷ୍ଠା ରହିଛି ଏବଂ ସେହି ନିଷ୍ଠା ହିଁ ତାହାକୁ ଏପରି ଶକ୍ତିଶାଳୀ କରିରଖିଛି ଓ ଏହାର ଆଚରିତ ଭ୍ରାନ୍ତିଗୁଡ଼ିକରେ ମଧ୍ୟ ଏକପ୍ରକାର ବିକୃତ ସଚ୍ଚୋଟତା ସର୍ବଦା ନିହିତ ହୋଇ ରହିଛି ବୋଲି ଦେଖିବାକୁ ଆରମ୍ଭ କଲେ ଆମେ ତଦ୍ୱାରା ନିଶ୍ଚୟ ଅଧିକ ଲାଭବାନ୍ ହୋଇପାରିବା । ଏହି ନିଷ୍ଠା ଆପଣାର ଆଚରଣ ତଥା ଜୀବନର ବାସ୍ତବ ଘଟଣାଆଡ଼କୁ ସିଧା ଅନାଇ ଦେଖିବାଲାଗି ଚେଷ୍ଟା କରେ ଓ ଏହି ସାଧୁତା ସେହି ଆଚରଣର ପ୍ରକୃତ ମୂଳନୀତିଗୁଡ଼ିକୁ ସ୍ପଷ୍ଟଭାବରେ ଘୋଷଣା କରି କହିଦିଏ । କେବଳ ସମସ୍ତ ସମୟରେ କୂଟନୈତିକ ଆବଶ୍ୟକତା ଦ୍ୱାରା ବାଧ୍ୟ ହେଉଥିବାର ଅବସରଗୁଡ଼ିକୁ ଛାଡ଼ିଦେଲେ ତାହା ଅନ୍ୟମାନଙ୍କ ଆଗରେ ତାହାକୁ ନେଇ କେବଳ କଥାର ବଢ଼ାଇ କରେ ନାହିଁ ଓ ଏଣେ ଆପଣାର ଜୀବନକ୍ଷେତ୍ରରେ ତାହାର ଉପେକ୍ଷା କରି-ଦିଏ ନାହିଁ । କେବଳ ଯୁଦ୍ଧକ୍ଷେତ୍ରର ଏକ ସାମୟିକ ବିଜୟ ହାସଲ କରି ନୁହେଁ, କିମ୍ବା ମହାଯୁଦ୍ଧରେ ନିଷ୍ଫଳ ଭାବରେ ଯେପରି ଘଟିଥିଲା, ସେହି ବିଷୟର ଅନୁସରଣ କରୁଥିବା ଜାତି ବା ଜାତିଗୁଡ଼ିକର ସମୂହ ବାହିନୀଟିକୁ ପରାଭୂତ କରି ନୁହେଁ, ମଣିଷର ମନ ଭିତରେ ଏବଂ ମନୁଷ୍ୟଜାତିର ଜୀବନକ୍ଷେତ୍ରରେ ଯଦି ଆମେ ଜର୍ମାନୀର ଏହି ଆଦର୍ଶଟିର ପରାଜୟ ଇଚ୍ଛା କରୁଥାଉ, ତେବେ ଆଜି ଯେଉଁମାନେ ଆପଣାକୁ ଏକ ଉନ୍ନତତର ବିଧାନ ଦ୍ୱାରା ଅନୁଶାସିତ କରି ରଖିଛନ୍ତି, ସେମାନଙ୍କୁ ଠିକ୍ ସେହିଭଳି ଏକ ନିଷ୍ଠା ଅବଲମ୍ବନ କରିବାକୁ ପଡ଼ିବ ଓ ତାହାଠାରୁ କମ୍ ବିକାରଗ୍ରସ୍ତ ଏକ ସାଧୁତାକୁ ଆପଣାର ଆଚରଣରେ ପ୍ରବେଶ କରାଇବାକୁ ହେବ ।

ଜର୍ମାନ କର୍ମାଦର୍ଶସୂତ୍ରରେ ସ୍ପଷ୍ଟତଃ ଦୁଇଟି ଦିଗ ରହିଛି; ଗୋଟିଏ ଅନ୍ତରଙ୍ଗ ଓ ଗୋଟିଏ ବହିରଙ୍ଗ ଦିଗ ରହିଛି । ଗୋଟିଏ ଦିଗରେ ରାଷ୍ଟ୍ର, ଜାତି ଓ ସମୂହକୁ ସର୍ବଶ୍ରେଷ୍ଠ ମଣିବାଟାକୁ ମହାବିଧିରୂପେ ଗ୍ରହଣ କରିନିଆଯାଇଛି ଏବଂ ଅନ୍ୟ ଦିଗରେ ଆନ୍ତର୍ଜାତିକ ଅହଂକେନ୍ଦ୍ରିକତାର ଉପାସନା ମଧ୍ୟ କରାଯାଇଛି । ପ୍ରଥମତଃ, ଯୁଦ୍ଧକ୍ଷେତ୍ରରେ ସାମୟିକ ଭାବରେ ସମ୍ପୂର୍ଣ୍ଣରୂପେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇପଡ଼ିଥିଲେ ମଧ୍ୟ ମନୁଷ୍ୟଜାତିର ନୈତିକ ଅର୍ଥଦୃଷ୍ଟିରୁ ବିଚାର କଲେ ଜର୍ମାନୀ ଏହା ଭିତରେ ସତେ ଅବା ପ୍ରକୃତ ବିଜୟଟିକୁ ହାସଲ କରିପାରିଲାଣି ବୋଲି ମନେହେଉଛି । ଆଜି ରାଷ୍ଟ୍ରର

'oaob.nitrkl.ac.in' images reprocessed

ପରିଚର୍ଯ୍ୟାରେ ବ୍ୟକ୍ତିକୁ ନେଇ ଖଟାଇବାର କଠୋର ବିଧାନରେ * ତାହାକୁ ଛାଡ଼ି ଦିଆଯାଉନାହିଁ । ଅବଶ୍ୟ ଏଇଟା ସତ ଯେ ସ୍ୱୟଂ ବ୍ୟକ୍ତିର ତଥା ସର୍ବସାଧାରଣ ସମୂହଙ୍କର କଲ୍ୟାଣ ସକାଶେ ଏପରି କରାଯାଉଛି ବୋଲି କୁହାଯାଉଛି; ମାତ୍ର କ୍ଷତି କରିବାର ଉଦ୍ଦେଶ୍ୟରେ ଜଣେ ଜଣକୁ ବାଧ୍ୟ କରୁଛି ବୋଲି କଏ କ'ଣ କେବେ ପ୍ରଚାର କରୁଥାଏ ? ବ୍ୟକ୍ତିକୁ ରାଷ୍ଟ୍ରଲାଗି ଗୋଟାସୁଦ୍ଧା ଅଧୀନ କରି ରଖିବାର ନୀତିଟି ପ୍ରାୟ ସବୁଠାରେ ଅନ୍ୟ ସକଳ ନୀତିକୁ ନିୟନ୍ତ୍ରଣ କରିବାକୁ ଆରମ୍ଭ କଲଣି, ଅଥବା ସେହି ଦୃଷ୍ଟିକୋଣଟି କ୍ରମେ ଅଧିକରୁ ଅଧିକ ଶକ୍ତିଶାଳୀ ଭାବରେ ବର୍ତ୍ତମାନର ସାଧାରଣ ଦୃଷ୍ଟିରେ ପରିଣତ ହେବାକୁ ବସିଲଣି । ବ୍ୟକ୍ତିସ୍ୱାଧୀନତାର ଅଗ୍ରଣୀମାନେ ଆଜି ହୁଏତ ନୈତିକ କ୍ଷେତ୍ରରେ ପରାଭୂତ ହୋଇ ରହିଲେଣି ଓ ସେମାନଙ୍କର ସଂଖ୍ୟା କ୍ରମେ ହ୍ରାସ ହୋଇଯିବାରେ ଲାଗିଛି । ଭବିଷ୍ୟତରେ କେବେ ଏହାର ପୁଣି ଏକ ପ୍ରତିକ୍ରିୟା ହେବ ଅଥବା ସର୍ବନାଶ ଘଟିବାକୁ ଯାଉଥିବାବେଳେ ସେଥିରୁ ଆପଣା ନୀତିଟିର ଅନ୍ତତଃ କିୟଦଂଶକୁ ବଞ୍ଚାଇରଖିବାକୁ ପଡ଼ିବ, ପ୍ରଧାନତଃ ଏହି ଆଶାରେ ହିଁ ସେମାନେ ସକ୍ରିୟ ଭାବରେ କିଛି କରିବାଲାଗି ସମର୍ଥ ହେଉଛନ୍ତି । ଏବଂ ତେଣେ ବାହାରଙ୍କ କ୍ଷେତ୍ରରେ ଅର୍ଥାତ୍ ଆନ୍ତର୍ଜାତିକ ସମ୍ବନ୍ଧଭୂମିରେ ବିଗ୍ରହ ଓ ବାଦର ସମର ଏବେ ସୁଦ୍ଧା ଲାଗିରହିଛି, ମାତ୍ର ଆଦ୍ୟରୁ ହିଁ ଏହି କ୍ଷେତ୍ରରେ ନାନା ଅଶୁଭ ସଙ୍କେତର ସୂଚନା ମିଳିବାକୁ ଆରମ୍ଭ କରିସାରିଥିଲା । ** ଏବଂ ବର୍ତ୍ତମାନ ଯୁଦ୍ଧକ୍ଷେତ୍ରର ଯୁଦ୍ଧ ସରିବାପରେ ତଥା ତାହାର ମନୋଗତ ପରିଣାମଗୁଡ଼ିକ ଫଳିସାରିବା ପରେ ଆଗକୁ ସ୍ରୋତ ପ୍ରକୃତରେ କେଉଁ ଦିଗରେ ଗତି କରିବାକୁ ଯାଉଛି, ସେକଥାଟି ଆମେ

---

* ଏହି ପ୍ରବୃତ୍ତିଟି ଯେ ସବୁବେଳେ କେବଳ ସାମ୍ୟବାଦ, ବଲ୍‌ଶେଭିକ୍ କମ୍ୟୁନିଷ୍ଟ-ବାଦ ଅଥବା ଫାସିଷ୍ଟବାଦ ରୂପରେ ପ୍ରକଟ ହେଉଛି ତାହା ନୁହେଁ । ବ୍ୟକ୍ତିବାଦୀ ଗଣତନ୍ତ୍ର ଓ ସ୍ୱାଧୀନତାକୁ ନୀତି କରି ଧରି ସେହି ମାର୍କାରେ ଗଢ଼ାହୋଇଥିବା ଅନ୍ୟ ସରକାର ସବୁ ମଧ୍ୟ ଆପଣାକୁ ଅନ୍ୟ ନୀତିଟିର ବିରୋଧୀ ବୋଲି କହି ବା ତାହାର ବିରୋଧୀ ବୋଲାଇବାର ଛଦ୍ମବେଶ ଧାରଣ କରି ଏବେ ଠିକ୍ ସେହିସବୁ ନୀତି ଓ ପ୍ରବୃତ୍ତିଗୁଡ଼ିକର ଅନୁସରଣ କରିବାକୁ ଆରମ୍ଭ କଲେଣି ।

** ଲିଗ୍ ଅଫ୍ ନେସନସ କେବେହେଲେ ଏକ ଅନ୍ୟପ୍ରକାର ସୂଚନା ଦେଉଥିଲା ବୋଲି ଆମେ ଆଦୌ କହିପାରିବା ନାହିଁ । ସାମୟିକ ବା ତାତ୍କାଳିକ ଭାବରେ ହୁଏତ ତାହା କୌଣସି ଭଲ କାମ କରିବାରେ ସଫଳ ହୋଇଥାଇପାରେ; ମାତ୍ର ଅବଶିଷ୍ଟ ସମଗ୍ର ପୃଥିବୀଟି ଉପରେ ଯେପରି ଖାଲି ଇଉରୋପର ଆଧିପତ୍ୟ ଜାରି ହୋଇ ରହିବ ଓ କେବଳ ଦୁଇ ବା ତିନୋଟି ବଡ଼ ଜାତି ସମସ୍ତଙ୍କ ଉପରେ ସର୍ବେସର୍ବା ହୋଇ ରହିବେ, ପ୍ରଧାନତଃ ସେଇଥିଲାଗି ହିଁ ଲିଗ୍ ଅଫ୍ ନେସନସ ଏକ ସାଧନ ସରି କାମରେ ଲାଗିପାରିଛି ।

'oaob.nitrkl.ac.in' images reprocessed

ବେଶ୍ ଦେଖିବାକୁ ଆରମ୍ଭ କରିପାରିଲୁଣି । ଯୁଦ୍ଧ ହେଉଛି ପ୍ରକୃତରେ ଏକ ଭୟାନକ ଶିକ୍ଷାଦାତା, ଏବଂ ଯୁଦ୍ଧକ୍ଷେତ୍ରର ବିଜୟ ଏହି କ୍ଷେତ୍ରରେ ଅନେକ ସମୟରେ ନୀତିଗତ କ୍ଷେତ୍ରର ଏକ ପରାଜୟରେ ହିଁ ପର୍ଯ୍ୟବସିତ ହୋଇଥାଏ । ଯୁଦ୍ଧକ୍ଷେତ୍ରରେ ଜର୍ମାନୀ ପରାସ୍ତ ହେଲା ସତ, ମାତ୍ର ଯୁଦ୍ଧର ପରବର୍ତ୍ତୀ ପର୍ଯ୍ୟାୟଟିରେ ଜର୍ମାନୀର ବିଜୟ ହେଲା । ଜର୍ମନ୍ ବିଶ୍ୱାସ ଓ ଜର୍ମନ୍ ଜର୍ମାଦର୍ଶ ହିଁ ପୁଣି ଥରେ ଏକ ଅଧିକ କଠୋର ଏବଂ ଅଧିକ ଭୟଙ୍କର ଅବତାର ଗ୍ରହଣ କରି ପୃଥିବୀରେ ଆବିର୍ଭୂତ ହେଲା ଏବଂ ସମସ୍ତ ଇଉରୋପକୁ ଗ୍ରାସ କରିବାଲାଗି ତାହାହିଁ ଆଜି ଏକ ପ୍ରମାଦ ପରି କାର୍ଯ୍ୟ କରୁଛି ।

ବିସ୍ତରଗତ ପ୍ରବଞ୍ଚନାରେ ନ ପଡ଼ିବାକୁ ହେଲେ ଗୋଟିଏ କଥା ଉଲ୍ଲେଖ କରି ରଖିବା ଏକାନ୍ତ ଆବଶ୍ୟକ ଯେ, ଏହି କ୍ଷେତ୍ରଟିରେ ମଧ୍ୟ ଜର୍ମାନୀ ଯାହାକିଛି କରିଛି, ତଦ୍ୱାରା ସେ ଆନ୍ତର୍ଜାତିକ ନିଷ୍ଠାକ୍ଷେତ୍ରର କେତୋଟି ନିର୍ଦ୍ଦିଷ୍ଟ ଶକ୍ତିଶାଳୀ ପ୍ରକୃତ ପ୍ରବୃତ୍ତି ଓ ନୀତିକୁ ହିଁ କେବଳ ଏକ ବିଧିବଦ୍ଧ ସଂଗଠିତ ଆକାର ଦେବାକୁ ଉଦ୍ୟମ କରିଛି ଏବଂ ସେଗୁଡ଼ିକର ବିରୋଧ କରୁଛନ୍ତି ବୋଲି କହୁଥିବା ଅଥବା ସେଗୁଡ଼ିକରେ ପ୍ରକୃତରେ କିଛି ପରିବର୍ତ୍ତନ ଆଣିଥିବା ଅନ୍ୟ ସକଳ ପ୍ରବୃତ୍ତି ଏବଂ ନୀତିକୁ ତାହା ଭିତରୁ ବାହାର କରିଦେଇଛି । ଏକ ପବିତ୍ର ଅହଂବାଦୀ ପ୍ରେରଣା ଦ୍ୱାରା (ଟିଉଟନିକ୍ ଜାତିର ମୁହଁରୁ ଏହି କଥାଟି ଆଦୌ ନିଷ୍ପନ୍ନ ହୋଇନାହିଁ ।) ଯଦି ଜାତି ଓ ଜାତି ଭିତରେ ରହୁଥିବା ସମ୍ବନ୍ଧଗୁଡ଼ିକୁ ନିୟନ୍ତ୍ରିତ କରି ରଖିବାକୁ ପଡ଼େ, ତେବେ ଏହି ବିଷୟରେ ଜର୍ମାନ ମତଟିର ଶକ୍ତିଶାଳିତାକୁ ଅସ୍ୱୀକାର କରିବା ପ୍ରକୃତରେ ବଡ଼ କଷ୍ଟକର ହୋଇପଡ଼ିବ । କେତେକ ଜାତିଙ୍କୁ ନିମ୍ନତର ଓ ଅବକ୍ଷୟଗ୍ରସ୍ତ ବୋଲି କହିବାର ସିଦ୍ଧାନ୍ତଟିକୁ କେବଳ ଯେ ଜର୍ମାନ ବିସ୍ତାରକମାନେ ଏଡ଼େ ପାଟିକରି ଘୋଷଣା କରିଛନ୍ତି, ତାହା ଆଦୌ ନୁହେଁ; ଅନ୍ୟ ଜାତିର ବିସ୍ତାରକମାନେ ମଧ୍ୟ ଠିକ୍ ତାହାହିଁ କରିଛନ୍ତି ଏବଂ ତାହାକୁ କିଞ୍ଚିତ୍ କମ୍ ଉଗ୍ର କରି ରଖିବାର ଯେତେ ସଂଶୟ ବା କୁଣ୍ଠାବୋଧ ସହିତ ହେଲେ ମଧ୍ୟ ତାହାହିଁ ଦୁର୍ବଳ ଉପରେ ସବଳର ଅଧିକାର ଜମାଇ ରଖିବା ଉଦ୍ଦେଶ୍ୟରେ ଅନୁସୃତ ଯାବତୀୟ ସାମରିକ ଆଧିପତ୍ୟ ତଥା ବାଣିଜ୍ୟିକ ଶୋଷଣର ବାସ୍ତବ କ୍ଷେତ୍ରଟିର ସର୍ବପ୍ରଧାନ ନିୟାମକ ହୋଇ ରହିଆସିଛି । ଜର୍ମାନୀ କେବଳ ଏହାକୁ ଏକ ଅଧିକ ବ୍ୟାପକ ପ୍ରସାରଣ ଦେବାକୁ ଯାହା ଚେଷ୍ଟା କରିଛି, ଏହି ନୀତିଟିକୁ ଅଧିକ କଠୋର ଓ ଅନମନୀୟ ଭାବରେ କାର୍ଯ୍ୟକାରୀ କରିଛି ଏବଂ ଏସିଆ ତଥା ଆଫ୍ରିକାର ଅଧିବାସୀଙ୍କ ପରି ଇଉରୋପୀୟମାନଙ୍କ ଉପରେ ମଧ୍ୟ ସେହି ନୀତିଟିକୁ ପ୍ରୟୋଗ କରିବାର ଚେଷ୍ଟା କରିଛି । ଏପରିକି ଯୁଦ୍ଧକ୍ଷେତ୍ରରେ ଜର୍ମାନୀଦ୍ୱାରା ଆଚରିତ ପଦ୍ଧତିଗୁଡ଼ିକର ନିର୍ମମତା ଅଥବା ଅମାନୁଷିକତା ଏବଂ ନିଜ ଦେଶରେ ତଥା ଉପନିବେଶଗୁଡ଼ିକରେ ତା'ର ରାଜନୀତିକ ଦମନନୀତି ଯେତେବେଳେ ତା'ର କଠୋରତମ ନିକୃଷ୍ଟ ସୀମାକୁ ମଧ୍ୟ ସ୍ପର୍ଶ କରିଥିଲା ପରି ମନେହୋଇଛି ଏବଂ ଯେଉଁଗୁଡ଼ାକୁ ଏକଦା ତା'ର ବିରୁଦ୍ଧରେ ପ୍ରଚୁର

'oaob.nitrkl.ac.in' images reprocessed

କରାଯାଇଛି ଏବଂ ଯାହାସବୁ ତା'ର ଶତ୍ରୁମାନଙ୍କ ଦ୍ୱାରା କଳ୍ପନା କରାଯାଇଥିବା ଇଚ୍ଛାକୃତ ନାନା ମିଥ୍ୟାପ୍ରଚାର ବୋଲି ପ୍ରମାଣିତ ଓ ସ୍ୱୀକୃତ ହୋଇସାରିଛି, ସେଗୁଡ଼ାକୁ ମଧ୍ୟ ଆମେ ପ୍ରାଚୀନ ଓ ମଧ୍ୟଯୁଗୀୟ ନିର୍ମମତା ଏବଂ ହୃଦୟହୀନତାର ପୁନଶ୍ଚଳନ ଓ ପୁନରୁଦ୍ଧାର ଲାଗି ମନୁଷ୍ୟଜାତି ମଧ୍ୟରେ ଏବେ ଯେଉଁ କେତୋଟି ପ୍ରବୃତ୍ତି କ୍ରମେ ଦେଖାଦେବାରେ ଲାଗିଛି, ତାହାର ଏକ ମୂର୍ତ୍ତି ରୂପ ବୋଲି କହିପାରିବା । ସାମରିକ ପ୍ରୟୋଜନର ଆଳ ଦେଖାଇ ଏବେ ଯେଉଁ ଗଣହତ୍ୟାମାନ ହେଉଛି ଏବଂ ଯେଉଁ ନିର୍ମମ ନୃଶଂସତାସବୁକୁ ପ୍ରଶ୍ରୟ ଦିଆଯାଉଛି, ବାଣିଜ୍ୟ ତଥା ବ୍ୟବସାୟଗତ ଶୋଷଣ ତଥା ବିପ୍ଳବ ଓ ବିଶୃଙ୍ଖଳାଗୁଡ଼ିକୁ ଦମନ କରିବାଲାଗି ଯେପରି ଜଘନ୍ୟ ଆଚରଣ କରାଯାଉଛି, ତାହା କେବଳ ଇଉରୋପ କିମ୍ବା ତାହାର ଆଖପାଖ ଦେଶମାନଙ୍କରେ ନୁହେଁ, ଅନ୍ୟାନ୍ୟ ମହାଦେଶକୁ ମଧ୍ୟ ଏବେ ସଂକ୍ରମିତ ହୋଇଗଲାଣି । * ଗୋଟିଏ ଦୃଷ୍ଟିରେ ଦେଖିଲେ ଏକଥା ଭଲ ହେଉଛି ଯେ, ଏହିସବୁ ଦୁରାଚରଣର ଚରମ ନ୍ୟାୟଗତ ଭୟଙ୍କର ଦୃଷ୍ଟାନ୍ତଗୁଡ଼ିକ ମନୁଷ୍ୟଜାତିର ଦୃଷ୍ଟିଟି ଉପରେ ଏପରି ପ୍ରାଧାନ୍ୟର ସହିତ ଆସି ନିକ୍ଷିପ୍ତ ହୋଇପାରୁଛି । କାରଣ ପାପର ଏହି ଉଲଙ୍ଗ ଅନାବୃତ ରୂପଟି ପ୍ରଦର୍ଶିତ ହୋଇପାରିବା ଦ୍ୱାରା ନିଶ୍ଚିନ୍ତ ଭାବରେ କଲ୍ୟାଣ ଓ ଅକଲ୍ୟାଣ ମଝିରେ ଠିଆହୋଇ ରହି କାଳକ୍ଷେପଣ କରିବା ଅପେକ୍ଷା ମାନବଜାତିର ବିବେକ କଲ୍ୟାଣ ଏବଂ ଅକଲ୍ୟାଣ ମଧ୍ୟରୁ କୌଣସି ଗୋଟିକୁ ବାଛିନେବାପାଇଁ ବାଧ୍ୟ ହେବ ଏବଂ ଯଦି ମାନବଜାତି ଆପଣାର ବିବେକକୁ ଅନ୍ଧ କରି ରଖେ ଏବଂ ସେହି ପୁରୁଣା ଔଚିତ୍ୟ ପ୍ରମାଣଗୁଡ଼ାକୁ ଦେଖାଇ ଆପଣାର ପଶୁସୁଲଭ ଅହଂଗରିମାକୁ ହିଁ ଯଦି ବୃଦ୍ଧି କରିବାରେ ଲାଗିଥାଏ, ତେବେ ଆମେ ତାହାକୁ କେବଳ ଧିକ୍ ବୋଲି ହିଁ କହିବା ।

ମାତ୍ର ଜର୍ମାନୀ ଯେଉଁ ଭୁଲଟି କଲା, ତା'ର ସମୁଦାୟ ମୂଳ କାରଣଟି ହେଉଛି, ସେ ପ୍ରାଣ ଏବଂ ଦେହକୁ ହିଁ ଆତ୍ମା ବୋଲି ଭାବିବାର ଭ୍ରମରେ ପଡ଼ିଗଲା । ଗୋଟିଏ ପ୍ରସଙ୍ଗରେ କୁହାଯାଇଛି ଯେ, ଏହାକୁ ଏକ ଆଦର୍ଶର ସ୍ତରକୁ ଉତ୍ତୋଳିତ କରିନେଇ ଏହାର ଉପରେ ବିଶ୍ୱାସ ସ୍ଥାପନ କରିବା ଅର୍ଥ ଓଡିନ୍‌ଙ୍କ କାଳରେ ଧର୍ମକ୍ଷେତ୍ରରେ ଯେଉଁସବୁ ବର୍ବରତା ସ୍ଥାନ ପାଇଥିଲା, ତାହାର ଯୁଗକୁ ଫେରିଯିବା । ମାତ୍ର ତାହା ଆଦୌ ସତ୍ୟ ନୁହେଁ । ଆମ ଏ ଯୁଗର ଏହି ବିଶ୍ୱାସଟି ଏକ ନୂତନ ଓ ଆଧୁନିକ ବିଶ୍ୱାସ, ଏବଂ ଜଡ଼ସମ୍ବନ୍ଧୀ ବିଜ୍ଞାନର କ୍ଷେତ୍ରରେ ଏକ

---

* ଦୃଷ୍ଟାନ୍ତସ୍ୱରୂପ ମିଶର, ଆୟର୍ଲଣ୍ଡ, ଭାରତବର୍ଷ ଏବଂ ତା'ପରେ ଆବିସିନିଆ, ସ୍ପେନ୍ ଓ ଚୀନ; ଯେତେ ଯେତେ ସ୍ଥାନରେ ବଳର ପ୍ରୟୋଗ କରି ମନୁଷ୍ୟ ମନୁଷ୍ୟକୁ ଏବଂ ଜାତି ଜାତିକୁ ଆପଣାର ଅଧୀନ କରି ରଖିବାକୁ ତଥାପି ଚେଷ୍ଟା କରିବାରେ ଲାଗିଛି, ସେଠାରେ ଆମେ ଏହି ନୃଶଂସତାର ନିଦର୍ଶନ ଦେଖିବାକୁ ପାଇବା ।

'oaob.nitrkl.ac.in' images reprocessed

ତତ୍ତ୍ୱଗତ ନ୍ୟାୟକୁ ନେଇ ପ୍ରୟୋଗ କରିବାରୁ ହିଁ ଏହା ଜନ୍ମଲାଭ କରିଛି; ଆଧୁନିକ ବିଜ୍ଞାନର ଏକ ବସ୍ତୁସର୍ବସ୍ୱ ବ୍ୟାବହାରିକ ପ୍ରୟୋଜନବାଦର କ୍ଷେତ୍ରରେ ଏକ ଦାର୍ଶନିକ ଆତ୍ମଧର୍ମିତାକୁ ନେଇ ପ୍ରୟୋଗ କରିବାରୁ ହିଁ ତାହା ନିଷ୍ପନ୍ନ ହୋଇଛି । ଆପଣାର ସମୂହଗତ ଆତ୍ମଧର୍ମୀ ଜୀବନଟିର ଉପଲବ୍ଧି ଲାଗି ଜର୍ମାନୀ ଯେପରି ବ୍ୟକ୍ତିବାଦୀ ମତଟିକୁ ନେଇ ସେହି କ୍ଷେତ୍ରରେ ପ୍ରୟୋଗ କରିଥିଲା, ଠିକ୍ ସେହିପରି ସେ ଏ ଯୁଗର ଜଡ଼ବାଦୀ ଓ ପ୍ରାଣପ୍ରଧାନ ବିଜ୍ଞାନଟିର ପ୍ରୟୋଗ ମଧ୍ୟ କରିଥିଲା ଏବଂ ସେଥିରେ ଅଧିକ ବଳ ଦେବା ଉଦ୍ଦେଶ୍ୟରେ ଏକ ଆତ୍ମଧର୍ମୀ ଦର୍ଶନକୁ ନେଇ ସେଥିରେ ଯୋଡ଼ିଦେଇଥିଲା । ଏହିପରି ସ୍ୱଭାବରେ ସେ ଏକ ଦ୍ୱିମିଶ୍ରିତ ଜୀବନ-ଧର୍ମରେ ଆସି ପହଞ୍ଚିଲା, ଏକ ବିପର୍ଯ୍ୟସ୍ତ ଆତ୍ମଧର୍ମିତାରେ ଆସି ଉପଗତ ହେଲା, ଯାହା କି ଏକ ଆତ୍ମପ୍ରଧାନ ଯୁଗର ପ୍ରକୃତ ଉଦ୍ଦେଶ୍ୟଠାରୁ ଯୋଜନ ଯୋଜନ ଦୂର ଛାଡ଼ି-ଯାଇଥିଲା । ମନୁଷ୍ୟ ତଥା ଜାତିର ବ୍ୟକ୍ତିତ୍ୱ ପ୍ରକୃତରେ କେଉଁଠାରେ ନିହିତ ହୋଇ ରହିଛି, ଭୁଲଟିକୁ ଦେଖାଇପାରିବାକୁ ହେଲେ ସେହି କଥାଟି ଖୋଜି ବାହାର କରିବା ଏକାନ୍ତ ଆବଶ୍ୟକ । ଏହି ବ୍ୟକ୍ତିତ୍ୱ ତା'ର ଭୌତିକ, ଆର୍ଥିକ ଓ ଏପରିକି ସାଂସ୍କୃତିକ ଜୀବନରେ ମଧ୍ୟ ନିହିତ ହୋଇ ରହିନାହିଁ । କାରଣ ଏଗୁଡ଼ିକ କେବଳ ସାଧନ ମାତ୍ର, କେବଳ ଅପ୍ରଧାନ ସହଗାମୀ ମାତ୍ର । ଅସଲ ବ୍ୟକ୍ତିତ୍ୱଟି ତାହାଠାରୁ ଗଭୀରତର ଏକ ସମ୍ପଦରେ ଯାଇ ନିହିତ ରହିଛି ଏବଂ ଅହଂଭିତରେ ଆମେ କଦାପି ସେହି ସମ୍ପଦଟିର ମୂଳଟିକୁ ଖୋଜିବାକୁ ଯିବା ନାହିଁ । ସେହି ମୂଳଟି ଆତ୍ମା ଭିତରେ ରହିଛି, ଯାହା ପାର୍ଥକ୍ୟ ଭିତରେ ମଧ୍ୟ ସର୍ବଦା ଅଭିନ୍ନ ରହିଛି ଏବଂ ଯାହା କି ସଙ୍ଘାତ ଏବଂ ଗୋଟିଏ ଉପରେ ଆଉ ଗୋଟିକର ଆଧିପତ୍ୟକୁ ଭିତ୍ତି କରି ନୁହେଁ, ମାତ୍ର ସାମ୍ୟର ଏକ ଭିତ୍ତି ଉପରେ ପ୍ରତ୍ୟେକର ଭଲକୁ ପୃଥିବୀର ଅନ୍ୟ ସମସ୍ତଙ୍କର ଭଲ ସହିତ ଏକତ୍ର ସଂଯୁକ୍ତ କରି ରଖିଛି ।

'oaob.nitrkl.ac.in' images reprocessed

# ଷଷ୍ଠ ପରିଚ୍ଛେଦ

## ଜୀବନର ବିଷୟୀଗତ ଏବଂ ଆଶୟୀଗତ ଦୃଷ୍ଟି

ବ୍ୟକ୍ତିବାଦର ଜୀବନଦୃଷ୍ଟିଟି ମନୁଷ୍ୟକୁ ଏକ ସ୍ୱାଧୀନ ସତ୍ତା ବୋଲି ଗ୍ରହଣ କରେ, ତାହାକୁ ଏପରି ଗୋଟିଏ ସ୍ୱତନ୍ତ୍ର ସତ୍ତା ବୋଲି ବିଚାର କରେ, ଯାହା କି ଆପଣାର ବିକାଶସାଧନ କରିବ ଓ ଆପଣାର ଜୀବନରେ ପରିପୂର୍ଣ୍ଣତା ଆଣିବ। ସେ ଆପଣାର ମାନସିକ ପ୍ରବୃତ୍ତିଗୁଡ଼ିକୁ ପରିତୃପ୍ତ କରିବ, ଏବଂ ଆପଣାର ବିବେକ ଦ୍ୱାରା ପରିଚାଳିତ ହେଉଥିବା ତା'ର ବାସନା ଅନୁସାରେ ଆପଣାର ସଂବେଗମୟ ତଥା ପ୍ରାଣଗତ ଆବଶ୍ୟକତାଗୁଡ଼ିକର ଏବଂ ଆପଣାର ଭୌତିକ ସତ୍ତାଟିର ତୃପ୍ତିବିଧାନ କରିବ। ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ବ୍ୟକ୍ତିମାନଙ୍କ ଜୀବନରେ ମଧ୍ୟ ଠିକ୍ ଏହି ବ୍ୟକ୍ତିଗତ ଅଧିକାର ଓ ସ୍ୱାଧୀନତାଟିକୁ ଅବଶ୍ୟ ସ୍ୱୀକାର କରିବ;— କେବଳ ଏହି ଗୋଟିଏ କଥାକୁ ଛାଡ଼ିଦେଲେ ବ୍ୟକ୍ତିବାଦର ବିଚାରଟି ପ୍ରତ୍ୟେକ ବ୍ୟକ୍ତିର ଅଧିକାର ଓ ସ୍ୱାଧୀନତାରେ ଆଉ କୌଣସି ପ୍ରକାର ସୀମାକୁ ଆଦୌ ମାନିବାକୁ ଇଚ୍ଛା କରେ ନାହିଁ। ମନୁଷ୍ୟସମାଜକୁ ଆପଣାର ଅନୁକୂଳ କରି ଗଢ଼ିବାରେ ବ୍ୟକ୍ତିବାଦୀ ଯୁଗ ଏହି ସ୍ୱାଧୀନତା ଓ ଏହି କର୍ତ୍ତବ୍ୟ ବା ସୀମାଟି ମଧ୍ୟରେ ରହିଥିବା ଭାରସାମ୍ୟକୁ ହିଁ ମୂଳନୀତି ରୂପେ ଗ୍ରହଣ କରିଛି। କାର୍ଯ୍ୟତଃ ଅଧିକାର ତଥା କର୍ତ୍ତବ୍ୟ, ସ୍ୱାଧୀନତା ଓ କାନୁନ୍ ତଥା ସାମର୍ଥ୍ୟ ଏବଂ ନିଷେଧ ମଧ୍ୟରେ କରାଯାଇଥିବା କେତେ କେତେ ସାଲିସ୍ ଭିତରେ ଏକ ସମତାବସ୍ଥା ଆଣି ବ୍ୟକ୍ତିବାଦ ତାହାକୁ ହିଁ ବ୍ୟକ୍ତିଗତ ତଥା ସମାଜ-ଜୀବନ ଉଭୟ କ୍ଷେତ୍ରରେ ଆପଣାର ଯୋଜନାଟିରେ ଗ୍ରହଣ କରିନେଇଛି। ଠିକ୍ ସେହିପରି ଜାତିଗୁଡ଼ିକର ଜୀବନରେ ମଧ୍ୟ ବ୍ୟକ୍ତିବାଦୀ ଯୁଗ ମୁକ୍ତିକୁ ହିଁ ଆପଣାର ଆଦର୍ଶ କରି ରଖିଛି ଏବଂ ଆପଣାର ଉଚିତ କ୍ଷେତ୍ରଟିର ତୁଳନାରେ ସେଠାରେ ଅପେକ୍ଷାକୃତ କମ୍ ସଫଳତା ଲାଭ କରିଥିଲେ ମଧ୍ୟ ପରସ୍ପର ପ୍ରତି ଆପଣାର ଉପଯୁକ୍ତ ଆଚରଣରୂପେ ଜାତିବର୍ଗ ଯେପରି ପରସ୍ପରର ସ୍ୱାଧୀନତାକୁ ଯଥାର୍ଥ ସମ୍ମାନ ଦେଇ ଦେଖିପାରିବେ, ତାହାର ଲାଗି ସର୍ବଦା ଉଦ୍ୟମ କରିଆସିଛି। ବ୍ୟକ୍ତିର ହେଉ ଅଥବା ଜାତିର ହେଉ, ଜୀବନ ସମ୍ବନ୍ଧରେ ଏହିପରି ଏକ ବିଚାରର କ୍ଷେତ୍ରରେ ସମ୍ପୂର୍ଣ୍ଣ ବନ୍ଧନମୁକ୍ତ ଭାବରେ ଆପେ ଆପଣାର ବ୍ୟାପାରଗୁଡ଼ିକର ବ୍ୟବସ୍ଥା କରିବାଲାଗି ପ୍ରତ୍ୟେକର ଏକ ଅନ୍ତର୍ନିହିତ ଅଧିକାର ରହିଛି; ଅଥବା ମନ କଲେ ସମ୍ପୂର୍ଣ୍ଣ ବନ୍ଧନମୁକ୍ତ

'oaob.nitrkl.ac.in' images reprocessed

ଭାବରେ ସେଗୁଡ଼ିକୁ ଅବ୍ୟବସ୍ଥିତ କରିଦେବାର ମଧ୍ୟ ଅଧିକାର ରହିଛି । ଏବଂ ଯେପର୍ଯ୍ୟନ୍ତ ଗୋଟିଏ ଜାତି ଅନ୍ୟ ଜାତିଗୁଡ଼ିକର ଅଧିକାର ତଥା ସ୍ୱାଧୀନତାଗୁଡ଼ିକ ଉପରେ ହସ୍ତକ୍ଷେପ ନ କରିଛି, ତାହାର ଅଧିକାର ତଥା ସ୍ୱାଧୀନତାଗୁଡ଼ିକର କ୍ଷେତ୍ରରେ ମଧ୍ୟ ହସ୍ତକ୍ଷେପ କରିବାଲାଗି କଦାପି କାହାରି କୌଣସି ଦାବି ନାହିଁ । ମାତ୍ର ବାସ୍ତବ କ୍ଷେତ୍ରରେ ବ୍ୟକ୍ତି ତଥା ଜାତିର ଅହଂକେନ୍ଦ୍ରିତା ଏହିଭଳି ଏକ ସୀମାକୁ ମାନି ଚଳିବାଲାଗି କେବେହେଲେ ଇଚ୍ଛା କରେ ନାହିଁ । ସେଥିଲାଗି ପ୍ରତ୍ୟେକ ଜାତିର ସାମାଜିକ ବିଧାନଟି ଦ୍ୱାରା ମଣିଷ ମଣିଷ ଭିତରେ ଲଙ୍ଘନ କରାଯାଇଥିବା ନୀତି ବା ନିୟମଟିକୁ ଜୋର କରି ଲାଗୁ କରି ରଖିବାର ଚେଷ୍ଟା କରାଯାଇଛି; ଏବଂ ଠିକ୍ ସେହିପରି ଭାବରେ ଏବଂ ସେହିଭଳି ଏକ ଉଦ୍ଦେଶ୍ୟର ସିଦ୍ଧି ଲାଗି ଆନ୍ତର୍ଜାତିକ ବିଧାନର ବିକାଶ ଲାଗି ପ୍ରୟାସ ମଧ୍ୟ ହୋଇଛି । ଏହିସବୁ ବିଗ୍ରହର ପ୍ରଭାବ ଏପର୍ଯ୍ୟନ୍ତ ବି ଭାରି ଶକ୍ତିଶାଳୀ ହୋଇ ରହିଛି । ଏବେ ଇଉରୋପରେ ଦେଶ ଦେଶ ମଧ୍ୟରେ ଯେଉଁ ସଂଘର୍ଷ ଲାଗିଗଲା, ସେଥିରେ ବିଭିନ୍ନ ଜାତିର ସ୍ୱାଧୀନତା ହିଁ ଆଦର୍ଶ ହୋଇ ରହିଥିଲା ବୋଲି କୁହାଯାଉଥିଲା, ଏବଂ ସେହି ଆଦର୍ଶଟିର ରକ୍ଷା ସକାଶେ ଯୁଦ୍ଧ ହେଲା ବୋଲି ପ୍ରଚାର କରାଗଲା । କେତେଗୁଡ଼ିଏ ସ୍ୱାର୍ଥର ପାରସ୍ପରିକ ସଂଘାତ ହେତୁ ଯେ ଯୁଦ୍ଧ ଆରମ୍ଭ ହୋଇଥିଲା, ଏହି କଥାଟି ପରିଷ୍କାର ଧରାପଡ଼ିଯାଉଥିବା ସତ୍ତ୍ୱେ ବି ସେଭଳି ପ୍ରଚାର କରାଗଲା । ସମାଜର ବିଧାନ ବା ନିୟମଗୁଡ଼ିକ ଯେପରି ବ୍ୟକ୍ତିମାନଙ୍କର ଅହମିକାକୁ ସୀମା ଭିତରେ ଆବଦ୍ଧ କରି ରଖେ, ସେହିଭଳି ବିଭିନ୍ନ ଜାତିର ଅହମିକାକୁ ସୀମା ମଧ୍ୟରେ ଧରି ରଖି-ପାରିଲାଭଳି ଏକ ଆନ୍ତର୍ଜାତିକ ବିଧାନ ଯେତେବେଳେ ବିକାଶ ଲାଭ କରିବ ଓ ସଫଳ ଭାବରେ ଲାଗୁ ହୋଇପାରିବ, ସେତେବେଳେ ଯାଇ ସମସ୍ୟାଟିର ସମାଧାନ ମିଳିବ ବୋଲି ଅଧିକାଂଶ ଲୋକ ଭାବିଥାନ୍ତି । ଭବିଷ୍ୟତରେ ଉପୁଜିବାକୁ ଯାଉଥିବା ପ୍ରମାଦ-ଗୁଡ଼ିକର ସମ୍ମୁଖୀନ ହେବାକୁ ବାହାରିବାବେଳେ ସେମାନଙ୍କୁ ଏବେ ମଧ୍ୟ ଏହି ସମାଧାନଟି ଭାରି ଆକର୍ଷକ ମନେହୋଇଥାଏ ଏବଂ ସେମାନେ ଏହିଟିକୁ ହିଁ ବାସ୍ତବ କ୍ଷେତ୍ରରେ ସବୁଠାରୁ ଅଧିକ ସମ୍ଭବ ବୋଲି ଭାବିଥାନ୍ତି । *

ଏଣେ ଆଧୁନିକ ବିଜ୍ଞାନର ଉଦ୍‌ବୋଧର ବିକାଶ ଫଳରେ ନାନା ନୂତନ ବିଗ୍ରହ ଓ ପ୍ରବୃତ୍ତିର ସୃଷ୍ଟି ହେବାରେ ଲାଗିଛି ; ଏକ ଦିଗରେ ଏକ ଅତିରଞ୍ଜିତ ବ୍ୟକ୍ତିବାଦ ଅର୍ଥାତ୍

* କ୍ରମଶଃ ଅଧିକ କ୍ଷୀଣ ହୋଇଆସୁଥିବା ଅଳ୍ପସଂଖ୍ୟକ କେତେଜଣଙ୍କ ବ୍ୟତୀତ ସମ୍ଭବତଃ ଏବେ କେହି ଆଉ ସେପରି ଭାବୁନାହାନ୍ତି । କାରଣ ବଡ଼ ବଡ଼ ସଦସ୍ୟ-ଦେଶଙ୍କର ଅହଙ୍କାର ଓ ନିଷ୍ଠାହୀନତା ଦ୍ୱାରା ଲିଗ୍ ଅଫ୍ ନେସନ୍ସ୍‌ର ଅସଦ୍‌ବ୍ୟବହାର କରାଯାଇଛି ଓ ଆପଣାର ପ୍ରକୃତ କାର୍ଯ୍ୟ କରିବାରେ ତାହାକୁ ବାଧା ଦିଆହୋଇଛି । ଫଳରେ ଆନ୍ତର୍ଜାତିକ ସଂଗଠନ କ୍ରମେ ଭୁଷୁଡ଼ିପଡ଼ୁଛି ଓ ବସ୍ତୁତଃ ବଡ଼ ଶକ୍ତିହୀନ ଓ ବିଫଳ ହୋଇଯାଇଛି ।

'oaob.nitrkl.ac.in' images reprocessed

ଏକ ପ୍ରାଣପ୍ରଧାନ ଅହଂବାଦର ବିକାଶ ହୋଇଛି ଏବଂ ଅନ୍ୟ ଦିଗରେ ଏହାର ଠିକ୍ ଓଲଟା ଆଦର୍ଶ ଅର୍ଥାତ୍ ସମୂହବାଦ ମଧ୍ୟ ବିକାଶ ଲାଭ କରିଛି । ଜୀବନରହସ୍ୟର ଅନୁସନ୍ଧାନ କରି ବିଜ୍ଞାନ ଏହି କଥାଟି ଆବିଷ୍କାର କଲା ଯେ, ଜୀବନଧାରଣର ସର୍ବମୂଳ ପ୍ରକୃତିରୂପେ ଜୀବନର କ୍ଷେତ୍ରରେ ଆତ୍ମସଂରକ୍ଷଣ, ଆତ୍ମ-ପରିପୂରଣ ତଥା ଆତ୍ମବୃଦ୍ଧି ସକାଶେ ପାରିପାର୍ଶ୍ୱିକ ଅବସ୍ଥାଟିର ଉତ୍କୃଷ୍ଟ ସୁଯୋଗ ଗ୍ରହଣ କରିବା ଉଦ୍ଦେଶ୍ୟରେ ନିୟତ ଏକ ସଂଗ୍ରାମ ଚାଲିଛି । ମନୁଷ୍ୟର ବିଚାର ଆପଣାର ସ୍ୱେଚ୍ଛାପ୍ରଣୋଦିତ ଓ ସ୍ୱଭାବତତ୍ପର ଗତିରେ ଧାବିତ ହୋଇ ଆଧୁନିକ ଜ୍ଞାନର ଏହି ଦିଗଟିକୁ ଏକ ବଡ଼ ଅବଲମ୍ବନ କରି ଧରିବାକୁ ଯାଇଛି ଏବଂ ତାହାର ଆଧାର ଉପରେ ନୂଆ ନୂଆ ପ୍ରକାରର ଏପରି ସିଦ୍ଧାନ୍ତମାନ ଠିଆ କରିଦେବାରେ ଲାଗିଛି , ଯାହାକି ଅନ୍ୟମାନଙ୍କୁ କେବଳ ଆପଣାର କାମରେ ଲଗାଇ ନୁହେଁ , ଏପରିକି ଅନ୍ୟମାନଙ୍କୁ ଦଳିଦେଇ ମଧ୍ୟ ପ୍ରତ୍ୟେକ ମନୁଷ୍ୟର ଯେ ତାର ଆପଣା ଜୀବନଟିକୁ ବଞ୍ଚିବା-ଲାଗି ପୂର୍ଣ୍ଣ ଅଧିକାର ରହିଛି , ତାହାକୁ ଏକ ପରମ ବିଶ୍ୱାସ ଏବଂ ମହାନ୍ ଆଦର୍ଶରୂପେ ଗଢ଼ି ଥୋଇଦେଇଛି । ଏହି ଦୃଷ୍ଟିକୋଣ ଅନୁସାରେ ବ୍ୟକ୍ତିଜୀବନର ସର୍ବମୂଳ ଉଦ୍ଦେଶ୍ୟଟି ହେଲା, ସେ ଯେତେ ଅଧିକ କାଳ ପାରିବ, ସେତେଯାଏ ଜୀବନଧାରଣ କରି ରହିବାକୁ ଚେଷ୍ଟା କରିବ ; ସେ ବଳବାନ୍ ହେବ, ସୁଦକ୍ଷ ଓ ଶକ୍ତିଶାଳୀ ହେବ, ଆପଣାର ପାରି-ପାର୍ଶ୍ୱିକ ଜଗତଟିକୁ ସେ ନିଜେ ତିଆରି କରିବ, ଆପଣାର ସାଥୀ ଓ ସହଚରମାନଙ୍କୁ ସେ ନିଜେ ବାଛିନେବ ଏବଂ ଆପଣାର ସବୁପ୍ରକାର ଚେଷ୍ଟାକୁ ଖଟାଇ ଓ ଏକ ଅହଂଧର୍ମୀ ମାର୍ଗର ଅନୁସରଣ କରି ସେ ଆପଣା ସାମର୍ଥ୍ୟର ପରାକାଷ୍ଠା ଯାଏ ଯିବାକୁ ଯତ୍ନଶୀଳ ରହିଥିବ ଓ ଆପଣା ଜୀବନର ସର୍ବାଧିକ ସମ୍ଭବ ଉପଭୋଗ କରିବାକୁ ନିଜର ଲକ୍ଷ୍ୟ କରି ରଖିଥିବ । ନିତ୍ଶେଙ୍କର ଦର୍ଶନ ପରି କେତେକ ଦାର୍ଶନିକବାଦ, ନୈରାଜ୍ୟବାଦର କେତୋଟି ପ୍ରକାର ଏବଂ ସାମ୍ରାଜ୍ୟବାଦର କେତୋଟି ଦୃଷ୍ଟାନ୍ତ ମଧ୍ୟ ପ୍ରଧାନତଃ ଏହିଭଳି ବିଚାରଗୁଡ଼ିକ ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି, ସେଗୁଡ଼ିକରୁ ବଳ ଓ ସମର୍ଥନ ପାଇଛନ୍ତି; ଅବଶ୍ୟ ଏକଥା ସତ ଯେ ସେଗୁଡ଼ିକ ସେସବୁ ବିଚାରରୁ ଜନ୍ମଲାଭ କରିନାହାନ୍ତି । ନୈରାଜ୍ୟବାଦର ଉଲ୍ଲେଖ କଲାବେଳେ ଏଠି ସେହି ଦାର୍ଶନିକ ନୈରାଜ୍ୟବାଦଟିର କଥା ଆଦୌ ବୁଝାଯାଉନାହିଁ, ଯାହା ବୁଦ୍ଧିଗତ ବିବେକର ଆଦର୍ଶ ଦ୍ୱାରା ପ୍ରେରିତ ହୋଇ ପୁରାତନ ଯୁଗଟିର ବ୍ୟକ୍ତିବାଦ ମଧ୍ୟରୁ ନ୍ୟାଯ୍ୟତଃ ଆପଣାକୁ ଉଦ୍‌ଭୂତ କରି ଆଣିଥିଲା ।

ଅନ୍ୟ ପକ୍ଷରେ ଜୀବନକ୍ଷେତ୍ରଟିର ଅନୁସନ୍ଧାନ କରି ବିଜ୍ଞାନ ସେହିପରି ଆଉ ଗୋଟିଏ ତତ୍ତ୍ୱର ମଧ୍ୟ ଆବିଷ୍କାର କରିଛି । ବିଜ୍ଞାନ ଘୋଷଣା କରିଛି ଯେ, ଅନ୍ୟମାନଙ୍କ ସହିତ ଗୋଟିଏ ସାମାଜିକ ଜୀବନ ଭିତରେ ସମ୍ମିଳିତ ହୋଇ ରହିଲେ ଓ କେବଳ ଉଗ୍ର ସ୍ୱାର୍ଥପ୍ରଣୋଦିତ ଭାବରେ ଆପଣାକୁ ହିଁ ପ୍ରତିଷ୍ଠିତ କରି ରଖିବାର ଦୁଷ୍ପ୍ରୟାସ ନ କରି ଆପଣାକୁ ଗୋଷ୍ଠିଗତ ଆତ୍ମବିକାଶର ଏକ ବିଧାନ ମଧ୍ୟରେ ବାନ୍ଧିକରି ରଖିଲେ

'oaob.nitrkl.ac.in' images reprocessed

ତଦ୍ଦ୍ୱାରା ବ୍ୟକ୍ତିର ଜୀବନ କେବଳ ଯେ ସର୍ବାଧିକ ନିରାପତ୍ତା ଲାଭ କରିବାକୁ ଏବଂ ସୁଦକ୍ଷ ହୋଇ ବଢ଼ିବାକୁ ସମର୍ଥ ହୁଏ, ତାହା ନୁହେଁ, ମାତ୍ର ପ୍ରକୃତ ପକ୍ଷରେ ପ୍ରକୃତି ବ୍ୟକ୍ତିକୁ ନୁହେଁ, ସର୍ବଦା ଗୋଷ୍ଠୀ ବା ଜାତିଟିକୁ ହିଁ ସଂରକ୍ଷିତ କରି ରଖିବାକୁ ଲୋଡ଼ୁଥାଏ; ଏବଂ ପ୍ରକୃତିର ମୂଲ୍ୟାୟନ-ମାନଦଣ୍ଡରେ ସର୍ବଦା ଗୋଟିକିଆ କୌଣସି ପ୍ରାଣୀ ବା ପତଙ୍ଗ ଅପେକ୍ଷା ସମ୍ପୂର୍ଣ୍ଣ ସମୂହ, ପଲ, ସମଷ୍ଟି ବା ଦଳଟିକୁ ହିଁ ଅଧିକ ଅଗ୍ରାଧିକାର ଦିଆଯାଏ; କୌଣସି ବ୍ୟକ୍ତିଗତ ମନୁଷ୍ୟସତ୍ତା ପରିବର୍ତ୍ତେ ସମୁଦାୟ ମନୁଷ୍ୟସମୂହକୁ ଅଗ୍ରାଧିକାର ଦିଆଯାଏ । ତେଣୁ ଜଗତ୍‌ବସ୍ତୁର ଯଥାର୍ଥ ବିଧାନ ଓ ପ୍ରକୃତି ଅନୁସାରେ ବ୍ୟକ୍ତିକୁ ହିଁ ଯାବତୀୟ ପରିସ୍ଥିତିରେ କେବଳ ଆପଣାର ବ୍ୟକ୍ତିଗତ ଆତ୍ମପରିପୂରଣ ଲାଗି ବଞ୍ଚି ନ ରହି ଓ ସମଷ୍ଟିର ଜୀବନକୁ କେବଳ ଆପଣାର ବ୍ୟକ୍ତିଗତ ଆବଶ୍ୟକତାର ଅଧୀନ କରି ନ ରଖି ସର୍ବଦା ସମଷ୍ଟି ବା ସମୂହର ବୃଦ୍ଧି, ସିଦ୍ଧି ଓ ପ୍ରଗତି ଲାଗି ହିଁ ଆପଣାକୁ ଏକ କର୍ମିଷ୍ଠ କରି ରଖିବାକୁ ହେବ ଏବଂ ସେହି ଉଦ୍ଦେଶ୍ୟରେ ହିଁ ଆପଣାକୁ ଉତ୍ସର୍ଗ କରିଦେବାକୁ ପଡ଼ିବ । ଆଧୁନିକ ଜ୍ଞାନର ଏହି ବିପରୀତ ଦିଗଟିରୁ ମନୁଷ୍ୟର ବିଚାର ଉପରେ ଯେଉଁ ପ୍ରଭାବ ପଡ଼ିଛି, ସାମୂହିକତାକୁ ପରମାଦର୍ଶ ବୋଲି ଗ୍ରହଣ କରିନେଇଥିବା ଆଧୁନିକ ବାଦଗୁଡ଼ିକ ସେଇଥିରୁ ହିଁ ଆପଣାର ବିଜୟୀ ପରାକ୍ରମଟିକୁ ଲାଭ କରିଛନ୍ତି । ଜର୍ମାନ ମାନସ କିପରି ଏହି ଦୁଇଟିଯାକ ବିଚାରକୁ ଆତ୍ମସାତ୍ କରିନେଲା ଏବଂ ମନୁଷ୍ୟଜୀବନର ବର୍ତ୍ତମାନ ବାସ୍ତବତାର ଭୂମିଟି ଉପରେ ଦୁହିଁଙ୍କ ମଧ୍ୟରେ ଏକ ସଂଯୋଜନ ଘଟାଇପାରିଲା, ସେକଥା ଆମେ ଆଗରୁ ଦେଖିସାରିଛୁ । ବ୍ୟକ୍ତି ହିଁ ସକଳ ପରିସ୍ଥିତିରେ ସମ୍ପୂର୍ଣ୍ଣଭାବେ ସମଷ୍ଟି, ଜାତି ଅଥବା ରାଷ୍ଟ୍ରର ଅଧୀନ ହୋଇ ଅବଶ୍ୟ ରହିବ ବୋଲି ଜର୍ମାନୀ ଘୋଷଣା କରିଥିଲା ; ଏବଂ ଗୋଟିଏ ଗୋଟିଏ ଜାତି ମଧ୍ୟ ଯେ ଅନ୍ୟ ଜାତିମାନଙ୍କ ବିରୁଦ୍ଧରେ ସମ୍ପୂର୍ଣ୍ଣ ଅହଂପ୍ରେରିତ ଭାବରେ ଆପଣାକୁ ନେଇ ପ୍ରତିଷ୍ଠିତ କରିପାରିବେ, ଅର୍ଥାତ୍, ସମଗ୍ର ମନୁଷ୍ୟଜାତିର ଅନ୍ତର୍ଭୁକ୍ତ ହୋଇ ରହିଥିବା ଜାତିମାନଙ୍କ ମଧ୍ୟରୁ କୌଣସି ଗୋଟିଏ ସମୂହ ଅଥବା ସବୁ ସମୂହଙ୍କର ବିରୁଦ୍ଧରେ ଆପଣାକୁ ହିଁ ସର୍ବୋଚ୍ଚରୂପେ ପ୍ରତିଷ୍ଠିତ କରିପାରିବ, ଜର୍ମାନୀ ଅନ୍ୟ ପକ୍ଷରେ ସମାନ ଶକ୍ତିଶାଳିତା ସହିତ ଏକଥାଟିର ବି ଘୋଷଣା କରିଦେଇଥିଲା ।

ମାତ୍ର ଉପର କ୍ଷେତ୍ରରେ ଗୋଟିଏ ପାଖରେ ଜାତୀୟତାବାଦୀ ତଥା ସାମ୍ରାଜ୍ୟବାଦୀ ଅହଂଗରିଷ୍ଠତାର ବିଚାର ଓ ଅନ୍ୟ ପାଖରେ ବ୍ୟକ୍ତି ତଥା ଜାତିକୁ ମୂଳତଃ ସ୍ୱାଧୀନ ଓ ସ୍ୱତନ୍ତ୍ର ବୋଲି କହିବାର ସେହି ପୁରାତନ ବ୍ୟକ୍ତିବାଦୀ ନୀତିଟି ମଧ୍ୟରେ ଏହି ଯେଉଁ ସଂଘର୍ଷ ଲାଗିଛି, ତାହାର ପଛରେ ସମଗ୍ର ମାନବଜାତି ଲାଗି ମାନବିକ ବିଶ୍ୱଜନୀନତା ବା ସାମୂହିକତାର ଗୋଟିଏ ନୂତନ ବିଚାର କ୍ରମେ ଆବିର୍ଭୂତ ହେବାର ପ୍ରୟାସ କରୁଛି । ଯଦି ଏହି ବିଚାରଟି କେବେ ଏକ ଶକ୍ତିଶାଳୀ ବିଗ୍ରହରେ ପରିଣତ ହେବାରେ ସଫଳତା ଅର୍ଜନ କରେ, ତେବେ ତାହା ସମ୍ଭବତଃ ଦିନେ ଜାତୀୟ ସ୍ୱତନ୍ତ୍ରତା ତଥା ସ୍ୱାଧୀନତାର

'oaob.nitrkl.ac.in' images reprocessed

ଆଦର୍ଶଟି ଉପରେ ଆପଣାର ବିଜୟ ଘୋଷଣା କରିପାରିବ । ଗୋଟିଏ ସମାଜର ସୀମାଭିତରେ ଏହା ଯେପରି ବ୍ୟକ୍ତିଗତ ସ୍ୱାଧୀନତା ତଥା ସ୍ୱତନ୍ତ୍ର ଆତ୍ମପରିପୂର୍ଣ୍ଣତାର ଆଦର୍ଶ ଉପରେ ଆପଣାର ବିଜୟ ହାସଲ କରିଛି, ଠିକ୍ ସେହିପରି । ଏକ ବୃହତ୍ତର ସାମୂହିକତାର ଜୀବନ ଭିତରେ ତାହା ଏକ ସାମ୍ରାଜ୍ୟବାଦୀ ସମଷ୍ଟିର ଜୀବନ ହେଉ ଅଥବା ସଂଯୁକ୍ତ ଓ ଏକତାବଦ୍ଧ ଇଉରୋପର ବିଚାର ଭଳି ଏକ ମହାଦେଶୀୟ ବା ସାଂସ୍କୃତିକ ଐକ୍ୟରୂପ ହେଉ କିମ୍ବା ସମଗ୍ର ମାନବସମାଜକୁ ନେଇ ଗଢ଼ାହୋଇଥିବା ଏକ ଏକତାବଦ୍ଧ ପୂର୍ଣ୍ଣସାମୂହିକ ଜୀବନ ହେଉ ପଛକେ, ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମ୍ମିଳିତ ବା ବିସର୍ଜନ କରି ନ ଦେଲେ ମଧ୍ୟ ବର୍ତ୍ତମାନର ଜାତି ଆପଣାର ମୁକ୍ତ ଓ ସ୍ୱତନ୍ତ୍ର ଭିନ୍ନତାଟିକୁ ଅନ୍ତତଃ ତାହାର ଅଧୀନ କରି ରଖୁ, ସେହି ନୂତନ ବିଚାରଟି ଜାତିଠାରୁ ସେହିଭଳି ଏକ ଦାବି କରି ବାହାରିଛି ।

ମନୁଷ୍ୟର ବିଚାର ତଥା କର୍ମାନୁଷ୍ଠାନର କ୍ଷେତ୍ରରେ ପ୍ରବେଶ କରି ଆତ୍ମସ୍ୱଧର୍ମୀ ଦୃଷ୍ଟିଟି ଆମ ଜୀବନର ଦୃଷ୍ଟିଭଙ୍ଗୀ, ପ୍ରେରକଶକ୍ତି ଏବଂ ଲକ୍ଷଣଧର୍ମରେ ଅନେକ ପାର୍ଥକ୍ୟ ଘଟାଏ ସତ; ମାତ୍ର ପ୍ରଥମ ଅବସ୍ଥାରେ ତାହା ଆମ ଜୀବନର ଉପାଦାନଗୁଡ଼ିକରେ ପ୍ରାୟ କୌଣସି ପାର୍ଥକ୍ୟ ଆଣିପାରିଲା ପରି ମନେ ହୁଏନାହିଁ । ସେହି ଏକ ତଥ୍ୟଭୂମି ଉପରେ ହିଁ ଆତ୍ମସ୍ୱଗତତା ତଥା ବିଷୟଗତତା ଉଭୟଙ୍କର ଆରମ୍ଭ ହୋଇଥାଏ; ସେହି ଭୂମିରେ ବ୍ୟକ୍ତି ଥାଏ, ସମଷ୍ଟି ଥାଏ; ଦୁହିଁଙ୍କର ଜଟିଳ ପ୍ରକୃତିକୁ ରୂପ ଦେଇ ମନ, ପ୍ରାଣ ତଥା ଦେହର ବିଭିନ୍ନ ସାମର୍ଥ୍ୟ ମହଜୁଦ ରହିଥାଏ ; ଏବଂ ସେଗୁଡ଼ିକର ଆତ୍ମପରିପୂର୍ତ୍ତି ତଥା ସମନ୍ୱୟର ଏକ ବିଧାନ ଖୋଜି ବାହାର କରିବାଲାଗି ସତତ ଏକ ଅନ୍ୱେଷଣ ମଧ୍ୟ ଲାଗିରହିଥାଏ । ମାତ୍ର ଏକ ବିଶ୍ଳେଷଣାତ୍ମକ ବୁଦ୍ଧି ଓ ବିବେକଦ୍ୱାରା ପରିଚାଳିତ ହୋଇ ସମୁଦାୟ ସମସ୍ୟାଟିକୁ କେବଳ ଏକ ବହିରଙ୍ଗ ଏବଂ ଯାନ୍ତ୍ରିକ ଦୃଷ୍ଟିରେ ହିଁ ଦେଖୁଥାଏ । ପୃଥିବୀଟାକୁ ତାହା ଗୋଟାଏ ବସ୍ତୁ ବା ପଦାର୍ଥ ବୋଲି ଦେଖେ ; ଏକ ପ୍ରକ୍ରିୟା ବୋଲି ଦେଖେ, ଯାହାକୁ କି ପର୍ଯ୍ୟବେକ୍ଷଣକ୍ଷମ ଏକ ବୁଦ୍ଧିଦ୍ୱାରା ଅଧ୍ୟୟନ କରାଯାଇପାରିବ । ସେହି ବୁଦ୍ଧି ବସ୍ତୁବିଚ୍ଛିନ୍ନ ହୋଇ ଆପଣାକୁ ଉପାଦାନଗୁଡ଼ିକର ବାହାରେ ଅବସ୍ଥାପିତ କରି ରଖିବ ଏବଂ ବାହାରୁ ଆଉ ସତେଅବା କୌଣସି ଜଟିଳ ଯନ୍ତ୍ରକୁ ଅନାଇ ଦେଖୁଥିଲା ପରି ଆପଣା ବିଚାରଣାର କ୍ଷେତ୍ରସମଷ୍ଟିଟିକୁ ଅବଲୋକନ କରି ଦେଖିବ । ଏହି କ୍ଷେତ୍ରରେ ଏହି ପ୍ରକ୍ରିୟାଟିର ବିଧାନଗୁଡ଼ିକୁ କେତେଗୁଡ଼ିଏ ଯାନ୍ତ୍ରିକ ନିୟମ ବା ନିର୍ଦ୍ଧାରିତ ସକ୍ରିୟତାର ଏକ ସମଷ୍ଟି ବୋଲି ବିଚାର କରାଯାଏ, ଯାହା କି ବ୍ୟକ୍ତି ଅଥବା ସମଷ୍ଟି ଉପରେ କ୍ରିୟା କରିବାରେ ଲାଗିଥାଏ । ବୁଦ୍ଧି ସେଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିସାରିବା ପରେ ଏବଂ ସେଗୁଡ଼ିକର ପ୍ରକୃତିକୁ ପୃଥକ୍ ପୃଥକ୍ ଭାବରେ ନିରୂପଣ କରିଦେବା ପରେ କାହାର କିମ୍ବା କୌଣସି ଇଚ୍ଛା ଅନୁସାରେ ସେଗୁଡ଼ିକୁ ଶ୍ରେଣୀବଦ୍ଧ କରିଦିଆଯାଏ ଏବଂ ବିଜ୍ଞାନ ଆପଣାର

'oaob.nitrkl.ac.in' images reprocessed

ଆବିଷ୍କୃତ ନିୟମଗୁଡ଼ିକର ପ୍ରୟୋଗ କଲାପରି ଏହି ନିୟମ ଗୁଡ଼ିକର ମଧ୍ୟ ପୂର୍ଣ୍ଣ ପ୍ରୟୋଗ କରାଯାଏ । ଆପଣାର ବସ୍ତୁନିରପେକ୍ଷ ବୁଦ୍ଧି ଓ ବସ୍ତୁନିରପେକ୍ଷ ଇଚ୍ଛାଦ୍ୱାରା ବ୍ୟକ୍ତିକୁ ଏହିସବୁ ନିୟମ ବା ବିଧାନଗୁଡ଼ିକୁ ଆଣି ଆପଣା ଉପରେ ଲଦିଦେବାକୁ ପଡ଼େ ଏବଂ ଏହି ବୁଦ୍ଧି ଓ ଇଚ୍ଛାକୁ ସେ ସତେଅବା ଜଣେ ନିୟମନକାରୀ କର୍ତ୍ତାର ଆସନ ଦେଇ ତାହାକୁ ଆପଣାର ଅନ୍ୟ ବୃତ୍ତି ଓ ସାମର୍ଥ୍ୟଗୁଡ଼ିକରୁ ଅଲଗା କରି ରଖିଥାଏ । ଅଥବା, ଅନ୍ୟ ବ୍ୟକ୍ତିମାନଙ୍କର କିମ୍ବା ସମଷ୍ଟିର ବୁଦ୍ଧି ଓ ଇଚ୍ଛା ତାହା ଉପରେ ସେହି ନିୟମଗୁଡ଼ିକୁ ଆଣି ଲଦିଦିଏ ଏବଂ ସମଷ୍ଟିର ଜୀବନଟି ଉପରେ ମଧ୍ୟ ସେହି ନିୟମଗୁଡ଼ିକୁ ଆଣି ଲଦିଦିଆଯାଏ । କୌଣସି ଏକ ନିୟନ୍ତ୍ରଣବିଧାନର ମୂର୍ତ୍ତିରୂପ ଗ୍ରହଣ କରିଥିବା ତାହାର ଆପଣାର ହିଁ ସାମୂହିକ ବିବେକ ଓ ଇଚ୍ଛାଦ୍ୱାରା ହୁଏତ ସମଷ୍ଟି ସେହି ନିୟମଗୁଡ଼ିକୁ ନିଜ ଉପରେ ଆଣି ଲଦିଦିଏ ଓ ସେହି ବିବେକ ଏବଂ ଇଚ୍ଛାକୁ ମନ ସମଷ୍ଟିଜୀବନର ବହିର୍ଭୂତ ଓ ତା'ଠାରୁ ଅଲଗା ସତେଅବା ଆଉ କୌଣସି ପଦାର୍ଥ ବୋଲି ଅନୁଭବ କରୁଥାଏ । ଅଥବା ଆପଣା ବାହାରର ଅନ୍ୟ କୌଣସି ସମଷ୍ଟି କିମ୍ବା ସେ କୌଣସି ନା କୌଣସି ପ୍ରକାରରେ ଆପଣାକୁ ଯାହାର ଏକ ଅଂଶ କରି ରଖିଥାଏ, ସେହିଭଳି ଏକ ସମଷ୍ଟିର ବିବେକ ଓ ଇଚ୍ଛାଦ୍ୱାରା ସେହି ନିୟମଗୁଡ଼ିକୁ ତାହା ଉପରେ ଆଣି ଲଦିଦେବାକୁ ପଡ଼େ । ତେଣୁ ଏବେ ରାଜନୀତିକ ବିଚାରରେ ରାଷ୍ଟ୍ର କହିଲେ ଏକ ସ୍ୱୟଂଭୂତ ବା ସ୍ୱୟଂସ୍ଥିତ ସତ୍ତାକୁ ବୁଝାଉଛି, ସତେ ଯେପରି ଏହା ସମୂହ ଏବଂ ଏଥିରେ ବାସ କରୁଥିବା ବ୍ୟକ୍ତିମାନଙ୍କଠାରୁ ଏକାବେଳେକେ ବାହାରେ ରହିଥିବା ଅଲଗା କୌଣସି ଏକ ପଦାର୍ଥ; ଏହା ଏପରି ଏକ ଶକ୍ତି, ଯାହାର କି ଆପଣାକୁ ନେଇ ସେମାନଙ୍କ ଉପରେ ଲଦିଦେବାର ପୂର୍ଣ୍ଣ ଅଧିକାର ରହିଛି; ଉଚିତ, ଭଲ ତଥା ସ୍ୱାର୍ଥବିଷୟକ କୌଣସି ଏକ କଳ୍ପନାକୁ ଚରିତାର୍ଥ କରିପାରିବାଲାଗି ଯାହାର କି ସେମାନଙ୍କୁ ନିୟନ୍ତ୍ରିତ କରି ରଖିବାର ବି ଅଧିକାର ରହିଛି । ଏହି ଔଚିତ୍ୟ, ଶୁଭ ଓ ସ୍ୱାର୍ଥର ଧାରଣାଟିକୁ ସେମାନଙ୍କ ମଧ୍ୟରେ ବିକଶିତ କରାଇ ଆଣିବାର କୌଣସି ଚେଷ୍ଟା କରାଯାଉ ନାହିଁ ବା ସେମାନଙ୍କର ଆତ୍ମା ଅଥବା ପ୍ରକୃତି ଯାହାର ଅଭିମୁଖରେ ଅଗ୍ରସର ହେବାଲାଗି କୌଣସି ଅନ୍ତଃପ୍ରେରଣା ଦ୍ୱାରା ପ୍ରେରିତ ହେବାରେ ଲାଗିଛି, ସେପରି କୌଣସି ଏକ ସମ୍ପଦଭଳି ତାହା ସେମାନଙ୍କ ଦ୍ୱାରା ବିକଶିତ ବି ହେଉନାହିଁ । ଅନ୍ୟପକ୍ଷରେ ବାହାରୁ ନିୟନ୍ତ୍ରିତ କରୁଥିବା ଓ ବାହାରୁ ଥାଇ ଏକ ନିର୍ଦ୍ଦିଷ୍ଟ ଆକାରରେ ଗଢ଼ୁଥିବା ଏକ ଶକ୍ତି ଭଳି ସେମାନଙ୍କ ଉପରେ ଆଣି ତାହାକୁ ଲଦିଦିଆଯାଉଛି । ମନୁଷ୍ୟକୁ ଏକ ଯାନ୍ତ୍ରିକ ପରିଯୋଜନା ମଧ୍ୟଦେଇ ଯିବାକୁ ହେବ, ସେହି ପରିଯୋଜନାଟି ହିଁ ମନୁଷ୍ୟକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେଇ ଗଢ଼ିବ; ଏବଂ ସେହିଭଳି ଏକ ପରିଯୋଜନା, ଏକ ଅନୁକଳନ ଓ ଏକ କାରିଗରି କାରସାଦି ଦ୍ୱାରା ହିଁ ଜୀବନର ବ୍ୟବସ୍ଥା କରାଯିବ, ଜୀବନରେ ଏକ ସମନ୍ୱୟ ସୃଷ୍ଟି କରାଯିବ ଏବଂ ଜୀବନକୁ ନିଖୁଣ ଓ ନିର୍ଦ୍ଦୋଷ କରି ଗଢ଼ାଯିବ । ଏହା ଏପରି ଏକ ନିୟମ, ଯାହାକି ମନୁଷ୍ୟର ବାହାରେ

'oaob.nitrkl.ac.in' images reprocessed

ରହିଥିବ; ଏପରିକି ଯେତେବେଳେ ବ୍ୟକ୍ତିର ବୁଦ୍ଧି ନିଜେ ତାହାକୁ ଆବିଷ୍କାର କରିବ ବା ତାହାର ନିରୂପଣ କରିବ, ଏବଂ ତାହାର ଇଚ୍ଛା ହିଁ ତାହାକୁ ଗ୍ରହଣ ବା ଅନୁସରଣ କରିବ, ସେତେବେଳେ ମଧ୍ୟ ସେହି ନିୟମଟି ତାହାର ବାହାରେ ରହିଥିବ । ଏହି ବିଶ୍ବର ହିଁ ବିଧିଯୁକ୍ତତାର ମାର୍ଗଟିକୁ ଶାସନ କରେ ଏବଂ ଜୀବନରେ କୌଣସି ଜିନିଷର ପ୍ରୟୋଗ କରିବା କେବଳ ବ୍ୟବସ୍ଥା, ଶୃଙ୍ଖଳା ଓ ନିର୍ଦ୍ଦୋଷତାର ଏକ ଯାନ୍ତ୍ରିକ ପ୍ରକ୍ରିୟାକୁ ହିଁ ବୁଝାଇଥାଏ ।

ଆତ୍ମଯୁକ୍ତତା ଆପଣାକୁ ଆମ ଭିତରୁ ହିଁ ପ୍ରେରିତ କରିଥାଏ ଏବଂ ଏକ ନିୟନ୍ତ୍ରଣକାରୀ ବିକଶମାନ ଆତ୍ମଚେତନାର ଦୃଷ୍ଟିରେ ହିଁ ତାହା ସବୁକିଛିକୁ ଦେଖିଥାଏ । ଏହି କ୍ଷେତ୍ରରେ ନିୟମଟି ଆମ ଭିତରେ ହିଁ ରହିଥାଏ; ଜୀବନ କହିଲେ ଏକ ଆତ୍ମସୃଜନଶୀଳ ପ୍ରକ୍ରିୟାକୁ ବୁଝାଏ; ଏପରି ଏକ ଅଭିବୃଦ୍ଧି ଏବଂ ବିକାଶକୁ ବୁଝାଏ ଯାହାକି ପ୍ରଥମେ ଅବଚେତନ ଅବସ୍ଥାରେ ରହିଥାଏ, ତା'ପରେ ଅର୍ଦ୍ଧଚେତନ ହୁଏ ଏବଂ ଅବଶେଷରେ ଯାହା ଆମ ଭିତରେ ଏକ ପ୍ରଚ୍ଛନ୍ନ ସମ୍ଭାବନାରୂପେ ଅଧିଷ୍ଠିତ ରହିଛି ଏବଂ ଆମର ଅସଲ ପରିଚୟଟିକୁ ବହନ କରିବାରେ ଲାଗିଛି, ତାହାର ବିଷୟରେ ହିଁ ଅଧିକରୁ ଅଧିକ ପୂର୍ଣ୍ଣସଚେତନ ହେବାରେ ଲାଗିଥାଏ । ଏକ କ୍ରମବର୍ଦ୍ଧମାନ ଆତ୍ମପରିଚୟ, ଆତ୍ମୋପଲବ୍ଧି ଓ ତାହାର ପରିଣାମସ୍ୱରୂପ ଏକ ଆତ୍ମରୂପାୟନକୁ ହିଁ ଆତ୍ମଯୁକ୍ତତା ଯାବତୀୟ ପ୍ରଗତିର ମୂଳ ନୀତି ବୋଲି ବୁଝେ । ସେଠାରେ ବୁଦ୍ଧି ଓ ଇଚ୍ଛା ଆତ୍ମାର ହିଁ ଗୋଟିଏ ଗୋଟିଏ କାର୍ଯ୍ୟସାଧକ ଗତିସ୍ପନ୍ଦନରୂପେ ପରିଗଣିତ ହୁଅନ୍ତି; ବୁଦ୍ଧି ଆତ୍ମପରିଚୟର ମାର୍ଗରେ ଗୋଟିଏ ପ୍ରକ୍ରିୟା ହୋଇ ରହେ, ଇଚ୍ଛା ମଧ୍ୟ ଆତ୍ମପ୍ରତିଷ୍ଠା ଓ ଆତ୍ମରୂପାୟନ ଲାଗି ଗୋଟିଏ ଶକ୍ତି ପରି କାର୍ଯ୍ୟ କରୁଥାଏ । ଏବଂ ବୁଦ୍ଧି ତଥା ବୁଦ୍ଧିଗତ ଇଚ୍ଛା ଆତ୍ମପରିଚୟ ତଥା ଆତ୍ମୋପଲବ୍ଧିର ସାଧନର ଏକ ଅଂଶ ହୋଇ ରହିଥାନ୍ତି । ଆତ୍ମଯୁକ୍ତତା ଆମର ପ୍ରକୃତି ତଥା ସତ୍ତାକୁ ଏକ ବୃହତ୍ ତଥା ସନ୍ତୁଳିତ ଦୃଷ୍ଟିକୋଣଦ୍ୱାରା ଦେଖିବାର ପ୍ରବୃତ୍ତି ରଖିଥାଏ; ଏହା ଜ୍ଞାନର ଅନେକ ଶକ୍ତିକୁ ସ୍ୱୀକାର କରେ, ସଂଘଟନର ବିବିଧ ଶକ୍ତିସ୍ପନ୍ଦନକୁ ମଧ୍ୟ ସ୍ୱୀକାର କରେ । ଏପରିକି କେବଳ ବାହ୍ୟ ଓ ବିଷୟସର୍ବସ୍ୱ ଯୁକ୍ତିଟିଠାରୁ ଏକାବେଳେକେ ଭିନ୍ନ ଏକ ଗତିପଥ ଅନୁସରଣ କରି ଗଲାବେଳେ ଏହାର ପ୍ରଥମ ଗତିସଞ୍ଚାରରେ ମଧ୍ୟ ଆମେ ଏହା ବୁଦ୍ଧିର କାର୍ଯ୍ୟସାଧକତାଟିର ମହତ୍ତ୍ୱକୁ ହ୍ରାସ ଓ ଖର୍ବ କରି ଦେଖାଉଥିବାର ପ୍ରମାଣ ପାଇଥାଉ । ସେତେବେଳେ ତାହା ବୁଦ୍ଧିର ଦାବିଗୁଡ଼ିକୁ ଗୌଣ କରି ରଖି ପ୍ରାଣଗତ ଜୀବନାବେଗ ଅର୍ଥାତ୍ ଅନ୍ତର୍ମର୍ମରେ ଅବସ୍ଥିତ ଜୀବନେଚ୍ଛାର ପ୍ରାଧାନ୍ୟକୁ ହିଁ ଘୋଷଣା କରିବାରେ ଲାଗିଥାଏ; ଅଥବା ଜ୍ଞାନର କୌଣସି ଏକ ଗଭୀରତର ସମର୍ଥତାର ପ୍ରତିପାଦନ କରୁଥାଏ, ଯାହାକୁ ଆମେ ଏବେ ସଂବୋଧି ବା ପ୍ରତିବୋଧ ବୋଲି କହୁଛୁ । ଏହି ପ୍ରତିବୋଧ ବିଷୟଗୁଡ଼ିକୁ ସେଗୁଡ଼ିକର ସମଗ୍ର ପରିଚୟରେ ହିଁ ଦେଖିଥାଏ, ସେଗୁଡ଼ିକର ସତ୍ୟପରିଚୟରେ ଦେଖିଥାଏ ଓ ସେଗୁଡ଼ିକର ଗଭୀରତା

'oaob.nitrkl.ac.in' images reprocessed

ତଥା ସମନ୍ୱିତତା ନେଇ ସେଗୁଡ଼ିକୁ ଦେଖିଥାଏ । ମାତ୍ର ବୁଦ୍ଧି ଉପରେ ହିଁ ନିର୍ଭର କରୁଥିବା ଆମର ବିବେକ କେବଳ ଖଣ୍ଡ ଖଣ୍ଡ କରି ଭାଙ୍ଗିପକାଏ, ମିଛପରିଚୟ ଦିଏ, କେବଳ ଉପରିଭାଗୀୟ ପ୍ରତୀତିଗୁଡ଼ାକୁ ହିଁ ସତ୍ୟ ବୋଲି କହେ ଏବଂ କେବଳ ଏକ ଯାନ୍ତ୍ରିକ ଅନୁକୂଳନ ଦ୍ୱାରା ହିଁ ଏକ ସଂହତି ବା ସମନ୍ୱୟ ଘଟାଇବାକୁ ଉଦ୍ୟମ କରୁଥାଏ । ମାତ୍ର ସାରତଃ ଆମେ ଏକଥାଟି ଅବଶ୍ୟ ଦେଖିପାରିବା ଯେ ଏଠାରେ ଯାହାକୁ ପ୍ରତିବୋଧ ବୋଲି କୁହାଯାଉଛି, ତାହା ଯଥାର୍ଥରେ ଆମର ଆତ୍ମ-ଚେତନାକୁ ହିଁ ବୁଝାଇବ, ଏହାର ମର୍ମସାରଗତ ଭୂମିରେ ଅବସ୍ଥିତ ରହି ଅନୁଭବ ଓ ଅବବୋଧ କରିବାକୁ ବୁଝାଇବ ଏବଂ ଯଥାର୍ଥ ତାତ୍ପର୍ଯ୍ୟଟିକୁ ଆବିଷ୍କାର କରିବାକୁ ବୁଝାଇବ । ଏହା ଆପଣାର ଯାନ୍ତ୍ରିକ ନିୟମ ସାହାଯ୍ୟରେ କଦାପି ଆପଣାର ସ୍ୱକୀୟ ସତ୍ୟ, ପ୍ରକୃତ ଅଥବା ଶକ୍ତିଗୁଡ଼ିକର ବିଶ୍ଳେଷଣ କରିବାକୁ ଯିବ ନାହିଁ । ଆତ୍ମାର କ୍ଷେତ୍ରରେ ଯାଇ ପ୍ରବିଷ୍ଟ ହେବା, ଆତ୍ମପ୍ରବିଷ୍ଟ ଭାବରେ ଜୀବନଟିକୁ କଟାଇବା ସେହି ଆତ୍ମାଦ୍ୱାରା ହିଁ ସବୁକିଛି ଦେଖିବା ଏବଂ ଭିତରେ ତଥା ବାହାରେ ଅଥଚ ସର୍ବଦା ଏକ ଅନ୍ତଃପ୍ରେରିତ ଉଦ୍‌ପ୍ରେରଣାରୁ ଏବଂ ଅନ୍ତଃପ୍ରେରିତ କେନ୍ଦ୍ରରୁ ହିଁ ସତ୍ୟମୟ ଜୀବନ କଟାଇବା—ଏହିଗୁଡ଼ିକୁ ହିଁ ଆଶୟଗତତାର ଯଥାର୍ଥ ଆକୂତି ବୋଲି କୁହାଯିବ ।

ମାତ୍ର ଆତ୍ମାର ଏହି ସତ୍ୟଟି ଯେ ପ୍ରକୃତରେ କଣ, ଏହି ପ୍ରଶ୍ନଟି ତଥାପି ଅସମାହିତ ହୋଇ ରହିଯାଉଛି; ଏହି ସତ୍ୟଟି ପ୍ରକୃତରେ କେଉଁଠି ଅଧିଷ୍ଠାନ କରୁଛି , ସେହି ପ୍ରଶ୍ନଟି ଅସମାହିତ ରହିଯାଉଛି । ଏବଂ ଏହି କ୍ଷେତ୍ରରେ ଜୀବନ ତଥା ଅସ୍ତିତ୍ୱ ସମ୍ବନ୍ଧରେ ବିଷୟଗତ ଦୃଷ୍ଟିକୋଣଟି ପରି ଆଶୟଗତତାକୁ ମଧ୍ୟ ସେହି ଏକ ପ୍ରକାରର ଉପାଦାନଗୁଡ଼ିକୁ ନେଇ ବିଚାର କରିବାକୁ ପଡ଼ିଥାଏ । ଅଥା କହିଲେ ଆମେ ହୁଏତ ବ୍ୟକ୍ତିର ଜୀବନ ଏବଂ ବ୍ୟକ୍ତିର ଚେତନା ଉପରେ ଆପଣାର ଦୃଷ୍ଟି ନିବଦ୍ଧ କରିପାରୁ; ତାହାର ଶକ୍ତି, ତାହାର ସ୍ୱାତନ୍ତ୍ର୍ୟ ତଥା ତାହାର କ୍ରମବର୍ଦ୍ଧମାନ ଆଲୋକ, ତୃପ୍ତି ଓ ଆନନ୍ଦକୁ ଜୀବନର ଉଦ୍ଦେଶ୍ୟରୂପେ ସ୍ୱୀକାର କରିନେଇପାରୁ ଓ ଏହିପରି ଭାବରେ ଏକ ଆତ୍ମୈକପ୍ରଧାନ ବ୍ୟକ୍ତିବାଦରେ ଆସି ଉପନୀତ ହୋଇପାରୁ । ଅଥବା, ଆମେ ଅନ୍ୟ ପକ୍ଷରେ ଗୋଷ୍ଠିଚେତନ ଅର୍ଥାତ୍ ସାମୂହିକ ଆତ୍ମାଟି ଉପରେ ସବୁଠାରୁ ଅଧିକ ଜୋର ଦେଇପାରୁ, ଆମେ ମଣିଷକୁ ତାହାର ସମୂହ ଆତ୍ମାର କେବଳ ଏକ ପ୍ରକାଶମାତ୍ର ବୋଲି କହିପାରୁ । ବ୍ୟକ୍ତିର ସ୍ୱତନ୍ତ୍ର ସତ୍ତାରେ ସେହି ଆତ୍ମା ଯେ କେବଳ ଅପୂର୍ଣ୍ଣ ହେବାକୁ ବାଧ୍ୟ ହେବ ଓ କେବଳ ସେହି ବୃହତ୍ତର ଅଭିଧାଟିର ଅନ୍ତର୍ଗତ ହୋଇ ରହିଲେ ଯାଇ ତାହା ପୂର୍ଣ୍ଣତା ଲାଭ କରିବ, ସେତେବେଳେ ଆମକୁ ସେଭଳି କଳ୍ପନା କରିବାକୁ ପଡ଼ିବ । ସେତେବେଳେ ଆମେ ଜାତି ବା ସମୂହର କ୍ରମବର୍ଦ୍ଧମାନ ଶକ୍ତିମତ୍ତା, ଦକ୍ଷତା, ଜ୍ଞାନ, ସୁଖ ଓ ଆତ୍ମପରିପୂରଣ

'oaob.nitrkl.ac.in' images reprocessed

ସମକ୍ଷରେ ବ୍ୟକ୍ତିର ଜୀବନକୁ ଗୌଣ ବୋଲି ବିଗ୍ରହ କରିବାକୁ ଇଚ୍ଛା କରିବା; ଅଥବା ହୁଏତ ତାକୁ ଏକାବେଳେକେ ସମୂହ ମଧ୍ୟରେ ବିସର୍ଜନ ଦେବାକୁ ବସିବା ଏବଂ କେବଳ ଗୋଷ୍ଠୀ ବା ଜାତିର ଜୀବନ ତଥା ଅଭିବୃଦ୍ଧିର ଏକ ଅନୁପୂରକ ହୋଇ ରହିବା ବ୍ୟତୀତ ବ୍ୟକ୍ତିର ଆଉ ଆଦୌ କୌଣସି ମହତ୍ତ୍ୱ ନାହିଁ ବୋଲି କହିବା । ଆହୁରି ଟିକିଏ ଆଗକୁ ଯାଇ ଆମେ ସେତେବେଳେ ବ୍ୟକ୍ତି ଉପରେ ଏକ କର୍ତ୍ତବ୍ୟପ୍ରଣୋଦିତ ଅତ୍ୟାଗ୍ରହ ବି ଆରମ୍ଭ କରିଦେବା ଏବଂ ବୁଦ୍ଧିଗତ ତଥା ବ୍ୟାବହାରିକ କ୍ଷେତ୍ରରେ ତାକୁ ଶିକ୍ଷା ଦେବାକୁ ଆରମ୍ଭ କରିବା ଯେ କେବଳ ସମୂହଟି ସହିତ ଗୁନ୍ଥାହୋଇ ରହିବା ବ୍ୟତୀତ ବଞ୍ଚିବା ଲାଗି ତା'ର ଆଦୌ କୌଣସି ଅଧିକାର ନାହିଁ ଏବଂ ଆପଣାକୁ ପରିପୂର୍ଣ୍ଣ କରିବାଲାଗି ମଧ୍ୟ କୌଣସି ଅଧିକାର ନାହିଁ । ତେଣୁ ସମୂହ ସହିତ ରହିଥିବା ତା'ର ସମ୍ବନ୍ଧଗୁଡ଼ିକ ହିଁ ବ୍ୟକ୍ତିକୁ ତାହାର ବିଗ୍ରହ ତଥା କର୍ତ୍ତବ୍ୟ ନିର୍ଣ୍ଣୟ କରିଦେବେ ଓ ତା'ର ଜୀବନର ନିର୍ଣ୍ଣୟ କରିଦେବେ । ଏବଂ ସେତେବେଳେ ଆପଣା ସତ୍ତ୍ୱର ତଥା ପ୍ରକୃତିର ଏକ ବିଧାନ ଲାଗି, ଯାହାକୁ ପୂର୍ଣ୍ଣ କରିବାପାଇଁ ତା'ର ଅଧିକାର ରହିଛି, ବ୍ୟକ୍ତି ଯଦି କୌଣସି ଦାବୀ କରି ବସିବ, ତେବେ ତାହାକୁ କେବଳ ତାର ଏକ ଔଦ୍ଧତ୍ୟ ବୋଲି ହିଁ କୁହାଯିବ, ଏକ ଅସମ୍ଭବ କଳ୍ପନା ବୋଲି କୁହାଯିବ; ଯଦି ସେ ଆପଣାଲାଗି ବିଗ୍ରହର ତଥା କର୍ମର ସ୍ୱାତନ୍ତ୍ର୍ୟ ଦାବି କରିବାକୁ ଯିବ ଓ ସେଥିସହିତ ଅତ୍ୟନ୍ତ ସମୀଚୀନ ଭାବରେ ଭୁଲ କରିବାର, ଝୁଣ୍ଟି ପଡ଼ିବାର କିମ୍ବା ଅପରାଧ ଆଚରଣ କରିବାର ସ୍ୱାଧୀନତାଟି ମଧ୍ୟ ଜଡ଼ିତ ହୋଇ ରହିଥିବ, ତେବେ ତାହାକୁ ତା'ର ଔଦ୍ଧତ୍ୟ ବୋଲି ଏବଂ ଏକ ଉଦ୍‌ଭଟ କଳ୍ପନା ବୋଲି କୁହାଯିବ । ସେତେବେଳେ ବ୍ୟକ୍ତିଜୀବନ ଉପରେ ଆସି ପଦେ ପଦେ ଆକ୍ରମଣ କରିବାଲାଗି ସମଷ୍ଟିଗତ ଆତ୍ମଚେତନାର ପରିପୂର୍ଣ୍ଣ ଅଧିକାର ରହିବ, ଯାବତୀୟ ପ୍ରକାରେ ଆପଣା ଉପରେ ଅଭିନିବିଷ୍ଟ ହୋଇ ରହିବାକୁ ଓ ଆପଣାକୁ ଅନ୍ୟମାନଙ୍କଠାରୁ ଅଲଗା କରି ରଖିବାରୁ ବଞ୍ଚିତ କରି ରଖିବାକୁ ମଧ୍ୟ ପୂର୍ଣ୍ଣ ଅଧିକାର ରହିବ । ସେତେବେଳେ ବ୍ୟକ୍ତିର ଆଉ କୌଣସି ସ୍ୱାଧୀନତା ନ ଥିବ, କିମ୍ବା ଆପଣାକୁ ଆପେ ପରିଚାଳନା କରିବାର ମଧ୍ୟ ଅଧିକାର ନ ଥିବ । ସେତେବେଳେ ସମୂହଗତ ଚେତନା ସମୂହର ଆତ୍ମପରିତୃପ୍ତି ଲାଗି ଯାହାକୁ ସର୍ବୋତ୍କୃଷ୍ଟ ବିଗ୍ରହ ଓ ସର୍ବୋଚ୍ଚ ଇଚ୍ଛା ବୋଲି ଧରିନେବ, ଯାହାକିଛିକୁ ସେ ପ୍ରକୃତରେ ପ୍ରଧାନ ଅନୁଭୂତି, ପ୍ରଧାନ ପ୍ରବୃତ୍ତି ଓ ପ୍ରଧାନ ଆବଶ୍ୟକତା ବୋଲି ମନେ କରୁଥିବ, ତାହାଦ୍ୱାରା ହିଁ ସେ ବ୍ୟକ୍ତିଲାଗି ଯାବତୀୟ ବିଷୟର ନିର୍ଦ୍ଧାରଣ କରିଦେଉଥିବ ।

ମାତ୍ର ଆମେ ଆମ୍ଭର ଏହି ଧାରଣାଟିକୁ ଏକ ବୃହତ୍ତର ଆୟତନ ଦେଇ ମଧ୍ୟ ଅବଶ୍ୟ ଦେଖିପାରିବା ଏବଂ ବିଷୟନିଷ୍ଠ ବିଜ୍ଞାନ ଯେପରି ପ୍ରକୃତି ମଧ୍ୟରେ କାର୍ଯ୍ୟ କରୁଥିବା ଏକ ବିଶ୍ୱଜନୀନ ଶକ୍ତିକୁ ହିଁ ଏକମାତ୍ର ସତ୍ୟରୂପେ ଦେଖିଥାଏ ଏବଂ ବିଶ୍ୱର ଯାବତୀୟ ବ୍ୟାପାରକୁ ଯେପରି କେବଳ ସେହି ଶକ୍ତିର ପ୍ରକ୍ରିୟା ବୋଲି କହିଥାଏ,

'oaob.nitrkl.ac.in' images reprocessed

ଠିକ୍ ସେହିପରି ଆତ୍ମଗତ ମାର୍ଗରେ ଅଗ୍ରସର ହୋଇ ଆମେ ହୁଏତ ଏପରି ଏକ ବସ୍ତୁଗତ ପରମ ସତ୍ତା ବା ପରମ ଅସ୍ତିତ୍ୱର ଉପଲବ୍ଧି କରିପାରିବା, ଯାହାକି ଏହି ବିଶ୍ୱରେ ଆପଣାକୁ ପରିପୂର୍ଣ୍ଣ କରିବାରେ ଲାଗିଛି ତଥା ଆପଣା ଆତ୍ମରୂପାୟନର ସମାନ ମୂଲ୍ୟ ଓ ମହତ୍ତ୍ୱବିଶିଷ୍ଟ ଗୋଟିଏ ଗୋଟିଏ ସାମର୍ଥ୍ୟ ହିସାବରେ ସବୁରିପ୍ରତି ଏକ ନିରପେକ୍ଷ ଦୃଷ୍ଟି ରଖି ତାହା ବ୍ୟକ୍ତି ତଥା ସମଷ୍ଟି ଭିତରେ ମଧ୍ୟ ଆପଣାକୁ ପରିପୂର୍ଣ୍ଣ କରିବାରେ ଲାଗିଛି । ସ୍ପଷ୍ଟତଃ ଏହି ଆତ୍ମଜ୍ଞାନଟି ହିଁ ଏକ ଯଥାର୍ଥ ଆତ୍ମଜ୍ଞାନ ହୋଇଥିବା ପରି ବୋଧ ହେଉଛି, କାରଣ ଏହା ସବୁଠାରୁ ଅଧିକ ସର୍ବାନୁପ୍ରବିଷ୍ଟ ଭାବରେ ବିଶ୍ୱ-ପ୍ରକ୍ରିୟାର ଭିନ୍ନ ଭିନ୍ନ ଦିଗଗୁଡ଼ିକୁ ସ୍ପର୍ଶ କରିପାରୁଛି ଓ ତାହାର ମୂଳ ଉତ୍ପତ୍ତି-କାରଣଟିକୁ ମଧ୍ୟ ବୁଝାଇଦେଉଛି, ମନୁଷ୍ୟସମାଜର ଚିରନ୍ତନ ପ୍ରବୃତ୍ତିଗୁଡ଼ିକ ଲାଗି ମଧ୍ୟ ଆମେ ଏଥିରୁ ଏକ ବ୍ୟାଖ୍ୟା ପାଇପାରୁଛୁ । ଏହି ଦୃଷ୍ଟିକୋଣ ଅନୁସାରେ ଆମେ ବ୍ୟକ୍ତିର ଏକ ସ୍ୱତନ୍ତ୍ର ଅଭିବୃଦ୍ଧି କିମ୍ବା ସମଷ୍ଟିର ଅଭିବୃଦ୍ଧିଗତ ସାର୍ବଭୌମତା, ଏଥିମଧ୍ୟରୁ କୌଣସିଟିକୁ ଆଦର୍ଶ ବୋଲି ସ୍ୱୀକାର କରିନେଇପାରିବା ନାହିଁ; କେବଳ ଦୁଇଟିଯାକ ସମାନ, ସମକାଳୀନ ଏବଂ ଯଥାସମ୍ଭବ ସମାନ୍ତର ଭାବରେ ବିକଶିତ ହେବାରେ ଲାଗିଛନ୍ତି ବୋଲି କହିପାରିବା ଏବଂ ଏହି ବିକାଶକ୍ରମରେ ଦୁହେଁ ଦୁହିଁଙ୍କର ପରିପୂର୍ଣ୍ଣତା ଲାଭରେ ସହାୟକ ଭାବରେ କାର୍ଯ୍ୟ କରୁଛନ୍ତି ବୋଲି କହିବା । ପ୍ରତ୍ୟେକ ସତ୍ତାର ତା'ର ସ୍ୱତନ୍ତ୍ର ଆତ୍ମୋପଲବ୍ଧିର ସ୍ୱକୀୟ ସତ୍ୟଟି ସବୁବେଳେ ରହିଛି, ଏବଂ ଅନ୍ୟମାନଙ୍କର ଜୀବନ ମଧ୍ୟଦେଇ ମଧ୍ୟ ତା'ର ଉପଲବ୍ଧିର ସତ୍ୟଟି ଠିକ୍ ସେହିପରି ବଳବତ୍ତର ରହିଛି; ତେଣୁ ବ୍ୟକ୍ତିର ଜୀବନକ୍ଷେତ୍ରଟି ଯେତିକି ଯେତିକି ଅଧିକ ପ୍ରଶସ୍ତ ଓ ସାମର୍ଥ୍ୟସମ୍ପନ୍ନ ହେବାରେ ଲାଗିଥିବ, ଅନ୍ୟ ସକଳ ବ୍ୟକ୍ତି-ସତ୍ତା ଏବଂ ସେହି ଏକ ପରମ ବସ୍ତୁଗତ ସତ୍ତାଙ୍କର ଯାବତୀୟ ସାମୂହିକ ସତ୍ତାରୂପ-ଗୁଡ଼ିକର ସମନ୍ୱିତ ତଥା ସ୍ୱାଭାବିକ ଅଭିବୃଦ୍ଧିଟିକୁ ମଧ୍ୟ ସେ ସେତିକି ସେତିକି ଅଧିକ ନିବିଡ଼ ଓ ଅନ୍ତରଙ୍ଗ ଭାବରେ ଅନୁଭବ କରିବାକୁ ସମର୍ଥ ହେଉଥିବ; ତାହାର କାମନା କରିପାରୁଥିବ, ସେଥିରେ ସହାୟକ ହେଉଥିବ ଏବଂ ସକ୍ରିୟ ଭାବରେ ଅଂଶ ଗ୍ରହଣ ବି କରିପାରୁଥିବ । ଉଚିତ ଲୋଚନଦ୍ୱାରା ଦେଖିଲେ ଏ ଦୁଇଟି ମଧ୍ୟ ଆମକୁ ଆଦୌ ପରସ୍ପରଠାରୁ ଭିନ୍ନ ବୋଲି ଦେଖାଯିବେ ନାହିଁ, ବିପରୀତ ବୋଲି ଲାଗିବେ ନାହିଁ କିମ୍ବା ପରସ୍ପରସଂଘାତୀ ପ୍ରବୃତ୍ତିର ଗୋଟିଏ ଗୋଟିଏ ମାର୍ଗ ବୋଲି ଆଦୌ ମନେହେବେ ନାହିଁ; ସେମାନେ ଏକ ଅଭିନ୍ନ ସମଗ୍ରାସ୍ତିତ୍ୱର ଆବେଗରୂପେ ଅନୁଭୂତ ହେବେ, କେବଳ ଅଧିକରୁ ଅଧିକ ସମୃଦ୍ଧ ତଥା ପ୍ରଶସ୍ତ ଏକ ଏକତା ଓ ପାରସ୍ପରିକ ପରିଣାମବଦ୍ଧତାର ରୂପ ଗ୍ରହଣ କରି ବାରବାର ଲେଉଟିଆସିବା ଉଦ୍ଦେଶ୍ୟରେ ହିଁ ପରସ୍ପରଠାରୁ ଅଲଗା ହୋଇଯାଉଥିବା ପରସ୍ପରର ସହଚର ଦୁଇଟି ଗତିସ୍ପନ୍ଦନ-ରୂପେ ପ୍ରତିଭାତ ହେବାକୁ ଲାଗିବେ ।

'oaob.nitrkl.ac.in' images reprocessed

ଠିକ୍ ସେହିପରି ଭାବରେ ଆତ୍ମା ଉଦ୍ଦେଶ୍ୟରେ ଏହି ଆତ୍ମ୍ୟଗତ ଅନ୍ୱେଷଣଟି ବିଷୟଗତ ଅନ୍ୱେଷଣ ପରି ଅତ୍ୟନ୍ତ ପ୍ରାଧାନ୍ୟର ସହିତ ଏହି ଚେତନାମୟ ଭୌତିକ ଜୀବନଟି ସଙ୍ଗରେ ତାଦାତ୍ମ୍ୟକତା ଅର୍ଜନ କରିବାକୁ ମଧ୍ୟ ହୁଏତ ଉତ୍ସୁକ ହୋଇ ରହିବ । କାରଣ ଶରୀର କହିଲେ ଏହି ଇହଭୂମିରେ କେବଳ ସେହି ମାନସିକ ତଥା ପ୍ରାଣଗତ ଗତିସ୍ପନ୍ଦନ ଓ ସାମର୍ଥ୍ୟର ହିଁ ଏକ ରୂପାୟନ ବା ବ୍ୟାକୃତ ବ୍ୟତୀତ ପ୍ରକୃତରେ ଆଉ କିଛି ନୁହେଁ, ଅଥବା ତାହା ପ୍ରକୃତରେ ଆଉ କିଛି ନୁହେଁ ବୋଲି ପ୍ରତୀତ ହୋଇଥାଏ । କିମ୍ବା, ତାହା ହୁଏତ ପ୍ରାଣମୟ ସତ୍ତା ସହିତ ଅର୍ଥାତ୍ ଆମଭିତରେ ଥିବା ପ୍ରାଣ-ଆତ୍ମାଟି ସହିତ ଆପଣାକୁ ତାଦାତ୍ମ୍ୟକ କରି ରଖିପାରେ ; ଏହାର ସଂବେଗ, ବାସନା, ଆବେଗ ଏବଂ ଶକ୍ତି, ବୃଦ୍ଧି ତଥା ଅହଂଗତ ପରିପୂର୍ଣ୍ଣତା ଲାଗି ଏହାର ଅନ୍ୱେଷଣ ସହିତ ମଧ୍ୟ ଯାଇ ତାଦାତ୍ମ୍ୟକତା ଅର୍ଜନ କରିପାରେ । ଅଥବା, ଆଉ ଟିକିଏ ଉପରକୁ ଯାଇ ତାହା ମନୁଷ୍ୟକୁ ଏକ ମନୋମୟ ଓ ନୈତିକ ସତ୍ତାରୂପେ କଳ୍ପନା କରିପାରେ, ମନୁଷ୍ୟର ବ୍ୟକ୍ତିଗତ ତଥା ସାମୂହିକ ସକଳ ଅନ୍ତର୍ଗତ ଅଭିବୃଦ୍ଧି, ଶକ୍ତି ଓ ପରିପୂର୍ଣ୍ଣତାକୁ ହିଁ ସର୍ବପ୍ରଥମ ଓ ସର୍ବପ୍ରଧାନ ମହତ୍ତ୍ୱ ଦେଇ ଦେଖିପାରେ ଏବଂ ତାହାକୁ ହିଁ ଆମ ସମକ୍ଷରେ ଆମ ଜୀବନର ଯଥାର୍ଥ ଲକ୍ଷ୍ୟରୂପେ ଉପସ୍ଥାପିତ କରି ରଖିପାରେ । ଏହି କ୍ଷେତ୍ରରେ ଗୋଟିଏ ପ୍ରକାର ପ୍ରୟୋଜନବାଦୀ ତଥା ବହିର୍ମୁଖୀ ଆତ୍ମ୍ୟପ୍ରଧାନ ଭୌତିକବାଦକୁ ମଧ୍ୟ ଏକ ସମ୍ଭାବ୍ୟ ଦୃଷ୍ଟିକୋଣ ରୂପେ ଠିଆ କରାଯାଇପାରେ; ମାତ୍ର ଏଥିରେ ନିହିତ ଥିବା ଆତ୍ମ୍ୟପ୍ରଧାନ ପ୍ରବୃତ୍ତିଟି କଦାପି ଅଧିକ କାଳ ସ୍ଥାୟୀ ହୋଇ ରହି ପାରିବନାହିଁ । କାରଣ ସର୍ବଦା ଅନ୍ତର୍ମୁଖୀ ହୋଇ ଅନ୍ତର ଭିତରେ ପ୍ରବେଶ କରିବା ହେଉଛି ଏହି ଆତ୍ମ୍ୟପ୍ରଧାନତାର ସ୍ୱାଭାବିକ ପ୍ରବୃତ୍ତି, ଏବଂ କେବଳ ଅନ୍ତରସ୍ଥ ସେହି ପୂର୍ଣ୍ଣତର ଚେତନ ଜୀବନ ମଧ୍ୟରେ ପ୍ରବିଷ୍ଟ ହୋଇ ରହିଥିବା ସମୟରେ ହିଁ ତାହା ଆପଣାକୁ ଯଥାର୍ଥ ଭାବରେ ଅନୁଭବ କରିଥାଏ; ଆତ୍ମ ପରିତୃପ୍ତି ଲାଭ କରିବାକୁ ଆରମ୍ଭ କରେ । ପରିପୂର୍ଣ୍ଣତା ଲାଗି ଆକାଂକ୍ଷିତ ହୋଇ ରହିଥିବା ଆପଣାର ସକଳ ଶକ୍ତି, ଆନନ୍ଦ ଓ ଅନ୍ତଃସମ୍ଭାବନାକୁ ଅନୁଭବ କରିପାରିଲେ ଯାଇ ସେ ଆପଣାକୁ ନେଇ ଯଥାର୍ଥ ସନ୍ତୋଷ ପାଏ । ଏହି ସୋପାନଟିକୁ ଆସି ମନୁଷ୍ୟ ଆପଣାକୁ ଏପରି ଏକ ଗଭୀର ଏବଂ ପ୍ରାଣଶକ୍ତିମୟ ଜୀବନେଚ୍ଛା ରୂପେ ଅନୁଭବ କରେ, ଯାହା କି ଶରୀରକୁ ଆପଣାର ଏକ ସାଧନ ପରି ବ୍ୟବହାର କରୁଥାଏ ଏବଂ ମନୋଗତ ଯାବତୀୟ ଶକ୍ତି ତଥା ସାମର୍ଥ୍ୟ ଯାହାର ଆଜ୍ଞାକାରୀ ଓ ଅଧୀନସ୍ଥ ଶାସକ ହୋଇ ରହିଥାନ୍ତି । ପ୍ରାଣପ୍ରଧାନତାର ଏହି ରୂପଟି ହିଁ ଆମର ଏହି ଯୁଗରେ ଉଲ୍ଲେଖଯୋଗ୍ୟ ବିବିଧ ପ୍ରକାରେ ମନୁଷ୍ୟର ଭାବନା କ୍ଷେତ୍ରରେ ଏତେ ବଡ଼ ଏକ ଭୂମିକା ଗ୍ରହଣ କରିଛି ଓ ତାହା ଉପରେ ବର୍ତ୍ତମାନ ମଧ୍ୟ ଏତେ ବେଶୀ ପ୍ରଭାବ ପକାଇପାରୁଛି । ଏଟିକୁ ଅତିକ୍ରମ କରିଗଲା ପରେ ଆମେ ଏକ ଆତ୍ମ୍ୟନିଷ୍ଠ ଆଦର୍ଶବାଦରେ ଆସି ଉପନୀତ ହୋଇଥାଉ, ଯାହା କି ବର୍ତ୍ତମାନ ଆବିର୍ଭୂତ ହେବାକୁ ଆରମ୍ଭ କରୁଛି ଏବଂ କ୍ରମଶଃ ପ୍ରାଧାନ୍ୟ ଲାଭ କରିବାରେ ଲାଗିଛି ।

'oaob.nitrkl.ac.in' images reprocessed

ଏହି ଆଦର୍ଶବାଦ ମନୁଷ୍ୟର ଧର୍ମଗତ, ସୌନ୍ଦର୍ଯ୍ୟବୋଧଗତ, ସଂବୋଧଗତ କ୍ଷେତ୍ରରେ ତାହାର ସଙ୍କୋଚ ବୃଦ୍ଧି ଏବଂ ନୈତିକତାର କ୍ଷେତ୍ରରେ ଓ ସହାନୁଭୂତି ତଥା ସଂବେଗର କ୍ଷେତ୍ରରେ ତା'ର ଅନ୍ତରତମ ସ୍ୱଭାବଟିର ପରିତର୍ପଣରେ ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ ଚରିତାର୍ଥତାଟିର ଅନ୍ୱେଷଣ କରିବାକୁ ଯାଇଥାଏ; ତାହା ଏହାକୁ ହିଁ ଆମ ସତ୍ତାର ପରିପୂର୍ଣ୍ଣତା ଏବଂ ସମଗ୍ର ଲକ୍ଷ୍ୟ ବୋଲି ସ୍ୱୀକାର କରେ ଏବଂ ଜୀବନର ଭୌତିକ ଏବଂ ପ୍ରାଣଗତ ଆୟତନଟିକୁ ଏହାର ଅଧୀନ କରି ରଖିବାର ଉଦ୍ୟମ କରୁଥାଏ। ଅଧିକାଂଶ କ୍ଷେତ୍ରରେ ଏଗୁଡ଼ିକୁ ନାନାରୂପରେ ଆପଣାକୁ ପ୍ରବାହିତ କରି ରଖିଥିବା ଆତ୍ମପ୍ରଧାନ ଜୀବନଟିର ହିଁ ଏକ ସମ୍ଭାବ୍ୟ ପ୍ରତୀକ ଓ ସାଧନରୂପେ ସ୍ୱୀକାର କରାଯାଇଥାଏ ଏବଂ ସେଗୁଡ଼ିକର ନିଜସ୍ୱ କୌଣସି ମୂଲ୍ୟ ପ୍ରକୃତରେ ରହିଛି ବୋଲି ଆଦୌ ମନେ କରାଯାଏ ନାହିଁ। ଏହି ନୂତନ ପ୍ରବୃତ୍ତିଟିରେ ତତ୍ତ୍ୱଦୃଷ୍ଟି ଓ ତତ୍ତ୍ୱୋପଲବ୍ଧି ଆଡ଼କୁ ଏକପ୍ରକାର ଉତ୍ସୁକତା ରହିଥାଏ, ରହସ୍ୟବାଦ ଓ ଗୁପ୍ତବିଦ୍ୟା ଆଡ଼କୁ ଟିକିଏ ଝୁଙ୍କ ରହିଥାଏ ଏବଂ ପ୍ରାଣ ଓ ଶରୀରଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଏକ ଆତ୍ମାର ଅନୁସନ୍ଧାନ ଆଡ଼କୁ କିଛି ବ୍ୟଗ୍ରତା ମଧ୍ୟ ଥାଏ; ସେହିଗୁଡ଼ିକ ହିଁ ତା'ର ଯଥାର୍ଥ ପ୍ରବୃତ୍ତି ଓ ସ୍ୱଭାବ ବୋଲି ଜୋର ଦେଇ କୁହାଯାଉଥାଏ। ବ୍ୟକ୍ତିବାଦ ତଥା ବସ୍ତୁପ୍ରଧାନ ବୁଦ୍ଧିବାଦର ରାଜତ୍ୱଟିକୁ ଅଙ୍ଗେ ନିଭାଇବା ପରେ ଆଧୁନିକ ଜୀବନ ଲାଗି ଏହା ହୁଏତ ଏକାବେଳକେ ଅଭିନବ ପରି ମନେହୁଏ।

ମାତ୍ର ଆତ୍ମପ୍ରଧାନ ଦୃଷ୍ଟି ଇଚ୍ଛା କଲେ ଏଠାରେ ମଧ୍ୟ ଏହି ସୀମାଗୁଡ଼ିକୁ ଡେଇଁ ଆହୁରି ଆଗକୁ ଯାଇପାରିବ ଏବଂ ଯଥାର୍ଥ ଆତ୍ମା ଯେ ମନଠାରୁ ଅନେକ ବୃହତ୍ତର, ସେହି ସତ୍ୟଟିର ଆବିଷ୍କାର କରିପାରିବ। ସେତେବେଳେ ମନ, ପ୍ରାଣ ଓ ଶରୀର ଏହି ଜଗତରେ ଆତ୍ମାର ଉତ୍ତରୋତ୍ତର ଅଭିବ୍ୟକ୍ତି ଲାଗି କେବଳ ଗୋଟିଏ ଗୋଟିଏ ସାଧନ ହୋଇ ରହିବେ; ସୋପାନଗତ ଦୃଷ୍ଟିରୁ ବିବେଚନା କଲାବେଳେ ଏହି ସାଧନଗୁଡ଼ିକ ପରସ୍ପରର ସମାନ ହେବେ ନାହିଁ, କେବଳ ସମଗ୍ରଟି ଲାଗି ସେମାନଙ୍କର ପ୍ରୟୋଜନୀୟତାର କ୍ଷେତ୍ରରେ ହିଁ ସମାନ ହୋଇ ରହିବେ, ଯେପରିକି ଆମର ଆତ୍ମଅଭିବ୍ୟକ୍ତିର ଗୋଟିଏ ଗୋଟିଏ ଉପାଦାନରୂପେ ସେମାନଙ୍କର ସକଳାଙ୍ଗ ପୂର୍ଣ୍ଣ ପରିଣତି, ସକଳାଙ୍ଗ ସମନ୍ୱୟ ତଥା ଏକତା ଆମ ଜୀବନଧାରଣର ଯଥାର୍ଥ ଉଦ୍ଦେଶ୍ୟଟି ଲାଗି ଅପରିହାର୍ଯ୍ୟ ହୋଇ ରହିପାରିବ। ମାତ୍ର ତଥାପି କେବଳ ପ୍ରାଣ, ଦେହ ଓ ମନର ଆୟତନଗୁଡ଼ିକୁ ପରିପୂର୍ଣ୍ଣତାର ଚରମ ସୋପାନରେ ନେଇ ପହଞ୍ଚାଇଦେବା ହିଁ ଆମ ଜୀବନର କେବେହେଁ ଯଥାର୍ଥ ଉଦ୍ଦେଶ୍ୟ ହେବ ନାହିଁ; ବରଂ ଉଦ୍ଦେଶ୍ୟ ହେବ ଆମର ଅନ୍ତର୍ଗତ ତଥା ବାହ୍ୟ ଜୀବନ କ୍ଷେତ୍ରରେ ସେହି ଜ୍ୟୋତିର୍ମୟ ପରମ ଆତ୍ମା, ସେହି ପ୍ରଚ୍ଛନ୍ନ ପରମ ଦେବତ୍ୱଟିକୁ ଉଦ୍‌ଘାଟିତ ଓ ଉନ୍ମୋଚିତ କରିଦେବାରେ ସେଗୁଡ଼ିକ ଯେପରି ଏକ ଯୋଗ୍ୟ ଭୂମି ଓ ଯୋଗ୍ୟ ସାଧନରୂପେ କାର୍ଯ୍ୟ କରିପାରିବେ, ସେଥିଲାଗି ସେଗୁଡ଼ିକୁ ଅନୁରୂପ

'oaob.nitrkl.ac.in' images reprocessed

ସ୍ୱଭାବରେ ବିକଶିତ କରିଦେବ । ସେହି ପ୍ରଚ୍ଛନ୍ନ ଦେବତ୍ୱଟି ଆମ ସମସ୍ତଙ୍କ ମଧ୍ୟରେ ନାନା ବିଚିତ୍ର ଭାବରେ ପ୍ରକଟ ହୋଇଥିଲେ ହେଁ ଅଭିନ୍ନ ହୋଇ ରହିଛି; ପ୍ରତ୍ୟେକ ସତ୍ତା, ପ୍ରତ୍ୟେକ ଅସ୍ତିତ୍ୱ, ବସ୍ତୁ ତଥା ପ୍ରାଣୀ ମଧ୍ୟରେ ବହୁଧା ପ୍ରକାଶିତ ହୋଇ ରହିଥିଲେହେଁ ଅଭିନ୍ନ ହୋଇ ରହିଛି । ବ୍ୟକ୍ତିଗତ ତଥା ସାମାଜିକ ଉଭୟ କ୍ଷେତ୍ରରେ ମନୁଷ୍ୟର ଜୀବନ କ୍ରମଶଃ ସେହି ବିଶ୍ୱାତୀତ ତଥା ବିଶ୍ୱଗତ ପରମ ଆତ୍ମାର ଆନନ୍ଦ, ସାମର୍ଥ୍ୟ, ପ୍ରେମ, ଆଲୋକ ଏବଂ ସୌନ୍ଦର୍ଯ୍ୟର ଏକ ଚେତନାମୟ ପ୍ରସ୍ଫୁଟନରେ ରୂପାନ୍ତରିତ ହେବାରେ ଲାଗିଥିବ ଏବଂ ତାହା ହିଁ ମନୁଷ୍ୟ ଜୀବନର ଆଦର୍ଶ ହୋଇ ରହିବ ।

'oaob.nitrkl.ac.in' images reprocessed

## ସପ୍ତମ ପରିଚ୍ଛେଦ

# ସାମାଜିକ ବିକାଶର ଆଦର୍ଶ ବିଧାନ

ଆଧୁନିକ ବିଜ୍ଞାନ କେବଳ ଯେତିକି କରିପାରୁଛି, ମନୁଷ୍ୟ ତାର ବିଗତ ଭୌତିକ ତଥା ପ୍ରାଣଗତ ବିବର୍ତ୍ତନରେ କିପରି ଅବସ୍ଥା ମଧ୍ୟଦେଇ ଗତି କରିଛି, ଖାଲି ସେତିକି ସତ୍ୟର ଆବିଷ୍କାର ନ କରି ଭବିଷ୍ୟତରେ ମନୁଷ୍ୟର ମନଃସ୍ତାତ୍ତ୍ୱିକ ତଥା ଆଧ୍ୟାତ୍ମିକ ନିସ୍ପତ୍ତିଟି ପ୍ରକୃତରେ କିପରି ହେବାକୁ ଯାଉଛି ଏବଂ ପ୍ରକୃତିର ବିବର୍ତ୍ତନ ଚକ୍ରଟିରେ ମନୁଷ୍ୟ ଲାଗି ପ୍ରକୃତରେ କିଭଳି ଏକ ସ୍ଥାନ ନିର୍ଦ୍ଦିଷ୍ଟ ହୋଇ ରହିଛି, ତାହାର ସତ୍ୟଟିକୁ ଉଦ୍‌ଘାଟନ କରିପାରିଲେ ଯାଇ ଆମେ ଆମ ବିକାଶର ଯଥାର୍ଥ ବିଧାନ ତଥା ଆମ ସାମାଜିକ ଅସ୍ତିତ୍ୱର ସମଗ୍ର ଉଦ୍ଦେଶ୍ୟଟି ସମ୍ବନ୍ଧରେ ଏକ ସ୍ପଷ୍ଟ ଧାରଣା ଲାଭ କରିପାରିବା । ଠିକ୍ ଏହି କାରଣରୁ ହିଁ ମନୁଷ୍ୟ ବିକାଶର ଆତ୍ମସ୍ୱପ୍ରଧାନ ପର୍ଯ୍ୟାୟଗୁଡ଼ିକ ସର୍ବଦା ଅପରିମିତଭାବରେ ସବୁଠାରୁ ଅଧିକ ଫଳଦାୟକ ଏବଂ ସୃଜନସମର୍ଥ ହୋଇଥାଏ । ଅନ୍ୟ ପର୍ଯ୍ୟାୟଗୁଡ଼ିକରେ ସେ ପ୍ରକୃତି ତାହାର ଭିତରେ ଅଭିବ୍ୟକ୍ତ କରିଦେବାଲାଗି ଚେଷ୍ଟା କରୁଥିବା ଅନ୍ତର୍ଗତ ସତ୍ୟଟିର କୌଣସି ଏକ ବିଭାବ, ପ୍ରତିରୂପ ବା ସ୍ୱୀତିକୁ ହିଁ ଅବଲମ୍ବନ କରି ଧରିଥାଏ । ଅଥବା ସେ କେବଳ ଏକ ଯାନ୍ତ୍ରିକତାମୟ ଆବେଗ ପଛରେ ଧାବିତ ହେଉଥାଏ କିମ୍ବା ପ୍ରକୃତିର କୌଣସି ବାହ୍ୟରଙ୍ଗ ପ୍ରଭାବର ଛାଞ୍ଚରେ ଆପଣାକୁ ଗଢ଼ିବାର ଚେଷ୍ଟା କରୁଥାଏ । ମାତ୍ର ଅନ୍ତର୍ମୁଖୀ ହୋଇ ଆତ୍ମସ୍ୱପ୍ରଧାନ ମାର୍ଗଟିକୁ ଫେରିଆସିଲେ ସେ ଯଥାର୍ଥରେ ଆପଣା ପାଖକୁ ହିଁ ଫେରିଆସେ, ଆପଣାର ଯଥାର୍ଥ ଜୀବନମୂଳ ତଥା ତାହାର ଅନନ୍ତ ସମ୍ଭାବନା ପାଖକୁ ଫେରିଆସେ ଏବଂ ତାହାର ସମ୍ମୁଖରେ ଏକ ନୂତନ ଓ ପରିପୂର୍ଣ୍ଣ ଆତ୍ମସୃଜନର ଶକ୍ତିମୟ ସମ୍ଭାବନାଟି କ୍ରମେ ଉନ୍ମୋଚିତ ହୋଇଯିବାକୁ ଆରମ୍ଭ କରେ । ସେତିକିବେଳେ ସେ ପ୍ରକୃତି ମଧ୍ୟରେ ଆପଣାର ଯଥାର୍ଥ ସ୍ଥାନଟିକୁ ଆବିଷ୍କାର କରିନିଏ ଏବଂ ଆପଣା ନିଯ୍ୟତିର ସୁଦୂରପ୍ରସାରୀ ମହାନତା ଆଡ଼କୁ ଆଖି ଫିଟାଇ ଅନାଇବାକୁ ଆରମ୍ଭ କରେ ।

ଆମର ଅସ୍ତିତ୍ୱ ଏକ ଅନନ୍ତ ଅସ୍ତିତ୍ୱ ଏବଂ ତେଣୁ ତାହାକୁ କୌଣସି ପ୍ରକାର ସଂଜ୍ଞାଦ୍ୱାରା ଆଦୌ ବ୍ୟାଖ୍ୟା କରାଯାଇପାରିବ ନାହିଁ । ଅସ୍ତିତ୍ୱ ହେଉଛି

'oaob.nitrkl.ac.in' images reprocessed

ଏକ ସୀମାହୀନ ସତ୍ୟ ଯାହାଙ୍କ ଜ     ବିଧ ମୂଲ୍ୟାୟନରେ ଆପଣାକୁ ରୂପାୟିତ କରିବାରେ ଲାଗିଥାଏ । ଅନ୍ତ     ଅସ୍ତିତ୍ୱର କ୍ଷେତ୍ରଟିରେ ଆପଣା ଏକ ଭୌତିକ ରୂପାୟନରେ ହିଁ ଏହା ... ହୋଇଥାଏ । ଦୃଢ଼ ଏକ ଉପାଦାନର ଗ୍ରନ୍ଥିରୁ ହିଁ ଏହା ଆରମ୍ଭ ହୋଇଥାଏ     ନେଇ ଓ ଯାହାକୁ ଆଧାର କରି ଏହା ଆପଣାର ଗଠନଗୁଡ଼ିକୁ ଗଢ଼ିପାରେ, ଗୋଟା ଗୋଟା କେତେ ପୃଥିବୀକୁ ଗଢ଼େ, ଆମର ଏହି ପୃଥିବୀଟିକୁ ଗଢ଼େ, ଏହି ଶରୀରକୁ ଗଢ଼େ । ଏଠାରେ ଏହାର ଗ୍ରୁପଟି ମଧ୍ୟ ଅତି ଦୃଢ଼ଭାବରେ ଲାଗାଇ ଦିଆହୋଇଥାଏ ଏବଂ ଏହାର ଗତିସ୍ପନ୍ଦନର ମୂଳ ବିଧାନଟି ବି ନିର୍ଦ୍ଦିଷ୍ଟ ହୋଇ ରହିଥାଏ । ସେହି ବିଧାନଟି ହେଉଛି, ଜଗତର ଯାବତୀୟ ବସ୍ତୁ କେବଳ ଗୋଟିଏ ସତ୍ତା ଓ ଗୋଟିଏ ମୂଳରୁ ଉଦ୍‌ଭୂତ ହୋଇଛନ୍ତି ; ଅସ୍ତିତ୍ୱର କେବଳ ଗୋଟିଏ ସାଧାରଣ ନିୟମ ଦ୍ୱାରା ପରିଚାଳିତ ହେଉଛନ୍ତି, ଗୋଟିକର ଆଧାର ଉପରେ ପରସ୍ପର ନିର୍ଭରଶୀଳ ହୋଇ ରହିଛନ୍ତି ଏବଂ ସେମାନଙ୍କର ସମ୍ବନ୍ଧଗତ ବିଶ୍ୱଗତ ଗ୍ରନ୍ଥିଟି ମଧ୍ୟ ସବୁବେଳେ ଅଭିନ୍ନ ହୋଇ ରହିଛି । ମାତ୍ର ପ୍ରତ୍ୟେକ ବସ୍ତୁ କେବଳ ଆପଣାର ସ୍ୱକୀୟ ମାର୍ଗରେ ହିଁ ଉଦ୍ଦେଶ୍ୟ ତଥା ସତ୍ତାଗତ ଏହି ଏକତାଟିକୁ ଉପଲବ୍ଧି କରିପାରୁଛି ; ପ୍ରତ୍ୟେକ ବସ୍ତୁର ଏକ ସ୍ୱକୀୟ ବୈଚିତ୍ର୍ୟମୟ ବିଧାନ ମଧ୍ୟ ରହିଛି, ଯାହାଦ୍ୱାରା କି ସେ ବିଶ୍ୱମୟ ଅସ୍ତିତ୍ୱଟିକୁ ସମୃଦ୍ଧ କରି ରଖିପାରୁଛି । ଜଡ଼ର ଭୂମିରେ ଏହି ବୈଚିତ୍ର୍ୟ ଖୁବ୍ ସୀମାବଦ୍ଧ ରହିଛି ; ଏହି ସ୍ତରରେ କେବଳ ପ୍ରକାରରେ ହିଁ ବୈଚିତ୍ର୍ୟ ଓ ବିଭିନ୍ନତା ରହିଛି । ମାତ୍ର ସମଗ୍ରଭାବରେ ଦେଖିଲେ ଗୋଟିଏ ପ୍ରକାର ଅର୍ଥାତ୍ ଶ୍ରେଣୀର ଅନ୍ତର୍ଗତ ବିଭିନ୍ନ ବ୍ୟକ୍ତିଗତ ବସ୍ତୁଗୁଡ଼ିକ ପରସ୍ପରଠାରୁ ଅଭିନ୍ନ ହୋଇରହିଛନ୍ତି । ଏହି ଏକକଗୁଡ଼ିକର ସ୍ୱତନ୍ତ୍ର ଗତିସ୍ପନ୍ଦନ ରହିଛି, ତଥାପି ସେଗୁଡ଼ିକ ହେ  ଗୋଟିଏ ଗତିସ୍ପନ୍ଦନ ଦ୍ୱାରା ହିଁ ଚାଳିତ ହେଉଛନ୍ତି; ସେଗୁଡ଼ିକର କ୍ଷେତ୍ରରେ କ୍ରିୟାଶୀଳ ହେବାର ଅତି ସୂକ୍ଷ୍ମ ପାର୍ଥକ୍ୟମାନ ରହିଥିଲେ ହେଁ ସେମାନେ ଗତିସ୍ପନ୍ଦନର କେବଳ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରକୁ ମାନି ଚଳୁଛନ୍ତି ଏବଂ ସେଗୁଡ଼ିକ ମଧ୍ୟରେ ସେହି ଏକା ବସ୍ତୁଗତ ଧର୍ମମାନ ସମାହୃତ ହୋଇ ରହିଛି । ଠିକିନଖି ସ୍ତରର ପାର୍ଥକ୍ୟସବୁକୁ ବାଦ୍ ଦେଲେ, କୌଣସି ଗୋଟିଏ ଶ୍ରେଣୀ ଭିତରେ ଯେଉଁ ବୈଚିତ୍ର୍ୟଟି ରହିଛି, ତାହା ଗୋଟିଏ ସାଧାରଣ ଶ୍ରେଣୀର ଅନ୍ତର୍ଗତ ସେହି ଗୋଷ୍ଠୀର ଉପଗୋଷ୍ଠୀ ବା ଉପଶ୍ରେଣୀଗୁଡ଼ିକ ଭିତରେ ରହିଥିବା ବୈଚିତ୍ର୍ୟ ହେତୁ ସମ୍ଭବ ହେଉଛି, ଗୋଟିଏ ସମଗ୍ର ପ୍ରକାର ମଧ୍ୟରେ ରହିଥିବା ଭିନ୍ନ ଭିନ୍ନ ପ୍ରକାର ତଥା ଉପପ୍ରକାରର ବୈଚିତ୍ର୍ୟ ହେତୁ ସମ୍ଭବ ହେଉଛି । ତା'ପରେ ପ୍ରାଣର ବିକାଶ ହେଉଛି ଓ ସେତେବେଳେ ମନ ଆତ୍ମଚେତନ ଅବସ୍ଥାକୁ ଆସିନାହିଁ । ଏଠାରେ ମଧ୍ୟ ଠିକ୍ ସେହି ବିଧାନଟି ହିଁ ସର୍ବପ୍ରଧାନ ବିଧାନ ହୋଇ ରହିଛି; ମାତ୍ର ପ୍ରାଣର କ୍ରମବୃଦ୍ଧି ହେବା ସଙ୍ଗେ ସଙ୍ଗେ ସେହି ଅନୁପାତରେ ବ୍ୟକ୍ତିର ଜୀବନରେ ମଧ୍ୟ ବୈଚିତ୍ର୍ୟ ଲାଗି ଅଧିକ ପରିମାଣରେ ଅଧିକ ପ୍ରାଣଗତ ସାମର୍ଥ୍ୟ ଆସି ଉପଗତ ହୋଇପାରୁଛି

'oaob.nitrkl.ac.in' images reprocessed

ଏବଂ ମନ ଉନ୍ମେଷିତ ହୋଇଉଠିବା ପରେ ଏହି ସାମର୍ଥ୍ୟ ଆହୁରି ଅଧିକ ହୋଇଯାଇଛି । ସେତେବେଳେ ସେ ନିଃସନ୍ଦେହ ଭାବରେ ପ୍ରକୃତିର ସାଧାରଣ ବିଧାନ ତଥା ଆପଣାର ବିଶେଷ ଶ୍ରେଣୀଟିର ସାଧାରଣ ବିଧାନଟି ଅନୁସାରେ ବିକାଶ ଲାଭ କରୁଛି ସତ, ମାତ୍ର ତା'ର ବ୍ୟକ୍ତିଗତ ସତ୍ତାର ସ୍ୱକୀୟ ବିଧାନଟି ଅନୁସାରେ ମଧ୍ୟ ବିକାଶ ଲାଭ କରିବାର ସ୍ୱାତନ୍ତ୍ର୍ୟ ଅର୍ଜନ କରିପାରୁଛି ।

ପ୍ରକୃତିରବିକାଶ କ୍ରମରେ ନିମ୍ନତର ଜୀବମାନଙ୍କ ତୁଳନାରେ ମନୁଷ୍ୟରୂପୀ ମନୋମୟ ସତ୍ତା ଏକ ବ୍ୟକ୍ତିସତ୍ତା ରୂପେ ପରିଚିତ ହେବାଲାଗି ଅନେକ ଅଧିକ ସାମର୍ଥ୍ୟ ଲାଭ କରିଛି । ଏହି ମନୁଷ୍ୟର ସ୍ତରରେ ହିଁ ମନୋମୟ ଚେତନାଟି ମୁକ୍ତି ଲାଭ କରିପାରିଛି ଯାହା ଫଳରେ କି ମନୁଷ୍ୟ ଅଧିକରୁ ଅଧିକ ପରିମାଣରେ ଆପଣାକୁ, ଆପଣାର ଜୀବନବିଧାନଟିକୁ ଓ ଆପଣା ଜୀବନର ବିକାଶକୁ ବୁଝିବାଲାଗି ସମର୍ଥ ହୋଇପାରିଛି । ତା'ର ମନୋଗତ ଇଚ୍ଛାଟି ମୁକ୍ତି ଲାଭ କରିବା ଫଳରେ ବିଶ୍ୱଗତ ପରମ ଇଚ୍ଛାର ପ୍ରଚ୍ଛନ୍ନ ନିୟନ୍ତ୍ରଣଟି ଦ୍ୱାରା ପରିଚାଳିତ ହୋଇ ସେ ଆପଣା ବିକାଶର ସାମଗ୍ରୀ ଓ ମାର୍ଗଗୁଡ଼ିକୁ ଅଧିକରୁ ଅଧିକ ପରିମାଣରେ ନିଜେ ବ୍ୟବସ୍ଥିତ କରି-ପାରୁଛି । ଏବଂ ଅବଶେଷରେ ଏହି ମନୁଷ୍ୟ ସ୍ତରରେ ହିଁ ସେ ଆପଣାର ସୀମାଟିକୁ ଅତିକ୍ରମ କରି ଆହୁରି ଆଗକୁ ଯିବାଲାଗି ସମର୍ଥ ହୋଇପାରୁଛି, ଆପଣାର ମନୋ-ଭୂମିଟିକୁ ଅତିକ୍ରମ କରି ଯାଇପାରୁଛି; ଏବଂ ଯେଉଁ ପରମ ଉତ୍ସଟିରୁ ହିଁ ମନ, ପ୍ରାଣ ତଥା ଦେହର ଉତ୍ପତ୍ତି ହୋଇଛି, ତାହାରି ମଧ୍ୟକୁ ସେ ଆପଣାର ଚେତନାକୁ ଉନ୍ନୋଚିତ କରିଦେଇପାରୁଛି । ବର୍ତ୍ତମାନ ସ୍ତରରେ ଯେତେ ଅପୂର୍ଣ୍ଣଭାବରେ ହେଲେ ମଧ୍ୟ ସେ ଆପଣା ପ୍ରୟାସର ସର୍ବୋଚ୍ଚ ସିଢ଼ିରେ ଉପନୀତ ହୋଇ ସେହି ପରମ ସତ୍ୟଟି ବିଷୟରେ ମଧ୍ୟ କେତେକ ପରିମାଣରେ ସଚେତନ ହୋଇପାରୁଛି । ଯେଉଁ ପରମ ସତ୍ୟଟି ତାହାର ଯଥାର୍ଥ ସତ୍ତାରୂପେ ବିରାଜିତ ରହିଛି, ସେ ତାହାରି ବିଷୟରେ ସଚେତନ ହୋଇପାରୁଛି, ସଚେତନ ଭାବରେ ସେହି ପରମ ଆତ୍ମା, ପରମ କଳ୍ପନା ଓ ପରମ ଇଚ୍ଛାଟିକୁ ଧାରଣ କରି ରଖୁଛି । କେବଳ ମନୁଷ୍ୟକୁ ଛାଡ଼ିଦେଲେ ପାର୍ଥିବ ପ୍ରକୃତିର ଆଉ କାହାରି ପକ୍ଷରେ ଏପରି କରିପାରିବା ସମ୍ଭବ ହେଉନାହିଁ । ଯେଉଁ ପରମ ଆତ୍ମା, ପରମ କଳ୍ପନା ଓ ପରମ ଇଚ୍ଛା ତାକୁ ଆକାର ଦେଇ ଗଢ଼ିଛନ୍ତି, ସଚେତନ ଭାବରେ ଆପଣା ଭିତରେ ତାଙ୍କୁ ଧାରଣ କରି ରଖିବାର ସାମର୍ଥ୍ୟ ଦ୍ୱାରା ମନୁଷ୍ୟ ଆପେ ଆପଣାର ପ୍ରକୃତିଟି ଉପରେ ମଧ୍ୟ ଦିନେ ପ୍ରଭୁ ରୂପେ ପ୍ରତିଷ୍ଠିତ ହୋଇପାରିବ; ଏବଂ ବର୍ତ୍ତମାନ ପରି ସେତେବେଳେ ତାକୁ ଆଉ ତା' ଉପରେ ପ୍ରଭୁତ୍ୱ ବିସ୍ତାର କରି ରହିବାକୁ ଆସୁଥିବା ପରିବେଶ ଓ ପରିସ୍ଥିତିଗୁଡ଼ିକ ସହିତ ସଂଗ୍ରାମ କରିବାକୁ ପଡ଼ିବ ନାହିଁ, ସେ ଅଧିକରୁ ଅଧିକ ପରିମାଣରେ ପ୍ରକୃତି ଉପରେ ସ୍ୱୟଂ ପ୍ରଭୁ ହୋଇ ରହିବ । ଏଇଟିକୁ ସାଧି କରିପାରିବା ମନର

'oaob.nitrkl.ac.in' images reprocessed

ମଧ୍ୟ ଦେଇ ଓ ମନର ସୀମାକୁ ଅତିକ୍ରମ କରି ସେହି ପରମ ଆତ୍ମାର କ୍ଷେତ୍ରରେ ଯାଇ ପ୍ରବିଷ୍ଟ ହେବା, ସମସ୍ତ ପ୍ରକୃତିରେ ଆପଣାକୁ ଅଭିବ୍ୟକ୍ତ କରି ରଖିଥିବା ସେହି ପରମ ଚିଦ୍‌ଚେତନାର ପରିଚୟ ଲାଭ କରିବା ଏବଂ ଆପଣା ସତ୍ତାଟିର ଭୂମିରେ ସେହି ଚିଦ୍‌ଚେତନା ସହିତ ଏକାତ୍ମ ହୋଇ ରହିବା, ଆପଣାର ସାମର୍ଥ୍ୟ, ଚେତନା, ଇଚ୍ଛା ଓ ଜ୍ଞାନର କ୍ଷେତ୍ରରେ ମଧ୍ୟ ସେହି ତାଦାତ୍ମ୍ୟଟିକୁ ଅର୍ଜନ କରିବା ଅର୍ଥାତ୍ ଏକାଧାରରେ ମନୁଷ୍ୟତା ତଥା ଦିବ୍ୟତାର ଅଧିକାରୀ ହୋଇ ରହିବା ;—ମାନବୀୟ ଅସ୍ତିତ୍ୱର ବିଧାନ ତଥା ସ୍ୱଭାବଟିର ଅନୁସରଣ କରି ମଧ୍ୟ ପରମେଶ୍ୱରଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବା ଏବଂ ଏହି ପୃଥିବୀରେ ପରମେଶ୍ୱରଙ୍କର ଇଚ୍ଛାକୁ ହିଁ ପରିପୂର୍ଣ୍ଣ କରିବାକୁ ବାହାରିଥିବା ଏକ ମାନବୀୟ ଅସ୍ତିତ୍ୱର ବିଧାନ ତଥା ସ୍ୱଭାବର ଅନୁସରଣ କରି ମାନବିକ ତଥା ଦିବ୍ୟ ଉଭୟ ଦୃଷ୍ଟିରୁ ଆପଣାର ତଥା ବିଶ୍ୱର ଅଧିକାରୀ ହୋଇ ରହିବା ;—ଏହାହିଁ ହେଉଛି ମନୁଷ୍ୟର ନିୟତି, ଏହାହିଁ ହେଉଛି ତାହାର ବ୍ୟକ୍ତିଗତ ତଥା ସାମାଜିକ ଜୀବନର ଯଥାର୍ଥତମ ଉଦ୍ଦେଶ୍ୟ । *

ଏହି ସିଦ୍ଧି କେବଳ ମନୁଷ୍ୟବ୍ୟକ୍ତି ଦ୍ୱାରା ହିଁ ପ୍ରାପ୍ତ ହେବ; ଏହି ଉଦ୍ଦେଶ୍ୟଟିର ସାଧନ ସକାଶେ ହିଁ ମନୁଷ୍ୟ ଏକ ବ୍ୟକ୍ତିଆତ୍ମା ରୂପେ ସମ୍ଭୂତ ହୋଇ ଆସିଛି; ପରମ ଅଦ୍ୱିତୀୟ ସତ୍ତା ଯେପରି ପ୍ରତ୍ୟେକ ମନୁଷ୍ୟ ସତ୍ତା ମଧ୍ୟରେ ଆପଣାକୁ ଆବିଷ୍କାର କରିପାରିବେ ଓ ପ୍ରକାଶିତ କରିଦେବେ, ସେଇଥିଲାଗି ମନୁଷ୍ୟ ବ୍ୟକ୍ତିଆତ୍ମା ହୋଇ ଆବିର୍ଭୂତ ହୋଇଛି । ଏ କଥା ଅବଶ୍ୟ ସତ୍ୟ ଯେ, ଅନ୍ୟ କୌଣସି ସାହାଯ୍ୟ ନ ନେଇ ଓ କେବଳ ମନର ଶକ୍ତିଟି ଉପରେ ନିର୍ଭର କରି ମନୁଷ୍ୟବ୍ୟକ୍ତି ଏହି ଉଦ୍ଦେଶ୍ୟଟିକୁ ସିଦ୍ଧ କରେ ନାହିଁ । ତା'ର ମନୋଭୂମିର ଊର୍ଦ୍ଧ୍ୱରେ ତାହାର ଅତିଚେତନ ଆତ୍ମାରେ ଯେଉଁ ପରମ ଦିବ୍ୟ ସତ୍ତା ପ୍ରଚ୍ଛନ୍ନ ଭାବରେ ବିରାଜିତ ରହିଛନ୍ତି, ମନୁଷ୍ୟ ଏଥିଲାଗି ତାଙ୍କର ସାହାଯ୍ୟ ଲୋଡ଼ିଥାଏ । ତା'ର ଚାରିପାଖରେ ଏହି ପ୍ରକୃତି

* ଏଠାରେ କୁହାଯାଇପାରେ ଯେ, ମନୁଷ୍ୟ ହେଉଛି ଗୋଟିଏ ମନୋମୟ ପ୍ରାଣୀ ଏବଂ ସେ ମନ, ପ୍ରାଣ ଓ ଦେହ ଦ୍ୱାରା ସୀମାବଦ୍ଧ ହୋଇ ରହିଛି । ତେଣୁ ଏକ ମନରେ ଅତୀତ ବା ଅତିମାନସ ସାମର୍ଥ୍ୟକୁ ଏଠାରେ ବିକଶିତ ଓ ସଂଗଠିତ କରିପାରିବାର କାର୍ଯ୍ୟଟି କେବଳ ଅତିମାନବମାନଙ୍କର ଏକ ଜାତି ଦ୍ୱାରା ହିଁ ସମ୍ଭବ ହୋଇପାରିବ, ଏବଂ ତେଣୁ ଏହି କ୍ଷେତ୍ରରେ 'ମାନବିକ' ବା ମାନବିକ 'ରୀତିରେ' ପ୍ରଭୃତି ଶବ୍ଦର ବ୍ୟବହାର ଆଦୌ ଯଥାର୍ଥ ବା ଯୁକ୍ତିଯୁକ୍ତ ହେବ ନାହିଁ । ଏ କଥା ନିଃସନ୍ଦେହଭାବରେ ସତ; ମାତ୍ର ସେହିଭଳି ଏକ ନୂତନ ଜାତିର ସୃଷ୍ଟି ହେବାଲାଗି ତଥାପି ସମ୍ଭାବନା ରହିଛି । ଅବଶ୍ୟ ଏହି ସମ୍ଭାବନାଟି ଯେ ସମସ୍ତଙ୍କ ଲାଗି ସମାନ ପରିମାଣରେ ଓ ଏକା ସମୟରେ ଆସି ପହଞ୍ଚିବ ସେକଥା ନ ହେଲେ ମଧ୍ୟ କାଳକ୍ରମେ ତାହାହିଁ ଦିନେ ଏକ ବାସ୍ତବ ସତ୍ୟ-ରୂପେ ସଂଘଟିତ ହେବ ।

'oaob.nitrkl.ac.in' images reprocessed

ଭିତରେ ଓ ତା'ର ସାଥୀ-ମନୁଷ୍ୟଙ୍କ ମଧ୍ୟରେ ଯେଉଁ ପ୍ରଚ୍ଛନ୍ନ ଦିବ୍ୟସତ୍ତା ବିରାଜି ରହିଛନ୍ତି, ତାଙ୍କୁ ତାଙ୍କର ମଧ୍ୟ ସାହାଯ୍ୟ ନେବାକୁ ପଡ଼େ । ପ୍ରକୃତରେ ଯାହାକିଛି ରହିଛି, ଆପଣାର ଦିବ୍ୟ ସମ୍ଭାବନାଗୁଡ଼ିକର ବିକାଶ ସକାଶେ ତାହା ବ୍ୟକ୍ତିକୁ ଗୋଟିଏ ଗୋଟିଏ ଅବସର ଆଣି ଯୋଗାଇଦିଏ । ଏହି ଅବସରଟିର ଯଥାର୍ଥ ଅଥବା ଅଯଥାର୍ଥ ବ୍ୟବହାର କରିବାଲାଗି ବ୍ୟକ୍ତିର କେତେକ ପରିମାଣରେ ଏକ ଆପେକ୍ଷିକ ସ୍ୱାଧୀନତା ରହିଥାଏ ସତ, ମାତ୍ର ସର୍ବଶେଷ ପରିଣାମରେ ଉଚିତ ବା ଅନୁଚିତ ଭାବରେ ବ୍ୟବହୃତ ହୋଇଥିବା ତା'ର ଯାବତୀୟ ସାମଗ୍ରୀକୁ ଗୌଣ କରିଦେଇ ତା' ଉପରେ ବିଶ୍ୱଗତ ପରମ ଇଚ୍ଛାଟି ହିଁ ଘୋଷିତ ହୁଏ ଏବଂ ବ୍ୟକ୍ତିର ସର୍ବାନ୍ତର୍ଗତ ବିଧାନ ଓ ତା'ର ନିୟତିଟିର କ୍ରମବିକାଶରେ ସେହି ପରମ ବିଶ୍ୱଇଚ୍ଛା ହିଁ ସାହାଯ୍ୟ ପ୍ରାପ୍ତ ହୋଇଥାଏ । ବ୍ୟକ୍ତି ମଧ୍ୟରେ ଯେଉଁ ଭାଗବତ ଅଭିପ୍ରାୟ ଓ ଉଦ୍ଦେଶ୍ୟଟି ନିହିତ ରହିଛି, ବ୍ୟକ୍ତିର ଚତୁଃପାର୍ଶ୍ୱରେ ରହିଥିବା ଜୀବନ କେବଳ ତାହାର ସାହାଯ୍ୟକାରୀ ଭାବରେ ହିଁ କାର୍ଯ୍ୟ କରୁଥାଏ । ଅନ୍ୟ ପ୍ରତ୍ୟେକ ମନୁଷ୍ୟ-ବ୍ୟକ୍ତି କେବଳ ତାହାର କାର୍ଯ୍ୟରେ ଜଣେ ସହକର୍ମୀ ହୋଇ ରହିଥାଏ ; ଏବଂ ତା' ସହିତ କୌଣସି ସଂଗଠନ ଅଥବା ସଂଘ ମାଧ୍ୟମରେ ଏକତ୍ର ହୋଇ ହେଉ ଅଥବା ସଂଘାତ କିମ୍ବା ବିରୋଧଦ୍ୱାରା ହେଉ ପଛକେ, ସେ ବ୍ୟକ୍ତିକୁ ତା'ର ଉଦ୍ଦେଶ୍ୟ ସାଧନରେ ହିଁ ସତତ ସହାୟତା କରୁଥାଏ । ପୁଣି ଏକଥାଟି ମଧ୍ୟ ସତ ଯେ, କେବଳ ତା'ର ବ୍ୟକ୍ତିଗତ ଆତ୍ମାଟିର କୁଶଳତା ଲାଗି ବ୍ୟକ୍ତିମନୁଷ୍ୟ ଆପଣା ନିୟତିଟିର ଉପଲବ୍ଧି କରେ ନାହିଁ ଏବଂ ଏକ ଏକାକୀ ମୁକ୍ତି କଦାପି ତା' ଲାଗି ଏକ ପୂର୍ଣ୍ଣ ଆଦର୍ଶ ହୋଇ ରହି ନ ଥାଏ । ସେ ସମସ୍ତ ପୃଥିବୀଲାଗି ହିଁ ଆପଣାର ନିୟତିଟିର ଉପଲବ୍ଧି ଖୋଜୁଥାଏ; ବରଂ କହିବାକୁ ହେବ ଯେ, ଏହି ପୃଥିବୀ ଭିତରେ ବିରାଜି ରହିଥିବା ଈଶ୍ୱରସତ୍ତାଟି ଲାଗି ସେ ଆପଣାର ସେହି ଉପଲବ୍ଧି ଖୋଜୁଥାଏ; କେବଳ ଜଣକ ଭିତରେ ଏକକ ଏବଂ ବିଚ୍ଛିନ୍ନ ଭାବରେ ଅବସ୍ଥାନ କରୁଥିବା କୌଣସି ଈଶ୍ୱରସତ୍ତା ସକାଶେ ନୁହେଁ, ମାତ୍ର ସବୁଟି ଓ ସବୁରି ମଧ୍ୟରେ ତଥା ସବୁଟିକୁ ଅତିକ୍ରମ କରି ଯେଉଁ ଈଶ୍ୱରସତ୍ତା ସର୍ବାଧିଷ୍ଠିତ ହୋଇ ରହିଛନ୍ତି, ବ୍ୟକ୍ତିପୁରୁଷ ତାଙ୍କର ଲାଗି ହିଁ ଆପଣାର ଉପଲବ୍ଧି କାମନା କରୁଥାଏ । ଏବଂ ପ୍ରକୃତରେ କେବଳ ଆପଣାର ବ୍ୟକ୍ତିଗତ ପୃଥକ୍ ଇଚ୍ଛାଟି ଦ୍ୱାରା ନୁହେଁ, ମାତ୍ର କେବଳ ସେହି ବିଶ୍ୱଗତ ପରମ ଇଚ୍ଛାଟି ଦ୍ୱାରା ପ୍ରେରିତ ହୋଇ ହିଁ ସେ ଆପଣା ବିବର୍ତ୍ତନର ଚରମ ଲକ୍ଷ୍ୟଟି ଅଭିମୁଖରେ ପରିଚାଳିତ ହେବାରେ ଲାଗିଥାଏ ।

ମନୁଷ୍ୟ ବର୍ତ୍ତମାନ ଯେପରି ତା'ର ନିୟତି ହାତରେ ପ୍ରାୟ ଏକ ପୁତ୍ତଳିକାବତ୍ ହୋଇ ରହିଛି ସେପରି ନୁହେଁ, ମାତ୍ର ଆପଣାର ଯଥାର୍ଥ ସତ୍ତା, ଯଥାର୍ଥ ପ୍ରକୃତି ତଥା ନିୟତି ବିଷୟରେ ସେ ଅଧିକରୁ ଅଧିକ ସଚେତନ ହେବା ସଙ୍ଗେ ସଙ୍ଗେ ପ୍ରଥମତଃ ଜୀବନ ତଥା ଅଭିବୃଦ୍ଧିର ଏପରି ଅନୁକୂଳ ପରିବେଶମାନ ଯୋଗାଇଦିଆଯିବା ଉଚିତ ଯାହାଦ୍ୱାରା କି ମନୁଷ୍ୟବ୍ୟକ୍ତି ଓ ବ୍ୟକ୍ତିମାନଙ୍କର ଅଭିବୃଦ୍ଧି ଘଟିପାରେ ତା'ର

'oaob.nitrkl.ac.in' images reprocessed

ସମାଜ ଏହି ଦିବ୍ୟ ପରିପୂର୍ଣ୍ଣତାର ଅଭିମୁଖରେ ଅଗ୍ରସର ହେବାକୁ ସମର୍ଥ ହେବେ । ଏହାହିଁ ଯଥାର୍ଥରେ ସବୁ ସମାଜର ଲକ୍ଷ୍ୟ ହୋଇ ରହିବା ଉଚିତ ଏବଂ ଏହାକୁ ହିଁ ସବୁ ସମାଜର ଲକ୍ଷ୍ୟ କରି ରଖିବାକୁ ହେବ । ଏହିସବୁ ପରିବେଶ ଏଠି ସେଠି କେବଳ କେତେକ ମଣିଷଙ୍କ ଲାଗି, କୌଣସି ଏକ ବିଶେଷ ଶ୍ରେଣୀ କିମ୍ବା ସୁବିଧା-ଭୋଗୀ ବିଶେଷ ବର୍ଗ ବା ସମୂହ ଲାଗି ଯୋଗାଇ ଦିଆଯିବ ନାହିଁ; ମାତ୍ର ବ୍ୟକ୍ତି-ମାତ୍ରକେ ପ୍ରତ୍ୟେକେ ଆପଣାର ସାମର୍ଥ୍ୟ ଅନୁସାରେ ସେହି ସୁଯୋଗର ଅଧିକାରୀ ହୋଇପାରିବେ । ଦ୍ୱିତୀୟତଃ, ସାଧାରଣ ଭାବରେ ମନୁଷ୍ୟଜାତି ଆପଣାର ଜୀବନରେ ପରମ ଦିବ୍ୟତାର କୌଣସି ମୂର୍ତ୍ତି ଅଭୀଷ୍ଟ ଆଡ଼କୁ ଅଧିକରୁ ଅଧିକ ସମ୍ମୁଖ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ଏବଂ ଅଧିକରୁ ଅଧିକ ମନୁଷ୍ୟ ସେହି ଅଭୀଷ୍ଟଟିରେ ଯାଇ ପହଞ୍ଚିବା ସଙ୍ଗେ ସଙ୍ଗେ ଏକ ମୁକ୍ତତର ତଥା ଉଦାରତର ମନୁଷ୍ୟଜୀବନର କ୍ଷେତ୍ରରେ ଆପଣାକୁ ଅଜାଡ଼ି ଦେଉଥିବା ସେହି ଉପଲବ୍ଧ ପରମ ଆତ୍ମାର ଆଲୋକ, ସାମର୍ଥ୍ୟ, ସୌନ୍ଦର୍ଯ୍ୟ, ସମନ୍ୱୟ ତଥା ଆନନ୍ଦକୁ ମନୁଷ୍ୟଜାତିର ସାଧାରଣ ଜୀବନାୟତନଟି ମଧ୍ୟରେ ପ୍ରକଟ କରିପାରିବାକୁ ହେବ । ଏଠାରେ କୌଣସି ଏକ ମୂର୍ତ୍ତି ଅଭୀଷ୍ଟର କଥା କୁହାଯାଇଛି, କାରଣ ବିବର୍ତ୍ତନର ଅନେକ ଚକ୍ର ରହିଛି ଏବଂ ପ୍ରତ୍ୟେକ ଚକ୍ର ମନୁଷ୍ୟ ଭିତରେ ଅଧିଷ୍ଠିତ ପରମ ଦିବ୍ୟତାକୁ ସର୍ବଦା ଆପଣାର ଏକ ସ୍ୱକୀୟ ମୂର୍ତ୍ତି ରୂପ ଦେଇ ଚିହ୍ନିବାର ଉଦ୍ୟମ କରୁଛି । ଗୋଟିଏ ପାଖରେ ମୁକ୍ତ ଇଚ୍ଛା ଓ ଅନ୍ୟ ପାଖରେ ସମନ୍ୱୟ;—ଏହି ଦୁଇଟିଯାକ ହିଁ ବୈଚିତ୍ର୍ୟ ଏବଂ ଏକତ୍ୱର ଦୁଇ ଆବଶ୍ୟକ ଓ ଅନିବାର୍ଯ୍ୟ ଆଧାରନୀତିର ପ୍ରତିନିଧିତ୍ୱ କରୁଛନ୍ତି । ସ୍ୱାଧୀନତା ବା ମୁକ୍ତ ଇଚ୍ଛା କହିଲେ ବ୍ୟକ୍ତିର ମୁକ୍ତ ଇଚ୍ଛାକୁ ବୁଝାଉଛି, ସମଷ୍ଟିର ତଥା ଜାତିର ସ୍ୱାଧୀନ ଇଚ୍ଛାକୁ ମଧ୍ୟ ବୁଝାଉଛି । ସମନ୍ୱୟ ଅର୍ଥାତ୍ ସନ୍ତୁଳନ କହିଲେ ବ୍ୟକ୍ତି ମଧ୍ୟରେ ରହିଥିବା ବିଭିନ୍ନ ଶକ୍ତି ତଥା ସାମର୍ଥ୍ୟର ପରସ୍ପର ସହଯୋଗୀକରଣକୁ ବୁଝାଉଛି, ଗୋଟିଏ ସମଷ୍ଟି ଭିତରେ ବାସ କରୁଥିବା ସକଳ ବ୍ୟକ୍ତିଙ୍କର ପ୍ରଚେଷ୍ଟାର ଏକତ୍ର ସହଯୋଗୀ-କରଣକୁ ବୁଝାଉଛି; ଗୋଟିଏ ଜାତି ଭିତରେ ଯେତେଗୁଡ଼ିଏ ସମଷ୍ଟି ରହିଛି ଏବଂ ସମଗ୍ର ମନୁଷ୍ୟଜାତି ମଧ୍ୟରେ ଯେତେଗୁଡ଼ିଏ ଜାତି ରହିଛି, ସମସ୍ତଙ୍କର ପ୍ରଚେଷ୍ଟା ତଥା ପ୍ରୟାସର ସହଯୋଗୀକରଣକୁ ବୁଝାଉଛି । ଏବଂ ସୁସ୍ଥ ଭାବରେ ଆଗକୁ ଯାଇପାରିବାକୁ ହେଲେ ଓ ସାଫଲ୍ୟର ସହିତ ଲକ୍ଷ୍ୟଟିରେ ଯାଇ ପହଞ୍ଚିପାରିବାକୁ ହେଲେ ଏହି ଦୁଇଟିଯାକ ଏକାନ୍ତ ଆବଶ୍ୟକ । ଏହି ଦୁଇଟିଯାକର ଉପଲବ୍ଧି କରି ସେଥିରେ ଏକ ସମ୍ମିଳନ ଘଟାଇ ରଖିବା ହିଁ ଇତିହାସର ଆବହମାନ କାଳରୁ ସମଗ୍ର ମନୁଷ୍ୟ-ଜାତିର ଅର୍ଦ୍ଧୋଦ୍ଭାସିତ ପ୍ରୟାସ ହୋଇ ରହିଆସିଛି । ଏହାକୁ ସାଧି କରିବା ଯେ ଆଦୌ ସହଜ ନୁହେଁ, ସେକଥା କେହି ଅସ୍ୱୀକାର କରିବ ନାହିଁ ; ମନୁଷ୍ୟ କେବଳ ଅତି ଅପୂର୍ଣ୍ଣଭାବରେ ସେଇଟିକୁ ଆପଣାର ସମକ୍ଷରେ ଦେଖିବାରେ ସମର୍ଥ ହୋଇଛି । ଏବଂ ଆପଣା ବାସନା ଓ ବୁଦ୍ଧି ସାହାଯ୍ୟରେ ଏପରି ଅକୁଶଳ ଓ ଯାନ୍ତ୍ରିକ ଭାବରେ

'oaob.nitrkl.ac.in' images reprocessed

ସେ ତାହାର ଅନୁଧାବନ କରିଛନ୍ତି ଯେ, ତଦ୍ୱାରା କୌଣସି ସନ୍ତୋଷଜନକ ଉପଲବ୍ଧି ସମ୍ଭବ ହୋଇପାରୁନାହିଁ । ଆତ୍ମଜ୍ଞାନ ଓ ଆତ୍ମନିୟମନ ଦ୍ୱାରା ଅଗ୍ରସର ହୋଇ ମନୁଷ୍ୟ ଯେତେବେଳେ ତା'ର ସହଯୋଗୀ ସବୁ ମଣିଷଙ୍କ ସହିତ ଏକ ଆଧ୍ୟାତ୍ମିକ ତଥା ଚୈତ୍ୟଗତ ଏକତା ଅର୍ଜନ କରିବାରେ ସମର୍ଥ ହୋଇପାରିବ, ସେତିକିବେଳେ ଯାଇ ସେହି ସନ୍ତୋଷଜନକ ଉପଲବ୍ଧି ମଧ୍ୟ ସମ୍ଭବ ହେବ । ଯଥାର୍ଥ ପରିବେଶ-ଗୁଡ଼ିକୁ ଅଧିକରୁ ଅଧିକ ଉପଲବ୍ଧି କରିପାରିବା ସଙ୍ଗେ ସଙ୍ଗେ ଆମେ ଆମର ଉପସ୍ଥିତ ଲକ୍ଷ୍ୟଟି ଦିଗରେ ଅଧିକ ଆଲୋକପ୍ରେରିତ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ଅଗ୍ରସର ହୋଇପାରିବା, ଏବଂ ସେହି ଲକ୍ଷ୍ୟଟି ମଧ୍ୟ ସ୍ପଷ୍ଟଭାବରେ ଆମ ଦୃଷ୍ଟିକ୍ଷେତ୍ରର ଆୟତନ ଭିତରକୁ ଆସିଯିବା ସଙ୍ଗେ ସଙ୍ଗେ ଆମେ ଅଧିକରୁ ଅଧିକ ପରିପୂର୍ଣ୍ଣଭାବରେ ଯଥାର୍ଥ ପରିବେଶକୁ ମଧ୍ୟ ଉପଲବ୍ଧି କରିବାରେ ସମର୍ଥ ହେଉଥିବା । ମନୁଷ୍ୟ ଭିତରେ ଅଧିଷ୍ଠିତ ହୋଇ ରହିଥିବା ଯେଉଁ ଅବିନଶ୍ୱର ଆତ୍ମା ଆଲୋକ ଓ ଜ୍ଞାନର ଅଭିବୃଦ୍ଧି ସାଧନ କରିବାରେ ଲାଗିଛି, ମନୁଷ୍ୟର ଇଚ୍ଛାଟିକୁ ସେହି ଆଲୋକ ତଥା ଜ୍ଞାନ ସହିତ ସନ୍ତୁଳିତ କରି ରଖୁଛି ଏବଂ ତଦ୍ୱାରା ମନୁଷ୍ୟ ଆତ୍ମା ସମ୍ବନ୍ଧରେ ତାହାର କ୍ରମବର୍ଦ୍ଧମାନ ଦୃଷ୍ଟି ତଥା ଧାରଣାଟି ମଧ୍ୟରେ ଯେଉଁ ସମ୍ପଦର ପରିଚୟ ପାଇଛି, ସେଇଟିକୁ ପରିପୂର୍ଣ୍ଣ କରିଦେବାର ପ୍ରୟାସ କରୁଛି, ସେହି ଆତ୍ମା ହିଁ ଆମର ଯାବତୀୟ ମନୁଷ୍ୟ ପ୍ରଗତିରେ ଅସଲ ଉତ୍ସ ଓ ବିଧାନ ; ପରିପୂର୍ଣ୍ଣତା ଲାଭ କରିବାଲାଗି ମନୁଷ୍ୟ ଭିତରେ ନିୟତ ଯେଉଁ ଆକୁତିଟି ରହିଛି, ତାହାର ଯଥାର୍ଥ ରହସ୍ୟ ।

ଆପଣାର ନିଶ୍ଚିତ ଆତ୍ମଉନ୍ମୋଚନର ଲୀଳାରେ ବିଶ୍ୱମୟ ପରମ ଏହି ଜଗତର ସମଗ୍ର ମନୁଷ୍ୟଜାତିକୁ ହିଁ ସ୍ୱ-ଆତ୍ମଅଭିବ୍ୟକ୍ତିର ଏକ ସର୍ବପୁରୋଭାଗରେ ରଖିଛନ୍ତି । ସେ ବାସ କରୁଥିବା ଏହି ପାର୍ଥିବ ଜଗତର ପରିବେଶଗୁଡ଼ିକ ମଧ୍ୟରେ କେବଳ ମନୁଷ୍ୟଜାତି ହିଁ ବିଶ୍ୱଗତ ଜୀବନାସ୍ତିତ୍ୱର ମାନସିକ ସାମର୍ଥ୍ୟଟିକୁ ପ୍ରକାଶିତ କରିଦେଇପାରିଛି । ଭୌତିକ, ପ୍ରାଣିକ, ସଂବେଗଗତ ତଥା ମାନସିକ ଯାବତୀୟ ପ୍ରକୃତିର କ୍ଷେତ୍ରରେ ମନୁଷ୍ୟଜାତି ମଧ୍ୟରେ ଏକ ମୂଳଭୂତ ଏକତ୍ୱ ରହିଛି ଓ ବୁଶ୍‌ମ୍ୟାନ ଏବଂ ନିଗ୍ରୋଏଡ୍‌ମାନଙ୍କର ଅଳ୍ପସମ୍ପନ୍ନତାଠାରୁ ଆରମ୍ଭ କରି ଏସିଆ ତଥା ଇଉରୋପର ସମ୍ପଦଶାଳୀ ସଂସ୍କୃତିଗୁଡ଼ିକ ପର୍ଯ୍ୟନ୍ତ ବୌଦ୍ଧିକ ବିକାଶର କ୍ଷେତ୍ରରେ ନାନା ପାର୍ଥକ୍ୟ ରହିଥିଲେ ହେଁ ମନୁଷ୍ୟଜାତି ସର୍ବଦା ଏକ ରହିଆସିଛି । ଏବଂ ଏକ ମାନବିକ ସମଗ୍ରତାରୂପେ ସମୁଦାୟ ମନୁଷ୍ୟଜାତିର କେବଳ ଗୋଟିଏ ହିଁ ନିୟତି ରହିଛି, ସେ ସେହି ନିୟତିର ସନ୍ଧାନ କରିବାରେ ଲାଗିଛି ଏବଂ ଆପଣା ଇତିହାସର ଅଗଣିତ ଲକ୍ଷ ସମ୍ମୁଖର ଅଗ୍ରଗତି ତଥା ପଶ୍ଚାଦ୍‌ଗତିମୂଳକ କ୍ରମଗୁଡ଼ିକ ମଧ୍ୟଦେଇ ସେ ଅଧିକରୁ ଅଧିକ ଭାବରେ ସେହି ନିୟତିର ନିକଟବର୍ତ୍ତୀ ହେଉଛି । କୌଣସି ଗୋଟିଏ ବିଶେଷ ସମୂହ ବା ଜାତି ସଫଳ ଭାବରେ ଯାହା କିଛି ଲାଭ

'oaob.nitrkl.ac.in' images reprocessed

କରିପାରୁଛି, ଆପଣାର ଅଭିବୃଦ୍ଧି, ଜ୍ଞାନୋଦ୍‌ଭାସ ତଥା ବୁଦ୍ଧିଗତ ସିଦ୍ଧିପଥରେ ଯାହା କିଛି ହାସଲ କରୁଛି ଅଥବା ଆପଣାର ପରିବେଶଟିକୁ ସେ ଯେଉଁ ପରିମାଣରେ ଆପଣାର ନିୟନ୍ତ୍ରଣରେ ଆଣିପାରୁଛି, ସମଗ୍ର ମାନବଜାତିର ଅଭ୍ୟଯାତ୍ରାଟିରେ କିଛି ଅଧିକ ଅବଦାନ ଦେଇ ନ ପାରିବା ପର୍ଯ୍ୟନ୍ତ, ତାହାଲାଗି କୌଣସି ନୂତନ ସମ୍ପଦର ଉଦ୍ଧାର କରି ନ ପାରିବା କିମ୍ବା କିଛି ସୁରକ୍ଷିତ କରି ରଖି ନ ପାରିବା ପର୍ଯ୍ୟନ୍ତ ସେହି ଏକକ ସାଫଲ୍ୟରେ ପ୍ରକୃତରେ କୌଣସି ସ୍ଥାୟୀ ଅର୍ଥ ବା ମୂଲ୍ୟ ରହିଛି ବୋଲି ବୁଝିହୋଇପାରିବ ନାହିଁ । ମନୁଷ୍ୟର ଯାବତୀୟ କର୍ମାୟତନର କ୍ଷେତ୍ରରେ ପ୍ରାଚୀନ ଭାରତୀୟ ଶାସ୍ତ୍ର ଲୋକସଂଗ୍ରହକୁ ହିଁ ତାହାର ଯଥାର୍ଥ ଆଦର୍ଶ ବୋଲି ଘୋଷଣା କରିଛି । ଲୋକସଂଗ୍ରହ, ଅର୍ଥାତ୍ ମନୁଷ୍ୟଜାତିର ବିବର୍ତ୍ତିନକ୍ରମରେ ତାହାକୁ ଏକତ୍ର ଧାରଣ କରି ରଖିବା; ଆମେ ଜାଣୁ ବା ନ ଜାଣୁ, ସର୍ବଦା ଏହାହିଁ ହେଉଛି ଆମ ଜୀବନର ସକଳ କର୍ମର ଅସଲ ତାତ୍ପର୍ଯ୍ୟ ।

ମାତ୍ର ମନୁଷ୍ୟଜାତିର ଏହି ସାଧାରଣ ପ୍ରକୃତି ତଥା ସାଧାରଣ ନିୟତିର ସମଗ୍ରତାଟି ଭିତରେ ପ୍ରତ୍ୟେକ ମନୁଷ୍ୟବ୍ୟକ୍ତିକୁ କେବଳ ଆପଣା ପ୍ରକୃତିର ଧାରାଟିକୁ ଅନୁସରଣ କରି ସାଧାରଣ ଉଦ୍ଦେଶ୍ୟଟିର ସାଧନ କରିବାକୁ ପଡ଼ିବ, କେବଳ ଆପଣା ଭିତରୁ ହିଁ ଅଭିବୃଦ୍ଧି ସାଧନ କରି ଆପଣାର ସମ୍ଭାବ୍ୟ ପରିପୂର୍ଣ୍ଣତାରେ ଯାଇ ପହଞ୍ଚିବାକୁ ହେବ । କେବଳ ଏହିଭଳି ଭାବରେ ହିଁ ମନୁଷ୍ୟଜାତି ପକ୍ଷରେ କିଛି ଗଭୀର, ଜୀବନ୍ତ ଓ ଦୀର୍ଘମୂଳ ସମ୍ପଦର ସିଦ୍ଧି ସମ୍ଭବ ହୋଇପାରିବ । ସମୂହ ମଧ୍ୟରେ କୌଣସି ପ୍ରକାର ନୃଶଂସ, କଠୋର ଓ ଯାନ୍ତ୍ରିକ ଉପାୟର ପ୍ରୟୋଗ କରି ତାହା କରାଯାଇପାରିବ ନାହିଁ; ବ୍ୟକ୍ତି ସମୂହର ଶରୀର ମଧ୍ୟରେ କେବଳ ଗୋଟାଏ କ୍ଷୁଦ୍ର କୋଷ ବ୍ୟତୀତ ଯେପରି ଆଉ କିଛି ନୁହେଁ, ତାହାର ଅଟ୍ଟାଳିକା ଭିତରେ କେବଳପଥର ଖଣ୍ଡେ ବ୍ୟତୀତ ଯେପରି ଆଉ କିଛି ନୁହେଁ, ବ୍ୟକ୍ତିକୁ ଏହିଭଳି ଏକ ଦୃଷ୍ଟିରେ ଦେଖିବାରେ ସମୂହ-ଆତ୍ମାର କୌଣସି ଅଧିକାର ନାହିଁ । ଏହାର ସାମୂହିକ ଜୀବନ ତଥା ଅଭିବୃଦ୍ଧିରେ ବ୍ୟକ୍ତିକୁ କେବଳ ଏକ ନିଷ୍କ୍ରିୟ ସାଧନ ବୋଲି ଦେଖିବାରେ ସମୂହର କୌଣସି ଅଧିକାର ନାହିଁ । ମନୁଷ୍ୟଜାତି ସେପରି ଭାବରେ ଆଦୌ ଗଢ଼ା ହୋଇନାହିଁ । ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ଯେ ସାରତଃ ସେହି ଅଭିନ୍ନ ଆତ୍ମା ବ୍ୟତୀତ ଆଉ କିଛି ନୁହେଁ ଏବଂ ଆପଣାର ସତ୍ତାଟି ମଧ୍ୟରେ ସେ ଯେ ମାନବୀୟ ଯାବତୀୟ ସମ୍ଭାବନାକୁ ଏକତ୍ର ଠୁଳ କରି ଧରିଛି, ଏହି କଥାଟିକୁ ସ୍ପଷ୍ଟରୂପେ ଦେଖିବାଲାଗି ସମର୍ଥନ ହେବା ପର୍ଯ୍ୟନ୍ତ ଆମେ ମନୁଷ୍ୟ ମଧ୍ୟରେ ଅବସ୍ଥିତ ଦିବ୍ୟ ସତ୍ୟଟିକୁ କେବେହେଲେ ଚିହ୍ନିପାରିବା ନାହିଁ ଓ ମନୁଷ୍ୟଜନ୍ମର ରହସ୍ୟଟିକୁ କଦାପି ଉଦ୍‌ଘାଟନ କରିପାରିବା ନାହିଁ । ପ୍ରତ୍ୟେକ ବ୍ୟକ୍ତି ମାନବୀୟ ସେହି ସମ୍ଭାବନାଟିକୁ ଆବିଷ୍କାର କରିବ, ତାହାର ବିକାଶ କରାଇବ ଏବଂ ଆପଣା ଭିତରୁ ତାହାକୁ ହିଁ କାର୍ଯ୍ୟକାରୀ କରିବ । କୌଣସି ରାଷ୍ଟ୍ର, କୌଣସି ବିଧାନକାରୀ

ଅଥବା ସଂସ୍କାରକୁ କଦାପି ଏକ ଅନମନୀୟ ସୂତ୍ର ବା ଗ୍ରନ୍ଥ ଅନୁସାରେ ତାକୁ କାଟି ଏକ ନିର୍ଦ୍ଦିଷ୍ଟ ଆକାର ଦେଇ ଥୋଇପାରିବ ନାହିଁ । ଧର୍ମଗତ କୌଣସି ଅନୁଷ୍ଠାନ ଅଥବା ଯାଜକ ତା' ଲାଗି ଯାନ୍ତ୍ରିକ ଉପାୟରେ କେଉଁଠୁ କୌଣସି ମୁକ୍ତିର ବିଧାନ କରିପାରିବ ନାହିଁ । କୌଣସି ବ୍ୟବସ୍ଥା, ଶ୍ରେଣୀସିଦ୍ଧ କୌଣସି ଜୀବନ କିମ୍ବା ଆଦର୍ଶ, କୌଣସି ଜାତି, କୌଣସି ସଭ୍ୟତା ବା କୌଣସି ଧର୍ମବିଶ୍ୱାସ, ଅଥବା କୌଣସି ନୀତିଶାସ୍ତ୍ର, ସମାଜଶାସ୍ତ୍ର ଓ ଧର୍ମଶାସ୍ତ୍ର ତାକୁ ସର୍ବୃଦନ ପାଇଁ କଦାପି କହିଦେଇପାରିବ ନାହିଁ, "ମୁଁ ନିରୂପିତ କରିଦେଇଥିବା ଏହି ମାର୍ଗରେ କେବଳ ଏତିକିଯାଏ ତୁ ଯାହାକିଛି କରିବୁ, ଯାହାକିଛି ହେବୁ ଏବଂ ଅନ୍ୟ କୌଣସି ମାର୍ଗରେ ଏବଂ ଏତିକିଠାରୁ ଆଉ ଟିକିଏ ହେଲେ ଅଧିକ ଦୂର ଯାଇପାରିବାକୁ କଦାପି ତୋତେ କଦାପି କୌଣସି ଅନୁମତି ମିଳିବ ନାହିଁ ।" ଏଗୁଡ଼ାକ ବ୍ୟକ୍ତିକୁ ହୁଏତ ସାମୟିକଭାବରେ କୌଣସି ସାହାଯ୍ୟ କରିପାରେ କିମ୍ବା ସାମୟିକଭାବରେ ତାକୁ ଏକ ଘୋଷିତ ସୀମା ଭିତରେ ଆବଦ୍ଧ କରି ରଖିପାରେ ; ମାତ୍ର ଏହିଗୁଡ଼ିକୁ ଆପଣାର ବ୍ୟବହାରରେ ଲଗାଇ ବ୍ୟକ୍ତି ସେହି ଅନୁପାତରେ ଆପଣାର ବୃଦ୍ଧି ସାଧନ କରିବାରେ ବି ଲାଗିଥାଏ ଏବଂ ଅବଶେଷରେ ସେଗୁଡ଼ିକୁ ଅତିକ୍ରମ କରି ଆଗକୁ ଚାଲିଯାଏ । ସେଗୁଡ଼ିକ ଦ୍ୱାରା ସେ ଆପଣାର ବ୍ୟକ୍ତିତ୍ୱଟିକୁ ତାଲିମ ଦିଏ, ପ୍ରଶିକ୍ଷିତ କରେ ; ମାତ୍ର ଅବଶେଷରେ ସେ ତାହାର ଦିବ୍ୟ ସ୍ୱତନ୍ତ୍ରତା ଦ୍ୱାରା ହିଁ ସେହି ବ୍ୟକ୍ତିତ୍ୱଟିକୁ ପ୍ରତିଷ୍ଠିତ କରେ । ସର୍ବଦା କେବଳ ବ୍ୟକ୍ତି ହିଁ ବିବର୍ତ୍ତନର ପଥରେ ଯାତ୍ରୀ ହୋଇ ବାଟ ଚାଲୁଥାଏ ଏବଂ ତାହାର ସେହି ପଥଟି ସର୍ବଦା କେବଳ ସମ୍ମୁଖ ଦିଗକୁ ହିଁ ଚାଲିଥାଏ ।

ଏଥିରେ କୌଣସି ସଂଶୟ ନାହିଁ ଯେ ବ୍ୟକ୍ତିର ଜୀବନ ଓ ବ୍ୟକ୍ତିର ବିକାଶ କେବଳ ବିଶ୍ୱଲାଗି ହିଁ ଉଦ୍ଦିଷ୍ଟ ହୋଇ ରହିବ ; ମାତ୍ର ବ୍ୟକ୍ତି ଯେତିକି ଅଧିକ ମୁକ୍ତ ତଥା ପ୍ରଶସ୍ତ ଭାବରେ ଆପଣାର ନିଜ ଆତ୍ମାଟିର ବଞ୍ଚିବାରେ ସମର୍ଥ ହେବ, କେବଳ ସେହି ଅନୁପାତରେ ହିଁ ସେ ଆପଣାର ଜୀବନ ତଥା ବିକାଶ ଦ୍ୱାରା ବିଶ୍ୱର କୌଣସି ସହାୟତା କରିପାରିବ । ଏଥିରେ ମଧ୍ୟ କୌଣସି ସଂଶୟ ନାହିଁ ଯେ, ଆପଣାର ବିଚରଣ ମାର୍ଗରେ ଯେଉଁସବୁ ଆଦର୍ଶ, ଶୃଙ୍ଖଳା ଓ ସହଯୋଗ ବୃତ୍ତି ସହିତ ତା'ର ପରିଚୟ ଘଟିବ, ବ୍ୟକ୍ତି କେବଳ ସେହିଗୁଡ଼ିକୁ ହିଁ ଆପଣାର କାର୍ଯ୍ୟରେ ଲଗାଉଥିବ । ମାତ୍ର ସେଗୁଡ଼ିକର ସୀମା ପାର ହୋଇ ଆହୁରି ଆଗକୁ ଯାଇପାରିବାଲାଗି ଯଦି ସେଗୁଡ଼ିକ ବ୍ୟକ୍ତିର ସହାୟକ ହୋଇପାରନ୍ତି ଓ ବ୍ୟକ୍ତିଉପରେ କେବଳ ଅକାରଣ ବୋଝ ହୋଇ ନ ରହନ୍ତି କିମ୍ବା ସ୍ୱେଚ୍ଛାବୃତ୍ତ କେତେଟା ନିୟନ୍ତ୍ରଣ ରୂପେ ଯଦି ବ୍ୟକ୍ତିକୁ ସତେଅବା ଭୃତ୍ୟ ବା ଦାସ ପରି ସେଗୁଡ଼ିକୁ ଯେକୌଣସି ପ୍ରକାରେ ମାନିନେବାକୁ ବାଧ୍ୟ ନ କରନ୍ତି, ତେବେ ଯାଇ ବ୍ୟକ୍ତି ସେଗୁଡ଼ିକୁ ସ୍ୱଚ୍ଛନ୍ଦଭାବେ କାର୍ଯ୍ୟରେ ଲଗାଇପାରିବ, ସେଗୁଡ଼ିକୁ ଯଥାର୍ଥଭାବରେ ଏବଂ ଯଥାର୍ଥ ଉଦ୍ଦେଶ୍ୟ-ସାଧନରେ ବ୍ୟବହାର କରିପାରିବ । କାରଣ ନିୟମ ଓ ଶୃଙ୍ଖଳା ଅଧିକାଂଶ ସମୟରେ

'oaob.nitrkl.ac.in' images reprocessed

ମନୁଷ୍ୟର ଆତ୍ମା ଉପରେ ଉତ୍ପୀଡ଼କ ହୋଇ ରହିବାଲାଗି ପ୍ରୟାସ କରୁଥିଲେ ହେଁ କେବଳ ଆତ୍ମାର ସାଧନ ତଥା ପରିକର ହୋଇ ରହିବାଲାଗି ହିଁ ସେଗୁଡ଼ିକର ଉତ୍ଥାଣ ହୋଇଥାଏ ; ଏବଂ ସେଗୁଡ଼ିକର ପ୍ରୟୋଜନୀୟତା ସରିଗଲେ ସେଗୁଡ଼ିକୁ ବିଦାୟ ଦେବାକୁ ହୁଏ ଏବଂ ଭାଙ୍ଗିପକାଇବାକୁ ହୁଏ । ପୁଣି, ଏଥିରେ ମଧ୍ୟ ଆଦୌ କୌଣସି ସଂଶୟ ନାହିଁ ଯେ ତାହାର ଚାରିପାଖରେ ବାସ କରୁଥିବା ସହସ୍ରସହସ୍ର ଅନ୍ୟ ମନୁଷ୍ୟଙ୍କର ମାନସ ତଥା ଜୀବନରୁ ବ୍ୟକ୍ତିକୁ ତା' ଆପଣାଲାଗି ସାମଗ୍ରୀ ସଂଗ୍ରହ କରିବାକୁ ହୋଇଥାଏ, ମାନବଜାତିର ବିଗତ ଯୁଗଗୁଡ଼ିକର ଅଭିଜ୍ଞତାରୁ ସେ ଯଥାସମ୍ଭବ ଅଧିକ ଲାଭବାନ ହେବାକୁ ଚେଷ୍ଟା କରିଥାଏ ଏବଂ ଏକ ସଂକୀର୍ଣ୍ଣ ମନୋଗତ ଆୟତନ ମଧ୍ୟରେ ସେ ଆପଣାକୁ କେବେହେଲେ ଆବଦ୍ଧ କରି ରଖେ ନାହିଁ । ମାତ୍ର କେବଳ ଆପଣା ପ୍ରକୃତିର ଆଧାର ଭିତ୍ତି ସହିତ ସେଗୁଡ଼ିକୁ ସମ୍ମିଶ୍ରିତ କରିନେଇ ସେଗୁଡ଼ିକୁ ଆପଣାର ସମ୍ପଦରେ ପରିଣତ କରିପାରିଲେ ଏବଂ ସେଗୁଡ଼ିକୁ ତା ଆଗରେ କ୍ରମଶଃ ଅଧିକରୁ ଅଧିକ ଉଦ୍‌ଘାଟିତ ହୋଇଯାଉଥିବା ଭବିଷ୍ୟତଟିର ପୁରୋଭାଗସ୍ଥ ଆହ୍ୱାନଟିର ଅଧୀନସ୍ଥ କରି ରଖିପାରିଲେ ଯାଇ ବ୍ୟକ୍ତି ତାହା କରିବାରେ ସଫଳ ହୋଇପାରିବ । ଆପଣା ପଥରେ ଅଗ୍ରସର ହେବାଲାଗି ସତତ ସଂଗ୍ରାମ କରୁଥିବା ମନୁଷ୍ୟ ମନ ବ୍ୟକ୍ତିଲାଗି ଯେଉଁ ସ୍ୱାଧୀନତା ଦାବି କରିଥାଏ, ତାହାକୁ କେବଳ ଏକ ଅହଂବାଦୀ ଔଦ୍ଧତ୍ୟ ଅଥବା ବିଦ୍ରୋହ ବୋଲି କୁହାଯିବ ନାହିଁ ; ସମୟ ସମୟରେ ଯେତେ ଅହଂପ୍ରେରିତ ଭାବରେ ବା ଏକଦେଶୀ ଅତିଶଯ୍ୟତା ତଥା ଅପପ୍ରୟୋଗ ଦ୍ୱାରା ଏହି ଏହି ସ୍ୱାଧୀନତାଟିର ଦାବି କରାଯାଉଥିଲେ ମଧ୍ୟ ଆମେ ତାହାକୁ ସେପରି କହିପାରିବା ନାହିଁ । ଏହି ସ୍ୱାଧୀନତାର ଆକାଙ୍‌କ୍ଷା ହେଉଛି ବ୍ୟକ୍ତି ମଧ୍ୟରେ ରହିଥିବା ଦିବ୍ୟ ସହଜାତ ପ୍ରବୃତ୍ତିଟିର ଆକାଙ୍‌କ୍ଷା, ଏହା ହେଉଛି ତା' ଭିତରେ ଥିବା ପରମ ଆତ୍ମାଟିର ବିଧାନ; ସେହି ଆତ୍ମାର ସ୍ୱଭାବସିଦ୍ଧ ଆତ୍ମ-ଉନ୍ମୋଚନ ସକାଶେ ଏହି ସ୍ୱାଧୀନତା ହେଉଛି ଗୋଟିଏ ପ୍ରାଥମିକ ସର୍ତ୍ତ, ଆପଣା ଲାଗି ଆବଶ୍ୟକ କ୍ଷେତ୍ରଟିଏ ଦାବି କରିବାର ଆକାଙ୍‌କ୍ଷା ।

ମନୁଷ୍ୟବ୍ୟକ୍ତି ସାଧାରଣ ଭାବରେ କେବଳ ସମଗ୍ର ମନୁଷ୍ୟ ଜାତିର ହିଁ ଅନ୍ତର୍ଗତ ହୋଇ ରହିନାହିଁ, ବ୍ୟକ୍ତିର ପ୍ରକୃତି କହିଲେ ସାଧାରଣ ମନୁଷ୍ୟପ୍ରକୃତିର କେବଳ ଏକ ବ୍ୟକ୍ତିକ୍ଷେତ୍ରୀୟ ବୈଚିତ୍ର୍ୟକୁ ହିଁ ବୁଝାଇବ ନାହିଁ; ବ୍ୟକ୍ତି ଆପଣାର ନିଜ ଜାତି ମଧ୍ୟରେ ବି ଜଣେ ବ୍ୟକ୍ତି । ସେ ଏକ ଶ୍ରେଣୀର ଅନ୍ତର୍ଭୁକ୍ତ ଜଣେ ବ୍ୟକ୍ତି ; ତାହାର ଏକ ମନୋଗତ, ପ୍ରାଣିକ, ଭୌତିକ ତଥା ଆଧ୍ୟାତ୍ମିକ ପ୍ରକାର ମଧ୍ୟ ରହିଛି, ଯେଉଁଥିରେ କି କେତେକଙ୍କ ସହିତ ତାହାର ସାଦୃଶ୍ୟ ରହିଛି, ପୁଣି କେତେକଙ୍କ ସହିତ ପାର୍ଥକ୍ୟ ମଧ୍ୟ ରହିଛି । ଏହିସବୁ ସମଗୋଷ୍ଠିତା ଅନୁସାରେ ବ୍ୟକ୍ତି ଭିତରେ ଆପଣାକୁ ନାନା ଧର୍ମଗତ ଅନୁଷ୍ଠାନ, ସମ୍ପ୍ରଦାୟ, ସଂଘ, ଶ୍ରେଣୀ, ସଂସର୍ଗ ତଥା ସମାଜ ମଧ୍ୟରେ ଏକତ୍ର ଅନ୍ତର୍ଭୁକ୍ତ କରି ରଖିବାକୁ ମଧ୍ୟ ସର୍ବଦା ଏକ ପ୍ରବୃତ୍ତି ରହିଥାଏ । ସେହିସବୁ ସାମୂହିକ ଜୀବନରେ

'oaob.nitrkl.ac.in' images reprocessed

ସେ ଆବଶ୍ୟକ ସହାୟତା କରିଥାଏ, ଏବଂ ସେଗୁଡ଼ିକ ଦ୍ୱାରା ଆପଣାର ବି ସମୃଦ୍ଧି ସାଧନ କରୁଥାଏ ତଥା ଆପଣାର ବୃହତ୍ତର ଆର୍ଥିକ, ସାମାଜିକ ତଥା ରାଜନୀତିକ ଗୋଷ୍ଠୀ ବା ସମାଜର ଜୀବନକୁ ବି ସମୃଦ୍ଧ କରିବାରେ ସାହାଯ୍ୟ କରେ । ଆଧୁନିକ ଯୁଗରେ ଏହି ସମାଜଟି ହେଉଛି ଆମର ଜାତି । କେବଳ ତାହାରି ଦ୍ୱାରା ନ ହେଲେ ମଧ୍ୟ, ଜାତୀୟ ଜୀବନର ସମୃଦ୍ଧିସାଧନରେ ସହଯୋଗ କରି ସେ ସମଗ୍ର ମାନବ ଜାତିର ଅଭିବୃଦ୍ଧିରେ ମଧ୍ୟ ସହାୟତା କରିଥାଏ । ମାତ୍ର ଏହି କଥାଟି ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ଏହିସବୁ ସଂଘ ବା ସମୂହ ମଧ୍ୟରୁ କୌଣସିଟି ବି ବ୍ୟକ୍ତିକୁ ଆପଣାର ଆୟତ୍ତନଟି ମଧ୍ୟରେ ସୀମାବଦ୍ଧ କରି ରଖନ୍ତି ନାହିଁ ବା ରଖିପାରନ୍ତି ବି ନାହିଁ । କୌଣସି ବ୍ୟକ୍ତି କେବଳ ଜଣେ ସମ୍ଭ୍ରାନ୍ତବଂଶଜ ନୁହେଁ, କେବଳ ବଣିକ ନୁହେଁ ; ଯୁଦ୍ଧ ଲଢ଼ୁଥିବା ଯୋଦ୍ଧା ନୁହେଁ, ଧର୍ମଯାଜକ ନୁହେଁ, ପଣ୍ଡିତ, କଳାବିତ୍‌, କୃଷକ ବା କାରିଗର ମଧ୍ୟ ନୁହେଁ ; ସେ କେବଳ ଧର୍ମ ଭିତରେ ଆପଣାକୁ ଲିପ୍ତ କରି ରଖି ନ ଥାଏ, କେବଳ ସଂସାର ଭିତରେ ବାନ୍ଧିହୋଇ ରହି ନ ଥାଏ କିମ୍ବା କେବଳ ରାଜନୀତିକୁହିଁ ଧନ୍ଦା କରି ରଖି ନ ଥାଏ । ସେ ଆପଣାର ଜାତିଗତ ସଂସ୍କୃତି ଦ୍ୱାରା ମଧ୍ୟ କେବେହେଲେ ସୀମିତ ହୋଇ ରହେ ନାହିଁ; ସେ କେବଳ ଇଂରେଜ ନୁହେଁ ବା ଜଣେ ଫରାସୀ ନୁହେଁ, କେବଳ ଜାପାନୀ ନୁହେଁ ବା ଭାରତୀୟ ବି ନୁହେଁ । ଯଦି ଆପଣା ଜୀବନର ଗୋଟିଏ ଅଂଶରେ ତାକୁ ଏକ ଜାତିର ଅନ୍ତର୍ଭୁକ୍ତ ଜଣେ ସଦସ୍ୟ ବୋଲି କୁହାଯାଏ, ତେବେ ଆଉ ଗୋଟାଏ ଅଂଶରେ ସେ ସେହି ଜାତିର ସୀମାଗୁଡ଼ିକୁ ଅତିକ୍ରମ କରିଯାଇଥାଏ ଏବଂ ସମଗ୍ର ମାନବସମାଜରେ ଜଣେ ହୋଇ ରହିଥାଏ । ଏବଂ ତା' ଭିତରେ ଏପରି ଆଉ ଗୋଟିଏ ଅଂଶ ବି ରହିଥାଏ, ଏବ ସେହି ଅଂଶକୁ ତାହାର ବୃହତ୍ତମ ଅଂଶ ବୋଲି କୁହାଯିବ, ଯାହାକି ମାନବତାର ସୀମାଭିତରେ ଅବଦ୍ଧ ନ ଥାଏ; ସେହି ଅଂଶରେ ସେ କେବଳ ପରମେଶ୍ୱରଙ୍କର ହୋଇ ରହିଥାଏ, ସକଳ ସତ୍ତାଙ୍କର ଏହି ଯେ ଜଗତ ତା'ର ହୋଇ ରହିଥାଏ ଏବଂ ଭବିଷ୍ୟତରେ ଆବିର୍ଭୂତ ହେବାକୁ ଯାଉଥିବା ଦେବତାମାନଙ୍କର ହୋଇ ରହିଥାଏ । ଏକଥା ନିଶ୍ଚୟ ସତ ଯେ ଆପଣା ପରିବେଶ ତଥା ଆପଣାର ଗୋଷ୍ଠୀ ମଧ୍ୟରେ ଆପଣାକୁ ସୀମିତ ଏବଂ ଅନୁଗତ କରି ରଖିବାଲାଗି ବ୍ୟକ୍ତିର ଏକ ପ୍ରବୃତ୍ତି ସବୁବେଳେ ରହିଛି ; ମାତ୍ର ତାହା ସହିତ ଆପଣାର ପରିବେଶ ଓ ସଂସ୍ଥତାଗୁଡ଼ିକୁ ସମ୍ପ୍ରସାରିତ କରିଦେବା-ଲାଗି ଓ ସେଗୁଡ଼ିକର ନିର୍ଦ୍ଦିଷ୍ଟ ସୀମାକୁ ଡେଇଁଯିବାପାଇଁ ମଧ୍ୟ ତାହାର ସମାନଭାବରେ ଆବଶ୍ୟକ ଆଉ ଏକ ପ୍ରବୃତ୍ତି ସବୁବେଳେ ରହିଥାଏ । ଯେକୌଣସି ଇତର ଜୀବ ତା'ର ଜାତି ବା ପ୍ରକାରଟି ଭିତରେ ସମ୍ପୂର୍ଣ୍ଣ ବୋଲି ମାତ୍ର ଜୀବନ ଧାରଣ କରେ, କୌଣସି ଦଳଭିତରେ ଅନ୍ତର୍ଭୁକ୍ତ ହୋଇ ରହିଥିବା ସମୟରେ ସେ ସେହି ଦଳଟିର ସମ୍ପୂର୍ଣ୍ଣ ଅଧୀନ ହୋଇଥାଏ । ମାତ୍ର ମନୁଷ୍ୟବ୍ୟକ୍ତି ଯେ ବର୍ତ୍ତମାନ ମଧ୍ୟ ଜଗତ ଭରି ଆପଣାକୁ ଅଭିବ୍ୟକ୍ତ କରି ରଖିଥିବା ପରମ ଆତ୍ମାଟିର ଅନନ୍ତତା, ବହୁମୁଖିତା ଏବଂ ପରମୁକ୍ତ ବୈଚିତ୍ର୍ୟର ଲୀଳାଟି ଭିତରେ ଆପଣାର ଅଂଶଟିକୁ ଗ୍ରହଣ କରିବାକୁ ଆରମ୍ଭ କଲାଣି,

'oaob.nitrkl.ac.in' images reprocessed

ସେଥିରେ କୌଣସି ସନ୍ଦେହ ନାହିଁ । ଅଥବା, ତା'ର ସଂଗଠିତ ଉପରିଭାଗସ୍ଥ ପ୍ରକୃତିରେ ଏପର୍ଯ୍ୟନ୍ତ ସେପରି କୌଣସି ସୂଚନା ଦୃଷ୍ଟିଗୋଚର ନ ହୋଇଥିଲେ ମଧ୍ୟ ଅନ୍ତତଃ ବ୍ୟକ୍ତି ଭିତରେ ତାହା ଏକ ସମ୍ଭାବନାରୂପେ ନିଶ୍ଚୟ ରହିଛି । ସେଠାରେ କେବଳ ଏକ ଆକାରହୀନ ପ୍ରବହମାନତାର କୌଣସି ନୀତି ଆଦୌ କାର୍ଯ୍ୟ କରୁନାହିଁ; ତା'ର ଜୀବନର କ୍ଷେତ୍ରକୁ ସତତ ଆନୀତ ହେଉଥିବା ବୃହତ୍ତମ ସମ୍ଭାବ୍ୟ ସାମଗ୍ରୀଟି ଦ୍ୱାରା ଆପଣାକୁ ସମୃଦ୍ଧିମନ୍ତ କରିବାର ଏକ ପ୍ରବୃତ୍ତି ହିଁ ତା'ଭିତରେ କାର୍ଯ୍ୟ କରୁଛି । ସେହି ସାମଗ୍ରୀଟି ତା'ଭିତରେ ପ୍ରବେଶ କରି ତା'ର ବ୍ୟକ୍ତିଗତ ପ୍ରକୃତିର ବିଧାନଟି ଦ୍ୱାରା ତା'ର ଅଭିବୃଦ୍ଧି ତଥା ଦିବ୍ୟ ସଂପ୍ରସାରଣର ଉପାଦାନରୂପେ ପରିଣତ ଏବଂ ରୂପାନ୍ତରିତ ହୋଇଯିବାରେ ଲାଗିଛି ।

ଏହିପରି ଭାବରେ ମନୁଷ୍ୟବ୍ୟକ୍ତି ଏବଂ ସମଗ୍ର ମନୁଷ୍ୟଜାତି ଭିତରେ ଗୋଷ୍ଠୀ ତଥା ଜାତି ଏକ ମଧ୍ୟପଦ ଓ ମଧ୍ୟବର୍ତ୍ତୀ ପାଦରୂପେ ଅବସ୍ଥିତ ରହିଛି ଏବଂ ତାହା କେବଳ ଆପଣା ଲାଗି ହିଁ ସୃଷ୍ଟି ରହିନାହିଁ, ତାହା ଏଇଟି ଓ ଅନ୍ୟଟି ଉଭୟ ଲାଗି ରହିଛି ଏବଂ ସେମାନେ ଯେପରି ପରସ୍ପରର ପରିପୂର୍ଣ୍ଣତା ଲାଭରେ ପରିପୂରକ ହୋଇ ରହିବେ, ଜାତି ବା ସମାଜ ସେଇଥିରେ ସାହାଯ୍ୟ କରିବାକୁ ସୃଷ୍ଟି ରହିଛି । ଜଣେ ବ୍ୟକ୍ତି ହିସାବରେ ପ୍ରତ୍ୟେକ ମନୁଷ୍ୟକୁ ସମଗ୍ର ମନୁଷ୍ୟଜାତି ଭିତରେ ହିଁ ବାସ କରିବାକୁ ହେବ ଏବଂ ସମଗ୍ର ମନୁଷ୍ୟଜାତି କେବଳ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ହିଁ ବାସ କରିବ । ମାତ୍ର ମନୁଷ୍ୟଜାତି ଏକ ସମୂହ ହିସାବରେ ଏତେ ବଡ଼, ଅର୍ଥାତ୍ ସବୁବେଳେ ଏତେ ବଡ଼ ହୋଇ ରହିଆସିଛି ଯେ, ମନୁଷ୍ୟଜାତି ତଥା ବ୍ୟକ୍ତି ମଧ୍ୟରେ ରହିଥିବା ଏହି ପାରସ୍ପରିକତାକୁ ନିବିଡ଼ ଓ ଶକ୍ତିଶାଳୀ ଭାବରେ ଅନୁଭବ କରିପାରିବା ମନୁଷ୍ୟର ସାଧାରଣ ମନଟି ପକ୍ଷରେ ପ୍ରାୟ ସମ୍ଭବ ହୋଇନାହିଁ । ଏବଂ କେବେ ସମଗ୍ର ମାନବ-ଜାତିକୁ ଏକ କଳନୀୟ ଏକକ ହିସାବରେ ଅନୁଭବ କରିବା ମନୁଷ୍ୟ ପକ୍ଷରେ ସମ୍ଭବ ହେଲେ ମଧ୍ୟ ସେତେବେଳେ ମଧ୍ୟ ଗୋଟିଏ ସମୂହରୁ ଆଉ ଗୋଟିଏ ସମୂହକୁ ବାରି ଦେଖିବାକୁ ଏବଂ ମନୁଷ୍ୟର ସମଗ୍ର ସମୂହଟିର ରହିଥିବା ନାନା ବିଚିତ୍ର ପ୍ରବୃତ୍ତିଗୁଡ଼ିକୁ ବିଶେଷ ବିଶେଷ ବିନ୍ଦୁରେ କେନ୍ଦ୍ରୀଭୂତ କରିପାରିବାକୁ ଓ ସେଗୁଡ଼ିକୁ ପରସ୍ପର ସହିତ ସଂଯୁକ୍ତ କରି ଦେଖିପାରିବାକୁ ମଧ୍ୟ ମଧ୍ୟବର୍ତ୍ତୀ ସମାଜ ତଥା ସମୂହଗୁଡ଼ିକ ଲାଗି ନିଶ୍ଚୟ ଏକ ଆବଶ୍ୟକତା ରହିବ । ତେଣୁ ଅନ୍ତତଃ କେତେ କାଳ ଲାଗି ଗୋଷ୍ଠୀ ବା ସମାଜ ହିଁ ବ୍ୟକ୍ତିଲାଗି ସମଗ୍ର ମାନବଜାତିର ସ୍ଥାନାପନ୍ନ ହୋଇ ରହିବ; ଏପରିକି ବ୍ୟକ୍ତି ଓ ମନୁଷ୍ୟଜାତି ମଧ୍ୟରେ ପ୍ରାୟ ଏକ ଅନ୍ତରାୟ ହୋଇ ଠିଆ ହୋଇ ରହିଲେ ଏବଂ ତଦ୍ୱାରା ବ୍ୟକ୍ତିର ବିଶ୍ୱଗତ ଭାବନାର ପରିଧିଟିକୁ ସୀମାବଦ୍ଧ କରି ଆଣୁଥିଲେ ଏବଂ ତା'ର ସହାନୁଭୂତିଗୁଡ଼ିକର ପ୍ରସାରଟିକୁ ଊଣା କରିଦେଉଥିଲେ ମଧ୍ୟ ଗୋଷ୍ଠୀ ବା ସମାଜ ବ୍ୟକ୍ତିଲାଗି ସମୁଦାୟ ମାନବଜାତିର ଏକ ସ୍ଥାନାପନ୍ନଭାବେ

'oaob.nitrkl.ac.in' images reprocessed

କାର୍ଯ୍ୟ କରିବ । ତଥାପି ଗୋଷ୍ଠୀ କହ, ସମାଜ କହ ଅଥବା ଜାତି କହ, ତାହା କେବଳ ଆପଣାର ହିଁ ବୃଦ୍ଧି, ପରିପୂର୍ଣ୍ଣତା ଓ ବଡ଼ ହେବାକୁ ମନୁଷ୍ୟଜୀବନର ଏକମାତ୍ର ଲକ୍ଷ୍ୟ ବୋଲି ଦାବି କରିପାରିବ ନାହିଁ, ଅଥବା ଅବଶିଷ୍ଟ ମାନବଜାତିର ଅସ୍ତିତ୍ୱକୁ ଅସ୍ୱୀକାର କରି ତାହା କେବେହେଲେ କେବଳ ଆପଣା ସକାଶେ ହିଁ ବଞ୍ଚି ରହିପାରିବ ନାହିଁ । ଏକ ପକ୍ଷରେ ବ୍ୟକ୍ତିର ଜୀବନକୁ ସ୍ୱେଚ୍ଛାସ୍ୱୈରଭାବରେ ଆତ୍ମସାତ୍ କରିନେବ ନାହିଁ କିମ୍ବା ଅପର ପକ୍ଷରେ ବୈରଭାବାପନ୍ନ ହୋଇ ସମୁଦାୟ ମାନବ-ଜାତି ବିରୁଦ୍ଧରେ କେବଳ ଆପଣାକୁ ହିଁ ପ୍ରତିଷ୍ଠିତ କରିବାକୁ ଚାହାଁରିବ ନାହିଁ । ଆପଣାକୁ ଅନ୍ୟମାନଙ୍କ ଆକ୍ରମଣରୁ ସୁରକ୍ଷିତ କରି ରଖିବାକୁ ହେଉ ଅଥବା ଆପଣା ପକ୍ଷରୁ କୌଣସି ଆକ୍ରମଣମୂଳକ ଅଭିସନ୍ଧି ରଖି ହେଉ, ଜାତି ବା ସମାଜ କୌଣସି ଛଳନା ଦେଖାଇ ସେଇଟାକୁ ହିଁ ଏହି ପୃଥିବୀରେ ଆପଣା କାର୍ଯ୍ୟର ନିର୍ଣ୍ଣାୟକ ବିଧାନରୂପେ କଦାପି ଗ୍ରହଣ କରିପାରିବ ନାହିଁ । ହୁଏତ ସାମୟିକ ଭାବରେ ଏଭଳି କୌଣସି ଆବଶ୍ୟକତା ଆସି ପଡ଼ିପାରେ; ମାତ୍ର ଦୁର୍ଭାଗ୍ୟବଶତଃ ବର୍ତ୍ତମାନ ଅଧିକାଂଶ କ୍ଷେତ୍ରରେ ଯାହା ହେଉଛି, ତାହା କଦାପି ହେବ ନାହିଁ । ସମାଜ, ପ୍ରଜାତି, ଧର୍ମ, ଗୋଷ୍ଠୀ, ଜାତି, ସାମ୍ରାଜ୍ୟମାନଙ୍କର ଏହି ମତଲବଟି ମନୁଷ୍ୟର ବୁଦ୍ଧି ତଥା ବିବେକ ପକ୍ଷରେ ଏକ ସାଙ୍ଘାତିକ ବିଚ୍ୟୁତି ବା ବିଭ୍ରାନ୍ତି ମାତ୍ର । ଅହଂପ୍ରଣୋଦିତ ଭାବରେ ବ୍ୟକ୍ତି କେବଳ ଆପଣାଲାଗି ଆପଣାର ଜୀବନ ଧାରଣକୁ ଦାବି କଲାବେଳେ ସେଇଟିକୁ ଯେପରି ସତ୍ୟଠାରୁ କେବଳ ଏକ ବିଚ୍ୟୁତି ବା ସତ୍ୟର ଏକ ବିକୃତି ବୋଲି ବୁଝାଯିବ, ଏଇଟିକୁ ମଧ୍ୟ ଆମେ ଠିକ୍ ସେହିଭଳି ଏକ ବିଚ୍ୟୁତି ବୋଲି କହିବା ।

ଅସଲ ସତ୍ୟଟି ଏହିଭଳି ଏକ ବିଭ୍ରାନ୍ତିରୂପେ ବିକୃତ ହୋଇପଡ଼ିଲେ ତାହା ବ୍ୟକ୍ତିର ଜୀବନକ୍ଷେତ୍ରରେ ଯେପରି କାର୍ଯ୍ୟ କରେ, ଗୋଷ୍ଠୀର ଜୀବନକ୍ଷେତ୍ରରେ ମଧ୍ୟ ଠିକ୍ ସେହିଭଳି କାର୍ଯ୍ୟ କରେ । ଜାତି ହେଉ କିମ୍ବା ଗୋଷ୍ଠୀ ହେଉ, ଆମେ ସେଗୁଡ଼ିକୁ ସାମୂହିକ ଜୀବନର ଗୋଟିଏ ଗୋଟିଏ ନମୁନା ବୋଲି କହିବା; ମନୁଷ୍ୟ ପ୍ରକୃତିର ସାଧାରଣ ବିଧାନଟି ଅନୁସାରେ ସେମାନେ ଆତ୍ମାର ଅଭିବ୍ୟକ୍ତି ସାଧନ କରୁଥାନ୍ତି । ଆପଣା ସତ୍ତାର ତଥା ଆପଣାର ସାମୁଦାୟିକ ବ୍ୟକ୍ତିତ୍ୱଟିର ବିଧାନଟିକୁ ଅନୁସରଣ କରି ସେଗୁଡ଼ିକ ଆପଣା ନିଜ୍ସ୍ୱତାର ବିକାଶ ତଥା ଅନୁଧାବନ କରିବା ସଙ୍ଗେ ସଙ୍ଗେ ତଦ୍ଦ୍ୱାରା ସମଗ୍ର ମନୁଷ୍ୟଜାତିର ବିକାଶ ତଥା ନିଜସ୍ୱତାରେ ମଧ୍ୟ ସହାୟତା କରୁଥାନ୍ତି ଏବଂ ସେଗୁଡ଼ିକୁ ଆଂଶିକଭାବରେ ପରିପୂର୍ଣ୍ଣ ବି କରିଦେଉଥାନ୍ତି । ବ୍ୟକ୍ତି ଭଳି ଗୋଷ୍ଠୀ ବା ଜାତିର ମଧ୍ୟ ତାହା ଯଥାର୍ଥରେ ଯାହା, ଠିକ୍ ସେହିଭଳି ହେବାର ଅଧିକାର ରହିଛି । ଯେତେବେଳେ ଅନ୍ୟ କୌଣସି ଜାତି ତା' ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟା କରିବ ଅଥବା ଯେତେଅବା କୌଣସି ସୈନ୍ୟ-ବାହିନୀକୁ ଦୋହସ୍ତ କରି ଗଢ଼ିବାଭଳି ପ୍ରତ୍ୟେକ ମନୁଷ୍ୟକୁ କେବଳ ଗୋଟିଏ

'oaob.nitrkl.ac.in' images reprocessed

ନର୍ଦ୍ଦିଷ୍ଟ ଗ୍ରୁଷ୍ଟରେ ଗୋଟିଏ ପ୍ରକାର କରି ତିଆରି କରିବାକୁ ଏକ ଅତିରିକ୍ତ ପ୍ରବୃତ୍ତିର ପ୍ରଦର୍ଶନ ଦ୍ୱାରା ସେହି ଜାତିର ସ୍ୱତନ୍ତ୍ର ବିକାଶଟି ଉପରେ କୌଣସି ଆକ୍ରମଣ କରାଯିବ ସେତେବେଳେ ଆପଣାର ଅସ୍ତିତ୍ୱଟିକୁ ବଞ୍ଚାଇ ରଖିବାଲାଗି ତାହାର ନିଶ୍ଚୟ ଏକ ନ୍ୟାଯ୍ୟୋଚିତ ଅଧିକାର ମଧ୍ୟ ରହିଥିବ । କେବଳ ଆପଣା ବାଟରେ ଓ ଆପଣାର ଧାତରେ ଯାହା କିଛି ହେବାଲାଗି, ଆପଣା ଭିତରେ ଅନ୍ତର୍ନିହିତ କଳ୍ପନାଦର୍ଶଟି ଅନୁସାରେ ଆପଣାର ବିକାଶ କରିବାଲାଗି ଓ ଆମେ ଯେଉଁଭଳି କହିଆସିଛୁ, ଆପଣା ସ୍ୱଭାବଟିର ସ୍ୱକୀୟ ବିଧାନଟି ଅନୁସାରେ ହିଁ ବିକଶିତ ହେବା-ଲାଗି ବଦ୍ଧପରିକର ଓ ଅଟଳ ହୋଇ ରହିବାକୁ ତାହାର ପୂର୍ଣ୍ଣ ଅଧିକାର ରହିଥିବ । କେବଳ ଆପଣା ଲାଗି ଅଥବା ପ୍ରଧାନତଃ ଆପଣା ଲାଗି ଯେ ସେ ଏହି ଅଧିକାରଟିର ପ୍ରତିଷ୍ଠା କରି ରଖିବ ତାହା ନୁହେଁ, ସମଗ୍ର ମନୁଷ୍ୟଜାତିର ସ୍ୱାର୍ଥ ଲାଗି ମଧ୍ୟ ତାକୁ ଠିକ୍ ସେହିପରି କରିବାକୁ ପଡ଼ିବ । କାରଣ, ଆମର ମୁକ୍ତ ତଥା ସୁସ୍ଥ ବିକାଶ ସକାଶେ ଯେଉଁସବୁ ପରିବେଶର ଏକାନ୍ତ ଆବଶ୍ୟକତା ରହିଛି, କେବଳ ସେହି-ଗୁଡ଼ିକୁ ହିଁ ଆମେ ଆମର ଯଥାର୍ଥ ଅଧିକାର, ବୋଲି କହିପାରିବା ; ଏବଂ ଆମର ମୁକ୍ତ ଓ ସୁସ୍ଥ ବିକାଶ ହିଁ ଏଠାରେ ଆମର ଅଧିକାର, କାରଣ ସମଗ୍ର ପୃଥିବୀର ବିକାଶ ଲାଗି ତଥା ମନୁଷ୍ୟଜାତିର ନିସ୍ପତିଟିକୁ ପରିପୂର୍ଣ୍ଣ କରିବାଲାଗି ଏହାର ଏକାନ୍ତ ଆବଶ୍ୟକତା ରହିଛି ।

ଆପେ ଯାହା ହୋଇଛ, ଆପଣା ଧାତରେ ତାହାହିଁ ହେବାକୁ ପ୍ରତ୍ୟେକ ଗୋଷ୍ଠୀ ବା ଜାତିର ଅବଶ୍ୟ ଅଧିକାର ରହିଛି, ଏକଥା କୁହାଯିବାବେଳେ ଆପେ ଯାହା ହୋଇଛ, ଆପଣା ମାର୍ଗରେ ତାହାହିଁ ହେବାଲାଗି ପ୍ରତ୍ୟେକ ବ୍ୟକ୍ତିର ଅଧିକାରଠାରୁ ତାହା ଭିନ୍ନ କିମ୍ବା ଅଧିକ ଆଉ କୌଣସି କଥାକୁ ବୁଝାଉନାହିଁ । ଆପେ ଯାହା ହେବାକୁ ହୋଇଛ, ତାହାହିଁ ହେବାର ଅର୍ଥ ନୁହେଁ ଯେ କୌଣସି ଜାତି ସତେଅବା କୌଣସି ବାଡ଼ମୂଷା ପରି ଆପଣା ଆସ୍ତରଣଟି ଭିତରେଗୁଡ଼ାଇ ହୋଇ ପଡ଼ିରହିବ, ଆପଣାର ବନ୍ଧ ବିଶ୍ୱାସ, ପୂର୍ବଗ୍ରହ, ସୀମା ଓ ଅପୂର୍ଣ୍ଣତା ଗୁଡ଼ାକ ମଧ୍ୟରେ ଆପଣାକୁ କଳି ରଖିବ ; ଆପଣା ଅତୀତର ଗମ୍ଭୀରତା ଭିତରେ, ଆପଣାର ବର୍ତ୍ତମାନ ସିଦ୍ଧିସବୁ ମଧ୍ୟରେ ହିଁ ଆପଣାକୁ ମୁଗ୍ଧ ଓ ରୁଦ୍ଧ କରି ରଖି ଅବଶିଷ୍ଟ ପୃଥିବୀ ସହିତ କୌଣସି ମାନସିକ ଅଥବା ଭୌତିକ ଆଦାନପ୍ରଦାନ ଏବଂ ଆଧ୍ୟାତ୍ମିକ ବା ପ୍ରକୃତ ସମ୍ମିଳନ ଲାଗି ଅସମ୍ମତ ହୋଇ ବସିବ । କାରଣ ଏପରି ଭାବରେ କୌଣସି ଜାତି ଆପଣାର ବିକାଶ କରାଇପାରିବ ନାହିଁ କିମ୍ବା ଆପଣାର ପରିପୂର୍ଣ୍ଣତା ଲାଭ କରି-ପାରିବ ନାହିଁ । ବ୍ୟକ୍ତି ଯେଉଁଭଳି ଅନ୍ୟ ବ୍ୟକ୍ତିମାନଙ୍କ ଜୀବନ ଦ୍ୱାରା ପୁଷ୍ଟ ହେଉଛି, ଉପକୃତ ହେଉଛି, ଠିକ୍ ସେହିପରି ଗୋଟିଏ ଜାତି ଅନ୍ୟ ଜାତିମାନଙ୍କର ଜୀବନ ଦ୍ୱାରା ମଧ୍ୟ ପୁଷ୍ଟ ଓ ଉପକୃତ ହେବ, ଆପଣାର ମାନସିକ, ଆର୍ଥିକ ତଥା ଭୌତିକ

'oaob.nitrkl.ac.in' images reprocessed

ଜୀବନ ଲାଗି ସେମାନଙ୍କଠାରୁ ସେ ନାନା ସାମଗ୍ରୀ ଓ ଉପାଦାନମାନ ଗ୍ରହଣ କରୁଥିବ । ମାତ୍ର ଯେଉଁସବୁ ସାମଗ୍ରୀ ଓ ସମ୍ପଦକୁ ସେ ଆପଣାର ସାମଗ୍ରୀ ଓ ସମ୍ପଦରେ ପରିଣତ କରିନେଇପାରୁଥିବ, ସେଗୁଡ଼ିକୁ ଆପଣା ସ୍ୱକୀୟ ପ୍ରକୃତିଗତ ବିଧାନଟିର ଅଧୀନ କରିପାରୁଥିବ । ସେଗୁଡ଼ିକୁ ସେ ଆପଣାର ଉପାଦାନରୂପେ ପରିବର୍ତ୍ତିତ କରିଇ-ନେଇପାରିବ; ଆପଦଶୂନ୍ୟ ଓ ନିଶ୍ଚିତଭାବରେ ବଞ୍ଚି ରହିବାକୁ ହେଲେ ଓ ସୁସ୍ଥ ଭାବରେ ଆପଣାର ଅଭିବୃଦ୍ଧି ସାଧନ କରିବାକୁ ହେଲେ ସେ ଅନ୍ୟମାନଙ୍କଠାରୁ ଗୃହୀତ ସାମଗ୍ରୀଗୁଡ଼ିକ ଉପରେ ଆପଣାର ସ୍ୱକୀୟ ମୁକ୍ତ ଇଚ୍ଛା ଓ ଚେତନାଦ୍ୱାରା କାର୍ଯ୍ୟ କରିପାରୁଥିବ । ମାତ୍ର ବଳପ୍ରୟୋଗ ଦ୍ୱାରା ଅଥବା ତା' ନିଜର ବ୍ୟକ୍ତିତ୍ୱଟିକୁ ଖଣ୍ଡ କରିଦେଉଥିବା କୌଣସି ଚାପ ପକାଇ ଅନ୍ୟ ଏକ ପ୍ରକୃତିର ବିଧାନ ଓ ଉପାଦାନଗୁଡ଼ିକୁ ତା' ଉପରେ ଆଣି ଲଦିଦିଆଗଲେ ତାହା ସେହି ଜାତିର ଅସ୍ତିତ୍ୱ ଲାଗି ଏକ ବିପର୍ଯ୍ୟୟ ପରି କାମ କରିବ, ତାହାର ଶରୀର ଉପରେ ଛିଡ଼ାଟିଏ ପରି ହୋଇ ରହିବ, ତାହାର ଯାତ୍ରାପଥରେ ବେଡ଼ି ପରି କାର୍ଯ୍ୟ କରିବ । ପ୍ରତ୍ୟେକ ବ୍ୟକ୍ତିର ଅନ୍ତଃପ୍ରେରିତ ମୁକ୍ତ ବିକାଶ ହିଁ ଯେପରି ସମାଜର ଅଭିବୃଦ୍ଧି ତଥା ପରିପୂର୍ଣ୍ଣତା ଲାଗି ଅନୁକୂଳ ପ୍ରକୃଷ୍ଟ ପରିବେଶ ସୃଷ୍ଟି କରିପାରିବ, ଠିକ୍ ସେହିପରି ପ୍ରତ୍ୟେକ ସମାଜ ବା ଜାତିର ଅନ୍ତଃପ୍ରେରିତ ମୁକ୍ତ ବିକାଶ ମଧ୍ୟ ସମଗ୍ର ମାନବଜାତିର ଅଭିବୃଦ୍ଧି ତଥା ପରିପୂର୍ଣ୍ଣତା ଲାଗି ପ୍ରକୃତ ଓ ପ୍ରକୃଷ୍ଟ ପରିବେଶଟିକୁ ଯୋଗାଇଦେଇପାରିବ ।

ତେଣୁ ନିଷ୍କର୍ଷ ହେଉଛି ଯେ, ଆପଣାର ଯଥାର୍ଥ ବିଧାନଟି ଅନୁସାରେ ବ୍ୟକ୍ତି ଅନ୍ତଃପ୍ରେରିତ ଭାବରେ ଆପଣାର ମୁକ୍ତ ବିକାଶ ଲାଗି ପ୍ରୟାସୀ ହେବ ଓ ତଦ୍ୱାରା ଆପଣାର ବ୍ୟକ୍ତିତ୍ୱକୁ ଅଧିକରୁ ଅଧିକ ପରିପୂର୍ଣ୍ଣ କରିବାରେ ଲାଗିଥିବ । ମାତ୍ର ସେହି କଥାଟି କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ମୁକ୍ତ ବିକାଶଟିକୁ ମଧ୍ୟ ସମ୍ମାନ ଦେଖାଇବ, ତାହାର ସହାୟକ ହୋଇଥିବ ଏବଂ ଆପେ ତାହାର ସହାୟତା ଗ୍ରହଣ କରିପାରୁଥିବ । ବ୍ୟକ୍ତିର ବିଧାନଟି ହେଉଛି ଆପଣା ଗୋଷ୍ଠୀ ବା ସାମାଜିକ ସମଷ୍ଟିର ଜୀବନ ସହିତ ଆପଣାର ଜୀବନଟିକୁ ସମନ୍ୱିତ କରି ରଖିବାର ବିଧାନ, ଏବଂ ସେହି ବିଧାନଟି ଅନୁସାରେ ସେ ଆପଣାକୁ ଏକ ଶକ୍ତି ହିସାବରେ ସମଗ୍ର ମାନବସମାଜର ଅଭିବୃଦ୍ଧି ତଥା ପରିପୂର୍ଣ୍ଣତା ଲାଗି ସମର୍ପଣ କରିଦେଇପାରୁଥିବ । ଠିକ୍ ସେହିପରି ଗୋଷ୍ଠୀ ବା ଜାତିର ପ୍ରକୃତ ବିଧାନଟି ହେଉଛି ଯେ, ସେ ଅନ୍ତଃପ୍ରେରିତ ଏକ ମୁକ୍ତ ବିକାଶର ପ୍ରକ୍ରିୟା ଦ୍ୱାରା ଆପଣାର ଯୌଥ ଆତ୍ମ ଭୂତିକୁ ଅଧିକରୁ ଅଧିକ ପରିପୂର୍ଣ୍ଣ କରୁଥିବ, ବ୍ୟକ୍ତିର ମୁକ୍ତ ଅନ୍ତଃପ୍ରେରିତ ବିକାଶରେ ପୂର୍ଣ୍ଣ ସହାୟତା କରୁଥିବ ଓ ସେହି ବିକାଶରୁ ଆପଣା ଲାଗି ମଧ୍ୟ ପୂର୍ଣ୍ଣ ସୁଯୋଗ ଗ୍ରହଣ କରୁଥିବ । ମାତ୍ର ତାହା ସହିତ ସେ ଅନ୍ୟ ଗୋଷ୍ଠୀ ତଥା ଜାତିସବୁର ଅନୁରୂପ ମୁକ୍ତ ବିକାଶ ଲାଗି ଉପଯୁକ୍ତ ସମ୍ମାନ ଦେଖାଇପାରୁଥିବ, ତାହାର ସହାୟକ ହୋଇପାରୁଥିବ ଓ ସେଥିରୁ ନିଜେ ମଧ୍ୟ ସାହାଯ୍ୟ ଗ୍ରହଣ କରିପାରୁଥିବ । ପ୍ରତ୍ୟେକ ଗୋଷ୍ଠୀ ବା ଜାତିର ବିଧାନ ହେଉଛି

'oaob.nitrkl.ac.in' images reprocessed

ସମଗ୍ର ମନୁଷ୍ୟଗୋଷ୍ଠୀର ଜୀବନଟି ସହିତ ଆପଣାର ଜୀବନକୁ ସମନ୍ୱିତ ଓ ସମଛନ୍ଦ କରି ରଖିବାର ବିଧାନ ଏବଂ ସେହି ମନୁଷ୍ୟଗୋଷ୍ଠୀର ବୃଦ୍ଧି ଏବଂ ପରିପୂର୍ଣ୍ଣତା ସକାଶେ ଏକ ଶକ୍ତି ହିସାବରେ ଆପଣାକୁ ସମର୍ପିତ ବା ଉତ୍ସୃଷ୍ଟ କରି ରଖିବାର ବିଧାନ । ସମଗ୍ର ମନୁଷ୍ୟଗୋଷ୍ଠୀର ପ୍ରକୃତ ବିଧାନ ହେଉଛି ଏହି ମାନବୀୟ ସୋପାନଟିରେ ଓ ସର୍ବ-ମନୁଷ୍ୟର ଜୀବନ ମଧ୍ୟରେ ସେହି ପରମ ଦିବ୍ୟତାଟିର ଆବିଷ୍କାର ତଥା ତାହାକୁ ଅଭିବ୍ୟକ୍ତ କରିବା ଦିଗରେ ଚାଲିଥିବା ଆପଣାର ଊର୍ଦ୍ଧ୍ୱଗତ ବିବର୍ତ୍ତନଟିର ଅନୁଧାବନ କରିବାର ବିଧାନ । ଆପଣାର ଏହି ଅନୁଧାବନରେ ତାହା ସକଳ ବ୍ୟକ୍ତିଙ୍କର ଉପଲବ୍ଧ ମୁକ୍ତ ବିକାଶ ଓ ସମ୍ପଦଟିର ପୂର୍ଣ୍ଣ ସୁଯୋଗ ଗ୍ରହଣ କରିପାରୁଥିବ, ସକଳ ମନୁଷ୍ୟଗୋଷ୍ଠୀ ଓ ଜାତିଠାରୁ ମଧ୍ୟ ତାହା ଏହି ସୁଯୋଗଟିକୁ ଗ୍ରହଣ କରିପାରୁଥିବ, ଏବଂ କେବଳ ଏକ ଆଦର୍ଶଗତ ରୂପରେ ନୁହେଁ, ବାସ୍ତବ ସିଦ୍ଧସତ୍ୟର କ୍ଷେତ୍ରରେ ଯେଉଁଦିନ ମନୁଷ୍ୟଜାତି ସେହି ଏକ ଦିବ୍ୟ ପରିବାରର ଅନ୍ତର୍ଭୁକ୍ତ ହୋଇ ରହିବ, ସେହି ଦିନଟିର ଆଗମନ ସକାଶେ ତାହା ସତତ କାର୍ଯ୍ୟ କରିବାରେ ଲାଗିଥିବ । ମାତ୍ର ସେତେବେଳେ ମଧ୍ୟ, ଅର୍ଥାତ୍ ଆପଣାର ଏହି ଈପ୍ସିତ ଏକତ୍ୱବିଧାନଟିକୁ ସିଦ୍ଧ କରିସାରିଲେ ମଧ୍ୟ ତାହା ଆପଣାର ଅନ୍ତର୍ଭୁକ୍ତ ସକଳ ବ୍ୟକ୍ତି, ସକଳ ଗୋଷ୍ଠୀ ତଥା ସମୂହର ମୁକ୍ତ ଅଭିବୃଦ୍ଧି ଏବଂ କ୍ରିୟାଶୀଳତାକୁ ଯଥୋଚିତ ସମ୍ମାନ ଦେଖାଉଥିବ, ସେଗୁଡ଼ିକର ସହାୟକ ହେଉଥିବ ଏବଂ ସେଗୁଡ଼ିକ ଦ୍ୱାରା ନିଜେ ମଧ୍ୟ ଉପକୃତ ହୋଇପାରୁଥିବ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏଠାରେ କେବଳ ଏକ ଆଦର୍ଶ ବିଧାନର ହିଁ ଆଲୋଚନା କରାଯାଇଛି ଏବଂ ଅନେକ ଅପୂର୍ଣ୍ଣତା ଦ୍ୱାରା ବଦ୍ଧ ହୋଇ ରହିଥିବା ମାନବଜାତି ଲାଗି ପ୍ରକୃତରେ ସେହି ସିଦ୍ଧିଟିକୁ ଲାଭ କରିବାପାଇଁ ବର୍ତ୍ତମାନ ଅନେକ ପଥ ବାକି ରହିଛି । ଏବଂ ସେହି ସିଦ୍ଧିଟି ପାଇବାଲାଗି ଯେ ଦୀର୍ଘ ଅନେକ ଦିନ ସମୟ ନ ଲାଗିବ, ସେକଥା ପ୍ରକୃତରେ କିଏ କହିପାରିବ ? ମନୁଷ୍ୟ ଆଜି ମଧ୍ୟ ଆପେ ଆପଣାର ଅଧିକାରୀ ହୋଇନାହିଁ ; ସେ କେବଳ ଆପଣାର ସନ୍ଧାନ କରିବାରେ ହିଁ ଲାଗିଛି । ସଚେତନ ଭାବରେ ସେ ଆଜି ମଧ୍ୟ ଆପଣା ପ୍ରକୃତିନିର୍ଦ୍ଦିଷ୍ଟ ବିଧାନଟିର ପ୍ରବେଗଟିକୁ ଜାଣିପାରିନାହିଁ, କେବଳ ଅବଚେତନ ବା ଅର୍ଦ୍ଧଚେତନ ଭାବରେ ମୋଟାମୋଟି ସେହି ପ୍ରବେଗଟିକୁ ମାନିବାରେ ସୀମିତ ରହିଛି । ମଣିଷ କେତେ ଝୁଣ୍ଟୁଛି, କେତେ କୁଣ୍ଠିତ ହୋଇ ରହୁଛି ଓ ଅସଲ ବାଟଟିକୁ ଛାଡ଼ି ଅନ୍ୟ ନାନା ବାଟରେ କେତେ ବିଚ୍ୟୁତ ହୋଇଯାଉଛି । ଏହି ବାଟରେ ଯାଉ ଯାଉ ସେ ଆପଣା ପ୍ରତି ତଥା ଅନ୍ୟମାନଙ୍କ ପ୍ରତି କେତେ କେତେ ହିଂସାଚରଣ କରୁଛି ଏବଂ ସତ୍ୟ ଓ ମିଥ୍ୟାର ଏକ ମିଶ୍ରିତ ଜାଲ ଭିତରେ ଟାଣି ଟୁଣି ହୋଇ ଆଗକୁ ଯିବା ବ୍ୟତୀତ ତା'ର ଗତି ନାହିଁ । ଭୁଲ୍ ଆଉ ଠିକ୍‌ର ଅଡ଼ୁଆରେ ଛନ୍ଦିହୋଇ ବାଟ ଚାଲିବା ଛଡ଼ା ଅନ୍ୟ ଗତି ତା' ପାଖରେ ନାହିଁ । ଏହି ବାଟରେ ଚାଲୁଥିବାବେଳେ ସେ ଆପଣାକୁ କେତେ

'oaob.nitrkl.ac.in' images reprocessed

ପ୍ରକାରେ ବାଧା ଦେଉଛି, କେତେ ବିଦ୍ରୋହ କରୁଛି ଓ ଅତି ଅକୁଶଳଭାବରେ କେତେ-ପ୍ରକାର ସାଲିସ୍ କରିଚାଲିଛି, ଆପଣାକୁ କେତେପ୍ରକାରେ ଖାପ ଖୁଆଇ ନେବାର ଚେଷ୍ଟା କରୁଛି । ବର୍ତ୍ତମାନ ମଧ୍ୟ ମଣିଷ ଭିତରେ ଜ୍ଞାନର ସେହି ପ୍ରଶସ୍ତତା ବା ମନର ସେହି ସ୍ଥିତିସ୍ଥାପକତା ଅଥବା ଜୀବନର ସମଗ୍ର ସ୍ୱଭାବଗତତାରେ ସେହି ଶୃଙ୍ଖଳତା ମଧ୍ୟ ଆସିନାହିଁ, ଯାହା ଫଳରେ କି ସେ ମୁକ୍ତ ତଥା ସମନ୍ୱୟର ପଥଟିକୁ ଆପଣାର ପଥ ବୋଲି ଗ୍ରହଣ କରିପାରନ୍ତା ଓ ସେହି ପଥରେ ହିଁ ଆପଣାକୁ ପରିଚାଳିତ କରିନିଅନ୍ତା ; ତାହାର ଭିତରେ ବିଭେଦ ସୃଷ୍ଟି କରିବାଭଳି ଓ ତାକୁ ସତେ ଅବା ଗୋଟାଏ ଫାଶ ଭିତରେ ଭର୍ତ୍ତି କରି ଜୋର କରି ଅଟକାଇନେବାର ଯେତେ ବିଧାନ ରହିଛି, ସେଗୁଡ଼ିକୁ ଏଡ଼ି ବାଟ ଚାଲିପାରନ୍ତା । ବାଧା ଦେବାର, ସାଲିସ କରିବାର ଅଥବା ସଂଘାତ ମଧ୍ୟରେ ଜଡ଼ିତ ହୋଇଯିବାର ବିଧାନଗୁଡ଼ିକୁ ଏଡ଼ି ବାଟ ଚାଲିପାରନ୍ତା । ବର୍ତ୍ତମାନର ଏହି ଆତ୍ମପ୍ରଧାନ ଯୁଗପର୍ଯ୍ୟାୟଟିରେ ଏକ ଅଭୂତପୂର୍ବ ବେଗ ଓ ସତ୍ୱରତା ସହିତ ଜ୍ଞାନର ବୃଦ୍ଧି ଓ ପ୍ରସାର ହେବାରେ ଲାଗିଛି, ମନୁଷ୍ୟ ଭିତରେ ନାନା ନୂତନ ସାମର୍ଥ୍ୟର ସ୍ୱୟଂ ଆବିର୍ଭାବ ଘଟୁଛି, ସଂଘଟିତ ଏହି ଏକତ୍ୱଟିକୁ ବର୍ତ୍ତମାନ ପାଇଁ ସତେ ଅବା ବାଧ୍ୟ ଓ ବିମୂଢ଼ଭାବରେ ଏକ ଜାଲ ଭିତରେ ଆସି ପଡ଼ିଯିବାପରି ଅନୁଭବ କରୁଥିଲେ ମଧ୍ୟ ଯେତେବେଳେ ଜନଗଣ ତଥା ଜାତିସମୂହ କ୍ରମେ ପରସ୍ପରର ଅଧିକ ନିକଟବର୍ତ୍ତୀ ହୋଇଆସୁଛନ୍ତି ଓ ଆଂଶିକଭାବରେ ଏକତ୍ୱବଦ୍ଧ ବି ହେଉଛନ୍ତି ; ପରସ୍ପରକୁ ଜାଣିବାକୁ ଏବଂ ନିଜକୁ ମଧ୍ୟ ଅଧିକ ଗଭୀର ଭାବରେ ଜାଣିବାକୁ ସେମାନେ ସତେ ଅବା ବାଧ୍ୟ ହେବାକୁ ଆରମ୍ଭ କଲେଣି, ସମଗ୍ର ମନୁଷ୍ୟଜାତି, ପରମେଶ୍ୱର ଏବଂ ଏହି ପୃଥିବୀକୁ ମଧ୍ୟ ଅଧିକ ଗଭୀରଭାବରେ ଜାଣିବାଲାଗି ବାଧ୍ୟ ହେଲେଣି ଏବଂ ଆତ୍ମଉପଲବ୍ଧିର ବିଷୟଟି କ୍ରମେ ବ୍ୟକ୍ତି ତଥା ଜାତିମାନଙ୍କର ଜୀବନକ୍ଷେତ୍ରରେ ସଚେତନ ଉପରିଭାଗଟିରେ ବି କ୍ରମେ ପ୍ରକଟ ହେବାକୁ ଆରମ୍ଭ କଲାଣି । ଏହିଭଳି ଏକ ପରିବର୍ତ୍ତିତ ପରିସ୍ଥିତିରେ ଏବଂ ଏହିଭଳି ଗୋଟିଏ ଯୁଗରେ ଆପଣାକୁ ଯଥାର୍ଥରୂପେ ଜାଣିବା ହିଁ ମନୁଷ୍ୟର ସ୍ୱଭାବଗତ କର୍ମ ହୋଇ ରହିବା ଉଚିତ, ତା' ଜୀବନର ଏକ ସଚେତନ ଆକାଂକ୍ଷା ହୋଇ ରହିବା ଉଚିତ । ବର୍ତ୍ତମାନ ତାକୁ ଆପଣା ସତ୍ତା ତଥା ସତ୍ତାବିକାଶର ଆଦର୍ଶ ବିଧାନଟିର ଆବିଷ୍କାର କରିବାଲାଗି ହିଁ ଆକାଂକ୍ଷା ରଖିବାକୁ ପଡ଼ିବ ; ଏବଂ ଆପଣାର ଅନ୍ତଃଜଡ଼ିତ ପ୍ରକୃତିର ନାନା ଅସୁବିଧା ହେତୁ ସେହି ବିଧାନଟିର ଆଦର୍ଶ ଅନୁଧାବନ କରିବାଲାଗି ସମର୍ଥ ନ ହେଲେ ମଧ୍ୟ ମନୁଷ୍ୟ ତାକୁ ତଥାପି ଆପଣାର ସମ୍ମୁଖରେ ଉନ୍ମୋଚିତ କରି ଧରିବ ଏବଂ ଧୀରେ ଧୀରେ ସେହି ପଥଟିର ବି ଆବିଷ୍କାର କରିବ ଯାହାଦ୍ୱାରା କି ସେ ସେହି ବିଧାନଟିକୁ ଅଧିକରୁ ଅଧିକ ପରିମାଣରେ ବ୍ୟକ୍ତିଗତ ତଥା ସାମାଜିକ ଅସ୍ତିତ୍ୱ-କ୍ଷେତ୍ରର ଗଠନକାର୍ଯ୍ୟ ଆଧାରତତ୍ତ୍ୱରୂପେ ପରିଣତ କରିଦେଇପାରିବ ।

'oaob.nitrkl.ac.in' images reprocessed

## ଅଷ୍ଟମ ପରିଚ୍ଛେଦ

# ସଭ୍ୟତା ଓ ବର୍ବରତା

ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ଏବଂ ପରିପୂର୍ଣ୍ଣ ପାରସ୍ପରିକତାର ଏହି ବିଧାନଟି ଯେ ବ୍ୟକ୍ତି, ସମାଜ ତଥା ଜାତିର ଜୀବନରେ ଅନୁସରଣୀୟ ଆଦର୍ଶବିଧାନ ଏବଂ ଏକ ମୁକ୍ତ ଓ ସ୍ୱଚ୍ଛନ୍ଦ ନାନାବିଧତା ମଧ୍ୟରେ ଏକ ପରିପୂର୍ଣ୍ଣ ଏକତ୍ୱ ଓ ଏପରି କି ତାଦାତ୍ମ୍ୟର ପ୍ରତିଷ୍ଠା ହିଁ ଯେ ଜାତିର ଯଥାର୍ଥ ଲକ୍ଷ୍ୟ, ଏହି ନିର୍ଣ୍ଣୟଟିରେ ଆସି ପହଞ୍ଚିପାରିବା ପରେ ପ୍ରଚ୍ଛନ୍ନ ଅଥବା ପ୍ରକାଶ୍ୟଭାବରେ ହେଉ. ଆତ୍ମୋପଲବ୍ଧି ହିଁ ହେଉଛି ବ୍ୟକ୍ତିର ତଥା ସମାଜର ବିକାଶରେ ଏକମାତ୍ର ଯଥାର୍ଥ ତାତ୍ପର୍ଯ୍ୟ, ଏକଥା କହିଲାବେଳେ ଆମେ ତାହାଦ୍ୱାରା ପ୍ରକୃତରେ କ'ଣ ବୁଝୁ, ବର୍ତ୍ତମାନ ଆମକୁ ସେ କଥାଟିକୁ ଅଧିକ ପରିଷ୍କାରଭାବରେ ପରଖି ଦେଖିବାର ଚେଷ୍ଟା କରିବାକୁ ହେବ । ବର୍ତ୍ତମାନ ମଧ୍ୟ ଆମେ ସମଗ୍ର ମାନବଜାତି ବା ମାନବ-ସମାଜକୁ ଗୋଟିଏ ଏକକରୂପେ ବିଚାର କରିବାକୁ ଆରମ୍ଭ କରିନାହୁଁ, ଜାତିକୁ ହିଁ ମନୁଷ୍ୟଜୀବନର ବୃହତ୍ତମ ସଘନ ଏକକରୂପେ ବିଚାର କରିଆସିଛୁ । ଏବଂ ବର୍ତ୍ତମାନ ବ୍ୟକ୍ତିର ସ୍ତରରୁ ଆଲୋଚନାଟି ଆରମ୍ଭ କଲେ ତାହା ସର୍ବୋତ୍କୃଷ୍ଟ ହେବ; କାରଣ ସମୂହ ଆତ୍ମା ଓ ସାମୂହିକ ଜୀବନ ଅପେକ୍ଷା ବ୍ୟକ୍ତିର ସ୍ୱଭାବ ବିଷୟରେ ଆମର ଅଧିକ ପରିପୂର୍ଣ୍ଣ ଜ୍ଞାନ ତଥା ଅଭିଜ୍ଞତା ରହିଛି ଏବଂ ସମାଜ ଅପେକ୍ଷା ଆପଣାର ଜ୍ଞାନରେ ଆମେ ବ୍ୟକ୍ତିର ଅଧିକ ନିକଟବର୍ତ୍ତୀ ହୋଇପାରିଛୁ । ଏବଂ ଦ୍ୱିତୀୟତଃ ଯେତେ ବୃହତ୍ କିମ୍ବା ଯେତେ ଜଟିଳ ଗ୍ରନ୍ଥିମୟ ହେଲେ ମଧ୍ୟ ସମାଜ ବା ଜାତିକୁ ମୂଳତଃ ଏକ ଅଧିକ ବୃହତ୍ ସହିତବଦ୍ଧ ଏକ ବ୍ୟକ୍ତି ବୋଲି ବୁଝାଯିବ, ସାମୂହିକ ମନୁଷ୍ୟ ବୋଲି ବୁଝାଯିବ । ତେଣୁ ବ୍ୟକ୍ତିର କ୍ଷେତ୍ରରେ ଯାହାକିଛିକୁ ଆମେ ସତ୍ୟ ବୋଲି ଗ୍ରହଣ କରୁଛୁ, ବୃହତ୍ତର ଏକକଟିର ସାଧାରଣ ନିୟମଟିର କ୍ଷେତ୍ରରେ ମଧ୍ୟ ସେହିଗୁଡ଼ିକୁ ସତ୍ୟ ବୋଲି ପ୍ରତିପାଦିତ ହୋଇପାରିବାର ଅଧିକତର ସମ୍ଭାବନା ରହିଛି । ପୁଣି ଏ କଥାଟିକୁ ମଧ୍ୟ ଆମେ ଆଗରୁ ଆଲୋଚନା କରି ଦେଖିସାରିଛୁ ଯେ, ଏକ ପରିପୂର୍ଣ୍ଣ ଆଦର୍ଶ ସମାଜର ବିକାଶଲାଗି ମୁକ୍ତ ମନୁଷ୍ୟବ୍ୟକ୍ତିର ବିକାଶ ହେଉଛି ସର୍ବପ୍ରଥମ ସର୍ତ୍ତ ବା ସର୍ବପ୍ରଥମ ଆବଶ୍ୟକତା । ତେଣୁ ଆମକୁ ସେହି ବ୍ୟକ୍ତିଠାରୁ ହିଁ ଆରମ୍ଭ କରିବାକୁ ହେବ, ତାହାକୁ ହିଁ ଆମର ନିର୍ଦ୍ଦେଶକ ଓ ଆଧାର ବୋଲି ଗ୍ରହଣ କରିବାକୁ ହେବ ।

'oaob.nitrkl.ac.in' images reprocessed

ମନୁଷ୍ୟର ଆତ୍ମା କହିଲେ ଯେଉଁ ସତ୍ୟଟିକୁ ବୁଝାଏ, ତାହା ସବୁବେଳେ ପ୍ରଚ୍ଛନ୍ନ ଓ ଗୁପ୍ତ ହୋଇ ରହିଛି । ଏହି ଆତ୍ମା ମଣିଷର ଶରୀର ନୁହେଁ, ତା'ର ପ୍ରାଣ ନୁହେଁ; ଏବଂ ବିବର୍ତ୍ତନର ସୋପାନକ୍ରମଟିରେ ମନୁଷ୍ୟ ହିଁ ଏକ ମନୋମୟ ସତ୍ତାରୂପେ ଆବିର୍ଭୂତ ହୋଇଥିଲେ ମଧ୍ୟ ମନୁଷ୍ୟର ଆତ୍ମା କହିଲେ ସେହି ମନ ବା ତା'ର ମନକୁ ବି କଦାପି ବୁଝାଏ ନାହିଁ । ତେଣୁ ମନୁଷ୍ୟର ଭୌତିକ, ପ୍ରାଣିକ ଅଥବା ମାନସିକ ପ୍ରକୃତିଟିର ପୂର୍ଣ୍ଣ ବିକାଶ ସିଦ୍ଧ ହୋଇଗଲେ ତାହାକୁ ହିଁ ଆମେ ତା'ର ଆତ୍ମୋପଲବ୍ଧିର ଚରମ ପର୍ଯ୍ୟାୟ କିମ୍ବା ଯଥାର୍ଥ ମାନଦଣ୍ଡ ବୋଲି କହିପାରିବା ନାହିଁ । ଏଗୁଡ଼ିକ ହେଉଛି ଆତ୍ମାର ପ୍ରକାଶ ଲାଗି ଗୋଟିଏ ଗୋଟିଏ ସାଧନ, ମନୁଷ୍ୟର ଆତ୍ମ-ଆବିଷ୍କାର ପଥରେ ଗୋଟିଏ ଗୋଟିଏ ଗୌଣ ସୂଚକ ଗୌଣ ଆଧାର । ସେଗୁଡ଼ିକୁ ସେହି ଆତ୍ମାର ଗୋଟିଏ ଗୋଟିଏ ଗୌଣ ମୂଲ୍ୟ ବା ବ୍ୟାବହାରିକ କ୍ଷେତ୍ରର ପ୍ରୟୋଜନୀୟ ମୁଦ୍ରାସଦୃଶ ବୋଲି ଯେତେ ବୁଝାଗଲେ ମଧ୍ୟ ସେଗୁଡ଼ିକୁ ମନୁଷ୍ୟ ଭିତରେ ରହିଥିବା ପ୍ରଚ୍ଛନ୍ନ ପରମ ସତ୍ୟଟିର ସମବାଚୀ ବୋଲି ବୁଝାଯାଇପାରିବ ନାହିଁ । ଯେତେ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ ମନୁଷ୍ୟ ମୂଳତଃ ଯାହାର ଅନୁସନ୍ଧାନ କରି ବୁଲୁଛି ଓ ଆପଣାର ବହିଃଭୂମିରେ ଆତ୍ମସଚେତନ ଭାବରେ ଯାହା କିଛି ହେବାର ବାସନା ରଖିଛି, ତାହା ମନୁଷ୍ୟର ଦେହ ନୁହେଁ, ପ୍ରାଣ ନୁହେଁ କିମ୍ବା ମନ ବି ନୁହେଁ । ଏକ ଜାତି ହିସାବରେ ମନୁଷ୍ୟ ଆପଣା ବିଷୟରେ ଏହି ସତ୍ୟସମ୍ପଦଟିର ଅଧିକାରୀ ହୋଇ-ପାରିନାହିଁ । କେବଳ ଅଳ୍ପ କେତେଜଣଙ୍କର ତତ୍ତ୍ୱଦୃଷ୍ଟି ଏବଂ ଆତ୍ମଅନୁଭବ ବ୍ୟତୀତ ବର୍ତ୍ତମାନ ମଧ୍ୟ ସେହି ସତ୍ୟଟି କାହାର ଅଧିକାରକୁ ଆସିପାରିନାହିଁ ଏବଂ ଏ କଥାଟି ମଧ୍ୟ ସ୍ମରଣ ରଖିବାକୁ ହେବ ଯେ ମନୁଷ୍ୟଜାତି ସମଷ୍ଟିଭାବରେ ଏହି ଅଳ୍ପ କେତେକଙ୍କର ମାର୍ଗଟିର ଅନୁସରଣ କରିବାରେ ମଧ୍ୟ ସମର୍ଥ ହୋଇନାହିଁ ; ସେମାନଙ୍କୁ ଏକାଧିକ କ୍ଷେତ୍ରରେ କେବଳ ଅବତାର ପରି ପୂଜା କରିଛି; ଋଷି, ସନ୍ଥ ବା ଯୁଗ-ପ୍ରବର୍ତ୍ତକ ମହାତ୍ମା ପରି ଦେଖିଛି, କାରଣ ଆମ ବିବର୍ତ୍ତନଟିରେ ଅଧିଷ୍ଠାତା ହୋଇ ରହିଥିବା ପରମ ଆତ୍ମା କାଳର ବକ୍ଷଉପରେ ଆପଣାର ଯେଉଁ ବୃହତ୍ ପାଦଗୁଡ଼ିକୁ ପକାଉଛନ୍ତି, କାଳମଧ୍ୟରେ ସେହି ଅନୁସାରେ ତାଙ୍କର ଆପଣାର ବୃହତ୍ ଯୁଗଗୁଡ଼ିକ ରହିଛି, ମନ୍ଥର ତଥା ବେଗମୟ ପ୍ରସାରଣର ଗତିପଥମାନ ବି ରହିଛି । ସେହି ପାଦ-ଗୁଡ଼ିକ ସହିତ ସମପାଦ ହୋଇ ଚାଲିବାକୁ କେବଳ ଅତି ବଳବାନ୍ ଓ ଆପଣାର ଦିବ୍ୟତ୍ୱରେ ପ୍ରାପ୍ତ ଅର୍ଦ୍ଧସିଦ୍ଧି ଲାଭ କରିଥିବା କେତେକ ବିଶେଷ ବ୍ୟକ୍ତିମାନଙ୍କର ହିଁ ସାମର୍ଥ୍ୟ ରହିଛି ; ମାତ୍ର ଏପର୍ଯ୍ୟନ୍ତ ପ୍ରଧାନତଃ ଅର୍ଦ୍ଧପଶୁ ଅବସ୍ଥାରେ ରହିଥିବା ମାନବ ଜାତିର କଦାପି ସେହି ସାମର୍ଥ୍ୟ ନାହିଁ । ଉଦ୍ଭିଦ ସ୍ତରରୁ ଇତର ପ୍ରାଣୀର ସ୍ତରକୁ ଓ ଇତର ପ୍ରାଣୀର ସ୍ତରରୁ ମନୁଷ୍ୟର ସ୍ତରକୁ ଗତି କରିଥିବା ବିବର୍ତ୍ତନର ଧାରାଟି ମନୁଷ୍ୟର ପାଖରେ ଆସି ପ୍ରଥମେ ଏକ ଅର୍ଦ୍ଧମାନବିକ ସ୍ତରରୁ ହିଁ ଆପଣାର କ୍ରିୟା ଆରମ୍ଭ କରୁଛି । ତାକୁ ଆପଣା ଭିତରକୁ ଇତର ପ୍ରାଣୀର ଜୀବନଟିକୁ ଗ୍ରହଣ କରି-

'oaob.nitrkl.ac.in' images reprocessed

ନେବାକୁ ପଡୁଛି, ଏପରି କି ଧାତୁ ଓ ଉଦ୍‌ଭିଦର ସ୍ତରଗୁଡ଼ିକୁ ମଧ୍ୟ ଗ୍ରହଣ କରିନେବାକୁ ପଡୁଛି । ଏହିଗୁଡ଼ିକୁ ନେଇ ତା'ର ଜଡ଼ ପ୍ରକୃତିଟିର ରଚନା ହୋଇଛି, ଏସବୁ ତା' ଜୀବନର ପ୍ରାଣମୟ କ୍ଷେତ୍ରଟିରେ ସର୍ବାଧିକ ପ୍ରଭାବ ବିସ୍ତାର କରି ରହିଛନ୍ତି ଏବଂ ତା'ର ମନୋଭୂମିଟି ଉପରେ ମଧ୍ୟ ଆଧିପତ୍ୟ କରୁଛନ୍ତି । ସେଇଥିଲାଗି ମନୁଷ୍ୟ ନାନାପ୍ରକାର ଜଡ଼ତାଭିତରେ ଛନ୍ଦିହୋଇ ରହିବାକୁ ମନ ବଳାଉଛି, କେଉଁଠି ଅଚଳ ଓ ସ୍ଥାଣୁ ହୋଇ ରହିଯିବାକୁ ପ୍ରସ୍ତୁତ ହୋଇଯାଉଛି ; ଏହି ମାଟି ଉପରଟାରେ ଆସକ୍ତ-ଭାବେ ପଡ଼ିରହି ସେଇଠି ଆପଣାର ଚେରଗୁଡ଼ାକୁ କାମୁଡ଼ି କରି ଧରିଛି, କେଉଁଠି ଟିକିଏ ନିରାପଦ ଆଶ୍ରୟର ପ୍ରଲୋଭନ ପାଇଲେ ସେଇଠି ନଙ୍ଗର ପକାଇ ରହି-ଯାଉଛି । ତେଣେ ଅପର ଦିଗଟିରେ ତା'ର ଭ୍ରାମ୍ୟମାଣ ଓ ବିନାଶବୃତ୍ତି ଆବେଗ-ଗୁଡ଼ିକ ତାକୁ ସତତ ଆନ୍ଦୋଳିତ ଓ ଆକୁଳ କରି ରଖିଛି, ଯୂଥ ବା ସମୂହର ସଂସ୍କାର ଓ ନିୟମଗୁଡ଼ାକ ପାଖରେ ସେ ଅନ୍ଧ ଦାସ ହୋଇ ରହିଯାଉଛି, ଫଳଭିତରେ ପଶି ଅନ୍ଧଭାବରେ ସମୂହଗତ ଉଦ୍ଦେଶ୍ୟ ସାଧନର ଆଳ ଦେଖାଇ କେତେ କଅଣ କରିପକାଉଛି, ସମୂହ-ମାନସର କେତେ କେତେ ଅବଚେତନ ପ୍ରବର୍ତ୍ତନା ଓ ମନ୍ତ୍ରଣା-ଲାଗି ଆପଣାକୁ ଉନ୍ମୁକ୍ତ କରି ରଖିଛି ; କ୍ରୋଧ ଓ ହିଂସ୍ରତାର ଯୁଆଳିରେ ବନ୍ଧାହୋଇ ସେ କେତେ କୁଆଡ଼େ ଧାଇଁଯାଉଛି, ଆପଣାକୁ କେତେପ୍ରକାରେ ଦଣ୍ଡନୀୟ କରି ରଖିଛି ଓ ଦଣ୍ଡଉପରେ ହିଁ ଆସ୍ଥା ରଖିଛି । ସେ ଆପଣାର ବିଗ୍ରହଟିକୁ ଆପେ ଭାବି-ପାରୁନାହିଁ, ସ୍ୱୟଂପ୍ରେରିତ ହୋଇ ଆପଣାର କାର୍ଯ୍ୟଟିକୁ କରୁନାହିଁ, ଯଥାର୍ଥ ସ୍ୱାତନ୍ତ୍ର୍ୟ ଲାଗି ଏକାନ୍ତ ଅସମର୍ଥ ହୋଇ ରହିଛି, ନୂତନକୁ ଡରୁଛି ଓ ଅବିଶ୍ୱାସ କରୁଛି, ବୁଦ୍ଧିମତ୍ତାର ସହିତ କିଛି ଗ୍ରହଣ କରିବାକୁ ଓ ତାହାକୁ ଆପଣାର ସମ୍ପଦରେ ପରିଣତ କରିବାଲାଗି ବଡ଼ ମନ୍ଦ ଓ ଆଳସ୍ୟଗ୍ରସ୍ତ ହୋଇ ରହିଛି । ସ୍ଖଳନଲାଗି ତା'ଭିତରେ ପୂର୍ଣ୍ଣ ପ୍ରବଣତା ରହିଛି ଓ ଏହି ମୂଳଟାଉପରେ ହିଁ ତା'ର ଦୃଷ୍ଟି ନିବଦ୍ଧ ହୋଇ ରହିଛି, ପ୍ରାଣିକ ତଥା ଭୌତିକ କ୍ଷେତ୍ରରେ ସେ ଆପଣା ବଂଶାନୁଗତତାର ଏକାନ୍ତ ଅଧୀନ ହୋଇ ରହିଛି,—ଏଗୁଡ଼ିକ ଓ ଏହିପରି ଆହୁରି ଅନେକ କଥାକୁ ଆମେ ତା'ର ପ୍ରାଣ, ଦେହ ତଥା ଜଡ଼ମନ ଏକ ଅବମାନବିକ ସ୍ତରରୁ ହିଁ ଉଦ୍‌ଭୂତ ହୋଇ ଆସିଥିବାର ଗୋଟିଏ ଗୋଟିଏ ପରିଣାମ ବା ନିଦର୍ଶନ ବୋଲି କହିପାରିବା । ତା'ର ଏହି ଉଦ୍ଭବ ହେତୁ ବା ଐତିହ୍ୟଟିର କାରଣରୁ ହିଁ ମନୁଷ୍ୟ ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରି ବାହାରିଯିବାକୁ ସବୁଠାରୁ ଅଧିକ କଷ୍ଟକର ପ୍ରୟାସ ବୋଲି ମଣିଥାଏ ଏବଂ ସବୁଠାରୁ ଅଧିକ ଆୟାସ ସହକାରେ ସେହି ଶିକ୍ଷାଟିକୁ ଆୟତ୍ତ କରିଥାଏ । ମାତ୍ର କେବଳ ନିମ୍ନତର ଆୟତନଟିର ସୀମାଗୁଡ଼ିକ ପାର ହୋଇପାରିଲେ ଯାଇ ପ୍ରକୃତି ଆପଣାର ବିବର୍ତ୍ତନ ପ୍ରକ୍ରିୟାଟିରେ ନିଜର ବଡ଼ ବଡ଼ ପାଦଗୁଡ଼ିକୁ ପକାଇବାରେ ସମର୍ଥତା ଲାଭ କରିଥାଏ । ସେ ଅତୀତରେ କ'ଣ ସବୁ ହୋଇଆସିଛି କେବଳ ସେହିଗୁଡ଼ିକୁ ହିଁ ଜାଣିବା ମନୁଷ୍ୟରୂପୀ ମନୋମୟ ସତ୍ତାଟିର ଏକମାତ୍ର . କର୍ତ୍ତବ୍ୟ

'oaob.nitrkl.ac.in' images reprocessed

ନୁହେଁ; ମାତ୍ର ଆହୁରି ଆଗକୁ ଯାଇ ସେ କ'ଣ ସବୁ ହୋଇପାରିବ, ତାହାକୁ ଜାଣିବା ଓ ପାଦ ପାଦ ହୋଇ ତାହାର ଅଭିମୁଖରେ ଗତି କରିବା—ଏହିପରି ଏକ ପରାକ୍ରମ ମଧ୍ୟ ତାହାଲାଗି ଉଦ୍ଦିଷ୍ଟ ହୋଇ ରହିଛି ।

ମନୁଷ୍ୟସମୂହର ସାଧାରଣ ଚେତନାଟି ଆପଣାର ଆତ୍ମସତ୍ତାର ବିଷୟରେ କହିଲାବେଳେ ତାହାକୁ କେବଳ ଏହି ଦେହ ଓ ଦେହଗତ ଜୀବନଟି ସହିତ ହିଁ ତଦାତ୍ମକ ବୋଲି ଭାବୁଥିବ,—ସଭ୍ୟତାର ଏହି ଚକ୍ରାବର୍ତ୍ତନଟିରେ ସେହି ପର୍ଯ୍ୟାୟଟି ଖୁବ୍ ଶୀଘ୍ର ଅତୀତ ହୋଇଯାଉଛି । ଏହା ଚିରକାଳଲାଗି ଅତୀତ ହୋଇଯାଉଛି ବୋଲି ହୁଏତ ଆଶା କରିପାରିବା । କାରଣ, ଏ ଅବସ୍ଥାଟି ହେଉଛି ପୂର୍ଣ୍ଣ ବର୍ବରତାର ଅବସ୍ଥା । ଦେହ ତଥା ଦେହଗତ ଜୀବନକୁ ହିଁ ସର୍ବସ୍ୱ ଓ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବୋଲି ଭାବିବା, କେବଳ ଭୌତିକ ବଳ, ଭୌତିକ ବିକାଶ ଓ ଭୌତିକ ପରାକ୍ରମକୁ ହିଁ ପୌରୁଷର ଉଚ୍ଚତର କରିବା, ଜଡ଼ସ୍ଥ ଅଚେତନ ଭୂମିରୁ ଉଦ୍ଭୂତ ହେଉଥିବା ଅନ୍ଧ ସହଜାତ ପ୍ରବୃତ୍ତି ସବୁର ହାତରେ ପ୍ରାୟ ଏକ କ୍ରୀଡ଼ନକ ହୋଇ ରହିଥିବା ଜ୍ଞାନକୁ ଏକ ଦୌର୍ବଲ୍ୟ ଅଥବା ହୀନତା ବୋଲି ମଣି ଘୃଣା କରିବା ଅଥବା ତାହାକୁ ଏକ କମୁତା ପରି ଦେଖିବା ଓ ପୁରୁଷକାରର କଳ୍ପନାରେ ତାହାଲାଗି କୌଣସି ଆବଶ୍ୟକ ସ୍ଥାନ ରହିଛି ବୋଲି ଅସ୍ୱୀକାର କରୁଥିବା,—ଏସବୁ ମନ ହେଉଛି, ବର୍ବରସୁଲଭ ମନ, ଏଗୁଡ଼ିକ ବର୍ବର ମଣିଷର ମନ । ଆପଣାର ବାଲ୍ୟକାଳରେ, ଯେତେବେଳେ ବ୍ୟତୀତ ବଂଶାବସ୍ଥାର ଅଂଶାଗୁଡ଼ାକ ତଥାପି ପଛର ପ୍ରଲୋଭନଟାକୁ ଧାରିରଖିଥାଏ, ମନୁଷ୍ୟସତ୍ତାର ଜୀବନକ୍ଷେତ୍ରରେ ସେହି ବର୍ବର ମନୋଭାବଟି ସେତେବେଳେ ପୁନରାବର୍ତ୍ତାବର ଏକ ପ୍ରବୃତ୍ତି ଦେଖାଇଥାଏ । ଏହିଠାରେ ସ୍ମରଣ ରଖିବା ଉଚିତ ଯେ, ସେହି ବାଲ୍ୟାବସ୍ଥାରେ ଶରୀରର ବିକାଶଟା ହିଁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମନେହୁଏ । ମାତ୍ର ସଭ୍ୟ ମାନବଜାତିର ବୟଃପ୍ରାପ୍ତ ମନୁଷ୍ୟାଲାଗି କ୍ରମେ ସେସବୁ ଅସମୀଚୀନ ବୋଧ ହେବାକୁ ଆରମ୍ଭ କରେ । କାରଣ, ପ୍ରଥମତଃ ଆଧୁନିକ ଜୀବନର ପ୍ରଭାବସ୍ୱରଟି ଆସି ପଡ଼ିବା ଫଳରେ ମନୁଷ୍ୟଜାତିର ପ୍ରାଣଗତ ଦୃଷ୍ଟିଟି ମଧ୍ୟ ପରିବର୍ତ୍ତିତ ହୋଇଯିବାକୁ ଲାଗିଛି । ଆଗରୁ ମଣିଷ ଯେପରି ପ୍ରାୟ ଭୂତସର୍ବସ୍ୱ ଭାବରେ ଅଧିକତର ପରିମାଣରେ ଏକ ଭୌତିକ ପ୍ରାଣୀ ହୋଇ ରହିଥିଲା, ସେଥିରେ ପରିବର୍ତ୍ତନ ଘଟିଛି ଏବଂ ସେ ଅଧିକରୁ ଅଧିକ ପରିମାଣରେ ଏକ ପ୍ରାଣପ୍ରଧାନ ଓ ଆର୍ଥିକ ଉପାଦାନଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଏକ ପ୍ରାଣୀରେ ପରିଣତ ହୋଇଯାଉଛି । ଅବଶ୍ୟ ଏକଥା ଆଦୌ ନୁହେଁ ଯେ ଏହି ପରିବର୍ତ୍ତନଟି ଫଳରେ ସେ ଦେହ ତଥା ଦେହଗତ ବିକାଶକୁ ଆପଣାର ଜୀବନକ୍ଷେତ୍ରରୁ ବହିଷ୍କୃତ କରି ରଖିଛି ବା ସେ ସେହିପରି କରୁ ବୋଲି ତାକୁ କେହି ବାଧ୍ୟ କରିବାକୁ ଆସୁଛି; ତା'ଭିତରେ ଯେଉଁ ପ୍ରାଣୀସତ୍ତାଟି ରହିଛି, ତାହାର ଉଚିତ ପରିପୋଷଣକୁ ତଥା ତାହାକୁ ସମ୍ମାନ କରିବାକୁ ତାକୁ ଆଦୌ ନିବୃତ୍ତ ରହିବାକୁ

ପଡ଼ୁନାହିଁ ବା ତା'ର ଜୀବନାୟତନ ମଧ୍ୟରୁ ସେହି ପ୍ରାଣୀସତ୍ତ୍ୱର ଐଶ୍ୱର୍ଯ୍ୟ ଓ ଉତ୍କର୍ଷଗୁଡ଼ିକୁ ବହିଷ୍କୃତ କରି ରଖିବାକୁ ମଧ୍ୟ ପଡ଼ୁନାହିଁ । ଆପଣାର ମନୁଷ୍ୟତ୍ୱକୁ ପରିପୂର୍ଣ୍ଣଭାବରେ ଉପଲବ୍ଧି କରିବାକୁ ହେଲେ ଶରୀରର ଉତ୍କର୍ଷ ଅବଶ୍ୟ ଦରକାର, ଶାରୀରିକ ସ୍ୱାସ୍ଥ୍ୟ ଦରକାର ; ପୂର୍ଣ୍ଣ କ୍ରିୟାଶୀଳତା, ଶକ୍ତି ତଥା ସମନ୍ୱିତ ବିକାଶ ମଧ୍ୟ ଦରକାର ଏବଂ ବର୍ତ୍ତମାନ ପୂର୍ବ ତୁଳନାରେ ମନୁଷ୍ୟ ସେଗୁଡ଼ିକ ଉପରେ ଅଧିକ ଭଲଭାବରେ ଓ ଅଧିକ ବୁଦ୍ଧିମତ୍ତାର ସହିତ ଯତ୍ନ ଓ ଦୃଷ୍ଟି ମଧ୍ୟ ଦେଉଛି । ମାତ୍ର ଶରୀର ଉପରେ ପ୍ରଥମ ଶ୍ରେଣୀର ମହତ୍ତ୍ୱ ଦେବା ଆଉ ସମ୍ଭବ ହେଉନାହିଁ, ଶରୀରକୁ ହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବୁଝାଯାଉନାହିଁ ଏବଂ ବର୍ବରର ମନ ସାଧାରଣତଃ ଯେପରି କଳ୍ପନା କରିଥାଏ,—ସେହି ଶରୀରଟାକୁ ହିଁ ସକଳାଧିପତି ବୋଲି ଆଉ ସ୍ୱୀକାର କରାଯାଉନାହିଁ ।

ପୁନଶ୍ଚ, 'ଆତ୍ମାନଂ ବିଦ୍ଧି'ର ଆର୍ଷବାଣୀଟିକୁ ମନୁଷ୍ୟ ଏପର୍ଯ୍ୟନ୍ତ ଯଥାର୍ଥଭାବରେ ଶୁଣି ଓ ବୁଝିପାରି ନ ଥିଲେ ମଧ୍ୟ ସେ ଦାର୍ଶନିକର 'ଆପଣାକୁ ଶିକ୍ଷା ଦିଅ' ଏହି ଉକ୍ତିଟିକୁ ଆପଣା ଜୀବନରେ ଗ୍ରହଣ କରିନେଇସାରିଛି; ଏବଂ ତା'ଠାରୁ ଆହୁରି ଅଧିକ ଉଲ୍ଲେଖ-ଯୋଗ୍ୟ କଥା ହେଉଛି ଯେ ଆପେ ଶିକ୍ଷିତ ହେବାଦ୍ୱାରା ଅନ୍ୟମାନଙ୍କୁ ମଧ୍ୟ ଆପଣାର ଲବ୍ଧ ଜ୍ଞାନଟିକୁ ବିତରଣ କରିଦେଇପାରିବାର କର୍ତ୍ତବ୍ୟଟି ମଧ୍ୟ ଯେ ତା'ଉପରେ ଆପେ ଆପେ ଆସି ଲଦିହୋଇଯାଉଛି, ମନୁଷ୍ୟ ଏକଥା ମଧ୍ୟ ହୃଦୟଙ୍ଗମ କରିପାରିଛି । ସାର୍ବଜନୀନ ଶିକ୍ଷାର ଆବଶ୍ୟକତାକୁ ଏକ ବିଚାର ବୋଲି ଗ୍ରହଣ କରିବାର ଅର୍ଥ ହେଉଛି ଯେ ମନୁଷ୍ୟଜାତି ଆଜି ଏହି କଥାଟିକୁ ଏକ ସତ୍ୟ ବୋଲି ଗ୍ରହଣ କରିନେଲାଣି ଯେ ପ୍ରାଣ ନୁହେଁ ଅଥବା ଦେହ ନୁହେଁ, ମନକୁ ହିଁ ଯଥାର୍ଥରେ ପ୍ରକୃତ ମନୁଷ୍ୟ ବୋଲି ବୁଝାଯିବ ଏବଂ ଏହି ମନର ବିକାଶ ନ ହୋଇଥିବା ପର୍ଯ୍ୟନ୍ତ ମନୁଷ୍ୟ କଦାପି ତା'ର ଯଥାର୍ଥ ମନୁଷ୍ୟତ୍ୱର ଅଧିକାରୀ ହୋଇପାରିବ ନାହିଁ । ଏକଥା ସତ ଯେ ଶିକ୍ଷାର ବିଚାରଟି ଏପର୍ଯ୍ୟନ୍ତ ମଧ୍ୟ ମୂଳତଃ କେବଳ ବୁଦ୍ଧି ତଥା ମନୋଗତ ସାମର୍ଥ୍ୟର ହିଁ ବିଚାର ହୋଇ ରହିଛି, ଶିକ୍ଷା କହିଲେ ମୂଳତଃ ଏହି ବହିଃସଂସାର ଓ ତାହାର ବିଷୟଗୁଡ଼ିକର ଜ୍ଞାନକୁ ହିଁ ବୁଝାଉଛି; ମାତ୍ର ତା' ସହିତ ତାହା ନୈତିକ ଶିକ୍ଷାକୁ ମଧ୍ୟ ବୁଝାଉଛି ଏବଂ ଏବେସୁଦ୍ଧା ଅପୂର୍ଣ୍ଣଭାବରେ ହେଲେ ମଧ୍ୟ ସୌନ୍ଦର୍ଯ୍ୟବୋଧଗତ ଗୁଣଗୁଡ଼ିକର ବିକାଶକୁ ବୁଝାଉଛି । ଜଣେ ବୁଦ୍ଧିମାନ ଓ ବିଚାରସମର୍ଥ ମନୁଷ୍ୟ ନୈତିକ ଉଚିତ ଓ ଅନୁଚିତ ବିଷୟରେ ଉପଯୁକ୍ତ ତାଲିମ ପାଇଥିବ, ଆପଣାର ଇଚ୍ଛାଶକ୍ତି ଏବଂ ବିବେକବୁଦ୍ଧି ଦ୍ୱାରା ସେ ତା'ର ସହଜାତ ପ୍ରବୃତ୍ତି ତଥା ସଂବେଗଗୁଡ଼ିକୁ ଆପଣାର ଆୟତ୍ତ କରି ରଖିପାରୁଥିବ; ଏହି ଜଗତ ଓ ଆପଣାର ଅତୀତଟି ବିଷୟରେ ଯାହାସବୁ ଜାଣିବା ଦରକାର, ସେ ସେଗୁଡ଼ିକ ସହିତ ପରିଚିତ ରହିଥିବ ଏବଂ ସେହି ଜ୍ଞାନବଳରେ ସେ ବୁଦ୍ଧିମତ୍ତାର ସହିତ ଆପଣାର ସାମାଜିକ ତଥା ଅର୍ଥନୈତିକ ଜୀବନକୁ ବ୍ୟବସ୍ଥାବଦ୍ଧ କରି ରଖିପାରୁଥିବ; ଆପଣାର

'oaob.nitrkl.ac.in' images reprocessed

ଦେହଗତ ଅଭ୍ୟାସଗୁଡ଼ିକୁ ତଥା ଦୈହିକ ପ୍ରବୃତ୍ତିକୁ ଏକ ଉଚିତ ଶୃଙ୍ଖଳା ମଧ୍ୟରେ ପକାଇପାରିଥିବ ;—ଶିକ୍ଷା ଓ ଶିକ୍ଷାପ୍ରାପ୍ତ ମନୁଷ୍ୟ କହିଲେ ସଭ୍ୟ ମନୁଷ୍ୟସମାଜ ବର୍ତ୍ତମାନ କେବଳ ଏହିପରି କଳ୍ପନା କରିପାରୁଛି ଓ ସେହି କଳ୍ପନାଟିଦ୍ୱାରା ହିଁ ଚାଳିତ ହେଉଛି । ମର୍ମତଃ ଆମେ ଏହାକୁ ପୁରାତନ କାଳର ସେହି ହେଲେନିକ୍ ବା ଗ୍ରୀକ୍ ଯୁଗକୁ ଏକ ପ୍ରତ୍ୟାବର୍ତ୍ତନ ଏବଂ ତାହାର ଏକ ବୃହତ୍ତର ବିକାଶ ବୋଲି କହିପାରିବା । ଅବଶ୍ୟ ଏକଥା ସତ ଯେ ଗ୍ରୀକ୍ କଳ୍ପନାଟିର ତୁଳନାରେ ବର୍ତ୍ତମାନ ଏହି କଳ୍ପନାଟିରେ ସାମର୍ଥ୍ୟ ଏବଂ ପ୍ରୟୋଜନୀୟତା ଉପରେ ଅଧିକତର ଗୁରୁତ୍ୱାରୋପ କରାଯାଉଛି ଏବଂ ଅନ୍ୟ ପଟରେ ସୌନ୍ଦର୍ଯ୍ୟ ଏବଂ ସୁରୁଚିତା ଉପରେ ସେତେ ମହତ୍ତ୍ୱ ଦିଆଯାଉନାହିଁ । ଅବଶ୍ୟ ଆମେ ଅନୁମାନ କରିପାରିବା ଯେ, ଏହି ପର୍ଯ୍ୟାୟଟି ହେଉଛି କେବଳ ଏକ ସାମୟିକ ପର୍ଯ୍ୟାୟ ଏବଂ ଆଧୁନିକ ପୁରୋଧାବର୍ଗର ବାଣିଜ୍ୟିକ ବା ପଣ୍ୟପ୍ରଧାନ ଅବଧିଟି ଅତିକ୍ରାନ୍ତ ହୋଇଗଲେ ଏଥିରୁ ଲୁପ୍ତପ୍ରାୟ ହୋଇ ରହିଥିବା ଉପାଦାନଗୁଡ଼ିକର ଅବଶ୍ୟ ପୁନରୁଦ୍ଧାର ଘଟିବହିଁ ଘଟିବ । ସେହି ପୁନରୁଦ୍ଧାରଟି ବର୍ତ୍ତମାନ ଦୃଶ୍ୟମାନ ହେଉନାହିଁ ସତ ; ମାତ୍ର ଏହା ଏକ ଅନିବାର୍ଯ୍ୟ ଘଟଣାରୂପେ ଅପେକ୍ଷା କରି ରହିଛି ଏବଂ ସେଇଟି ସଂଘଟିତ ହୋଇଯିବା ପରେ ଏକ ପୂର୍ଣ୍ଣ ମନୋମୟ ସତ୍ତା ହିସାବରେ ମନୁଷ୍ୟର ବିକାଶଲାଗି ତତ୍ତୁଲ୍ୟ ଯାବତୀୟ ଉପାଦାନ ଆମର ଅଧିକାରକୁ ନିଶ୍ଚୟ ଆସିଯିବ ।

ହେଲେନିକ୍ ବା ଗ୍ରୀକ୍‌ରୋମାନ୍ ସଭ୍ୟତା ଯେ କ୍ଷୟପ୍ରାପ୍ତ ଓ ବିନଷ୍ଟ ହୋଇଗଲା, ତାହାର ଏକ ଅନ୍ୟତମ କାରଣ ହେଉଛି ଯେ, ସେହି ସଭ୍ୟତା ତାହାର ସଂସ୍କୃତିରୂପୀ ସମ୍ପଦକୁ କେବଳ ଆପଣାର ସମାଜଟିରେ ହିଁ ଏକ ସାର୍ବଜନୀନ ସମ୍ପତ୍ତି କରି ରଖିଥିଲା ଏବଂ ସେହି ସମାଜକୁ ମନୁଷ୍ୟସମୂହର ଏପରି ଅତିକାୟ ସ୍ତୂପଖଣ୍ଡମାନ ଚତୁର୍ଦ୍ଦିଗରୁ ଘେରିକରି ରହିଥିଲେ, ଯେଉଁମାନେ ସେତେବେଳେ ମନୋଗତ କ୍ଷେତ୍ରରେ କେବଳ ଏକ ବର୍ବରତାଦ୍ୱାରା ହିଁ ଗ୍ରସ୍ତ ଓ ଅଧିକୃତ ହୋଇ ରହିଥିଲେ । ସଂସ୍କୃତିଶୀଳ ମାନସଚର୍ଯ୍ୟାକୁ କେବଳ ଏକ କ୍ଷୁଦ୍ର ସଂଖ୍ୟାଲଘିଷ୍ଠତା ମଧ୍ୟରେ ଆବଦ୍ଧ କରି ରଖି କୌଣସି ସଭ୍ୟତା ଯେପର୍ଯ୍ୟନ୍ତ ଆପଣାର ବକ୍ଷରେ ଅଜ୍ଞାନମୟତାର ଏକ ପ୍ରକାଣ୍ଡ ବିସ୍ତାରକୁ ଜୀବନ୍ୟାସ ଦେଇ ରଖିଥିବ, ଏକ ମନୁଷ୍ୟପଲ୍ ବା ମାନବିକ ନିଃସ୍ୱତାକୁ ବଞ୍ଚାଇ ରଖିଥିବ, ସେପର୍ଯ୍ୟନ୍ତ ତାହା ଆପଣାକୁ କଦାପି ଆପଦଶୂନ୍ୟ କରିପାରିବ ନାହିଁ । ସେତେବେଳେ ହୁଏତ ଜ୍ଞାନକୁ ତା'ର ସେହି ଉପର ସ୍ତରରୁ ସର୍ବସ୍ତରକୁ ପ୍ରସାରିତ ହୋଇଆସିବାକୁ ପଡ଼ିବ ; ନଚେତ୍ ତଳେ ଘୋଟି ରହିଥିବା ଅଜ୍ଞାନରାଶି କେବେ ନା କେବେ ଉପରକୁ ମାଡ଼ିଯାଇ ତାହାକୁ ଗ୍ରାସ କରିପକାଇବାର ନିଶ୍ଚିତ ଭୟଟି ସର୍ବଦା ବିଦ୍ୟମାନ ରହିଥିବ ଏବଂ ଯଦି ସେହି ସଭ୍ୟତା ଜନତାର ଏକ ବହୁସଂଖ୍ୟକ ଅତି ବୃହତ୍ ଭାଗକୁ ଆପଣା ସଭ୍ୟ ଆୟତନଟିର ବାହାରେ ପଡ଼ିରହିବାକୁ ଛାଡ଼ିଦିଏ,

'oaob.nitrkl.ac.in' images reprocessed

ଆପଣାର ଆଲୋକଟିରୁ ସେମାନଙ୍କୁ ଏକାବେଳକେ ଅସ୍ପୃଶ୍ୟ କରି ରଖେ ଓ ସେମାନଙ୍କୁ ବର୍ବର ମଣିଷର ପୂର୍ଣ୍ଣ ପ୍ରାକୃତିକ ପଶୁଧର୍ମଦର୍ପ ଭିତରେ ରହିବାକୁ ହିଁ ଛାଡ଼ିଦିଏ, ତେବେ ତାହାର ଜୀବନ ଆହୁରି ଅଧିକ ଆପଦପୂର୍ଣ୍ଣ ହୋଇପଡ଼ିବ । କାରଣ, ଏଥିରୁ ଏପରି ଏକ ପରିସ୍ଥିତି ଆସି ଉପସ୍ଥିତ ହୋଇପାରେ, ଯେତେବେଳେ କି ସେହି ସଂଖ୍ୟାଧିକ ବର୍ବରମାନେ ହିଁ ସମ୍ପୂର୍ଣ୍ଣ ସଭ୍ୟତାଟିର ସଂସ୍କୃତିଦ୍ୱାରା ଆପଣାକୁ କୌଣସି ପ୍ରକାରେ ଶୋଧିତ କିମ୍ବା ପରିମାର୍ଜିତ ନ କରି ସଭ୍ୟଗୋଷ୍ଠୀର ଭୌତିକ ଅସ୍ତ୍ରଶସ୍ତ୍ର ଆଦିକୁ ଅଧିକାର କରିନେଇପାରନ୍ତି । ବହିର୍ଗତ ତଥା ଅନ୍ତର୍ଜାତ ଉଭୟ କାରଣରୁ ହିଁ ଗ୍ରୀକ୍‌ରୋମାନ୍ ସଂସ୍କୃତି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା । ବାହାରୁ ଟିଉଟନ୍ ବର୍ବରତା ବନ୍ୟାପରି ଆସି ଏହି ସଭ୍ୟତାକୁ ଗ୍ରାସ କରିପକାଇଲା ଏବଂ ନିଜ ଭିତରେ ଆପଣା ପ୍ରାଣଶକ୍ତିକୁ ହରାଇବସିବାରୁ ଏହା ଛାରଖାର ହୋଇଗଲା । ଗ୍ରୀକ୍‌ରୋମାନ୍ ସଭ୍ୟତା ଆପଣାର ପ୍ରୋଲେଟେରିଆଟ୍ ଅର୍ଥାତ୍ ନିଃସ୍ୱ ଓ ବଞ୍ଚିତମାନଙ୍କୁ କେତେକ ପରିମାଣରେ ଆରାମ ଓ ବିନୋଦନ ଯୋଗାଇଦେଇପାରୁଥିଲା ସତ, ମାତ୍ର ସେମାନଙ୍କୁ ଆଲୋକର ପରିସର ମଧ୍ୟକୁ ଉନ୍ନୋଳିତ କରି ଆଣିବାଲାଗି ତାହା କୌଣସି ପ୍ରୟାସ କରି ନ ଥିଲା । ଯେତେବେଳେ ଏହି ବଞ୍ଚିତ ଅନେକଙ୍କ ମଧ୍ୟରେ ଆଲୋକର ପ୍ରବେଶ ଘଟିଲା, ସେତେ-ବେଳେ ବାହାରୁ ହିଁ ତାହାର ଆଗମ ହୋଇଥିଲା ; ପୂର୍ବତନ ସଂସ୍କୃତିର ଏକ ଶତ୍ରୁରୂପେ ଆସି ଆବିର୍ଭୂତ ହୋଇଥିବା ଖ୍ରୀଷ୍ଟିଆନ୍ ଧର୍ମର ଆକାରରେ ଏହି ଆଲୋକସଞ୍ଚାରଣ ଘଟିଥିଲା । ଦରିଦ୍ର, ନିଷ୍ପେଷିତ ତଥା ଅଜ୍ଞାନଗ୍ରସ୍ତମାନଙ୍କୁ ହିଁ ଏହି ନୂତନ ଧର୍ମ ଆପଣାର ମୁଖ୍ୟ ଆବେଦନ ଜଣାଇଥିଲା ଏବଂ ସେମାନଙ୍କର ଆତ୍ମା ତଥା ନୈତିକ ସତ୍ତାଟିକୁ ଅଧିକାର କରିନେବାର ଅଭିପ୍ରାୟ ପୋଷଣ କରିଥିଲା ; ମାତ୍ର ସେମାନଙ୍କର ବିଚାର ଓ ଭାବନାସମର୍ଥ ମନଟି ଆଡ଼କୁ ତାହା ଖୁବ୍ କମ୍ ଦୃଷ୍ଟି ରଖିଥିଲା ବା ହୁଏତ ସେଥିପ୍ରତି ଇଚ୍ଛାହେଲେ ଆଗ୍ରହ ରଖି ନ ଥିଲା । ଧର୍ମଗତ ସତ୍ୟଟିକୁ ହୃଦୟ ମଧ୍ୟରେ ଅନୁଭୂତ କରାଇବାକୁ ହେଲେ ମନଟାକୁ ଅନ୍ଧକାର ଭିତରେ ଯେ ପକାଇ ରଖିବାକୁ ପଡ଼ିବ, ସେହି ଧର୍ମ ଆପଣାକୁ ଏହିଭଳି ଏକ ପ୍ରବୋଧନା ମଧ୍ୟ ଦେଉଥିଲା । ଏକ ପରବର୍ତ୍ତୀ ଯୁଗରେ ଯେତେବେଳେ ବର୍ବରମାନେ ପାଶ୍ଚାତ୍ୟ ଜଗତକୁ ଆପଣାର କବଳଗ୍ରସ୍ତ କରି-ନେଇଥିଲେ, ସେତେବେଳେ ମଧ୍ୟ ପାଶ୍ଚାତ୍ୟ ସଭ୍ୟତା ସେମାନଙ୍କୁ କେବଳ ଖ୍ରୀଷ୍ଟିଆନ୍-ରୂପେ ଦୀକ୍ଷିତ କରିନେବାରେ ହିଁ ସନ୍ତୁଷ୍ଟ ହୋଇ ରହିଥିଲା, ମାତ୍ର ସେମାନଙ୍କର ବୁଦ୍ଧିଗତ କୌଣସି କର୍ଷଣ କିମ୍ବା ବିକାଶସାଧନକୁ ଆପଣାର କର୍ତ୍ତବ୍ୟ ବୋଲି ଗ୍ରହଣ କରି ନ ଥିଲା । ବୁଦ୍ଧିର ମୁକ୍ତ ସଞ୍ଚରଣ ଏବଂ ବିକାଶ ଘଟିଲେ ତାହା କାଳେ ମନୁଷ୍ୟକୁ ଧର୍ମପଥ ଓ ଧର୍ମବିଶ୍ୱାସରୁ ବିଚ୍ୟୁତ କରାଇନେବ, ଏହିପରି ଏକ ସଂଶୟରେ ପଡ଼ି ଖ୍ରୀଷ୍ଟିଆନ୍ ଧର୍ମାନୁଷ୍ଠାନକତା ଏବଂ ସମ୍ପ୍ରଦାୟବୃତ୍ତି କାଳକ୍ରମେ ବୁଦ୍ଧିବିରୋଧୀ ହୋଇପଡ଼ିଲା ଏବଂ ଏକ ପରବର୍ତ୍ତୀ ଯୁଗରେ ଆରବମାନେ ହିଁ ଏକ ଅର୍ଦ୍ଧବର୍ବର ଖ୍ରୀଷ୍ଟିଆନ୍ ସମାଜରେ ବୈଜ୍ଞାନିକ ତଥା ଦାର୍ଶନିକ ଜ୍ଞାନର ପୁନରାରମ୍ଭ କରାଇଥିଲେ । ତା'ପରେ ରେନେସାଁ

'oaob.nitrkl.ac.in' images reprocessed

ବା ପୁନର୍ଜାଗରଣ ପର୍ବର ମର୍ମରେ କାର୍ଯ୍ୟ କରୁଥିବା ସେହି ଅର୍ଦ୍ଧ-ଅଣଖ୍ରୀଷ୍ଟିଆନ୍ ଭାବଧାରା ଏବଂ ଧର୍ମ ଓ ବିଜ୍ଞାନ ମଧ୍ୟରେ ଏକ ଦୀର୍ଘକାଳବ୍ୟାପୀ ସଂଗ୍ରାମ ଫଳରେ ଯାଇ ଇଉରୋପରେ ପୁନର୍ବାର ଉନ୍ମେଷ ଲାଭ କରୁଥିବା ମାନସକ୍ଷେତ୍ରରେ ଏକ ମୁକ୍ତ ସ୍ୱାଧୀନ ବୁଦ୍ଧିପ୍ରଧାନ ସଂସ୍କୃତିର ପ୍ରତ୍ୟାବର୍ତ୍ତନ ପୂର୍ଣ୍ଣତାପ୍ରାପ୍ତ ହୋଇପାରିଲା । ଯଦି ଜ୍ଞାନ ଆପଣାକୁ ସ୍ଥାୟୀରୂପେ ବଞ୍ଚାଇ ରଖିବାକୁ ଚାହେଁ, ତେବେ ତାକୁ ସ୍ୱୟଂପ୍ରେରିତ ଭାବରେ ଆପଣାର ପଥରେ ଆଗକୁ ମାଡ଼ିଯିବାକୁ ପଡ଼ିବ । ମାତ୍ର ସେପରି ନ କରି ଯଦି ଜ୍ଞାନ ଆପଣାର ନିମ୍ନତର ସ୍ତରରେ ଅଥବା ଚତୁର୍ଦ୍ଦିଗରେ ଏକ ବିସ୍ତୀର୍ଣ୍ଣ ଅଜ୍ଞାନତାକୁ ପ୍ରସାରଲାଭ କରିବାକୁ ଜାଗା ଛାଡ଼ିଦିଏ, ତେବେ ମନୁଷ୍ୟସମାଜର ଜୀବନରେ ପୁଣି ଏକ ବର୍ବର ସ୍ତରକୁ ସ୍ଖଳିତ ହୋଇଆସିବାର ପ୍ରମାଦ ଓ ଆଶଙ୍କା ସଦାବର୍ତ୍ତମାନ ରହିଥିବ ।

ସେହି ପୁରୁଣା ବିପଦଟିର ସେହିଭଳି ଏକ ପୁରାତନ ମାତ୍ରାରେ ଓ ସେହି ପୁରାତନ ଆକାରରେ ଯେ ବର୍ତ୍ତମାନ ଏକ ପୁନରାବୃତ୍ତି ଘଟିବ, ଆଧୁନିକ ଜଗତରେ ସେଥିଲାଗି ଆଦୌ କୌଣସି ଅବସର ନାହିଁ । କାରଣ, ସେପରି ଏକ ପ୍ରମାଦକୁ ଅଟକାଇ ରଖିବାଲାଗି ବର୍ତ୍ତମାନ ବିଜ୍ଞାନ ମହଜୁଦ୍ ରହିଛି । ସଂସ୍କୃତି ଯେପରି ଆପଣାକୁ ସ୍ଥାୟୀ କରି ରଖିପାରିବ, ସେଥିଲାଗି ବିଜ୍ଞାନ ତା' ହାତରେ ଆବଶ୍ୟକ ସାଧନମାନ ଆଣିଦେଇଛି । ସଭ୍ୟ ଜାତିମାନଙ୍କୁ ତାହା ସଂଗଠନ, ଆକ୍ରମଣ ତଥା ଆତ୍ମରକ୍ଷାର ଏଭଳି ନାନା ହତିଆର ଦ୍ୱାରା ସଜ୍ଜିତ କରିରଖିଛି, କୌଣସି ବର୍ବର ଜାତି ସଫଳଭାବରେ ଯାହାର ବ୍ୟବହାର କରିପାରିବ ନାହିଁ ; ଆପଣାର ଅସଭ୍ୟତାକୁ ଛାଡ଼ି କେବଳ ବିଜ୍ଞାନ ହିଁ ଯୋଗାଇଦେଇପାରୁଥିବା ଜ୍ଞାନକୁ ଅର୍ଜନ କରିପାରିଲେ ଯାଇ ସେ ସେକଥା କରିପାରିବ । ଅଜ୍ଞାନରୂପୀ ବୈରୀ ସାଙ୍ଗରେ ଯେ କଦାପି ବାଦ ସାଧି ହେବ ନାହିଁ, ବିଜ୍ଞାନ ସେ କଥାଟି ମଧ୍ୟ ଶିଖିପାରିଛି ଏବଂ ତେଣୁ ଯେତେ ଯେଉଁଠି ଅଜ୍ଞାନ ରହିଥିବାର ଦେଖାଯାଉଛି, ବିଜ୍ଞାନ ସେଠାରୁ ମଧ୍ୟ ତାକୁ ଦୂର କରିଦେବ ବୋଲି ବାହାରିଛି । ଆଜି ସାର୍ବଜନୀନ ଶିକ୍ଷାକୁ ଆଦର୍ଶରୂପେ ଗ୍ରହଣ କରାଯାଇଛି ; ସମସ୍ତଙ୍କର ମନକୁ ଅନ୍ତତଃ କିଛି ନା କିଛି ଜ୍ଞାନ ଯୋଗାଇଦେବା ଓ ସମସ୍ତଙ୍କର ସାମର୍ଥ୍ୟଶକ୍ତିକୁ ଅନ୍ତତଃ କେତେକ ପରିମାଣରେ ତାଲିମ ଦେଇ ରଖିବାର ଏହି ଆଦର୍ଶଟି ବିଜ୍ଞାନରୁ ହିଁ ଜନ୍ମଲାଭ ନ କରିଥିଲେ ମଧ୍ୟ କେବଳ ବିଜ୍ଞାନ ସକାଶେ ହିଁ ତାହା ବାସ୍ତବକ୍ଷେତ୍ରରେ ଅଧିକାଂଶତଃ ସମ୍ଭବ ହୋଇପାରିଛି । ଏକ ଅଦମ୍ୟ ଶକ୍ତିଶାଳିତା ସହିତ ଏହି ବିଜ୍ଞାନ ସର୍ବତ୍ର ଆପଣାର ବାର୍ତ୍ତାଟିକୁ ବହନ କରିନେଇଛି ଏବଂ ଅଧିକରୁ ଅଧିକ ଜ୍ଞାନ ପ୍ରାପ୍ତ କରିବାର ବାସନାକୁ ଉଦନୋଟି ମହାଦେଶର ମାନସକ୍ଷେତ୍ରକୁ ପ୍ରଧାବିତ କରିନେଇଛି । ସାର୍ବଜନୀନ ଶିକ୍ଷାକୁ ବିଜ୍ଞାନ ଜାତୀୟ ଶକ୍ତି ଓ ନୈପୁଣ୍ୟର ଏକ ଅପରିହାର୍ଯ୍ୟ ଆବଶ୍ୟକତାରେ ପରିଣତ କରିଦେଇଛି ଏବଂ ତେଣୁ ଏହି ଶିକ୍ଷାର

ବାସନାଟିକୁ ତାହା ଯେ କେବଳ ପ୍ରତ୍ୟେକ ସ୍ୱାଧୀନ ଜାତିର ଚିତ୍ତରେ ଜାଗ୍ରତ କରାଇଛି ତାହା ନୁହେଁ, ମାତ୍ର ସ୍ୱାଧୀନ ହେବାର ଓ ବଞ୍ଚିରହିବାର ଆକାଙ୍‌କ୍ଷା ରଖିଥିବା ପ୍ରତ୍ୟେକ ଜାତିର ଚିତ୍ତରେ ମଧ୍ୟ ତାହା ସେହି ଆକାଙ୍‌କ୍ଷାଟିକୁ ଆଣି ଲଦିଦେଇଛି । ଏହାଫଳରେ ଜ୍ଞାନ ତଥା ବୌଦ୍ଧିକ କ୍ରିୟାଶୀଳତାର ସାର୍ବଜନୀକରଣ ବର୍ତ୍ତମାନ ମନୁଷ୍ୟଜାତି ପକ୍ଷରେ କେବଳ ଏକ କାଳସାପେକ୍ଷ ପ୍ରଶ୍ନରେ ହିଁ ପରିଣତ ହୋଇ-ସାରିଲାଣି; କାରଣ, ବର୍ତ୍ତମାନ ଏହି ଲକ୍ଷ୍ୟଟିର ପରିପୂରଣ-ପଥରେ କେବଳ କେତେକ ନିର୍ଦ୍ଦିଷ୍ଟ ଆର୍ଥିକ ଓ ରାଜନୀତିକ କାରଣ ପ୍ରତିବନ୍ଧକ ହୋଇ ରହିଛି ଏବଂ ଯୁଗର ବିଚାର ତଥା ପ୍ରବୃତ୍ତି ସବୁ ସେହି ପ୍ରତିବନ୍ଧକଗୁଡ଼ିକୁ ମଧ୍ୟ ପାରହୋଇଯିବାର ପ୍ରୟାସ ଆରମ୍ଭ କରିଦେଲେଣି । ମୋଟ ଉପରେ କହିବାକୁ ଗଲେ ବିଜ୍ଞାନ ଇତିମଧ୍ୟରେ ମନୁଷ୍ୟଜାତିର ବୁଦ୍ଧିଗତ ଦିଗ୍‌ରେଖାଗୁଡ଼ିକୁ ସବୁଦିନ ସକାଶେ ସମ୍ପ୍ରସାରିତ କରିଦେଇ-ସାରିଲାଣି ଓ ଅତ୍ୟନ୍ତ ଶକ୍ତିଶାଳୀଭାବରେ ମନୁଷ୍ୟସମାଜର ସାର୍ବଜନୀନ ସାମର୍ଥ୍ୟକୁ ବୃଦ୍ଧିପ୍ରାପ୍ତ, ତୀକ୍ଷ୍ଣ ତଥା ପ୍ରଗାଢ଼ କରିଦେଲଣି ।

ଏକଥା ସତ ଯେ ଆପଣାର ପ୍ରାଥମିକ ପ୍ରବୃତ୍ତିଗୁଡ଼ିକରେ ବିଜ୍ଞାନ ପ୍ରଧାନତଃ ଏକ ଜଡ଼ବାଦୀ ଦୃଷ୍ଟି ପୋଷଣ କରିଆସିଛି ଏବଂ ଏହି ଜଡ଼ ବିଶ୍ୱ, ଜଡ଼ ଦେହ ତଥା ଜଡ଼ ଜୀବନ ସମ୍ବନ୍ଧରେ ହିଁ ଅଧିକରୁ ଅଧିକ ଜ୍ଞାନ ହାସଲ କରିବାରେ ତାହାର ନିଃସନ୍ଦିଗ୍‌ଧ ବିଜୟମାନ ସୀମାବଦ୍ଧ ହୋଇ ରହିଛି । ମାତ୍ର ଏକ ପୂର୍ବତନ ପର୍ଯ୍ୟାୟରେ ମନୁଷ୍ୟ ଯେପରି ଆପଣାର ଆତ୍ମାକୁ ଏହି ଦେହ ସହିତ ଅବିକଳ ଏକ କରି ବିଚାର କରୁଥିଲା, ବିଜ୍ଞାନର ଜଡ଼ବାଦକୁ ଆମେ ତାହାଠାରୁ ଏକାବେଳକେ ଭିନ୍ନ ବୋଲି ଜାଣିବା । ଉପରକୁ ଦେଖିବାକୁ ଏହାର ପ୍ରବୃତ୍ତିଗୁଡ଼ିକ ଅନେକ ସମୟରେ ଯେପରି ଦିଶୁଥାଉ ପଛକେ, ଏହି ବିଜ୍ଞାନଦ୍ୱାରା ହିଁ ମନୁଷ୍ୟରୂପୀ ମନୋମୟ ସତ୍ତା ପ୍ରକୃତିରେ ଆପଣାର ବିଜୟ ଘୋଷଣା କରିପାରିଛି ଏବଂ ବୁଦ୍ଧିର ସର୍ବାଧିପତ୍ୟକୁ ପ୍ରତିଷ୍ଠିତ କରିପାରିଛି । ଅତ୍ୟନ୍ତ ସ୍ୱାଭାବିକ-ଭାବରେ ବିଜ୍ଞାନ କହିଲେ ନୂତନ ଜ୍ଞାନତଥ୍ୟର ଉପଲବ୍‌ଧିକୁ ବୁଝାଏ, ବୌଦ୍ଧିକତାକୁ ହିଁ ବୁଝାଏ ; ଏବଂ ବିଜ୍ଞାନ ଆଜିଯାଏ ଯେତେ ଯାହା ହାସଲ କରିଛି, ପ୍ରାଣ ତଥା ଜଡ଼କୁ ଜାଣି, ସେଗୁଡ଼ିକ ଉପରେ ବିଜୟୀ ହୋଇ ଆପେ ସେଗୁଡ଼ିକର ନିୟାମକରୂପେ କାର୍ଯ୍ୟ କରିବାଲାଗି ଆପଣାର ପ୍ରାଣିକ ତଥା ଭୌତିକ ଶରୀର ତଥା ପରିବେଶଟି ଉପରେ ମନ ଆପଣାର ଦୃଷ୍ଟିକୁ ଅଭିନିବିଷ୍ଟ କରି ଆଣିଥିବାର ହିଁ ତଦ୍ୱାରା ପ୍ରମାଣିତ ହେଉଛି । ବୈଜ୍ଞାନିକକୁ ଆମେ ଜଣେ ମନନସମର୍ଥ ମନୁଷ୍ୟ ବୋଲି କହିବା, ଯେକି ଜଡ଼ ପ୍ରକୃତିର ବିଭିନ୍ନ ଶକ୍ତିଗୁଡ଼ିକୁ ଜାଣିଛି ଓ ସେହି ଜାଣିବାଦ୍ୱାରା ସେଗୁଡ଼ିକୁ ଆପଣାର ବଶକୁ ଆଣିପାରୁଛି । ପ୍ରାଣ ତଥା ଜଡ଼କୁ ଆମେ ଯାବତୀୟ ପରିସ୍ଥିତିରେ ଠିଆହୋଇ ରହିଥିବା ଭୂମି ଓ ଆମର ନିମ୍ନତର ବିଚରଣକ୍ଷେତ୍ର ବୋଲି କହିପାରିବା ; ଏବଂ ସେଗୁଡ଼ିକର ପ୍ରକ୍ରିୟା ତଥା ସ୍ୱକୀୟ ଧର୍ମଗତ ସମ୍ଭାବନାଗୁଡ଼ିକୁ ଜାଣିବା ଓ

'oaob.nitrkl.ac.in' images reprocessed

ସେମାନେ ମନୁଷ୍ୟଙ୍କୁ ଯେଉଁସବୁ ସୁଯୋଗ ଆଣି ଯୋଗାଇ ଦେଉଛନ୍ତି ସେହି ବିଷୟରେ ଅବଗତି ଲାଭ କରିବା ସେଗୁଡ଼ିକର ସୀମା ଡେଇଁ ଆହୁରି ଆଗକୁ ଯାଇପାରିବା ସକାଶେ ଆବଶ୍ୟକ ହେଉଥିବା ଜ୍ଞାନର ମଧ୍ୟ କେବଳ ଏକ ଅଂଶସ୍ୱରୂପ ବୋଲି ସ୍ୱୀକାର କରିବାକୁ ହେବ । ପ୍ରାଣ ତଥା ଦେହର ସୀମାଟିକୁ ଯେ ପାରହେବାକୁ ପଡ଼ିବ, ଏକଥା ସତ ; ମାତ୍ର ତାହା ସଙ୍ଗେ ସଙ୍ଗେ ସେଗୁଡ଼ିକୁ କାମରେ ମଧ୍ୟ ଲଗାଇବାକୁ ପଡ଼ିବ ଓ ଗୋଟିଏ ଗୋଟିଏ ପରିପୂର୍ଣ୍ଣ ସାଧନରୂପେ ତିଆରି କରିବାକୁ ପଡ଼ିବ । ମାତ୍ର ଭୌତିକ ପ୍ରକୃତିର ଉପରକୁ ରହିଥିବା ଅତି ଭୌତିକ ପ୍ରକୃତିର ବିଧାନ ତଥା ସମ୍ଭାବନା ସବୁର ଆବଶ୍ୟକ ଜ୍ଞାନ ଅର୍ଜନ ନ କଲା ପର୍ଯ୍ୟନ୍ତ ଆମେ ଭୌତିକ ପ୍ରକୃତିର ବିଧାନ ଓ ସମ୍ଭାବନାଗୁଡ଼ିକୁ ମଧ୍ୟ ସମ୍ପୂର୍ଣ୍ଣରୂପେ ଜାଣିପାରିବା ନାହିଁ । ତେଣୁ ଆମ ଭୌତିକ ଜ୍ଞାନଲାଭର ପରିପୂର୍ଣ୍ଣତା ପଛକୁ ନୂତନ ମନଃସ୍ତତ୍ତ୍ୱ ତଥା ଚୈତ୍ୟ ବିଜ୍ଞାନଗୁଡ଼ିକର ମଧ୍ୟ ବିକାଶ ସାଧିତ ହେବ ଏବଂ ଏହି କ୍ଷେତ୍ରୀସ୍ଥ ପୁରାତନ ପରମ୍ପରାଗୁଡ଼ିକର ବି ପୁନରୁଦ୍ଧାର ହେବ ଏବଂ ବର୍ତ୍ତମାନ ଆମ ସମ୍ମୁଖରେ ସେହି ନୂତନ ଯୁଗଟି କ୍ରମେ ଉନ୍ମୋଚିତ ହେବାକୁ ଆରମ୍ଭ କଲାଣି । ମାତ୍ର ଏହା ଘଟିବା ପୂର୍ବରୁ ଭୌତିକ ବିଜ୍ଞାନମାନ ଯେ ଆଗେ ପରିପୂର୍ଣ୍ଣ ସିଦ୍ଧି ଲାଭ କରିବ, ତାହାର ଏକାନ୍ତ ଆବଶ୍ୟକତା ଥିଲା ; ପ୍ରକୃତିକୁ ଜାଣି ସମଗ୍ର ଜଗତର ଅଧିକାରୀ ହେବାଲାଗି ମନୁଷ୍ୟର ଯେଉଁ ନୂତନ ପ୍ରୟାସ ଚାଲିଛି, ସେଥିଲାଗି ତା'ର ମନକୁ ଉପଯୁକ୍ତଭାବରେ ପ୍ରଶିକ୍ଷିତ କରିପାରିବା ସକାଶେ ହିଁ ଭୌତିକ ବିଜ୍ଞାନଗୁଡ଼ିକୁ ସର୍ବପ୍ରଥମ କ୍ଷେତ୍ରରୂପେ ବ୍ୟବହାର କରିବାର ଏକ ଆବଶ୍ୟକତା ଅବଶ୍ୟ ରହିଥିଲା ।

ଏପରି କି ଆପଣାର ନକାରାତ୍ମକ କୃତିଗୁଡ଼ିକରେ ମଧ୍ୟ ବିଜ୍ଞାନର ଜଡ଼ବାଦକୁ ଏପରି ଏକ କାର୍ଯ୍ୟ ସମ୍ପନ୍ନ କରିବାକୁ ଥିଲା, ଯାହାକି ପରିଶେଷରେ ଜଡ଼ବାଦର ସୀମା ପାର ହୋଇ ଅଗ୍ରସର ହୋଇଗଲାବେଳେ ମନୁଷ୍ୟମାନଙ୍କର ଅନେକ ଉପକାରରେ ଲାଗିବ । ମାତ୍ର ଆପଣାର ଉଚ୍ଛୃଙ୍ଖଳତମ ପର୍ଯ୍ୟାୟରେ ବିଜୟଦର୍ପିତ ଜଡ଼ବାଦ ରୂପେ ବିକାଶଲାଭ କରୁଥିବା ସମୟରେ ବିଜ୍ଞାନ ଦର୍ଶନକୁ ହୀନ ଚକ୍ଷୁରେ ଦେଖୁଥିଲା ଓ ତାହାକୁ ଆପଣାଲାଗି ଅନାବଶ୍ୟକ ବୋଲି ପ୍ରାୟ ବର୍ଜନ କରି ରଖିଥିଲା । ଆପଣାର ତଥ୍ୟବିଶ୍ୱାସୀ ଓ ପ୍ରୟୋଜନବାଦୀ ଅତିଶଯ୍ୟତା ଦ୍ୱାରା ଚାଳିତ ହୋଇ ଏହି ବିଜ୍ଞାନ କାବ୍ୟ ଏବଂ କଳାର ଭାବାତ୍ମକତାଟିକୁ ହତୋତ୍ସାହିତ କରିବାରେ ଲାଗିଥିଲା ଏବଂ ସଂସ୍କୃତିର କ୍ଷେତ୍ରରେ ସେଗୁଡ଼ିକୁ ସେମାନଙ୍କର ନେତୃତ୍ୱଗତ ଅଧିଷ୍ଠାନରୁ ତଡ଼ି ବାହାର କରିଦେଇଥିଲା । ସେତେବେଳେ କାବ୍ୟକୁ ଏକ ପତନ ଓ ଅବକ୍ଷୟର ଯୁଗ ଭିତରେ ପଡ଼ି ରହିବାକୁ ହେଲା, ତାହା ପଦ୍ୟାକୃତ ଏକ ଗଦ୍ୟର ଆଙ୍ଗିକ ତଥା ଛନ୍ଦକୁ ଗ୍ରହଣ କଲା ଏବଂ ଅତ୍ୟନ୍ତ ସୀମାବଦ୍ଧ ଅଳ୍ପ କେତେକ ପାଠକଙ୍କର ରୁଚିକୁ ସମର୍ଥନ କରିବାକୁ ଯାଇ ତାହା ଆପଣାର ଅସଲ ଆବେଦନଟିକୁ ହରାଇ ବସିଲା । ଚିତ୍ରକଳା କ୍ୟୁବିଷ୍ଟ ମାତ୍ରାଜ୍ଞାନତାର ମାନରେଖା ଅନୁସରଣ କଲା ଏବଂ ଆକାର ତଥା ବ୍ୟଞ୍ଜନାର ନାନା ଅତିକାୟତାକୁ

'oaob.nitrkl.ac.in' images reprocessed

ଆଣି ପ୍ରଦର୍ଶିତ କରିବାକୁ ଲାଗିଲା ; ଆଦର୍ଶ ପଛକୁ ହଟିଗଲା ଏବଂ ତାହା ସ୍ଥାନରେ ଏକ ସ୍ପଷ୍ଟ ଦୃଶ୍ୟମାନ ବର୍ଣ୍ଣନାଗତ ତଥ୍ୟଗୁଡ଼ାକୁ ଆଣି ସିଂହାସନରେ ବସାଗଲା ଏବଂ ତାହା ଏକ ରୁଚିହୀନ ବାସ୍ତବବାଦ ତଥା ପ୍ରୟୋଜନବାଦକୁ ହିଁ ପ୍ରୋତ୍ସାହନ ଦେବାକୁ ଲାଗିଲା । ଧର୍ମଗତ ରହସ୍ୟାଚ୍ଛନ୍ନତା ବିରୁଦ୍ଧରେ ଯୁଦ୍ଧ ଲଢ଼ିବାକୁ ବାହାରି ବିଜ୍ଞାନ ଧର୍ମକୁ ହିଁ ପ୍ରାୟ ହତ୍ୟା କରିପକାଇଲା, ଧର୍ମର ଅସଲ ଭାବଟିର ବେକ ମୋଡ଼ିଦେଲା । ମାତ୍ର ତେଣେ ଦର୍ଶନ ମଧ୍ୟ ଅଧିକତର ପରିମାଣରେ ଏକ ଭୂମିବିଚ୍ଛିନ୍ନ ବିଷୟରେ ପରିଣତ ହୋଇ-ଯାଉଥିଲା ; ଶୁଦ୍ଧ ଏବଂ ତୁଚ୍ଛା ବୁଦ୍ଧିର କଳ୍ପନାର ଏକ ବସ୍ତୁନିରପେକ୍ଷ କ୍ଷେତ୍ରରେ ଭୂମିବିଚ୍ଛିନ୍ନ ସତ୍ୟସବୁକୁ ତାହା ସାଉଁଟିବାରେ ଲାଗିଥିଲା । ଦର୍ଶନର ପ୍ରକୃତରେ ଯାହା ହେବାର କଥା ବା କରିବାର କଥା, ଦର୍ଶନ ଆଉ ତାହା କରୁ ନ ଥିଲା ; ଅର୍ଥାତ୍ ବିଶ୍ୱବିଷୟର ଯଥାର୍ଥ ସତ୍ୟଗୁଡ଼ିକୁ ଆବିଷ୍କାର କରିବାରେ କୌଣସି ମନୋ-ନିବେଶ କରୁ ନ ଥିଲା, ଯାହାଦ୍ୱାରା କି ମନୁଷ୍ୟର ଏହି ଜୀବନ ଆପଣା ପରିପୂର୍ଣ୍ଣତାର ବିଧାନ, ଲକ୍ଷ୍ୟ ଓ ମୂଳସୂତ୍ରଗୁଡ଼ିକ ବିଷୟରେ ଯଥାର୍ଥ ଭାବରେ ଅବଗତ ହୋଇ-ପାରିବ । କାବ୍ୟ ତଥା କଳା ଆପଣାର ଅନୁଧାବନରେ ଏତେ ଅଧିକତର ଭାବରେ ସୌଖିନ୍ ହୋଇପଡ଼ିଥିଲା ଯେ ତାକୁ ଆଉ ଜୀବନର ଏକ କମନୀୟତା ବା ଭୂଷଣ ବୋଲି କହିବାର କୌଣସି ଅବକାଶ ନ ଥିଲା ; ସତ୍ୟର, ସୌନ୍ଦର୍ଯ୍ୟର ତଥା ଏହି ବିଶ୍ୱଜଗତର ଇନ୍ଦ୍ରିୟାବବୋଧଗତ ପ୍ରତିଭାସ ଦ୍ୱାରା ଗୁପ୍ତ ହୋଇ ରହିଯାଇଥିବା ଓ ପ୍ରତ୍ୟେକ ବସ୍ତୁର ହୃଦୟରେ ଅବସ୍ଥାନ କରୁଥିବା ସେହି ଜୀବନ୍ତ ମୂଳକଳ୍ପନା ଏବଂ ପ୍ରଚ୍ଛନ୍ନ ଦିବ୍ୟତାଟିର ଏକ ସାକାର ସନ୍ଦର୍ଶନ ଓ ସାର୍ଥକ ପରିବେଷଣରେ ମନ ନ ବଳାଇ ତାହା କେବଳ ଶବ୍ଦ, ଆଙ୍ଗିକ ଓ ଭାବକଳ୍ପଗୁଡ଼ାକର ସୌନ୍ଦର୍ଯ୍ୟକୁ ଦେଖାଇବାରେ ହିଁ ଆପଣାକୁ ଛନ୍ଦିରଖିଥିଲା । ସ୍ୱୟଂ ଧର୍ମ ମଧ୍ୟ ନାନା ସୂତ୍ରଗତତା, ଉପାସନା, ସମ୍ପ୍ରଦାୟ ତଥା ଆନୁଷ୍ଠାନିକତା ମଧ୍ୟରେ ବାନ୍ଧି ହୋଇ ଅଟକି ପଡ଼ିଥିଲା ଏବଂ କେବଳ ଅଳ୍ପସଂଖ୍ୟକ କେତେଜଣ ବିଶେଷ ବ୍ୟକ୍ତିଙ୍କୁ ଛାଡ଼ିଦେଲେ ଅଧିକାଂଶତଃ ଆଧ୍ୟାତ୍ମିକତାର ଜୀବନ୍ତ ଉତ୍ସଗୁଡ଼ିକ ସହିତ ସକଳ ପ୍ରତ୍ୟକ୍ଷ ସମ୍ପର୍କ ହରାଇ ବସିଥିଲା । ତେଣୁ ଏକ ନକାରାତ୍ମକ ପର୍ଯ୍ୟାୟର ଆବଶ୍ୟକତା ଆସି ପଡ଼ିଲା । ସେ-ଗୁଡ଼ିକୁ ବାହାର କରି ତଡ଼ିଦେବାକୁ ହେଲା, ସେଗୁଡ଼ିକୁ ସେଗୁଡ଼ିକର ଶାଶ୍ୱତ ଉତ୍ସର ଅଧିକ ନିକଟବର୍ତ୍ତୀ କରିପାରିବାପାଇଁ ସେଗୁଡ଼ିକୁ ପଛଆଡ଼କୁ ସେହିମାନଙ୍କର ସୃଷ୍ଟିତ ମଧ୍ୟକୁ ହିଁ ଧାବିତ କରିନଆଗଲା । ମାତ୍ର ବର୍ତ୍ତମାନ ନକାରାତ୍ମକତାର ସେହି ପର୍ଯ୍ୟାବୃତ୍ତି ଅତୀତ ହୋଇଯାଇଛି ଏବଂ ସେମାନେ ଆପଣାର ମୁଣ୍ଡ ଟେକିବାକୁ ବି ଆରମ୍ଭ କଲେଣି ; ତେଣୁ ସେମାନେ ଯେ ବର୍ତ୍ତମାନ ଆପଣାର ଅସଲ ସତ୍ୟଟିର ଅନୁସନ୍ଧାନ କରୁଛନ୍ତି, ଆପଣାର ପ୍ରକୃତ ମୂଳମୂଳଗୁଡ଼ିକୁ ଫେରିଆସି ଆପଣାକୁ ପୁନର୍ଜୀବିତ କରାଉଛନ୍ତି ଏବଂ ନୂତନ ଭାବରେ ଅପଣାକୁ ପୁଣି ଆବିଷ୍କାର କରିବାର ପ୍ରୟାସୀ ହୋଇଛନ୍ତି, ଆମେ ସେକଥା ଦେଖିବାକୁ ପାଇଲୁଣି । ସତ୍ୟ ହିଁ ଯେ ସକଳ

'oaob.nitrkl.ac.in' images reprocessed

ଜୀବନ ତଥା ସକଳ ସାମର୍ଥ୍ୟର ଗୁପ୍ତ ଉତ୍ପତ୍ତିସ୍ଥାନ ଓ କେବଳ ଆପଣାର ଯଥୋପଯୁକ୍ତ ସତ୍ୟର ଆବିଷ୍କାର କରିବାଦ୍ୱାରା ହିଁ ଯେ ସେମାନେ ମନୁଷ୍ୟଜୀବନର କଲ୍ୟାଣ ବିଧାନ କରିପାରିବେ, ବିଜ୍ଞାନର ଦୃଷ୍ଟାନ୍ତରୁ ସେମାନେ ଏହି କଥାଟିକୁ ଶିକ୍ଷା କରିପାରିଛନ୍ତି ଅଥବା ଶିକ୍ଷା କରୁଛନ୍ତି ।

ତେବେ ଆମେ ସ୍ୱୀକାର କରିବା ଯେ ବିଜ୍ଞାନ ଆମକୁ ଏକ ଅଧିକ ପ୍ରଶସ୍ତ ତଥା ଅଧିକ ଉଦାର ସଂସ୍କୃତିଲାଗି କ୍ରମେ ପ୍ରସ୍ତୁତ କରିଆସିଛି, ଏବଂ ଆପଣାର ଜଡ଼ବାଦୀ ଆବେଦନଟି ସତ୍ତ୍ୱେ ଅଥବା ଏପରିକି ଆଂଶିକଭାବରେ ତାହାରି ସାହାଯ୍ୟରେହିଁ ତାହା ଅସଲ ଜଡ଼ବାଦ ଅର୍ଥାତ୍ ସେହି ବର୍ବର ମନୋଦୃଷ୍ଟିର କୌଣସି ବି ପ୍ରତ୍ୟାବର୍ତ୍ତନକୁ ଏକାବେଳକେ ଅସମ୍ଭବ କରିଦେଇଛି । ମାତ୍ର ଅନ୍ୟ ପକ୍ଷରେ ସେହି ବିଜ୍ଞାନ ଅଳ୍ପ ବହୁତେ ପରୋକ୍ଷଭାବରେ ଏବଂ ଜୀବନପ୍ରତି ଏହାର ଦୃଷ୍ଟି ଏବଂ ଏହାର ଆବିଷ୍କାରଗୁଡ଼ିକଦ୍ୱାରା ଆଉ ଏକ ପ୍ରକାରର ବର୍ବରତାକୁ ବେଶ୍ ପ୍ରୋତ୍ସାହନ ଦେଇଛି । ବିଜ୍ଞାନ ବର୍ତ୍ତମାନର ଏହି ଶିଳ୍ପ, ବାଣିଜ୍ୟ ତଥା ଅର୍ଥନୀତିପ୍ରଧାନ ଯୁଗଟିକୁ ପ୍ରତିଷ୍ଠିତ କରିବାରେ ସାହାଯ୍ୟ କରିଛି, ଯାହାକୁ କି ଆମେ ବର୍ବରତାର ଏକ ଯୁଗ ନ କହି ଆଉ ଅନ୍ୟ କୌଣସି ନାମରେ ବର୍ଣ୍ଣନା କରିପାରିବା ନାହିଁ । ବର୍ତ୍ତମାନ ଏହି ଯୁଗଟି ଆପଣାର ଶୀର୍ଷସୀମା ଆଡ଼କୁ ଅଗ୍ରସର ହେବାରେ ଲାଗିଛି ଏବଂ ଏହାର ଅବସାନପର୍ଯ୍ୟାୟଟିରେ ଆସି ପହଞ୍ଚିବାକୁ ବସିଲାଣି । ଅର୍ଥନୀତିପ୍ରଧାନ ଏହି ବର୍ବରତାଟିକୁ ଆମେ ମୂଳତଃ ପ୍ରାଣସର୍ବସ୍ୱ ବ୍ୟକ୍ତିର ବର୍ବରତା ବୋଲି କହିବା । ପ୍ରାଣସର୍ବସ୍ୱ ବ୍ୟକ୍ତି ପ୍ରାଣକୁ ହିଁ ଆତ୍ମା ବୋଲି ଭ୍ରମ କରୁଥାଏ ଏବଂ ପ୍ରାଣଗତ ଚରିତାର୍ଥତାକୁହିଁ ଜୀବନର ପ୍ରଥମ ଲକ୍ଷ୍ୟରୂପେ ଗ୍ରହଣ କରିନେଇଥାଏ । ବାସନା ଏବଂ ଅଧିକାରର ପ୍ରବୃତ୍ତି,—ଏହିଗୁଡ଼ିକୁ ଆମେ ପ୍ରାଣର ଲକ୍ଷଣ ବୋଲି ଜାଣିବା । ଭୌତିକ ସ୍ତରର ବର୍ବର ଯେପରି ଶରୀରର ଶୋଭାଶାଳିତା ତଥା ଭୌତିକ ସାମର୍ଥ୍ୟ, ସ୍ୱାସ୍ଥ୍ୟ ତଥା ପରାକ୍ରମକୁ ହିଁ ଆପଣାର ମାନ ଓ ଆଦର୍ଶ କରି ରଖିଥାଏ, ଠିକ୍ ସେହିପରି ପ୍ରାଣିକ ତଥା ଅର୍ଥନୀତିଗତ କ୍ଷେତ୍ରର ବର୍ବର ଯାବତୀୟ ଅଭାବ ଓ ଯାବତୀୟ ବାସନାସବୁର ପରିପୂରଣ ଏବଂ ଅଧିକରୁ ଅଧିକ ସମ୍ପତ୍ତିର ସଂଗ୍ରହକୁ ହିଁ ଆପଣାର ମାନ ଓ ଆଦର୍ଶ କରି ଧରିଥାଏ । ସେ ତାହାର ଆଦର୍ଶରୂପେ କୌଣସି ସୁସଂସ୍କୃତ, ଉଦାରଚେତା, ଚରିତ୍ରସମ୍ପନ୍ନ, ନୀତିମାନ୍ ଅଥବା ଧର୍ମନିଷ୍ଠ ବ୍ୟକ୍ତିକୁ କଦାପି ଦେଖେ ନାହିଁ, ସଫଳ ମଣିଷକୁ ହିଁ ସେ ଆଦର୍ଶ କରି ଗ୍ରହଣ କରିଥାଏ । ଉପନୀତ ହେବା, ସଫଳ ହେବା, ଉତ୍ପାଦନ କରିବା, ସଂଗ୍ରହ କରିବା ଓ ମାଲିକ ହୋଇ ରହିବା,—ଏହିଗୁଡ଼ାକ ହିଁ ତା'ର ଆଦର୍ଶ ହୋଇ ରହିଥାଏ । ଅଧିକ ପରେ ଆହୁରି ଅଧିକର ଏହି ସଂଗ୍ରହ, ସମ୍ପତ୍ତି ପରେ ଆହୁରି ଅଧିକ ସମ୍ପତ୍ତିକୁ ନେଇ ଠୁଳ କରିବା ଓ ତାହାର ମାଲିକ ହୋଇ ବସିବା, ଐଶ୍ୱର୍ଯ୍ୟର ଏହି ପ୍ରାଚୁର୍ଯ୍ୟ, ଏହି ପ୍ରଦର୍ଶନ, ଏହି ସମ୍ଭୋଗ, ଆପଣା ଉପରେ

'oaob.nitrkl.ac.in' images reprocessed

ସତେ ଅବା ବୋଝ ହୋଇ ରହିଥିବା ଏହି ରୁଚିହୀନ ବିଳାସବ୍ୟସ୍ତତା, ଆରାମ ଓ ସୁଖସୁବିଧାର ଏହି ଅତିରିକ୍ତତା, ସକଳ ସୌନ୍ଦର୍ଯ୍ୟ ତଥା ଔଦାର୍ଯ୍ୟରୁ ବର୍ଜିତ ହୋଇ ରହିଥିବା ଏହି ଜୀବନଯାପନ, ଏହି ବିକୃତ, କୁତ୍ସିତ ଓ ପରମ୍ପରାହୀନ ସୁବିଧାବାଦୀ ଧର୍ମ, ସମ୍ପୂର୍ଣ୍ଣରୂପେ ଏକ ବ୍ୟବସାୟ ଏବଂ ଧନ୍ଦାରେ ଆସି ପରିଣତ ହୋଇଥିବା ଏକ ରାଜନୀତି ଓ ତୁଚ୍ଛା ଗୋଟାଏ ଗୋଟାଏ ବ୍ୟବସାୟ ପରି ଚାଲୁଥିବା ଯାବତୀୟ ଆମୋଦପ୍ରମୋଦ,—ଏହିସବୁ ହିଁ ଜୀବନକୁ ଏକ ପଣ୍ୟବଣିଜ ଓ ବ୍ୟବସାୟରେ ପରିଣତ କରିପକାନ୍ତି ବୋଲି ଆମେ କହିବା । ସମ୍ଭବତଃ ଅର୍ଥନୀତି ମଧ୍ୟରେ ଘୂର୍ଣ୍ଣିଗ୍ରସ୍ତ ହୋଇ ରହିଥିବା ଜଣେ ମଣିଷ ସୌନ୍ଦର୍ଯ୍ୟକୁ ଏକ ଅନାବଶ୍ୟକ କଥା ଓ ଉପଦ୍ରବ ବୋଲି ଭାବିଥାଏ, କଳା ଓ କାବ୍ୟ-କବିତାକୁ ଏକ ନିର୍ବୋଧତାପୂର୍ଣ୍ଣ ବିଳାସ ଓ ତୁଚ୍ଛା ଆଡ଼ମ୍ବର ବୋଲି ଭାବିଥାଏ, କେବଳ ବିଜ୍ଞାପନ କରିବାର ଏକ ସାଧନ ବୋଲି ଭାବିଥାଏ । ସଭ୍ୟତା କହିଲେ ସେ ସୁଖ ଓ ଆରାମରେ ରହିବାକୁ ବୁଝେ, ନୈତିକତା ଓ ନୀତିମତ୍ତା କହିଲେ ସମାଜରେ ସମ୍ମାନିତ ଆସନମାନଙ୍କରେ ଯାଇ ବସିବାକୁ ବୁଝେ ଏବଂ ରାଜନୀତି କହିଲେ ଶିଳ୍ପକୁ ପ୍ରୋତ୍ସାହନ ଦେବା, ଅଧିକରୁ ଅଧିକ ବିପଣିମାନ ଖୋଲିଦେବା, ଶୋଷଣ କରିବା ଏବଂ ରାଷ୍ଟ୍ରୀୟ ବାଣିଜ୍ୟର ବୃଦ୍ଧି କରିବାକୁ ହିଁ ବୁଝିଥାଏ । ଧର୍ମ କଥା କହିଲାବେଳେ ସେ ଖୁବ୍ ବେଶୀ ହେଲେ ଏକ ଧାର୍ମିକ ଔପଚାରିକତା କିମ୍ବା କେତେକ ବିଶେଷ ପ୍ରାଣଗତ ସଂବେଗର ଚରିତାର୍ଥତାକୁ ବୁଝିଥାଏ । ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଅଥବା ହୁଏତ ଏକ ସମାଜୀକୃତ ଶିଳ୍ପଗତ ଜୀବନବ୍ୟବସ୍ଥା ମଧ୍ୟରେ ଜଣେ ମଣିଷକୁ ଉପସ୍ଥିତ ସକଳ ସାଫଲ୍ୟ ହେଇପାରିବାକୁ ଯେଉଁ ଶିକ୍ଷା ଯେତିକି ପ୍ରୟୋଜନରେ ଲାଗେ, ସେ ସେହି ଶିକ୍ଷାକୁ ସେତିକି ମୂଲ୍ୟ ଦେଇଥାଏ । ଆପଣାର ଜ୍ଞାନ ତଥା ଉଦ୍ଭାବନଗୁଡ଼ିକ ଦ୍ୱାରା ବିଜ୍ଞାନ ମନୁଷ୍ୟକୁ ଯେଉଁସବୁ ସୁଖ, ସୁବିଧା ତଥା ଉତ୍ପାଦନସାଧନର ସମର୍ଥତା ଯୋଗାଇଦିଏ, ବିଜ୍ଞାନ ଭିତରେ ଯେଉଁ ସଂଗଠନଶକ୍ତି, ନିୟମବଦ୍ଧତା ଓ ଉତ୍ପାଦନ ସକାଶେ ଯେଉଁ ଉତ୍ପ୍ରେରଣା ରହିଥାଏ, ସେହିଗୁଡ଼ିକ ପାଇଁ ହିଁ ସେ ବିଜ୍ଞାନକୁ ଯାହା କିଛି ମୂଲ୍ୟ ଦେଇଥାଏ । ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ବସିଥିବା ଧନାଢ୍ୟ ଶାସକ, ପୂର୍ଣ୍ଣସାଫଲ୍ୟଦ୍ୱାରା ମଣ୍ଡିତ ହୋଇଥିବା ବିରାଟ ପୁଞ୍ଜିବାଦୀ ଏବଂ ଶିଳ୍ପସଂସ୍ଥାନର ସଂଗଠକ,—ଏହିମାନଙ୍କୁ ହିଁ ଆମେ ବାଣିଜ୍ୟିକ ଯୁଗର ମହାମନୁଷ୍ୟ ବୋଲି ଜାଣିବା ଏବଂ ଅନେକ ସମୟରେ ତାହାରକୁ ସେପରି ଦେଖାଯାଉ ନ ଥିଲେ ମଧ୍ୟ ଏମାନେ ଏହି ଯୁଗର ସମାଜରେ ପ୍ରକୃତ ଶାସକ ବୋଲି କହିବା ।

ପ୍ରାଣିକ ସଫଳତା, ପ୍ରାଣିକ ଚରିତାର୍ଥତା, ଉତ୍ପାଦନସାମର୍ଥ୍ୟ, ସଂଗ୍ରହ ଓ ଅଧିକାର କରିବାର କୁଶଳତା, ଉପଭୋଗ, ଆରାମ ଓ ସୁଖଭୋଗ,—ଏହିଗୁଡ଼ିକର ଏକନିଷ୍ଠ ଅନୁଧାବନ ହିଁ ଏହିସବୁ ବିବିଧତା ମଧ୍ୟରେ ସର୍ବମୂଳ ବିବରିତା । ମନୁଷ୍ୟଜୀବନର

'oaob.nitrkl.ac.in' images reprocessed

ଭୌତିକ ଅଂଶଟି ପରି ତାହାର ପ୍ରାଣଗତ ଅଂଶଟି ମଧ୍ୟ ମାନବର ସମଗ୍ର ଅସ୍ତିତ୍ୱ ମଧ୍ୟରେ କେବଳ ଗୋଟିଏ ଉପାଦାନ ମାତ୍ର; ସମଗ୍ର କ୍ଷେତ୍ରଟି ମଧ୍ୟରେ ତାହାର ଏକ ଉପଯୋଗୀ ସ୍ଥାନ ଅବଶ୍ୟ ରହିଛି, ମାତ୍ର ସେହି ସ୍ଥାନଟିର ସୀମା ଲଙ୍ଘନ କରିଯିବା କୌଣସି କ୍ଷେତ୍ରରେ ମଧ୍ୟ ଉଚିତ ବା ସମୀଚୀନ ହେବନାହିଁ । ସମାଜରେ ବାସ କରୁଥିବା ଯେକୌଣସି ମଣିଷ ଲାଗି ଏକ ପୂର୍ଣ୍ଣ ତଥା ସ୍ପନ୍ଦନଯୁକ୍ତ ପ୍ରାଣମୟ ଜୀବନର ଉପାଦେୟତା ଅବଶ୍ୟ ରହିଛି; ମାତ୍ର ତାହା ସଙ୍ଗେ ସଙ୍ଗେ ଏହା ମଧ୍ୟ ଏକାନ୍ତ ଆବଶ୍ୟକ ଯେ ସେ ଜୀବନଟି ଯଥାର୍ଥ ଜୀବନ, ସୁନ୍ଦର ଜୀବନ ମଧ୍ୟ ହୋଇଥିବ । ପ୍ରାଣ ହେଉ କିମ୍ବା ଶରୀର ହେଉ, ଏମାନେ କେବଳ ଆପଣା ସକାଶେ ଏଠାରେ ଅସ୍ତିତ୍ୱ ଧରି ରହିନାହାନ୍ତି, ମାତ୍ର ସେମାନଙ୍କଠାରୁ ଉଚ୍ଚତର ଆଉ ଏକ କଲ୍ୟାଣର ସାଧନଲାଗି ଗୋଟିଏ ଗୋଟିଏ ବାହନ ବା ଯନ୍ତ୍ରରୂପେ ସେମାନେ ରହିଛନ୍ତି । ତେଣୁ ସେମାନଙ୍କୁ ମନୋମୟ ସତ୍ତାର ଉଚ୍ଚତର ଆବଶ୍ୟକତାଗୁଡ଼ିକର ଅଧୀନ ହୋଇ ରହିବାକୁ ପଡ଼ିବ, ମାନସୀୟ ପରିପୂର୍ଣ୍ଣତାର ସମଗ୍ର ଯୋଜନାଟି ଭିତରେ ଆପଣାର ଉପଯୁକ୍ତ ସ୍ଥାନ ଗ୍ରହଣ କରିପାରିବା ପୂର୍ବରୁ ସେମାନଙ୍କୁ ସତ୍ୟ, ଶିବ ତଥା ସୁନ୍ଦରର ଏକ ଉଚ୍ଚତର ବିଧାନଦ୍ୱାରା ପୂଜିତ ଏବଂ ଶୁଦ୍ଧ ହୋଇ ତିଆରି ହେବାକୁ ପଡ଼ିବ । ତେଣୁ ଏ ବାଣିଜ୍ୟିକ ଯୁଗରେ ଯେତେବେଳେ ସଫଳତା ଭୂତବର୍ଦ୍ଧିତ ଓ ବର୍ବର ଆଦର୍ଶ ହୋଇ ରହିଛି, କେବଳ ପ୍ରାଣଗତ ଚରିତାର୍ଥତା, ଉତ୍ପାଦନସାମର୍ଥ୍ୟ ଓ ସମ୍ପତ୍ତିଭୋଗକୁ ହିଁ ଅଭୀଷ୍ଟରୂପେ ଗଣାଯାଉଛି, ସେତେବେଳେ ମନୁଷ୍ୟର ଆତ୍ମା ହୁଏତ କେତେକ ଫଳଲାଭ ଓ ଅନୁଭୂତି ସକାଶେ ଏଠାରେ କେବଳ କିଛିକାଳ ଲାଗି ଅଟକି ରହିପାରେ, ମାତ୍ର କେବେହେଲେ ଚିରକାଳ ପାଇଁ ଏଇଟିକୁ ଆପଣାର ଆସ୍ଥାନ କରି ପଡ଼ିରହିବ ନାହିଁ । ଯଦି ଏହି ସ୍ଥିତିରେ ତାହା ଅତି ଦୀର୍ଘକାଳଲାଗି ପଡ଼ିରହେ, ତେବେ କ୍ରମେ ସ୍ୱୟଂ ପ୍ରାଣର ଗୋଡ଼ରେ ମଧ୍ୟ ପଥର ବାନ୍ଧହୋଇଯିବ, ଆପଣାର ଅତିରିକ୍ତତା ଆଦି ଦ୍ୱାରା ତାହା ସ୍ୱୟଂ ବିନାଶପ୍ରାପ୍ତ ହେବ, ଅଥବା ଆପଣାର ପ୍ରବଳ ସ୍ତୂପରେ ଏକ ଅତି ସ୍ଥୂଳ ସମ୍ପ୍ରସାରଣରୂପେ ବିସ୍ଫୋରିତ ହୋଇଯିବ । ଅତି ବିଶାଳକାୟ ଟାଇଟାନ୍ ପରି ତାହା ଆପଣା ଭାରରେ ହିଁ ଚୂର୍ଣ୍ଣ ଓ ପିଷ୍ଟ ହୋଇଯିବ ।

'oaob.nitrkl.ac.in' images reprocessed

## ନବମ ପରିଚ୍ଛେଦ

# ସଭ୍ୟତା ଓ ସଂସ୍କୃତି

ପ୍ରଥମେ ଜଡ଼ରୁ ହିଁ ପ୍ରକୃତି ଆପଣାର କାର୍ଯ୍ୟ ଆରମ୍ଭ କରେ, ସେହି ଜଡ଼ ଭିତରୁ ପ୍ରଚ୍ଛନ୍ନ ହୋଇ ରହିଥିବା ଆପଣାର ପ୍ରାଣଶକ୍ତିକୁ ବିକଶିତ କରାଇଆଣେ ଏବଂ ତା'ପରେ ପ୍ରାଣ ମଧ୍ୟରେ ସଂବୃତ ହୋଇ ରହିଥିବା ମନୋମୟ ଯାବତୀୟ ପ୍ରାଥମିକ ଓ ଅଶୋଧିତ ଉପାଦାନଗୁଡ଼ିକୁ ବାହାରକୁ ମୁକ୍ତ କରି ଆଣେ; ଏବଂ କ୍ରମେ ଆପଣାର ଭୂମିଟି ଯଥୋଚିତଭାବରେ ପ୍ରସ୍ତୁତ ହୋଇଗଲେ ସେହି ମନକୁ ହିଁ ମନ, ପ୍ରାଣ ତଥା ଜଡ଼ ଉପରକୁ ନିବିଷ୍ଟ କରି ନେଇଆସେ ଓ ସେହି ତିନୋଟିଯାକର ପ୍ରାତିଭାସିକ ସତ୍ୟ, ସେଗୁଡ଼ିକର ପ୍ରକାଶ୍ୟ କ୍ରିୟାଶୀଳତା, ସେମାନଙ୍କର ପ୍ରଚ୍ଛନ୍ନ ବିଧାନମାନ, ସେଗୁଡ଼ିକର ସ୍ୱାଭାବିକ ତଥା ଅସ୍ୱାଭାବିକ ଯାବତୀୟ ସମ୍ଭାବନା ଓ ସାମର୍ଥ୍ୟ-ଗୁଡ଼ିକୁ ବୁଝିବାଲାଗି ଅତ୍ୟଧିକ ମାନସିକ ପ୍ରୟାସ କରିବାରେ ଲାଗିଥାଏ, ଯାହାଫଳରେ ସେଗୁଡ଼ିକୁ ଅଧିକରୁ ଅଧିକ ସମ୍ପନ୍ନ ଓ ଫଳଦାୟକ ଭାବରେ ବ୍ୟବହାର କରାଯାଇପାରିବ, ଅଧିକରୁ ଅଧିକ ସମୁଚିତ ଓ ସନ୍ତୁଳିତଭାବରେ କାମରେ ଲଗାଇହେବ, ଏବଂ ସକଳ ପାର୍ଥିବ ପ୍ରାଣୀଙ୍କ ମଧ୍ୟରେ କେବଳ ମନୁଷ୍ୟ ହିଁ ଅତି ସ୍ପଷ୍ଟଭାବରେ ଯେଉଁ ସାମର୍ଥ୍ୟ ବା ସମ୍ପଦଟିର ଅଧିକାରୀ ହୋଇ ରହିଛି, ସେହି ବୁଦ୍ଧିଯୁକ୍ତ ଇଚ୍ଛାଟିର କ୍ରିୟାଦ୍ୱାରା ମନ, ପ୍ରାଣ ତଥା ଜଡ଼କୁ ସେଗୁଡ଼ିକର ଉଚ୍ଚତମ ଅନ୍ତର୍ନିହିତ ଉଦ୍ଦେଶ୍ୟ ପର୍ଯ୍ୟନ୍ତ ଉତ୍ତୋଳିତ କରି ନେଇଯାଇପାରିବ ଏବଂ ସେଗୁଡ଼ିକର ପ୍ରଶସ୍ତତମ ଲକ୍ଷ୍ୟସୀମାଯାଏଁ ପ୍ରସାରିତ କରିଦେଇପାରିବ । ଆପଣାର ଅଗ୍ରଗତିରେ ଏହି ଚତୁର୍ଥ ପର୍ଯ୍ୟାୟଟିରେ ହିଁ ପ୍ରକୃତି ମାନବସ୍ତରରେ ଆସି ପହଞ୍ଚେ । ପରମାଣୁ ଓ ଜଡ଼ସ୍ଥ ଉପାଦାନ-ସବୁ ନିରାଟ ଜଡ଼କୁ ଏକ ସଂଗଠିତ ରୂପ ଦିଅନ୍ତି, ଉଦ୍‌ଭିଦ ପ୍ରାଣଧାରୀ ସତ୍ତାର ବିକାଶ ଘଟାଏ, ଇତରପ୍ରାଣୀ ଅଶୋଧିତ ମନ-ଉପାଦାନକୁ ଉପଯୁକ୍ତଭାବରେ ପ୍ରସ୍ତୁତ କରି ଆଣେ ଏବଂ ତାହାକୁ ଏକପ୍ରକାର ଯାନ୍ତ୍ରିକ ସଂଗଠନର ରୂପ ଦେବାଲାଗି ଚେଷ୍ଟା କରୁଥାଏ; ମାତ୍ର ଏହି ପର୍ଯ୍ୟାୟର ସର୍ବଶେଷ କାର୍ଯ୍ୟଟି ଅର୍ଥାତ୍ ଏହିସବୁ ସଂଘଟନର ଜ୍ଞାନ ହାସଲ କରି ସେଗୁଡ଼ିକୁ ଆପଣାର ନିୟନ୍ତ୍ରଣରେ ରଖିବା, ଆତ୍ମଜ୍ଞାନ ତଥା ଆତ୍ମନିୟନ୍ତ୍ରଣର ଶକ୍ତି ଲାଭ କରିବା କେବଳ ମନୁଷ୍ୟଦ୍ୱାରା ଅର୍ଥାତ୍ ପ୍ରକୃତିର ଏହି ମନୋମୟ ସତ୍ତାଟିଦ୍ୱାରା ହିଁ ସାଧ୍ୟ ହେବାକୁ ରହିଥାଏ । ପ୍ରକୃତିନ୍ୟସ୍ତ କାର୍ଯ୍ୟଟିକୁ ଯେ

'oaob.nitrkl.ac.in' images reprocessed

ଯେପରି ଅନ୍ତର ଉଚ୍ଚସ୍ତରରେ କରିପାରିବ, ସେହିପରି ପ୍ରକୃତି ମନୁଷ୍ୟକୁ ଶାରୀରିକ ତଥା କେତେକ ପରିମାଣରେ ମାନସିକ ସ୍ତରରେ ତା'ର ପ୍ରାଣୀସୁଲଭ ବିବର୍ତ୍ତନଟିର ପୁନରାବୃତ୍ତି କରିବାଲାଗି ବାଧ୍ୟ କରିଥାଏ ; ଏବଂ ମନୁଷ୍ୟ ମନୋମୟ ସତ୍ତାଟିର ଅଧିକାରୀ ହୋଇପାରିବା ପରେ ମଧ୍ୟ ପ୍ରକୃତି ତାକୁ ଜଡ଼, ପ୍ରାଣ, ତା'ର ନିଜ ଶରୀର ତଥା ପ୍ରାଣଗତ ଅଭିରୁଚି ବିଷୟରେ ଆଗ୍ରହୀ ଏବଂ ଏକପ୍ରକାର ଅନୁରକ୍ତ ହୋଇ ରହିବାଲାଗି ବାରବାର ପ୍ରବର୍ତ୍ତାଇବାରେ ଲାଗିଥାଏ । ମନୁଷ୍ୟ ଭିତରେ ପ୍ରକୃତିର ଯେଉଁ ଉଦ୍ଦେଶ୍ୟ ବା ଅଭିପ୍ରାୟ ନିହିତ ହୋଇ ରହିଛି, ତାହାର ବିଶାଳତା ଦୃଷ୍ଟିରୁ ଏହିପରି କରିବାର ଏକ ଆବଶ୍ୟକତା ଅବଶ୍ୟ ରହିଥାଏ । ପ୍ରଥମେ ସେ ସ୍ୱଭାବତଃ ଅପେକ୍ଷାକୃତ ଅଧିକ ସଂକୀର୍ଣ୍ଣସ୍ତରରେ ଓ ପ୍ରାୟ ସମ୍ପୂର୍ଣ୍ଣ ବୁଦ୍ଧିଶୂନ୍ୟ ହୋଇ ଶରୀର ଓ ପ୍ରାଣମଧ୍ୟରେ ଅନୁଲିପ୍ତ ଥାଏ ; ମାତ୍ର ତାହାର ବୃଦ୍ଧି ଓ ମାନସଶକ୍ତି କ୍ରମଶଃ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସେ ଆପଣାକୁ କେତେକ ପରିମାଣରେ ସେହି ଅପ୍ରଭାବ ଫାଶଭିତରୁ ମୁକ୍ତ କରିଆଣେ, ଆହୁରି ଉପରକୁ ଯାଇପାରିବାକୁ ସମର୍ଥ ହୁଏ, ମାତ୍ର ତଥାପି ଆବଶ୍ୟକତା ତଥା ସ୍ୱବାସନା ଦ୍ୱାରା ବାଧ୍ୟ ହୋଇ ସେ ଆପଣାର ପ୍ରାଣ ଏବଂ ଜଡ଼ଗତ ମୂଳଗୁଡ଼ିକ ସହିତ ବାନ୍ଧହୋଇ ରହିଥାଏ ଏବଂ ଏକ ବୃହତ୍ତର ଉତ୍କଣ୍ଠା, ବୃହତ୍ତର ବିନିଯୋଗ କ୍ଷମତା ଏବଂ ତାହାର ପରିଣାମସ୍ୱରୂପ ଏକ ଅଧିକରୁ ଅଧିକ ଉଚ୍ଚତର ମାନସିକ ଏବଂ ଅବଶେଷରେ ଏକ ଅଧିକରୁ ଅଧିକ ଆଧ୍ୟାତ୍ମିକ ଲକ୍ଷ୍ୟ ସହିତ ତାକୁ ସେହି ମୂଳଗୁଡ଼ିକ ପାଖକୁ ବାରବାର ଫେରିଆସିବାକୁ ପଡ଼ୁଥାଏ । କାରଣ, ତା'ର ବିବର୍ତ୍ତନଗତ ଏହି ଚକ୍ରଗୁଡ଼ିକ ଏକ କ୍ରମବର୍ଦ୍ଧମାନ ଅଥଚ ନାନା ଅପୂର୍ଣ୍ଣଭାବରେ ଭରି ରହିଥିବା ଏକ ସମତାବସ୍ଥା ଓ ସମନ୍ୱୟର ନାନା ବୃତ୍ତ । ଏବଂ ମଣିଷ ଯେପରି ଅଖଣ୍ଡ ଓ ଆତ୍ମପରିପୂର୍ଣ୍ଣଭାବ ଏକ ବୃହତ୍ତର ବଳ ଦେଇ ମୂଳରୁ ଆପଣାର ଯାତ୍ରା ଆରମ୍ଭ କରିପାରିବ, ସେଥିଲାଗି ପ୍ରକୃତି ଅତି ପ୍ରଚଣ୍ଡ ଭାବରେ ମଧ୍ୟ ତାକୁ ତା'ର ସର୍ବମୂଳ ତତ୍ତ୍ୱଗୁଡ଼ିକ ପାଖକୁ ପୁଣି ଫେରାଇନେଇଆସେ, ଏବଂ ସମସ୍ତ ସମୟରେ ଏପରିକି ତା'ର ପୂର୍ବତନ ଅବସ୍ଥାଗୁଡ଼ିକ ପରି କୌଣସି ଏକ ଅବସ୍ଥାରେ ଆଣି ପକାଇଦେବାକୁ ମନ ବଳାଇଥାଏ ।

ପ୍ରଥମ ଅବଲୋକନରେ ହୁଏତ ଆମର ମନେହେବ ଯେ, ମନୁଷ୍ୟ ମୂଳତଃ ଏକ ମନୋମୟ ସତ୍ତା ହୋଇଥିବାରୁ ମାନସିକ ବୃତ୍ତିଗୁଡ଼ିକର ବିକାଶ ; ଏବଂ ମାନସିକ ଜୀବନର ସମୃଦ୍ଧିସାଧନ ହିଁ ମନୁଷ୍ୟର ସର୍ବୋଚ୍ଚ ଲକ୍ଷ୍ୟ ହୋଇ ରହିବା ଉଚିତ; ଏବଂ ପ୍ରାଣ ତଥା ଶରୀରର ସର୍ବସ୍ୱତା ମଧ୍ୟରୁ ନିଷ୍କୃତି ପାଇବା ସଙ୍ଗେ ସଙ୍ଗେ ଏବଂ ଆମ ଭୌତିକ ପ୍ରାଣୀପ୍ରକୃତି ଆମ ଉପରେ ଆଣି ଲଦିଦେଉଥିବା ସ୍ଥୂଳ ଆବଶ୍ୟକତାଗୁଡ଼ିକର ଅପରିହାର୍ଯ୍ୟ ପରିପୂରଣ ଲାଗି ଆବଶ୍ୟକ ବ୍ୟବସ୍ଥାଟି କରିସାରିବା ପରେ ସେହି ଲକ୍ଷ୍ୟର ସାଧନ ହିଁ ମନୁଷ୍ୟର ସର୍ବାଧିକ ସମୟ ଓ ଶକ୍ତି ଦାବି କରିବା ଉଚିତ । ତେଣୁ ଜ୍ଞାନ, ବିଜ୍ଞାନ, କଳା, ଦର୍ଶନ, ନୀତିଶାସ୍ତ୍ର, ଈଶ୍ୱର ଓ ଧର୍ମ,—ଏଇଗୁଡ଼ାକ ହେଉଛି ମନୁଷ୍ୟର

'oaob.nitrkl.ac.in' images reprocessed

ପ୍ରକୃତ ଧନ୍ଦା, ଏଇଗୁଡ଼ିକ ହେଉଛି ତା'ର ଜୀବନର ପ୍ରକୃତ ବ୍ୟାପାର ଓ କର୍ତ୍ତବ୍ୟ । ଜୀବନଧାରଣ କରିବା କହିଲେ କେବେହେଲେ ତା'ଲାଗି କେବଳ ଜନ୍ମ ହେବା, ବଢ଼ିବା, ବିବାହ କରିବା, ଜୀବିକାର୍ଜନ କରିବା, ପରିବାରର ପୋଷଣ କରିବା ଏବଂ ତା'ପରେ ମରିଯିବାକୁ ବୁଝାଏ ନାହିଁ । ମନୁଷ୍ୟ କେବଳ ତା'ର ପ୍ରାଣଗତ ଓ ଭୌତିକ ଜୀବନଟିକୁ ଧାରଣ କରିବ ନାହିଁ, ଆପଣାର ଜୀବନକୁ ସେ ପ୍ରାଣୀସୁଲଭ ଜୀବନଚକ୍ରର କେବଳ ଏକ ମାନସୀୟ ସଂସ୍କରଣରେ ପର୍ଯ୍ୟବସିତ କରି ରଖିବ ନାହିଁ, ଦ୍ରବ୍ୟ ବିବର୍ତ୍ତନ ବୃତ୍ତରେ କ୍ଷୁଦ୍ର ପ୍ରାଣୀସୁଲଭ ବୃତ୍ତଖଣ୍ଡ ଓ ସ୍ୱପଟିର କେବଳ ଏକ ମାନସୀୟ ବିସ୍ତାର ହୋଇ ରହିବ ନାହିଁ । ମନୁଷ୍ୟ ମନୋମୟ ହୋଇ ରହିବ ଏବଂ ମନୋମୟ କ୍ଷେତ୍ରରେ ବିକାଶଲାଭ କରିବ; ସେ ଆପଣା ଭିତରେ ତା'ର ଜ୍ଞାନ ଓ ସାମର୍ଥ୍ୟକୁ ନେଇ ଆପଣାର ଜୀବନଟିକୁ ବଢ଼ାଇବ ଓ ଆପଣା ଭିତରୁ ସେଗୁଡ଼ିକୁ ବାହାରକୁ ବିକୀରଣ କରିଦେବାକୁ ମଧ୍ୟ ସମର୍ଥ ହେବ । ଏହା ହିଁ ହେଉଛି, ତା'ର ମନୁଷ୍ୟତ୍ୱ । ମାତ୍ର ଏଠାରେ ଏହି ମନୁଷ୍ୟକ୍ଷେତ୍ରରେ ପରମା ପ୍ରକୃତିର ଦୁଇଟି ଅଭିପ୍ରାୟ ନିହିତ ହୋଇ ରହିଛି, ମନୁଷ୍ୟର ମଧ୍ୟ ଦେଇ ପୂର୍ତ୍ତି ହେଉଥିବା ପ୍ରକୃତିର ଉଦ୍ଦେଶ୍ୟଟିରେ ଅନିବାର୍ଯ୍ୟଭାବରେ ଏକ ଦ୍ୱୈତତା ସର୍ବଦା କାର୍ଯ୍ୟ କରିବାରେ ଲାଗିଛି । ମନୁଷ୍ୟ ଏଠାରେ ପ୍ରକୃତିଠାରୁ ନିୟନ୍ତ୍ରଣ କରିବାର ଓ ସୃଷ୍ଟି କରିବାର କଳାଟିକୁ ଶିକ୍ଷା କରିବାଲାଗି ରହିଛି ; କିନ୍ତୁ ମଣିଷ କେବଳ ନିୟନ୍ତ୍ରଣ କରିପାରୁ, କେବଳ ସୃଷ୍ଟି କରିପାରୁ ବା କେବଳ ଆପଣାକୁ, ତା' ନିଜର ଅନ୍ତରପ୍ରକୃତିଟିକୁ ବା ତା'ର ମନୋଭୂମିଟିକୁ ହିଁ ନୂତନ ରୂପରେ ଓ ଅଧିକ ଭଲଭାବରେ ପୁଣି ଥରେ ସୃଷ୍ଟି କରିପାରୁ, ପ୍ରକୃତି ସ୍ପଷ୍ଟତଃ ମଣିଷଠାରୁ ଖାଲି ଏତିକି ଚାହୁଁ ନାହିଁ ; ମନୁଷ୍ୟ ସେହିପରି ତା'ର ପରିବେଶଟିକୁ ମଧ୍ୟ ଆପଣା ନିୟନ୍ତ୍ରଣରେ ରଖିପାରୁ ଓ ତାକୁ ନୂତନରୂପେ ସୃଷ୍ଟି କରିପାରୁ ବୋଲି ମଧ୍ୟ ସେ ଚାହୁଁଛି । ତେଣୁ ମନୁଷ୍ୟ ଆପଣାର ମନକୁ କେବଳ ଯେ ଆପଣା ଆଡ଼କୁ ମୁହାଁଇ ରଖିବ. ତା' ନୁହେଁ, ସେ ପ୍ରାଣ, ଜଡ଼ ଓ ଏହି ଭୌତିକ ଅସ୍ତିତ୍ୱଟି ଆଡ଼କୁ ମଧ୍ୟ ମନକୁ ନିର୍ଦ୍ଦେଶିତ କରି ରଖିବ । ଖାଲି ପୃଥିବୀ-ବିବର୍ତ୍ତନର ବିଧାନ ତଥା ସ୍ୱଭାବଟିରୁ ଯେ ଏକଥାଟି ଅତି ସ୍ପଷ୍ଟ ହୋଇଯାଉଛି ତା' ନୁହେଁ, ମନୁଷ୍ୟର ଅତୀତ ତଥା ବର୍ତ୍ତମାନର ଇତିହାସରୁ ମଧ୍ୟ ତାହା ହିଁ ପରିଷ୍କାର ହୋଇ ଦିଶୁଛି । ମଣିଷ ଆପଣା ଭିତରେ ଓ ବାହାରେ ଆପଣାକୁ କେବଳ ପ୍ରସାରିତ କରିବାରେ ଲାଗିଥିବ, ନା ସେ ଊର୍ଦ୍ଧ୍ୱଦିଗକୁ ମଧ୍ୟ ଆପଣାର ସମୃଦ୍ଧି ଘଟାଇବ, ଅତି ଚମତ୍କାରଭାବରେ ଆପଣାର ପ୍ରାଣୀସୁଲଭ ପ୍ରଥମ ଅବସ୍ଥାଟିର ସୀମା ପାର ହୋଇ ଚାଲିଆସିଥିବା ପରି ସେ ତା'ର ଏହି ସୀମାଟିକୁ ମଧ୍ୟ ପାର ହୋଇଯାଇ ମନ ଓ ମନୁଷ୍ୟାୟତନରୁ ଆହୁରି ଅଧିକ କୌଣସି କ୍ଷେତ୍ରରେ ଆସି ପ୍ରବେଶ କରିବ, ବା ଏକ ଆଧ୍ୟାତ୍ମିକ ଓ ଦିବ୍ୟ ସତ୍ତାର ଆବେଷ୍ଟନ ଭିତରକୁ ଉତ୍ତୀର୍ଣ୍ଣ ହୋଇଯିବ, ମନୁଷ୍ୟର ଅତୀତ ତଥା ବର୍ତ୍ତମାନକୁ ଲକ୍ଷ୍ୟ କଲାବେଳେ ଏବଂ ତା'ର ସର୍ବୋଚ୍ଚ ଆକାଙ୍କ୍ଷା ତଥା ଆବେଗଗୁଡ଼ିକୁ ଠଉରାଇବସିବାବେଳେ ଆମ ସମକ୍ଷରେ ଏହିପରି ଏକ ପ୍ରଶ୍ନ

'oaob.nitrkl.ac.in' images reprocessed

ଆସି ଉପସ୍ଥିତ ହେଉଛି । ହୁଏତ ମାନବଜାତି ଯେ ଏସବୁ ସିଦ୍ଧି ଲାଭ କରିବାରେ ମନୁଷ୍ୟ ସଫଳ ହେବ ନାହିଁ ; ମାତ୍ର ତଥାପି ତାକୁ ହୁଏତ ଆପଣା'ର ମନକୁ ମନର ଅତୀତ ଏକ ଅଧ୍ୟାତ୍ମ ମଧ୍ୟକୁ ଉନ୍ନୋଚିତ କରି ରଖିବାକୁ ପଡ଼ିବ, ଏବଂ ଆପଣାର ଏହି ଜୀବନଟିଠାରୁ ବୃହତ୍ତର ଏକ ସମ୍ପଦକ୍ଷେତ୍ରରୁ ସେ ଗ୍ରହଣ କରୁଥିବା ଆଲୋକ ତଥା ସାମର୍ଥ୍ୟଟି ଦ୍ୱାରା ହିଁ ସେ ଅଧିକରୁ ଅଧିକ ପରିମାଣରେ ଆପଣାର ଜୀବନକୁ ଅନୁଶାସିତ କରି ରଖିବ । ମନୁଷ୍ୟର ନିଜ ଭିତରେ ଓ ଏହି ଜଗତ ମଧ୍ୟରେ ମୂଳତଃ ଦିବ୍ୟସତ୍ତା ହିଁ ଅବସ୍ଥାନ କରୁଛି ଏବଂ ମନୁଷ୍ୟ ସେହି ସତ୍ୟଟି ବିଷୟରେ ସମ୍ପୂର୍ଣ୍ଣ ସଚେତନ ରହିଛି ;— ଆମେ ଏହାକୁ ହିଁ ମନୁଷ୍ୟଜୀବନର ସର୍ବମହାନ୍ ସତ୍ୟ ବୋଲି କହିବା, ଏବଂ ସେହି ସତ୍ୟଟି ମଧ୍ୟକୁ ବିକଶିତ ହୋଇଉଠିବା ହିଁ ନ୍ୟାଯ୍ୟତଃ ମନୁଷ୍ୟପ୍ରକୃତିର ଅଭିପ୍ରାୟ ମଧ୍ୟ ହୋଇଥାଇପାରେ । ସେ ଯାହା ହେଉ ପଛକେ, ଆପଣା ଜୀବନର ପରିପୂର୍ଣ୍ଣତା ସାଧନ ହେଉଛି, ସ୍ପଷ୍ଟତଃ ମନୁଷ୍ୟର ସର୍ବପ୍ରଧାନ ଉଦ୍ଦେଶ୍ୟ ; ତାହା ଏକ ସମ୍ପୂର୍ଣ୍ଣ ଓ ସକଳାଙ୍ଗ ମାନବିକତା ହେଉ ଅଥବା ଏକ ନୂତନ ଓ ଦିବ୍ୟ ମନୁଷ୍ୟଗୋଷ୍ଠୀର ଆବିର୍ଭାବ ହେଉ, ମନୁଷ୍ୟଲାଗି ସମ୍ଭାବ୍ୟତମ ସବୁଠାରୁ ଅଧିକ ପ୍ରଶସ୍ତ ଓ ସର୍ବୋଚ୍ଚ ଜୀବନଟିର ଉପଲବ୍ଧି ହେଉଛି ମନୁଷ୍ୟର ଉଦ୍ଦେଶ୍ୟ । ମନୁଷ୍ୟର ବ୍ୟକ୍ତିଅସ୍ତିତ୍ୱର ତାତ୍ପର୍ଯ୍ୟ ତଥା ମନୁଷ୍ୟସମାଜର ସର୍ବଶ୍ରେଷ୍ଠ ଲକ୍ଷ୍ୟ ଏବଂ ମାନଟି ବିଷୟରେ ଯଥାର୍ଥ ପରିଚୟ ପାଇବାକୁ ହେଲେ ଆମକୁ ଏକ ସମଗ୍ର ଓ ପରିପୂର୍ଣ୍ଣ ଏକକରୂପେ କାର୍ଯ୍ୟ କରିବାଲାଗି ମନୁଷ୍ୟର ଆବଶ୍ୟକତା ଓ ଆପଣା ସୀମାକୁ ପାର ହୋଇ ଚାଲିଯିବାଲାଗି ତା' ଭିତରେ ରହିଥିବା ଆବେଗ,—ଏହି ଦୁଇଟିଯାକକୁ ଗ୍ରହଣ କରିନେବାକୁ ହେବ ।

ମାନସିକ ଜୀବନର ଅନୁଶୀଳନକୁ ଏକ ସାଧ୍ୟ ବା ଚରମ ଲକ୍ଷ୍ୟ ବୋଲି ଗ୍ରହଣ କରି ତାହାର ଅନୁଧାବନ ବା କର୍ଷଣକୁ ହିଁ ଆମେ ସାଧାରଣତଃ ସଂସ୍କୃତି ବୋଲି ବୁଝିଥାଉ । ମାତ୍ର ଏହି ଶବ୍ଦଟିରେ ଉକ୍ତ ଏକ ଦ୍ୱିବିଧ ଅର୍ଥବ୍ୟଞ୍ଜନା ମଧ୍ୟ ରହିଛି ଏବଂ ଆମର ବିଶେଷ ଅବଧାରଣା ତଥା ରୁଚି ଅନୁସାରେ ସେଥିରୁ ଏକ ଅଧିକ ବ୍ୟାପକ ଅର୍ଥ କରାଯାଇପାରେ, ପୁଣି ଏକ ସଂକୀର୍ଣ୍ଣ ଅର୍ଥ ମଧ୍ୟ ବାହାରିପାରେ । କାରଣ, ଆମର ମନୋମୟ ଜୀବନଟି ସର୍ବଦା ଏକ ଜଟିଳ ବ୍ୟାପାର ଓ ଏକାବେଳେକେ ଅନେକଗୁଡ଼ିଏ ଉପାଦାନ ମିଶି ଏଇଟିକୁ ଗଠନ କରିଛନ୍ତି । ପ୍ରଥମେ, ଜନ୍ମଠାର ସ୍ତରରେ ମନର ମୂଳସ୍ଥ ପ୍ରଦେଶଟି ରହିଛି, ଯାହା ବିବର୍ତ୍ତନର ମାନବରୂପଣ ଦୃଷ୍ଟିରୁ ଦେଖିଲେ ପ୍ରାଣିକ ପ୍ରକୃତିର ନିକଟବର୍ତ୍ତୀ ଏବଂ ସେହି ସ୍ତର ବା ପ୍ରକୃତିର ଦୁଇଟି ଦିଗ ମଧ୍ୟ ରହିଛି । ପ୍ରଥମ ଦିଗଟି ଇନ୍ଦ୍ରିୟ, ଇନ୍ଦ୍ରିୟବୋଧ ତଥା ସଂବେଗ ଆଦିର ଦିଗ, ଯେଉଁଥିରେ କି ପ୍ରକୃତିର ଆତ୍ମଗତ ଅଭିପ୍ରାୟଟି ସର୍ବପ୍ରଧାନ ଅଭିପ୍ରାୟ ହୋଇ ରହିଛି ଏବଂ ବିଷୟଗତ ଅଭିପ୍ରାୟଟି ଏହାର କେବଳ ଏକ ପରିବେଶରୂପେ କାର୍ଯ୍ୟ କରୁଛି ମାତ୍ର । ଅନ୍ୟ ଦିଗଟିରେ ମନୋମୟ ସତ୍ତାର ସକ୍ରିୟ ଓ ଗତିସଚଳ

'oaob.nitrkl.ac.in' images reprocessed

ଜୀବନଟି ସେହିସବୁ କର୍ମଗତ ଅଙ୍ଗ ତଥା ଆଚରଣଭୂମି ସହିତ ସମ୍ପୃକ୍ତ ହୋଇ ରହିଛି, ଯେଉଁଠାରେ କି ପ୍ରକୃତିର ବିଷୟଗତ ଅଭିପ୍ରାୟଟି ସର୍ବପ୍ରଧାନ ଏବଂ ତାହାର ଆଶୟଗତ ଅଭିପ୍ରାୟଟି କେବଳ ପରିବେଶରୂପେ ହିଁ କାର୍ଯ୍ୟ କରୁଛି । ଏହି ସୋପାନକ୍ରମରେ ପରବର୍ତ୍ତୀ ଅଧିକ ସୂକ୍ଷ୍ମ ପ୍ରଦେଶଟିରେ ଆମେ ଗୋଟିଏ ପାଖରେ ନୈତିକ ସତ୍ତା ଓ ତା'ହାର ନୀତିଗତ ଜୀବନଟିକୁ ଦେଖିବାକୁ ପାଉ ଓ ଅନ୍ୟ ପାଖଟିରେ ସୌନ୍ଦର୍ଯ୍ୟବୋଧଗତ ସତ୍ତାଟିକୁ ଦେଖିବାକୁ ପାଇଥାଉ । ଏହି ଦୁଇଟି ମଧ୍ୟରୁ ପ୍ରତ୍ୟେକଟି ଆଧାରସ୍ଥ ମନଃସ୍ତରଟିକୁ ଆପଣା ଅଧିକାରରେ ଆଣିବାକୁ ଓ ଆପଣାର ଆଧିପତ୍ୟରେ ରଖିବାକୁ ସର୍ବଦା ଚେଷ୍ଟା କରୁଥାଏ, ମନର ଅଭିଜ୍ଞତା ଓ କ୍ରିୟାଗୁଡ଼ିକୁ ନିଜର କାମରେ ଲଗାଇବାକୁ ଚେଷ୍ଟା କରୁଥାଏ । ଗୋଟିଏ ଉଚିତ ଅର୍ଥାତ୍ ନୀତିଗତ କର୍ତ୍ତବ୍ୟର କୃଷ୍ଟି ଓ ଆରାଧନା-ଲାଗି କାମରେ ଲଗାଇବାକୁ ଚେଷ୍ଟା କରୁଥାଏ ତ ଅନ୍ୟଟି ସୌନ୍ଦର୍ଯ୍ୟର କୃଷ୍ଟି ଓ ଆରାଧନା ଲାଗି କାମରେ ଲଗାଇବାକୁ ଚେଷ୍ଟା କରୁଥାଏ । ଏବଂ ଏସବୁ ଉପରେ ଆମର ବୁଦ୍ଧିର ସତ୍ତାଟି ରହିଛି, ଯାହା ସେଗୁଡ଼ିକଠାରୁ ପୂର୍ବ ସୁଯୋଗ ନେଉଛି, ସେମାନଙ୍କର ସହାୟତା କରୁଛି, ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବାରେ ଲାଗିଛି ଏବଂ ସେମାନଙ୍କ ଉପରେ ସମ୍ପୂର୍ଣ୍ଣଭାବରେ ଆପଣାର ଶାସନକୁ ହିଁ ଜମାଇ ରଖିବାକୁ ଚେଷ୍ଟା କରୁଛି । ବୁଦ୍ଧିଗତ ବିବେକର ଏହି କ୍ଷେତ୍ରଟିକୁ ଆମେ ମନୁଷ୍ୟଦ୍ୱାରା ଉପଲବ୍ଧ ସର୍ବୋଚ୍ଚ କ୍ଷେତ୍ରାୟତନ ବୋଲି କହିପାରିବା । ଏହି କ୍ଷେତ୍ରରେ ଶୃଙ୍ଖଳାବଦ୍ଧ ଓ ସମନ୍ୱିତ ବୁଦ୍ଧି ବୁଦ୍ଧିଗତ ଇଚ୍ଛାର ଗତିସଚଳ ଶକ୍ତିଟିକୁ ସାଙ୍ଗରେ ନେଇ କାର୍ଯ୍ୟ କରିବାରେ ଲାଗିଛି; ସେହି ବୁଦ୍ଧି ହିଁ ମନୁଷ୍ୟର ରଥଟିରେ ଚାଳକ ହୋଇ ବସିଛି ବା ଚାଳକ ହୋଇ ରହିବା ଉଚିତ ବୋଲି ବୁଝାଯିବ ।

ମାତ୍ର ଆମେ ଯାହାକୁ ମନୁଷ୍ୟର ବୁଦ୍ଧି ବୋଲି କହୁଛୁ, ତାହା ସମ୍ପୂର୍ଣ୍ଣରୂପେ କେବଳ ମସ୍ତିଷ୍କପ୍ରେରିତ ବୌଦ୍ଧିକତା ଅଥବା ମସ୍ତିଷ୍କପ୍ରେରିତ ଇଚ୍ଛାଦ୍ୱାରା ହିଁ ଆଦୌ ତିଆରି ହୋଇନାହିଁ । କାରଣ, ଏହି କ୍ଷେତ୍ରଟିରେ ଏକ ଅଧିକ ଗଭୀର, ଅଧିକ ସବୋଧିସମ୍ପନ୍ନ, ଅଧିକ ଚମତ୍କାର ଓ ଶକ୍ତିଶାଳୀ ଆଲୋକ ତଥା ସାମର୍ଥ୍ୟ ଆସି ପ୍ରବେଶ କରୁଛି, ଯାହା କି ବୁଦ୍ଧି ପରି ଏତେ ଦୂର ସ୍ପଷ୍ଟ ହୋଇପାରିନାହିଁ କିମ୍ବା ଏତେ ଦୂର ବିକାଶ ଲାଭ କରିପାରିନାହିଁ ଏବଂ ବର୍ତ୍ତମାନ ମଧ୍ୟ ଏହା କ୍ୱଚିତ୍ ଆପଣାକୁ ଆପଣା ଭିତରେ ଧରିରଖିପାରିବାକୁ ସମର୍ଥ ହୋଇଛି । ଏପରି କି ଏହାଲାଗି ଉପଯୁକ୍ତ ନାଆଁଟିଏ ମଧ୍ୟ ଏପର୍ଯ୍ୟନ୍ତ ଆମ ପାଖରେ ନାହିଁ । ମାତ୍ର ସେ ଯାହା ହୋଇଥାଉ ପଛକେ, ଏହି ଆଲୋକ ତଥା ସାମର୍ଥ୍ୟ ଲକ୍ଷଣତଃ ଏକ ଆଲୋକମୟତା ଆଡ଼କୁ ଉଦ୍ଦିଷ୍ଟ ହୋଇଯିବାରେ ଲାଗିଛି । ଏହି ଆଲୋକଟିକୁ ଆମେ ବୁଦ୍ଧିଗତ ବିବେକର ଶୁଷ୍କ ଆଲୋକର ସମତୁଲ କରି ଦେଖିବା ନାହିଁ ଅଥବା ତାହାକୁ ହୃଦୟର ଆର୍ଦ୍ର ଏବଂ ଅନ୍ତଃନିଃସୃତ ଆଲୋକ ବୋଲି କଦାପି କହିବା ନାହିଁ । ଏହାକୁ ଆମେ ପ୍ରକୃତରେ ଏକ

'oaob.nitrkl.ac.in' images reprocessed

ତଡ଼ିତ୍ ଆଲୋକ ବୋଲି କହିବା, ସୌର ବା ଊର୍ଦ୍ଧ୍ୱମଣ୍ଡଳର ଏକ ଚମତ୍କାରିତା ବୋଲି କହିବା । ତୁଏତ ଏକଥା ସତ ଯେ ଏହି ଆଲୋକଟି ଆପଣାକୁ ଏକ ଗୌଣ ଆଲୋକରୂପେ କାର୍ଯ୍ୟକାରୀ କରି ରଖିପାରେ ଏବଂ କେବଳ ଗୋଟିଏ ଗୋଟିଏ ଝଲକଦ୍ୱାରା ହିଁ ବୁଦ୍ଧି ତଥା ହୃଦୟର ସହାୟତା କରିପାରେ ; ମାତ୍ର ଏଇଟି ଭିତରେ ଆଉ ଏକ ଆବେଗ ମଧ୍ୟ ରହିଛି, ଯାହାକୁ କି ଆମେ ତାହାର ସ୍ୱାଭାବିକ ଆବେଗ ବୋଲି କହିପାରିବା ଏବଂ ଯାହା କି ବୁଦ୍ଧିର ସୀମାକୁ ଅତିକ୍ରମ କରି ଅଧିଷ୍ଠିତ ରହିଛି । ଏହି ଆଲୋକଟି ଆପଣାଦ୍ୱାରା ବୁଦ୍ଧିକୁ ମଧ୍ୟ ଭାସ୍ୱର କରି ରଖିବାକୁ ଚେଷ୍ଟା କରୁଛି, ଆମ ଭିତରେ ଥିବା ନୈତିକ ଓ ସୌନ୍ଦର୍ଯ୍ୟବୋଧଗତ ସତ୍ତାଟିକୁ ଉଦ୍‌ଭାସିତ କରିଦେବାକୁ ଯାଉଛି, ଆମର ସଂବେଗ ଓ ଯାବତୀୟ କ୍ରିୟାତ୍ମକତା ଏବଂ ଏପରିକି ଆମର ଇନ୍ଦ୍ରିୟ ତଥା ଇନ୍ଦ୍ରିୟବୋଧଗୁଡ଼ିକୁ ମଧ୍ୟ ଉଦ୍‌ଭାସିତ କରି ରଖିବାର ଚେଷ୍ଟା କରୁଛି । କେବଳ ବୁଦ୍ଧି ଓ ବିଜ୍ଞାନ ଆମକୁ ଯେତିକି ଦେଇପାରୁଛି, ତାହାଠାରୁ ଅଧିକ ବୃହତ୍ ଓ ଅଧିକ ଯଥାର୍ଥ ଏକ ସତ୍ୟକୁ ତାହା ଆପଣାର ଉଦ୍‌ଭାସମୟ ସନ୍ଦେଶଟିଦ୍ୱାରା ଆମ ଆଗରେ ଆଣି ପ୍ରତିଭାତ କରିଦେଉଛି, ସତେଅବା ତଡ଼ିତ୍‌ଝଲକର ଏକ ଅନାବରଣ ଦ୍ୱାରା ଆମ ଆଗରେ ଅନାବୃତ କରିଦେଉଛି, ଏକପ୍ରକାର ରହସ୍ୟୋଦ୍‌ଘାଟନମୟ ଅଥବା ଚୈତ୍ୟ ଚମତ୍କାରିତାଦ୍ୱାରା ଆପଣାକୁ ଆମ ଆଗରେ ଉନ୍ମୋଚିତ କରିଦେଉଛି ବା ଏପରି ଏକ ନିର୍ଦ୍ଦିଷ୍ଟ ଆଲୋକାକୃତିରେ ତାହାକୁ ଆମ ସମ୍ମୁଖରେ ଆଣି ଉପସ୍ଥାପିତ କରିଦେଉଛି, ଯାହାକୁ କି ମନୋମୟ ମନୀଷ ଏକ ଅତି ପ୍ରାକୃତିକ ଆଲୋକ ବୋଲି ଭ୍ରମ କରୁଛି । ନୀତିବାଦୀର ମୂଲ୍ୟାଙ୍କ ଅନୁସାରେ ସାଧାରଣତଃ ଯାହାକୁ ଉଚିତ ବୋଲି ବୁଝାଯାଏ, ସେହି ଆଲୋକ ତା'ଠାରୁ ବୃହତ୍ତର ତଥା ଦିବ୍ୟତର ଏକ ଔଚିତ୍ୟର ବୋଧକୁ ଆମ ସମକ୍ଷକୁ ନେଇଆସୁଛି ; ଜଣେ କଳାକାର ସାଧାରଣତଃ ଯେଉଁ ଇନ୍ଦ୍ରିୟଗତ ଓ କଳ୍ପନାପ୍ରବଣ ସୌନ୍ଦର୍ଯ୍ୟର ଆରାଧନା କରିଥାଏ, ତା'ଠାରୁ ଅଧିକ ଗଭୀର, ଅଧିକ ବିଶ୍ୱଗତ ତଥା ଅଧିକ ବ୍ୟାପ୍ତି ଥିବା ଏକ ସୌନ୍ଦର୍ଯ୍ୟକୁ ବହନ କରିଆଣୁଛି । ତାହା ଏପରି ଏକ ଆନନ୍ଦ ଓ ଦିବ୍ୟ ଭାବବୋଧର ଅବତାରଣା କରାଇଥାଏ, ଯାହା ଆଗରେ ଆମର ନିତ୍ୟନୈମିତ୍ତିକ ସାଧାରଣ ସଂବେଗଗୁଡ଼ିକ ସତେ ଅବା ଅତି ଦରିଦ୍ର ଓ ପାଣ୍ଡୁର ଦେଖାଯାଆନ୍ତି । ତାହା ଆମକୁ ଏହି ଇନ୍ଦ୍ରିୟ ଓ ଇନ୍ଦ୍ରିୟବୋଧଗୁଡ଼ିକର ଅନ୍ତର ସେପାଖରେ ଥିବା ଏକ ବୋଧଶକ୍ତି ଆଣି ଦେଇଯାଏ ; ଆପଣାର ଯେଉଁ ଜୀବନ ଓ କର୍ମକୁ ନେଇ ମନୁଷ୍ୟର ଏହି ସାଧାରଣ ଆଚରଣ ତାହାର ଆକୂତି ତଥା ଦୃଷ୍ଟିକୁ ସର୍ବଦା ବାରିତ କରି ରଖିଥାଏ, ସେହି ଦିବ୍ୟତର ଜୀବନ ତଥା କର୍ମର ସମ୍ଭାବନାଟିକୁ ଆଣି ଦେଇଯାଏ । ବୁଦ୍ଧିସମେତ ବୁଦ୍ଧିର ନିମ୍ନରେ ଅବସ୍ଥାନ କରୁଥିବା କ୍ଷେତ୍ରମାନଙ୍କରେ ସେହି ଆଲୋକଟିର ପ୍ରଭାବ ବହୁବିଧ, ବିଚ୍ଛିନ୍ନ ଖଣ୍ଡିତ ଓ ଅତ୍ୟନ୍ତ ବିଭ୍ରମକାରୀ ଏବଂ ସଂଶୟାଚ୍ଛନ୍ନଭାବରେ ଆସି ପଡ଼ିଥାଏ ସତ ; ମାତ୍ର ଶତ ବିକୃତିର ଚହଳ ଭିତରେ ମଧ୍ୟ ପରିଶେଷରେ ସେହି ଆଲୋକଟି ଆଡ଼କୁ ହିଁ ଆମର ବୁଦ୍ଧି ଉଦ୍ଦିଷ୍ଟ ହୋଇ ରହିଥାଏ ଓ

'oaob.nitrkl.ac.in' images reprocessed

ତାହାର ଆଡ଼କୁ ହିଁ ଗତି କରୁଥାଏ । ସେହି ଆଲୋକ ଅନେକ ସମୟରେ ବାହ୍ୟୋପସ୍କରକ ଭେକ ଓ ନିଷ୍ପ୍ରାଣପରାୟଣ ନାନା ଧାର୍ମିକତାର ଫାନ୍ଦରେ ପଡ଼ିଯାଏ, ସେସବୁର ହାତରେ ପଡ଼ି ସେଇଟି ହୁଏତ ମରିଯାଏ ଅଥବା ଅନ୍ତତଃ ତାହାର ଶକ୍ତି କ୍ଷୀଣ ହୋଇପଡ଼େ କିମ୍ବା ଅବରୁଦ୍ଧ ହୋଇ ରହେ । ଅନେକ ସମୟରେ ସେହି ଆଲୋକଟିକୁ ନେଇ ଉର୍ଦ୍ଧ୍ୱ ସ୍ତରରେ ହୀନ କେତେ କେତେ ବାଣିଜ୍ୟ ବି କରାଯାଏ ଏବଂ ପରମ୍ପରାଗ୍ରସ୍ତ ଧର୍ମଗୁଡ଼ିକଦ୍ୱାରା ଅତି ବୀଭତ୍ସ ଓ ରୁଚିହୀନଭାବରେ ତାହାକୁ ଅଳ୍ପମୂଲ୍ୟ ନକଲି ମୁଦ୍ରାରେ ପରିଣତ କରିଦିଆଯାଏ । ମାତ୍ର ତଥାପି ଠିକ୍ ଏହି ଆଲୋକଟିକୁ ଲକ୍ଷ୍ୟ କରି ହିଁ ମନୁଷ୍ୟର ଯାବତୀୟ ଧର୍ମଭାବ ତଥା ଆଧ୍ୟାତ୍ମିକତା ତାହାର ଅନୁଧାବନ କରୁଥାନ୍ତି ଏବଂ ଏଗୁଡ଼ିକ ଯେତେ ଦସ୍ତୁମାସୁଭାବରେ ଗଳିତ ଓ ସ୍ଖଳିତ ହୋଇପଡ଼ିଥିଲେ ମଧ୍ୟ ସେଗୁଡ଼ିକ ମଧ୍ୟରେ ତଥାପି ସେହି ଆଲୋକଟିର ହିଁ ଏକ ମ୍ଳାନ ଉଦ୍‌ଭାସ ଅବଶ୍ୟ ଅଧିଷ୍ଠିତ ହୋଇ ରହିଥାଏ ।

ମନୁଷ୍ୟମନର ଏହି ଅତି ଜଟିଳତାମୟ ଭୂମିଟିରେ କୌଣସି ଗୋଟିଏ ତତ୍ତ୍ୱ ଦୃଢ଼ପ୍ରତିଷ୍ଠିତ ଭାବରେ ଅନ୍ୟ ତତ୍ତ୍ୱଗୁଡ଼ିକର ନିୟନ୍ତ୍ରଣ କରୁ ନ ଥାଏ ; ସେହି ମନ ଭିତରେ ଏପରି କୌଣସି ନିଶ୍ଚିତ କିମ୍ବା ନିର୍ଦ୍ଦିଷ୍ଟ ଆଲୋକ ନ ଥାଏ, ଯାହା ମନୁଷ୍ୟର ବୁଦ୍ଧି ତଥା ବୁଦ୍ଧିଜନିତ ଇଚ୍ଛାଶକ୍ତିକୁ ସେମାନଙ୍କର ସତତ ଦୋଦୁଲ୍ୟମାନତାରେ ସେମାନଙ୍କୁ ବାଟ ଦେଖାଇବାଲାଗି ବା ସେମାନଙ୍କୁ ଦୃଢ଼ଭାବରେ ପ୍ରତିଷ୍ଠାପିତ କରି ରଖିବାଲାଗି ସମର୍ଥ ହୁଏ । ଏହା ହିଁ ମନୁଷ୍ୟକୁ ତା'ର ସବୁଠାରୁ ବଡ଼ ଅଡୁଆରେ ନେଇ ପକାଇଦିଏ, ଏଇଟା ହିଁ ତା'ର ବାଟରେ ପଥରଖଣ୍ଡ ପରି ଠିଆହୋଇ ରହେ । ମନୁଷ୍ୟଜୀବନର ବିଭିନ୍ନ କ୍ଷେତ୍ରରେ ଅତି ସ୍ୱାଭାବିକ ଭାବରେ ଯେଉଁସବୁ ଭୁଲ ବୁଝିବା ରହିଥାଏ ଓ ଏକାବେଳେକେ ବିରୋଧୀ ନାନାପ୍ରକାର ଦାବି ନାନାଆଡ଼ୁ ଆସି ତାକୁ ଯେପରି ବ୍ୟସ୍ତ କରିପକାଉଥାଏ, ସେଥିରୁ ହିଁ ତା'ର ଯାବତୀୟ ପରସ୍ପର ବୈଷମ୍ୟ ଭେଦବୋଧଗୁଡ଼ିକର ଜନ୍ମ ହୁଏ, ତା'ର ସକଳ ବିରୋଧ ଓ ବିରୋଧିତା, ତା' ମନର ଯାବତୀୟ ସଂଘର୍ଷ, ଦୀକ୍ଷାଗ୍ରହଣ, ଦୀକ୍ଷାବର୍ଜନ ତଥା ବିକୃତମାନ ଏବଂ ତା'ର ଯାବତୀୟ ପ୍ରବୃତ୍ତିକୁ ପ୍ରାୟ ବିମୂଢ଼ କରି ରଖିଥିବା ତା'ର ଭାବନା, ଆବେଗ ତଥା ପ୍ରବୃତ୍ତିଗତ ଯାବତୀୟ ଅରାଜକ ଯୁଦ୍ଧ ସେଇଥିରୁ ହିଁ ଉଦ୍‌ଭୂତ ହେଉଥାଏ । ଯେଉଁ ବୁଦ୍ଧିକୁ ସେ ବିଚାରକର ଆସନରେ ନେଇ ବସାଇଥାଏ, ତାହା ଏକାବେଳେକେ ପରସ୍ପରବିରୋଧୀ ଅନେକ ରାୟ ଦେବାରେ ଲାଗିଥାଏ ଏବଂ ବିଚାରର ପ୍ରତ୍ୟାଶୀମାନେ ତାକୁ କେତେପ୍ରକାର ଲାଞ୍ଚ ବି ଦେଉଥାଆନ୍ତି ଓ ପ୍ରଭାବିତ କରିବାରେ ଲାଗିଥାନ୍ତି । ଯେଉଁ ବୁଦ୍ଧିଗତ ଇଚ୍ଛାକୁ ସେ ଆପଣା ଉପରେ ପ୍ରଶାସକ କରି ବସାଇଥାଏ, ସେ ବି ଆପଣା ଶାସନାୟତନଟିର ନାନା-କ୍ଷେତ୍ରୀୟ ଦ୍ୱନ୍ଦ୍ୱଗୁଡ଼ିକଦ୍ୱାରା ସତତ ବିବ୍ରତ ହେବାରେ ଲାଗିଥାଏ, ତା'ର ସ୍ୱକୀୟ ପକ୍ଷପାତିତା ଏବଂ ଚରମ ଅସାମର୍ଥ୍ୟଟିଦ୍ୱାରା ବି ବିବ୍ରତ ହୋଇ ରହିଥାଏ । ତଥାପି

'oaob.nitrkl.ac.in' images reprocessed

ଏହିସବୁର ଭିତରେ ରହି ମଧ୍ୟ ମନୁଷ୍ୟ ଆପଣାର ସଂସ୍କୃତି ତଥା ମାନସିକ ଜୀବନକୁ ନେଇ ମୋଟାମୋଟି କେତୋଟି ସ୍ଥୂଳ ଧାରଣା ବେଶ୍ ଗଠନ କରିନେଇପାରିଛି ଏବଂ ସେଗୁଡ଼ିକ ବିଷୟରେ ତା'ର ଯେଉଁ ଗୋଳମାଳିଆ ଧାରଣାସବୁ ରହିଛି, ସେଗୁଡ଼ିକ ମଧ୍ୟ ତା'ର ସ୍ୱଭାବସ୍ଥ ବିଭେଦଗୁଡ଼ିକଦ୍ୱାରା ନିର୍ଦ୍ଧାରିତ କରିଦିଆଯାଇଥିବା କେତୋଟି ନିର୍ଦ୍ଦିଷ୍ଟ ଶୃଙ୍ଖଳାର ଅନୁସରଣ କରିବାରେ ଲାଗିଛି । ଅନ୍ୟମାନଙ୍କଠାରୁ ଭିନ୍ନ ଏକ ସ୍ୱକୀୟ ମାନଦଣ୍ଡ ଅଥବା ଏକ ସମଗ୍ର ସମନ୍ୱିତତାରେ ଆସି ପହଞ୍ଚିପାରିବା-ସକାଶେ ସେ ଯେଉଁ ନାନାବିଧ ପ୍ରୟାସ କରିବାରେ ଲାଗିଛି, ତାହା ହିଁ ତାହାର ସେହି ଶୃଙ୍ଖଳାଗୁଡ଼ିକୁ ଗତିରେଖାର ଏକ ସାଧାରଣ ଗଠନ ମଧ୍ୟ ଦେଇ ରଖିଛି ।

ପ୍ରଥମତଃ ସଭ୍ୟତା ଏବଂ ବର୍ବରତା ମଧ୍ୟରେ ସବୁବେଳେ ଏକ ପାର୍ଥକ୍ୟ ରହିଛି । ଆପଣାର ପ୍ରଚଳିତ ଓ ସାଧାରଣ ଅର୍ଥଟିରେ ସଭ୍ୟତା କହିଲେ ଏକ ନାଗରିକ ବ୍ୟବସ୍ଥାବିଶିଷ୍ଟ ସମାଜକୁ ବୁଝାଇଥାଏ, ଯେଉଁଥିରେ ଏକ ଶାସନବ୍ୟବସ୍ଥା ଥାଏ, ନିୟନ୍ତ୍ରଣ-ବ୍ୟବସ୍ଥା ଥାଏ, ସଂଗଠନ ଓ ଶିକ୍ଷାର ବ୍ୟବସ୍ଥା ରହିଥାଏ ଏବଂ ସେହି ସମାଜ କେତେକ ଜ୍ଞାନର ଅଧିକାରୀ ହୋଇ ରହିଥାଏ ଓ ସେହି ଜ୍ଞାନର ପ୍ରୟୋଗ ମଧ୍ୟ କରୁଥାଏ । ଅନ୍ୟ ପକ୍ଷରେ ଯାହାକୁ ଆମେ ବର୍ବରତା ବୋଲି କହିବା, ସେଥିରେ ଏହିସବୁ ସୁଯୋଗ ରହି ନ ଥାଏ ବା ଥିବ ବୋଲି ଅନୁମାନ କରାଯାଇ ନ ଥାଏ । ଏକ ନିର୍ଦ୍ଦିଷ୍ଟ ଅର୍ଥରେ ବିଚାର କଲେ ଲୋହିତଭାରତୀୟ, ବାସ୍ତୁତୋ ଏବଂ ଫିଜିଦ୍ୱୀପବାସୀର ମଧ୍ୟ ଆପଣା ଆପଣାର ସଭ୍ୟତା ଥିଲା । ସେହିସବୁ ସମାଜରେ ଯେତେ ଅଜଟିଳ ହେଲେ ମଧ୍ୟ ନିର୍ଦ୍ଦିଷ୍ଟ ନିୟମବଦ୍ଧ ସଂଗଠନ ରହିଥିଲା, ସାମାଜିକ ନିୟମମାନ ଥିଲା, କେତୋଟି ନୀତିଗତ ଧାରଣା ରହିଥିଲା, ଏକ ବିଶେଷ ଧର୍ମ ଥିଲା, ଏକ ବିଶେଷ ପ୍ରକାରର ତାଲିମ ଥିଲା ଏବଂ ବେଶ୍ କେତେଗୁଡ଼ିଏ ଏପରି ଗୁଣ ମଧ୍ୟ ରହିଥିଲା, ଆମର ତଥାକଥିତ ସଭ୍ୟତାଗୁଡ଼ିକରେ ମଧ୍ୟ ଯାହାର ଏକ ଚୟନୀୟ ଅଭାବ ରହିଛି ବୋଲି ବୁଝାଯାଇଥାଏ । ମାତ୍ର ତଥାପି ଆମେ ସମସ୍ତେ ଏକମତ ହେଲାଭଳି ସେମାନଙ୍କୁ ଆଦିମ ଓ ବର୍ବର ବୋଲି କହିଥାଉ । ସମ୍ଭବତଃ ଏହି କାରଣରୁ ଯେ ସେହିସବୁ ସମାଜରେ ଆୟୁର ଜ୍ଞାନ ବଡ଼ ଅଶୋଧିତ ଓ ସୀମାବଦ୍ଧ ହୋଇ ରହିଛି, ସେମାନଙ୍କର ସାଧନ ତଥା ହତିଆରମାନ ଆଦିମ ଓ ଅନୁନ୍ନତ ଅବସ୍ଥାରେ ରହିଛି ଏବଂ ସେମାନଙ୍କର ସାମାଜିକ ସଂଗଠନ ସମ୍ପୂର୍ଣ୍ଣ ସରଳ ଓ ଅପରିପକ୍ୱ ଅବସ୍ଥାରେ ରହିଛି । ସମାଜର ଅପେକ୍ଷାକୃତ ଅଧିକ ଉନ୍ନତ ଅବସ୍ଥାଗୁଡ଼ିକରେ ଆମେ ଅର୍ଦ୍ଧସଭ୍ୟ ଓ ଅର୍ଦ୍ଧବର୍ବର ପ୍ରଭୃତି ଅଭିଧାର ପ୍ରଚଳନ ମଧ୍ୟ ଦେଖିବାକୁ ପାଉଥାଉ, ଯାହାକୁ କି ବିଭିନ୍ନ ସଭ୍ୟତା ପରସ୍ପର ପ୍ରତି ପ୍ରୟୋଗ କରିଥାନ୍ତି । ଯେଉଁ ସମାଜ ସାମରିକ ଭାବରେ ଅନ୍ୟମାନଙ୍କ ଉପରେ ଆଧିପତ୍ୟ ରଖିଥାଏ ଓ ଭୌତିକ କ୍ଷେତ୍ରରେ ସଫଳତା ହାସଲ କରିଥାଏ, ଏହି କ୍ଷେତ୍ରଟିରେ ସ୍ୱଭାବତଃ ତାହାର ଡିଆଁଟା ହିଁ ସବୁଠାରୁ ବଡ଼ ହୋଇ ଶୁଣାଯାଏ ଓ ସେଇ ସବୁଠାରୁ ଅଧିକ ଆତ୍ମଅଭିମାନ

'oaob.nitrkl.ac.in' images reprocessed

ପଡ଼ୁଛି ଏକଥା କହୁଥାଏ । ଆଗେ ମନୁଷ୍ୟମାନେ ଅପେକ୍ଷାକୃତ ଅଧିକ ସରଳମନା ଥିଲେ, ଯାହା ଭାବୁଥିଲେ ତାହାକୁ ସିଧା ସିଧା କହିଦେଉଥିଲେ ଓ ସ୍ପଷ୍ଟଭାବରେ ଆପଣାର ଭାବଟିକୁ ବ୍ୟକ୍ତ କରିବାକୁ ଯାଇ ସାଧାରଣ ସଂସ୍କୃତିର କ୍ଷେତ୍ରରେ ସେମାନଙ୍କଠାରୁ ଭିନ୍ନ ସବୁ ମଣିଷ ଓ ସବୁ ଗୋଷ୍ଠୀଙ୍କୁ ବର୍ବର ବା ମ୍ଳେଚ୍ଛ ବୋଲି କହୁଥିଲେ । ଏହାଫଳରେ 'ସଭ୍ୟତା' ଶବ୍ଦଟି କ୍ରମେ ଯେପରିଭାବରେ ବ୍ୟବହୃତ ହେବାକୁ ଲାଗିଲା, ସେଥିରୁ କେବଳ ଏକ ଆପେକ୍ଷିକ ଅର୍ଥର ହିଁ ସୂଚନା ମିଳିଲା ଓ ସଭ୍ୟତା କହିଲେ କ୍ୱଚିତ୍ ଏକ ନିର୍ଦ୍ଦିଷ୍ଟ ଅର୍ଥକୁ ବୁଝାଇଲା । ତେଣୁ ଏହି ଶବ୍ଦଟି ମଧ୍ୟରେ ଯାହା କିଛି ସାମୟିକ ବା ଆକସ୍ମିକ ଅର୍ଥ ରହିଛି, ଆମେ ସେଇଟିକୁ ନିଜକୁ ମୁକ୍ତ କରି ରଖିବା ଏବଂ ସଭ୍ୟତା ତଥା ବର୍ବରତା ମଧ୍ୟରେ ଗୋଟିଏ ଅସଲ ଭେଦକୁ ଜାଣିରଖିବା । ବର୍ବରତା କହିଲେ ସର୍ବଦା ସମାଜର ସେହିଭଳି ଏକ ଅବସ୍ଥାକୁ ବୁଝାଇବ, ଯେଉଁଠି ମନୁଷ୍ୟ ପ୍ରାୟ ଗୋଟାସୁଦ୍ଧା ତା'ର ଆପଣାର ପ୍ରାଣ ଏବଂ ଶରୀରମୟ ଜୀବନଟି ମଧ୍ୟରେ ଛନ୍ଦିହୋଇ ରହିଥିବ, ତା'ର ଭୌତିକ ତଥା ଅର୍ଥଗତ ଜୀବନର ଧନ୍ଦାଟି ବ୍ୟତୀତ ତା'ର ଆଉ କୌଣସି ଧନ୍ଦା ନ ଥିବ । କେବଳ ଜୀବନଧାରଣ କରି ରହିବାପାଇଁ ଯେତିକି ଆବଶ୍ୟକ, ମନୁଷ୍ୟର ଜୀବନଧନ୍ଦା ପ୍ରଥମତଃ ତାହାରି ଭିତରେ ହିଁ ସୀମାବଦ୍ଧ ହୋଇ ରହିଥିବ ଏବଂ ଆପଣାର କୌଣସି ବୃହତ୍ତର ତଥା ସମ୍ମିଳିତର ସୁଖ କିମ୍ବା କଲ୍ୟାଣକୁ ଏପର୍ଯ୍ୟନ୍ତ ତା'ର ଆଖି ପାଇ ନ ଥିବ । ସେହି ଅବସ୍ଥାରେ ମାତ୍ର ଅଳ୍ପ କେତୋଟି ସାଧନଦ୍ୱାରା ହିଁ ମନୁଷ୍ୟର ଜୀବନ ନିର୍ବାହ ହୋଇଯାଉଥିବ ଓ ଆପଣାର ମାନସିକ ଉନ୍ନତସାଧନରେ ତା'ର ବିଶେଷ କୌଣସି ପ୍ରବୃତ୍ତି ନ ଥିବ । ଅପର ପକ୍ଷରେ ସମାଜର ଏକ ଅଧିକ ବିକଶିତ ଅବସ୍ଥାକୁ ଆମେ ସଭ୍ୟତା ବୋଲି କହିବା, ଯେଉଁଥିରେ କି ପ୍ରୟୋଜନୀୟ ଯଥେଷ୍ଟ ସାମାଜିକ ତଥା ଅର୍ଥନୈତିକ ସଂଗଠନ ବା ବ୍ୟବସ୍ଥା ସହିତ ସମସ୍ତଙ୍କ ଜୀବନରେ ନ ହେଲେ ମଧ୍ୟ ଅଧିକାଂଶ ବ୍ୟକ୍ତିଙ୍କଠାରେ ମାନସିକ ଜୀବନର ଏକ କ୍ରିୟାଶୀଳତା ମଧ୍ୟ ରହିଥିବ । ହୁଏତ କେତେକ ସମୟ ସକାଶେ ଏହି ସମାଜର କେତେକ ଅଂଶ ଅବହେଳିତ ବା ନିରୁତ୍ସାହିତ ହୋଇ ରହିଥିବେ କିମ୍ବା ଆପଣାର ନିଷ୍କ୍ରିୟତାଦ୍ୱାରା ସାମୟିକଭାବରେ ଜଡ଼ପ୍ରାୟ ହୋଇ-ପଡ଼ିଥିବେ ; ତଥାପି ସେ ସମାଜ ଅତ୍ୟନ୍ତ ସ୍ପଷ୍ଟଭାବରେ ଏକ ସଭ୍ୟ ସମାଜ ହୋଇ ରହିଥିବ ଏବଂ ଏପରିକି ହୁଏତ ସଭ୍ୟତାର ଉଚ୍ଚସ୍ତରକୁ ମଧ୍ୟ ସ୍ପର୍ଶ କରିପାରିଥିବ । ସଭ୍ୟତାର ଏହି କଳ୍ପନାଟି ପୃଥିବୀର ଐତିହାସିକ ତଥା ପ୍ରାଗୈତିହାସିକ ଯାବତୀୟ ସଭ୍ୟତାକୁ ଆପଣାର ଅନ୍ତର୍ଗତ କରିନେଇପାରିବ ଓ ଆଫ୍ରିକା, ଇଉରୋପ କିମ୍ବା ଏସିଆର, ତଥା ହୁନ, ଗଥ୍, ଭାଣ୍ଡାଲ୍ କିମ୍ବା ଟର୍କୋମାନ ସବୁ ମାର୍କାର ବର୍ବରତାଗୁଡ଼ିକୁ ଅଲଗା କରି ଦେଖାଇଦେଇପାରିବ । ଏ କଥା ଅତ୍ୟନ୍ତ ପରିଷ୍କାର ହୋଇଯାଉଛି ଯେ ବର୍ବରତାର ଅବସ୍ଥାରେ ସଭ୍ୟତାର କେତେକ ଅତି ପ୍ରଥମସ୍ତରୀୟ ଆରମ୍ଭମାନ ବେଶ୍ ଦୃଷ୍ଟିଗୋଚର ହୋଇପାରେ ; ଏକଥା ମଧ୍ୟ ପରିଷ୍କାର ହୋଇଯାଉଛି ଯେ କୌଣସି

'oaob.nitrkl.ac.in' images reprocessed

ସଭ୍ୟ ସମାଜରେ ମଧ୍ୟ ବର୍ବରତାର ଏକ ବୃହତ୍ ଅଂଶ ଅବଶିଷ୍ଟ ରହିଯାଇଥାଇପାରେ ଅଥବା ତାହାର ବହୁସଂଖ୍ୟକ ଅବଶେଷ ଦୃଷ୍ଟିଗୋଚର ହେଉଥାଇପାରେ । ସେହି ଦୃଷ୍ଟିରୁ ବିଚାର କଲେ ସବୁ ସମାଜକୁ ଆମେ କେବଳ ଅର୍ଦ୍ଧସଭ୍ୟ ସମାଜ ବୋଲି କହିପାରିବା । ଅଧିକତର ବିକାଶ ଲାଭ କରିଥିବା ଭବିଷ୍ୟତରେ ଏକ ମନୁଷ୍ୟଜାତି ପକ୍ଷରୁ ଅନାଇ ଆମର ଏହି ଆଧୁନିକ ସଭ୍ୟତାଟିକୁ ଦୃଷ୍ଟିପାତ କଲାବେଳେ ପ୍ରକୃତରେ କେତେ ବିସ୍ମିତ ନ ହେବ, କେତେ ନାକ ନ ଟେକିବ ଏବଂ ଏହାର କେତେ ବେଶୀ ଅଂଶକୁ ଏକ ଅପୂର୍ଣ୍ଣ ସଭ୍ୟଯୁଗର ଅନ୍ଧବିଶ୍ୱାସ ତଥା ଅନ୍ଧ ଦୌରାତ୍ମ୍ୟ ବୋଲି ନ କହିବ ! ମାତ୍ର ପ୍ରଧାନ କଥାଟି ହେଉଛି, ଆମେ ସଭ୍ୟ ବୋଲି କହୁପାରୁଥିବା ଯେକୌଣସି ସମାଜରେ ମନୁଷ୍ୟର ମନୋଭୂମିଟି ଅବଶ୍ୟ ସକ୍ରିୟ ହୋଇପାରିଥିବ, ମନୋଗତ ଅନୁଶୀଳନ-ଗୁଡ଼ିକର ନିଶ୍ଚୟ ବିକାଶ ହୋଇଥିବ ଏବଂ ମନୋମୟ ସନ୍ତ୍ରିଟିଦ୍ୱାରା ତା'ର ଜୀବନଟିର ନିୟନ୍ତ୍ରଣ ତଥା ବିକାଶକୁ ସେହି ସଭ୍ୟତାର ଉନ୍ନତତର ମନ ସ୍ପଷ୍ଟ ଓ ଆତ୍ମସଚେତନ ଭାବରେ ସବୁବେଳେ ଅବଧାରଣା କରିପାରୁଥିବ ।

ମାତ୍ର ଯେକୌଣସି ସଭ୍ୟ ସମାଜରେ କେବଳ ଆଂଶିକ, ଅଶୋଧିତ ଓ ପାରମ୍ପରିକଭାବରେ ଜଣେ ସଭ୍ୟ ମଣିଷ ଓ ଜଣେ ସୁସଂସ୍କୃତ ମଣିଷ ଭିତରେ ମଧ୍ୟ ସର୍ବଦା ଏକ ନିର୍ଦ୍ଦିଷ୍ଟ ପ୍ରଭେଦ ରହିଛି । ତେଣୁ ଏଥିରୁ ବେଶ୍ ବୁଝିହେବ ଯେ କୌଣସି ସଭ୍ୟତାର ସାଧାରଣ ସୁଯୋଗ ଓ ସୁବିଧାଗୁଡ଼ିକରେ କେବଳ ଅଂଶ ଗ୍ରହଣ କରିପାରୁଥିଲେ ହିଁ ତାହା ଜଣେ ବ୍ୟକ୍ତିକୁ ଜୀବନର ଯଥାର୍ଥ ମାନସିକ ସ୍ତରକୁ ଉନ୍ନୀତ କରିନେବାଲାଗି ସମର୍ଥ ହେବ ନାହିଁ । ଏବଂ ସେଥିଲାଗି ଆହୁରି ଅଧିକ ବିକାଶ ଦରକାର, ଆହୁରି ଉପରକୁ ଯାଇପାରିବା ଦରକାର । ଆମର ପୂର୍ବବର୍ତ୍ତୀ ପୁରୁଷଟି ଅତ୍ୟନ୍ତ ଜୋର୍ ଦେଇ ଗୋଟିଏ ପାଖରେ ଜଣେ ସୁସଂସ୍କୃତ ଓ ଅନ୍ୟ ପାଖରେ କେବଳ ସଭ୍ୟତାଭୋଗୀ ଜଣେ ବ୍ୟକ୍ତି ଭିତରେ ରହିଥିବା ପ୍ରଭେଦଟିକୁ ପରିଷ୍କାର କରି ଦେଖାଇଦେବାର ଚେଷ୍ଟା କରିଥିଲା ଏବଂ ଏହି ପ୍ରଭେଦଟିର ଅର୍ଥଟି ବିଷୟରେ ତାହା ବେଶ୍ ଏକ ସ୍ପଷ୍ଟ ଧାରଣା ମଧ୍ୟ ଲାଭ କରିପାରିଥିଲା । ସ୍ଥୂଳଭାବରେ କହିଲେ ସେମାନେ ସଭ୍ୟତା ଭୋଗୀ କହିଲେ ସଭ୍ୟ ଜୀବନଟିକୁ କେବଳ ବହିରଙ୍ଗ ଭାବରେ ବଞ୍ଚୁଥିବା ଜଣେ ବ୍ୟକ୍ତିକୁ ବୁଝୁଥିଲେ । ସଭ୍ୟତାଭୋଗୀ ସଭ୍ୟତାର ଯାବତୀୟ ଉପକରଣର ଅଧିକାରୀ ହୋଇ ରହିଥିଲା, ସେହି ସମା-ଜରେ ସ୍ୱୀକୃତ ଓ ପ୍ରଚଳିତ ଯାବତୀୟ ମତ, ବଦ୍ଧମୂଳ ଧାରଣା, ପରମ୍ପରା ତଥା ଭାବମୟତାକୁ ସେ ନିଜସ୍ୱ ଓ ଆୟତ୍ତ କରି ରଖିଥିଲା ; ମାତ୍ର ତା' ଭିତରେ ଆଦୌ କୌଣସି ବିଚାର ବା ଭାବନା ଆଦୌ ଟିକିଏ ହେଲେ ବି ଭେଦ ଭିତରକୁ ଯାଇ ନ ଥିଲା, ସେ ମୁକ୍ତଭାବରେ କେବେହେଲେ କୌଣସି ବିଷୟରେ ନିଜର ବୁଦ୍ଧିକୁ ଖଟାଉ ନ ଥିଲା, ସୌନ୍ଦର୍ଯ୍ୟ ବା କଳା କହିଲେ ଆଦୌ କିଛି ଜାଣୁ ନ ଥିଲା ଏବଂ ଧର୍ମ, ନୈତିକତା, ସାହିତ୍ୟ ଓ ଜୀବନ ଯାହାକିଛି ଆସି ତା'ର ହାତରେ ବାଜୁଥିଲା, ସେ ତାକୁ ବିକୃତ କରିପକାଉଥିଲା ।

'oaob.nitrkl.ac.in' images reprocessed

ଏହି ପ୍ରକାର ସଭ୍ୟତାଶ୍ରେଣୀକୁ ଆମେ ବସ୍ତୁତଃ ଆଧୁନିକ ଯୁଗର ସଭ୍ୟ ବର୍ବର ବୋଲି କହିପାରିବା । ଯେପରି ବୁଦ୍ଧିବିବର୍ଜିତ ଭାବରେ ସେ କେବଳ ଆପଣାର ଦେହଗତ ଜୀବନଟା ଭିତରେ ହିଁ ଲିପ୍ତ ହୋଇ ରହିଥାଏ, ପ୍ରାଣଗତ ଆବଶ୍ୟକତା ଓ ଆବେଗଗୁଡ଼ାକ ପ୍ରତି ଯେଉଁଭଳି ଆସକ୍ତ ହୋଇ ରହିଥାଏ, ଏବଂ କେବଳ ଏକ ଗୃହସର୍ବସ୍ୱ ଓ ଅର୍ଥନୀତିଗତ ମନୁଷ୍ୟପ୍ରାଣୀର ଆଦର୍ଶ ଭିତରେ ଯେପରି ବାନ୍ଧିହୋଇ ରହିଥାଏ, ସେଇଥିରୁ ହିଁ ଆମେ ତାକୁ ଅନେକ ସମୟରେ ସେହି ଅର୍ଦ୍ଧସଭ୍ୟ ଭୌତିକ ତଥା ପ୍ରାଣସ୍ତରର ବର୍ବର ବୋଲି ବେଶ୍ କହିପାରିବା । ମାତ୍ର ସାଧାରଣ ଦୃଷ୍ଟିରୁ ତଥା ମୂଳତଃ ବିଚାର କଲେ ସିଏ ହେଉଛି ଏକ ମନୋଗତ ସ୍ତରର ବର୍ବର, ସଚରାଚର କେବଳ ଇନ୍ଦ୍ରିୟପ୍ରେରଣାକୁ ସର୍ବସ୍ୱ କରି ଆପଣାର ଜୀବନ ବଞ୍ଚୁଥିବା ମଣିଷ । ଅର୍ଥାତ୍ ତା'ର ମାନସଜୀବନଟି ମନର ନିମ୍ନତର ଉପତଳଟିରେ ହିଁ ଅବସ୍ଥିତ ରହିଛି, ଇନ୍ଦ୍ରିୟ ଓ ଇନ୍ଦ୍ରିୟଗତତାକୁ ନେଇ ସେ ଆପଣାର ଜୀବନ ବଞ୍ଚୁଛି, ଆପଣାର ଭାବସଂବେଗକୁ ନେଇ ପଡ଼ିରହିଛି, କେବଳ ଏକ ବ୍ୟାବହାରିକ ଆଚରଣରେ ହିଁ ଜୀବନ ଯାପନ କରୁଛି । ଏଇ ସ୍ତରଟି ହେଉଛି ମନୋମୟ ସତ୍ତାର ପ୍ରଥମ ସ୍ତର ବା ପ୍ରଥମ ସ୍ଥିତି । ଏହିସବୁ କ୍ଷେତ୍ରରେ ସେ ବେଶ୍ ସକ୍ରିୟ ହୋଇ ରହିପାରେ, ଭାରି ଶକ୍ତି ଓ ଦର୍ପର ସହିତ ବିଚରଣ କରିପାରେ ; ମାତ୍ର କୌଣସି ଉଚ୍ଚତର ଶକ୍ତି ଦ୍ୱାରା ସେ ଏସବୁ କ୍ଷେତ୍ରର ନିୟନ୍ତ୍ରଣ ଓ ପରିଚାଳନ କରେ ନାହିଁ କିମ୍ବା ସେହିସବୁକୁ ଏକ ମୁକ୍ତତର ଏବଂ ପ୍ରଶସ୍ତତର ପ୍ରାଧାନ୍ୟସ୍ଥାନକୁ ଉତ୍ତୋଳିତ କରିନେବାଲାଗି କେବେହେଲେ ଆକାଙ୍କ୍ଷା ରଖେ ନାହିଁ । ବରଂ ସେ ଉଚ୍ଚତର ବୃତ୍ତି ଓ ବାସନାଗୁଡ଼ିକୁ ନିମ୍ନକୁ ତା'ର ଇନ୍ଦ୍ରିୟଗୁଡ଼ିକର ସ୍ତରକୁ ଟାଣିଆଣିବାର ଚେଷ୍ଟା କରୁଥାଏ, ତାହାର ଇନ୍ଦ୍ରିୟାବବୋଧ ଭିତରେ ବାନ୍ଧିରଖିବାଲାଗି ଚେଷ୍ଟା କରୁଥାଏ । ସେଗୁଡ଼ିକୁ ସେ ଆପଣାର ଅନୁଦ୍ଭାସିତ ଓ ଅମାର୍ଜିତ ଭାବମୟତା ଏବଂ ସ୍ଥୂଳ ବ୍ୟାବହାରିକ ବାସ୍ତବତାଟି ମଧ୍ୟକୁ ନେଇଆସିବାର ହିଁ ପ୍ରୟାସ କରୁଥାଏ । ତା' ଜୀବନର ସୌନ୍ଦର୍ଯ୍ୟବୋଧଗତ ଦିଗଟିରେ ପ୍ରାୟ କୌଣସି ବିକାଶ ହୋଇ ନ ଥାଏ ; ହୁଏତ ସେ ସୌନ୍ଦର୍ଯ୍ୟର ଆଦୌ କୌଣସି ଧାର ଧାରେ ନାହିଁ ବା ସୌନ୍ଦର୍ଯ୍ୟ ବିଷୟରେ ଏପରି ଅତିସ୍ଥୂଳ ଅଶୋଧିତ ରୁଚିମାନ ରଖିଥାଏ ଯାହା କି ସୌନ୍ଦର୍ଯ୍ୟସୃଷ୍ଟି ତଥା ସୌନ୍ଦର୍ଯ୍ୟବୋଧର ସାଧାରଣ ସ୍ୱୀକୃତ ମାନଟିକୁ ମଧ୍ୟ ଆହୁରି ତଳକୁ ଖସାଇଆଣିବାରେ ଏବଂ ତାହାକୁ ବିକୃତ କରିଦେବାରେ ହିଁ ସହାୟତା କରୁଥାଏ । ସେ ଅନେକ ସମୟରେ ନୀତି ଓ ନୈତିକତା ବିଷୟରେ ଭାରି କଡ଼ା ଦୃଷ୍ଟିକୋଣ ପୋଷଣ କରେ, ସଂସ୍କୃତ ମଣିଷଠାରୁ ସାଧାରଣତଃ ଅନେକ ଅଧିକ ପରିମାଣରେ ନୀତିଗତ ଆଚରଣ ବିଷୟରେ ଭାରି ସତର୍କ ଓ ତତ୍ପର ହୋଇ ରହିଥାଏ ; ମାତ୍ର ତା'ର ନୈତିକ ସତ୍ତାଟି ତା'ର ଜୀବନର ଅବଶିଷ୍ଟ ଅନ୍ୟାନ୍ୟ ଅଂଶଗୁଡ଼ିକ ପରି ବଡ଼ ଅଶୋଧିତ ଓ ଅବିକଶିତ ହୋଇ ରହିଥାଏ । ସେହି ସତ୍ତା ପରମ୍ପରାକୁ ହିଁ ସର୍ବସ୍ୱ କରି ଧରିଥାଏ, ସେଥିରେ କୌଣସି ଶୁଦ୍ଧତା ଆସି ନ ଥାଏ, ବୁଦ୍ଧି ସେହି କ୍ଷେତ୍ରରେ ଆଦୌ କୌଣସି କାର୍ଯ୍ୟରେ ଲାଗୁ ନ ଥାଏ । ମୋତେ କ'ଣ ଭଲ ଲାଗେ ବା ନ ଲାଗେ,

'oaob.nitrkl.ac.in' images reprocessed

ସେଥିରେ କେବଳ ସେହିଭଳି କେତେଟା କଥା ଭର୍ତ୍ତି ହୋଇ ରହିଥାଏ, କେତେଟା ବଦ୍ଧମୂଳ ଅନ୍ଧବିଶ୍ୱାସ ରହିଥାଏ ଓ ସେତେବେଳେ ବଜାରରେ ଚଳୁଥିବା କେତେଗୁଡ଼ାଏ ମତ ବି ରହିଥାଏ । ସମାଜରେ ପରମ୍ପରା ବା ସ୍ୱତ ପ୍ରଭାବରେ ଯାହାସବୁ ଚଳୁଛି ବା ଯାହାସବୁ କଲେ ସମାଜରେ ସମ୍ମାନ ମିଳୁଛି, ସେସବୁ ପ୍ରତି ଆସକ୍ତି ଓ ଆନୁଗତ୍ୟ ରହିଥାଏ । ଏବଂ ସର୍ବସ୍ୱୀକୃତ ଆଚରଣମାନରୁ କିଏ ଯଦି ଟିକିଏ ଅନ୍ୟପ୍ରକାର ହୋଇଗଲା ଅଥବା ସେହି ମାନଟିକୁ ପ୍ରକାଶ୍ୟଭାବରେ ଅବଜ୍ଞା କଲା, ତେବେ ତାହାପ୍ରତି ଏକ ଘୃଣା ବା ବିରକ୍ତି ପ୍ରକାଶ ପାଇଥାଏ । ଏହି ଘୃଣାଟି କେବଳ ଇନ୍ଦ୍ରିୟବୋଧଗତ ମନଟି ଭିତରେ ହିଁ ରହିଥାଏ, ଏଥିରେ ବୁଦ୍ଧିର ଆଦୌ କୌଣସି ସ୍ଥାନ ନ ଥାଏ । ତା'ର ନୈତିକ ପ୍ରବୃତ୍ତି କେବଳ ଇନ୍ଦ୍ରିୟ-ମନର ଏକ ଅଭ୍ୟସ୍ତତା ବ୍ୟତୀତ ଆଉ କିଛି ନୁହେଁ; ତାହା କେବଳ ଇନ୍ଦ୍ରିୟଗତ ବୋଧକୁ ହିଁ ନିର୍ଭର କରି ରହିଥିବା ଜଣେ ହାରାହାରି ମନୁଷ୍ୟର ନୈତିକତା ମଧ୍ୟରେ ପର୍ଯ୍ୟବସିତ ହୋଇ ରହିଥାଏ । ତା' ଭିତରେ ଏକ ବୁଦ୍ଧିଗତ ବିବେକ ରହିଥାଏ, ଏକ ବୁଦ୍ଧିମାନ ଇଚ୍ଛା କାମ କରୁଥିଲା ପରି ମନେ ହେଉଥାଏ; ମାତ୍ର ସେସବୁ ତା'ର ନିଜସ୍ୱ ହୋଇ ନ ଥାଏ, ସେଗୁଡ଼ାକୁ ସେ ସମୂହ-ମନର ଅଂଶରୂପେ ନିଜ ଉପରେ ବୋହିଥାଏ, ତା'ର ପରିବେଶ ଭିତରୁ ଅର୍ଥାତ୍ ବାହାରୁ ମାଗିଆଣିଥାଏ । ଅଥବା ଯଦି ସେଗୁଡ଼ାକୁ କେତେକାଂଶରେ ତା'ର ନିଜର ଧନ ବୋଲି ବୁଝାଯାଏ, ତେବେ ତାହା କେବଳ ଏକ ବ୍ୟାବହାରିକ ଓ ସ୍ୱବେଗଗତ ବୁଦ୍ଧି ଓ ଇଚ୍ଛା, ତାହା କେବଳ ଇନ୍ଦ୍ରିୟଗତ ବୋଧ ଉପରେ ନିର୍ଭର କରି କାର୍ଯ୍ୟ କରୁଥାଏ, ଏବଂ ଅଭ୍ୟାସଗତ କେବଳ କେତେଟା ଧାରଣା ଓ କେତେଟା ଆଦର୍ଶର ଏକ ଯନ୍ତ୍ରବତ୍ ପୁନରାବୃତ୍ତି ହୋଇ ରହିଥାଏ । ସେ କ୍ଷେତ୍ରରେ ଯଥାର୍ଥ ଭାବନା ଆଦୌ କୌଣସି କାର୍ଯ୍ୟ କରେ ନାହିଁ । ବୁଦ୍ଧିମତ୍ତାସମ୍ପନ୍ନ ସଂକଳ୍ପ ଲାଗି ସେଥିରେ ଆଦୌ କୌଣସି ସ୍ଥାନ ନ ଥାଏ । ସେସବୁକୁ ଆଚରଣ କରିବାଦ୍ୱାରା ତାକୁ ଏକ ଉନ୍ନତତର ମନୋମୟ ସତ୍ତାରୂପେ ବିକଶିତ ହେବାରେ କିଛି ବି ସହାୟତା ମିଳେ ନାହିଁ; ତା'ର କର୍ମଗତ ସ୍ଥାନଟିରୁ ପ୍ରତିଦିନ ଯିବାଆସିବା କରିବାଦ୍ୱାରା ଜଣେ ଲଣ୍ଡନବାସୀକୁ ଜଣେ ସୁବିକଶିତ ଶରୀରର ସତ୍ତା ହେବାରେ ଯେତିକି ସହାୟତା ମିଳେ ଅଥବା ଦେଶର ଅର୍ଥନୀତିଗତ ଜୀବନଲାଗି ଆପଣା'ର ଦୈନିକ କର୍ମାଂଶଟିକୁ ଦାନ କରୁଥିବା ଦ୍ୱାରା କୌଣସି ବ୍ୟାଙ୍କର କିରାଣୀକୁ ଜଣେ ସୁବିକଶିତ ଆର୍ଥିକ ମନୁଷ୍ୟ ହେବାରେ ଯେତିକି ସହାୟତା ମିଳେ, ଏ କ୍ଷେତ୍ରରେ ମଧ୍ୟ ପ୍ରାୟ ସେତିକି ସହାୟତା ମିଳିଥାଏ । ସେ ଆପଣାର ମାନସକ୍ଷେତ୍ରରେ ସକ୍ରିୟ ନ ଥାଏ, ବରଂ ସେ ଆପଣାର ଅନୁକ୍ରିୟାମାନ ହିଁ ଜଣାଇବାରେ ଲାଗିଥାଏ; ଏଇଟି ଏକାବେଳେକେ ସ୍ୱତନ୍ତ୍ର ଅନ୍ୟ ଏକ ବସ୍ତୁ ।

ସଭ୍ୟତାଶ୍ରେଣୀକୁ ଆମେ କଦାପି ଏକ ମୃତ ବ୍ୟକ୍ତି ବୋଲି କହିପାରିବା ନାହିଁ; ଓଲଟି ଏ କଥା ବୁଝାଯିବ ଯେ, ତା'ଭିତରେ ଜୀବନ ପ୍ରଚୁର ମାତ୍ରାରେ ରହିଥାଏ,

'oaob.nitrkl.ac.in' images reprocessed

ମାତ୍ର କୌଣସି କ୍ଷେତ୍ରରେ ତା'ର ଆପଣା ନିୟନ୍ତ୍ରଣରେ କାର୍ଯ୍ୟ ହେଉ ନ ଥାଏ, ସେ କେଉଁଠି ହେଲେ ଶାସକ ହୋଇ ବସି ନ ଥାଏ । ସଂସ୍କୃତର ପୁରୁଷମାନେ ପ୍ରକୃତରେ କେବେ କୌଣସି ବିଜୟ ହାସଲ କରିନାହାନ୍ତି ; ମାତ୍ର ସେମାନେ କେବଳ ଗୋଲିଆଥ୍‌ର କବଳରୁ ଅବ୍ୟାହତି ପାଇ ତା' ବଦଳରେ ତା'ର ସ୍ଥାନରେ ଗୋଟାଏ ନୂତନ ରାକ୍ଷସକୁ ନେଇ ବସାଇଦେଇଛନ୍ତି । ଆପଣାର ଇନ୍ଦ୍ରିୟବୋଧକୁ ଅନୁସରଣ କରି ତଦ୍‌ଗତ ଜୀବନ ଯାପନ କରୁଥିବା ମଣିଷ ବିଷୟରେ ଆମେ ଠିକ୍ ସେହିକଥା କହିପାରିବା ସେ ଆପଣା ଭିତରେ ଥିବା ଉଚ୍ଚତର ବୃତ୍ତିଗୁଡ଼ିକୁ କେତେକ ପରିମାଣରେ ବୁଦ୍ଧିମତ୍ତାର ସହିତ କାମରେ ଲଗାଇବାର ଆବଶ୍ୟକତା ସମ୍ବନ୍ଧରେ ନିଶ୍ଚୟ ସଚେତନତା ଲାଭ କରିଛି ଓ ଆପଣାର ମନୋଗତ କ୍ଷେତ୍ରରେ ସକ୍ରିୟ ହେବାର ଚେଷ୍ଟା ମଧ୍ୟ କରୁଛି । ସେହିଭଳି କ୍ରିୟାତ୍ମକ ହୋଇ ରହିବାପାଇଁ ତାକୁ ତାହାର ଭିତରକୁ ଜୋର କରି ଅଡ଼ାଇ ଦିଆଯାଇଛି, ଶାସନ ଓ ଦଣ୍ଡ ବି କରି ରଖାଯାଇଛି ; ଏବଂ ତା'ଛଡ଼ା ତାକୁ ନୂତନ ଜ୍ଞାନତଥ୍ୟ, ବୁଦ୍ଧିଗତ ନୂତନ ସ୍ୱାଦ, ନୂତନ ବିଚାର ଓ ନାନା ନୂତନ ଗତିସ୍ପନ୍ଦନର ଘୂର୍ଣ୍ଣନ ଭିତରେ ଏପରି ଜଡ଼ିତ ହୋଇ ବାସ କରିବାକୁ ପଡ଼ୁଛି ଯେ, ଯେତେ ବଦ୍ଧପରିକର ଓ ଦୃଢ଼ ରହିଲେ ମଧ୍ୟ ତା' ଆପଣା ଭିତରକୁ ପ୍ରବେଶ କରିବାରେ ସେ ଆଦୌ ସେଗୁଡ଼ିକୁ ବାଧା ଦେଇପାରୁନାହିଁ । ସେ କେତେ କେତେ ନୂତନ ଭାବନା ଓ ବିଚାରଲାଗି ଉନ୍ମୁକ୍ତ ହୋଇ ରହିଛି, ସେଗୁଡ଼ିକୁ ଧରିବାପାଇଁ ଏବଂ ପ୍ରାୟ ଏକ ନୈପୁଣ୍ୟହୀନଭାବରେ ସେଗୁଡ଼ିକୁ ପ୍ରୟୋଗ କରିବାପାଇଁ ମଧ୍ୟ ତା'ଭିତରେ ସାମର୍ଥ୍ୟ ରହିଛି । ଆଦର୍ଶଗୁଡ଼ିକୁ ବୁଝିପାରିବାଲାଗି, ଅର୍ଥାତ୍ ଭୁଲଭାବରେ ବୁଝିବାଲାଗି ମଧ୍ୟ ତା'ର ସାମର୍ଥ୍ୟ ଅଛି, ସେଗୁଡ଼ିକୁ ବାସ୍ତବରେ ପରିଣତ କରିବା ସକାଶେ ସେ ସେଗୁଡ଼ିକୁ ନିର୍ଦ୍ଦିଷ୍ଟଭାବରେ ସଂଗଠିତ ବି କରିପାରୁଛି ଏବଂ ବାହାରୁ ମନେହେଉଛି ସତେ ଯେପରି ସେ ସେହିସବୁ ଆଦର୍ଶଲାଗି ସଂଗ୍ରାମ କରିବାକୁ ଓ ଏପରିକି ମରଣ ବରଣ କରିବାକୁ ମଧ୍ୟ ପ୍ରସ୍ତୁତ ରହିଛି । ନୀତିଗତ ସମସ୍ୟାସବୁ ବିଷୟରେ ତାକୁ ଚିନ୍ତା କରିବାକୁ ହେବ ବୋଲି ସେ ଅବଶ୍ୟ ମଣିଛି ; ସାମାଜିକ ତଥା ବୈଜ୍ଞାନିକ ଓ ଧର୍ମର ସମସ୍ୟାଗୁଡ଼ିକ ବିଷୟରେ ଚିନ୍ତା କରିବାକୁ ହେବ ବୋଲି ମଧ୍ୟ ଜାଣିଛି । ନୂତନ ରାଜନୀତିକ ବିକାଶ ତଥା ପରିବର୍ତ୍ତନଗୁଡ଼ିକୁ ସ୍ୱାଗତ କରିବାକୁ ଜାଣିଛି ; ଆପଣାର ଗୋଚରସାମର୍ଥ୍ୟ ଦେଇ ଯେତିକି ବୁଝିବାର ଶକ୍ତି ତା'ଠାରେ ଅଛି, ତାହାରି ସାହାଯ୍ୟରେ ଆଧୁନିକ ଜଗତ୍-କ୍ଷେତ୍ରରେ ପରସ୍ପରର ଅନୁଧାବନ କରୁଥିବା, ପରସ୍ପରକୁ ଚପିଯାଉଥିବା ଓ ପରସ୍ପର ସହିତ ସଂଘାତ କରିବାରେ ଲାଗିଥିବା ବିଚାର, ଜିଜ୍ଞାସା ତଥା କ୍ରିୟାକଳାପର ନୂତନ ଗତିପ୍ରବାହଗୁଡ଼ିକୁ ସେ ଅବଲୋକନ କରିବା ବି ଜାଣିଛି । ସେ କାବ୍ୟକବିତା ବେଶ୍ ପାଠ କରୁଛି, ଉପନ୍ୟାସ ତଥା ସାମୟିକ ସାହିତ୍ୟକୁ ଆଁ କରି ଗିଳିପକାଇବାରେ ଲାଗିଛି ; ହୁଏତ ତା'ଭିତରେ ରବୀନ୍ଦ୍ରନାଥଙ୍କର ଜଣେ ପାଠକଗୁଣ ଅଥବା ହୁଇଟ୍‌ମ୍ୟାନ୍‌ଙ୍କର ଜଣେ ଭାବକ ଓ ଗୁଣଗ୍ରାହୀର ଆବିଷ୍କାର କରିବା ମଧ୍ୟ ଅସମ୍ଭବ ହେବ ନାହିଁ । ଏକଥା

'oaob.nitrkl.ac.in' images reprocessed

ହୁଏତ ଖୁବ୍ ସମ୍ଭବ ଯେ, ସୌନ୍ଦର୍ଯ୍ୟ କିମ୍ବା ସୌନ୍ଦର୍ଯ୍ୟବୋଧ ବିଷୟରେ ତା'ର ଖୁବ୍ ବେଶୀ ପରିଷ୍କାର କୌଣସି ଧାରଣା ଆଦୌ ନାହିଁ ; ମାତ୍ର ସେ ଏକଥା ଅବଶ୍ୟ ଶୁଣିଛି ଯେ, କଳା ଜୀବନଲାଗି ଏକାବେଳେକେ ଅନାବଶ୍ୟକ ନୁହେଁ ଏବଂ ଜୀବନରେ କଳାର କିଛି ନା କିଛି ମହତ୍ତ୍ୱ ଅବଶ୍ୟ ରହିଛି । ଏହି ନୂତନ ପ୍ରଚଣ୍ଡତା ଓ ପରାକ୍ରମଶାଳିତାର ଛୁଇକୁ ଆମେ ଆଜି ସର୍ବତ୍ର ଦେଖିବାକୁ ପାଇବା । ବିରାଟ ପାଠକ-ସମାଜ କହିଲେ ଆଜି କେବଳ ତାକୁ ହିଁ ବୁଝାଇବ ; ସମ୍ବାଦପତ୍ର, ସାପ୍ତାହିକ ଓ ମାସିକ ପତ୍ରିକାମାନ କେବଳ ତାହାର ସମ୍ପତ୍ତି । ଉପନ୍ୟାସ, କବିତା ଆଉ କଳା କେବଳ ତାହାର ମନକୁ ହିଁ ଖୋରାକ ଯୋଗାଇଦେବାକୁ ରହିଛନ୍ତି ; ନାଟକ, ସିନେମା ଆଉ ରେଡିଓ ତାହାର ଲାଗି ଖଞ୍ଜାହୋଇଛି । ଆପଣାର ଜ୍ଞାନ ଓ ନୂତନ ଆବିଷ୍କାରଗୁଡ଼ିକୁ ତା'ର ଦୁଆର ପାଖରେ ଆଣି ପହଞ୍ଚାଇଦେବାକୁ ବିଜ୍ଞାନର ଆଦୌ ତର ସହୁ ନାହିଁ, ଏବଂ ଫଳରେ ଅସୁମାର କେତେ କଳ ଓ କୌଶଳରେ ତାହାର ଜୀବନ ପୂର୍ଣ୍ଣମାତ୍ରାରେ ସଜ୍ଜିତ ଓ ପ୍ରସ୍ତୁତ ହୋଇ ରହିଛି । ତାହାକୁ ହିଁ ସମ୍ମୁଖରେ ଧରି ରଖି ରାଜନୀତି ଚଢ଼ାହେଉଛି, ଏହି ମନୁଷ୍ୟ ହିଁ ପ୍ରଥମେ ନାରୀମାନଙ୍କୁ ଭୋଟ ଅଧିକାର ଦେବାର ବିରୋଧ କରିଛି ଓ ପୁଣି ପରେ ତାହାର ସମର୍ଥନ କରିଛି ଓ ପ୍ରବର୍ତ୍ତନ ମଧ୍ୟ କରାଇଛି । ଗୋଷ୍ଠୀବାଦ, ଅରାଜକତାବାଦ, ଶ୍ରେଣୀସଂଗ୍ରାମ, ଶ୍ରମିକ-ଜାଗରଣ ଓ ଶ୍ରମିକ ବିପ୍ଳବ,—ଏସବୁ ତାହାର ମୁଣ୍ଡରୁ ବାହାରିଛି ଓ ତାହାର ଫଳରେ ହିଁ ଆମ ଆଗରେ ଯାହାକୁ ବିଶ୍ୱର ସଂଘର୍ଷ ବା ସଂସ୍କୃତିଗୁଡ଼ିକ ମଧ୍ୟରେ ସଂଘାତ ବୋଲି ବୁଝାଯାଉଛି, ସେସବୁ ଜନ୍ମଲାଭ କରିଛି । ଏହି ନୂତନ ବର୍ବରଜାତିଟିକୁ ଆଦର୍ଶ ବା ଲକ୍ଷ୍ୟରୂପେ ଗ୍ରହଣ କରି ସଂଘାତ ଓ ଦ୍ୱନ୍ଦ୍ୱର ଏହି ଆଧୁନିକ ଭୟଙ୍କରତାଟିର ଉଦ୍ଭବ ଘଟିଛି । ଏବଂ ଶତାବ୍ଦୀକାଳ ଚେଷ୍ଟା କରି ଓ ଶତାବ୍ଦୀକାଳ କଷ୍ଟ ସହି ମଧ୍ୟ ବୁଦ୍ଧିଜୀବୀବର୍ଗ ଯେଉଁ ବିପ୍ଳବଟିକୁ ହାସଲ କରିପାରି ନ ଥିଲେ, ଏହି ଜନସମର ମଣିଷ ରୁଷ୍ ବିପ୍ଳବ ପରି କେତେ ବିପ୍ଳବକୁ ଇଚ୍ଛା କଲେ ମାତ୍ର ଦିନ କେଇଟାରେ ଘଟାଇ-ଦେଇପାରୁଛି । ପୃଥିବୀପୃଷ୍ଠରେ ତାହାର ଆଗମନ ଓ ଆବିର୍ଭାବ ହିଁ ଆଧୁନିକ ପୃଥିବୀର ପୁନର୍ଗଠନକୁ ତ୍ୱରାନ୍ୱିତ କରିଦେଇପାରିଛି । ଆଜି ଜଣେ ଲେନିନ୍, ଜଣେ ମୁସୋଲିନି ବା ଜଣେ ହିଟଲର୍ ଏତେ ଶୀଘ୍ର ଆପଣା ସାଫଲ୍ୟଟିକୁ ହାସଲ କରି ଆମକୁ ପ୍ରାୟ ସ୍ତମ୍ଭୀଭୂତ କରିଦେଇଛନ୍ତି ; ଏହି ପ୍ରେରକାଶକ୍ତିଟି ଅର୍ଥାତ୍ ଆହ୍ୱାନ ପାଇବା ସଙ୍ଗେ ସଙ୍ଗେ ସେହି ଅନୁସାରେ କାର୍ଯ୍ୟ କରିବାକୁ ବାହାରିଆସୁଥିବା ଏହି ଜନଯୂଥ ସେମାନଙ୍କୁ ବିଜୟମଣ୍ଡିତ କରାଇବାଲାଗି ମହଜୁଦ ହୋଇ ରହିଥିଲେ ବୋଲି ସେମାନେ ତାହା କରିପାରିଛନ୍ତି । ଏହି ଶକ୍ତି ଏହି ନୂତନ ଯୁଗଶକ୍ତି ଓ ସେମାନଙ୍କର ଅପେକ୍ଷାକୃତ କମ୍ ଭାଗ୍ୟବାନ୍ ପୂର୍ବଜମାନେ ଏହାକୁ ଲାଭ କରି ପାରି ନ ଥିଲେ ।

ଏହି ବୃହତ୍ ଓ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନଟିର ପ୍ରଥମ ପରିଣାମଗୁଡ଼ିକ ଗତିଶୀଳ ଓ ସକ୍ରିୟ ହେବାଲାଗି ଆମର ବାସନାରେ ପ୍ରେରଣାଦାୟକଭାବରେ କାର୍ଯ୍ୟ କରିଛି ।

'oaob.nitrkl.ac.in' images reprocessed

ମାତ୍ର ଚିନ୍ତାଶୀଳ ବ୍ୟକ୍ତିର ମନରେ ତଥା ଏକ ଉଚ୍ଚ ଓ ସୁରୁଚିବିଶିଷ୍ଟ ସଂସ୍କୃତିରେ ଶ୍ରଦ୍ଧା ରଖିଥିବା ବ୍ୟକ୍ତିଲାଗି କିଞ୍ଚିତ୍ ଅସ୍ୱସ୍ତି ମଧ୍ୟ ଆଣି ଦେଉଛି । କାରଣ, କେତେକ ପରିମାଣରେ ଏହା ସଂସ୍କୃତି ଅଥବା ସଂସ୍କୃତିର ଏକ ପ୍ରତୀତିକୁ ସର୍ବଜନର ସମ୍ପଦରେ ପରିଣତ କରିଦେଇଥିଲେ ମଧ୍ୟ ନିମ୍ନତର ପ୍ରଦେଶରୁ ଏହି ଅର୍ଦ୍ଧମୁକ୍ତ ଅନେକଙ୍କୁ ସଂସ୍କୃତିର ପ୍ରବେଶାଧିକାର ଦେବାଦ୍ୱାରା ଏହା ସଂସ୍କୃତିକୁ ଆଦୌ ବଳିଷ୍ଠ କରି-ପାରିନାହିଁ, ଉନ୍ନତ ମଧ୍ୟ କରିପାରିନାହିଁ । ବର୍ତ୍ତମାନ ଆମର ପୃଥିବୀ ପୂର୍ବ ତୁଳନାରେ ଅଧିକ ପ୍ରତ୍ୟକ୍ଷଭାବରେ ତାହାର ସର୍ବୋତ୍ତମ ମନସ୍ୱୀମାନଙ୍କର ବୁଦ୍ଧିଗତ ବିବେକ କିମ୍ବା ବୁଦ୍ଧିଗତ ଇଚ୍ଛାଦ୍ୱାରା କୌଣସିପ୍ରକାରେ ଅଧିକ ପରିଚାଳିତ ହେଉଛି ବୋଲି ମଧ୍ୟ ଆଦୌ ମନେ ହେଉନାହିଁ । ବାଣିଜ୍ୟନୀତି ଏବେ ମଧ୍ୟ ଆଧୁନିକ ସଭ୍ୟତାର ହୃଦସ୍ଥ ହୋଇ ରହିଛି ଏବଂ ଇନ୍ଦ୍ରିୟାନୁଭବକୁ ସାର କରି ଧରିଥିବା ଏକ କର୍ମତତ୍ପରତା ଏବେ ମଧ୍ୟ ଏହାର ପ୍ରେରକଶକ୍ତି ହୋଇ ରହିଛି । ଆଧୁନିକ ଶିକ୍ଷା ସମଗ୍ରଭାବରେ ଇନ୍ଦ୍ରିୟବୋଧ-ସର୍ବସ୍ୱ ମଣିଷର କୌଣସି ମୁକ୍ତିବିଧାନ କରିପାରିନାହିଁ ; କେବଳ ସେ ଆଗରୁ ଯେଉଁଗୁଡ଼ିକ ସହିତ ଅଭ୍ୟସ୍ତ ନ ଥିଲା, ଏହି ଶିକ୍ଷା ସେହିପରି କେତୋଟି ଜିନିଷଲାଗି ତା' ଭିତରେ ଏକ ଆବଶ୍ୟକତା ସୃଷ୍ଟି କରି ରଖିଛି । ଏହି ଶିକ୍ଷାବଳରେ ମଣିଷ ଏବେ ମାନସିକ ନାନା କାର୍ଯ୍ୟରେ ତତ୍ପର ହୋଇ ରହୁଛି, ବୁଦ୍ଧି ଓ ଏପରିକି ସୌନ୍ଦର୍ଯ୍ୟବୋଧର କ୍ଷେତ୍ରରେ ମଧ୍ୟ ବ୍ୟାପୃତ ରହୁଛି । ଆଦର୍ଶବାଦର ନାନା ସବେଗମୟତାରେ ଆପଣାକୁ ନଡ଼ାଇ ରଖିପାରୁଛି । ସେ ଏବେ ମଧ୍ୟ ସେହି ପ୍ରାଣଗତ ଅନୁସ୍ତରଟିରେ ବାସ କରୁଛି ସତ, ମାତ୍ର ଏହି ସ୍ତରଟିକୁ ସେ ଉପରୁ ଉଦ୍ଦୀପିତ ଓ ଉତ୍ପ୍ରେରିତ କରି ରଖିବାର ଅଭିଳାଷ ରଖିଛି । ଲେଖକମାନଙ୍କର ଏକ ବାହିନୀ ତା'ର ମନକୁ ସର୍ବଦା ସଚଳ କରି ରଖିଥିବେ ଓ ତା'ଲାଗି କୌଣସି ନା କୌଣସି ପ୍ରକାରର ମାନସିକ ରସଦ ଯୋଗାଇଦେଇଯାଉଥିବେ, ଏବେ ସେ ଏହା ହିଁ ଆବଶ୍ୟକ କରୁଛି । ଯାବତୀୟ ପ୍ରକାରର ଜ୍ଞାନଗତ ନାନା ତଥ୍ୟ ଓ ସମାଚାର ଲାଗି ତା' ଭିତରେ ଏକ ପିପାସା ରହିଛି ଯାହାକୁ ହଜମ କରିବା ସକାଶେ ଅବା ଆପଣା ଜୀବନ ସହିତ ସମ୍ବନ୍ଧୀକୃତ କରିବା ସକାଶେ ତାହାର କିଛି ପ୍ରବୃତ୍ତି ନାହିଁ ଅଥବା ସମୟ ମଧ୍ୟ ନାହିଁ । ସାଧାରଣ-ବୋଧ ବୈଜ୍ଞାନିକ ଜ୍ଞାନଲାଗି ତା'ର ପିପାସା ରହିଛି ; ଏଭଳି ନୂତନ ବସ୍ତୁଗୁଡ଼ିକ ଲାଗି ଆକାଂକ୍ଷା ରହିଛି, ଯଥେଷ୍ଟ ଶକ୍ତିଶାଳୀ ଓ ଦୀପ୍ତିମନ୍ତଭାବରେ ତା' ଆଗରେ ଉପସ୍ଥାପିତ କରାଗଲେ ସେ ଯେଉଁଗୁଡ଼ିକୁ ବୁଝିବାଲାଗି ସମର୍ଥ ହୋଇପାରିବ । ଯେଉଁ ଆଦର୍ଶଗୁଡ଼ିକ ତା'ର ଆଚରଣକୁ ପ୍ରେରିତ କରି ରଖିଛି ବୋଲି ସେ ଭାବିବାକୁ ଚାହୁଁଛି ଏବଂ ଯାହା ନିଶ୍ଚିତଭାବରେ ବେଳେବେଳେ ତା'ର ଜୀବନକୁ ଏକ ନିର୍ଦ୍ଦିଷ୍ଟ ରଙ୍ଗ ଦେଇଗଲା ପରି ଲାଗୁଛି, ସେହିପରି ଆଦର୍ଶଲାଗି ମଧ୍ୟ ତା'ର ବାସନା ରହିଛି । ତା' ଭିତରେ ଏବେ ମଧ୍ୟ ସେହି ଅଶୋଧିତ ମନୋମୟ ସତ୍ତାର କର୍ମଗତ ତତ୍ପରତା ଓ ଇନ୍ଦ୍ରିୟଗତ ଅନୁଭବ ପ୍ରବୃତ୍ତିମାନ କାମ କରିବାରେ ଲାଗିଛି ; ମାତ୍ର ପୂର୍ବର ତୁଳନାରେ

'oaob.nitrkl.ac.in' images reprocessed

ସେଥିରେ ଅଧିକ ଚିନ୍ତାକ୍ରାନ୍ତତା ରହିଛି, ଅଧିକ ସ୍ୱଚ୍ଛନ୍ଦତା ରହିଛି । ଏବଂ ଯେଉଁମାନେ ସଂସ୍କୃତି ଭିତରେ ଅନ୍ତର ଓ ବୁଦ୍ଧିକୁ ନେଇ ବିଚରଣ କରୁଛନ୍ତି, ସେମାନେ ବେଶ୍ ଦେଖିପାରୁଛନ୍ତି ଯେ ଏହି ଆଧୁନିକ ମଣିଷଟି ସେମାନଙ୍କର କଥା ଶୁଣିବାକୁ ବେଶ୍ ଇଚ୍ଛୁକ ହୋଇ ରହିଛି । ପୂର୍ବତନ ସମାଜର ଶୁଦ୍ଧ ସଭ୍ୟତାଶ୍ରେଣୀ ମଧ୍ୟରେ ଏହି ଇଚ୍ଛୁକତା କେବେହେଲେ ନ ଥିଲା । ମାତ୍ର ଏକଥା ମଧ୍ୟ ସତ ଯେ ସେମାନେ ଆଧୁନିକ ମଣିଷଟିକୁ ଆଗ ଉଚିତ ପ୍ରକାରେ ଉତ୍ତେଜିତ ଓ ଆମୋଦିତ କରିବାରେ ସମର୍ଥ ହେଲେ ଯାଇ ସେ ସେମାନଙ୍କର କଥା ଶୁଣିବାଲାଗି ଇଚ୍ଛୁକ ହୋଇପାରୁଛି । ସେମାନଙ୍କର ବିଚାରସବୁ ଏବେ କାର୍ଯ୍ୟରେ ପରିଣତ ହେବାର ଏଭଳି ଏକ ସମ୍ଭାବନା ରହିଛି, ଯାହାକି ଆଗେ କେତେବେଳେ ହେଲେ ନ ଥିଲା । ଏହାର ପରିଣାମସ୍ୱରୂପ ଏବେ ବିଜ୍ଞାନ ସ୍ତ୍ରୀ ହୋଇଯାଇଛି, କଳା ଓ ସାହିତ୍ୟ ମଧ୍ୟ ସ୍ତ୍ରୀ ହୋଇଯାଇଛି, ମନୀଷା ଏବଂ ପ୍ରତିଭାକୁ ମଧ୍ୟ ସର୍ବଜନସ୍ତ୍ରଷ୍ଟ୍ର ସଫଳତାର ଗୁଳାଗୁଡ଼ାକ ମଧ୍ୟରେ ଚଢ଼ି କରିବାକୁ ବାଧ୍ୟ ହେବାକୁ ହୋଇଛି ; ଏବଂ ବର୍ତ୍ତମାନର ଲେଖକ, ବିଚାରକ ତଥା ବୈଜ୍ଞାନିକଙ୍କୁ ତାହା ଅନେକାଂଶରେ ସଂସ୍କୃତିପାରଗ ଜଣେ ଗ୍ରୀକ୍ କ୍ରୀତଦାସ ରୋମ୍‌ର କୌଣସି ଘରେ ସେବା ଖଟୁଥିଲାବେଳେ ଯେପରି ହେଉଥିଲା, ସେହିଭଳି ଏକ ଭୂମିକାକୁ ଅବତୀର୍ଣ୍ଣ କରାଇଆଣିଛି । ସେତେବେଳେ ଗ୍ରୀକ୍ ଦାସକୁ ରୋମାନ୍ ମାଲିକଘରେ କାମ କରିବାକୁ ପଡ଼ୁଥିଲା, ତା'ର ମନକୁ ଖୁସି କରି ରଖିବାକୁ ପଡ଼ୁଥିଲା, ଆମୋଦ ଦେବାକୁ ପଡ଼ୁଥିଲା ଓ ପାଠ ବି ପଢ଼ାଇବାକୁ ପଡ଼ୁଥିଲା ; ଏବଂ ତେଣେ ମାଲିକର ରୁଚି ଓ ବିଶେଷ ପସନ୍ଦଗୁଡ଼ିକ ଉପରେ ସର୍ବଦା ଦୃଷ୍ଟି ରଖିବାକୁ ପଡ଼ୁଥିଲା ଓ ମାଲିକକୁ ଯାହା ଭଲ ଲାଗୁଥିଲା, କୌଶଳପୂର୍ଣ୍ଣଭାବରେ ସେହିସବୁ ଚିନ୍ତା ଓ ସେହିସବୁ କଥାକୁ ସର୍ବଦା ଦୋହରାଇବାକୁ ମଧ୍ୟ ପଡ଼ୁଥିଲା । ଗୋଟିଏ କଥାରେ କହିଲେ, ଉଚ୍ଚତର ମନୋଗତ ଜୀବନକୁ ବର୍ତ୍ତମାନ ସର୍ବଜନଙ୍କର ସ୍ତରକୁ ଅଣାଯାଇଛି, ତାହାକୁ ଇନ୍ଦ୍ରିୟବୋଧର ଭୂମିଟି ଉପରେ ମଡ଼ାଇ-ଦିଆଯାଇଛି ଓ ସର୍ବସ୍ୱ କରିଦିଆଯାଇଛି ; ଏହାର ପରିଣାମ ଭଲ ହୋଇଛି, ମନ୍ଦ ବି ହୋଇଛି । ଏହିସବୁର ମଧ୍ୟଦେଇ ବିଶ୍ୱାସର ଚକ୍ଷୁ ସମ୍ଭବତଃ ଏକଥାଟି ଦେଖିବାକୁ ସମର୍ଥ ହେଲାଣି ଯେ, ଏ ପର୍ଯ୍ୟାୟ ବଡ଼ ପ୍ରାଥମିକ ଓ ଅଶୋଧିତ ଅବସ୍ଥାରେ ରହିଥିଲେ ମଧ୍ୟ ଏକ ବିରାଟ ପରିବର୍ତ୍ତନ ଆରମ୍ଭ ହୋଇଗଲାଣି । ସୌନ୍ଦର୍ଯ୍ୟର କ୍ଷେତ୍ରରେ ହୁଏତ ନ ହୋଇପାରେ, ମାତ୍ର ବିଜ୍ଞାନ ଏବଂ ଜ୍ଞାନର କ୍ଷେତ୍ରରେ ସମସ୍ତଙ୍କର ଧ୍ୟାନ ଆକର୍ଷିତ ହେଲାଣି ଓ ସେଗୁଡ଼ିକର ଲବ୍ଧ ଫଳଗୁଡ଼ିକ ସକାଶେ ଯେତେ ଅସ୍ପଷ୍ଟ ଆଉ ସ୍ଥୂଳଭାବରେ ହେଲେ ମଧ୍ୟ ପରିପ୍ରେକ୍ଷିତରେ ଏକ କାର୍ଯ୍ୟସାଧକ ଇଚ୍ଛା ମଧ୍ୟ ଜାଗ୍ରତ ହୋଇଆସିଲାଣି । ସଂସ୍କୃତିର ଆଯତନଟି ବହୁଗୁଣିତ ହୋଇଯାଇଛି ଏବଂ ଜ୍ଞାନର ଆଦର କରିବାକୁ ତଥା ଜାଣିବାକୁ ପ୍ରକୃତରେ ଏକ ଜିଜ୍ଞାସୁ ଉଦ୍ୟମ କରୁଥିବା ତଥା ନିଜେ ଚିନ୍ତା କରି ଶିଖୁଥିବା ବ୍ୟକ୍ତିମାନଙ୍କର ସଂଖ୍ୟା ମଧ୍ୟ ବହୁଗୁଣ ବୃଦ୍ଧି ପାଇଲାଣି । ଉପରିଭାଗରେ ଇନ୍ଦ୍ରିୟଚେତନାର ଯେଉଁ ଆବରଣଟି ମାଡ଼ିରହିଛି, ତା'ର ଅନ୍ତରାଳରେ କ୍ରମେ ଏସବୁ ଘଟିବାକୁ ଆରମ୍ଭ

'oaob.nitrkl.ac.in' images reprocessed

କରୁଛି । ଏପରିକି ଇନ୍ଦ୍ରିୟଗତ ବୋଧକୁ ହିଁ ସାର ବୋଲି ମାନିଆସିଥିବା ବ୍ୟକ୍ତି ଭିତରେ ମଧ୍ୟ ରୂପାନ୍ତରର ଏକ ପ୍ରକ୍ରିୟା କାର୍ଯ୍ୟ କରିବାକୁ ଆରମ୍ଭ କରୁଛି । ବିଶେଷ କରି ଶିକ୍ଷା-କ୍ଷେତ୍ରରେ କେତେକେବେଳେ ନୂତନ ପଦ୍ଧତି ଓ ସମାଜ ବିଷୟରେ କେତେ କେତେ ନୂଆ ତତ୍ତ୍ୱ ଓ ବିଶ୍ୱର ବର୍ତ୍ତମାନ ବାସ୍ତବ ସମ୍ଭାବନାର ଆୟତନଟି ମଧ୍ୟରେ ଆସି ପ୍ରବେଶ କରୁଛି, ଯାହା ଦିନେ ନା ଦିନେ ଏପର୍ଯ୍ୟନ୍ତ ଅଜ୍ଞାତ ଓ ଅନୁପଲବ୍‌ଧ ହୋଇ ରହିଥିବା ଏକ ମନୁଷ୍ୟଜାତିର ସୃଷ୍ଟିକୁ ପ୍ରକୃତରେ ସମ୍ଭବ କରିଦେବ; କେବଳ କେତେ ମଣିଷଙ୍କର ଗୋଟାଏ ବର୍ଗ ବା ଶ୍ରେଣୀ ନୁହେଁ, ମାତ୍ର ଏପରି ମଣିଷଙ୍କର ଏକ ଜାତିକୁ ସୃଷ୍ଟି କରିବ, ଯେଉଁମାନେ କି କେତେକ ପରିମାଣରେ ଆପଣାର ମନୋଗତ ସତ୍ତାଗୁଡ଼ିକୁ ଆବିଷ୍କାର କରିଥିବେ ଓ ତାହାର ବିକାଶ ସାଧନ କରିଥିବେ, ଯେଉଁମାନେ କି ଆପଣାକୁ ଏକ ସଂସ୍କୃତସ୍ଥ ମନୁଷ୍ୟଗୋଷ୍ଠୀ ବୋଲି ବୋଲାଇପାରିବେ ।

'oaob.nitrkl.ac.in' images reprocessed

## ଦଶମ ପରିଚ୍ଛେଦ

# ସୌନ୍ଦର୍ଯ୍ୟବୋଧଗତ ଓ ନୀତିଗତ ସଂସ୍କୃତି

ଆଲୋଚନାର ଏହି ପର୍ଯ୍ୟନ୍ତ ଆସି ହୁଏତ ସଂସ୍କୃତିର ବିଶ୍ଳେଷଣଟି ଆମ ସମକ୍ଷରେ ଟିକିଏ ଅଧିକ ସ୍ପଷ୍ଟ ହେବାକୁ ଆରମ୍ଭ କଲାଣି ବା ଅନ୍ତତଃ ଏହାର ପ୍ରାସଙ୍ଗିକ ବିରୋଧୀ ତତ୍ତ୍ୱଗୁଡ଼ିକୁ ଆମେ ଯଥେଷ୍ଟ ସ୍ପଷ୍ଟଭାବରେ ସଂସ୍କୃତିଠାରୁ ପୃଥକ୍ କରି ଦେଖି-ପାରିବାକୁ ସମର୍ଥ ହେଲୁଣି । ଯାହା ଏପର୍ଯ୍ୟନ୍ତ ମନୋମୟର ସୀମା ସ୍ପର୍ଶ କରି-ନାହିଁ, ଅର୍ଥାତ୍ ଯେଉଁ ଜୀବନ ଏପର୍ଯ୍ୟନ୍ତ କେବଳ ଭୌତିକ ପରିଧି ଭିତରେ ହିଁ ଆବଦ୍ଧ ହୋଇ ରହିଛି, ତାହା ସ୍ପଷ୍ଟତଃ ସଂସ୍କୃତିର ବିରୋଧୀ ତତ୍ତ୍ୱ, ଅର୍ଥାତ୍ ଏକ ବର୍ବରତା । ଯେଉଁ ପ୍ରାଣଗତ ଓ ପ୍ରାଣସର୍ବସ୍ୱ ଜୀବନ ଏ ପର୍ଯ୍ୟନ୍ତ ବୁଦ୍ଧିର ସ୍ତରକୁ ପ୍ରବେଶ କରିନାହିଁ, ରୁଚିହୀନ ଓ ଅମାର୍ଜିତ ଭାବରେ ଯାହା କେବଳ ଅର୍ଥନୀତି ଏବଂ ସ୍ଥୂଳ ସାଂସାରିକ ଜୀବନଟାକୁ ସର୍ବସ୍ୱ କରି ଧରିଛି, କେବଳ ପଇସା କମାଇବା ଓ ଏକ ପରିବାରର ସଂଖ୍ୟାବୃଦ୍ଧି କରାଇ ତାହାର ପୋଷଣ କରିବାରେ ହିଁ ଆପଣାକୁ ଛନ୍ଦିକରି ରଖିଛି— ଏଗୁଡ଼ିକ ମଧ୍ୟ ସଂସ୍କୃତିର ବିରୋଧୀ ତତ୍ତ୍ୱ । ଏଗୁଡ଼ାକୁ ଆମେ ଆଉ ଏକ ପ୍ରକାରର ଓ ହୁଏତ ଏକ କୁତ୍ସିତତର ବର୍ବରତା ବୋଲି ହିଁ କହିବା । ଯେଉଁ ବ୍ୟକ୍ତି ଗୋଟାସୁଦ୍ଧା ଏହିଗୁଡ଼ାକ ଦ୍ୱାରା ଅଧିକୃତ ହୋଇ ରହିଛି ଏବଂ ଯାହାର ଭାବନାରେ ଉଚ୍ଚତର ସମ୍ପଦଗୁଡ଼ିକ ଲାଗି ଆଦୌ କୌଣସି ସ୍ଥାନ ନାହିଁ, ସେହି ବ୍ୟକ୍ତିକୁ ଆମେ ସଂସ୍କୃତିହୀନ ବୋଲି କହିବା, ତାହାକୁ ଜଣେ ଅବିକଶିତ ମଣିଷ ବୋଲି ଜାଣିବା । ଜୀବନର ପ୍ରାଣୀପ୍ରକୃତି ତାହା ମଧ୍ୟକୁ ପ୍ରଲମ୍ବିତ ହୋଇ ଆସିଛି ଓ ଏକ ସଭ୍ୟ ଜାତି ଭିତରେ ଜଣେ ହୋଇ ବାସ କରୁଥିଲେ ଏବଂ ସଂସ୍କୃତି ତଥା ସୁରୁଚିତା ବିଷୟରେ ଏକ ସାଧାରଣ ବିଶ୍ୱରମ୍ଭରରେ ଉପନୀତ ହୋଇ ଅନ୍ତତଃ କେତେକ ପରିମାଣରେ ଜୀବନରେ ତାହାର ଏକ ଶୃଙ୍ଖଳାସମ୍ପନ୍ନ ପ୍ରୟୋଗ କରିପାରୁଥିବା ଗୋଟିଏ ସମାଜରେ ରହୁଥିଲେ ମଧ୍ୟ ତାକୁ ଆମେ ମୂଳତଃ ଏକ ବର୍ବର ବୋଲି କହିବା । ଏହି ମାର୍କାର ସମାଜ ବା ଜାତିଗୁଡ଼ିକୁ ଆମେ ବର୍ବର ବା ଅର୍ଦ୍ଧବର୍ବର କହିବାକୁ ମଧ୍ୟ ସମ୍ମତ ହେବା । ଏପରିକି, ଯଦି କୌଣସି ଜାତି ଅଥବା ଯୁଗ ଆପଣା ଭିତରେ ଜ୍ଞାନ, ବିଜ୍ଞାନ ତଥା କଳାର

'oaob.nitrkl.ac.in' images reprocessed

ପର୍ଯ୍ୟାପ୍ତ ବିକାଶ ସାଧନ କରିଛୁ, ତଥାପି ଆପଣାର ସାଧାରଣ ଦୃଷ୍ଟିଭୂମିରେ, ଆପଣାର ଜୀବନ ଓ ବସ୍ତୁଗତ ଅଭ୍ୟାସରେ ଜ୍ଞାନ, ସତ୍ୟ, ସୌନ୍ଦର୍ଯ୍ୟ ଓ ଜୀବନଧାରଣର ଉଚ୍ଚ ଆଦର୍ଶଗୁଡ଼ିକ ଦ୍ୱାରା ପରିଚାଳିତ ନ ହୋଇ କେବଳ ସ୍ଥୂଳ ପ୍ରାଣଗତ, ବାଣିଜ୍ୟିକ ଏବଂ ଅର୍ଥନୀତିଗତ ଦୃଷ୍ଟିଗୁଡ଼ିକ ଭିତରେ ସନ୍ତୁଷ୍ଟ ହୋଇ ରହିଛୁ, ତେବେ ଆମେ ସେହି କ୍ଷେତ୍ରରେ କହିବା ଯେ ଉକ୍ତ ଜାତି ବା ଯୁଗ ହୁଏତ ଗୋଟିଏ ଅର୍ଥରେ ଅବଶ୍ୟ ସଭ୍ୟ ହୋଇ ରହିଛୁ, ମାତ୍ର ତଥାପି ତାହାର ସକଳ ପ୍ରାଚୁର୍ଯ୍ୟ ଓ ଏପରିକି ସଭ୍ୟତା-ମନ୍ତ୍ରର ଅତିରିକ୍ତ ପ୍ରୟୋଗସାମର୍ଥ୍ୟ ସତ୍ତ୍ୱେ ତାହା ଏକ ସଂସ୍କୃତିସମ୍ପନ୍ନ ମାନବତାର କୌଣସି ଉପଲବ୍ଧି କରିପାରି ନାହିଁ କିମ୍ବା ସେହି ଆଡ଼କୁ ଗତି କରୁଥିବାର ଆଦୌ କୌଣସି ପ୍ରତିଶ୍ରୁତି ଦେଉନାହିଁ । ତେଣୁ, ଊନବିଂଶ ଶତାବ୍ଦୀର ଇଉରୋପୀୟ ସଭ୍ୟତା ଅଧିକରୁ ଅଧିକ ସାମଗ୍ରୀ ଉତ୍ପାଦନ କରିବାରେ ଯେତେ ବିଜୟ ବା ପ୍ରାଚୁର୍ଯ୍ୟ ଲାଭ କରିଥିଲେ ମଧ୍ୟ, ବିଜ୍ଞାନର କ୍ଷେତ୍ରରେ ଅତୁଳନୀୟ ବିକାଶ ହାସଲ କରିଥିଲେ ମଧ୍ୟ ଓ ବୁଦ୍ଧିଗତ କୃତିଗୁଡ଼ିକରେ ଯେତେ ନୈପୁଣ୍ୟ ଓ ସିଦ୍ଧି ପାଇପାରିଥିଲେ ମଧ୍ୟ ଆମେ ତଥାପି କେତେକ ପରିମାଣରେ ତାହାର ଜନାବାଦ କରିବା, କାରଣ ସେହି ସଭ୍ୟତା ଆପଣାର ଉପଲବ୍ଧି ଓ ଅର୍ଜିତ ଏହିସବୁ ସମ୍ପଦକୁ ଏକ ବାଣିଜ୍ୟିକତା ଭିତରେ ଆଣି ପର୍ଯ୍ୟବସିତ କରିଦେଇଛି ଏବଂ ପ୍ରାଣଗତ ସଫଳତାର ସ୍ଥୂଳ ଉଦ୍ଦେଶ୍ୟ ପୂରଣ ଲାଗି ହିଁ ସେଗୁଡ଼ିକର ଉପଯୋଗ କରିଛି । ଏହି ବିଷୟରେ ଆମେ ଏଠାରେ ଅବଶ୍ୟ କହିରଖିବା ଯେ କେବଳ ଏହିସବୁ ପରିପୂର୍ଣ୍ଣତାକୁ ହାସଲ କରିବା ମାନବସମାଜର କଦାପି ଆକାଂକ୍ଷା ହୋଇ ରହିବା ଉଚିତ ନୁହେଁ । ମନୁଷ୍ୟର ବିବର୍ତ୍ତନରେ ଯେଉଁ ସାମ୍ଭାବ୍ୟ ଗତିରେଖାଟି କ୍ରମଶଃ ଉଚ୍ଚତର ହୋଇ ଆଗକୁ ପଡ଼ିଛି, ଇଉରୋପୀୟ ଏହି ପ୍ରବୃତ୍ତିଟି ମନୁଷ୍ୟକୁ ତାହାଠାରୁ ଅଧିକରୁ ଅଧିକ ଦୂରକୁ ନେଇଯିବାରେ ଲାଗିଛି ଓ ତାହାକୁ ଆଦୌ ତାହାର ନିକଟବର୍ତ୍ତୀ କରୁନାହିଁ । ଆମେ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ ଇଉରୋପୀୟ ସଭ୍ୟତାର ବିଚାର କରି ଏକଥା ଅବଶ୍ୟ କହିବା ଯେ ସଂସ୍କୃତିର ଏକ ଯୁଗ ହିସାବରେ ତାହା ପ୍ରାଚୀନ ଏଥେନସ୍, ରେନେସାଁକାଳୀନ ଇଟାଲୀ ଏବଂ ପ୍ରାଚୀନ ବା ଶାସ୍ତ୍ରୀୟ ଯୁଗର ଭାରତବର୍ଷ ତୁଳନାରେ କେବଳ ଏକ ହୀନତର ନମୁନା ମାତ୍ର । କାରଣ ପ୍ରକୃତରେ ସେହିସବୁ ଯୁଗରେ ସାମାଜିକ ସଙ୍ଗଠନଗତ ଅନେକ ଅଭାବ ନିଶ୍ଚୟ ରହିଥିଲା ସତ, ଏବଂ ସେମାନଙ୍କର ବୈଜ୍ଞାନିକ ଜ୍ଞାନ ତଥା ଭୌତିକ ସିଦ୍ଧିର ପରିସରଟି ଇଉରୋପୀୟ ସିଦ୍ଧିର ତୁଳନାରେ ଅନେକ ପରିମାଣରେ ଅନଗ୍ରସର ହୋଇଥିଲା ସତ, ମାତ୍ର ଜୀବନଧାରଣର କଳାକୁ ମାନଦଣ୍ଡରୂପେ ଗ୍ରହଣ କରି ବିଚାର କଲେ ଆମେ ଜାଣିବାକୁ ପାଇବା ଯେ ସେହିସବୁ ପ୍ରାଚୀନ ସଭ୍ୟତା ଅନେକ ଅଧିକ ଅଗ୍ରସର ହୋଇ-ପାରିଥିଲେ; ଜୀବନର ଲକ୍ଷ୍ୟଟିକୁ ସେମାନେ ଅଧିକ ଭଲ ଭାବରେ ଜାଣିଥିଲେ ଓ ମାନବିକ ପରିପୂର୍ଣ୍ଣତାର କୌଣସି ନା କୌଣସି ସ୍ପଷ୍ଟ ଆଦର୍ଶକୁ ଅଧିକ ଶକ୍ତିଶାଳୀ ଭାବରେ ଉଦ୍ଦେଶ୍ୟ କରି ରଖିବାରେ ସେମାନେ ଅଧିକ ସାମର୍ଥ୍ୟ ଲାଭ କରିଥିଲେ ।

'oaob.nitrkl.ac.in' images reprocessed

ମନୋଗତ ଜୀବନର ପରିସରଟି ଭିତରେ ରହିଥିଲାବେଳେ ମଧ୍ୟ, କେବଳ ତାହାର ଏକାନ୍ତ ପ୍ରୟୋଜନଗତ ଓ ବ୍ୟାବହାରିକ ଗତିଶୀଳତା ମଧ୍ୟରେ ହିଁ ଆପଣାକୁ ସନ୍ନିବିଷ୍ଟ କରି ରଖିବା ବା କେବଳ ମନୋଗତ କ୍ଷେତ୍ରର ସଂବେଗଗତ ତଥା ଇନ୍ଦ୍ରିୟଜ୍ଞାନଗତ ପ୍ରବାହଟିରେ ଭାସି ଚାଲିଯାଉଥିବା, କେବଳ ପାରମ୍ପରିକ କେତେଟା ଆଚରଣ, ସର୍ବଜନପ୍ରଶସ୍ତ କେତେଟା ଅନୁଭୂତି ଓ ନିଜସ୍ୱ ସମ୍ପଦରେ ପରିଣତ ନ ହୋଇ କେବଳ ପରିବେଶ ଅର୍ଥାତ୍ ପାରିପାର୍ଶ୍ୱିକତାରୁ ଆସି ଉପରେ ଲଦିହୋଇ ରହିଥିବା କେତେଟା ସର୍ବଜନସ୍ୱୀକୃତ ଧାରଣା, ମତ ବା ବିଶ୍ୱାସକୁ ହିଁ ମୂଳ କରି ଜୀବନ ବିତାଇବା, ମନକୁ କୌଣସିପ୍ରକାରେ ସ୍ୱାଧୀନ ଓ ଉନ୍ମୁକ୍ତ ବିଚରଣର ସୁଯୋଗ ନ ଦେଇ କେବଳ ଅଧିକସଂଖ୍ୟକ ଅନେକ ଯାହା କରୁଛନ୍ତି, ଅତ୍ୟନ୍ତ ବୁଦ୍ଧିହୀନ ଭାବରେ ତାହାର ଦ୍ୱାରା ଶାସିତ ଓ ପରିଚାଳିତ ହୋଇ ଅତି ସ୍ଥୂଳ ତଥା ଅବିବେଚିତ ଭାବରେ ଆପଣାର ଜୀବନଟିକୁ ବଞ୍ଚିବା, ପୁଣି କେବଳ କେତୋଟି ସ୍ୱୀକୃତ ସଂସ୍କାରଦ୍ୱାରା ହିଁ ନିୟନ୍ତ୍ରିତ ହୋଇ ରହିଥିବା ଇନ୍ଦ୍ରିୟବୃତ୍ତି ଓ ଇନ୍ଦ୍ରିୟଗତ ଜ୍ଞାନକୁ ଅନୁସରଣ କରି ଜୀବନର ଗତି ନିରୂପଣ କରିବା ; ସୌନ୍ଦର୍ଯ୍ୟର କୌଣସି ନିୟମଦ୍ୱାରା କୌଣସି ପ୍ରକାରେ ଶୋଧିତ, ସଂସ୍ଥାପିତ କିମ୍ବା ପରିମାର୍ଜିତ ହୋଇ ନ ଥିବା ଇନ୍ଦ୍ରିୟବୃତ୍ତିକୁ ହିଁ ଆଶ୍ରୟ କରି ରହିବା,—ଏଗୁଡ଼ିକୁ ମଧ୍ୟ ଆମେ ଆଦର୍ଶ ସଂସ୍କୃତିର ବିରୋଧୀ ବୋଲି ଜାଣିବା । ଏହିପରି ଭାବରେ ଜଣେ ବ୍ୟକ୍ତି ହୁଏତ ଏକ ସଭ୍ୟ ଜୀବନର ସକଳ ପ୍ରସାଦ ବା ସକଳ ଛଳନା ସହିତ ଆପଣାର ଜୀବନ ବିତାଇପାରେ; ସଭ୍ୟ ଜୀବନର ଆନୁଷଙ୍ଗିକ ଯାବତୀୟ ଅତିରିକ୍ତତାକୁ ସେ ହୁଏତ ପରିପୂର୍ଣ୍ଣ ସାଫଲ୍ୟ ସହିତ ଉପଭୋଗ କରିପାରେ; ମାତ୍ର ତଥାପି ତାକୁ ଯଥାର୍ଥ ଭାବରେ ବିକାଶଲାଭ କରିଥିବା ଜଣେ ମନୁଷ୍ୟ ବୋଲି କଦାପି କୁହାଯିବ ନାହିଁ । ଜୀବନର ଏହିଭଳି ଏକ ବିଧାନର ଅନୁସରଣ କରୁଥିବା କୌଣସି ସମାଜ ହୁଏତ ଆଉ ଯାହା ମନ ତାହା ହୋଇପାରେ ; ଶକ୍ତିମାନ ହୋଇପାରେ, ଶୋଭନ ହୋଇପାରେ, ଚମତ୍କାର ଭାବରେ ଶୃଙ୍ଖଳାବଦ୍ଧ ଅଥବା ସଫଳ ହୋଇପାରେ, ଧର୍ମନିଷ୍ଠ ଅଥବା ନୀତିପରାୟଣ ବି ହୋଇପାରେ, ମାତ୍ର ତଥାପି ତାହା କେବଳ ସେହି ସଭ୍ୟତାଭୋଗୀମାନଙ୍କର ହିଁ ଏକ ସମାଜ ହୋଇ ରହିଥିବ । ଏହା ଏପରି ଏକ କାରାଗାରରେ ପରିଣତ ହୋଇ ରହିଥିବ, ଯାହାକୁ କି ଭାଙ୍ଗି ବାହାରି-ଆସିବା ଛଡ଼ା ଆତ୍ମାର ଆଉ କୌଣସି ଉପାୟ ହିଁ ନ ଥିବ । କାରଣ ତାହାର ଭିତରେ ଅବସ୍ଥାନ କରୁଥିବା ପର୍ଯ୍ୟନ୍ତ ଆତ୍ମା କେବଳ ଏକ ନିମ୍ନସ୍ତରର ପ୍ରେରଣାସ୍ଥଳ ଏବଂ ଅତି ସଙ୍କୀର୍ଣ୍ଣ ମାନସିକ ସ୍ଥିତିରେ ହିଁ ଅବସ୍ଥାନ କରୁଥିବ, ସେହି ନିମ୍ନଭୂମିଟିରେ ହିଁ ସମ୍ପୂର୍ଣ୍ଣ ଅଫଳପ୍ରସୂଭାବରେ ଅଚଳ ହୋଇ ପଡ଼ିରହିଥିବ ଏବଂ ଯେତେବେଳେ ତାହା ମନୁଷ୍ୟର ଉଚ୍ଚତର ବୃତ୍ତିଗୁଡ଼ିକଦ୍ୱାରା ପରିଚାଳିତ ନ ହୋଇ କେବଳ ସେହି ଅନୁନ୍ମୀଳିତ ଇନ୍ଦ୍ରିୟମନଟିର ସ୍ଥୂଳତାଗୁଡ଼ିକଦ୍ୱାରା ହିଁ ପରିଚାଳିତ ହେଉଥିବ । ଉପଯୋଗୀ ମୁକ୍ତ ବାୟୁରୁ ଝଲକାଏ ଲେଖାଏଁ ପାଇବାପାଇଁ ବୁଦ୍ଧିସମର୍ଥତାର କଣ୍ଠିକ୍ ମୁକ୍ତ ଆଲୋକ

'oaob.nitrkl.ac.in' images reprocessed

ଲାଭ କରିପାରିବାଲାଗି, କଳା ଓ ସୌନ୍ଦର୍ଯ୍ୟର କଳ୍ପିତ୍ ସୁଗନ୍ଧ ପାଇବାଲାଗି, ଏବଂ ଦ୍ୟୁତିର ଆଗ୍ରହ ତଥା ଉଚ୍ଚତର ଆଦର୍ଶଗୁଡ଼ିକର ବୃହତ୍ ନିଃଶ୍ୱାସସ୍ପର୍ଶକୁ କଳ୍ପିତ୍ ଲାଭ କରିବାଲାଗି ସେହି ବନ୍ଦୀଗୃହଟିରେ କେବଳ କେତୋଟି ଝରକା ଖୋଲିଦେଲେ ହିଁ ତାହା କଦାପି ଯଥେଷ୍ଟ ହେବ ନାହିଁ । ମାତ୍ର ଆପଣାର ବନ୍ଦୀଗୃହଟିକୁ ଭାଙ୍ଗି ଗୋଟାସୁଦ୍ଧା ବାହାରକୁ ବାହାରିଆସିବାକୁ ପଡ଼ିବ, ସେହି ମୁକ୍ତ ଆଲୋକରେ ହିଁ ବାସ କରିବାକୁ ପଡ଼ିବ, ସେହି ସୁଗନ୍ଧ ଓ ବୃହତ୍ ନିଃଶ୍ୱାସସ୍ପର୍ଶ ମଧ୍ୟରେ ହିଁ ବାସ କରିବାକୁ ହେବ ଏବଂ ତେବେ ଯାଇ ଉପଯୁକ୍ତ ଭାବରେ ବିକାଶଲାଭ କରିଥିବା ମନୋମୟ ସତ୍ତାର ସ୍ୱାଭାବିକ ବାୟୁମଣ୍ଡଳଟିରେ ବିଚରଣ କରିବା ସମ୍ଭବ ହୋଇପାରିବ । ପ୍ରଧାନତଃ ଇନ୍ଦ୍ରିୟମାନଙ୍କର କ୍ରିୟାଶୀଳତା ମଧ୍ୟରେ ଆବଦ୍ଧ ରହି ଜୀବନଧାରଣ କରିବା ନୁହେଁ, ବରଂ ଜ୍ଞାନ, ବିବେକ ତଥା ଏକ ବୃହତ୍ତର ବୁଦ୍ଧିର ଜିଜ୍ଞାସାର ସକ୍ରିୟତା ମଧ୍ୟରେ ହିଁ ଆପଣାର ଜୀବନ ଧାରଣ, ରୁଚିଯୁକ୍ତ ସୌନ୍ଦର୍ଯ୍ୟବୋଧଗତ ସତ୍ତାର ସକ୍ରିୟତା ମଧ୍ୟରେ ଏବଂ ଚରିତ୍ର-ବଳ, ନୀତିଗତ ଉଚ୍ଚ ଆଦର୍ଶ ଏବଂ ଏକ ବୃହତ୍ତର ମାନବିକ କ୍ରିୟାତ୍ମକତାଲାଗି ଦାଉ ଫିଟାଇଦେଉଥିବା ସେହି ସନ୍ଦୀପିତ ଇଚ୍ଛାଟିର ସକ୍ରିୟତା ମଧ୍ୟରେ ବଞ୍ଚିରହିବା କେବଳ ଆମର ସେହି ନିମ୍ନତର ତଥା ସର୍ବଜନସ୍ତରୀୟ ମାନସିକତାଟି ଦ୍ୱାରା ଶାସିତ ନ ହୋଇ ସତ୍ୟ, ସୌନ୍ଦର୍ଯ୍ୟ ଏବଂ ଆପେ ଆପଣାର ଶାସନ କରିପାରୁଥିବା ଇଚ୍ଛାଟି ଦ୍ୱାରା ହିଁ ପରିଚାଳିତ ହୋଇପାରିବା,—ଏହା ଏକ ଯଥାର୍ଥ ସଂସ୍କୃତିର ଆଦର୍ଶ, ଯଥାର୍ଥ ଭାବରେ ସଫଳ ଏକ ମାନବସମାଜର ଆରମ୍ଭ ।

ପ୍ରକୃତ ସଂସ୍କୃତି କହିଲେ କ'ଣ ନ ବୁଝାଏ, ତାହାର ଆଲୋଚନାଦ୍ୱାରା ଆମେ ଏହିପରିଭାବରେ ସଂସ୍କୃତିର ଏକ ନକାରାତ୍ମକ ଧାରଣା ଏବଂ ସଂଜ୍ଞା ପାଖରେ ଆସି ପହଞ୍ଚିବା । ମାତ୍ର ମନୋଗତ ଜୀବନର ଏହି ଉଚ୍ଚତର ଭୂମିଟିରେ ତଥାପି ସେହି ପୁରାତନ ନକାରାତ୍ମକ ଭେଦ ଓ ଭ୍ରମକୁ ନେଇ ପଡ଼ିରହିବାଲାଗି ଆମ ଭିତରେ ହୁଏତ ଏକ ପ୍ରବୃତ୍ତି ରହିଥିବ । ଏଠାରେ ଆମେ ଦୃଷ୍ଟି ପକାଇଲେ ବେଶ୍ ଦେଖିପାରିବା ଯେ ଅତୀତରେ ସଂସ୍କୃତି ଓ ଜୀବନର ବାସ୍ତବ ଆଚରଣ ମଧ୍ୟରେ ସର୍ବଦା ପ୍ରାୟ ଏକ କଳହ ରହିଆସିଛି ; ମାତ୍ର ଆମର ସଂଜ୍ଞା ଅନୁସାରେ ବାସ୍ତବ ଆଚରଣ ମଧ୍ୟ ସଂସ୍କୃତିସମ୍ପନ୍ନ ଜୀବନର ଏକ ଅଂଶ ଏବଂ ନୀତିଗତ ଆଦର୍ଶବତ୍ତା ସଂସ୍କୃତିବାନ୍ ମନୁଷ୍ୟ-ଜୀବର ନିଶ୍ଚୟ ଏକ ପ୍ରଭୁତ୍ୱଶାଳୀ ଆକୂତି ବା ଆବେଗ । ସଂସ୍କୃତି ତଥା ନୈତିକ ଜୀବନ ମଧ୍ୟରେ ଏକ ବିରୋଧର ଅବତାରଣା କରି ଯେତେବେଳେ ଗୋଟାଏ ପାଖରେ ବିଚାର, ଜ୍ଞାନ ତଥା ସୌନ୍ଦର୍ଯ୍ୟକୁ ଅଲଗା କରି ରଖିଦେଇ ତାହାକୁ ସଂସ୍କୃତି ବୋଲି ବୁଝାଯାଏ ଓ ଅନ୍ୟ ପାଖରେ ଚରିତ୍ର ଓ ଆଦର୍ଶ ଆଚାରର ଅନୁଶୀଳନକୁ ଅଲଗା କରି ରଖି ତାହାକୁ ନୈତିକ ଜୀବନ ବୋଲି ଦେଖାଇଦିଆଯାଏ, ସେତେବେଳେ ସେହି କଳ୍ପନାଟି ମାନବିକ ସମ୍ଭାବନା ଓ ମାନବିକ ପରିପୂର୍ଣ୍ଣତାର ସ୍ପଷ୍ଟତଃ ଏକ ଅତି ଅପୂର୍ଣ୍ଣ ଦୃଷ୍ଟିଗତ

'oaob.nitrkl.ac.in' images reprocessed

ଭୂମିରୁ ହିଁ ଜନ୍ମ ଲାଭ କରିଛି ବୋଲି କହିବାକୁ ହେବ । ମାତ୍ର ଯେଉଁ ବିରୋଧଟି ଯେ ବାସ୍ତବତଃ କେବଳ ଯେ ରହିଆସିଛି ତାହା ନୁହେଁ, ମାତ୍ର ମନୁଷ୍ୟର ମନରେ ତାହା ସ୍ୱଭାବତଃ ଏକ ଶକ୍ତିଶାଳୀ ପ୍ରବୃତ୍ତିଭାବରେ କାର୍ଯ୍ୟ କରିଆସିଛି ଏବଂ ତେଣୁ ଅନୁମାନ କରିବାକୁ ହେବ ଯେ ଆମ ସତ୍ତାର ସମଷ୍ଟୀକୃତ ଉପାଦାନଗୁଡ଼ିକ ମଧ୍ୟରେ ହିଁ ତାହା କୌଣସି ନା କୌଣସି ପ୍ରକୃତ ଓ ଗୁରୁତ୍ୱପୂର୍ଣ୍ଣ ବିଚ୍ୟୁତିହେତୁ ହିଁ ସୃଷ୍ଟି ହୋଇ ରହିପାରୁଛି । ହିବ୍ରୁ ତଥା ହେଲେନିକ୍ ସଂସ୍କୃତି ଭିତରେ ଆର୍ନୋଲ୍ଡ୍ ଠିକ୍ ଏହି ବିରୋଧଟି ରହିଥିବାର ଦର୍ଶାଇ ଦେଇଥିଲେ । ପୂର୍ବତନ ଟେଷ୍ଟାମେଣ୍ଟ୍ର କଠୋର ନୈତିକତାପ୍ରଧାନ ଧର୍ମଟିର ଉଦ୍ଭବ ଘଟାଇଥିବା ଇହୁଦୀ ଜାତିମଧ୍ୟରେ ଏକ ପାର୍ଥିବ ଓ ନୀତିଗତ ଧର୍ମାଚରଣର ପରିପୂର୍ଣ୍ଣତା ଏବଂ ଯଥାର୍ଥ ଉପାସନା ତଥା ଯଥାର୍ଥ କର୍ମାନୁଷ୍ଠାନର ପ୍ରତିବଦଳରେ ନାନା ପୁରସ୍କାରର ପ୍ରତିଶ୍ରୁତି ହିଁ ସର୍ବପ୍ରଧାନ ପ୍ରବୃତ୍ତି ହୋଇରହିଥିଲା ; ମାତ୍ର ବିଜ୍ଞାନ ଓ ଧର୍ମବିଷୟରେ ସେଥିରେ ପ୍ରାୟ ସେପରି କିଛି ନ ନ ଥିଲା, ଜ୍ଞାନକୁ ନେଇ ତାହା ଖୁବ୍ ବେଶୀଦୂର ଘାଣ୍ଟିବାକୁ ଆବଶ୍ୟକ ମଣି ନ ଥିଲା ଏବଂ ସୌନ୍ଦର୍ଯ୍ୟ ବିଷୟରେ ପ୍ରାୟ ଉଦାସୀନ ରହିଥିଲା । ଆଚରଣପ୍ରଧାନ ଏହି ଧର୍ମଟି ମୋଜେସ୍ଙ୍କର ଆଜ୍ଞାଗୁଡ଼ିକର ପର୍ଯ୍ୟାୟରେ ଅଶୋଧିତ, ପରମ୍ପରାସର୍ବସ୍ୱ ଏବଂ ବର୍ବର ଅବସ୍ଥାରେ ରହିଥିଲା; ମାତ୍ର ଯେତେବେଳେ ସେହି ଧର୍ମାଜ୍ଞାଗୁଡ଼ିକ ସହିତ ପ୍ରଫେଟ୍-ମାନଙ୍କର ସନ୍ଦେଶ ଆସି ସମ୍ମିଳିତ ହେଲା, ସେତେବେଳେ ତାହା ଅନସ୍ୱୀକାର୍ଯ୍ୟ ନାନା ଉଚ୍ଚତାକୁ ଉତ୍ତୀର୍ଣ୍ଣ ହୋଇଯାଇଥିଲା ଏବଂ ପରକ୍ଷେପରେ ଆପଣାର ଅଙ୍କିତ ସୀମାଗୁଡ଼ିକୁ ଅତିକ୍ରମ କରି ଇହୁଦୀ ଖ୍ରୀଷ୍ଟିଆନ୍ ଧର୍ମ * ରୂପରେ ଆଧ୍ୟାତ୍ମିକତାର ଗୋଟିଏ କମନୀୟ ପୁଷ୍ପ ହୋଇ ବିକଶିତ ହୋଇପାରିଲା । ଇହୁଦୀ ମନ ପରି ହେଲେନିକ୍ ମନଭିତରେ ଅବଶ୍ୟ ଏପରି ଏକାନୁବର୍ତ୍ତୀ ଧର୍ମକାତରତା କେବେହେଲେ ନ ଥିଲା, ତଥାପି ତାହା ସମ୍ଭବତଃ ବୁଦ୍ଧିସାଧନା ଲାଗି ଶ୍ରଦ୍ଧାକୁ ଏକ ସାଧନରୂପେ ଗ୍ରହଣ କରିଥିଲା ଓ ତାହାଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲା । ଏବଂ ଏକ ଉଚ୍ଚସ୍ତରୀୟ ସୌନ୍ଦର୍ଯ୍ୟବୋଧଦ୍ୱାରା ତାହା ଅତୁଳ ଶକ୍ତିଶାଳୀଭାବରେ ପ୍ରଭାବିତ ହୋଇ ରହିଥିଲା, ଆପଣାର ପ୍ରତ୍ୟେକ କର୍ମ, ପ୍ରତ୍ୟେକ ସୃଜନ, ଆପଣାର ଭାବନା, କଳାତ୍ମକତା, ସମସ୍ତ ଜୀବନ ତଥା ଧର୍ମରେ ମଧ୍ୟ ଏକ ଅତି ସ୍ପଷ୍ଟ ସୌନ୍ଦର୍ଯ୍ୟବୋଧଗତ ଗ୍ରହଣଶୀଳତା ଦ୍ୱାରା

---

* ଏଠାରେ ଇହୁଦୀ ଖ୍ରୀଷ୍ଟିଆନ୍ ଧର୍ମ ବୋଲି କହିବାରେ ଏକ ଆବଶ୍ୟକତା ରହିଛି, କାରଣ ଇଉରୋପୀୟ ଖ୍ରୀଷ୍ଟିଆନ୍ ଧର୍ମ ଇତିହାସରେ ଏକ ଭିନ୍ନ ସ୍ୱଭାବ ଧାରଣ କରିଛି ; ଏପରିକି ଏହାର ସର୍ବୋତ୍ତମ ପରିପ୍ରକାଶରେ ମଧ୍ୟ ଏଥିରେ ଏକ ବିଭିନ୍ନ ଅନୁଭବ ସବୁବେଳେ ରହିଛି । ଇଉରୋପକୁ ଆସି ଇହୁଦୀ ଖ୍ରୀଷ୍ଟିଆନ୍ ଧର୍ମଭାବନାର ଏକ ଲାଟିନ୍ ଅନୁକୃତି ହୋଇଛି, ଗ୍ରୀକ୍ ଅନୁକୃତି ତଥା ସେଲ୍ଟିକ୍ ଅନୁକୃତି ମଧ୍ୟ ହୋଇଛି; ଅଥବା ଏକ ଅପରିମାର୍ଜିତ ଟ୍ୟୁଟନିକ୍ ଅନୁକରଣ ମଧ୍ୟ କରାଯାଇଛି ।

'oaob.nitrkl.ac.in' images reprocessed

ଅନୁସିକ୍ତ ହୋଇ ରହିଥିଲା । ହେଲେନିକ୍ ସଭ୍ୟତାର ଏହି ବୋଧଟି ଏତେ ଶକ୍ତିଶାଳୀ ଥିଲା ଯେ କେବଳ ଆଚାର-ବ୍ୟବହାରକୁ ହିଁ ନୁହେଁ, ମାତ୍ର ଆପଣାର ନୀତିଗତ ଜୀବନକୁ ମଧ୍ୟ ତାହା ସୌନ୍ଦର୍ଯ୍ୟସମ୍ବନ୍ଧୀ ସର୍ବପ୍ରଧାନ ଧାରଣାଟିଦ୍ୱାରା ସନ୍ଦୀପିତ କରି ଦେଖୁଥିଲା । ସତେ ଅବା ଏକ ସହଜାତ ପ୍ରବୃତ୍ତିଦ୍ୱାରା ପ୍ରେରିତ ହୋଇ ତାହା ଶିବକୁ ମଧ୍ୟ ସମଗ୍ରତଃ ସୁନ୍ଦର ବୋଲି ବିଚାର କରୁଥିଲା, ସତ୍ୟର ଏକ ପ୍ରତିଷ୍ଠା ବୋଲି ହିଁ ବିଚାରୁଥିଲା । ଖାସ୍ ଦର୍ଶନାଲୋଚନର କ୍ଷେତ୍ରରେ ମଧ୍ୟ ତାହା ପରମ ଐଶ୍ୱର୍ଯ୍ୟସତ୍ତାକୁ ପରମ ସୌନ୍ଦର୍ଯ୍ୟରୂପେ କଳ୍ପନା କରିବାରେ ସାଫଲ୍ୟ ଅର୍ଜନ କରିଥିଲା ; ଏହି କଳ୍ପନା ଓ ଏହି ସତ୍ୟଟିକୁ ତତ୍ତ୍ୱାନ୍ୱେଷୀ ବିଚାରକ ଅଧିକାଂଶତଃ ପାସୋରିପକାଇଥାଏ ଏବଂ ତଦ୍ୱାରା ଆପଣାର ବିଚାରକୁ ଅନେକ ପରିମାଣରେ ବଳହୀନ କରିପକାଏ । ଇତିହାସର ଏହି ମହତ୍ତ୍ୱପୂର୍ଣ୍ଣ ବିରୋଧିତାଟି ଯେତେ ଉଲ୍ଲେଖଯୋଗ୍ୟ ହେଲେହେଁ ଓ ଇଉରୋପୀୟ ସଂସ୍କୃତି ଉପରେ ତାହାର ପରିଣାମସବୁ ଯେତେ ଶକ୍ତିଶାଳୀ ହୋଇପଡ଼ିଥିଲେହେଁ ଆମକୁ ତାହାର ବାହ୍ୟ ପ୍ରକାଶକୁ ଛାଡ଼ି ଆହୁରି ଆଗକୁ ଯିବାକୁ ପଡ଼ିବ ଏବଂ ତେବେ ଯାଇ ଆମେ ଏହି ମନସ୍ତତ୍ତ୍ୱୀୟ ବିରୋଧଟିର ପ୍ରକୃତ ମୂଳଟିକୁ ବୁଝିବାଲାଗି ସମର୍ଥ ହୋଇପାରିବା ।

ଆଗରୁ ଯେପରି ସୂଚାଇ ଦିଆଯାଇସାରିଛି, ଉଚ୍ଚତର ଅର୍ଥାତ୍ ଅଧିକ ସୂକ୍ଷ୍ମ ମନୋଭୂମିଟିକୁ ଏକପ୍ରକାର ତ୍ରିକୋଣୀୟ ଭାବରେ ଦେଖାଇବାର ପ୍ରବୃତ୍ତିରୁ ହିଁ ଏହି ଦ୍ୱନ୍ଦ୍ୱଟିର ଜନ୍ମ ହୋଇଥାଏ । ଆମର ମନୋଗତ କ୍ଷେତ୍ରରେ ଇଚ୍ଛା, ଆଚରଣ ଏବଂ ଚରିତ୍ରର ଗୋଟିଏ ପାଖ ରହିଛି, ଯାହା କି ଆମ ଭିତରର ନୈତିକ ମଣିଷଟିକୁ ଗଠନ କରିଥାଏ । ଅନ୍ୟ ଦ୍ୱିତୀୟ ପାଖ ରହିଛି ଯାହା କି ସୌନ୍ଦର୍ଯ୍ୟ ଲାଗି ଏକ ଗ୍ରହଣଶୀଳତା ରଖିଥାଏ ଓ ଆମ ଭିତରେ କଳାନୁରାଗ ତଥା ସୌନ୍ଦର୍ଯ୍ୟବୋଧର ଉନ୍ମେଷ ଆଣି ଦେଇଥାଏ । ଏଠାରେ ସୌନ୍ଦର୍ଯ୍ୟ କହିଲାବେଳେ ତାହାର କୌଣସି ସଙ୍କୀର୍ଣ୍ଣ ଅଥବା ଅତି କଳାତ୍ମକ ଅର୍ଥରେ ଆଦୌ ବୁଝାଯାଉନାହିଁ । ତେଣୁ ଏହି କ୍ଷେତ୍ରରେ ଆମେ ପ୍ରଧାନତଃ ଅଥବା କେବଳ ଏକ ନୈତିକ ସଂସ୍କୃତିର ବେଶ୍ କଳ୍ପନା କରିପାରିବା ; ଏବଂ ଅନ୍ୟ ପକ୍ଷରେ ପ୍ରଧାନତଃ ଅଥବା କେବଳ ଏକ ସୌନ୍ଦର୍ଯ୍ୟବୋଧପ୍ରଧାନ ସଂସ୍କୃତିର ମଧ୍ୟ କଳ୍ପନା କରିପାରିବା । ଏହାଦ୍ୱାରା ଆମ ସମକ୍ଷରେ ତତ୍କ୍ଷଣାତ୍ ପରସ୍ପର ବିରୋଧୀ ଦୁଇଟି ଆଦର୍ଶ ଆସି ଠିଆହୋଇଯାଉଛି, ଯାହାକି ସ୍ୱଭାବତଃ ପରସ୍ପରବିରୋଧୀ ହୋଇ କାର୍ଯ୍ୟ କରିବାକୁ ବାଧ୍ୟ ହେବେ, ଏକ ପାରସ୍ପରିକ ଅବିଶ୍ୱାସ ଓ ଏପରିକି ପ୍ରତ୍ୟାଖ୍ୟାନପୂର୍ଣ୍ଣ ଦୃଷ୍ଟିରେ ପରସ୍ପର ଆଡ଼କୁ ସନ୍ଦିଗ୍ଧ ହୋଇ ଅନାଇରହିଥିବେ । ନୈତିକ ନିୟମ ଆଉ ଶାସନଗୁଡ଼ାକ କଥା ଶୁଣିବାମାତ୍ରକେ ହିଁ ସୌନ୍ଦର୍ଯ୍ୟବୋଧପ୍ରଧାନ ବ୍ୟକ୍ତି ଧୈର୍ଯ୍ୟ ହରାଇ ବସିବା ପରି ମନେହୁଏ, ତା'ର ସୌନ୍ଦର୍ଯ୍ୟବୋଧଗତ ମୁକ୍ତ ଜୀବନ ଲାଗି ସେ ଏହାକୁ ଏକ ପ୍ରତିବନ୍ଧକ ପରି ଅନୁଭବ କରେ, ତା'ର କଳାତ୍ମକ ବୋଧ ତଥା କଳାତ୍ମକ ବୃତ୍ତିର

'oaob.nitrkl.ac.in' images reprocessed

ସାବଲୀଳ କ୍ରିୟାଶୀଳତା ଉପରେ ଏହାକୁ ସେ ଗୋଟାଏ ଅତ୍ୟାଚାର ବୋଲି ଭାବେ । ସେ ଆପଣାର ଜୀବନ ଦୃଷ୍ଟିରେ ସ୍ୱଭାବତଃ ସୁଖବାଦୀ ହୋଇ ରହିଥାଏ; କାରଣ ସୌନ୍ଦର୍ଯ୍ୟ ଓ ଆନନ୍ଦ ପରସ୍ପରଠାରୁ ଅଭିନ୍ନ ଦୁଇଟି ସାମର୍ଥ୍ୟ; ଏବଂ ନୀତିଗତ ନିୟମଗୁଡ଼ାକ ସବୁବେଳେ ଅବା ସୁଖକୁ ଗୋଡ଼ରେ ଦଳିଦେବାକୁ ଚାହୁଁଥାଏ, ଏପରିକି ଅନେକ ସମୟରେ ପ୍ରାୟ ନିର୍ଦ୍ଦୋଷ ସୁଖ ଓ ଆନନ୍ଦକୁ ବି ଗୋଡ଼ରେ ମାଡ଼ିଦେବାକୁ ବସେ ଏବଂ ଆନନ୍ଦ ଲାଗି ମନୁଷ୍ୟ ଭିତରେ ଯେଉଁ ଆବେଗ ରହିଛି, ତାକୁ ବାନ୍ଧିବାନ୍ଧି ଆୟତ୍ତ କରି ରଖିବା ଲାଗି ଚେଷ୍ଟା କରୁଥାଏ । ନୀତିଗତ ନିୟମ ଯେତେବେଳେ ଅବା ସୌନ୍ଦର୍ଯ୍ୟକୁ ଅବଲମ୍ବନ କରେ, ସେତେବେଳେ ସେ କେବଳ ସେଇଟିକୁ ଗ୍ରହଣ କରିବାଲାଗି ଇଚ୍ଛୁକ ହୁଏ ଏବଂ ଏପରିକି ତାହାକୁ ସୌନ୍ଦର୍ଯ୍ୟସୃଷ୍ଟିର ଏକ ସାଧନରୂପେ ବ୍ୟବହାର କରିବାକୁ ଆଗ୍ରହୀ ହୋଇଯାଏ । ମାତ୍ର କେବଳ ଯେତେବେଳେ ସେ ଏଇଟିକୁ ଆପଣା ସ୍ୱଭାବର ସୌନ୍ଦର୍ଯ୍ୟ-ବୋଧଗତ ତତ୍ତ୍ୱଟିର ଅଧୀନ ଓ ପରିକର କରି ରଖିପାରେ, ସେତିକିବେଳେ ଯାଇ ତାହା ସେପରି କରିବା ଲାଗି ପ୍ରବୃତ୍ତ ହୋଇଥାଏ । ଠିକ୍ ଯେପରି ସୌନ୍ଦର୍ଯ୍ୟ, ଆଡ଼ମ୍ବର, ଆଡ଼ମ୍ବରମୟ ଧର୍ମବିଧି, ସଂବେଗଗତ ପରିତୃପ୍ତି ବା ପ୍ରଶମନ ତଥା କବିତ୍ୱବାସନା ଆଦର୍ଶ ତଥା ଅନୁପ୍ରେରଣାର ପାର୍ଶ୍ୱଦ୍ୱାର ଦେଇ ସେ ଧର୍ମଆଡ଼କୁ ଆକୃଷ୍ଟ ହୋଇଥାଏ, ଏଠାରେ ମଧ୍ୟ ସେହିପରି ଘଟେ । ଆମେ ପ୍ରାୟ ଏ କଥା ମଧ୍ୟ କହିଦେଇପାରିବା ଯେ ସେ ଧର୍ମର ସୁଖ ଓ ଆନନ୍ଦକାମୀ ଦିଗଟି ଦ୍ୱାରା ଆକୃଷ୍ଟ ହୋଇ ହିଁ ଧର୍ମରେ ପ୍ରବେଶ କରିବାକୁ ମନ ବଳାଇଥାଏ । ଏପରିକି ସେ ସେଗୁଡ଼ିକୁ ଯେତେବେଳେ ପୁରାପୂରି ଗ୍ରହଣ କରିନେଇଥାଏ, ସେତେବେଳେ ମଧ୍ୟ ସେ ସେଗୁଡ଼ିକ ଲାଗି ହିଁ ସେଗୁଡ଼ିକୁ କଦାପି ଗ୍ରହଣ କରି ନ ଥାଏ । ତେଣେ ନୀତି ଓ ନୈତିକତାପ୍ରବଣ ମଣିଷଟି ମଧ୍ୟ ଏହି ସ୍ୱାଭାବିକ ଅରୁଚିଟାକୁ ସୁଧ ସହିତ ପରିଶୋଧ କରେ । ଯାବତୀୟ କଳା ତଥା ସୌନ୍ଦର୍ଯ୍ୟବୋଧକୁ ସେ ସବୁବେଳେ ଅବା କୌଣସି ସଂଯମବର୍ଜିତ ଓ ଜୀବନର ସକଳ ଦୃଢ଼ତାକୁ କୋମଳ କରିପକାଉଥିବା ଏକ ଅନିଷ୍ଟ ବୋଲି ଭାବି ଅବିଶ୍ୱାସ କରୁଥାଏ; ସେ ତାହାକୁ ଏପରି ଏକ ପଦାର୍ଥ ବୋଲି ଭାବୁଥାଏ ଯେଉଁଥିରେ କି ସ୍ୱଭାବତଃ ଶୃଙ୍ଖଳାଲାଗି କୌଣସି ସ୍ଥାନ ନାହିଁ ଏବଂ ଯାହା ଆମର କାମନା ଏବଂ ସଂବେଗଗୁଡ଼ିକୁ ଆକୃଷ୍ଟ ଓ ମୋହିତ କରିପକାଇ ଉଚ୍ଚ ଓ କଠୋର ଆତ୍ମସଂଯମର ଶକ୍ତିକୁ ମଧ୍ୟ ବିଚଳିତ ଓ ବିନଷ୍ଟ କରିଦେବାକୁ ଆସେ । ସେ ଏହାକୁ କେବଳ ଗୋଟାଏ ସୁଖକାମୀ ପ୍ରବୃତ୍ତି ବୋଲି ହିଁ ଜାଣେ; ଏବଂ ଜୀବନର ସୁଖକାମୀ ଆବେଗଟିକୁ ସର୍ବଦା ନୈତିକତାଶୂନ୍ୟ ଏବଂ ଏମିତି କି ଅନୈତିକ ବୋଲି ମଧ୍ୟ ସେ ଭାବି-ଥାଏ । ଅତ୍ୟନ୍ତ ସଂକୀର୍ଣ୍ଣ ଏବଂ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ଅତି ସହୃଦୟତାରେ ପରିବ୍ୟାପ୍ତ ହୋଇ ରହିଥିବା କେବଳ ଏକ ସୌନ୍ଦର୍ଯ୍ୟବୋଧୀ ଆବେଗ ବ୍ୟତୀତ ସୌନ୍ଦର୍ଯ୍ୟବୋଧ ଆଡ଼କୁ ପ୍ରବୃତ୍ତ ହୋଇ ରହିଲେ ତାହାକୁ ସେ କିପରି ସଙ୍ଗୀତ ଭାବରେ ଏକ କଠୋର ନୀତିମୟ ଜୀବନ ସହିତ ସମ୍ମିଳିତ କରି ରଖିହେବ, ସେଇଆଟିକୁ ବୁଝିବା ଲାଗି ତାକୁ ପ୍ରକୃତରେ କଷ୍ଟକର ବୋଧ ହୁଏ । ଏହିପରି ଭାବରେ ତାହାର ଭିତରୁ କ୍ରମେ ଏକ

ଅନମନୀୟ ନୀତିବାଦୀର ସୃଷ୍ଟି ହୋଇଥାଏ ଯେ କି ନୀତି ଦୃଷ୍ଟିରୁ ହିଁ ସୁଖ ଓ ସୁଖ କାମନାର ନିନ୍ଦା କରିବାକୁ ଲାଗେ । କେବଳ ଆପଣାର କେତେକ ଅତିଶଯ୍ୟତାର ମୁହୂର୍ତ୍ତରେ ନୁହେଁ, ମାତ୍ର ଆପଣା ସ୍ୱଭାବଦୃଷ୍ଟିର ମଞ୍ଜି ଭିତରେ ମଧ୍ୟ ସେ ମୂଳତଃ ଏକ ନୀତିବାଦୀ ହୋଇ ରହେ । ଅବଶ୍ୟ ଏ କଥା ମଧ୍ୟ ସତ ଯେ ଜୀବନର କୌଣସି ଏକ ଆବେଗ ଅନ୍ୟ ଆବେଗଗୁଡ଼ିକ ଉପରେ ପ୍ରାଧାନ୍ୟ ଜମାଇ ରହିଲେ ତାହା କ୍ରମେ ସମ୍ପୂର୍ଣ୍ଣ ଆବେଗମୟ ଜୀବନଟିକୁ ଭେଦକରି ରହେ ଏବଂ ନାନା ଅତିଶଯ୍ୟତା ଆଡ଼କୁ ଗତି କରିବାକୁ ଆରମ୍ଭ କରେ । ଆମ ପ୍ରକୃତିର ଏହି ଦୁଇଟି ଦିଗ ମଧ୍ୟରେ ଏହିପରି ଯେଉଁ ଭୁଲ ବୁଝିବା ଓ ଭ୍ରମ ରହିଛି, ତାହା ଆମ ବିକାଶର ମାନବୀୟ ଗତିଟିରୁ ହିଁ ଏକ ଅନିବାର୍ଯ୍ୟ ପରିବେଶରୂପେ ସୃଷ୍ଟି ହୋଇଛି । ଆମ ବିକାଶରେ ଏହି ଗତିଟି ସ୍ୱଭାବତଃ ଏଗୁଡ଼ିକୁ ତାହାର ସ୍ୱତନ୍ତ୍ର ପରିପୂର୍ଣ୍ଣତମ ସମ୍ଭାବନା ଦେଇ ପରୀକ୍ଷା କରି ଦେଖିବାକୁ ବାଧ୍ୟ ହେଉଛି ଏବଂ ପ୍ରତ୍ୟେକଟି ମଧ୍ୟରେ ରହିଥିବା ସାମର୍ଥ୍ୟଟିର ପୂର୍ଣ୍ଣ ପରିସରଟିକୁ ବୁଝିପାରିବା-ଲାଗି ତାହା ସେଗୁଡ଼ିକର ଅତିଶଯ୍ୟତାକୁ ମଧ୍ୟ ପ୍ରୟୋଗ କରି ଦେଖିବାରେ ଲାଗିଛି ।

ସମାଜ ବ୍ୟକ୍ତିର କେବଳ ଏକ ସମ୍ପ୍ରସାରିତ ରୂପ ; ତେଣୁ ବ୍ୟକ୍ତିସ୍ତରରେ ରୁଚି ତଥା ଦୃଷ୍ଟିର କ୍ଷେତ୍ରରେ ଏହି ଯେଉଁ ଦ୍ୱନ୍ଦ୍ୱ ଓ ବିରୋଧଟି ରହିଛି, ସମାଜ ତଥା ଜାତିର ସ୍ତରରେ ମଧ୍ୟ କୃଷ୍ଟି ତଥା ରୁଚିକ୍ଷେତ୍ରରେ ଏକ ଅନୁରୂପ ବିରୋଧର ପୁନରାବୃତ୍ତି ଦେଖିବାକୁ ମିଳୁଛି । ସାମାଜିକ ଯେଉଁ ସୂତ୍ରଗୁଡ଼ିକ ପ୍ରକୃତରେ ଏହିସବୁ ପ୍ରବୃତ୍ତିର ପ୍ରତିନିଧିତ୍ୱ କରୁନାହାନ୍ତି, ମାତ୍ର କେବଳ ତାହାର ଗୋଟିଏ ଗୋଟିଏ ଦୂଷିତ ସଂସ୍କରଣ, ବିକୃତ ଅଥବା ବିଭ୍ରାନ୍ତିକର ଅନୁକୃତି ହୋଇ ରହିଛନ୍ତି, ସର୍ବୋତ୍ତମ ଦୃଷ୍ଟାନ୍ତ ଖୋଜିବାକୁ ଯାଇ ଆମକୁ କଦାପି ସେଗୁଡ଼ିକ ପାଖକୁ ଯିବାକୁ ପଡ଼ିବ ନାହିଁ । ଏକ ସଂକୀର୍ଣ୍ଣ, ଅନୁଭୂତିଶୂନ୍ୟ ଓ ପରମ୍ପରାଗତ ଧର୍ମନିଷ୍ଠତାକୁ ଅବଲମ୍ବନ କରି ମଧ୍ୟବିତ୍ତ ବର୍ଗର ଯେଉଁ ନୀତିବାଦ ଊନବିଂଶ ଶତାବ୍ଦୀର ଇଂଲଣ୍ଡରେ ନୀତିମୁହାଁ ହେବାର ପ୍ରବୃତ୍ତି ଦେଖାଇଥିଲା ଓ ସେହି କାଳଟିରେ ଏତେ ମହତ୍ତ୍ୱପୂର୍ଣ୍ଣ ଏକ ଉପାଦାନ ହୋଇ ରହିଥିଲା, ଆମେ ଏଠାରେ ତାହାକୁ ଦୃଷ୍ଟାନ୍ତରୂପେ ଆଲୋଚନା କରିବା ନାହିଁ । ତାହାକୁ ପ୍ରକୃତରେ ଏକ ନୀତିପ୍ରଧାନ ସଂସ୍କୃତି ବୋଲି କଦାପି କହିହେବ ନାହିଁ, ତାହାକୁ ଏକ ବୁର୍ଜୁଆ ସମ୍ମାନସଚେତନତାର ସାଧାରଣ ପ୍ରକାରଟିରୁ କେବଳ ଏକ ପୃଥକ୍ ପ୍ରକରଣ ବୋଲି କୁହାଯିବ, ଯାହାକି ସଭ୍ୟତାର ଏକ ବିଶେଷ ପର୍ଯ୍ୟାୟରେ ଆମକୁ ସର୍ବତ୍ର ଦେଖିବାକୁ ମିଳିପାରିବ । ତେଣୁ ଇଂଲଣ୍ଡର ସେହି କାଳଟିକୁ ଆମେ ଏକ ଶୁଦ୍ଧ ଓ ଅମିଶ୍ରିତ ସଭ୍ୟତାକ୍ଷେତ୍ରର କାଳ ବୋଲି ବେଶ୍ କହିପାରିବା । ପୁଣି ସୌନ୍ଦର୍ଯ୍ୟବୋଧପ୍ରଧାନ ପ୍ରବୃତ୍ତିଟିର ଉଦାହରଣ ଦେବାକୁ ଯାଇ ଆମେ କୌଣସି ବୋହେମୀୟ ସମାଜ, ରାଜତନ୍ତ୍ରର ପୁନଃପ୍ରତିଷ୍ଠା ପରେ ଇଂଲଣ୍ଡ କିମ୍ବା ଆପଣା ସଂକ୍ଷିପ୍ତ ଇତିହାସର କେତେକ ପର୍ଯ୍ୟାୟକାଳୀନ ପାରିସ୍‌କୁ ମଧ୍ୟ ଦୃଷ୍ଟାନ୍ତରୂପେ ଗ୍ରହଣ

'oaob.nitrkl.ac.in' images reprocessed

କଲେ ତାହା ମଧ୍ୟ ଯଥାର୍ଥ ହେବ ନାହିଁ । କାରଣ ଆପଣାର କେତେକ ଛଳନାରେ ତାହା ଯେପରି ଦେଖାଯାଉଥାଉ ପଛକେ, ନୈତିକତାର ଯାବତୀୟ ପାରମ୍ପରିକ ବନ୍ଧନକୁ ଛିଣ୍ଡାଇ ମୁକ୍ତିଲାଭ କରିଥିବା ଇନ୍ଦ୍ରିୟନିଷ୍ଠ ତଥା ଇନ୍ଦ୍ରିୟପ୍ରବଣ ଜଣେ ସାଧାରଣ ମନୁଷ୍ୟର ଭୋଗାସକ୍ତତାକୁ ହିଁ ତାହା ସବୁବେଳେ ଆପଣାର ସର୍ବମୂଳ ଧର୍ମ ବୋଲି ଗ୍ରହଣ କରିଥିଲା ଏବଂ କେବଳ ଉପରିସ୍ଥଗତ ଏକ ବୁଦ୍ଧିସର୍ବସ୍ୱତା ଓ ସୌନ୍ଦର୍ଯ୍ୟପ୍ରବୃତ୍ତି ହିଁ ତାକୁ ପରମ୍ପରାର ବନ୍ଧନ ଛିନ୍ନ କରିବାର ପ୍ରେରଣା ଦେଇଥିଲା । ଏପରିକି ଆମେ ପିଉରିଟାନ୍ ଇଂଲଣ୍ଡକୁ ମଧ୍ୟ ନୀତିପ୍ରଧାନତାର ଏକ ଦୃଷ୍ଟାନ୍ତରୂପେ ବିଚାର କରିପାରିବା ନାହିଁ ; କାରଣ ସେତେବେଳେ ସେଠାରେ କଠୋରତା ଏବଂ ଅତିଶୟ ଗୁରୁତ୍ୱାରୋପ ସହିତ ଚରିତ୍ର ତଥା ନୈତିକସତ୍ତାର ଅନୁଶୀଳନ କରାଯାଉଥିଲା ସତ, ମାତ୍ର ଧର୍ମ ଓ ଧାର୍ମିକତା ହିଁ ସର୍ବନିୟନ୍ତ୍ରଣକାରୀ ଆବେଗ ହୋଇରହିଥିଲା ; ଏବଂ ଧର୍ମ ଓ ଧାର୍ମିକତାର ଆବେଗଟି ଆମର ଆଶୟଗତ ଯାବତୀୟ ପ୍ରବୃତ୍ତିକୁ ପ୍ରଭାବାନ୍ୱିତ କରି ରଖୁଥିଲେ ମଧ୍ୟ ତାହା ସେଗୁଡ଼ିକଠାରୁ ଏକ ସ୍ୱତନ୍ତ୍ର ଓ ଭିନ୍ନ ବସ୍ତୁ ଥିଲା । ଏହି ଆବେଗଟି ଅଟେ ଆପଣାର ଜନକରୂପେ କାର୍ଯ୍ୟ କରିଥାଏ, ଏବଂ ଆମେ ନିଶ୍ଚୟ ସ୍ୱତନ୍ତ୍ରଭାବରେ ଏହାର ବିଚାର କରିବା । ତେଣୁ ଅବିକଳ ଓ ଶୁଦ୍ଧଭାବରେ ନ ହେଲେ ମଧ୍ୟ ଏଥିଲାଗି ଏକ ପ୍ରକୃତ ଉଦାହରଣ ଖୋଜି ବାହାର କରିବାକୁ ହେଲେ ଆମକୁ କାଳର ପଶ୍ଚାତ୍‌ପଥରେ ଆହୁରି ଟିକିଏ ଆଗକୁ ଯିବାକୁ ପଡ଼ିବ ଏବଂ ପ୍ରଥମ ପର୍ଯ୍ୟାୟର ପ୍ରଜାତନ୍ତ୍ରଶାସିତ ରୋମ୍ ବା ଖାସ୍ ଗ୍ରୀସ୍‌ର ସ୍ପାର୍ଟା ସହିତ ପେରିକ୍ଲିସ୍‌ଙ୍କ ସମୟର ଏଥେନସ୍‌ର ତୁଳନା କରିବାକୁ ହେବ । କାରଣ କାଳର ପ୍ରବାହ ଉପରେ ବସି ଏହାର ବର୍ତ୍ତମାନ ବିବର୍ତ୍ତନ-ଚକ୍ରରେଖାଟି ଧରି ଆଗକୁ ଆଗକୁ ଆସିଲେ ଆମେ ଏ କଥାଟିର ପ୍ରମାଣ ଅବଶ୍ୟ ପାଇବା ଯେ ଆପଣା ଅତୀତର ସମୂହୀକୃତ ଅଭିଜ୍ଞତାକୁ ବହନ କରି ଅଗ୍ରସର ହେଉ ହେଉ ଏକ ସମଷ୍ଟି ହିସାବରେ ମନୁଷ୍ୟଜାତି କ୍ରମେ ଅଧିକରୁ ଅଧିକ ଜଟିଳ ହେବାକୁ ଆରମ୍ଭ କରିଛି ଏବଂ ଆଗକାଳର ସ୍ପଷ୍ଟ ଟାଇପ୍ ବା ନମୁନାଗୁଡ଼ିକ କ୍ରମେ ଅଦୃଶ୍ୟ ହୋଇଯାଇଛି କିମ୍ବା ଅତି ଆୟାସ ସହ ଓ ଅତ୍ୟନ୍ତ ସାମାନ୍ୟଭାବରେ ହିଁ ତାହାର ହୁଏତ ପୁନରାବୃତ୍ତି ହୋଇଛି ।

ପ୍ରଜାତନ୍ତ୍ରଶାସିତ ରୋମ୍, ବିଜିତ ଗ୍ରୀସ୍ ତାହାକୁ ସ୍ପର୍ଶ କରିବା ଓ ପରିଶେଷରେ ଆତ୍ମସାତ୍ କରିନେବା ପୂର୍ବରୁ, ଆମ ସମକ୍ଷରେ ମନୁଷ୍ୟ-ଇତିହାସର ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ ଘଟଣାଗୁଡ଼ିକ ମଧ୍ୟରେ ଏକ ଅନ୍ୟତମ ଦୃଷ୍ଟାନ୍ତରୂପେ ଦଣ୍ଡାୟମାନ ହୋଇ ରହିଛି । ମନୁଷ୍ୟ-ବିକାଶର ଦୃଷ୍ଟିକୋଣଟିରୁ ଏହା ଉଚ୍ଚ ଓ ବଳିଷ୍ଠ ଚରିତ୍ରଗଠନର ପ୍ରାୟ ଏକ ଅସାଧାରଣ ପ୍ରୟୋଗ ହିସାବରେ ଅଧିଷ୍ଠିତ ହୋଇ ରହିଛି ; ମାତ୍ର ତେଣେ ସୌନ୍ଦର୍ଯ୍ୟର ବୋଧ ଚରିତ୍ର ମଧ୍ୟରେ ଯେଉଁ ମଧୁରତାର ସଞ୍ଚାର କରିଥାଏ ଏବଂ ବୁଦ୍ଧିଗତ ବିବେଚନାର କ୍ରିୟାଶୀଳତା ସେଥିରେ ଯେଉଁ ଆଲୋକସମ୍ପାତ ଘଟାଇଥାଏ, ତାହା

'oaob.nitrkl.ac.in' images reprocessed

ସେଗୁଡ଼ିକରୁ ଯଥାସମ୍ଭବ ବର୍ଜିତ ହୋଇ ରହିଥିଲା ଓ ଧର୍ମଗତ ଭାବଦୃଷ୍ଟିର କୌଣସି ପ୍ରେରଣା ତାହାଭିତରେ ଆଦୌ ପ୍ରବେଶ କରିପାରି ନ ଥିଲା । କାରଣ ପ୍ରଥମ ଯୁଗର ରୋମାନ୍ ଧର୍ମ କେବଳ ଏକ ଅନ୍ଧବିଶ୍ୱାସରେ ହିଁ ପର୍ଯ୍ୟବସିତ ହୋଇ ରହିଥିଲା, କେବଳ ଉପରିଭାଗୀୟ ଏକ ଧାର୍ମିକତା ବ୍ୟତୀତ ଏଥିରେ ଆଉ ଅନ୍ୟ କିଛି ନ ଥିଲା, ଏବଂ ଧର୍ମଭାବ ବା ଧର୍ମଗତତା କହିଲେ, ପ୍ରକୃତରେ ଯାହା ବୁଝାଏ, ଏଥିରେ ସେସବୁ ଲାଗି କୌଣସି ସ୍ଥାନ ନ ଥିଲା । ରୋମକୁ ଆମେ ମନୁଷ୍ୟ-ଇଚ୍ଛାର ସେହିଭଳି ଏକ ପ୍ରତୀକ ବୋଲି କହିବା ଯାହାକି ଆପଣାର ଶକ୍ତିବଳରେ ଏକ ନିର୍ଦ୍ଦିଷ୍ଟ ନୀତିଗତ ଆଦର୍ଶ କଳ୍ପନାକୁ ଆୟତ୍ତ କରିବା ଉଦ୍ଦେଶ୍ୟରେ ସଂବେଗମୟ ତଥା ଇନ୍ଦ୍ରିୟଗତ ମନକୁ ବଳପୂର୍ବକ ବଶ କରି ରଖିଥିଲା, ତାହାକୁ ଶୃଙ୍ଖଳାଦ୍ୱାରା ବାନ୍ଧି ରଖିଥିଲା । ଏବଂ ଆପଣାର ଶକ୍ତିବଳରେ ସେ ଏହି କ୍ଷେତ୍ରରେ ଯେଉଁ ସାଫଲ୍ୟ ହାସଲ କଲା, ତାହା ପ୍ରଜାତନ୍ତ୍ରଶାସିତ ରୋମ୍‌କୁ ପରିପାର୍ଶ୍ୱସ୍ଥ ପୃଥିବୀଟି ଉପରେ ପ୍ରଭୁରୂପେ ପ୍ରତିଷ୍ଠିତ ହେବାର ତଥା ଅନ୍ୟ ଜାତିମାନଙ୍କ ଉପରେ ଆପଣାର ଶାସନ ଓ ବିଧାନଟିକୁ ଲଦିଦେଇ-ପାରିବାର ସାମର୍ଥ୍ୟ ମଧ୍ୟ ଆଣି ଦେଇଥିଲା । ସର୍ବୋଚ୍ଚ କ୍ଷମତାଶାଳୀ ଯେତେସବୁ ଜାତି ଆପଣାର ସାମ୍ରାଜ୍ୟ ବିସ୍ତାର କରିବାରେ ସଫଳତା ଲାଭ କରିଛନ୍ତି, ସେମାନଙ୍କର ସଂସ୍କୃତିରେ ହେଉ ଅଥବା ସେମାନଙ୍କର ସ୍ୱଭାବ ଭିତରେ ହେଉ, ସେମାନଙ୍କର ପରିଣତି କାଳରେ ହେଉ କିମ୍ବା ପରବର୍ତ୍ତୀ ବିସ୍ତାରକାଳଟିରେ ହେଉ, ସେମାନଙ୍କ ଭିତରେ ଏହି ଇଚ୍ଛାଶକ୍ତି ବା ଚରିତ୍ରଶକ୍ତି ହିଁ ସେମାନଙ୍କର ସର୍ବପ୍ରଧାନ ଶକ୍ତିରୂପେ ବିକଶିତ ହୋଇଛି ; ସେମାନଙ୍କ ଭିତରେ ଆତ୍ମସଂଯମ ଏବଂ ଆତ୍ମପ୍ରଭୁତ୍ୱର ସେହି ଆବେଗଟି ସର୍ବନିୟାମକ ହୋଇ ରହିଛି ଏବଂ ସେମାନଙ୍କର ନୀତିଗତ ପ୍ରବୃତ୍ତିଟିରେ ମୂଳ ଭିତ୍ତିରୂପେ କାର୍ଯ୍ୟ କରିଆସିଛି । ନୀତିପ୍ରଧାନ ଅନ୍ୟାନ୍ୟ ସଭ୍ୟତାଗୁଡ଼ିକ ପରି ରୋମ୍ ଓ ସ୍ପାର୍ଟାର ସଭ୍ୟତା ଭିତରେ ମଧ୍ୟ ନୈତିକ ସ୍ୱକୀୟ କେତେ କେତେ ଅଭାବ ଅବଶ୍ୟ ରହିଥିଲା ; ଯେଉଁସବୁ ସଂସ୍କାର ଘୋର ନୈତିକତାହୀନ, ରୋମ୍ ଏବଂ ସ୍ପାର୍ଟାରେ ସେଗୁଡ଼ିକୁ ବେଶ୍ ସହଜ କରିନିଆଯାଉଥିଲା, ଏବଂ ଜାଣିଶୁଣି ଉତ୍ସାହିତ ବି କରାଯାଉଥିଲା । ନୈତିକ ଚରିତ୍ରର ସେହି ଅଧିକ କୋମଳ ଓ କମନୀୟ ଦିଗଟିକୁ ବିକଶିତ କରାଇବାରେ ସେମାନେ ଆଦୌ ସଫଳ ହୋଇ ନ ଥିଲେ । ମାତ୍ର ଏଗୁଡ଼ାକୁ ଆମେ ଅସଲ ମହତ୍ତ୍ୱର ବିଷୟ ବୋଲି କଦାପି କହିବା ନାହିଁ । କାରଣ ଏହି କ୍ଷେତ୍ରରେ ମଣିଷ ଭିତରେ ଥିବା ନୀତିଗତ ଧାରଣା ବଦଳିଯାଉଥାଏ ବା ଆପଣାର ପରିସରଟିକୁ ଅଧିକ ବିସ୍ତୀର୍ଣ୍ଣ କରିଦେଉଥାଏ ସତ, ମାତ୍ର ଯଥାର୍ଥ ନୀତିଗତ ସତ୍ତାର ମର୍ମଗତ ମୂଳ ପ୍ରେରଣାଟି ସେହିପରି ଅପରିବର୍ତ୍ତିତ ରହିଥାଏ ; ଇଚ୍ଛାଶକ୍ତି, ଚରିତ୍ର, ଆତ୍ମସଂଯମ ଓ ଆତ୍ମପ୍ରଭୁତ୍ୱକୁ ହିଁ ତାହା ଦୃଢ଼ ଭାବରେ ଅବଲମ୍ବନ କରି ରହିଥାଏ ।

ପଛକୁ ଅନାଇ ଏଥର କେତୋଟି ପ୍ରଧାନ ପ୍ରଧାନ ଦୃଷ୍ଟାନ୍ତ ଉପରେ ଦୃଷ୍ଟିପାତ କରିବା ମାତ୍ରକେ ହିଁ ଏହି ବ୍ୟବସ୍ଥାଟିର ସୀମାବଦ୍ଧତା ଓ ଦୋଷଗୁଡ଼ିକ ତତ୍କ୍ଷଣାତ୍

'oaob.nitrkl.ac.in' images reprocessed

ଦୃଷ୍ଟିଗୋଚର ହୋଇଥାଏ । ସେହି ପ୍ରଥମ ପର୍ଯ୍ୟାୟର ରୋମ୍ ଓ ସ୍ପାର୍ଟାରେ ଦାର୍ଶନିକ ବିଚାର, କଳାସାଧନା, କାବ୍ୟ ଓ ସାହିତ୍ୟର ଭୂମିଗୁଡ଼ିକ ପ୍ରାୟ ବନ୍ଧ୍ୟା ହୋଇ ପଡ଼ିଥିଲା ; ସେଠାରେ ଉଚ୍ଚତର ମନୋଗତ ଜୀବନର କୌଣସି କର୍ଷଣ ହେଉ ନ ଥିଲା ଅଥବା ମାନବୀୟ ଅସ୍ତିତ୍ୱର ଯାବତୀୟ ଭୋଗ ତଥା ସୁଖ ଅପ୍ରାପ୍ୟ ହୋଇ ରହିଥିଲା । ବଞ୍ଚିବାର ଯାବତୀୟ ଆନନ୍ଦ ଜୀବନଧାରଣର କଳାସୂତ୍ରଟି ମଧ୍ୟରୁ ବହିଷ୍କୃତ ହୋଇ ରହିଥିଲା ଅଥବା ସେଥିଲାଗି ଆଦୌ କୌଣସି ପ୍ରୋତ୍ସାହନ ଦିଆଯାଉ ନ ଥିଲା । ସବୁଆଡ଼କୁ ଆଖି ବୁଜିଦେଇଥିବା ଓ ଅନ୍ୟ ଯାବତୀୟ କଥାକୁ ଆପଣା ଭିତରୁ ବହିଷ୍କୃତ କରି ରଖିଥିବା ମଣିଷଙ୍କ ପରି ସେମାନେ ସକଳପ୍ରକାର ମୁକ୍ତ ଓ ନମନୀୟ ବିଚାର ତଥା ସୌନ୍ଦର୍ଯ୍ୟବୋଧଗତ ଆବେଗ ପ୍ରତି ସର୍ବଦା ଏକ ଅବିଶ୍ୱାସୀ ଭାବ ପୋଷଣ କରୁଥିଲେ । ପ୍ରଜାତନ୍ତ୍ରଶାସିତ ରୋମ୍‌ର ପ୍ରଥମ ପର୍ଯ୍ୟାୟଟିରେ ଆକ୍ରମଣକାରୀ ଗ୍ରୀକ୍ ପ୍ରଭାବଗୁଡ଼ିକୁ ଯଥାସମ୍ଭବ ଦୂରରେ ରଖିବାକୁ ଚେଷ୍ଟା କରାଯାଉଥିଲା । ସେତେବେଳେ ଗ୍ରୀକ୍ ଶିକ୍ଷାଦାତା-ମାନଙ୍କର ଶିକ୍ଷାଳୟଗୁଡ଼ିକୁ ବନ୍ଦକରିଦିଆଗଲା, ଦାର୍ଶନିକମାନଙ୍କୁ ଦେଶରୁ ବାହାର କରିଦିଆଗଲା ଏବଂ ରୋମ୍‌ର ପରମ୍ପରାରେ ପକ୍‌କା ହୋଇ ଜୁଆ ହୋଇଥିବା ତନ୍ତ୍ରାସମ୍ପନ୍ନ ବ୍ୟକ୍ତିମାନେ ଗ୍ରୀକ୍‌ଭାଷାକୁ ଏକ ବିନାଶକାରୀ ଆତଙ୍କ ପରି ଦେଖୁଥିଲେ ଏବଂ ଗ୍ରୀକ ସଂସ୍କୃତିକୁ ଏକ ଘୃଣ୍ୟ ବିଲାସିତା ବୋଲି ଅନୁଭବ କରୁଥିଲେ । ସତେଅବା ଦ୍ୱାରଦେଶରେ ଏକ ଶତ୍ରୁ ଆସି ଉପସ୍ଥିତ ହୋଇଛି, ଅନ୍ତଃପ୍ରେରଣତଭାବରେ ସେମାନେ ସେହିପରି ଅନୁଭବ କରୁଥିଲେ ଏବଂ ସେହି ବିନାଶକାରୀ ବୈରୀଶକ୍ତି ଯେ ସେମାନଙ୍କର ଜୀବନାଚରଣର ସର୍ବମୂଳ ଦୃଷ୍ଟି ଓ ନୀତିଟିର ବେକ ମୋଡ଼ିଦେବାକୁ ଆସିଛି, ସେମାନେ ସର୍ବଦା ଏହିଭଳି ଏକ ପ୍ରମାଦ ଗଣୁଥିଲେ । ଭୌଗୋଳିକ ଦୃଷ୍ଟିରୁ ସ୍ପାର୍ଟା ଗ୍ରୀସ୍‌ର ଗୋଟିଏ ସହର ହୋଇ ଅବସ୍ଥିତ ଥିଲା ସତ, ମାତ୍ର କେବଳ ଗୋଟାଏ ପ୍ରକାରର ସମର-ସଙ୍ଗୀତ ଓ ସମର-କାବ୍ୟକୁ ହିଁ ତାହା ଆପଣାର ନୈତିକ ଶିକ୍ଷଣକ୍ରମର ଯୋଜନା ଭିତରେ ପ୍ରାୟ ଏକମାତ୍ର ସୌନ୍ଦର୍ଯ୍ୟବୋଧଗତ ଉପାଦାନ କରି ରଖିଥିଲା । ଏବଂ ଯେତେବେଳେ ତା'ର ଜଣେ ସମରକବିର ଆବଶ୍ୟକତା ପଡ଼ିଲା, ସେତେବେଳେ ମଧ୍ୟ ସ୍ପାର୍ଟାକୁ ସେଥିଲାଗି ଜଣେ ଏଥେନ୍ସବାସୀଙ୍କୁ ହିଁ ମଗାଇକରି ଆଣିବାକୁ ହୋଇଥିଲା । ଏଥେନ୍ସର ଉଦାର ଓ ସୌନ୍ଦର୍ଯ୍ୟାଭିଳାଷୀ ମନ ଉପରେ ମଧ୍ୟ ଏହି ମଜ୍ଜାଗତ ଅବିଶ୍ୱାସଟିର କପରି ପ୍ରତିକ୍ରିୟା ପଡ଼ିଥିଲା, ପ୍ଳେଟୋଙ୍କର ଭବିଷ୍ୟକଳ୍ପନାମୟ ବିଚାରରେ ମଧ୍ୟ ଆମେ ତାହାର ଏକ ବିଚିତ୍ର ଦୃଷ୍ଟାନ୍ତ ଦେଖିବାକୁ ପାଇବା । ଆପଣାର 'ରିପବ୍ଲିକ୍' ଗ୍ରନ୍ଥଟିରେ ପ୍ଲେଟୋ ପ୍ରଥମେ କବିମାନଙ୍କୁ ନିନ୍ଦିତ କରି ଦେଖାଇବାକୁ ବାଧ୍ୟ ହୋଇଛନ୍ତି ଓ ତା'ପରେ ଆପଣାର ଆଦର୍ଶ ନଗରବ୍ୟବସ୍ଥାଟି ଭିତରୁ କବିମାନଙ୍କୁ ନିର୍ବାସିତ କରି ରଖିଛନ୍ତି । ଆପଣାକୁ କେବଳ ନୀତିଗତତାର ବାଡ଼ ଭିତରେ ବାନ୍ଧିକରି ରଖିଥିବା ଏହି ସଂସ୍କୃତିଗୁଡ଼ିକୁ ଶେଷରେ ଯେଉଁଭଳି ପରିଣାମ ଭୋଗିବାକୁ ପଡ଼ିଲା ଓ ଯେଉଁପରିଭାବରେ ଏମାନଙ୍କର ବିଲୟ ଘଟିଲା, ତାହା ହିଁ ଆମକୁ ସେଗୁଡ଼ିକର

'oaob.nitrkl.ac.in' images reprocessed

ଅଭାବ ଓ ଅପୂର୍ଣ୍ଣତା ବିଷୟରେ ସ୍ପଷ୍ଟ ସାକ୍ଷ୍ୟ ଦେଇଯାଉଛି । ଦୁଇଏକ ସ୍ପାର୍ଟା ପରି ସେଗୁଡ଼ିକ ଆପଣାର ଆକୃତିକୁ ଯେତିକି ଏକାବେଳେକେ ବନ୍ଦୀସ୍ଥ ହୋଇଯାଇଛନ୍ତି ଓ ଭବିଷ୍ୟତ ସେମାନଙ୍କ ଲାଗି କୌଣସି ଆକର୍ଷଣ ଅନୁଭବ କରିବା ଅଥବ ସେମାନଙ୍କଠାରୁ କୌଣସିପ୍ରକାରେ ଲାଭବାନ୍ ହେବ, ସେଥିନିମନ୍ତେ ସେମାନେ ଆପଣା ପଛରେ ଆଦୌ କିଛି ରଖିଯାଇନାହାନ୍ତି ବା ନତ୍‌ସାମାନ୍ୟ କିଛି ରଖିଯାଇଛନ୍ତି, ଅଥବା ସ୍ୱାଭାବିକ ମନୁଷ୍ୟର ଜଟିଳ ବହୁମିଶ୍ର ପ୍ରକୃତିଟି ଏକ ଅସ୍ୱାଭାବିକ ସୀମାଙ୍କନ ଓ ତାହାର ଦମନପ୍ରବୃତ୍ତିଟି ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଛି ଓ ଫଳରେ ସେହି ବ୍ୟବସ୍ଥାଟି ଭାଙ୍ଗି ଚୁରମାର ହୋଇଯାଇଛି । ଠିକ୍ ଏହିପରି ଭାବରେ ହିଁ ପ୍ରଥମକାଳୀନ ରୋମ୍-ସଭ୍ୟତାଟି ଭାଙ୍ଗିପଡ଼ିଥିଲା ଏବଂ ପ୍ରଜାତନ୍ତ୍ରଶାସିତ ତଥା ସାମ୍ରାଜ୍ୟବିସ୍ତାରୀ ପରବର୍ତ୍ତୀ ରୋମ୍‌ର ଅହଂପ୍ରଧାନ ଓ ଅନେକ ସମୟରେ ଏକ ଅନ୍ଧ ବ୍ୟଭିଚାରର ଏକ ଉଚ୍ଛୃଙ୍ଖଳତାକୁ ବାଟ ଛାଡ଼ିଦେଇଥିଲା । ସ୍ୱାଭାବିକ ମଣିଷମନ ବିସ୍ତାର କରିବାକୁ ଚାହେଁ, ଅନୁଭବ କରିବାକୁ ଚାହେଁ, ଉପଭୋଗ କରିବାକୁ ଚାହେଁ, ଆପଣାକୁ ପ୍ରସାରିତ ବ କରିବାକୁ ଚାହୁଁଥାଏ । ପ୍ରସାର କରିବାର ପ୍ରବୃତ୍ତିଟି ତା'ର ସ୍ୱଭାବ ଭିତରେ ଓତଃପ୍ରୋତ ହୋଇ ରହିଛି ଓ ଏହି ପ୍ରସାରଣକୁ କେବଳ ସ୍ଥିର ତଥା ନିଶ୍ଚିତଭାବରେ ପରିଚାଳିତ କରିନେବାକୁ ଏବଂ ତାହା ମଧ୍ୟରେ ଆବଶ୍ୟକ ବଳସାମର୍ଥ୍ୟ ଭରି ରଖିବାକୁ ହିଁ କୌଣସି ନିୟମନ କିମ୍ବା ସୀମାନିରୂପଣର ଆବଶ୍ୟକତା ଆସି ପଡ଼ିଥାଏ । ଯେଉଁସବୁ ସଭ୍ୟତା ଅଥବା ଯେଉଁସବୁ ଯୁଗ ମଣିଷର ବିକାଶ ଲାଗି ଏକ ବୁଦ୍ଧିଯୁକ୍ତ ସ୍ୱାଧୀନପ୍ରେରଣାକୁ ବାଟ ଛାଡ଼ିଦେଇନାହାନ୍ତି, ସେସବୁ ସଭ୍ୟତା ଓ ଯୁଗର ଅଭୀଷ୍ଟ ଲକ୍ଷ୍ୟଟି ଯେତେ ଉଚ୍ଚ ବା ମହନୀୟ ହୋଇଥାଉ ଅଥବା ସେମାନଙ୍କର ଶୃଙ୍ଖଳା ଓ ବ୍ୟବସ୍ଥାଟି ଯେତେ ସୁଠାମ ଓ ସୁନ୍ଦର ହୋଇ ଗଢ଼ାହୋଇଥାଉ ପଛକେ, ମନୁଷ୍ୟର ସ୍ୱାଭାବିକ ମନଟି ସେଗୁଡ଼ିକୁ ସଫଳ ବୋଲି କହିବାକୁ ମଧ୍ୟ ଅସ୍ୱୀକାର କରିଦିଏ ।

ମାତ୍ର ଅନ୍ୟ ପକ୍ଷରେ ଯେଉଁସବୁ ଯୁଗ ତଥା ସଭ୍ୟତା ମନୁଷ୍ୟର ମୁକ୍ତ ବିକାଶ ଲାଗି ସକଳ ପ୍ରୋତ୍ସାହନ ଦେଇଛନ୍ତି ଏବଂ ପ୍ରାଚୀନ ଏଥେନ୍ସ ପରି ବିସ୍ତାର, ସୌନ୍ଦର୍ଯ୍ୟ ଏବଂ ବଞ୍ଚିବାର ଆନନ୍ଦ ଉପରେ ହିଁ ସର୍ବପ୍ରଧାନ ମହତ୍ତ୍ୱ ଆରୋପ କରିଛନ୍ତି, ସେମାନଙ୍କର ସକଳ ଅପୂର୍ଣ୍ଣତା ସତ୍ତ୍ୱେ ସେହିମାନଙ୍କୁ ଗୋଟିଏ ଗୋଟିଏ ପରିପୂର୍ଣ୍ଣ ସଫଳ ବୋଲି ଅଭିହିତ କରିବାଲାଗି ଆମେ ମନ ବଳାଇଥାଉ । ମାତ୍ର ଏଥେନ୍ସର ସଭ୍ୟତା ବିକାଶରେ ଆମେ ଅତ୍ୟନ୍ତ ସ୍ପଷ୍ଟ ଦୁଇଟି ପର୍ଯ୍ୟାୟ ଦେଖିବାକୁ ପାଇବା . ଗୋଟିଏ ହେଉଛି କଳା ଓ ସୌନ୍ଦର୍ଯ୍ୟର ପର୍ଯ୍ୟାୟ ଅର୍ଥାତ୍ ଏଥେନ୍ସରେ ଫିଡିଅସ୍ ଓ ସୋଫୋକ୍ଲିସ୍‌ଙ୍କର ଯୁଗ ; ଏବଂ ଅନ୍ୟଟି ହେଉଛି ବିଚାର ଓ ଚିନ୍ତନର ପର୍ଯ୍ୟାୟ ଅର୍ଥାତ୍ ଏଥେନ୍ସର ଦାର୍ଶନିକ-ମାନଙ୍କର ଯୁଗ । ପ୍ରଥମ ପର୍ଯ୍ୟାୟଟିରେ ସୌନ୍ଦର୍ଯ୍ୟବୋଧ, ଜୀବନଧାରଣ ଲାଗି ମୁକ୍ତ ପରିବେଶର ଆବଶ୍ୟକତା ଏବଂ ଜୀବନର ଉପଭୋଗ,—ଏହିଗୁଡ଼ିକ ହିଁ ନିୟାମକ ଶକ୍ତି

'oaob.nitrkl.ac.in' images reprocessed

ହୋଇ ରହିଥିଲେ । ଏହି ଏଥେନ୍ସରେ ଚିନ୍ତନର ମଧ୍ୟ ଅବଶ୍ୟ ସ୍ଥାନ ରହିଥିଲା, ମାତ୍ର ତାହା କେବଳ କଳା ଓ ସୌନ୍ଦର୍ଯ୍ୟର ପରିପ୍ରେକ୍ଷୀରେ ହିଁ ଯାବତୀୟ ଚିନ୍ତନ କରୁଥିଲା ; ସଙ୍ଗୀତ, ନାଟକ, ସ୍ଥପତି ଓ ମୂର୍ତ୍ତିକଳାର ଭାବକଳ୍ପ ଓ ପ୍ରତିରୂପ ଦେଇ ହିଁ ଚିନ୍ତନ କରୁଥିଲା । ବୁଦ୍ଧିବିଳାସମୟ ଆଲୋଚନାରେ ଆନନ୍ଦ ପାଉଥିଲା ; ମାତ୍ର ଏହିସବୁ ଚର୍ଚ୍ଚା ତଥା ଆଲୋଚନାରେ ସତ୍ୟରେ ଉପନୀତ ହେବାର ସେତେ ଇଚ୍ଛା ବା ଅଭିଳାଷ ନ ଥିଲା, ଚିନ୍ତନର ଆନନ୍ଦ ଓ ବସ୍ତୁଗତ ସୌନ୍ଦର୍ଯ୍ୟର ଅନୁଭୂତି ଓ ଆସ୍ୱାଦନ ତା'ଠାରୁ ଅଧିକ ପରିମାଣରେ କାମ୍ୟ ହୋଇ ରହିଥିଲା । ଏହି ସମାଜର ଏକ ସ୍ୱକୀୟ ନୈତିକ ବ୍ୟବସ୍ଥା ଓ ଶୃଙ୍ଖଳା ରହିଥିଲା ସତ, କାରଣ ଏହା ବ୍ୟତୀତ କୌଣସି ସମାଜ କଦାପି ତିଷ୍ଠି ରହିପାରିବ ନାହିଁ ; ମାତ୍ର ସେଥିରେ ପ୍ରକୃତରେ କୌଣସି ନୀତିପ୍ରଧାନ ଆବେଗ ନ ଥିଲା ବା ତାହା ନୀତିଗତ କୌଣସି ନିର୍ଦ୍ଦିଷ୍ଟ ରୀତିର ଅନୁସରଣ କରୁ ନ ଥିଲା ; କେବଳ ଏକ ପାରମ୍ପରିକ ଓ ସଂସ୍କାରଗତ ନୈତିକତାକୁ ଆଚରୁଥିଲା, ଏବଂ ନୈତିକତା ଓ ନୀତିର ବିଚାର କଲାବେଳେ ତାହା ସୌନ୍ଦର୍ଯ୍ୟ, ସୁନ୍ଦର ଏବଂ ସମ୍ଭୂତିର ମାଧ୍ୟମରେ ହିଁ ତାହାର ପ୍ରକାଶ କରିବାଲାଗି ପ୍ରବୃତ୍ତି ଦେଖାଉଥିଲା । ସେହି ସମାଜରେ ଧର୍ମ ମର୍ମତଃ ସୌନ୍ଦର୍ଯ୍ୟର ଧର୍ମ ହୋଇ ରହିଥିଲା ଏବଂ ଆନନ୍ଦଦାୟକ ବିଭିନ୍ନ ବିଧି ଓ ଉତ୍ସବ ଆୟୋଜନ ସକାଶେ ନାନା ଉପଲକ୍ଷ୍ୟ ଯୋଗାଇଦେଉଥିଲା ; କଳାତ୍ମକ ସୃଜନ ଲାଗି ଅବସର ସୃଷ୍ଟି କରୁଥିଲା । କେବଳ ଉପର ପରସ୍ତରେ ଧର୍ମ ଓ ଧାର୍ମିକ ଅବବୋଧର କିଞ୍ଚିତ୍ ପରଶ ଲାଗିଥିବା ସୌନ୍ଦର୍ଯ୍ୟବୋଧଗତ ଉପଭୋଗ ଲାଗି ଅବସର ଆଣି ଦେଉଥିଲା । ମାତ୍ର ଚରିତ୍ର ନ ଥିଲେ, କୌଣସି ପ୍ରକାରର ଉଚ୍ଚ ତଥା ବଳିଷ୍ଠ ଶୃଙ୍ଖଳାଲାଗି ଆବଶ୍ୟକ ସ୍ଥାନ ନ ଥିଲେ ଜୀବନଧାରଣଲାଗି କୌଣସି ଦୀର୍ଘସ୍ଥାୟୀ ଶକ୍ତି ମଧ୍ୟ କଦାପି ଉପଲବ୍ଧ ହୋଇପାରେ ନାହିଁ । ମାତ୍ର ଗୋଟାଏ ଚମତ୍କାରିତାପୂର୍ଣ୍ଣ ଶତାବ୍ଦୀରେ ହିଁ ଏଥେନ୍ସ ଆପଣାର ପ୍ରାଣଶକ୍ତିକୁ ନିଃଶେଷିତ କରିଦେଇଥିଲା ଏବଂ ତା'ପରେ ସେ ବହୁ ଶକ୍ତିହୀନ ହୋଇପଡ଼ିଲା, ତା'ର ଇଚ୍ଛାଶକ୍ତି ପ୍ରତିହତ ହୋଇଗଲା, ଜୀବନସଂଗ୍ରାମରେ ଆଉ ସଫଳତା ଲାଭ କରିବାଲାଗି ସମର୍ଥ ହେଲା ନାହିଁ ଏବଂ ଆଉ କୌଣସି ସୃଷ୍ଟି କରିପାରିଲା ନାହିଁ । ଏବଂ ଆଗରୁ ଏହା ଭିତରେ ଯେଉଁ ବସ୍ତୁଟିର ଅଭାବ ରହିଆସିଥିଲା, ଅନ୍ତତଃ କିଛିସମୟ ଲାଗି ସେ ଠିକ୍ ସେହି ବସ୍ତୁଟି ଆଡ଼କୁ ମନ ବଳାଇଲା ; ଅର୍ଥାତ୍ ପୂର୍ଣ୍ଣ ଗାମ୍ଭୀର୍ଯ୍ୟର ସହିତ ସତ୍ୟର ଅନ୍ୱେଷଣ କଲା ଓ ନୀତିଜୀବନଗତ ଆତ୍ମଶୃଙ୍ଖଳାର କେତେ କେତେ ସୂତ୍ର ଓ ମତର ବିକାଶ ଘଟାଇଲା । ମାତ୍ର କେବଳ ଚିନ୍ତନ ଓ ବିଚାରଲାଗି ହିଁ ତାହାର ଶକ୍ତି ଥିଲା, ସଫଳଭାବରେ ସେହି ବସ୍ତୁଗତ ସତ୍ୟକୁ ଜୀବନରେ ପ୍ରୟୋଗ କରିବାଲାଗି ଆଦୌ କୌଣସି ଶକ୍ତି ନ ଥିଲା । ନୈତିକ ଶୃଙ୍ଖଳାର ଯେଉଁ ଷ୍ଟୋଇକ୍ ମତଟି ଏଥେନ୍ସକୁ ତା'ର ସାମ୍ରାଜ୍ୟସୌଷ୍ଠବମୟ ପ୍ରଥମ ଶତାବ୍ଦୀର ଉଚ୍ଛୃଙ୍ଖଳତା ମଧ୍ୟରୁ ତାକୁ ଉଦ୍ଧାର କରି ଆଣିଥିଲା, ପରବର୍ତ୍ତୀ କାଳର ହେଲେନିକ୍ ମାନସ ଓ ଏଥେନୀୟ ସଂସ୍କୃତିକେନ୍ଦ୍ର ତାହାକୁ ରୋମ୍ ଲାଗି ଦାନ କରିପାରିଥିଲା ସତ,

'oaob.nitrkl.ac.in' images reprocessed

ମାତ୍ର ଆପଣାର ବାସ୍ତବ ଜୀବନରେ ସେ ନିଜେ ଷ୍ଟୋଇକ୍ ହୋଇପାରିଲା ନାହିଁ । ମାତ୍ର ଏଥେନ୍ସ ଓ ସାଂସ୍କୃତିକ ହେଲାସ୍‌ର ସ୍ୱଭାବଗତ ଦୃଷ୍ଟିରୁ ବିଚାର କଲେ ତାହାର ଏହି ବିଚାର-ଅନୁସନ୍ଧିତ୍ସାକୁ ମୂଳତଃ ଏପରି ଏକ ବସ୍ତୁ ଯାହା ପୂର୍ବରୁ ତା'ପାଖରେ ନ ଥିଲା ବା ଯାହା ସେ ଲାଭ କରିପାରି ନ ଥାନ୍ତା, ତାହାକୁ ଲାଭ କରିବା ସକାଶେ କେବଳ ଏକ ଆୟାସସାଧନା ବୋଲି ବୁଝାଯିବ । ଏହି ବସ୍ତୁଟି ତା' ସ୍ୱଭାବର ଠିକ୍ ବିପରୀତ ଥିଲା ଏବଂ ସେ କେବେହେଲେ ସେଇଟିକୁ ଉପଲବ୍ଧି କରି ନ ଥିଲା ।

ସୌନ୍ଦର୍ଯ୍ୟବୋଧପ୍ରଧାନ ଜୀବନଦୃଷ୍ଟିର ଅନ୍ୟ ମହାନ୍ ଦୃଷ୍ଟାନ୍ତଟିକୁ ଅର୍ଥାତ୍ ରେନେସାଁକାଳୀନ ଇଟାଲୀ ପାଖକୁ ଆସିଲେ ତାହାର ଅସମ୍ପୂର୍ଣ୍ଣତା ଓ ଅଯଥେଷ୍ଟତା ଆମ ଆଗରେ ଆହୁରି ସ୍ପଷ୍ଟ ହୋଇଉଠେ । ଏକଦା ଏହି ରେନେସାଁକୁ ମୁଖ୍ୟତଃ ବିଦ୍ୟାର ଏକ ପୁନଃପ୍ରବର୍ତ୍ତନ ଯୁଗ ବୋଲି ବିଚାର କରାଯାଉଥିଲା ; ମାତ୍ର ଏହାର ଭୂମଧ୍ୟ-ସାଗରାଞ୍ଚଳୀୟ ଜନ୍ମସ୍ଥାନଟିରେ ତାହା ଅଧିକତର ଭାବରେ କଳା, କାବ୍ୟରଚନା ଓ ଜୀବନଗତ ସୌନ୍ଦର୍ଯ୍ୟର ପ୍ରସ୍ଫୁଟନ ଲାଗି ଏକ ପର୍ଯ୍ୟାୟ ହୋଇ ରହିଥିଲା । ହେଲାସ୍‌ର ଉଚ୍ଛୃଙ୍ଖଳତମ ପର୍ଯ୍ୟାୟରେ ଯାହା ହୋଇଥିଲା, ଏଠାରେ ତାହା ତା'ଠାରୁ ଅନେକ ଗୁଣ ବଳିପଡ଼ିଲା ; ଅର୍ଥାତ୍ ସୌନ୍ଦର୍ଯ୍ୟପ୍ରଧାନ ସଂସ୍କୃତିଟିକୁ ନୈତିକତାର ଆବେଗ ଭିତରୁ ସମ୍ପୂର୍ଣ୍ଣଭାବରେ ବହିଷ୍କୃତ କରିଦିଆଗଲା, ଏବଂ ଅନେକ ସମୟରେ ନୈତିକତାବିରୋଧୀ ମଧ୍ୟ ହୋଇପଡ଼ିଲା ଏବଂ ସାମ୍ରାଜ୍ୟକାଳୀନ ରୋମ୍‌ରେ ଯେଉଁ ନିର୍ବାଧ ମୁକ୍ତାଚାରିତାକୁ ପ୍ରଶ୍ରୟ ଦିଆଯାଇଥିଲା, ଏହା ଆମକୁ ତାହାର ସ୍ମରଣ କରାଇଦେଲା । ଏହି ରୋମ୍‌ରେ ବିଦ୍ୟା ଥିଲା, ଜିଜ୍ଞାସା ବି ଥିଲା ; ମାତ୍ର ଉଚ୍ଚ ବିଚାର ଏବଂ ସତ୍ୟଲାଗି ତାହା ଆପଣାର ଏତେ ଟିକିଏ ଧ୍ୟାନ ବି ଦେଇ ନ ଥିଲା ଏବଂ ଦର୍ଶନ ଓ ବିଜ୍ଞାନର ପଥକୁ ମୁକ୍ତ ଓ ଉନ୍ମୁକ୍ତ କରିଦେବାରେ ସହାୟତା କରିଥିଲେ ହେଁ ବୌଦ୍ଧିକ ଅନୁଶୀଳନର ଅଧିକ ସୂକ୍ଷ୍ମ ସିଦ୍ଧି-ସବୁ ଲାଗି ଏହାର ପ୍ରାୟଶଃ କିଛି ଦୃଷ୍ଟି ନ ଥିଲା । ଧର୍ମଭିତରେ ଏହା ଏପରି ଅନେକ ଦୂଷିତତା ଆଣି ପୂରାଇଦେଇଥିଲା ଯେ, ତଦ୍ଦ୍ୱାରା ତାହା ନୀତିମନା ଟିଉଟନ୍ ଜାତିମାନଙ୍କୁ ତାହା ବିରୁଦ୍ଧରେ ବିଦ୍ରୋହ କରିବାଲାଗି ଉତ୍ତ୍ୟକ୍ତ କରିଥିଲା ଓ ସେହି ବିଦ୍ରୋହ ଆପଣାର ଅତ୍ୟନ୍ତ ଆକ୍ରମକରୂପେ ରିଫର୍ମେସନ୍‌ରୂପେ ଦେଖାଦେଇଥିଲା । ରିଫର୍ମେସନ ଧର୍ମସମ୍ପର୍କିତ ମନର ସ୍ୱାଧୀନତାକୁ ପ୍ରତିଷ୍ଠିତ କରିପାରିଲା ସତ, ମାତ୍ର ଏହା ବୁଦ୍ଧିଗତ ବିବେକର ଏକ ଜାଗରଣ ବା ବିଦ୍ରୋହରୂପେ ଯେତେ ପ୍ରକାଶ ପାଇ ନ ଥିଲା, ନୈତିକ ଅନ୍ତଃପ୍ରବୃତ୍ତି ଏବଂ ତା'ର ନୀତିଗତ ଆବଶ୍ୟକତାର ପ୍ରତିଷ୍ଠାରୂପେ ତା'ଠାରୁ ଅଧିକ ପରିମାଣରେ ପ୍ରକାଶ ଲାଭ କରିଥିଲା । ବୁଦ୍ଧି ଓ ବୌଦ୍ଧିକତାକୁ ବିଜ୍ଞାନ ହାତରେ ଛାଡ଼ିଦିଆଯାଇଥିଲା । ପରବର୍ତ୍ତୀକାଳରେ ଇଟାଲୀ ଯେପରି କୁତଳଶାୟୀ ହୋଇପଡ଼ିଲା ଓ ଶିଥିଳକାରୀ ନାନା ଦୁର୍ବଳତା ଦ୍ୱାରା ଗ୍ରସ୍ତ ହୋଇଗଲା, ତାହା ତାହାର ସେହି ସୂକ୍ଷ୍ମ ସଂସ୍କୃତିଗତ ଅନୁଧାବନରେ ବୃହତ୍ ଦୋଷଦୁଷ୍ଟତାର ପରିଣାମସ୍ୱରୂପ ହିଁ ଘଟିବାକୁ

'oaob.nitrkl.ac.in' images reprocessed

ବାଧ୍ୟ ହୋଇଥିଲା ଏବଂ ଆପଣାର ପୁନର୍ବିନ୍ୟାସ ପାଇଁ ପରେ ଏହାକୁ ମାନବଙ୍କ ଦ୍ୱାରା ଅନୁପ୍ରେରିତ ବିଚାର, ଇଚ୍ଛାଶକ୍ତି ଓ ଚରିତ୍ରବଳର ଆବେଗଗୁଡ଼ିକୁ ଲୋଡ଼ିବାକୁ ପଡ଼ିଲା । କେବଳ ନୈତିକ ବା ନୀତିଗତ ଆବେଗଟି ମନୁଷ୍ୟର ଯଥାର୍ଥ ବିକାଶଲାଗି ଆଦୌ ଯଥେଷ୍ଟ ନୁହେଁ ସତ, ମାତ୍ର ସେହି ବିକାଶର ପଥରେ ଅଗ୍ରସର ହେବାକୁ ହେଲେ ତଥାପି ଇଚ୍ଛାଶକ୍ତି, ଚରିତ୍ର, ଆତ୍ମଶୃଙ୍ଖଳା, ଆତ୍ମପ୍ରଭୁତ୍ୱକୁ ଗୋଟିଏ ଗୋଟିଏ ଏକାନ୍ତ ଅପରିହାର୍ଯ୍ୟ ଆବଶ୍ୟକତାରୂପେ ଅବଶ୍ୟ ଗ୍ରହଣ କରିବାକୁ ହୁଏ । କାରଣ ସେଗୁଡ଼ିକ ହେଉଛନ୍ତି ମାନସଶରୀରର ମେରୁଦଣ୍ଡ ପରି ।

ନୀତିକୁ ବା ସୌନ୍ଦର୍ଯ୍ୟବୋଧକୁ ହିଁ ସବୁକିଛି ବୋଲି ଗ୍ରହଣ କରିଥିବା ମଣିଷ କେବେହେଲେ ସମ୍ପୂର୍ଣ୍ଣ ମଣିଷ ନୁହେଁ । କେବଳ ନୀତି ବା ସୌନ୍ଦର୍ଯ୍ୟବୋଧକୁ କଦାପି ଏକ ପୂର୍ଣ୍ଣ ମନୁଷ୍ୟସତ୍ତାର ସାର୍ବଭୌମ ତତ୍ତ୍ୱ ବୋଲି ଗ୍ରହଣ କରିହେବ ନାହିଁ ; ଆମେ ସେଗୁଡ଼ିକୁ କେବଳ ଦୁଇଟି ଶକ୍ତିଶାଳୀ ଉପାଦାନ ହିସାବରେ ଗ୍ରହଣ କରିବା । କେବଳ ନୈତିକ ଆଚରଣ ସମଗ୍ର ଜୀବନ ନୁହେଁ ; ଏପରିକି ଏହାକୁ ଜୀବନର ତିନିଚଉଠ ବୋଲି କହିବାର ଅର୍ଥ ହେଉଛି, କେବଳ ଏକ ସଂଖ୍ୟାମୟ ଗଣିତହିସାବ ଭିତରେ ଆପଣାର ଶକ୍ତି କ୍ଷୟ କରି-ବାର ଭ୍ରମରେ ପଡ଼ିଯିବା । ଏପରି କୌଣସି ପ୍ରକାର ମାପ ବା ଅନୁପାତର ନିର୍ଦ୍ଦିଷ୍ଟ ଛାଞ୍ଚରେ ଆମେ କଦାପି ଏହାର ଯଥାର୍ଥ ମହତ୍ତ୍ୱସ୍ଥାନଟିକୁ ନିର୍ଦ୍ଧାରିତ କରିପାରିବା ନାହିଁ । ମାତ୍ର ଖୁବ୍ ବେଶୀ ହେଲେ ଏତିକି କହିପାରିବା ଯେ, ଇଚ୍ଛାଶକ୍ତି, ଚରିତ୍ର ତଥା ଆତ୍ମଶୃଙ୍ଖଳାର ନୀତିଗତ ମର୍ମସାରଗୁଡ଼ିକୁ ଆମେ ମାନବୀୟ ଆତ୍ମପରିପୂର୍ଣ୍ଣତାଲାଗି ପ୍ରାୟ ସର୍ବପ୍ରଥମ ଆବଶ୍ୟକତା ବୋଲି ଗ୍ରହଣ କରିପାରିବା । ଏହି କ୍ଷେତ୍ରରେ ସୌନ୍ଦର୍ଯ୍ୟବୋଧର ଦୃଷ୍ଟିଟି ମଧ୍ୟ ଠିକ୍ ସେହିପରି ଅପରିହାର୍ଯ୍ୟ ; କାରଣ ସେଇଟି ନ ହେଲେ ମନୋମୟ ସତ୍ତାର ଆତ୍ମପରିପୂର୍ଣ୍ଣତାର ସାଧନାଟି କଦାପି ଆପଣାର ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିପାରିବ ନାହିଁ । ମନୋମୟ ସ୍ତରରେ ଏହି ଲକ୍ଷ୍ୟଟି ହେଉଛି ସତ୍ୟର ସମଗ୍ରତାଯୁକ୍ତ ଅଧିକାର ତଥା ସମଗ୍ରତାଯୁକ୍ତ ଉପଭୋଗ ଏବଂ ସାମର୍ଥ୍ୟ, ସୌନ୍ଦର୍ଯ୍ୟ ତଥା ଜୀବନର ଆନନ୍ଦଟିକୁ ସମଗ୍ରତାର ସହିତ ଧାରଣ କରି ତାହାର ଉପଭୋଗ । ମାତ୍ର ମନୁଷ୍ୟର ଜୀବନବ୍ୟବସ୍ଥାରେ ଆମେ ଏଥିରୁ କୌଣସି ଗୋଟିକୁ ସର୍ବୋଚ୍ଚ ତତ୍ତ୍ୱ ବୋଲି କହିପାରିବା ନାହିଁ । ହଁ, ଆମେ ଦୁଇଟିଯାକକୁ ଏକତ୍ର ସଂଯୁକ୍ତ କରିଦେଇପାରିବା ; ଅର୍ଥାତ୍ ସୌନ୍ଦର୍ଯ୍ୟ ତଥା ଆନନ୍ଦର ବୋଧଦ୍ୱାରା ଆମେ ନୈତିକବୋଧର କ୍ଷେତ୍ରଟିକୁ ବୃହତ୍ତର ଓ ଅଧିକ ପ୍ରସାରିତ କରିଦେଇପାରିବା ଏବଂ ନୈତିକ କ୍ଷେତ୍ରରେ ରହିଥିବା କଠୋରତା ଏବଂ କୃଚ୍ଛ୍ରାନୁରାଗର ପ୍ରବୃତ୍ତିଟି ମଧ୍ୟରେ ଏକ ସମ୍ମାର୍ଜନ ଘଟାଇବା ଉଦ୍ଦେଶ୍ୟରେ ଆମେ ତା'ଭିତରେ କୋମଳତା ଶ୍ରଦ୍ଧା, ସାମଞ୍ଜସ୍ୟର ଉପଭୋଗ ଏବଂ ନୈତିକତାର ସୁଷମାମୟ ଦିଗଟିର ଉପାଦାନଟିକୁ ଆଣି ପ୍ରବେଶ କରାଇପାରିବା । ଜୀବନଗତ ଆନନ୍ଦମୟତାକୁ ମଧ୍ୟ ଆମେ ଆବଶ୍ୟକ ଇଚ୍ଛାଶକ୍ତି, ସଂଯମ ଓ ଏହାଭିତରେ ସ୍ଥାୟିତ୍ୱ ତଥା ଶୁଦ୍ଧତା ଆଣିଦେଉଥିବା ଆତ୍ମଶୃଙ୍ଖଳାର

'oaob.nitrkl.ac.in' images reprocessed

ପ୍ରବେଶ କରାଇ ଅଧିକ ଦୃଢ଼ କରିଦେଇପାରିବା, ତାକୁ ଯଥାର୍ଥଭାବରେ ପରିଚାଳିତ କରିପାରିବା ଓ ସେଇଟିରେ ଅଧିକ ବଳ ଆଣି ଦେଇପାରିବା । ଆମ ମନୋଭୂମିଗତ ସତ୍ତାର ଏହି ଦୁଇଟିଯାକ ସାମର୍ଥ୍ୟ ଆମ ଭିତରେ ତପଃଶକ୍ତି * ଏବଂ ଆନନ୍ଦର ଦୁଇଟି ମୂଳତତ୍ତ୍ୱର ପ୍ରତିନିଧିତ୍ୱ କରି ରହିଛନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏମାନେ ଦୁହେଁ ଦୁହିଁଙ୍କର ସହାୟକ ହୋଇପାରିବେ, ଗୋଟିଏ ଆତ୍ମ ଅଭିବ୍ୟକ୍ତିର ପ୍ରକ୍ରିୟାଟିକୁ ଅଧିକ ବୀର୍ଯ୍ୟଶାଳୀ କରିବ ଓ ଅନ୍ୟଟି ତାହାର ପରିସରକୁ ଆହୁରି ବ୍ୟାପକ କରିଦେବ । ମାତ୍ର ଦୁହିଁଙ୍କ ମଧ୍ୟରେ ଏଭଳି ସଂଯୋଗ ଘଟାଇବାକୁ ହେଲେ ସେଗୁଡ଼ିକୁ ଏକ ଉଚ୍ଚତର ତତ୍ତ୍ୱ ଗ୍ରହଣ କରିନେବାର ଓ ଆପଣାର ଉଦ୍ଭାସଦ୍ୱାରା ଏଗୁଡ଼ିକୁ ଉଦ୍ଭାସିତ କରିବାର ଆବଶ୍ୟକତା ଅବଶ୍ୟ ରହିବ, ଯେଉଁ ତତ୍ତ୍ୱ ଏହି ଦୁଇଟିଯାକକୁ ସମାନଭାବରେ ବୁଝୁଥିବ ଓ ଦୁଇଟିଯାକର ସମ୍ପୂର୍ଣ୍ଣ ଧାରଣା ମଧ୍ୟ କରିପାରୁଥିବ । ଏବଂ ଯାହା ସେଗୁଡ଼ିକୁ କାର୍ଯ୍ୟରେ ଲଗାଇପାରୁଥିବ ଓ ଆପେ ତଟସ୍ଥ ରହି ସେଗୁଡ଼ିକର ଯାବତୀୟ ଉଦ୍ଦେଶ୍ୟ ତଥା ସମ୍ଭାବନାକୁ ମଧ୍ୟ ଏକତ୍ର ସଂଯୁକ୍ତ କରିପାରୁଥିବ । ବୁଦ୍ଧିଗତ ବିବେଚନାଶକ୍ତି ତଥା ବୁଦ୍ଧିଯୁକ୍ତ ଇଚ୍ଛାରୂପୀ ମାନବୀୟ ବୃତ୍ତି ସେହି ଉଚ୍ଚତର ତତ୍ତ୍ୱଟିକୁ ଯୋଗାଇଦେବ ବୋଲି ମନେହେଉଛି । ଆମର ଯାବତୀୟ ସାମର୍ଥ୍ୟ ମଧ୍ୟରେ ଏଇଟି ହେଉଛି ସର୍ବଶ୍ରେଷ୍ଠ ସାମର୍ଥ୍ୟ, ଆପଣାର ଅଧିକାର ବଳରେ ଏହା ହିଁ ହେଉଛି ଆମ ସ୍ୱଭାବର ମୁକୁଟଧାରୀ ସାର୍ବଭୌମ ଶାସକ ।

---

* ତପସ୍ ହେଉଛି ବିଶ୍ୱସତ୍ତାର ସେହି ଶକ୍ତିସଞ୍ଚାରକ ଚେତନସାମର୍ଥ୍ୟ ଯାହାଦ୍ୱାରା ଏହି ଜଗତର ସୃଷ୍ଟି ହୋଇଛି, ଜଗତ ତିଷ୍ଠି ରହିଛି ଏବଂ ନିୟନ୍ତ୍ରିତ ହେଉଛି । ବେଗ, ଇଚ୍ଛା, ଶକ୍ତି, ସାମର୍ଥ୍ୟ ପ୍ରଭୃତି ଯେତେ ଯେତେ କଳ୍ପନାକୁ ଆମେ ଗତିଶୀଳତା ଓ ଗତିଶୀଳ କରାଇବା ଅର୍ଥରେ ପ୍ରୟୋଗ କରିଥାଉ, ଏ ସବୁଯାକକୁ ଆମେ ସେହି ତପସ୍ର ଅନ୍ତର୍ଗତ ବୋଲି ଜାଣିବା । ବିଶ୍ୱଚେତନାରେ ଯେଉଁ ଆନନ୍ଦ ଅନ୍ତର୍ନିହିତ ରହିଛି, ଆନନ୍ଦ କହିଲେ ଆମେ ତା'ର ମୂଳସ୍ୱଭାବଟିକୁ ବୁଝିବା ଏବଂ ସକ୍ରିୟ ଅବସ୍ଥାର କ୍ଷେତ୍ରରେ ସକଳ ଆତ୍ମସୃଜନ ତଥା ଆତ୍ମଅଭିବ୍ୟକ୍ତିଜନିତ ଆନନ୍ଦର ମୂଳସ୍ୱଭାବଟିକୁ ହିଁ ବୁଝିବା ।

'oaob.nitrkl.ac.in' images reprocessed

## ଏକାଦଶ ପରିଚ୍ଛେଦ

# ଜୀବନର ଶାସକରୂପେ ବୁଦ୍ଧି

ଯେଉଁ ବୁଦ୍ଧିଶକ୍ତି ଆମର ବୁଦ୍ଧିଯୁକ୍ତ ଇଚ୍ଛାକୁ କାର୍ଯ୍ୟରେ ଲଗାଇ ଏହି ଭିତର ଆଉ ବାହାର ଉଭୟ ଜୀବନକୁ ବ୍ୟବସ୍ଥାବଦ୍ଧ କରି ରଖୁଛି, ଆମେ ତାହାକୁ ନିଃସନ୍ଦେହ ଭାବରେ ମନୁଷ୍ୟର ଏହି ବର୍ତ୍ତମାନ ବିବର୍ତ୍ତନବିନ୍ଦୁଟିରେ ତା'ର ସର୍ବୋଚ୍ଚବିକଶିତ ବୃତ୍ତି ବା ସାମର୍ଥ୍ୟ ବୋଲି କହିପାରିବା । ଏହି ସାମର୍ଥ୍ୟଟି ଏକ ନିୟାମକ ସାମର୍ଥ୍ୟରୂପେ ସମସ୍ତଙ୍କ ଉପରେ ରହିଛି, କାରଣ ମାନବୀୟ ଅସ୍ତିତ୍ୱର ଆମର ଏହି ଜଟିଳ କ୍ଷେତ୍ରଟିରେ ସେହି ବୁଦ୍ଧି ହିଁ ଆମର ଶାସକ ତଥା ଆତ୍ମଶାସକ ସାମର୍ଥ୍ୟରୂପେ କାର୍ଯ୍ୟ କରୁଛି । ମନୁଷ୍ୟହିଁ ପାର୍ଥିବ ପ୍ରାଣୀଜଗତର ଏକ ଭିନ୍ନ ବା ସ୍ୱତନ୍ତ୍ର ସ୍ତରରୂପେ ଆପଣା ଜୀବନଲାଗି ଏକ ସାଧାରଣ ବିଧାନର ଅନ୍ୱେଷଣ କରିବାରେ ଲାଗିଛି, ଆପଣାର ସତ୍ତା ଓ ଆପଣାର ସୃଜନ-ଲାଗି ଏକ ନିୟମବଦ୍ଧତା ଖୋଜି ବୁଲୁଛି, ଅର୍ଥାତ୍ ଶୃଙ୍ଖଳା ତଥା ଆତ୍ମବିକାଶର ଏକ ନିର୍ଣ୍ଣାୟକ ତତ୍ତ୍ୱର ଅନୁସନ୍ଧାନ କରୁଛି, ଯାହାକି ତା'ର ପ୍ରକୃତି-ଅଧୀନ ଏହିସ୍ତରସ୍ଥ ଜୀବନର ସେହି ପ୍ରଥମ, ସହଜାତ ପ୍ରବୃତ୍ତିଦ୍ୱାରା ପ୍ରେରିତ ଏବଂ ଠିକ୍ ଗୋଟାଏ ଯନ୍ତ୍ରପରି ସ୍ୱୟଂକ୍ରିୟ ମୂଳ ନିୟମଟିଠାରୁ ଏକାବେଳେକେ ଭିନ୍ନ ହୋଇଥିବ । ଏହି ଦୃଢ଼ସିଦ୍ଧ ଓ ନିୟମବଦ୍ଧ ପ୍ରାକୃତ ସ୍ତରର ଅପରିବର୍ତ୍ତିତ ତଥା ଅପ୍ରଗତିଶୀଳ ଶୃଙ୍ଖଳା ଓ ବ୍ୟବସ୍ଥାଟି-ଠାରୁ ଭିନ୍ନ ସେ ଆଉ ଅନ୍ୟ ଏକ ତତ୍ତ୍ୱର ଅନ୍ୱେଷଣରେ ବାହାରିଛି, ଯେଉଁ ତତ୍ତ୍ୱର ପରିବର୍ତ୍ତନ-ପ୍ରକ୍ରିୟାଟି ଆମର ଏହି ନିମ୍ନତର ଜୀବନଟିରେ କାର୍ଯ୍ୟ କରୁଥିବା ଯନ୍ତ୍ରବତ୍ ବିବର୍ତ୍ତନଟିଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିବ; କାରଣ ସମସ୍ତଙ୍କୁ ଏକସ ଗୋଟିଏ ସମାହାର ଭିତରେ ଧରି ବର୍ତ୍ତମାନର ଏହି ବିବର୍ତ୍ତନଟି ଚାଲିଛି, ବ୍ୟକ୍ତିଭାବରେ ପ୍ରତ୍ୟେକକୁ ସ୍ୱତନ୍ତ୍ରଭାବରେ ଗ୍ରହଣ କରି ତାହା ଆପଣାକୁ କାର୍ଯ୍ୟକାରୀ କରାଉନାହିଁ ; ଏବଂ ବିବର୍ତ୍ତନଟିରେ ଯାହାସବୁ ଘଟୁଛି, ବିବର୍ତ୍ତିତ ହେଉଥିବା ଏକକଟିର ସେସବୁ ବିଷୟରେ କୌଣସି ଧାରଣା କରି-ପାରିବାର ବି ସାମର୍ଥ୍ୟ ନାହିଁ ଏବଂ ସେ ସଚେତନଭାବରେ ସେହି ପ୍ରକ୍ରିୟାରେ କୌଣସି ସହଯୋଗ ମଧ୍ୟ କରିପାରୁନାହିଁ । ମନୁଷ୍ୟ ଏପରି ଏକ ବୁଦ୍ଧିଯୁକ୍ତ ବିଧାନର ଅନୁସନ୍ଧାନ କରୁଛି, ଯାହା ଉପରେ କି ସ୍ୱୟଂ ଶାସକ ତଥା ନିୟାମକ ହୋଇ ରହିପାରିବ ବା ଅନ୍ତତଃ

'oaob.nitrkl.ac.in' images reprocessed

ଆଂଶିକଭାବରେ ଜଣେ ସ୍ୱାଧୀନ ଶାସ୍ତାରୂପେ କାର୍ଯ୍ୟ କରିପାରିବ । ମନୁଷ୍ୟ ଏପରି ଏକ ପ୍ରଗତିଶୀଳ ବିଧାନ ଓ ବ୍ୟବସ୍ଥାର କଳ୍ପନା କରିପାରୁଛି, ଯାହାଦ୍ୱାରା କି ସେ ଆପଣାର ଶକ୍ତି ଓ ସାମର୍ଥ୍ୟଗୁଡ଼ିକୁ ସେଗୁଡ଼ିକର ପ୍ରଥମନିର୍ଦ୍ଦେଶିତ ସୀମା ଓ ନିଷ୍ପାନ୍ନତାର ତୁଳନାରେ ଅନେକ ଦୂର ଆଗକୁ ବିକଶିତ କରାଇନେଇପାରିବ; ଆପଣାଲାଗି ସେ ଏକ ବୁଦ୍ଧିସଂଯୁକ୍ତ ବିବର୍ତ୍ତନର ଉଦ୍‌ଭବ ଘଟାଇପାରୁଛି, ଯାହାର ନିର୍ଦ୍ଧାରଣ ତଥା ନିୟନ୍ତ୍ରଣ ସେ ସ୍ୱୟଂ କରିପାରିବ ଅଥବା ଅନ୍ତତଃ ତାହା ମଧ୍ୟରେ ଏକ ଚେତନାଶୀଳ ସାଧନ ହୋଇ ରହିପାରିବ, ବା ଆହୁରି ଆଗକୁ ଯାଇ ସେଥିରେ ଏକ ସହଯୋଗକାରୀ ପକ୍ଷ ହୋଇ ରହିପାରିବ ଏବଂ ସବୁବେଳେ ସେହି ବିବର୍ତ୍ତନରେ ତା'ର ଆପଣାର ମଧ୍ୟ କୌଣସି ନା କୌଣସି ଅବଦାନ ନିଶ୍ଚୟ ରହିଥିବ । ମନୁଷ୍ୟଙ୍କୁ ଛାଡ଼ିଦେଲେ ଏହି ପାର୍ଥିବ ଅସ୍ତିତ୍ୱର ଅବଶିଷ୍ଟ ଅଂଶଟି ଅତି ଅସହାୟଭାବରେ କେବଳ ଆପଣାର ପ୍ରକୃତିଟିର ହିଁ ଦାସ ହୋଇ ରହିଛି, କେବଳ ସେହି ପ୍ରକୃତିର ନିୟମସବୁକୁ ମାନିବାକୁ ହିଁ ବାଧ୍ୟ ହେଉଛି, କେବଳ ତାହାର ଦୌରାତ୍ମ୍ୟ ଦ୍ୱାରା ପ୍ରପୀଡ଼ିତ ହୋଇ ରହିଛି । ମାତ୍ର ମନୁଷ୍ୟ-ଅସ୍ତିତ୍ୱର ଆୟତନ ମଧ୍ୟରେ ପ୍ରବେଶ କରିବା ପରେ ମନୁଷ୍ୟ ସତେଅବା ଆପଣାର ସହଜାତ ପ୍ରବୃତ୍ତିଦ୍ୱାରା ପ୍ରେରିତ ହୋଇ ନିଜ ପ୍ରକୃତିଟି ଉପରେ ନିଜେ ନିୟାମକ ଓ କର୍ତ୍ତା ହୋଇ ବସିବାକୁ ଇଚ୍ଛା କରୁଛି, ପ୍ରକୃତିଗତ ନିୟମର ସକଳ ଦାସତ୍ୱରୁ ମୁକ୍ତ ହେବାକୁ ଚାହୁଁଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏଠାରେ ଯାହାକିଛି ହେଉଛି, ତାହାକୁ କେବଳ ସେହି ପ୍ରକୃତି ହିଁ କରୁଛି ଓ ମନୁଷ୍ୟର ଏହି ଇଚ୍ଛାଟି ମଧ୍ୟ ସେହି ପ୍ରକୃତିର ଅନ୍ତର୍ଗତ ହୋଇ ରହିଛି । ସତ୍ତାର ଯେଉଁ ତତ୍ତ୍ୱଟି ମନୁଷ୍ୟକୁ ମାନୁଷୀ ଆକାର ଦେଇ ଗଢ଼ିଛି ଓ ସେହି ତତ୍ତ୍ୱଟି ଏହି କ୍ଷେତ୍ରରେ ଯେଉଁସବୁ ପ୍ରକ୍ରିୟାକୁ କାର୍ଯ୍ୟକାରୀ ହେବାଲାଗି ଅନୁମତି ଦେଉଛି ଏବଂ ଯେଉଁସବୁ ପ୍ରକ୍ରିୟା ଏହି କ୍ଷେତ୍ରଟିରେ ସ୍ୱାଭାବିକ ବୋଲି ସାବ୍ୟସ୍ତ ହେଉଛି, ସେଇଥିରୁ ହିଁ ମନୁଷ୍ୟର କ୍ଷେତ୍ରରେ ଯାବତୀୟ ଯାହାକିଛି ଘଟିବାରେ ଲାଗିଛି । ମାତ୍ର ତଥାପି ଏହାକୁ ଆମେ ଏକ ଭିନ୍ନ ଓ ବିଶିଷ୍ଟ ପ୍ରକାରର ପ୍ରକୃତି ବୋଲି କହିବା; ଏହାକୁ ଆମେ ସତ୍ତ୍ୱର ଏପରି ଗୋଟିଏ ସୋପାନ ବୋଲି କହିବା, ଯେଉଁଠି କି ପ୍ରକୃତି ବ୍ୟକ୍ତି ମଧ୍ୟରେ ଆତ୍ମସଚେତନ ହେବାକୁ ଆରମ୍ଭ କରୁଛି ଏବଂ ଆପଣାର ଆତ୍ମସତ୍ତା ଓ ତାହାର ଯାବତୀୟ ସମ୍ଭାବନାକୁ ଜାଣିବାର ଚେଷ୍ଟା କରୁଛି, ସେଥିରେ ଅନ୍ୟ ଏକ ଗତି ଦେଇ ତାହାକୁ ବଦଳାଇବାକୁ ଚେଷ୍ଟା କରୁଛି, ତାହାକୁ ଆହୁରି ବିକଶିତ କରିବାକୁ, କାମରେ ଲଗାଇବାକୁ ଏବଂ ସଚେତନ ଭାବରେ ତାହାକୁ ନେଇ ନାନାପ୍ରକାର ପରୀକ୍ଷଣ କରିବାକୁ ମଧ୍ୟ ଚେଷ୍ଟା କରୁଛି । ଏହି ପରିବର୍ତ୍ତିତ ସ୍ଥିତିଟିରେ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆତ୍ମ-ଅବସ୍ଥାର ମଧ୍ୟ ସଂଘଟିତ ହେଉଛି । ଏଠାରେ ଏପରି ଗୋଟିଏ ନୂତନ ତତ୍ତ୍ୱ ବା ସାମର୍ଥ୍ୟର ଆବିର୍ଭାବ ଘଟୁଛି, ଯାହାକି ଜଡ଼ ଭିତରେ ସମ୍ପୂର୍ଣ୍ଣଭାବରେ ଲୁକ୍କାୟିତ ହୋଇ ରହିଥିଲା, ପ୍ରାଣର ପ୍ରଥମ ଅବସ୍ଥାଟିରେ ମଧ୍ୟ କେବଳ ପ୍ରଚ୍ଛନ୍ନଭାବରେ ହିଁ

'oaob.nitrkl.ac.in' images reprocessed

ଥିଲା ଏବଂ ଇତରପ୍ରାଣୀ ଭିତରେ ମନ ବୋଲି ଗୋଟିଏ ବସ୍ତୁ ରହିଥିଲେ ମଧ୍ୟ ସେଠାରେ ମଧ୍ୟ ସ୍ପଷ୍ଟଭାବରେ ତାହାର ଉନ୍ମେଷ ଘଟି ନ ଥିଲା । ଏଠାରେ ବସ୍ତୁ ମଧ୍ୟରେ ଏକ ଅସ୍ପଷ୍ଟ ରହିଥିବାର ଅନୁଭୂତ ହେଉଛି ଯାହାକି ପ୍ରଥମେ ତା'ର ଆପଣାର ପ୍ରାକୃତ ତଥା ବାହ୍ୟ କ୍ରିୟାତ୍ମକତାଗୁଡ଼ିକ ଭିତରେ ସଗ୍ପୁପ୍ତ ହୋଇ ରହିଥିଲା, ନିମଜ୍ଜିତ ହୋଇଥିଲା ଓ ଉପାଦାନଗୁଡ଼ିକୁ ଅନ୍ତତଃ ଆପଣା ପାଖରେ ଅପେ ଅଜ୍ଞାତ ହୋଇ ରହିଥିଲା । ତା'ପରେ ଇତରପ୍ରାଣୀର ସ୍ତରକୁ ଆସି ତାହା ଉପାଦାନଗୁଡ଼ିକରେ କେତେକ ପରିମାଣରେ ଚେତନାଶୀଳ ହେବାକୁ ଆରମ୍ଭ କଲା; ମାତ୍ର ତଥାପି ଅସହାୟଭାବରେ ଆପଣାର ସେହି ପ୍ରାକୃତ କରଣିଗୁଡ଼ିକର ଧାରାଟି ସହିତ ହିଁ ଜଡ଼ିତ ହୋଇ ରହିଥିଲା; ଏବଂ ସେତେବେଳେ ତା'ର କୌଣସି ବୁଝିବା ଶକ୍ତି ନ ଥିଲା, ଆପଣାକୁ ଏବଂ ଆପଣାର ଗତିସ୍ପନ୍ଦନଗୁଡ଼ିକୁ ସେ ଆପେ ଆଦୌ ନିୟନ୍ତ୍ରଣ କରି ପାରୁ ନ ଥିଲା । ମାତ୍ର ପରିଶେଷରେ ମନୁଷ୍ୟର ସୋପାନଟିରେ ପହଞ୍ଚି ତାହା ଆପଣାର ଚେତନାକୁ ଆପଣା ଉପରେ ପ୍ରତିଫଳିତ କରିପାରିଲା, ଜାଣିବାକୁ ପ୍ରୟାସ କଲା ଏବଂ ବ୍ୟକ୍ତିସତ୍ତାର ଆୟତନ ମଧ୍ୟରେ ଆପଣା ପ୍ରକୃତିର ଯାବତୀୟ କ୍ରିୟାଶୀଳତାକୁ ଆପେ ପରିଚାଳିତ କରିବାକୁ ଚେଷ୍ଟା କଲା ; ବ୍ୟକ୍ତିକୁ ମାଧ୍ୟମ କରି ଏବଂ ଅନେକ ବ୍ୟକ୍ତିଙ୍କର ସମ୍ମିଳିତ ବୁଦ୍ଧି ତଥା କର୍ମଶକ୍ତି ଦ୍ୱାରା ସମସ୍ତ ମନୁଷ୍ୟସମାଜ ତଥା ବିଶ୍ୱମୟ ବସ୍ତୁ ମଧ୍ୟରେ ସଞ୍ଚାରିତ ହୋଇ ରହିଥିବା ପ୍ରକୃତିର କାର୍ଯ୍ୟଗୁଡ଼ିକୁ ମଧ୍ୟ ଯଥାସମ୍ଭବ ଆପଣାର ନିୟନ୍ତ୍ରଣରେ ରଖିବାଲାଗି ସେ ଚେଷ୍ଟା କଲା । ଆପଣା ଉପରେ ତଥା ବିଶ୍ୱମୟ ସର୍ବବସ୍ତୁ ଉପରେ ଚେତନାର ଏହି ପ୍ରତିଫଳିତ ହୋଇପାରିବା, କେବଳ ମନୁଷ୍ୟ ହିଁ ଯାହାର ପ୍ରତିନିଧିତ୍ୱ କରୁଛି, ପ୍ରକୃତିର ଭୂମି ଉପରେ ଆତ୍ମାର ଏହି ପାର୍ଥିବ ବିବର୍ତ୍ତନର ପର୍ଯ୍ୟାୟଟିରେ ତାହା ଏକ ମହାନ୍ ସନ୍ଧିକ୍ଷଣ, ଏକ ଦୀର୍ଘକାଳସ୍ଥାୟୀ ଓ ବିକାଶଶୀଳ ସନ୍ଧିକ୍ଷଣ । ପୃଥିବୀର ଇତିହାସରେ ଅତୀତରେ ମଧ୍ୟ ଆଗରୁ ଏହିପରି ଅନ୍ୟ କେତେ କେତେ ସନ୍ଧିକ୍ଷଣ ଆସି ପହଞ୍ଚିଥିଲା ; ଉଦାହରଣସ୍ୱରୂପ, ଇତରପ୍ରାଣୀ ମଧ୍ୟରେ ଚେତନାଶୀଳ ଜୀବନର ଆବିର୍ଭାବକୁ ମଧ୍ୟ ଆମେ ଗୋଟିଏ ସନ୍ଧିକ୍ଷଣ ବୋଲି କହିପାରିବା । ଭବିଷ୍ୟତରେ ଏହିଭଳି ଆଉ ଗୋଟିଏ ସନ୍ଧିକ୍ଷଣ ମଧ୍ୟ ସମାଗତ ହେବାକୁ ଯାଉଛି, ଯେତେବେଳେ ଏହି ପ୍ରକୃତିକୁ ଭୂମି କରି ଏବଂ ଉଚ୍ଚତର ଆଧ୍ୟାତ୍ମିକ ଓ ଅତିମାନସ ଚେତନାର ଆବିର୍ଭାବ ଘଟିବ ଏବଂ ମନୋଭୂମିର ସକଳ କୃତ ଉପରେ ଆପଣାକୁ ପ୍ରତିଫଳିତ କରି ରଖିବ । ମାତ୍ର ବର୍ତ୍ତମାନ ଏହି ମୁହୂର୍ତ୍ତରେ ଠିକ୍ ତାହାହିଁ କାର୍ଯ୍ୟକାରୀ ହେବାରେ ଲାଗିଛି, ଅର୍ଥାତ୍ ମନୋମୟ ପୁରୁଷ, ଅର୍ଥାତ୍ ମନର ଭୂମିଟିରେ ଅବସ୍ଥିତ ରହିଥିବା ଆତ୍ମଚେତନାମୟ ଆତ୍ମା, ବୁଦ୍ଧିପୂର୍ବକଭାବରେ ଆପଣାର ତଥା ଜୀବନର କ୍ଷେତ୍ରରେ ଏକ ବିଧାନ ଓ ବ୍ୟବସ୍ଥାର ଉପଲବ୍ଧି କରିବା ଦିଗରେ ସଂଗ୍ରାମ କରିବାରେ ଲାଗିଛି ଏବଂ ଏହି ମନୁଷ୍ୟରୂପୀ ନମିତ୍ତ ମଧ୍ୟରେ ଯେଉଁସବୁ ସାମର୍ଥ୍ୟ ତଥା ସମ୍ଭାବନା ନିହିତ ହୋଇ ରହିଛି ତାହାର ଏକ ସକଳ ନିର୍ଦ୍ଦେଶର ଅଜ୍ଞାତ ବା ସମ୍ଭବତଃ ଏକ ଅନ୍ତସ୍ଥିତ ବିକାଶ ସମ୍ଭବ କରିପାରିବାଲାଗି ସଂଗ୍ରାମ କରିବାରେ ଲାଗିଛି ।

'oaob.nitrkl.ac.in' images reprocessed

ବୁଦ୍ଧିନିର୍ଭର ବିଚାରଣାକୁ ହିଁ ଆମେ ମନୁଷ୍ୟର ଏକମାତ୍ର ଜ୍ଞାନସାଧନ ବୋଲି କଦାପି କହିବା ନାହିଁ । ମଣିଷ ଯାହାକିଛି କରୁଛି, ଯାହାକିଛି ଜାଣୁଛି, ଯାହାକିଛିକୁ ସୌନ୍ଦର୍ଯ୍ୟ ବୋଲି ଅନୁଭବ କରୁଛି ଓ ତା'ର ଇନ୍ଦ୍ରିୟଦ୍ୱାରା ଯାହାକିଛିର ସ୍ପର୍ଶଲାଭ କରିପାରୁଛି, ତାହାର ସକଳ ଆବେଗ ଓ ଇଚ୍ଛା ତଥା କଳ୍ପନା ଏବଂ ସୃଜନ ପଛରେ ସର୍ବଦା ଏକ ବିଶ୍ୱଗତ, ଅନେକମୁଖୀ ଜ୍ଞାନଶକ୍ତି କାର୍ଯ୍ୟ କରିବାରେ ଲାଗିଛି ଏବଂ ଏହି ଜ୍ଞାନର ପ୍ରତ୍ୟେକଟି ପ୍ରକାର ତଥା ସାମର୍ଥ୍ୟ ମଧ୍ୟରେ ତା'ର ସ୍ୱତନ୍ତ୍ର ଓ ସ୍ୱକୀୟ ବିଧାନ ଓ ପ୍ରକୃତିଗତ ଶୃଙ୍ଖଳା ଏବଂ ବିଧାନର ସ୍ୱକୀୟ ତତ୍ତ୍ୱଟି ମଧ୍ୟ ନିହିତ ହୋଇ ରହିଛି, ତାହାର ଏକ ସ୍ୱକୀୟ ନ୍ୟାୟ ରହିଛି, କେବଳ ଏହି ବୁଦ୍ଧିପ୍ରେରିତ ପ୍ରକୃତିଅଧୀନ ନିୟମଗୁଡ଼ିକୁ ମାନି ଚଳିବାଲାଗି ଯାହାର କୌଣସି ଆବଶ୍ୟକତା ନାହିଁ ଏବଂ ଆପେ ସେହି ପ୍ରକୃତିର ଏକ ନିୟମରେହିଁ ପରିଣତ ହୋଇଯିବାର ବି କୌଣସି ପ୍ରଶ୍ନହିଁ ଉଠୁନାହିଁ । କେବଳ ବୁଦ୍ଧିଗତ ବିଚାରଣାଟି ତା'ଲାଗି ଯେଉଁ ଶୃଙ୍ଖଳା ବା ଯୋଜନାଟିର ନିର୍ଦ୍ଧାରଣ କରିଦେବ ବା ଏହିସବୁ ଗତିସ୍ପନ୍ଦନର ନିୟନ୍ତ୍ରଣ କରୁଥିଲେ ତାହା ସ୍ୱୟଂ ଯେଉଁ ବିଧାନ, ଶୃଙ୍ଖଳା ବା ଯୋଜନାଟିର ଅନୁସରଣ କରିବ, ସେହି ତତ୍ତ୍ୱଟିର ସେଗୁଡ଼ିକୁ ମାନି ଚଳିବାର ବି କୌଣସି ପ୍ରୟୋଜନ ନାହିଁ । ମାତ୍ର ଅନ୍ୟମାନଙ୍କର ତୁଳନାରେ ବୁଦ୍ଧିରେ ଏହି ଅଧିକ ସାମର୍ଥ୍ୟଟି ସବୁବେଳେ ରହିଛି ଯେ, ତାହା ଇଚ୍ଛା କଲେ ଆପଣାର କର୍ମଟିରୁ ବିରତ ହୋଇ ରହିପାରୁଛି, ଅନାସକ୍ତଭାବରେ ସେଇଟିକୁ ଅଧ୍ୟୟନ କରିବାଲାଗି ଓ ବୁଝିବାଲାଗି ସେଥିରୁ ବାହାରିଯାଇ ତଟସ୍ଥ ହୋଇ ଠିଆ ହୋଇପାରୁଛି ; ଆପଣା କର୍ମଟିର ବିଶ୍ଳେଷଣ କରିପାରୁଛି ଓ ସେହି କର୍ମଗତ ସିଦ୍ଧାନ୍ତଗୁଡ଼ିକୁ ଅଲଗା ଅଲଗା କରି ଦେଖିପାରୁଛି । ଜୀବନଧାରୀ ସତ୍ତ୍ୱର ଅନ୍ୟ କୌଣସି ସାମର୍ଥ୍ୟ କିମ୍ବା ବୃତ୍ତି ତାହା କରିପାରୁନାହିଁ । କାରଣ ସେଗୁଡ଼ିକ ପ୍ରତ୍ୟେକେ କେବଳ ଆପଣାର ନିର୍ଦ୍ଧାରିତ କର୍ମଟି ଲାଗିହିଁ ସୃଷ୍ଟି ରହିଛନ୍ତି, ଆପେ କରୁଥିବା କର୍ମଟି ଭିତରେ କାବୁହୋଇ ରହିଛନ୍ତି ; ଏହି ଆବର୍ତ୍ତନଟିକୁ ଡେଇଁ ବାହାରକୁ, ଦୂରପାଖକୁ କିମ୍ବା ଭିତରକୁ ଦେଖିବାଲାଗି ଆଦୌ ସମର୍ଥ ହେଉନାହାନ୍ତି । କେବଳ ବୁଦ୍ଧି ସେକଥା କରିପାରୁଛି । ପ୍ରତ୍ୟେକ ଶବ୍ଦମନ୍ତ୍ରଟି ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିବା ଜ୍ଞାନର ତତ୍ତ୍ୱଟି ସେହି ଶବ୍ଦମନ୍ତ୍ରର ନିଷ୍ପତ୍ତି ଭିତରେ ହିଁ ସଂଶ୍ଲିଷ୍ଟ ହୋଇ ରହିଛି ଓ କେବଳ ସେହି ନିଷ୍ପତ୍ତିର ଗୁଳାକୁ ଧରି ବାଟ ଚାଲୁଛି, ସମ୍ପୃକ୍ତ ଶବ୍ଦମନ୍ତ୍ରଟିକୁ ଏକ ଆକାର ଦେବାରେ ସହାୟକ ହେଉଛି, ମାତ୍ର ଏଣେ ନିଜେ ମଧ୍ୟ ନିଜର ସୂତ୍ରବନ୍ଧଗୁଡ଼ିକ ମଧ୍ୟରେ ଆବଦ୍ଧ ହୋଇ ରହିଛି । କର୍ମଟିର ପରିପୂର୍ତ୍ତିଲାଗି ହିଁ ତାହା ଅସ୍ତିତ୍ୱ ଧାରଣ କରି ରହିଛି; ଜ୍ଞାନପାଇଁ ରହିନାହିଁ, କିମ୍ବା କର୍ମର କେବଳ ଏକ ଅଂଶରୂପେ ଅବସ୍ଥିତ ଜ୍ଞାନଟି ଲାଗି ଅସ୍ତିତ୍ୱ ଧରି ରହିଛି । ପୁଣି କେବଳ ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟଟି ସହିତ ହିଁ ଏହା ଆପଣାକୁ ଜଡ଼ିତ କରି ରଖିଛି । କେବଳ ସେହି ମୁହୂର୍ତ୍ତଟିର କାର୍ଯ୍ୟଟି ସହିତ ସଂପୃକ୍ତ ହୋଇ ରହିଛି ଏବଂ ପଛକୁ ଫେରାଇ ଆପଣାର କାର୍ଯ୍ୟଟି ବିଷୟରେ ତାହା କୌଣସି ବିଚାର କରି-

'oaob.nitrkl.ac.in' images reprocessed

ପାରୁନାହିଁ, ବୁଦ୍ଧିଯୁକ୍ତଭାବରେ ଆଗକୁ ନେଇ ପାରୁନାହିଁ ଅଥବା କୌଣସି ସୁସ୍ଥ ସମ୍ବନ୍ଧତା ସହିତ ଅନ୍ୟାନ୍ୟ କ୍ରିୟା ତଥା ଅନ୍ୟାନ୍ୟ ଶକ୍ତିଆଡ଼କୁ ଦୃଷ୍ଟିପାତ କରିବାରେ ଅସମର୍ଥ ହୋଇ ରହୁଛି । ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ଯେ, ଜୀବସତ୍ତାର ଅନ୍ୟାନ୍ୟ ବିବର୍ତ୍ତିତ ସାମର୍ଥ୍ୟସବୁ ଆପଣା ଭିତରେ ଅନେକ ଅଭିଜ୍ଞତାଗୁଡ଼ିକର ତଥା ସହଜାତ ପ୍ରବୃତ୍ତିଗତ ଆତ୍ମ-ଅନୁକୂଳନର ସ୍ୱଭାବ ଶକ୍ତିଟିକୁ ମଧ୍ୟ ବହନ କରି ଚାଲିଛନ୍ତି ; ଏସବୁକୁ ଆମେ ପ୍ରକୃତରେ ଗଚ୍ଛିତ ହୋଇ ରହିଥିବା ଏକ ଜ୍ଞାନ ବୋଲି କହିପାରିବା, ଏବଂ ଅନେକ ସମୟରେ ଜୀବମାନେ ତାହାକୁ ଏତେ ଦୃଢ଼ଭାବରେ ଗଚ୍ଛିତ କରି ରଖିଥାନ୍ତି ଯେ, ସେସବୁ ପୂର୍ବପୁରୁଷରୁ ପୁରୁଷ ଅନୁକ୍ରମରେ ଏକ ନିଶ୍ଚିତ ବଂଶାନୁଗତତାରୂପେ ବାହିତ ହୋଇ ଆସିଥାଏ । ଏଠାରେ ଦୃଷ୍ଟାନ୍ତରୂପେ ଆମେ ସହଜାତ ପ୍ରବୃତ୍ତିର ବିଷୟ କହି-ପାରିବା ; ସହଜାତ ପ୍ରବୃତ୍ତି ମଣିଷର ଥାଏ, ଇତରପ୍ରାଣୀମାନଙ୍କର ବି ଥାଏ ; ମଣିଷ ଭିତରେ ତାହା ଅପେକ୍ଷାକୃତ ଅଳ୍ପ ଶକ୍ତିଶାଳୀ ହୋଇ ରହିଥାଏ, କାରଣ ଏ କ୍ଷେତ୍ରରେ ତାହା ବୁଦ୍ଧିଗତ ବିଚାରଣାର ସତତ ପ୍ରଶ୍ନ ଓ ଅନ୍ୱେଷଣ ଇତ୍ୟାଦି ଦ୍ୱାରା ବହୁ ବ୍ୟାହତ ହୋଇପଡ଼େ । ମାତ୍ର ଏହି ଶକ୍ତିଗୁଡ଼ିକ ସହଜାତ ପ୍ରବୃତ୍ତି ପରି କାର୍ଯ୍ୟ କରୁଥିବାରୁ ଏବଂ ବିଚାରପ୍ରେରିତ ଭାବରେ ଆତ୍ମଅବଲୋକନ କରିପାରୁ ନ ଥିବାରୁ ଜୀବନର ସଂରକ୍ଷଣ କାର୍ଯ୍ୟନିର୍ବାହରେ ଏହା ପ୍ରକୃତରେ ଅନେକ କାମରେ ଆସେ ସତ, କିନ୍ତୁ ବୁଦ୍ଧି ତାହାକୁ ଆପଣା ଭିତରେ ଗ୍ରହଣ କରି ନ ନେବା ପର୍ଯ୍ୟନ୍ତ ତାହା ମନୁଷ୍ୟ ଯେଉଁ ବିଶେଷ ଉଦ୍ଦେଶ୍ୟଟିକୁ ଦୃଷ୍ଟି ସମକ୍ଷରେ ରଖି ବାଟ ଚାଲୁଥାଏ, ତାହାର କୌଣସି କାମରେ ଆସେ ନାହିଁ । ମନୁଷ୍ୟ ତା'ର ଜୀବନକ୍ଷେତ୍ରରେ ପ୍ରକୃତିର ଏହି ଭୂମି ଉପରେ ଆତ୍ମାର ସ୍ତରରେ ଏକ ନୂତନ ବ୍ୟବସ୍ଥାର ପ୍ରତିଷ୍ଠା କରୁଥାଏ, ଆପଣାର ସଚେତନ ଚିଦ୍‌ଗତତା ଦ୍ୱାରା ଶକ୍ତିଗତ ସକଳ କ୍ରିୟାତ୍ମକତା ଉପରେ ଆପଣାର ନିୟନ୍ତ୍ରଣ କରୁଥାଏ, ମୁକ୍ତ ଓ ବୁଦ୍ଧିପ୍ରେରିତ ଭାବରେ, ବୁଦ୍ଧିମତ୍ତାର ସହିତ ସେଗୁଡ଼ିକୁ ପରସ୍ପର ସହିତ ସମ୍ବନ୍ଧୀକୃତ କରି, ବୁଦ୍ଧିଦୀପ୍ତ ଭାବରେ ସ୍ୱଚ୍ଛଦୃଷ୍ଟିସମ୍ପନ୍ନ ହୋଇ ତଥା ବୁଦ୍ଧିଯୁକ୍ତ ଭାବରେ ସେଗୁଡ଼ିକର ପରୀକ୍ଷା କରି ସେ ସେଗୁଡ଼ିକ ଉପରେ ଆପଣାର ନିୟନ୍ତ୍ରଣ କରୁଥାଏ ।

ଅନ୍ୟପକ୍ଷରେ ବୁଦ୍ଧିଗତ ବିବେଚନା ଜୀବନଲାଗି ହିଁ ଉଦ୍ଦିଷ୍ଟ ରହିଥାଏ, କୌଣସି କର୍ମର ସ୍ରୋତଉପରେ ଭାସି ଚାଲିଯିବାରୁ ଆପଣାକୁ ନିବୃତ୍ତ କରି ରଖିବାର ସାମର୍ଥ୍ୟ ରଖିଥାଏ, ଇଚ୍ଛାକଲେ ସେ କର୍ମରୁ ଅପସରିଯାଇପାରେ ଏବଂ କାର୍ଯ୍ୟକାରୀ ହୋଇ ରହିଥିବା ଯାବତୀୟ ଶକ୍ତିସମୂହର କାର୍ଯ୍ୟ ଓ ସାମର୍ଥ୍ୟଗୁଡ଼ିକୁ ସେ ବୁଦ୍ଧିଯୁକ୍ତଭାବରେ ଅଧ୍ୟୟନ କରିପାରେ, ଗ୍ରହଣ କରିପାରେ, ଅସ୍ୱୀକାର କରିପାରେ, ଅଳ୍ପ ବା ସମ୍ପୂର୍ଣ୍ଣଭାବରେ ବଦଳାଇଦେଇପାରେ, ସେଥିରେ ଉନ୍ନତି ସାଧନ କରିପାରେ, ସେଗୁଡ଼ିକୁ ଏକାଠି ଯୋଡ଼ି ଦେଇପାରେ ଓ ଇଚ୍ଛା କଲେ ପୁଣି ଅଟର ମଧ୍ୟ ଯୋଡ଼ି ଦେଇପାରେ । ଆବଶ୍ୟକ ଅନୁସାରେ ଗୋଟିଏ ସ୍ଥାନରେ ସଂଯମ ଅବଲମ୍ବନ କରିପାରେ ଓ ଅନ୍ୟ ଏକ

'oaob.nitrkl.ac.in' images reprocessed

ସ୍ଥାନରେ ଆପଣାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇପାରେ ଏବଂ ଏକ ବୁଦ୍ଧିସଂଯୁକ୍ତ, ସୁବୋଧ୍ୟ, ପୂର୍ଣ୍ଣଅଭିପ୍ରେତ ଓ ସୁସଂଗଠିତ ପରିପୂର୍ଣ୍ଣତା ଲାଗି ଉଦ୍ୟମ ମଧ୍ୟ କରିପାରେ । ବୁଦ୍ଧିଗତ ବିବେଚନା ହେଉଛି ବିଜ୍ଞାନ, ଏହା ହେଉଛି ସଚେତନ କଳା, ଏହା ଉଦ୍‌ଭାବନ । ଏହା ହେଉଛି ପର୍ଯ୍ୟବେକ୍ଷଣ, ଏବଂ ଏଥିରେ ବିଷୟଗୁଡ଼ିକର ସତ୍ୟକୁ ଆବିଷ୍କାର କରିବାର ତଥା ସୁଯୋଜିତ କରି ରଖିବାର ସାମର୍ଥ୍ୟ ରହିଛି । ଏହା ମୁକ୍ତ ବିଚାରଣା ଏବଂ ଅନ୍ତର୍ନିହିତ ସମ୍ଭାବନାର ସତ୍ୟଟିକୁ ନିର୍ଦ୍ଧାରିତ କରିଆଣି ତାହାର ପୂର୍ବଘୋଷଣା କରିପାରିବାର ସାମର୍ଥ୍ୟ ଏଥିରେ ରହିଛି । ଏହା ଚିନ୍ତା ଓ ତାର ପରିପୂର୍ଣ୍ଣତା, ଏହା ଆଦର୍ଶ ଓ ସେହି ଆଦର୍ଶକୁ ସଫଳ କରିବା । ତାତ୍କାଳିକ ସକଳ ପ୍ରତିଭାସକୁ ଭେଦ ଭିତରକୁ ଦେଖିପାରିବାର ସାମର୍ଥ୍ୟ ଏଥିରେ ରହିଛି ଏବଂ ତା' ପଛରେ ପ୍ରଚ୍ଛନ୍ନ ହୋଇ ରହିଥିବା ଯାବତୀୟ ସତ୍ୟକୁ ଉଦ୍‌ଘାଟିତ କରିଦେବାର ସାମର୍ଥ୍ୟ ମଧ୍ୟ ରହିଛି । ସକଳ ପ୍ରୟୋଜନୀୟତାରେ ତାହା ଦାସ ପରି କାର୍ଯ୍ୟ କରୁଥାଏ, ପୁଣି ସେଗୁଡ଼ିକ ଉପରେ ମଧ୍ୟ ପ୍ରଭୁରୂପେ ପ୍ରତିଷ୍ଠିତ ହୋଇ ରହିଥାଏ । ଏବଂ ସକଳ ପ୍ରୟୋଜନୀୟତାକୁ ସମ୍ମୁଖରୁ ଅପସାରି ନେଇ ଏହା ସମ୍ପୂର୍ଣ୍ଣ ଅନାସକ୍ତଭାବରେ ସତ୍ୟ ପାଇଁ ହିଁ ସତ୍ୟର ଅନ୍ୱେଷଣ କରିପାରେ ଏବଂ ତାହାର ଆବିଷ୍କାର କରି ନୂତନ ସମ୍ଭାବନାମୟ ଆହୁରି କେତେ କେତେ ପ୍ରୟୋଜନୀୟତାର ଏକ ନୂତନ ଜଗତକୁ ଆମ ଆଗରେ ଉନ୍ମୋଚିତ କରିଦେଇପାରେ । ତେଣୁ ବୁଦ୍ଧିଗତ ବିବେଚନାଶକ୍ତିକୁ ଆମେ ଏକ ସାର୍ବଭୌମ ଶକ୍ତି ବୋଲି କହିବା, ଯାହାଦ୍ୱାରା କି ମନୁଷ୍ୟ ଅପେ ଆପଣାର ଅଧିକାରୀ ହୋଇପାରିଛି ଏବଂ ଧ୍ୱଶକ୍ତିଗୁଡ଼ିକର ଅଧ୍ୟୟନ କରି ସେଗୁଡ଼ିକର ନିୟାମକ ମଧ୍ୟ ହୋଇପାରିଛି । ଆପଣାକୁ ଏକ ଦେବତାରୂପେ ପ୍ରତିଷ୍ଠିତ କରିପାରିଛି, ଯାହା ଉପରେ କି ତା' ଭିତରେ ରହିଥିବା ଅନ୍ୟ ଦେବଶକ୍ତି ସବୁ ନିର୍ଭର କରି ରହିଛନ୍ତି ଓ ଆପଣା ଆପଣାର ଆରୋହଣରେ ତାହାର ସହାୟତା ଲାଭ କରୁଛନ୍ତି । ଏହାକୁ ଆମେ ପୁରାଣକଥାର ସେହି ପ୍ରୋମେଥିଉସ୍‌ର ଆଖ୍ୟା ଦେଇପାରିବା, ମନୁଷ୍ୟସମାଜର ସାହାଯ୍ୟକାରୀ, ଶିକ୍ଷାଦାତା, ହାତ ଧରି ଉପରକୁ ନେଇଯାଉଥିବା ବନ୍ଧୁ ଓ ସଭ୍ୟତାର ଜନକ ବୋଲି କହିପାରିବା ।

ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ, ଏବେ ମନୁଷ୍ୟର ମନ ବୁଦ୍ଧିର ଏହି ସାର୍ବଭୌମତା ବିରୁଦ୍ଧରେ କ୍ରମେ ଅନେକ ପରିମାଣରେ ଏକ ପ୍ରକାଶ୍ୟ ବିଦ୍ରୋହ କରିବାକୁ ଆରମ୍ଭ କଲଣି । ଏହି କଥାଟିକୁ ଆମେ ଅନ୍ୟଭାବରେ ଏପରି ବି କହିପାରିବା ଯେ, ବୁଦ୍ଧି କ୍ରମେ ଆପଣା ବିବେଚନାଟି ପ୍ରତି ଏକ ଅସନ୍ତୋଷ ପ୍ରକାଶ କଲଣି, ଆପଣାର ସୀମାବଦ୍ଧତାଗୁଡ଼ାକୁ ନେଇ କ୍ରମେ ଭାରି ଅସନ୍ତୁଷ୍ଟ ହେଲଣି ଏବଂ ଆମ ପ୍ରକୃତିର ଅନ୍ୟାନ୍ୟ ସାମର୍ଥ୍ୟଗୁଡ଼ିକୁ ଅଧିକ ସ୍ୱାଧୀନତା ଓ ଅଧିକ ମହତ୍ତ୍ୱ ଦେବାକୁ ଏକ ପ୍ରବୃତ୍ତି ଦେଖାଇଲଣି । ସ୍ୱୀକାର କରାଯାଇପାରେ ଯେ, ବୁଦ୍ଧିଗତ ବିବେଚନାର ଏହି ସାର୍ବଭୌମତ୍ୱ ସର୍ବକାଳରେ ବଡ଼ ଅପୂର୍ଣ୍ଣ ଓ ଦୋଷଯୁକ୍ତ ହୋଇ ରହିଆସିଛି, ବସ୍ତୁତଃ

'oaob.nitrkl.ac.in' images reprocessed

ତାହାର ଶାସନଟି ସର୍ବଦା ବଡ଼ ଅଶାନ୍ତିପୂର୍ଣ୍ଣ ଓ ସଂଗ୍ରାମମୟ ହୋଇ ରହିଛି, ଏହା ବିରୁଦ୍ଧରେ ପ୍ରତିରୋଧ କରାହୋଇଛି ଓ ଏହାକୁ ପ୍ରତିହତ ମଧ୍ୟ କରାଯାଇଛି । ମାତ୍ର ତଥାପି ମନୁଷ୍ୟଜାତିର ସର୍ବଶ୍ରେଷ୍ଠ ବୁଦ୍ଧିମାନ୍‌ମାନେ ସେହି ବୁଦ୍ଧିକୁ ହିଁ କର୍ତ୍ତୃତ୍ୱସ୍ଥାନ ଦେଇଆସିଛନ୍ତି ଓ ତାହାର ନିୟମଗୁଡ଼ିକୁ ହିଁ ଯଥାର୍ଥ ନିୟମ ବୋଲି ସ୍ୱୀକାର କରିଛନ୍ତି । ଧର୍ମବିଶ୍ୱାସ ହିଁ ସର୍ବାଧିକତଃ ଏହାର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ବୋଲି ସ୍ୱୀକୃତ ହୋଇଆସିଛି । ଧର୍ମ ଆଗରେ ବୁଦ୍ଧିକୁ ଚୁପ୍ ରହିବାକୁ ପଡ଼ିବ, ବା ଅନ୍ତତଃ ଜ୍ଞାନୋପଲବ୍ଧିର ଏପରି ଅନେକ କ୍ଷେତ୍ର ରହିଛି ଯାହା ଭିତରେ କି ବୁଦ୍ଧି ଆଦୌ ପ୍ରବେଶ କରିପାରିବ ନାହିଁ ଏବଂ ସେଠାରେ କେବଳ ଧର୍ମର କଥାକୁ ହିଁ ଶୁଣିବାକୁ ପଡ଼ିବ ;—ଆପଣାର ଏହି ଦାବିରେ ଧର୍ମ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ସଫଳତା ଅର୍ଜ୍ଜନ କରିପାରିଛି । ବର୍ତ୍ତମାନ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ଧର୍ମ ଆପେ ମଧ୍ୟ ନିଜକୁ ସର୍ବନିୟାମକ ବୋଲାଇବାର ଆସ୍ଫାଳନଟିକୁ ପରିତ୍ୟାଗ କରିବାଲାଗି ବାଧ୍ୟ ହୋଇଛି ବା ସେହି ଦର୍ପଟିକୁ କାହୁର୍ କ୍ଷୀଣତର କରିଦେଇଛି ଏବଂ ବୁଦ୍ଧିର ସାର୍ବଭୌମତାକୁ ମାନିନେବାଲାଗି ବାଧ୍ୟ ହୋଇଛି । ପ୍ରାଣ, କଳ୍ପନା, ସଂବେଗ ତଥା ନୈତିକ ଏବଂ ସୌନ୍ଦର୍ଯ୍ୟବୋଧଗତ ଆବଶ୍ୟକତା ମଧ୍ୟ ଅନେକ ସମୟରେ କେବଳ ଆପଣା ଲାଗି ହିଁ ତିଷ୍ଠିରହିବାର ଦାବି କରିଛନ୍ତି, କେବଳ ଆପଣାର ପ୍ରବୃତ୍ତିଟିର ହିଁ ଅନୁସରଣ କରିବାକୁ ବାଧ୍ୟ ହୋଇଛନ୍ତି ; ବସ୍ତୁତଃ ଅନେକ ସମୟରେ ଆପଣାର ଦାବିକୁ ବଳପୂର୍ବକ ଲଦିଦେବାକୁ ବି ଇଚ୍ଛା କରୁଛନ୍ତି । କିନ୍ତୁ ସେମାନେ ତଥାପି ସାଧାରଣତଃ ସେହି ବୁଦ୍ଧିର ହିଁ ଶାସନଦଣ୍ଡକୁ ମାନିବାକୁ ବାଧ୍ୟ ହୋଇଛନ୍ତି ଓ ଆଂଶିକଭାବରେ ବୁଦ୍ଧିର ନିୟନ୍ତ୍ରଣ ଭିତରକୁ ଆସିଛନ୍ତି ; ସେହି ବୁଦ୍ଧିକୁ ମୂଳର ଚରମ ନିର୍ଦ୍ଦେଶକ ଓ ମୀମାଂସାକାରୀରୂପେ ସ୍ୱୀକାର କରିଛନ୍ତି । ଅବଶ୍ୟ ବର୍ତ୍ତମାନ ମନୁଷ୍ୟଜାତିର ବିଚାରଶୀଳ ମନ ଆପଣାର ଚରମ ଅକାଂକ୍ଷା ବିଷୟରେ ଅଳପ ସଂଶୟ ପ୍ରକାଶ କରିବାକୁ ଅଧିକରୁ ଅଧିକ ମନ ବଳାଇଲାଣି ; ଏବଂ କେବଳ ବୁଦ୍ଧିର ସାମର୍ଥ୍ୟଦ୍ୱାରା ସମ୍ପୂର୍ଣ୍ଣଭାବରେ ଆବିଷ୍କୃତ ତଥା ଶାସିତ ହୋଇପାରିବା ଜୀବନ କ'ଣ ଅନେକ ବଡ଼, ଅଧିକ ଗଭୀର, ଅତି ବହୁମୁଖୀ ତଥା ଅଧିକ ରହସ୍ୟାବୃତ ଏକ ବିଷୟ ନୁହେଁ କି ବୋଲି ପ୍ରଶ୍ନ କରିବାକୁ ଆରମ୍ଭ କଲାଣି । ସେତେ ଅସ୍ପଷ୍ଟଭାବରେ ହେଲେ ମଧ୍ୟ ବୁଦ୍ଧିଠାରୁ ଆହୁରି ବଡ଼ ଏକ ଦେବତା ନିଶ୍ଚୟ ରହିଛି ବୋଲି କ୍ରମେ ଅନୁଭୂତ ହେଲାଣି ।

କେତେକ ବ୍ୟକ୍ତି ଏହି ଦେବତାକୁ ସ୍ୱୟଂ ପ୍ରାଣଶକ୍ତି ବୋଲି କହୁଛନ୍ତି, ଅଥବା ସେହି ପ୍ରାଣଶକ୍ତି ମଧ୍ୟରେ କାର୍ଯ୍ୟ କରୁଥିବା ଏକ ପ୍ରଚ୍ଛନ୍ନ ବୃହତ୍ ଇଚ୍ଛା ବୋଲି କହୁଛନ୍ତି । ଏହି ପ୍ରାଣଶକ୍ତି ବା ତାହାର ଇଚ୍ଛାଟି ହିଁ ଶାସକ ହୋଇ ରହିବ ଏବଂ କେବଳ ତାହାର ପରିକର ହୋଇ ରହିଥିବାଯାଏ ବୁଦ୍ଧିର ମଧ୍ୟ ଏକ ଉପଯୋଗିତା ରହିଥିବ ବୋଲି ସେମାନେ ଦାବି କରୁଛନ୍ତି । ସେମାନଙ୍କ ମତରେ ବୁଦ୍ଧିର ସ୍ୱେଚ୍ଛାବୃତ୍ତି ନିୟନ୍ତ୍ରଣଟି ଦ୍ୱାରା

'oaob.nitrkl.ac.in' images reprocessed

ପ୍ରାଣଶକ୍ତିକୁ କଦାପି ଦମିତ କରି ରଖାଯିବ ନାହିଁ, ତାହାକୁ ହ୍ରାସ କରିଦିଆଯିବ ନାହିଁ ବା କେବଳ ଗୋଟାଏ ଯନ୍ତ୍ରରେ ପରିଣତ କରିଦିଆଯିବ ନାହିଁ । ପ୍ରାଣ ଭିତରେ କେତେକେତେ ଅଧିକ ଶକ୍ତିଶାଳୀ ସାମର୍ଥ୍ୟ ନିହିତ ହୋଇ ରହିଛି, ଯାହାକୁ କି ଅଧିକ ମୁକ୍ତ ସଞ୍ଚରଣର ଅବସର ଦେବାକୁ ହେବ, କାରଣ କେବଳ ସେହିସବୁ ସାମର୍ଥ୍ୟ ହିଁ ଯାବତୀୟ ପରିବର୍ତ୍ତନ ଘଟାଉଛନ୍ତି ଓ ଯାବତୀୟ ସୃଷ୍ଟି କରୁଛନ୍ତି । ଅନ୍ୟ ପକ୍ଷରେ ଏ କଥା ମଧ୍ୟ ଅନୁଭବ କରାଯାଉଛି ଯେ, ବୁଦ୍ଧି ଅତିରିକ୍ତଭାବରେ କେବଳ ବିଶ୍ଳେଷଣକୁ ହିଁ ସାଧନ ବୋଲି ଧରିଥାଏ, ଅତିରିକ୍ତଭାବରେ ସ୍ୱେଚ୍ଛାଚରଣ କରେ, ଏବଂ ଆପଣାର ବିଭେଦନ, ମାନିନିଆଯାଇଥିବା କେତୋଟି ଶ୍ରେଣୀବିଭାଗ ଓ ସେହିଗୁଡ଼ିକୁ ଭିତ୍ତି କରି ରହିଥିବା ଧରାବନ୍ଧା ନିୟମଗୁଡ଼ିକ ଦ୍ୱାରା ତାହା ଜୀବନ ବୋଲି ଏକ ମିଥ୍ୟାର ହିଁ ଉପସ୍ଥାପନ କରିଥାଏ । ଏକଥା ମଧ୍ୟ ଅନୁଭୂତ ହେଉଛି ଯେ, ବୁଦ୍ଧି ବ୍ୟତୀତ ଏକ ଅଧିକ ଗଭୀର ତଥା ଅଧିକ ବୃହତ୍ ଜ୍ଞାନସାମର୍ଥ୍ୟ ଅବଶ୍ୟ ରହିଛି, ଏକ ସମ୍ବୋଧି ବା ସେହିଭଳି ଆଉ କିଛି ରହିଛି, ଯାହାକି ଜୀବନର ସଙ୍ଗୁପ୍ତ ସତ୍ୟଗୁଡ଼ିକୁ ଅଧିକ ଗଭୀରଭାବରେ ସ୍ପର୍ଶ କରିପାରୁଛି । ଏହି ବୃହତ୍ତର ଅନ୍ତରଙ୍ଗ ସାମର୍ଥ୍ୟଟି ଅନ୍ତଃସ୍ଥିର ଗଭୀର ତଳ କଥା ବସ୍ତୁଗୁଡ଼ିକ ସହିତ ଅଧିକ ଏକାତ୍ମ ହୋଇ ରହିଛି ; ଆମ ଲାଗି ଜୀବନର ଅଦୃଶ୍ୟ ସତ୍ୟଗୁଡ଼ିକୁ ବହନ କରି ଆଣିବାଲାଗି ଏବଂ ଏହାର ବସ୍ତୁଗତ ଯଥାର୍ଥତାଗୁଡ଼ିକୁ ଆମକୁ ଦେଇପାରିବାଲାଗି ଏଥିରେ ଅଧିକ ସାମର୍ଥ୍ୟ ରହିଛି । କେବଳ ଏକ କୃତ୍ରିମ କଳ୍ପା ଯନ୍ତ୍ରବତ୍ ଭାବ ସହିତ ନୁହେଁ, ମାତ୍ର ଜୀବନସ୍ଥ ସେହି ପ୍ରଚ୍ଛନ୍ନ ବୃହତ୍ ଇଚ୍ଛାଟିର ସମ୍ବୋଧିପ୍ରେରଣା ଦ୍ୱାରା ଏବଂ ତାହାର ବୃହତ୍, ସୂକ୍ଷ୍ମ ତଥା ଅନନ୍ତ ଗତିଗୁଡ଼ିକ ସହିତ ଏକ ମୁକ୍ତ ସମତାଳନ୍ତା ରକ୍ଷା କରି ଏହା ସେହି ସତ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଲାଗିଛି । ବସ୍ତୁତଃ ମନୁଷ୍ୟମାନଙ୍କର ବର୍ତ୍ତମାନ ଆଶଙ୍କିତ ଦୃଷ୍ଟିଟି କ୍ରମେ ଏହି କଥାଟିର ଆଭାସ ପାଇବାକୁ ଅଧିକରୁ ଅଧିକ ସମର୍ଥ ହେବାରେ ଲାଗିଛି ଯେ, ଯଥାର୍ଥ ଓ ଏକମାତ୍ର ଦେବତା ଅର୍ଥାତ୍ ଦେବତ୍ୱରୂପେ ଆମେ କେବଳ ସେହି ଆତ୍ମାକୁ ହିଁ ବୁଝିବା, ଯେ କି ଆବଶ୍ୟକ ହେଲେ ବୁଦ୍ଧିର ବିବେଚନାକୁ ଆପଣାର ଏକ ମନ୍ତ୍ରଣାଦାତାରୂପେ ଅବଶ୍ୟ ବ୍ୟବହାର କରିପାରିବ, ଅଥଚ ସେହି ବିବେଚନାର ବୁଦ୍ଧିସର୍ବସ୍ୱତା ପାଖରେ ନିଜେ କଦାପି ଅଧୀନସ୍ଥ ହୋଇ ରହିବ ନାହିଁ ; କାରଣ ସେଭଳି ଅଧୀନ ହୋଇପଡ଼ିଲେ ତା'ର ଆପଣା ସମ୍ଭାବନାଗୁଡ଼ିକ ସମାବଦ୍ଧ ହୋଇପଡ଼ିବ ଏବଂ ଆପଣା ଅଭିବ୍ୟକ୍ତିର ଆଚରଣଭୂମିଟି କୃତ୍ରିମତାଗ୍ରସ୍ତ ହୋଇଯିବ ।

ଆପଣାର ଶୁଦ୍ଧ ତଥା ସ୍ୱଭାବଗତ ସାମର୍ଥ୍ୟ ହେତୁ ବୁଦ୍ଧିର ଉଚ୍ଚତମ ସାମର୍ଥ୍ୟଟିକୁ ଯଥାର୍ଥ ଜ୍ଞାନର ଆସକ୍ତିରହିତ ଅନ୍ୱେଷଣ ବୋଲି କୁହାଯାଇପାରିବ । ଯେତେବେଳେ କେବଳ ଜ୍ଞାନଲାଗି ହିଁ ଜ୍ଞାନର ଅନୁଧାବନ କରାଯାଏ, କେବଳ ସେତିକିବେଳେ ଯାଇ ଆମ ପକ୍ଷରେ ଯଥାର୍ଥ ଜ୍ଞାନରେ ଯାଇ ଉପନୀତ ହେବାର ସମ୍ଭାବନା ରହିଥାଏ । ଅବଶ୍ୟ

'oaob.nitrkl.ac.in' images reprocessed

ପରେ ଆମେ ନାନା ଉଦ୍ଦେଶ୍ୟରେ ସେହି ଜ୍ଞାନର ଉପଯୋଗ ବା ପ୍ରୟୋଗ କରିପାରୁ, ମାତ୍ର ଯଦି ମୂଳରୁ ହିଁ ଆମ ଆଖି ଆଗରେ କେବଳ କେତେଟା ବିଶେଷ ଉଦ୍ଦେଶ୍ୟ ଆମର ବାଟ ଉପରେ ବସି ରହିଥାନ୍ତି, ତେବେ ତଦ୍ୱାରା ଆମ ବୌଦ୍ଧିକ ସିଦ୍ଧି ବଡ଼ ସୀମାବଦ୍ଧ ହୋଇ ରହେ, ବିଷୟଗୁଡ଼ିକ ସମ୍ବନ୍ଧରେ ଆମର ଦୃଷ୍ଟି ସୀମାବଦ୍ଧ ହୋଇଯାଏ ଏବଂ ସତ୍ୟଟି ମଧ୍ୟ ବିକୃତ ହୋଇପଡ଼େ, କାରଣ ଆମେ ଏହାକୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଧାରଣାର ଛାଞ୍ଚଭିତରେ ନେଇ ଭର୍ତ୍ତିକରି ରଖୁ, କୌଣସି ପ୍ରୟୋଜନ ଭିତରେ ନେଇ କଳିରଖୁ ଏବଂ ସେଇ ବିଶେଷ ପ୍ରୟୋଜନ ବା ସେହି ନିର୍ଦ୍ଦିଷ୍ଟ ଧାରଣାଟି ସହିତ ଯେଉଁସବୁ ଦ୍ୱନ୍ଦ ବା ବିରୋଧ ଆସି ଉପସ୍ଥିତ ହୁଏ, ଆମେ ସେଗୁଡ଼ିକୁ ଏଡ଼ିଦେଇଥାଉ ବା ଅସ୍ୱୀକାର କରୁ । ଏପରି କରିବାଦ୍ୱାରା ଆମେ ଅବଶ୍ୟ ଆମ ଦୃଷ୍ଟିଆଗରେ ରହିଥିବା ଧାରଣା କିମ୍ବା ପ୍ରୟୋଜନଟିର ସୀମାଗୁଡ଼ିକ ଭିତରେ ଆମ ବୁଦ୍ଧିକୁ ପ୍ରଭୂତ ତାତ୍କାଳିକ ସମର୍ଥତା ସହିତ କାମରେ ଲଗାଇପାରୁ, ଠିକ୍ ଯେପରି ଇତରପ୍ରାଣୀର ସହଜାତ ପ୍ରବୃତ୍ତିଟି କେତେକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଓ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟର ସାଧନ ଲାଗି ପ୍ରଭୂତ ନିପୁଣତା ସହିତ ଆପଣାକୁ କାର୍ଯ୍ୟକାରୀ କରିବାରେ ସମର୍ଥ ହୋଇଥାଏ । ମାତ୍ର ସେହିସବୁ ସୀମାର ବାହାରେ ତାହା ସାମର୍ଥ୍ୟହୀନ ହୋଇ ରହିଯାଏ । ବସ୍ତୁତଃ ପ୍ରାୟ କୌଣସି ଇତରଜୀବ ଆପଣାର ବଂଶାନୁଗତ ଓ ପୁରୁଷାନୁକ୍ରମେ ଗଢ଼ି ଆସିଥିବା ସହଜାତ ପ୍ରବୃତ୍ତିଟିକୁ କାମରେ ଲଗାଇଲା ପରି ସାଧାରଣ ମନୁଷ୍ୟ ତା'ର ବୁଦ୍ଧିଗତ ବିବେଚନାଟିକୁ ମଧ୍ୟ କାମରେ ଲଗାଇଥାଏ ; କୌଣସି ଗୋଟିଏ ବିଶେଷ ପ୍ରୟୋଜନର ସିଦ୍ଧି ଲାଗି ସେ ଆପଣାର ବୁଦ୍ଧିକୁ ଗୋଟାପୁରା ଅନୁରକ୍ତ ଓ ଅନୁଗତ କରି ରଖିଥାଏ । ଅଥବା ଏକ ସଂସ୍କାରଗତ ଓ ପୁରୁଷାନୁକ୍ରମଦ୍ୱାରା ପ୍ରାପ୍ତ ବୁଦ୍ଧିଗତ ବିବେଚନାକୁ ଆପଣା ଜୀବନର ବ୍ୟାବହାରିକ ଓ ଆବଶ୍ୟକ ପ୍ରୟୋଜନଗୁଡ଼ିକର କ୍ଷେତ୍ରରେ ସେ କେଣ୍ଠି ଉପଯୋଗୀ ଭାବରେ ପ୍ରୟୋଗ କରିପାରେ ସତ, ମାତ୍ର ସେହି ପ୍ରୟୋଗରେ କ୍ୱଚିତ୍ କୌଣସି ଆଲୋକ ବା ଉଦ୍ଭାବନର ସ୍ଥାନ ରହିଥାଏ । ଏପରି କି ଜଣେ ଭାବନାସମର୍ଥ ବ୍ୟକ୍ତି ମଧ୍ୟ ସାଧାରଣତଃ ଆପଣାର ବୁଦ୍ଧି ଓ ବିବେଚନାକୁ ଆପେ ଅଗ୍ରାଧିକାର ଦେଇ ଗ୍ରହଣ କରିଥିବା କେତୋଟି ବିଶେଷ ଧାରଣାକୁ କାର୍ଯ୍ୟକାରୀ କରାଇବା ମଧ୍ୟରେ କେବଳ ସୀମାବଦ୍ଧ କରି ରଖିଥାଏ । ସେହି ଧାରଣାଗୁଡ଼ିକ ଲାଗି ଅନୁପଯୋଗୀ ଆଉ ସବୁକିଛିକୁ ସେ ଏଡ଼ିଦେଉଥାଏ ବା ଅସ୍ୱୀକାର କରୁଥାଏ ; ଆଉ ଯାହାକିଛି ସେହିସବୁ ଧାରଣା ସହିତ ସହଯୋଗ ନ କରେ, ସେଗୁଡ଼ିକୁ ଉଚିତ ବୋଲି ସାବ୍ୟସ୍ତ କରୁ ନ ଥାଏ, କିମ୍ବା ଦ୍ରୁତଭାବରେ ସେଗୁଡ଼ିକର ବିରୋଧ କରୁଥାଏ ଅଥବା ସେଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣଭାବରେ ପରିବର୍ତ୍ତିତ କରିପକାଉଥାଏ, ସେଗୁଡ଼ିକୁ ସେ ଏଡ଼ିଦିଏ ବା ଅସ୍ୱୀକାର କରେ । ଅବଶ୍ୟ ଯେତେ-ବେଳେ ସ୍ୱୟଂ ଜୀବନହିଁ ଆପାତତଃ ଆବଶ୍ୟକ ପରିବର୍ତ୍ତନଗୁଡ଼ିକୁ ଗ୍ରହଣ କରି-ନେବାଲାଗି ତାକୁ ବାଧ କରେ କିମ୍ବା ସତର୍କ କରିଦିଏ ବା କେବଳ ଆପଣାକୁ ହିଁ ପ୍ରମାଦଗ୍ରସ୍ତ କରି ସେଗୁଡ଼ିକର ଆବଶ୍ୟକତାକୁ ଏଡ଼ିହୋଇଯାଇପାରିବ ବୋଲି ତାକୁ

'oaob.nitrkl.ac.in' images reprocessed

ଚେତାବନ୍ତ ହୁଏ, କେବଳ ସେତିକବେଳେ ପାଇଁ ସେ ଅନ୍ୟପ୍ରକାର ଆଚରଣ କରିଥାଏ । ଏହିସବୁ ସୀମାଙ୍କନ ଭିତରେ ରହି ହିଁ ମନୁଷ୍ୟର ବୁଦ୍ଧି ସାଧାରଣତଃ କାର୍ଯ୍ୟ କରୁଥାଏ । ଅତି ନିତ୍ୟନୈମିତ୍ତିକ ଭାବରେ ସେ କେତୋଟି ବା ଗୋଟିଏ ପ୍ରୟୋଜନଗତ ସ୍ୱାର୍ଥର ଅନୁସରଣ କରୁଥାଏ, ଆପଣାର ନିର୍ବାଚିତ ମତ ବା ସ୍ୱାର୍ଥଗୁଡ଼ିକ ସହିତ ମେଳ ଖାଉ ନ ଥିବା ଯାବତୀୟ ଜୀବନ ତଥା ଅସ୍ତିତ୍ୱଗତ ସତ୍ୟକୁ, ନୈତିକତା, ସୌନ୍ଦର୍ଯ୍ୟବୋଧ, ବୁଦ୍ଧିଗତ ବିବେଚନ ତଥା ଚିଦ୍‌ଗତତାର ସତ୍ୟକୁ ସେ ମାଡ଼ିଦେଇ ଚଳିଯାଉଥାଏ, ତଳକୁ ଦାବି ଦେଉଥାଏ, ଏଡ଼ାଇଦିଏ କିମ୍ବା ଗୌଣ ମନେକରି ସେଗୁଡ଼ିକୁ ଗୋଟାଏ ପାଖକୁ ଠେଲିଦିଏ । ତା'ର ପ୍ରୟୋଜନଗତ ସ୍ୱାର୍ଥର ବାହାରେ ଥିବା ଏହିସବୁ ଉପାଦାନକୁ ହୁଏତ ସ୍ୱୀକାର କଲାବେଳେ ସେ କେବଳ ନାମକୁ ମାତ୍ର ସେଗୁଡ଼ିକୁ ଘେନା କରିଥାଏ, ବ୍ୟବହାରତଃ ସେଗୁଡ଼ିକୁ ଆଦୌ ଗ୍ରହଣ କରେ ନାହିଁ ; ଅଥବା ସେଗୁଡ଼ିକୁ ପ୍ରଥମେ କୌଣସି ପ୍ରକାରେ ବିକୃତ କରିପକାଏ, ସେଗୁଡ଼ିକର ଯଥାର୍ଥ ପରିଣାମଗୁଡ଼ିକୁ ଏକାବେଳେକେ ନାକଚ କରିଦେଉଥିବା ଏକ ଅନ୍ୟରଙ୍ଗ ଦ୍ୱାରା ସେଗୁଡ଼ିକୁ ରଞ୍ଜିତ କରିଦିଏ, ସେଗୁଡ଼ିକର ଯଥାର୍ଥ ମର୍ମଟିକୁ ବିନଷ୍ଟ କରିଦିଏ ବା ସେଗୁଡ଼ିକୁ କାଟିକୁଟି ଛିନ୍ନଭିନ୍ନ କରିଦିଏ ଏବଂ ତା'ପରେ ଯାଇ ସେଗୁଡ଼ିକୁ ଗ୍ରହଣ କରିବାର ଆଗ୍ରହ ଦେଖାଏ । ଆପଣାର ନାନା ସ୍ୱାର୍ଥ, ନାନା ପ୍ରୟୋଜନ, ସହଜାତ ପ୍ରବୃତ୍ତି, ଅନ୍ତରର ଇଚ୍ଛା, ବଦ୍ଧମୂଳ ଧାରଣା, ପାରମ୍ପରିକତା ତଥା ମତର ଅଧୀନସ୍ଥତା, ଏହିସବୁ ଦ୍ୱାରା ହିଁ ସାଧାରଣ ମନ * ସର୍ବଦା ବାନ୍ଧିହୋଇ ରହିଥାଏ ଏବଂ ମନୁଷ୍ୟ-ଜୀବନର ଅବିବେକତାକୁ ପ୍ରତିଷ୍ଠିତ କରି ରଖିଥାଏ ।

ମାତ୍ର ଏପରିକି ଯେଉଁ ମନୁଷ୍ୟ ବୁଦ୍ଧିଦ୍ୱାରା ଆପଣା ଜୀବନକୁ ପରିଚାଳିତ କରି ରଖିବାର ସାମର୍ଥ୍ୟ ରଖିଛି, ତା'ର ଜୀବନ ଯଥାର୍ଥରେ ତା'ର ସତ୍ତାର ବା ସକଳ ସତ୍ତାର ସ୍ପଷ୍ଟଭାବେ ଅବଧାରିତ ଯାବତୀୟ ସତ୍ୟ ଓ ସିଦ୍ଧାନ୍ତଗୁଡ଼ିକୁ ପ୍ରକାଶ କରିପାରିବା ଉଚିତ ବୋଲି ଯେ ସ୍ୱୀକାର କରୁଛି ଏବଂ ସେହି ସତ୍ୟଗୁଡ଼ିକୁ ଆବିଷ୍କାର କରିବାଲାଗି ଅଥବା ଅନ୍ୟମାନଙ୍କଠାରୁ ସେଗୁଡ଼ିକର ପରିଚୟ ପାଇବାଲାଗି ଚେଷ୍ଟା କରୁଛି, ସେ ମଧ୍ୟ ଅନେକ

---

* ମନୁଷ୍ୟ ଭିତରେ ରହିଥିବା ସାଧାରଣ ମନଟିକୁ ଯଥାର୍ଥରେ ତା'ର ପ୍ରକୃତ ମନନସମର୍ଥ ମନ ବୋଲି କୁହାଯାଇପାରିବ ନାହିଁ । ଏହା ହେଉଛି ଏକ ପ୍ରାଣକବଳିତ ମନ ; ଏହାକୁ ଆମେ ହୁଏତ ଏକ ପ୍ରାଣିକ ମନ ବୋଲି କହିପାରିବା, ଯେ କି ଭାବି ଶିଖିଛି ଓ ବିବେଚନା ମଧ୍ୟ କରି ଶିଖିଛି । ମାତ୍ର କେବଳ ଆପଣା ଉଦ୍ଦେଶ୍ୟଗୁଡ଼ିକୁ ସାଧନ କରିବାପାଇଁ ଓ ଆପଣା ଖାତରେ ହିଁ ତାହା ଏସବୁ କରିପାରୁଛି । ଜ୍ଞାନପ୍ରେରିତ ଯଥାର୍ଥ ମନର ଉଦ୍ଦେଶ୍ୟ କିମ୍ବା ନିଃସ୍ୱାର୍ଥତା ଲାଗି ଏଥିରେ ଆଦୌ କୌଣସି ସ୍ଥାନ ନାହିଁ ।

'oaob.nitrkl.ac.in' images reprocessed

ସମସ୍ତରେ ଆପଣାର ବୁଦ୍ଧିଶକ୍ତିସମ୍ପନ୍ନ ମନଟିକୁ ସଚେତ, ମୁକ୍ତ ତଥା ଅସକ୍ତିରହିତ ଭାବରେ ଉପଯୋଗ କରିବାରେ ସମର୍ଥ ହୋଇପାରୁ ନାହିଁ । ଯେମିତ ଅନ୍ୟମାନେ ସେମାନଙ୍କର ଆପଣା ସ୍ୱାର୍ଥ, ବଦ୍ଧମୂଳ ଆଗ୍ରହ, ଅନ୍ଧ ପ୍ରବୃତ୍ତି ବା ଆତୁର ଇଚ୍ଛାର ଦୌରାତ୍ମ୍ୟର ଅଧୀନ ହୋଇ ରହିଛନ୍ତି, ସେ ମଧ୍ୟ ସେହିପରି ବିଚାରଗୁଡ଼ିକର ଦୌରାତ୍ମ୍ୟର ଅଧୀନ ହୋଇ ରହିଛି । ବସ୍ତୁତଃ ସେ ଏହି ବିଚାରଗୁଡ଼ିକୁ ଗୋଟିଏ ଗୋଟିଏ ସ୍ୱାର୍ଥରେ ପରିଣତ କରିଦେଉଛି । ଆପଣାର ଆତୁର ଇଚ୍ଛା ଓ ପୂର୍ବଗ୍ରହ ଅର୍ଥାତ୍ ବଦ୍ଧ ଧାରଣା-ଗୁଡ଼ିକଦ୍ୱାରା ସେଗୁଡ଼ିକୁ ଆଚ୍ଛନ୍ନ କରି ରଖୁଛି ଏବଂ ଫଳରେ ସେଗୁଡ଼ିକ ବିଷୟରେ ଅତି ସ୍ୱାଧୀନ ଭାବରେ ଚିନ୍ତା କରିପାରୁନାହିଁ, ସେଗୁଡ଼ିକର ନାନା ସୀମାକୁ ଠଉରାଇ ପାରୁନାହିଁ କିମ୍ବା ଅନ୍ୟ ଭିନ୍ନ ଓ ବିରୋଧୀ ବିଚାରଗୁଡ଼ିକ ସହିତ ସେଗୁଡ଼ିକର ଯେଉଁ ସମ୍ବନ୍ଧ ରହିଛି ଏବଂ ସେହି ଅନ୍ୟ ବିଚାରସବୁର ତିଷ୍ଠି ରହିବାଲାଗି ସମାନ ଅଧିକାର ମଧ୍ୟ ରହିଛି, ସେ କଥାକୁ ସେ ଆଦୌ ହୃଦୟଙ୍ଗମ କରିପାରୁନାହିଁ । ତେଣୁ ଆମେ ପ୍ରାୟ ସବୁବେଳେ ଦେଖିବାକୁ ପାଉ ଯେ, କେତେକେତେ ବ୍ୟକ୍ତି, କେତେକେତେ ସମଷ୍ଟି ଓ ସମ୍ପୂର୍ଣ୍ଣ ଗୋଟାଏ ଗୋଟାଏ ଯୁଗ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ମତଗତ, ଧର୍ମଗତ, ସୌନ୍ଦର୍ଯ୍ୟବୋଧଗତ ଅଥବା ରାଜନୀତିକ ବିଚାରକୁ ବା ବିଚାରସମୂହକୁ ହିଁ ସର୍ବସ୍ୱ ମନେକରି ତାହାରି ସ୍ରୋତରେ ଭାସି ଚାଲିଯାଉଛନ୍ତି, ଆତୁର ଆସକ୍ତି ସହିତ ତାହାରି ଅବଲମ୍ବନ କରି ରହିଛନ୍ତି, ଆପଣାର ସ୍ୱାର୍ଥରୂପେ ସେହିଗୁଡ଼ିକର ଅନୁସରଣ କରୁଛନ୍ତି, ସେହିଗୁଡ଼ିକୁ ହିଁ ଜୀବନର ଏକ ସ୍ଥାୟୀ ରୀତି ବା ବିଧାନରୂପେ ପ୍ରତିଷ୍ଠିତ କରିବାକୁ ଚାହୁଁଛନ୍ତି ଏବଂ ସେହିଗୁଡ଼ିକର କ୍ରିୟାତ୍ମକ ପ୍ରବେଗ ଦ୍ୱାରା ପରିଚାଳିତ ଓ ଧାବିତ ହେବାରେ ଲାଗିଛନ୍ତି ଏବଂ ଜୀବନ ତଥା ଅସ୍ତିତ୍ୱ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ଅର୍ଜନ କରି ତାହାରିଦ୍ୱାରା ହିଁ ଯଥାର୍ଥ ଓ ସୁସ୍ଥଭାବରେ ଅନୁଶାସିତ ହୋଇ ରହିବାପାଇଁ ସେମାନେ ବସ୍ତୁତଃ ସ୍ୱାଧୀନ ତଥା ଅସକ୍ତିମୁକ୍ତ ବିବେଚନାଶକ୍ତିଟିକୁ ଆଦୌ କାମରେ ଲଗାଉନାହାନ୍ତି । ସେହି ବିଚାରଗୁଡ଼ିକ କେତେକ ପରିମାଣରେ ଆପଣାକୁ ପରିପୂର୍ଣ୍ଣ କରିପାରୁଛି, କେତେ ସମୟ ସକାଶେ ବିଜୟୀ ବି ହେଉଛି, ମାତ୍ର ସେମାନଙ୍କର ସଫଳତାରୁ ହିଁ ପରିଣାମତଃ ନୈରାଶ୍ୟର ଉତ୍ପତ୍ତି ହେଉଛି ଓ ସେଗୁଡ଼ିକୁ ନେଇ ଆଚ୍ଛନ୍ନ କରି ରହିଥିବା ଭ୍ରମଟି ସ୍ୱୟଂ ଧରା ପଡ଼ି-ଯାଉଛି । ଏପରି ଘଟୁଛି, କାରଣ ପ୍ରଥମତଃ, ମନୁଷ୍ୟର ଜଟିଳତର ଓ ବୁଦ୍ଧିଗର୍ହିତ ଜୀବନଟି ସହିତ କେବଳ ନାନା ସାଲିସ୍ ଓ ଚୁକ୍ତି କରି ହିଁ ସେମାନେ ସଫଳ ହୋଇପାରୁଛନ୍ତି ଏବଂ ତଦ୍ୱାରା ସେମାନଙ୍କର ମୂଲ୍ୟଗତ ଯାଥାର୍ଥ୍ୟଟି ବଡ଼ ହ୍ରାସ ହୋଇଯାଉଛି ଏବଂ ସେମାନଙ୍କର ଦୀପ୍ତି ତଥା ଗୌରବଟି ମଧ୍ୟ କ୍ଷୁଣ୍ଣ ହୋଇପଡ଼ୁଛି ଏବଂ ଅନେକ ସମୟରେ ସେମାନଙ୍କର ଏହି ବିଜୟ ଏକ ଅଯଥାର୍ଥତାର ଦୋଷରେ ମଧ୍ୟ ଦୋଷୀ ହୋଇ ରହୁଛି ; ଏବଂ ଯେଉଁ ବିଶ୍ୱାସ ତଥା ଉତ୍ସାହ ସେମାନଙ୍କଲାଗି ବିଜୟକୁ ବହନ କରି ଆଣିଥିଲେ, ତାହା ଉପରେ ସଂଶୟ ଅଚ୍ଛାଦିତ ହୋଇ ରହୁଛି ଏବଂ ଏକ ନୈରାଶ୍ୟକାରୀ ଭ୍ରମୋଦ୍‌ଘାଟନ ହିଁ ସେହି ବିଶ୍ୱାସ ତଥା ଉତ୍ସାହକୁ ଏକାବେଳକେ ଦୋହଲାଇ

'oaob.nitrkl.ac.in' images reprocessed

ପକାଉଛୁ ଏବଂ ଯେତେବେଳେ ଠିକ୍ ଏହିଭଳି ନ ଘଟୁଛି, ସେତେବେଳେ ମଧ୍ୟ ସେହି ବିଚାରଗୁଡ଼ିକ ସ୍ୱୟଂ କେବଳ ଆଂଶିକ ଆଉ ଅଯଥେଷ୍ଟ ବୋଲି ପ୍ରତିପାଦିତ ହେଉଛନ୍ତି ; ସେଗୁଡ଼ିକର ବିଜୟ ଯେ କେବଳ ଏକ ଅତି ଆଂଶିକ ବିଜୟରେ ହିଁ ପର୍ଯ୍ୟବସିତ ହୋଇ ରହୁଛି ତାହା ନୁହେଁ, ସେଗୁଡ଼ିକର ସଫଳତାଟି ଯଦି ଏକ ସମ୍ପୂର୍ଣ୍ଣ ସଫଳତା ହେଉଥାନ୍ତା, ତେବେ ମଧ୍ୟ ତାହା କେବଳ ନୈରାଶ୍ୟ ଆଣି ଦେଉଥାନ୍ତା, କାରଣ ସେଗୁଡ଼ିକ ଯଥାର୍ଥରେ କେବେହେଲେ ଜୀବନର ସମ୍ପୂର୍ଣ୍ଣ ସତ୍ୟ ନୁହନ୍ତି ଓ ତେଣୁ ସେଗୁଡ଼ିକ ପୂର୍ଣ୍ଣ ନିର୍ଭରଯୋଗ୍ୟ ଭାବରେ କଦାପି ଜୀବନର ପରିଚାଳନା କରିପାରିବେ ନାହିଁ କିମ୍ବା ଜୀବନକୁ ପରିପୂର୍ଣ୍ଣତା ଆଣି ଦେଇପାରିବେ ନାହିଁ । ଆମର ବୁଦ୍ଧି ଅନେକ ପରିଶ୍ରମ କରି ଜୀବନ ଉପରେ ଯେଉଁ ସୂତ୍ର ବା ପଦ୍ଧତିଗୁଡ଼ିକୁ ନେଇ ଲଦିଦେବାର ପ୍ରୟାସ କରୁଥାଏ, ଜୀବନ ନିସ୍ତୃତ ହିଁ ସେସବୁର ଫାଶ ଭିତରୁ ବାହାରିକୁ ପଳାଇଯାଏ ; ଜୀବନ ଆପଣାକୁ ବୁଦ୍ଧି ଲାଗି ଅତୀବ ଜଟିଳ ଓ ବହୁମୁଖୀ ବୋଲି ଘୋଷଣା କରେ ; ଆପଣାକୁ ଅନନ୍ତ କେତେ ନା କେତେ ସମ୍ଭାବନା ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥିବାର ଘୋଷଣା କରେ, ଯାହାକୁ ମନୁଷ୍ୟବୁଦ୍ଧିର ସ୍ୱେଚ୍ଛାଚାରୀ ଅନ୍ଧ ଦୌରାତ୍ମ୍ୟ କଦାପି କବଳିତ କରିପାରିବ ନାହିଁ ।

ଏହି କାରଣରୁ ହିଁ ମାନବର ଯାବତୀୟ ବ୍ୟବସ୍ଥା ଏପର୍ଯ୍ୟନ୍ତ ଆଖିର ବିଫଳ ହୋଇଯାଇଛି ; କାରଣ ଜୀବନରେ ବୁଦ୍ଧିଶକ୍ତିର କେବଳ ଏକ ଅତି ଆଂଶିକ ତଥା ସୀମାବଦ୍ଧ ପ୍ରୟୋଗ କରିବା ବ୍ୟତୀତ ସେମାନେ ପ୍ରକୃତରେ ଆଉ କିଛିହେଲେ କରି-ନାହାନ୍ତି । ପୁଣି, ଯେଉଁସବୁ ସ୍ଥାନରେ ସେଗୁଡ଼ିକ ସବୁଠାରୁ ଅଧିକ ସ୍ପଷ୍ଟ ଓ ବୁଦ୍ଧିବାଦୀ ହୋଇପାରିଛନ୍ତି, ସେଠାରେ ମଧ୍ୟ ଏହିସବୁ ବ୍ୟବସ୍ଥା କେବଳ ଆପଣାର ଧାରଣା-ଗୁଡ଼ାକୁ ହିଁ ସମଗ୍ର ଓ ସମୁଦାୟ ସତ୍ୟ ବୋଲି ଛଳନା କରିଛନ୍ତି ଏବଂ ସେହିପରି ଭାବରେ ସେଗୁଡ଼ିକର ପ୍ରୟୋଗ କରିବାକୁ ମଧ୍ୟ ଚେଷ୍ଟା କରିଛନ୍ତି । ମାତ୍ର ସେଗୁଡ଼ିକ ଯଥାର୍ଥତଃ ସମଗ୍ର ସତ୍ୟ ବୁଝାଇ ହୋଇପାରନ୍ତେ ଏବଂ ତେଣୁ ପରିଶେଷରେ ସ୍ୱୟଂ ଜୀବନ ହିଁ ସେଗୁଡ଼ିକୁ ଭାଙ୍ଗି ପକାଇଛି, ସେଗୁଡ଼ିକର ଭୂମିଟିକୁ ଧ୍ୱଂସ କରିପକାଇଛି ଏବଂ ତା'ପରେ ଆପଣାର ସ୍ୱକୀୟ ଅମିତ ଗତିସ୍ପନ୍ଦନଟିକୁ ଅବଲମ୍ବନ କରି ଆଗକୁ ଚାଲିଯାଇଛି । ଏହିପରି ଭାବରେ କେବଳ ଆପଣାର ସ୍ୱାର୍ଥ ତଥା ଆରୁର ଇଚ୍ଛାଗୁଡ଼ିକର ହିଁ ସହାୟକ ତଥା ପକ୍ଷପ୍ରତିପାଦକ ରୂପେ ଆପଣାର ବୁଦ୍ଧିଶକ୍ତିକୁ କାମରେ ଲଗାଇ, ଏହିପରି ଭାବରେ କେବଳ ଏକ ଆଂଶିକ, ଏକ ଅ-ମିଶ୍ରିତ ଓ ଅପୂର୍ଣ୍ଣ ବୌଦ୍ଧିକତାର କର୍ମଗତ ପ୍ରବେଗର ବୋଲି ମାନି, ଏହିପରି ଭାବରେ କେବଳ ଆଂଶିକ ଓ ଖଣ୍ଡିତ ସତ୍ୟଗୁଡ଼ାକୁ ଆଶ୍ରୟ କରି ହିଁ ଜୀବନର ବହୁସୀମାବିଶିଷ୍ଟ ସମଗ୍ରତାଗୁଡ଼ିକୁ ଶାସିତ କରି ରଖିବାର ଚେଷ୍ଟା କରି ମନୁଷ୍ୟ-ଜାତି ଗୋଟିଏ ପ୍ରୟୋଗରୁ ଆଉ ଗୋଟିଏ ପ୍ରୟୋଗକୁ କେବଳ ଝୁଣ୍ଟି ଝୁଣ୍ଟି ଚାଲିବାରେ ଲାଗିଛି ; ସିଦ୍ଧିର ମୁକୁଟ ପ୍ରାୟ ହସ୍ତଗତ ହୋଇଗଲା ବୋଲି ସବୁବେଳେ

ବିଶ୍ୱାସ କରିଆସିଛି ଏବଂ ଯାହାକୁ ସିଦ୍ଧ ଓ ଉପଲବ୍ଧ କରିବାର ଥିଲା, ତାହାକୁ ସେ ସେ ତଥାପି ଅତି କମ୍ ପରିପୂର୍ଣ୍ଣ କରିପାରିଛି ବା ମୋଟେ ପରିପୂର୍ଣ୍ଣ କରିପାରି ନାହିଁ, ସବୁବେଳେ ଏହି କଥାଟି ହିଁ ତାକୁ ଆବିଷ୍କାର କରିବାକୁ ପଡ଼ିଛି । ଏଣେ ପ୍ରକୃତି ଦ୍ୱାରା ସେ ତା'ର ଜୀବନକ୍ଷେତ୍ରରେ ବୁଦ୍ଧିଗତ ବିବେଚନାଶକ୍ତିର ପ୍ରୟୋଗ କରିବାକୁ ବାଧ୍ୟ ହୋଇଛି ଏବଂ ତେଣେ ତଥାପି କେବଳ ଏକ ଆଂଶିକ ବୁଦ୍ଧିସାମର୍ଥ୍ୟର ଅଧିକାରୀ ହୋଇପାରିଛି, ଯାହାକି ନିମ୍ନତର ଜୀବନାଙ୍ଗଗୁଡ଼ିକ ଦ୍ୱାରା ଆକ୍ରାନ୍ତ ହୋଇ ବଡ଼ ସୀମାବଦ୍ଧ ତଥା ବିଭ୍ରମଗ୍ରସ୍ତ ହୋଇ ରହିଛି । ଏପରି ପରିସ୍ଥିତିରେ ସେ ଆଉ ଅଧିକ କ'ଣ କରି-ପାରନ୍ତା ? ଅସଲ କାରଣଟି ହେଉଛି ଯେ, ଏହି ସୀମାବଦ୍ଧ ତଥା ଅପୂର୍ଣ୍ଣ ମାନବୀୟ ବୁଦ୍ଧି ଭିତରେ ଆପଣାର ସ୍ୱକୀୟ ଏବଂ ସ୍ୱୟଂସମ୍ପୂର୍ଣ୍ଣ କୌଣସି ଆଲୋକର ପ୍ରବେଶ ହୋଇନାହିଁ ; ତେଣୁ ତାହା କେବଳ ପର୍ଯ୍ୟବେକ୍ଷଣ, କେବଳ ପ୍ରୟୋଗ ଓ ତଜ୍ଜନିତ ନିଷ୍ପାତ୍ମକତା ଦ୍ୱାରା ହିଁ ଆଗକୁ ଗୋଡ଼ ପକାଇବାକୁ ବାଧ୍ୟ ହୋଇଛି, କେତେ କ'ଣ ଭୁଲ୍ କରିବାରେ ଲାଗିଛି ଓ ଏକ ବୃହତ୍ତର ଅନୁଭୂତି ଲାଭ କରିବାର ପଥରେ ଝୁଣ୍ଟିପଡ଼ି ଓ ବେଳେବେଳେ ଅଟକିଯାଇ ଆଗେଇ ଚାଲିଛି ।

ମାତ୍ର ଏହି ଯାବତୀୟ ବିଫଳତାର ନିରବଚ୍ଛିନ୍ନତା ପଛରେ ସର୍ବଦା ଏକ ବିଶ୍ୱାସ ଅଟଳ ଭାବରେ ରହିଆସିଛି ଯେ, ଶେଷରେ ମନୁଷ୍ୟର ବୁଦ୍ଧି ହିଁ ଆପଣାର ଏହି ସମସ୍ତ ବାଧା ଓ ଅସୁବିଧାକୁ ଅବଶ୍ୟ ଲଙ୍ଘନ କରି ଚାଲିଯିବ, ତାହା ଆପଣାକୁ ଆହୁରି ଶୋଧିତ କରିନେବ ଓ ଆପଣାର ପରିସରକୁ ଆହୁରି ପ୍ରସାରିତ କରିଦେବ, ଆପଣାର କାର୍ଯ୍ୟଟି ଲାଗି ଯଥାଯୋଗ୍ୟ ହୋଇପାରିବ ଏବଂ ଅବଶେଷରେ ବିଦ୍ରୋହୀ ଓ ଅବାଧ୍ୟ ଜୀବନକୁ ଅବଶ୍ୟ ଆପଣାର ନିୟନ୍ତ୍ରଣ ଭିତରକୁ ଆଣିବାରେ ସମର୍ଥ ହେବ । କାରଣ, ଆପଣାର କର୍ମଗତ ଗତିପଥରେ ସମଗ୍ର ଭାବରେ ଏହି ପୃଥିବୀ ଯେତେ ଯାହା ଝୁଣ୍ଟି ଅଟକିଯିବାରେ ଲାଗିଥିଲେହେଁ ମନୁଷ୍ୟ ବ୍ୟକ୍ତି ଭିତରେ ରହିଥିବା ବିଚାରକ ମଧ୍ୟ ନିଜର ଏକ ପ୍ରୟାସକୁ ଅବିରାମ ଭାବରେ ଜାରି ରଖିଆସିଛି; ଏହି ପ୍ରୟାସ ଗୁଣାତ୍ମକ ଦୃଷ୍ଟିରୁ ଏକ ଉଚ୍ଚତର ସଫଳତାର ଅଧିକାରୀ ହୋଇଛି ଏବଂ ସାଧାରଣ ମାନବୀୟ ବିସ୍ତରସ୍ତରଗୁଡ଼ିକର ତୁଳନାରେ ଏକ ଅଧିକ ଉଚ୍ଚ ଓ ଅଧିକ ସ୍ପଷ୍ଟ ବାୟୁମଣ୍ଡଳ ମଧ୍ୟକୁ ଆପଣାକୁ ଉତ୍ତୋଳିତ କରିନେଇପାରିଛି । ଏହି କ୍ଷେତ୍ରରେ ବ୍ୟକ୍ତିର ଏପରି ଏକ ବିଚାର-ଶକ୍ତି କାର୍ଯ୍ୟକାରୀ ହେବାରେ ଲାଗିଛି ଯାହାକି ସତତ ଜ୍ଞାନର ହିଁ ଅନୁସନ୍ଧାନ କରୁଛି ଏବଂ ଅତ୍ୟନ୍ତ ଧୈର୍ଯ୍ୟର ସହିତ ଆପେ ସକଳ ମୋହରୁ ମୁକ୍ତ ରହି ସତ୍ୟର ହିଁ ଆବିଷ୍କାର କରିବାରେ ଉଦ୍ୟତ ହୋଇ ରହିଛି । ଆପଣାର ଏହି ପ୍ରୟାସରେ ତାହା ବିକୃତକାରୀ ସ୍ୱାର୍ଥଗୁଡ଼ିକୁ କୌଣସି ପ୍ରକାରେ ହସ୍ତକ୍ଷେପ କରିବାକୁ ଦେଉନାହିଁ, ତାହା ସବୁ କଥାକୁ ଅଧ୍ୟୟନ କରିବାକୁ ପ୍ରସ୍ତୁତ ରହିଛି, ସବୁ କଥାର ବିଶ୍ଳେଷଣ କରୁଛି ଏବଂ ସବୁକିଛି ଭିତରେ କାର୍ଯ୍ୟ କରୁଥିବା ସିଦ୍ଧାନ୍ତ ତଥା ପ୍ରକ୍ରିୟାଟିକୁ ଜାଣିବାର ମନ ରଖିଛି ।

'oaob.nitrkl.ac.in' images reprocessed

ଦର୍ଶନ, ବିଜ୍ଞାନ, ଅଧ୍ୟାତ୍ମ, ବୁଦ୍ଧିସଂଯୁକ୍ତ ଯାବତୀୟ କଳା ଏବଂ ମନୁଷ୍ୟ ଭିତରେ ରହିଥିବା ସମ୍ୟକ ଆଲୋଚନାପ୍ରସୂତ ବୁଦ୍ଧିଶକ୍ତିର ଯୁଗ ଯୁଗ ଧରି ଚାଲିଥିବା ସକଳ ଶ୍ରମ ଓ ଅନୁଧାବନ—ଏଗୁଡ଼ିକ କେବଳ ସେହି ପ୍ରବୃତ୍ତିର ପରିଣାମରୂପେ ସମ୍ଭବ ହୋଇପାରିଛି । ଆଧୁନିକ ଯୁଗରେ ବିଜ୍ଞାନରୁ ପ୍ରେରଣା ପାଇ ଏହି ପ୍ରବୃତ୍ତି ପ୍ରଭୂତ ଅନେକ ଗୁଣରେ ବୃଦ୍ଧି ଲାଭ କରିପାରିଛି, ଏବଂ କେବଳ ବାହ୍ୟ ପ୍ରକୃତିଗତ ଯାବତୀୟ କ୍ରିୟାଶୀଳତାଗୁଡ଼ିକ ଲାଗି ନୁହେଁ, ମାତ୍ର ମନୁଷ୍ୟର ଯାବତୀୟ କ୍ରିୟା ତଥା କ୍ରିୟାଶୀଳତାର କ୍ଷେତ୍ରରେ ମଧ୍ୟ ନିହିତ ହୋଇ ରହିଥିବା ପ୍ରକ୍ରିୟାଟିର ପ୍ରକୃତ ସିଦ୍ଧାନ୍ତ ତଥା ସମୁଦାୟ ବିଧାନଟିକୁ ସଫଳତାର ସହିତ ପରୀକ୍ଷା କରି ଦେଖି ଅବଶେଷରେ ତାହାକୁ ସୂତ୍ରବଦ୍ଧ କରିଦେଇପାରିବ ବୋଲି ଏବେ ଦାବି କରିବାକୁ ମଧ୍ୟ ଆରମ୍ଭ କଲାଣି । ଏହା କେତେକେତେ ବଡ଼ ବଡ଼ କଥାକୁ ସାଧି କରିପାରିଛି ସତ, ମାତ୍ର ତଥାପି ପରିଶେଷରେ ତାହା ପ୍ରକୃତରେ ସଫଳ ହୋଇଛି ବୋଲି ଆଦୌ କୁହାଯିବ ନାହିଁ । ମନୁଷ୍ୟର ମନ କ୍ରମେ ଏହି କଥାଟି ବୁଝିବାକୁ ଆରମ୍ଭ କଲାଣି ଯେ, ତାହା ଯାବତୀୟ ସମସ୍ୟାର ଅସଲ ହୃଦୟଟିକୁ ପ୍ରକୃତରେ ସ୍ପର୍ଶ କରିବାକୁ ବି ସମର୍ଥ ହୋଇନାହିଁ, କେବଳ ବାହ୍ୟ ଇଲାକାଗୁଡ଼ିକ ଉପରେ କେତେକ ପରିମାଣରେ ଆଲୋକପାତ କରିଛି ଏବଂ ପ୍ରକ୍ରିୟାଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ହିଁ ଆପଣାର ଜ୍ଞାନରେ ସୀମାବଦ୍ଧ ହୋଇ ରହିଛି । ବିଜ୍ଞାନ ଏକ ବୃହତ୍ ଓ ନିଖୁଣ ବ୍ୟବସ୍ଥା ଦ୍ୱାରା ଶ୍ରେଣୀବଦ୍ଧ କରିଦେଇ ପାରିଛି, ଯାବତୀୟ ବିଷୟକୁ ଯନ୍ତ୍ର ନିବଦ୍ଧ କରି ରଖିଛି, ଏହା ଫଳରେ କେତେ କେତେ ବିରାଟ ଆବିଷ୍କାର ସମ୍ଭବ ହୋଇଛି ଏବଂ ତାହାର ଏକ ବ୍ୟାବହାରିକ ପରିଣାମରୂପେ ଜ୍ଞାନର ପରିମାଣରେ ମଧ୍ୟ କ୍ରମଶଃ ଅଭିବୃଦ୍ଧି ଘଟୁଛି । ମାତ୍ର ଏସବୁ କେବଳ ବିଷୟଗୁଡ଼ିକର ଭୌତିକ ଉପରି ସ୍ତରଟାରେ ହିଁ ଘଟୁଛି । ଏବଂ ତେଣେ ଗଭୀରରେ ସତ୍ୟର ଅତଳ ଗର୍ଭଟି ପଡ଼ିରହିଛି, ଯେଉଁଠି କି ଅସଲ ଉତ୍ସଗୁଡ଼ିକ ପ୍ରଚ୍ଛନ୍ନ ହୋଇ ରହିଛନ୍ତି, ଜୀବନ-ଅସ୍ତିତ୍ୱର ରହସ୍ୟମୟ ଶକ୍ତି ଓ ପ୍ରଚ୍ଛନ୍ନ ଭାବରେ ଯାବତୀୟ ବିଷୟର ମୀମାଂସା କରିଦେଉଥିବା ଯାବତୀୟ ପ୍ରଭାବଗୁଡ଼ିକ ସେଠାରେ ନିହିତ ହୋଇ ରହିଛନ୍ତି । ଆମର ବୁଦ୍ଧିସର୍ବସ୍ୱ ବିସ୍ତରଣାତ୍ମ କେବେହେଲେ ଏହିସବୁ ଗଭୀରତର ତଥା ବୃହତ୍ତର ବିଷୟର ଏକ ପର୍ଯ୍ୟାପ୍ତ ବିବରଣ ଦେଇପାରିବ କି ନାହିଁ ଏବଂ ଜଡ଼ ପ୍ରକୃତିର ଶକ୍ତିଗୁଡ଼ିକୁ ବିଶ୍ଳେଷଣ କରି ବୁଝାଇଦେବାରେ, ସେଗୁଡ଼ିକୁ ଇଚ୍ଛାମତେ ନିର୍ଦ୍ଦିଷ୍ଟ ପଥରେ ଅନୁଧାବିତ କରାଇବାରେ ଏବଂ ଯେତେ ଅପୂର୍ଣ୍ଣ ହେଲେ ମଧ୍ୟ ବିଜୟୀ ନାନା ପରିଣାମର କେତେ ଆଡ଼ମ୍ବରମୟ ପ୍ରଦର୍ଶନ ସହିତ ତାହା ଯେପରି ପ୍ରଭୂତ ସଫଳତା ହାସଲ କରିଛି, ସେହିପରି ସେହି ବୃହତ୍ତର ଓ ଗଭୀରତର ବିଷୟଗୁଡ଼ିକୁ ମଧ୍ୟ ଆପଣା ବୁଦ୍ଧିପ୍ରଣୋଦିତ ଇଚ୍ଛା ଦ୍ୱାରା ନିୟନ୍ତ୍ରିତ କରି ଆଦୌ ରଖିପାରିବ କି ନାହିଁ, ବର୍ତ୍ତମାନ ଏହି ପ୍ରଶ୍ନଟି ଉତ୍ଥାପିତ ହେଉଛି । ମାତ୍ର ଜଡ଼ପ୍ରକୃତିର ଶକ୍ତିଗୁଡ଼ିକ ତୁଳନାରେ ଏହି ଅନ୍ୟ ଶକ୍ତିଗୁଡ଼ିକ ଅଧିକ ବୃହତ୍ ଓ ଅଧିକ ସୂକ୍ଷ୍ମ ; ଏଗୁଡ଼ିକର ଅବସ୍ଥିତି ଅନ୍ତରର ଅଧିକ

'oaob.nitrkl.ac.in' images reprocessed

ଗହ୍ୱରରେ, ଏଗୁଡ଼ିକ ଅଧିକ ପ୍ରଚ୍ଛନ୍ନ, ଅଧିକ ଜଟିଳ ଓ ହାତରୁ ଖସି ଖସିଯିବାର ଆଶଙ୍କା ଏଗୁଡ଼ିକ ମଧ୍ୟରେ ଅଧିକ ପରିମାଣରେ ରହିଛି ।

ଜୀବନର ଶାସକ ହୋଇ ବସିବାଲାଗି ଚେଷ୍ଟା କରି ବୁଦ୍ଧିଗତ ବିଚାରଣାକୁ ଯେଉଁ ସମୁଦାୟ ଅସୁବିଧାଟିର ସମ୍ମୁଖୀନ ହେବାକୁ ପଡ଼ିଥାଏ, ସେଇଟି ହେଉଛି ଯେ ଏହା ଭିତରେ ସ୍ୱଭାବସିଦ୍ଧ ଭାବରେ ଯେଉଁଥିରୁ ସୀମାବଦ୍ଧତା ଭର୍ତ୍ତି ହୋଇ ରହିଛି, ସେଗୁଡ଼ିକଲାଗି ତାହା ଜୀବନକ୍ଷେତ୍ରର ବହୁମୁଖିତାର ସମ୍ମୁଖୀନ ହୋଇପାରେ ନାହିଁ, ତାହାର ସମସ୍ତ ଗତିସ୍ପନ୍ଦନଗୁଡ଼ିକୁ ତାହା ଆଦୌ କଳନା କରିପାରେ ନାହିଁ । ତେଣୁ ଜୀବନକୁ ଖଣ୍ଡ ଖଣ୍ଡ ନାନା ଅଂଶରେ ଭାଙ୍ଗିଦେବାପାଇଁ ବାଧ୍ୟ ହେବାକୁ ହୁଏ ଅଥବା ଅଳ୍ପବହୁତ କୃତ୍ରିମ ଶ୍ରେଣୀବିଭାଗର ଆଶ୍ରୟ ନେବାକୁ ହୁଏ ; ବିରୋଧସଙ୍କୁଳ ଓ ନାନାପ୍ରକାରେ ସୀମାବଦ୍ଧ ସଂଗୃହୀତ ତଥ୍ୟଗୁଡ଼ିକୁ ନେଇ ତାହା କେତେ କେତେ ସିଦ୍ଧାନ୍ତ ଗଢ଼ି ଥୋଇଦିଏ, ଏବଂ ସେହିସବୁ ତଥ୍ୟ ଅନ୍ୟ ନାନା ତଥ୍ୟଦ୍ୱାରା ଭୁଲ ପ୍ରମାଣିତ ହେବାରେ ବା ସତତ ପରିବର୍ତ୍ତିତ ହେବାରେ ମଧ୍ୟ ଲାଗିଥାଏ । ନିୟନ୍ତ୍ରଣ ମଧ୍ୟକୁ ଆସିପାରିଥିବା ମାତ୍ର କେତୋଟି ସମ୍ଭାବନାକୁ ନେଇ ତାହା ଏକ ସ୍ୱନିର୍ବାଚିତ ଶ୍ରେଣୀର ଭିଆଣ କରିବାରେ ଲାଗିଥାଏ ଏବଂ ତାହାର ନିୟନ୍ତ୍ରଣର ଭିତରକୁ ତଥାପି ଆସିପାରି ନଥିବା ଅନ୍ୟ ସମ୍ଭାବନାଗୁଡ଼ିକର ଏକ ନୂତନ ତରଙ୍ଗର ଆଘାତରେ ତାହାର ସେହି ଭିଆଣଟି ଭୁଶୁଡ଼ି ଭାଙ୍ଗିରୁଜି ଯାଉଥାଏ । ଏସବୁରୁ ହୁଏତ ପ୍ରତୀତ ହେବାକୁ ଲାଗେ ଯେ, ପ୍ରକୃତରେ ଆମ ସମକ୍ଷରେ ଗୋଟିଏ ନୁହେଁ, ଦୁଇଟି ଜଗତ ରହିଛି ; ଗୋଟିଏ ହେଉଛି ବୁଦ୍ଧିର ଯୋଗ୍ୟ ଶୁଦ୍ଧ ଧାରଣାଗୁଡ଼ିକର ଏକ ଜଗତ ଏବଂ ଅନ୍ୟଟି ହେଉଛି ପ୍ରକୃତ ଜୀବନର ଜଗତ ଯାହାକି ବୁଦ୍ଧିଗତ ବିଚାରଣାର ପରିପୂର୍ଣ୍ଣ ନିୟନ୍ତ୍ରଣଟି ମଧ୍ୟରୁ ନିରନ୍ତର ବାହାରି ବାହାରି ଯିବାରେ ଲାଗିଛି, ଏବଂ ଦୁଇ ଭୂମି ଭିତରେ ରହିଥିବା ବ୍ୟବଧାନଟିକୁ ଏକ ଉପଯୁକ୍ତ ସେତୁଦ୍ୱାରା ଦୂର କରିବାର କାର୍ଯ୍ୟଟି ବୁଦ୍ଧିଗତ ବିଚାରଣା ଏବଂ ବୁଦ୍ଧିପ୍ରେରିତ ଇଚ୍ଛାଶକ୍ତିର ସାମର୍ଥ୍ୟ ତଥା କ୍ଷେତ୍ରର ବାହାରେ ହିଁ ରହିଥାଏ । ଏଥିରୁ ହୁଏତ ବୋଧହେବାକୁ ଲାଗିବ ଯେ ଏସବୁଥିରୁ କେବଳ ହୁଏତ ଅଳ୍ପବହୁତ ଇନ୍ଦ୍ରିୟଜ୍ଞାନ ଦ୍ୱାରା ପ୍ରସୂତ କେତେଟା ସଂଶୟର ଏକ ଜମ ହିଁ ସୃଷ୍ଟି ହେବ ଅଥବା ଏପରି କେତୋଟି କେବଳ ମତାନୁଗାମୀ ସିଦ୍ଧାନ୍ତର ଏକ ଜମ ଗଢ଼ିଉଠିବ, ବ୍ୟାବହାରିକ ପ୍ରକୃତ କ୍ଷେତ୍ରରେ ଯାହାର କୌଣସି ପ୍ରୟୋଗ ସମ୍ଭବ ହେବ ନାହିଁ ବା ସେଗୁଡ଼ିକୁ କେବଳ ଆଂଶିକଭାବରେ ହିଁ ପ୍ରୟୋଗ କରାଯାଇପାରିବ । ଜୀବନ ସହିତ କାରବାର କରି ବର୍ତ୍ତି ରହିବାକୁ ଚାହୁଁଥିବା ମଣିଷର ସକଳ ବୁଦ୍ଧି ଓ ବିଚାରଣା କେବଳ ଏକ ଯଥାର୍ଥ ସିଦ୍ଧାନ୍ତହୀନ ଇନ୍ଦ୍ରିୟାନୁଭବସର୍ବସ୍ୱ ବୈଜ୍ଞାନିକଟିଏ ଗଢ଼ି ଥୋଇଦେବ ନଚେତ୍ ଗୋଟାଏ ନିର୍ଦ୍ଦିଷ୍ଟ ମତକୁ ଏକମାତ୍ର ଗଣ୍ଠିକରି ଧରିଥିବା ଜଣେ ବ୍ୟକ୍ତିର ସୃଷ୍ଟି କରିବ ।

'oaob.nitrkl.ac.in' images reprocessed

ବୁଦ୍ଧି ଓ ବୁଦ୍ଧିଗତ ବିସ୍ତରଣା ବସ୍ତୁତଃ ଆପଣାକୁ ଜୀବନର କେବଳ ଏକ ଅନୁଗତ ପରିଚାରକରୂପେ ହିଁ ପରିଣତ କରି ରଖିବ । ଜଣେ ସାଧାରଣ ବ୍ୟାବହାରିକ ସ୍ତରର ମନୁଷ୍ୟ ତାହାଠାରୁ ସାଧାରଣତଃ ଯେତିକି ଦାବି କରିଥାଏ, ବୁଦ୍ଧି କେବଳ ସେତିକି କାର୍ଯ୍ୟ ମଧ୍ୟରେ ହିଁ ନିଜକୁ ସୀମାବଦ୍ଧ ରଖିପାରିବ ; ମନୁଷ୍ୟର ସ୍ୱାର୍ଥପ୍ରଣୋଦିତ ଆଗ୍ରହ, ଆତୁର ଇଚ୍ଛା ଓ ପୂର୍ବବଦ୍ଧ ଧାରଣାଗୁଡ଼ିକଲାଗି ଆବଶ୍ୟକ ସାଧନ ତଥା ଔଚିତ୍ୟଗୁଡ଼ିକୁ ଯୋଗାଇଦେବାରେ ସନ୍ତୁଷ୍ଟ ରହିଥିବ, ସେଗୁଡ଼ିକୁ ସେ ବୌଦ୍ଧିକତାର ଏକ ଭ୍ରମଦୃଷ୍ଟି ଦନକାନ୍ତି ପରିଚ୍ଛଦରେ ଆବୃତ କରି ରଖିଥିବ ଅଥବା ଖୁବ୍ ବେଶିହେଲେ ସେଗୁଡ଼ିକୁ ସେଗୁଡ଼ିକର ସ୍ୱକୀୟ ନିରାପଦ ତଥା ଅସ୍ପଷ୍ଟତାମୁକ୍ତ ବ୍ୟବସ୍ଥିତତା ବା ସତର୍କତାମୂଳକ ଆତ୍ମସଂଯମ ଓ ନିୟମଗୁଡ଼ିକୁ ଆଣି ଯୋଗାଇଦେଉଥିବ ଯେପରିକି ତାହା ଦ୍ୱାରା ସେଗୁଡ଼ିକର ଉଲ୍ଲେଖଯୋଗ୍ୟ ବିଶୃଙ୍ଖଳିପଡ଼ିବା ତଥା ଅଧିକ ଅପ୍ରୀତିକର ପରିଣାମସବୁକୁ ନିବୃତ୍ତ କରି ରଖିବାଲାଗି ଯଥେଷ୍ଟ ହୋଇ ରହିଥିବ । ମାତ୍ର ନିଃସନ୍ଦେହ-ଭାବରେ ଏହା ବୁଦ୍ଧିପକ୍ଷରେ କେବଳ ଆପଣାର ସିଂହାସନ ତଥା ଆପଣାର ସର୍ବୋଚ୍ଚ କର୍ମଗତ ଆସ୍ଥାନଟିକୁ ଛାଡ଼ିଦେବାକୁ ବୁଝାଇବ ଏବଂ ମନୁଷ୍ୟ ତା'ର ଯାତ୍ରାରମ୍ଭକାଳରେ ଯେଉଁ ଆଶାଟିର ପୋଷଣ କରିଥିଲା, ତାହାକୁ ବିଭ୍ରାନ୍ତ କରିଦେବ । ସେହି ଅବସ୍ଥାରେ ତାହା ହୁଏତ ଆହୁରି ଅରେ ଆପଣାକୁ ଦୃଢ଼ଭାବରେ କେବଳ ଜୀବନଗତ ବାସ୍ତବ ସତ୍ୟଗୁଡ଼ିକ ଉପରେ ହିଁ ପ୍ରତିଷ୍ଠାପିତ କରି ରଖିବାର ଚେଷ୍ଟା କରିପାରେ, ଆସକ୍ତିରହିତଭାବରେ ଅର୍ଥାତ୍ ଜୀବନର ତତ୍ତ୍ୱ ତଥା ପ୍ରକ୍ରିୟାଗୁଡ଼ିକ ଉପରେ ମୋହମୁକ୍ତ ଓ ସମୀକ୍ଷଣମୂଳକ ଦୃଷ୍ଟିପାତ ମଧ୍ୟ କରିପାରେ ; ମାତ୍ର ଅଜ୍ଞାତ ଭୂମି ଭିତରକୁ ଖୁବ ବେଶିଦୂର ଅଗ୍ରସର ନ ହେବାକୁ କିମ୍ବା ଆମର ଏହି ପ୍ରତୀତିମୟ ଅର୍ଥାତ୍ ପ୍ରାତିଭାସିକ ଅସ୍ତିତ୍ୱର ତାତ୍କାଳିକ ବାସ୍ତବତାଗୁଡ଼ିକର ସୀମା ଡେଇଁ ଆପଣାକୁ ଖୁବ୍ ବେଶିଦୂରଯାଏ ଉଠାଇନେଇ ନ ଯିବାକୁ ତାହା ବିଜ୍ଞଭାବରେ ଏକ ସଂକଳ୍ପ ମଧ୍ୟ କରିପାରେ । ମାତ୍ର ଏଠାରେ ମଧ୍ୟ ସେହି ସିଂହାସନ ଛାଡ଼ି ଆସିବାର ଦଶାଟି ଆସି ପହଞ୍ଚିଥାଏ ; ହୁଏତ ତାହା କେବଳ ଏକ ସମୀକ୍ଷକ କିମ୍ବା ପର୍ଯ୍ୟବେକ୍ଷକ ହୋଇ ରହେ, ଅଥବା କେତୋଟି ନିର୍ଦ୍ଦିଷ୍ଟ ବିଧାନକୁ ପ୍ରତିଷ୍ଠିତ କରି ରଖିବାର ପ୍ରଚେଷ୍ଟାରେ କେବଳ ତାତ୍କାଳିକ ସମ୍ଭାବନାର ସଂକୀର୍ଣ୍ଣ ସୀମାଗୁଡ଼ିକ ମଧ୍ୟରେ ଆବଦ୍ଧ ରହି ହିଁ ସେ ତାହା କରିବାକୁ ସମର୍ଥ ହେଉଥାଏ ଏବଂ ଉଚ୍ଚତର ସମ୍ଭାବନାଗୁଡ଼ିକଲାଗି ମନୁଷ୍ୟର ଯେଉଁ ଗତି ରହିଛି, ତାହାକୁ ପରିହାର କରିପକାଏ, ଆଦର୍ଶ ଉଦ୍ଦେଶ୍ୟରେ ଧାବିତ ହେବାର ମାନବୀୟ ପରିତ୍ରାଣକାମୀ ପ୍ରବୃତ୍ତିଟିକୁ ଛାଡ଼ି ବସିଥାଏ । କେବଳ ଏକ ତାତ୍କାଳିକ ଓ ପ୍ରାତିଭାସିକ ପ୍ରାଣଗତ ତଥା ଭୌତିକ ବ୍ୟାବହାରିକତାର ନିୟମାଶ୍ରୟୀ ହୋଇ ରହିଥିବା ବୁଦ୍ଧି ଓ ବିସ୍ତରଣାର ଏହି ସୀମିତ ଉପଯୋଗରେ ମନୁଷ୍ୟ କେବେହେଁ ବେଶିଦିନ ସନ୍ତୁଷ୍ଟ ହୋଇ ରହିପାରିବ ନାହିଁ । କାରଣ ତା'ର ପ୍ରକୃତି ହିଁ ତାକୁ ଉର୍ଦ୍ଧ୍ୱସ୍ଥ ଉଚ୍ଚତାଗୁଡ଼ିକ ଆଡ଼କୁ ଉଦ୍‌ବୁଦ୍ଧ ଓ ପ୍ରେରିତ କରିନେବ, ତାହାଠାରୁ ଆତ୍ମଉତ୍କାନ୍ତିର ଏକ ଅବିରତ ପ୍ରୟାସ

'oaob.nitrkl.ac.in' images reprocessed

ଦାବି କରିବାରେ ଲାଗିଥିବ; ଏବଂ ଅନୁପଲବ୍ଧ ହୋଇ ରହିଥିବା ଏବଂ ଏପରିକି ତାହାଙ୍କ ଆଗରେ ଅସମ୍ଭବ ବୋଲି ଦିଶୁଥିବା ଲକ୍ଷ୍ୟସବୁ ଉଦ୍ଦେଶ୍ୟରେ ତାକୁ ଆବେଗମୟ ଓ ଉତ୍ତେଜିତ କରି ରଖିଥିବ ।

ବୁଦ୍ଧି, ଅନ୍ୟପକ୍ଷରେ ଏକ ଉଚ୍ଚତର କ୍ରିୟାର ପ୍ରୟାସ କରିବା ସମୟରେ ବୁଦ୍ଧିଗତ ବିଚାରଣା ଆପଣାକୁ ଜୀବନଠାରୁ ଭିନ୍ନ କରି ରଖିଥାଏ । ଏକ ଆସକ୍ତିରହିତ ଏବଂ ମୋହମୁକ୍ତ ଜ୍ଞାନରେ ଉପନୀତ ହେବାର ପ୍ରୟାସଟି ହିଁ ଏହାକୁ ଏପରି ଏକ ଉଚ୍ଚ ସ୍ଥାନକୁ ବହନ କରି ନେଇଯାଏ ଯେଉଁଠାରେ କି ତାହାର ସେହି ଅନ୍ୟ ଜିନିଷଟି ଉପରେ ଆଉ କୌଣସି ଅଧିକାର ରହେ ନାହିଁ ଯାହାକୁ କି ଆମର ସହଜାତ ପ୍ରବୃତ୍ତି ତଥା ଆବେଗମାନେ ଆପଣା ଭିତରେ ବହନ କରି ଆଣୁଥାଆନ୍ତି, ଏବଂ ସେସବୁ ଅପୂର୍ଣ୍ଣ, ଅନ୍ଧ ଓ ସୀମାବଦ୍ଧ ହୋଇଥିଲେ ମଧ୍ୟ ଯାହା ପ୍ରତ୍ୟେକ ବସ୍ତୁକୁ ସେଗୁଡ଼ିକର ସ୍ୱକୀୟ ପ୍ରକୃତି ଅନୁସାରେ ସୃଷ୍ଟି କରୁଥିବା ଓ ପରିଚାଳିତ କରି ରଖିଥିବା ଜୀବନରେ ନିହିତ ସେହି ବିଶ୍ୱଗତ ପରମ ଜ୍ଞାନସଙ୍କଳ୍ପର ଏକ ପ୍ରଚ୍ଛନ୍ନ କ୍ରିୟା ହୋଇ ରହିଥାଏ । ଏହା ଏକାନ୍ତ ସତ୍ୟ ଯେ ଏପରିକି ବିଜ୍ଞାନ ଓ ଦର୍ଶନ ମଧ୍ୟ କଦାପି ସମ୍ପୂର୍ଣ୍ଣ ମୋହମୁକ୍ତ ଓ ଆସକ୍ତିରହିତ ହୋଇପାରନ୍ତି ନାହିଁ । ସେମାନେ ଅନେକ ସମୟରେ ଆପଣାର ସ୍ୱକୀୟ ଧାରଣା, ଆପଣାର ସ୍ୱକୀୟ ସିଦ୍ଧାନ୍ତ, ଭିତରର ହୋଇ ବଢ଼ାଯାଇଥିବା ସେମାନଙ୍କର ସାମାନ୍ୟସୂତ୍ର-ଗୁଡ଼ିକର ଉତ୍ପୀଡ଼ନର କବଳରେ ପଡ଼ନ୍ତି; ଏବଂ ସବୁ କଥାକୁ ବ୍ୟାବହାରିକ ସ୍ତରକୁ ନେଇଆସିବା ଲାଗି ମନୁଷ୍ୟ ଭିତରେ ଯେଉଁ ସ୍ୱାଭାବିକ ପ୍ରବୃତ୍ତିଟି ରହିଛି, ତାହାଦ୍ୱାରା ପ୍ରେରିତ ହୋଇ ସେମାନେ ଏଗୁଡ଼ିକୁ ଜୀବନ ଉପରେ ନେଇ ଲଦିଦେବାକୁ ଇଚ୍ଛା କରୁଥାଆନ୍ତି । ମାତ୍ର ଏ କ୍ଷେତ୍ରରେ ମଧ୍ୟ ସେମାନେ ହୁଏତ ବସ୍ତୁନିରପେକ୍ଷ କେତେକ ଧାରଣା ବା ଆଦର୍ଶର ଏକ ଜଗତ ଭିତରକୁ ପଶିଯାଆନ୍ତି ଅଥବା ତା' ନ ହେଲେ ଏପରି ଅନମନୀୟ କେତେକ ନିୟମକୁ ଆଦରି ଧରନ୍ତି, ଯାହାମଧ୍ୟରେ ଜୀବନର ବହୁମୁଖିତାଟିକୁ ଧରିପାରିବା ଆଦୌ ସମ୍ଭବ ହୁଏ ନାହିଁ । ଆଦର୍ଶବାଦୀ, ବିଚାରକ, ଦାର୍ଶନିକ, କବି ଓ କଳାକାର୍ ଓ ଏପରିକି ନୀତିବାଦୀ ଯେତେବେଳେ ପ୍ରଧାନତଃ ବିଚାର ତଥା କଳ୍ପନାରାଜ୍ୟରେ ହିଁ ଜୀବନଯାପନ କରୁଥାଆନ୍ତି, ଏକ ନିକଟ ବ୍ୟବଧାନରୁ ବ୍ୟାବହାରିକ ଜୀବନର ସମ୍ମୁଖୀନ ହେବାକୁ ଗଲାବେଳେ ସେମାନେ ପ୍ରାୟ ଏକପ୍ରକାର କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ନ୍ତି ଏବଂ ଆପଣାର ବିଚାରଗୁଡ଼ିକ ଦ୍ୱାରା ହିଁ ଜୀବନକୁ ଅନୁଶାସିତ କରି ରଖିବାର ପ୍ରୟାସରେ ବାରବାର ବିଫଳ ଓ ପରାହତ ହେବାରେ ଲାଗିଥାଆନ୍ତି । ସେମାନେ ଏହି ଜଗତରେ ଅବଶ୍ୟ ଏକ ଶକ୍ତିଶାଳୀ ପ୍ରଭାବ ପକାଉଥାଆନ୍ତି, ମାତ୍ର କେବଳ ପରୋକ୍ଷଭାବରେ ହିଁ ତାହା କରୁଥାଆନ୍ତି ; ଅଧିକତର କ୍ଷେତ୍ରରେ ସେମାନେ ଆପଣାର ବିଚାରଗୁଡ଼ିକୁ ପ୍ରାଣର ଭୂମି ଉପରେ ଗଦା କରି ଜୀବନସ୍ଥ ପ୍ରଚ୍ଛନ୍ନ ପରମ ଇଚ୍ଛାଟି ଯେପରି ଭାବରେ ବୁଝେ, ପ୍ରାଣ ସେଗୁଡ଼ିକୁ ସେହିପରି ଭାବରେ କାମରେ ଲଗାଉଥାଏ ।

'oaob.nitrkl.ac.in' images reprocessed

ମାତ୍ର ପ୍ରତ୍ୟକ୍ଷ ବା ସଫଳଭାବରେ ସଂଗଠିତ କୌଣସି କ୍ରିୟାଦ୍ୱାରା ସେମାନେ ପ୍ରାପ୍ତ କରୁହେଲେ କରିପାରନ୍ତି ନାହିଁ । ଅବଶ୍ୟ କେବଳ ଆପଣାର ପ୍ରୟୋଗ ଓ ଇନ୍ଦ୍ରିୟବୋଧ ଉପରେ ପୂର୍ଣ୍ଣ ନିର୍ଭର କରୁଥିବା ବ୍ୟାବହାରିକ ଜ୍ଞାନସମ୍ପନ୍ନ ବ୍ୟକ୍ତି ଯେ ଆପଣାର ପ୍ରତ୍ୟକ୍ଷ କ୍ରିୟାତ୍ମକତା ଦ୍ୱାରା ପ୍ରକୃତରେ କୌଣସି ଅଧିକ ଯଥାର୍ଥଭାବରେ ସଫଳତା ଲାଭ କରେ, ସେକଥା ଆଦୌ ନୁହେଁ ; କାରଣ ସେହି ପ୍ରତ୍ୟକ୍ଷ କ୍ରିୟାତ୍ମକତାଟିକୁ ମଧ୍ୟ ଜୀବନରେ କାର୍ଯ୍ୟ କରୁଥିବା ପ୍ରଚ୍ଛନ୍ନ ପରମ ଇଚ୍ଛାଟି ଗ୍ରହଣ କରିନିଏ ଏବଂ ବ୍ୟାବହାରିକ କୁଶଳତାସମ୍ପନ୍ନ ବ୍ୟକ୍ତି, ଆପଣା ଭିତରେ ଯେଉଁ ଅଭିପ୍ରାୟଟି ରଖିଥାଏ, ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅନ୍ୟସବୁ ଉଦ୍ଦେଶ୍ୟର ସାଧନରେ ତାହାକୁ କାମରେ ଲଗାଏ । ବରଂ ଏକଥା ଅବଶ୍ୟ ମନେ ରଖିବାକୁ ପଡ଼ିବ ଯେ, ଆଦର୍ଶ ତଥା ଆଦର୍ଶବାଦୀଙ୍କର ସବୁବେଳେ ଏକ ଆବଶ୍ୟକତା ରହିଛି । ଆଦର୍ଶକୁ ଆମେ ଜୀବନର ସ୍ୱାଦ ଓ ରସ ବୋଲି କହିବା ଏବଂ ଆଦର୍ଶବାଦୀମାନଙ୍କୁ ଜୀବନର ଅଭୀଷ୍ଟସିଦ୍ଧିରେ ସର୍ବାଧିକ ଶକ୍ତିଶାଳୀ ଉଦ୍‌ଘାଟକ ତଥା ସହଯୋଗୀ ସହକାରୀ ବୋଲି କହିବା । ମାତ୍ର ଆଦର୍ଶକୁ କେବଳ ଏକ ସୂତ୍ରବନ୍ଧନ ବା ସୂତ୍ରସର୍ବସ୍ୱତାରେ ପରିଣତ କରିଦେବା ମାତ୍ରକେ ତାହା ତତ୍‌କ୍ଷଣାତ୍ ବିଫଳ ହେବାକୁ ଆରମ୍ଭ କରିବ ; ଠିକ୍ କୌଣସି ନିୟମସର୍ବସ୍ୱ ବ୍ୟକ୍ତି ଭଳି ଆମର ସାମାନ୍ୟ ନିୟମ ତଥା ଦୃଢ଼ବଦ୍ଧ ଧାରଣାଗୁଡ଼ିକୁ ସତର୍କ ନିୟମାନୁବର୍ତ୍ତିତା ସହିତ ପ୍ରୟୋଗ କରିବାକୁ ବାହାରିବା ମାତ୍ରକେ ଜୀବନ ତତ୍‌କ୍ଷଣାତ୍ ପ୍ରାଚୀର ଭାଙ୍ଗି ପଳାୟନ କରିବ, ସେହି ନିୟମଗୁଡ଼ିକର ବନ୍ଧନ ଭିତରୁ ଛଟପଟ ହୋଇ ବାହାରିଯିବ ଅଥବା କେବଳ ନାମକୁମାତ୍ର ତାହାର ଭିତରେ ରହିଥିଲେ ମଧ୍ୟ ସେହି ନିୟମଗୁଡ଼ାକୁ ଏପରି ଭାବରେ ରୂପାନ୍ତରିତ କରିଦେବ, ଯେପରିକି ମୂଳ ନିୟମକର୍ତ୍ତା ମଧ୍ୟ ସେଗୁଡ଼ିକୁ ଚିହ୍ନିବାକୁ ସମର୍ଥ ହେବ ନାହିଁ ଏବଂ ସେ ଏକଦା ଯେଉଁ ସିଦ୍ଧାନ୍ତଗୁଡ଼ିକୁ ଅକାଟ୍ୟ ଓ ଶାଶ୍ୱତଭାବରେ ପ୍ରତିଷ୍ଠିତ କରି ରଖିବାକୁ ଇଚ୍ଛା କରୁଥିଲା, ଏଗୁଡ଼ିକୁ ତାହାର ଏକାନ୍ତବିରୋଧୀ ମଣି ବର୍ଜନ କରିବ ।

ଅସୁବିଧାଟିର ଅସଲ ମୂଳ ହେଉଛି ଯେ, ବାହ୍ୟ ତଥା ଅନ୍ତରସ୍ଥ ଆମର ଜୀବନ ତଥା ଅସ୍ତିତ୍ୱର ଭିତ୍ତିଦେଶରେ ଏପରି ଗୋଟିଏ ସାମଗ୍ରୀ ରହିଛି ଯାହାକୁ କି ବୁଦ୍ଧି କୌଣସି ପ୍ରକାରେ ଆପଣା'ର ଅଧୀନ ବା ନିୟନ୍ତ୍ରିତ କରି ରଖିପାରିବ ନାହିଁ । ତାହା ଆମ ଜୀବନରେ ଅଧିଷ୍ଠିତ ହୋଇ ରହିଥିବା ପରମ ନିର୍ବିଶେଷ, ପରମ ଅନନ୍ତ । ଜୀବନସ୍ଥ ପ୍ରତ୍ୟେକ ସାମଗ୍ରୀର ପଛରେ ଏକ ପରମ ନିର୍ବିଶେଷତା ବିଦ୍ୟମାନ ରହିଛନ୍ତି; ସେହି ସାମଗ୍ରୀଟି ଆପଣା ମାର୍ଗରେ ତଥା ଆପଣା ସ୍ୱତରେ କେବଳ ତାହାର ସନ୍ଧାନ କରିବାରେ ଲାଗିଛି । ଏଠି ଯାହାକିଛି ଅଭିବ୍ୟକ୍ତ ହୋଇ ରହିଛି, ତାହା କେବଳ ଏକ ଅନନ୍ୟ ହିଁ ଆପଣାର ଯଥାର୍ଥ ସତ୍ୟ ବୋଲି ଅନୁଭବ କରୁଛି ଏବଂ ତାହାକୁ ହିଁ ଅଭିବ୍ୟକ୍ତ କରିଦେବାର ସାଧନା କରିବାରେ ଲାଗିଛି । ପୁନଶ୍ଚ, କେବଳ

'oaob.nitrkl.ac.in' images reprocessed

ପ୍ରକୃତରେ ଥିବା ପ୍ରତ୍ୟେକ ଶ୍ରେଣୀ, ପ୍ରତ୍ୟେକ ପ୍ରକାର ଅଥବା ପ୍ରତ୍ୟେକ ପ୍ରବୃତ୍ତି ଯେ ଏହିପରି ଭାବରେ ଆପଣା ଢଙ୍ଗରେ ଆପଣାର ପ୍ରଚ୍ଛନ୍ନ ସତ୍ୟଟିକୁ ଆବିଷ୍କାର କରିବାର ସତତ ପ୍ରୟାସ କରୁଛି, ତା' ନୁହେଁ ; ମାତ୍ର ପ୍ରତ୍ୟେକ ବ୍ୟକ୍ତି ଏହି ପ୍ରୟାସଟି ମଧ୍ୟକୁ ଆପଣାର ସ୍ୱକୀୟ ବୈଚିତ୍ର୍ୟ ତଥା ବିଶେଷତା ସବୁ ବି ବହନ କରି ଆଣିଛି । ତେଣୁ ଅନେକ ରୂପ ତଥା ଅନେକ ପ୍ରବୃତ୍ତିରେ ଆପଣାର ଅଭିବ୍ୟକ୍ତିଟିକୁ ନିୟନ୍ତ୍ରିତ କରୁଥିବା କେବଳ ଯେ ଏକ ସ୍ୱୟଂଭବ ପରମ ନିର୍ବିଶେଷ ବା ଏକ ପରମ ଅନନ୍ତ ଅବସ୍ଥିତ ରହିଛନ୍ତି, ତାହା ନୁହେଁ, ମାତ୍ର ଅନନ୍ତ ସମ୍ଭାବନା ତଥା ଅନନ୍ତ ବୈଚିତ୍ର୍ୟର ଏକ ତତ୍ତ୍ୱ ମଧ୍ୟ ନିତ୍ୟ ବିରାଜିତ ରହିଛି ଏବଂ ତାହା କେବଳ ମଥାଦେଇ ବିଚାର ଓ ତର୍କ କରୁଥିବା ବୁଦ୍ଧିଲାଗି ସୁଦୂରପରାହତ । କାରଣ ଯାହାକିଛି ଆୟତନସିଦ୍ଧ ଓ ଯାହାକିଛି ଅନ୍ତବିଶିଷ୍ଟ, ବୁଦ୍ଧି ସଫଳତାର ସହିତ କେବଳ ତାହାରି ସମ୍ମୁଖୀନ ହୋଇପାରେ ଓ ତାହାରି କାରବାର କରିପାରେ । ମନୁଷ୍ୟର ଜୀବନସ୍ତରରେ ଏହି ଅସୁବିଧାଟି ଆପଣାର ଚରମ ସୀମାରେ ଆସି ଉପନୀତ ହୋଇଥାଏ । କାରଣ ମନୁଷ୍ୟ ଭିତରେ କେବଳ ଯେ ଅନନ୍ତ ସମ୍ଭାବନା ଅନ୍ତର୍ନିହିତ ହୋଇ ରହିଛି ତା' ନୁହେଁ. ଏହାର ପ୍ରତ୍ୟେକ ସାମର୍ଥ୍ୟ ତଥା ପ୍ରତ୍ୟେକ ପ୍ରବୃତ୍ତି ଆପଣାର ସ୍ୱକୀୟ ଢଙ୍ଗରେ କେବଳ ଯେ ଆପଣାର ସ୍ୱକୀୟ ପରମସ୍ତରଟିର ଅନ୍ୱେଷଣ କରିବାରେ ଲାଗିଛି ଏବଂ ସେହି କାରଣରୁ ବୁଦ୍ଧିର କୌଣସି ଅନମନୀୟ କଠୋର ନିୟନ୍ତ୍ରଣ ତା'ଉପରେ ଆସି ପଡ଼ିଲେ ସେ ଯେ କେବଳ ଅସ୍ଥିର ହୋଇଉଠୁଛି ଓ ତାହାକୁ ଅସହ୍ୟ ମନେକରୁଛି ତା' ନୁହେଁ, ମାତ୍ର ପ୍ରତ୍ୟେକ ବ୍ୟକ୍ତି ଭିତରେ ସାମର୍ଥ୍ୟ ଓ ପ୍ରବୃତ୍ତିଗୁଡ଼ିକର ମାତ୍ରା, ପଦ୍ଧତି ତଥା ମିଶ୍ରଣ ଇତ୍ୟାଦିରେ ମଧ୍ୟ ବିଭିନ୍ନତା ରହିଛି । ପ୍ରତ୍ୟେକ ମନୁଷ୍ୟ ଯେ କେବଳ ସାମାନ୍ୟ ସାଧାରଣ ମନୁଷ୍ୟସମୂହର ଅନ୍ତର୍ଗତ ତା' ନୁହେଁ, ବରଂ ସେ ଆପଣା ଭିତରେ ଅଧିଷ୍ଠିତ ପରମ ଅନନ୍ତଙ୍କର ବି ଏକ ସମ୍ପଦ ଓ ତେଣୁ ଅନନ୍ୟସାଧାରଣ ହୋଇ ରହିଛି । ଆମ ଜୀବନାସ୍ତିତ୍ୱର ବାସ୍ତବ ସତ୍ୟଟି ଠିକ୍ ଏହିପରି ହୋଇଥିବାରୁ ହିଁ ବୁଦ୍ଧିଗତ ବିଚାରଣା ଓ ବୁଦ୍ଧିସମ୍ପନ୍ନ ଇଚ୍ଛା ସାର୍ବଭୌମ ନିୟାମକରୂପେ ଜୀବନର କଦାପି ସମ୍ମୁଖୀନ ହୋଇପାରୁନାହାନ୍ତି ; ଏପରିକି ବର୍ତ୍ତମାନ ସେମାନେ ହୁଏତ ଆମର ସର୍ବପ୍ରଧାନ ତଥା ସର୍ବଶକ୍ତିଶାଳୀ ସାଧନରୂପେ ବ୍ୟବହୃତ ହେଉଥିଲେହେଁ ଏବଂ ଆମର ବିବର୍ତ୍ତନକର୍ମଟିରେ ସେମାନେ ଅତୀବ ମହତ୍ତ୍ୱପୂର୍ଣ୍ଣ ଏବଂ ସହାୟକ ଭୂମିକା ଗ୍ରହଣ କରିଥିଲେହେଁ ସେମାନେ ତଥାପି ଆମ ଜୀବନର ନିୟାମକ ହୋଇପାରୁନାହାନ୍ତି । ବୁଦ୍ଧି ଓ ବୁଦ୍ଧିଗତ ବିଚାରଣା ଅବଶ୍ୟ ଶାସନ କରିପାରିବ, ମାତ୍ର ଅଧିପତିଭାବରେ ନୁହେଁ, କେବଳ ମନ୍ତ୍ରଣାଦାତା ବା ମନ୍ତ୍ରୀ ହିସାବରେହିଁ ତାହା କରିପାରିବ । ତାହା ଖାଲି ଅପୂର୍ଣ୍ଣଭାବରେ ଶାସନ କରିପାରିବ ; କେବଳ ଜଣେ ସାଧାରଣ ବିଚାରକ ହୋଇ ବସିପାରିବ, କେବଳ ପରାମର୍ଶ ଦେବ । ମାତ୍ର ସେହି ପରାମର୍ଶକୁ ପ୍ରକୃତରେ କଦାପି ଅଲଂଘନୀୟ ହୁକୁମ ବୋଲି କୁହାଯାଇପାରିବ ନାହିଁ, ଅଥବା ସେହି ସାର୍ବଭୌମ ପରମ କର୍ତ୍ତୃତ୍ୱଙ୍କର ଏକ ମାଧ୍ୟମ ବୋଲି କୁହାଯିବ ନାହିଁ ।

'oaob.nitrkl.ac.in' images reprocessed

କାରଣ ସେହି ପ୍ରଚ୍ଛନ୍ନ ପରମ ଶକ୍ତି ବର୍ତ୍ତମାନ ଆଦୌ ପ୍ରତ୍ୟକ୍ଷଭାବରେ କାର୍ଯ୍ୟ କରୁନାହାନ୍ତି, ତାଙ୍କର ଅନେକ ପ୍ରତିନିଧି ତଥା ବାର୍ତ୍ତାବହମାନଙ୍କ ଜରିଆରେ ହିଁ କାର୍ଯ୍ୟ କରୁଛନ୍ତି । ଯେ ପ୍ରକୃତରେ ଅସଲ ଅଧିପତି ହୋଇ ବସିଛନ୍ତି, ସେ ଏହି ତର୍କ କରୁଥିବା ଆମର ବୁଦ୍ଧି ଆଦୌ ନୁହନ୍ତି, ସେ ଅନ୍ୟ କେହି । ଯେପର୍ଯ୍ୟନ୍ତ ମନୁଷ୍ୟର ଆତ୍ମଚେତନା ବୁଦ୍ଧିଗତ ମନୋଭୂମିଟିର ସୀମାଟିକୁ ପାର ହୋଇ ନ ଯାଇଛି, ସେ ଯେପର୍ଯ୍ୟନ୍ତ ଅସଲ ଅଧିପତିଙ୍କର ଚେତନ ପରିଚୟ ନ ପାଇଛି, ଏବଂ ହୁଏତ ତାଙ୍କ ସହିତ ଏକ;ମୃତା ଅର୍ଜନ ନ କରିଛି, ଅଥବା ତାଙ୍କର ପରମ ଇଚ୍ଛା ଓ ପରମ ଜ୍ଞାନଟି ସହିତ ସତତ ସଂଯୋଗସୂତ୍ର ସ୍ଥାପନ କରି ନ ପାରିଛି, ସେପର୍ଯ୍ୟନ୍ତ ଆପଣା ଭିତରେ ଓ ଆପଣାର ବାହ୍ୟ ପରିବେଶ ମଧ୍ୟରେ କାର୍ଯ୍ୟ କରୁଥିବା ପ୍ରକୃତି ଉପରେ ମୁକ୍ତ ନିୟାମକରୂପେ ପ୍ରତିଷ୍ଠିତ ହୋଇପାରିବାଲାଗି ମନୁଷ୍ୟର ଯେଉଁ ଆବେଗ ଓ ବଳବତୀ ଆକାଙ୍କ୍ଷା ରହିଛି, ତାହା କେବେହେଁ ପ୍ରକୃତରେ ପରିପୂର୍ଣ୍ଣ ହୋଇପାରିବ ନାହିଁ ।

'oaob.nitrkl.ac.in' images reprocessed

ଦ୍ୱାଦଶ ପରିଚ୍ଛେଦ

# ବୁଦ୍ଧିଗତ ବିଚାରଣାର ପ୍ରକୃତ କାର୍ଯ୍ୟ ଓ ସୀମା

ଯଦି ବୁଦ୍ଧି ଓ ବୁଦ୍ଧିଗତ ବିଚାରଣା ଆମ ସତ୍ତାର ସାର୍ବଭୌମ କର୍ତ୍ତା ହୋଇ ନ ଥାଏ, ଏପରିକି ଯଦି କେବଳ ଏକ ମଧ୍ୟବର୍ତ୍ତୀ ମନ୍ତ୍ରୀ ହୋଇ ରହିବା ବ୍ୟତୀତ ତାହା ଅନ୍ୟ କୌଣସି ପଦଲାଗି ଅଭିପ୍ରେତ ହୋଇ ନ ଥାଏ, ତେବେ ଏହି ରାଜ୍ୟର ଅନ୍ୟ କ୍ଷେତ୍ରଗୁଡ଼ିକ ସକାଶେ ଏକ ପରିପୂର୍ଣ୍ଣ ଯଥାର୍ଥ ବିଧାନ ଯୋଗାଇଦେବାରେ ତାହା କଦାପି ସଫଳ ହୋଇପାରିବ ନାହିଁ । ଅବଶ୍ୟ ଏକଥା ସତ ଯେ ଏକ ଉଚ୍ଚତର ପୂର୍ଣ୍ଣତା ଉଦ୍ଦେଶ୍ୟରେ ଅଗ୍ରଗମ କରିଯାଉଥିବା ସମୟରେ ବୁଦ୍ଧି ମଧ୍ୟବର୍ତ୍ତୀ ପଥ ହିସାବରେ ସେଗୁଡ଼ିକ ଉପରେ ଏକ ସାମୟିକ ଓ. ଅପୂର୍ଣ୍ଣତାପୂର୍ଣ୍ଣ ବ୍ୟବସ୍ଥାକୁ ଆଣି ଲଦିଦେଇପାରିବ । ମସ୍ତିଷ୍କରୁ କାମ ନେଉଥିବା ବୁଦ୍ଧିସମ୍ପନ୍ନ ମନୁଷ୍ୟକୁ ଆମେ କଦାପି ମନୁଷ୍ୟ ହେବାର ଶେଷ ଓ ସର୍ବୋଚ୍ଚ ଆଦର୍ଶ ବୋଲି କହିପାରିବା ନାହିଁ ; ଅଥବା ଯେଉଁ ସମାଜ କେବଳ ମସ୍ତିଷ୍କଗତ ବୁଦ୍ଧିର ବୋଲ ମାନି ଚଳୁଛି ତାହାକୁ ସାମୂହିକ ମନୁଷ୍ୟ ଜୀବନରେ ନିହିତ ହୋଇ ରହିଥିବା ସମ୍ଭାବନା ସବୁର ସର୍ବଶେଷ ଓ ସର୍ବୋଚ୍ଚ ଅଭିବ୍ୟକ୍ତି ବୋଲି କଦାପି କହିହେବ ନାହିଁ । ଅବଶ୍ୟ ବୁଦ୍ଧି ଓ ବୁଦ୍ଧିଗତ ବିଚାରଣା କହିଲେ ବର୍ତ୍ତମାନ ସାଧାରଣତଃ ଯାହା ବୁଝାଉଛି, ଶବ୍ଦଟିକୁ ତାହାଠାରୁ ଏକ ଅଧିକ ବ୍ୟାପକ ଅର୍ଥ ଦେଇ ଯଦି ଆମେ ତାକୁ ବୁଝିବାକୁ ଯାଉ ଏବଂ ଆମ ସକଳ ଜ୍ଞାନ-ସାମର୍ଥ୍ୟର ସଂପୃକ୍ତ ପ୍ରଜ୍ଞା ଓ ବିବେକଶକ୍ତିକୁ ମଧ୍ୟ ତାହାର ଅନ୍ତର୍ଗତ କରିଦେଇପାରୁ, ଆମର ଏହି ବୁଝିବାର ଓ ନ୍ୟାୟତର୍କ ଦ୍ୱାରା ଚାଳିତ ହେଉଥିବା ମନ ଏବଂ ଆମ ପ୍ରକୃତିର ଏକାନ୍ତ ମସ୍ତିଷ୍କଗତ ଏହି ଅଂଶଟିର ତଳେ ତଥା ଉପରେ ଯେଉଁ ଜ୍ଞାନ ରହିଛି, ଆମେ ତାକୁ ଯଦି ବୁଦ୍ଧିର ଅନ୍ତର୍ଗତରୂପେ ବୁଝୁ, ତେବେ ତାହା ନିଶ୍ଚୟ ଅନ୍ୟ ଏକ କଥା ହେବ । ଯେଉଁ ପରମ ତଦ୍‌ଗତତା ମନୁଷ୍ୟ ଭିତରେ ଆପଣାକୁ ଅଭିବ୍ୟକ୍ତ କରି ରଖିଛି ଓ ତା'ର ବିକାଶର ବିଭିନ୍ନ ପର୍ଯ୍ୟାୟଗୁଡ଼ିକୁ ପ୍ରଚ୍ଛନ୍ନଭାବରେ ପରିଚାଳିତ କରିବାରେ ଲାଗିଛି, ତାହା ମନୁଷ୍ୟର ବୁଦ୍ଧିଠାରୁ ଅନେକ ବୃହତ୍ ଓ ଅନେକ ଗଭୀର । ଏବଂ ସେହି ତଦ୍‌ଗତତା ଏପରି ଏକ ପରିପୂର୍ଣ୍ଣତା ଉଦ୍ଦେଶ୍ୟରେ ଧାବମାନ ହେଉଛି, ଯାହାକୁ ଆମେ କେବଳ ମନୁଷ୍ୟବୁଦ୍ଧିର ସ୍ୱମତଗଠିତ ରଚନାଗୁଡ଼ିକ ଦ୍ୱାରା କଦାପି ଧରି ରଖିପାରିବା ନାହିଁ ।

'oaob.nitrkl.ac.in' images reprocessed

ଆପଣାର କ୍ଷେତ୍ରଟିରେ ଏଣେ ବୁଦ୍ଧି ଆପଣାର କାର୍ଯ୍ୟଟି କରିବାରେ ଲାଗିଛି ; ତାହା ମନୁଷ୍ୟକୁ ଏକ ବୃହତ୍ତର ଆତ୍ମଚେତନାର ଦ୍ୱାରଦେଶକୁ ବାଟ ବତାଇ ନେଇ-ଯାଉଛି ଏବଂ ତା'ର ଆଖିଉପରୁ ସବୁପ୍ରକାର ପଟି ଖୋଲିଦେଇ ସେ ତାକୁ ସେହି ସୁଉଚ୍ଚ ତୋରଣଦ୍ୱାରରେ ନେଇ ପହଞ୍ଚାଇ ଦେଉଛି, ଯେଉଁଠାରେ କି ଅଧିକ ଜ୍ୟୋତିର୍ମୟ ଏକ ଦେବଦୂତ ତାହାର ହାତ ଧରି ତାକୁ ଆହୁରି ଦୂରକୁ ନେଇଯାଇପାରିବେ । ବୁଦ୍ଧି ପ୍ରଥମେ ମନୁଷ୍ୟଜୀବନର ନିମ୍ନତର ସାମର୍ଥ୍ୟଗୁଡ଼ିକୁ ଆପଣା ହାତରେ ଗ୍ରହଣ କରିନିଏ ; ସେହି ସାମର୍ଥ୍ୟଗୁଡ଼ିକ ଯେତେବେଳେ ଆପଣା ଅବେଗର ଆବୃତ୍ତନ ଭିତରେ ହିଁ ରୁଦ୍ଧ ରହିଥାନ୍ତି, ଏକ ଅନ୍ଧ ଆତ୍ମଯଥେଷ୍ଟତା ସହିତ ସେଗୁଡ଼ିକ ଆପଣା ଆପଣାର ସ୍ୱକୀୟ ସହଜାତ ପ୍ରବୃତ୍ତି ଓ ସର୍ବପ୍ରାଥମିକ ବାସନାରୂଢ଼ତାଗୁଡ଼ିକୁ ଚରିତାର୍ଥ କରିବାଲାଗି ଉଦ୍ୟମ କରୁଥାନ୍ତି । ବୁଦ୍ଧି ସେଗୁଡ଼ିକୁ ଆପଣାକୁ ବୁଝିପାରିବାଲାଗି ଶିଖାଏ ଏବଂ ବୁଦ୍ଧିଯୁକ୍ତ ମନନସମର୍ଥ ଲୋକନଦ୍ୱାରା ସେଗୁଡ଼ିକୁ ଆପଣାର ଯାବତୀୟ କ୍ରିୟାର ବିଧାନଗୁଡ଼ିକ ଉପରେ ଦୃଷ୍ଟିପାତ କରିବାକୁ ଶିଖାଏ । ବୁଦ୍ଧି ମନ୍ତ୍ର ସହିତ ଆପଣା ଭିତରେ ରହିଥିବା ଉଚ୍ଚକୁ ଆପଣା ଭିତରର ନିମ୍ନଟିଠାରୁ ସ୍ୱତନ୍ତ୍ର କରି ଠଉରାଇ ରଖିବାକୁ ବୁଦ୍ଧି ସେଗୁଡ଼ିକ ମଧ୍ୟରେ ସାମର୍ଥ୍ୟ ଆଣିଦିଏ, ଶୁଦ୍ଧକୁ ଅଶୁଦ୍ଧରୁ ଭିନ୍ନ କରି ଦେଖିବାକୁ ସମର୍ଥ କରାଏ ଏବଂ ଏକ ଅଶୋଧିତ ଅସ୍ପଷ୍ଟତା ଓ ବିମୂଢ଼ତା ମଧ୍ୟରୁ ବାହାରିଯାଇ ଆପଣା ନାନା ସମ୍ଭାବନାର ଅଧିକରୁ ଅଧିକ ଜ୍ୟୋତିର୍ମୟ ସ୍ତରସବୁରେ ଆସି ଉପନୀତ ହେବାକୁ ସମର୍ଥ କରିଦିଏ । ବୁଦ୍ଧି ସେଗୁଡ଼ିକୁ ଆତ୍ମଜ୍ଞାନ ଆଣିଦିଏ ଏବଂ ଜଣେ ପଥପ୍ରଦର୍ଶକ, ଶିକ୍ଷକ, ସଂଶୋଧକ ଏବଂ ପାଶବିମୋଚକର କାର୍ଯ୍ୟ କରୁଥାଏ । କାରଣ ତାହା ସେଗୁଡ଼ିକୁ ଆପଣାର ସୀମା ପାରି ହୋଇ ଆହୁରି ଦୂରକୁ ଅନାଇବାକୁ, ପରସ୍ପର ଆଡ଼କୁ ଅନାଇବାକୁ ସମର୍ଥ କରାଏ ଏବଂ ନୂତନ ଆହୁରି ଅନେକ ଉଦ୍ଦେଶ୍ୟ ତଥା ଏକ ଅଧିକ ଐଶ୍ୱର୍ଯ୍ୟସମ୍ପନ୍ନ କ୍ରିୟାଶୀଳତା ଲାଗି ପରସ୍ପରଦ୍ୱାରା ଉପକୃତ ହେବାକୁ ସାମର୍ଥ୍ୟ ଆଣିଦିଏ । ଆମର ସୁଖକାମୀ ଓ ସୌନ୍ଦର୍ଯ୍ୟ-କାମୀ କ୍ରିୟାତ୍ମକତାଗୁଡ଼ିକୁ ତାହା ଅଧିକ ଶକ୍ତି ତଥା ଶୁଦ୍ଧତା ଆଣିଦିଏ ଏବଂ ନୈତିକ ମନ ତଥା ସହଜାତ ପ୍ରବୃତ୍ତିଗୁଡ଼ିକ ସହିତ ସେମାନଙ୍କର ଯେଉଁ କଳହ ରହିଥାଏ, ତାହାର ତୀବ୍ରତାକୁ ହ୍ରାସ କରିଦିଏ । ବୁଦ୍ଧି ସେମାନଙ୍କୁ ଦୃଢ଼ତା ଓ ଗାମ୍ଭୀର୍ଯ୍ୟ ଆଣିଦିଏ, ସେଗୁଡ଼ିକୁ ବ୍ୟାବହାରିକ ଏବଂ ଗତିଶୀଳ ସାମର୍ଥ୍ୟଗୁଡ଼ିକର ସହାୟକରୂପେ ପ୍ରସ୍ତୁତ କରାଏ ଏବଂ ଅଧିକ ଅନ୍ତରଙ୍ଗଭାବରେ ଜୀବନର ନିର୍ମମ ବାସ୍ତବତା ସହିତ ସେଗୁଡ଼ିକୁ ଆଣି ସଂଯୁକ୍ତ କରିଦିଏ । ଆମର ନୈତିକ ଇଚ୍ଛାଟି ମଧ୍ୟକୁ ଚୈତନ୍ୟ, ସୁଖକାମୀ ତଥା ସୌନ୍ଦର୍ଯ୍ୟ-କାମୀ ଉପାଦାନସବୁ ପ୍ରେରିତ କରି ତାହା ସେଥିରେ ଅଧିକ ମଧୁରତା ଆଣିଦିଏ ଏବଂ ଅଲଗା ଅଲଗା ଭାବରେ ହେଉ ବା ଏକତ୍ର କରି ହେଉ, ଏହିଗୁଡ଼ିକ ଦ୍ୱାରା ମନୁଷ୍ୟ-ଜୀବନର ବ୍ୟାବହାରିକ, ଗତିସଚଳ ତଥା ପ୍ରୟୋଜନଗତ ଦିଗଗୁଡ଼ିକୁ ଅଧିକ ଉଦାର ଓ ଉଦାତ୍ତ କରାଏ । ଏବଂ ତାହା ସହିତ ବୁଦ୍ଧି ଏକ ନିୟାମକ ଏବଂ ବିଧାୟକର କାର୍ଯ୍ୟ ମଧ୍ୟ କରୁଥାଏ ; ନିର୍ଦ୍ଦିଷ୍ଟ ବିଧାନମାନ ସ୍ଥିର କରିଦେବାକୁ ଲାଗିଥାଏ, ସଂହିତା ତଥା

'oaob.nitrkl.ac.in' images reprocessed

ବ୍ୟବସ୍ଥାମାନ ଗଢ଼ି ଯୋଗାଇଦେଉଥାଏ ଏବଂ ନିୟମବଦ୍ଧ କେତେ ସଂଯୋଜନ ଆଣି ରଖିଦେଉଥାଏ, ଯାହାକି ମନୁଷ୍ୟମାନଙ୍କୁ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଚାଲିବାର ଏବଂ ଏକ ନିଶ୍ଚିତ ଓ ନିର୍ଭରଯୋଗ୍ୟ ନିୟମ, ଏକ ସ୍ଥିରୀକୃତ ମାତ୍ରା ଅନୁସାରେ ତଥା ଏକ ସନ୍ତୁଳିତ ଛନ୍ଦ ସହିତ କାର୍ଯ୍ୟ କରିପାରିବାର ସାମର୍ଥ୍ୟ ଆଣି ଦେଉଥିବ । ଏହି କ୍ଷେତ୍ରରେ ଏକ ନିର୍ଦ୍ଦିଷ୍ଟ ଅବଧି ପରେ ବୁଦ୍ଧି ଏକଥା ମଧ୍ୟ ସ୍ପଷ୍ଟ ଦେଖିବାକୁ ସମର୍ଥ ହୁଏ ଯେ ବିଧାନ ଗଢ଼ି ରଖିବାର ତା'ର ସେହି କ୍ରିୟାଟି କ୍ରମେ ସୀମାଭିତରେ ଆବଦ୍ଧ କରି ରଖିବାର ଏକ ଶକ୍ତିରେ ପରିଣତ ହୋଇଯାଉଛି ; ଏକ ପାଶରୂପେ ହିଁ କାର୍ଯ୍ୟ କରିବାକୁ ଆରମ୍ଭ କରୁଛି ; ଏବଂ ଶୃଙ୍ଖଳା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ତାହା ଯେଉଁ ନିୟମବଦ୍ଧ ମାର୍ଗଟିକୁ ଆଣି ଏକଦା ଲଦିଦେଇଥିଲା, ତାହା ଜୀବନକୁ ସତେଅବା ଗୋଟାଏ ଅଚଳ ପଥରରେ ପରିଣତ କରିଦେବାର କାରଣ ହେଉଛି ଏବଂ ଜୀବନର ଅସଲ ଉତ୍ସଗୁଡ଼ିକୁ କ୍ରମେ ବନ୍ଦ କରିଦେବାରେ ଲାଗିଛି । ସେତିକିବେଳେ ହିଁ ତାକୁ ସଂଶୟରୂପୀ ଆପଣାର ପରିତ୍ରାଣକାରୀ ସାମର୍ଥ୍ୟଟିକୁ କାମରେ ଲଗାଇବାକୁ ପଡ଼ୁଛି । ଜୀବନର ଅବଦମିତ ଉତ୍ସସବୁର ଅଦୃଶ୍ୟ ବିଦ୍ରୋହକୁ ସତେଅବା ଏକ ଚେତାବନୀ ପାଉଥିବା ବୁଦ୍ଧିର ଆବେଗ ଦ୍ୱାରା ସେତେବେଳେ ନୈତିକତା, ସୌନ୍ଦର୍ଯ୍ୟବୋଧ ତଥା ସାମାଜିକ, ରାଜନୈତିକ ଏବଂ ଆର୍ଥିକ ବିଧାନଗୁଡ଼ିକ ଆପଣାକୁ ନେଇ ହିଁ ନାନା ପ୍ରଶ୍ନର ଉତ୍ଥାପନ କରୁଛନ୍ତି ; ଏବଂ ହୁଏତ ପ୍ରଥମ ଅବସ୍ଥାରେ ଏହାଦ୍ୱାରା ପୁଣି କେତେକ ସନ୍ଦିଗ୍ଧତା, ବିଶୃଙ୍ଖଳା ଓ ଅନିଶ୍ଚୟତା ଉପୁଜିବାର ଆଶଙ୍କା ରହିଥିଲେହେଁ ଏହା ତଥାପି କଳ୍ପନାଶକ୍ତି, ଅନ୍ତଃଦୃଷ୍ଟି, ଆତ୍ମଜ୍ଞାନ ତଥା ଆତ୍ମପରିଚୟରେ କେତେକେତେ ନୂତନ ଗତିସ୍ପନ୍ଦନକୁ ଜାଗ୍ରତ କରାଇଆଣୁଛି ଯାହାଫଳରେ କି ପୁରୁଣା ବ୍ୟବସ୍ଥା ଓ ସୂତ୍ରବଦ୍ଧତାମାନ ଏକାବେଳେକେ ରୂପାନ୍ତରିତ ହୋଇଯାଉଛି ଅଥବା ଅନ୍ତର୍ହିତ ହୋଇଯାଉଛି ; ସେତେବେଳେ ନୂତନ କେତେକେତେ ପ୍ରୟୋଗ କରାହେଉଛି ଏବଂ ପରିଶେଷରେ ବୃହତ୍ତର କେତେକେତେ ସମ୍ଭାବନା ଓ ସଂଯୋଜନା ଆସି ଆପଣାର କ୍ରିୟା କରିବା ଆରମ୍ଭ କରିଦେଉଛନ୍ତି । ଆପଣାର ଗୋଚରଭୂମିରେ ବୁଦ୍ଧି ଯେତିକିର ବାର୍ତ୍ତା ପାଇଛି, ତାହାକୁ ହିଁ ସତ୍ୟ ବୋଲି ଘୋଷଣା କରି ଓ ଲଦିଦେଇ ଏବଂ ପରେ ଯଥାକାଳରେ ଏକ ନୂତନ ସତ୍ୟର ଘୋଷଣା କରିବା ଉଦ୍ଦେଶ୍ୟରେ ସିଦ୍ଧ ଓ ଉପଲବ୍ଧ ଭୂମି ବିଷୟରେ ଆପଣାର ସଂଶୟ ବ୍ୟକ୍ତ କରି, ପ୍ରଥମେ ଏକ ବିଧାନ ଓ ଶୃଙ୍ଖଳାକୁ ସ୍ଥିରୀକୃତ କରିଦେଇ ଏବଂ ତା'ପରେ ସେହି ବିଧାନ ଓ ଶୃଙ୍ଖଳାର ବେଢ଼ ଭିତରୁ ଆତ୍ମକୁ ମୁକ୍ତ କରି ଆଣି ବୁଦ୍ଧି ଯେଉଁ ଦ୍ୱିବିଧ କ୍ରିୟା ମଧ୍ୟରେ ସଦା-ତତ୍ପର ହୋଇ ରହିଛି, ତଦ୍ଦ୍ୱାରା ମନୁଷ୍ୟଜାତିର ପ୍ରଗତି ନିଶ୍ଚିତ ହୋଇ ରହିଛି, ଯଦିଓ ତାହାର ପଦକ୍ଷେପ ଓ ପର୍ଯ୍ୟାୟଗୁଡ଼ିକ ଅନିଶ୍ଚିତ ବୋଲି ମନେହେଉଛନ୍ତି ।

ଆମର ଆତ୍ମଗତ ତଥା ବାହ୍ୟ ଜୀବନକୁ ବୁଦ୍ଧି ଏହାର ବର୍ତ୍ତମାନର ଗତିସ୍ପନ୍ଦନ ତଥା ଭବିଷ୍ୟନ୍ନିହିତ ସମ୍ଭାବନାଗୁଡ଼ିକର ବିଧାନ ଏବଂ ଶୃଙ୍ଖଳାଟିକୁ ନିରୂପିତ

'oaob.nitrkl.ac.in' images reprocessed

କରିବାରେ ହିଁ ଯେ ବୁଦ୍ଧିର କ୍ରିୟାଟି ତାହାଉପରେ ନିମ୍ନଦେଶକୁ ତଥା ବାହାରଆଡ଼କୁ କେବଳ ସଞ୍ଚାରିତ ହୁଏ, ତାହା ନୁହେଁ । ବୁଦ୍ଧି ମଧ୍ୟରେ ଏକ ଊର୍ଦ୍ଧ୍ୱମୁଖୀ ତଥା ଅନ୍ତର୍ମୁଖୀ ଚକ୍ଷୁ ମଧ୍ୟ ସବୁବେଳେ ରହିଥାଏ ଏବଂ ଏକ ଅଧିକ ଜ୍ୟୋତିର୍ମୟ କ୍ରିୟାତ୍ମକତା ମଧ୍ୟ ରହିଥାଏ ଯାହା ସାହାଯ୍ୟରେ ତାହା ପ୍ରଚ୍ଛନ୍ନ ଶାଶ୍ୱତତାଗୁଡ଼ିକ ମଧ୍ୟରୁ କେତେକେତେ ସଂବୃଦ୍ଧ ପ୍ରେରଣା ଗ୍ରହଣ କରିବାରେ ଲାଗିଥାଏ । ଏହି ଅବଲୋକନ କ୍ଷମତାର ଭୂମି ଉପରେ ତାହା ଆପଣାର ଊର୍ଦ୍ଧ୍ୱରେ ଅବସ୍ଥିତ ଏକ ପରମସତ୍ୟ ଆଡ଼କୁ ଉନ୍ମୋଚିତ ହୋଇ ରହିଥାଏ, ଯାହାଠାରୁ କି ଯେତେ ଅପୂର୍ଣ୍ଣଭାବରେ ଏବଂ ଯେତେଅବା କୌଣସି ଆବରଣର ପଛରୁ ଆଣିଥିବା ପରି ହେଲେ ମଧ୍ୟ ତାହା ଆମର ଜୀବନସତ୍ତା ଏବଂ ତାହାର ନାନା ସମ୍ଭାବନାର ବିଶ୍ୱଗତ ତତ୍ତ୍ୱଗୁଡ଼ିକର ଏକ ପରୋକ୍ଷ ଜ୍ଞାନ ଆହରଣ କରୁଥାଏ । ବୁଦ୍ଧି ସେଗୁଡ଼ିକୁ ଗ୍ରହଣ କରେ ଏବଂ ସେଗୁଡ଼ିକରୁ ଯେତିକକୁ ଧରି ରଖିପାରେ, ତାହାକୁ ବୁଦ୍ଧିବୋଧ ଆକାର ଦେବାରେ ଲାଗିଥାଏ ଏବଂ ଏଗୁଡ଼ିକ ଆମକୁ ସେହି ବିଧାତ୍ମକ ଓ ମୀମାଂସକ ବିଚାରଗୁଡ଼ିକ ଆଣି ଯୋଗାଇଦିଅନ୍ତି ଯାହାଦ୍ୱାରା କି ଆମର ଯାବତୀୟ ପ୍ରୟାସ ମଧ୍ୟ ଏକ ନିର୍ଦ୍ଦିଷ୍ଟ ମୂର୍ତ୍ତିରୂପ ଧାରଣ କରିବାକୁ ସମର୍ଥ ହୁଅନ୍ତି ଏବଂ ଯାହାର ଚାରିପାଖରେ ସେଗୁଡ଼ିକ କେନ୍ଦ୍ରିତ ଅର୍ଥାତ୍ ସମାହୃତ ହୋଇ ରହନ୍ତି । ଯେଉଁସବୁ ଆଦର୍ଶକୁ ସାଧି କରିବାଲାଗି ଆମେ ପ୍ରୟାସ କରୁଥାଉ, ବୁଦ୍ଧି ସେହିସବୁ ଆଦର୍ଶଲାଗି ଉପଯୁକ୍ତ ନିର୍ଦ୍ଦିଷ୍ଟ ସଜ୍ଞାମାନ ଆଣି ଯୋଗାଇଦିଏ । ଏହା ଆମକୁ ଏପରି ମହାନ୍ ବିଚାରମାନ ଆଣି ଯୋଗାଇଦିଏ, ଯାହା ଆମ ଭିତରେ ଅତୁଳ ଶକ୍ତି ପରି କାମ କରିପାରେ ; ସେହି ବିଚାରଗୁଡ଼ିକ ଆପଣାର ଶକ୍ତିବଳରେ ଆପଣାକୁ ଆଣି ଆମର ଜୀବନ ଉପରେ ପ୍ରତିଷ୍ଠିତ କରିଦିଅନ୍ତି ଏବଂ ଆମ ଜୀବନକୁ ପ୍ରାୟ ବାଧ୍ୟ କରି ସେଗୁଡ଼ିକର ଗ୍ରାସରେ ନେଇ ପକାଇଦିଅନ୍ତି । ଏହିସବୁ ବିଚାରକୁ ଆମେ ଯେଉଁ ଆକାର ଦେଉ କେବଳ ସେହିଗୁଡ଼ିକ ହିଁ ବୁଦ୍ଧିଗତ ହୋଇ ରହିଥାନ୍ତି, ଅର୍ଥାତ୍ ବୁଦ୍ଧିର ପରିଚ୍ଛଦ ପିନ୍ଧିଥାଆନ୍ତି । ସ୍ୱୟଂ ବିଚାରଗୁଡ଼ିକ ସତ୍ତ୍ୱଗତ ସତ୍ୟର ଏପରି ଏକ ସୋପାନରୁ ଅବତରଣ କରି ଆସିଥାନ୍ତି ଯେଉଁଠାରେ ଜ୍ଞାନ ତଥା ଶକ୍ତି ଅଭିନ୍ନଭାବରେ କେବଳ ଗୋଟିଏ ତତ୍ତ୍ୱରୂପେ ହିଁ ଅବସ୍ଥାନ କରନ୍ତି, ସେହି ବିଚାର ତଥା ତାହାର ମଧ୍ୟରେ ଆପଣାକୁ ପରିପୂର୍ଣ୍ଣ କରିବାର ସାମର୍ଥ୍ୟ, ଏ ଦୁହେଁ ଅଭିନ୍ନ ହୋଇ ରହିଥାନ୍ତି । ଦୁର୍ଭାଗ୍ୟବଶତଃ ଆମର ବୁଦ୍ଧି କେବଳ ବିଭକ୍ତ କରି ଓ କେବଳ ଯୋଡ଼ି ବିଶ୍ଳେଷଣ ତଥା ସଂଶ୍ଳେଷଣର କୌଣସି ଏକ ମାର୍ଗରେ ହିଁ କ୍ରିୟା କରୁଥିବାରୁ ଏବଂ ଏକପ୍ରକାର ରୁକ୍ଷ ପ୍ରୟୋଗ ଓ ପରୀକ୍ଷାମୂଳକ ଅନୁସନ୍ଧାନ କରୁଥିବା ଆମର ଜୀବନର ପ୍ରୟାସରୂପେ ପରିଣତ ହୋଇ ରହିଥିବାରୁ ଆମ ବୁଦ୍ଧିର ସ୍ୱଆକାରରେ ଅନୂଦିତ ହୋଇ ସେହି ବିଚାରଗୁଡ଼ିକ ମଧ୍ୟ ସ୍ୱୟଂ ପରସ୍ପରଠାରୁ ଭିନ୍ନ ନାନା ଆଦର୍ଶରେ ପରିଣତ ହୋଇଯାଆନ୍ତି ଓ ପରସ୍ପର ସହିତ ନାନା ଦ୍ୱନ୍ଦ୍ୱରେ ଜଡ଼ିତ ହୋଇପଡ଼ନ୍ତି । ଏବଂ ଏହିସବୁ ଆଦର୍ଶକୁ ଆମର ଏହି ପୃଥିବୀରେ କୌଣସିପ୍ରକାର ଏକ ସନ୍ତୋଷଜନକ ସମନ୍ୱୟ ମଧ୍ୟକୁ ଆଣିବାକୁ ଆମକୁ

'oaob.nitrkl.ac.in' images reprocessed

ଯାବତ ଅନ୍ତବଧାର ସମ୍ମୁଖୀନ ହେବାକୁ ପଡ଼େ । ଆମେ ଏହିପରି ଭାବରେ ହିଁ ସ୍ୱାଧୀନତା, ଶୃଙ୍ଖଳା, ଶିବ, ସୌନ୍ଦର୍ଯ୍ୟ ତଥା ସତ୍ୟର ତତ୍ତ୍ୱଗୁଡ଼ିକର ନିର୍ଣ୍ଣୟ କରିପାରିବା; ଶକ୍ତିର ଆଦର୍ଶ, ପ୍ରେମର ଆଦର୍ଶ, ଅତ୍ମପରିହାର ତଥା ଆତ୍ମପରିପୂର୍ଣ୍ଣତା ଏବଂ ବ୍ୟକ୍ତିବାଦ ତଥା ସମୂହବାଦ ଓ ଆହୁରି ଶତଶତାଧିକ ଆଦର୍ଶର ମଧ୍ୟ ନିର୍ଣ୍ଣୟ କରିପାରିବା । ମନୁଷ୍ୟଜୀବନର ଯାବତୀୟ କ୍ଷେତ୍ରରେ, ଆମର ସତ୍ତା ତଥା ଆମ କର୍ମର ଯାବତୀୟ ଭାଗରେ ଆମର ବୁଦ୍ଧି ଆମ ଆଗରେ ଏହିଭଳି କେତେକ ଶକ୍ତିଶାଳୀ ବୃହତ୍ ବସ୍ତୁର ବା ଭାବନାର ବିପରୀତ ଭାବନାଟିକୁ ଓ ଏହିଭଳି ପରସ୍ପର ଦ୍ୱନ୍ଦ୍ୱଧର୍ମୀ ସିଦ୍ଧାନ୍ତଗୁଡ଼ିକୁ ଆଣି ଉପସ୍ଥାପିତ କରିଦିଏ । ତାହା ପ୍ରତ୍ୟେକଟିକୁ ଏପରି ଏକ ସତ୍ୟଭଳି ଦେଖିଥାଏ, ଯାହାଲାଗି ଆମ ସତ୍ତାର କୌଣସି ମର୍ମଗତ ସମ୍ପଦ ଆବଶ୍ୟକ ଏକ ପ୍ରତିଷ୍ଠାନ ଜଣାଇବାରେ ଲାଗିଥାଏ ; ଆମର ଊର୍ଦ୍ଧ୍ୱତର ପ୍ରକୃତିରେ ଏକ ବିଧାନ ହୋଇ ରହିଥାଏ ଏବଂ ନିମ୍ନତର ପ୍ରକୃତିଟିରେ ଏକ ସହଜାତ ପ୍ରବୃତ୍ତିରୂପେ କାର୍ଯ୍ୟ କରୁଥାଏ । ଏହା ପ୍ରତ୍ୟେକଟିକୁ ଗୋଟି ଗୋଟି କରି ପରିପୂର୍ଣ୍ଣ କରିବାଲାଗି ଇଚ୍ଛା କରୁଥାଏ, ପ୍ରତ୍ୟେକଟିକୁ କେନ୍ଦ୍ରରେ ରଖି ତାହାର ଚାରିପାଖରେ ଏକ କର୍ମସଂହିତାର ବିନ୍ୟାସ କରିଦିଏ ଏବଂ ଗୋଟିକ ପରେ ଆଉ ଗୋଟିକୁ ଯିବାରେ ଲାଗିଥାଏ ଓ ଯାହାକୁ ପଛରେ ଛାଡ଼ିଯାଉଥାଏ, ତା'ପାଖକୁ ପୁଣି ଲେଉଟି ଆସୁଥାଏ । ଅଥବା, ସେଗୁଡ଼ିକୁ ଏକାଠି ଗୁନ୍ଥି ଦେବାକୁ କିମ୍ବା ଯୋଡ଼ି ରଖିବାକୁ ମଧ୍ୟ ଚେଷ୍ଟା କରେ ; ମାତ୍ର ଆପଣାର ଢଙ୍ଗର କୌଣସି ଗୋଟିଏ ଗୁନ୍ଥିବା କିମ୍ବା ଯୋଡ଼ିବା ମଧ୍ୟ ତା'ର ମନକୁ ପାଏ ନାହିଁ; କାରଣ ସେଗୁଡ଼ିକ ମଧ୍ୟରୁ କୌଣସିଟି ହେଲେ ସେଗୁଡ଼ିକ ମଧ୍ୟରେ ଏକ ପରିପୂର୍ଣ୍ଣ ସଂଯୋଜନ ସମ୍ଭବ କରିପାରନ୍ତି ନାହିଁ ବା ସେଗୁଡ଼ିକ ମଧ୍ୟରେ ଏକ ପୂର୍ଣ୍ଣତୃପ୍ତ ଏକତ୍ୱ ପ୍ରତିଷ୍ଠିତ କରିପାରନ୍ତି ନାହିଁ । ଅସଲ କଥା ହେଉଛି, ସେହି ସଂଯୋଜନ ବା ଏକତ୍ୱସାଧନ ହେଉଛି ଏକ ବୃହତ୍ତର ଏବଂ ଉଚ୍ଚତର ଚେତନାର କାର୍ଯ୍ୟ ଏବଂ ମନୁଷ୍ୟଜାତି ଏବେସୁଦ୍ଧା ତାହାର ଅଧିକାର ଲାଭ କରିନାହିଁ । ସେହି ଉଚ୍ଚତର ଚେତନାଟିର ଭୂମିରେ ହିଁ ଏହିସବୁ ବିରୋଧୀ ବସ୍ତୁଗୁଡ଼ିକ ସମନ୍ୱିତ ହୋଇପାରନ୍ତି ଓ ଏପରିକି ଗୋଟିଏ ସୂତ୍ରରେ ବାନ୍ଧିହୋଇଯାଆନ୍ତି ; କାରଣ ଆପଣାର ମୂଳ ପରିଚୟରେ ମଧ୍ୟ ସେଗୁଡ଼ିକ ଶାଶ୍ୱତ ଭାବରେ କେବଳ ଏକ ହୋଇ ରହିଥାନ୍ତି । ମାତ୍ର ତଥାପି ଏହିପରି ଭାବରେ ଆମର ଅନ୍ତରସ୍ଥ ତଥା ବାହ୍ୟ ଜୀବନର ସମ୍ମୁଖୀନ ହୋଇ ବୁଦ୍ଧି ଅନେକ ପ୍ରୟାସର ପରିସରଟିକୁ ଯେତିକି ଯେତିକି ବଢ଼ାଇ ଦେଉଥାଏ, ତଦ୍ୱାରା ତାହା ଆମ ପ୍ରକୃତିର ପରିବ୍ୟାପ୍ତି ତଥା ଐଶ୍ୱର୍ଯ୍ୟଟିକୁ ମଧ୍ୟ ସେତିକି ବଢ଼ାଇଦିଏ, ତାହାକୁ ଆତ୍ମଜ୍ଞାନ ଓ ଆତ୍ମଉପଲବ୍ଧିର ବୃହତ୍ତର ନାନା ସମ୍ଭାବନା ଲାଗି ଉନ୍ମୋଚିତ କରିଦିଏ ଏବଂ ସେହି ବୃହତ୍ତର ଚେତନା ମଧ୍ୟରେ ଜାଗ୍ରତ ହୋଇ ଉଠିବାଲାଗି ଆମକୁ ଅଧିକରୁ ଅଧିକ ସମୀପବର୍ତ୍ତୀ କରି-ଆଣୁଥାଏ ।

'oaob.nitrkl.ac.in' images reprocessed

ତେଣୁ ଏହିପରି ଭାବରେ ବିଚାର କଲେ ମନୁଷ୍ୟର ବ୍ୟକ୍ତିଗତ ତଥା ସାମାଜିକ ପ୍ରଗତି ଆତ୍ମ-ଅନ୍ୱେଷଣ ଏବଂ ଆତ୍ମ-ସମନ୍ୱୟର ଏକ ଦ୍ୱିଧାରାଯୁକ୍ତ ଗତିଷ୍ପନ୍ଦନ ରୂପେ ସଂଘଟିତ ହୋଇଆସିଛି ; ଏବଂ ତାହାର ଆତ୍ମା ଓ ସମାଜର ଯାବତୀୟ କୃତି ମଧ୍ୟରେ ବୁଦ୍ଧି ଓ ବୁଦ୍ଧିପ୍ରେରିତ ଇଚ୍ଛା ସର୍ବଦା ମଧ୍ୟବର୍ତ୍ତୀ ଦୁଇଟି ତତ୍ତ୍ୱରୂପେ କାର୍ଯ୍ୟ କରିଆସିଛନ୍ତି । କେବଳ ନାନା ସହଜାତ ପ୍ରବୃତ୍ତି ତଥା ଆବେଗ ଦେଇ ଗଢ଼ା ହୋଇଥିବା ତା'ର ପ୍ରଥମାବସ୍ଥାର ଜୀବନଟିରୁ ମନୁଷ୍ୟ ଆପଣାକୁ ଉଠିବାର, ଆପଣାର ନିୟାମକ ହୋଇ ରହିବାର ଓ ଆପଣାକୁ ଗଢ଼ିବାର ଅଗଣିତ କେତେକେତେ ସମ୍ଭାବନାକୁ ବିକଶିତ ଓ ପ୍ରକଟ କରାଇଆଣିଛି । ଆପଣାର ଏକ ଅପରିପୂର୍ଣ୍ଣ ଅର୍ଦ୍ଧବିବେକଯୁକ୍ତ ସେହି ନିମ୍ନସ୍ତରୀୟ ପଶୁ ବା ଅର୍ଦ୍ଧପଶୁକୁ ଏକ ବୁଦ୍ଧିସମ୍ପନ୍ନ ସତ୍ତାରେ ପରିଣତ କରିଦେବାପାଇଁ ମନୁଷ୍ୟ ସତତ ଏକ ଅନ୍ତର୍ଗତ ଆବଶ୍ୟକତା ଦ୍ୱାରା ବାଧ୍ୟ ହୋଇଆସିଛି ; ସହଜାତ ପ୍ରବୃତ୍ତିଗୁଡ଼ିକୁ ବିଚାରରେ ପରିଣତ କରିବାକୁ ଏବଂ ଆବେଗଗୁଡ଼ିକୁ ଏକ ବୁଦ୍ଧିପ୍ରେରିତ ଇଚ୍ଛାର ଶୃଙ୍ଖଳାବଦ୍ଧ ଗତିଷ୍ପନ୍ଦନ ରୂପେ ପରିଣତ କରିଦେବାକୁ ବାଧ୍ୟ ହୋଇଛି । ମାତ୍ର ଆତ୍ମପରିଚୟ ତଥା ଆପଣା ପରିବେଶକୁ ଆପଣା ନିୟନ୍ତ୍ରଣରେ ରଖିବାର ଏକ ଧୀରପଦ ସାଧନାଦ୍ୱାରା ହିଁ ତାକୁ ଅଜ୍ଞାନ ମଧ୍ୟରୁ ଜ୍ଞାନର ଆବିଷ୍କରଣକୁ ଅଗ୍ରସର ହେବାକୁ ପଡ଼ୁଥିବାରୁ ଏବଂ ତା'ର ବୁଦ୍ଧି ଏବଂ ତାହାର ଉପାଦାନ-ସକଳ ସମ୍ପୂର୍ଣ୍ଣ ଜ୍ଞାନ ମଧ୍ୟରେ ତାହାର ସମୁଦାୟ ଜୀବନଟିକୁ ସମ୍ପୂର୍ଣ୍ଣଭାବରେ ଧରି ରଖିବାକୁ ପାରିବାଲାଗି ସମର୍ଥ ହେଉ ନ ଥିବାରୁ, ତା'ର ନାନା ସମ୍ଭାବନାର ସମଗ୍ର ସମାହାରଟିକୁ ସମ୍ପୂର୍ଣ୍ଣରୂପେ କାର୍ଯ୍ୟାନ୍ୱିତ କରିବାରେ ଅସମର୍ଥ ହୋଇ ରହିଥିବାରୁ ମନୁଷ୍ୟକୁ ନିୟମତଃ ଅଳ୍ପ ଅଳ୍ପ କରି ଆଗକୁ ଆସିବାକୁ ପଡ଼ିଛି ; କେବଳ ଆଂଶିକ ପ୍ରୟୋଗ ଏବ ପରୀକ୍ଷଣଦ୍ୱାରା ବିଭିନ୍ନ ଶ୍ରେଣୀବଦ୍ଧତାର ସୃଷ୍ଟି କରି ଏବଂ ତା' ସମ୍ମୁଖରେ ରହିଥିବା ବିଭିନ୍ନ ସମ୍ଭାବନା ମଧ୍ୟରେ ଆଗକୁ ଏବଂ ପଛକୁ ସତତ ଦୋଦୁଲ୍ୟମାନ ହୋଇ ଏବଂ ଯେଉଁସବୁ ବିଭିନ୍ନ ଉପାଦାନଗୁଡ଼ିକ ମଧ୍ୟରେ ତାହାର ଏକ ସମନ୍ୱୟ ଆଣିବାର କଥା, ସେହିଗୁଡ଼ିକ ମଧ୍ୟରେ ଏପାଖ ସେପାଖ ହୋଇ ହିଁ ତାକୁ ଅଗ୍ରସର ହେବାକୁ ପଡ଼ିଛି ।

ଆପଣା ସତ୍ତାର ବିଭିନ୍ନ ଉପାଦାନ ମଧ୍ୟରେ କେବଳ ଯେ ମଣିଷକୁ ସତତ କୌଣସି ନା କୌଣସି ନୂତନ ସମନ୍ୱୟ ଖୋଜି ବାହାର କରିବାକୁ ପଡ଼ୁଛି ତା' ନୁହେଁ, କେବଳ ଯେ ତା'ର ଭୌତିକ, ପ୍ରାଣିକ, ବ୍ୟାବହାରିକ ଓ ଗତିସଚଳ, ସୌନ୍ଦର୍ଯ୍ୟ-ବୋଧଗତ, ସଂବେଗଗତ ତଥା ସୁଖକାମୀ, ନୀତିଗତ ଏବଂ ବୁଦ୍ଧିଗତ ଉପାଦାନଗୁଡ଼ିକ ମଧ୍ୟରେ ଏକ ସମନ୍ୱୟ ଖୋଜିବାକୁ ପଡ଼ୁଛି ତାହା ନୁହେଁ, ମାତ୍ର ପୁନଶ୍ଚ ଏହିସବୁ ପ୍ରତ୍ୟେକଟି ଉପାଦାନର କ୍ଷେତ୍ରରେ ମଧ୍ୟ ସେଥିରେ ରହିଥିବା ନାନା ଭିନ୍ନଧର୍ମୀ ସାମଗ୍ରୀଗୁଡ଼ିକ ମଧ୍ୟରେ କୌଣସି ନା କୌଣସି ପ୍ରକାରର ଶୃଙ୍ଖଳାରେ ମଧ୍ୟ ଉପନୀତ ହେବାକୁ ପଡ଼ୁଛି । ତା'ର ନୀତିଗତ ଜୀବନରେ ମନୁଷ୍ୟ ପରସ୍ପରଭିନ୍ନ କେତେକେତେ

'oaob.nitrkl.ac.in' images reprocessed

ନୀତିଗତ ପ୍ରବୃତ୍ତି ମଧ୍ୟରେ ବିଭକ୍ତ ହୋଇ ରହିଛି ; ନ୍ୟାୟ ଓ ଦୟା, ଆତ୍ମସାହାଯ୍ୟ ଓ ପରାର୍ଥପରତା, ଆତ୍ମବୃଦ୍ଧି ତଥା ଆତ୍ମତ୍ୟାଗ ପ୍ରଭୃତି କେତେ ପ୍ରବୃତ୍ତି ମଧ୍ୟରେ ବିଭକ୍ତ ହୋଇ ରହିଛି । ଶକ୍ତିମତ୍ତ୍ୱର ପ୍ରବୃତ୍ତି ଏବଂ ପ୍ରେମର ପ୍ରବୃତ୍ତି, ସକ୍ରିୟ ହେବାର ନୈତିକ ବିଧାନ ଓ ନୀରବ ହୋଇଯିବାର ନୈତିକ ବିଧାନଟି ମଧ୍ୟରେ ବିଭାଜିତ ହୋଇ ରହିଛି । ତା'ର ବିକାଶ ନିମନ୍ତେ ତା'ର ସଂବେଗଗୁଡ଼ିକର ସତତ ଆବଶ୍ୟକତା ରହିଛି ଏବଂ ତା'ର ଐଶ୍ୱର୍ଯ୍ୟଶାଳୀ ମାନବକୃତି ଫୁଟିଉଠିବା ଉଦ୍ଦେଶ୍ୟରେ ମଧ୍ୟ ସେହି ସଂବେଗଗୁଡ଼ିକୁ ଚରିତାର୍ଥ କରିବାର ଆବଶ୍ୟକତା ରହିଛି । ମାତ୍ର ତଥାପି ତାକୁ ସେହି ସଂବେଗଗୁଡ଼ିକ ଉପରେ ସତତ ବଳପ୍ରୟୋଗ କରିବାକୁ ପଡ଼ୁଛି, ସେଗୁଡ଼ିକୁ ବର୍ଜନ ବି କରିବାକୁ ପଡ଼ୁଛି ; ଏବଂ ଏହି ଉଭୟ ଆବଶ୍ୟକତାର ଜଟିଳତା ଓ ଧନ୍ଦା ମଧ୍ୟରୁ ତାକୁ ବାଟ ଦେଖାଇ ନେଇଯିବାକୁ ତା' ପାଖରେ କୌଣସି ନିଶ୍ଚିତ ନିୟମ ବି ମହଜୁଦ ହୋଇ ରହିନାହିଁ । ଆତ୍ମ-ପରିତୋଷଣର ବିଭିନ୍ନ କ୍ଷେତ୍ର, ବିଭିନ୍ନ ସାମଗ୍ରୀ ଓ ବିଭିନ୍ନ ଆଦର୍ଶ ତା'ର ଏହି ସୁଖକାମୀ ଆବେଗଟିକୁ ନାନାପ୍ରକାରେ ଅଭିଭୂତ କରିଥାଆନ୍ତି । ତା'ର ସୌନ୍ଦର୍ଯ୍ୟବୋଧ ଏବଂ ସୌନ୍ଦର୍ଯ୍ୟସୃଷ୍ଟି ବୃତ୍ତିର ରୂପରେ ପଡ଼ି ଆପଣାଲାଗି ପରସ୍ପରଭିନ୍ନ କେତେ କେତେ ଆକାର ତଥା ବିଧାନ ଗଢ଼ି ଥୋଇଦେବାରେ ଲାଗିଥାଏ । ଏଗୁଡ଼ିକରୁ ପ୍ରତ୍ୟେକଟି ଆପଣାକୁ ସର୍ବୋତ୍କୃଷ୍ଟ ବୋଲି ଓ ଯଥାର୍ଥ ମାନଦଣ୍ଡ ବୋଲି ପ୍ରତିଷ୍ଠିତ କରି ରଖିବାକୁ ଇଚ୍ଛା କରୁଆନ୍ତି । ମାତ୍ର ଯଦି କେବେହେଲେ ସେମାନଙ୍କର ଏହି ଦାବିକୁ ସ୍ୱୀକାର କରାନଯାଉଥାଆନ୍ତା, ତେବେ ପ୍ରତ୍ୟେକେ ଆପଣାର ଅପକୃତି-ଦ୍ୱାରା ଯେଉଁ ଅଳ୍ପତମ ବିଜୟଟି ହାସଲ କରନ୍ତେ, ତଦ୍ଦ୍ୱାରା ମନୁଷ୍ୟର ସାମର୍ଥ୍ୟଟିର କେବଳ ଶକ୍ତିକ୍ଷୟ ହେଉଥାଆନ୍ତା, ସେଇଟିକୁ କେବଳ ଅବରୁଦ୍ଧ କରି ରଖିବା ହିଁ ଫଳ ହେଉଥାନ୍ତା । ମନୁଷ୍ୟର ଶାସନ ତଥା ସମାଜକୁ ଅନେ ମୂଳତଃ କେବଳ କେତେକ ଦୁଃସାହସିକତା ବା କେତେକ ପ୍ରୟୋଗ ଓ ପରୀକ୍ଷଣ ବୋଲି କହିବା, ଯେଉଁଥିରେ କି ଏକଚ୍ଛତ୍ରବାଦ, ରାଜତନ୍ତ୍ର, ସାମନ୍ତିକ ସମ୍ଭ୍ରାନ୍ତତନ୍ତ୍ର, ବାଣିଜ୍ୟିକ ସାଧିକତନ୍ତ୍ର, ଅନାବୃତ ଅଥବା ଆବରଣଯୁକ୍ତ ଧନିକତନ୍ତ୍ର, ବୁର୍ଜୁଆ ବା ସର୍ବହରାଶାସିତ, ବ୍ୟକ୍ତିବାଦୀ, ସମୂହବାଦୀ ଅଥବା ଅମଲାଶାସିତ ନାନା ମାର୍କା ଓ ନମୁନାର ଗଣତନ୍ତ୍ରର ବହୁ ବିଚିତ୍ର ସମ୍ଭାବନା ମଧ୍ୟରେ ରାଜନୀତି ଏବଂ ସମାଜନୀତିର ଦୁଃସାହସିକତା ଓ ପ୍ରୟୋଗ ପରୀକ୍ଷଣ ଲାଗି-ରହିଛି । ଏଣେ ସାମ୍ୟବାଦ ଦୁଆରମୁହଁରେ ଆସି ଠିଆହୋଇଛି, ତେଣେ ଅରାଜକତାବାଦ ତା'ର ଉଦବାଳଟିର ସେପାଖରୁ ଉଙ୍କି ମାରିବାରେ ଲାଗିଛି । ଏବଂ ଏହି ସବୁଗୁଡ଼ିକ ପଛରେ ମନୁଷ୍ୟର ସାମାଜିକ ସତ୍ତାର କୌଣସି ନା କୌଣସି ଗୋଟିଏ ସତ୍ୟ ନିହିତ ହୋଇ ରହିଛି, ତା'ର ଜଟିଳ ସାମାଜିକ ପ୍ରକୃତିଟିର କୌଣସି ଆବଶ୍ୟକତା ରହିଛି ଏବଂ ସେଠାରେ ଅବସ୍ଥିତ କୌଣସି ସହଜାତ ପ୍ରବୃତ୍ତି ଅଥବା ଶକ୍ତିମତ୍ତା ନିହିତ ରହିଛି, ଯାହା କି ଆପଣାକୁ କାର୍ଯ୍ୟସାଧକ ହିସାବରେ ପ୍ରକାଶିତ କରିବାଲାଗି ତଥା ସେହି ଆଦର୍ଶର ରୂପଟିକୁ ଦାବି କରିବାରେ ଲାଗିଛି । ଅନ୍ତର୍ଗତ ଉଦ୍‌ଗତତା

'oaob.nitrkl.ac.in' images reprocessed

ଦ୍ୱାରା ପ୍ରେରିତ ହୋଇ ମନୁଷ୍ୟ ଯେତେବେଳେ ଏହିସବୁ ଅନୁଭବଧାରା ଏକ ସମାଧାନ ଖୋଜିବାକୁ ଯାଉଛି, ସେତେବେଳେ ସେ ଭିନ୍ନ ଭିନ୍ନ ଆଦର୍ଶର ବୈଚିତ୍ର୍ୟମୟ କେତେକେତେ ପ୍ରକାର ଛିଆଣ କରିବାରେ ଲାଗିଛି; ଚରିତ୍ର ଓ ଭାବଗତ ଦୃଷ୍ଟିର କେତେ ପ୍ରକାର ଗଢ଼ୁଛି, ବ୍ୟାବହାରିକ ସଜ୍ଞିତା, ସୌନ୍ଦର୍ଯ୍ୟସୃଷ୍ଟି, ରାଜନୀତିକ ତଥା ସାମାଜିକ ବ୍ୟବସ୍ଥା, ନୈତିକ ଶୃଙ୍ଖଳା ଏବଂ ବୁଦ୍ଧିଗତ ବିଶ୍ୱରର କେତେକେତେ ପ୍ରକାର ଗଢ଼ି ଥୋଇଦେଉଛି । ଏହି ପ୍ରକାରଗୁଡ଼ିକ ଭିତରେ ଶୁଦ୍ଧ ତଥା ମିଶ୍ର ପ୍ରକାରମାନ ରହିଛି, କେଉଁଠି ଏକ ସହଜ ଓ ସରଳ ସମନ୍ୱିତତା ରହିଛି ତ କାହାଭିତରେ ଏକ ଜଟିଳ ବହୁଛନ୍ଦିତତା ମଧ୍ୟ ରହିଛି । ଏକ କ୍ରମାଗ୍ରସର ଓ କ୍ରମବର୍ଦ୍ଧମାନ ଜ୍ଞାନକୁ ଆପଣା ସମକ୍ଷରେ ଆଲୋକରୂପେ ଧରି ମନୁଷ୍ୟ ଆପଣାକୁ ତଥା ଆପଣାର ସମାଜକୁ କୌଣସି ନା କୌଣସି ଏକ ନିର୍ଦ୍ଦିଷ୍ଟ ମୂର୍ତ୍ତି ରୂପ ଦେବାଲାଗି ଯେଉଁ ପ୍ରୟାସ କରୁଛି, ଏହି ପ୍ରକାରଗୁଡ଼ିକୁ ଆମେ ସେହି ପ୍ରୟାସର ହିଁ ଏତେଗୁଡ଼ିଏ ପ୍ରୟୋଗ ଓ ପରୀକ୍ଷଣ ବୋଲି କହିପାରିବା । ସେହି ଜ୍ଞାନ ପରସ୍ପରଦ୍ୱନ୍ଦ୍ୱମୟ ନାନା ବିଶ୍ୱରଦ୍ୱାରା ନିୟନ୍ତ୍ରିତ ଓ ଚାଳିତ ହୋଇ ରହିଛି ଏବଂ ସେହିସବୁ ବିଶ୍ୱରକୁ କେନ୍ଦ୍ର କରି ଏହିସବୁ ପ୍ରୟୋଗ ତଥା ପରୀକ୍ଷଣ ସମାହୃତ ହୋଇ ରହିଛନ୍ତି । ପ୍ରତ୍ୟେକଟି ପ୍ରକାରକୁ ତାହାର ଶୁଦ୍ଧ ରୂପରେ ଧୀରେ ଧୀରେ ଯଥାସମ୍ଭବ ଆଗକୁ ଆଗକୁ ନେଇଯିବାର ପ୍ରୟାସ କରାଯାଉଛି ଏବଂ ତା'ପରେ ସେଗୁଡ଼ିକୁ ଅନ୍ୟଗୁଡ଼ିକ ସହିତ ମଧ୍ୟ ଯଥାସମ୍ଭବ ମିଶ୍ରିତ ଏବଂ ସଂଯୁକ୍ତ କରିଦିଆଯାଉଛି, ଯାହାଫଳରେ ଏକ ଅଧିକ ଜଟିଳ ଆକୃତି ଗଢ଼ିଉଠିପାରିବ ଏବଂ କ୍ରିୟାରେ ମଧ୍ୟ ଅଧିକ ବୈଭବ ସମ୍ଭବ ହୋଇପାରିବ । ସେପରି ଆବଶ୍ୟକତା ପଡ଼ିଲେ ପ୍ରତ୍ୟେକଟି ପ୍ରକାରକୁ ଗୋଟିଏ ପରେ ଗୋଟିଏ କରି ଭାଙ୍ଗି ମଧ୍ୟ ଦିଆଯାଉଛି ଏବଂ ତଦ୍ୱାରା ନୂତନ ପ୍ରକାରଗୁଡ଼ିକୁ ବାଟ ଛାଡ଼ିଦିଆଯାଉଛି; ପ୍ରସ୍ତୁତ ହୋଇ ରହିଥିବା ପ୍ରତ୍ୟେକଟି ସଂଯୋଜନକୁ ମଧ୍ୟ ଏକ ନୂତନ ସଂଯୋଜନର ସମ୍ଭାବନା ନିକଟରେ ବାଟ ଛାଡ଼ିଦେବାକୁ ପଡ଼ୁଛି । ଏହାଦ୍ୱାରା ଆତ୍ମ-ଅଭିଜ୍ଞତା ଏବଂ ବାସ୍ତବ ଆତ୍ମ-ପ୍ରୟୋଗର ଭଣ୍ଡାରଟି ମଧ୍ୟ କ୍ରମେ ବଢ଼ିବାରେ ଲାଗିଛି, ଯେଉଁଥିରୁ କି ସାଧାରଣ ମନୁଷ୍ୟ ପାରମ୍ପରିକ ଭାବରେ କେତୋଟି ଚଳନ୍ତି ପ୍ରକାରକୁ ଆପଣାଲାଗି ଗ୍ରହଣ କରି-ନେଉଛି; ସତେଅବା ସେଇଟି ସର୍ବପରମ ସତ୍ୟ ଓ ବିଧାନରୂପେ ପ୍ରତିଷ୍ଠିତ ରହିଛି । ଏବଂ ଏକଥା ସତ ଯେ ଅନେକ ସମୟରେ ସେ ଗ୍ରହଣ କରିନେଉଥିବା ପ୍ରକାରଟିକୁ ପ୍ରକୃତରେ ଗୋଟିଏ ପରମ ସତ୍ୟ ଓ ବିଧାନ ବୋଲି ମନେକରୁଛି । ମାତ୍ର ଅପେକ୍ଷାକୃତ ଅଧିକତର ବିକାଶଲାଭ କରିଥିବା ମନୁଷ୍ୟ ହୁଏତ ସବୁବେଳେ ସେଇଟିକୁ ଭାଙ୍ଗିଦେବାକୁ ଇଚ୍ଛା କରୁଛି ଅଥବା ସେଇଟିକୁ ବଢ଼ାଇ ଆଉ ଟିକିଏ ଗଭୀର ଏବଂ ସୂକ୍ଷ୍ମ କରିଦେବାକୁ ଚାହୁଁଛି, ଯାହାଦ୍ୱାରା କି ମନୁଷ୍ୟର ସାମର୍ଥ୍ୟ, ଅଧିକରୁ ଅଧିକ ପରିପୂର୍ଣ୍ଣ ହେବାର ସମ୍ଭାବନା ତଥା ମନୁଷ୍ୟର ସୁଖ ଆପଣାର ବୃଦ୍ଧିଲାଗି ଅଧିକ ପରିସର ପାଇପାରିବ ।

'oaob.nitrkl.ac.in' images reprocessed

ଆମର ଆଦର୍ଶପ୍ରଧାନ ଜୀବନଦୃଷ୍ଟି ହିଁ ଆମକୁ ମନୁଷ୍ୟଜୀବନ ତଥା ଆମ ବିକାଶଗତ ପ୍ରକ୍ରିୟାଟି ବିଷୟରେ ଏହିଭଳି ଏକ ଦୃଷ୍ଟି ଆଣି ଦେଇଯାଉଛି; ମନୁଷ୍ୟଜୀବନର ସଞ୍ଚରଣପଥରେ ବୁଦ୍ଧିର ଯେଉଁ ସ୍ଥାନ ରହିଛି, ତାହାର ବିଷୟରେ ଏକ ଯଥାର୍ଥ ଦୃଷ୍ଟି ଦେଇଯାଉଛି । ବୁଦ୍ଧି ଦୁଇପ୍ରକାରରେ କାର୍ଯ୍ୟ କରେ ବୋଲି ଆମେ ଆଗରୁ ଜାଣିଛୁ; ଆସକ୍ତିରହିତ ହୋଇ କାର୍ଯ୍ୟ କରେ ଓ ପୁଣି ସ୍ୱାର୍ଥବିଜଡ଼ିତ ଭାବରେ ମଧ୍ୟ କାର୍ଯ୍ୟ କରେ, ଆତ୍ମକେନ୍ଦ୍ରିତ ରହି କାର୍ଯ୍ୟ କରେ ଅଥବା ଅନ୍ୟ କାହାର ଏକ ଚିତ୍ତସ୍ପନ୍ଦନର ଅଧୀନ ହୋଇ ମଧ୍ୟ କାର୍ଯ୍ୟ କରେ । ଗୋଟିଏ କ୍ଷେତ୍ରରେ ଅତ୍ୟନ୍ତ ମୋହମୁକ୍ତ ଭାବରେ ସତ୍ୟଲାଗି ହିଁ ସତ୍ୟର ଅନୁଧାବନ କରେ, ଜ୍ଞାନଲାଗି ହିଁ ଜ୍ଞାନର ଅନୁଧାବନ କରେ; ଏବଂ ତା'ଭିତରେ ଅନ୍ୟ କୌଣସି ପ୍ରୟୋଜନଗତ ସ୍ୱାର୍ଥୋଦ୍ଦେଶ୍ୟ ନ ଥାଏ । କେବଳ ଅଭୀଷ୍ଟ ବିଷୟଟି ଉପରେ ଚକ୍ଷୁ ନିବଦ୍ଧ କରି ରଖିବା ବ୍ୟତୀତ ସେତେବେଳେ ସେ ଅନ୍ୟ ଯାବତୀୟ ବିଚାର ଓ କଳ୍ପନାକୁ ବହିଷ୍କୃତ କରି ରଖିଥାଏ; ଯେଉଁ ବିଷୟଟିର ସତ୍ୟକୁ ଖୋଜୁଥାଏ, ତାହାର ଉପରେ ଦୃଷ୍ଟି ରଖିଥାଏ, କେବଳ ତାହାର ସତ୍ୟ, ତାହାର ପ୍ରକ୍ରିୟା ଏବଂ ତାହାର ବିଧାନଟିକୁ ଆବିଷ୍କାର କରିବାରେ ଲାଗିଥାଏ । ଅନ୍ୟଟି ଲବ୍ଧ ସତ୍ୟକୁ ବାସ୍ତବ କ୍ଷେତ୍ରରେ ଆଣି କାମରେ ଲଗାଇବାର ଏକ ଆକୁଳତା ଦ୍ୱାରା ରଞ୍ଜିତ ହୋଇ ରହିଥାଏ; ଆବିଷ୍କୃତ ସତ୍ୟଟିଦ୍ୱାରା ଜୀବନକୁ ଶାସନ କରିବାର ଏକ ଅଭିଳାଷ ସେହି କ୍ଷେତ୍ରରେ ରହିଥାଏ, ଅଥବା ସକଳ ଆୟାସ ଖଟାଇ କୌଣସି ଏକ ନିର୍ଦ୍ଦିଷ୍ଟ ବିଚାରକୁ ହିଁ ଆମର ଜୀବନ ତଥା ଯାବତୀୟ କ୍ରିୟାରେ ସାର୍ବଭୌମ ଓ ସକଳମୀମାଂସକ ବିଧାନରୂପେ ପ୍ରତିଷ୍ଠିତ କରି ରଖିବାଲାଗି ଏକ ଆକର୍ଷଣ ବା ଉତ୍କଣ୍ଠା ମଧ୍ୟ ରହିଥାଏ । ମନୁଷ୍ୟର ଅନ୍ୟାନ୍ୟ ସାମର୍ଥ୍ୟଗୁଡ଼ିକର ତୁଳନାରେ ତା'ର ବୁଦ୍ଧିର ଗୋଟିଏ ଅଧିକ ଯୋଗ୍ୟତା ରହିଛି ବୋଲି ଆମେ ବସ୍ତୁତଃ ଆଗରୁ ଆଲୋଚନା କରି-ସାରିଛୁ ଯେ ବୁଦ୍ଧି କେବେହେଲେ କୌଣସି ବିଚ୍ଛିନ୍ନ ଓ ସ୍ୱତନ୍ତ୍ର କ୍ରିୟାମଧ୍ୟରେ ହିଁ ଆପଣାକୁ ମଗ୍ନ ବା ସୀମାବଦ୍ଧ କରି ରଖେ ନାହିଁ, ମାତ୍ର ଅନ୍ୟ ସକଳ କ୍ରିୟାଉପରେ ମଧ୍ୟ ବିଚରଣ କରିବାରେ ଲାଗିଥାଏ, ସେଗୁଡ଼ିକର ସତ୍ୟ ଓ ବିଧାନଟିକୁ ଆବିଷ୍କାର କରେ, ଆପଣା ଆବିଷ୍କାରଗୁଡ଼ିକୁ କାମରେ ଲଗାଉଥାଏ, ଏବଂ ଆପଣାର ବିଶେଷ ପ୍ରବୃତ୍ତି ତଥା ଉଦ୍ଦେଶ୍ୟଟିର ଅନୁଧାବନ କରୁଥିଲେ ମଧ୍ୟ ଅନ୍ୟ ସବୁର ଉଦ୍ଦେଶ୍ୟସାଧନ ଲାଗି ବି କାର୍ଯ୍ୟ କରୁଥାଏ ଏବଂ ଏକ ଉଦାର ପ୍ରୟୋଜନସମର୍ଥତାରେ ଆସି ଉପନୀତ ହୋଇପାରେ । ବସ୍ତୁତଃ ମନୁଷ୍ୟ କେବଳ ଜ୍ଞାନ ଲାଗି ବଞ୍ଚେ ନାହିଁ; ଜୀବନର ବ୍ୟାପକତମ ଅର୍ଥରେ ହିଁ ସେ ଜୀବନକୁ ଗ୍ରହଣ କରିଥାଏ ଏବଂ ତାହାକୁ ନେଇ ସବୁଠାରୁ ଅଧିକ ବ୍ୟାପୃତ ହୋଇ ରହିଥାଏ । କେବଳ ଜ୍ଞାନଲାଭ କରିବାର ବିଶୁଦ୍ଧ ସୁଖଟିକୁ ଅନୁଭବ କରିବାଲାଗି ଯେତେ ନୁହେଁ, ଜ୍ଞାନକୁ ଜୀବନର ନାନା ପରିଚର୍ଯ୍ୟାରେ ଲଗାଇପାରିବାଲାଗି ହିଁ ସେ ତା'ଠାରୁ ଅଧିକ ପରିମାଣରେ ଜ୍ଞାନର ଅନୁସରଣ କରୁଥାଏ । ଏବଂ ଜ୍ଞାନକୁ ଜୀବନର କ୍ଷେତ୍ରରେ ପ୍ରୟୋଗ କରିବାର ଠିକ୍ ଏହି

'oaob.nitrkl.ac.in' images reprocessed

ଅବସରଟିରେ ହିଁ ମନୁଷ୍ୟର ବୁଦ୍ଧି ଏପରି ଏକ ବିମୂଢ଼ତା ଓ ଅପୂର୍ଣ୍ଣତା ଭିତରେ ଆସି ପଡ଼ିଯାଏ, ଯାହା କି ମନୁଷ୍ୟର ଯାବତୀୟ କାର୍ଯ୍ୟରେ ତା'ର ପଛେପଛେ ଗୋଡ଼ାଇ ରହିଥାଏ । କେବଳ ଜ୍ଞାନ ସକାଶେ ହିଁ ଜ୍ଞାନର ଅନୁଧାବନ କରୁଥିବାଯାଏ ଏହି କ୍ଷେତ୍ରରେ ଅବଶ୍ୟ କିଛିହେଲେ କହିବାର ନ ଥାଏ, କାରଣ ସେତେବେଳେ ବୁଦ୍ଧିଗତ ବିଚାରଣା କେବଳ ଆପଣାର ସ୍ୱାଭାବିକ କାର୍ଯ୍ୟଟି ହିଁ କରୁଥାଏ; ଆପଣାର ସର୍ବୋଚ୍ଚ ଅଧିକାରଟିକୁ ହିଁ ତାହା ସେତେବେଳେ ସମ୍ପୂର୍ଣ୍ଣ ନିରାପଦ ଭାବରେ କାମରେ ଲଗାଉଥାଏ । ଆମର ଅନୁମେୟ ଓ କଳନୀୟ ଜ୍ଞାନଭଣ୍ଡାରରେ ଆଉକିଛି ଅଧିକ ଆଣି ଯୋଗ କରିବାକୁ ସାଧନା କରୁଥିବା ଦାର୍ଶନିକ, ବୈଜ୍ଞାନିକ ଏବଂ ବିଦ୍ୱାନ୍‌ମାନଙ୍କର କୃତରେ ଯେଉଁଭଳି ଏକ ପରିତୃପ୍ତି ଏବଂ ପୂର୍ଣ୍ଣ ସନ୍ତୋଷ ରହିଛି, ସମୂହର ସୌନ୍ଦର୍ଯ୍ୟବୋଧୀ ଆନନ୍ଦ ଲାଗି ସୌନ୍ଦର୍ଯ୍ୟର ନାନା ରୂପକୁ ସୃଷ୍ଟି କରୁଥିବା କବି ତଥା କଳାକାରର କୃତ ମଧ୍ୟରେ ବି ସେହିପରି ରହିଛି । ବ୍ୟକ୍ତିଗତ କ୍ଷେତ୍ରରେ ଏଠାରେ ଯେଉଁସବୁ ତ୍ରୁଟି ତଥା ସୀମାବଦ୍ଧତା ରହିଛି ବା ରହିପାରେ, ସେଇଟା ଆଦୌ ବଡ଼ କଥା ନୁହେଁ; ଆବିଷ୍କୃତ ସକଳ ସତ୍ୟ ଅବଶେଷରେ ଏହି ମନୁଷ୍ୟଜାତିର ସମଷ୍ଟିଗତ ଓ ପ୍ରଗତିଶୀଳ ଜ୍ଞାନସମ୍ପଦରେ ହିଁ ପରିଣତ ହୋଇ ରହିବ ଏବଂ କାଳକ୍ରମେ ତାହା ଏହାମଧ୍ୟରେ ଥିବା ତ୍ରୁଟିଗୁଡ଼ିକରୁ ବିମୁକ୍ତ ହୋଇପାରିବ ବୋଲି ସବୁବେଳେ ଅବଶ୍ୟ ଆଶା କରାଯାଇପାରେ । ଜୀବନର କ୍ଷେତ୍ରରେ ଆପଣାର ଲବ୍‌ଧ ଜ୍ଞାନଟିକୁ ପ୍ରୟୋଗ କରିବାକୁ ଗଲାବେଳେ ହିଁ ମନୁଷ୍ୟର ବୁଦ୍ଧି ଝୁଣ୍ଟିକରି ପଡ଼ୁଯାଉଛି ଓ କୌଣସି ଭୁଲ କରି-ପକାଇଲା ବୋଲି ଜାଣିପାରୁଛି ।

ସାଧାରଣତଃ, ଏପରି ହେଉଛି, କାରଣ ଆପଣାକୁ କାର୍ଯ୍ୟାଦ୍ୱୟର ସ୍ତରକୁ ଓହ୍ଲାଇ ଆଣି ମଣିଷର ବୁଦ୍ଧି ସଙ୍ଗେସଙ୍ଗେ ଆଂଶିକ ଏବଂ ମୋହଗ୍ରସ୍ତ ହୋଇପଡ଼େ ଏବଂ ଶୁଦ୍ଧ ସତ୍ୟ ପରିବର୍ତ୍ତେ ଆଉ କୌଣସି ତତ୍ତ୍ୱର ପରିକର ହୋଇପଡ଼ୁଛି । ମାତ୍ର ବୁଦ୍ଧି ଆପଣାକୁ ଯଥାସମ୍ଭବ ଅଧିକ ପକ୍ଷନିରପେକ୍ଷ କରି ରଖିବାକୁ ସମର୍ଥ ହେଲାବେଳେ ମଧ୍ୟ,—ଏବଂ ମନୁଷ୍ୟର ବୁଦ୍ଧି କଦାପି ସମ୍ପୂର୍ଣ୍ଣ ନିରପେକ୍ଷ କିମ୍ବା ସମ୍ପୂର୍ଣ୍ଣ ଆସକ୍ତିମୁକ୍ତ ହୋଇ ପାରିବ ନାହିଁ; କାରଣ ସେ କ୍ଷେତ୍ରରେ ବାସ୍ତବ ଅନୁଶୀଳନର କ୍ଷେତ୍ରରୁ ତାକୁ ଆପଣାକୁ ସମ୍ପୂର୍ଣ୍ଣରୂପେ ବିଚ୍ଛିନ୍ନ କରି ସେଇଥିରେ ହିଁ ସନ୍ତୁଷ୍ଟ ରହିବାକୁ ପଡ଼ିବ, ଅଥବା କୌଣସିପ୍ରକାରେ ଫଳଦାୟକ ହେଉ ନ ଥିବା ଏକ ସର୍ବଗ୍ରାହିତା, ଉଦାରବାଦ କିମ୍ବା ସଂଶୟବାଦୀ କୌତୂହଳକୁ ହିଁ ଅବଲମ୍ବନ କରିନେବାକୁ ପଡ଼ିବ । ତଥାପି ବୁଦ୍ଧି ସେତେବେଳେ ଯେଉଁସବୁ ସତ୍ୟର ଆବିଷ୍କାର କରେ ବା ଯେଉଁସବୁ ବିଚାରର ପ୍ରଚାର କରୁଥାଏ, ସେଗୁଡ଼ିକୁ ଆଣି ଜୀବନର କ୍ଷେତ୍ରରେ ପ୍ରୟୋଗ କରିବା ସଙ୍ଗେସଙ୍ଗେ ସେସବୁ ଏପରି ଲୋକମାନଙ୍କ ହାତରେ ପ୍ରାପ୍ତ କ୍ରୀଡ଼ନକ ପରି ହୋଇଯାଆନ୍ତି, ଯାହାଉପରେ କି ବୁଦ୍ଧିର କୌଣସି କର୍ତ୍ତୃତ୍ୱ କିମ୍ବା ନିୟନ୍ତ୍ରଣ ନ ଥାଏ । ଆପଣାର ଶୀତଳ ତଥା

'oaob.nitrkl.ac.in' images reprocessed

ଯନ୍ତ୍ରକଳାଗତ ମାର୍ଗଟିର ଅନୁସରଣ କରି ବିଜ୍ଞାନ ଏପରି ଅନେକ ଆବିଷ୍କାର କରିଛି ଯାହାକି ଗୋଟିଏ ଦିଗରେ ଏକ ବାସ୍ତବ ମାନବହିତୈଷିତା ଲାଗି ଅନେକ କାର୍ଯ୍ୟରେ ଆସିପାରିଛି, ମାତ୍ର ଅନ୍ୟ ଦିଗରେ ଅହଂଚରିତାର୍ଥତା ଏବଂ ପାରସ୍ପରିକ ବିନାଶଲାଗି ପ୍ରଚଣ୍ଡ ଓ ଭୟାନକ କେତେ ଅସ୍ତ୍ର ଆଣି ଯୋଗାଇଦେଇଛି । ବିଜ୍ଞାନ ଦ୍ୱାରା ହିଁ ଏକ ସଂଗଠନଗତ ଅଦ୍ଭୁତ ନୈପୁଣ୍ୟ ଆଜି ସମ୍ଭବ ହୋଇଛି ଯାହାକୁ କି ଏକ ଦିଗରେ ଜାତିମାନଙ୍କର ଆର୍ଥିକ ତଥା ସାମାଜିକ ଅସ୍ତ୍ରବିମୋଚନର ନାନା କାର୍ଯ୍ୟକ୍ରମରେ ବ୍ୟବହୃତ କରିଯାଇଛି ଏବଂ ଅନ୍ୟଦିଗରେ ପ୍ରତ୍ୟେକକୁ ଗୋଟିଏ ଗୋଟିଏ ଆକ୍ରମଣକାରୀ ସାମରିକ ସମରଯନ୍ତ୍ର ରୂପେ ସଜାଇ ମଧ୍ୟ ଦେଇଛି ; ଧ୍ୱଂସ ଓ ହତ୍ୟାର ଗୋଟିଏ ଗୋଟିଏ ଭୟଙ୍କର ଶକ୍ତିରୂପେ ସଜାଇଦେଇଛି । ଗୋଟିଏ ପାଖରେ ତାହା ଏକ ଉଦାର ବୁଦ୍ଧିସମ୍ପର୍କିତ ଓ ପରାର୍ଥପର ମାନବହିତୈଷିତାକୁ ଉତ୍ପନ୍ନକରି ଆଣିଛି, ଏବଂ ଅନ୍ୟ ପାଖରେ ଏକ ଉଗ୍ରସ୍ୱାର୍ଥର ଅନୁଧାବନ, ଉଗ୍ରସ୍ୱାର୍ଥର ପ୍ରାଣଦର୍ପିତତା, ତଥା କ୍ଷମତା ଏବଂ ସଫଳତାଲାଭର ଏକ ବଡ଼ ଅରୁଚିମୟ ପ୍ରବଳ ଇଚ୍ଛାକୁ ମଧ୍ୟ ଠିକ୍ ବୋଲି ଦର୍ଶାଇଛି । ଏଣେ ସମସ୍ତ ମାନବଜାତିକୁ ପରସ୍ପରର ପାଖକୁ ଏକତ୍ର କରିଆଣିଛି ଏବଂ ତା'ର ମନରେ ଏକ ନୂତନ ଆଶାର ସଞ୍ଚାର କରିଇଛି ; ମାତ୍ର ତେଣେ ଏକ ସାମରିକ ବାଣିଜ୍ୟିକ ଅତିଲାଳସା'ର ବୋଝ ଲଦିଦେଇ ସେହି ଆଶାକୁ ଚୂର୍ଣ୍ଣ ବି କରିଦେଇଛି । ଅନେକ ସମୟରେ ଯେପରି ଦାବି କରାଯାଇଥାଏ, ବୁଦ୍ଧି ଧର୍ମଠାରୁ ବିଚ୍ଛିନ୍ନ ହୋଇ-ପଡ଼ିବାର ଅଥବା ଆଦର୍ଶବାଦର ଅଭାବ ଘଟିବାରୁ ଯେ ଏକଥା ହେଉଛି, ସେକଥା ଆଦୌ ଠିକ୍ ନୁହେଁ । କାରଣ ଆଦର୍ଶବାଦୀ ଦର୍ଶନ ଆପଣାକୁ ଶିବ ତଥା ଅଶିବ ଉଭୟ ଶକ୍ତିର ପରିଚର୍ଯ୍ୟାରେ ସମାନ ଭାବରେ ଲଗାଇ ଆସିଛି ଏବଂ ପ୍ରତିକ୍ରିୟା ତଥା ପ୍ରଗତି ଉଭୟ ଲାଗି ତାହା ଏକ ବୌଦ୍ଧିକ ଔଚିତ୍ୟପ୍ରମାଣ ସମାନଭାବରେ ଯୋଗାଇ ଦେଇ ପାରିଛି । ଏବଂ ସ୍ୱୟଂ ଧର୍ମ ମଧ୍ୟ ଆପଣାର ଆନୁଷ୍ଠାନିକ ରୂପରେ ଅତୀତର କେତେ ଯୁଗରେ ଅପରାଧ ଓ ନରହତ୍ୟା ଲାଗି ମନୁଷ୍ୟକୁ ଅନେକ ସମୟରେ କେତେ ଅପ୍ରପ୍ରେରଣା ଓ ପ୍ରୋତ୍ସାହନ ଦେଇଆସିଛି ଓ ଜ୍ଞାନକୁ ଅନ୍ଧକାର ଦ୍ୱାରା ଆଚ୍ଛାଦିତ କରି ରଖୁଥିବା କେତେ ପ୍ରବଞ୍ଚନା ଏବଂ କେତେ ଅତ୍ୟାଚାରକୁ ତାହା ପ୍ରଶ୍ରୟ ଦେଇଆସିଛି ।

ଆମେ ଏହି ଆଲୋଚନାରେ ଯାହା ବାରବାର କହିବାକୁ ଚେଷ୍ଟା କରି-ଆସିଛୁ, ସେହି ଅସଲ ସତ୍ୟଟି ହେଉଛି ଯେ ବୁଦ୍ଧିଗତ ବିବର୍ତ୍ତନ ସ୍ୱଭାବତଃ ଏକ ଅପୂର୍ଣ୍ଣ ଆଲୋକ ; ତାହା ଏକ ବୃହତ୍ ପରିଧି ଭିତରେ କାର୍ଯ୍ୟ କରୁଛି ସତ, ମାତ୍ର ତଥାପି ନାନା ସୀମାଦ୍ୱାରା ସର୍ବଦା ଆବଦ୍ଧ ହୋଇ ରହିଛି ଏବଂ ଜୀବନରେ କ୍ରିୟାଶୀଳ ହେବା ମାତ୍ରକେ ଏହା ଯାହାକୁ ଅଧ୍ୟୟନ କରିବାକୁ ଯାଇଥିଲା, ପରିଣାମତଃ ତାହାର ଅଧୀନ ହୋଇ ରହୁଛି ଏବଂ ସେହି ଶକ୍ତିଗୁଡ଼ିକର ଅସ୍ପଷ୍ଟ ଏବଂ ଅର୍ଦ୍ଧବୋଧ ସଂଗ୍ରାମ ମଧ୍ୟରେ ତାହା ଆପଣାକୁ ନେଇ ଉପସ୍ଥାପିତ କରୁଛି, କେବଳ ସେହିଗୁଡ଼ିକର ପରିକର ତଥା

'oaob.nitrkl.ac.in' images reprocessed

ପରିମର୍ଦ୍ଦିତାରୂପେ ହିଁ ପରିଣତ ହୋଇଆସୁଛି । ଯେକୌଣସି ବିଶ୍ୱାସ, ଜୀବନସମ୍ବନ୍ଧୀ ସିଦ୍ଧାନ୍ତ, ସମାଜର କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା, ଶାସନପ୍ରଣାଳୀ ଏବଂ ବ୍ୟକ୍ତିଗତ ତଥା ସାମୂହିକ କ୍ରିୟାତ୍ମକତାର ଯେକୌଣସି ଆଦର୍ଶର ଯଥାର୍ଥତାକୁ ପ୍ରମାଣ କରି ଦେଖାଇବା ଲାଗି ସ୍ୱଭାବତଃ ବୁଦ୍ଧିର ବ୍ୟବହାର କରାଯାଇପାରିବ ଏବଂ ସର୍ବଦା ତାହା ଠିକ୍ ଏହିପରି ଭାବରେ ହିଁ ବ୍ୟବହୃତ ହୋଇଆସିଛି । ମନୁଷ୍ୟର ଇଚ୍ଛା ଯୁଗଯୁଗ ଧରି ଯେତେବେଳେ ଯେଉଁଥିି ସହିତ ଆପଣାକୁ ନେଇ ଯୋଡ଼ିଦେବାକୁ ଇଚ୍ଛା କରିଛି ବା କରୁଛି, ତାହାକୁ ଉଚିତ ବା ଠିକ୍ ବୋଲି ପ୍ରତିପାଦିତ କରିବାକୁ ହିଁ ସେ ବୁଦ୍ଧିକୁ କାମରେ ଲଗାଇ-ଆସିଛି ଓ ଲଗାଇପାରୁଛି । ଦର୍ଶନ ଭିତରେ ତାହା ଏକେଶ୍ୱରବାଦକୁ ଠିକ୍ ବୋଲି ପ୍ରମାଣ କରିବାକୁ ଯେପରି ଅନୁକୂଳ ଯୁକ୍ତିସବୁ ଦେଖାଇପାରୁଛି, ଅନେକେଶ୍ୱରବାଦକୁ ଠିକ ବୋଲି ପ୍ରମାଣ କଲାବେଳେ ମଧ୍ୟ ଠିକ୍ ସେହିପରି ଅନୁକୂଳ ଯୁକ୍ତି ଓ କାରଣଗୁଡ଼ିକୁ ବେଶ୍ ବାଢ଼ି ଦେଇପାରୁଛି । ଅଥବା, ଦୁଇ ବାଦ ମଧ୍ୟରେ ରହିଥିବା ଆଉ ଯେକୌଣସି ଆଶ୍ରୟସ୍ଥଳ ସକାଶେ ମଧ୍ୟ ଯୁକ୍ତି ବାଢ଼ି ଦେଇପାରୁଛି । ଏହି ବୁଦ୍ଧି ଭିତରେ ସତ୍ତ୍ୱଗତ ବିଶ୍ୱାସ ଲାଗି ଯୁକ୍ତି ରହିଛି, ସମ୍ପୂର୍ଣ୍ଣ ବିପରୀତ ବିଶ୍ୱାସ ଲାଗି ମଧ୍ୟ ଯୁକ୍ତି ରହିଛି; ଆଶାବାଦ ଓ ନୈରାଶ୍ୟବାଦ, ସକ୍ରିୟତା ତଥା ନୀରବତା ଉଭୟ ସକାଶେ ଅନୁରୂପ ଯୁକ୍ତିମାନ ଥୁଆ ହୋଇ ରହିଛି । ତତ୍ତ୍ୱରହସ୍ୟର ଦୃଷ୍ଟିକୁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଦେଖାଉଥିବା ଧର୍ମବାଦଠାରୁ ଆରମ୍ଭ କରି ବ୍ୟାବହାରିକ ବର୍ତ୍ତମାନସ୍ଥିତିଟାକୁ ହିଁ ସର୍ବସ୍ୱ ବୋଲି ମାନୁଥିବା ନାସ୍ତିକତାବାଦ ପର୍ଯ୍ୟନ୍ତ ଯାହାକିଛିର ଔଚିତ୍ୟ ପ୍ରମାଣ କରିଦେବାକୁ ମଧ୍ୟ ବୁଦ୍ଧିର ସାମର୍ଥ୍ୟ ମହଜୁଦ ରହିଛି । ଯାବତ ପ୍ରକାର ଈଶ୍ୱରକଳ୍ପନାକୁ କାଟିଦେବାକୁ ବା ଈଶ୍ୱରଙ୍କ ବ୍ୟତୀତ ଆଉ କିଛିହେଲେ ନ ଦେଖିବାକୁ ମଧ୍ୟ ସମାନ ଯୁକ୍ତି ବୁଦ୍ଧିପାଖରେ ରହିଛି । ସୌନ୍ଦର୍ଯ୍ୟଶାସ୍ତ୍ରର ରାଜ୍ୟରେ ସେହି ବୁଦ୍ଧି ହିଁ ଶାସ୍ତ୍ରୀୟ ତଥା ରୋମାଣ୍ଟିକ ଉଭୟ ଦୃଷ୍ଟିଲାଗି ଆମକୁ ଅନୁରୂପ ଭିତ୍ତି ଯୋଗାଇଦେଉଛି; କଳାର ଏକ ଆଦର୍ଶବାଦୀ, ଧର୍ମମୂଳ ଅଥବା ତତ୍ତ୍ୱରହସ୍ୟର ଦୃଷ୍ଟିଭଙ୍ଗୀକୁ ସତ୍ୟ ବୋଲି ଗ୍ରହଣ କରୁଥିବା ସିଦ୍ଧାନ୍ତ ତଥା ଗୋଟାଗୁଡ଼ା ପୃଥିବୀଗତ ବାସ୍ତବବାଦୀ ସିଦ୍ଧାନ୍ତ ଲାଗି ମଧ୍ୟ ବୁଦ୍ଧି ଆମ ଲାଗି ଏକ ଯୁକ୍ତିମୂଳ ଆଧାର ଗଢ଼ି ଥୋଇଦେଇ ପାରୁଛି । ବୁଦ୍ଧି ସମାନ ସାମର୍ଥ୍ୟର ସହିତ ବଡ଼ ସଂଯମବଦ୍ଧ ଭାବରେ ଏକ କଠୋର ଓ ଅପ୍ରଶସ୍ତ ନୀତିବାଦକୁ ଠିକ୍ ବୋଲି ପ୍ରତିଷ୍ଠିତ କରାଇଦେଇପାରିବ, ତେଣେ ସମ୍ପୂର୍ଣ୍ଣ ବିଜୟୀ ଭାବରେ ନୈତିକତାର ଆଦୌ କୌଣସି କିଛି ମୂଲ୍ୟ ରହିଛି ବୋଲି ଅସ୍ୱୀକାର କରୁଥିବା ସିଦ୍ଧାନ୍ତଟିକୁ ମଧ୍ୟ ପ୍ରମାଣ କରିଦେଇପାରିବ । ଯାବତୀୟ ପ୍ରକାରର ଏକଚ୍ଛତ୍ରଶାସନ, ସମ୍ଭ୍ରାନ୍ତତନ୍ତ୍ର ବା ସକଳ ପ୍ରକାରର ଗଣତନ୍ତ୍ର ସକାଶେ ମଧ୍ୟ ବୁଦ୍ଧି ସର୍ବଦା ଏକ ସ୍ୱୟଂସମ୍ପୂର୍ଣ୍ଣ ଓ ହୃଦ୍‌ବୋଧକାରୀ ବାର୍ତ୍ତାବହ ରୂପେ କାର୍ଯ୍ୟ କରିଆସିଛି । ଏଣେ କମ୍ୟୁନିଷ୍ଟବାଦ ସପକ୍ଷରେ ଯେତିକି ଚମତ୍କାର ଓ ସନ୍ତୋଷଜନକ ଯୁକ୍ତିମାନ ଆଣି ବାଢ଼ି ଦେଇଛି, କମ୍ୟୁନିଷ୍ଟବାଦ ବିରୁଦ୍ଧରେ ମଧ୍ୟ ସେତିକି ଚମତ୍କାର ଓ ସନ୍ତୋଷଜନକ ଯୁକ୍ତିମାନ ଦେଖାଇଦେଇଛି; ବ୍ୟକ୍ତିସ୍ୱାତନ୍ତ୍ର୍ୟ

'oaob.nitrkl.ac.in' images reprocessed

ସମାଜବାଦ ପକ୍ଷରେ ଅଥବା ସମାଜବାଦର ଯେକୌଣସି ଗୋଟିଏ ପ୍ରକାରର ପକ୍ଷ ନେଇ ଓ ଯେକୌଣସି ପ୍ରକାରର ବିପକ୍ଷରେ ମଧ୍ୟ ଯୁକ୍ତି ଲଢ଼ିବାକୁ ସର୍ବଦା ବାହାରିଆସିଛି । ସମାନ ପାରଙ୍ଗମତା ସହିତ ତାହା ଆପଣାକୁ ପ୍ରୟୋଜନବାଦ, ଅର୍ଥନୀତିବାଦ, ସୁଖବାଦ, ସୌନ୍ଦର୍ଯ୍ୟବାଦ, ଇନ୍ଦ୍ରିୟବୋଧବାଦ, ନୈତିକତାବାଦ, ଆଦର୍ଶବାଦ ଅଥବା ମନୁଷ୍ୟର ଅନ୍ୟ ଯେକୌଣସି ମୌଳିକ ଦୃଷ୍ଟିଗତ ଆବଶ୍ୟକତା ବା ସନ୍ତିସ୍ପୃହାର ପରିପୂରକ ରୂପେ ଚମତ୍କାର ଠିଆ କରିଦେଇ ପାରିବ । ସେଇଟିକୁ କେନ୍ଦ୍ର କରି ଗୋଟାଏ ଦର୍ଶନ ଗଢ଼ିଦେଇ ପାରିବ, ଏକ ରାଜନୀତିକ କିମ୍ବା ସାମାଜିକ ବ୍ୟବସ୍ଥା ତିଆରି କରିଦେବ ବା ଜୀବନାଚରଣର ଏକ ସିଦ୍ଧାନ୍ତ ଯୋଗାଇଦେଇପାରିବ । ବୁଦ୍ଧିକୁ ଆମେ କେବଳ ଗୋଟିଏ ବିଷୟକୁ ଅବଲମ୍ବନ କରି ଠିଆ ହେବାକୁ କଦାପି କହିବା ନାହିଁ; ତାକୁ ଆମେ ସମସ୍ତଙ୍କୁ ମିଶାଇ ଏକାଠି ଗୋଟାଏ ମେଣ୍ଟା କରିଦେବାକୁ କହିବା କିମ୍ବା ଏକ ସମନ୍ୱୟ କାଢ଼ି ସବୁଗୁଡ଼ିକୁ ତାହାରି ଭିତରେ ଅନ୍ତର୍ଗତ କରି ରଖିବାକୁ କହିବା ; ଏବଂ ବୁଦ୍ଧି ସେହି ଦିଗରେ ଆମକୁ କଦାପି ଅସନ୍ତୁଷ୍ଟ କରିବ ନାହିଁ । କେବଳ ଏହିଭଳି ଏକାଠି କରିବା ତଥା ସମନ୍ୱୟ କାଢ଼ିବାରେ ଏକାବେଳେକେ ବହୁସଂଖ୍ୟକ ସମ୍ଭାବନା ରହିଥିବାରୁ, ବୁଦ୍ଧି ସମାନ ଉତ୍ସାହର ସହିତ କେତେବେଳେ ଏଇଟାକୁ ଉଚିତ ବୋଲି କହିବ ତ ପୁଣି କେତେବେଳେ ସେଇଟାକୁ ବି ଉଚିତ ବୋଲି କହିବ ଏବଂ ମନୁଷ୍ୟର ବୃତ୍ତି ଯେତେବେଳେ ଯେଉଁଟା ଆଡ଼କୁ ଆକୃଷ୍ଟ ହେଉଥିବ ଅଥବା ଯେଉଁଟାଠାରୁ ଆପଣାକୁ ଦୂରେଇନେବାକୁ ଇଚ୍ଛା କରୁଥିବ, ବୁଦ୍ଧି ସେହି ଅନୁସାରେ ଗୋଟାକୁ ଆସ୍ଥାନ ଉପରେ ଆଣି ବସାଇ ଦେଉଥିବ ତ ଆରଟାକୁ ଆସ୍ଥାନ ଉପରୁ ହଟାଇ ଫିଙ୍ଗିଦେଉଥିବ । କାରଣ ଏହି କ୍ଷେତ୍ରରେ ଯାହାକିଛି ନିଷ୍ପତ୍ତି ହୁଏ, ମଣିଷର ବୃତ୍ତି ବା ଦୃଷ୍ଟି ହିଁ ସେକଥା କରେ ଓ ବୁଦ୍ଧିଗତ ବିଶ୍ଳେଷଣ କେବଳ ଏକ ଗୁରୁତ୍ୱଶାଳୀ ଭୃତ୍ୟ ହୋଇ ଠିଆ ହୋଇଥାଏ ; ଆବରଣ ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଏହି କର୍ତ୍ତା ଓ ଶାସ୍ତାଟି ଲାଗି କେବଳ ଜଣେ ମନ୍ତ୍ରୀ ପରି କାର୍ଯ୍ୟ କରୁଥାଏ ।

ପ୍ରକୃତ ସତ୍ୟ ବୁଦ୍ଧିବାଦୀଠାରୁ ଗୁପ୍ତ ହୋଇ ରହେ, କାରଣ ଆପଣାର ଦୁଇଟି ବିଶ୍ୱାସର ଅସ୍ତ୍ରାକୁ ସେ ସର୍ବଦା ଜାବୁଡ଼ି ଧରିଥାଏ; ପ୍ରଥମଟି ହେଉଛି ଯେ ସେ ଆପଣାର ବୁଦ୍ଧିଗତ ବିଚାର ବିତର୍କକୁ ହିଁ ଠିକ୍ ବୋଲି ବିଶ୍ୱାସ କରେ ଓ ଅନ୍ୟମାନଙ୍କର ଅର୍ଥାତ୍ ତା' ନିଜଠାରୁ ପୃଥକ୍ ମତ ପୋଷଣ କରୁଥିବା ଆଉମାନଙ୍କର ସେହି ବୃତ୍ତିଟିକୁ ସେ ଭୁଲ ବୋଲି କହେ । ଦ୍ୱିତୀୟତଃ, ସେ ବିଶ୍ୱାସ କରେ ଯେ ମଣିଷର ବୁଦ୍ଧିଗତ ପାରଙ୍ଗମତା ଭିତରେ ବର୍ତ୍ତମାନ ଯେତେଯାହା ଅଭାବ ରହିଥାଉ ପଛକେ, ମାନବୀୟ ସମୂହଗତ ବୁଦ୍ଧି ଶେଷରେ ଦିନେ ନା ଦିନେ ପୂର୍ଣ୍ଣ ପରିମଳ ଓ ଦୋଷମୁକ୍ତ ହୋଇପାରିବ ଏବଂ ସେତେବେଳେ ତାହା ମନୁଷ୍ୟର ବିଚାର ଏବଂ ତା'ର ଜୀବନକୁ ତା' ବୁଦ୍ଧିକୁ ସମ୍ପୂର୍ଣ୍ଣ ପରିତୁଷ୍ଟି ଦେଇପାରୁଥିବା ଏକ ପରିଷ୍କାର ବୁଦ୍ଧିଗତ ଭିତ୍ତି ଉପରେ

'oaob.nitrkl.ac.in' images reprocessed

ନେଇ ଅବଶ୍ୟ ପ୍ରତିଷ୍ଠିତ କରିଦେଇପାରିବ । ତା'ର ପ୍ରଥମ ବିଶ୍ୱାସଟିରେ କେବଳ ଅମ ଅହଂଗତତା ତଥା ଔଦ୍ଧତ୍ୟପୂର୍ଣ୍ଣ ପ୍ରମାଦଯୁକ୍ତତା ହିଁ ଯେ ସାଧାରଣଭାବରେ ଅଭିବ୍ୟକ୍ତ ହୋଇଥାଏ, ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ । ମାତ୍ର କେବଳ ସେତିକଠାରୁ ଏହି କ୍ଷେତ୍ରରେ ଆହୁରିକିଛି ବେଶି ମଧ୍ୟ ନିହିତ ହୋଇ ରହିଥାଏ; ମଣିଷର କାର୍ଯ୍ୟ, ମଣିଷର ଆଶା ଓ ମଣିଷ ଭିତରେ ରହିଥିବା ବିଶ୍ୱାସଟାକୁ ସର୍ବଦା ଉଚିତ ଓ ଯଥାର୍ଥ ବୋଲି ପ୍ରମାଣ କରିଦେବା ଏବଂ ଆପଣାର ଲବ୍ଧ ସର୍ବୋଚ୍ଚ ଆଲୋକଟିର ସାହାଯ୍ୟରେ ଆପଣାର ବଞ୍ଚି ରହିବାଲାଗି, ଆପଣାର କର୍ମ କରିବାଲାଗି ଓ ଆପଣାକୁ ବିକଶିତ କରାଇନେବାଲାଗି ମନୁଷ୍ୟର ଯେଉଁ ବିଚାର ତଥା ଜ୍ଞାନର ଆବଶ୍ୟକତା ରହିଥାଏ ଏବଂ ସେ ଯେଉଁ ଗତିଶୀଳ ବିଶ୍ୱାସବୋଧଟିକୁ ଲୋଡ଼ୁଥାଏ, ସେହି ବିଚାର ଓ ଜ୍ଞାନ ଯେତେ ସୀମାବଦ୍ଧ ହୋଇଥିଲେ ମଧ୍ୟ ଓ ସେହି ବିଶ୍ୱାସ ଯେତେ ସଙ୍କୀର୍ଣ୍ଣ ଓ ଅସ୍ପଷ୍ଟ ହୋଇଥିଲେ ମଧ୍ୟ ମନୁଷ୍ୟକୁ ସେହିଗୁଡ଼ିକୁ ଆଣି ଯୋଗାଇଦେବା ହିଁ ଯେ ବୁଦ୍ଧିର ନ୍ୟାଯ୍ୟ କର୍ତ୍ତବ୍ୟ, ବୁଦ୍ଧିବାଦୀ ମନୁଷ୍ୟର ସେହି ପ୍ରଥମ ବିଶ୍ୱାସଟି ଏହି ସତ୍ୟଟିକୁ ପ୍ରକାଶ କରୁଥାଏ । ଯାବତୀୟ ସକଳ ସତ୍ୟକୁ ଆପଣାର ଗୋଚରଭୂମି ଭିତରକୁ ଆଣି-ପାରିବାକୁ ଯୁକ୍ତିବୁଦ୍ଧିର ଆଦୌ ସାମର୍ଥ୍ୟ ନାହିଁ, କାରଣ ସତ୍ୟର ଅନନ୍ତତାକୁ କଦାପି ତା'ର ଛୁଇଁ ପାରିବ ନାହିଁ । ମାତ୍ର ତାତ୍କାଳିକଭାବରେ ଯେତିକ ସତ୍ୟଲାଗି ଆମର ଆବଶ୍ୟକତା ରହିଥାଏ, ବୁଦ୍ଧି ଆମଲାଗି ସେହି ଅଂଶଟିକୁ ଅବଶ୍ୟ ବୋଧଗମ୍ୟ କରି-ଆଣିଥାଏ, ଏବଂ ସେହି ସତ୍ୟର ଅଯଥେଷ୍ଟତା ବୁଦ୍ଧିର ସେହି କାର୍ଯ୍ୟଟିର ମହତ୍ତ୍ୱଟିକୁ କଦାପି କ୍ଷୁଣ୍ଣ କରିଦିଏ ନାହିଁ, ବରଂ ସେହି ମହତ୍ତ୍ୱଟିକୁ ମାପିବାରେ ହିଁ ସହାୟତା କରିଥାଏ । କାରଣ ମନୁଷ୍ୟ ଯେ ଏକ ବେଳେକେ ହଠାତ୍ ତା' ସତ୍ତାର ସମୁଦାୟ ସତ୍ୟଟିକୁ ତା' ବୋଧର ପରିଧି ଭିତରକୁ ନେଇଆସିବ, ତାହା କଦାପି ଅଭିପ୍ରେତ ହୋଇନାହିଁ ; ସେ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ଅନୁଭୂତି ଲାଭ କରି ଏବଂ କଦାପି ସମ୍ପୂର୍ଣ୍ଣଭାବରେ ଅବିଚ୍ଛିନ୍ନ ନ ହେଲେ ମଧ୍ୟ ଏକ ସତତ ଆତ୍ମପ୍ରସାରଣ ଦ୍ୱାରା ସେହି ଲକ୍ଷ୍ୟଟିର ଅଭିମୁଖରେ ପଦେ ପଦେ ଅଗ୍ରସର ହୋଇଯାଉଥିବ । ତେଣୁ ବୁଦ୍ଧିର ପ୍ରଥମ କାର୍ଯ୍ୟଟି ହେଉଛି ଯେ ତାହା ମନୁଷ୍ୟକୁ ତା'ର ବିବିଧ ଅନୁଭୂତିଗୁଡ଼ିକର ଔଚିତ୍ୟ ପ୍ରମାଣ କରାଇଦେବ, ସେଗୁଡ଼ିକ ଉପରେ ଆଲୋକପାତ କରିବ ଏବଂ ଆପଣାର ଆତ୍ମପ୍ରସାରଣଗୁଡ଼ିକୁ ଅବିଚଳ ହୋଇ ଧରି ରଖିବାରେ ତାହା ମନୁଷ୍ୟକୁ ବିଶ୍ୱାସ ଦେଇଯିବ, ଦୃଢ଼୍‌ବୋଧ ଦେବ । ବୁଦ୍ଧି ମନୁଷ୍ୟ ପାଖରେ ବର୍ତ୍ତମାନ ଏଇଟିର ଔଚିତ ପ୍ରମାଣ କରୁଥାଏ, ପୁଣି ଆଉ ଗୋଟାଏ ମୁହୂର୍ତ୍ତରେ ସେଇଟିର ଔଚିତ୍ୟକୁ ପ୍ରମାଣ କରିବସେ ; ଗୋଟିଏ ଗୋଟିଏ ମୁହୂର୍ତ୍ତର ଅନୁଭୂତି, ସ୍ତିମିତ ଓ ଅପସୃତ ହୋଇ ଯାଉଥିବା ଅତୀତର ଆଲୋକ ଏବଂ ଭବିଷ୍ୟତର ଅର୍ଦ୍ଧଦୃଷ୍ଟ ଚିତ୍ରଗୁଡ଼ିକର ଔଚିତ୍ୟ ସିଦ୍ଧ କରିଦେବାରେ ବୁଦ୍ଧି ତତ୍ପର ରହିଥାଏ । ବୁଦ୍ଧି କେତେବେଳେ ଗୋଟିକୁ ବୁଝି କରି ଗ୍ରହଣ କରି ନ ଥାଏ, ଆପଣା ବିରୁଦ୍ଧରେ ସତତ ବିଭକ୍ତ ହୋଇ ରହିଥାଏ ଏବଂ

'oaob.nitrkl.ac.in' images reprocessed

ଏକ ସମୟରେ ବିଭିନ୍ନ ବିରୋଧୀ ଦୃଷ୍ଟିଗୁଡ଼ିକୁ ଧରି ରଖିବାର ସାମର୍ଥ୍ୟ ରଖିଥାଏ;—ଏହାହିଁ ହେଲା ବୁଦ୍ଧିର ମୂଳଗତ ଅସଲ ରହସ୍ୟ । ଅବଶ୍ୟ ସେହି ଗୋଟିଏ ବ୍ୟକ୍ତି ମଧ୍ୟରେ ଯଦି ଏକାନ୍ତ ପରସ୍ପରବିରୋଧୀ ଅନେକ ମତ ବା ବିଶ୍ୱାସ ରହିଥାଏ, ତେବେ ବୁଦ୍ଧି ସେସବୁଗୁଡ଼ିକୁ ସମର୍ଥନ କରିବସିଲେ କେବେହେଲେ କାମ ଚଳିବ ନାହିଁ ; ଏକଥା ମନେ ରଖିବା ଉଚିତ ଯେ ଜାଗରଣ ତଥା ସୋପାନ-ପରିବର୍ତ୍ତନ ସମୟରେ ହୁଏତ ଏଥିରେ ବ୍ୟତିକ୍ରମ ଘଟିବ । ମାତ୍ର ମନୁଷ୍ୟମାନଙ୍କର ସମୂହଗତ ଗଠନଟିରେ ଏବଂ କାଳର ବିଭିନ୍ନ କ୍ରମପର୍ଯ୍ୟାୟରେ କେବଳ ତାହାହିଁ ବୁଦ୍ଧିର ସମୁଦାୟ କାର୍ଯ୍ୟ ହୋଇ ରହିଥିବ । କାରଣ ଠିକ୍ ଏହି ସ୍ତରରେ ହିଁ ସତ୍ୟର ବିବିଧତା ବିଷୟରେ ଅନୁଭୂତି ଲାଭ କରିବାର ମାର୍ଗ ଦେଇ ମନୁଷ୍ୟ ଅନନ୍ତ ପରମ ସତ୍ୟ ଅଭିମୁଖ୍ୟରେ ଗତି କରୁଥିବ ଏବଂ ଏହିପରି ଭାବରେ ତା'ର ବୁଦ୍ଧି ତାକୁ କେତେ କ'ଣ ଗଢ଼ିବାରେ, ବଦଳାଇବାରେ ଓ ଯାହାକିଛି ଗଢ଼ିରଖିଛି ତାକୁ ଭାଙ୍ଗି ପୁଣି ନୂଆ କରି ଗଢ଼ିବାରେ ସାହାଯ୍ୟ କରୁଥିବ ; ଆପଣାର ଆତ୍ମଜ୍ଞାନ, ବିଶ୍ୱଜ୍ଞାନ ତଥା ସେଗୁଡ଼ିକର ଯାବତୀୟ କରଣି ମଧ୍ୟରେ ଅଗ୍ରସର ହେବାଲାଗି, ଆପଣାର ବିକାଶସାଧନ କରିବାଲାଗି ଓ ଆପଣାର ସମ୍ପ୍ରସାରଣ ଘଟାଇବାଲାଗି ତା'ର ବୁଦ୍ଧି ତାକୁ ସାହାଯ୍ୟ କରୁଥିବ ।

ତର୍କଣାବୁଦ୍ଧିରେ ବିଶ୍ୱାସ କରୁଥିବା ମନୁଷ୍ୟର ଦ୍ୱିତୀୟ ବିଶ୍ୱାସଟି ମଧ୍ୟ ଏକ ଭ୍ରମଯୁକ୍ତ ବିଶ୍ୱାସ, ମାତ୍ର ତଥାପି ସେଥିରେ ବି ଗୋଟିଏ ସତ୍ୟ ନିହିତ ହୋଇ ରହିଛି । ତର୍କବୁଦ୍ଧି ପ୍ରକୃତରେ କୌଣସି ଚରମ ସତ୍ୟରେ ଯାଇ ପହଞ୍ଚିପାରିବ ନାହିଁ, କାରଣ ତାହା କଦାପି ବସ୍ତୁଗୁଡ଼ିକର ମୂଳ ଯାଏ ଯାଇପାରିବ ନାହିଁ ବା ସେଗୁଡ଼ିକର ଯାବତୀୟ ରହସ୍ୟର ସମଗ୍ରତାଟିକୁ କଦାପି ଧରିପାରିବ ନାହିଁ । ବୁଦ୍ଧି କେବଳ ଅନ୍ତବିଶିଷ୍ଟ, ବିଚ୍ଛିନ୍ନ ଓ ସୀମାସୂଚିତ ସମଷ୍ଟିଗୁଡ଼ିକୁ ନେଇ ଯାହାକିଛି କରିପାରିବ ଏବଂ ସବୁଟିକୁ ଓ ଅନନ୍ତ ସତ୍ତାକୁ ମାପିପାରିବା ଲାଗି ତା' ପାଖରେ କୌଣସି ମାପ ନାହିଁ କି ଦଣ୍ଡ ନାହିଁ । ଏହି ବୁଦ୍ଧି ମନୁଷ୍ୟ ଲାଗି କୌଣସି ପରିପୂର୍ଣ୍ଣ ଜୀବନ ଅଥବା ପରିପୂର୍ଣ୍ଣ ସମାଜର ସ୍ଥାପନା କରିପାରିବ ନାହିଁ । ସମ୍ପୂର୍ଣ୍ଣ ଓ ବିଶୁଦ୍ଧଭାବରେ କେବଳ ବୁଦ୍ଧିକୁ ହିଁ ଅବଲମ୍ବନ କରି ପରିଚାଳିତ ହେଉଥିବା ମନୁଷ୍ୟଜୀବନ ଅବରୁଦ୍ଧ ଜୀବନ ହୋଇ ରହିବ, ତାହା ଆପଣାର ସର୍ବଶକ୍ତିମନ୍ତ ଗତିଶୀଳ ଉତ୍ସଗୁଡ଼ିକଠାରୁ ବଞ୍ଚିତ ହୋଇ ରହିବ ; ଅସଲ ରାଜା ସ୍ଥାନରେ କେବଳ ମନ୍ତ୍ରୀ ହିଁ ଅଧିପତି ହୋଇ ବସିବ । ସମ୍ପୂର୍ଣ୍ଣ ଓ ବିଶୁଦ୍ଧ ଭାବରେ କେବଳ ବୁଦ୍ଧିକୁହିଁ ଅବଲମ୍ବନ କରି ପରିଚାଳିତ ହେଉଥିବା ସମାଜ ପ୍ରକୃତରେ ସମ୍ଭବ ହୋଇପାରିବ ନାହିଁ ; ଏବଂ ଯେବେ ସମ୍ଭବ ହେଲେ ମଧ୍ୟ ହୁଏତ ତାହା ଏକ ସମାଜ ହୋଇ ତିଷ୍ଠି ରହିପାରିବ ନାହିଁ ଅଥବା ମନୁଷ୍ୟର ଜୀବନକୁ ନିଷ୍ଫଳ କରି ରଖିବ ଓ ତାହାକୁ ସତେ ଅବା ଗୋଟାଏ ପଥରରେ ପରିଣତ କରିଦେବ । ମନୁଷ୍ୟଜୀବନର ସର୍ବମୂଳ ଆଧାର ସାମର୍ଥ୍ୟଗୁଡ଼ିକ, ତାହାର ଅନ୍ତରଙ୍ଗତମ କାରଣଗୁଡ଼ିକ ବୁଦ୍ଧିଠାରୁ ଆହୁରି ତଳେ ଅଛନ୍ତି, ଅର୍ଥାତ୍ ଏକ

'oaob.nitrkl.ac.in' images reprocessed

ଅବବୌଦ୍ଧିକ ସ୍ତରରେ ଅଛନ୍ତି ; ଏବଂ ବୁଦ୍ଧିଠାରୁ ଉପରେ ରହିଛନ୍ତି, ଅତିବୌଦ୍ଧିକ ସ୍ତରରେ ରହିଛନ୍ତି । ମାତ୍ର ଏକଥା ମଧ୍ୟ ସମ୍ପୂର୍ଣ୍ଣ ସତ୍ୟ ଯେ, ଆପଣାକୁ ଅବିରାମ ପ୍ରସାରିତ କରୁ କରୁ, ବିଶୁଦ୍ଧ ଓ ଉନ୍ନୋଚିତ କରି ଦେଇ ଦେଇ ମନୁଷ୍ୟର ବୁଦ୍ଧି ଯଦିବା ନା ଯଦିବା କ୍ରମେ ଏପରି ଏକ ପର୍ଯ୍ୟାୟରେ ଆସି ପହଞ୍ଚିବ, ଯେତେବେଳେ କି ତାହା ବର୍ତ୍ତମାନ ତା' ଠାରୁ ଅନ୍ତରାଳ ହୋଇ ରହିଥିବା ବସ୍ତୁଗୁଡ଼ିକ ବିଷୟରେ ମଧ୍ୟ ଏକ ବୁଦ୍ଧିମତ୍ତାସମ୍ପନ୍ନ ବୋଧ ଲାଭ କରିପାରିବ, ଆପଣାର ସକଳ ସୀମାକୁ ଅତିକ୍ରମ କରି ବିରାଜ ରହିଥିବା ପରମ ଆଲୋକଟିକୁ ସଂବେଦନଶୀଳ ଭାବରେ ଆପଣା ଉପରେ ଆଣି ପ୍ରତିଫଳିତ କରିପାରିବ ତାହା ଯେତେ ଜିଜ୍ଞାସାରହିତ ହୋଇଥାଉ ନା କାହିଁକି । ବୁଦ୍ଧି ଯେତେବେଳେ ମନୁଷ୍ୟକୁ ଆସି କହିପାରିବ, "ଏହି ବିଶ୍ୱରେ ତଥା ମନୁଷ୍ୟ ମଧ୍ୟରେ ଏକ ଆତ୍ମା ରହିଛି, ଏକ ପରମ ଆତ୍ମସତ୍ତା ବା ଈଶ୍ୱର ରହିଛନ୍ତି, ଯେ କି ପ୍ରଚ୍ଛନ୍ନ ରହି ଯାବତୀୟ ସବୁକିଛି କରୁଛନ୍ତି ; ଏବଂ ଏଠାରେ ଆମେ ଯାହା କିଛି ଦେଖୁଛୁ, ସେଗୁଡ଼ିକ କେବଳ ତାଙ୍କର ଆତ୍ମଗୋପ୍ୟତା ଓ କ୍ରମଶଃ ଆତ୍ମପ୍ରକାଶର ହିଁ ଦ୍ୟୋତକ ହୋଇ ରହିଛି ; ମୁଁ ଏପର୍ଯ୍ୟନ୍ତ ତାଙ୍କର ମନ୍ତ୍ରୀ ଭାବରେ କାର୍ଯ୍ୟ କରିଆସୁଥିଲି ; ଧୀରେ ଧୀରେ ତୁମର ଆଖି ଉପରୁ ଆବରଣଟିକୁ କାଢ଼ିନେବା ପାଇଁ ଓ ତୁମ ଦୃଷ୍ଟିର ବହଳ ପରସ୍ତ-ଗୁଡ଼ାକୁ ବାହାର କରିଦେବାପାଇଁ ମୁଁ କାର୍ଯ୍ୟ କରିଆସୁଥିଲି, ତାଙ୍କ ଭିତରେ ଓ ତୁମ ଭିତରେ କେବଳ ମୋ'ର ସ୍ୱଚ୍ଛ ଆବରଣଟି ଅବଶେଷ ରହିଯିବା ପର୍ଯ୍ୟନ୍ତ ମୁଁ କାର୍ଯ୍ୟ କରୁଥିଲି ; ବର୍ତ୍ତମାନ ତୁମେ ସେଇଟିକୁ ମଧ୍ୟ ଖୋଲି ବାହାର କରିଦିଅ, ଏବଂ ବସ୍ତୁତଃ ତଥା ସ୍ୱଭାବତଃ ଏହି ପରମ ଦେବ୍ୟତାଟି ସହିତ ମନୁଷ୍ୟର ଆତ୍ମାକୁ ଏକୀଭୂତ ଓ ଅଭିନ୍ନ କରି ରଖ ; ତେବେ ତୁମେ ଆପଣାର ସତ୍ୟ-ପରିଚୟ ଲାଭ କରିବ, ଆପଣା ସତ୍ତାର ସର୍ବୋଚ୍ଚ ତଥା ସର୍ବବ୍ୟାପକ ବିଧାନଟିକୁ ଆବିଷ୍କାର କରିପାରିବ, ମୋ ଜ୍ଞାନ ତଥା ଇଚ୍ଛାଠାରୁ ଉଚ୍ଚତର ଆଉ ଏକ ଜ୍ଞାନ ଓ ଇଚ୍ଛାର ଅଧିକାରୀ ହୋଇପାରିବ ଅଥବା ଅନ୍ତତଃ ସେଗୁଡ଼ିକୁ ଆପଣା ଭିତରେ ଗ୍ରହଣ କରିନେଇପାରିବ ଓ ତାହାର ନିମିତ୍ତରୂପେ ବ୍ୟବହୃତ ହୋଇପାରିବ, ଏବଂ ଏହିପରି ଭାବରେ ତୁମେ ପରିଶେଷରେ ଏକ ମାନବିକ ଅଥଚ ଐଶ୍ୱରିକ ଜୀବନର ଯଥାର୍ଥ ରହସ୍ୟ ଏବଂ ସମଗ୍ର ବୋଧଟିକୁ ଆପଣାର ସମ୍ପଦରେ ପରିଣତ କରିପାରିବ ।"—ସେତିକବେଳେ ବୁଦ୍ଧି ତା'ର ଚୂଡ଼ାନ୍ତସୀମାରେ ଆସି ପହଞ୍ଚିବ ଓ ସେତିକବେଳେ ହିଁ ବୁଦ୍ଧିର ସବୁ କାମ ସରିଯିବ ।

'oaob.nitrkl.ac.in' images reprocessed

ତ୍ରୟୋଦଶ ପରିଚ୍ଛେଦ

# ତର୍କବୁଦ୍ଧି ଓ ଧର୍ମ

ମନୁଷ୍ୟଜାତିର ଯେଉଁ ମହାନ୍ ଉଦ୍ୟମଟିକୁ ଆମେ ମନୁଷ୍ୟ ପ୍ରଗତିର ଯଥାର୍ଥ ହୃଦୟ ବୋଲି କହୁ, ଏହି ପୃଥିବୀରେ ଗୋଟିଏ ଗୋଟିଏ ଆତ୍ମା, ମନୋମୟ ସତ୍ତା ଏବଂ ଶରୀର ହିସାବରେ ଅସ୍ତିତ୍ୱ ଧାରଣ କରି ରହିବାଲାଗି ଯାହାକୁ ଆମେ ଅନ୍ତର୍ଗତ ଔଚିତ୍ୟ ବୋଲି ଅନୁଭବ କରୁ, ସେହି ଉଦ୍ୟମରେ ବାଟ ଦେଖାଇନେବା ଲାଗି ଆମ ବୁଦ୍ଧି ଯେ ଆଦୌ ଯଥେଷ୍ଟ ନୁହେଁ, ଏ ବିଷୟରେ ଏହା ଯେ ଅନେକ ସମୟରେ ବଡ଼ ଅପାରଗ ଓ ଖୁବ୍ ବେଶି ହେଲେ ଆମ ମାର୍ଗରେ କେବଳ ଆଂଶିକଭାବରେ ଆଲୋକିତ ଏକ ସହାୟକରୂପେ କାର୍ଯ୍ୟ କରିପାରେ, ବର୍ତ୍ତମାନ ସେ ବିଷୟରେ ଆମର ନିଶ୍ଚୟ ଏକ ଧାରଣା ହୋଇଯିବ । କାରଣ ସେହି ମହାନ୍ ଉଦ୍ୟମଟି ଏଠି କେବଳ ପ୍ରାଣ ଧରି ବଞ୍ଚି ରହିବାର ହିଁ ଉଦ୍ୟମ ନୁହେଁ, ପଶୁମାନଙ୍କ ପରି ଏଠି ଆପଣା ଲାଗି ସ୍ଥାନଟିଏ ଖୋଜି ରହିବାର ଉଦ୍ୟମ ନୁହେଁ ; ଏବଂ ଇତର ପ୍ରାଣୀମାନଙ୍କର କୌଟୁମ୍ବିକ ତଥା ଯୌଥ-ଜୀବନରେ ପ୍ରକୃତିରେ ଯେପରି ହୁଏ, ବା ଦୃଷ୍ଟାନ୍ତସ୍ୱରୂପ ମହୁଫେଣା ଅଥବା ଉଇହୁଙ୍କାରେ ଯେପରି ଜୀବନ ଗଢ଼ିଉଠିଥାଏ ଓ ଏପରିକି ବୁଦ୍ଧିଯୁକ୍ତ କେତେକ ପ୍ରାଣୀଙ୍କର ଅପେକ୍ଷାକୃତ ଅଧିକ ବୃହତ୍ ତଥା ଅଧିକ ବହୁମୁଖୀ ଜୀବନକ୍ଷେତ୍ରରେ ଆମେ ଯାହା ଦେଖିବାକୁ ପାଇଥାଉ, ମନୁଷ୍ୟ ତା'ର ନିଜ ସ୍ଥାନଟିକୁ ସେହିପରି ଗଢ଼ି, ତାହାର ଆବଶ୍ୟକ ବିକାଶ କରାଇ ବ୍ୟକ୍ତିଗତ, ପାରିବାରିକ ଏବଂ ସାମୂହିକ ଅହଂରତତାର ଯଥାସମ୍ଭବ ଅଧିକ ପାରଙ୍ଗମତା ତଥା ଉପଭୋଗ ସକାଶେ ହିଁ ତାହାକୁ କେବଳ ପ୍ରାଣଗତ, ଅହଂଗତ ତଥା ସାମୂହିକ ଜୀବନରେ ଅଧିକରୁ ଅଧିକ କାମରେ ଲଗାଇ-ପାରିବାର ଉଦ୍ୟମ କରୁ ନ ଥାଏ । ଆପଣାର ଉଦ୍ୟମଟି ମଧ୍ୟରେ ସେ କେବଳ ଏତିକି ନୁହେଁ, ଅନେକ ବେଶି କରୁଥାଏ ; ଏବଂ ତାହାହିଁ ଆମର ମାନବୀୟ ଉପାଦାନଟିକୁ ଆମର ପ୍ରାଣୀସୁଲଭ ଉପାଦାନଟିରୁ ବେଶ୍ ସ୍ପଷ୍ଟଭାବରେ ପୃଥକ୍ କରି ଦେଖାଇଦିଏ । ଏହି ଉଦ୍ୟମଟି ହେଉଛି ଆମ ଭିତରେ ତଥା ବାହାରେ ଏକ ସମତାଯୁକ୍ତ ଓ ସମନ୍ୱିତ ପରିପୂର୍ତ୍ତିଭାବରେ ଆସି ଉପନୀତ ହେବା, ଏବଂ ସବାଶେଷରେ ଆମେ ଯାହାର ପରିଚୟରେ ଆସିଥାଉ, ଏହି ଉଦ୍ୟମଯାତ୍ରାର ସର୍ବୋଚ୍ଚ ଶିଖରଦେଶରେ ପହଞ୍ଚି ଆମର

'oaob.nitrkl.ac.in' images reprocessed

ଜୀବନ ମଧ୍ୟରେ ସଂଗୁପ୍ତ ହୋଇ ରହିଥିବା ସେହି ଦିବ୍ୟ ପରମ ସତ୍ୟଟିର ଆବିଷ୍କାର କରିବା, ଆମ ଭିତରେ ବିରାଜିତ ସେହି ପରିପୂର୍ଣ୍ଣ ଓ ଆଦର୍ଶ ପରମ ବ୍ୟକ୍ତିପୁରୁଷଙ୍କର ପରିଚୟ ଲାଭ କରିବା ଓ ତାହାର ଛାଞ୍ଚଟି ଅନୁସାରେ ଆମର ଏହି ମନୁଷ୍ୟଜୀବନକୁ ମଧ୍ୟ ଅନୁରୂପ କରି ଗଢ଼ିବା । ମାତ୍ର ଯଦି ଏହାହିଁ ସତ୍ୟ ହୋଇଥାଏ, ତେବେ ମନୁଷ୍ୟର ସନ୍ଦୀପ୍ତ ବୁଦ୍ଧିର ବିସ୍ତରଣା ଦ୍ୱାରା ପରିକଳ୍ପିତ ହୋଇ ଏବଂ ଏକ ବନ୍ଧନମୁକ୍ତ ସମାଜର ମନସ୍ୱୀ ବ୍ୟକ୍ତିମାନଙ୍କର ପ୍ରଦର୍ଶିତ ପଥରେ ଏକ ସର୍ବାଙ୍ଗୀନ ଦାର୍ଶନିକ, ସୌନ୍ଦର୍ଯ୍ୟାଭିଳାଷୀ, ନୀତିକୁଶଳ ଓ ଭୌତିକ ସଂସ୍କୃତିର ଅନୁଶୀଳନ କରିବାର ହେଲେନିକ୍ ଆଦର୍ଶଟିକୁ ଆମେ ସାମାଜିକ ବିକାଶର ସର୍ବୋଚ୍ଚ କିମ୍ବା ସର୍ବବୃହତ୍ ଉଦ୍ଦେଶ୍ୟ ବୋଲି କଦାପି କହିପାରିବା ନାହିଁ ; ଅଥବା ନାନା ପାରଙ୍ଗମତା ଦ୍ୱାରା ପରିପୂର୍ଣ୍ଣ ଏକ ସଂସ୍କୃତିକୁ ସମ୍ଭବ କରିବାର ଆଧୁନିକ ଆଦର୍ଶଟି, ଯେଉଁଥିରେ କି ମନୁଷ୍ୟଜାତିର ସାମୂହିକ ବୁଦ୍ଧି ତଥା ସଂଗଠିତ ଜ୍ଞାନ ଦ୍ୱାରା ଅନୁଶାସିତ ହୋଇ ରହିଥିବା ଅର୍ଥନୀତିପ୍ରଧାନ ଏକ ସଫଳ ସଭ୍ୟତା ହିଁ ଧ୍ୟେୟ ହୋଇ ରହିଛି, ସେଇଟିକୁ ମଧ୍ୟ ଆମେ ଆମର ସର୍ବପ୍ରଧାନ ଲକ୍ଷ୍ୟ ରୂପେ ଗ୍ରହଣ କରିପାରିବା ନାହିଁ ।

ଏକ ସୁସ୍ଥ ଓ ସମନ୍ୱିତାଯୁକ୍ତ ଦେହ ଭିତରେ ଏକ ସୁସ୍ଥ ଓ ସମନ୍ୱିତାଯୁକ୍ତ ମନ ;—ଏହି ପ୍ରାଚୀନ ଲାଟିନ୍ ପ୍ରବାଦଟିରେ ମୋଟାମୋଟି ଭାବରେ ଯାହା କହିବାକୁ ଚେଷ୍ଟା କରାଯାଇଛି, ହେଲେନିକ୍ ସଭ୍ୟତାରେ ତାହାହିଁ ଆଦର୍ଶ ହୋଇ ରହିଥିଲା । ଏବଂ ଏକ ସୁସ୍ଥ ଓ ସମନ୍ୱିତାଯୁକ୍ତ ଦେହ କହିଲେ ସେହି ପ୍ରାଚୀନମାନେ ଏକ ସ୍ୱାସ୍ଥ୍ୟଯୁକ୍ତ ସୁନ୍ଦର ଶରୀରକୁ ବୁଝୁଥିଲେ ଯାହାକି ଜୀବନର ବୁଦ୍ଧିସମ୍ପନ୍ନ ଉପଯୋଗ ତଥା ଉପଭୋଗ ସକାଶେ ଉତ୍ତମରୂପେ ଅନୁକୂଳିତ ହୋଇ ରହିପାରିବ । ଏବଂ ସୁସ୍ଥ ସମନ୍ୱିତାଯୁକ୍ତ ମନ କହିଲେ ସେମାନେ ଏକ ନିର୍ମଳ ଓ ଭାରସାମ୍ୟଯୁକ୍ତ ବୁଦ୍ଧିଗତ ସାମର୍ଥ୍ୟକୁ ବୁଝୁଥିଲେ, ଏକ ସନ୍ଦୀପିତ ଓ ସୁପ୍ରଶିକ୍ଷିତ ମନଶ୍ଚାରଣାକୁ ବୁଝୁଥିଲେ । ଶିକ୍ଷାର ଆଧୁନିକ ଅର୍ଥରେ ନୁହେଁ, ମାତ୍ର ସେହି ପ୍ରାଚୀନ ଅର୍ଥରେ ଉପଯୁକ୍ତଭାବରେ ସକଳ ତାଲିମ ଲାଭ କରିଥିବା ଏହି ମନଟିକୁ ଉପଲବ୍ଧ ସକଳ ଜ୍ଞାନତଥ୍ୟ ତଥା ବିଚାର ଦ୍ୱାରା ଭର୍ତ୍ତି କରି ରଖାଯିବ ନାହିଁ, ବିଜ୍ଞାନ ତଥା ବୁଦ୍ଧିଗତ ପ୍ରୟୋଜନୀୟତାର କୌଣସି ଛାଞ୍ଚରେ ଢାଳିଦିଆଯିବ ନାହିଁ ଏବଂ ଏହିପରି ଭାବରେ ସାମାଜିକ ଓ ନାଗରିକ ଆବଶ୍ୟକତା ତଥା କର୍ତ୍ତବ୍ୟଗୁଡ଼ିକର ସୁଦକ୍ଷ ପରିପୂରଣ ଓ ପରିପାଳନ ନିମନ୍ତେ କିମ୍ବା ଧନ୍ଦା ପରି କିଛି ଗ୍ରହଣ କରିନେବାକୁ ବା ପଣ୍ଡିତ ହୋଇ କେବଳ ସେହିଗୁଡ଼ିକର ଅନୁଧାବନ କରିବାରେ ତାହାକୁ ପ୍ରସ୍ତୁତ କରି ରଖାଯିବ ନାହିଁ ; ବରଂ ବୌଦ୍ଧିକ, ନୈତିକ ତଥା ସୌନ୍ଦର୍ଯ୍ୟବୋଧଗତ ଆପଣାର ମନୁଷ୍ୟସୁଲଭ ଯାବତୀୟ ସାମର୍ଥ୍ୟରେ ସେହି ମନକୁ କର୍ଷିତ କରାଯିବ, ସେଗୁଡ଼ିକୁ ଉଚିତ ଭାବରେ ବ୍ୟବହାର କରିବା ଉଦ୍ଦେଶ୍ୟରେ ତାକୁ ତାଲିମ ଦିଆଯିବ ଏବଂ ଦର୍ଶନ, ବିଜ୍ଞାନ, କଳା,

'oaob.nitrkl.ac.in' images reprocessed

ରାଜନୀତି ଓ ସାମାଜିକ ଜୀବନର ଯାବତୀୟ ପ୍ରଶ୍ନ ତଥା ବ୍ୟାବହାରିକ ପ୍ରସଙ୍ଗରେ ସ୍ୱାଧୀନ, ସ୍ୱଚ୍ଛନ୍ଦ ତଥା ବୁଦ୍ଧିଯୁକ୍ତ ଭାବରେ ବିଚରଣ କରିପାରିବାକୁ ତା'ର ଉପଯୁକ୍ତ ଯୋଗ୍ୟତା ରହିଥିବ । ପ୍ରାଚୀନ ସେହି ଗ୍ରୀକ୍ ମନକୁ ଆମେ ଏକ ଦର୍ଶନାନୁରାଗୀ, ସୌନ୍ଦର୍ଯ୍ୟବୋଧୀ ଓ ରାଜନୀତିଗତ ମନ ବୋଲି କହିପାରିବା ; ସେ ଦୃଷ୍ଟିରୁ ଆମର ଆଧୁନିକ ମନଟିକୁ ବୈଜ୍ଞାନିକ, ଅର୍ଥନୀତିଗତ ତଥା ପ୍ରୟୋଜନବାଦୀ ମନ ବୋଲି କୁହାଯିବ । ପ୍ରାଚୀନ ଆଦର୍ଶଟି ଏକ ସୁସ୍ଥ ସର୍ବାଙ୍ଗୀନତା ଏବଂ ସୌନ୍ଦର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ଦେଉଥିଲା ଏବଂ ଏକ କମନୀୟତାଯୁକ୍ତ ଓ ବୁଦ୍ଧିପରିଚାଳିତ ମନୁଷ୍ୟଜୀବନର ଗଠନଲାଗି ଆକାଙ୍‌କ୍ଷା ରଖିଥିଲା । ଆମ ଆଧୁନିକ ଆଦର୍ଶ ସୌନ୍ଦର୍ଯ୍ୟକୁ କମ୍ ମହତ୍ତ୍ୱପୂର୍ଣ୍ଣ ବୋଲି ମାନୁଛି, ହୁଏତ ଆଦୌ ମହତ୍ତ୍ୱପୂର୍ଣ୍ଣ ବୋଲି ମାନୁନାହିଁ ; ଏବଂ ତାହା ଅପେକ୍ଷା ବୁଦ୍ଧିଗତ ଓ ବ୍ୟାବହାରିକ ସମ୍ପନ୍ନତାକୁ, ଉପଯୋଗୀ ଓ ଫଳପ୍ରଦ ଅନୁକୂଳନକୁ ଓ ବିଶୁଦ୍ଧ ଯାନ୍ତ୍ରିକତାକୁ ହିଁ ଅଧିକ କାମ୍ୟ ବୋଲି ଗ୍ରହଣ କରୁଛି ଏବଂ ଏକ ସୁସଂଗଠିତ, ସୁଅବଂଟିତ, ସୁଦକ୍ଷ ମନୁଷ୍ୟଜୀବନର ଗଠନଲାଗିହିଁ ଆକାଙ୍‌କ୍ଷା ରଖିଛି । ମଣିଷ ହେଉଛି ଅଂଶତଃ ମନୋଗତ ଓ ଅଂଶତଃ ଜଡ଼ସ୍ଥ; ଏକ ମନୋମୟତା ଦ୍ୱାରା ଉତ୍କଣ୍ଠା ହୋଇ ରହିଥିବା ଭୌତିକ ଜୀବନ ହେଉଛି ମନୁଷ୍ୟର କ୍ଷେତ୍ର, ବୁଦ୍ଧି ହେଉଛି ତା'ର ସର୍ବଶେଷ ଭୂଷଣ ଏବଂ ବୁଦ୍ଧିସମ୍ପନ୍ନତା ହେଉଛି ତା'ର ସର୍ବୋତ୍ତମ ସମ୍ଭାବନା,— ଏହି ସତ୍ୟଟିକୁ ଦୁଇଟିଯାକ ଆଦର୍ଶ ଆପଣାର ବୋଲି ଗ୍ରହଣ କରିନେଇଛନ୍ତି । ମାତ୍ର ଏକ ଆତ୍ମପ୍ରଧାନ ଯୁଗର ସବୁଠାରୁ ଅଧିକ ମହତ୍ତ୍ୱାକାଙ୍‌କ୍ଷା ରଖିଥିବା ପ୍ରବୃତ୍ତିଗୁଡ଼ିକ ଆମ ଆଗରେ ଯେଉଁ ନୂତନ ଦିଗନ୍ତଗୁଡ଼ିକର ଉନ୍ମୋଚନ କରିଦେଇଛନ୍ତି, ଶେଷଯାଏ ତାହାର ଅନୁସରଣ କରିପାରିଲେ ଆମେ ପଛକୁ ଫେରିଯାଇ ଅଧିକ ପୁରାତନ ଏପରି ଏକ ସତ୍ୟ ଏବଂ ଆଦର୍ଶ ପାଖରେ ଯାଇ ପହଞ୍ଚିବା, ଯାହାକି ଉଭୟ ହେଲେନିକ୍ ତଥା ଆଧୁନିକ ସଭ୍ୟତାସ୍ତରଠାରୁ ଆହୁରି ଉପରେ ଅବସ୍ଥିତ ହୋଇ ରହିଛି । କାରଣ ଯେତେବେଳେ ଆମେ ଏହି ସତ୍ୟଟିର ପରିଚୟ ଲାଭ କରିବା ଯେ, ମନୁଷ୍ୟ ହେଉଚି ଏକ ଚିଦ୍‌ଗତତା, ଯାହାକି ଆପଣାକୁ ସତତ ବିକଶିତ କରିବାରେ ଲାଗିଛି, ଏହି ଜଗତରେ ସେ ମନ ପ୍ରାଣ ଓ ଶରୀରର ନାନା ସମ୍ଭାବ୍ୟ ରୂପର ଆବିଷ୍କାର କରି ବାହାରିଛି ଓ ସେହିଗୁଡ଼ିକ ମଧ୍ୟରେ ଆପଣାକୁ ପରିପୂର୍ଣ୍ଣ କରିବାଲାଗି ଉଦ୍ୟମ କରୁଛି । ଏବଂ ସେହି ପରିଚୟ ସହିତ ଆମେ ଆମର ସମ୍ମୁଖରେ ଏକ ପରିଶୁଦ୍ଧ ତଥା ପରିପୂର୍ଣ୍ଣ ମନ ଓ ଶରୀରକୁ ଆଧାର କରି ପ୍ରତିଷ୍ଠିତ ରହିଥିବା ଏକ ଗଭୀର-ସଚେତନ, ଆତ୍ମେଶ୍ୱର, ଆତ୍ମସ୍ଥ ଓ ଆତ୍ମଭୂ ଆତ୍ମାର ସେହି ମହତ୍ତର ଆଦର୍ଶଟିକୁ ଆଲୋକଦୀପ୍ତ ହୋଇ ଅଭିବୃଦ୍ଧି ଲାଭ କରୁଥିବାର ପ୍ରତ୍ୟକ୍ଷ କରିପାରିବା । ସେହି ସ୍ଥିତିରେ ତାହା ଯେଉଁ ପ୍ରଶସ୍ତତର କ୍ଷେତ୍ରଟିର ଅନୁସନ୍ଧାନ କରିବ, ତାହା କେବଳ ମନୁଷ୍ୟର ପ୍ରଥମ ଯାତ୍ରାପୁଞ୍ଜି ସ୍ୱରୂପ ସେହି ମନୋମୟ ଭଙ୍ଗରେ ଉତ୍କଣ୍ଠା ହୋଇଥିବା ଏକ ଜଡ଼ଗତ ଜୀବନ ମଧ୍ୟରେ ହିଁ ପର୍ଯ୍ୟବସିତ ହୋଇ ରହିବ ନାହିଁ, ମାତ୍ର ଅନ୍ତର୍ଗତ ତଥା ବହିଃସ୍ଥ ଉଭୟ ଭୂମିରେ ତାହା ଏକ ନୂତନ ଆଧ୍ୟାତ୍ମିକତା-ପ୍ରେରିତ

'oaob.nitrkl.ac.in' images reprocessed

ଜୀବନରୂପେ ପ୍ରତିଷ୍ଠିତ ହୋଇଉଠିବ, ଯାହାର ପରିମାଣସ୍ୱରୂପ ଏକ ପରିପୂର୍ଣ୍ଣ ବାହ୍ୟରଙ୍ଗ ଜୀବନଯାପନର କ୍ଷେତ୍ର ଉପରେ ସେହି ପରିପୂର୍ଣ୍ଣ ଅନ୍ତରଙ୍ଗ ଜୀବନଟି ଅଧିଷ୍ଠିତ ହୋଇ ରହିବ । ଏକ ପରିପୂର୍ଣ୍ଣ ସଂସ୍କୃତିମୟ ଜୀବନ ଓ ଏକ ବୁଦ୍ଧି ପରିଚାଳିତ ସମାଜର ଉପଲବ୍ଧି ଲାଗି ମନୁଷ୍ୟ ଦୀର୍ଘକାଳ ଧରି କେତେ ବୁଦ୍ଧିମତ୍ତାର ସହିତ ଯେଉଁ ଯାବତୀୟ ଉଦ୍ୟମ କରିଆସିଛି, ତାହାର ସୀମାତିକ୍ରମ କରି ସେତେବେଳେ ଆମ ଆଗରେ ସେହି ପ୍ରାଚୀନ ଧର୍ମଗତ ତଥା ଆଧ୍ୟାତ୍ମିକ ଆଦର୍ଶଟି ଉନ୍ମୋଚିତ ହୋଇଯିବ, ଆମରି ଭିତରେ ସେହି ସ୍ୱର୍ଗରାଜ୍ୟ-ସ୍ଥାପନାର ଆଶାଟି ଅଙ୍କୁରିତ ହୋଇଉଠିବ ଏବଂ ଏହି ପୃଥିବୀ ଉପରେ ସେହି ଈଶ୍ୱରୀୟ ସାମ୍ରାଜ୍ୟଟିର ପ୍ରତିଷ୍ଠା ହେବ ।

ମାତ୍ର ଯଦି ଆତ୍ମା ହିଁ ଯଥାର୍ଥ ଅଧିପତିରୂପେ ସ୍ୱୀକୃତ ହୁଏ ଏବଂ ଏହାର ଆଧ୍ୟାତ୍ମିକ ଆତ୍ମଆବିଷ୍କାର ତଥା ପରମ ଚିଦ୍‌ଗତତାର ସାମର୍ଥ୍ୟ ଦ୍ୱାରା ଏହାର କ୍ରମବର୍ଦ୍ଧମାନ ବୃହତ୍ତମ, ବ୍ୟାପକତମ ଓ ସମଗ୍ର ପରିପୂର୍ଣ୍ଣତା-ସାଧନକୁ ହିଁ ଯଦି ଆମ ବିବର୍ତ୍ତନଟିର ଚରମ ରହସ୍ୟସତ୍ୟ ରୂପେ ଗ୍ରହଣ କରିନିଆଯାଏ, ତେବେ ମନୁଷ୍ୟବୁଦ୍ଧିର ନିମ୍ନ ସ୍ତରରେ ଅବସ୍ଥିତ ତା'ର ସହଜାତ ପ୍ରବୃତ୍ତିଗତ ସତ୍ତାଟି ନିଶ୍ଚିତଭାବରେ ସେହି ଉଚ୍ଚାଦର୍ଶର ଉପଲବ୍ଧି ଲାଗି ଉଦ୍ଦିଷ୍ଟ ଏକ ସାଧନ ହୋଇ ନ ଥିବାରୁ ଏବଂ ସ୍ୱୟଂ ବୁଦ୍ଧିଟି ମଧ୍ୟ ଯେ ଯଥେଷ୍ଟ ସାମର୍ଥ୍ୟଯୁକ୍ତ ଆଲୋକ କିମ୍ବା ଶକ୍ତି ନୁହେଁ, ଆମେ ସେହି କଥାଟିର ପରିଚୟ ପାଇଥିବାରୁ ଏହି କ୍ଷେତ୍ରରେ ସ୍ୱକୀୟ ଅନୁରୂପ ସାମର୍ଥ୍ୟଯୁକ୍ତ ସତ୍ତାଗତ ଏକ ଊର୍ଦ୍ଧ୍ୱତର ସୋପାନ ଅବଶ୍ୟ ଅବସ୍ଥିତ ରହିଥିବ, କେବଳ ଯାହାଦ୍ୱାରା ହିଁ ମନୁଷ୍ୟ ଲାଗି ଏକ ସମ୍ପୂର୍ଣ୍ଣ ଚେତନାମୟ ଆତ୍ମପରିପୂର୍ଣ୍ଣତା ସମ୍ଭବ ହୋଇପାରିବ । ସେହି ସୋପାନଟିରେ ଆତ୍ମାର ପୂର୍ଣ୍ଣମୁକ୍ତ ଯାବତୀୟ ସାମର୍ଥ୍ୟ ମହଜୁଦ ରହିଥିବ, କେବଳ ତର୍କବୁଦ୍ଧି ଓ ତାହାର ସହିତ ଯୁକ୍ତ ହୋଇ ରହିଥିବା ଏକ ଇଚ୍ଛାଠାରୁ ଅଧିକ ଉଚ୍ଚ ଏକ ଆଧ୍ୟାତ୍ମିକ ଇଚ୍ଛା ଓ ଆଧ୍ୟାତ୍ମିକ ଜ୍ଞାନ ପ୍ରେରକଶକ୍ତି ହୋଇ ରହିଥିବ । ଆମକୁ ସ୍ମରଣ ରଖିବାକୁ ପଡ଼ିବ ଯେ, ଆତ୍ମପରିପୂର୍ଣ୍ଣତାର ଉଦ୍ଦେଶ୍ୟ କହିଲେ ସର୍ବଦା କେବଳ ଆମ ଭିତରେ ନିହିତ ହୋଇ ରହିଥିବା ପରମ ଆଧ୍ୟାତ୍ମିକ ଦିବ୍ୟତାର ସମଗ୍ର ଭାବରେ ବିକଶିତ ହୋଇଉଠିବାକୁ ହିଁ ବୁଝାଇବ ; ବ୍ୟକ୍ତିର ଆତ୍ମା ତଥା ସମୂହର ଜୀବନକ୍ଷେତ୍ରରେ ଯେଉଁ ଦିବ୍ୟ ସମ୍ଭାବନାଟି ପ୍ରଚ୍ଛନ୍ନ ହୋଇ ରହିଛି, ତାହାରି ପରିପୂର୍ଣ୍ଣ ବିବର୍ତ୍ତନକୁ ହିଁ ବୁଝାଇବ । ତା' ନ ହେଲେ ବ୍ୟକ୍ତିଗତ ତଥା ସାମାଜିକ ଜୀବନର କେବଳ ଏକ ପୁରାତନ ଧାରଣା ପାଖକୁ ପୁଣି ଲେଉଟିଆସିବା ହିଁ ସାର ହେବ, ଯାହା ଭିତରେ ତାହାର ଏକ ସ୍ୱକୀୟ ମହାନତା ଅବଶ୍ୟ ରହିଥିଲା ସତ, ମାତ୍ର ଯାହା ଆମର ପରିପୂର୍ଣ୍ଣତା ଲାଗି ଆଦୌ ସକଳ ପରିସର ଯୋଗାଇ ପାରୁ ନ ଥିଲା । ସେହି ଧାରଣାଟି ଏକ ଆଧ୍ୟାତ୍ମିକ ସଂସ୍କାର ଭିତରେ ଜୁଆ ହୋଇ ରହିଥିବା ଏକ ଜାତିମୂଳ ସମାଜର ଧାରଣା ହୋଇ ରହିଥିଲା । ପ୍ରତ୍ୟେକ ମନୁଷ୍ୟ ତା'ର ଏକ ସ୍ୱକୀୟ ସ୍ୱଭାବ ନେଇ ଏଠାରେ ଜନ୍ମ ହୋଇଛି ଏବଂ ତାହା ଦିବ୍ୟ ସ୍ୱଭାବର କେବଳ ଗୋଟିଏ

'oaob.nitrkl.ac.in' images reprocessed

ଉପାଦାନର ପରିଣତିସ୍ୱରୂପ ହୋଇ ରହିଛି, ଏହିଭଳି ଏକ ଅନୁମାନ ଉପରେ ସେହି ଧାରଣାଟି ପ୍ରତିଷ୍ଠିତ ରହିଥିଲା । ତେଣୁ ପ୍ରତ୍ୟେକ ମନୁଷ୍ୟବ୍ୟକ୍ତିର ଚରିତ୍ର, ତା'ର ନୈତିକ ଆଦର୍ଶ, ତା'ର ଶିକ୍ଷଣ, ସମାଜ ଭିତରେ ତା'ର ବୃତ୍ତି ତଥା ତା'ର ଆଧ୍ୟାତ୍ମିକ ସମ୍ଭାବନା,—ଏସବୁର ରୂପାୟନ ବା ବିକାଶ କେବଳ ତା'ର ସେହି ବିଶେଷ ଉପାଦାନଟିର ପରିସରସୀମା ଭିତରେ ହିଁ କରାଇବାକୁ ପଡ଼ିବ ; ଏବଂ ଏହି ଜୀବନରେ ସେ ଯେଉଁ ପରିପୂର୍ଣ୍ଣତାର ଆକାଙ୍‌କ୍ଷା ରଖିଛି, ସେଇଟି ମଧ୍ୟ କେବଳ ତା'ର ଆପଣାର ଏହି ବିଧାନଟିର ଅନୁରୂପ ହୋଇ ଆପଣାକୁ ଚରିତାର୍ଥ କରିବ । ପ୍ରାଚୀନ ଭାରତୀୟ ସଂସ୍କୃତିର ସିଦ୍ଧାନ୍ତଟି ଠିକ୍ ଏହି ଅନୁମାନଟି ଉପରେ ଆପଣାକୁ କାର୍ଯ୍ୟକାରୀ କରି ରଖିଥିଲା । ଅବଶ୍ୟ ଏକଥା ସତ ଯେ ମନୁଷ୍ୟର ବ୍ୟାବହାରିକ କ୍ଷେତ୍ରରେ ସାଧାରଣତଃ ଯାହା ହୋଇଥାଏ, ଏଇଟିର ବ୍ୟାବହାରିକ ଅନୁଶୀଳନଟି ମଧ୍ୟ ସବୁବେଳେ ସିଦ୍ଧାନ୍ତଟିର ଅନୁରୂପ ହୋଇପାରୁ ନ ଥିଲା । ସମାଜସ୍ଥ ମନୁଷ୍ୟବ୍ୟକ୍ତିକୁ ତାହା ଏକ ଚତୁର୍ବିଧ ବ୍ୟବସ୍ଥାରେ ବାଣ୍ଟିଦେଇଥିଲା ; ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହିପରି ଚାରିଟି ଭାଗରେ ବିଭକ୍ତ କରିଦେଇଥିଲା । ଏହି ବ୍ୟବସ୍ଥାଟିକୁ ଆମେ ଏକାଧାରରେ ଏକ ଆଧ୍ୟାତ୍ମିକ, ମନୋଭୂମିଗତ, ନୈତିକ ତଥା ଆର୍ଥିକ ବ୍ୟବସ୍ଥା ବୋଲି କହିପାରିବା; ଏବଂ କାର୍ଯ୍ୟତଃ ଉକ୍ତ ଚାରୋଟି ଭାଗରେ ଆଧ୍ୟାତ୍ମିକ ତଥା ବୁଦ୍ଧିସମର୍ପିତ ମନୁଷ୍ୟ, ଇଚ୍ଛାପ୍ରଧାନ ଗତିଧର୍ମୀ ମନୁଷ୍ୟ, ସୁଖକାମୀ ଆର୍ଥିକ ମନୁଷ୍ୟ ଏବଂ ବସ୍ତୁପ୍ରାଣୀୟ ମନୁଷ୍ୟ,—ଏହିପରି ଚାରୋଟି ଶ୍ରେଣୀର ନିର୍ଦ୍ଧାରଣ କରିଦିଆଯାଇଥିଲା । ଏବଂ ଏହି ଚାରୋଟି ଶ୍ରେଣୀକୁ ନେଇ ଯେଉଁ ସମୁଦାୟ ସମାଜଟିର ସଂଗଠନ କରାଯାଇଥିଲା, ତାହା ସେହି ସୃଜନଶୀଳ ଓ ସକ୍ରିୟ ସମଗ୍ର ଦେବତ୍ୱରୂପଟିର ହିଁ ପ୍ରତିନିଧିତ୍ୱ କରୁଥିଲା ।

କୌଣସି ଜାତିମୂଳ ସମାଜକୁ ଅନ୍ୟ ଏକ ପ୍ରକାରରେ ମଧ୍ୟ ବେଶ୍ ବିଭାଜିତ କରାଯାଇପାରେ । ମାତ୍ର ସେହି ବ୍ୟବସ୍ଥାପନ ବା ବିଭାଜନ ଯେପରି ହୋଇଥାଉ ପଛକେ, ଜାତିମୂଳ ସମାଜବିଧିଟିକୁ ଆମେ କଦାପି ଏକ ଆଦର୍ଶ ମନୁଷ୍ୟସମାଜର ମୂଳଦୁଆରୂପେ ଗ୍ରହଣ କରିପାରିବା ନାହିଁ । ଏପରିକି ଭାରତୀୟ ସିଦ୍ଧାନ୍ତଟିର ଅନୁସାରେ ମଧ୍ୟ ଜାତିମୂଳ ବିଧିଟିକୁ ମନୁଷ୍ୟର ସର୍ବୋଚ୍ଚ ସିଦ୍ଧି ତଥା ଉପଲବ୍ଧିର ଯୁଗର ବିଧି ବୋଲି ଗ୍ରହଣ କରାଯାଏ ନାହିଁ, କିମ୍ବା ତା'ର ନିମ୍ନତମ ସମ୍ଭାବନାର ଯୁଗଗୁଡ଼ିକର ଅନୁସୃତ ବିଧି ବୋଲି ଗ୍ରହଣ କରାଯାଏ ନାହିଁ । ଏଇଟି ତା'ର କୃତ ବା ସତ୍ୟଯୁଗର ସିଦ୍ଧାନ୍ତ ନୁହେଁ ଅଥବା କଳିଯୁଗର ବି ସିଦ୍ଧାନ୍ତ ନୁହେଁ ; ଯେଉଁ ସତ୍ୟଯୁଗରେ ସେ ଆପଣା ଦିବ୍ୟ ସମ୍ଭାବନାଟିର କୌଣସି ମହାନ୍ ଓ ଗଭୀର ଉପଲବ୍ଧି ଅନୁସାରେ ନିଜର ଜୀବନକୁ ପରିଚାଳିତ କରୁଥାଏ ଓ ଯେଉଁ କଳିଯୁଗରେ ସେ ସ୍ଖଳିତ ହୋଇ କେବଳ ସହଜାତ ପ୍ରବୃତ୍ତି, ଆବେଗ ଓ କାମନାମୟ ଏକ ଜୀବନରେ ଆସି ଅବଶେଷ ରହିଯାଏ ଏବଂ ସେତେବେଳେ ତା'ର ବୁଦ୍ଧିଗତ ସକଳ ସାମର୍ଥ୍ୟ ନିମ୍ନକୁ ଆସି କେବଳ ତା'ର

'oaob.nitrkl.ac.in' images reprocessed

ଏହି ନିମ୍ନତର ଜୀବନଟିର ହିଁ କିଙ୍କର ହୋଇ ରହିଥାନ୍ତି । ଶାସ୍ତ୍ରଗୁଡ଼ିକ ଦ୍ୱାରା ଦୃଢ଼ଭାବରେ ବନ୍ଧା ହୋଇ ରହିଥିବା ଏହି ସାମାଜିକ ବ୍ୟବସ୍ଥାଟିକୁ ଆମେ ଏହି ବିବର୍ତ୍ତନ ବୃତ୍ତରେ ବରଂ ମଧ୍ୟବର୍ତ୍ତୀ ଯୁଗପର୍ଯ୍ୟାୟଗୁଡ଼ିକର ଉପଯୋଗୀ ଏକ ସିଦ୍ଧାନ୍ତ ବୋଲି କହିପାରିବା, ଯେତେବେଳେ କି ସମାଜର ମନୁଷ୍ୟ ତା'ର ଯଥାର୍ଥ ଧର୍ମର ଏକ ଅପୂର୍ଣ୍ଣ ରୂପକୁ ଯେକୌଣସିମତେ ବଞ୍ଚାଇ ରଖିବାକୁ ଚେଷ୍ଟା କରୁଥାଏ ; ଆପଣାର ଇଚ୍ଛାଶକ୍ତି ଏବଂ ତରବଶକ୍ତି ଦ୍ୱାରା ସ୍ୱେଚ୍ଛାପୂର୍ବରେ ସେ ତାହା କରୁଥାଏ ଓ ବିଧାନ, ବ୍ୟବସ୍ଥାପନ ତଥା କୌଣସି ନିର୍ଦ୍ଦିଷ୍ଟ ପରମ୍ପରା ଦ୍ୱାରା ଦ୍ୱାପରଯୁଗରେ * ସେହି ଚେଷ୍ଟାଟି କରିବାରେ ଲାଗିଥାଏ । କୌଣସି ଶାସ୍ତ୍ରର ବୋଲି ମାନି ଅଥବା ତାହାର ପ୍ରତିନିଧିତ୍ୱ କରି ଠିଆ ହୋଇଥିବା ମନୁଷ୍ୟ କଦାପି ସମଗ୍ର ମନୁଷ୍ୟ ନୁହେଁ ; କାରଣ ଶାସ୍ତ୍ର ସହିତ ଖାପ ଖାଇ ଗଢ଼ାହେଲାବେଳେ ମନୁଷ୍ୟ ଆପଣାର ସର୍ବସ୍ୱ ପ୍ରକୃତିର କେବଳ ସାଧାରଣ ଭାବରେ ପ୍ରାଧାନ୍ୟ ବିସ୍ତାର କରି ରହିଥିବା ଅଂଶଟିକୁ ହିଁ ଦୃଢ଼ନିବଦ୍ଧ କରି ରଖିଥାଏ ଓ ତାହାର ଉପରେ ହିଁ ସର୍ବାଧିକ ଗୁରୁତ୍ୱ ଦେଉଥାଏ । ମାତ୍ର ପ୍ରତ୍ୟେକ ମନୁଷ୍ୟବ୍ୟକ୍ତି ନିଜ ଭିତରେ ସମୁଦାୟ ଦିବ୍ୟ ସମ୍ଭାବନାଟିକୁ ମଧ୍ୟ ଧାରଣ କରି ରହିଛି ଏବଂ ସେହି କାରଣରୁ ଆମେ ଶୂଦ୍ରକୁ ତା'ର ଶୂଦ୍ରତ୍ୱ ମଧ୍ୟରେ ହିଁ କଦାପି ଗୋଷ୍ଠାମୁଣ୍ଡା ବାଡ଼ ଦେଇ ରଖିପାରିବା ନାହିଁ । ମାତ୍ର ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଏକ ଦିବ୍ୟ ମାନବତ୍ୱର ସ୍ୱକୀୟ ଅନ୍ୟ ଉପାଦାନ-ଗୁଡ଼ିକୁ ମଧ୍ୟ ପରିପୂର୍ଣ୍ଣ କରିବାର ଯାବତୀୟ ସମ୍ଭାବନା ତଥା ଆବଶ୍ୟକତା ଅବଶ୍ୟ ନିହିତ ହୋଇ ରହିଛି । କଳିଯୁଗରେ ଏହି ସମ୍ଭାବନାଗୁଡ଼ିକ ହୁଏତ ଏକ ସ୍ଥୂଳ ଓ ଅଶୋଧିତ ଅବ୍ୟବସ୍ଥା ଭିତରେ ରହି କାର୍ଯ୍ୟ କରୁଛନ୍ତି ; ଏକ ନୂତନ ବ୍ୟବସ୍ଥା ଗଢ଼ିବା ସକାଶେ ଆମେ ପ୍ରାୟ ଅନ୍ଧ ଓ ଅନିଶ୍ଚିତ ଭାବରେ ଯେଉଁ ପ୍ରୟାସ କରିବାରେ ଲାଗିଛୁ, ତାହାକୁ ହିଁ ଆଚ୍ଛାଦନ ଦେଇ ରଖିଥିବା ଆମ ସତ୍ତ୍ୱଗତ ଏକ ଅରାଜକତା ମଧ୍ୟରେ ହୁଏତ ସେମାନେ କାର୍ଯ୍ୟ କରୁଛନ୍ତି । ମଧ୍ୟବର୍ତ୍ତୀ ଯୁଗମାନଙ୍କରେ ଶୃଙ୍ଖଳା ଓ ବ୍ୟବସ୍ଥିତତାର ସିଦ୍ଧାନ୍ତଟି ହୁଏତ କୌଣସି ଏକ ସୀମାବଦ୍ଧ ପରିପୂର୍ଣ୍ଣତା ମଧ୍ୟରେ ବେଶ୍ ଆଶ୍ରୟ ଗ୍ରହଣ କରିପାରନ୍ତି, କେତୋଟି ଅନ୍ୟ ଉପାଦାନକୁ ପରିପୂର୍ଣ୍ଣ କରି ଗଢ଼ିବାର ଅଭିପ୍ରାୟରେ ହୁଏତ କେତୋଟି ଉପାଦାନକୁ ଦବାଇକରି ରଖିଦେଇପାରନ୍ତି । ମାତ୍ର ସତ୍ୟଯୁଗରେ ବିଧାନ ହେଉଛି ଯେ ଏଥିରେ ଏକ ସ୍ୱତଃସ୍ଫୂର୍ତ୍ତ ଓ ଆତ୍ମ-ଅବଲମ୍ବିତ ଆଧ୍ୟାତ୍ମିକ ସମତା ମଧ୍ୟରେ ହିଁ ଆମର ସତ୍ତ୍ୱଗତ ସମୁଦାୟ ସତ୍ତାଟିର ଏକ ବୃହତ୍ତର ବିକାଶ ସାଧିତ ହେବ । ଏବଂ ଆପଣାର କ୍ରମପ୍ରସାରିତ ଆବର୍ତ୍ତନ ମଧ୍ୟଦେଇ ଗତି କରିବା ସଙ୍ଗେ ସଙ୍ଗେ

* ତେଣୁ ବୁଝାଯାଇଥାଏ ଯେ, ବିଷ୍ଣୁ ହେଉଛନ୍ତି ତ୍ରେତାର ଅଧିପତି ; ମାତ୍ର ଦ୍ୱାପରଯୁଗରେ ଜ୍ଞାନ ଓ ବିଧାନଗୁଡ଼ିକୁ ଏକାଠି ସଜାଇ ଓ ସଂଯୋଜିତ କରି ତାହାକୁ ଏକ ସୂତ୍ରାବଳୀର ରୂପ ଦେଉଥିବା ବ୍ୟକ୍ତି ହେଉଛନ୍ତି ଯଥାର୍ଥ ଅଧିପତି ।

'oaob.nitrkl.ac.in' images reprocessed

ଆମର ଏହି ମାନସୀୟ ସାମର୍ଥ୍ୟ ଯେଉଁ ମାତ୍ରାରେ ସମର୍ଥ ହେବାରେ ଲାଗିଥିବ, ସେହି ମାତ୍ରା ବା ପରିମାଣରେ ଆମ ସତ୍ତାର ଆଧ୍ୟାତ୍ମିକ ଭୂମିଗୁଡ଼ିକର ବିବର୍ତ୍ତନ ଘଟାଇ ଏବଂ ସେହି ଭୂମିସମୂହର ଅନ୍ତର୍ଗତ ଆଲୋକ, ସାମର୍ଥ୍ୟ, ଜ୍ଞାନ ତଥା ଦ୍ରବ୍ୟ ସମର୍ଥତାଗୁଡ଼ିକୁ ଅନାବୃତ କରିଦେଇ ହିଁ ସେହି ବୃହତ୍ତର ବିକାଶଟି ସମ୍ଭବ ହୋଇପାରିବ ।

ଆମ ଜୀବନଗତ ଅନ୍ୟ ବୃତ୍ତିଗୁଡ଼ିକରେ ଅର୍ଥାତ୍ ଆମର ଏହି ବହୁମୁଖୀ ଜଟିଳ ଅସ୍ତିତ୍ୱଟିର ପୃଥକ୍‌ପଥଗାମୀ ତତ୍ତ୍ୱଗୁଡ଼ିକରେ ଆପଣାର ଚରମ ସମ୍ଭାବନାଯାଏ ବିକଶିତ ହେବାର ଯେଉଁ ପ୍ରବୃତ୍ତିଟି ରହିଛି, ଆମର ବୁଦ୍ଧି ସେଇଟି ପ୍ରତି କିଭଳି ଆଚରଣ କରୁଛି, ତାହାର ଉପରେ କିଞ୍ଚିତ୍ ଦୃଷ୍ଟିପାତ କଲେ ହୁଏତ ଆମେ ଏହି ଉଚ୍ଚତର ସତ୍ତା ତଥା ସେହି ଉଚ୍ଚତର ପ୍ରବୃତ୍ତିଗୁଡ଼ିକୁ ଅଧିକ ଭଲକରି ବୁଝିବାକୁ ସମର୍ଥ ହୋଇପାରିବା । ସେଗୁଡ଼ିକ ମଧ୍ୟରେ ଯେଉଁ ଅତିବୌଦ୍ଧିକ ତଥା ଅବବୌଦ୍ଧିକ ଉପାଦାନ ଦୁଇଟି ବୁଦ୍ଧିକୁ ଗୋଟିଏ ପ୍ରକାର ମଝିରେ ଥାପିରଖି ଦୁଇ ପାଖରେ ଦୁଇ ଚରମ ଉପାଦାନରୂପେ ଅବସ୍ଥିତ ରହିଛନ୍ତି, ଆମେ ବିଶେଷ କରି ସେହିଗୁଡ଼ିକ ପ୍ରତି ବୁଦ୍ଧିର ଆଚରଣଟିକୁ ଅଧ୍ୟୟନ କରି ଦେଖିବା । ଆଧ୍ୟାତ୍ମିକ ଅର୍ଥାତ୍ ଅତିବୌଦ୍ଧିକ ତତ୍ତ୍ୱଟି ଆପଣାର ଉଚ୍ଚତର ଶିଖରଦେଶଗୁଡ଼ିକରେ ସର୍ବଦା ସେହି ପରମ ନିର୍ବିଶେଷ ତତ୍ତ୍ୱଟି ଆଡ଼କୁ ହିଁ ଉନ୍ମୁଖ ହୋଇ ରହିଛି । ଆପଣାର ସମ୍ପ୍ରସାରିତ ଭୂମିରେ ତାହା ସେହି ଜ୍ୟୋତିର୍ମୟ ଅନନ୍ତତା ମଧ୍ୟରେ ହିଁ ଅବସ୍ଥାନ କରୁଛି ଏବଂ ଅନ୍ତ ଭିତରେ ହିଁ ଅନନ୍ତର ଉପଲବ୍ଧି କରିବା ଓ ସକଳ ବିଭାଜନ ତଥା ବିଭେଦ ମଧ୍ୟରେ ସେହି ଶାଶ୍ୱତ ଏକତ୍ୱଟିକୁ ଅନୁଭବ କରିବା ହିଁ ତାହାର ବିଶେଷ ସାମର୍ଥ୍ୟରୂପେ ଆପଣାକୁ ପ୍ରକଟ କରିଦେଇଛି । ଏହିପରି ଭାବରେ ଆମର ଆଧ୍ୟାତ୍ମିକ ବିବର୍ତ୍ତନଟି ଆପେକ୍ଷିକତାର ଚହଳ ମଧ୍ୟଦେଇ ନିର୍ବିଶେଷତା ଆଡ଼କୁ ଆରୋହଣ କରିଯାଇଛି, ଅନ୍ତବିଶିଷ୍ଟତାର ଗହନ ଦେଇ ଅନନ୍ତ ଆଡ଼କୁ ପଡ଼ିଛି, ସକଳ ବିଭାଜନର ଗହନ ମଧ୍ୟଦେଇ ପରମ ଏକତ୍ୱ ମଧ୍ୟକୁ ଲମ୍ବିକରି ରହିଛି । ଆପଣା ଆଧ୍ୟାତ୍ମିକ ଉପଲବ୍ଧିର ଭୂମିରେ ଉପନୀତ ହୋଇ ମନୁଷ୍ୟ କ୍ରମେ ଇହକ୍ଷେତ୍ରୀୟ ଯାବତୀୟ ଆପେକ୍ଷିକତା ମଧ୍ୟରେ ସେହି ଚରମ ନିର୍ବିଶେଷତାର ସନ୍ତୋଷଦାୟୀ ପ୍ରଗାଢ଼ତାଗୁଡ଼ିକୁ ଚିହ୍ନିବାକୁ ଓ ସେଗୁଡ଼ିକର ଅଧିକାର ଲାଭ କରିବାକୁ ଆରମ୍ଭ କରେ, ସକଳ ସାନ୍ତବସ୍ତୁ ମଧ୍ୟରେ ସେହି ପରମ ଅନନ୍ତର ବୃହତ୍ ତଥା ପ୍ରଶାନ୍ତ ସାନ୍ନିଧ୍ୟଟିକୁ ଅନୁଭବ କରିବାକୁ ଲାଗେ ଏବଂ ସକଳ ପ୍ରକାର ବିଭକ୍ତତା ତଥା ଭେଦ ମଧ୍ୟରେ ଏକ ପରିପୂର୍ଣ୍ଣ ଏକତାର ସମନ୍ୱୟକାରୀ ବିଧାନଟିକୁ ଆବିଷ୍କାର କରିଥାଏ । ଗୋଟିଏ ପାଖରେ ସେହି ପରମ ଓ ଶାଶ୍ୱତ ସତ୍ୟଟି ପ୍ରଚ୍ଛନ୍ନ ହୋଇ ଅବସ୍ଥିତ ରହିଛି ଓ ଅନ୍ୟ ପାଖରେ ଏକ ଜଗତର ସାନ୍ତ ରୂପାୟନ ଓ ପ୍ରତିଭାସସବୁ ସେହି ସତ୍ୟଟିକୁ ପ୍ରକଟ କରିବାଲାଗି ପ୍ରୟାସ କରିବାରେ ଲାଗିଛନ୍ତି ଓ ସେହି ପ୍ରୟାସରେ ସେଗୁଡ଼ିକୁ ଅସ୍ୱୀକାର କରି ରଖିବା ପରି ପ୍ରତୀତ ହେଉଛନ୍ତି; ଏହି ଦୁହିଁଙ୍କୁ ଏକ ମହାନ୍ ସମନ୍ୱୟସୂତ୍ରରେ ସଂଗ୍ରଥିତ କରିପାରିବା ହିଁ

'oaob.nitrkl.ac.in' images reprocessed

ମନୁଷ୍ୟର ବହିଃସ୍ଥ ତଥା ଅନ୍ତରସ୍ଥ ଜୀବନ ତଥା ବିଧାନରେ କାର୍ଯ୍ୟ କରୁଥିବା ଆଧ୍ୟାତ୍ମିକ ଇଚ୍ଛାଟିର ପରମ କର୍ତ୍ତବ୍ୟ । ତେଣୁ, ଆମର ଯେଉଁସବୁ ବୃତ୍ତି ଏହି ଉପଲବ୍ଧିଟିକୁ ସମ୍ଭବ କରିଦେଇପାରିବେ, ଆମେ ସେହିଗୁଡ଼ିକୁ ହିଁ ଆମର ସର୍ବୋଚ୍ଚ ବୃତ୍ତି ବୋଲି କହିବା, କାରଣ କେବଳ ଏହିଗୁଡ଼ିକ ଭିତରେ ହିଁ ସେହି ଅନ୍ତରଙ୍ଗ ଆଲୋକ, ସାମର୍ଥ୍ୟ ତଥା ଆନନ୍ଦଟି ଅଧିଷ୍ଠିତ ହୋଇ ରହିଛି ଯାହାଦ୍ୱାରା କି ଏକ ପ୍ରତ୍ୟକ୍ଷ ଜ୍ଞାନ ତଥା ଅନୁଭୂତିର ଭୂମିରେ ଏଗୁଡ଼ିକୁ ଆମର ବୋଧ ସୀମା ଭିତରକୁ ପ୍ରବିଷ୍ଟ କରି ଅଣାଯାଇପାରିବ, ଆମର ଇଚ୍ଛା ଭିତରେ ଉପଲବ୍ଧ କରାଯାଇପାରିବ ଓ ସ୍ୱାଭାବିକ ତଥା ସ୍ଥାୟୀ ଭାବରେ ଫଳପ୍ରଦ ମଧ୍ୟ କରାଯାଇପାରିବ ଏବଂ ଆମର ସମଗ୍ର ପ୍ରକୃତିର କ୍ଷେତ୍ରରେ ସଞ୍ଚାରିତ କରିଦିଆଯାଇପାରିବ । ଅନ୍ୟ ପକ୍ଷରେ, ପରମ ଅଚେତନର ଅସ୍ପଷ୍ଟ ଓ ଅନ୍ଧକାର ରାଜ୍ୟ ମଧ୍ୟରେ ଅବବୌଦ୍ଧିକର ମୂଳ ରହିଛି, ତା'ର ଭୂମିଟି ମଧ୍ୟ ସେଇଠି ରହିଛି । ସେଠାରେ ତାହା ନାନା ସହଜାତ ପ୍ରବୃତ୍ତି ଓ ଆବେଗଗୁଡ଼ିକ ଦ୍ୱାରା ଭରପୂର ହୋଇ ରହିଛି ; ଆମେ ସେଗୁଡ଼ିକୁ ପ୍ରକୃତରେ ଆମ ଭିତରେ କାର୍ଯ୍ୟ କରୁଥିବା ଏକ ଅବଚେତନ ଭୌତିକ, ପ୍ରାଣଗତ, ସଂବେଗଗତ ତଥା ଇନ୍ଦ୍ରିୟବୋଧଗତ ମନ ଓ ଇଚ୍ଛାର ଅଶୋଧିତ ତଥା ଅଳ୍ପବିକଶିତ ଅବ୍ୟବସ୍ଥିତ ନାନା ପ୍ରତିବୋଧୀ ଅଭିବ୍ୟକ୍ତି ବୋଲି କହିପାରିବା । ଅବବୌଦ୍ଧିକ ଆପଣାର ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ପାଇବା ଲାଗି ସଂଗ୍ରାମ କରିବାରେ ଲାଗିଛି, ଆତ୍ମସୃଜନ ଲାଗି ସଂଗ୍ରାମ କରୁଛି ଓ ଆପଣାର ଯାବତୀୟ ଅସ୍ପଷ୍ଟ ଜ୍ଞାନ ତଥା ପ୍ରବୃତ୍ତି ଲାଗି କୌଣସି ନିର୍ଦ୍ଦିଷ୍ଟ ଅନ୍ତ ଥିବା ବ୍ୟବସ୍ଥାଟିଏ ଆବିଷ୍କାର କରିବାକୁ ସଂଗ୍ରାମ କରୁଛି । ମାତ୍ର ତାହା ଭିତରେ ଅନନ୍ତର ସେହି ସହଜାତ ପ୍ରବୃତ୍ତି ଓ ଶକ୍ତିମତ୍ତାଟି ମଧ୍ୟ ନିହିତ ହୋଇ ରହିଛି ଏବଂ ସେଇଥିରୁ ହିଁ ତାହାର ଉତ୍ପତ୍ତି ହୋଇଛି । ତାହା ଭିତରେ ଅସ୍ପଷ୍ଟ, ସୀମାବଦ୍ଧ ତଥା ଅତି ତୀବ୍ର କେତେକେତେ ନିଷ୍ପନ୍ଦ ଆକାଙ୍କ୍ଷାମାନ ରହିଛି ଯାହାକି ନିର୍ବିଶେଷର ପ୍ରଗାଢ଼ତାଗୁଡ଼ିକୁ ସ୍ପର୍ଶ କରି ଅବବୌଦ୍ଧିକକୁ ପ୍ରବୃତ୍ତ କରି ରଖିଛି ଏବଂ ଆପଣାର ସାନ୍ତ କ୍ରିୟାତ୍ମକତାର ଭୂମି ଉପରକୁ ସେଗୁଡ଼ିକୁ ଅଥବା ସେଗୁଡ଼ିକର କିଞ୍ଚିତ୍ ସ୍ପର୍ଶକୁ ଅବତରଣ କରାଇଆଣିବା ଲାଗି ତାହାକୁ ପ୍ରେରିତ କରୁଛି । ମାତ୍ର ଅବବୌଦ୍ଧିକ ଜ୍ଞାନ ଦ୍ୱାରା ନୁହେଁ, ଅଜ୍ଞାନ ଦ୍ୱାରା ହିଁ ସଜ୍ଜିତ ହୋଇ ରହିଛି ; ଏବଂ ସେହି କାରଣରୁ ଏହି ଅଧିକ ଶକ୍ତିସୂଚକ ଉଦ୍ୟମଟିରେ ତାହା ଯଥାର୍ଥରେ ସଫଳ ହୋଇପାରୁନାହିଁ । ଊର୍ଦ୍ଧ୍ୱସ୍ତରର ସେହି ସାମର୍ଥ୍ୟ ଏବଂ ନିମ୍ନସ୍ତରର ଏହି ସାମର୍ଥ୍ୟଟିର ମଧ୍ୟବର୍ତ୍ତୀ ଭାବରେ ବୁଦ୍ଧିଗତ ବିଚାରଣା ଓ ବୁଦ୍ଧିଯୁକ୍ତ ଇଚ୍ଛାର ସ୍ଥାନ ନିରୂପିତ ହୋଇ ରହିଛି । ଗୋଟିଏ ଆଡ଼େ ତାହା ଆମର ସହଜାତ ପ୍ରବୃତ୍ତି ତଥା ଆବେଗଗୁଡ଼ିକର ଜୀବନଟିକୁ ଆପଣା ହାତରେ ଗ୍ରହଣ କରିନେଉଛି, ସେଇଟି ଉପରେ ଆପଣାର ଆଲୋକପାତ କରୁଛି ଏବଂ ଏକ ଉଚ୍ଚତର ଭୂମି ଉପରେ ତାହା ଅନ୍ୱେଷଣ କରିବାରେ ଲାଗିଥିବା ନିର୍ଦ୍ଦିଷ୍ଟ ସୀମା ଦ୍ୱାରା ଆବୃତ୍ତ ବ୍ୟବସ୍ଥାଟିକୁ ଆବିଷ୍କାର କରିବାରେ ତାହାକୁ ସାହାଯ୍ୟ ମଧ୍ୟ କରୁଛି । ଅନ୍ୟଆଡ଼େ ତାହା ଉପରେ ନିର୍ବିଶେଷଙ୍କ ଆଡ଼କୁ ଅନାଇ ରହିଛି, ବାହାରକୁ ଦୃଷ୍ଟିପାତ କରି ପରମ

'oaob.nitrkl.ac.in' images reprocessed

ଅନନ୍ତଙ୍କୁ ଦେଖୁଛୁ ଓ ଭିତରକୁ ଦୃଷ୍ଟିପାତ କରି ପରମ ଏକ ଓ ଅଦ୍ୱିତୀୟଙ୍କୁ ମଧ୍ୟ ଦେଖୁଛୁ; ମାତ୍ର ସେମାନଙ୍କର ଯଥାର୍ଥ ସତ୍ୟଗୁଡ଼ିକୁ ଗ୍ରହଣ କରିବାକୁ କିମ୍ବା ଧରି ରଖିପାରିବାକୁ ଆଦୌ ସମର୍ଥ ହେଉନାହିଁ। କାରଣ କେବଳ ଏକ ପ୍ରକାର ଦ୍ୱିତୀୟ କୌଣସି ମାଧ୍ୟମର ସାହାଯ୍ୟରେ ଓ କେବଳ ଏକ ଦୂରସ୍ଥ ବୋଧଗମ୍ୟତା ଦ୍ୱାରା ସେଗୁଡ଼ିକର ବିଗ୍ରହ କରିବାଲାଗି ତାହାର ସାମର୍ଥ୍ୟ ରହିଛି। କାରଣ ତାହା କେବଳ ଆପେକ୍ଷିକତାର ଭୂମିରେ ହିଁ ବିଚରଣ କରୁଛି ଏବଂ ସ୍ୱୟଂ ସୀମାବଦ୍ଧ ଓ ଅନ୍ତର୍ବଦ୍ଧଶିଷ୍ଟ ହୋଇଥିବାରୁ କେବଳ ସାନ୍ତତା, ବିଭକ୍ତତା ଓ ସୀମାବଦ୍ଧତା ମଧ୍ୟରେ ହିଁ କାର୍ଯ୍ୟ କରିପାରୁଛି। ଆମର ଯାବତୀୟ ଅସ୍ତିତ୍ୱ ମଧ୍ୟରେ ସତ୍ତାର ଏହି ଅତିବୌଦ୍ଧିକ, ବୁଦ୍ଧିଗତ ତଥା ଅବବୌଦ୍ଧିକ ଉନ୍ନୋଚିଷ୍ଣୁକ ସାମର୍ଥ୍ୟ ଅବସ୍ଥିତ ରହିଛି ସତ, ମାତ୍ର ସେଗୁଡ଼ିକର ପ୍ରଧାନତାର ମାତ୍ରାରେ ଅନୁସ୍ଥାନ କେତେକେତେ ତାରତମ୍ୟ ସବୁବେଳେ ବର୍ତ୍ତମାନ ରହିଛି।

ଆମର ବୁଦ୍ଧି ଯେତେବେଳେ ମନୋଭୂମିଗତ ସତ୍ୟ ତଥା ଅନୁଭୂତିସବୁର ସେହି ବିରାଟ ସୋପାନ ବା ବ୍ୟବସ୍ଥାଟିର ସମ୍ମୁଖୀନ ହୁଏ, ସେତିକିବେଳେ ହିଁ ତାହାର ସୀମିତତା ପରିଷ୍କାରଭାବରେ, ସ୍ୱଭାବସିଦ୍ଧ ଏବଂ ଅନାବୃତ ଭାବରେ ଆମର ଦୃଷ୍ଟିଗୋଚର ହେବାକୁ ଲାଗେ। ଏହି ସୋପାନଟିକୁ ଆମେ ଏପର୍ଯ୍ୟନ୍ତ କେବଳ ପୃଷ୍ଠଭୂମିରେ ଆଡ଼େଇ-ଦେଇ ରଖିଆସିଛୁ ଓ ଏହା ହିଁ ହେଉଛି ମନୁଷ୍ୟର ଧର୍ମଗତ ସତ୍ତା ଓ ତା'ର ଧର୍ମଗତ ଜୀବନ। ଏହା ଏପରି ଗୋଟିଏ ଭୂମି, ଯାହାଆଡ଼କୁ ବୁଦ୍ଧି ଓ ତର୍କ ଆଖି କେବଳ ବିକା ହୋଇଗଲା ପରି ଅନାଇ ରହିଥାଏ; ଯେତେବେଳେ କୌଣସି ବିଦେଶୀ ଏପରି ଏକ ଅପରିଚିତ ଭାଷାର ସମ୍ପର୍କରେ ଆସେ, ତାହାର କୌଣସି ଶବ୍ଦ ବା ଭାବ ତା'ର ମୁଣ୍ଡ ଭିତରେ ଆଦୌ ପଶିପାରେ ନାହିଁ ଏବଂ ସେ ଚାରିପାଖକୁ ଅନାଇ ଯାହାକିଛି ଦେଖେ, ସେଠାରେ ଅବସ୍ଥିତ ଜୀବନାକୃତିଗୁଡ଼ିକ, ଭାବନା ତଥା ଚିନ୍ତାର ବିଧାନଗୁଡ଼ିକ ତା'ର ଅଭିଜ୍ଞତା ଓ ଅନୁଭୂତିକୁ ଯେପରି ଏକାବେଳକେ ଅପରିଚିତ ବୋଲି ବୋଧହୁଏ, ବୁଦ୍ଧି ଏହି କ୍ଷେତ୍ରକୁ ଆସି ଠିକ୍ ସେହିପରି ଅନୁଭବ କରିଥାଏ। ସେହି ବିଦେଶୀ ଇଚ୍ଛା କଲେ ଏହି ନୂଆ ଭାଷାଟିକୁ ଶିଖିବାର ଚେଷ୍ଟା କରିପାରେ, ଏହି ଅପରିଚିତ ଅନଭ୍ୟସ୍ତ ଜୀବନଟିକୁ ବୁଝିବାକୁ ବି ଚେଷ୍ଟା କରିପାରେ; ମାତ୍ର ସେଥିଲାଗି ତାକୁ ଅନେକ ଆୟାସ ସ୍ୱୀକାର କରିବାକୁ ପଡ଼ିଥାଏ ଓ ଆପଣା ଭାବ ତଥା ସ୍ୱଭାବର ଭୂମିରେ ଏହି ନୂତନ ସୁନ୍ଦର ରାଜ୍ୟର ଅଧିବାସୀମାନଙ୍କ ସହିତ ଏକାତ୍ମତା ଅର୍ଜନ ନ କରିବା ପର୍ଯ୍ୟନ୍ତ ଓ ସେଥିଲାଗି ଆପଣାର ପୁରୁଣା ଶିକ୍ଷାଗୁଡ଼ାକୁ ନ ଛାଡ଼ିବା ପର୍ଯ୍ୟନ୍ତ ସେ ତାହାର ଏହି ଉଦ୍ୟମରେ କଦାପି ସଫଳତା ପାଇପାରେ ନାହିଁ। ଏବଂ ସେପର୍ଯ୍ୟନ୍ତ କେବଳ ଆପଣାର ସେହି ପୁରୁଣା ଭାଷାଟିରେ ଓ ଆପଣାର ସେହି ପୁରୁଣା ଧାରଣାଗୁଡ଼ାକ ଅନୁସାରେ ସେଗୁଡ଼ିକର ଅର୍ଥ ବାହାର କରିବାଲାଗି ତା'ର ସକଳ ଚେଷ୍ଟା କେବଳ

'oaob.nitrkl.ac.in' images reprocessed

ଏକ ତୁଚ୍ଛା ଭ୍ରମବୋଧ ଏବଂ ଅର୍ଥବିକୃତିର ଚରମ ଆଶଙ୍କାଟିକୁ ଠିଆକରି ରଖିଥାଏ । ଧର୍ମଗତ ଜୀବନର ବ୍ୟାପାରଗୁଡ଼ିକୁ ବ୍ୟବଚ୍ଛିନ୍ନ କରି ଦେଖିବାଲାଗି ବ୍ୟବହାରବାଦୀ ଓ ବିଶ୍ଳେଷଣାତ୍ମକ ବୁଦ୍ଧି ମେତେ ଯାହା ଉଦ୍ୟମ କରିଥାଏ, ସେଗୁଡ଼ାକ ଆଧ୍ୟାତ୍ମିକ ଅନୁଭୂତି ରହିଥିବା ବ୍ୟକ୍ତିମାନଙ୍କୁ ଠିକ୍ ସେହି ଅବୋଧ ଶିଶୁର ଅର୍ଥହୀନ ଆଳୁଅଳୁବାଳୁରୁ କଥା ପରି ଶୁଣାଯାଏ, ଯେ କି ବୟସ୍କମାନଙ୍କର ଜୀବନବ୍ୟାପାରକୁ ଆପଣାର ଅଭ୍ୟସ୍ତ ଧାରଣାର ଗ୍ରନ୍ଥିଗୁଡ଼ିକ ଭିତରେ ଆଣି ପକାଇଦେବାର ଚେଷ୍ଟା କରିବାରେ ଲାଗିଥାଏ; ଅଥବା ଏପରି ଏକ ଅଜ୍ଞାନଗ୍ରସ୍ତ ମନର ନିର୍ମୂଳ ଭୁଲଗୁଡ଼ାକ ପରି ମନେହୁଏ, ଯେ କି କୌଣସି ଗଭୀର ଚିନ୍ତାଶୀଳ ଦାର୍ଶନିକ କିମ୍ବା ଜଣେ ବଡ଼ ବୈଜ୍ଞାନିକଙ୍କର ଗବେଷଣାଲବ୍ଧ ଜ୍ଞାନର ସପକ୍ଷରେ ବା ବିପକ୍ଷରେ ଆପଣାର ମନ୍ତବ୍ୟ ପ୍ରକାଶ କରିବାଲାଗି ଆବଶ୍ୟକ ବୋଲି ଭାବୁଥାଏ । ଏବଂ ଯାହା ଯେତେ ସାମର୍ଥ୍ୟ ଦେଖାଇଲେ ମଧ୍ୟ ଏହି ନିରର୍ଥକ ପ୍ରଚେଷ୍ଟାଟି ହୁଏତ କେବଳ ଆପେ ବିଶ୍ଳେଷଣ କରି ବୁଝାଇଦେବାକୁ ବସିଥିବା ବିଷୟଗୁଡ଼ିକର ମାତ୍ର କେତୋଟି ବାହ୍ୟରଙ୍ଗ କଥାକୁ ବୁଝିହିଆଣିପାରିବ, ଅଥବା ସେଗୁଡ଼ିକର ବ୍ୟାଖ୍ୟା ଦେଇପାରିବ । ମାତ୍ର ଅସଲ ଭାବଟି କେବେହେଁ ତା' ହାତରେ ଧରା ଦେବ ନାହିଁ, ଅନ୍ତର୍ମର୍ମସ୍ଥ ବିଷୟଟି ପରିତ୍ୟକ୍ତ ହୋଇ ରହିବ, ଏବଂ ଏହିପରି ଏକ ବିଭ୍ରାନ୍ତ ଦୃଷ୍ଟିର ପରିଣାମସ୍ୱରୂପ ସେହି ବାହ୍ୟରଙ୍ଗ ଘଟଣାଗୁଡ଼ିକର ବ୍ୟାଖ୍ୟା ଓ ବର୍ଣ୍ଣନା ମଧ୍ୟ ଅସଲ ସତ୍ୟ ଓ ସାରବସ୍ତୁରୁ ବଞ୍ଚିତ ହୋଇ ରହିବ ଏବଂ କେବଳ ଉପରୁ ଦେଖିବାକୁ ହିଁ ନିର୍ଭୁଲ ବୋଲି ଦେଖାଯିବ ।

ଧର୍ମଗତ ଜୀବନର ପ୍ରସଙ୍ଗଗୁଡ଼ିକର ସମ୍ମୁଖୀନ ହେଲାବେଳେ ଯଦି ବୁଦ୍ଧିଗତ ଯୁକ୍ତିତର୍କ ଓ ବିବେଚନା ପାଖରେ ଆଉ ଅନ୍ୟ କୌଣସି ସହାୟକ ଶକ୍ତି ନ ଥିବ, ତେବେ ତାହା ବଡ଼ ସ୍ୱାଭାବିକ ଭାବରେ କେବଳ ଦୁଇଟି ଦୃଷ୍ଟି ମଧ୍ୟରୁ ଗୋଟିକୁ ଆଦରିନେବାକୁ ବାଧ୍ୟ ହେବ । ଏହି ଦୁଇଟିଯାକ ଦୃଷ୍ଟି ଆପଣାର ଚରମ ଅର୍ଥରେ କେବଳ ଜଡ଼, ଅଗଭୀର ହୋଇ ହିଁ ରହିଥିବେ, ଆପଣାର ସାମର୍ଥ୍ୟକୁ କ'ଣ ବୋଲି କ'ଣ ମନେକରି ଖାଲି ଲଣ୍ଡଭଣ୍ଡ ତରବର ହେଉଥିବେ ଓ ପ୍ରତିପଦରେ ଭୁଲ କରି-ପକାଉଥିବେ । ଗୋଟିଏ ଦୃଷ୍ଟି ଦ୍ୱାରା ତାଡ଼ିତ ହୋଇ ବୁଦ୍ଧି ସମସ୍ତ ଧର୍ମଗତ ଜୀବନକୁ କେବଳ ଅନ୍ଧବିଶ୍ୱାସର ଗୋଟାଏ ଏଡ଼େବଡ଼ ସ୍ତୂପ ବୋଲି ଭାବିବସିବ, ରହସ୍ୟଦ୍ୱାରା ଆପଣାକୁ ଲୁଚାଇ ରଖିଥିବା କେବଳ ଏକ ନିରର୍ଥକତା ବୋଲି କହିବ ଏବଂ ଅଜ୍ଞାନ ବର୍ବର ଯୁଗରୁ ଅବଶେଷ ରହିଯାଇଥିବା ଗୋଟାଏ ସ୍ୱାଡ଼ୁସାଡ଼ୁ ଅତି ବିଚିତ୍ର ଗଦା ବୋଲି କହିବାକୁ ବାହାରିବ । ଏକଦା ଆପଣାର ଚରମ ଭ୍ରମାତ୍ମକତାରେ ବୁଦ୍ଧିବାଦୀ ଠିକ୍ ଏହିପରି କହୁଥିଲା; ସୁଖର କଥା ଯେ ତାହାର ସେହି ବିଶ୍ୱରଟି ବର୍ତ୍ତମାନ ଏକାବେଳେକେ ଲୋପ ପାଇ ନ ଥିଲେ ମଧ୍ୟ ତାହା ତଥାପି ଭାରି ଦୁର୍ବଳ ହୋଇଯାଇଛି ଓ ପ୍ରାୟ ମୁମୂର୍ଷୁ ଅବସ୍ଥାରେ ରହିଛି । ଅଥବା, ଅନ୍ୟ ଦ୍ୱିତୀୟ ଦୃଷ୍ଟିଟି ଦ୍ୱାରା ଚାଳିତ ହୋଇ

'oaob.nitrkl.ac.in' images reprocessed

ବୁଦ୍ଧି ଧର୍ମର ପୃଷ୍ଠପୋଷକତା କରି ବାହାରିବ, ଧର୍ମର ମୂଳଗୁଡ଼ିକୁ ନୂଆ ଏକ ବ୍ୟାଖ୍ୟା ଦେବାକୁ ଚେଷ୍ଟା କରିବ ଏବଂ ଏହାକୁ ଗୋଷ୍ଠାସ୍ତୁକା ବୁଝାଇଦେବାକୁ ଚେଷ୍ଟା କରି ଓ ଏହାର ସଦରମଫସଲ ସବୁଟିକୁ ଦେଖାଇଦେଇ ତା'ଠାରୁ ନିଷ୍କୃତି ପାଇବାର ଉଦ୍ୟମ କରିବସିବ । ଅଥବା ମୃଦୁ କିମ୍ବା ଶକ୍ତିଶାଳୀଭାବରେ ଧର୍ମସ୍ଥ ଅନ୍ଧବିଶ୍ୱାସଗୁଡ଼ିକୁ ବର୍ଜନ ବା ସଂଶୋଧନ କରିବାରେ ପ୍ରବୃତ୍ତ ହେବ, ତା'ର ଅଶୋଧନ ଏବଂ ଅସମ୍ଭବତା-ଗୁଡ଼ିକୁ ସୁଧାରିବାକୁ ବାହାରିବ, ସେଥିରେ ଆବଶ୍ୟକ ଶୁଦ୍ଧି ଆଣିବାକୁ ଯାଇ ଏହାକୁ ଏକ ଭୂମିବିଚ୍ଛିନ୍ନ ଓ ବାଷ୍ପୀୟ କିଛୁ ନୁହେଁରେ ପରିଣତ କରିଦେବ କିମ୍ବା ତର୍କବୁଦ୍ଧିର ଆଲୋକଟିକୁ ଆପଣା ଉପରେ ପ୍ରତିଫଳିତ କରି ତାକୁ ଆପଣାକୁ ଶୁଦ୍ଧ କରିଦେବାଲାଗି କେତେପ୍ରକାରେ ପ୍ରବର୍ତ୍ତାଇବ । ଅଥବା, ତାହା ଧର୍ମର ମଧ୍ୟ ଏକ ଆବଶ୍ୟକ ଭୂମିକା ନିଶ୍ଚୟ ରହିଛି ବୋଲି କହିବ, ଅଜ୍ଞାନଗ୍ରସ୍ତ ସାଧାରଣ ମଣିଷର ନୈତିକ ଉନ୍ନତିବିଧାନ କରିବା ଧର୍ମର କ୍ଷେତ୍ର ବୋଲି କହି ତାହାକୁ ସେଥିଲାଗି ବାଣ୍ଟି ଛାଡ଼ିଦେବ; ମନୁଷ୍ୟକୁ ଅଧିକ ନୀତିଶୀଳ କରିବାର ଏହାର ନିଶ୍ଚୟ ଏକ ପ୍ରଭାବ ରହିଛି ବୋଲି ସ୍ୱୀକାର କରିବ, କିମ୍ବା ନିମ୍ନସ୍ତରର ମଣିଷଙ୍କୁ ଶୃଙ୍ଖଳା ମଧ୍ୟରେ ରଖିବାଲାଗି ରାଷ୍ଟ୍ର ସକାଶେ ମଧ୍ୟ ଧର୍ମର ଯଥେଷ୍ଟ ପ୍ରୟୋଜନୀୟତା ଅଛି ବୋଲି କହିବ ଏବଂ ଏପରିକି ସେହି ଖଟଣ କମ୍ବୁତତାଟିର ଉଦ୍ଭାବନ କରି ବାହାରିବ, ଅର୍ଥାତ୍ ଏକ ବୁଦ୍ଧିପ୍ରଣୋଦିତ ଧର୍ମଲାଗି ଯୁକ୍ତି ବାଢ଼ିବସିବ ।

ପ୍ରଥମ ଦୃଷ୍ଟିକୋଣଟି ଆପଣାର ରଚନାତ୍ମକ ଢଙ୍ଗରେ ମାନବବୃତ୍ତର ଇତିହାସରେ ଏକ ଶକ୍ତିଶାଳୀ ଭୂମିକାରେ ଅବତୀର୍ଣ୍ଣ ହୋଇଆସିଛି, ଏପରିକି ଆପଣାର ସ୍ୱକୀୟ ରୀତିରେ ତାହା ମନୁଷ୍ୟର ପ୍ରଗତି ଲାଗି ପ୍ରକୃତ ଭାବରେ ପ୍ରୟୋଜନୀୟ ବୋଲି ନିଜକୁ ପ୍ରମାଣିତ କରିପାରିଛି । ଏହା କିପରି ହୋଇଛି ଓ କାହିଁକି ହୋଇଛି, ଯଥାସ୍ଥାନରେ ଆମେ ସଂକ୍ଷିପ୍ତଭାବରେ ତାହାର ଉଲ୍ଲେଖ କରି ରଖିବା ଏବଂ ପରିଶେଷରେ ଧର୍ମ ଲାଗି ମଧ୍ୟ ତାହା ପ୍ରୟୋଜନକାରକ ସାବ୍ୟସ୍ତ ହୋଇଛି । ମାତ୍ର ଏହାର ବହୁ ଅସହିଷ୍ଣୁ ନାସ୍ତିଭାବଗୁଡ଼ାକୁ ଆମେ କେବଳ ଏକ ଔଦ୍ଧତ୍ୟପୂର୍ଣ୍ଣ ମିଥ୍ୟା ବୋଲି ହିଁ କହିବା ଏବଂ ମନୁଷ୍ୟର ମନ ମଧ୍ୟ ଏବେ କ୍ରମେ ସେହି କଥାଟିକୁ ଯଥେଷ୍ଟଭାବରେ ବୁଝିବାକୁ ଆରମ୍ଭ କଲାଣି । ଏହି ଦୃଷ୍ଟିକୋଣଟି ଠିକ୍ ସେହି ବିଦେଶୀ ବହୁଜ୍ଞଗତ ପରି ଭୁଲ୍ କରିବସୁଛି ଯେ ଅନ୍ୟ ଦେଶରେ ପହଞ୍ଚି ସେଠାରେ ରହୁଥିବା ଯାବତୀୟ କଥାକୁ ଖାଲି ଅସମ୍ଭବ ଓ ନିମ୍ନତର ସ୍ତରର ବୋଲି ଭାବୁଥାଏ, କାରଣ ତା'ର କାର୍ଯ୍ୟ କରିବା ତଥା ଭାବିବାର ଅଭ୍ୟସ୍ତ ରୀତିଟି ସହିତ ଏସବୁର କୌଣସି ମେଳ ଦେଖିପାରେ ନାହିଁ, ସେଗୁଡ଼ିକୁ ସେ ଆପଣା ମାପ ଅନୁସାରେ ଇଚ୍ଛାମତେ କାଟିପାରେ ନାହିଁ ଏବଂ ଏଗୁଡ଼ିକ ତା'ର ଅଭ୍ୟସ୍ତ ମାନଦଣ୍ଡଗୁଡ଼ିକ ସହିତ ଆଦୌ ଖାପ ଖାଇପାରେ ନାହିଁ । ତେଣୁ ଅନମନୀୟ ବୁଦ୍ଧିବାଦୀ ଧର୍ମଗତ ସକଳ ପ୍ରେରଣାକୁ, ଆଦୌ କୌଣସି ଯୁକ୍ତିଯୁକ୍ତ

'oaob.nitrkl.ac.in' images reprocessed

ପ୍ରେରଣାରୂପେ ରହିବାକୁ ହେଲେ ପ୍ରଥମେ ଭୌତିକ ତର୍କବୁଦ୍ଧିର ତରାଜୁରେ ଓଜନ ହୋଇ ତାହାକୁ ପରିତୁଷ୍ଟ କରିବା ସକାଶେ ଆଦେଶ ଦେଇଥାଏ, ଏପରିକି ଧର୍ମଗତ ସତ୍ୟଗୁଡ଼ିକ ଲାଗି ଭୌତିକ ବା ବାସ୍ତବ ପ୍ରମାଣମାନ ଆଣି ଥୋଇବାକୁ କହେ । ମାତ୍ର ସ୍ମରଣ ରଖିବା ଉଚିତ ଯେ, ଧର୍ମ ସାରତଃ ଭୂତାତୀତ ପରମ ଚିଦ୍‌ଗତତାର ଆବିଷ୍କାର ଲାଗି ହିଁ ଆପଣାକୁ ଉଦ୍ଦିଷ୍ଟ କରି ରଖିଥାଏ ଏବଂ ଏକ ଅତିଭୌତିକ ଚେତନାର ସଞ୍ଚାରଣ ତଥା ବିଚରଣକୁହିଁ ମୂଳତଃ ଧର୍ମ ବୋଲି କୁହାଯାଏ । ଠିକ୍ ସେହିପରି ଭାବରେ ବୁଦ୍ଧିଗତ ଏହି ଦୃଷ୍ଟିକୋଣଟି ଧର୍ମର କେବଳ ବାହ୍ୟାଙ୍ଗଗୁଡ଼ିକ ସମ୍ବନ୍ଧରେ ରହିଥିବା ତା'ର ଧାରଣାଗୁଡ଼ିକରୁ ହିଁ ଧର୍ମର ବିଚାର କରିବାଲାଗି ପ୍ରବୃତ୍ତ ହୋଇଥାଏ, ଠିକ୍ ଯେପରି ଜଣେ ଅଜ୍ଞାନଗ୍ରସ୍ତ ଓ କୁହାଳିଆ ବିଦେଶୀ କୌଣସି ସଭ୍ୟତାର କେବଳ ପୋଷାକପରିଚ୍ଛଦ, ଜୀବନର କେବଳ ବହିରାବରଣଗତ ରଙ୍ଗ ଏବଂ ସେଠାକାର ଅଧିବାସୀମାନଙ୍କର ସାମାଜିକ ବ୍ୟବହାର ଓ ଆଚରଣରେ ରହିଥିବା ଅତି ବାହ୍ୟ କେତେଟା ବିଶେଷ ବା ବିଚିତ୍ର କଥାରୁ ହିଁ ସେହି ସଭ୍ୟତାକୁ ବିଚାର କରି ବସିବାଲାଗି ଚେଷ୍ଟା କରିପାରେ । ଏହି ଭୁଲ କେବଳ ବୁଦ୍ଧିବାଦୀ କରେ ନାହିଁ. ତଥାକଥିତ ଧର୍ମିଷ୍ଠ ଲୋକେ ମଧ୍ୟ ଅନେକ ସମୟରେ ଏହା କରିଥାନ୍ତି ; ଆପଣାର ପକ୍ଷ ସମର୍ଥନ କରି ବୁଦ୍ଧିବାଦୀ ହୁଏତ ଏପରି ଏକ ଯୁକ୍ତି ମଧ୍ୟ ଦେଖାଇପାରେ, ମାତ୍ର ସେଥିପାଇଁ ଆମେ ତା'ର ଅଜ୍ଞାନଟାକୁ ତଥାପି ଉଚିତ ବୋଲି କହିବାକୁ ଯିବା ନାହିଁ । ବୁଦ୍ଧିବାଦୀ ମନର ଅପେକ୍ଷାକୃତ ଅଧିକ ନରମ ବା ଉଦାର ଦୃଷ୍ଟିକୋଣଟିର ମଧ୍ୟ ମନୁଷ୍ୟଜାତିର ଇତିହାସରେ ଅବଶ୍ୟ ଏକ ଭୂମିକା ରହିଛି । ଧର୍ମର ବ୍ୟାଖ୍ୟା କରିବାଲାଗି ତାହା ଯେଉଁସବୁ ପ୍ରୟାସ କରିଛି, ସେଥିରୁ ପରିଣାମରୂପେ ଆଶ୍ଚର୍ଯ୍ୟଜନକ ଭାବରେ କେତେକେତେ ବୁଦ୍ଧିସମ୍ପନ୍ନ ବିକୃତିର ଏକ ବିପୁଳ ଭଣ୍ଡାର ସଙ୍କଳିତ ହୋଇ ରହିଛି । ଉଦାହରଣସ୍ୱରୂପ, ଏହାଫଳରେ ଧର୍ମର ଏକ ତୁଳନାତ୍ମକ ବିଜ୍ଞାନର ସୃଷ୍ଟି କରିବାଲାଗି ତଥାକଥିତ କେତେକ ବୈଜ୍ଞାନିକ ପ୍ରଚେଷ୍ଟା କରାଯାଇଛି । ଆଧୁନିକ ରୁଚି ଦ୍ୱାରା ସମର୍ଥିତ ଏକ ଶୈଳୀରେ ତାହା ଆପଣାର ସାମଗ୍ରୀରୂପେ ଭ୍ରମବୋଧ କେତୋଟି ତଥ୍ୟକୁ ଇଟା ପରି ଏଣ୍ଡୁତେଣ୍ଡୁ ସାଉଁଟିଆଣି ସିଦ୍ଧାନ୍ତର ବିରାଟ ଅଟ୍ଟାଳିକାମାନ ଗଢ଼ି ଠିଆ କରିଦେଇଛି । ଏକ କୋମଳତାର ଭାବ ସହିତ ଧର୍ମକୁ ପ୍ରାୟ ଅସ୍ୱୀକାର କରି ତାହା ବିଚାରକ୍ଷେତ୍ରରେ ଏପରି କେତେକେତେ ସାରହୀନ ଓ ଅଗଭୀର ପର୍ଯ୍ୟାୟର ଅବତାରଣା କରାଇଛି, ଯାହା କି ଆସି ପହଞ୍ଚିବା ସଙ୍ଗେ ସଙ୍ଗେ ପୁଣି ଅନ୍ତର୍ହିତ ହୋଇଯାଇଛନ୍ତି ଓ ଆପଣା ପଛରେ ଆପଣାର ଆଉ କୌଣସି ଚିହ୍ନ ରଖିଯାଇନାହାନ୍ତି । ସମ୍ପୂର୍ଣ୍ଣ ଭାବରେ ଏକ ଦୁରଭିପ୍ରାୟ ରଖି ତାହା ଏକ ବୁଦ୍ଧିପ୍ରଣୋଦିତ ଧର୍ମର ଉଦ୍‌ଭାବନ କରିବାଲାଗି ଯେତେଯେତେ ଚେଷ୍ଟା କରିଆସିଛି, ସେସବୁ ପ୍ରକୃତରେ ବଡ଼ ଅସହାୟ ବୋଲି ପ୍ରମାଣିତ ହୋଇଛନ୍ତି ଓ କେବେହେଲେ କାହାରି ହୃଦ୍‌ବୋଧ କରାଇ ପାରିନାହାନ୍ତି ; ସେଗୁଡ଼ିକର ପ୍ରକୃତରେ କୌଣସି ଉଲ୍ଲେଖଯୋଗ୍ୟ ପ୍ରଭାବ ପଡ଼ିନାହିଁ ଏବଂ ଖଣ୍ଡଖଣ୍ଡ ହୋଇ ଉଡ଼ି ଯାଉଥିବା ମେଘ ପରି ସେମାନେ ବିଫଳହିଁ ହୋଇଯାଇଛନ୍ତି, ଛିନ୍ନାଭ୍ରଂ ଇବ ନଶ୍ୟନ୍ତି ।

'oaob.nitrkl.ac.in' images reprocessed

ଧର୍ମର ବହିର୍ଭାଗୀୟ ସାଧନ ପଦ୍ଧତିରେ ମତ, ସମ୍ପ୍ରଦାୟ, ଉପାସନାବିଧି, ଉତ୍ସବ ତଥା ପ୍ରଣାଳୀମାନ ରହିଥାଏ ସତ, ମାତ୍ର ଆପଣାର ହୃଦ୍‌ଗତ ଗଭୀରତମ ଆକୂତିରେ ଓ ଆପଣାର ଅନ୍ତରତମ ସାର ବସ୍ତୁରୂପେ ଧର୍ମ ଈଶ୍ୱରଙ୍କୁ ହିଁ ଖୋଜୁଥାଏ ଓ ଈଶ୍ୱରଙ୍କର ପରିଚୟଲାଭ ହିଁ ଧର୍ମର ସର୍ବପ୍ରଧାନ କାମ୍ୟ ହୋଇ ରହିଥାଏ । ସେହି ପରମ ଅନନ୍ତ, ପରମ ନିର୍ବିଶେଷ, ପରମ ଅନିର୍ଣ୍ଣେୟ ତଥା ପରମ ଦିବ୍ୟତା, ଯେ କି ଏହି ସକଳ ବସ୍ତୁରୂପେ ବିରାଜି ରହିଛନ୍ତି ଅଥଚ କୌଣସିପ୍ରକାରେ ବସ୍ତୁଚ୍ଛିନ୍ନ ନ ହୋଇ ତଥାପି ଏକ ପରମ ସତ୍ତାରୂପେ ଅବସ୍ଥିତ ଅଛନ୍ତି, ତାଙ୍କର ଆବିଷ୍କାର କରିବାକୁ ହିଁ ଧର୍ମର ଏକ ଚିରନ୍ତନ ଆକାଙ୍‌କ୍ଷା ରହିଥାଏ । ମନୁଷ୍ୟ ଏବଂ ଈଶ୍ୱରଙ୍କ ମଧ୍ୟରେ ଯେଉଁସବୁ ଯଥାର୍ଥ ଏବଂ ଅନ୍ତରଙ୍ଗ ସମ୍ବନ୍ଧ ରହିଛି, ଏକତାର, ପୃଥକ୍‌ତାର, ଏକ ସନ୍ଦୀପିତ ଜ୍ଞାନ ତଥା ଉଚ୍ଛ୍ୱେଳିତ ପ୍ରେମ ଓ ଆନନ୍ଦର ଏକ ସମ୍ପୂର୍ଣ୍ଣ ସମର୍ପଣ ଏବଂ ସେବାର ଏବଂ ଆମର ଏହି ଜଡ଼ଗତ ସ୍ଥିତିର ନିତ୍ୟନୈମିତ୍ତିକତା ମଧ୍ୟରୁ ଆପଣାର ଅସ୍ତିତ୍ୱଟିକୁ ବାହାର କରି-ଆଣି ତାହାକୁ ସମ୍ପୂର୍ଣ୍ଣଭାବରେ ପରମ ଦିବ୍ୟତା ଆଡ଼କୁ ମନୁଷ୍ୟର ଏକ ଆରୋହଣ ତଥା ସେହି ପରମ ଦିବ୍ୟତାର ମନୁଷ୍ୟ ମଧ୍ୟକୁ ଅବତୀର୍ଣ୍ଣ ହୋଇଆସିବା ମଧ୍ୟରେ ନେଇ ନିକ୍ଷିପ୍ତ କରିଦେବାର ଯେଉଁ ସମ୍ବନ୍ଧମାନ ରହିଛି, ମୂଳତଃ ସେହିଗୁଡ଼ିକଦ୍ୱାରା ପ୍ରେରିତ ହୋଇ ନିଷ୍ଠାପରଭାବରେ ଜୀବନଟିକୁ ବଞ୍ଚିବାଲାଗି ଉଦ୍‌ବୁଦ୍ଧ କରି ରଖିବା ହେଉଛି ଧର୍ମର କାର୍ଯ୍ୟ । ଏସବୁ କଥାର ବୁଦ୍ଧି କିମ୍ବା ତର୍କର ଏହି କ୍ଷେତ୍ରଟି ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ, ବୁଦ୍ଧିର ନିତ୍ୟନୈମିତ୍ତିକ କ୍ରିୟାକଳାପ ସହିତ ମଧ୍ୟ କୌଣସି ସମ୍ପର୍କ ନାହିଁ । ଧର୍ମର ଲକ୍ଷ୍ୟ, ଧର୍ମର କ୍ଷେତ୍ର ତଥା ଧର୍ମଗତ ପ୍ରକ୍ରିୟାଟି ସର୍ବଦା ଅତିବୌଦ୍ଧିକ ଅର୍ଥାତ୍ ବୁଦ୍ଧିର ଅତୀତ ହୋଇ ରହିଛି । ଈଶ୍ୱର ପ୍ରକୃତରେ ଅଛନ୍ତି କି ନାହିଁ, ଏହି ବିଷୟରେ ତର୍କବୁଦ୍ଧିର କ୍ଷୀଣବଳ ଯୁକ୍ତିଗୁଡ଼ିକୁ ଚଳଇ ଦେଖିବାଦ୍ୱାରା ଈଶ୍ୱର କଦାପି ଉପଲବ୍‌ଧ ହେବେ ନାହିଁ ; କେବଳ ଆପଣାକୁ ଆପଣାର ଏହି ଅତ୍ୟନ୍ତ ସୀମାଗୁଡ଼ିକ ମଧ୍ୟରୁ ଉଚ୍ଛ୍ୱେଳିତ କରିନେଇପାରିଲେ, ଆପଣାକୁ ସମ୍ପୂର୍ଣ୍ଣଭାବରେ ସମର୍ପିତ କରି ରଖିପାରିଲେ, ଆପଣାର ଆକାଙ୍‌କ୍ଷା ତଥା ଅନୁଭୂତି ମଧ୍ୟରେ ସମ୍ପୂର୍ଣ୍ଣତା ଅର୍ଜନ କରିପାରିଲେ ଯାଇ ଈଶ୍ୱର ଉପଲବ୍‌ଧ ହେବେ । ଏବଂ ବୁଦ୍ଧିକୁ ଅବଲମ୍ବନ କରି ଯେଉଁସବୁ ବୈଜ୍ଞାନିକ ପ୍ରୟୋଗ କରାଯାଏ ଅଥବା ବୁଦ୍ଧିକୁ ଆଧାର କରି ଯେଉଁସବୁ ଦାର୍ଶନିକ ବିଚାର ବାଡ଼ିଦିଆଯାଏ, ସେସବୁ ଉପରେ ନିର୍ଭର ରଖି ଆମେ କଦାପି ସେହି ଅନୁଭୂତିର ଅଧିକାରୀ ହୋଇପାରିବା ନାହିଁ । ଏପରିକି ଧର୍ମଗତ ଶୃଙ୍ଖଳାରେ ଯେଉଁସବୁ ଅଂଶ ବୈଜ୍ଞାନିକ ପ୍ରୟୋଗ ସହିତ ସର୍ବାଧିକ ସାଦୃଶ୍ୟ ରଖିଥିଲାପରି ମନେ ହେଉଥାଏ, ସେଠାରେ ମଧ୍ୟ ସମ୍ପୃକ୍ତ ବିଷୟଗୁଡ଼ିକୁ ଯେଉଁ ପଦ୍ଧତିର ସାହାଯ୍ୟରେ ନିରୀକ୍ଷା କରି ଦେଖାଯାଏ, ସେଇଟି ସବୁବେଳେ ବୁଦ୍ଧି ତଥା ବୁଦ୍ଧିର ସାଧାରଣଙ୍କିତ ପରିଧିର ସୀମାଟିକୁ ଡେଇଁ ଆହୁରି ଆଗକୁ ଚାଲିଯାଇଥାଏ । ଧର୍ମଗତ ଜ୍ଞାନର ଯେଉଁସବୁ କ୍ଷେତ୍ର ବୁଦ୍ଧିର କୌଣସି କ୍ରିୟାସହିତ ସର୍ବାଧିକ ସାଦୃଶ୍ୟ ରଖିଥିଲାପରି ମନେ

'oaob.nitrkl.ac.in' images reprocessed

ହୋଇଥାଏ, ସେଠାରେ ମଧ୍ୟ ସନ୍ଦୀପନକାରୀ ବୃତ୍ତି ଓ ସାମର୍ଥ୍ୟରୂପେ କଳ୍ପନାଶକ୍ତି, ନ୍ୟାୟବୁଦ୍ଧି ଓ ବୁଦ୍ଧିଗତ ବିଚାର ଆଦୌ କୌଣସି କାର୍ଯ୍ୟ କରୁ ନ ଥାନ୍ତି, ସେହି କ୍ଷେତ୍ରରେ ଦୃଷ୍ଟିଗତ ପ୍ରତ୍ୟକ୍ଷ ଉଦ୍‌ଘାଟନମାନ କାର୍ଯ୍ୟ କରୁଥାଏ, ଏପରି କେତେ କେତେ ସବୁଦ୍ଧ ପ୍ରେରଣା ଓ ସବୋଧିଗତ ଅନ୍ତଃଦୃଷ୍ଟି କାର୍ଯ୍ୟ କରୁଥାଏ, ଯାହା କି ଅତିବୌଦ୍ଧିକ ଏକ ଆଲୋକବିସ୍ତରତାର ଭୂମିରୁ ସତେ ଅବା ତଳକୁ ଡେଇଁପଡ଼ି ଆମ ପାଖରେ ଆସି ଉପସ୍ଥିତ ହୋଇଥାନ୍ତି । ଈଶ୍ୱରଶ୍ରଦ୍ଧା ହେଉଛି ଏକ ଅନନ୍ତ ତଥା ପରମ ଅନୁଭୂତି, ଯାହାକି ଆପଣା ମଧ୍ୟକୁ ବୁଦ୍ଧିପ୍ରସୂତ କୌଣସି ସୀମାବଦ୍ଧତାକୁ କଦାପି ପ୍ରବେଶ କରିବାକୁ ଦିଏ ନାହିଁ କିମ୍ବା ବୁଦ୍ଧିପ୍ରଣୋଦିତ ଉପାସନା କିମ୍ବା ଲାଳସାର କୌଣସି ଭାଷା ବ୍ୟବହାର କରେ ନାହିଁ । ଈଶ୍ୱରନିଷ୍ଠ ଆନନ୍ଦକୁ ଆମେ ସର୍ବଦା ଏକ ପ୍ରଶାନ୍ତ ତଥା ଏକ ଆନନ୍ଦ ବୋଲି କହିବା, ଯାହା କି ସକଳ ବୋଧଗମ୍ୟତାର ସୀମାକୁ ଅତିକ୍ରମ କରି ରହିଥାଏ । ଈଶ୍ୱରଙ୍କ ପାଖରେ ଆପଣାକୁ ସମର୍ପିତ କରି ରଖିବା ହେଉଛି ନିଜର ସମୁଦାୟ ସତ୍ତାଟିକୁ ନେଇ ବୁଦ୍ଧିର ଅତୀତ ଏକ ଆଲୋକ, ଇଚ୍ଛା, ସାମର୍ଥ୍ୟ ଓ ପ୍ରେମ ପାଖରେ ସମର୍ପଣ କରିଦେବା ; ଏବଂ ଏହି ପାର୍ଥିବ ଜୀବନଧାରଣର ନିତ୍ୟନୈମିତ୍ତିକ ଚର୍ଯ୍ୟାଟିରେ ମନୁଷ୍ୟର ପ୍ରୟୋଜନସଚେତ ବ୍ୟାବହାରିକ ବୁଦ୍ଧି ଆପଣା ସାଧନପଦ୍ଧତିର ସର୍ବୋତ୍ତମ ଅଙ୍ଗରୂପେ ଜୀବନ ସହିତ ଯେଉଁ ଅଗଣିତ ସାଲିସ୍‌ର ଆଶ୍ରୟ ନେଇଥାଏ, ଈଶ୍ୱରସେବାରେ ସେସବୁ ସକାଶେ ଆଦୌ କୌଣସି ସ୍ଥାନ ନ ଥାଏ । ଯେକୌଣସି କ୍ଷେତ୍ରରେ ଧର୍ମ ଆପଣାକୁ ଆବିଷ୍କାର କରିବାକୁ ସମର୍ଥ ହୁଏ, ଯେତେ ଯେତେ ସ୍ଥାନରେ ତାହା ଆପଣାର ସ୍ୱକୀୟ ଯଥାର୍ଥ ସ୍ୱଭାବଟିଲାଗି ଆପଣାକୁ ଉନ୍ମୋଚିତ କରିଦିଏ, ସେଠାରେ ତାହାର ପଥଟି ଏକ ଅମିଶ୍ରିତ ପରମ ପଥ ହୋଇ ରହିଥାଏ ଓ ସେଥିରୁ ଉପଲବ୍ଧ ପରିଣାମଗୁଡ଼ିକ ମଧ୍ୟ ଅନିର୍ବଚନୀୟ ହୋଇ ରହିଥାଏ । ଏଠାରେ ଅବଶ୍ୟ ସ୍ୱୀକାର କରାଯାଉଛି ଯେ, ଆପଣା କସମର ଧର୍ମଗତ ଏପରି ଅନେକ ଆଗ୍ରହ ଓ ଶୀଳଗତତା ସବୁବେଳେ ରହିଆସିଛି, ଯାହାକୁ ପ୍ରକୃତରେ ବଡ଼ ସଙ୍କୁଚିତ, କୁଣ୍ଠାଗ୍ରସ୍ତ ଓ ଅପୂର୍ଣ୍ଣ ବୋଲି କୁହାଯିବ, କେବଳ ଅର୍ଦ୍ଧନିଷ୍ଠ ବୋଲି କୁହାଯିବ, ଆପଣା ବିଷୟରେ କେବଳ ଅର୍ଦ୍ଧନିଶ୍ଚିତ ବୋଲି କୁହାଯିବ ; ଏବଂ ଏହିସବୁ କ୍ଷେତ୍ରରେ ଆପଣାର ମତ ଦେଇ କିଛି କହିବାଲାଗି ବୁଦ୍ଧିର ଏକ ସମର୍ଥତା ମଧ୍ୟ ସବୁବେଳେ ରହିଛି ।

ଆମ ଧର୍ମସତ୍ତା ତଥା ଧର୍ମାନୁଭବର ଏହି ସର୍ବୋଚ୍ଚ କ୍ଷେତ୍ର ପ୍ରସଙ୍ଗଟିରେ ମଧ୍ୟ ତର୍କବୁଦ୍ଧିର ଅବଶ୍ୟ ଏକ ଭୂମିକା ରହିଛି, ମାତ୍ର ତାହା ହେଉଛି ଏକ ଗୌଣ ଭୂମିକା, କେବଳ ଅଧୀନସ୍ଥ ହୋଇ କାର୍ଯ୍ୟ କରିବାର ଭୂମିକା । ଧର୍ମଗତ ଜୀବନ ସକାଶେ ବୁଦ୍ଧି କଦାପି କୌଣସି ନିୟମ ବାନ୍ଧିଦେଇ ପାରିବ ନାହିଁ, ଦିବ୍ୟଜ୍ଞାନର ପ୍ରକୃତି ତଥା ପ୍ରତିସ୍ୱାର ନିରୂପଣ କରିବାରେ ବୁଦ୍ଧିର ଆଦୌ କୌଣସି ଅଧିକାର ନାହିଁ । ଦିବ୍ୟ ପ୍ରେମ ଓ ଦିବ୍ୟ ଆନନ୍ଦର ଅନୁଭବ ଲାଭ କରିବାକୁ ହେଲେ ଆମକୁ ବୁଦ୍ଧିର ଘୁଣ୍ଟଶାଳୀକୁ

'oaob.nitrkl.ac.in' images reprocessed

ଯାଇ ପାଠ ଶିଖିବାକୁ ପଡ଼ିବ ନାହିଁ, ଆଧ୍ୟାତ୍ମିକ ଅନୁଭୂତିଲାଗି ବୁଦ୍ଧି ଆଦୌ କୌଣସି ବାଡ଼ ବା ଗାର ଟାଣିଦେଇପାରିବ ନାହିଁ ଅଥବା ଆଧ୍ୟାତ୍ମିକ ବ୍ୟକ୍ତିର କୌଣସି କ୍ରିୟା ଉପରେ ତାହା ଆପଣାର ଯୁଆଳଟିକୁ ନେଇ ଲଦିଦେଇପାରିବ ନାହିଁ । ବୁଦ୍ଧିର ନ୍ୟାଯ୍ୟ କ୍ଷେତ୍ରଟି ହେଉଛି ଯେ ତାହା ଆପଣାର ପାରୁପର୍ଯ୍ୟନ୍ତ ସବୁ ବିଷୟକୁ ବୁଝାଇ-ଦେବାକୁ ଚେଷ୍ଟା କରିବ ; ଆପଣାର ଭାଷାରେ ଏବଂ ମନୁଷ୍ୟର ମସ୍ତିଷ୍କପ୍ରେରିତ ଓ ବୁଦ୍ଧିପ୍ରଧାନ ଅଙ୍ଗଗୁଡ଼ିକଲାଗି ତାହା ଆମ ଅତିବୌଦ୍ଧିକ ତଥା ଆଧ୍ୟାତ୍ମିକ ଜୀବନର ସତ୍ୟ, ଅନୁଭୂତି ତଥା ବିଧାନଗୁଡ଼ିକୁ ବୁଝାଇଦେବାର ଚେଷ୍ଟା କରୁଥିବ । ପ୍ରାଚ୍ୟ ଜଗତରେ ତାହାହିଁ ଅଧ୍ୟାତ୍ମଦର୍ଶନର କାର୍ଯ୍ୟ ହୋଇ ରହିଆସିଛି ଏବଂ ଯେତେ ଅଶୋଧିତ ଓ ଅପୂର୍ଣ୍ଣଭାବରେ ହେଲେ ମଧ୍ୟ ପାଶ୍ଚାତ୍ତ୍ୟ ଦେଶରେ ତାହା ହିଁ ଈଶ୍ୱରତତ୍ତ୍ୱ-ଅଧ୍ୟୟନର କ୍ଷେତ୍ର ହୋଇ ରହିଆସିଛି । ଏହି କାର୍ଯ୍ୟଟିକୁ ଆମେ ଏକ ଅତି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି କହିବା ; ଏବଂ ବିଶେଷତଃ ବର୍ତ୍ତମାନ ଯୁଗର ଏହି ମୁହୂର୍ତ୍ତିଟିରେ, ଯେତେବେଳେ ବହୁ ଦୀର୍ଘପଥ ବୁଲିବୁଲି ମନୁଷ୍ୟର ବୁଦ୍ଧି ପୁଣି ଥରେ ପରମ ଦିବ୍ୟସତ୍ତାର ଅନୁସନ୍ଧାନଲାଗି ପ୍ରବୃତ୍ତ ହେବାକୁ ଆରମ୍ଭ କରୁଛି, ସେତେବେଳେ ଏହି କାର୍ଯ୍ୟଟିର ଅନେକ ମହତ୍ତ୍ୱ ରହିଛି । ଏଠାରେ ଅତ୍ୟନ୍ତ ଅନିବାର୍ଯ୍ୟଭାବରେ ବୁଦ୍ଧିଧର୍ମୀ କ୍ରିୟାତ୍ମକତାଗୁଡ଼ିକର ଗୋଟିଏ ଭାଗ ପ୍ରବେଶ କରିବାକୁ ଅବଶ୍ୟ ବାଧ୍ୟ ହେବ ; ତର୍କବୁଦ୍ଧିଗତ ବିଚାର ଆସିବ, ବୁଦ୍ଧିଗତ ଅଭିଜ୍ଞତାଗୁଡ଼ିକରୁ ଆହୃତ ତଥ୍ୟଗୁଡ଼ିକର ଅନୁମାନସବୁ ମଧ୍ୟ ଆସି ପଡ଼ିଥିବ, ଅସ୍ତିତ୍ୱର ପ୍ରାତିଭାସିକ ଘଟଣାଗୁଡ଼ିକ ବିଷୟରେ ଆମର ଉପାର୍ଜିତ ଜ୍ଞାନରୁ ଉପଲବ୍ଧ ତୁଳନା ତଥା ସାମଞ୍ଜସ୍ୟଗୁଡ଼ିକର ପ୍ରସଙ୍ଗ ମଧ୍ୟ ଆସିବ, ଏମନ୍ତକି ବିଜ୍ଞାନର ଜଡ଼ତନ୍ତ୍ରଗ୍ରସ୍ତ ସତ୍ୟଲାଗି କରାଯାଉଥିବା ଆବେଦନ ନିମିତ୍ତ ଏକ ସ୍ଥାନ ରହିବ, ଅର୍ଥାତ୍ ମୋଟଉପରେ କହିଲେ ଆପଣାର ନିତ୍ୟନୈମିତ୍ତିକ କ୍ରିୟାଶୀଳତାର କ୍ଷେତ୍ରରେ ବୁଦ୍ଧିଗତ ମନର ଯାବତୀୟ ସାଧନ ହି ଆସି ପ୍ରବେଶ କରିବ । ମାତ୍ର ଏଇଟିକୁ ଆମେ ଅଧ୍ୟାତ୍ମଦର୍ଶନର ସବୁଠାରୁ ଦୁର୍ବଳ ଭାଗ ବୋଲି କହିବା । ଯେଉଁଠି ବୁଦ୍ଧି ଭିତରେ ବିଶ୍ୱାସଲାଗି ଆଗରୁ ଏକ ପ୍ରବଣତା ରହିଥାଏ, କେବଳ ସେହି କ୍ଷେତ୍ରରେ ହିଁ ଅଧ୍ୟାତ୍ମଦର୍ଶନ ଆମର ବୁଦ୍ଧିଗତ ମନର କୌଣସି ଦୃଢ୍‌ବୋଧ କରାଇବାକୁ ସମର୍ଥ ହୋଇଥାଏ; ଏବଂ ଏପରିକି ଦୃଢ୍‌ବୋଧ କରାଇପାରିଲେ ମଧ୍ୟ ଏହା ଯଥାର୍ଥ ଜ୍ଞାନ ଆଣିଦେବାରେ କଦାପି ସମର୍ଥ ହୁଏ ନାହିଁ । ଆଧ୍ୟାତ୍ମିକ ସତ୍ତାର ଗଭୀର ସତ୍ୟ ତଥା ଅନୁଭୂତିଗୁଡ଼ିକୁ ତା' ଆଗରେ ଯେପରିଭାବରେ ପରିବେଷିତ କରି-ଦିଆଯାଏ, ଯେତେବେଳେ ବୁଦ୍ଧି ତାହାକୁ ଠିକ୍ ସେହିପରିଭାବରେ ହିଁ ଗ୍ରହଣ କରିନେଇ ସନ୍ତୁଷ୍ଟ ରହେ ଏବଂ ତର୍କବୁଦ୍ଧିଧର୍ମୀ ମନଲାଗି ସବୁଠାରୁ ଅଧିକ ବୋଧ ହେଲାଭଳି ଅଥବା ସବୁଠାରୁ କମ୍ ଅବୋଧ ହେଲାଭଳି ସେଗୁଡ଼ିକୁ ଏକ ଅନୁରୂପ ଆକାର, ଭାଷା ତଥା ବ୍ୟବସ୍ଥା ମଧ୍ୟରେ ଢାଳିଦେଇପାରେ, ସେତିକିବେଳେ ଯାଇ ଆମେ ବୁଦ୍ଧିକୁ ସବୁଠାରୁ ଅଧିକ ନିରାପଦ ବୋଲି କହିପାରିବା । ମାତ୍ର ସେତେବେଳେ ମଧ୍ୟ ତାହା

'oaob.nitrkl.ac.in' images reprocessed

ତଥାପି ସମ୍ପୂର୍ଣ୍ଣ ନିରାପଦ ନୁହେଁ ; କାରଣ ସେ କ୍ଷେତ୍ରରେ ତାହା ସେହି ବ୍ୟବସ୍ଥାଟିକୁ ଏକ ବୁଦ୍ଧିଗତ କଠିନ ସୂତ୍ରରୂପେ ବାନ୍ଧିଦେବାର ପ୍ରବୃତ୍ତି ଦେଖାଇଥାଏ ଏବଂ ସତେ ଯେପରି କେବଳ ବାହ୍ୟ ରୂପଟାକୁ ସର୍ବସ୍ୱ ମଣି ସେଇଟାକୁ ହିଁ ବାଡ଼ିଦେବାକୁ ଲାଳାୟିତ ହୋଇଥାଏ । ଏବଂ ଆପଣାର ଯଥାର୍ଥ କାର୍ଯ୍ୟଟିକୁ ସବୁଠାରୁ ଅଧିକ ସୁସ୍ପଷ୍ଟଭାବରେ କରୁଥିବା ସମୟରେ ମଧ୍ୟ ତାହା ଏପରି ଏକ ଭାଷାର ସାହାଯ୍ୟ ନେବାକୁ ବାଧ୍ୟ ହୁଏ, ଯାହାକୁ ଆମେ କଦାପି ଅତିବୌଦ୍ଧିକ ସତ୍ୟର ପ୍ରକୃତ ଭାଷା ବୋଲି କହିପାରିବା ନାହିଁ । ଏହି ଭାଷାକୁ ଆମେ ଅତିବୌଦ୍ଧିକର କେବଳ ଏକ ଅତି ଅପୂର୍ଣ୍ଣ ତର୍ଜମା ବୋଲି କହିପାରିବା ; ଏବଂ ସେଇଟି ମସ୍ତିଷ୍କଗତ ବୁଦ୍ଧିଶକ୍ତିର ବି ପରିଚିତ ଭାଷା ହୋଇ ନ ଥିବାରୁ ସାଧାରଣ ମନୁଷ୍ୟବୁଦ୍ଧି ତାହାକୁ ଆଦୌ ବୁଝିପାରିବ ନାହିଁ କିମ୍ବା ଏକାବେଳେକେ ଭୁଲଭାବରେ ବୁଝିବ ବୋଲି ମଧ୍ୟ ସବୁବେଳେ ଏକ ଆଶଙ୍କା ରହିଥିବ । ଆପଣାର ଅନୁଭୂତିରୁ ପ୍ରତ୍ୟେକ ଆଧ୍ୟାତ୍ମିକ ସାଧକ ଏକଥା ନିଶ୍ଚୟ ଭଲକରି ଜାଣିଥିବେ ଯେ ମନ ଯେତେ ଉଚ୍ଚ ଓ ତୁଙ୍ଗ ଶିଖରକୁ ଉଠି ଦର୍ଶନର ବିଶ୍ଳେଷଣ କରିବାରେ ଲାଗିଥିଲେ ମଧ୍ୟ ତାହା ଆମକୁ କଦାପି ଏକ ଯଥାର୍ଥ ଅନ୍ତର୍ବୋଧଗତ ଜ୍ଞାନ ଦେଇପାରିବ ନାହିଁ ; ସେହି ବିଶ୍ଳେଷଣକୁ ଆମେ ଆଧ୍ୟାତ୍ମିକ ଆଲୋକ ବୋଲି ବି କହିପାରିବା ନାହିଁ କିମ୍ବା ତାହା ଅନୁଭୂତିର ଯଥାର୍ଥ ଦ୍ୱାରଗୁଡ଼ିକୁ କେବେହେଲେ ଖୋଲିଦେଇପାରିବ ନାହିଁ । ଦାର୍ଶନିକ ଅନୁଶୀଳନ କେବଳ ମନୁଷ୍ୟର ବୁଦ୍ଧି ଦେଇ ତା'ର ଚେତନାଟିକୁ ସମ୍ବୋଧନ କରିପାରିବ ଏବଂ ତା'ପରେ ତା'କୁ କହିବ, "ତୋତେ ବୋଧଗମ୍ୟ ହେଲାଭଳି ଓ ସମ୍ଭବ ଲାଗିଲାଭଳି ଏକ ଗଢ଼ଣ ଓ ସୂତ୍ରରୂପରେ ମୁଁ ତୋ' ହାତରେ ସତ୍ୟକୁ ଆଣି ଦେଇପାରିବାର ଚେଷ୍ଟା କଲି । ଯଦି ତୋ'ର ବୁଦ୍ଧି ଏକଥା ବୁଝୁଛି ଏବଂ ଏଥିପ୍ରତି କୌଣସି ଆକର୍ଷଣ ଅନୁଭବ କରୁଛି, ତେବେ ତୁ ବର୍ତ୍ତମାନ ଇଚ୍ଛା କଲେ ଅସଲ ଜ୍ଞାନଟିର ସନ୍ଧାନ ବି କରିପାରୁ ; ମାତ୍ର ସେଥିଲାଗି ତୋତେ ଅନ୍ୟ ସାଧନଗୁଡ଼ିକର ସାହାଯ୍ୟ ନେବାକୁ ପଡ଼ିବ ଏବଂ ସେହି ସାଧନଗୁଡ଼ିକୁ ତୁ ମୋର କ୍ଷେତ୍ରଟି ଭିତରେ ଖୋଜି କଦାପି ପାଇପାରିବୁ ନାହିଁ ।"

ମାତ୍ର ଧର୍ମଗତ ଜୀବନରେ ଅନ୍ୟ ସ୍ତର ରହିଛି, ଯେଉଁଠାରେ କି ବୁଦ୍ଧିର ଏକ ଅଧିକ ସ୍ୱାଧୀନ ହସ୍ତକ୍ଷେପ ହୁଏତ ଉଚିତ ବୋଲି ମନେହେବ ଏବଂ ଯେଉଁଠି ବୁଦ୍ଧି ଉପରେ ସାଧାରଣତଃ ଏକ ଉଚ୍ଚତର ଭୂମିକା ନ୍ୟସ୍ତ ହୋଇ ରହିଥାଏ । କାରଣ ଯେପରି ବୁଦ୍ଧିର ଅତୀତ ହୋଇ ଏକ ଅତିବୌଦ୍ଧିକ ଜୀବନସ୍ତର ରହିଛି ଓ ସେଠାରେ ଧର୍ମଗତ ଆକାଙ୍କ୍ଷା ଯାହା ଖୋଜୁଛି, ତାହାକୁ ସମ୍ପୂର୍ଣ୍ଣଭାବରେ ଲାଭ କରିପାରୁଛି, ଠିକ୍ ସେହିପରି ଏକ ଅବବୌଦ୍ଧିକ ଜୀବନସ୍ତର ବି ରହିଛି ଏବଂ ସେଠାରେ ଆମର ସହଜାତ ପ୍ରବୃତ୍ତି, ଆବେଗ, ଇନ୍ଦ୍ରିୟବୋଧ, ଅଶୋଧିତ ସମ୍ବେଗ ଏବଂ ପ୍ରାଣଗତ ନାନା କ୍ରିୟାତ୍ମକତା ରହିଛି, ଯେଉଁଠାରୁ କି ମାନବୀୟ ସକଳ ଆକାଙ୍କ୍ଷାର ସୂତ୍ରପାତ ହେଉଛି । ଏଗୁଡ଼ିକ

'oaob.nitrkl.ac.in' images reprocessed

ମଧ୍ୟ ମନୁଷ୍ୟ ଭିତରେ ଅବସ୍ଥିତ ଧର୍ମଗତ ବୋଧର ସ୍ପର୍ଶ ଲାଭ କରିପାରୁଛନ୍ତି, ସେହି ବୋଧର ଆବଶ୍ୟକତା ତଥା ଅନୁଭୂତିରେ ଅଂଶଗ୍ରହଣ କରୁଛନ୍ତି ଏବଂ ତାହାର ଚରିତାର୍ଥତା କାମନା କରିପାରୁଛନ୍ତି । ଧର୍ମର ପରିସରଟି ମଧ୍ୟରେ ବି ଏହି ଚରିତାର୍ଥତାଟି ଅନ୍ତର୍ଭୁକ୍ତ ହୋଇ ରହିଛି ; ଏବଂ ଯାହାକୁ ସାଧାରଣତଃ ଧର୍ମ ବୋଲି କୁହାଯାଏ, ଏଇଟି ତାହା ଭିତରେ ହୁଏତ ବୃହତ୍ତର ଅଂଶରୂପେ ଅବସ୍ଥିତ ରହିଥିବା ପରି ମନେହେଉଛି ଏବଂ ବେଳେବେଳେ ଏକ ବାହ୍ୟ ଦୃଷ୍ଟିରୁ ଦେଖିଲେ ତାହାହିଁ ଧର୍ମର ପ୍ରାୟ ସବୁକିଛି ବୋଲି ଲାଗୁଛି । କାରଣ ଏହି ନାନାମିଶ୍ରିତ ପଙ୍କିଳ ପ୍ରବାହଟିର ମଧ୍ୟଦେଇ ଦେଖିଲାବେଳେ ଯଥାର୍ଥ ଅଧ୍ୟାତ୍ମ-ଅନୁଭୂତିର ପରମ ଶୁଦ୍ଧତା ଆଦୌ ଦୃଷ୍ଟିଗୋଚର ହେଉନାହିଁ କିମ୍ବା କେବଳ ଅତି ଝାପ୍‌ସାଭାବରେ ହିଁ ଦେଖାଯାଉଛି । ଆମର ହୀନତମ ପ୍ରବୃତ୍ତିଗୁଡ଼ିକ ସହିତ ଆମର ନିମ୍ନସ୍ତରସ୍ଥ ଅଜ୍ଞାନଗ୍ରସ୍ତ ପ୍ରକୃତିଟିର ସଂସ୍ପର୍ଶ ଓ ସମ୍ମିଳନ ଘଟିବାଫଳରେ କେତେକେତେ ଆବର୍ଜନା, ଅଜ୍ଞାନ, ଅନ୍ଧବିଶ୍ୱାସ ଓ ସଂଶୟଦୁଷ୍ଟ କେତେ ଉପାଦାନ ଆସି ପ୍ରବେଶ କରୁଛି । ଠିକ୍ ଏହି କ୍ଷେତ୍ରରେ ବୁଦ୍ଧି ଓ ବୁଦ୍ଧିଗତ ବିଚାରଣାଲାଗି ହୁଏତ ଏକ ନ୍ୟାଯ୍ୟ ସ୍ଥାନ ରହିଛି ; ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏହି କ୍ଷେତ୍ରରେ ଅନ୍ଧକାରକୁ ଦୂର କରିଦେବାଲାଗି, ବିଶୁଦ୍ଧ କରିବାଲାଗି ଏବଂ ସହଜାତ ପ୍ରବୃତ୍ତି ଓ ଆବେଗଗୁଡ଼ିକର ଉଦ୍‌ବେଳନ ମଧ୍ୟରେ କିଞ୍ଚିତ୍ ବୁଦ୍ଧିମତ୍ତାର ସଞ୍ଚାର କରାଇବାଲାଗି ଏଠି ବୁଦ୍ଧିର ହସ୍ତକ୍ଷେପ କରିବାର ଅବଶ୍ୟ ଏକ ସ୍ଥାନ ରହିଛି । ଏହା ମଧ୍ୟ ବେଶ୍ ବୁଝିହେବ ଯେ ଧର୍ମ ନାମରେ ଆମଭିତରେ ଯାହା ମୁଖ୍ୟତଃ ଅବବୌଦ୍ଧିକ ଏବଂ ଅପରିଶୁଦ୍ଧ ହୋଇ ରହିଛି, ତାହାର ସ୍ଥାନାପନ୍ନଭାବରେ ଏକ "ଶୁଦ୍ଧୀକୃତ" ଓ ବୁଦ୍ଧିସମର୍ଥିତ ଧର୍ମକୁ ଆଣି ବସାଇବାର ଏକ ଧର୍ମସଂସ୍କାର ବା ଧର୍ମଆନ୍ଦୋଳନକୁ ଆମେ ସର୍ବଦା ମନୁଷ୍ୟର ଧର୍ମଗତ ବିକାଶପଥରେ ଏକ ନିଶ୍ଚିତ ଅଗ୍ରଗତି ବୋଲି ମଧ୍ୟ କହିପାରିବା । କେତେକ ପରିମାଣରେ ଏସବୁ ଅବଶ୍ୟ ସତ ହୋଇପାରେ, ମାତ୍ର ଧର୍ମସତ୍ତାର ସ୍ୱଭାବଟି ବିଶେଷ ପ୍ରକାରର ସ୍ୱଭାବ ହୋଇଥିବାରୁ ଓ ଯେତେ ଗୁରୁତ୍ୱପୂର୍ଣ୍ଣ ନାନା ଅପୂର୍ଣ୍ଣତା ସହିତ ହେଲେ ମଧ୍ୟ କେବଳ ବୁଦ୍ଧିର ଅତୀତ ଏକ ଅନ୍ୟ ସମ୍ଭାବନା ଆଡ଼କୁ ଏହା ସମ୍ପୂର୍ଣ୍ଣରୂପେ ଆକର୍ଷିତ ହୋଇ ରହିଥିବାରୁ ଏହି କ୍ଷେତ୍ରରେ ଆମର ବୁଦ୍ଧିଗତ ମନ କୌଣସି ଉଚ୍ଚ ଓ ନିଶ୍ଚିତ ମୂଲ୍ୟ ରଖିଥିବାଭଳି କୌଣସି କାର୍ଯ୍ୟ କେବେହେଲେ କରିପାରିବ ନାହିଁ ।

ଧର୍ମର ବାଦ ତଥା ବ୍ୟାକୃତଗୁଡ଼ିକ କାଳକ୍ରମେ ପ୍ରାୟ ଅଚଳ ଓ ଦୋଷଦୁଷ୍ଟ ହୋଇପଡ଼ିଆନ୍ତି ଏବଂ ସେତେବେଳେ ସେଗୁଡ଼ିକୁ ବିନଷ୍ଟ କରିଦେବାକୁ ହୁଏ । ତା' ନ ହେଲେ ସେଗୁଡ଼ିକ ନିଜ ନିଜର ଅନ୍ତର୍ଗତ ଅର୍ଥକୁ ଅନେକ ପରିମାଣରେ ହରାଇ-ବସନ୍ତି, ସେମାନଙ୍କର ଜ୍ଞାନ ଅଚ୍ଛାଦିତ ହୋଇଯାଏ ଏବଂ ବ୍ୟାବହାରିକ ଆଚାରଗୁଡ଼ାକ ବଡ଼ କ୍ଷତିକାରକ ହୋଇପଡ଼େ । ତେଣୁ, ଯାହା ଅଚଳ ହୋଇପଡ଼ିଲାଣି, ତାହାର

'oaob.nitrkl.ac.in' images reprocessed

ବିନାଶସାଧନ କରିବା ଏବଂ ଯାହା ଅସଲ ଧର୍ମଟିକୁ ବିକୃତ କରିବାକୁ ଆରମ୍ଭ କଲାଣି, ତାହାର ଖଣ୍ଡନ କରିବାରେ ଧର୍ମର ଇତିହାସରେ ବୁଦ୍ଧି ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ମାତ୍ର ଧର୍ମର ରୂପ ତଥା ପ୍ରତୀକଗୁଡ଼ିକ ଚାରିପାଖରେ ପରଳପରି ମାଡ଼ି-ଯାଇଥିବା ଏହିସବୁ ଅନ୍ଧବିଶ୍ୱାସ ଓ ଅଜ୍ଞାନକୁ ବିଦୂରିତ କରି ରଖିବାର ଚେଷ୍ଟାରେ ଆଧ୍ୟାତ୍ମିକ ଜ୍ଞାନର କୌଣସି ସନ୍ଦୀପନ ଲାଭ କରି ନ ଥିବା ବୁଦ୍ଧିଗତ ବିଚାର ସେଗୁଡ଼ିକ ଭିତରେ ଯେଉଁ ସତ୍ୟ ତଥା ଅନୁଭୂତି ଅନ୍ତର୍ଭୁକ୍ତ ହୋଇ ରହିଥିଲା, ଅନେକ ସମୟରେ ସେଗୁଡ଼ିକୁ ମଧ୍ୟ ଅସ୍ୱୀକାର କରିବାକୁ ମନ ବଳାଏ ଏବଂ ଯେତେଦୂର ପାରେ, ସେଇଟିକୁ ବିନଷ୍ଟ କରିଦିଏ । ଧର୍ମଗତ ସଂସ୍କାର ଆନ୍ଦୋଳନଗୁଡ଼ିକ ଯେତେବେଳେ ଅତିମାତ୍ରାରେ ବୁଦ୍ଧିଗତ ବିଚାରଣାକୁ ହିଁ ଆଶ୍ରୟ କରି ରହିଥାନ୍ତି ଏବଂ ମୁଖ୍ୟତଃ କେବଳ ଭାଙ୍ଗି ପକାଇବାର ଅଥବା ପ୍ରତିବାଦ କରିବାର ପ୍ରବୃତ୍ତି ରଖିଥାନ୍ତି, ସେତେବେଳେ ସେମାନେ ସାଧାରଣତଃ ପ୍ରତିଷ୍ଠିତ ଧର୍ମଟିର ସ୍ଥାନରେ ଏପରିସବୁ ନୂତନ ଧର୍ମର ସୃଷ୍ଟି କରି ଥୋଇଦିଅନ୍ତି, ଯାହା ଭିତରେ କି ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟର ଏକାନ୍ତ ଅଭାବ ରହିଥାଏ ; ସେଥିରେ ଧର୍ମଗତ ସଂବେଗରେ ମଧ୍ୟ କିଛି ପୂର୍ଣ୍ଣତା ନ ଥାଏ । ସେଗୁଡ଼ିକ ମଧ୍ୟରେ ଆଙ୍ଗିକ ବା ମର୍ମିକ କୌଣସି ବୈଭବ ନ ଥାଏ । ସେଗୁଡ଼ିକର ବାହ୍ୟ ରୂପ ଓ ଅନେକ ସମୟରେ ସେଗୁଡ଼ିକର ଭାବଗତ ପରିଚୟଟି ମଧ୍ୟ ବଡ଼ ଦୈନ୍ୟଗ୍ରସ୍ତ, ଶୀର୍ଣ୍ଣ ତଥା ଉଷ୍ମତାହୀନ ହୋଇ ରହିଥାଏ । ଏବଂ ସେଗୁଡ଼ିକ ଯେ ଯଥାର୍ଥରେ ବୁଦ୍ଧିସମର୍ଥିତ ହୋଇ ରହିଥାନ୍ତି, ସେକଥା ମଧ୍ୟ ଠିକ୍ କହିହେବ ନାହିଁ । କାରଣ ସେଗୁଡ଼ିକ ପ୍ରକୃତରେ ଆପଣାର ବିଚାରଣା ତଥା ବିଶ୍ୱାସସୂତ୍ରଗୁଡ଼ିକଦ୍ୱାରା ବଞ୍ଚି ନ ରହିଥାନ୍ତି ଏବଂ ଏହି ବିଶ୍ୱାସ-ସୂତ୍ରଗୁଡ଼ିକ ପ୍ରକୃତ ବୁଦ୍ଧିପ୍ରେରିତ ମନଲାଗି ସେମାନେ ବିତାଡ଼ିତ କରିଦେଇଥିବା ପୂର୍ବର ସେହି ଧର୍ମଗୁଡ଼ିକର ବିଶ୍ୱାସସୂତ୍ର ତୁଳନାରେ ଆଦୌ କୌଣସି ଗୁଣରେ କମ୍ ବୁଦ୍ଧିବର୍ଜିତ ହୋଇ ନ ଥାନ୍ତି । ମାତ୍ର ସେହିସବୁ ସଂସ୍କାର-ଆନ୍ଦୋଳନ ଭିତରେ ଭାବାତ୍ମକ ବିଶ୍ୱାସ ଯେତିକି ପରିମାଣରେ ରହିଥାଏ ଓ ଅତିବୌଦ୍ଧିକ ବାସନା ଓ ଆକାଙ୍‌କ୍ଷା ଯେତିକି ବିଦ୍ୟମାନ ଥାଏ, ସେଗୁଡ଼ିକ ତାହାରିଦ୍ୱାରା ହିଁ ବଞ୍ଚିରହିଥାନ୍ତି । ଅବଶ୍ୟ ଏକଥା ସତ ଯେ ସେହି ଉତ୍ସାହ ଭିତରେ ସ୍ୱଳ୍ପ କେତେକ ଅବବୌଦ୍ଧିକ ଉପାଦାନ ମଧ୍ୟ ରହିଥାଏ, ମାତ୍ର ଆପଣାର ସମଗ୍ର ଉଦ୍ଦେଶ୍ୟଟିରେ ତାହା ଅତିବୌଦ୍ଧିକ ହୋଇ ରହିଥାଏ । ଅପେକ୍ଷାକୃତ କମ୍ ଆତ୍ମଜିଜ୍ଞାସାଯୁକ୍ତ ଧର୍ମବିଶ୍ୱାସସବୁ ତୁଳନାରେ ଏଗୁଡ଼ିକ ସାଧାରଣ ମନୁଷ୍ୟର ମନଲାଗି କମ୍ ସ୍ଥୂଳ ଓ କମ୍ ଅଶୋଧିତ ବୋଧ ହୋଇଥାନ୍ତି; କାରଣ ଅନେକ ସମୟରେ ଯଥେଷ୍ଟ ସାହସ ପୋଷଣ କରି ଅତିବୌଦ୍ଧିକ ଅନୁଭୂତିର ସ୍ପର୍ଦ୍ଧା ରଖିବାରେ ସେମାନେ ଅତିରିକ୍ତ ପରିମାଣରେ ଆଶଙ୍କାଯୁକ୍ତ ଓ ତେଣୁ ଅସମର୍ଥ ହୋଇଥାନ୍ତି । ଆପଣାର ଧର୍ମଗତ ଦିଗଟିରେ ସହଜାତ ପ୍ରବୃତ୍ତି ତଥା ଆବେଗ ଆଉର ଜୀବନ କଦାପି ସନ୍ତୋଷଜନକଭାବରେ ବୁଦ୍ଧିଦ୍ୱାରା ବିଶୋଧିତ ହୋଇପାରିବ ନାହିଁ ; ମାତ୍ର ସେଗୁଡ଼ିକୁ ବରଂ ଅନ୍ୟ ଏକ ପ୍ରେରଣାଦ୍ୱାରା ପ୍ରେରିତ କରି ରଖିଲେ ଓ ଚିନ୍ମୟତାର ସ୍ପର୍ଶରତା

'oaob.nitrkl.ac.in' images reprocessed

ମଧ୍ୟରୁ ସେଗୁଡ଼ିକୁ ଉନ୍ମୋଚିତ କରି ଧରିପାରିଲେ ତାହା ହୁଏତ ହୋଇପାରିବ । ଧର୍ମଗତ ବିକାଶର ସ୍ୱାଭାବିକ ଧାରାଟି ସର୍ବଦା ଏହି ଉଦ୍ଭାସିତ ଓ ଉନ୍ମୋଚିତ ହେବାର ମାର୍ଗରେ ହିଁ ଗତି କରିଥାଏ ; ତେଣୁ ଯେତେବେଳେ ଧର୍ମସଂସ୍କାରର କୌଣସି ଆନ୍ଦୋଳନ ଧର୍ମଗତ ଜୀବନାଦର୍ଶର ପୁରୁଣା ଗ୍ରନ୍ଥଗୁଡ଼ିକୁ ଏକାବେଳେକେ ଭାଙ୍ଗି ନ ପକାଇ ସେଗୁଡ଼ିକୁ ଏକ ନୂତନ ଅର୍ଥର ବ୍ୟଞ୍ଜନା ଆଣିଦେବାକୁ ସମର୍ଥ ହୁଏ ଅଥବା ଭାଙ୍ଗିଦେବା ବା ବିନଷ୍ଟ କରିବା ଏକାନ୍ତ ଆବଶ୍ୟକ ହେଉଥିଲେ ଯେତେବେଳେ ତାହା ସେଗୁଡ଼ିକ ସ୍ଥାନରେ ଅଧିକ ଦୀନତାଗ୍ରସ୍ତ ଗ୍ରନ୍ଥ ନ ଥୋଇ ଅଧିକ ସମୃଦ୍ଧିସମ୍ପନ୍ନ ନୂତନ ଗ୍ରନ୍ଥଗୁଡ଼ିକୁ ଆଣି ଅବସ୍ଥାପିତ କରାଇପାରେ ଏବଂ ସକଳ ପରିସ୍ଥିତିରେ ବୁଦ୍ଧିର ଆଲୋକପାତଦ୍ୱାରା ନୁହେଁ, ମାତ୍ର ବୁଦ୍ଧିସୀମାର ଅତୀତ ଏକ ସନ୍ଦୀପନଦ୍ୱାରା ସନ୍ଦୀପିତ କରାଇ ତାହା ଆପଣାର କ୍ଷେତ୍ରଟିକୁ ପରିଶୁଦ୍ଧ କରିବାର ଉଦ୍ୟମ କରେ, ସେତେବେଳେ ଯାଇ ତାହା ଆପଣାର କାର୍ଯ୍ୟଟିକୁ ସବୁଠାରୁ ଅଧିକ ସୁଷ୍ଠୁରୂପେ ସମ୍ପନ୍ନ କରିଥାଏ । ଯେଉଁ ଧର୍ମ କେବଳ ଶୁଦ୍ଧ ବୌଦ୍ଧିକତାକୁ ହିଁ ଅବଲମ୍ବନ କରି ଧରିଥାଏ, ତାହା କେବଳ ଏକ ଅତି ଶୀତଳ ଏବଂ ଶୀର୍ଣ୍ଣ ଈଶ୍ୱରବାଦ ବ୍ୟତୀତ ଆଉ ଅନ୍ୟ କିଛି ହେଲେ ହୋଇପାରେ ନାହିଁ ; ଏବଂ ଇତିହାସରେ ହୋଇଥିବା ଏଭଳି ଯାବତୀୟ ପ୍ରୟାସ କଦାପି କୌଣସି ପ୍ରାଣପ୍ରାଚୁର୍ଯ୍ୟ ଏବଂ ସ୍ଥାୟିତ୍ୱ ଅର୍ଜନ କରିବାରେ କେବେ ସଫଳ ହୋଇପାରିନାହିଁ; କାରଣ ସେହି ପ୍ରୟାସମାନ ଧର୍ମର ବିପରୀତ ଦିଗରେ ହିଁ କାର୍ଯ୍ୟ କରିଛନ୍ତି, ଅର୍ଥାତ୍ ଧର୍ମର ସ୍ୱାଭାବିକ ବିଧାନ ତଥା ଭାବାତ୍ମକତାଟିର ବିରୁଦ୍ଧରେ ଯାଇଛନ୍ତି । ତେଣୁ ଏହି କ୍ଷେତ୍ରରେ ଯଦି ବୁଦ୍ଧିକୁ କୌଣସି ମୀମାଂସକ ଭୂମିକା ଗ୍ରହଣ କରିବାକୁ ହୁଏ, ତେବେ ତାହା କେବଳ ଏକ ମସ୍ତିଷ୍କଗତ ବୁଦ୍ଧି ଓ ବିଚାରଣା ନ ହୋଇ ସଂବୋଧଗତ ବିଚାରଣା ଓ ବିବେଚନା ହେବା ଉଚିତ । ଆଧ୍ୟାତ୍ମିକ ପ୍ରଗାଢ଼ତା ତଥା ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟି ସେହି ବୁଦ୍ଧିକୁ ସବୁବେଳେ ସ୍ପର୍ଶ କରି ରହିଥିବା ଉଚିତ । କାରଣ ଆମକୁ ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ଆମେ ଯାହାକୁ ଅତିବୌଦ୍ଧିକ ବୋଲି କହୁଛୁ, ସେଇଟି ପଛରେ ମଧ୍ୟ ଏପରି ଏକ ସତ୍ୟ ପ୍ରଚ୍ଛନ୍ନ ରହିଛି, ଯାହାକୁ କି କଦାପି ତର୍କଣା ବା ବୁଦ୍ଧିରାଜ୍ୟର ଅନ୍ତର୍ଭୁକ୍ତ କରାଯାଇପାରିବ ନାହିଁ ଏବଂ ଯାହାକି ସମ୍ପୂର୍ଣ୍ଣଭାବରେ ବୁଦ୍ଧିଗତ ନିର୍ଣ୍ଣୟଗୁଡ଼ିକ ପାଖରେ ବାଧ୍ୟ ହୋଇ ରହି ନ ଥାଏ । ଆମ ହୃଦୟଭିତରେ ତାହାର ଏକ ସ୍ୱକୀୟ ସ୍ଥାନ ରହିଛି, ଆମର ପ୍ରାଣଗତ ଜୀବନଭିତରେ ମଧ୍ୟ ତାହାର ଏକ ସ୍ୱକୀୟ ସଂବୋଧଗତ ଚିନ୍ମୟତା ରହିଛି, ଏକ ପ୍ରଚ୍ଛନ୍ନ ଓ ପରମ ଶ୍ରେୟମତ୍ତାର ସଙ୍କେତ, ସୂଚନା, ସଂକ୍ରମଣ ଓ ପ୍ରଜ୍ୱଳନମାନ ଅବଶ୍ୟ ରହିଛି; ଏପରି ଏକ ଦିବ୍ୟ ଅଥବା ଅନ୍ତତଃ ଅର୍ଦ୍ଧଦିବ୍ୟ ଆକାଙ୍‌କ୍ଷା ଏବଂ ଆକୁଳତା ରହିଛି, କେବଳ ସଂବୋଧଗତ ଚକ୍ଷୁ ହିଁ ଯାହାର ସନ୍ଧାନ ପାଇପାରିବ, ଏବଂ କେବଳ ସଂବୋଧଦ୍ୱାରା ପ୍ରେରିତ ଭାଷା ବା ପ୍ରତୀକ ହିଁ ଯାହାକୁ କୌଣସି ପ୍ରତିରୂପ ଦେଇପାରିବ ଅଥବା ଯାହାର ଉଚ୍ଚାରଣ କରିପାରିବ । ଧର୍ମ ଭିତରୁ ଏହିସବୁ

'oaob.nitrkl.ac.in' images reprocessed

ପଦାର୍ଥଙ୍କୁ ଏକାବେଳେକେ ଉପାଡ଼ି ବାହାରକୁ ଫିଙ୍ଗିଦେବା ଏବଂ ଧର୍ମଗତ ପରିପୂର୍ଣ୍ଣତା ଲାଗି ଏକାନ୍ତ ଆବଶ୍ୟକ କୌଣସି ଉପାଦାନକୁ ଧର୍ମଭିତରୁ ବହିଷ୍କୃତ କରି ରଖିବା ଓ ସେହି ଉପାଦାନଗୁଡ଼ିକର ବ୍ୟକ୍ତ ରୂପଗୁଡ଼ାକ ବଡ଼ ଦୋଷଯୁକ୍ତ ଅଥବା ଅସ୍ପଷ୍ଟ ହୋଇ ରହିଛି ବୋଲି ଯୁକ୍ତି ଦର୍ଶାଇବା, ଅନ୍ତଃସ୍ଥିତ କୌଣସି ଆଲୋକଦ୍ୱାରା ସେଗୁଡ଼ିକୁ ନୂତନ ଭାବରେ ଆଲୋକିତ କରାଇପାରିବାକୁ ଅସମର୍ଥ ହେବା, କିମ୍ବା ଊର୍ଦ୍ଧ୍ୱଦେଶରୁ କୌଣସି ଆଲୋକ ଆସି ସେଗୁଡ଼ିକୁ ଆଲୋକିତ କରିଦେବା ପର୍ଯ୍ୟନ୍ତ ଧୈର୍ଯ୍ୟ ନ ରଖିବା ବା ଅପେକ୍ଷାକୃତ ଅଧିକ ଭାସ୍ୱର ପ୍ରତୀକଗୁଡ଼ିକଦ୍ୱାରା ସେଗୁଡ଼ିକର ସ୍ଥାନ ପୂରଣ କରି ନ ପାରିବା,—ଏହାଦ୍ୱାରା କୌଣସି ଧର୍ମର ଶୁଦ୍ଧି ଅଣାଯାଇପାରିବ ନାହିଁ । ବରଂ ଧର୍ମକୁ କେବଳ ଦୀନତାଗ୍ରସ୍ତ କରି ରଖିବା ହିଁ ସାର ହେବ ।

ମାତ୍ର ଆମର ଜୀବନଚଳଣାରେ ଯାହା ଅନେକ ସମୟରେ ହୋଇଥାଏ, ହୃଦ୍‌ଗତ ପ୍ରେରଣା ଏବଂ ବୁଦ୍ଧି ଭିତରେ ରହିଥିବା ସମ୍ବନ୍ଧ ଶତ୍ରୁତାପୂର୍ଣ୍ଣ ଏକ ସମ୍ବନ୍ଧ ହୋଇ ରହିବାର ଆଦୌ କୌଣସି ଆବଶ୍ୟକତା ନାହିଁ ; ସେମାନଙ୍କ ମଧ୍ୟରେ ଯେ ଆଦୌ କୌଣସି ସଂଘର୍ଷ ଘଟିବା ଉଚିତ ନୁହେଁ ସେପରି ମନେକରିବାର ମଧ୍ୟ କୌଣସି ଅବକାଶ ନାହିଁ । "ମୁଁ ବିଶ୍ୱାସ କରୁଛି, କାରଣ ଅନ୍ୟଥା ଏହା ଅସମ୍ଭବ ବୋଲି ପ୍ରତୀତ ହେଉଛି", ଅଥବା, ପାସ୍କାଲ୍‌ଙ୍କ ଭାଷାରେ କହିଲେ, "ମୁଁ ବିଶ୍ୱାସ କରୁଛି, କାରଣ ବିଶ୍ୱାସ ବ୍ୟତୀତ ଏହା ସମ୍ପୂର୍ଣ୍ଣ ଉଦ୍‌ଭଟ ବୋଲି ଲାଗୁଛି", ଧର୍ମ କଦାପି ଏହି ସୂତ୍ର ବାକ୍ୟଟିକୁ ଆପଣାର ଅନୁସୃତ ନୀତି କରି ରଖିବ ନାହିଁ । ଅନ୍ୟ କୌଣସି ଯଥାର୍ଥ ସାହାଯ୍ୟ ଗ୍ରହଣ ନ କରିଥିବା ବେଳେ ବୁଦ୍ଧି ଯାହାକୁ ଅସମ୍ଭବ ବା ଉଦ୍‌ଭଟ ବୋଲି ଭାବୁଥାଏ, ଚିନ୍ମୟତାର ସହାୟକ ପ୍ରେରଣା ଦ୍ୱାରା ଏବଂ ତାହାର ଆଲୋକ ଦ୍ୱାରା ଆପଣାକୁ ଆଲୋକିତ କରିଦେଇ ଆପଣାକୁ ଆପଣାର ସୀମାତୀତ କରି ଉନ୍ମୋଚିତ କରିନେଇଥିବା ବୁଦ୍ଧିକୁ ତାହା ହିଁ ସତ୍ୟ ତଥା ଯଥାର୍ଥ ବୋଲି ପ୍ରତିଭାତ ହେବାକୁ ଲାଗେ । କାରଣ ସେତେବେଳେ ତାହା ସେହି ସମ୍ବୋଧିପ୍ରେରିତ ମନଦ୍ୱାରା ପରିଚାଳିତ ହେଉଥାଏ, ଯାହାକି ଆମକୁ ଜ୍ଞାନର ଆହୁରି ଏକ ଉଚ୍ଚତର ତତ୍ତ୍ୱକୁ ଉନ୍ମୋଚିତ ହୋଇଯିବାଲାଗି ଆମର ମାର୍ଗସାଧନ ରୂପେ କାର୍ଯ୍ୟ କରିଥାଏ । ଆଧ୍ୟାତ୍ମିକତାର ପ୍ରଶସ୍ତତମ ବିଚରଣ କ୍ଷେତ୍ରଟିରୁ ମନୁଷ୍ୟଜୀବନର କୌଣସି ମହତ୍ତ୍ୱପୂର୍ଣ୍ଣ କିମ୍ବା ଅଥବା ବୃତ୍ତି କଦାପି ବହିଷ୍କୃତ ଅଥବା ହତୋତ୍ସାହିତ ହୋଇ ରହେ ନାହିଁ ; ମାତ୍ର ତାହା ସେଗୁଡ଼ିକୁ ପ୍ରତ୍ୟେକଙ୍କୁ ସେମାନଙ୍କର ଅପୂର୍ଣ୍ଣତା ଏବଂ ଅନ୍ଧ ଅସ୍ତ୍ୱାଳିତାର ଅଜ୍ଞାନ ମଧ୍ୟରୁ ଉନ୍ମୋଚିତ କରିନେବାକୁ କାର୍ଯ୍ୟ କରୁଥାଏ, ଆପଣାର ସ୍ପର୍ଶ ଦ୍ୱାରା ସେଗୁଡ଼ିକର ରୂପାନ୍ତର ଘଟାଏ ଏବଂ ସେମାନଙ୍କୁ ସେହି ପରମ ଦିବ୍ୟସତ୍ତା ତଥା ଦିବ୍ୟପ୍ରକୃତିର ଆଲୋକ, ସାମର୍ଥ୍ୟ ଓ ଆନନ୍ଦର ଗୋଟିଏ ଗୋଟିଏ ସାଧନରେ ପରିଣତ କରିଦିଏ ।

## ଚତୁର୍ଦ୍ଦଶ ପରିଚ୍ଛେଦ

# ବୁଦ୍ଧିର ଅତୀତ ସୌନ୍ଦର୍ଯ୍ୟ

ଧର୍ମକୁ ଆମେ ଆଧ୍ୟାତ୍ମିକର ସନ୍ଧାନ ବୋଲି କହୁବା ; ଯାହା ବୁଦ୍ଧିର ଅତୀତ, ତାହାର ସନ୍ଧାନ ବୋଲି କହୁବା ; ଏବଂ ସେହି କାରଣରୁ ମସ୍ତିଷ୍କଗତ ବୁଦ୍ଧିର ବିଚରଣା ଏହି କ୍ଷେତ୍ରରେ ହୁଏତ ଏକ ଅଯଥେଷ୍ଟ ସହାୟକ ହିସାବରେ କାର୍ଯ୍ୟ କରିପାରେ ଓ କେବଳ ପରିଶେଷରେ ନୁହେଁ, ଆରମ୍ଭରେ ମଧ୍ୟ ଆପଣାକୁ ଆପଣାର ନିର୍ଦ୍ଦିଷ୍ଟ ପ୍ରଦେଶଟିରୁ ବାହାର ହୋଇଗଲା ପରି ଅନୁଭବ କରିପାରେ ତଥା ହୁଏତ କେବଳ ସନ୍ଦେହର ବିଶ୍ୱାସର ସହିତ ଅଥବା ଆପଣାର ସାମର୍ଥ୍ୟଟିକୁ ଅତିରଞ୍ଜିତ ଭାବରେ ଦେଖି ହୁଣ୍ଡି ହୁଣ୍ଡି ଆପଣାର ସୋପାନଟି ତୁଳନାରେ ଏକ ଉଚ୍ଚତର ସୋପାନରେ ଅବସ୍ଥିତ ରହିଥିବା ଏକ ସାମର୍ଥ୍ୟ ଓ ଏକ ଆଲୋକର ରାଜ୍ୟଟି ମଧ୍ୟରେ ବିଚରଣ କରିବାକୁ ବାଧ୍ୟ ହୋଇପାରେ । ମାତ୍ର ମନୁଷ୍ୟ-ଚେତନା ଓ ମାନବୀୟ କ୍ରିୟାଶୀଳତାର ଅନ୍ୟ ରାଜ୍ୟ ବା କ୍ଷେତ୍ରଗୁଡ଼ିକରେ ହୁଏତ ଏହି ବୁଦ୍ଧିର ହିଁ ସର୍ବୋଚ୍ଚ ଓ ସର୍ବମୀମାଂସକ ସ୍ଥାନରେ ଯାଇ ବସିବାଲାଗି ପୂର୍ଣ୍ଣ ଅଧିକାର ରହିଛି ବୋଲି ଅନୁମିତ ହୋଇପାରେ ; କାରଣ ସେହି ରାଜ୍ୟଗୁଡ଼ିକ ବୁଦ୍ଧିଗତ ତଥା ସୀମାବିଶିଷ୍ଟ ସେହି ନିମ୍ନତର ଭୂମିଟିରେ ହିଁ ବିଚରଣ କରୁଥାନ୍ତି ଅଥବା ଦୁଇ ରାଜ୍ୟମଧ୍ୟରେ ରହିଥିବା ସେହି ସୀମା ପ୍ରଦେଶରେ ଅବସ୍ଥିତ ରହିଥାନ୍ତି ଯେଉଁଠାରେ କି ବୁଦ୍ଧିଗତ ଓ ଅତିବୌଦ୍ଧିକର ଭୂମି ଦୁଇଟି ପରସ୍ପରକୁ ସ୍ପର୍ଶ କରୁଥାନ୍ତି ଏବଂ ଯେଉଁଠାରେ ମନୁଷ୍ୟର ସହଜାତ ପ୍ରବୃତ୍ତିଗୁଡ଼ିକ ବୁଦ୍ଧିର ଆଲୋକପାତ ଓ ବୁଦ୍ଧିର ନିୟନ୍ତ୍ରଣ ଲାଗି ସର୍ବାଦୌ ଏକ ଆବଶ୍ୟକତା ରହିଥାଏ । ବୁଦ୍ଧିର ଆପଣା ରାଜ୍ୟଗୁଡ଼ିକରେ ଅର୍ଥାତ୍ ବିଜ୍ଞାନ, ଦର୍ଶନ ତଥା ଉପଯୋଗୀ କଳାଗୁଡ଼ିକର ସୀମାନିର୍ଦ୍ଦିଷ୍ଟ ଜ୍ଞାନକ୍ଷେତ୍ରରେ ବୁଦ୍ଧିର ଅଧିକାରକୁ କଦାପି ପ୍ରଶ୍ନ କରାଯାଇପାରିବ ନାହିଁ ବୋଲି ହୁଏତ ଅନୁମାନ କରାଯାଇପାରିବ । ମାତ୍ର ସର୍ବଶେଷରେ ସେଇଟି ମଧ୍ୟ ସମ୍ପୂର୍ଣ୍ଣ ଠିକ୍ ନୁହେଁ ବୋଲି ପ୍ରମାଣିତ ହୋଇଯିବ । ବୁଦ୍ଧିର କ୍ଷେତ୍ର ହୁଏତ ଏକ ବୃହତ୍ତର କ୍ଷେତ୍ର ହୋଇପାରେ, ବୁଦ୍ଧି ଭିତରେ ହୁଏତ ପ୍ରଚୁର କେତେ କେତେ ସାମର୍ଥ୍ୟ ଆଇପାରେ ଓ ବୁଦ୍ଧିର ସକଳ କ୍ରିୟା ଅଧିକ ଯଥାର୍ଥଭାବରେ ହୁଏତ ଆତ୍ମବିଶ୍ୱାସପୂର୍ଣ୍ଣ ହୋଇ ରହିପାରେ ; ମାତ୍ର ପରିଶେଷରେ ବୁଦ୍ଧି ଆପଣାକୁ କେବଳ ଆମ ସତ୍ତାର ଦୁଇଟି ଅନ୍ୟ ସତ୍ତାର ମଝିରେ ଠିଆହୋଇ ରହିଥିବାର

'oaob.nitrkl.ac.in' images reprocessed

ହିଁ ଦେଖିବାକୁ ପାଏ ଓ କେବଳ ସେହିଭଳି ଏକ ମଧ୍ୟବର୍ତ୍ତୀ ତତ୍ତ୍ୱର କାର୍ଯ୍ୟଟିକୁ ଅଲ୍ପ-ବହୁତ ସମ୍ପନ୍ନ କରିବାକୁ ବାଧ୍ୟ ହେଉଥାଏ । ଏକ ପାଖରେ ବୁଦ୍ଧି ଏକ ଆଲୋକପାତକାରୀ ରୂପେ କାର୍ଯ୍ୟ କରୁଥାଏ, ଅବଶ୍ୟ ତାହା ସର୍ବଦା ସର୍ବପ୍ରଧାନ ଆଲୋକପାତକାରୀ ହୋଇ ରହି ନ ଥାଏ ; ବୁଦ୍ଧି ଆମର ପ୍ରାଣଗତ ଆବେଗଗୁଡ଼ିକର କ୍ଷେତ୍ରରେ ସଂଶୋଧକଭାବରେ କାର୍ଯ୍ୟ କରୁଥାଏ, ଆମ ମନୋଭୂମିର ପ୍ରଥମ ଆକୂତିଗୁଡ଼ିକରେ ମଧ୍ୟ ଶୋଧନ ଆଣିବାର ଚେଷ୍ଟା କରୁଥାଏ । ଏବଂ ଅନ୍ୟ ପାଖଟିରେ ତାହା ପ୍ରଚ୍ଛନ୍ନରୂପେ ଅବସ୍ଥିତ ପରମ ଚିଦ୍‌ଗତତାର ଜଣେ ମନ୍ତ୍ରୀ ବା କାର୍ଯ୍ୟବିଧାୟକ ହୋଇ ରହିଥାଏ ଏବଂ ସେହି ଚିଦ୍‌ଗତତାର ଆବିର୍ଭାବ ସକାଶେ ହିଁ ଆବଶ୍ୟକ ପଥକୁ ପ୍ରସ୍ତୁତ କରିଦେବାରେ ଲାଗିଥାଏ ।

ଆମ ସାମର୍ଥ୍ୟ ସବୁର ସାଧାରଣ ଅବସ୍ଥାନ-ବ୍ୟବସ୍ଥାରେ ଯେଉଁ ଦୁଇଟି ଭୂମି ବୁଦ୍ଧିର ଦୁଇ ପାଖରେ ତାହାର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ରହିଛି, ସୌନ୍ଦର୍ଯ୍ୟବୋଧଗତ ତଥା ନୈତିକ ସେହି ଦୁଇଟିଯାକ ସତ୍ତ୍ୱରେ ହିଁ ଏହା ବିଶେଷ ଭାବରେ ଆପଣାକୁ ସ୍ପଷ୍ଟରୂପେ ଅନୁଭୂତ କରାଇଥାଏ । ଗୋଟିଏ ପାଖରେ ସୌନ୍ଦର୍ଯ୍ୟର ଅନ୍ୱେଷଣ ହେଉଥାଏ ଓ ଅନ୍ୟ ପାଖରେ ଶିବର ଅନ୍ୱେଷଣ କରାଯାଉଥାଏ । କାବ୍ୟ, ଚିତ୍ରାଙ୍କନ, ମୂର୍ତ୍ତିକଳା ତଥା ସ୍ଥାପତ୍ୟ ପ୍ରଭୃତି ମହାନ୍ ସୃଜନଶୀଳ କଳାନୁଧାବନଗୁଡ଼ିକରେ ହିଁ ମନୁଷ୍ୟର ସୌନ୍ଦର୍ଯ୍ୟାକାଙ୍‌କ୍ଷା ସବୁଠାରୁ ଅଧିକ ପ୍ରଗାଢ଼ ତଥା ସନ୍ତୋଷଦାୟୀ ଭାବରେ ଅଭିବ୍ୟକ୍ତ ହୋଇଥାଏ । ମାତ୍ର ସୌନ୍ଦର୍ଯ୍ୟକୁ ତାହାର ସବୁଠାରୁ ଅଧିକ ପରିପୂର୍ଣ୍ଣ ଭୂମିଟିରେ ସମ୍ପ୍ରସାରିତ କରିଦେଇ ବିଚାର କଲେ ମନୁଷ୍ୟର ପ୍ରକୃତି ତଥା ମନୁଷ୍ୟର ଜୀବନରେ ଏପରି କୌଣସି କ୍ରିୟା ବା କ୍ରିୟାତ୍ମକତା କଦାପି ଦେଖିବାକୁ ମିଳିବ ନାହିଁ, ଯାହା ଭିତରୁ କି ସୌନ୍ଦର୍ଯ୍ୟକୁ ଅଲଗା କରି ରଖାଯାଇପାରିବ ବା ରଖାଯିବା ଉଚିତ ବୋଲି ମନେହେବ । ଅବଶ୍ୟ ଏକଥା ସତ ଯେ ଏ କ୍ଷେତ୍ରରେ ସୌନ୍ଦର୍ଯ୍ୟ କହିଲେ ଆମେ ଶବ୍ଦଟିକୁ ତାହାର ବ୍ୟାପକତମ ତଥା ଯଥାର୍ଥତମ ଉଭୟ ଅର୍ଥରେ ହିଁ ବୁଝୁଥିବା । ସୌନ୍ଦର୍ଯ୍ୟକୁ ଆମେ ପରିପୂର୍ଣ୍ଣ ତଥା ବିଶ୍ୱମୟ ଭାବରେ ଅନୁଭବ କରିବାକୁ ସମର୍ଥ ହେବା ଏବଂ ଆମର ସମୁଦାୟ ଜୀବନ ଏବଂ ସମୁଦାୟ ସତ୍ତ୍ୱଟିକୁ ଆମେ ସର୍ବତୋଭାବେ ସୁନ୍ଦର କରିବାର ପ୍ରଯତ୍ନ କରୁଥିବା ; ପୂର୍ଣ୍ଣତାକାମୀ ମନୁଷ୍ୟ ତଥା ପୂର୍ଣ୍ଣତାକାମୀ ସମାଜର ଏହା ହିଁ ଏକ ଆବଶ୍ୟକ ଲକ୍ଷଣ ହୋଇ ରହିବା ଉଚିତ । ମାତ୍ର ଆପଣାର ମୂଳସ୍ଥ ପ୍ରେରଣାଟିରେ ସୌନ୍ଦର୍ଯ୍ୟର ଆକାଙ୍‌କ୍ଷାଟିକୁ ଆମେ କଦାପି ଏକ ବୁଦ୍ଧିଗତ ପ୍ରେରଣା ବୋଲି କହିବା ନାହିଁ ; ଆମ ଜୀବନର ଅସଲ ମୂଳଟିରେ ଏହାର ମୂଳଟି ବି ନିହିତ ହୋଇ ରହିଛି । ସୌନ୍ଦର୍ଯ୍ୟର ଆକାଙ୍‌କ୍ଷା ହେଉଛି ଏକ ସହଜାତ ପ୍ରବୃତ୍ତି ଓ ଏକ ସହଜାତ ଆବେଗ ; ସୌନ୍ଦର୍ଯ୍ୟବୋଧଗତ ପରିତର୍ପଣର ଏକ ସହଜାତ ପ୍ରବୃତ୍ତି ଏବଂ ସୌନ୍ଦର୍ଯ୍ୟସୃଷ୍ଟି ତଥା ସୌନ୍ଦର୍ଯ୍ୟୋପଭୋଗର ଏକ ସହଜାତ ଆବେଗ । ଆମ ସତ୍ତ୍ୱର ଅବବୌଦ୍ଧିକ ଅଂଶଗୁଡ଼ିକରେ ଆପଣାର ଉଦ୍ରେକ କରାଇ ଏହି ପ୍ରବୃତ୍ତି ତଥା ଏହି

'oaob.nitrkl.ac.in' images reprocessed

ଆବେଗ ଆପଣାର ସୃଜନ ତଥା ସମ୍ବେଦନର କ୍ଷେତ୍ରରେ ଅତ୍ୟନ୍ତ ଅପୂର୍ଣ୍ଣତା, ଅଶୁଦ୍ଧତା ତଥା ଅନେକ ଅଶୋଧିତତା ସହିତ ଆପଣାର କାର୍ଯ୍ୟ ଆରମ୍ଭ କରନ୍ତି । ଠିକ୍ ଏହି ପର୍ଯ୍ୟାୟଟିରେ ହିଁ ଏହି କ୍ଷେତ୍ରରେ ବୁଦ୍ଧିର ଆଗମନ ଘଟେ ; ବୁଦ୍ଧି ଏଠାରେ ଗୋଟିଏ ଆଉ ଗୋଟିକରୁ ବାରି ଦେଖାଇଦିଏ, ଆପଣାର ଆଲୋକଟିକୁ ପ୍ରକ୍ଷେପିତ କରି ରଖେ, ସଂଶୋଧନ କରିଏ, ଅଙ୍ଗୁଳି ନିର୍ଦ୍ଦେଶ କରି ଏ କ୍ଷେତ୍ରର ଅଭାବ ଏବଂ ଅଶୋଧନ-ଗୁଡ଼ିକୁ ଦେଖାଇଦିଏ, ସୌନ୍ଦର୍ଯବୋଧର ବିଧାନଗୁଡ଼ିକୁ ନିରୂପଣ କରିଦିଏ ଏବଂ ଉନ୍ନତ ରୁଚି ତଥା ଉଚିତ ଜ୍ଞାନଦ୍ୱାରା ଆମ ଉପଲବ୍ଧି ତଥା ସୃଜନର ପ୍ରକୃତିକୁ ମଧ୍ୟ ବିଶୁଦ୍ଧ କରି ରଖିବାକୁ ଚେଷ୍ଟା କରେ । ଏହିପରିଭାବରେ ବୁଦ୍ଧି-ପରିଚାଳିତ ହୋଇ ଯେତେବେଳେ ଆମେ ଶିଖିବାରେ ଏବଂ ଆପଣାର ସଂଶୋଧନ କରିବାରେ ଲାଗିଥାଉ, ସେତେବେଳେ କଳାବିତ୍ ତଥା କଳାନୁରାଗୀ ଉଭୟଙ୍କ ଲାଗି ବୁଦ୍ଧି ହିଁ ଯଥାର୍ଥ ବିଧାୟକ ଏବଂ ମାର୍ଗଦର୍ଶକ ବୋଲି ପ୍ରତୀତ ହୋଇଥାଏ ; ସେତେବେଳେ ଆମେ ବୁଦ୍ଧିକୁ ଆମର ସୌନ୍ଦର୍ଯ୍ୟକାମୀ ସହଜାତ ପ୍ରବୃତ୍ତି ଓ ସୌନ୍ଦର୍ଯ୍ୟକାମୀ ଆବେଗର ସ୍ରଷ୍ଟିକାରୀ ବୋଲି ଗ୍ରହଣ ନ କଲେ ମଧ୍ୟ ତାହାକୁ ହିଁ ଆମ ଭିତରେ ସୌନ୍ଦର୍ଯ୍ୟବୋଧଗତ ବିବେକ ଏବଂ ସୌନ୍ଦର୍ଯ୍ୟର ସଦାସତର୍କ ବିଚାରକ ତଥା ମାର୍ଗଦର୍ଶକ ବୋଲି ଅବଶ୍ୟ ମନେକରୁଥାଉ । ଆମେ ଭାବୁ ଯେ ଆମ ଭିତରେ ଯେଉଁ କିଛିଟି ପ୍ରଥମେ ବଡ଼ ଅସ୍ପଷ୍ଟ ଓ ପ୍ରମାଦପୂର୍ଣ୍ଣ ହୋଇ ରହିଥିଲା, ଏହି ବୁଦ୍ଧି ହିଁ ତାହାକୁ ଆତ୍ମସଚେତନତା ଆଣିଦେଲା ଓ ବୁଦ୍ଧି ମଧ୍ୟ ସହିତ ଏହି କ୍ଷେତ୍ରରେ ଉଚିତ ଅନୁଚିତ ବାଛିପାରିବା ଲାଗି ତାହାକୁ ସାମର୍ଥ୍ୟ ଆଣିଦେଲା ।

ମାତ୍ର ଏଇଟିକୁ ମଧ୍ୟ ଆମେ କେବଳ କେତେକ ନିର୍ଦ୍ଦିଷ୍ଟ ସୀମାଭିତରେ ହିଁ ସତ୍ୟ ବୋଲି କହିବା, ଅଥବା, ଯଦି ଏହା କୌଣସି କ୍ଷେତ୍ରରେ ସଂପୂର୍ଣ୍ଣରୂପେ ସତ୍ୟ ହୋଇଥାଏ, ତେବେ ଆମ ସୌନ୍ଦର୍ଯ୍ୟାକାଙ୍କ୍ଷା ଏବଂ ସୌନ୍ଦର୍ଯ୍ୟଗତ କ୍ରିୟାଶୀଳତାର କେବଳ ଏକ ମଧ୍ୟବର୍ତ୍ତୀ କ୍ଷେତ୍ରରେ ହିଁ ସେପରି କହିପାରିବା । ମାତ୍ର ଯେଉଁଠି ସୌନ୍ଦର୍ଯ୍ୟର ଉଚ୍ଚତମ ସୃଷ୍ଟି ସମ୍ଭବ ହୁଏ ଏବଂ ସୌନ୍ଦର୍ଯ୍ୟର ଅନୁଭୂତି ତଥା ଉପଲବ୍ଧି ଆପଣାକୁ ଆପଣାର ସର୍ବୋଚ୍ଚ ଶୀର୍ଷସୀମାକୁ ଉନ୍ନୀତ କରିନେଇଥାଏ, ସେଠାରେ ସବୁ କ୍ଷେତ୍ରରେ ବୁଦ୍ଧି କେବଳ ପଛରେ ପଡ଼ିରହିଥାଏ ଓ ବୁଦ୍ଧିର ସୀମା ତେଣିକି ଆହୁରି ଆଗକୁ ଘୁଞ୍ଚିଯିବାକୁ ହୁଏ । କାବ୍ୟ ଓ କଳାରେ ଯେଉଁ ସୌନ୍ଦର୍ଯ୍ୟର ସର୍ଜନା ହୁଏ, ତାହା କେବଳ ବୁଦ୍ଧିର ଆଜ୍ଞା ମାନି ହୁଏ ଅଥବା କେବଳ ବୁଦ୍ଧିର ମଣ୍ଡଳଟି ଭିତରେ ସଂଘଟିତ ହୁଏ ବୋଲି ଆମେ କଦାପି କହିବା ନାହିଁ । ଆମର ଏହି ବୁଦ୍ଧିଟା ହିଁ ଆମଭିତରେ କବି, କଳାବିତ୍ କିମ୍ବା ସ୍ରଷ୍ଟା ହୋଇ ବସିନାହିଁ ; ବୁଦ୍ଧିର ଅଜ୍ଞାତ ଆହୁରି ଏକ ରାଜ୍ୟରୁ ଆମ ଭିତରକୁ ଆଲୋକ ତଥା ସାମର୍ଥ୍ୟର ଆଲୋଡ଼ନ ଘଟିଲେ ଯାଇ ଏହି କ୍ଷେତ୍ରରେ ଯାବତୀୟ ସୃଷ୍ଟିର ଉନ୍ମେଷ ହୋଇଥାଏ; ଏବଂ ସର୍ବୋତ୍ତମ ସୃଷ୍ଟିର କ୍ଷେତ୍ରରେ ଏହି ଆଲୋକ ଓ ସାମର୍ଥ୍ୟ

'oaob.nitrkl.ac.in' images reprocessed

ସର୍ବଦା କେବଳ ଅନ୍ତର୍ଦୃଷ୍ଟି ଏବଂ ଅନ୍ତଃପ୍ରେରଣାଦ୍ୱାରା ହିଁ କାର୍ଯ୍ୟ କରୁଥାଏ । ଆପଣାର କେତେକ କାର୍ଯ୍ୟଲାଗି ତାହା ବୁଦ୍ଧିକୁ ହୁଏତ କାମରେ ଲଗାଇପାରେ ସତ, ମାତ୍ର ଏହା ଆପଣାକୁ ଯେତକ ଯେତକ ବୁଦ୍ଧିର ଅନୁଗତ ଓ ଅଧୀନ କରି ରଖେ, ସେହି ଅନୁପାତରେ ହିଁ ଆପଣାର ଶକ୍ତିମତ୍ତା ତଥା ଦୃଷ୍ଟିଗତ ସାମର୍ଥ୍ୟଟିକୁ ହରାଇବସେ ଏବଂ ଆପେ ସୃଷ୍ଟି କରୁଥିବା ସୌନ୍ଦର୍ଯ୍ୟଟିର ଦୀପ୍ତି ତଥା ସତ୍ୟଟିକୁ ମଧ୍ୟ କ୍ଷୀଣ କରିପକାଏ । ଉପରୁ ଆସି ଆଲୋଡ଼ିତ କରିଦେଉଥିବା ସେହି ପ୍ରେରଣାପ୍ରବାହଟିକୁ ବୁଦ୍ଧି ହୁଏତ ଅଧିକାର କରିନେଇପାରେ, ସେଥିରେ ଥିବା ସୃଷ୍ଟିଗତ ଦିବ୍ୟ ଉତ୍ସାହ ବା ପ୍ରେରଣାକୁ ତାହା ଅବଦମିତ କରି ରଖିପାରେ ଏବଂ ତାହାକୁ ଆପଣାର ହିଁ ହୁକୁମଗୁଡ଼ାକର ଯାବତୀୟ ସତର୍କତାକୁ ମାନି ରହିବାଲାଗି ବାଧ୍ୟ କରିପାରେ; ମାତ୍ର ଏପରି କରୁକରୁ ତାହା ସୌନ୍ଦର୍ଯ୍ୟକୃତିଟିକୁ ମଧ୍ୟ ଠିକ୍ ଆପଣାର ସ୍ଥାନତର ସ୍ତରଟିକୁ ଖସାଇ ନେଇଆସେ ଏବଂ ଏଠାରେ ବୁଦ୍ଧି ଯେତକ କମ୍ ବା ଅଧିକ ହସ୍ତକ୍ଷେପ କରେ, ଏହି ସ୍ଖଳନଟି ଠିକ୍ ସେହି ପରିମାଣରେ ସଂଘଟିତ ହୋଇଥାଏ । କାରଣ ଆପଣା କରାମତ ଭିତରେ ବୁଦ୍ଧି କେବଳ ପ୍ରତିଭା ବା ଦକ୍ଷତା ହିଁ ହାସଲ କରିପାରେ ଏବଂ ଏକଥା ମଧ୍ୟ ସତ ଯେ ଉପରୁ ଯଥେଷ୍ଟଭାବରେ ସାହାଯ୍ୟ ପାଇପାରିଲେ ତାହା ଏକ ଉଚ୍ଚସ୍ତରୀୟ ଏବଂ ଏପରିକି ସୀମାତିକ୍ରମୀ ଏକ ପ୍ରତିଭାରେ ବି ପରିଣତ ହୋଇପାରେ । ମାତ୍ର ଯେଉଁ ଅସଲ ପ୍ରତିଭା ପ୍ରକୃତରେ ଯାବତୀୟ ସୃଜନରେ ଜନକର କାର୍ଯ୍ୟ କରେ, ତାହା ଆପଣାର ସ୍ୱଭାବ ଓ ପ୍ରକୃତିରେ ସର୍ବଦା ବୁଦ୍ଧିର ଅତୀତ ହୋଇ ରହିଥାଏ, ତା'ର ସାଧନଗୁଡ଼ିକ ମଧ୍ୟ ସର୍ବଦା ବୁଦ୍ଧିର ଅତୀତ ହୋଇ ରହିଥାଏ; ଏପରିକି ଏହା କେବଳ ବୁଦ୍ଧିର ହିଁ କୌଣସି କାର୍ଯ୍ୟ କରୁଥିବା ସମୟରେ ମଧ୍ୟ ଏହା ବୁଦ୍ଧିର ଅତୀତ ହୋଇ ରହିଥାଏ । ଯେତେବେଳେ ଗୃହୀତା ବୁଦ୍ଧିସର୍ବସ୍ୱତାଦ୍ୱାରା ଏହା ସବୁଠାରୁ କମ୍ ସଂଯମିତ ହୋଇ ରହିଥାଏ, ଏବଂ ତାହାର କୌଣସି ପ୍ରକାର ହସ୍ତକ୍ଷେପରୁ ଶୁଦ୍ଧ ଓ ଅବମିଶ୍ରିତ ରହିଥାଏ, ସେତିକବେଳେ ହିଁ ତାହା ଆପଣାର ସ୍ୱକୀୟ ପରିଚୟଟିରେ ସବୁଠାରୁ ଅଧିକ ପ୍ରତିଭାତ ହେଉଥାଏ, ଆପଣାର କୃତିରେ ସବୁଠାରୁ ଅଧିକ ମହିମାନ୍ୱିତ ହୋଇପାରେ ଏବଂ ଆପଣା ସିଦ୍ଧିର ସାମର୍ଥ୍ୟ, ଗଭୀରତା, ଉଚ୍ଚତା ତଥା କମନୀୟତାଦ୍ୱାରା ତାହା ସବୁଠାରୁ ଅଧିକ ବ୍ୟକ୍ତ ହୋଇ ରହିଥାଏ । ଏବଂ ବୁଦ୍ଧିଗତ ବିରଚନାର ଯନ୍ତ୍ରବତ୍ ପ୍ରକ୍ରିୟାଟି ଉପରେ ଆସ୍ଥା ରଖିଥିବା ପର୍ଯ୍ୟନ୍ତ ଅନେକ ସମୟରେ ଏହାର ଦୃଷ୍ଟି ତଥା ପ୍ରେରଣାର ଶିଖରଗୁଡ଼ିକରୁ ଏହା ପ୍ରାପ୍ୟ କିଛିହେଲେ ଲାଭ କରିପାରେ ନାହିଁ । ଯେଉଁ କଳାସୃଷ୍ଟି ବୁଦ୍ଧିର ଅଇନଗୁଡ଼ାକୁ ଆପଣାର ସୂତ୍ର ବୋଲି ଗ୍ରହଣ କରେ ଏବଂ ବୁଦ୍ଧି ଟାଣିଦେଇଥିବା ଗାରଗୁଡ଼ିକ ଭିତରେ ହିଁ ଯାହାକିଛି କାର୍ଯ୍ୟ କରୁଥାଏ, ତାହା ହୁଏତ ଏକ ବିରାଟ, ସୁନ୍ଦର ଏବଂ ବଳୀୟାନ୍ କଳାସୃଷ୍ଟି ହୋଇପାରେ; କାରଣ ଗୋଡ଼ରେ ବେଡ଼ି ପଡ଼ିଥିବା ଅବସ୍ଥାରେ କାର୍ଯ୍ୟ କରୁଥିଲେ ଏବଂ ଆପଣାର ସକଳ ସାମର୍ଥ୍ୟକୁ କାମରେ ଲଗାଉ ନ ଥିଲେ ମଧ୍ୟ ପ୍ରତିଭା ତଥାପି ଆପଣାର ଶ୍ରେଷ୍ଠଟିକୁ ବେଶ୍ ସଂରକ୍ଷିତ କରି ରଖିପାରେ ।

'oaob.nitrkl.ac.in' images reprocessed

ମାତ୍ର ବୁଦ୍ଧିକୁ ସାଧନ କରି ଗଢ଼ କଲାବେଳେ ପ୍ରତିଭା ପ୍ରକୃତରେ କୌଣସି ସୃଷ୍ଟି କରେ ନାହିଁ, କେବଳ କାରିଗରି ଦେଖାଏ । କାରିଗରିଭାବରେ ତାହା ବଡ଼ ଚମତ୍କାର କରି କେତେ କ'ଣ ଗଢ଼ି ଥୋଇଦେଇପାରେ, ତାହାର ଗଠନକୁଶଳତାରେ ହୁଏତ କୌଣସି ଦୋଷ ବା ଖୁଣ ନ ଥାଇପାରେ ; ମାତ୍ର ସେତେବେଳେ କେବଳ ଉପର ରୂପଟାରେ ହିଁ ତାହା ସଫଳତା ପାଏ ଏବଂ ଆତ୍ମିକର କ୍ଷେତ୍ରରେ ତାହା କଦାପି ହେଲେ ହାସଲ କରିପାରେ ନାହିଁ । କେବଳ ଶୈଳୀ ବା ଗୁମ୍ଫିତ ପଦ୍ଧତିଟା ହିଁ ସାଫଲ୍ୟ ଲାଭ କରେ, ମାତ୍ର ଆପଣାର ଅନ୍ତର୍ଗତ ସତ୍ୟପରିଚୟରେ ବିମ୍ବିତ ହୋଇ-ପାରିଥିବା ସୌନ୍ଦର୍ଯ୍ୟଟିର ଅବିନାଶୀ ସତ୍ୟଟିକୁ ତା'ଭିତରେ ଖୋଜିବାକୁ ଗଲେ ବିଫଳ ହେବାକୁ ହୁଏ । ସେହି ଗଠନ ମଧ୍ୟରେ ଦିବ୍ୟ ଆନନ୍ଦର କୌଣସି ସତ୍ତା ନ ଥାଏ, ସକଳ ଆନନ୍ଦର ଉତ୍ସସ୍ୱରୂପ ସେହି ପରମ ଆନନ୍ଦଲାଗି ସେଥିରେ କୌଣସି ଆବେଦନ ନ ଥାଏ ।

କଳାତ୍ମକ ସୃଷ୍ଟିର ଇତିହାସରେ ବୁଦ୍ଧିପ୍ରଧାନ ଏପରି ଗୋଟିଏ ଯୁଗ ବେଳେ ବେଳେ ରହିଆସିଛି, ଯେତେବେଳେ କି ବୁଦ୍ଧିପ୍ରସୂତ ଓ ବୁଦ୍ଧିଗତ ପ୍ରବୃତ୍ତିଟି ହିଁ କାବ୍ୟ ଓ କଳା ମଧ୍ୟରେ ପ୍ରଭାବଶାଳୀ ହୋଇରହିଛି ; ଏପରିକି ଆମକୁ ଏଭଳି କେତୋଟି ଜାତିର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିବ, ଯେଉଁମାନେ କି ଆପଣା କଳା ଓ ସାହିତ୍ୟର ନିର୍ମୀୟମାନ ପର୍ଯ୍ୟାୟଗୁଡ଼ିକରେ ବୁଦ୍ଧି ଏବଂ ଅତିରିକ୍ତ ବିଶ୍ଳେଷଣର ଏକ ରୁଚିକୁ ହିଁ ଆପଣାର ସୌନ୍ଦର୍ଯ୍ୟବୋଧଗତ ଯାବତୀୟ କ୍ରିୟାରେ ସର୍ବମୀମାଂସକ ସାମର୍ଥ୍ୟରୂପେ ନେଇ ବସାଇଦେଇଛନ୍ତି । ଆପଣାର ଉଚ୍ଚତମ କୁଶଳତାର ସୀମାରେ ପହଞ୍ଚି ଏହି ପର୍ଯ୍ୟାୟଗୁଡ଼ିକ କେତେକ ପରିମାଣରେ ବୃହତ୍ ବୋଲି କୁହାଯିବା ଭଳି କୃତିମାନ ଦେଖାଇପାରିଛନ୍ତି, ମାତ୍ର ସେମାନଙ୍କର ସେହି ଗରିମା ମୁଖ୍ୟତଃ ଏକ ବୁଦ୍ଧିଗତ ଗରିମାରେ ହିଁ ସୀମିତ ହୋଇ ରହିଛି, କେବଳ ଶୈଳୀଗତ ପରିପୂର୍ଣ୍ଣତା ଭିତରେ ବାନ୍ଧିହୋଇ ରହିଛି ; କିନ୍ତୁ ସେଗୁଡ଼ିକୁ ଆମେ ଏକ ସର୍ବୋଚ୍ଚସ୍ତରୀୟ ପ୍ରେରଣାମୟ ଓ ଦ୍ୱାରୋନ୍ମୋଚନକାରୀ ସୌନ୍ଦର୍ଯ୍ୟର କୃତି ବୋଲି କଦାପି କହିପାରିବା ନାହିଁ । ବସ୍ତୁତଃ ସୌନ୍ଦର୍ଯ୍ୟର ସେହି ଗଭୀରତର ସତ୍ୟଟିକୁ ଆବିଷ୍କାର କରିବା ତାହାର ଉଦ୍ଦେଶ୍ୟ ହୋଇ ରହିନାହିଁ ; କେବଳ ବହିରଗତ ସତ୍ୟ ଓ ବୁଦ୍ଧିଗତ ସତ୍ୟ ହିଁ ତାହାର କାମ୍ୟ ହୋଇ ରହିଛି, ତାହାର ଯଥାର୍ଥ ଉଦ୍ଦେଶ୍ୟଟି ସୃଜନମୂଳକ ନ ହୋଇ ପ୍ରଧାନତଃ ବିବରଣାମୂଳକ ହୋଇ ରହିଛି । ତାହାର ଯାବତୀୟ ଆଗ୍ରହରେ ତାହା କେବଳ ଜୀବନ ତଥା ପ୍ରକୃତିର ଏକ ବୁଦ୍ଧିପ୍ରଣୋଦିତ ସମୀକ୍ଷଣକୁ ହିଁ ଆପଣାର ମାର୍ଗଦର୍ଶକ କରି ରଖିଛି, ସେହି ସମୀକ୍ଷଣ ଭିତରେ ଏକ ପରିପୂର୍ଣ୍ଣତାବୋଧୀ କାବ୍ୟଛନ୍ଦ ଓ କାବ୍ୟିକ ହେମସୂତା ପୂରାଇଦେଇ ସେ ତାହାକୁ କେବଳ ଟିକିଏ ଉଦାର କରି ରଖିବାକୁ ଚେଷ୍ଟା କରିଛି; ମାତ୍ର କଳାତ୍ମକ ସୌନ୍ଦର୍ଯ୍ୟର ପ୍ରେରଣାମୟ ପ୍ରତିରୂପ ମାଧ୍ୟମରେ ତାହାକୁ ଭଗବାନ,

'oaob.nitrkl.ac.in' images reprocessed

ମନୁଷ୍ୟ, ଜୀବନ ତଥା ପ୍ରକୃତିର ଏକ ସତ୍ୟୋନ୍ମୋଚନ ଦ୍ୱାରା ଉଦ୍ଭାସିତ କରିଦେବାକୁ ଆକାଙ୍‌କ୍ଷା ଦେଖାଇ ପାରିନାହିଁ । ମାତ୍ର ଯଥାର୍ଥରେ ମହାନ୍ କଳା ବିଷୟଗୁଡ଼ିକର କେବଳ ବୁଦ୍ଧିଗତ ସତ୍ୟଗୁଡ଼ିକର ପରିବେଷଣ କରି କଦାପି ସନ୍ତୁଷ୍ଟ ରହିପାରିବ ନାହିଁ ; କାରଣ ଏହି ବୁଦ୍ଧିଗତ ସତ୍ୟଗୁଡ଼ିକ ସର୍ବଦା ସେଗୁଡ଼ିକର କେବଳ ଉପରିଭାଗସ୍ଥ ଅର୍ଥାତ୍ ବାହ୍ୟ ସତ୍ୟ ହୋଇ ରହିବ । ଅନ୍ୟପକ୍ଷରେ ମହାନ୍ କଳା ସର୍ବଦା ଏକ ଅଧିକ ଗଭୀର ଓ ମୌଳିକ ସତ୍ୟର ଆକାଙ୍‌କ୍ଷା ରଖିଥିବ, ଯାହା କି କେବଳ ଏହି ବାହ୍ୟ ଚକ୍ଷୁ ଅଥବା କେବଳ ବୁଦ୍ଧିସର୍ବସ୍ୱତା ପାଖରେ ଧରା ଦେବ ନାହିଁ, ମହାନ୍ କଳା ବିଷୟଗୁଡ଼ିକରେ ନିହିତ ହୋଇରହିଥିବା ଆତ୍ମସତ୍ୟଟି ଲାଗି ଆକାଙ୍‌କ୍ଷା ରଖିବ, ସେଗୁଡ଼ିକର ଅଦୃଶ୍ୟ ଯଥାର୍ଥ ପରିଚୟଟିର ଆକାଙ୍‌କ୍ଷା ରଖିଥିବ, ଯାହାକୁ କି ଆମେ ସେଗୁଡ଼ିକର ବାହ୍ୟରୂପ କିମ୍ବା ବାହ୍ୟ ପ୍ରତିଚ୍ଛବିଟିର ସତ୍ୟ ବୋଲି ନ କହି ସେଗୁଡ଼ିକର ଆତ୍ମାର ସତ୍ୟ ବୋଲି କହିପାରିବା । ମହାନ୍ କଳା ସେହି ଆତ୍ମାର ସତ୍ୟଟିକୁ ହିଁ ଆବିଷ୍କାର କରେ ଏବଂ ଆକାର ତଥା ଭାବ ଦେଇ ତାହାକୁ ପ୍ରକାଶ କରେ ; ମାତ୍ର ସେହି ଆକାରଟି ମଧ୍ୟ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଆକାର ହୋଇଥାଏ, ଯାହାକୁ କି ବାହ୍ୟ ପ୍ରକୃତି ମଧ୍ୟରେ ରହିଥିବା ଆକାରଟିର କେବଳ ଏକ ବିଶ୍ୱସ୍ତ ଓ ଅବିକଳ ଅଥବା ଏକ ସମାନୁପାତଯୁକ୍ତ ପୁନରାବୃତ୍ତି ବୋଲି କୁହାଯାଇପାରିବ ନାହିଁ । ସେହି ଭାବଟି ମଧ୍ୟ ଏକ ଉନ୍ମୋଚନକାରୀ ଭାବ ; ତାହା ଏପରି ଏକ ଭାବ ନୁହେଁ, ଯାହାକୁ ଆମେ କେବଳ ନିର୍ଭୁଲ ବୋଲି କହିବା, ଚମତ୍କାର ଭାବରେ ଠିକ୍ ବୋଲି କହିବା ଅଥବା ଆମର ବୁଦ୍ଧି ଓ ରୁଚିର ସମ୍ପୂର୍ଣ୍ଣ ସନ୍ତୋଷବିଧାନ କରୁଛି ବୋଲି କହିପାରିବା । ମହାନ୍ କଳା ଯେଉଁ ସତ୍ୟଟିର ଅନୁସନ୍ଧାନ କରେ, ତାହା ହେଉଛି ସର୍ବଦା ପ୍ରଥମତଃ ଓ ପ୍ରଧାନତଃ ସୌନ୍ଦର୍ଯ୍ୟର ସତ୍ୟ ; ଆଉ ଥରେ କହିବାକୁ ଗଲେ ତାହା କେବଳ ବାହ୍ୟଗଠନର ସୌନ୍ଦର୍ଯ୍ୟ ନୁହେଁ, ଅନୁପାତ କିମ୍ବା ଉଚିତ ବାହ୍ୟପ୍ରତିଚ୍ଛବିଟିର ବି ସୌନ୍ଦର୍ଯ୍ୟ ନୁହେଁ । କାରଣ ବାହ୍ୟପ୍ରତିଚ୍ଛବିଟିକୁ ଜାଣିବା-ଲାଗି ତ ଆମର ଇନ୍ଦ୍ରିୟ ଓ ଆମର ବୁଦ୍ଧି ଆକାଙ୍‌କ୍ଷା ପୋଷଣ କରିଥାନ୍ତି । ମାତ୍ର ସୌନ୍ଦର୍ଯ୍ୟଗତ ଏହି ଅସଲ ସତ୍ୟଟି ଆମ ସାଧାରଣ ଚକ୍ଷୁଟିର ଅଗୋଚର ହୋଇ ରହିଥାଏ, ସାଧାରଣ ମନଟି ପାଖରୁ ମଧ୍ୟ ଅନ୍ତରାଳ ହୋଇ ରହିଥାଏ ଏବଂ କେବଳ ମନୁଷ୍ୟସ୍ଥ ସେହି କବି ଅଥବା କଳାକାରର ଆବରଣମୁକ୍ତ ଚକ୍ଷୁରେ ଆସି ଧରାଦିଏ, ଯିଏ କି ବିଶ୍ୱଗତ ପରମ କବି ତଥା ପରମ କଳାକାରଙ୍କର ସଂଗୁପ୍ତ ତାତ୍ପର୍ଯ୍ୟଗୁଡ଼ିକର ସ୍ପର୍ଶ ଲାଭ କରିପାରେ ଏବଂ ସେହି ଦିବ୍ୟସ୍ରଷ୍ଟାଙ୍କର ନିଗୂଢ଼ ତାତ୍ପର୍ଯ୍ୟଗୁଡ଼ିକୁ ମଧ୍ୟ ଅନୁଭବ କରିପାରେ, ଯିଏ କି ବିଶ୍ୱର ସକଳ ରୂପକୁ ସୃଷ୍ଟି କରିଛନ୍ତି ଏବଂ ସେହିସବୁ ରୂପର ଆତ୍ମା ଓ ଚିନ୍ମୟତା-ରୂପେ ସେଗୁଡ଼ିକ ମଧ୍ୟରେ ଅବସ୍ଥାନ କରିବାରେ ଲାଗିଛନ୍ତି ।

କଳାଗତ ଯେଉଁ ସୃଷ୍ଟି ବୃତ୍ତି, ରୁଚି ଏବଂ ସେହି ବୃତ୍ତି ଓ ରୁଚିର ଅନୁଶାସନ-ଗୁଡ଼ାକୁ ମାତ୍ର ରଚିତ ଏକ ନିର୍ଦ୍ଦିଷ୍ଟ ଶୈଳୀର ନିଖୁଣତା ଏବଂ ବିଶୁଦ୍ଧତା ଉପରେ ସବୁଠାରୁ

'oaob.nitrkl.ac.in' images reprocessed

ଅଧିକ ମହତ୍ତ୍ୱ ଆରୋପ କରେ, ତାହା ଏକଦା ଆପଣାକୁ କ୍ଲାସିକାଲ୍ ବା ଶାସ୍ତ୍ରୀୟ କଳା ବୋଲି ଅଭିହିତ କରୁଥିଲା । ମାତ୍ର ଯେଉଁ ତାତ୍ପର୍ଯ୍ୟ ଭେଦଟିକୁ ଆଶ୍ରା କରି ତାହା ଠିଆ ହୋଇଥିଲା, ଠିକ୍ ତାହାର ପରି ତାହାର ଏହି ଦାବିଟିର ଯଥାର୍ଥତା ମଧ୍ୟ ବଡ଼ ସନ୍ଦେହପୂର୍ଣ୍ଣ, ଯାହା ଆପଣାକୁ ପ୍ରକୃତ ଓ ଉଚ୍ଚକୋଟିର ଶାସ୍ତ୍ରୀୟ କଳା ଓ କାବ୍ୟ ବୋଲି ଦାବି କରୁଛି, ଯାହା କିଛି ବସ୍ତୁଗତ ଓ ସାର୍ବଜନୀନ, ତାହାକୁ ଅଭିବ୍ୟକ୍ତ କରିବା ହେଉଛି ତାହାର ଉଦ୍ଦେଶ୍ୟ ; ବସ୍ତୁଗତ ସତ୍ୟ ଓ ସୌନ୍ଦର୍ଯ୍ୟ ପାଖରେ ତାହା ବ୍ୟକ୍ତିଗତ ଅଭିବ୍ୟକ୍ତିଟିକୁ ସର୍ବଦା ଗୌଣ କରି ରଖିବାର ଚେଷ୍ଟା କରିଥାଏ । ଯେପରି ରୋମାଣ୍ଟିକ୍ ଯୁଗର କଳା ଓ କାବ୍ୟ ଯାହା କିଛି ବୈଶିଷ୍ଟ୍ୟଯୁକ୍ତ ଓ ଯାହା କିଛି ବ୍ୟକ୍ତିଗତ, ତାହାକୁ ହିଁ ଅଭିବ୍ୟକ୍ତ କରିବାର ଉଦ୍ଦେଶ୍ୟ ରଖିଥାଏ, ଠିକ୍ ସେହିପରି । ଏବଂ ଆପଣାର ଏହି କାର୍ଯ୍ୟଟିକୁ ତାହା ଏପରି ଶକ୍ତିଶାଳୀଭାବରେ ଅର୍ଥାତ୍ ଏପରି ଏକ ଅତି ସ୍ପଷ୍ଟ ଗୁରୁତ୍ୱ ଦେଇ କରିଥାଏ ଯେ ଯାହା ବସ୍ତୁଗତ ଓ ସାର୍ବଜନୀନ, ତାହା ଅନେକ ସମୟରେ ତାହାର ଯାବତୀୟ ସୃଷ୍ଟିର ପୃଷ୍ଠଭୂମିରେ ଯାଇ ପଡ଼ିରହେ । ମାତ୍ର ଏହା ସର୍ବଦା ସ୍ୱୀକାର କରିବାକୁ ପଡ଼ିବ ଯେ ରୋମାଣ୍ଟିକ୍ ହେଉ ଅଥବା କ୍ଲାସିକାଲ୍ ହେଉ, ସକଳ ଯଥାର୍ଥ କଳା ସେହି ବସ୍ତୁଗତତା ବା ସାର୍ବଜନୀନତାକୁ ଭିତ୍ତି କରି ଯାହା କିଛି ସୃଷ୍ଟି କରେ ଏବଂ ସେଇଥିରୁ ଉପାଦାନ ଆହରଣ କରି ଆପଣାର ସୃଜନଗୁଡ଼ିକୁ ରୂପ ଦେଇଥାଏ । ବସ୍ତୁତଃ ଉଚ୍ଚ ଓ ମହାନ୍ କୋଟୀର ପ୍ରତ୍ୟେକ କଳା ଆପଣା ଭିତରେ ଏକ କ୍ଲାସିକାଲ୍, ଏକ ରୋମାଣ୍ଟିକ୍ ତଥା ଏକ ବାସ୍ତବବାଦୀ ଉପାଦାନକୁ ବହନ କରି ଆସିଛି । ବସ୍ତୁଗୁଡ଼ିକର ବହିରଙ୍ଗ ସତ୍ୟଟିକୁ ମୁଖ୍ୟ ଉପାଦାନରୂପେ ଅଭିବ୍ୟକ୍ତ କରିଦେବାର ଅର୍ଥରେ ହିଁ ଆମେ ଏଠାରେ ବାସ୍ତବବାଦକୁ ବୁଝିବା ; ମାତ୍ର କେବଳ କୁତ୍ସିତ, କେବଳ ସାଧାରଣ ଓ କେବଳ ବ୍ୟାଧିକଟାକୁ ଅତିରିକ୍ତ ଓ ଅତିରଞ୍ଜିତଭାବରେ ପ୍ରାଧାନ୍ୟ ଦେଇ ତାହାକୁ ହିଁ ଜୀବନର ସମୁଦାୟ ସତ୍ୟ ବୋଲି ବାଢ଼ିଦେବାକୁ ସାର କରି 'ବାସ୍ତବ'କୁ ନେଇ ଯେଉଁ ବିକୃତ ଓ ଅନ୍ତର୍ମୁଖ ରୋମାଣ୍ଟିକ୍ ଅତିଶଯ୍ୟତା କରାଯାଇଥାଏ, ଏଠାରେ ବାସ୍ତବବାଦ କହିଲେ ଆମେ କଦାପି ସେଇଟିକୁ ବୁଝିବା ନାହିଁ । କୌଣସି ମହାନ୍ ସୃଜନାତ୍ମକ କୃତିକୁ ଆମେ ପ୍ରକୃତରେ କେଉଁ କଳାଶ୍ରେଣୀର ଅନ୍ତର୍ଭୁକ୍ତ କରିବା, ସେହି କୃତିଟି କୌଣସି ଗୋଟିଏ ଉପାଦାନକୁ କେତେଦୂର ପ୍ରାଧାନ୍ୟ ଦେଇଛି ଏବଂ ସେହି ମୀମାଂସକ ଭାବଟି ପାଖରେ ଅନ୍ୟ ଉପାଦାନଗୁଡ଼ିକୁ କେତେଦୂର ଗୌଣ ବା ଅଧୀନ କରି ରଖିଛି ସେଇଥିରୁ ହିଁ ଆମେ ତାହାର ନିର୍ଦ୍ଧାରଣ କରିପାରିବା । ମାତ୍ର କ୍ଲାସିକାଲ୍ କଳାରେ ଏକ ପ୍ରଜ୍ଞା ଦୃଷ୍ଟି ଓ ପ୍ରେରଣା ମଧ୍ୟ ରହିଛି ଏବଂ ତାହାର ଦ୍ୱାରା ଅନୁପ୍ରେରିତ ହୋଇ ତାହା କାର୍ଯ୍ୟ କରୁଛି ; ବୁଦ୍ଧିର ପ୍ରତିଭା ଦ୍ୱାରା କାର୍ଯ୍ୟ କରୁନାହିଁ । ଏବଂ କ୍ଲାସିକାଲ୍ ସାହିତ୍ୟ ଓ କଳାର ସେହି ଉତ୍କୃଷ୍ଟ ପ୍ରକାରଟି,—ଯଦି ତାହା ପ୍ରକୃତରେ କ୍ଲାସିକାଲ୍ ହୋଇଥାଏ ଓ କେବଳ କ୍ଲାସିକାଲ୍ ବୋଲାଇବାର ମୁଖାଟାଏ ପିନ୍ଧି ନ ଥାଏ, କେବଳ ବୁଦ୍ଧିସର୍ବସ୍ୱ ହୋଇ କ୍ଲାସିକାଲ୍‌ର ବାହ୍ୟ ରୂପ ତଥା ପ୍ରତିଷ୍ଠାର କେବଳ ନକଲ

'oaob.nitrkl.ac.in' images reprocessed

କରୁ ନ ଥାଏ ;—ସେଇଟି ଅପେକ୍ଷାକୃତ କମ୍ ହେଲେହେଁ ତଥାପି ପ୍ରଭୂତ ଶକ୍ତିଶାଳୀତା ହାସଲ କରିପାରେ, ମାତ୍ର ତାହାର ପରିସର ଏବଂ ପ୍ରକୃତ ସମ୍ବଳତଃ ନିମ୍ନସ୍ତରୀୟ ହୋଇ ରହିବାକୁ ବାଧ୍ୟ ହୁଏ ; କାରଣ ଆପଣାର ବୁଦ୍ଧିଗତ ବିରଚନାର ଧାରଟି ଦ୍ୱାରା ତାହା ସତେ ଅବା ଆପେ ଆପଣାକୁ ସେହି ନିମ୍ନସ୍ତରୀୟତା ମଧ୍ୟରେ ପକାଇ ରଖିଥାଏ । ପ୍ରାୟ ସବୁବେଳେ ତାହା ଅଳ୍ପ ଠିକରେ ନିଜକୁ କେବଳ ଏକ ଔପଚାରିକ ଏବଂ ରୁଚି ଜ୍ଞାନଗତ ସ୍ତରକୁ ଖସାଇ ନେଇଆସେ ; ସେଥିରେ ଯଥାର୍ଥ ସୌନ୍ଦର୍ଯ୍ୟ ଏତେ ଟିକିଏ ହେଲେ ନ ଥାଏ, ପ୍ରାଣ ନ ଥାଏ କି ଶକ୍ତିମତ୍ତା ନ ଥାଏ, ଏବଂ ତାହା ବାହ୍ୟ ରୂପଟା ପାଖରେ ଦାସ ହୋଇ ରହିବାର କାରାଗାର ଭିତରେ ହିଁ ପଡ଼ିରହିଥାଏ । ଏବଂ ଏଣେ ଚମତ୍କାରଭାବରେ କଳ୍ପନା କରୁଥାଏ ଯେ ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ଏକ ଗଠନ-ଗ୍ରନ୍ଥର ଅନୁସରଣ କରାଯିବ, ଗଠନର ଏକ ନିର୍ଦ୍ଦିଷ୍ଟ ସୂତ୍ରାବଳୀକୁ ପରିପୂରଣ କରିଦିଆଯିବ, ଭାବପ୍ରକାଶର କେତେଟା ନିୟମ ଏବଂ କାରିଗରିଗତ ସିଦ୍ଧାନ୍ତକୁ ମାନିନିଆଯିବ, ସେତେବେଳେ ସବୁ ହୋଇଯିବ । ସେତେବେଳେ ତାହା କଳା ବୋଲାଇବାର ଅଧିକାରକୁ ହିଁ ହରାଇବସେ ଏବଂ କେବଳ ଏକ ନିଷ୍ପ୍ରାଣ ଓ ଯନ୍ତ୍ରସର୍ବସ୍ୱ କାରିଗରିରେ ହିଁ ପରିଣତ ହୋଇ ରହେ ।

ସୌନ୍ଦର୍ଯ୍ୟର ସୃଷ୍ଟି କରିବା ଏବଂ ସୌନ୍ଦର୍ଯ୍ୟକୁ ବୁଝିବାର କ୍ଷେତ୍ରରେ ବୁଦ୍ଧି ଓ ରୁଚିକୁ ଯେଉଁ ସର୍ବପ୍ରଥମ ତଥା ସର୍ବପ୍ରଧାନ ଅଗ୍ରାଧିକାର ଦିଆଯାଏ ଏବଂ ବେଳେବେଳେ ତାହାକୁ ଯେପରି ଏକମାତ୍ର କଥା ବୋଲି ଦାବି କରାଯାଏ, ତାହା ଏଭଳି ଏକ ମନ ଭିତରୁ ଜନ୍ମଲାଭ କରିଥାଏ, ଯାହାକୁ କି ଆମେ ଏକ ସୃଜନଶୀଳ ମନ ବୋଲି ନ କହି ଅଧିକ ଯଥାର୍ଥଭାବରେ ଏକ ସମୀକ୍ଷାଧର୍ମୀ ମନ ବୋଲି କହିପାରିବା । ଏବଂ ସୃଜନର କ୍ଷେତ୍ରରେ ଏହି ମନର ସିଦ୍ଧାନ୍ତମାନ ଆପଣାକୁ ଏକ ବିରାଟ ପ୍ରମାଦଦ୍ୱାରା ଗ୍ରସ୍ତ କରି ରଖିଥାଏ । ପରିପୂର୍ଣ୍ଣତାର ଗୌରବ ଅର୍ଜନ କରିବାକୁ ହେଲେ କଳାତ୍ମକ ଯାବତୀୟ କୃତି ଆପଣା ସୃଜନର ପ୍ରକ୍ରିୟାଟି ମଧ୍ୟରେ ହିଁ ଗୁଣାତ୍ମକ ନିରୂପଣର ଏକ ଅନ୍ତର୍ଗତ ସାମର୍ଥ୍ୟ ଦ୍ୱାରା ଆପଣାକୁ ଅବଶ୍ୟ ପରିଚାଳିତ କରି ରଖିଥିବ ; ଏକ ସୌନ୍ଦର୍ଯ୍ୟ ଓ ସତ୍ୟର ସିଦ୍ଧାନ୍ତ ଅନୁସାରେ ହିଁ ତାହା ସତେ ଗ୍ରହଣ ଓ ବର୍ଜନ କରିପାରୁଥିବ ଏବଂ ସେହି ସିଦ୍ଧାନ୍ତଟି ସର୍ବଦା ଏକ ସମତା, ଏକ ଆନୁପାତିକତା ଏବଂ ପ୍ରେରକ ଭାବଟି ସହିତ ପ୍ରକାଶିତ ରୂପଟିର ଏକ ଅନ୍ତରଙ୍ଗ ସମ୍ବନ୍ଧ ପ୍ରତି ବିଶ୍ୱସ୍ତ ଓ ଅନୁଗତ ହୋଇ ରହିଥିବ । ଏବଂ ତାହା ସହିତ ଠିକ୍ ସେହିପରି ଅନ୍ତର୍ଗତ ତଦ୍‌ଗତତାଟି ପ୍ରତି ଭାବ ବା ଧାରଣା ମଧ୍ୟ ଅନୁଗତ ହୋଇ ରହିଥିବ ଅର୍ଥାତ୍ ଆତ୍ମା ତଥା ମନର ସମକ୍ଷରେ ଉନ୍ମୋଚିତ ହୋଇ ରହିଥିବା ସୌନ୍ଦର୍ଯ୍ୟାଧାର ବସ୍ତୁଟିର ସ୍ୱରୂପ ତଥା ସ୍ୱଭାବ ପ୍ରତି ଅନୁଗତ ହୋଇ ରହିଥିବ । ତେଣୁ ଏହି କ୍ଷେତ୍ରରେ ଯାହାକିଛି ସ୍ୱଧର୍ମବହିର୍ଭୂତ, କେବଳ ଉପରିଭାଗୀୟ ଓ ଅନାବଶ୍ୟକ ଆସି ପ୍ରବେଶ କରିବାକୁ ଚେଷ୍ଟା କରିବ, କେବଳ ବିଚ୍ୟୁତକାରୀଭାବରେ ଯାହାକିଛି

'oaob.nitrkl.ac.in' images reprocessed

ଧ୍ୟାନଭଙ୍ଗ କରିବାକୁ କିମ୍ବା ବିକୃତ କରିଦେବାକୁ ଆସୁଥିବ, ଅତିରିକ୍ତ କିମ୍ବା ଦୋଷଯୁକ୍ତ ହେବାର ପ୍ରବୃତ୍ତି ରଖିଥିବ, ଗୁଣାତ୍ମକ ଭେଦନିରୂପଣ କରୁଥିବା ସେହି ଅନ୍ତର୍ଗତ ବୋଧଟି ତାହାକୁ ବର୍ଜନ କରିପାରୁଥିବ; ଏବଂ ଯାହାକିଛୁ ସମ୍ପୂର୍ଣ୍ଣ ସତ୍ୟ, ଶୁଦ୍ଧ ସୌନ୍ଦର୍ଯ୍ୟ ତଥା ଅନ୍ତରତମ ଶକ୍ତିକୁ ଉଦ୍‌ବୋଧିତ କରିବାର ସାମର୍ଥ୍ୟ ରଖିଛି, କେବଳ ସେହିଗୁଡ଼ିକୁ ହିଁ ବାଛିନେଉଥିବ ଓ ନିର୍ଣ୍ଣୟକାରୀ ତତ୍ତ୍ୱ ରୂପେ ଆବିଷ୍କାର କରିପାରୁଥିବ । ମାତ୍ର ଏହି ଭେଦନିରୂପଣକୁ ଆମେ ଖାଲି ଏକ ସମୀକ୍ଷକର କାର୍ଯ୍ୟ କରୁଥିବା ବୃଦ୍ଧିର ଏକ ସାମର୍ଥ୍ୟ ବୋଲି କହିପାରିବା ନାହିଁ; ଅଥବା ତାହା ଯେଉଁ ସମତା, ଅନୁପାତ ଓ ସମ୍ବନ୍ଧଟିର ସନ୍ଧାନ ପାଏ, ଆମେ ତାକୁ ସମୀକ୍ଷକ ବୃଦ୍ଧିର କୌଣସି ପୂର୍ବନିଶ୍ଚିତ ନିୟମ ଦ୍ୱାରା ବାନ୍ଧି-କରି ଦେଖାଇଦେଇପାରିବା ନାହିଁ । ତାହା ସମ୍ପୃକ୍ତ ବିଷୟଟିର ସ୍ୱଭାବ ଓ ସତ୍ୟ ମଧ୍ୟରେ ହିଁ ଅବସ୍ଥାନ କରୁଥିବ, ସ୍ୱୟଂ ସେହି ସୃଷ୍ଟି ମଧ୍ୟରେ ହିଁ ରହିଥିବ, ତାହାର ସେହି ଅନ୍ତର୍ଗତ ଓ ପ୍ରଚ୍ଛନ୍ନ ସୌନ୍ଦର୍ଯ୍ୟବିଧାନ ଓ 'ସମତା'ଟି ମଧ୍ୟରେ ଅବସ୍ଥାନ କରୁଥିବ, କେବଳ ପ୍ରେରଣାମୟ ଦୃଷ୍ଟି ଦ୍ୱାରା ହିଁ ଯାହାର ସ୍ପର୍ଶ ଲଭ କରିହେବ, ଏବଂ ବୃଦ୍ଧିଗତ ବିଶ୍ଳେଷଣ ଯାହା ଭିତରେ ଆଦୌ ପ୍ରବେଶ କରିପାରିବ ନାହିଁ । ତେଣୁ ସ୍ରଷ୍ଟା ମଧ୍ୟରେ କାର୍ଯ୍ୟ କରୁଥିବା ଗୁଣାତ୍ମକ ଭେଦନିରୂପଣର ଶକ୍ତି କଦାପି ଏକ ବୃଦ୍ଧିଗତ ଆତ୍ମସମୀକ୍ଷା ନୁହେଁ ବା କୌଣସି ବୃଦ୍ଧିପ୍ରସୂତ ନିୟମାବଳୀଦ୍ୱାରା ତା' ଉପରେ ବାହାରୁ ଲଦିଦିଆଯାଇଥିବା ନିୟମଗୁଡ଼ାକୁ ହିଁ ମାନି ଚାଲିବା ନୁହେଁ; ତାହା ସ୍ୱୟଂ ସୃଜନାତ୍ମକ, ସ୍ୱୟଂ ସମ୍ବୋଧିଶୀଳ, ଆପଣାର ଉପଲବ୍ଧ ଦୃଷ୍ଟିପ୍ରେରଣାର ଗୋଟିଏ ଅଂଶ, ଆପଣାର ସୃଜନାତ୍ମକ କ୍ରିୟାଟି ମଧ୍ୟରେ ସଂଶ୍ଲିଷ୍ଟ ଓ ତାହାଠାରୁ ଏକାବେଳେକେ ଅଭିନ୍ନ । ଉପରୁ ପ୍ରବାହିତ ହୋଇ-ଆସୁଥିବା ସେହି ଶକ୍ତି ଓ ଆଲୋକର ଆଲୋଡ଼ନର ଏକ ଅଂଶରୂପେ ଏଇଟି ମଧ୍ୟ ଆସିଥାଏ; ଆପଣାର ଦିବ୍ୟ ଆଗ୍ରହପୂର୍ଣ୍ଣତାଦ୍ୱାରା ସେହି ଆଲୋଡ଼ନଟି ଯାବତୀୟ ବୃତ୍ତିକୁ ସେଗୁଡ଼ିକର ନିବିଡ଼ ଅତିବୌଦ୍ଧିକ କ୍ରିୟାଭୂମିଟିକୁ ଉତ୍ତୋଳିତ କରି ନେଇଯାଏ । ଯେତେବେଳେ ଏଥିରେ ତାହା ସଫଳତା ଲଭ ନ କରେ, ଯେତେବେଳେ ନିମ୍ନତର ଭୂମିରେ କାର୍ଯ୍ୟ କରୁଥିବା ବୃଦ୍ଧି ସର୍ବସ୍ୱ ଅଥବା ଅବବୌଦ୍ଧିକ ସାଧନଗୁଡ଼ିକଦ୍ୱାରା ତାହା ପ୍ରବଞ୍ଚିତ ହୁଏ, ସେତେବେଳେ ସେହି କାର୍ଯ୍ୟଟିର ଧାରାରେ ବାଧା ସୃଷ୍ଟି ହୁଏ ଏବଂ ତାହାର ପରବର୍ତ୍ତୀ କାର୍ଯ୍ୟରୂପେ ଏକ ଆତ୍ମ-ସମୀକ୍ଷାର ଆବଶ୍ୟକତା ଆସି ପହଞ୍ଚିଥାଏ । ଯେତେବେଳେ ବୃଦ୍ଧିସର୍ବସ୍ୱ ଏବଂ ଅବବୌଦ୍ଧିକ ସାଧନଗୁଡ଼ିକ ଆଉ ନିଷ୍କ୍ରିୟ ନ ରହି ସକ୍ରିୟ ହେବାକୁ ଆରମ୍ଭ କରନ୍ତି ଏବଂ ଜିଦ୍ କରିପରି ଆପଣାର ଦାବି ବା ଖିଆଲଗୁଡ଼ାକୁ ଆଣି ଭର୍ତ୍ତି କରିଦେବାଲାଗି ଲାଗିଥାନ୍ତି, ସେତିକବେଳେ ହିଁ ଏ କଥାଟି ଘଟିଥାଏ । ମାତ୍ର ଆପଣାର କୃତିରେ ଆବଶ୍ୟକ ସଂଶୋଧନ ଆଣିବାକୁ ଯାଇ ନିୟମବଦ୍ଧତା ଓ ବୃଦ୍ଧିଗତ ପ୍ରକ୍ରିୟାଦ୍ୱାରା ତାହା କରିବାକୁ ଚେଷ୍ଟା କରୁଥିବା କଳାକାର କେବଳ ଏକ ଭୁଲ ଅଥବା ସର୍ବଥା ଏକ ନିମ୍ନସ୍ତରୀୟ ଉପାୟର ହିଁ ସାହାଯ୍ୟ ନେଇଥାଏ ଓ ତେଣୁ ସେହି କାର୍ଯ୍ୟଟିକୁ କେବେହେଲେ ପ୍ରକୃଷ୍ଟଭାବରେ କରିପାରେ ନାହିଁ । ତାହା ନ କରି

'oaob.nitrkl.ac.in' images reprocessed

ସେ ପ୍ରକୃତରେ ସବୋଧିଦ୍ୱାରା ପ୍ରେରିତ ସମୀକ୍ଷାତ୍ମକ ଦୃଷ୍ଟି ସାହାଯ୍ୟ ଗ୍ରହଣ କରୁଥାନ୍ତି ଏବଂ ତାହାର ସାହାଯ୍ୟରେ ଆପଣାକୁ ଆପଣାର ମୌଳିକ ସୃଜନାତ୍ମକ କର୍ମସ୍ଫୁରଣାର ଆଲୋକ ତଥା ବିଧାନ ସହିତ ସମ୍ବନ୍ଧ କରି ରଖି ସେ ଅନୁପ୍ରେରିତ ସୃଜନ ବା ପୁନଃସୃଜନର ଏକ ନୂତନ କ୍ରିୟାଶୀଳତାଦ୍ୱାରା ସେହି ଦୃଷ୍ଟିକୁ ଏକ ମୂର୍ତ୍ତି ରୂପ ପ୍ରଦାନ କରିପାରୁଥାନ୍ତି । ଅନୁପ୍ରେରିତ ସୌନ୍ଦର୍ଯ୍ୟସ୍ରଷ୍ଟାର ସାଧନଗୁଡ଼ିକରେ ସମୀକ୍ଷାଧର୍ମୀ ବୁଦ୍ଧିଟି କେତେବେଳେ ବି କୌଣସି ପ୍ରତ୍ୟକ୍ଷ କିମ୍ବା ସ୍ୱାଧୀନ ଭୂମିକା ଗ୍ରହଣ କରିପାରେ ନାହିଁ ।

ସୌନ୍ଦର୍ଯ୍ୟକୁ ବୁଝିବାରେ ସମୀକ୍ଷାତ୍ମକ ବୁଦ୍ଧିର ଏକ ଅଂଶ ଅବଶ୍ୟ ରହିଛି ; ମାତ୍ର ସେଠାରେ ମଧ୍ୟ ତାହା ସର୍ବୋଚ୍ଚ ବିଚାରକ କିମ୍ବା ବିଧାୟକରୂପେ ଆଦୌ କାର୍ଯ୍ୟ କରୁନାହିଁ । ବୁଦ୍ଧିର କାର୍ଯ୍ୟ ହେଉଛି ଯେ ତାହା ବିଭିନ୍ନ ଉପାଦାନ, ବିଭିନ୍ନ ଅଂଶ ଓ ଆପଣାର ଅଧୀତ ବସ୍ତୁଟିର ବାହ୍ୟ ପ୍ରକ୍ରିୟା ଏବଂ ଦୃଶ୍ୟମାନ ବିଧାନଗୁଡ଼ିକର ବିଶ୍ଳେଷଣ କରିବ ଏବଂ ସେଗୁଡ଼ିକର ସମ୍ବନ୍ଧ ତଥା ସକ୍ରିୟତାଗୁଡ଼ିକୁ ସ୍ପଷ୍ଟ କରି ବୁଝାଇ-ଦେବ । ଏପରି କରିବାଦ୍ୱାରା ତାହା ଆମର ସେହି ନିମ୍ନତର ମନୋଭୂମିକି ଉପରେ ହିଁ କିଞ୍ଚିତ୍ ଆଲୋକପାତ କରିବ ଓ ତାହାକୁ ଅଧିକ ଜ୍ଞାନ ଆଣିଦେବ, ଯାହା କି କେବଳ ଆପଣା ଉପରେ ସମ୍ପୂର୍ଣ୍ଣ ନିର୍ଭର କରି କାର୍ଯ୍ୟ କରୁଥିବା ସମୟରେ ଖାଲି ଆପଣା କାର୍ଯ୍ୟଟିକୁ କରିସିବାରେ ତଥା ଯାହା କାର୍ଯ୍ୟାନ୍ୱିତ ହେଉଛି, ସେଇଟିକୁ ଦେଖିବାରେ ହିଁ ଅଭ୍ୟସ୍ତ ହୋଇ ରହିଥାଏ ଏବଂ ଉପଯୁକ୍ତ ପର୍ଯ୍ୟବେକ୍ଷଣ ନ କରି ଓ ସଫଳଭାବରେ କିଛି ନ ବୁଝି ସବୁ କଥାକୁ ସତ୍ୟ ବୋଲି ଗ୍ରହଣ କରିନେଇଥାଏ । ମାତ୍ର ଧର୍ମଗତ ସତ୍ୟ ବିଷୟରେ ଯାହା, ସୌନ୍ଦର୍ଯ୍ୟର ସର୍ବୋଚ୍ଚ ତଥା ଗଭୀରତମ ସତ୍ୟଟି ବିଷୟରେ ମଧ୍ୟ ଠିକ୍ ସେଇଆ ; ମସ୍ତିଷ୍କଗତ ବୁଦ୍ଧି ତାହାର ଅନ୍ତର୍ଗତ ତାତ୍ପର୍ଯ୍ୟ ଓ ସତ୍ୟଟିକୁ ବୁଝିବାଲାଗି ଆଦୌ ସମର୍ଥ ହେବ ନାହିଁ, ଏପରିକି ଦୃଶ୍ୟମାନ ସିଦ୍ଧାନ୍ତ ଏବଂ ପ୍ରକ୍ରିୟାଗୁଡ଼ିକର ଅନ୍ତର୍ଗତ ସତ୍ୟଟିକୁ ମଧ୍ୟ ତାହା ବୁଝିପାରିବ ନାହିଁ । ଆପଣା ବାହାରେ ଥିବା ଏକ ଉଚ୍ଚ ଅନ୍ତର୍ଦୃଷ୍ଟିଦ୍ୱାରା ପ୍ରେରିତ ହୋଇପାରିଲେ ଓ ତାହାର ସାହାଯ୍ୟ ପାଇଲେ ଯାଇ ତାହା ସେକଥା କରିପାରିବ । ଯାହାଦ୍ୱାରା ସୌନ୍ଦର୍ଯ୍ୟର ସୃଷ୍ଟି କରିବା ସମ୍ଭବ ହେବ, ଅଥବା ସୌନ୍ଦର୍ଯ୍ୟର ସୃଷ୍ଟି କରାଯିବା ଉଚିତ, ବୁଦ୍ଧି ଆମକୁ ସେପରି କୌଣସି ପଦ୍ଧତି, ପ୍ରକ୍ରିୟା କିମ୍ବା ଉପାୟସୂତ୍ର ବତାଇଦେଇପାରିବ ନାହିଁ ; ଠିକ୍ ସେହିପରି ସୌନ୍ଦର୍ଯ୍ୟକୁ ଯଥାର୍ଥଭାବରେ ବୁଝିବାଲାଗି ମଧ୍ୟ ଅତ୍ୟାବଶ୍ୟକ ସେହି ଗଭୀରତର ଅନ୍ତଃଦୃଷ୍ଟିଟିକୁ ଆଣି କଦାପି ଦେଇପାରିବ ନାହିଁ । କେବଳ ନିମ୍ନସ୍ତରର ମନର ଯେଉଁ ଅତ୍ୟଭ୍ୟସ୍ତ ଧାରଣା ଓ ଅବଧାରଣାଗୁଡ଼ିକ ତାହାକୁ ସୌନ୍ଦର୍ଯ୍ୟର ଅବଲୋକନ କରିବାରୁ ବଞ୍ଚିତ କରି ରଖିଥିବ ଅଥବା ତାକୁ ସୌନ୍ଦର୍ଯ୍ୟବୋଧଗତ ନାନା ମିଛ ଏବଂ ଅଶୋଧିତ ଅଭ୍ୟାସଗୁଡ଼ାକରେ ଆଣି ପକାଇଦେଇଥିବ, ବୁଦ୍ଧି କେବଳ ସେହିଗୁଡ଼ିକର ନୀରସତା

'oaob.nitrkl.ac.in' images reprocessed

ଏବଂ ଅସ୍ପଷ୍ଟତାକୁ ଅପସାରିତ କରିଦେବାରେ ଆମକୁ କିଛିତ୍ ସାହାଯ୍ୟ କରିପାରିବ । ମନ ଯେଉଁସବୁ ବସ୍ତୁର ଧାରଣା କରିବାକୁ ଯାଉଛି ଓ ଯାହାକୁ ବୁଝିବାକୁ ଯାଉଛି, ତାହାର ଉପାଦାନଗୁଡ଼ିକ ବିଷୟରେ ମନକୁ ଏକ ବାହ୍ୟ ଧାରଣା ଓ ବିଧାନ ଧରାଇଦେଇ ବୁଦ୍ଧି ତାହା କରିପାରିବ । ମାତ୍ର ସେତିକ ହୋଇଗଲେ ସୌନ୍ଦର୍ଯ୍ୟକୁ ବୁଝିବା ହୋଇଯିବ ନାହିଁ ; ତା'ପରେ ଏକ ନିର୍ଦ୍ଦିଷ୍ଟ ପ୍ରେରଣାଦୃଷ୍ଟି ଜାଗ୍ରତ ହେବା ଆବଶ୍ୟକ ହେବ, ଏକ ଅନ୍ତଃଦୃଷ୍ଟି ଲୋଡ଼ା ହେବ ଏବଂ ଆତ୍ମାର ଭୂମିରେ ଏକ ସମ୍ବୋଧିଗତ ଅନୁସ୍ପନ୍ଦନର ଆବଶ୍ୟକତା ରହିଥିବ । ଆମର ବୁଦ୍ଧି ସର୍ବଦା ବାହାରେ ରହି ହିଁ ବିଷୟର ଅଧ୍ୟୟନ କରିବସେ ; ତେଣୁ ତାହା ଆମକୁ କଦାପି ଏହି ଅନ୍ତର୍ଗତ ଓ ଅଧିକ ନିବିଡ଼ ସଂସ୍ପର୍ଶଟିକୁ ଆଣିଦେଇପାରିବ ନାହିଁ । ତେଣୁ ତାହାକୁ ଅଧିକ ପ୍ରତ୍ୟକ୍ଷ ଏପରି ଏକ ଅନ୍ତଃଦୃଷ୍ଟିର ସାହାଯ୍ୟ ଗ୍ରହଣ କରିବାକୁ ପଡ଼ିବ, ଯାହା ସ୍ୱୟଂ ଆତ୍ମାରୁ ହିଁ ଉଦ୍‌ଭୂତ ହେଉଥିବ ଏବଂ ଆପଣାର ସ୍ୱକୀୟ ଅସ୍ୱଚ୍ଛନ୍ଦଜନିତ ବ୍ୟବଧାନ ପରିପୂରଣଲାଗି ପ୍ରତ୍ୟେକ ପଦରେ ତାହାକୁ ସମ୍ବୁଦ୍ଧ ମନର ଆବାହନ କରି ଆଣିବାକୁ ପଡ଼ୁଥିବ ।

ସାହିତ୍ୟକ ତଥା କଳାତ୍ମକ ସମୀକ୍ଷାର ବିକାଶ-ଇତିହାସରେ ଆମେ ଠିକ୍ ଏହି କଥାଟି ଦେଖିବାକୁ ପାଉ । ସର୍ବପ୍ରଥମ ପର୍ଯ୍ୟାୟଟିରେ ସୌନ୍ଦର୍ଯ୍ୟର ବୋଧ ପ୍ରଧାନତଃ ସହଜାତ ପ୍ରବୃତ୍ତିଗତ ହୋଇ ରହିଥାଏ ; ସ୍ୱଭାବଗତ, ସହଜାତ ଏବଂ ଆତ୍ମାର ସୌନ୍ଦର୍ଯ୍ୟବୋଧଗତ ଗ୍ରହଣଶୀଳତାର ଏକ ପ୍ରତିସ୍ପନ୍ଦନ ମାତ୍ର ହୋଇ ରହିଥାଏ, ଯାହା ମନନଧର୍ମୀ ବୁଦ୍ଧିକୁ କୌଣସି ବ୍ୟାଖ୍ୟା ଦେବାକୁ ଚେଷ୍ଟା କରେ ନାହିଁ । ତା'ପରେ ଯେତେବେଳେ ମସ୍ତିଷ୍କଗତ ବୁଦ୍ଧି ଆପଣାକୁ ଏହି କ୍ଷେତ୍ରରେ ପ୍ରଯୁକ୍ତ କରାଉଛି, କେବଳ ସେହି ପ୍ରତିସ୍ପନ୍ଦନ ତଥା ପ୍ରତିସ୍ପନ୍ଦିତ ବିଷୟଟିର ପ୍ରକୃତିକୁ ହିଁ ବିଶ୍ୱସ୍ତଭାବରେ ଲିପିବଦ୍ଧ କରି ରଖିବାରେ ତାହାର ସନ୍ତୋଷ ଆସୁନାହିଁ ; ମାତ୍ର ତାହା ସେଇଟିର ବିଶ୍ଳେଷଣ କରିବାକୁ ଚେଷ୍ଟା କରୁଛି, ଏକ ଯଥାର୍ଥ ସୌନ୍ଦର୍ଯ୍ୟବୋଧଗତ ରୁଚିବିଧାନ ସମ୍ଭବ କରିବାଲାଗି ଯାହା କିଛି ଆବଶ୍ୟକ, ତାହା ସେଗୁଡ଼ିକୁ ନିର୍ଦ୍ଧାରିତ କରି ରଖିବାକୁ ଚେଷ୍ଟା କରୁଛି ; ଶୈଳୀର ଏକ ବ୍ୟାକରଣ ପ୍ରସ୍ତୁତ କରୁଛି, କଳାର ସୂତ୍ର ଏବଂ କଳାତ୍ମକ ରଚନାର ଏକ ପ୍ରଣାଳୀ ତିଆରି କରିଦେଉଛି, ସୌନ୍ଦର୍ଯ୍ୟସୃଷ୍ଟିର ପ୍ରକ୍ରିୟାର ଗୋଟିଏ ପ୍ରକାରର ଯନ୍ତ୍ରଧର୍ମୀ ନିୟମାବଳୀ ଗଢ଼ି ଥୋଇଦେଉଛି, ଏକ ବିଧାନାବଳୀ ବା ଶାସ୍ତ୍ର ତିଆରି କରି ରଖିଦେଉଛି । ଏଥିରୁ ପାଣ୍ଡିତ୍ୟପରିପୂର୍ଣ୍ଣ ସମୀକ୍ଷାର ଏକ ଦୀର୍ଘକାଳବ୍ୟାପୀ ରାଜତ୍ୱ ଜନ୍ମଲାଭ କରୁଛି ; ଏକ ଉପରିଭାଗୀୟ, ଶୈଳୀପ୍ରଧାନ ଓ କୃତ୍ରିମ ସମୀକ୍ଷାର ଯୁଗ ଆସୁଛି, ଯାହାକି କେବଳ ଶୈଳୀଟିକୁ ହିଁ ସୃଷ୍ଟିର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ବୋଲି ମନେକରି ଏକ ଭ୍ରମର ବଶବର୍ତ୍ତୀ ହୋଇ ରହୁଛି । ଏବଂ ଏ କଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ କେବଳ ସମୀକ୍ଷାତ୍ମକ ବୁଦ୍ଧି ଓ ବିଚାରଣା ହିଁ ଏହି ଶୈଳୀର ଏକ

'oaob.nitrkl.ac.in' images reprocessed

ସମ୍ପୂର୍ଣ୍ଣଭାବରେ ଯଥେଷ୍ଟ ଓ ଉପଯୁକ୍ତ ବ୍ୟାଖ୍ୟା ଦେବାରେ ସମର୍ଥ ହୋଇପାରିବ । ପ୍ରତ୍ୟେକ ସୃଜନାତ୍ମକ କଳା ସହିତ ଏକ ବ୍ୟାଖ୍ୟାକାରୀ ବିଶଦ ବିଜ୍ଞାନ ମଧ୍ୟ ରହିବ, ଯାହାକି ଆମକୁ ତାହାର ସମଗ୍ର ପ୍ରକ୍ରିୟାଟିକୁ ବର୍ଣ୍ଣନା କରି କହିଦେଇପାରିବ ଏବଂ ତାହାର ସକଳ କରଣିଟିର ସମଗ୍ର ପ୍ରକ୍ରିୟା ଓ ରହସ୍ୟ ବିଷୟରେ ମଧ୍ୟ ଆମକୁ ସମ୍ପୂର୍ଣ୍ଣ ଜ୍ଞାନ ଆଣିଦେଇପାରିବ, ତାହା ଏହିପରି ଏକ ଭ୍ରମଦ୍ୱାରା ପରିଚାଳିତ ହେଉଛି । ତା'ପରେ ଗୋଟାଏ ସମୟ ଆସି ପହଞ୍ଚୁଛି, ଯେତେବେଳେକି ସୌନ୍ଦର୍ଯ୍ୟର ସ୍ରଷ୍ଟା ଏହା ବିରୁଦ୍ଧରେ ବିଦ୍ରୋହ କରିଉଠୁଛି ଏବଂ ଆପଣାର ସ୍ୱାଧୀନତା ଦାବି କରି ଏକ ସନନ୍ଦପତ୍ରର ଘୋଷଣା କରୁଛି । ସାଧାରଣତଃ ସିଏ ସୃଜନର କୌଣସି ଏକ ନୂତନ ବିଧାନ କିମ୍ବା ସିଦ୍ଧାନ୍ତ ଆକାରରେ ଏହି ଘୋଷଣାଟି କରୁଛି, ଏବଂ ଆପଣାର ଏହି ସ୍ୱାଧୀନତାଟିକୁ ସେ ପ୍ରତିଷ୍ଠିତ କରିସାରିବା ପରେ ତାହା କ୍ରମଶଃ ଅଧିକ ପ୍ରସାରିତ ହେବାକୁ ଲାଗୁଛି ଏବଂ ଆପଣା ସହିତ ସମୀକ୍ଷାତ୍ମକ ବୁଦ୍ଧିକୁ ମଧ୍ୟ ତାହାର ସକଳ ପରିଚିତ ସୀମାଗୁଡ଼ିକୁ ଡିଆଁଇ ନେଇଯାଉଛି । ଏଥିରୁ ଅଧିକ ବିକାଶ ଲାଭ କରିଥିବା ଏକ ସୌନ୍ଦର୍ଯ୍ୟବୋଧ-ସାମର୍ଥ୍ୟର ଆବିର୍ଭାବ ହେଉଛି, ଯାହାକି ସମୀକ୍ଷାର ନାନା ନୂତନ ସିଦ୍ଧାନ୍ତର ଅନ୍ୱେଷଣ କରିବାକୁ ଆରମ୍ଭ କରୁଛି, କଳାକୃତିର ଆତ୍ମାଟିକୁ ହିଁ ସନ୍ଧାନ କରି ବାହାରୁଛି ଏବଂ ସେହି ଆତ୍ମାର ସମୁଚ୍ଚଭୂମିଟି ଉପରେ ଆଙ୍ଗିକଟିର ବ୍ୟାଖ୍ୟା କରିବାର ପ୍ରୟାସ କରୁଛି । ଅଥବା ତାହା ସ୍ୱୟଂ ସ୍ରଷ୍ଟାକୁ ଅଧ୍ୟୟନ କରୁଛି କିମ୍ବା ସିଏ ଯେଉଁ ଯୁଗଟିରେ ବାସ କରିଥିଲା, ସେଇଟିର ଦୃଷ୍ଟିଗତ ଭାବ, ସ୍ୱଭାବ ତଥା ବିଗ୍ରହଗୁଡ଼ିକୁ ଅଧ୍ୟୟନ କରିବାକୁ ମନ ବଳାଉଛି ଏବଂ ଏହିପରି ଭାବରେ ତା'ର କଳାକୃତିକୁ ଯଥାର୍ଥଭାବରେ ଅଧିଗମିପାରିବ ବୋଲି ଭାବୁଛି । ବୁଦ୍ଧି ଏ କଥାଟିକୁ ବେଶ୍ ଦେଖିବାକୁ ଆରମ୍ଭ କଲାଣି ଯେ ସୌନ୍ଦର୍ଯ୍ୟର ସ୍ରଷ୍ଟାଲାଗି ଆବଶ୍ୟକ ନିୟମଗୁଡ଼ାକୁ ତିଆରିକରି ରଖିବା ତାହାର ସର୍ବୋଚ୍ଚ କାର୍ଯ୍ୟ ନୁହେଁ ; ମାତ୍ର ସ୍ରଷ୍ଟା ତଥା ତାହାର ରଚନାକୁ ବୁଝିବାରେ ଆମକୁ ସାହାଯ୍ୟ କରିବା ହେଉଛି ତାହାର କାର୍ଯ୍ୟ । ସେହି ରଚନାଟିର କେବଳ ଆଙ୍ଗିକ ଏବଂ ବାହ୍ୟ ଉପାଦାନଗୁଡ଼ିକୁ ନୁହେଁ, ମାତ୍ର ଯେଉଁ ମାନସଟିରୁ ତାହାର ଉତ୍ସରଣ ହୋଇଛି ଏବଂ ଗ୍ରହଣକାରୀ ମନଟି ଉପରେ ତାହାର ଅବେଗ ପ୍ରକୃତରେ କିଭଳି ପ୍ରଭାବ ପକାଉଛି, ସେଗୁଡ଼ିକୁ ବୁଝିବାରେ ଆମକୁ ସାହାଯ୍ୟ କରିବା ହେଉଛି ବୁଦ୍ଧିର ସର୍ବପ୍ରଧାନ କାର୍ଯ୍ୟ । ଏଠାରେ ସମୀକ୍ଷା ତାହାର ଉଚିତ ମାର୍ଗରେ ରହିଛି ବୋଲି ଅବଶ୍ୟ ବୁଝାଯିବ; ମାତ୍ର ତାହା ଏପରି ଏକ ପରିପୂର୍ଣ୍ଣତାର ପଥରେ ଅଗ୍ରସର ହେଉଛି, ଯେଉଁଥିରେ କି ବୁଦ୍ଧି ଦେଇ ବୁଝିବାର ପଦ୍ଧତିଟି ଅତିକ୍ରାନ୍ତ ହୋଇଯାଉଛି ଏବଂ ଏପରି ଏକ ଉଚ୍ଚତର ସାମର୍ଥ୍ୟ ଆପଣାକୁ ଉନ୍ମୋଚିତ କରିଦେଉଛି, ଯାହାର ଉତ୍ସମୂଳ ତଥା ସ୍ୱଭାବକୁ କେବଳ ବୁଦ୍ଧିର ଅତୀତ ବୋଲି ହିଁ ବୁଝାଯାଇପାରିବ ।

'oaob.nitrkl.ac.in' images reprocessed

କାରଣ ସଚେତନ ଭାବରେ ସୌନ୍ଦର୍ଯ୍ୟକୁ ଉମିପାରିବାର ସାମର୍ଥ୍ୟଟି ଏଠାରେ ଆପଣା ସନ୍ଦୀପନ ତଥା ଆପଣା ରସାସ୍ୱାଦନର ଶିଖରଦେଶରେ ଆସି ପହଞ୍ଚିଯାଇ-ପାରୁଛି ; ଆସ୍ୱାଦିତ ସୌନ୍ଦର୍ଯ୍ୟର କେବଳ ଏକ ବିଶ୍ଳେଷଣଦ୍ୱାରା ନୁହେଁ ଅଥବା ଏପରିକି ବୁଦ୍ଧିମତ୍ତାର ସହିତ ତାହାକୁ ଠିକ୍ ଭାବରେ ବୁଝିବାଦ୍ୱାରା ନୁହେଁ ; ମାତ୍ର ଆତ୍ମାର ଏକ ଉନ୍ମୀଳନ ଦ୍ୱାରା ତାହା ସେହି ଉଚ୍ଚ ସୀମାରେ ଯାଇ ପହଞ୍ଚିଯାଉଛି, ଯାହାଦ୍ୱାରା କି ତାହା ସମ୍ପୂର୍ଣ୍ଣଭାବରେ ସୃଷ୍ଟ ସମ୍ପଦଟିର ଆଲୋକ, ସାମର୍ଥ୍ୟ ତଥା ଆନନ୍ଦ ମଧ୍ୟରେ ଆପଣାକୁ ଉନ୍ମୋଚିତ କରିଦେଇପାରୁଛି । ବିଶ୍ଳେଷଣ କରିବା ଓ ବୁଦ୍ଧି ଦେଇ ବୁଝିବାକୁ ଆମେ ସର୍ବଦା ସୌନ୍ଦର୍ଯ୍ୟ ବିଷୟରେ ଆମର ଅନାଲୋକିତ ପ୍ରଥମ ବୋଧଟିର କେବଳ ଏକ ପ୍ରଥମସ୍ତରୀୟ ସ୍ପଷ୍ଟୀକରଣ ବୋଲି ହିଁ କହିପାରିବା । ଉପରେ ଆଲୋଚିତ ସେହି ଉନ୍ମୋଚନଟି ଫଳରେ ଆମ ଭିତରେ ଅବସ୍ଥିତ ସୌନ୍ଦର୍ଯ୍ୟାତ୍ମାଟି ସୃଷ୍ଟ ବସ୍ତୁଟିର ସୌନ୍ଦର୍ଯ୍ୟାତ୍ମା ସହିତ ଏକାତ୍ମତା ଅର୍ଜନ କରିପାରୁଛି ଏବଂ ସେଇଟିର ରସଗ୍ରହଣ କଲାବେଳେ ସେଇଟିକୁ ସୃଷ୍ଟି କଲାବେଳେ ସ୍ରଷ୍ଟା ଆପଣା ଭିତରେ ଯେଉଁ ଦିବ୍ୟ ତଲ୍ଲୀନତା ଓ ଦିବ୍ୟ ଉନ୍ମୀଳନଟିର ଅନୁଭୂତି ଲାଭ କରିଥିଲା, ତାହା ସେଇଟିକୁ ଯଥାର୍ଥ-ଭାବରେ ଅନୁଭବ କରିପାରୁଛି । ଯେତେବେଳେ ସମୀକ୍ଷା ଏହି ଅନୁଷ୍ଠିତ ହେବାଟିକୁ ଲିପିବଦ୍ଧ କରି ରଖିପାରେ, ତାହାର ଯଥାର୍ଥ ବ୍ୟାଖ୍ୟା ଓ ବର୍ଣ୍ଣନା ଦେବାକୁ ସମର୍ଥ ହୁଏ, ସେତିକିବେଳେ ହିଁ ତାହା ଆପଣାର ସର୍ବୋଚ୍ଚ ଉତ୍କର୍ଷବିନ୍ଦୁଟିକୁ ସ୍ପର୍ଶ କରେ ; ସେଥିଲାଗି ତାହାକୁ ସ୍ୱୟଂ ଅନୁପ୍ରାଣିତ ହେବାକୁ ହୁଏ, ସବୁଦ୍ଧ ହେବାକୁ ହୁଏ ଓ ଉନ୍ମୋଚନ କରିଦେବାର ସାମର୍ଥ୍ୟ ମଧ୍ୟ ରଖିବାକୁ ହୁଏ । ଅର୍ଥାତ୍, ଅନ୍ୟ ଭାଷାରେ କହିଲେ, ମସ୍ତିଷ୍କର ବୁଦ୍ଧି ଯେଉଁ କାର୍ଯ୍ୟଟିକୁ ଆରମ୍ଭ କରିଥାଏ, ସବୁଦ୍ଧ ମନର କାର୍ଯ୍ୟଟି ଆସି ସେଇଟିକୁ ସମ୍ପୂର୍ଣ୍ଣ କରିଦିଏ ; ଅଥବା ସେଇଟିର ସ୍ଥାନାପନ୍ନ ରୂପେ ଅବସ୍ଥିତ ରହି ମଧ୍ୟ କାର୍ଯ୍ୟ କରିବାକୁ ଲାଗେ ଏବଂ ସ୍ୱୟଂ ବୁଦ୍ଧିର ବିଶେଷ କାର୍ଯ୍ୟଟିକୁ ମଧ୍ୟ ଅଧିକ ଶକ୍ତିଶାଳୀଭାବରେ ସମ୍ପନ୍ନ କରିବାକୁ ସମର୍ଥ ହୁଏ । ତାହା ଆମକୁ ବାହ୍ୟରୂପ ବା ଆଙ୍ଗିକର ନିହିତାର୍ଥଗୁଡ଼ିକ ବିଷୟରେ ଅଧିକ ନିବିଡ଼ଭାବରେ ପରିଚିତ କରାଇ-ଦେଇପାରେ, ପ୍ରତିମାଟିର ବିଭିନ୍ନ ଧାରାଗୁଡ଼ିକୁ ଅଧିକ ପ୍ରାଞ୍ଜଳଭାବରେ ବୁଝାଇ-ଦେଇପାରେ ; ରଚନାଟିର ଅନ୍ତର୍ଗତ କାରଣ ଓ ମର୍ମ ବିଷୟରେ ଅଧିକ ଆଲୋକପାତ କରିପାରେ, ତାହାର ଦୋଷତ୍ରୁଟିଆଦିକୁ ଅଧିକ ବ୍ୟବସ୍ଥାବଦ୍ଧଭାବରେ ଦେଖାଇ-ଦେଇପାରେ ଅଥବା ତାହାର ବିଶେଷ ଗୁଣଗୁଡ଼ିକୁ ମଧ୍ୟ ଅଧିକ ସ୍ପଷ୍ଟ କରିଦେଇପାରେ । କାରଣ, ଯଥେଷ୍ଟ ପରିମାଣରେ ପ୍ରଶିକ୍ଷିତ ଓ ବିକଶିତ ହୋଇପାରିଲେ ଆମର ସମ୍ବୋଧିପ୍ରେରିତ ବୁଦ୍ଧି ମସ୍ତିଷ୍କଗତ ବୁଦ୍ଧିର କାର୍ଯ୍ୟଟିକୁ ସର୍ବଦା ଆପଣା ହାତରେ ଗ୍ରହଣ କରିପାରେ ଏବଂ ତାହାକୁ ଏପରି ଏକ ସାମର୍ଥ୍ୟ, ଆଲୋକ ଏବଂ ଅନ୍ତଃଦୃଷ୍ଟିର ସହିତ ସମ୍ପନ୍ନ ମଧ୍ୟ କରିପାରେ, ଯାହାକି ଆମର ତର୍କବୁଦ୍ଧି ଗତ ବିଚାରଣା ଆପଣାର ବ୍ୟାପକତମ ପରିସର ମଧ୍ୟରେ ମଧ୍ୟ ସେଭଳି ସାମର୍ଥ୍ୟ ଓ ଆଲୋକର ସାହାଯ୍ୟ ନିଏ, ତାହାଠାରୁ

'oaob.nitrkl.ac.in' images reprocessed

ଯଥେଷ୍ଟ ବୃହତ୍ତର ଓ ଅଧିକ ନିଶ୍ଚିତ ବୋଲି ସାବ୍ୟସ୍ତ ହୋଇଥାଏ । ଗୁଣାତ୍ମକ ଭେଦନିରୂପଣର ଏକ ସବୋଧିଗତ ସ୍ତର ମଧ୍ୟ ରହିଛି, ଯାହାକି ଆପଣାର ଦୃଷ୍ଟିରେ ତର୍କବିଚାରଣାର ବୁଦ୍ଧିଠାରୁ ଅଧିକ ତୀକ୍ଷ୍ଣ ଓ ଅଧିକ ଯଥାର୍ଥ ବୋଲି ପ୍ରମାଣିତ ହୋଇଥାଏ ।

ସୃଜନାତ୍ମକ କଳାର ଆଙ୍ଗିକ ମାଧ୍ୟମରେ ହିଁ ସାଧାରଣତଃ ଆମ ସୌନ୍ଦର୍ଯ୍ୟ-ବୋଧଗତ ଆକାଙ୍‌କ୍ଷାର ସର୍ବୋଚ୍ଚ ଏବଂ ସବୁଠାରୁ ଅଧିକ ଅନ୍ତରଙ୍ଗ ସନ୍ତୋଷବିଧାନ ଉପଲବ୍‌ଧ ହୋଇଥାଏ ; ଏବଂ ଏଠାରେ ଉଚ୍ଚକୋଟୀର ସୃଜନାତ୍ମକ କଳା ବିଷୟରେ ଯାହାସବୁ କୁହାଯାଇଛି, ତାହା ସୌନ୍ଦର୍ଯ୍ୟର ସକଳ କ୍ଷେତ୍ରରେ ମଧ୍ୟ ସମାନଭାବରେ ପ୍ରଯୁଜ୍ୟ । ପ୍ରକୃତିର ସୌନ୍ଦର୍ଯ୍ୟବେଳେ ଯେପରି ପ୍ରଯୁଜ୍ୟ, ଜୀବନର ସୌନ୍ଦର୍ଯ୍ୟ ତଥା କଳାର ସୌନ୍ଦର୍ଯ୍ୟବେଳେ ମଧ୍ୟ ସେହିପରି ପ୍ରଯୁଜ୍ୟ । ଆମେ ଏଠାରେ ଦେଖିବାକୁ ପାଉଛୁ ଯେ ଧର୍ମର କ୍ଷେତ୍ରରେ ବୁଦ୍ଧିର ସ୍ଥାନ ଓ ବୁଦ୍ଧିଗତ ସିଦ୍ଧିର ସୀମା ଯେଉଁଭଳିଭାବରେ ନିରୂପିତ ହୋଇଥାଏ, ସୌନ୍ଦର୍ଯ୍ୟର କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରିଭାବରେ ନିରୂପିତ ହୁଏ । ବୁଦ୍ଧି ସୌନ୍ଦର୍ଯ୍ୟବୋଧର ସହଜାତ ପ୍ରବୃତ୍ତି ଏବଂ ଆବେଗଗୁଡ଼ିକୁ ସନ୍ଦୀପିତ ଓ ଶୁଦ୍ଧ କରିବାରେ ସାହାଯ୍ୟ କରିଥାଏ ସତ, ମାତ୍ର ତାହା ସେଗୁଡ଼ିକର ସର୍ବୋଚ୍ଚ ପରିତର୍ପଣ କଦାପି ଆଣିଦେଇପାରେ ନାହିଁ କିମ୍ବା ଏକ ପରିପୂର୍ଣ୍ଣ ଅନ୍ତଃଦୃଷ୍ଟିର ଯୋଦନାକୁ ସେଗୁଡ଼ିକୁ ପରିଚାଳିତ କରି ନେଇଯାଇପାରେ ନାହିଁ । ହିଁ, ଏହା ସୌନ୍ଦର୍ଯ୍ୟବୋଧଗତ ବୁଦ୍ଧିକୁ କେତେକ ପରିମାଣରେ ଏକ ଆକାର ଦିଏ ଓ କେତେକ ପରିମାଣରେ ତାହାର ଆବଶ୍ୟକତା ମେଣ୍ଟାଏ ସତ, ମାତ୍ର ସୌନ୍ଦର୍ଯ୍ୟର ସୃଷ୍ଟି ବିଷୟରେ ତାହା ନ୍ୟାୟତଃ କୌଣସି ନିର୍ଦ୍ଦିଷ୍ଟ ନିୟମ ବାନ୍ଧିଦେବାର ଛଳନା କରିପାରେ ନାହିଁ, ସୌନ୍ଦର୍ଯ୍ୟର ବୋଧ ଅଥବା ଆସ୍ୱାଦନଲାଗି ମଧ୍ୟ କୌଣସି ନିୟମ ବସାଇଦେଇପାରେ ନାହିଁ । ଏହା ଆମର ସୌନ୍ଦର୍ଯ୍ୟବୋଧଗତ ସହଜାତ ପ୍ରବୃତ୍ତିଟିକୁ, ଆବେଗକୁ ତଥା ବୁଦ୍ଧିଟିକୁ କେବଳ ଏକ ଯଥାସମ୍ଭବ ସର୍ବାଧିକ ଓ ସଚେତନ ପରିତର୍ପଣର ଅଭିମୁଖରେ ଧାବିତ କରିନେଇପାରେ ; ମାତ୍ର ସେଠାରେ ନେଇ କଦାପି ପହଞ୍ଚାଇଦେଇପାରେ ନାହିଁ । କାରଣ ପରିଶେଷରେ ତାକୁ ଏଗୁଡ଼ିକୁ ନେଇ ଏକ ଉଚ୍ଚତର ସାମର୍ଥ୍ୟର ହାତରେ ଧରାଇଦେବାକୁ ପଡ଼େ, ଯାହା ଅତିବୌଦ୍ଧିକ ସୋପାନଟି ସହିତ ପ୍ରତ୍ୟକ୍ଷଭାବରେ ସଂଯୁକ୍ତ ଏବଂ ଆପଣାର ସ୍ୱଭାବ ତଥା କ୍ରିୟାରେ ବୁଦ୍ଧିର ସୀମାକୁ ଅତିକ୍ରମ କରିଥାଏ ।

ଏବଂ ଠିକ୍ ସେହି କାରଣଟି ହେତୁ ହିଁ ସୌନ୍ଦର୍ଯ୍ୟ ମାଧ୍ୟମରେ ଆମେ ଯାହାକୁ ଆକାଙ୍‌କ୍ଷା କରୁ ଅର୍ଥାତ୍ ଯାହାର ସନ୍ଧାନ କରୁ, ତାହା ହିଁ ପରିଶେଷରେ ଯାହାକୁ ଆମେ ଧର୍ମର ମାଧ୍ୟମରେ ଖୋଜିବୁଲୁଥାଉ ତାହାଠାରୁ ଏକାନ୍ତ ଅଭିନ୍ନ । ଉଭୟ କ୍ଷେତ୍ରରେ ଆମେ କେବଳ ସେହି ପରମ ନିର୍ବିଶେଷଙ୍କୁ ହିଁ ଅନ୍ୱେଷଣ କରୁଛୁ, ସେହି

'oaob.nitrkl.ac.in' images reprocessed

ପରମ ଦିବ୍ୟସତ୍ତାକୁ ଖୋଜିବୁଲୁଛୁ । କେବଳ ଆପଣାର ଆରମ୍ଭପର୍ବରେ ହିଁ ସୌନ୍ଦର୍ଯ୍ୟର ଅନ୍ୱେଷଣ ରୂପଗତ ସୌନ୍ଦର୍ଯ୍ୟରେ ପରିତୃପ୍ତି ଲାଭ କରିବାରେ ପର୍ଯ୍ୟବସିତ ହୋଇ ରହିଥାଏ ; ସେହି ସୌନ୍ଦର୍ଯ୍ୟ ଆମର ଭୌତିକ ଇନ୍ଦ୍ରିୟବୋଧକୁ ଆକୃଷ୍ଟ କରେ, ଆମର ପ୍ରାଣଗତ ଆବେଶ, ଆବେଗ ତଥା ବାସନାଗୁଡ଼ିକୁ ଆକୃଷ୍ଟ କରିଥାଏ । ମଧ୍ୟବର୍ତ୍ତୀ ମାର୍ଗସ୍ତରକୁ ଆସି ହିଁ ତାହା ଅନୁଭୂତ ବିଷୟଗୁଡ଼ିକର ସୌନ୍ଦର୍ଯ୍ୟ, ଉଦ୍ଦୀପିତ ସଂବେଗଗୁଡ଼ିକର ସୌନ୍ଦର୍ଯ୍ୟ ତଥା ପରିପୂର୍ଣ୍ଣ ପ୍ରକ୍ରିୟା ଏବଂ ସନ୍ତୁଳିତ ସଂଯୋଜନର ଅବଧାରଣାଗତ ସୌନ୍ଦର୍ଯ୍ୟର ପରିତୃପ୍ତିରେ ପରିଣତ ହୁଏ । ସେହିସବୁ ପରିତୃପ୍ତି ପଛରେ ଆମ ଭିତରେ ଅବସ୍ଥିତ ରହିଥିବା ସୌନ୍ଦର୍ଯ୍ୟର ଆତ୍ମାଟି ପ୍ରତ୍ୟେକ ବସ୍ତୁ ମଧ୍ୟରେ ଏକ ପରମ ସୌନ୍ଦର୍ଯ୍ୟର ସଂସ୍ପର୍ଶ, ଉଦ୍‌ଘାଟନ ତଥା ଉନ୍ମୋଚନକାରୀ ଆନନ୍ଦଲାଗି ବାସନା ରଖିଥାଏ । ସକଳ ବସ୍ତୁରେ ସେହି ଆନନ୍ଦଟି ହିଁ ନିହିତ ରହିଛି ବୋଲି ସେ ଅନୁଭବ କରୁଥାଏ ; ମାତ୍ର ଆମର ଇନ୍ଦ୍ରିୟଚୟ ଅଥବା ସହଜାତ ପ୍ରବୃତ୍ତିଗୁଡ଼ିକ କେବଳ ଆପଣା ଉପରେ ନିର୍ଭର କରି ସେହି ଆନନ୍ଦଟିକୁ ଦେଇପାରନ୍ତି ନାହିଁ, ଆମର ତର୍କ ବିଚାର କିମ୍ବା ବୁଦ୍ଧି ମଧ୍ୟ ସେଇଟି ଦେଇପାରେ ନାହିଁ । ଇନ୍ଦ୍ରିୟ ତଥା ସହଜାତ ପ୍ରବୃତ୍ତିଗୁଡ଼ିକ ସେହି ଆନନ୍ଦର ବାହନପଥରୂପେ ଅବଶ୍ୟ କାର୍ଯ୍ୟ କରିପାରନ୍ତି, ବୁଦ୍ଧି ଓ ତର୍କବିଚାର ମଧ୍ୟ ତାହାର ବାହନପଥ ହୁଏ ; ମାତ୍ର ଏହିସବୁ ଆବରଣର ମଧ୍ୟଦେଇ ସ୍ୱୟଂ ଆତ୍ମା ହିଁ ସେହି ଆନନ୍ଦରେ ଆସି ଉପଗତ ହେବାକୁ ଆକାଙ୍‌କ୍ଷା ରଖିଥାଏ । ବୁଦ୍ଧି ପାରେନାହିଁ ; କାରଣ, ସେହି ଆନନ୍ଦ ମସ୍ତିଷ୍କ ଓ ବୁଦ୍ଧିର ଅତୀତ ହୋଇ ରହିଥାଏ । ଆମ ଭିତରର ସୌନ୍ଦର୍ଯ୍ୟର ଆକାଙ୍‌କ୍ଷା ବା ବୋଧଟି ଯେତେବେଳେ ଏହି ବିଶ୍ୱଗତ ପରମ ସୌନ୍ଦର୍ଯ୍ୟର ସ୍ପର୍ଶ ପାଏ, ସେତେବେଳେ ଯେକୌଣସି କ୍ଷୁଦ୍ରାତିକ୍ଷୁଦ୍ର ଅଥବା ବିରାଟରୁ ବିରାଟ କୌଣସି ବସ୍ତୁ ଭିତରେ କେବଳ ସେହି ସୌନ୍ଦର୍ଯ୍ୟ ହିଁ ଆପଣାକୁ ଅନାବୃତ କରିଦେଉଥିବାର ଅନୁଭୂତି ଲାଭ କରେ, କୌଣସି ଗୋଟିକ ଫୁଲରେ ବା କୌଣସି ରୂପରେ, କୌଣସି ଏକ ଚରିତ୍ରର ସୌନ୍ଦର୍ଯ୍ୟ ଏବଂ ଶକ୍ତିମତ୍ତା ଭିତରେ, କୌଣସି ଏକ କାର୍ଯ୍ୟରେ, ଏକ ଘଟଣାରେ, ଏକ ମନୁଷ୍ୟ ଜୀବନରେ, କୌଣସି ବିଚାରରେ, ତୂଳୀର କୌଣସି ଗୋଟିଏ ଛୁଇଁଦେବାରେ କିମ୍ବା ହାତୁଡ଼ିର କୌଣସି ଗୋଟିଏ ମାତ୍ର ଆଘାତରେ ଅଥବା ମନୋରାଜ୍ୟର କୌଣସି ସତ୍ୟୋଦ୍‌ଭାସରେ, କୌଣସି ସୂର୍ଯ୍ୟାସ୍ତର ରଙ୍ଗବିଭବରେ ବା ଝଡ଼ର ମହୋଲ୍ଲାସ ମଧ୍ୟରେ ଯେତେବେଳେ ସେହି ସୌନ୍ଦର୍ଯ୍ୟର ସ୍ପନ୍ଦନକୁ ଅନୁଭବ କରେ, କେବଳ ସେତିକିବେଳେ ଯାଇ ଆମ ଭିତରର ସୌନ୍ଦର୍ଯ୍ୟବୋଧଟି ପ୍ରକୃତରେ ପରିତୃପ୍ତ ହୁଏ, ଶକ୍ତିଶାଳୀଭାବରେ ତଥା ସଂପୂର୍ଣ୍ଣଭାବରେ ତୃପ୍ତି ଲାଭ କରେ । ପ୍ରକୃତରେ କହିବାକୁ ଗଲେ, ଠିକ୍ ଧର୍ମକ୍ଷେତ୍ରରେ ଯେମିତି, ଏଠାରେ ମଧ୍ୟ ସେମିତି ; ଏହି ସୌନ୍ଦର୍ଯ୍ୟର ଆକାଙ୍‌କ୍ଷାଟି ହେଉଛି ସେହି ପରମ ଦିବ୍ୟତାର ହିଁ ଆକାଙ୍‌କ୍ଷା ରଖିବା, ମନୁଷ୍ୟ ଭିତରେ, ପ୍ରକୃତି ମଧ୍ୟରେ, ଜୀବନରେ, ବିଚାରରେ ତଥା କଳା ଭିତରେ ସେହି ପରମ ଦିବ୍ୟସୌନ୍ଦର୍ଯ୍ୟମୟତାକୁ ହିଁ ଖୋଜିବୁଲିବା । କାରଣ, ଆପଣାର ଅନେକ

'oaob.nitrkl.ac.in' images reprocessed

ମୁଖ୍ୟ ଏବଂ ଅନେକ ରୂପ ମଧ୍ୟରେ ପରମ ସୌନ୍ଦର୍ଯ୍ୟ ତଥା ପରମ ଆନନ୍ଦରୂପେ କେବଳ ସେହି ପରମେଶ୍ୱର ହିଁ ବିରାଜିତ ରହିଛନ୍ତି ଏବଂ ଯେତେବେଳେ ଆମେ ସୌନ୍ଦର୍ଯ୍ୟର ସେହି କ୍ରମଶଃ ବର୍ଦ୍ଧମାନ ବୋଧ ତଥା ଜ୍ଞାନଦ୍ୱାରା ପରିପୂର୍ଣ୍ଣ ହୋଇ, ସୌନ୍ଦର୍ଯ୍ୟରେ ହିଁ ଆନନ୍ଦ ଲାଭ କରି ଏବଂ ସେହି ସୌନ୍ଦର୍ଯ୍ୟଲାଗି ହିଁ ସାମର୍ଥ୍ୟଯୁକ୍ତ ହୋଇ ଆପଣାର ଆତ୍ମାରେ ଜଗତର ପ୍ରତ୍ୟେକ ରୂପ ଏବଂ କ୍ରିୟାରେ ଅଧିଷ୍ଠିତ ହୋଇ ରହିଥିବା ଏହି ପରମ ନିର୍ବିଶେଷ ଓ ପରମ ଦିବ୍ୟତାଟି ସହିତ ଆପଣାକୁ ଅଭିନ୍ନଭାବରେ ଯୁକ୍ତ କରି ରଖିବାକୁ ସମର୍ଥ ହୋଇଯାଉ, ଏବଂ ଯେତେବେଳେ ଆମେ ଆମର ଅବଧାରଣା ଓ ମୂର୍ତ୍ତି କଳନା ଅନୁସାରେ ସେହି ପରମ ସର୍ବସୌନ୍ଦର୍ଯ୍ୟମୟର ସର୍ବୋଚ୍ଚ ପ୍ରତିରୂପଟିକୁ ସମ୍ମୁଖରେ ରଖି ଆମର ଅନ୍ତର୍ଜୀବନ ତଥା ବହିଃଜୀବନକୁ ମଧ୍ୟ ଅନୁରୂପଭାବରେ ଗଢ଼ିବାର ସାମର୍ଥ୍ୟ ଲାଭ କରୁ, ସେତେବେଳେ ଆମଭିତରେ ଏହି ଲକ୍ଷ୍ୟଟିକୁ ନେଇ ଜନ୍ମ ହୋଇଥିବା ସୌନ୍ଦର୍ଯ୍ୟବୋଧୀ ପ୍ରବୃତ୍ତି ଆପଣାକୁ ଯଥାର୍ଥରେ ପରିପୂର୍ଣ୍ଣ କରେ ଏବଂ ଆପଣାର ଦିବ୍ୟ ପରିପୂର୍ଣ୍ଣତାର ସୋପାନଟିକୁ ଉନ୍ନୀତ ହୋଇଯାଏ । ତେଣୁ ସର୍ବୋଚ୍ଚ ସୌନ୍ଦର୍ଯ୍ୟର ଉପଲବ୍ଧି କରିବା ହେଉଛି ଈଶ୍ୱରଙ୍କର ଉପଲବ୍ଧି କରିବା ; ଆମ ଭାଷାରେ ଆମେ ଯାହାକୁ ସର୍ବୋଚ୍ଚ ବା ସର୍ବଶ୍ରେଷ୍ଠ ସୌନ୍ଦର୍ଯ୍ୟ ବୋଲି କହୁ, ତାହାର ଉନ୍ମୋଚନ ଘଟାଇବା, ତାହାକୁ ମୂର୍ତ୍ତି ରୂପ ଦେବା ଏବଂ ତାହାର ସୃଷ୍ଟି କରିବା ହେଉଛି ଆମର ଆତ୍ମା ଭିତରୁ କେବଳ ସେହି ପରମେଶ୍ୱରଙ୍କର ଜୀବନମୟ ପ୍ରତିରୂପ ଓ ସାମର୍ଥ୍ୟଟିକୁ ପ୍ରକଟ କରି ନେଇଆସିବା ।

'oaob.nitrkl.ac.in' images reprocessed

ପଞ୍ଚଦଶ ପରିଚ୍ଛେଦ

# ବୁଦ୍ଧିର ଅତୀତ ମଙ୍ଗଳ

ଆମ ଧର୍ମଗତ ସତ୍ତାର ତତ୍ତ୍ୱ ଏବଂ ବିଧାନଟିର ମଧ୍ୟଦେଇ ତଥା ଆମ ସୌନ୍ଦର୍ଯ୍ୟ-ବୋଧଗତ ସତ୍ତାଟିର ତତ୍ତ୍ୱ ଏବଂ ବିଧାନଟିର ମଧ୍ୟଦେଇ ଆମେ କ୍ରମଶଃ ଏକ ବିଶ୍ୱଗତ ତତ୍ତ୍ୱ ଏବଂ ବିଧାନର ଆବିଷ୍କାର କରିବାକୁ ଆରମ୍ଭ କରୁଛୁ, ଯାହାକି ସକଳ ସତ୍ତାର ତତ୍ତ୍ୱ ଏବଂ ବିଧାନରୂପେ ପ୍ରତିଷ୍ଠିତ ହୋଇ ରହିଛି ଏବଂ ତେଣୁ ଯାହାକୁ କି ମନୁଷ୍ୟର ଯାବତୀୟ କ୍ରିୟାକଳାପର କ୍ଷେତ୍ରରେ ମଧ୍ୟ ଆମେ ଅବିଚଳିତ ଭାବରେ ଆମର ଦୃଷ୍ଟି ସମକ୍ଷରେ ଧରି ରଖିବାଲାଗି ସମର୍ଥ ହେବା । ଯେଉଁ ସତ୍ୟ ଉପରେ ଏହି ତତ୍ତ୍ୱ ଓ ବିଧାନ ଦଣ୍ଡାୟମାନ ରହିଛି, ତାହାକୁ ମୁନିମାନେ ସମସ୍ତେ ସ୍ୱୀକାର କରିଯାଇଛନ୍ତି ; ଅବଶ୍ୟ ଆପଣାର ବିସ୍ତୃତଣାକୁ କେବଳ ବୁଦ୍ଧିଦ୍ୱାରା ବାନ୍ଧିରଖିଥିବା ବିଶ୍ୱରଟି ଏଇଟିକୁ ନେଇ ସତତ ବିବାଦ ଉପୁଜାଇବାକୁ ଆସିଛି । ଏହି ସତ୍ୟଟି ଅନୁସାରେ ସଜୀବ ସକଳ ସତ୍ତା କେବଳ ସେହି ଏକ ପରମେଶ୍ୱରଙ୍କ ସକାଶେ ଏକ ଆକାଙ୍‌କ୍ଷା ଓ ଏକ ଅନ୍ୱେଷଣ ବ୍ୟତୀତ ଆଉ କିଛି ନୁହେଁ ; ଅନ୍ତର ଭିତରେ ଅନ୍ତରାଳରେ ତଥା ଊର୍ଦ୍ଧ୍ୱରେ ଗୁପ୍ତ ଓ ପ୍ରଚ୍ଛନ୍ନ ହୋଇ ରହିଥିବା ଏକ ସର୍ବୋଚ୍ଚ ଆତ୍ମା ତଥା ଈଶ୍ୱରତମ ସତ୍ୟବସ୍ତୁ ଲାଗି ଏକ ଆକାଙ୍‌କ୍ଷା ଓ ଅନ୍ୱେଷଣ ବ୍ୟତୀତ ଆଉ କିଛି ନୁହେଁ । ତାହା ଏକ ପ୍ରଚ୍ଛନ୍ନ ପରମ ଦେବତା ବ୍ୟତୀତ ଆଉ କିଛି ନୁହେଁ । ଧର୍ମର ଦ୍ୱାରଟି ଦେଇ ଆମେ ଯେଉଁ ସତ୍ୟଟିର ଆଭାସ ପାଇଥାଉ, ତାହା ସକଳ ଜୀବନର ଅନ୍ତରାଳରେ ମଧ୍ୟ ସଗୁପ୍ତ ହୋଇ ରହିଛି ; ତାହା ହିଁ ହେଉଛି ଜୀବନର ମହାନ୍ ନିଗୂଢ଼ତମ ବସ୍ତୁ । ଏହି ଜୀବନର ଯାବତୀୟ ସାଧନା କେବଳ ତାହାର ଆବିଷ୍କାର କରିବା ଉଦ୍ଦେଶ୍ୟରେ ହିଁ ଲାଗିରହିଛି, ଆପଣାର ଆତ୍ମଜ୍ଞାନକ୍ଷେତ୍ରରେ ତାହାକୁ ହିଁ ସତ୍ୟରୂପେ ଉପଲବ୍ଧି କରିବାରେ ଲାଗିରହିଛି ।

ଆତ୍ମଗତ ଦୃଷ୍ଟିରୁ ବିଚାର କରି ଆମେ ପରମେଶ୍ୱରଙ୍କ ଲାଗି ଏହି ଆକାଙ୍‌କ୍ଷା ଓ ଅନ୍ୱେଷଣକୁ ଆମର ଉଚ୍ଚତମ, ସତ୍ୟତମ ଓ ବୃହତ୍ତମ ଆତ୍ମାଟି ଲାଗି ଆକାଙ୍‌କ୍ଷା ତଥା ଅନ୍ୱେଷଣ ବୋଲି ମଧ୍ୟ କହିପାରିବା । ତାହା ହେଉଛି ଏପରି ଏକ ପରମସତ୍ତାର ଉଦ୍‌ଘାଟନ କରିପାରିବାର ସାଧନା, ଯାହାକୁ କି ଜୀବନର ପ୍ରତୀକସବୁ ସକଳ ଗୁପ୍ତ କରି ରଖିଛନ୍ତି ; କାରଣ, ସେମାନେ ସେହି ସତ୍ତାଟିକୁ କେବଳ ଆଂଶିକଭାବରେ ବ୍ୟକ୍ତ

'oaob.nitrkl.ac.in' images reprocessed

କରୁଛନ୍ତି ଅଥବା କାରଣ କେବଳ ନାନା ଆବରଣ ତଥା ରୂପ ସ୍ଵନର ଅନ୍ତରାଳରୁ ହିଁ ତାହାକୁ ବ୍ୟକ୍ତ କରିପାରୁଛନ୍ତି, କେତେ କେତେ ବିରୋଧ ଏବଂ ବିପରୀତତାର ମଧ୍ୟଦେଇ ଏବଂ ଅନେକ ସମୟରେ ସେହି ପରମ ସତ୍ୟଟିର କେବଳ ବିକୃତି ଏବଂ ବୈପରୀତ୍ୟ ବୋଲି ପ୍ରତୀତ ହେଉଥିବା କେତେ କେତେ ମାଧ୍ୟମରେ ତାହାକୁ ବ୍ୟକ୍ତ କରିବାରେ ଲାଗିଛନ୍ତି । କେବଳ ସେହି ପରମ ଅନନ୍ତ ଓ ନିର୍ବିଶେଷଙ୍କର ଏକ ମୂର୍ତ୍ତି ତଥା ସର୍ବଗ୍ରାହୀ ବୋଧର ଉପଲବ୍ଧିଦ୍ୱାରା ହିଁ ଯାହାର ଉପଲବ୍ଧି ପରିପୂର୍ଣ୍ଣ ହୋଇପାରିବ ଏହି ଆକାଙ୍‌କ୍ଷାଟିକୁ ଆମେ କେବଳ ତାହାରିଲାଗି ଏକ ଆକାଙ୍‌କ୍ଷା ବୋଲି କହିବା । ସମସ୍ତ ସାନ୍ତ ସତ୍ତାରେ ଅନନ୍ତସତ୍ତାର ମୂଳଟିକୁ ଆବିଷ୍କାର କରିପାରିଲେ ଏବଂ ଆମର ଏହି ନିତ୍ୟନୈମିତ୍ତିକ ବୁଦ୍ଧିଟାକୁ ଯେତେ ଅସମ୍ଭବ ବା ବିରୋଧପୂର୍ଣ୍ଣ ବୋଧ ହେଉଥିଲେ ମଧ୍ୟ ତାହାକୁ ଆବଶ୍ୟକ ଓ ଅନିବାର୍ଯ୍ୟ ବୋଲି ଗ୍ରହଣ କରି ଆମର ଯାବତୀୟ ଆପେକ୍ଷିକତାକୁ ସେଗୁଡ଼ିକର ପରମ ସମ୍ଭାବ୍ୟତାର ଭୂମିଯାଏ ଉତ୍ତୋଳିତ କରିନେବାକୁ ଏବଂ ସେଗୁଡ଼ିକୁ ଆପଣା ମଧ୍ୟରେ ଏକତ୍ୱବଦ୍ଧ କରି ରଖିଥିବା କୌଣସି ଏକ ସର୍ବୋଚ୍ଚ ତତ୍ତ୍ୱମଧ୍ୟରେ ସେଗୁଡ଼ିକୁ ଉତ୍‌କ୍ରାନ୍ତ କରିନେଇ ସେଗୁଡ଼ିକ ମଧ୍ୟରେ ରହିଥିବା ଯାବତୀୟ ପାର୍ଥକ୍ୟ, ବିରୋଧ ଏବଂ ବୈପରୀତ୍ୟ ମଧ୍ୟରେ ଏକକ ସମନ୍ୱିତ କରି ରଖିପାରିଲେ ଯାଇ ସେହି ବୋଧଟି ସମଗ୍ରଭାବରେ ପ୍ରତିଷ୍ଠିତ ହୋଇପାରିବ । ସେହିଭଳି ଏକ ପରିପୂର୍ଣ୍ଣ ସର୍ବୋଚ୍ଚ ତତ୍ତ୍ୱ ଅବଶ୍ୟ ରହିଛି ; ଏବଂ ଯଦି ଆମେ କେବେ ଆମର ନିମ୍ନତର ଜୀବନଭୂମିଗୁଡ଼ିକୁ ତାହାର ସଚେତନ ବ୍ୟକ୍ତଭୂମିରୂପେ ପ୍ରବର୍ତ୍ତିତ କରିଦେଇପାରିବା, ଯେତେବେଳେ ସେଗୁଡ଼ିକ କେବଳ ଆପଣାଲାଗି ନ ରହି ସେହି ପରମ ତତ୍ତ୍ୱଲାଗି ହିଁ ଅବସ୍ଥାନ କରିବାକୁ ଆରମ୍ଭ କରିବେ, ସେହି ସର୍ବୋଚ୍ଚ ପରମସତ୍ୟର ହିଁ ଅନୁମୂଳ୍ୟ ହୋଇ ରହିପାରିବେ ଏବଂ ସେହି ଉଚ୍ଚତମ ଓ ମହତ୍ତମ ସାଧାରଣ ରାଶିଟିର ହିଁ-ଗୋଟିଏ ଗୋଟିଏ ଭଗ୍ନାଂଶ ହୋଇ ରହିବେ, ତେବେ ସେହି ପରମତତ୍ତ୍ୱଟିଦ୍ୱାରା ଆମେ ଆମର ଏହି ଅପୂର୍ଣ୍ଣ ନିମ୍ନତର ଭୂମିଗୁଡ଼ିକର ଔଚିତ୍ୟଟିକୁ ମଧ୍ୟ ପ୍ରତିଷ୍ଠା କରିଦେଇପାରିବା ଏବଂ ସେଗୁଡ଼ିକ ମଧ୍ୟରେ ଉପୁଜୁଥିବା ଯାବତୀୟ ବିସମ୍ବାଦକୁ ସମନ୍ୱୟବଦ୍ଧ କରିଦେଇପାରିବା । ସକଳ ଅନେକ ଉପରେ ଏକ ପରମ ଏକ ଅବଶ୍ୟ ପ୍ରତିଷ୍ଠିତ ରହିଛି ଯାହା ଭିତରେ କି ପରସ୍ପରଠାରୁ ବିଚ୍ଛିନ୍ନ, ପରସ୍ପର ସହିତ ବିବାଦଗ୍ରସ୍ତ ଓ ସଂଗ୍ରସ୍ତ ସଂଘାତୀ ଅଗଣିତବୋଧ, ସାମର୍ଥ୍ୟ, ବୃତ୍ତି, ସହଜାତ ପ୍ରବୃତ୍ତି, ଆବେଗ, ବିଭାବ ଏବଂ ପ୍ରତିଭାସମାନ, ଯାହାକୁ କି ଆମେ ଜୀବନ ବୋଲି କହୁ, ସେଗୁଡ଼ିକର ଜାଲରୁଦ୍ଧ ସକଳ ବିସମ୍ବାଦ ଆପଣାର ସକଳ ବିଚ୍ଛିନ୍ନତାଲାଗି ଏକ ଏକତାର ସନ୍ଧାନ ପାଇପାରିବେ, ଆପଣାର ବିଭିନ୍ନ ଧାବନ ମଧ୍ୟରେ ଈପ୍‌ସିତ ସମନ୍ୱୟ ଓ ସମତାଟିର ସନ୍ଧାନ ପାଇବେ, ଆପଣାର ଯାବତୀୟ ଦାବିଲାଗି ଔଚିତ୍ୟ ପାଇପାରିବେ, ଆପଣାର ବିକୃତି ଓ ବିସଙ୍ଗତିଗୁଡ଼ିକର ସଂଶୋଧନ ସମ୍ଭବ କରିପାରିବେ ଏବଂ ଆପଣାର ଯାବତୀୟ ସମସ୍ୟା ଓ କଳହର ଯଥାର୍ଥ ସମାଧାନ ମଧ୍ୟ ପାଇପାରିବେ । ଆମର ଜୀବନ ମଧ୍ୟରେ କେବଳ ସେହି ଆକାଙ୍‌କ୍ଷାଟି ହିଁ କାର୍ଯ୍ୟକାରୀ

'oaob.nitrkl.ac.in' images reprocessed

ହୋଇ ରହିଛି, ଯେପରିକି ତଦ୍ୱାରା ଆମର ଜୀବନ ଆପଣାର ଯଥାର୍ଥ ସତ୍ୟଟିର ପରିଚୟ ଲାଭ କରିପାରିବ ଏବଂ ଏକ ଦିବ୍ୟ ପରମସତ୍ୟର ସର୍ବୋଚ୍ଚ ତଥା ସମନ୍ୱିତତମ ଅଭିବ୍ୟକ୍ତିରୂପେ ଆପଣାକୁ ରୂପାନ୍ତରିତ କରିଦେଇପାରିବ । ଏଠି ଯାହା କିଛି ରହିଛି, ସବୁଟି ଭିତରେ କେବଳ ତାହାରି ଆକାଙ୍କ୍ଷା ଓ ଅନ୍ୱେଷଣ ଲାଗିରହିଛି, ପ୍ରତ୍ୟେକ ସାମର୍ଥ୍ୟ ଆପଣାର ସ୍ୱକୀୟ ଙ୍ଗରେ କେବଳ ତାହାରି ସନ୍ଧାନ ହିଁ କରୁଛି । ଆମର ଅବବୌଦ୍ଧିକ ସ୍ତରଟି ଆପଣାର ସହଜାତ ପ୍ରବୃତ୍ତି, ଆବଶ୍ୟକତା ଓ ଆବେଗଗୁଡ଼ିକର ପଥ ଧରି ଅନ୍ଧଭାବରେ କେବଳ ତାହାରି ଉଦ୍ଦେଶ୍ୟରେ ହାତ ବୁଲାଇବାରେ ଲାଗିଛି, ଆମର ବୁଦ୍ଧି ଆପଣାର ନ୍ୟାୟ ଓ ନିୟମ-ବ୍ୟବସ୍ଥାର ଜାଲଟି ପକାଇ କେବଳ ତାହାକୁ ଧରିବାର ଅଭିଳାଷ ରଖିଛି ; ବୁଦ୍ଧି ଆପଣାର ବହୁବିଧ ଅନେକତାଟିର ଅନୁସରଣ କରି ତାହାକୁ ଏକାଠି କରୁଛି ଏବଂ ସେଗୁଡ଼ିକର ବିଶ୍ଲେଷଣ କରି ସେଗୁଡ଼ିକ ମଧ୍ୟରେ ଏକ ସମନ୍ୱୟ ସ୍ଥାପନ କରିବାଲାଗି ଚେଷ୍ଟା କରୁଛି । ବୁଦ୍ଧିର ଅତୀତ ସୋପାନଟି ବିଷୟ-ଗୁଡ଼ିକର ଆହୁରି ପଛକୁ ଯାଉଛି, ଆହୁରି ଊର୍ଦ୍ଧ୍ୱକୁ ଯାଉଛି ଏବଂ ସେଗୁଡ଼ିକର ଅନ୍ତରତର ଅଂଶଗୁଡ଼ିକରେ ପ୍ରବିଷ୍ଟ ହେଉଛି, ସେଠାରେ ପହଞ୍ଚି ତାହା ପରମ ସତ୍ୟର ହୃଦୟଟିକୁ ଛୁଇଁପାରିବାକୁ ଚେଷ୍ଟା କରୁଛି ଏବଂ ସେହି ପ୍ରଚ୍ଛନ୍ନ କେନ୍ଦ୍ରଟିରୁ ଆଲୋକ ଆଣି ତଦ୍ୱାରା ଆପଣାର ଏହି ସୀମାବିଶିଷ୍ଟ ସବୁକିଛିକୁ ଆଲୋକିତ କରିଦେବାଲାଗି ତତ୍ପର ରହିଛି ।

ଧର୍ମ ଏବଂ କଳାର ବିଚରଣକ୍ଷେତ୍ରରେ, ଅର୍ଥାତ୍ ଆଧ୍ୟାତ୍ମିକ ଉପାସନା ତଥା ସୁନ୍ଦରର ଉପାସନାର କ୍ଷେତ୍ରରେ ହିଁ ଏହି ସତ୍ୟଟି ସବୁଠାରୁ ଅଧିକ ସହଜଭାବରେ ଆତ୍ମବୋଧଭିତରେ ଆସି ଧରାଦେଇଥାଏ ; କାରଣ, ଏହି ଦୁଇଟି କ୍ଷେତ୍ରରେ ହିଁ ଆମେ ସବୁଠାରୁ ଅଧିକ ସମ୍ପୂର୍ଣ୍ଣଭାବରେ ଜୀବନର ଏହି ବହିରଙ୍ଗ ଯାବତୀୟ ପ୍ରତିଭାସର ଅଶାନ୍ତ ସ୍ତୂପଭିତରୁ, ଏହାର ନାନା ଆବଶ୍ୟକତାର ତାତ୍କାଳିକ ଅବରୋଧ ମଧ୍ୟରୁ ଏବଂ ଏହାର ପ୍ରୟୋଜନଗୁଡ଼ିକର ବଧିର କରିଦେଉଥିବା କୋଲାହଳ ଭିତରୁ ବାହାରି ଚାଲିଯିବାକୁ ସମର୍ଥ ହୋଇଥାଉ । ସେହି ଦୁଇଟିଯାକ କ୍ଷେତ୍ରରେ ଆମେ ପ୍ରତିପଦରେ କୌଣସି ନା କୌଣସି ସ୍ଥୂଳ ଭୌତିକ ଦାବି ସହିତ, କୌଣସି ତତ୍କାଳ କମ୍ବା ତତ୍‌କ୍ଷଣର କୌଣସି ରୁଚିବର୍ଜିତ ଅଥଚ ଅନିବାର୍ଯ୍ୟ ଆବଶ୍ୟକତା ସହିତ ଯେକୌଣସି ପ୍ରକାରେ ଏକ ସାଲିସ୍ କରିନେବାକୁ ବାଧ୍ୟ ହେଉନାହିଁ । ସେ କ୍ଷେତ୍ରରେ ବାହାରର ପ୍ରତିଭାସଗୁଡ଼ିକର ଅନ୍ତରାଳକୁ ଯାଇ ପରମସତ୍ତାର ଅନ୍ୱେଷଣ କରିବାଲାଗି ଆମର ସର୍ବଦା ଅବସର ଓ ଖାଲି ସମୟ ରହିଥାଏ । ଅତି ଅସ୍ଥାୟୀ ଓ ଅତି କ୍ଷଣିକ ଭୂମିଟି ମଧ୍ୟରୁ ଉପରକୁ ଓ ତଳକୁ ଦୃଷ୍ଟି ନିକ୍ଷେପ କରିବାଲାଗି ସେଠାରେ ଆମକୁ ପୂର୍ଣ୍ଣ ସମ୍ମତି ମିଳିଯାଏ, ଅଥବା କାଳଗତତା ମଧ୍ୟରୁ ଦୃଷ୍ଟିକୁ ମୁକ୍ତ କରି କାଳାତୀତତା ଉପରେ ଦୃଷ୍ଟିପାତ କରିବାଲାଗି ମଧ୍ୟ ଅନୁମତି ମିଳିଥାଏ । ସେଠାରେ ଆମେ ତାତ୍କାଳିକ

'oaob.nitrkl.ac.in' images reprocessed

ଯାବତୀୟ ବ୍ୟାବହାରିକତାର ସୀମାଗୁଡ଼ିକ ମଧ୍ୟରୁ ଆପଣାକୁ ପ୍ରତ୍ୟାହୃତ କରି ଆଣିପାରୁ ଏବଂ ସେହି ପରମ ଭାବଗତ ତଥା ବିଶ୍ୱମୟ ସତ୍ୟର ସ୍ପର୍ଶ ଲାଭ କରି ଆମର ଆତ୍ମାକୁ ନୂତନ କରି ସୃଷ୍ଟି କରିଦେଇପାରୁ । ସେଠାରେ ଆମେ ଆମକୁ ବାନ୍ଧିରଖିଥିବା ବେଡ଼ିଗୁଡ଼ାକୁ ଆପଣା ଉପରୁ ଖସାଇପକାଇବାକୁ ଆରମ୍ଭ କରୁ, ଏବଂ ଆବଶ୍ୟକତାଗତ ଜଞ୍ଜାଳରୂପୀ ଜେଲ୍‌ର ଏବଂ ପ୍ରୟୋଜନରୂପୀ କାମ ଆଦାୟକାରୀମାନଙ୍କୁ ନ ନେଇ ଜୀବନ ନାମରେ ଯେଉଁ ଜେଲ୍‌ଟି ତିଆରି ହୋଇଥିଲା, ତାହାର କବଳରୁ ନିଷ୍କୃତି ପାଇଯାଉ । ସେତେବେଳେ ଆମକୁ ଆତ୍ମାର ବନ୍ଧନହୀନତା ମଧ୍ୟକୁ ପ୍ରବେଶ କରିବାର ଅଧିକାର ମିଳିଯାଏ, ଆମେ ପରମେଶ୍ୱରଙ୍କର ସୌନ୍ଦର୍ଯ୍ୟ ତଥା ଆନନ୍ଦରୂପ ସେହି ଅନନ୍ତ ସାମ୍ରାଜ୍ୟଟି ମଧ୍ୟରେ ପ୍ରବେଶ କରୁ ଅଥବା ଆମର ପରମ ଆତ୍ମପରିଚୟର ଦ୍ୱାରଟି ଆମ ନିଜ ହାତକୁ ଖୋଲିଆସେ ଏବଂ ଆମେ ସେହି ପରମ ଶାଶ୍ୱତର ଅଧିକାର ଏବଂ ଆରାଧନା ଲାଗି ଆପଣାକୁ ଉନ୍ମୋଚିତ କରି ରଖିପାରୁ । ଏହିଠାରେ ହିଁ ମନୁଷ୍ୟର ଭାବଗତ ଆକାଙ୍‌କ୍ଷାଟି ଲାଗି ଧର୍ମର ଏତେ ବିପୁଳ ମୂଲ୍ୟ ରହିଛି, କଳା ଓ କାବ୍ୟର ମଧ୍ୟ ଏତେ ବିପୁଳ ମୂଲ୍ୟ ରହିଛି । ସେଗୁଡ଼ିକ ମଧ୍ୟରେ ଅନ୍ତରତର ସତ୍ୟ ଲାଗି, ଆତ୍ମପ୍ରସାରଣ ତଥା ଆତ୍ମ-ଉତ୍‌କ୍ରମଣ ଲାଗି ଏବଂ ଆତ୍ମବିମୋଚନ ଲାଗି ଯେଉଁ ପ୍ରତ୍ୟକ୍ଷ ସାମର୍ଥ୍ୟ ରହିଛି, ସେଇଥିରେ ହିଁ ଉକ୍ତ ମୂଲ୍ୟଟି ନିହିତ ହୋଇ ରହିଛି ।

ମାତ୍ର ଜୀବନର ଅନ୍ୟ କ୍ଷେତ୍ରଗୁଡ଼ିକରେ, ଆମ ଅଜ୍ଞାନର ଏକ ବଡ଼ମୂନାରେ ପଡ଼ି ଯାହାକୁ ଆମେ ବ୍ୟାବହାରିକ ଜୀବନ ବୋଲି କହୁଆଉ, ବିଶେଷକରି ସେହି କ୍ଷେତ୍ରଟିରେ ଆମେ ଉପରେ ଆଲୋଚିତ ହୋଇଥିବା ବିଶ୍ୱଗତ ସତ୍ୟଟିକୁ ସ୍ୱୀକାର କରିବା ଲାଗି ସାଧାରଣତଃ କମ୍ ପ୍ରସ୍ତୁତ ରହୁଆଉ । ଅବଶ୍ୟ ଏ କଥା ସତ ଯେ ଯଦି ପରମଦିବ୍ୟତା ହିଁ ଆମର ଅନ୍ୱେଷଣ ତଥା ଉପଲବ୍‌ଧିରେ ପ୍ରକୃତ ଲକ୍ଷ୍ୟ ହୋଇ ରହୁଥାଏ, ତେବେ ସେହିସବୁ କ୍ଷେତ୍ରରେ ଆମର ସାଧାରଣ ଆଚରଣ ଓ ଆମକୁ ସଞ୍ଚାଳିତ କରି ରଖିଥିବା ବିଗ୍ରହଗୁଡ଼ିକ ମଧ୍ୟ ତଥାକଥିତ ବ୍ୟାବହାରିକ କ୍ଷେତ୍ରର ଆଚରଣ ତଥା ବିଗ୍ରହର ଏକାନ୍ତ ବିପରୀତ ହେବାକୁ ବାଧ୍ୟ ହେବେ । ଅନ୍ୟ କ୍ଷେତ୍ରଗୁଡ଼ିକରେ ଆମେ ସେହି ବିଶ୍ୱଗତ ସତ୍ୟଟିକୁ ଏପରି କି ଆଂଶିକଭାବରେ ଏକ ସତ୍ୟରୂପେ ମାନିନେବାକୁ ମଧ୍ୟ ଦୀର୍ଘ ସମୟ ନେଇଆଉ ଏବଂ ତାହାକୁ ପ୍ରକୃତ ଆଚରଣରେ ଅନୁସରଣ କରିବା ଲାଗି କ୍ୱଚିତ୍ ପ୍ରସ୍ତୁତ ରହୁଆଉ । ଏବଂ ବିଶେଷତଃ ସେହି କ୍ଷେତ୍ରଟିରେ ଆମେ ଏହି ଅସୁବିଧାଟିର ସମ୍ମୁଖୀନ ହୋଇଆଉ ; କାରଣ, ଆମର ସମୁଦାୟ ବ୍ୟାବହାରିକ ଜୀବନରେ ଆମେ ଏକ ବହିର୍ଗତ ବା ବହିରବସ୍ଥିତ ଆବଶ୍ୟକତାର ଦାସ ହୋଇ ରହିବାରେ ସନ୍ତୁଷ୍ଟପ୍ରାୟ ହୋଇ ରହୁଆଉ, ଏବଂ କେବଳ ତାତ୍କାଳିକ ତଥା ସାମୟିକ ପ୍ରୟୋଜନୀୟତାଗୁଡ଼ିକୁ ଆମ ଭାବନା, ଇଚ୍ଛା ଏବଂ କ୍ରିୟାର ନିୟାମକରୂପେ ମାନିନେଇ ଆମର ସବୁ ଦୋଷର ମାର୍ଜନା ହୋଇଗଲା ବୋଲି ବେଶ୍ ଭାବିନେଇଥାଉ । ତଥାପି ଏପରିକି ସେହି

'oaob.nitrkl.ac.in' images reprocessed

କ୍ଷେତ୍ରରେ ମଧ୍ୟ ଆମକୁ ପରିଶେଷରେ ସେହି ଉଚ୍ଚତମ ସତ୍ୟରେ ହିଁ ଉପନୀତ ହେବାକୁ ହେବ । ଆମକୁ ପରିଶେଷରେ ଅବଶ୍ୟ ଆବିଷ୍କାର କରିବାକୁ ପଡ଼ିବ ଯେ ଆମର ଦୈନନ୍ଦିନ ଜୀବନ ଓ ଆମର ସାମାଜିକ ଜୀବନ ଅନ୍ତର୍ଗତ ଓ ଆଦର୍ଶଗତ କ୍ଷେତ୍ରଠାରୁ ଆଦୌ ଭିନ୍ନ ନୁହନ୍ତି । ସେଗୁଡ଼ିକ ଆମ ଅସ୍ତିତ୍ୱର ଆଉ ଗୋଟିଏ ଭିନ୍ନ କ୍ଷେତ୍ର ନୁହନ୍ତି କିମ୍ବା ସେଠାରେ ଆଉ କୌଣସି ଭିନ୍ନ ନିୟମ ଆଦୌ କାର୍ଯ୍ୟକାରୀ ହେଉ ନାହିଁ । ଓଲଟି ଏ କଥା ସତ ଯେ ଆମର ସର୍ବୋଚ୍ଚ ଆତ୍ମା ଏବଂ ସର୍ବୋଚ୍ଚ ହୋଇଥିବାରୁ ଆମର ସତ୍ୟତମ ତଥା ପରିପୂର୍ଣ୍ଣତମ ଆତ୍ମା ଅର୍ଥାତ୍ ଆମ ଜୀବନାସ୍ତିତ୍ୱର ସବୁଠାରୁ ଅଧିକ ବୃହତ୍ ତଥା ଅଧିକ ଅନିବାର୍ଯ୍ୟ ତତ୍ତ୍ୱ ଓ ସାମର୍ଥ୍ୟଟିର ଆବିଷ୍କାର ସକାଶେ ତଥା ବ୍ୟକ୍ତିଗତ ଏବଂ ସାମୂହିକ ଜୀବନରେ ତାହାର ଅଭିବ୍ୟକ୍ତି ସକାଶେ ସେଗୁଡ଼ିକୁ ଗୋଟିଏ ଗୋଟିଏ ସାଧନରୂପେ ଦେଖି ନ ଶିଖିବା ପର୍ଯ୍ୟନ୍ତ ଆମେ ଆମର ଦୈନନ୍ଦିନ ଓ ସାମାଜିକ ଜୀବନର ଯଥାର୍ଥ ତାତ୍ପର୍ଯ୍ୟଟିକୁ କଦାପି ଆବିଷ୍କାର କରିପାରିବା ନାହିଁ ଏବଂ ସେଗୁଡ଼ିକର ଅତି କଠୋର ଏବଂ ଅନେକ ସମୟରେ ଯନ୍ତ୍ରଣାଦାୟକ ସମସ୍ୟାଗୁଡ଼ିକ ଭିତରୁ ଆଦୌ କୌଣସି ସମାଧାନ ପାଇପାରିବା ନାହିଁ । ଏହି ଜୀବନ ହିଁ କେବଳ ଏକ ଅପର୍ଯ୍ୟାପ୍ତ ଓ ଅନେକାଂଶ୍ୟ ଅବସର ବୋଲି ହିଁ ଜାଣିବା ; ସେହି ପରମ ଦିବ୍ୟସତ୍ତାଙ୍କ ଆବିଷ୍କାର, ଉପଲବ୍ଧି ତଥା ଅଭିବ୍ୟକ୍ତ କରିବାଲଗି ଏକ ଅବସର ।

ଆମ ଜୀବନର ନୀତିଗତ ପ୍ରକୃତିରେ ହିଁ ଆମ ବ୍ୟାବହାରିକ ଜୀବନର ସତ୍ୟତମ ସତ୍ୟଟି, ଅର୍ଥାତ୍ ଆମ ଜୀବନର ଯଥାର୍ଥ ତଥା ସର୍ବୋଚ୍ଚ ବ୍ୟାବହାରିକତାଟି ସବୁଠାରୁ ଅଧିକ ସହଜରେ ପ୍ରତ୍ୟକ୍ଷ ଓ ଅନୁଭୂତ ହୋଇଥାଏ । ଏ କଥା ସତ ଯେ ବୁଦ୍ଧିସମର୍ପିତ ମନୁଷ୍ୟ ତା' ଜୀବନର ଅବଶିଷ୍ଟ ସକଳକ୍ଷେତ୍ର ପରି ଜୀବନର ନୀତିଗତ କ୍ଷେତ୍ରଟିକୁ ମଧ୍ୟ କେବଳ ଏକ ତର୍କବୁଦ୍ଧିର ବ୍ୟାପାର ବୋଲି ଦେଖିବାର ଉଦ୍ୟମ କରିଥାଏ, ବୁଦ୍ଧିର କୌଣସି ନା କୌଣସି ସିଦ୍ଧାନ୍ତ ବା ବିଧାନ ଦ୍ୱାରା ସେ ନୈତିକ ଜୀବନର ପ୍ରକୃତି, ବିଧାନ ତଥା ବ୍ୟାବହାରିକ କ୍ରିୟାତ୍ମକତାଟିକୁ ନିୟନ୍ତ୍ରିତ କରି ରଖିବାକୁ ଚାହୁଁଥାଏ । ମାତ୍ର ତା'ର ଏହି ଚେଷ୍ଟାରେ ସେ କେବେହେଲେ ପ୍ରକୃତ ସଫଳତା ଲାଭ କରିନାହିଁ, ଏବଂ ଭବିଷ୍ୟତରେ କେବେ କରିପାରିବ ନାହିଁ । ଏହିସବୁ ଉଦ୍ୟମରେ ବାହାରକୁ ଯାହା-କିଛି ସଫଳତା ବୋଲି ଦେଖାଯାଏ, ସେଗୁଡ଼ାକ କେବଳ ସେହି ବୁଦ୍ଧିର ଛଳନା ମାତ୍ର ; ବୁଦ୍ଧି କେତେ କେତେ ଶବ୍ଦ ଓ ଧାରଣାକୁ ନେଇ ଦେଖିବାକୁ କେଡ଼େ ସୁନ୍ଦର ଅଥଚ ଶୂନ୍ୟଗର୍ଭ କେତେ କେତେ ରଚନା ଓ ବିରଚନାମାନ ଗଢ଼ି ଥୋଇଦିଏ, ନ୍ୟାୟବୁଦ୍ଧିର କେତେ ଚୁଚ୍ଛା ଖିଅ ଓ ଯୋଡ଼ପାଡ଼ି ତିଆରି ହୋଇଥିବା କେତେ ସମନ୍ୱୟର ଅବତାରଣା କରେ, ଏବଂ ମୋଟ ଉପରେ କହିଲେ କେବଳ ଛଳନା ଦ୍ୱାରା ପୂରିଥିବା କେତେ ସଫଳତାର ବିରଚନା କରୁଥାଏ ଯାହାକି ବାସ୍ତବ ସତ୍ୟର କଠୋରତାରେ

'oaob.nitrkl.ac.in' images reprocessed

ଆସି ବାଜିବା ମାତ୍ରକେ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଏ । ବିଜ୍ଞାନ, ବୁଦ୍ଧି ଓ ପ୍ରୟୋଜନଗତତାର ସେହି ବିରାଟ ଶତାବ୍ଦୀ ଅର୍ଥାତ୍ ଊନବିଂଶ ଶତାବ୍ଦୀରେ ସେହି ଶତାବ୍ଦୀର ଏକ ଭାବାତ୍ମକ ଦୃଷ୍ଟିସମ୍ପନ୍ନ ଓ ବସ୍ତୁରକୁ ନିଖୁଣ ବ୍ୟବସ୍ଥା ମଧ୍ୟରେ ଖଞ୍ଜି ଥୋଇଦେଉଥିବାରେ ଧୁରନ୍ଧର ଏକ ମସ୍ତିଷ୍କରୁ ହିଁ ପ୍ରୟୋଜନବାଦୀ ନୈତିକତାର ଏହିପରି ଏକ ଅସାଧାରଣ ସୈଦ୍ଧାନ୍ତିକତା ଜନ୍ମ ଲାଭ କରିଥିଲା ଏବଂ ଯେପରି ହେବାର ଉଚିତ ଥିଲା, ଅସ୍ୱୀକୃତ ମଧ୍ୟ ହୋଇଥିଲା । ବଡ଼ ପରିତୋଷର ବିଷୟ ଯେ, ଆମେ ବର୍ତ୍ତମାନ ତାହାର ଏକାନ୍ତ ଗମ୍ଭୀରତାପୂର୍ଣ୍ଣ ଓ ଛଳନାମୟ ନାନା ଭୁଲଗୁଡ଼ାକୁ ଦେଖି କେବଳ ହସିପାରିବା ; ନୀତିଗତ ଜୀବନକ୍ଷେତ୍ରର ଅନ୍ତରତର, ଆତ୍ମଗତ ଏବଂ ନିର୍ବିଶେଷ ଅଭିପ୍ରାୟଟିକୁ ବିତାଡ଼ିତ କରି ତାହାର ସ୍ଥାନାପନ୍ନ ଭାବରେ ତାହା ଯେଉଁ ତୁଚ୍ଛା ବ୍ୟାବହାରିକ, ବାହ୍ୟ ଏବଂ ମୌହୂର୍ତ୍ତିକ ମୂଲ୍ୟାୟନର ଭିଆଣ କରିଥିଲା, ନୈତିକ ନିସ୍ୱାତ୍ମକତାକୁ ଯେପରି ଏକ ଅଦ୍ଭୁତ, ବିଜ୍ଞାନବ୍ୟାଖ୍ୟାସମ୍ପନ୍ନ ଓ ଅସମୀଚୀନ ନାନା କୌଶଳ ଦ୍ୱାରା ପରିପୂର୍ଣ୍ଣ ଏକ ନୀତିଗତ ଗଣିତଶାସ୍ତ୍ରରେ ପରିଣତ କରିଦେଇଥିଲା, ବର୍ତ୍ତମାନ ସେଗୁଡ଼ାକ ଉପରେ ଦୃଷ୍ଟିପାତ କରି ଆମେ କେବଳ ଈଷତ୍ ହସିପାରିବା । ବୁଦ୍ଧି ଓ ତର୍କନ୍ୟାୟ ଦ୍ୱାରା ପରିଚାଳିତ ମନଲାଗି ତାହାର ଅନେକ ଆକର୍ଷଣ ରହିଥିଲା, ମାତ୍ର ନୈତିକ ସତ୍ତାର ସମୁଦାୟ ପ୍ରବୃତ୍ତି ତଥା ସଂବୋଧିଟି ଲାଗି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରତିପାଦିତ ହୋଇଯାଉଥିଲା, ସମ୍ପୂର୍ଣ୍ଣ ଅନ୍ୟଧର୍ମୀ ହୋଇ ରହିଥିଲା । ନୈତିକ ଜୀବନର ସିଦ୍ଧାନ୍ତ ଓ ବ୍ୟାପାରଟିକୁ ବ୍ୟାଖ୍ୟା କରିବାକୁ ଯାଇ ଓ ତାହାକୁ କୌଣସି ନା କୌଣସି ନିୟମବଦ୍ଧତା ମଧ୍ୟରେ ଆଣି ଦେଖାଇବାକୁ ଚେଷ୍ଟା କରି ବୁଦ୍ଧି ତରଫରୁ ଆହୁରି ଯେତେ ଯେତେ ଚେଷ୍ଟା କରାଯାଇଛି, ସେଗୁଡ଼ିକ ମଧ୍ୟ ସମାନଭାବରେ ମିଥ୍ୟା ଏବଂ ଅସମୀଚୀନ ବୋଲି ପ୍ରତିପାଦିତ ହୋଇଛି । ଉଦାହରଣସ୍ୱରୂପ ଆମେ ସୁଖବାଦୀ ସିଦ୍ଧାନ୍ତଟିର ବିଚାର କରିବା ଯାହାକି ନୈତିକତା କହିଲେ କେବଳ ଲାଭ ତଥା ସମାଜଗତତାର କ୍ଷେତ୍ରରେ ମନର ପରିତୃପ୍ତି ତଥା ସୁଖାନୁଭୂତିକୁ ହିଁ ବୁଝାଇଥାଏ ; ନୈତିକତା କହିଲେ କେବଳ କେତେଟା ସୂତ୍ରକୁ ନେଇ ବନ୍ଧା ହୋଇଥିବା ଏକ ସମଷ୍ଟି ବ୍ୟତୀତ ତାହା ଅଧିକ କିଛି ବୁଝେ ନାହିଁ ; କେବଳ ଆମର ସାମାଜିକ ବୋଧରୁ ହିଁ ଉଦ୍‌ଗତ ହେଉଥିବା ଆଚରଣକୁ ବୁଝେ ଏବଂ କେବଳ ଆମର ସାମାଜିକ ଆବେଗଗୁଡ଼ିକୁ ହିଁ ଏକ ନିୟମବଦ୍ଧ ନିର୍ଦ୍ଦିଷ୍ଟ ପଥରେ ପ୍ରବାହିତ ହେବାକୁ ଦେବାକୁ ହିଁ ବୁଝିଥାଏ ; ଏବଂ କେବଳ ସେହି ଅଯଥେଷ୍ଟ ମାନଦଣ୍ଡଟି ଦ୍ୱାରା ହିଁ ତାହାର କାର୍ଯ୍ୟଗୁଡ଼ିକୁ ନିୟନ୍ତ୍ରିତ କରି ରଖିବାକୁ ଚାହେଁ । ମାତ୍ର ଯଥାର୍ଥତଃ ନୈତିକ ସତ୍ତା ଏସବୁ କୌଣସି ସୂତ୍ର ମଧ୍ୟରେ ଆଦୌ ଧରା ଦିଏ ନାହିଁ ; ନୈତିକତାର ବିଧାନଟି ହେଉଛି ଆପଣା ଭିତରେ ଏକ ସ୍ୱତନ୍ତ୍ର ଓ ସମ୍ପୂର୍ଣ୍ଣ ବିଧାନ ଏବଂ ଆପଣାର ସ୍ୱକୀୟ ଶାଶ୍ୱତ ସ୍ୱଭାବରେ ହିଁ ତାହା ଆପଣାର ମୂଳ ସୃଷ୍ଟିର ଆବିଷ୍କାର କରିଥାଏ । ଶାଶ୍ୱତ ସ୍ୱଭାବ କହିଲେ ଏହା ମର୍ମତଃ ଆଦୌ କୌଣସି ବିକାଶଶୀଳ ମନର ବିକଶିତ ହେବାକୁ ହିଁ ବୁଝାଉ ନାହିଁ । ଆପଣାର ଇହଜଗତଗତ ଇତିହାସରେ ହୁଏତ

'oaob.nitrkl.ac.in' images reprocessed

ତାହା ସେହିଭଳି କିଛି ମନେ ହେଉଥିଲେ ମଧ୍ୟ ତାହା ହେଉଛି ମୂଳତଃ ଆଦର୍ଶର ଭୂମି ଉପରୁ ପ୍ରତିଫଳିତ ହେଉଥିବା ଏକ ଆଲୋକ, ଏହି ମନୁଷ୍ୟ ଭିତରେ ପରମ ଦିବ୍ୟତାର ଏକ ପ୍ରତିଫଳନ ।

ଏହିସବୁ ଭ୍ରମଗୁଡ଼ିକରୁ ପ୍ରତ୍ୟେକଟିର ମିଥ୍ୟା ବିରଚନା ପଛରେ ଯେ ଗୋଟିଏ ସତ୍ୟ ନିହିତ ହୋଇ ରହିନାହିଁ, ସେ କଥା ଆଦୌ ଠିକ୍ ନୁହେଁ ; କାରଣ ମନୁଷ୍ୟର ପ୍ରତ୍ୟେକ ଭୁଲ୍ ବା ଭ୍ରମକୁ ଆମେ କେବଳ ଏକ ଭ୍ରମପୂର୍ଣ୍ଣ ଉପସ୍ଥାପନା ବୋଲି ହିଁ କହିବା, ଏକ ଭ୍ରମଯୁକ୍ତ ରଚନା ବୋଲି କହିବା, ସେହି ସତ୍ୟର ହିଁ ଏକ ଫଳପ୍ରଦ ଭ୍ରମ ରଚନା ବୋଲି କହିବା, ଅଥବା ସମ୍ପୂର୍ଣ୍ଣ ସତ୍ୟଟିର କେବଳ ଗୋଟିଏ ଦିଗ ବା ଗୋଟିଏ ଅଂଶ ବୋଲି କହିବା । ପ୍ରୟୋଜନସିଦ୍ଧତା ହେଉଛି ଆମ ଅସ୍ତିତ୍ୱର ଗୋଟିଏ ମୌଳିକ ସିଦ୍ଧାନ୍ତ ଏବଂ ଅସ୍ତିତ୍ୱର ଯାବତୀୟ ମୌଳିକ ସିଦ୍ଧାନ୍ତକୁ ଆମେ ପରସ୍ପରତଃ ଏକ ବା ଅଭିନ୍ନ ବୋଲି ହିଁ ଜାଣିବା । ତେଣୁ ଏ କଥାଟି ସତ୍ୟ ଯେ ଯାହାକୁ ଆମେ ସର୍ବୋଚ୍ଚ ମଙ୍ଗଳ ବୋଲି କହୁଛୁ, ଆମେ ତାହାକୁ ହିଁ ଆମର ସର୍ବୋଚ୍ଚ ପ୍ରୟୋଜନ ବୋଲି ମଧ୍ୟ ଜାଣିବା । ଏବଂ ଏ କଥା ମଧ୍ୟ ସତ୍ୟ ଯେ କେବଳ ସର୍ବାଧିକଙ୍କର ସର୍ବାଧିକ ମଙ୍ଗଳର କୌଣସି ଦ୍ୱୀପାବ ଫର୍ଦ୍ଦ ନୁହେଁ, ମାତ୍ର ଅତି ସରଳଭାବରେ କହିବାକୁ ଗଲେ ଅନ୍ୟମାନଙ୍କର ମଙ୍ଗଳ ଓ ସବୁଠାରୁ ଅଧିକ ପ୍ରତ୍ୟକ୍ଷଭାବରେ କହିଲେ ସମସ୍ତଙ୍କର ମଙ୍ଗଳ ହିଁ ଆମର ଏବେ ସୁଦ୍ଧା ପ୍ରଚଳିତ ରହି ଆସିଥିବା ନୀତିଗତ ଆଚରଣର ଏକ ଆଦର୍ଶ ଉଦ୍ଦେଶ୍ୟ ରୂପେ ସ୍ୱୀକୃତ ହୋଇ ଆସିଛି । ନୈତିକତା ଦ୍ୱାରା ଅନୁପ୍ରେରିତ ମନୁଷ୍ୟକୁ ଯଦି ଏଥିଲାଗି ଏକ ବାଟ ମିଳିଯାଏ ଏବଂ ସମସ୍ତଙ୍କର ଯଥାର୍ଥ ମଙ୍ଗଳଟି ବିଷୟରେ ଯଦି ସେ ସର୍ବଦା ନିଶ୍ଚିତ ରହିପାରେ, ତେବେ ସେ ଏହି ଆଦର୍ଶଟିକୁ ହିଁ କାର୍ଯ୍ୟରେ ପରିଣତ କରିବାକୁ ଇଚ୍ଛା କରିବ । ମାତ୍ର ଆମର ନୀତିଗତ ଆଚରଣଟିକୁ ନିୟନ୍ତ୍ରିତ କରି ରଖିବାଲାଗି କେବଳ ଏତିକି ଆଦୌ ଯଥେଷ୍ଟ ନୁହେଁ ଏବଂ ଏଇଟି ଆମକୁ ସତ୍ତା ଅଥବା କିମ୍ବା ବିଷୟରେ ଆପଣାର କୌଣସି ଅନ୍ତର୍ଗତ ସିଦ୍ଧାନ୍ତ ମଧ୍ୟ ଆଦୌ ଯୋଗାଇଦେଇପାରେ ନାହିଁ । ଏହି ଦୁର୍ଗମ ଓ ଦୁର୍ବୋଧ ଜୀବନପଥରେ ଆପଣାର ସ୍ୱକୀୟ ପଥଟିକୁ ଅନୁଭବ କରିନେବାରେ ହିଁ ଏହା ଆମ ଲାଗି କେବଳ ଗୋଟିଏ ବିଚାର ମାତ୍ର ଆଣି ଯୋଗାଇ ଦେଇଥାଏ । ପ୍ରୟୋଜନ କଦାପି ମଙ୍ଗଳର ମାନଦଣ୍ଡ ବା ସିଦ୍ଧାନ୍ତ ହୋଇପାରିବ ନାହିଁ ; ମଙ୍ଗଳ ହିଁ ମଙ୍ଗଳର ମାନଦଣ୍ଡ ଓ ସିଦ୍ଧାନ୍ତ ହୋଇ ରହିବ । ତା' ନ ହେଲେ ଆମେ, ଯେତେବେଳେ ଯେଉଁଟା ନାମ ଦେଇପାରୁଛୁ, ସେତେବେଳେ ସେଇଟାକୁ ହିଁ ଉଚିତ ବୋଲି ଗ୍ରହଣ କରିନେବାର ଛଳନାକାରୀ ଓ ପ୍ରମାଦପୂର୍ଣ୍ଣ ସିଦ୍ଧାନ୍ତଟିର କବଳରେ ଯାଇ ପଡ଼ିଯିବା, ଯାହା'ର ସମୁଦାୟ ସ୍ୱାଦ ଓ ପବିତ୍ର ସକଳ ନୀତି ଓ ନୈତିକତାର ବିବର୍ତ୍ତନ ଭିତରୁ ସର୍ବଦା ବହିର୍ଭୂତ ହୋଇ ରହିଥାଏ । ପୁଣି ପ୍ରୟୋଜନସିଦ୍ଧତାର ମାନଦଣ୍ଡଟି, ପ୍ରୟୋଜନସିଦ୍ଧତାର ପ୍ରବୃତ୍ତି,

'oaob.nitrkl.ac.in' images reprocessed

ଏହାର ସମସ୍ତ ଭାବ ତଥା ରୂପ ଓ ପ୍ରୟୋଗଟି ମଧ୍ୟ ବ୍ୟକ୍ତିର ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ ହେବାକୁ ଅବଶ୍ୟ ବାଧ୍ୟ ହେବ ; ମନର ଅଭ୍ୟନ୍ତରୀ ତଥା ଜଗତ ବିଷୟରେ ବ୍ୟକ୍ତିର ଦୃଷ୍ଟିକୋଣ ଅନୁସାରେ ପୃଥକ୍ ହେବାକୁ ବାଧ୍ୟ ହେବ । ତେଣୁ ଏହି କ୍ଷେତ୍ରରେ କୌଣସି ସାଧାରଣ ନିୟମ ଉପରେ କଦାପି ନିର୍ଭର କରି ରହିହେବ ନାହିଁ, ଯେଉଁଥିରେ କି ସମସ୍ତଙ୍କର ସମ୍ମତି ରହିଥିବ ; ଏବଂ ଯଥାର୍ଥ ନୈତିକତାର ବିଧାନ ଆମର ଜୀବନାଚରଣ ସକାଶେ ଯେପରି କେତୋଟି ନିୟମାତ୍ମକ ବୃହତ୍ ସିଦ୍ଧାନ୍ତ ଆମକୁ ଅବଶ୍ୟ ଯୋଗାଇଦେବ ବୋଲି ଆମେ ଆଶା କରିଥାଉ, ଏହି କ୍ଷେତ୍ରରେ ତାହା ଆଦୌ ଉପଲବ୍ଧ ହେବ ନାହିଁ । ପୁଣି ନୈତିକତା ଓ ନୀତିଗତ ବିଧାନକୁ ମଧ୍ୟ ଆମେ କଦାପି ଓ ଆଦୌ ଗୋଟାଏ ହିସାବର ସାମଗ୍ରୀ କରି ରଖିପାରିବା ନାହିଁ । ନୀତିମାନ୍ ମନୁଷ୍ୟ-ବ୍ୟକ୍ତି ଲାଗି କେବଳ ଗୋଟିଏ ନିରାପଦ ନିୟମ ସମ୍ଭବ ହୋଇପାରିବ : ସେଇଟି ହେଉଛି ଯେ ଭଲ ବା ମଙ୍ଗଳ କହିଲେ ସିଦ୍ଧାନ୍ତରୂପେ ସେ ଯାହା ମାନୁଛି, ସେ ତାହାର ଉପରେ ହିଁ ଅବିଚଳ ହୋଇ ରହିଥିବ ; ଭଲ ବା ମଙ୍ଗଳ ଲାଗି ତା'ର ଯେଉଁ ଅନ୍ତଃପ୍ରେରିତ ପ୍ରବୃତ୍ତି ରହିଛି ଓ ଯେଉଁ ଆଦର୍ଶ ଦୃଷ୍ଟି ରହିଛି, ତାହାର ବିଷୟରେ ସେ ସର୍ବଦା ଅଟଳ ରହିଥିବ । ଆପଣାର ସର୍ବୋଚ୍ଚ ଦୃଷ୍ଟିରେ ସେ ଯାହାକୁ ଭଲ ବା ମଙ୍ଗଳ ବୋଲି ଅନୁଭବ କରୁଛି, ତାହାକୁ ହିଁ ଗ୍ରହଣ କରି ରହିଥିବ ଓ ଆପଣାର ଆଚରଣକୁ ତାହାର ଦ୍ୱାରା ଅନୁଶାସିତ କରୁଥିବ । ଏହି ବାଟରେ ଯାଇ ସେ ହୁଏତ କେତେ ଭୁଲ୍ କରିପକାଉଥିବ, ମାତ୍ର ସକଳ ଝୁଣ୍ଟି ପଡ଼ିବା ସତ୍ତ୍ୱେ ସେ ତଥାପି ଆପଣାର ଉଚିତ ମାର୍ଗରେ ହିଁ ରହିଥିବ, କାରଣ ଆପଣା ସ୍ୱଭାବର ବିଧାନଟି ପ୍ରତି ସେ ସର୍ବଦା ଅନୁଗତ ହୋଇ ରହିଥିବ । ଯେତେ ଅପୂର୍ଣ୍ଣ ହୋଇ ରହିଥିଲେହେଁ ଆପଣା ସ୍ୱଭାବର ଧର୍ମ ବା ନିୟମଟି ହିଁ ସବୁବେଳେ ଅଧିକ କାମ୍ୟ, ଏବଂ ଆମର ବୁଦ୍ଧିକୁ ଯେତେ ସମ୍ଭବ ଓ ଉତ୍କୃଷ୍ଟତର ବୋଲି ବୋଧ ହେଉଥିଲେ ମଧ୍ୟ 'ପରଧର୍ମ ସର୍ବଥା ପ୍ରମାଦପୂର୍ଣ୍ଣ'—ଗୀତାର ଏହି ଉକ୍ତିଟି ସକଳ ପରିସ୍ଥିତିରେ ଏକ ସତ୍ୟ ଉକ୍ତି । ମାତ୍ର ଶିବ ବା ମଙ୍ଗଳର ଅନୁଶୀଳନ ଓ ଅନୁଧାବନ କରିବା ହେଉଛି ନୈତିକ ସତ୍ତାର ସ୍ୱଭାବଗତ ଧର୍ମ ; ପ୍ରୟୋଜନର ଅନୁଧାବନକୁ କଦାପି ତାହାର ସ୍ୱଭାବଗତ ଧର୍ମ ବୋଲି ବୁଝାଯାଇ ନ ପାରେ ।

ଉଚ୍ଚସ୍ତରର ସୁଖ ହେଉ ଅଥବା ନୀଚସ୍ତରର ସୁଖ ହେଉ, ସୁଖର ଅନୁଧାବନ କଦାପି ନୀତିଗତ ସତ୍ତାର ବିଧାନ ହୋଇ ନ ପାରେ ; ଯେତେ ସୂକ୍ଷ୍ମ ଓ ପରାର୍ଥିକ ଆତ୍ମପ୍ରବଞ୍ଚନା ହୋଇଥାଉ ପଛକେ, କୌଣସି ପ୍ରକାର ଆତ୍ମ-ପରିତୃପ୍ତି-ସାଧନ ମଧ୍ୟ ତାହାର ବିଧାନ ହୋଇ ନ ପାରେ । ଏ କଥା ସତ ଯେ ଏହି କ୍ଷେତ୍ରରେ ମଧ୍ୟ ଆପଣାର ସ୍ୱଭାବ ତଥା ତାହାର ଅନ୍ତର୍ଗତ ପ୍ରଭାବ ଉଭୟ ଦୃଷ୍ଟିରୁ ଦେଖିଲେ ସର୍ବୋଚ୍ଚ ମଙ୍ଗଳ କହିଲେ କେବଳ ସର୍ବୋଚ୍ଚ ଆନନ୍ଦକୁ ହିଁ ବୁଝାଇବ । ଆନନ୍ଦରୁ ଏହି ସକଳ ଅସ୍ତିତ୍ୱର ଉଦ୍‌ଗମ ହୋଇଛି, ସକଳ ଅସ୍ତିତ୍ୱ ସେହି ଆନନ୍ଦଲାଗି ହିଁ ପ୍ରବୃତ୍ତ ହୋଇ

'oaob.nitrkl.ac.in' images reprocessed

ରହିଛି ଏବଂ ପ୍ରକାଶ୍ୟଭାବରେ ହେଉ ଅଥବା ପ୍ରଚ୍ଛନ୍ନଭାବରେ ହେଉ ଆପଣାର ଯାବତୀୟ କ୍ରିୟାଶୀଳତା ମଧ୍ୟଦେଇ ସେହି ଆନନ୍ଦର ହିଁ ଅନ୍ୱେଷଣ କରିବାରେ ଲାଗିଛି । ଏ କଥାଟି ମଧ୍ୟ ସତ୍ୟ ଯେ ବିକଶିତ ହେବାରେ ଲାଗିଥିବା ଗୁଣ ଏବଂ ସିଦ୍ଧ ହେଉଥିବା ମଙ୍ଗଳ ଭିତରେ ବି ଅନେକ ସୁଖ ନିହିତ ହୋଇ ରହିଛି ଏବଂ ଗୁଣର ଅନୁଶୀଳନ-କ୍ଷେତ୍ରରେ ଏକ ଅବଚେତନ ଅଭିପ୍ରାୟରୂପେ ସେହି ସୁଖଟିର ଅନ୍ୱେଷଣ ମଧ୍ୟ ସର୍ବଦା ଅବସ୍ଥିତ ହୋଇ ରହିପାରେ । ମାତ୍ର କାର୍ଯ୍ୟତଃ ଏଇଟିକୁ ସମୁଦାୟ ପ୍ରସଙ୍ଗଟିର କେବଳ ଏକ ପାର୍ଶ୍ୱଗତ ପ୍ରଶ୍ନ ବୋଲି ହିଁ ବୁଝାଯିବ, ଏଠାରେ ଆମେ ସୁଖକୁ ଗୁଣର ଏକ କଷଟି କିମ୍ବା ମାନଦଣ୍ଡରୂପେ ଆଦୌ ଗ୍ରହଣ କରିପାରିବା ନାହିଁ । ବରଂ ଏଠାରେ ଠିକ୍ ଓଲଟା କଥାଟା ହିଁ ଘଟିଥାଏ ; ଅର୍ଥାତ୍ ଆପଣାର ସୁଖାଭିଳାଷୀ ପ୍ରକୃତିଟି ସହିତ ସଂଗ୍ରାମକରି ହିଁ ପ୍ରକୃତିର ଅଧୀନ ମନୁଷ୍ୟ ଗୁଣ ଓ ହିତ ପାଖକୁ ଆସିଥାଏ । ଅନେକ ସମୟରେ ଇଚ୍ଛାକୃତଭାବରେ ଦୁଃଖକୁ ଆଦରିନେଇ ଏବଂ କଷ୍ଟସହନ ଦ୍ୱାରା ଆପଣାର ଶକ୍ତିରେ ନୈତିକ ଉନ୍ନତି ବିଧାନ କରି ହିଁ ସେ ଗୁଣର ସମୀପବର୍ତ୍ତୀ ହୋଇଥାଏ । ଦୁଃଖ ଏବଂ ସଂଗ୍ରାମରୁ କୌଣସି ସୁଖ ବା ପରିତୋଷ ପାଇବାଲାଗି ଆମେ କଦାପି ସେହି ଦୁଃଖ ଓ ସଂଗ୍ରାମକୁ ବରଣକରି ନେଉନାହିଁ ; ଆମେ ତାହାକୁ ସେହି ଉଚ୍ଚତର ଆତ୍ମୋପଲବ୍ଧ ଆନନ୍ଦଟି ସକାଶେ ହିଁ ବରଣ କରିଥାଉ । ଆମର ପ୍ରଚ୍ଛନ୍ନ ଚିତ୍ସତ୍ତାଟି ଆମରି ଭିତରେ ରହି ସେହି ଆନନ୍ଦଟିକୁ ଅନୁଭବ କରୁଥାଏ ସତ ; ମାତ୍ର ଯେଉଁ ଭୂମିଟିରେ ପ୍ରକୃତରେ ସଂଗ୍ରାମଟି ଚାଲିଥାଏ, ସେଠାରେ ଆମର ସେହି ଚେତନ ଓ ସାଧାରଣ ସତ୍ତାଂଶଟିରେ ସାଧାରଣତଃ ଅଥବା ପ୍ରଥମ ଅବସ୍ଥାରେ ତାହା ଆଦୌ ସଚେତନ ହୋଇ ପାରି ନ ଥାଏ । ଏକ ଅନ୍ତର୍ଗତ ସୁଖକାମନା ଦ୍ୱାରା ପ୍ରେରିତ ହୋଇ ମଧ୍ୟ ନୈତିକବୋଧ ଦ୍ୱାରା ପରିଚାଳିତ ମନୁଷ୍ୟ କୌଣସି କାର୍ଯ୍ୟ କରେ ନାହିଁ ; ତା'ର ଆପଣା ସତ୍ତାର ଆହ୍ୱାନକୁ ମାନି ସେ ତାହା କରିଥାଏ ; ଏକ ଆଦର୍ଶର ଆବଶ୍ୟକତାରେ ପଡ଼ି ତାହା କରିଥାଏ, ଏକ ପରମ ଅନାପେକ୍ଷିକ ମାନଦଣ୍ଡ ଓ ପରମକର୍ତ୍ତବ୍ୟତାର ବିଧାନକୁ ଆଗରେ ରଖି ସେ ତାହା କରୁଥାଏ ।

ଆମ ଆରୋହଣର ବାହ୍ୟ ଇତିହାସଟିରେ ଏହା ଆଦୌ ପରିଷ୍କାରଭାବରେ ଆବିର୍ଭୂତ ହୁଏ ନାହିଁ, ହୁଏତ ଆଦୌ ଆବିର୍ଭୂତ ହୁଏ ନାହିଁ । ସେଠାରେ ମନୁଷ୍ୟର ସମାଜଗତ ବିବର୍ତ୍ତନଟି ହିଁ ହୁଏତ ତା'ର ନୀତିଗତ ବିବର୍ତ୍ତନର ଏକମାତ୍ର ବିଧାୟକ କାରଣରୂପେ ପ୍ରତୀତ ହୋଇପାରେ । କାରଣ ମନୁଷ୍ୟର ବ୍ୟକ୍ତିଗତ ଅନ୍ତରଟିଠାରୁ ଭିନ୍ନ ଆଉ କାହାର ଦାବିରୁ ହିଁ ମନୁଷ୍ୟ ଭିତରେ ନୀତି ବା ନୈତିକବୋଧର ଉନ୍ମେଷ ହୋଇଥାଏ । ତା'ର ପ୍ରାଣଗତ ସୁଖ ବା ଭୌତିକ ଆତ୍ମସ୍ୱାର୍ଥଠାରୁ ଭିନ୍ନ ଆଉ କାହାର ପ୍ରେରଣାରେ ହିଁ ସେ ନୀତିଆଡ଼କୁ ଆକୃଷ୍ଟ ହୋଇଥାଏ । ଏବଂ ଅନ୍ୟମାନଙ୍କ ସହିତ

'oaob.nitrkl.ac.in' images reprocessed

ରହିଥିବା ତା'ର ନାନା ସମ୍ବନ୍ଧର ଆବଶ୍ୟକତାରୁ ହିଁ ଏହି ଦାବିଟି ପ୍ରଥମ ଅବସ୍ଥାରେ ତା' ଉପରେ କ୍ରିୟାକରୁଥିବାପରି ମନେ ହୁଏ, ତା'ର ସମାଜଗତ ଅସ୍ତିତ୍ୱର ଅତ୍ୟାବଶ୍ୟକତାରୁ ହିଁ ସେହି ଦାବି ତା'ର ଜୀବନରେ ଆପଣାକୁ କ୍ରିୟାଶୀଳ କରିଥାଏ ; ମାତ୍ର ଏହି ବ୍ୟାପାରଟିରେ ଏଇଟି ଆଦୌ ଅସଲ ସତ୍ୟ ନୁହେଁ ; ଏବଂ ମନୁଷ୍ୟ ଉପରେ ନୀତିଗତ ବୋଧର ଦାବି ସାମାଜିକ ମାନଦଣ୍ଡଠାରୁ ଯେ ସବୁବେଳେ ଅଭିନ୍ନ ନ ଥାଏ, ସେଇଥିରୁ ହିଁ ତାହା ସ୍ପଷ୍ଟଭାବରେ ପ୍ରମାଣିତ ହୁଏ । ବରଂ ନୀତିଦ୍ୱାରା ପ୍ରେରିତ ମନୁଷ୍ୟକୁ ଅନେକ ସମୟରେ ସାମାଜିକ ଦାବିଟିକୁ ବର୍ଜନ କରିବାକୁ ପଡ଼ିଥାଏ, ତାହା ସହିତ ଯୁଦ୍ଧ ଲଢ଼ିବାକୁ ମଧ୍ୟ ପଡ଼ିଥାଏ ; ସାମାଜିକ ମାନଦଣ୍ଡଟିକୁ ଭାଙ୍ଗିଦେବାକୁ, ତାହାଠାରୁ ଦୂରବର୍ତ୍ତୀ ହୋଇଯିବାକୁ ଓ ତାହାକୁ ଓଲଟାଇ ଦେବାକୁ ମଧ୍ୟ ପଡ଼ିଥାଏ । ଅନ୍ୟମାନଙ୍କ ସହିତ ତଥା ଆପଣା ସହିତ ରହିଥିବା ତା'ର ସମ୍ବନ୍ଧଗୁଡ଼ିକ ତା'ର ନୈତିକ ବୃଦ୍ଧି ଓ ବିକାଶଲାଗି ଅବସର ଯୋଗାଇ ଦେଇଥାନ୍ତି ସତ ; ମାତ୍ର କେବଳ ଭଗବାନଙ୍କ ସହିତ ତା'ର ଯାବତୀୟ ସମ୍ପର୍କ ହିଁ ତା'ର ନୀତିଗତ ସତ୍ତାଟିର ନିରୂପଣ କରେ, ତା'କୁ ରୂପ ଦିଏ । ତା'ର ଆପଣା ପ୍ରକୃତିରେ ପ୍ରଚ୍ଛନ୍ନଭାବରେ ହେଉ ଅଥବା ତା'ର ଭିତରର ଆତ୍ମସତ୍ତା ବା ଅନ୍ତର୍ଗତ ପ୍ରତିଭାରେ ସଚେତନ ଭାବରେ ହେଉ, ତା' ଉପରେ ପରମଦେବତାର ଯେଉଁ ରୂପଟି ଆସି ପଡ଼ିଥାଏ, ତାହା ହିଁ ତା'ର ନୀତିଗତ ସତ୍ତାକୁ ନିୟନ୍ତ୍ରଣ କରୁଥାଏ । ସେତେବେଳେ ସେ କୌଣସି ବାହ୍ୟ ମାନଦଣ୍ଡକୁ ମାନେ ନାହିଁ, ଏକ ଅନ୍ତର୍ଗତ ଆଦର୍ଶର ଅନୁସରଣ କରେ । ଆପଣା ସତ୍ତାରେ କାର୍ଯ୍ୟକାରୀ ହୋଇ ରହିଥିବା ଏକ ଦିବ୍ୟ ବିଧାନର ଦାବି ପୂରଣ କରେ, ସମାଜଗତ କୌଣସି ଦାବି ଅଥବା କୌଣସି ସାମୂହିକ ଆବଶ୍ୟକତାର ବୋଲ ମାନେ ନାହିଁ । ବାହାରୁ, ତା'ର ଚାରିପାଖର କୌଣସିଠାରୁ ସେ ନୀତିର ଆଦେଶ ଓ ଆଜ୍ଞାଗୁଡ଼ିକୁ ଆଦୌ ପାଏ ନାହିଁ ମାତ୍ର ; ତା'ର ଅନ୍ତର ଭିତରୁ ଓ ତା' ସତ୍ତାର ଊର୍ଦ୍ଧ୍ୱରୁ ହିଁ ସେ ସେହି ଆଜ୍ଞା ପାଏ ଓ ତାହାରି ବୋଲ ମାନେ ।

ଅତି ପ୍ରାଚୀନ କାଳରୁ ସର୍ବଦା ଏହି କଥାଟି ଅନୁଭୂତ ଓ କଥିତ ହୋଇ-ଆସିଛି ଯେ ଯଥାର୍ଥ ନୀତି ଏବଂ ଆଦର୍ଶ ଆଚରଣର ବିଧାନଗୁଡ଼ିକ ହେଉଛି କେବଳ ଦେବଲୋକର ବିଧାନ, ଏହି ଜଗତକୁ ଅତିକ୍ରମ କରି ରହିଥିବା ଏକ ଶାଶ୍ୱତତାର ବିଧାନ ; ସେହିସବୁ ବିଧାନ ସମ୍ବନ୍ଧରେ ମନୁଷ୍ୟର ଚେତନା ରହିଛି ଏବଂ ସେହିଗୁଡ଼ିକର ଅନୁବର୍ତ୍ତୀ ହେବାଲାଗି ତା'କୁ ଆଦେଶ ହୋଇଛି, ବୁଦ୍ଧିକୁ ସର୍ବପ୍ରଧାନ ବୋଲି ମାନୁଥିବା ଯୁଗଟି ବ୍ୟାପାରଟିର ଏହି ଅତିସଂକ୍ଷିପ୍ତ ବ୍ୟାଖ୍ୟାକୁ କେବଳ ଗୋଟାଏ ଅନ୍ଧବିଶ୍ୱାସ ଅଥବା କେବଳ ଏକ କବିକଳ୍ପନା ବୋଲି କହି ବର୍ଜନ କରିଛି ଏବଂ ଏହି ପୃଥିବୀର ପ୍ରକୃତି ତଥା ଇତିହାସ ସେହି ଅନୁମାନଟିର ଏକାବେଳେକେ ବିରୋଧ ସାକ୍ଷ୍ୟ ଦେଉଛନ୍ତି ବୋଲି ଘୋଷଣା କରିଛି । ମାତ୍ର ଏହି ପ୍ରାଚୀନ ଅନ୍ଧବିଶ୍ୱାସ ତଥା କଳ୍ପନାଟି ମଧ୍ୟରେ ତଥାପି ଏକ ସତ୍ୟ ଅବଶ୍ୟ ରହିଛି, ବୁଦ୍ଧିର ଏକାଗ୍ରପ୍ରିୟତା ଦ୍ୱାରା ତାହାର ଖଣ୍ଡନ କରି

'oaob.nitrkl.ac.in' images reprocessed

ଦେଇ ଯାହାକୁ କି କେବଳ ହରାଇ ବସିବା ହିଁ ସାର ହେଉଛୁ ; ଏବଂ ଦାର୍ଶନିକ କାଣ୍ଟଙ୍କର Categorical imperative ଅଥବା ଆଉ କୌଣସି ସିଦ୍ଧାନ୍ତର ସାହାଯ୍ୟ ନେଇ ଯେତେବେଳେ ସେହି ବୁଦ୍ଧିଦ୍ୱାରା ତାହାର ପକ୍ଷ ସମର୍ଥନ କରାଯାଉଛି, ସେତେବେଳେ ମଧ୍ୟ ସେହି ସତ୍ୟଟିର ସମ୍ପୂର୍ଣ୍ଣ ପୁନରୁଦ୍ଧାର ବା ପୁନଃପ୍ରତିଷ୍ଠା ଆଦୌ ସମ୍ଭବ ହୋଇପାରୁ ନାହିଁ । ମନୁଷ୍ୟର ବିବର୍ତ୍ତିନଗତ ପ୍ରକୃତି ହିଁ ଯଦି ମନୁଷ୍ୟର ବିବେକକୁ ସୃଷ୍ଟି କରିଥାଏ, ନୈତିକ ବିଧାନ ସମ୍ବନ୍ଧରେ ତା'ର କଳ୍ପନାଗୁଡ଼ିକ ଯଦି କେବଳ ଭଙ୍ଗୁର ହିଁ ହୋଇଥାନ୍ତି ଏବଂ ବିବର୍ତ୍ତିନର ପ୍ରତିସ୍ଥିତିରେ ତା'ର ଉପଲବ୍ଧ ସୋପାନଟିର ହିଁ ଅଧୀନ ହୋଇ ରହିଥାନ୍ତି, ତେବେ ସେଗୁଡ଼ିକର ପିଣ୍ଡମୂଳରେ ଏପରି ଏକ ତତ୍ତ୍ୱ ତଥାପି ନିହିତ ହୋଇ ରହିଛି, ଯାହାକି ତାହାର ଆପଣା ପ୍ରକୃତିର ମୂଳରେ ତଥା ଏହି ପୃଥିବୀର ମୂଳରେ ନିହିତ ରହିଥିବା ସେଗୁଡ଼ିକର ଯାବତୀୟ ଭଙ୍ଗୁରତା ମଧ୍ୟରେ ମଧ୍ୟ ସର୍ବଦା ଅଭଙ୍ଗୁର ଓ ଚିରନ୍ତନ ହୋଇ ରହିଛି । ଏବଂ ଅଭିବ୍ୟକ୍ତିର ସର୍ବୋଚ୍ଚ ଶିଖର ଦେଶରେ ପ୍ରକୃତି ନୀତିଗତ ଯାବତୀୟ ଅଧୀନତା ଏବଂ ବୁଦ୍ଧିଗତ ସକଳ ସୀମାକୁ ଅତିକ୍ରମକରି ରହିଥିବା ଭଲ ଆପଣାର ମାନବୀୟ ଓ ପାର୍ଥିବ ଆରମ୍ଭକାଳୀନ ସ୍ତରଗୁଡ଼ିକରେ ଏଠାରେ ନୀତିଗତ ଏକ ଅବଚେତନ ସ୍ତରରେ ଅବବୌଦ୍ଧିକ ଭାବରେ ରହିଥିଲେ ମଧ୍ୟ ତଥାପି ସେହି ଅବଚେତନ ସ୍ତରରେ ମଧ୍ୟ ଏପରି ଏକ ତତ୍ତ୍ୱ ରହିଛି ଯାହାକି ମନୁଷ୍ୟର ସୋପାନଟିରେ ପହଞ୍ଚି ନୈତିକସତ୍ତ୍ୱା ରୂପେ ଆବର୍ଦ୍ଧିତ ହେଉଛି । ଏବଂ ନୀତିଗତ ଯାବତୀୟ ଅଧୀନତାକୁ ଅତିକ୍ରମ କରି ରହିଥିବା ସେହି ସର୍ବୋଚ୍ଚ ସୋପାନଟିକୁ ମଧ୍ୟ ଆମେ କେବଳ ଏହି ନୈତିକସୋପାନ ଆପଣାର ପରିପୂର୍ଣ୍ଣ ଉପଲବ୍ଧି ସ୍ତରରେ ଆସି ପହଞ୍ଚିବା ବୋଲି କହିପାରିବା, ଏବଂ ଯିଏ ନୀତିର ପର୍ବଟିକୁ ବିଲ ପାର ହୋଇ ନ ଆସିଛି, ସେ କଦାପି ପରିପୂର୍ଣ୍ଣତାର ସ୍ତରରେ ଆସି ପହଞ୍ଚି ପାରିବ ନାହିଁ । ତଳେ ସକଳ ବସ୍ତୁରେ ଅବସ୍ଥିତ ଭଲ ବା ମଙ୍ଗଳଟିର ସତ୍ୟଟି ପ୍ରଚ୍ଛନ୍ନ ହୋଇ ରହିଛି, ଆପଣାର ନୈତିକ ପ୍ରବୃତ୍ତି ତଥା ନୀତିଗତ ଧାରଣାର ମାଧ୍ୟମରେ ମନୁଷ୍ୟ ଯାହାର ସମୀପବର୍ତ୍ତୀ ହେବାରେ ଲାଗିଛି ଓ ଯାହାକୁ ସେ ଆଂଶିକଭାବରେ ବିକଶିତ କରିଦେବାକୁ ପ୍ରୟାସ କରୁଛି । ଏବଂ ଉପରେ ସେହି ଚିରନ୍ତନ ପରମ ମଙ୍ଗଳଟି ପ୍ରଚ୍ଛନ୍ନ ହୋଇ ରହିଛି ଯାହାକି ଆମର ଆଂଶିକ ତଥା ଖଣ୍ଡିତ ନୀତିଗତ କଳ୍ପନାଗୁଡ଼ିକୁ ବୁଝିବେ କେତେଦୂରକୁ ଅତିକ୍ରମ କରିଯାଇଛି ।

ଆମର ଅନ୍ୟ ସକଳ ଆବେଗ ତଥା କ୍ରିୟାଗୁଡ଼ିକ ପରି ନୀତିଗତ ଆବେଗ ତଥା କ୍ରିୟାଗୁଡ଼ିକ ମଧ୍ୟ ସେହି ଅବବୌଦ୍ଧିକର ତଳରେ ଜନ୍ମଲାଭ କରିଥା'ନ୍ତି ଏବଂ ଅବଚେତନ ପ୍ରଦେଶଟିରୁ ଉନ୍ମିଷିତ ହୋଇ ଆସିଥା'ନ୍ତି । ଯାହା ଠିକ୍ ବା ଯାହା ଉଚିତ ତାହାରି ଲାଗି ଏକ ସହଜାତ ପ୍ରବୃତ୍ତି, ଯାହାକୁ ଆମେ ଏକ ନିୟମ ବୋଲି ବୁଝିବୁ, ତାହାକୁ ପାଳନ କରିବା ଲାଗି ଏକ ସହଜାତ ପ୍ରବୃତ୍ତି, ଦୁଃଖ ବରଣ କରିବାର

'oaob.nitrkl.ac.in' images reprocessed

ଓ ତାହାର ମାଧ୍ୟମରେ ଆପଣାକୁ ଦେଖାଇବାର ସହଜାତ ପ୍ରବୃତ୍ତି, ତ୍ୟାଗ ଓ ଆତ୍ମତ୍ୟାଗର ପ୍ରବୃତ୍ତି, ଭଲପାଇବା, ଆପଣାକୁ ଆପଣା ଇଚ୍ଛାରେ ଆଉ କାହାର ଅନୁଗତ କରି ରଖିବା ଏବଂ ଅନ୍ୟମାନଙ୍କ ସହିତ ଏକତ୍ର ସମ୍ମିଳିତ ହୋଇ ରହିବାର ଏକ ସହଜାତ ପ୍ରବୃତ୍ତି;—ଆମ ନୀତିଗତ ଆବେଗ ଓ କ୍ରିୟାସବୁ ଏହିଗୁଡ଼ିକରୁ ଜନ୍ମଲାଭ କରିଥା'ନ୍ତି । କୌଣସି ନିୟମ କାହିଁକି ହୋଇଛି କିମ୍ବା କେଉଁଠାରୁ ଆସିଛି, ସେ ବିଷୟରେ କୌଣସି ଅନୁସନ୍ଧାନ ନ କରି ହିଁ ମନୁଷ୍ୟ ଆଗ ନିୟମଟିକୁ ମାନିଥାଏ, ସେଥିଲାଗି ସେ କେବେହେଲେ ବୁଦ୍ଧି ବା ଯୁକ୍ତିର କୌଣସି ସମର୍ଥନ ଲୋଡ଼ିବାକୁ ଯାଏ ନାହିଁ । ପ୍ରଥମେ ସେ ଠିକ୍ ଏହିପରି ଭାବିଥାଏ ଯେ ଏହି ନିୟମଟି ତା'ଠାରୁ ଓ ତା'ର ଗୋଷ୍ଠୀଠାରୁ ଉଚ୍ଚତର ସାମର୍ଥ୍ୟଗୁଡ଼ିକ ଦ୍ୱାରା ସୃଷ୍ଟି କରାହୋଇଛି ; ଏବଂ ପ୍ରାଚୀନ କବିଙ୍କ ସହିତ ସମସ୍ୱର ହୋଇ ସେ କହିବାକୁ ଲାଗେ ଯେ ଏହି ନିୟମସବୁ କେଉଁଠାରୁ ଉତ୍ପତ୍ତି ଲାଭକଲେ, ସେ ବିଷୟରେ ସେ କିଛି ଜାଣେ ନାହିଁ ; ମାତ୍ର ସେ କେବଳ ଏତିକି ଜାଣେ ଯେ ଏହି ନିୟମଗୁଡ଼ିକ ଅଛି, ସ୍ଥାୟୀ ହୋଇ ରହିଛି ଏବଂ ଯେତେବେଳେ ଚାହିଁବ, ସେତେବେଳେ କଦାପି ସେଗୁଡ଼ିକର ଲଙ୍ଘନ କରାଯାଇ ପାରିବ ନାହିଁ । ଆମର ସହଜାତ ପ୍ରବୃତ୍ତି ଏବଂ ଆବେଗଗୁଡ଼ିକ ଯାହା ଲୋଡ଼ୁଥା'ନ୍ତି, ଆମର ବୁଦ୍ଧି ଆମକୁ ସେହି ବିଷୟରେ ଠିକେ ଠିକେ ବୁଝାଇ କହିବାର ହିଁ ଉଦ୍ୟମ କରୁଥାଏ, ଯେପରିକି ଆମର ଇଚ୍ଛା ବୁଦ୍ଧିମନ୍ତ୍ର ସହିତ ସେହି ନୀତିଗତ ଆବେଗଗୁଡ଼ିକୁ କାମରେ ଲଗାଇବାରେ ସମର୍ଥ ହୋଇପାରିବ ଏବଂ ଆମର ସହଜାତ ପ୍ରବୃତ୍ତିଗୁଡ଼ିକୁ ନୀତି ଓ ନୈତିକତାର ଭାବରେ ପରିଣତ କରି ପାରିବ । ଆମ ନୈତିକ ପ୍ରବୃତ୍ତିଗୁଡ଼ିକ ବିଷୟରେ ଆମର ଜ୍ଞାନକୁ ଆମେ ଯେପରି ଅଶୋଧିତଭାବରେ ଲୁଚାଇ ରଖିବାକୁ ଚାହୁଁଥାଉ ଓ ତାହାଫଳରେ ଯେପରି ନାନା ପ୍ରମାଦରେ ଆସି ପଡ଼ିଯାଉ ଥାଉ, ଆମର ବୁଦ୍ଧି ସେଇଥିରେ ଏକ ସଂଶୋଧନ ଆଣିବାକୁ ଚାହୁଁଥାଏ ; ଆମର ସଂଶୟଗ୍ରସ୍ତ ନାନା ସମ୍ବନ୍ଧକୁ ପରସ୍ପରଠାରୁ ଅଲଗା କରି ରଖି ସେଗୁଡ଼ିକୁ ଶୁଦ୍ଧ କରିବାକୁ ଚାହୁଁଥାଏ, ଆମର ନୀତିଗତ ନାନା ଆଦର୍ଶ ଭିତରେ ଯେଉଁ ସବୁ ସଂଘାତ ଲାଗିଥାଏ, ଯଥାସମ୍ଭବ ସେହିଗୁଡ଼ିକର ସମ୍ବନ୍ଧମାନ ନିରୂପଣ କରିଦିଏ, ସେଗୁଡ଼ିକର ପରସ୍ପର ବିରୋଧୀ ଦାବିଗୁଡ଼ିକ ମଧ୍ୟରେ ମଧ୍ୟସ୍ଥତା କରି ଏକ ସାଲିସ ଆଣିବାକୁ ଚେଷ୍ଟା କରେ ଏବଂ ନୈତିକ ସକ୍ରିୟତାର ଏକ ସଙ୍କଳ୍ପ ବିଧି ଏବଂ ନାନାମୁଖୀ ବିଧାନ ଗଢ଼ି ଥୋଇଦିଏ । ଏବଂ ଏସବୁ ଆମର ଭଲ ପାଇଁ ହିଁ ହୁଏ, ଆମର ଅଗ୍ରଗତି ପଥରେ ଏହାକୁ ନିଶ୍ଚୟ ଏକ ଆବଶ୍ୟକ ପର୍ଯ୍ୟାୟ ବୋଲି ବୁଝାଯିବ । ମାତ୍ର ପରିଶେଷରେ ଏପରି ଏକ ପର୍ଯ୍ୟାୟ ଆସି ପହଞ୍ଚିବ, ଯେତେବେଳେ କି ଏହି ସବୁ ନୀତିସମ୍ବନ୍ଧୀ ଧାରଣା ଓ ଯେଉଁ ନୀତିପ୍ରେରିତ ଇଚ୍ଛାଟିକୁ ମଣି କରି ତାହା ଆପଣାର ନିୟନ୍ତ୍ରଣ ଭିତରେ ରଖିବାକୁ ଚେଷ୍ଟାକରି ଆସିଛୁ, ସେମାନେ ସମସ୍ତେ ବୁଦ୍ଧିର ଅକ୍ତିଆର ଭିତରୁ ଖୁଆଡ଼େ ଖସି ବାହାରି ଯିବେ ଏବଂ ବୁଦ୍ଧିର ଆୟତ୍ତନଟିକୁ ଛାଡ଼ି କୁଆଡ଼େ କେତେ ଉପରକୁ ଉଡ଼ି ପଳାଇବେ । ବୁଦ୍ଧିର ଲଗାମ ଓ ବୁଦ୍ଧିର ଅଙ୍କୁଶ ଭିତରେ

'oaob.nitrkl.ac.in' images reprocessed

ରହିଥିବା ବେଳେ ମଧ୍ୟ ସେମାନଙ୍କ ମଧ୍ୟରେ ନିରନ୍ତର ଏହିଭଳି ଏକ ପ୍ରବୃତ୍ତି ସନ୍ନିବେଶିତ ହୋଇ ରହିଛି ।

କାରଣ ଅନ୍ୟ ସକଳ ସତ୍ତା ପରି ଆମର ନୀତିଗତ ସତ୍ତାଟିକୁ ମଧ୍ୟ ଆମେ ସେହି ପରମ ପରିପୂର୍ଣ୍ଣ ତଥା ଦିବ୍ୟ ଭୂମିଟିର ଅଭିମୁଖରେ ଏକ କ୍ରମବୃତ୍ତି ଏବଂ ଏକ ଅନ୍ୱେଷଣ ବୋଲି ଜାଣିବା, କେବଳ ବୁଦ୍ଧିର ଅତୀତ ଭୂମିଟିରେ ହିଁ ଯାହାର ଉପଲବ୍ଧି ସମ୍ଭବ ହୋଇପାରିବ । ଏହି ନୀତିଗତ ସତ୍ତା ପରିପୂର୍ଣ୍ଣ ବିଶୁଦ୍ଧତାର ଅନ୍ୱେଷଣ କରେ, ପରିପୂର୍ଣ୍ଣ ଯଥାର୍ଥତା, ପରିପୂର୍ଣ୍ଣ ସତ୍ୟ, ପରିପୂର୍ଣ୍ଣ ବଳସମ୍ପନ୍ନତା ଏବଂ ପରିପୂର୍ଣ୍ଣ ପ୍ରେମ ଓ ପରିପୂର୍ଣ୍ଣ ଆତ୍ମୋତ୍ସର୍ଗର ଅନ୍ୱେଷଣ କରିବାରେ ଲାଗିଥାଏ ; ଏବଂ ଯେତେବେଳେ ତାହା ସେଗୁଡ଼ିକୁ ପରିପୂର୍ଣ୍ଣ ମାତ୍ରାରେ, କୌଣସି ସୀମା, ଅଙ୍କୁଶ କିମ୍ବା ସାଲିସ୍ ନ ଆଣି ଲାଭ କରିପାରେ, ସେଗୁଡ଼ିକୁ ଦିବ୍ୟ ଭାବରେ ପାଏ, ଅନ୍ତସ୍ଥିତ ଭାବରେ ପାଏ ଏବଂ ନୈତିକ ସତ୍ତାକୁ ଏକ ପ୍ରକାର ଦେବତା ଓ ମୂର୍ତ୍ତି ରୂପାନ୍ତର ରୂପେ ଲାଭ କରିବାକୁ ସମର୍ଥ ହୁଏ, ସେତିକବେଳେ ହିଁ ତାହା ସବୁଠାରୁ ଅଧିକ ତୃପ୍ତି ପାଇଥାଏ । ମାତ୍ର ବୁଦ୍ଧି ଯେଉଁଟିକୁ ସବୁଠାରୁ ଅଧିକ ଭଲକରି ବୁଝିପାରେ, ମୁଖ୍ୟତଃ କେବଳ ସେଇଟିକୁ ନେଇ କାରବାର କରୁଥାଏ, କେବଳ ଆପାତ ପ୍ରକ୍ରିୟା, ଯାନ୍ତ୍ରିକ ଗଠନ, କେବଳ ବହିଃଭୂମିଟିର କାର୍ଯ୍ୟ, ତା'ର ପରିଣାମ ତଥା ପ୍ରଭାବ, ତାହାର ପରିବେଶ, ଅବସର ତଥା ଅଭିପ୍ରାୟଟି ସହିତ ହିଁ ସମ୍ପୃକ୍ତ ହୋଇ ରହିଥାଏ ; ଏବଂ ଏହିଗୁଡ଼ିକର ସାହାଯ୍ୟରେ ହିଁ ତାହା କୌଣସି କ୍ରିୟାର କିମ୍ବା କର୍ତ୍ତାର ନୈତିକତାଟିର ବିଚାର କରିଥାଏ । କିନ୍ତୁ ଏହାଠାରୁ ଅଧିକ ବିକାଶଲାଭ କରିଥିବା ନୈତିକ ସତ୍ତା ଅପଣାର ଏକ ସହଜାତ ପ୍ରବୃତ୍ତି ଦ୍ୱାରା ବେଶ୍ ଜାଣିବାକୁ ପାଏ ଯେ, ତାହା ପ୍ରକୃତରେ ଅଧିକ ଅନ୍ତରତର କୌଣସି ବସ୍ତୁର ସନ୍ଧାନ କରିବାରେ ଲାଗିଛି ଏବଂ ବାହାରର କ୍ରିୟାଟି ଆପଣାର ମନଃପ୍ରେରଣାର ପ୍ରଭାବଟି ଦ୍ୱାରା ଆମ ଭିତରେ ସେହି ଅନ୍ତରତର ବିଶୁଦ୍ଧ ଓ ଚିରନ୍ତନ ତତ୍ତ୍ୱଟିକୁ ପ୍ରକାଶିତ କରି ଆଣିବାରେ ଓ ଅଭିବ୍ୟକ୍ତ କରିଦେବାରେ କେବଳ ଗୋଟିଏ ସାଧନରୂପେ କାର୍ଯ୍ୟ କରୁଛି । ତେଣୁ ଆମ କାର୍ଯ୍ୟଗୁଡ଼ିକର ପ୍ରକୃତ ମୂଲ୍ୟ ସେମାନଙ୍କର ଆପାତ ପ୍ରକୃତି ଓ ବହିଃଭୂମିସ୍ଥ ପ୍ରଭାବ ଗୁଡ଼ିକରେ ଯେତେ ନ୍ୟସ୍ତହୋଇ ରହିନାହିଁ, ଆମ ଭିତରେ ଅବସ୍ଥିତ ରହିଥିବା ପରମ ଦିବ୍ୟତାଟିର ଅଭିବୃଦ୍ଧି ଓ ବିକାଶଧାରାରେ ସହାୟକ ହେବାରେ ହିଁ ତାହାଠାରୁ ଅଧିକ ପରିମାଣରେ ନ୍ୟସ୍ତ ରହିଛି । ତେଣୁ କେବଳ ବାହ୍ୟ ଭୂମିଗୁଡ଼ିକର ଭିତ୍ତି ଉପରେ କୌଣସି ବିଶେଷ କାର୍ଯ୍ୟ କିମ୍ବା କାର୍ଯ୍ୟଧାରାର ଶୁଦ୍ଧ ନ୍ୟାୟସଙ୍ଗତତା, ଶୁଦ୍ଧ ଯଥାର୍ଥତା, ଶୁଦ୍ଧ ଶ୍ରଦ୍ଧା ଅଥବା ନିଃସ୍ୱାର୍ଥପରତାର ଔଚିତ୍ୟ ପ୍ରମାଣ କରିବାକୁ ଯିବା ପ୍ରକୃତରେ ବଡ଼ କଷ୍ଟକର, ଏପରିକି ଅନେକ ସମୟରେ ଅସମ୍ଭବ । କାରଣ ଯେ କୌଣସି କାର୍ଯ୍ୟ ହେଉଛି ସର୍ବଦା ଏକ ଆପେକ୍ଷିକ ବ୍ୟାପାର, ଏହାର ପରିଣାମଗୁଡ଼ିକ ମଧ୍ୟ ସର୍ବଦା ନାନାଭାବେ ମିଶ୍ରିତ ଓ ଅନିଶ୍ଚିତତା ଦ୍ୱାରା ପୂର୍ଣ୍ଣ ଏବଂ ଏହାର ଅବସରଗୁଡ଼ିକ ବଡ଼ ଅସ୍ପଷ୍ଟ ଓ

'oaob.nitrkl.ac.in' images reprocessed

ସଣସ୍ଥାଛନ୍ତି । ମାତ୍ର ଆମର ଅନ୍ତରତର ସତ୍ତାଟିକୁ ଚିରନ୍ତନ ତଥା ବିଶ୍ୱର ମଙ୍ଗଳ ସହିତ ସମ୍ବନ୍ଧଯୁକ୍ତ କରି ରଖିବା ସବୁବେଳେ ସମ୍ଭବ, ଆମର ସକଳ ବୋଧ ତଥା ସକଳ ଇଚ୍ଛାକୁ ଏହାରି ଦ୍ୱାରା ପୂର୍ଣ୍ଣକରି ରଖିବା ମଧ୍ୟ ସବୁବେଳେ ସମ୍ଭବ, ଯେପରିକ ତାହାର ଅନ୍ତଃପ୍ରେରଣା, ବା ତାହାର ସବୁଢ଼ ପରିଚାଳନା ଓ ଅନୁପ୍ରେରଣା ଦ୍ୱାରା ଚାଳିତ ହୋଇ ଆମେ ଆପଣାର ଯାବତୀୟ କାର୍ଯ୍ୟ କରିପାରିବା ।

କୌଣସି କାର୍ଯ୍ୟରେ କେତେ ଭଲ ରହିଲା ବା କେତେ ମନ୍ଦ ରହିଲା, ତାହା'ର କୌଣସି ଗଣିତ ହିସାବକରି ବସିବା କମ୍ବା ଜଗତର ଚଳଣି ଓ ସୃହାଣି ଅନୁସାରେ ସମ୍ପୂର୍ଣ୍ଣ ଦୋଷମୁକ୍ତ ହୋଇ ରହିପାରିବା ଲାଗି ଶ୍ରମ ପ୍ରୟାସ କରିବାରେ ଲାଗିଥିବା,— ନୀତି ବା ନୈତିକତା କହିଲେ ମୂଳତଃ କଦାପି ଏଗୁଡ଼ାକୁ ବୁଝାଇବ ନାହିଁ । ସେଗୁଡ଼ାକ ହେଉଛି ନୈତିକତାର କେବଳ ଗୋଟିଏ ଗୋଟିଏ ଅଶୋଧିତ ସଂସ୍କରଣ ମାତ୍ର । ନୈତିକତା ହେଉଛି ଦିବ୍ୟସ୍ୱଭାବ ମଧ୍ୟକୁ ବିକଶିତ ହୋଇପାରିବାର ଏକ ପ୍ରୟାସ । ଏହା ମଧ୍ୟରେ ଶୁଦ୍ଧତାର ଯେଉଁ ଅଂଶଟି ରହିଥାଏ, ତାହା ଭଗବତ୍‌ସତ୍ତାର ସେହି ଅଚ୍ଛେଦ୍ୟ ବିଶୁଦ୍ଧତା ଆଡ଼କୁ ଅଗ୍ରସର ହୋଇଯିବାର ଏକ ଆକାଙ୍‌କ୍ଷା ରୂପେ ହିଁ ରହିଥାଏ ; ଏଥିରେ ସତ୍ୟ ଏବଂ ଯଥାର୍ଥତାର ଯେଉଁ ଅଂଶଗୁଡ଼ିକ ରହିଥାଏ, ତାହା ଭଗବତ ଜ୍ଞାନ ତଥା ଭଗବତ ଇଚ୍ଛାର ବିଧାନଟି ସହିତ ଏକ ଚେତନାମୟ ଏକତ୍ୱ ପ୍ରତିଷ୍ଠା କରିବାଲାଗି ବାଟ ଖୋଜୁଥାଏ; ସେଥିରେ ସମ୍ବେଦନଶୀଳତା ଓ ଦାକ୍ଷିଣ୍ୟର ଯେଉଁ ଅଂଶଟି ରହିଥାଏ, ତାହା ଭଗବତ ପ୍ରେମର ଅନନ୍ତତା ଏବଂ ବିଶ୍ୱମୟତା ଆଡ଼କୁ ହିଁ ଧାବିତ ହେଉଥାଏ ; ଏବଂ କାର୍ଯ୍ୟ ଓ ପୌରୁଷର ଯେଉଁ ଅଂଶଟି ରହିଥାଏ, ତାହା ଭଗବତ ବୀର୍ଯ୍ୟ ଏବଂ ଭଗବତ ଶକ୍ତିକୁ ହିଁ ଏକ ନୈତିକ ରୂପାୟନ ରୂପେ ଆପଣାକୁ ପ୍ରକାଶ କରିଦେବାର ଅଭିଳାଷ ରଖିଥାଏ । ଏହା ହିଁ ହେଉଛି ନୈତିକତାର ଯଥାର୍ଥ ହୃଦ୍‌ଗତ ତାତ୍ପର୍ଯ୍ୟ । ଯେତେବେଳେ ମନୁଷ୍ୟର ଜୀବନସତ୍ତାରେ ଏହି ରୂପାନ୍ତରଟି ସାଧିତ ହୁଏ, ସେତିକବେଳେ ହିଁ ଏହାର ସର୍ବୋଚ୍ଚ ପରିପୂର୍ଣ୍ଣତା ଉପଲବ୍ଧ ହୁଏ । ସେତେବେଳେ ତାହାର କାର୍ଯ୍ୟ ତାହାର ସ୍ୱଭାବଟି ସକାଶେ ଆକାର ଓ ମାନଦଣ୍ଡ ଯୋଗାଇଦିଏ ନାହିଁ, ମାତ୍ର ତା'ର ସ୍ୱଭାବ ହିଁ ତା'ର ଯାବତୀୟ କାର୍ଯ୍ୟକୁ ମୂଲ୍ୟଯୁକ୍ତ କରେ ; ସେତେବେଳେ ଗୁଣ ଅର୍ଜନ କରିବାଲାଗି ତାକୁ ଆଉ କୌଣସି ଶ୍ରମ ସାଧନା କରିବାକୁ ପଡ଼େ ନାହିଁ, କୃତ୍ରିମ ଭାବରେ ନୀତିବାନ୍ ପରି ଦିଶିବାକୁ ପଡ଼େ ନାହିଁ, ମାତ୍ର ସ୍ୱାଭାବିକ ଭାବରେ ଦିବ୍ୟତାର ଅନୁଶୀଳନକୁ ହିଁ ଆତ୍ମର ରୂପେ ଗ୍ରହଣ କରିଥାଏ । ଯେତେବେଳେ ସେ ଅବବୌଦ୍ଧିକ ନାନା ଆବେଗ ଅଥବା କେବଳ ମସ୍ତିଷ୍କ ଦ୍ୱାରା ଅନୁପ୍ରେରିତ ବୁଦ୍ଧି ଓ ଇଚ୍ଛା ଦ୍ୱାରା ପରିଚାଳିତ ନ ହୋଇ ତାହାର ପ୍ରକୃତି ମଧ୍ୟରେ ସଚେତନ ଭାବରେ କାର୍ଯ୍ୟ କରୁଥିବା ଭଗବତ ଜ୍ଞାନ ଏବଂ ଭଗବତ ଇଚ୍ଛା ଦ୍ୱାରା ହିଁ ଅନୁପ୍ରାଣିତ ହୋଇ ରହିଥିବା ଓ ତାହାର ଦ୍ୱାରା ନିୟୋଜିତ ହୋଇ ବାଟ ଚାଲୁଥାଏ, ସେତେବେଳେ ଆପଣା କ୍ରିୟାଶୀଳତାର

'oaob.nitrkl.ac.in' images reprocessed

କ୍ଷେତ୍ରରେ ମଧ୍ୟ ସେ ପରିପୂର୍ଣ୍ଣ ହୁଏ, ପରିପୂର୍ଣ୍ଣତା ଲାଭ କରେ । ଏବଂ ପ୍ରଥମତଃ ତା'ର ସଂବୋଧିଗତ ମନ ଅହଂଗ୍ରସ୍ତତା, ଆତ୍ମସ୍ୱାର୍ଥ, ବାସନା, କାମନା ତଥା ଯାବତୀୟ ପ୍ରକାରର ଆତ୍ମକେନ୍ଦ୍ରିତ ଇଚ୍ଛାର ଆକ୍ରମଣରୁ ଆପଣାକୁ ଅଧିକରୁ ଅଧିକ ଶୁଦ୍ଧ କରି ରଖି ସେହିସବୁ ବିଶ୍ୱର ସତ୍ୟଟିକୁ ତା' ପାଖକୁ ବହନକରି ଆଣିଲେ ଏବଂ ତା'ପରେ ସର୍ବଶେଷରେ କେବଳ ବାହାରୁ ତା' ପାଖକୁ ପ୍ରବାହିତ ହୋଇଆସିବା ଦ୍ୱାରା ନୁହେଁ, ମାତ୍ର ତାହାର ସତ୍ତ୍ୱାରେ ହିଁ ବର୍ତ୍ତମାନ ରହିଥିବା ଏକ ସମ୍ପଦ ରୂପେ ସେହି ବୁଦ୍ଧିର ଅତୀତ ଆଲୋକ ଏବଂ ସାମର୍ଥ୍ୟଦ୍ୱାରା ସମ୍ୟକ୍‌ଭାବେ ପ୍ରେରିତ ହୋଇପାରିଲେ ଯାଇ ତାହା ସମ୍ଭବ ହୋଇପାରିବ । ଏହା ହିଁ ପ୍ରାଚୀନ ଋଷି ଓ ତପସ୍ୱୀମାନଙ୍କର ସର୍ବୋଚ୍ଚ ଧ୍ୟେୟ ହୋଇ ରହିଥିଲା ; ସେମାନଙ୍କ ମଧ୍ୟରେ ସେହି ପ୍ରଜ୍ଞା ବିଦ୍ୟମାନ ରହିଥିଲା, ଯାହାକୁ କି ଏଠାର ବୁଦ୍ଧି ଆଶ୍ରିତ ମନୁଷ୍ୟ ଏବଂ ବୁଦ୍ଧି ଆଶ୍ରିତ ସମାଜ ବର୍ଜିତକରି ରଖିଛନ୍ତି ; କାରଣ ଏହି ଉଚ୍ଚ ସ୍ତରର ସତ୍ୟକୁ ଅବଧାରଣ କରିପାରିବା ଲାଗି ବୁଦ୍ଧିର ଆଦୌ କୌଣସି ଶକ୍ତି ନାହିଁ । କାରଣ ସାଧାରଣ ଓ ସୀମାବଦ୍ଧ ମନୁଷ୍ୟ ଇଚ୍ଛାର ସାମର୍ଥ ଲାଗି ତାହା ସର୍ବଦା ଏକ ଅତ୍ୟନ୍ତ ସାହସିକ, ବିପୁଳ ଏବଂ ଅନ୍ତ୍ୟହୀନ ପ୍ରୟାସରୂପେ ପ୍ରତୀତ ହୋଇଆସିଛି ।

ତେଣୁ ସୌନ୍ଦର୍ଯ୍ୟ ଏବଂ ଅଧ୍ୟାତ୍ମ ସମ୍ପଦର ଅନୁଶୀଳନ ଓ ଉପାସନା ବେଳକୁ ଯାହା, ମଙ୍ଗଳର ଅନୁଶୀଳନ ତଥା ଉପାସନା ବେଳକୁ ମଧ୍ୟ ଠିକ୍ ସେଇଆ । କେବଳ ପ୍ରାୟ ଏକ ସହଜାତ ପ୍ରବୃତ୍ତିରୂପେ ଆପଣାକୁ ଅନୁଭୂତ କରାଇବାର ପ୍ରଥମ ପର୍ଯ୍ୟାୟଟିରେ ମଧ୍ୟ ଏହା ବଡ଼ ଅସ୍ପଷ୍ଟଭାବରେ ସେହି ଦିବ୍ୟ ବିଶୁଦ୍ଧ ତତ୍ତ୍ୱଟି ଲାଗି ଆକାଙ୍‌କ୍ଷିତ ହୋଇ-ରହିଥାଏ ; ଏକ ବିଶୁଦ୍ଧ ଓ ପରିପୂର୍ଣ୍ଣତୃପ୍ତି ବିଧାନର ଅଭିଳାଷ ରଖିଥାଏ, ବୁଦ୍ଧିର ଅତୀତ ଆଉ ଏକ ସମ୍ପଦ ମଧ୍ୟରେ ହିଁ ତାହା ଆପଣାର ସର୍ବୋଚ୍ଚ ଆଲୋକ ତଥା ସାଧନର ଆବିଷ୍କାର କରେ । କେବଳ ଈଶ୍ୱର ସାନ୍ନିଧ୍ୟ ଦ୍ୱାରା ହିଁ ଏହା ପରିପୂର୍ଣ୍ଣତା ଲାଭ କରେ, ମଣିଷ ଭିତରେ ଦିବ୍ୟ ପରମସତ୍ୟର କୌଣସି ଏକ ପ୍ରତିରୂପର ସୃଷ୍ଟି କରି ପରିପୂର୍ଣ୍ଣ ହୁଏ । ଅବବୌଦ୍ଧିକ ପ୍ରାଥମିକ ସ୍ତରଟିରୁ ହିଁ ଏହାର ପ୍ରଥମ ଉନ୍ମେଷ ହୋଇଥାଏ, ମଧ୍ୟବର୍ତ୍ତୀ ପର୍ଯ୍ୟାୟରେ ତାହା ବୁଦ୍ଧି ଉପରେ ନିର୍ଭରଶୀଳ ରହେ, ଏବଂ ସର୍ବଶେଷରେ ବୁଦ୍ଧିର ଅତୀତ ଏକ ସୋପାନକୁ ଉନ୍ନୀତ ହୋଇ ପରିପୂର୍ଣ୍ଣତା ଲାଭ କରେ ; ଏହିପରି ଭାବରେ ମଣିଷର ସୌନ୍ଦର୍ଯ୍ୟକାମୀ ଏବଂ ପରମାର୍ଥୀ ସତ୍ତ୍ୱା ପରି ତା'ର ନୈତିକ ସତ୍ତ୍ୱାଟି ମଧ୍ୟ କେବଳ ସେହି ପରମ ଶାଶ୍ୱତଙ୍କର ଉଦ୍ଦେଶ୍ୟରେ ହିଁ ଧାବିତ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

ଷୋଡ଼ଶ ପରିଚ୍ଛେଦ

# ଜୀବନର ବୁଦ୍ଧି-ଅତୀତ ପରମଲକ୍ଷ୍ୟ

ଆପଣା ଜୀବନର ଉଚ୍ଚସ୍ତରୀୟ ଯାବତୀୟ ସାମର୍ଥ୍ୟରେ ଅନେକ ପରିମାଣରେ ଅନ୍ଧଭାବରେ ହେଲେ ମଧ୍ୟ ମନୁଷ୍ୟ ପରମେଶ୍ୱରଙ୍କର ହିଁ ଅନ୍ୱେଷଣ କରୁଛି ବୋଲି କୁହାଯାଇପାରିବ । ଆପଣା ଭିତରେ ତଥା ଏହି ପୃଥିବୀରେ ପରମଦିବ୍ୟ ତଥା ପରମ ଶାଶ୍ୱତରେ ଆସି ଉପନୀତ ହୋଇପାରିବା ଏବଂ ସେହି ଦୁହିଁଙ୍କ ମଧ୍ୟରେ ସମତା ପ୍ରତିଷ୍ଠା କରିବା, ଆପଣାର ସତ୍ତା ଓ ଆପଣାର ଜୀବନକୁ ସେହି ପରମ ଅନନ୍ତଙ୍କ ସହିତ ସମଛନ୍ଦ କରି ରଖିବା,—ଏଗୁଡ଼ିକ ତା' ପ୍ରକୃତିର ଏହିସବୁ କ୍ଷେତ୍ରରେ ଆପଣାକୁ ତା'ର ସଂଗୁପ୍ତ ପରମ ଉଦ୍ଦେଶ୍ୟ ତଥା ତା'ର ଅନ୍ତିମଗତି ବୋଲି ଉଦ୍‌ଘାଟିତ କରି ଦେଇଥାଏ । ଆପଣାର ସର୍ବୋଚ୍ଚ, ସର୍ବବୃହତ୍ ଏବଂ ପରିପୂର୍ଣ୍ଣତମ ଆତ୍ମାଟି ପାଖରେ ଯାଇ ପହଞ୍ଚିବାକୁ ସେ ଆପଣାର ଯାତ୍ରା ଆରମ୍ଭ କରିଥାଏ, ଏବଂ ଯେଉଁ ମୁହୂର୍ତ୍ତରେ ସେ ଏଇଟିର ସ୍ପର୍ଶମାତ୍ର ଲାଭ କରିବାକୁ ସମର୍ଥ ହୁଏ, ତାହାର ମଧ୍ୟରେ ଅବସ୍ଥିତ ଏହି ଆତ୍ମା ଏହି ଜଗତରେ ପରମ ସତ୍ୟ, ପରମ ଶିବ ଓ ପରମ ସୁନ୍ଦରର କୌଣସି ମହାନ ଆତ୍ମା ଅର୍ଥାତ୍ ଆତ୍ମଭାବ ସହିତ ଏକ ହୋଇଗଲା ପରି ପ୍ରତୀତ ହୁଏ, ଯାହାକୁ କି ଆମେ ଭଗବାନ ବୋଲି କହିଥାଉ । ଏକ ଆଧ୍ୟାତ୍ମିକ ସାନ୍ନିଧ୍ୟ ହିସାବରେ ଏହିଠାରେ ଆସି ଉପନୀତ ହେବା ହେଉଛି ଧର୍ମର ଅସଲ ଲକ୍ଷ୍ୟ; ଆଲୋକ, ପ୍ରେମ, ବଳ ତଥା ଶୁଦ୍ଧତାଦ୍ୱାରା ପରିପୂର୍ଣ୍ଣ ଏହାର ଶାଶ୍ୱତ ପ୍ରକୃତିଟି ସହିତ ସମତାଯୁକ୍ତ ହୋଇ ବିକାଶଲାଭ କରିବା ହେଉଛି ନୈତିକତାର ଅସଲ ଲକ୍ଷ୍ୟ; ଏହାର ଚିରନ୍ତନ ସୌନ୍ଦର୍ଯ୍ୟ ତଥା ଆନନ୍ଦର ସମତାବସ୍ଥାଟିକୁ ଅନୁଭବ କରି ତାହାର ଭିତରକୁ ଆପଣାକୁ ଅନୁରୂପଭାବରେ ଗଠନ କରି ନେଇଯିବା ହେଉଛି ଆମର ସୌନ୍ଦର୍ଯ୍ୟବୋଧୀ ଆବଶ୍ୟକତା ତଥା ସୌନ୍ଦର୍ଯ୍ୟକାମୀ ପ୍ରକୃତିଟିର ଅସଲ ଲକ୍ଷ୍ୟ ଏବଂ ପରମ ଉପଲବ୍ଧି; ଏବଂ ତାହାର ଚିରନ୍ତନ ସତ୍ୟତତ୍ତ୍ୱଗୁଡ଼ିକୁ ଜାଣି ତାହାର ଅନୁସାରେ ଆପଣାକୁ ତିଆରି କରିନେବା ହେଉଛି ବିଜ୍ଞାନ ତଥା ଦର୍ଶନର ଲକ୍ଷ୍ୟ, ଏବଂ ଜ୍ଞାନଲାଗି ଆମର ଏହି ନିରବଧି ଅନ୍ୱେଷଣବୃତ୍ତିର ଅସଲ ଲକ୍ଷ୍ୟ ।

ମାତ୍ର ଏସବୁ ଆମର ସ୍ୱାଭାବିକ ଓ ନିତ୍ୟନୈମିତ୍ତିକ ସତ୍ତାଟିର ସତେ ଅବା ଅନେକ ଉପରେ ଯାଇ ରହିଥିବା ପରି ମନେ ହେଉଛି । ଏ କଥା ସତ ଯେ ଆମେ ସମସ୍ତେ

'oaob.nitrkl.ac.in' images reprocessed

ଏହାର କ୍ଷେତ୍ରଟିକୁ ବିକାଶଲାଭ କରିବାଲାଗି ସତତ ଉଦ୍ୟମ କରୁ, ମାତ୍ର ତଥାପି ଏଇଟି ଯେପରି ଆମର ସାଧାରଣ ଉପାଦାନ ବୋଲି ଆଦୌ ମନେ ହୁଏ ନାହିଁ, ଆପଣାର ସାଧାରଣ ଚେତନାଗତ ପ୍ରକୃତିରେ ତଥା ଦୈନନ୍ଦିନ ଜୀବନକ୍ଷେତ୍ରରେ ଏଇଟି ଯେପରି ବ୍ୟକ୍ତି ତଥା ସମାଜର ସାଧାରଣସତ୍ତ୍ୱା କିମ୍ବା ପରିବେଶ ପରି ଆଦୌ ମନେ ହୁଏ ନାହିଁ । ସେହି ସାଧାରଣ ସ୍ୱାଭାବିକ ଅଥବା ନିତ୍ୟନୈମିତ୍ତିକ ଜୀବନ ହେଉଛି ଏକ ବ୍ୟାବହାରିକ କ୍ଷେତ୍ରର ଜୀବନ, ଏକ ଆଦର୍ଶଗତ କ୍ଷେତ୍ରର ଜୀବନ ନୁହେଁ । ଶିବ, ସୌନ୍ଦର୍ଯ୍ୟ, ଆଧ୍ୟାତ୍ମିକ ଅନୁଭବ ବା ଉଚ୍ଚତର ସତ୍ୟ ପ୍ରଭୃତି ବିଷୟ ସହିତ ତାହାର ପ୍ରକୃତରେ କୌଣସି ସମ୍ପର୍କ ନାହିଁ, ମାତ୍ର ନାନାବିଧ ସ୍ୱାର୍ଥ, ଭୌତିକ ଆବଶ୍ୟକତା, ବାସନା ତଥା ପ୍ରାଣଗତ ପ୍ରୟୋଜନର ପରିଧିଗୁଡ଼ିକୁ ନେଇ ହିଁ ତାହାକୁ କାରବାର କରିବାକୁ ପଡ଼ୁଛି । ଏହିଗୁଡ଼ିକ ହିଁ ତାକୁ ବାସ୍ତବ ବୋଲି ଦେଖାଯାଉଛି, ଏବଂ ଆଉ ସବୁ ସତେଅବା ଛାୟାବୃତ ହୋଇ ରହିଥିବା ପରି ଲାଗୁଛି । ଏହିଗୁଡ଼ାକ ଲାଗି ହିଁ ତାକୁ ଆପଣାର ସାଧାରଣ ସମସ୍ତ ଗୁଡ଼ିକର ଶ୍ରମପ୍ରୟାସ ଦେବାକୁ ପଡ଼ୁଛି, ଆଉ ସବୁ କେବଳ ଅବସର-ସମୟର ଅଧିକା କଥା ହୋଇ ରହିଛି । ଆପେ ଯେଉଁ ଉପାଦାନଟିରେ ଗଢ଼ା ହୋଇଛି, ସେଇଟିଲାଗି ଏ ସବୁର ଆବଶ୍ୟକତା ରହିଛି ; ମାତ୍ର ଆଉ ସବୁ ତା’ ଦେହରେ କେବଳ ଅଳଙ୍କାର ହୋଇ ରହିଛି, ଏକ ପରିହାର୍ଯ୍ୟ ଉନ୍ନତ ସାଧନର ହିଁ ବ୍ୟାପାର ହୋଇ ରହିଛି । ଅବଶିଷ୍ଟ ସେହିସବୁ ପଦାର୍ଥଲାଗି ଆମ ସମାଜରେ ଏକ ସ୍ଥାନ ଅବଶ୍ୟ ରହିଛି, ମାତ୍ର ତା’ର ହୃଦୟ ପ୍ରକୃତରେ ସେଠାରେ ନାହିଁ । ନୈତିକତାକୁ ତାହା ଏକ ବନ୍ଧନ ଓ ପ୍ରଭାବ ରୂପେ ଗ୍ରହଣ କରୁଛି ସତ ; ମାତ୍ର ନୈତିକମଙ୍ଗଳର ପ୍ରାପ୍ତି ଲାଗି ତାହା କଦାପି ଜୀବନ ବଞ୍ଚୁନାହିଁ । ପ୍ରାଣଗତ ଆବଶ୍ୟକତା ଓ ପ୍ରାଣଗତ ପ୍ରୟୋଜନ ଏବଂ ଏହି ଶରୀରସ୍ଥାନୀୟ ବାସନାଗୁଡ଼ିକ ହିଁ ତାହାଲାଗି ବାସ୍ତବ ଭଗବାନ ହୋଇ ରହିଛନ୍ତି । ଅଂଶତଃ କେତୋଟି ନୈତିକ ବିଧାନଦ୍ୱାରା ତାହା ଆପଣାର ଜୀବନକୁ ନିୟନ୍ତ୍ରିତ କରି ରଖିଛି, କାରଣ ତା’ ନ ହେଲେ ଅହଂଧାବିତ ଅନେକ ବ୍ୟକ୍ତିଙ୍କର ଜୀବନ ମଧ୍ୟ ଦେଇ ଯେତେ-ବେଳେ ପ୍ରାଣଗତ ଆବଶ୍ୟକତା, ପ୍ରାଣଗତ ବାସନା ଏବଂ ପ୍ରାଣଗତ ପ୍ରୟୋଜନ ଆପଣା ଆପଣାର ପରିତୃପ୍ତି ପାଇଁ ଧାଇଁବାକୁ ଆରମ୍ଭ କରିବେ, ସେତେବେଳେ ସେମାନେ କେବଳ ପରସ୍ପର ସହିତ ନାନା ସଂଘାତ ଘଟାଇବେ ଏବଂ ନିଜ ନିଜର ଲକ୍ଷ୍ୟଗୁଡ଼ିକୁ ନଷ୍ଟ କରି ପକାଇବେ । ମାତ୍ର ତଥାପି ଆପଣାର ଜୀବନକୁ ସମ୍ପୂର୍ଣ୍ଣରୂପେ ମନର ଅଧୀନ ବା ମନଦ୍ୱାରା ପ୍ରେରିତ କରି ରଖିବାଲାଗି ତାହା ଆଦୌ କୌଣସି ଆବଶ୍ୟକତା ଅନୁଭବ କରୁନାହିଁ । ସୌନ୍ଦର୍ଯ୍ୟ ସହିତ ତାହାର ବସ୍ତୁତଃ ଆହୁରି କମ୍ ସମ୍ପର୍କ ରହିଛି ; ସୁନ୍ଦର ନାନା ପଦାର୍ଥକୁ ଜୀବନରେ ସୌନ୍ଦର୍ଯ୍ୟ ବଢ଼ାଇବାର ତଥା ଆମୋଦ ଦେବାରେ ଗୋଟିଏ ଗୋଟିଏ ପଦାର୍ଥରୂପେ ଗ୍ରହଣ କରୁଥିଲେ ମଧ୍ୟ, ଆପଣାର ଚକ୍ଷୁ, ଶ୍ରବଣ ତଥା ମନ ସକାଶେ ଏକ ପରିତୃପ୍ତି ଏବଂ ବିନୋଦନର ସାମଗ୍ରୀ ବୋଲି ମାନୁଥିଲେ ମଧ୍ୟ ତାହା ଭିତରେ କୌଣସି ପ୍ରେରଣା ତାକୁ ଆପଣାର ଜୀବନକୁ ଏକ ସୁନ୍ଦର ସାମଗ୍ରୀରୂପେ

'oaob.nitrkl.ac.in' images reprocessed

ଗଢ଼ିବାଲାଗି ଆଦୌ ଉଦ୍‌ବୁଦ୍ଧ କରୁ ନାହିଁ । ଧର୍ମ ଲାଗି ତା'ର ଜୀବନରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ଅଂଶ ଅବଶ୍ୟ ରହିଛି, ପବିତ୍ର ଦିବସମାନଙ୍କରେ, ଗୀର୍ଜା କିମ୍ବା ମନ୍ଦିରରେ, ଜୀବନର ସନ୍ଧ୍ୟାକାଳରେ, ଯେତେବେଳେ କି ମୃତ୍ୟୁର ଆସନ୍ନତା ତା'ର ଦୃଷ୍ଟିକୁ ବଳପୂର୍ବକ ଏହି ଜୀବନରୁ ପର ଜୀବନଟି ମଧ୍ୟକୁ ଧାବିତକରି ନେଉଛି, ସପ୍ତାହ କିମ୍ବା ଦିବସର ଏକ ସ୍ଥିରୀକୃତ ସମୟରେ ଯେତେବେଳେ କି ସେ ଏହି ସଂସାରର ଧନ୍ଦାଗୁଡ଼ାକ ମଧ୍ୟରୁ ମୁହୂର୍ତ୍ତେ ବା ଘଡ଼ିଏ ବିଦାୟ ନେଇ ଭଗବାନଙ୍କୁ ସ୍ମରଣ କରିବା ଉଚିତ୍ ମନେ କରୁଛି, ସେତେବେଳେ ତା' ଜୀବନରେ ଧର୍ମର ଅବଶ୍ୟ ଏକ ସ୍ଥାନ ରହିଛି । ମାତ୍ର ସମଗ୍ର ଜୀବନକୁ ହିଁ ଏକ ଧର୍ମରେ ପରିଣତ କରି ରଖିବା, ସମସ୍ତ ଜୀବନଟିକୁ ହିଁ ଭଗବତ୍ ସ୍ମରଣ ଓ ଭଗବତ୍ ଅନ୍ୱେଷଣଲାଗି ଉଦ୍ଦିଷ୍ଟ କରି ରଖିବା,— ଏ କଥାଟି କାର୍ଯ୍ୟତଃ ଆଦୌ ସମ୍ଭବ ହେଉନାହିଁ । ଏପରିକି ଭାରତୀୟ ସମାଜ ଭଳି ଯେଉଁସବୁ ସମାଜରେ ଆଧ୍ୟାତ୍ମିକତାକୁ ଉଦ୍ଦେଶ୍ୟ ତଥା ଆଧାରଭିତ୍ତି ରୂପେ ପ୍ରତିଷ୍ଠା କରାଯାଇଛି, ସେଠାରେ ମଧ୍ୟ ତାହା ସମ୍ଭବ ହେଉନାହିଁ । ଦର୍ଶନକୁ ତାହା ଆହୁରି ଅଧିକ ଦୂରଛଡ଼ା ଏକ ମନୋବୃତ୍ତି ସହିତ ସ୍ୱୀକାର କରୁଛି; ଏବଂ ଏବେ ତାହା ଅତ୍ୟନ୍ତ ଉତ୍ସୁକତା ସହକାରେ ବିଜ୍ଞାନର ଅନୁଶୀଳନ କରୁଛି ବୋଲି ଯଦି କୁହାଯାଏ, ତେବେ ଜାଣିରଖିବା ଉଚିତ ଯେ, ବିଜ୍ଞାନ ତା'ର ପ୍ରାଣଗତ ବାସନା, ଆବଶ୍ୟକତା ତଥା ଆଗ୍ରହଗୁଡ଼ିକର ତୃପ୍ତିସାଧନରେ ବଡ଼ ବିପୁଳ ଓ ଚମତ୍କାରଭାବରେ ସାହାଯ୍ୟ କରିପାରୁଛି ବୋଲି ସେ ତାହା କରୁଛି । ମାତ୍ର ଏକ ସମ୍ପୂର୍ଣ୍ଣ ନୈତିକତାମୟ ଜୀବନଯାପନ ଲାଗି ତା'ର ଯେଉଁ ଭଳି ଆଗ୍ରହ ରହିଛି, ସମ୍ପୂର୍ଣ୍ଣରୂପେ ଏକ ବୈଜ୍ଞାନିକ ବା ବିଜ୍ଞାନପ୍ରେରିତ ଜୀବନ ଲାଗି ମଧ୍ୟ ତା'ର ପ୍ରାୟ ସେହିଭଳି ଏକ ଆକାଙ୍‌କ୍ଷା ରହିଛି । ଏହିସବୁ କ୍ଷେତ୍ରରେ କୌଣସିଟି ଲାଗି ଅଧିକ ସମ୍ପୂର୍ଣ୍ଣ ଏକ ଉଦ୍ୟମ କରିବାର ଦାୟିତ୍ୱକୁ ତାହା ବ୍ୟକ୍ତି ଉପରେ ନେଇ ଛାଡ଼ି ଦେଉଛି, ମାତ୍ର ଅଳ୍ପ କେତେଜଣଙ୍କର ପରେ ଛାଡ଼ି ଦେଉଛି ଏବଂ ସନ୍ଥ, ଜ୍ଞାନୀ, ନୀତିମାନ୍ ପୁରୁଷ, କଳାବିତ୍, ଦାର୍ଶନିକ ଏବଂ ଧାର୍ମିକଙ୍କ ପରି କେତେକ ବିଶେଷବର୍ଗର ବ୍ୟକ୍ତିଙ୍କ ଉପରେ ଛାଡ଼ିଦେଉଛି । ସେମାନଙ୍କ ସକାଶେ ଆପଣା ମଧ୍ୟରେ ଏକ ସ୍ଥାନ ରଖିଛି, ସେମାନଙ୍କୁ କେତେକ ପରିମାଣରେ ସମ୍ମାନ ଦେଖାଉଛି, ସେମାନେ ପ୍ରତିନିଧିତ୍ୱ କରୁଥିବା ବସ୍ତୁଗୁଡ଼ିକ ଲାଗି କେତେକ ସ୍ଥାନ ଛାଡ଼ି ଦେଇଛି; ମାତ୍ର ଆପଣା ସକାଶେ ତାହା ମୁଖ୍ୟତଃ ପ୍ରାଣଗତ ପରିତୃପ୍ତି, ପ୍ରାଣିକ ଆବଶ୍ୟକତା ଓ ପ୍ରୟୋଜନ ତଥା ପ୍ରାଣିକଦକ୍ଷତାର ସ୍ୱଚ୍ଛନ୍ଦ ସୁକ୍ଷେତ୍ରସ୍ଥିତ ନୀତିଟିର ଅନୁଧାବନ କରିବାରେ ହିଁ ସନ୍ତୋଷଲାଭ କରି ରହିଛି ।

ଏହାର କାରଣ ହେଉଛି ଯେ ଏହି କ୍ଷେତ୍ରରେ ଆମେ ଆମ ସତ୍ତାର ଏପରି ଏକ ସାମର୍ଥ୍ୟ ପାଖରେ ଆସି ପହଞ୍ଚୁଛୁ ଯାହାକି ଆମର ନୀତିପ୍ରେରିତ ସତ୍ତାଠାରୁ ଭିନ୍ନ ଆମର ସୌନ୍ଦର୍ଯ୍ୟକାମୀ, ବୁଦ୍ଧିଆଶ୍ରିତ ତଥା ଧର୍ମଗତ ସତ୍ତାଠାରୁ ମଧ୍ୟ ସମ୍ପୂର୍ଣ୍ଣ ଭିନ୍ନ । ଏପରିକି ଆମେ ଏଇଟିକୁ ତୁଳନାତ୍ମକଭାବରେ ଏକ ନିମ୍ନତର କ୍ଷେତ୍ର ବୋଲି ସ୍ୱୀକାର

'oaob.nitrkl.ac.in' images reprocessed

କଲେ ମଧ୍ୟ ତାହା ତଥାପି କେବଳ ଆପଣା ସତ୍ତ୍ୟ ଓ ଯଥାର୍ଥତା ବିଷୟରେ ସର୍ବଦା ଅଟଳ ରହିଥାଏ ଏବଂ କେବଳ ତିଷ୍ଠିରହିବା ସକାଶେ ଯେ ତାହାର ଏକ ଅଧିକାର ରହିଛି ତାହା ନୁହେଁ, ଆପଣାର ତର୍ପଣ ସାଧନ କରିବାଲାଗି ଏବଂ ଆପଣାକୁ ପୂର୍ଣ୍ଣରୂପେ ଚରିତାର୍ଥ କରିବାଲାଗି ମଧ୍ୟ ତାହାର ଅଧିକାର ରହିଛି । ଏହି ସାମର୍ଥ ହିଁ ହେଉଛି ବସ୍ତୁତଃ ଆମର ସର୍ବପ୍ରାଥମିକ ସାମର୍ଥ୍ୟ, ଆମର ଏହି ପାର୍ଥିବ ଅସ୍ତିତ୍ୱର ଭିତ୍ତି, ଅନ୍ୟ ଯାବତୀୟ ସାମର୍ଥ୍ୟଗୁଡ଼ିକ ଏହାର ମୂଳଦୁଆ ଉପରେ ଠିଆ ହୋଇଛନ୍ତି ଏବଂ ଏହିଠାରୁ ହିଁ ଆପଣାର ଯାତ୍ରା ଆରମ୍ଭ କରୁଛନ୍ତି । ଏଇଟି ହେଉଛି ଆମ ଭିତରେ ରହିଥିବା ପ୍ରାଣଗତ ସାମର୍ଥ୍ୟ, ଆମର ପ୍ରାଣ-ସାମର୍ଥ୍ୟ; ଆମ ପ୍ରକୃତିର ଗତିଶୀଳରୂପ । ଏଠାରେ ସମୁଦାୟ ଆଧାରଜାତ ତଥା ଉଦ୍ଦେଶ୍ୟଟି ହେଉଛି ତିଷ୍ଠିରହିବା, ଆପଣାର ଅସ୍ତିତ୍ୱଟିକୁ ପ୍ରତିଷ୍ଠିତ କରି ରଖିବା, ଅଭିବୃଦ୍ଧ ହେବା, ପ୍ରସାରଲାଭ କରିବା, ଅଧିକାର କରିବା ଏବଂ ଉପଭୋଗ କରିବା ସତ୍ତ୍ୱର ଅଭିବୃଦ୍ଧି ତଥା ସୁଖ ଏବଂ ସାମର୍ଥ୍ୟର ଅଭିବୃଦ୍ଧି ହେଉଛି ଏହି କ୍ଷେତ୍ରର ଜନ୍ମଜାତ ଗୁଣ । ଏଠାରେ ସ୍ୱୟଂ ପ୍ରାଣହିଁ ସତ୍ତ୍ୱାରୂପେ ଜଡ଼ସ୍ଥ ହୋଇ ପ୍ରସ୍ଥାପିତ ହୋଇ ରହିଥାଏ ଏବଂ ସଚେତନ ସାମର୍ଥ୍ୟରୂପେ ଆପଣାକୁ ଅଭିବ୍ୟକ୍ତ କରିବାର ଚେଷ୍ଟା କରୁଥାଏ ; ମନୁଷ୍ୟର ଜୀବନ କହିଲେ ଏଠାରେ ମନୁଷ୍ୟର ସେହି ସତ୍ତ୍ୱାଟିକୁ ବୁଝାଏ ଯାହାକି ଯଥାସମ୍ଭବ ଅଧିକ ଶକ୍ତିମତ୍ତା, ପ୍ରଗାଢ଼ତା ଏବଂ ପ୍ରସାର ସହିତ ଭୌତିକ ଜଗତ ଉପରେ ଆପଣାର ପ୍ରଭାବ ବିସ୍ତାର କରିବାପାଇଁ ସତତ ବ୍ୟସ୍ତ ହୋଇ ରହିଥାଏ । ବଞ୍ଚି ରହିବା, ଏହି ଜଗତରେ ଆପଣା ଲାଗି ଏକ ସ୍ଥାନ ନିର୍ଦ୍ଦିଷ୍ଟ କରି ରଖିବା, ଆପଣା ଲାଗି ତଥା ଆପଣାର ଜୀବଜାତିଟି ଏହି ସ୍ଥାନଟିକୁ ନିର୍ଦ୍ଦିଷ୍ଟ କରି ରଖିବା ଏବଂ ଦ୍ୱିତୀୟତଃ ଏହି ସ୍ଥାନଟି ହାସଲ କରିସାରିବା ପରେ ଏକ ସତେ-ପ୍ରସାରିତ ଅବସର ଓ ସତେ-ପ୍ରସାରିତ ଭୂମି ଉପରେ ଉତ୍ପାଦନ ତଥା ଉତ୍ପାଦନ କରିବାରେ ଲାଗିଥିବା, ଏବଂ ପରିଶେଷରେ ପାର୍ଥିବ ଏହି ସମୁଦାୟ ଜୀବନଟି ଉପରକୁ ଆପଣାକୁ ବିସ୍ତୃତ କରିଦେଇ ତାହାର ଉପରେ ଆଧିପତ୍ୟ ଜମାଇ ରହିବା, — ଏହାହିଁ ହେଉଛି ତାହାର ସର୍ବପ୍ରାଥମିକ ଉଦ୍ଦେଶ୍ୟ, ତାହାର ଅବିଶ୍ରାନ୍ତ ପ୍ରୟାସ । ଏହାହିଁ ବ୍ୟାବହାରିକ କ୍ଷେତ୍ରରେ ତା'ର ସର୍ବପ୍ରଥମ କାର୍ଯ୍ୟ ଏବଂ ଏହାହିଁ ତା'ର ସର୍ବପ୍ରଥମ କାର୍ଯ୍ୟ ହୋଇ ରହିବ ହିଁ ରହିବ । 'ଜୀବନ ସଂଗ୍ରାମ' ବା ବଞ୍ଚି ରହିବାଲାଗି ଜୀବର ସଂଗ୍ରାମର ଯେଉଁ ଧାରଣାଟି ଡାରଉଇନବାଦୀମାନେ ଆମକୁ ଦେଇଛନ୍ତି, ସେଥିରେ ସେମାନେ ଏଇଟିକୁ କହିବାକୁ ଚେଷ୍ଟା କରିଛନ୍ତି । ମାତ୍ର କେବଳ ଜୀଇଁବା କିମ୍ବା ବଞ୍ଚି ରହିବା ସକାଶେ ହିଁ ଏହି ସଂଗ୍ରାମ ଚାଲିନାହିଁ, ଏହି ସଂଗ୍ରାମ ଆପଣାର ବୃଦ୍ଧିସାଧନ କରିବା, ଉପଭୋଗ ଓ ଅଧିକାର କରିବାଲାଗି ମଧ୍ୟ ଚାଲିଛି । କେବଳ ଅହଂକାମିତାର ଏକ ଆଧାର ତତ୍ତ୍ୱ ବା ସହଜାତ ପ୍ରବୃତ୍ତିକୁ ହିଁ ତାହା ଆପଣାର ଏକମାତ୍ର ଉପାସ୍ୟ ରୂପେ ଗ୍ରହଣ କରି ତାହାକୁ ହିଁ କାମରେ ଲଗାଉ ନାହିଁ, ମାତ୍ର ତାହାର ଆନୁସଙ୍ଗିକଭାବରେ କୌଣସି ସମୂହ ସହିତ ଏକାଠି ହୋଇ ରହିବାର ତତ୍ତ୍ୱ ତଥା ପ୍ରବୃତ୍ତିଟି ମଧ୍ୟ ଏଠାରେ

'oaob.nitrkl.ac.in' images reprocessed

ସତତ କାର୍ଯ୍ୟ କରୁଛି । ମନୁଷ୍ୟର ଜୀବନ ସମାନଭାବରେ ଶକ୍ତିଶାଳୀ ଦୁଇଟି ଆବେଗ ଦ୍ୱାରା ଚାଳିତ ହେବାରେ ଲାଗିଛି; ଗୋଟିଏ ହେଉଛି ବ୍ୟକ୍ତି ହିସାବରେ ଆପଣାକୁ ପ୍ରତିଷ୍ଠିତ କରି ରଖିବାର ଆବେଗ ଓ ଅନ୍ୟଟି ହେଉଛି ଏକ ସମୂହ ମଧ୍ୟରେ ବା ସମୂହର ମାଧ୍ୟମରେ ଆପଣାକୁ ପ୍ରତିଷ୍ଠିତ କରି ରଖିବାର ଆବେଗ । ତା'ର ଜୀବନ ସଂଘର୍ଷ ଦ୍ୱାରା ଆପଣାକୁ କାର୍ଯ୍ୟକାରୀ କରୁଛି, ମାତ୍ର ପାରସ୍ପରିକ ସହାୟକତା ତଥା ସମ୍ମିଳିତ ଉଦ୍ୟମ ଦ୍ୱାରା ମଧ୍ୟ ଆପଣାକୁ ତାହା କାର୍ଯ୍ୟକାରୀ କରୁଛି । ତାହା ଆପଣାର କ୍ରିୟା ରୂପେ ଏପରି ଦୁଇଟି କଥାକୁ ଗ୍ରହଣ କରିଛି ଯାହାକି ପରସ୍ପରଠାରୁ ଅଲଗା ହୋଇ ପୁଣି ପରସ୍ପର ସହିତ ମିଳି ଯାଇଛନ୍ତି । ତାହାର ଏକାବେଳକେ ଦୁଇଟି ଅଭିପ୍ରାୟ ରହିଛି ଯାହାକି ପରସ୍ପରର ବିରୋଧୀ ବୋଲି ପ୍ରତୀତ ହେଉଛି, ମାତ୍ର ଆପଣାର ଉଦ୍ୟମ କ୍ଷେତ୍ରରେ ପରସ୍ପର ସହିତ ସହଯୋଗ କରି କାର୍ଯ୍ୟ କରୁଛି । ଗତିଶୀଳ ମନୁଷ୍ୟ ଜୀବନର ଏହି ପ୍ରବୃତ୍ତିଟିରୁ ହିଁ ମନୁଷ୍ୟ ସମାଜର ସମୁଦାୟ ଗଠନଟି ସମ୍ଭବ ହୋଇଛି ଏବଂ ଏହି ଗତିଶୀଳତାର ଅବିରାମ ତଥା ଶକ୍ତିଶାଳୀ କ୍ରିୟାତ୍ମକତାଟି ଦ୍ୱାରା ହିଁ ମନୁଷ୍ୟ ବାସ କରି ରହିଥିବା ସମାଜଗୁଡ଼ିକର ଗତି, ଶକ୍ତି ତଥା ବୃଦ୍ଧି ଅବ୍ୟାହତ ଓ ନିର୍ଭରଶୀଳ ହୋଇ ରହିଛି । ସେଗୁଡ଼ିକ ମଧ୍ୟରେ କାର୍ଯ୍ୟ କରୁଥିବା ଏହି ପ୍ରାଣଶକ୍ତିଟି ଯଦି ଅସମର୍ଥ ହୋଇପଡ଼ିବ, ଏବଂ ସେହି ପ୍ରେରକଶକ୍ତିମାନ ଯଦି ନିସ୍ତେଜ ହୋଇପଡ଼ିବେ, ତେବେ ସମାଜର ସବୁ କିଛି ମ୍ଳାନ ଓ ହତବୀର୍ଯ୍ୟ ହେବାକୁ ଆରମ୍ଭ କରିବ, ତାହାର ଗତିଶୀଳତା ନଷ୍ଟ ହୋଇଯିବ ଏବଂ ସମାଜ ଶେଷରେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିବାର ଗତିକୁ ବରଣ କରିବ ।

ସମାଜ ସମ୍ବନ୍ଧରେ ଇଉରୋପୀୟ ଆଧୁନିକ ଧାରଣାଟି ସମାଜର ଗଠନ ତଥା ସଂରକ୍ଷଣରେ ଏହି ପ୍ରାଣିକ ଗତିଶୀଳତା ଯେଉଁ ପ୍ରାଥମିକ ଏବଂ ପ୍ରାଧାନ୍ୟପୂର୍ଣ୍ଣ ଅଂଶଟି ଗ୍ରହଣ କରିଆସିଛି, ତାହାରି ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇ ରହିଛି । କାରଣ, ଟିଉଟନିକ୍ ମାନସ ତଥା ଜୀବନଦୃଷ୍ଟି ପଶ୍ଚିମ ଇଉରୋପ ଉପରେ ଆପଣାର ଅଧିକାର ବିସ୍ତାର କରି ରଖିବାର ସେହି ଦିନଠାରୁ ଇଉରୋପୀୟ ମଣିଷ ମୂଳତଃ ସେହି ବ୍ୟାବହାରିକ ପ୍ରୟୋଜନ ବୁଦ୍ଧି—ସମ୍ପନ୍ନ, ଗତିଶୀଳ ତଥା ବେଗଧର୍ମୀ ମଣିଷ ହୋଇ ରହିଛି । ଆପଣା ସତ୍ତାର ମଜ୍ଜା ଭିତରେ ମଧ୍ୟ ସେ ପ୍ରାଣଗତ ଓ ପ୍ରାଣପ୍ରଧାନ ହୋଇ ରହିଛି । ଅନ୍ୟ ସବୁ କିଛିକୁ ଆମେ ତା'ର ଜୀବନ ତଥା ସଂସ୍କୃତିର ସୃଷ୍ଟ ଗୋଟିଏ ଗୋଟିଏ ଫୁଲ ବୋଲି ସିନା କହିବା, ମାତ୍ର ଏହି ପ୍ରାଣପ୍ରଧାନତା ହିଁ ତା'ର ଜୀବନବୃକ୍ଷର ଚେର ଓ ମୂଳ ଗଣ୍ଡି ହୋଇ ରହିଛି ଏବଂ ସର୍ବଦା ତା'ର ଜୀବନର ଏକ ଅଂଶରୂପେ ରହି ଆସିଥିବା ଏହି ପ୍ରବୃତ୍ତିଟି ଆଧୁନିକ ଯୁଗରେ ବଡ଼ ଆକ୍ରମକ ଓ ପ୍ରବଳଭାବରେ ଏକାବେଳକେ ଉପରିଭାଗକୁ ଠେଲିଆସିଛି, ଏବଂ ଖ୍ରୀଷ୍ଟିଆନ୍ ପରିପରାୟଣତା ଏବଂ ଲାଟିନ୍ ସଂସ୍କୃତିର ପୂର୍ବତନ ପରମ୍ପରାଟି ଉପରେ ସମ୍ପୂର୍ଣ୍ଣରୂପେ ବିଜୟୀ ହୋଇପାରିଛି । ପ୍ରାଣପ୍ରଧାନ ମନୁଷ୍ୟ ଓ ତା'ର ଅଭିପ୍ରାୟଗୁଡ଼ିକର

'oaob.nitrkl.ac.in' images reprocessed

ଏହି ବିଜୟଦର୍ପିତ ଆବର୍ତ୍ତ ଏବଂ ପୁରୋଭାଗସ୍ଥତା ହିଁ ଊନବିଂଶ ଶତାବ୍ଦୀର ସେହି ବିରାଟ ଅର୍ଥନୀତିମୂଳ ଏବଂ ରାଜନୀତି ପ୍ରଧାନ ସଭ୍ୟତାର ସମଗ୍ର ତାତ୍ପର୍ଯ୍ୟ ହୋଇ ରହିଛି। ପ୍ରୟୋଜନବାଦୀ ବ୍ୟାବହାରିକ ମଣିଷର ପ୍ରବୃତ୍ତିଗୁଡ଼ିକର ଆଖିରେ ଦେଖିଲେ ସମାଜସ୍ଥ ଜୀବନ କହିଲେ ତା' ଭିତରେ ରହିଥିବା ତିନୋଟି କ୍ରିୟାତ୍ମକତାକୁ ହିଁ ବୁଝାଇଥାଏ। ପ୍ରଥମଟି ହେଉଛି ତା'ର ଗୃହଗତ ଜୀବନ ଓ ତା'ର ସାମାଜିକ ଜୀବନ। ଏକ ବ୍ୟକ୍ତି ହିସାବରେ ଏବଂ ଗୋଟିଏ ପରିବାର ମଧ୍ୟରେ ଅନ୍ୟମାନଙ୍କ ଭିତରେ ଜଣେ ସଦସ୍ୟ ହିସାବରେ ଅନ୍ୟମାନଙ୍କ ସହିତ ତାହାର ଯେଉଁ ସଂସ୍କାରଗତ ସମ୍ବନ୍ଧ ସବୁ ରହିଥାଏ, ଏଠି ସାମାଜିକ ଜୀବନ କହିଲେ ଆମେ ତାହାକୁ ହିଁ ବୁଝିବା। ଦ୍ୱିତୀୟଟି ହେଉଛି ବିତ୍ତର ଉତ୍ପାଦନକାରୀ, ବିତ୍ତର ଉପାର୍ଜନକାରୀ ଏବଂ ବିତ୍ତର ଭୋଗକାରୀ ହିସାବରେ ତା'ର ଅର୍ଥଗତ ଯାବତୀୟ କ୍ରିୟାଶୀଳତା ଏବଂ ତୃତୀୟଟି ହେଉଛି ତା'ର ରାଜନୀତିକ ଅବଧାରିତ ସ୍ଥାନ ଏବଂ ରାଜନୀତିକ କ୍ରିୟାଶୀଳତା। ଏହି ତିନୋଟି କଥାର ସଂଗଠିତ ରୂପ ହେଉଛି ସମାଜ; ଏବଂ ବ୍ୟାବହାରିକ କ୍ଷେତ୍ରକୁ ହିଁ ସମୁଦାୟ ଜୀବନ ବୋଲି ଧରି ନେଇଥିବା ମଣିଷଲାଗି ସମାଜ କହିଲେ ମୂଳତଃ ଆଉ କିଛି ହେଲେ ବୁଝାଏ ନାହିଁ। ବିଦ୍ୟା ଓ ବିଜ୍ଞାନ, ସଂସ୍କୃତି, ନୈତିକତା, ସୌନ୍ଦର୍ଯ୍ୟର ଅନୁଶୀଳନ ଓ ଧର୍ମ,— ଜୀବନର ଆନୁଷଙ୍ଗିକ ବା ସହାୟକ ହିସାବରେ, ଜୀବନର ମାର୍ଗ ଦର୍ଶନ ଓ ଉନ୍ନତି ବିଧାନ ପାଇଁ, ଜୀବନର ଅଧିକ ମଣ୍ଡନ ପାଇଁ ଓ ଜୀବନର ଶ୍ରମ ଆୟାସ ଓ କଷଣଗୁଡ଼ାକୁ ସାନ୍ତ୍ୱନା ଦେବାପାଇଁ ଏ ଗୁଡ଼ିକୁ ପ୍ରତ୍ୟେକଟିକୁ ତାହାର ଆପଣା ଆପଣା ସ୍ଥାନ ଧାର୍ଯ୍ୟ କରି ଦିଆଯାଇଥାଏ ସତ; ମାତ୍ର ଏହାକୁ ଜୀବନର ଅସଲ ମର୍ମୋପାଦାନର ଅଂଶ ବୋଲି ସ୍ୱୀକାର କରାଯାଏ ନାହିଁ, ଜୀବନର ଅତ୍ୟାବଶ୍ୟକ ଓ ଅପରିହାର୍ଯ୍ୟ ସାମଗ୍ରୀଗୁଡ଼ିକ ଭିତରେ ଏଗୁଡ଼ିକର ଆଦୌ ଗୁମାରି ହୁଏ ନାହିଁ। କାରଣ କେବଳ ଜୀବନକୁ ହିଁ ଜୀବନ ବଞ୍ଚିବାର ଏକମାତ୍ର ଅଭୀଷ୍ଟ ବୋଲି ମାନି ନିଆଯାଇ ଥାଏ।

ମାତ୍ର ପ୍ରାଚୀନମାନେ ଜୀବନକୁ ଏକ ଭିନ୍ନଦୃଷ୍ଟିରେ ଦେଖୁଥିଲେ, ଏକାବେଳକେ ଏକ ବିପରୀତ ଦୃଷ୍ଟିରେ ଦେଖୁଥିଲେ। ଏ କଥା ସତ ଯେ ସେମାନେ ଜୀବନର ସର୍ବ-ପ୍ରାଥମିକ କ୍ରିୟାଶୀଳତାଗୁଡ଼ିକୁ ସବୁବେଳେ ସ୍ୱୀକାର କରୁଥିଲେ; ଏସିଆରେ ସାମାଜିକ ଆବଶ୍ୟକତା ଓ କ୍ରିୟାଗୁଡ଼ିକୁ ସର୍ବଦା ଅଧିକ ମହତ୍ତ୍ୱ ଦିଆଯାଉଥିଲା ଏବଂ ଇଉରୋପରେ ରାଜନୀତିକ ଦିଗଟିକୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ଗ୍ରହଣ କରାଯାଉଥିଲା। ବଞ୍ଚି ରହିବାକୁ ଏବଂ ଆପଣାର ଅଭିବୃଦ୍ଧି ସାଧନ କରିବାକୁ ଇଚ୍ଛା କରୁଥିବା ପ୍ରତ୍ୟେକ ସମାଜ ଏହି ସର୍ବପ୍ରାଥମିକ କ୍ରିୟାଗୁଡ଼ିକ ଉପରେ ସବୁବେଳେ ଅବଶ୍ୟ ମହତ୍ତ୍ୱ ଦେଉଥିବ। କିନ୍ତୁ ଏକ ଉଚ୍ଚତର ତାତ୍ପର୍ଯ୍ୟରେ ସେମାନେ ଏଗୁଡ଼ିକୁ ପ୍ରକୃତରେ ସର୍ବପ୍ରାଥମିକ ବୋଲି ଆଦୌ ବିଚାର କରୁ ନ ଥିଲେ। ସେଗୁଡ଼ିକ ମନୁଷ୍ୟର ପ୍ରଥମ ଧନ୍ଦା ହୋଇ ରହିଥିଲା ସତ; ମାତ୍ର ସର୍ବପ୍ରଧାନ ଧନ୍ଦା ହୋଇ ରହି ନ ଥିଲା। ପ୍ରାଚୀନମାନେ ଏହି ଜୀବନଟିକୁ ବୁଦ୍ଧିଗତ,

'oaob.nitrkl.ac.in' images reprocessed

ନୀତିଗତ, ସୌନ୍ଦର୍ଯ୍ୟବୋଧଗତ ତଥା ଆଧ୍ୟାତ୍ମିକସତ୍ତାର ଉତ୍କର୍ଷ ସାଧନ ଲାଗି ଏକ ଅବସର ବୋଲି ବିଚାରୁଥିଲେ । ଗ୍ରୀସ୍ ଓ ରୋମ୍‌ରେ କେବଳ ପ୍ରଥମ ତିନୋଟି ଉପରେ ଗୁରୁତ୍ୱ ଦିଆଯାଉଥିଲା ; ଏସିଆ ଆଉ ଟିକିଏ ଆଗକୁ ଯାଇ ଏଗୁଡ଼ିକୁ ମଧ୍ୟ ଗୌଣ ବୋଲି ଦେଖୁଥିଲା ଏବଂ ଏକ ଆଧ୍ୟାତ୍ମିକ ପରିପୂର୍ଣ୍ଣତାଲାଗି ମଧ୍ୟବର୍ତ୍ତୀ ଗୋଟିଏ ଗୋଟିଏ ଚରଣ ବୋଲି ବିଚାର କରୁଥିଲା । ଗ୍ରୀସ୍ ଏବଂ ରୋମ୍ ସେମାନଙ୍କର କଳା, କାବ୍ୟ ଏବଂ ଦର୍ଶନ ଲାଗି ସବୁଠାରୁ ଅଧିକ ଗର୍ବ ଅନୁଭବ କରୁଥିଲେ ଏବଂ ରାଜନୀତିକ ସ୍ୱାଧୀନତା ବା ରାଜନୀତିକ ପ୍ରସିଦ୍ଧି ସହିତ ତତ୍ତୁଲ୍ୟ ଅଥବା ଏପରିକି ତତୋଽଧିକ ସମ୍ମାନ ଦେଇ ଏ ଗୁଡ଼ିକର ଅଭିଳାଷ ରଖିଥିଲେ । ଏସିଆରେ ମଧ୍ୟ ଏହିଗୁଡ଼ିକର କ୍ଷେତ୍ରରେ ଅନେକ ଉତ୍କର୍ଷ ସାଧିତ ହୋଇଥିଲା ଏବଂ ଆପଣାର ସଂଗଠନଟିକୁ ଏସିଆ ସବୁଠାରୁ ଅଧିକ ମୂଲ୍ୟ ଦେଇ ଦେଖୁଥିଲା ; ମାତ୍ର ଆପଣା ଧର୍ମକ୍ଷେତ୍ରର ସଂସ୍ଥାପକ ଏବଂ ଧର୍ମବିଚାରକମାନଙ୍କୁ ସେ ତାହାଠାରୁ ଆହୁରି ଉଚ୍ଚତର ମୂଲ୍ୟ ଦେଉଥିଲା, ଆପଣାର ଧର୍ମସନ୍ଥମାନଙ୍କୁ ଆହୁରି ଅଧିକ ପ୍ରଗାଢ଼ତା ଓ ସମ୍ମାନ ସହିତ ଲୋଡୁଥିଲା ଓ ସେମାନଙ୍କର ଉପାସନା କରୁଥିଲା । ଆପଣାର ଆର୍ଥିକ ସଂଗଠନ, ରାଜନୀତିକ ସ୍ୱାଧୀନତା, ଶୃଙ୍ଖଳା ଓ ପ୍ରଗତି ଏବଂ ତାହାର ସାମାଜିକ ତଥା ପରିବାରସ୍ଥ ଜୀବନର ସ୍ଥିତ୍ୟାଶ୍ରିତ, ଆରାମ ଓ ସୁଖ ଏବଂ ବିଜ୍ଞାନକୁ ନେଇ ହିଁ ଆମର ଏହି ଆଧୁନିକ ଜଗତ ସବୁଠାରୁ ଅଧିକ ଗର୍ବ ଅନୁଭବ କରୁଛି । ଏଠାରେ ଆମେ ବିଜ୍ଞାନକୁ ହିଁ ସବୁଠାରୁ ଅଧିକ ଉଚ୍ଚରେ ନେଇ ବସାଇବା ; କାରଣ ବ୍ୟାବହାରିକ ଜୀବନରେ ବିଜ୍ଞାନର ପ୍ରୟୋଗ କରିବାଦ୍ୱାରା ସେଥିରୁ କେତେ ନୂତନ ସାଧନ ଓ ନୂତନ ସ୍ୱାଚ୍ଛନ୍ଦ୍ୟ ସମ୍ଭବ ହୋଇପାରିଛି । ଏହି ବିଜ୍ଞାନ ଆମକୁ ରେଲଗାଡ଼ି ଓ ରେଲରାସ୍ତା ଦେଇଛି, ଟେଲିଗ୍ରାଫ୍ ଦେଇଛି, ବାଷ୍ପଚାଳିତ ଜାହାଜ ଦେଇଛି ; ଏବଂ ଆପଣାର ସହସ୍ରାଧିକ ଆବିଷ୍କାର, ଅଗଣିତ ଉଦ୍‌ଭାବନ ତଥା ଯନ୍ତ୍ରାଦି ଦ୍ୱାରା ମନୁଷ୍ୟଙ୍କୁ ଏହି ପୃଥିବୀର ନିୟନ୍ତ୍ରଣକାରୀ ହୋଇ ବସିବାରେ କେତେ କେତେ ସାହାଯ୍ୟ କରିଛି । ଏବଂ ସେଇଥିରୁ ହିଁ ମନୁଷ୍ୟର ଦୃଷ୍ଟିକୋଣରେ ମଧ୍ୟ ଏକ ସମଗ୍ର ପରିବର୍ତ୍ତନ ସାଧିତ ହୋଇଛି ।

ଏବଂ ଏହାରି ଉପରେ ହିଁ ଅନେକ କିଛି ନିର୍ଭର କରି ରହିଛି, କାରଣ ଜୀବନର ଏହି ବ୍ୟାବହାରିକ ତଥା ପ୍ରାଣପ୍ରଧାନ ଦୃଷ୍ଟିଟି ଯଦି ଯଥାର୍ଥ ଦୃଷ୍ଟି ହୋଇଥାଏ, ଯଦି କେବଳ ମନୁଷ୍ୟଜୀବର ଜୀବନଧାରଣ, ଆରାମ, ପ୍ରାଣଗତ ସୁଖ ଏବଂ ରାଜନୀତିକ ତଥା ଅର୍ଥନୈତିକ ଦକ୍ଷତାଲାଗି ହିଁ ଅଥବା ପ୍ରଧାନତଃ ତାହାରି ଲାଗି ସମାଜ ଏକ ସାଧନ ହୋଇ ରହିଥାଏ, ତେବେ ଏହି ଜୀବନ ହେଉଛି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ଅନ୍ୱେଷଣ, ଆମର ସର୍ବୋଚ୍ଚ ପରମ ଆତ୍ମସତ୍ତାଟି ଲାଗି ଏକ ଅନ୍ୱେଷଣ ଏବଂ ଭବିଷ୍ୟତରେ ଦିନେ ସମାଜ ମଧ୍ୟ ଏହାକୁ ହିଁ ଆପଣାର ଆଧାରନୀତି ରୂପେ ଅବଶ୍ୟ ଗ୍ରହଣ କରିନେବ ବୋଲି ଆମର ଯେଉଁ ବିଚାରଟି ରହିଛି, ତାହାର ଆଉ କୌଣସି ଯଥାର୍ଥତା ରହିବ

'oaob.nitrkl.ac.in' images reprocessed

ନାହିଁ । ଆଧୁନିକ ସମାଜ, ଅନ୍ତତଃ ଆପଣାର ଆତ୍ମସଚେତନ କାର୍ଯ୍ୟଗୁଡ଼ିକର କ୍ଷେତ୍ରରେ ଏ ଭଳି କୌଣସି ଉଦ୍ୟମଠାରୁ ଆଜି ଅନେକ ଦୂରରେ ରହିଛି । ଆପଣାର ପିଛିରେ ତାହା ଯାହାକିଛି ଗୌରବୋଜ୍ଜ୍ୱଳତା ହାସଲ କରିଥାଉ କିମ୍ବା ନ କରିଥାଉ ନା କାହିଁକି, ଆଧୁନିକ ସମାଜ ଏବେ କେବଳ ଦୁଇଟି କଥାକୁ ଭଗବାନ ବୋଲି ମାନୁଛି, ଏହି ଜୀବନକୁ ଭଗବାନ ବୋଲି ମାନୁଛି ଏବଂ ବିଜ୍ଞାନର ଅଭିଧାଟିକୁ କେନ୍ଦ୍ରକରି ଆପଣାକୁ ସଂଗଠିତକରି ରଖିଥିବା ବ୍ୟାବହାରିକ ବିସ୍ତୃତି ଓ ବୃଦ୍ଧିକୁ ମଧ୍ୟ ଭଗବାନ ବୋଲି ମାନୁଛି । ତେଣୁ ଏତେ ଗୁରୁତ୍ୱ ଦିଆଯାଇଥିବା ଏହି ସର୍ବପ୍ରାଥମିକ ବସ୍ତୁଟିର, ଅର୍ଥାତ ପ୍ରାଣସାମର୍ଥ୍ୟ ତଥା ତାହାର ବହୁବିଧ ଅଭିବ୍ୟକ୍ତିଗୁଡ଼ିକର ବିସ୍ତୃତି କଲାବେଳେ ପ୍ରକୃତରେ ଏଇଟି ଭିତରେ ଅସଲ ତାତ୍ପର୍ଯ୍ୟ କ'ଣ ରହିଛି ଏବଂ ବାହାରକୁ ଏହା କ'ଣ ଭଳି ଦେଖାଯାଉଛି, ଆମକୁ ବିଶେଷ ଯତ୍ନର ସହିତ ସେକଥାଟିକୁ ପରୀକ୍ଷା କରି ଦେଖିବାକୁ ପଡ଼ିବ । ଏଇଟି ବାହାରକୁ ଯେଉଁପରି ଦେଖାଯାଉଛି, ସେଇଟି ସହିତ ଆମେ ଖୁବ୍ ଭଲଭାବରେ ପରିଚିତ ଅଛୁ; କାରଣ ଆମ ଦୈନନ୍ଦିନ ଜୀବନର ସ୍ୱୟଂ ଉପାଦାନଟି ଓ ତାହାର ବର୍ତ୍ତମାନ ରୂପଟି ମଧ୍ୟ ସେଇଥିରେ ଗଢ଼ା ହୋଇ ରହିଛି । ବ୍ୟକ୍ତି ତଥା ସମାଜର ଭୌତିକକଲ୍ୟାଣ ଏବଂ ପ୍ରାଣଗତ ଉତ୍କର୍ଷ ହିଁ ତାହାର ପ୍ରଧାନ ଆଦର୍ଶ ହୋଇ ରହିଛି । ଶାରୀରିକ ସ୍ୱାସ୍ଥ୍ୟର କାମନା ଦୀର୍ଘାୟୁ ହେବାର କାମନା, ଆରାମ, ବିଳାସ, ଐଶ୍ୱର୍ଯ୍ୟ, ଆମୋଦ ଓ ଅବସର ବିନୋଦନର କାମନାର ପରିପୂର୍ଣ୍ଣ ତର୍ପଣ ହିଁ ତାହାର ପ୍ରଧାନ ଆଦର୍ଶ ହୋଇ ରହିଛି, ମନ ତଥା ଗତିଶୀଳ ପ୍ରାଣଶକ୍ତିକୁ ସତତ ଏବଂ ଅବିଶ୍ରାନ୍ତଭାବରେ ନିୟୋଜିତ କରି ରଖି ଅଧିକରୁ ଅଧିକ ଉପାର୍ଜନ କରିବା ଏବଂ ସାମଗ୍ରୀ ଉତ୍ପାଦନ କରିବା, ଏବଂ ଏହି ଅଶାନ୍ତ ତଥା ପ୍ରାସ୍ତ ଗ୍ରାସ କରି ପକାଉଥିବା ଶକ୍ତିଟିର କେତୋଟି ଉଚ୍ଚତର ପ୍ରଜ୍ଜ୍ୱଳତାରୂପେ ବିବିଧ ନାନା ସୃଜନ ତଥା ବିଜୟସାଧନରେ ପ୍ରବୃତ୍ତ ହୋଇ ରହିବା, ଯୁଦ୍ଧ, ଆକ୍ରମଣ, ଉପନିବେଶ ସ୍ଥାପନ, ଆବିଷ୍କାର ଓ ଉଦ୍‌ଭାବନ, ବାଣିଜ୍ୟଗତ ଜୟଲାଭ ଭ୍ରମଣ, ନାନା ଦୁଃସାହସିକ ଯାତ୍ରା ଓ ଏହି ପୃଥିବୀଟିକୁ ସମ୍ପୂର୍ଣ୍ଣଭାବରେ ଆପଣାର ଅଧିକାରକୁ ଆଣି ତାହାକୁ ଆପଣା ପ୍ରୟୋଜନର ସାଧନରୂପେ ବ୍ୟବହୃତ କରିବା ହିଁ ତାହାର ସ୍ୱୀକୃତ ପ୍ରଧାନ ଆଦର୍ଶ ହୋଇ ରହିଛି । ଏହି ଯାବତୀୟ ଜୀବନ ତଥାପି ସେହି ପୁରାତନ ଓ ପ୍ରଚଳିତ ଗ୍ରୁପ୍‌ଗୁଡ଼ିକୁ ହିଁ ଆପଣାର ପ୍ରତିଷ୍ଠା ଭୂମିରୂପେ ଗ୍ରହଣ କରି ନେଉଛି ; ପରିବାର, ସମାଜ ଓ ଜାତିକୁ ଆପଣାର ସଞ୍ଚାର କ୍ଷେତ୍ରରୂପେ ବ୍ୟବହାର କରୁଛି ଏବଂ ଏହା ମଧ୍ୟରେ ସର୍ବଦା ଦୁଇଟି ଆବେଗ କାର୍ଯ୍ୟ କରୁଛି ; ଗୋଟିଏ ହେଉଛି ବ୍ୟକ୍ତିମୁଖୀ ଓ ଅନ୍ୟଟି ସମାଜ ବା ସମୂହମୁଖୀ ।

ଜୀବନର ସର୍ବପ୍ରାଥମିକ ଆବେଗଟି ହେଉଛି ଏକ ବ୍ୟକ୍ତିମୁଖୀ ଆବେଗ, ଏବଂ ତାହା ପରିବାର ତଥା ସାମାଜିକ ଓ ଜାତୀୟ ଜୀବନକୁ ପ୍ରାଣିଷ୍ଠ ମନୁଷ୍ୟ ବ୍ୟକ୍ତିର ଅଧିକତର ପରିତର୍ପଣ ଓ ତୁଷ୍ଟିବିଧାନ ଲାଗି ଏକ ସାଧନରୂପେ ବ୍ୟବହାର କରିଥାଏ ।

'oaob.nitrkl.ac.in' images reprocessed

ପରିବାର ଭିତରେ ବ୍ୟକ୍ତି ଅଧିକାରୀ ହୋଇ ବସିବାର ଆପଣାର ପ୍ରାଣିକ ମୂଳ ପ୍ରବୃତ୍ତିଟିର ଚରିତାର୍ଥତା କାମନା କରୁଥାଏ, ଏବଂ ତାହା ସହିତ ସଙ୍ଗୀ ଓ ସହଚର ହୋଇ ରହିବାର ଆନନ୍ଦ ବି ଚାହୁଁଥାଏ, ଏବଂ ଆପଣାର ବଂଶବୃଦ୍ଧି କରାଇବାର ଅନ୍ୟ ପ୍ରାଣଗତ ପ୍ରବୃତ୍ତିଟିର ପରିପୂର୍ତ୍ତି ମଧ୍ୟ ଖୋଜୁଥାଏ । ଆପଣାର ସମ୍ପତ୍ତିରୂପେ ସେ ତା'ର ସ୍ତ୍ରୀ, ପରିବାରବର୍ଗ, ଘର, ସମ୍ପତ୍ତି, ଜମିବାଡ଼ି ଉପରେ ମାଲିକ ହୋଇ ରହେ ଏବଂ ତାର ସନ୍ତାନମାନଙ୍କର ଶରୀର ତଥା ମନକୁ କ୍ଷେତ୍ରରୂପେ କାମରେ ଲଗାଇ ଆପଣାକୁ ଯଥାସମ୍ଭବ ଅଧିକ ପରିମାଣରେ ପୁନଃସ୍ଥାପିତ କରି ରଖିଥାଏ । ଆପଣାର ସନ୍ତାନମାନଙ୍କର ଜୀବନ ମଧ୍ୟଦେଇ ସେ ଆପଣାର ଯାବତୀୟ କରଣୀକୁ ପ୍ରଲମ୍ବିତ କରି ରଖେ, ଆପଣାର ଉପାର୍ଜନ ତଥା ଅଧିକାରଗୁଡ଼ିକୁ ମଧ୍ୟ ପ୍ରଲମ୍ବିତ କରି ରଖିଥାଏ । ଏବଂ ପ୍ରାସଙ୍ଗିକଭାବରେ ତା'ର ପରିବାରସ୍ଥ ଜୀବନ ତାକୁ ଯୋଗାଇ ଦେଉଥିବା ପରିସରଟି ମଧ୍ୟରେ ସେ ପ୍ରାଣିକ ତଥା ଭୌତିକ ସୁଖଗୁଡ଼ିକୁ ମଧ୍ୟ ଭୋଗ କରୁଥାଏ, ସଂବେଗ ତଥା ସ୍ନେହବନ୍ଧନର ଅଧିକତର ମନୋଗତ ସୁଖଗୁଡ଼ିକର ଭୋଗ ମଧ୍ୟ କରୁଥାଏ, ଆପଣାର ସମାଜରେ ଆପଣାର ତଥା ଆପଣାର ମୂଳ ପ୍ରବୃତ୍ତିଗୁଡ଼ିକର ସଂପ୍ରସାରଣ ଲାଗି ସେ ଅପେକ୍ଷାକୃତ କମ୍ ଅନ୍ତରଙ୍ଗ କ୍ଷେତ୍ର ପାଏ ସତ ; ମାତ୍ର ସେଗୁଡ଼ିକୁ ସେ ଏଠାରେ ଆହୁରି ଅଧିକତର କ୍ଷେତ୍ରରେ ପ୍ରସାରିତ କରି ଦେଇପାରେ । ସାହଚର୍ଯ୍ୟ, ପାରସ୍ପରିକ ବିନିମୟ, ସମ୍ମିଳିତ ଚେଷ୍ଟା ଓ ଉତ୍ପାଦନ, ଅପର୍ଯ୍ୟାପ୍ତ ଅଥବା ସମାଜଗତ ସୁଖ, ସଂବେଗଗତ ସନ୍ତୋଷବିଧାନ, ଇନ୍ଦ୍ରିୟଚରିତାର୍ଥତାର ଉଦ୍ଦୀପନ ଓ ସୁନିୟମିତ ଆମୋଦପ୍ରମୋଦ ଲାଗି ସେ ଏଠାରେ ଏକ ବିସ୍ତୃତତର କ୍ଷେତ୍ର ପାଏ ଏବଂ ଏହିସବୁ ସୁଯୋଗ ତାକୁ ତା'ର ସାମାଜିକ ଜୀବନଟି ସହିତ ଏକତ୍ର ଜଡ଼ିତ କରି ରଖେ । ଜାତି ବା ତଦନ୍ତର୍ଗତ ଉପକ୍ଷେତ୍ରଗୁଡ଼ିକରେ ସେ ସାମର୍ଥ୍ୟ ଓ ପ୍ରସାରଣରେ ଏକ ଦୂରତର ମାତ୍ର ତଥାପି ଏକ ବୃହତ୍ତର ବୋଧଲାଗି ଏକ ସାଧନ ପାଇଯାଏ । ଯଦି ତା' ପାଖରେ ଆବଶ୍ୟକ ଶକ୍ତିମତ୍ତା ରହିଥାଏ, ତେବେ ସେଠାକୁ ଆସି ସେ ଖ୍ୟାତି ପାଏ, ପ୍ରଧାନତା ପାଏ, ନେତୃତ୍ୱ ପାଏ, ଅଥବା ଅପେକ୍ଷାକୃତ ଏକ ନିମ୍ନତର ସ୍ତରରେ କ୍ଷୁଦ୍ର କିମ୍ବା ବୃହତ୍ ଯେ କୌଣସି ଆକାରରେ ହେଉ ପଛକେ ଏକ ଫଳଦାୟକ କାର୍ଯ୍ୟକାରିତାର ବୋଧ ମଧ୍ୟ ପାଇଥାଏ, ସାଧାରଣ କର୍ମକ୍ଷେତ୍ରର କ୍ଷୁଦ୍ର ଅଥବା ବୃହତ୍ କୃତ ଏକ କ୍ଷେତ୍ରରେ ସେ ଏହି ବୋଧଟିକୁ ଲାଭ କରିଥାଏ । ଏବଂ ଏତେଯାଏ ଯାଇପାରିବାକୁ ସମର୍ଥ ନ ହେଲେ ସେ ତଥାପି ଏକ ମହାନ୍ ସାମୂହିକ କର୍ମମଣ୍ଡିତତା ଏବଂ ପ୍ରାଣିକ ଅଭିବ୍ୟକ୍ତିର ଗର୍ବ, ଗୌରବ ଏବଂ ନୈପୁଣ୍ୟରେ ଆପଣାର ମଧ୍ୟ ଏକ ଅଂଶ ଯେ କୌଣସି ପ୍ରକାରେ ରହିଛି ବୋଲି ଅନୁଭବ କରିଥାଏ, ସେଥିରେ ତା'ର ପ୍ରକୃତିରେ ଏକ ଭାଗ ରହିଛି କିମ୍ବା ତାହାକୁ ଲାଭ କରିବାରେ ସିଏ ନିଜେ ମଧ୍ୟ ଅଂଶ ଗ୍ରହଣ କରୁଛି ବୋଲି ହୁଏତ ଏକ କଳ୍ପନା ମଧ୍ୟ କରିଥାଏ । ଏହି ଯାବତୀୟ ବ୍ୟାପାରରେ ମୂଳତଃ ସେହି ପ୍ରାଣଗତ ପ୍ରବୃତ୍ତିର ବ୍ୟକ୍ତିମୁଖୀ ତତ୍ତ୍ୱଟି ହିଁ ସର୍ବଦା କାର୍ଯ୍ୟ କରୁଥାଏ, ଯେଉଁଠି କି ଆମ ସ୍ୱଭାବସ୍ଥ ସେହି ଗତିଶୀଳତାର ପ୍ରତିଦ୍ୱନ୍ଦ୍ୱିତାମୂଳକ

'oaob.nitrkl.ac.in' images reprocessed

ଦିଗଟି ତାହାର ସହଯୋଗମୂଳକ ଦିଗଟି ସହିତ ଏକାଠି ଯୋଡ଼ା ହୋଇ ରହିଥାଏ, ମାତ୍ର ତଥାପି ସେଇଟି ଉପରେ ପ୍ରାଧାନ୍ୟ ବିସ୍ତାର କରି ରହିଥାଏ । ଏହି ସ୍ଥିତିଟି ଯେତେବେଳେ ତାହାର ଚରମ ସୀମାକୁ ଚାଲିଯାଏ, ସେତେବେଳେ ସେହି ପ୍ରାଧାନ୍ୟ ଓ ପ୍ରଭାବଶାଳୀତାକୁ କେବଳ ଆପଣାର ଅସ୍ତିତ୍ୱଟାକୁ ହିଁ ସର୍ବସ୍ୱ ମଣି ତାହାର ଅଭିମୁଖରେ ଅଗ୍ରସର ହୋଇଯାଉଥିବାର ଏକ ଆଦର୍ଶର ଜନ୍ମ ହୁଏ, ଯାହାପାଇଁ କି ପରିବାର, ସମାଜ ଓ ଦେଶ ଗୋଟିଏ ଗୋଟିଏ ସହାନୁଭୂତିସୂଚକ ଓ ଆକର୍ଷକ କ୍ଷେତ୍ରରୂପେ ଯେତେ ଦେଖା ନ ଯାନ୍ତି, ଚଢ଼ିବାକୁ ରହିଥିବା କୌଣସି ସିଡ଼ିର ଗୋଟିଏ ଗୋଟିଏ ପାହିଆ ପରି ତାହାଠାରୁ ଅଧିକ ଦୃଷ୍ଟିଗୋଚର ହେଉଥାନ୍ତି; ଏପରି ଗୋଟିଏ ଗୋଟିଏ ଶିକାର ପରି ଦିଶୁଥାନ୍ତି ଯାହାକୁ କି କେବଳ ଗିଳିଦେଇ ଆଗକୁ ଚାଲିଯିବାକୁ ପଡ଼ିବ ; ଏପରି ଗୋଟିଏ ଗୋଟିଏ ବସ୍ତୁ ପରି ଦିଶୁଥାନ୍ତି ଯାହାକୁ କେବଳ ଜୟ କରିବାକୁ ହେବ ଓ ଯାହା ଉପରେ ଆଧିପତ୍ୟ ବିସ୍ତାର କରିବାକୁ ପଡ଼ିବ । ଆଉରି ଚରମ ଗୋଟିଏ ଗୋଟିଏ କ୍ଷେତ୍ରରେ ବ୍ୟକ୍ତିମୁଖୀ ଦିଗଟି ବା ପ୍ରବୃତ୍ତିଟି ସାହଚର୍ଯ୍ୟମୁଖୀ ବୃତ୍ତିଟିଠାରୁ ଆପଣାକୁ ସମ୍ପୂର୍ଣ୍ଣରୂପେ ବିଚ୍ଛିନ୍ନ କରିଦିଏ, ପଛକୁ ଫେରିଗଲା ପରି ଏକ ଆଦିମ ଓ ଅଣସାମାଜିକ ଆକୃତିଦ୍ୱାରା ଆବୋରି ହୋଇ ରହେ, ଏବଂ ସେଇଥିରୁ ଯାଯାବର ଜନ୍ମଗ୍ରହଣ କରେ, ଦୁଃସାହସୀ ଭ୍ରାମ୍ୟମାଣର ସୃଷ୍ଟି ହୁଏ, ବନ୍ୟଜନ୍ତୁମାନଙ୍କର ରକ୍ଷକ ହେବାଲାଗି ପ୍ରେରଣା ଦିଏ ; ଅଥବା ବିଶୁଦ୍ଧ ନିର୍ଜନବାସୀ ଓ ଏକାନ୍ତବାସୀର ସୃଷ୍ଟି କରାଏ । ଏଠାରେ କୌଣସି ବୃଦ୍ଧିଗତ କିମ୍ବା ଅଧ୍ୟାତ୍ମିକ ଆବେଗର ଆଦେଶ ମାନି ନିର୍ଜନବାସୀ ହେବାର କଥା ଆଦୌ କୁହାଯାଉ ନାହିଁ ; ମାତ୍ର ଏକଦା ଏକ କାର୍ଯ୍ୟସାଧକ ସାଧନ ହୋଇ ରହିଥିବା ସମାଜ ସତେ ଅବା ଏକ କାରାଗାର ଅଥବା ଗୋଟାଏ ବୋଝ ହୋଇପଡ଼ିବାରୁ, ଏହା ଭିତରେ ଆପଣାର ଯାବତୀୟ ସମ୍ପ୍ରସାରଣ ଅବରୁଦ୍ଧ ଓ ଅବଦମିତ ହୋଇପଡ଼ିବାରୁ, ଠେଲିପେଲି ଆପଣା ବାଟରେ ଅଗ୍ରସର ହେବାଲାଗି ଏବଂ ଟିକିଏ ନିଃଶ୍ୱାସ ନେଇ-ପାରିବାଲାଗି ମଧ୍ୟ ସକଳ ସମ୍ଭାବନା ବର୍ଜିତ ହୋଇ ରହିବାରୁ ମନୁଷ୍ୟ ଯେଉଁ ନିର୍ଜନବାସକୁ ଆଦରିନିଏ, ଏଠାରେ ତାହାର କଥା କୁହାଯାଉଛି । ମାତ୍ର ଏସବୁ ଘଟଣା କ୍ରମେ ଅଧିକରୁ ଅଧିକ ବିରଳ ହୋଇଯାଉଛି, କାରଣ ଆଧୁନିକ ସମାଜର ସର୍ବବ୍ୟାପୀ ଲେଉଟମାନ ଆଜି ସର୍ବତ୍ର ଆପଣାକୁ ପ୍ରଲମ୍ବିତ କରି ରଖିଛି । କ୍ରମେ ଅଚିରେ ଏପରି ଏକ ସମୟ ଆସିବ ଯେତେବେଳେ କି ଯାଯାବର କିମ୍ବା ଏକାନ୍ତବାସୀ ଲାଗି କେଉଁଠି ହେଲେ ଆଉ ଆଶ୍ରୟର ସ୍ଥାନ ନ ଥିବ । ଏପରିକି ସାହାରା ପରି ମରୁଭୂମି କିମ୍ବା ହିମାଳୟର ଦୂରଦୂରାନ୍ତରେ ମଧ୍ୟ ଏଥିଲାଗି ଆଉ ସ୍ଥାନ ମିଳିବ ନାହିଁ । ହୁଏତ ଏପରି ବି ହୋଇପାରେ ଯେ ସେତେବେଳେ ଏକ ସମୂହସର୍ବସ୍ୱ ସମାଜ ଆମଠାରୁ ଅନ୍ତର୍ଗତ ଏକାନ୍ତତାର ଯାବତୀୟ ଆଶ୍ରୟକୁ ମଧ୍ୟ ଜୋରକରି ଛଡ଼ାଇ ନେଇଯିବ ; ସେତେବେଳେ ସେହି ସମାଜ ସମୂହରୂପୀ ଶରୀରର ବ୍ୟକ୍ତିରୂପୀ 'କୋଷ' ବା ଏକକଗୁଡ଼ିକୁ ଆପଣାର

'oaob.nitrkl.ac.in' images reprocessed

ଅଧିକରୁ ଅଧିକତର ବ୍ୟାବହାରିକ, ଅର୍ଥନୈତିକ ଏବଂ ଗତିଶୀଳ ସିଦ୍ଧିଲାଭରେ ନିୟୋଜିତ କରି ରଖିବାକୁ ହିଁ ଆପଣାର ଏକମାତ୍ର ଅଭିପ୍ରାୟ କରି ରଖିବ ।

କାରଣ କ୍ରମବୃଦ୍ଧିଶୀଳ ଏହି ସମୂହମୁଖୀ ବା ସହଯୋଗୀ ପ୍ରବୃତ୍ତିଟି ହେଉଛି ମନୁଷ୍ୟ ଭିତରେ ଥିବା ପ୍ରାଣପ୍ରଧାନ ବା ବ୍ୟାବହାରିକ ସତ୍ତାଟିର ସହଜାତ ଦ୍ୱିତୀୟ ପ୍ରବୃତ୍ତି । ପରିବାର-ଜୀବନର ଆଦର୍ଶଟିରେ ହିଁ ତାହା ଆପଣାକୁ ପ୍ରକଟ କରେ, ଯାହା ଫଳରେ କି ବ୍ୟକ୍ତି ଆପଣାକୁ ପରିବାର ପାଖରେ ଗୌଣ ଓ ଅଧୀନସ୍ଥ କରି ରଖେ, ଏବଂ ଆପଣା ଏକକ-ବ୍ୟକ୍ତିତ୍ୱଟିର ସର୍ବାଧିପତ୍ୟ ଦେଖାଇବା ଦ୍ୱାରା ନୁହେଁ, ମାତ୍ର ଏକ ବୃହତ୍ତର ପ୍ରାଣିକ ଅହଂର ଜୀବନ ମଧ୍ୟରେ ହିଁ ଆପଣାର ପ୍ରାଣଗତ ପରିତର୍ପଣ ଲାଭ କରେ, ବ୍ୟାବହାରିକ ସାର୍ଥକତା ଲାଭ କରେ । ଜୀବନର ପ୍ରାଚୀନ ସମ୍ଭ୍ରାନ୍ତବାଦୀ ଦୃଷ୍ଟିକୋଣଟିରେ ଏହି ଆଦର୍ଶଟିର ଅନେକ ମହତ୍ତ୍ୱ ରହିଥିଲା, କୁଳ ତଥା କୁଳଧର୍ମର ପ୍ରାଚୀନ ଭାରତୀୟ ବିଗ୍ରହଟିରେ ମଧ୍ୟ ଏହା ବିଦ୍ୟମାନ ଥିଲା ଏବଂ ପରବର୍ତ୍ତୀକାଳୀନ ଭାରତବର୍ଷରେ ଯୌଥ ପରିବାରର ବ୍ୟବସ୍ଥାଟିରେ ଏହା ମୂଳଭିତ୍ତି ହୋଇ ରହିଥିଲା, ଯାହାକି ମଧ୍ୟଯୁଗୀୟ ହିନ୍ଦୁଧର୍ମ ଲାଗି ଏକ ଦୃଢ଼ ଅର୍ଥନୈତିକ ଭିତ୍ତି ମଧ୍ୟ ଯୋଗାଇଦେଇ ପାରିଥିଲା । ବ୍ରିଟିଶ୍ ସଭ୍ୟତାଭୋଗୀ ସାମନ୍ତ ଗୃହସ୍ଥର ଆଦର୍ଶଟିରେ ଏହା ଆପଣାର ସ୍ଥୂଳତମ ବୈଶ୍ୟରୂପ ଧାରଣ କରିଥିଲା ; ସେହି ଆଦର୍ଶଟି ଅନୁସାରେ କୌଣସି ଏକ ଧନ୍ଦା ବା ବ୍ୟବସାୟ ଗ୍ରହଣ କରିବାଲାଗି, ବିବାହାଦି କରି ଏକ ପରିବାରକୁ ଜନ୍ମ ଦେବାପାଇଁ, ଆପଣାର ଜୀବିକାନିର୍ବାହ କରିବାପାଇଁ, ଅତିରିକ୍ତ କମ୍ବା ଅତୁଳ ଧନସମ୍ପତ୍ତି ଗଦା କରି ନ ରଖିଲେ ମଧ୍ୟ ତଥାପି ଉଚିତ ସୀମାଟି ମଧ୍ୟରେ ସଫଳତା ଅର୍ଜନ କରିବାପାଇଁ ଏବଂ କିଛିକାଳ ସକାଶେ ଏହି ଜୀବନଟିକୁ ଭୋଗ କରିସାରିବା ପରେ ସେ ଯେଉଁଥିସକାଶେ ଶରୀର ଧରି ଏହି ସଂସାରକୁ ଆସିଥିଲା, ସେହି ଉଦ୍ଦେଶ୍ୟଟିକୁ ସମ୍ପୂର୍ଣ୍ଣ କରି ଏବଂ ଆପଣା ଜୀବନର ସକଳ ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟଗୁଡ଼ିକୁ ସାରି ଏଠୁ ବିଦାୟ ନେଇଯିବାପାଇଁ ହିଁ ପ୍ରତ୍ୟେକ ମନୁଷ୍ୟ ବ୍ୟକ୍ତି ଏଠାରେ ଜନ୍ମଗ୍ରହଣ କରିଛି ବୋଲି ବିଚାର କରାଯାଉଥିଲା । କାରଣ ଆପାତତଃ ଏତିକି ଉଦ୍ଦେଶ୍ୟର ପରିପୂରଣଲାଗି ହିଁ ଆପଣାର ସକଳ ଦିବ୍ୟ ସମ୍ଭାବନାକୁ ସଙ୍ଗରେ ବହନ କରି ମନୁଷ୍ୟ ଏହି ସଂସାରରେ ଜନ୍ମଗ୍ରହଣ କରୁଥିଲା ; ମାତ୍ର ଏହି ବିଗ୍ରହଟି ଯେକୌଣସି ଆକାର ଧାରଣ କରୁ ପଛକେ, ଏହି ସ୍ଥୂଳତାଟିକୁ ଯେତେ ଅଧିକ ପରିମାଣରେ ଶୋଧିତ ଓ ପରିମାର୍ଜିତ କରି ରଖାଯାଉ ପଛକେ, ଏବଂ ଏହା ସାଙ୍ଗକୁ ଆଉ ଯେତେଯେତେ ନୈତିକ ଅଥବା ଧର୍ମସମ୍ବନ୍ଧୀ ଧାରଣାକୁ ଯୋଡ଼ିଦିଆଯାଉ ପଛକେ, ପରିବାର ମୂଳତଃ ସର୍ବଦା କେବଳ ଏକ ବ୍ୟାବହାରିକ, ପ୍ରାଣପ୍ରଧାନ ଏବଂ ଅର୍ଥନୈତିକ ସମାଜଭିଆଣ ହୋଇ ରହିବ ହିଁ ରହିବ । ପରିବାର କେବଳ ଏକ ବୃହତ୍ତର ପ୍ରାଣିକ ଅହଂ ବ୍ୟତୀତ ଆଉ ଅଧିକ କିଛି ନୁହେଁ ; ଏହା ହେଉଛି ଏକ ଅଧିକ ଜଟିଳ ଏକ ପ୍ରାଣପ୍ରଧାନ ସଂଗଠନ, ଯାହାକି ବ୍ୟକ୍ତିକୁ

'oaob.nitrkl.ac.in' images reprocessed

ଆପଣାର ଆୟତନ ଭିତରକୁ ଗ୍ରହଣ କରନ୍ତି, ଏବଂ ଏକ ଅଧିକ ଫଳଦାୟକ ପ୍ରତିଦ୍ୱନ୍ଦ୍ୱିତାମୂଳକ ତଥା ସହଯୋଗଯୁକ୍ତ ପ୍ରାଣିକ ଏକକ ମଧ୍ୟରେ ତାକୁ ବେଷ୍ଟନ କରି ଧରିରଖେ । ଠିକ୍ ବ୍ୟକ୍ତି ପରି ପରିବାର ମଧ୍ୟ ଆପେ ତିଷ୍ଠି ରହିବାର ଏକ କ୍ଷେତ୍ର ଓ ସାଧନରୂପେ ହିଁ ସମାଜକୁ ସ୍ୱୀକାର ତଥା ବ୍ୟବହାର କରିଥାଏ ; ଆପଣାର ପ୍ରାଣଗତ ପରିତର୍ପଣ ତଥା ସୁଖବର୍ଦ୍ଧନ ଲାଗି, ଆପଣାର ସମ୍ବର୍ଦ୍ଧନ ଓ ଉପଭୋଗ ଲାଗି ସ୍ୱୀକାର ତଥା ବ୍ୟବହାର କରିଥାଏ । ମାତ୍ର ଜୀବନର ଏହି ଏକକଟିକୁ ଅର୍ଥାତ୍ ବହୁଭୂତ ଅହଂଟିକୁ ମଧ୍ୟ ଜୀବନକ୍ଷେତ୍ରରେ କାର୍ଯ୍ୟ କରୁଥିବା ସହଯୋଗପ୍ରଧାନ ପ୍ରବୃତ୍ତିଟି ଅନୁରୂପ ପ୍ରବର୍ତ୍ତନା ଦେଇପାରେ ଯଦ୍ଦ୍ୱାରା କି ତାହା ବୃହତ୍ତର ସମାଜର ଦାବିଗୁଡ଼ିକ ପାଖରେ ଆପଣାର ଅହଂକାମିତାକୁ ବଶ୍ୟ କରି ରଖିପାରେ ଏବଂ ଏପରିକି ଆବଶ୍ୟକ ପଡ଼ିଲେ ସମୂହଜୀବନର ବେଦୀ ଉପରେ ଆପଣାକୁ ବଳି ଦେବାକୁ ମଧ୍ୟ ପ୍ରସ୍ତୁତ ରହିବାଲାଗି ଶିକ୍ଷା କରିପାରେ । କାରଣ ସମାଜ କହିଲେ ମଧ୍ୟ ଏଠାରେ ଆମେ ଆହୁରି ବୃହତ୍ତର କେବଳ ଏକ ପ୍ରାଣପ୍ରଧାନ ଅହଂକୁ ହିଁ ବୁଝିବା, ଯାହାକି ପ୍ରତିଯୋଗିତା ତଥା ସହଯୋଗ ଉଭୟଦ୍ୱାରା ପ୍ରେରିତ ହେଉଥାଏ, ଯାହାକି ବ୍ୟକ୍ତି ତଥା ପରିବାର ଉଭୟକୁ ଏକ ଅଧିକ ଜଟିଳ ସମୂହଶରୀର ଭିତରେ ଗ୍ରହଣ କରନ୍ତି ଏବଂ ସେମାନଙ୍କୁ ଆପଣାର ପ୍ରାଣଗତ ଆବଶ୍ୟକତା, ଦାବି, ସ୍ୱାର୍ଥ, ଆତ୍ମବୃଦ୍ଧିର ଆକାଙ୍କ୍ଷା, ସୁଖଲାଭ ତଥା ଉପଭୋଗର ସାମୂହିକ ପରିତର୍ପଣ ସକାଶେ ସାଧନରୂପେ ବ୍ୟବହାର କରୁଥାଏ । ଯେଉଁ କାରଣଟି ସକାଶେ ବ୍ୟକ୍ତି ଆପଣାର କାନ୍ଧଟିକୁ ନେଇ ପରିବାରର ଯୁଆଳି ତଳେ ଲଗାଇ ଦେଇଥିଲା, ଠିକ୍ ସେହି କାରଣର ବଶବର୍ତ୍ତୀ ହୋଇ ହିଁ ବ୍ୟକ୍ତି ତଥା ପରିବାର ଉଭୟେ ସମାଜର ଏହି ଶୋଷଣଟି ଲାଗି ସମ୍ମତ ହୋଇଯାଆନ୍ତି, କାରଣ ଏହି ଅଧିକ ବ୍ୟାପକ ପ୍ରାଣଗତ ଜୀବନଭୂମିକୁ ଆସି ସେମାନେ ଆପଣାର ଚରିତାର୍ଥତା ଲାଭ କରନ୍ତି ଏବଂ ଏହା ଭିତରେ ମଧ୍ୟ ବୃହତ୍ତର ଅଭିବୃଦ୍ଧି, ବୃହତ୍ତର ନିରାପତ୍ତା ଓ ବୃହତ୍ତର ପରିତୃପ୍ତି ସକାଶେ ରହିଥିବା ସେମାନଙ୍କର ସହଜାତ ପ୍ରବୃତ୍ତିଟିକୁ ମଧ୍ୟ ଠିକ୍ ପ୍ରତ୍ୟକ୍ଷ କରି-ନଥାନ୍ତି । ଆପଣାର ଉଦ୍ଦେଶ୍ୟଗୁଡ଼ିକରେ ଓ ଆପଣାର ସ୍ୱକୀୟ ପ୍ରକୃତିରେ ସମାଜକୁ ଆମେ ପରିବାରଠାରୁ ମଧ୍ୟ ମୂଳତଃ ଅଧିକ ଅର୍ଥନୀତିପ୍ରେରିତ ବୋଲି କହିପାରିବା । ସେହି କାରଣରୁ ହିଁ ଆଧୁନିକ କାଳରେ ସମାଜବାଦର ଯେତେଯେତେ ବିସ୍ତାର ବାଢ଼ିବାରୁଛି, ସେଥିରେ ତାହାର ଆର୍ଥିକ ଏବଂ ଭୌତିକ ଦିଗଟି ଏପରି ଭାବରେ ଅତିପ୍ରଧାନ ହୋଇ ରହୁଛି । କାରଣ ବର୍ତ୍ତମାନର ସାମୂହିକ ଜୀବନରେ ଯେଉଁ ଅର୍ଥନୀତିମୂଳ ଆଗ୍ରହଟି ରହୁଛି, ଏହିସବୁ ବିସ୍ତାରର ମାଧ୍ୟମରେ ବୁଦ୍ଧିର ଆଶ୍ରୟ ନେଇ କେବଳ ସେଇଟି ହିଁ ପୂର୍ଣ୍ଣଭାବରେ ବିକଶିତ ହୋଇଉଠୁଛି । ମାତ୍ର ଯେକୌଣସି ସମାଜ ଆପଣା ଭଳି ଆହୁରି ଅନେକ ସମାଜ ମଧ୍ୟରେ କେବଳ ଗୋଟିଏ ପ୍ରତିଯୋଗିତା-ମୂଳକ ଏକକ ହୋଇଥିବାରୁ ଏବଂ ଅନ୍ୟ ସମାଜଗୁଡ଼ିକ ସହିତ ଏହାର ପ୍ରଥମକାଳୀନ ସମ୍ବନ୍ଧଗୁଡ଼ିକ ମୂଳତଃ ବୈରଭାବାପନ୍ନ ହୋଇଥିବାରୁ ଏବଂ ଖୁବ୍ ବେଶୀ ହେଲେ

'oaob.nitrkl.ac.in' images reprocessed

ପ୍ରତିଯୋଗିତାମୂଳକ ହୋଇଥିବାରୁ ଏବଂ କେବେହେଲେ ସହଯୋଗପ୍ରଧାନ ହୋଇ ନ ଥିବାରୁ ଏବଂ କେବଳ ସେହିଭଳି ଏକ ଦୃଷ୍ଟିକୁ ମୂଳ କରି ତାହାକୁ ଆପଣାକୁ ସଂଗଠିତ କରିବାକୁ ପଡ଼ୁଥିବାରୁ, ପ୍ରାୟ ଅତ୍ୟାବଶ୍ୟକ ଭାବରେ ଆମର ସାମାଜିକ ଜୀବନ ସହିତ ଏକ ରାଜନୀତିକ ରଙ୍ଗ ମଧ୍ୟ ସର୍ବଦା ଅନୁରଞ୍ଜିତ ହୋଇ ରହୁଛି ଏବଂ ଏପରିକି ଅନ୍ତତଃ କିଛି ସମୟ ସକାଶେ ଆମର ଅର୍ଥନୈତିକ ଜୀବନଦୃଷ୍ଟିଠାରୁ ଅଧିକ ପ୍ରଧାନ ଓ ପରାକ୍ରମୀ ହୋଇପଡ଼ୁଛି ; ଏବଂ ସେଇଥିରୁ ଜାତି ବା ରାଷ୍ଟ୍ରର ଜନ୍ମ ହେଉଛି । ସାମୂହିକ ଜୀବନର ଏହିସବୁ ମୌଳିକ ଲକ୍ଷଣ ତଥା ଅଭିପ୍ରାୟଗୁଡ଼ିକୁ ଯଦି ସେଗୁଡ଼ିକର ଯଥାର୍ଥ ମୂଲ୍ୟ ଦେଇ ବିଚାର କରାଯାଏ, ତେବେ ପ୍ରତିଯୋଗିତାମୂଳକ ତଥା ସହଯୋଗ-ପ୍ରେରିତ ସାମାଜିକ ବିବୃତିଟିର ବିକାଶ ପରିଶେଷରେ ଜୀବନ, ସମାଜ ତଥା ସଭ୍ୟତାର ସେହି ପ୍ରାଣପ୍ରଧାନ, ଅର୍ଥନୈତିକ ଓ ରାଜନୀତିକ ଜୀବନାଦର୍ଶଟିର ଯେ କ୍ରମେ ଏକ ବିରାଟକାୟ ଓ ଅନେକ ସମୟରେ ଏକ ଦୈତ୍ୟାକାର ଅତିବୃଦ୍ଧିରେ ଆସି ପରିଣତ ହୋଇଥାନ୍ତି, ସେତେବେଳେ ସେକଥାଟି ଆମକୁ ଯଥେଷ୍ଟ ପରିମାଣରେ ସ୍ୱାଭାବିକ ବୋଲି ଲାଗିବ ।

ମନୁଷ୍ୟର ସତ୍ତା ଭିତରେ ଯେଉଁସବୁ ଉଚ୍ଚତର ଭାଗ ରହିଛି, ତାହାର ଭିତରେ ରହିଥିବା ଯେଉଁ ସୂକ୍ଷ୍ମତର ସାମର୍ଥ୍ୟଗୁଡ଼ିକ ଅଧିକ ଉନ୍ମୁକ୍ତ ଭାବରେ ତା'ର ଉର୍ଦ୍ଧ୍ୱ ପ୍ରକୃତିଟିର ବିକାଶ ଦିଗରେ ପ୍ରବୃତ୍ତ ହୋଇ ରହିଛନ୍ତି, ସେଗୁଡ଼ିକ ଏହି ପ୍ରାଣଗତ ମୂଳ ପ୍ରବୃତ୍ତିଟିକୁ ଅଥବା ତାହାର ଆନୁଷଙ୍ଗିକ ଅଭିବର୍ଦ୍ଧନ ଏବଂ ପରିଣାମଗୁଡ଼ିକୁ ନେଇ ପ୍ରକୃତରେ କ'ଣ କରିବେ ? ସେଗୁଡ଼ିକୁ ଆପଣା ଅକ୍ତିଆରକୁ ଆଣି, ସେଗୁଡ଼ିକ ଉପରେ ଆପଣାର ପ୍ରଭାବ ବିସ୍ତାର କରି ଏହି ସକଳ ସ୍ଥୂଳ ଜୀବନକୁ ଆପଣାର ଏକ ପ୍ରତିରୂପ ରୂପେ ରୂପାନ୍ତରିତ କରିଦେବାକୁହିଁ ନିଶ୍ଚୟ ସ୍ପଷ୍ଟତଃ ସେମାନଙ୍କ ଭିତରେ ଆବେଗ ଜନ୍ମିବ । ମାତ୍ର ସେମାନେ ଯେତେବେଳେ ଆବିଷ୍କାର କରିବେ ଯେ ସେମାନଙ୍କର ଆପଣାର କ୍ଷେତ୍ର ଭଳି ଏଠାରେ ମଧ୍ୟ ଏକ ଅନ୍ୟ ସାମର୍ଥ୍ୟ ନିଯୁକ୍ତ କାର୍ଯ୍ୟ କରିବାରେ ଲାଗିଛି, ତାହା ଆପଣା ଲାଗି ଏକ ସ୍ୱକୀୟ ପରିତର୍ପଣର ବାଟ ଖୋଜୁଛି ଏବଂ କେତେକ ପରିମାଣରେ ସେମାନଙ୍କର ପ୍ରଭାବକୁ ମଧ୍ୟ ସ୍ୱୀକାର କରୁଛି, ମାତ୍ର ତଥାପି ସମ୍ପୂର୍ଣ୍ଣ ଭାବରେ ଆଦୌ ସ୍ୱୀକାର କରୁନାହିଁ ; କେବଳ ବଡ଼ ଅନିଚ୍ଛୁକ ହେଲା ପରି, ଆଂଶିକ ଭାବରେ ଓ ଅସନ୍ତୋଷ-ଜନକ ଭାବରେହିଁ ସେହି ପ୍ରଭାବକୁ ସ୍ୱୀକାର କରିପାରୁଛି, ତେବେ ସେତେବେଳେ ପୁଣି କ'ଣ ହେବ ? ଆମେ ଅନେକ ସମୟରେ ଦେଖିଥାଉ ଯେ ଯେତେବେଳେ ବିଶେଷ ଭାବରେ ନୈତିକତା ଏବଂ ଧର୍ମ ପ୍ରାଣିକ ପ୍ରବୃତ୍ତିଗୁଡ଼ିକ ସହିତ ନାନା ଦ୍ୱନ୍ଦ୍ୱ ଦ୍ୱାରା ସତତ ଗ୍ରସ୍ତ ହୋଇପଡ଼ନ୍ତି, ସେତେବେଳେ ସେମାନେ ସେଗୁଡ଼ିକ ପ୍ରତି ପ୍ରାୟ ଏକ ପୂର୍ଣ୍ଣ ଶତ୍ରୁତାର ଦୃଷ୍ଟିକୋଣ ପୋଷଣ କରିଥାନ୍ତି ଏବଂ ମନୁଷ୍ୟ ଭିତରେ କାର୍ଯ୍ୟ କରୁଥିବା ଏହି ଗତିଶୀଳ ପ୍ରାଣଶକ୍ତିଗୁଡ଼ିକୁ ଆପଣା ବିଚାରର କ୍ଷେତ୍ରରେ ନିନ୍ଦିତ କରି

'oaob.nitrkl.ac.in' images reprocessed

ରଖନ୍ତି ଓ ବାସ୍ତବ କ୍ଷେତ୍ରରେ ସେଗୁଡ଼ିକୁ ଦବାଇଦଅନ୍ତି । ଅଧିକ ଐଶ୍ୱର୍ଯ୍ୟ ଏବଂ ଅଧିକ ସୁଖଲାଗି ରହିଥିବା ପ୍ରାଣିକ ପ୍ରବୃତ୍ତିଟିର ବିରୋଧିକ ଭାବରେ ସେମାନେ ଏକ ଅତିଶୀତଳ କଠୋର ଦାରିଦ୍ର୍ୟର ଆଦର୍ଶକୁ ନେଇ ଉପସ୍ଥାପିତ କରନ୍ତି, ସୁଖଭୋଗର ପ୍ରାଣିକ ପ୍ରବୃତ୍ତିଟି ଆଗରେ କେବଳ ଆତ୍ମ-ନକାରର ଆଦର୍ଶଟିକୁ ନୁହେଁ, ମାତ୍ର ଏକ କଠୋର ଆତ୍ମକୃଚ୍ଛ୍ରର ଆଦର୍ଶକୁ ନେଇ ଥୋଇଦଅନ୍ତି । ସ୍ୱାସ୍ଥ୍ୟ ଓ ଆରାମର ପ୍ରାଣିକ ଅଭିଳାଷଟିକୁ ଶରୀରଲାଗି ରହିଥିବା ବୈରାଗୀର ବିଦ୍ୱେଷ, ବିରକ୍ତି ତଥା ଚରମ ଅବହେଳା ଦ୍ୱାରା ସମ୍ମୁଖୀନ ହେବାକୁ ଯାଆନ୍ତି । ସତତ କର୍ମରତ ରହିବା ଏବଂ କିଛି ନା କିଛି ସୃଷ୍ଟି କରି ରଖିଦେବାର ପ୍ରାଣିକ ପ୍ରବୃତ୍ତିଟିକୁ ପ୍ରଶମିତ କରି ରଖିବାଲାଗି ସ୍ଥିର ହୋଇଯିବାର, ସକଳ କର୍ମରୁ ବିରତ ରହିବାର, ନିଷ୍କ୍ରିୟତା ଏବଂ ଶୁଦ୍ଧ ଭାବନାର ପରାମର୍ଶ ଦଅନ୍ତି । କ୍ଷମତା, ଆତ୍ମବିସ୍ତାର, ଶାସନ ଏବଂ ବିଜୟର ପ୍ରାଣିକ ପ୍ରବୃତ୍ତିଟିର ବିରୋଧ କରି ବିନମ୍ରତା, ଆତ୍ମନମ୍ରତା, ବଶ୍ୟତା, ନିରୀହ ଅନସ୍ମରହିତତା ଏବଂ ନୀରବ କଷ୍ଟସହନର କଥା କହିଥାନ୍ତି । ଯେଉଁ ପ୍ରାଣିକ ଯୌନପ୍ରବୃତ୍ତି ଉପରେ ଆମ ଜୀବଜାତିର ଅବିଚ୍ଛିନ୍ନତା ନିର୍ଭର କରି ରହିଛି, ତା' ଆଗରେ ସେମାନେ ଏକ ବନ୍ଧ୍ୟାଧର୍ମୀ ସତୀତ୍ୱ ଏବଂ ବ୍ରହ୍ମଚର୍ଯ୍ୟର ଆଦର୍ଶ ନେଇ ରଖିଦଅନ୍ତି । ସାମାଜିକ ତଥା ପରିବାର-ଜୀବନର ପ୍ରବୃତ୍ତିଟିକୁ କାଟିବାଲାଗି ଯୋଗୀ, ସନ୍ନ୍ୟାସୀ, ବାବାଜୀ, ନିର୍ଜନବାସୀ ଓ ଜଗତତ୍ୟାଗୀ ସନ୍ଥପୁରୁଷର ସମାଜବହିର୍ଭୂତ ଆଦର୍ଶଟିକୁ ଆଣି ଦେଖାଇଥାନ୍ତି । ଶୃଙ୍ଖଳା ଏବଂ ଅଧୀନ ହୋଇ ରହିବାଠାରୁ ଆରମ୍ଭ କରି ସେମାନେ ଆପଣାର ପରାମର୍ଶଗୁଡ଼ିକୁ ପୂର୍ଣ୍ଣ କୃଚ୍ଛ୍ରସାଧନା ପର୍ଯ୍ୟନ୍ତ ଲମ୍ବାଇଦେଇ ରଖିଥାନ୍ତି, ଅର୍ଥାତ୍ ପ୍ରାଣଗତ ପ୍ରବୃତ୍ତିଗୁଡ଼ିକୁ ଏକାବେଳେକେ ମାରିଦେବାର ପରାମର୍ଶ ଦଅନ୍ତି ଏବଂ ଏହି ଜୀବନଟାକୁ ମଧ୍ୟ କେବଳ ଏକ ମାୟା ବୋଲି ଘୋଷଣା କରନ୍ତି । ସେହି ମାୟାର ଆବରଣଟାକୁ ଆତ୍ମା ଉପରୁ କାଢ଼ି ଫିଙ୍ଗିଦେବାକୁ କହନ୍ତି । ଜୀବନଟାକୁ କେବଳ ମାଂସ ଓ ମେଦର ରାଜ୍ୟ ବୋଲି କହନ୍ତି । ତାହାକୁ କେବଳ ଏହି ଜଗତର ଅଥବା ଶଇତାନର ରାଜ୍ୟବ୍ୟାପାର ବୋଲି କହନ୍ତି । ଏପରି କରି ସେମାନେ ଅନାଲୋକିତ ତଥା ଶୃଙ୍ଖଳାବର୍ଜିତ ଜୀବନରେ ସେହି ଦାବିଟିକୁ ଗ୍ରହଣ କରିନଅନ୍ତି ଯେ ଏହି ଜୀବନକୁ କଦାପି ଈଶ୍ୱରଙ୍କର ରାଜ୍ୟ ବୋଲି କହିହେବ ନାହିଁ, ସେପରି କିଛି ହେବାଲାଗି ତାହା କଦାପି ଉଦ୍ଦିଷ୍ଟ ହୋଇନାହିଁ କିମ୍ବା ସେପରି ହେବାର ସାମର୍ଥ୍ୟ ମଧ୍ୟ ତା' ଭିତରେ ନାହିଁ; ଏହି ଜୀବନରେ କଦାପି ସେହି ପରମ ଚିଦ୍‌ଗତତାର ଉଚ୍ଚ ଅଭିବ୍ୟକ୍ତି ସମ୍ଭବ ହୋଇପାରିବ ନାହିଁ ।

ଏକ ନିର୍ଦ୍ଦିଷ୍ଟ ସୀମାଯାଏ ଏହିପରି ବିରକ୍ତ ହୋଇ ବାହୁଡ଼ି ଆସିବାର ଏକ ଉପଯୋଗିତା ନିଶ୍ଚୟ ରହିଛି, ଏବଂ ତପସ୍ୟାଦ୍ୱାରା ଅର୍ଥାତ୍ ଉପରୁ ଚାପ ଦେଇ ଶୁଦ୍ଧିର ବୃଦ୍ଧିସାଧନ କରିବାଦ୍ୱାରା ଏହା ଏପରିକି ବେଶ୍ ସହଜରେ ସମାଜରେ ଅନ୍ତତଃ କେତେ ସମୟ ସକାଶେ ହୁଏତ ଏକ ନୂତନ ଶକ୍ତିମନ୍ତ୍ରର ବିକାଶ ଘଟାଇପାରେ ; ବୌଦ୍ଧଧର୍ମର

'oaob.nitrkl.ac.in' images reprocessed

ପ୍ରଥମ କେତୋଟି ଶତକରେ ଭାରତରେ ଯାହା ଘଟିଥିଲା, ଠିକ୍ ସେହିପରି । ମାତ୍ର ସେହି ନିର୍ଦ୍ଦିଷ୍ଟ ସୀମାଟିକୁ ପାର ହୋଇଗଲେ ତାହା ପ୍ରାଣଗତ ପ୍ରବୃତ୍ତିଗୁଡ଼ିକର ସଙ୍ଗେ ସଙ୍ଗେ ସେଗୁଡ଼ିକ ଯାହାର ଲୀଳାରୂପେ ପ୍ରକଟ ହେଉଛନ୍ତି, ସେହି ଅପରିହାର୍ଯ୍ୟ ପ୍ରାଣଶକ୍ତିଟିକୁ ମଧ୍ୟ ଅତି ହତୋତ୍ସାହିତ କରିପକାଏ; ସେଗୁଡ଼ିକୁ ପ୍ରକୃତରେ ବିନଷ୍ଟ କରିପାରେ ନାହିଁ ସତ, କାରଣ ସେପରି କରିବା କଦାପି ସମ୍ଭବ ହୁଏ ନାହିଁ । ପ୍ରାଣିକ ପ୍ରବୃତ୍ତିଗୁଡ଼ିକୁ ତାହା କ୍ଷୀଣ ଓ ଜୀବନହୀନ କରିପକାଏ, ସଂକୀର୍ଣ୍ଣ ଓ ଅବାସ୍ତବ କରିଦିଏ ଏବଂ ଶକ୍ତି ତଥା ପରିବେଶଲାଗି ଶକ୍ତିଶାଳୀ ଭାବରେ ଆପଣାର ପ୍ରତିକ୍ରିୟା ଜଣାଇପାରିବା ସକାଶେ ଅସମର୍ଥ କରି ରଖେ । ଭାରତରେ ଅନେକ ଯୁଗ ଧରି ବୌଦ୍ଧଧର୍ମ ଓ ତାହାପରେ ତାହାର ସ୍ଥାନ ଗ୍ରହଣ କରିଥିବା ମାୟାବାଦର ଚାପ ଫଳରେ ପରିଶେଷରେ ଠିକ୍ ତାହାହିଁ ଘଟିଥିଲା । ଜୀବନର ଗତିଶୀଳତାକୁ ଅସ୍ୱୀକାର କରିବାର ଏକ ଆଦର୍ଶଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଅଥବା ବାରବାର ଏବଂ ବ୍ୟାପକଭାବରେ ପରିବ୍ୟାପ୍ତ ହୋଇ ରହିଲେ କୌଣସି ସମାଜ କଦାପି ଆପଣାର ଅଭିବୃଦ୍ଧି ସାଧନ କରିପାରିବ ନାହିଁ ଅଥବା ବିକଶିତ ତଥା ପରିପୂର୍ଣ୍ଣ ହେବାଲାଗି ଆପଣାର ସମ୍ଭାବନାଗୁଡ଼ିକୁ ଉଦ୍‌ଘାଟିତ କରିଦେଇପାରିବ ନାହିଁ । କାରଣ ତଦ୍ୱାରା ସେହି ସମାଜ ଗତିଶୀଳ ହେବାରୁ କ୍ରମେ ସ୍ଥିତିଶୀଳ ଓ କ୍ଲାନ୍ତ ହୋଇଯିବାକୁ ଲାଗିବ ଏବଂ ସ୍ଥିତିଶୀଳତାରୁ ଏଥିରେ ଆବଦ୍ଧତା ଏବଂ ଅବକ୍ଷୟ ମଧ୍ୟ ଘଟିବାକୁ ଆରମ୍ଭ କରିବ । ଏପରିକି ମନୁଷ୍ୟର ସେହି ଉଚ୍ଚତର ସତ୍ତାଟି, ଏକ ଶକ୍ତିମୟ ଓ ଗତିଶୀଳ ଜୀବନରେ ହିଁ ଯିଏ ଆପଣାର ଚରିତାର୍ଥତା ଲାଭ କରିଥାଏ ଓ ତାହାକୁ ଏକ ଶକ୍ତିଭଣ୍ଡାର ରୂପେ ଆପଣାର ଉଚ୍ଚତର ଶକ୍ତିଗୁଡ଼ିକ ମଧ୍ୟକୁ ସଂଗୃହୀତ କରିଦିଏ ଏବଂ ତାହାକୁ ବହିଃସ୍ଥ ଜୀବନ ସହିତ ସଂଯୁକ୍ତ ହୋଇ ରହିବା ଉଦ୍ଦେଶ୍ୟରେ ଏକ ଶକ୍ତିମୟ ସଂଯୋଜକ ରୂପେ ବ୍ୟବହାର କରୁଥାଏ, ସେଇଟି ମଧ୍ୟ ଏହି ବିଫଳତା ଏବଂ ବିରୋଧଦ୍ୱାରା ଅବଶେଷରେ ଅତ୍ୟନ୍ତ କ୍ଷତିଗ୍ରସ୍ତ ହୋଇ ରହେ । ଭାରତୀୟ ପ୍ରାଚୀନ ଆଦର୍ଶ ଏହି ସତ୍ୟଟିକୁ ପ୍ରକୃତରେ ସ୍ୱୀକାର କରୁଥିଲା ଏବଂ ଜୀବନକୁ ଚାରୋଟି ବିଭିନ୍ନ ମୌଳିକ ତଥା ଅପରିହାର୍ଯ୍ୟ ଭାଗରେ,—ଅର୍ଥ, କାମ, ଧର୍ମ ଓ ମୋକ୍ଷରେ,—ବିଭକ୍ତ କରିଥିଲା । ଅର୍ଥ ଅର୍ଥାତ୍ ପ୍ରାଣଗତ ଆଗ୍ରହ, କାମ ଅର୍ଥାତ୍ ସର୍ବବିଧ କାମନା ଓ ବାସନାର ତୁଷ୍ଟିବିଧାନ, ଧର୍ମ ଅର୍ଥାତ୍ ନୈତିକତା ଓ ଧାର୍ମିକତା, ଏବଂ ମୋକ୍ଷ ଅର୍ଥାତ୍ ଆଧ୍ୟାତ୍ମିକତା । ସେହି ଆଦର୍ଶ ଏହି ଚାରୋଟିଯାକର ଆଚରଣ ତଥା ବିକାଶ ଉପରେ ସବୁବେଳେ ଜୋର ଦେଉଥିଲା । ତଥାପି ଏଥିମଧ୍ୟରୁ ଶେଷଟିକୁ ଅର୍ଥାତ୍ ମୋକ୍ଷକୁ ଯେ ତାହା ଅବଶିଷ୍ଟ ତିନୋଟିର ଯଥାର୍ଥ ଲକ୍ଷ୍ୟ ବୋଲି ଧରି ରଖିବାକୁ ଚାହୁଁଥିଲା ତାହା ନୁହେଁ, ମାତ୍ର ତାହାର ସ୍ଥାନକୁ ଜୀବନର ଶେଷ ଚରଣଟିରେ ଯାଇ ନିର୍ଦ୍ଧାରିତ କରିଦେଇଥିଲା ଏବଂ ଏଠି ଏହି ଜୀବନଟିରେ ନୁହେଁ, ମାତ୍ର ଆମ ସତ୍ତାର ଆଉ ଏକ ଜଗତରେ ଏହି ମୋକ୍ଷର ଲାଭ ହୋଇପାରିବ ବୋଲି ସୂଚାଇ ଦେଇଥିଲା । ତାହା ମୋକ୍ଷକୁ ଆମ ଭୌତିକ ଜୀବନର ହିଁ ସର୍ବୋଚ୍ଚ ଅବସ୍ଥା ଓ ପରିଣତିଶୀଳ ସାମର୍ଥ୍ୟ ବୋଲି ସ୍ୱୀକାର କରୁ ନ ଥିଲା । ମାତ୍ର ଏହି

'oaob.nitrkl.ac.in' images reprocessed

ମୀମାଂସାଟିକୁ ମାନିନେଲେ ଏହି ଜଗତରେ ହିଁ ଭଗବତ୍‌ସାମ୍ରାଜ୍ୟର ପ୍ରତିଷ୍ଠା ହୋଇପାରିବାର ବିସ୍ତୃତି ସକାଶେ ଆଉ ଆଦୌ କୌଣସି ଅବକାଶ ହିଁ ରହୁନାହିଁ, ଆମର ସମାଜ ଓ ସମାଜସ୍ଥ ଏହି ମନୁଷ୍ୟ କ୍ରମପରିଣତ ହୋଇ ଶେଷରେ ଏକ ପରିପୂର୍ଣ୍ଣତାର ଅଧିକାରୀ ହୋଇପାରିବ ବୋଲି କହିବାକୁ ଆଉ ସମ୍ଭବ ହେଉନାହିଁ ; ଏକ ନୂତନ ଏବଂ ଉଦାତ୍ତତର ମନୁଷ୍ୟଜାତିର ଅଭ୍ୟୁଦୟ ଘଟିବ ବୋଲି ବିଶ୍ୱାସ କରିବାଲାଗି ମଧ୍ୟ ଆଉ ବାଟ ରହୁନାହିଁ । ଏବଂ ଏଗୁଡ଼ିକରୁ ଏଇଟିକୁ କିମ୍ବା ସେଇଟିକୁ ବାଦ୍ ଦେଲେ ଆମର ବିଶ୍ୱଗତ କୌଣସି ଆଦର୍ଶ କଦାପି ପରିପୂର୍ଣ୍ଣ ହୋଇପାରିବ ନାହିଁ । ଏହି ଆଦର୍ଶଟି ଜୀବନଲାଗି ଏକ ଅସ୍ଥାୟୀ ବା ସାମୟିକ ଔଚିତ୍ୟ ଯୋଗାଇଦିଏ ସତ, ମାତ୍ର ତାହାକୁ କୌଣସି ଅନ୍ତର୍ନିହିତ ଔଚିତ୍ୟ ଦେଇପାରେ ନାହିଁ । ତାହା ଆପଣାର ବ୍ୟକ୍ତିଗତ ଅଥବା ଆପଣାର ସାମୂହିକ ଆବେଗଟି ଲାଗି କୌଣସି ସନ୍ଦୀପନକାରୀ ପରିପୂର୍ଣ୍ଣତାର ପ୍ରତିଶ୍ରୁତି ଆଣି ଦେଇପାରେ ନାହିଁ ।

ତେଣୁ କେବଳ ନୈତିକ ଅଥବା ଧର୍ମଗତ ବିକାଶ ସକାଶେ ରହିଥିବା ଏକ ଅବସର ରୂପେ ନୁହେଁ, ମାତ୍ର ତାହାକୁ ଆପଣାର ଏକ ସ୍ୱକୀୟ ସତ୍ତ୍ୱରେ ଆମେ ବର୍ତ୍ତମାନ ଏହି ପ୍ରାଣିକ ପ୍ରବୃତ୍ତି ତଥା ଜୀବନଗତ ଗତିଶୀଳତା ଉପରେ ଦୃଷ୍ଟିପାତ କରିବାକୁ ଚେଷ୍ଟା କରିବା, ଏବଂ ଏହା ସ୍ୱଭାବତଃ ସେହି ପରମ ଦିବ୍ୟସତ୍ତ୍ୱଟି ବିରୁଦ୍ଧରେ ପ୍ରକୃତରେ ବିଦ୍ରୋହାଚରଣ କରୁଛି କି ନାହିଁ, ତାହା ପରୀକ୍ଷା କରି ଦେଖିବା । ତେବେ ଆମେ ତତ୍‌କ୍ଷଣାତ୍ ଦେଖିବାକୁ ପାଇବା ଯେ ଏଠାରେ ଆମେ ଯେଉଁ ତତ୍ତ୍ୱଟିର ଚର୍ଚ୍ଚା କରୁଛୁ, ସେଇଟି ହେଉଛି ପ୍ରାଣିକ ସତ୍ତ୍ୱର କେବଳ ପ୍ରଥମ ଅବସ୍ଥା ମାତ୍ର, କେବଳ ଏକ ଅବବୌଦ୍ଧିକ ଅବସ୍ଥା ମାତ୍ର, କେବଳ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ରହିଥିବା ଗୋଟିଏ ଅବସ୍ଥା ମାତ୍ର । ଏଇଟି ହେଉଛି ଏହାର ପ୍ରଥମ ଜନ୍ମଜାତ ବିକାଶଟିର ଏକ ଅଶୋଧିତ ଅବସ୍ଥା ଏବଂ ସନ୍ଦୀପନକାରୀ ବୁଦ୍ଧିକୁ ଏହି କ୍ଷେତ୍ରରେ ଅଧିକରୁ ଅଧିକ ପରିମାଣରେ ପ୍ରୟୋଗ କରି ଏହାକୁ ପ୍ରଶିକ୍ଷିତ କରାଇବା ପରେ ମଧ୍ୟ ସେହି ଅଶୋଧିତ ଅବସ୍ଥାଟି ତଥାପି ନ ବଦଳି ସେହିପରି ରହିଥାଏ । ଏବଂ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଏହାର ଏହି ପ୍ରାକୃତ ଅବସ୍ଥାଟିରେ ଏହା କେବଳ ଏକ ଜାଗତିକ ସାମଗ୍ରୀ ହୋଇ ରହିଥାଏ, ସ୍ଥୂଳ ହୋଇ ରହିଥାଏ, ଏହି ଜଗତ ମଧ୍ୟରେ ସୀମାବଦ୍ଧ ରହିଥାଏ ଏବଂ ଏହା ଭିତରେ କେତେକେତେ ଅତି ଘୃଣ୍ୟ କୁତ୍ସିତତା, ନିର୍ମମ ଦୋଷଯୁକ୍ତତା ଏବଂ କଟୁଆଘାତକାରୀ ବିସମ୍ବାଦ ଭର୍ତ୍ତିହୋଇ ରହିଥାଏ । ମାତ୍ର ନୈତିକତା, ସୌନ୍ଦର୍ଯ୍ୟବୋଧ ତଥା ଧର୍ମର ଅବବୌଦ୍ଧିକ ପ୍ରକୃତି ମଧ୍ୟ ଠିକ୍ ଏହିପରି ଅବସ୍ଥାରେ ରହିଥାଏ । ଏକଥାଟି ମଧ୍ୟ ସତ ଯେ ଏହିସବୁ ଅନ୍ୟ କ୍ଷେତ୍ରର ତୁଳନାରେ ପ୍ରାଣର କ୍ଷେତ୍ରଟି ଆମଲାଗି ଅଧିକ ପ୍ରବଳ ନାନା ଅସୁବିଧାମାନ ଆଣି ଉପସ୍ଥାପିତ କରାଏ, ଅଧିକ ମୂଳଭୂତ ତଥା ଅନମନୀୟ ଭାବରେ ଯାବତୀୟ ଉତ୍ତୋଳନର ପ୍ରତିରୋଧ

'oaob.nitrkl.ac.in' images reprocessed

କରେ ; କାରଣ ଏଇଟି ହେଉଛି ଅବବୌଦ୍ଧିକର ଖାସ୍ ସ୍ୱକୀୟ ଭୂମି, ଏହିଠାରେ ହିଁ ପରମ ନିଶ୍ଚେତନାରୁ ଆମର ଚେତନା ଆପଣାର ପ୍ରଥମ ଆକାରଟି ଧାରଣ କରିଥାଏ ଏବଂ ସତ୍ତ୍ୱର ସୋପାନକ୍ରମରେ ସେହି ନିଶ୍ଚେତନାର ସବୁଠାରୁ ଅଧିକ ନିକଟବର୍ତ୍ତୀ ହୋଇ ଅବସ୍ଥିତ ଥାଏ । ମାତ୍ର ଯଥାର୍ଥ ଭାବରେ ଦେଖିପାରିଲେ ଏଥିରେ ମଧ୍ୟ ସାମର୍ଥ୍ୟ, ସୌନ୍ଦର୍ଯ୍ୟ, ସମ୍ଭ୍ରମ, କଲ୍ୟାଣ, ଆତ୍ମୋତ୍ସର୍ଗ, ଉପାସନା, ତଥା ଦିବ୍ୟତାର ଚିହ୍ନିମନ୍ତ ଉପାଦାନଗୁଡ଼ିକ ଅନ୍ତର୍ନିହିତ ରହିଥାଏ ; ଏଠାରେ ମଧ୍ୟ ଅନେକଦୂରଯାଏ ପହଞ୍ଚିପାରୁଥିବା ଦେବତାମାନେ ଅବସ୍ଥାନ କରୁଥାନ୍ତି ; ସେମାନେ ଏଠି ମୁଖା ପିନ୍ଧି ରହିଥାନ୍ତି, ତଥାପି ଆପଣାର ଜ୍ୟୋତିର ବିକୀରଣ କରୁଥାନ୍ତି । ଏପର୍ଯ୍ୟନ୍ତ, ଓ ଏପରିକି ଏବେ ମଧ୍ୟ, କୌଣସି ଦର୍ଶନର ଆକାର ଧରି ନୁହେଁ, ମାତ୍ର ବିଜ୍ଞାନର ଆଭରଣ ପିନ୍ଧି ଆମର ବୁଦ୍ଧି ଅଧିକରୁ ଅଧିକ ପରିମାଣରେ ଏହି ସମସ୍ତ ଭୌତିକ ତଥା ପ୍ରାଣଗତ ଜୀବନକୁ ଆପଣାର ଭୂମିରୂପେ ଗ୍ରହଣ କରିନେଇ ପୂର୍ଣ୍ଣତଃ ଏକ ବୁଦ୍ଧିବାଦର ଶକ୍ତିଦ୍ୱାରା ଅର୍ଥାତ୍ ପ୍ରକୃତିରେ କାର୍ଯ୍ୟ କରୁଥିବା ନିୟମଗୁଡ଼ିକର ଜ୍ଞାନ ହାସଲ କରି ତାହାକୁ ନିର୍ଦ୍ଦୋଷ ଓ ସମ୍ପୂର୍ଣ୍ଣ କରି ଗଢ଼ିବାକୁ ମନ ବଳାଇଛି ; ସମାଜବିଜ୍ଞାନ, ଜୀବବିଜ୍ଞାନ, ଶରୀରବିଜ୍ଞାନ ଓ ସ୍ୱାସ୍ଥ୍ୟର ନିୟମଗୁଡ଼ିକୁ ଆବିଷ୍କାର କରି ସେ ତାହା କରିବ ବୋଲି ପ୍ରସ୍ତାବ ଦେଉଛି ; ସମୂହବାଦ ଓ ରାଷ୍ଟ୍ରୀୟ ଶିକ୍ଷାଦ୍ୱାରା ଏବଂ ମନୋବିଜ୍ଞାନଭିତ୍ତିକ ଏକ ନୂତନ ଶିକ୍ଷାଗତ ପ୍ରବର୍ତ୍ତନ ତଥା ସେହିଭଳି ଆହୁରି କେତେକେତେ ଉପାୟଦ୍ୱାରା କରିବ ବୋଲି କହୁଛି । ଆପଣାର ଭିତରେ ଏବଂ ଆପଣାର ସୀମାଗୁଡ଼ିକ ମଧ୍ୟରେ ଏ ସବୁଥିରୁ ଅବଶ୍ୟ ସୁଫଳ ଫଳିବ ; ମାତ୍ର ଏହା କଦାପି ଯଥେଷ୍ଟ ନୁହେଁ ଏବଂ ତାହା କଦାପି ଏକ ଯଥାର୍ଥ ଓ ସନ୍ତୋଷପ୍ରଦାୟକ ସଫଳତାରେ ଆସି ଉପନୀତ ହୋଇପାରିବ ନାହିଁ । ଏକ ଉଚ୍ଚ ଆଦର୍ଶବାଦୀ, ବୁଦ୍ଧିସମ୍ମତ, ସୌନ୍ଦର୍ଯ୍ୟବୋଧୀ, ନୈତିକ ତଥା ଧର୍ମଗତ ସଂସ୍କୃତିକୁ ରୂପ ଦେଇ ବୁଦ୍ଧି ପ୍ରାଚୀନ କାଳରେ ଯେଉଁ ଉଦ୍ୟମଟି କରିଥିଲା, ସେଇଟି ମଧ୍ୟ ପ୍ରାଣଗତ ମନୁଷ୍ୟ ଏବଂ ତା'ର ସହଜାତ ପ୍ରବୃତ୍ତିଗୁଡ଼ିକୁ କେବଳ ବଡ଼ ଅପୂର୍ଣ୍ଣଭାବରେ ଶୃଙ୍ଖଳା ମଧ୍ୟକୁ ଆଣିପାରିଥିଲା ; ବେଳେବେଳେ ତାହାର ଏହି ଉଦ୍ୟମ କେବଳ ମୂଳରେ ଥିବା ସକଳ ମାର୍ଜିତତା-ବର୍ଜିତ ବର୍ବରତା ଉପରେ ଟିକିଏ ପୁଟ ବା ପାଲିଶ୍ ମାରିଦେବାରେ, ତାହାକୁ ସଭ୍ୟତାର ଏକ ପରିଚ୍ଛଦ ପିନ୍ଧାଇଦେବାରେ ଓ ତାହାକୁ କେତେଟା ବାହ୍ୟ ବ୍ୟବହାର-କୁଶଳତା ଶିଖାଇଦେବାରେ ହିଁ ସୀମିତ ହୋଇ ରହିଥିଲା । ଏକ ପ୍ରଶସ୍ତ ଏବଂ ପରିପୂର୍ଣ୍ଣ ବୁଦ୍ଧିପ୍ରଧାନ, ପ୍ରୟୋଜନସିଦ୍ଧ ଓ ଦକ୍ଷତାପୂର୍ଣ୍ଣ ଶିକ୍ଷା ଓ ସଂଗଠନଦ୍ୱାରା ମନୁଷ୍ୟ ଓ ତା'ର ଜୀବନକୁ ଶିକ୍ଷିତ ତଥା ସଂଗଠିତ କରି ବୁଦ୍ଧିର ଯେଉଁ ଆଧୁନିକ ପ୍ରଚେଷ୍ଟାଟି ଆରମ୍ଭ ହୋଇଛି, ସେଇଟି ମଧ୍ୟ ପୂର୍ବଟିର ତୁଳନାରେ କୌଣସି ଅଧିକ ସଫଳତା ଲାଭ କରିବାରେ ଆଦୌ ସମର୍ଥ ହେଉନାହିଁ ; ଭବିଷ୍ୟତରେ ଆହୁରି ଅଧିକ ଉଜ୍ଜ୍ୱଳ କେତେକେତେ ପରିଣାମର ଭ୍ରମମୟ କେତେ ପ୍ରତିଶ୍ରୁତି ସତତ ଦେବାରେ ଲାଗିଥିଲେ ମଧ୍ୟ ତାହା ବେଶୀ କିଛି କରିବାକୁ ସମର୍ଥ ହେଉନାହିଁ । ମାତ୍ର ଯଦି ଜୀବନ ସମ୍ବନ୍ଧରେ ଆମର

'oaob.nitrkl.ac.in' images reprocessed

ସିଦ୍ଧାନ୍ତଟି ଏକ ଯଥାର୍ଥ ସିଦ୍ଧାନ୍ତ ହୋଇଥାଏ ଏବଂ ପ୍ରାଣମୟ ଶକ୍ତିମନ୍ତ୍ରର ଏହି ବିରାଟ ପିଣ୍ଡ ଯଦି ଆପଣା ଭିତରେ ବୁଦ୍ଧିର ଅତୀତ ପରମ ତତ୍ତ୍ୱଟିକୁ ମଧ୍ୟ କାରାରୁଦ୍ଧ କରି ରଖିଥାଏ, ଏବଂ ପୂର୍ଣ୍ଣ ସଙ୍ଗତର ସହିତ ଯଦି ତାହା ଏକ ସହଜାତ ପ୍ରବୃତ୍ତିଦ୍ୱାରା ପ୍ରେରିତ ହେଲାପରି ତାହାର ଆପଣାର ଯାବତୀୟ ଅନ୍ଧ ପ୍ରୟାସ ମଧ୍ୟରେ ଗୁପ୍ତ ହୋଇ ରହିଥିବା ଦିବ୍ୟ, ପରମ ତଥା ଅନନ୍ତ କୌଣସି ସମ୍ପଦ ଓ ତତ୍ତ୍ୱରେ ଯାଇ ଉପନୀତ ହେବାର ଚେଷ୍ଟା ହିଁ କରିବାରେ ଲାଗିଥାଏ, ତେବେ ବୁଦ୍ଧି-ଅବଲମ୍ବିତ ଏହି ଯାବତୀୟ ପ୍ରୟାସ କଦାପି ଯଥାର୍ଥ ଭାବରେ ସଫଳ ହୋଇପାରିବ ନାହିଁ । ଏଠାରେ ମଧ୍ୟ ବୁଦ୍ଧିକୁ ଅତିକ୍ରମ କରି ଚାଲିଯିବାକୁ ପଡ଼ିବ, ଅଥବା ବୁଦ୍ଧି ଆପଣାକୁ ଅତିକ୍ରମ କରି ଚାଲିଯିବ ଏବଂ ତାହାକୁ ସେହି ପରମ ଦିବ୍ୟତାରେ ଯାଇ ପହଞ୍ଚିପାରିବାଲାଗି ଏକ ମାର୍ଗ ହୋଇ ରହିବାକୁ ପଡ଼ିବ ।

ବୁଦ୍ଧିର ଅତୀତ ତତ୍ତ୍ୱଟି ଯେତେବେଳେ ଆମ ସତ୍ତାର କୌଣସି ଭାଗକୁ ଆପଣା ମଧ୍ୟକୁ ଗ୍ରହଣ କରିବାକୁ ଆସି ଉପସ୍ଥିତ ହୁଏ, ସେତେବେଳେ ତାହାର ପ୍ରଥମ ସଙ୍କେତ-ରୂପେ ଶୁଦ୍ଧ ନାନା ଆଦର୍ଶର ବିକାଶ ଆରମ୍ଭ ହୁଏ ; ଏବଂ ଜୀବନ ମୂଳତଃ ସେହି ପରମ ସତ୍ତା ଏବଂ ପରମ ସାମର୍ଥ୍ୟ ହୋଇଥିବାରୁ ଓ ଏକତ୍ୱ ହିଁ ସତ୍ତାର ଦିବ୍ୟ ସ୍ଥିତି ତଥା ନିତ୍ୟାଶକ୍ତିସମ୍ପନ୍ନ ପରମ ଦିବ୍ୟତା ଏହି କ୍ଷେତ୍ରର ଅଧିକାରୀ ରୂପେ ପ୍ରତିଷ୍ଠିତ ହୋଇଥିବା ପରମ ସାମର୍ଥ୍ୟରୂପୀ କେବଳ ସେହି ଭଗବାନ୍ ହିଁ ହୋଇଥିବାରୁ ଶୁଦ୍ଧ ପ୍ରାଣଗତ ଆଦର୍ଶଗୁଡ଼ିକୁ ମଧ୍ୟ ଠିକ୍ ସେହି ସ୍ୱଭାବର ହେବାକୁ ପଡ଼ିବ । ଏବଂ ସେହି ପ୍ରାଣଗତ ଆଦର୍ଶଗୁଡ଼ିକର କେଉଁଠି ହେଲେ ଅଭାବ ନାହିଁ । ଯଦି ଆମେ ମଣିଷର ଗୃହଜୀବନ ଓ ସାମାଜିକ ଜୀବନଟିର କଥା ବିଚାର କରୁ, ସେଠାରେ ମଧ୍ୟ ନାନା ଆକାରରେ ଆମେ ସେଗୁଡ଼ିକର ସୂଚନା ପାଇଥାଉ । ମାତ୍ର ତାହାର ବର୍ତ୍ତମାନ ଆକାରଗୁଡ଼ିକ ଯେତେ ଅପୂର୍ଣ୍ଣ ଏବଂ ଅସ୍ପଷ୍ଟ ହୋଇଥିଲେ ମଧ୍ୟ, ପ୍ରେମ ଆପଣାକୁ ଆବିଷ୍କାର କରିବାଲାଗି କିପରି ପ୍ରୟାସ କରୁଛି, ସେଇଟିକୁ କେବଳ ଦେଖିପାରିବାକୁ ପଡ଼ିବ ; ତାହା କିପରି ଆପଣାର ଏକ ବିଶୁଦ୍ଧ ସ୍ତରରେ ଯାଇ ପହଞ୍ଚିବାକୁ ଚାହୁଁଛି, ସେଇଟିକୁ ଦେଖିପାରିବାକୁ ହେବ । ନାରୀ ଓ ପୁରୁଷ ମଧ୍ୟରେ ରହିଥିବା ବିଶୁଦ୍ଧ ପ୍ରେମ, ଜନକ ଓ ଜନନୀର ବିଶୁଦ୍ଧ ପ୍ରେମ, ଭାଇଲାଗି ଭାଇର ବିଶୁଦ୍ଧ ପ୍ରେମ, ପୁଅର ବିଶୁଦ୍ଧ ପ୍ରେମ, ବନ୍ଧୁ ବନ୍ଧୁ ମଧ୍ୟରେ ପ୍ରେମ ଓ ସାଥୀ ବା ସହଚରମାନଙ୍କ ମଧ୍ୟରେ ପ୍ରେମ, ନିଜର ଦେଶପ୍ରତି ପ୍ରେମ ତଥା ସମଗ୍ର ମନୁଷ୍ୟଜାତି ପ୍ରତି ପ୍ରେମ,—ଏଗୁଡ଼ିକର ବିଶୁଦ୍ଧ ଅବସ୍ଥାରେ ଯାଇ ପହଞ୍ଚିବାର ପ୍ରୟାସଗୁଡ଼ିକୁ ଦେଖିପାରିବାକୁ ହେବ । କବିମାନେ ଏହିସବୁ ଆଦର୍ଶକୁ ନେଇ କେତେକେତେ ଗୀତ ଗାଇଯାଇଛନ୍ତି ; ସେଗୁଡ଼ିକୁ ଆମେ ଖାଲି ଚକ୍‌ଚକ୍ ଅତିରଞ୍ଜନ ଅଥବା ମାୟା ବୋଲି କଦାପି କହିପାରିବା ନାହିଁ । ଅବଶ୍ୟ ଏକଥା ସତ ଯେ ଆମ ଜୀବନ ବଞ୍ଚିବାର ଏହି ସହଜାତ ପ୍ରବୃତ୍ତିଦ୍ୱାରା ପ୍ରେରିତ ଓ ଅବବୌଦ୍ଧିକ ସ୍ତରଟିର

'oaob.nitrkl.ac.in' images reprocessed

କେତେ ଅହଂକାମିତା ଏବଂ ବିସମ୍ବାଦ କେବଳ ତାହାର ବିରୋଧ ହିଁ କରିବାରେ ଲାଗିଛି । ଅପୂର୍ଣ୍ଣତା ତଥା ନାନାବିଧ ବିପର୍ଯ୍ୟୟାତ୍ମକ ପ୍ରାଣିକ ସ୍ପନ୍ଦନଦ୍ୱାରା କର୍ତ୍ତିତ ହୋଇ ରହିଥିଲେ ମଧ୍ୟ ସେଗୁଡ଼ିକ ତଥାପି ଭବ୍ୟ ସମ୍ଭାବନାରୂପେ ଅବସ୍ଥିତ ରହିଛନ୍ତି ଓ ସତ୍ତା ସହିତ ସତ୍ତାର ଏକ ଆଧ୍ୟାତ୍ମିକ ଏକତ୍ୱ ମଧ୍ୟକୁ ବିକଶିତ ହୋଇଯିବାଲାଗି ସେଗୁଡ଼ିକ ଆମର ପ୍ରାଥମିକ ସାଧନରୂପେ ନିଶ୍ଚୟ କାର୍ଯ୍ୟ କରିପାରିବେ । କେତେକ ଧର୍ମଗତ ଶୃଙ୍ଖଳାରେ ଏହି ସତ୍ୟଟିକୁ ହୃଦୟଙ୍ଗମ କରାଯାଇଛି, ସେମାନେ ଏହିସବୁ ସମ୍ବନ୍ଧକୁ ସାହସିକତାର ସହିତ ଗ୍ରହଣ କରିଛନ୍ତି ଓ ପରମେଶ୍ୱରଙ୍କ ସହିତ ଆମ ଆତ୍ମାର ସମ୍ମିଳନ କ୍ଷେତ୍ରରେ ସେଗୁଡ଼ିକର ପ୍ରୟୋଗ ମଧ୍ୟ କରିଛନ୍ତି ଏବଂ ଏକ ଉଲଟ ପ୍ରକ୍ରିୟାଦ୍ୱାରା ସେଗୁଡ଼ିକୁ ସେମାନଙ୍କର ବର୍ତ୍ତମାନ ସାମାଜିକ ତଥା ଭୌତିକ ସୂତ୍ରଗୁଡ଼ିକର କ୍ଷେତ୍ରରୁ ଉତ୍ତୋଳିତ କରି ନିଆଯାଇପାରିଲେ ସେଗୁଡ଼ିକ ଆମଲାଗି ବର୍ତ୍ତମାନ ପରି କେବଳ ଅତି ଦୈନ୍ୟଗ୍ରସ୍ତ କେତୋଟି ପାର୍ଥିବ ପଦାର୍ଥ ମାତ୍ର ନ ହୋଇ ଆପଣାର ଜୀବନରେ ଆପଣାକୁ ପରିପୂର୍ଣ୍ଣ କରୁଥିବା ମନୁଷ୍ୟ ଭିତରେ ସେହି ପରମେଶ୍ୱରଙ୍କର ଗଭୀର, ସୁନ୍ଦର ଓ ବିସ୍ମୟପୂର୍ଣ୍ଣ ନାନା ଗତିସ୍ପନ୍ଦନରେ ରୂପାନ୍ତରିତ ହୋଇଯାଇ ପାରିବେ । ଜୀବନର ଅର୍ଥନୈତିକ କ୍ଷେତ୍ରରେ ଯେତେ ଯାହା ବିକାଶ ବା ଅଭିବୃଦ୍ଧି କରାଯାଉଛି, ତାହା ଲକ୍ଷ୍ୟତଃ ବାଧ୍ୟତାମୂଳକ ଦାରିଦ୍ର୍ୟର ପଶୁଜୀବନତୁଲ୍ୟ ଆବର୍ଜନା ତଥା ନୀରସତାରୁ ନିଷ୍କୃତି ପାଇବାର ଏକ ଚେଷ୍ଟା ବୋଲି ହିଁ ଦେଖାଯାଉଛି । ସେହି ବିକାଶ ମନୁଷ୍ୟକୁ ଏକ ଭବ୍ୟ ଚିନ୍ତାମୁକ୍ତତା ଏବଂ ଦେବତାମାନଙ୍କ ତୁଲ୍ୟ ଅବସର ଦେବାକୁ ହିଁ ଚେଷ୍ଟା କରୁଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏକ ଭ୍ରମପୂର୍ଣ୍ଣ ଭାବରେ ତାହା କରାଯାଉଛି, ଏବଂ ସେଥିରେ ଏକାଧିକ କୁତ୍ସିତ ପରିବେଶ ମଧ୍ୟ ଭର୍ତ୍ତି ହୋଇ ରହିଛି ; ମାତ୍ର ତଥାପି ସେହି ଅନ୍ଧାର ଭିତରେ ଆଦର୍ଶଟି ଅବଶ୍ୟ ବିଦ୍ୟମାନ ରହିଛି । ବାହାରକୁ କେବଳ ସଂଘାତ, ଶଠତା ଏବଂ ପ୍ରବଞ୍ଚନାର ତୁଚ୍ଛା ଗୋଟାଏ ଖେଳ ପରି ଦେଖା-ଯାଉଥିବା ଆମର ରାଜନୀତିକୁ ମଧ୍ୟ ବିଶୁଦ୍ଧ ନାନା ଆଦର୍ଶବାଦର ଏକ ବୃହତ୍ କ୍ଷେତ୍ରରୂପେ କେଶ୍ ପରିଣତ କରାଯାଇପାରେ । ଏବଂ ଦେଶପ୍ରେମ ଓ ଦେଶଭକ୍ତିକୁ ଆମେ କ'ଣ ବୋଲି କହିବା ? ଅନେକ ସମୟରେ କେତେ କେତେ କୁତ୍ସିତ ପ୍ରବୃତ୍ତିରୁ ଯେପରି ତାହାର ଆରମ୍ଭ ହୋଇଥାଏ ଏବଂ ଯାହାକୁ କି ତାହା ତଥାପି ସଂରକ୍ଷିତ କରି ରଖିଥାଏ, ଏଠାରେ ଆମେ ସେଗୁଡ଼ିକୁ ବିଚାର ନ କରି ଦେଶପ୍ରେମର ଉପାସନା, ଆତ୍ମତ୍ୟାଗ, ଶୃଙ୍ଖଳା ଓ ଆତ୍ମଦାନର ଦିଗଗୁଡ଼ିକରୁ ହିଁ ତାହାର ବିଚାର କରିବା । ରାଜତନ୍ତ୍ର, କୁଳୀନତନ୍ତ୍ର ଓ ଗଣତନ୍ତ୍ର ପ୍ରଭୃତି ମନୁଷ୍ୟର ମହାନ୍ ରାଜନୀତିକ ଆଦର୍ଶସବୁ ଅନେକ ସମୟରେ କେବଳ ସ୍ୱାର୍ଥପରତାର ହିଁ କଙ୍କର ହୋଇ ରହନ୍ତି ଏବଂ ଆପଣାକୁ କେବଳ କେତେଟା ବୁଦ୍ଧିପ୍ରଧାନ ତଥା ବ୍ୟାବହାରିକ ଔଚିତ୍ୟ ଦ୍ୱାରା ହିଁ ଅସ୍ତ୍ରସଜ୍ଜିତ କରି ରଖିଥାନ୍ତି ସତ, ମାତ୍ର ସେଗୁଡ଼ିକ ମଧ୍ୟରେ ସେଗୁଡ଼ିକର ମର୍ମସ୍ଥାନରୂପେ ଗୋଟିଏ ଗୋଟିଏ ଆଦର୍ଶ ହିଁ ଅଧିଷ୍ଠିତ ହୋଇ ରହିଛି, କୌଣସି ବିଶୁଦ୍ଧ ସତ୍ୟର ଏକ ଅର୍ଦ୍ଧପରିଚିତ

'oaob.nitrkl.ac.in' images reprocessed

ଅବଶ୍ୟ ବିଦ୍ୟମାନ ରହିଛି ; ସେଗୁଡ଼ିକ ସହିତ ଆନୁଷଙ୍ଗିକ ଭାବରେ ଏକ ଉପାସନାର ଆଙ୍ଗିକ ରହିଆସିଛି, ଆନୁଗତ୍ୟ ରହିଆସିଛି ଏବଂ ସେହି ଭକ୍ତିରୂପିଣୀ ମଧ୍ୟରେ ଆପଣାର ଅହଂଟିକୁ ନେଇ ସମ୍ମିଳିତ କରିଦେବାର ଏକ ପ୍ରେରଣା ମଧ୍ୟ ରହିଛି । ସେହି କାରଣରୁ ହିଁ ମନୁଷ୍ୟ ସେଗୁଡ଼ିକ ସକାଶେ କେତେକେତେ କଷ୍ଟ ସହିବାକୁ ପ୍ରସ୍ତୁତ ହୋଇଯାଇଛି, ସେଗୁଡ଼ିକ ଲାଗି ପ୍ରାଣ ଦେବାକୁ ବାହାରିପଡ଼ିଛି । ଯୁଦ୍ଧ ଓ ସଂଘାତଗୁଡ଼ିକ ମଧ୍ୟ ବୀରତ୍ୱର ଶିକ୍ଷା ଓ ପରୀକ୍ଷାସ୍ଥଳୀରୂପେ କାର୍ଯ୍ୟ କରିଆସିଛନ୍ତି, ମନୁଷ୍ୟ ଭିତରର ବୀରକୁ ସଂରକ୍ଷିତ କରିଛନ୍ତି, ସଂସ୍କୃତ ମହାକାବ୍ୟର ସେହି ଖଣ୍ଡବାକ୍ୟଟିର ସାହାଯ୍ୟ ନେଇ କହିଲେ ସେମାନେ 'ଷଜିସ୍ଥାଃ ତ୍ୟକ୍ତଜୀବିତାଃ'ମାନଙ୍କୁ ସୃଷ୍ଟି କରିଛନ୍ତି, ଅର୍ଥାତ୍ କୌଣସି ଏକ ଆଦର୍ଶଲାଗି ଆପଣାର ଦେହଗତ ଜୀବନକୁ ତ୍ୟାଗ କରି ରଖିଥିବା ସେହି ଶକ୍ତିମାନ ତଥା ସାହସୀ ମଣିଷମାନଙ୍କୁ ସୃଷ୍ଟି କରିଛନ୍ତି । କାରଣ ବୀରତ୍ୱ ନ ଥିଲେ ମନୁଷ୍ୟର ଦେବତ୍ୱ ଆଡ଼କୁ ବିକାଶ ମଧ୍ୟ କଦାପି ସମ୍ଭବ ହେବ ନାହିଁ । ସାହସ, ଶକ୍ତି ଓ ବଳ, - ଏଗୁଡ଼ିକ ହେଉଛି ସଚ୍ଚିଦ୍ ଦିବ୍ୟ ସ୍ୱଭାବର ସର୍ବପ୍ରଥମ ମୂଳ ତତ୍ତ୍ୱ । ପ୍ରତିଦ୍ୱନ୍ଦ୍ୱିତା ଏବଂ ସହଯୋଗକୁ ଆପଣାର ଦ୍ୱିବିଧ ସାମର୍ଥ୍ୟରୂପେ କାର୍ଯ୍ୟରେ ଲଗାଇ ମନୁଷ୍ୟର ଏହି ପ୍ରାଣିକ, ରାଜନୀତିକ ଓ ଅର୍ଥନୈତିକ ଯାବତୀୟ ବିରାଟ ଜୀବନ ପ୍ରାୟ ଆଖି ନ ଥିବା ଭଳି ଝୁଣ୍ଟି ଝୁଣ୍ଟି ଆଗକୁ ଯାଉଛି ସତ, ମାତ୍ର ସାମର୍ଥ୍ୟ ଓ ଏକତ୍ୱର କୌଣସି ନା କୌଣସି ଉପଲବ୍‌ଧି ଆଡ଼କୁ ହିଁ ନିଯୁକ୍ତ ଅଗ୍ରସର ହେବାରେ ଲାଗିଛି, ଅର୍ଥାତ୍ ଦୁଇଟି ଦିବ୍ୟ ଦିଗରେ ଅଗ୍ରସର ହେଉଛି । କାରଣ ଜୀବନରେ ପରମ ଦିବ୍ୟତାର ଉପଲବ୍‌ଧି କରିବାର ଅର୍ଥ ହେଉଛି ଆପଣାକୁ ଆପଣାର ବଶ କରିଥିବା ସେହି ପରମ ସାମର୍ଥ୍ୟଟିର ଉପଲବ୍‌ଧି କରିବା, ମାତ୍ର ତାହା ସହିତ ସେହି ଦିବ୍ୟ ସତ୍ତାଙ୍କର ଏହି ପୃଥିବୀଟିକୁ ମଧ୍ୟ ଆପଣାର ବଶ କରିବାର ସାମର୍ଥ୍ୟ ଅର୍ଜନ କରିବା । ଏବଂ ମନୁଷ୍ୟ ତଥା ମନୁଷ୍ୟଜାତି ମଧ୍ୟ ସେମାନଙ୍କର ଏହି ପୃଥିବୀଟିକୁ ଅର୍ଥାତ୍ ସେମାନଙ୍କର ପରିବେଶଟିକୁ ଜୟ କରିବା ଦିଗରେ ଅଗ୍ରସର ହେବାରେ ଲାଗିଛନ୍ତି । ଏବଂ କେବଳ ଏକତ୍ୱର ଉପଲବ୍‌ଧି ଦ୍ୱାରା ହିଁ ସେହି ପରମ ଦିବ୍ୟତା ଆପଣାକୁ ଏଠାରେ ପରିପୂର୍ଣ୍ଣ କରିବ ; ଏବଂ ଯେତେ ଅସ୍ପଷ୍ଟ ଏବଂ ସ୍ୱାର୍ଥପରଗ୍ରସ୍ତ ହୋଇ ରହିଥିଲେ ହେଁ ମନୁଷ୍ୟଏକତାର ସେହି ଆଦର୍ଶଟି ହିଁ ବର୍ତ୍ତମାନ କ୍ରମଶଃ ଦୃଷ୍ଟିଗୋଚର ହୋଇଆସୁଛି । ଯେତେ କ୍ଷୀଣଭାବରେ ହେଲେ ମଧ୍ୟ ପରସ୍ପର ସହିତ ପ୍ରତିଯୋଗିତାରେ ଲିପ୍ତ ହୋଇ ରହିଥିବା ଏକକ-ଜାତିମାନେ ଆପଣାକୁ ସମଗ୍ର ମନୁଷ୍ୟଜାତିର ଏକ ବୃହତ୍ତର ଓ ଏକତାବଦ୍ଧ ସହଯୋଗପ୍ରେରିତ ଜୀବନ ମଧ୍ୟରେ ନେଇ ଢାଳିଦେବାଲାଗି ସମୟ ସମୟରେ ଏକ ଆହ୍ୱାନ ମଧ୍ୟ ଅନୁଭବ କରିବାକୁ ଆରମ୍ଭ କଲେଣି ।

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଊର୍ଦ୍ଧ୍ୱଦେଶରୁ ଯେତେଯେତେ କ୍ଷୀଣ ଉଦ୍‌ଭାସିତତାର ସ୍ପର୍ଶ ଲାଭ କରୁଥିଲେ ମଧ୍ୟ ଯାବତୀୟ ବ୍ୟାପାର ବର୍ତ୍ତମାନ କେବଳ

'oaob.nitrkl.ac.in' images reprocessed

ଏକ କ୍ରମୋନ୍ନତର ସ୍ତରରେ ଅର୍ଦ୍ଧ-ବୌଦ୍ଧିକ ଏବଂ ଅର୍ଦ୍ଧ-ଅବବୌଦ୍ଧିକ ସୋପାନରେ ଗଢ଼ କରିବାରେ ଲାଗିଛି ; ବଡ଼ ଅବିନ୍ୟସ୍ତ, ଅଶୋଧିତ ଭାବରେ ଗଢ଼ କରୁଛି; ଆପଣା ବିଷୟରେ ବଡ଼ ଅଜ୍ଞାନାଚ୍ଛନ୍ନ ହୋଇ ରହିଛି ଏବଂ ଏ ପର୍ଯ୍ୟନ୍ତ ମଧ୍ୟ ତାହାର ଅଭିପ୍ରାୟ ଯଥେଷ୍ଟ ଉନ୍ମୋଚିତ ହୋଇପାରିନାହିଁ । ପ୍ରାଣଗତ ନାନା ସାମର୍ଥ୍ୟର ଅନ୍ଧ ପରସ୍ପରସଂଘାତ ଏବଂ ବୁଦ୍ଧିର ଅର୍ଦ୍ଧାଲୋକ ମଧ୍ୟରେ କାର୍ଯ୍ୟ କରୁଥିବା ଧାରଣାଗୁଡ଼ିକର ମାର୍ଗଦର୍ଶନ ଦ୍ୱାରା ସବୁ କିଛି ବଡ଼ ସ୍ଥୂଳ ଓ ଅଶୋଧିତ ଭାବରେ କାର୍ଯ୍ୟକାରୀ ହେବାରେ ଲାଗିଛି । ପ୍ରସ୍ତାବିତ ସାଧନଗୁଡ଼ିକ ମଧ୍ୟ ଏହି କ୍ଷେତ୍ରରେ ବଡ଼ ଯନ୍ତ୍ରବତ୍ ହୋଇ ରହିଛି; ଉଦ୍ଦେଶ୍ୟଗୁଡ଼ିକ ବଡ଼ ଭୌତିକ ହୋଇ ରହିଛି । କେବଳ ଅନ୍ତର୍ଗତ ବାସ୍ତବତା-ଗୁଡ଼ିକ ଉପରେ ପ୍ରତିଷ୍ଠିତ ହୋଇ ରହିପାରିଲେ ଯାଇ ଯେ ବହିର୍ଗତ ଜୀବନର ପରିଣାମ-ଗୁଡ଼ିକରେ କୌଣସି ସ୍ଥାୟିତ୍ୱ ଆସିବା ସମ୍ଭବ ହେବ, ସେଗୁଡ଼ିକ ଏହି ସତ୍ୟଟିକୁ ହରାଇ-ପକାଇଛନ୍ତି । ମାତ୍ର ଅତୀତରେ ସର୍ବକାଳରେ ଜୀବନ କେବଳ ଏହିପରି ଭାବରେ ହିଁ ଗଢ଼ କରି ଆସିଛି ଓ ଆପଣାର ପ୍ରଥମ ପର୍ଯ୍ୟାୟରେ କେବଳ ଏହିପରି ହିଁ ଗଢ଼ କରୁଥିବ । କାରଣ ଆପଣାର ପ୍ରଥମ ଚରଣରେ ଜୀବନ ଅହଂଗତ ଅଭିପ୍ରାୟଟିକୁ ହିଁ ସଂଗଠିତ ଆକାର ଦେବାର ଉଦ୍ୟମ କରିଥାଏ ଏବଂ ଅହଂ-ଅଭିବ୍ୟକ୍ତିର ସହଜାତ ପ୍ରବୃତ୍ତିଟିକୁ ସର୍ବପ୍ରଥମ ସାଧନରୂପେ ବ୍ୟବହାର କରି ହିଁ ମନୁଷ୍ୟମାନେ ପରସ୍ପରର ସଂସ୍ପର୍ଶରେ ଆସି-ପାରିଛନ୍ତି । ସବୁକିଛିକୁ ଆପଣାର ଅଧିକାରକୁ ଆଣିବାର ସଂଗ୍ରାମକୁ ହିଁ ଅଶୋଧିତ ସାଧନ କରି ପରି ସେମାନେ ପ୍ରଥମେ ପରସ୍ପର ସହିତ ମିଳିତ ହୋଇଛନ୍ତି । ଏକ ବୃହତ୍ତର ଆତ୍ମଭାବ ମଧ୍ୟକୁ ବିକଶିତ ହୋଇପାରିବାଲାଗି ପ୍ରଥମ ପଦକ୍ଷେପରୂପେ ସେମାନେ ଆପଣାର କ୍ଷୁଦ୍ରତର ଆତ୍ମଭାବଟିକୁ ବଡ଼ ବଳଦୃପ୍ତ ଭାବରେ ପ୍ରତିଷ୍ଠିତ କରି ରଖିଛନ୍ତି । ତେଣୁ ଏ ପର୍ଯ୍ୟନ୍ତ ଯାହାକିଛି ହୋଇଛି, ତାହା ଜୀବନସଂଗ୍ରାମର କେବଳ ଏକ ଅର୍ଦ୍ଧ-ବ୍ୟବସ୍ଥିତ ବିଭ୍ରମ ମଧ୍ୟରେ ସୀମାବଦ୍ଧ ହୋଇ ରହିଛି, ଏବଂ ଅନ୍ୟମାନଙ୍କ ସହିତ ଏକତ୍ର ହେବାର ଆବଶ୍ୟକତା ଏବଂ ପ୍ରବୃତ୍ତିଟି ଦ୍ୱାରା ସେଥିରେ ଯାହା କିଞ୍ଚିତ୍ ସଂଶୋଧନ ସମ୍ଭବ ହୋଇପାରିଛି । ବ୍ୟକ୍ତି ବ୍ୟକ୍ତି ସହିତ ସଂଗ୍ରାମ କରିଛି ; ବଂଶ ବଂଶ ସହିତ ସଂଗ୍ରାମ କରିଛି ; ପ୍ରଜାତି, ଦଳ, ଜାତି, ବର୍ଗର, ସଭ୍ୟତା, ସଂସ୍କୃତି, ଆଦର୍ଶ ଓ ଧର୍ମ ପରସ୍ପର ସହିତ କେବଳ ସଂଗ୍ରାମରେ ହିଁ ଲିପ୍ତ ହୋଇ ରହିଛନ୍ତି । ପ୍ରତ୍ୟେକେ କେବଳ ଆପଣାକୁ ହିଁ ପ୍ରତିଷ୍ଠିତ କରି ରଖିବାକୁ ଚାହିଁଛନ୍ତି; ପ୍ରତ୍ୟେକେ ଅନ୍ୟମାନଙ୍କ ସହିତ ସଂପର୍କରେ ଆସିବାକୁ, ସମ୍ମିଳିତ ହେବାକୁ ଓ ସଂଘର୍ଷଲିପ୍ତ ହୋଇ ରହିବାକୁ ବାଧ୍ୟ ହୋଇଛନ୍ତି । କାରଣ ପ୍ରକୃତି ବ୍ୟକ୍ତିଅହଂକୁ ସତେଅବା ଏକ ଆବରଣ ପରି ଜୀବନ ଉପରେ ଲଦିଦେଇଛି ଏବଂ ସେହି ଆବରଣଟିର ପଛରେ ରହି ଚିନ୍ମୟ ସତ୍ତାର ବ୍ୟକ୍ତିଗତ ପ୍ରକାଶ ଘଟାଇବା ଲାଗି କାର୍ଯ୍ୟ କରିବାରେ ଲାଗିଛି ସତ, ମାତ୍ର ତହିଁ ସଙ୍ଗେ ସଙ୍ଗେ ସେ ବ୍ୟକ୍ତିଅହଂକୁ ମଧ୍ୟ ତା'ର ସତ୍ତାର ବୃଦ୍ଧିସାଧନ କରିବାରେ ବାଧ୍ୟ କରୁଛି ; ବ୍ୟକ୍ତିଅହଂ ଆପଣାକୁ କ୍ରମଶଃ ଅଧିକରୁ ଅଧିକ ପ୍ରସାରିତ କରି ପରିଶେଷରେ ସେହି ବୃହତ୍ତର

'oaob.nitrkl.ac.in' images reprocessed

ଆତ୍ମାଟିର ସାକ୍ଷାତ୍‌କାର ଲାଭ କରିବା ଓ ତାହାରି ଭିତରେ ଲୀନ ହୋଇଯିବା ପର୍ଯ୍ୟନ୍ତ, ଆପଣା ସହିତ ସମତାବଦ୍ଧ ହୋଇପାରିବା, ଆପଣାର ସ୍ୱକୀୟ ଚେତନାରେ ହିଁ ବିଶ୍ୱର ଅବବୋଧ ପ୍ରାପ୍ତ ହେବା ଏବଂ ଏହି ବିଶ୍ୱସଂସାରର ଅବଶିଷ୍ଟ ସକଳଟି ସହିତ ଏକାତ୍ମତା ଅର୍ଜନ କରିବା ପର୍ଯ୍ୟନ୍ତ ଆପଣାର ବୃଦ୍ଧିସାଧନ କରିବାଲାଗି ତାହାକୁ ବାଧ୍ୟ କରୁଛି । ଏହି ଅଭିବୃଦ୍ଧିର ପ୍ରକ୍ରିୟାଟିରେ ସହାୟକ ହୋଇ ପ୍ରାଣପ୍ରକୃତି ଆପଣା ମଧ୍ୟରେ ଅହଂକୁ ପ୍ରସାରିତ କରିଦେଉଥିବା, ଅହଂର ସୀମା ଡେଇଁଯାଇ ପାରୁଥିବା ଏବଂ ଏପରିକି ଅହଂଟିକୁ ବିନଷ୍ଟ କରିଦେଇ ପାରୁଥିବା କେତେ ମୂଳପ୍ରବୃତ୍ତି ଏବଂ ଗତିସ୍ପନ୍ଦନକୁ ଆଣି ସଞ୍ଚାରିତ କରିଦେଉଛି ଯେଉଁମାନେ କି କେବଳ ଆପଣାକୁ ହିଁ ଜାରି କରି ରଖିବାକୁ ଇଚ୍ଛା କରୁଥିବା କ୍ଷୁଦ୍ରତର ପ୍ରବୃତ୍ତି ତଥା ଗତିସ୍ପନ୍ଦନ ସହିତ ଆସି ସଂଗ୍ରାମ କରୁଛନ୍ତି ଓ ସେଗୁଡ଼ିକରେ ଆବଶ୍ୟକ ସଂଶୋଧନ ମଧ୍ୟ ଆଣୁଛନ୍ତି । ଆପଣାର ମନୁଷ୍ୟରୂପୀ ଆଧାରଟି ଉପରେ ପ୍ରକୃତି ଶ୍ରଦ୍ଧା, ସହାନୁଭୂତି, ଆତ୍ମ-ପରିହାର, ଆତ୍ମ-ବିଲୟନ, ଆତ୍ମ-ଉତ୍ସର୍ଗ ଏବଂ ପରାର୍ଥପରତାର କେତେକେତେ ଆବେଗକୁ ଆଣି ଲଦିଦେଉଛି ; ମନ, ହୃଦୟ ତଥା ପ୍ରାଣର କ୍ଷେତ୍ରରେ ଏକ ବିଶ୍ୱଗତତା ଏବଂ ବିଶ୍ୱସମ୍ମିଳିତତା ଲାଗି ପ୍ରବେଗ ଦେଇଯାଉଛି ଏବଂ ଏପର୍ଯ୍ୟନ୍ତ ଆପଣାର ଯଥାର୍ଥ ଆଲୋକ ତଥା ପ୍ରେରକଶକ୍ତିଟିକୁ ସମ୍ପୂର୍ଣ୍ଣ ଭାବରେ ଆବିଷ୍କାର କରି ନ ଥିବା ଏକ ଅସ୍ପଷ୍ଟ ଏକମାନସତାର ଆଭାସ ମଧ୍ୟ ଆଣି ଦେଇଯାଉଛି । ଏହି ଅସ୍ପଷ୍ଟତାଟି ହେତୁ ଏହିସବୁ ସାମର୍ଥ୍ୟ ଆପଣାର ବିଶୁଦ୍ଧ ରୂପଟିର ପ୍ରତିଷ୍ଠା କରିପାରୁନାହାନ୍ତି, ଆପଣା କ୍ଷେତ୍ରରେ ନେତୃତ୍ୱ ଦେଇପାରୁନାହାନ୍ତି କିମ୍ବା ଅନ୍ୟମାନଙ୍କ ଉପରେ ଆପଣାର ଶକ୍ତିକୁ ମଧ୍ୟ ଖଟାଇ ପାରୁନାହାନ୍ତି, ଅହଂର ଦାବିଗୁଡ଼ିକ ସହିତ ସାଲିସ୍ କରିବାକୁ ହିଁ ବାଧ୍ୟ ହେଉଛନ୍ତି, ଏବଂ ଏପରିକି ଆପେ ମଧ୍ୟ ଗୋଟିଏ ଗୋଟିଏ ପ୍ରକାରର ଅହଂବାଦିତାରେ ପରିଣତ ହୋଇଯାଉଛନ୍ତି । ସେହି ହେତୁରୁ ସେମାନେ ଜୀବନରେ କୌଣସି ସମତା କିମ୍ବା କୌଣସି ରୂପାନ୍ତର ଆଣିବାକୁ ଏକାନ୍ତ ଅଶକ୍ତ ଓ ଅସମର୍ଥ ହୋଇ ରହୁଛନ୍ତି । ଶାନ୍ତି ବିଧାନ କରିବା ପରିବର୍ତ୍ତେ ସେମାନେ ତରବାରିକୁ ବହନ କରି ଆଣୁଛନ୍ତି ; କାରଣ ପରସ୍ପର ସହିତ ଅସମ ହୋଇ ରହିଥିବା ଯାବତୀୟ ସାମର୍ଥ୍ୟ, ପ୍ରବେଗ, ଧାରଣା ତଥା ଆବେଗ ମନୁଷ୍ୟର ବ୍ୟକ୍ତିଗତ ଚେତନା ଏବଂ ସାମୂହିକ ଜୀବନକୁ ଆପଣାର କ୍ଷେତ୍ରରୂପେ ବ୍ୟବହାର କରି ଯେଉଁସବୁ ସଂଘର୍ଷ ସୃଷ୍ଟି କରି ରହିଛନ୍ତି, ସେମାନେ ସେହିଗୁଡ଼ିକର ହିଁ ସଂଖ୍ୟା ବୃଦ୍ଧି କରୁଛନ୍ତି, ସେଗୁଡ଼ିକୁ ଅଧିକ ସଂଘାତଯୁକ୍ତ କରିପକାଉଛନ୍ତି । ଏହିସବୁ ସଂଘାତସଂକୁଳତା ମଧ୍ୟରେ ମନୁଷ୍ୟର ଆଦର୍ଶଗତ ତଥା ବ୍ୟାବହାରିକ ବୁଦ୍ଧି ଜୀବନ ଓ କର୍ମଲାଗି ଏକ ଯଥାର୍ଥ ବିଧାନ ଖୋଜି ପାଇବାକୁ କେତେ ଆୟାସ କରିବାରେ ଲାଗିଛି ; ନମନୀୟତା, ଅନୁକୂଳନ କିମ୍ବା ନିର୍ବାଚନ ଓ ବର୍ଜନର ନିୟମ ଖଟାଇ ଅଥବା ବିଶେଷ କେତୋଟି ଧାରଣା ବା ସାମର୍ଥ୍ୟକୁ ଅନ୍ୟଗୁଡ଼ିକ ଉପରେ ଅଧିକ ପ୍ରଧାନ ବୋଲି ମାନି ସବୁଗୁଡ଼ିକୁ ଏକ ସମତାବସ୍ଥା ଭିତରେ ଆଣି ପକାଇପାରିବାର ପ୍ରୟାସ କରି ତାହା

'oaob.nitrkl.ac.in' images reprocessed

ସେହି ଚେଷ୍ଟା କରିବାରେ ଲାଗିଛି; ଇତର ପ୍ରାଣୀର ପର୍ଯ୍ୟାୟରେ ସ୍ୱାଭାବିକ ନିର୍ବାଚନ ତଥା ସହଜାତ ପ୍ରବୃତ୍ତିର ସାହାଯ୍ୟ ନେଇ ବିଭିନ୍ନ ଜୀବଙ୍କର ଜୀବନକ୍ଷେତ୍ରରେ ପ୍ରକୃତି ଆପେ ଆପେ ବ୍ୟବସ୍ଥିତ ଓ ପ୍ରତିଷ୍ଠିତ ହୋଇଯାଉଥିବା ଯେଉଁ ଆକାର ଏବଂ ମାନଗୁଡ଼ିକୁ ସିଦ୍ଧ କରି ରଖିଛି, ବୁଦ୍ଧି ସଚେତନ ଭାବରେ ତାହାହିଁ କରିବାକୁ ଇଚ୍ଛା କରୁଛି । ମାତ୍ର ଏପରି କରି ତାହା ଯେଉଁ ବ୍ୟବସ୍ଥା ବା ଗଠନଟିକୁ ଗଢ଼ିବାରେ ସମର୍ଥ ହେଉଛି, ତାହା ସର୍ବଦା ବଡ଼ ଆଂଶିକ ଓ ଅସ୍ଥାୟୀ ହୋଇ ରହୁଛି, ତାହାର ମୂଳଟି ସର୍ବଦା ଟଳଟଳ ହେଲାପରି ହୋଇ ରହୁଛି । ନିମ୍ନଦେଶରୁ ଆସୁଥିବା ଏକ ଆକର୍ଷଣ ଏବଂ ଊର୍ଦ୍ଧ୍ୱଦେଶରୁ ଆସୁଥିବା ଏକ ଆକର୍ଷଣ ଏହାର କାର୍ଯ୍ୟଟିରେ ବ୍ୟାଘାତ ମଧ୍ୟ ଜନ୍ମାଉଛି । କାରଣ ଏକ ଅଧିକ ପ୍ରଶସ୍ତ ସତ୍ତା ଓ ଏକ ବୃହତ୍ତର ଆତ୍ମଭାବ ମଧ୍ୟକୁ ସମୃଦ୍ଧ ହୋଇଯାଇପାରିବା ଦିଗରେ ସହାୟକ ହୋଇ ଏହିସବୁ ଯେଉଁ ସାମର୍ଥ୍ୟଗୁଡ଼ିକୁ ପ୍ରାଣ ଉତ୍‌କ୍ଷେପଣ କରିବାରେ ଲାଗିଛି, ସେଗୁଡ଼ିକ ପୂର୍ବରୁ ହିଁ ବୁଦ୍ଧିର ଅଜ୍ଞାତ ଏକ ତତ୍ତ୍ୱର ପ୍ରତିଫଳନ କରିଦେଉଛି, ସେହି ଆଧ୍ୟାତ୍ମିକ ତଥା ବିଶୁଦ୍ଧ ପରମ ସ୍ତରଟିର ହିଁ ପ୍ରତିଫଳନ କରୁଛି । ମନୁଷ୍ୟର ଜୀବନ ଉପରେ ସତତ ଏକ ପରମ ଅନନ୍ତର ଛାପ ପଡ଼ିବାରେ ଲାଗିଛି, ଯାହାକି ମନୁଷ୍ୟକୁ କୌଣସି ଗୋଟିଏ ଆକୃତିରେ ଆବଶ୍ୟକରୁ ଅଧିକ କାଳଲାଗି କଦାପି ଅଟକି ରହିବାକୁ ଦେବ ନାହିଁ । ଯେଉଁ ସମ୍ପଦଟିର ଉପଲବ୍ଧି ଦ୍ୱାରା ମନୁଷ୍ୟ ଆପଣାର ସୀମାଗୁଡ଼ିକୁ ପାରି ହୋଇ ଚାଲିଯାଇପାରିବ ଓ ଆପଣାକୁ ପରିପୂର୍ଣ୍ଣ କରିପାରିବ, ଆପଣା ମଧ୍ୟରୁ ଅନ୍ତତଃ ସେହି ସମ୍ପଦଟିର ଆବିର୍ଭାବ ଘଟାଇପାରିବା ପର୍ଯ୍ୟନ୍ତ ତାହା ମଣିଷକୁ କଦାପି କୌଣସି ଗୋଟିଏ ସ୍ଥିତି ବା ପରିଣତିରେ ଦୀର୍ଘକାଳ ବିଶ୍ରାନ୍ତି ଲାଭ କରିବାକୁ ଦେବ ନାହିଁ ।

ଆତ୍ମପରିଚୟଲାଭର ଏକ ପ୍ରଥମସ୍ତରୀୟ ଅତି ଅସ୍ପଷ୍ଟ ଓ ସଂଶୟାଚ୍ଛନ୍ନ ପ୍ରୟାସର ଏକ ପ୍ରକ୍ରିୟା ଦେଇ ଯେ ଜୀବନକୁ ଅଗ୍ରସର ହେବାକୁ ପଡ଼ୁଛି, ଏଇଟି ତା'ର ଆରମ୍ଭକାଳୀନ ସ୍ୱଭାବଟିର ହିଁ ପରିଣାମ । କାରଣ ବିଷୟଗୁଡ଼ିକର ଆଧ୍ୟାତ୍ମସତ୍ୟ ଯେତେବେଳେ ଆପଣାର ଠିକ୍ ବିପରୀତ ବୋଲି ପ୍ରତୀତ ହେଉଥିବା ଏକ ତତ୍ତ୍ୱମଧ୍ୟରେ ଆପଣାକୁ ସମ୍ବୃତ କରି ରଖିବାକୁ ବାହାରିଲା, ସେଇଥିରୁ ହିଁ ଜୀବନର ସୃଷ୍ଟି ହେଲା । ଆଧ୍ୟାତ୍ମିକ ଅନୁଭୂତିରୁ ଆମେ ସେହି ପରମସତ୍ୟଟି ଅବଶ୍ୟ ଅବସ୍ଥିତ ରହିଛି ବୋଲି ଜାଣୁଛୁ, ଯାହାକି ବିଶ୍ୱଗତ ସକଳାତ୍ମା ତଥା ସକଳ-ଚିନ୍ମୟତାରୂପେ ଯାବତୀୟ ବିଷୟର ଅବଲମ୍ବନ ହୋଇ ରହିଛି ଓ ଯାବତୀୟ ବିଷୟରେ ବ୍ୟାପ୍ତ ହୋଇ ରହିଛି । ଏଠାରେ ତାହାର ଏହି ପାର୍ଥିବ ଶରୀର ପର୍ଯ୍ୟାୟଟିରେ ମଧ୍ୟ ମନୁଷ୍ୟବ୍ୟକ୍ତି ତାହାକୁ ଆପଣାର ଆତ୍ମା ତଥା ଆପଣାର ହିଁ ଚିନ୍ମୟତାରୂପେ ଆବିଷ୍କାର କରିବାକୁ ଅବଶ୍ୟ ସମର୍ଥ ହେବ ; ଆପଣାର ସର୍ବୋଚ୍ଚ ସତ୍ତାଗତ ସ୍ତରରେ ଓ ମର୍ମୋପାଦାନରେ ସେ ଯେ ଏକ ଅନନ୍ତ ତଥା ଶାଶ୍ୱତ ପରମ ସତ୍, ଚିତ୍ ଏବଂ ଆନନ୍ଦ ବ୍ୟତୀତ ଆଉ କିଛି ନୁହେଁ, ସେ ଏକଥା ମଧ୍ୟ ଆବିଷ୍କାର କରିପାରିବ । ମାତ୍ର ଏହି ଭୌତିକ ଜଗତର ଉତ୍ପତ୍ତି ଓ ଆରମ୍ଭ ସ୍ଥଳରେ ତାହାର ଠିକ୍ ବିପରୀତ ତତ୍ତ୍ୱଟିକୁ ହିଁ ଆମେ ଦେଖୁଥିଲୁ ପରି ପ୍ରତୀତ

'oaob.nitrkl.ac.in' images reprocessed

ହୁଏ ; ତାହା ସତେଅବା କେବଳ ଶୂନ୍ୟର ହିଁ ଏକ ଆଭରଣ ପିନ୍ଧି ରହିଥିଲାପରି ଦେଖାଯାଏ, ଏକ ଅନନ୍ତ ପରମ ଅସତ୍, ଏକ ଅନିର୍ଦ୍ଦେଶ୍ୟ ନିଶ୍ଚେତନ ଓ ଏକ ବୋଧଶକ୍ତିଶୂନ୍ୟ ଏବଂ ଆନନ୍ଦରହିତ ଶୂନ୍ୟରାଶି ପରି ହିଁ ଦେଖାଯାଏ, ଯାହାଭିତରୁ କି ଏପର୍ଯ୍ୟନ୍ତ କିଛିହେଲେ ନିଷ୍ପନ୍ନ ମଧ୍ୟ ହୋଇନାହିଁ । ଯେତେବେଳେ ଏହା ଗତିଶୀଳ ହେବାକୁ ଆରମ୍ଭ କରୁଛି, ସୃଷ୍ଟି କରୁଛି ଓ ବିବର୍ତ୍ତିତ ହେଉଛି, ସେତେବେଳେ ଏହା ଏପରି ଏକ ଅଚେତନ ଶକ୍ତିମନ୍ତ୍ରର ଆକାର ଧାରଣ କରୁଛି ଯାହାକି କେବଳ ନାନା ଅତିକ୍ଷୁଦ୍ର ଖଣ୍ଡାକାରରେ ସେହି ଶୂନ୍ୟଭିତରୁ ଅସ୍ତିତ୍ୱକୁ ଆଣି ବାଢ଼ିଦେବାରେ ଲାଗିଛି ; ପ୍ରଥମେ ଅତ୍ୟଣୁ, ତା'ପରେ ଅଣୁ, ତା'ପରେ କୋଷାଣୁର ସୃଷ୍ଟି କରୁଛି ଏବଂ ଏହି ଖଣ୍ଡିତତା ଭିତରୁ ଆପଣା ଅନନ୍ତତାର ଶୂନ୍ୟଭିତରେ ଏକ ଆକାରଯୁକ୍ତ ମୂର୍ତ୍ତି ଖଣ୍ଡିକୁ ଗଢ଼ି ଥୋଇଦେଉଛି । ହୁଏତ ଅତ୍ୟଣୁଠାରୁ ଆହୁରି କ୍ଷୁଦ୍ର ଓ ସୂକ୍ଷ୍ମ ଏକକ ମଧ୍ୟ ଏହି କ୍ଷେତ୍ରରେ ଆମର ଅବଧାରଣାର ଅଜ୍ଞାତ ହୋଇ ରହିଛି, ଯାହାର କି ଏବେସୁଦ୍ଧା ଆବିଷ୍କାର ହୋଇନାହିଁ ଅଥବା କେବେ ଆବିଷ୍କୃତ ହୋଇପାରିବ ବୋଲି କ୍ୱଚିତ୍ ସମ୍ଭାବନା ରହିଥିବା ପରି ଲାଗୁଛି । ମାତ୍ର ତଥାପି ଆମେ ସ୍ପଷ୍ଟଭାବରେ ଦେଖିବାକୁ ପାଉଛୁ ଯେ ଏହି ଚେତନାହୀନ ଶକ୍ତିମନ୍ତ୍ର ଆପଣାର ପ୍ରତ୍ୟେକ ପଦକ୍ଷେପରେ କେବଳ ଏକ ସୁଦୂରବ୍ୟାପ୍ତ ଓ ଅତିସୂକ୍ଷ୍ମ ପରମ ବୁଦ୍ଧିର ହିଁ କାର୍ଯ୍ୟଗୁଡ଼ିକୁ କରିବାରେ ଲାଗିଛି, ଜଡ଼ତତ୍ତ୍ୱର ନିର୍ବୋଧ ଓ ବସ୍ତୁସୃଷ୍ଟିକୁ ପ୍ରସ୍ତୁତ କରିବାକୁ, ବ୍ୟବସ୍ଥିତ କରିବାକୁ ଓ କାର୍ଯ୍ୟକାରୀ କରାଇବାକୁ ସମ୍ଭବ ହେଉଥିବା ଯାବତୀୟ ପ୍ରୟୋଗ ତଥା କୌଶଳର ପରିସ୍ଥାପନ ଓ ସଂଯୋଜନ କରିବାରେ ଲାଗିଛି, ସେହି ଜଡ଼ ମଧ୍ୟରେ ଏକ ପ୍ରାଣ ଓ ଏକ ଚିନ୍ମୟତାର ଜାଗୃତି ଲାଗି କ୍ଷେତ୍ର ପ୍ରସ୍ତୁତ କରୁଛି । ଶୂନ୍ୟରୁ ହିଁ ଜୀବନ ବା ଅସ୍ତିତ୍ୱର ଉନ୍ମେଷ ହେଉଛି, ପରମ ନିଶ୍ଚେତନ ମଧ୍ୟରୁ ଚେତନାର ଉନ୍ମେଷ ତଥା ଅଭିବୃଦ୍ଧି ଘଟୁଛି ଏବଂ ଏକ ବୋଧଶକ୍ତିହୀନ ଶୂନ୍ୟଭୂମିରୁ ତର୍ପଣ, ସୁଖ, ଆନନ୍ଦ, ଦିବ୍ୟାନନ୍ଦ ତଥା ପରମାନନ୍ଦ ଆଡ଼କୁ ଅତି ଅବୋଧଭାବରେ ଏକ ଊର୍ଦ୍ଧ୍ୱମୁଖୀ ଆବେଗ ଜନ୍ମଲାଭ କରୁଛି । ଯାହାକୁ ଆମେ ପରମ ନିଶ୍ଚେତନ ବୋଲି ଭାବୁଛୁ, ତାହା ହେଉଛି, କେବଳ ଗୋଟିଏ ମୁଖା ପରି, କେବଳ ଏକ ଆଭରଣ ମାତ୍ର ଓ ତାହା ମଧ୍ୟରେ ଉପନିପତ-ବର୍ତ୍ତିତ ସେହି "ଅଚେତନ ମଧ୍ୟରେ ରହିଥିବା ଚେତନ" ହିଁ ନିହିତ ହୋଇ ଯେ ରହିଛନ୍ତି, ଏହିସବୁ ବ୍ୟାପାର ଓ ବିଷୟ ପୂର୍ବରୁ ହିଁ ଆମ ଆଗରେ ସେହି ସତ୍ୟଟିକୁ ଉଦ୍‌ଘାଟିତ କରିଦେଉଛନ୍ତି ଏବଂ ଆପଣାର ଶରୀର ମଧ୍ୟରେ ପ୍ରବେଶ କରି ଯଥାର୍ଥ ସମ୍ବିତ୍ ଲାଭ କରିବାଦ୍ୱାରା ହିଁ ଆମେ ସେହି ସତ୍ୟଟିର ଆବିଷ୍କାର କରିପାରୁଛୁ । ବେଦରେ କୁହାଯାଇଛି ଯେ ସର୍ବପ୍ରଥମେ କେବଳ ନିଶ୍ଚେତନାର ଏକ ମହାସମୁଦ୍ର ହିଁ ବ୍ୟାପ୍ତ ହୋଇ ରହିଥିଲା ଏବଂ ତାହାର ମଧ୍ୟରୁ ଆପଣା ମହିମା ଦ୍ୱାରା ପ୍ରେରିତ ହୋଇ ସେହି ପରମ ଏକଙ୍କର ଆବିର୍ଭାବ ଘଟିଲା ; ଆପଣାକୁ ପ୍ରକଟ କରିବାଲାଗି ତାଙ୍କର ଯେଉଁ ଶକ୍ତିମନ୍ତ୍ର ରହିଛି, ତାହାରି ବଳରେ ହିଁ ତାଙ୍କର ଆବିର୍ଭାବ ହେଲା ।

'oaob.nitrkl.ac.in' images reprocessed

ପରମ ନିଶ୍ଚେତନାକୁ ଯଦି ଏକ ମୁଖା ବା ବହିରାବରଣ ବୋଲି କୁହାଯାଏ, ତେବେ ତାହାକୁ ଆମେ ସେହି ପରମ ଚିଦ୍‌ଗତତାର ହିଁ ଏକ କାର୍ଯ୍ୟସାଧକ ବହିରାବରଣ ବୋଲି ଜାଣିବା । ବିବର୍ତ୍ତିମାନ ପ୍ରାଣ ଏବଂ ଆତ୍ମା ଉପରେ ତାହା ଏକ ଆୟାସସାଧ୍ୟ ଉନ୍ମେଷଣର ବିଧାନଟିକୁ ଆଣି ଲଦିଦିଏ । ଠିକ୍ ଜଡ଼ ପରି ପ୍ରାଣ ଓ ଚେତନା ମଧ୍ୟ ଆପଣାର ପ୍ରଥମ ଆବିର୍ଭାବ କାଳରେ ଖଣ୍ଡିତତାର ନିୟମଟିକୁ ପାଳନ କରୁଥାନ୍ତି । ପ୍ରାଣ ଆପଣାକୁ ଜଡ଼ର କ୍ଷେତ୍ରରେ ଜୀବୋପାଦାନ ଅର୍ଥାତ୍ ଜୀବକୋଷଟି ଚାରିପାଖରେ ସଂଗଠିତ କରେ, ଏବଂ ମନୋଗତ ସ୍ତରରେ କ୍ଷୁଦ୍ର ବିଭେଦଧର୍ମୀ ଓ ନାନାଭାବେ ଖଣ୍ଡିତ ଅହଂଟିକୁ କେନ୍ଦ୍ର କରି ହିଁ ଆପଣାକୁ ସଂଗଠିତ କରିଥାଏ । ସ୍ୱୟଂ ଚେତନାକୁ ମଧ୍ୟ ଆପଣାର କ୍ଷୁଦ୍ର ପ୍ରାରମ୍ଭଗୁଡ଼ିକୁ ଏକ ଅତିହୀନ ଉପରିଭାଗୀୟ ଗଠନ ଭିତରେ କେନ୍ଦ୍ରିତ କରି ରଖିବାକୁ ପଡ଼େ ଏବଂ ଆପଣା ସତ୍ତାର ଗଭୀରତା ତଥା ଅନନ୍ତସ୍ୱାନତାଗୁଡ଼ିକୁ ଏହି ସୀମାବଦ୍ଧ ଉପରିଭାଗୀୟ ଅସ୍ତିତ୍ୱଟିର ଆବରଣଟି ପଛରେ ଲୁଚାଇ ରଖିବାକୁ ପଡ଼େ । ଯାହାକୁ ଆମେ ଆମର ସମଗ୍ର ପରିଚୟ ବୋଲି ଭ୍ରମ କରିଥାଉ, ଆମର ସେହି ନଗଣ୍ୟ ବାହ୍ୟ ରୂପଟି ଏବଂ ଆମ ଭିତରେ ରହିଥିବା ସେହି ପ୍ରଚ୍ଛନ୍ନ ଆତ୍ମାଟି ମଧ୍ୟରେ ଯେଉଁ ବହଳ ପରଦାଟି ରହିଛି, ସେଇଟିକୁ ଭାଙ୍ଗିଦେବାଲାଗି ପ୍ରସ୍ତୁତ ହୋଇଯିବା ପର୍ଯ୍ୟନ୍ତ ଏହାକୁ ଅତି ଧୀର ଭାବରେ ଏକ ବାହ୍ୟ ପୂର୍ବବଦ୍ଧତା ଅନୁସାରେ ହିଁ ବିକାଶଲାଭ କରିବାକୁ ପଡ଼େ । ଏପରିକି ଆଧ୍ୟାତ୍ମିକ ସତ୍ତାଟି ମଧ୍ୟ ସତେଅବା ଖଣ୍ଡିତତାର ସେହି ନିୟମଟିକୁ ପାଳନ କରୁଥିବା ପରି ବୋଧ ହୁଏ ଏବଂ ସମଗ୍ର ଅସ୍ତିତ୍ୱ ମଧ୍ୟରେ ସତେ ଅବା ଗୋଟିଏ ଏକକରୂପେ ଆପଣାର ଗୋଟିଏ ଈଶ୍ୱର କଣାକୁ ଆଣି ଅଭିବ୍ୟକ୍ତ କରିଦିଏ, ଯାହାକି କ୍ରମବିବର୍ତ୍ତିତ ହୋଇ ଏକ ବ୍ୟକ୍ତିଆତ୍ମାରେ ପରିଣତ ହୁଏ । ଏହି କ୍ଷୁଦ୍ରାକାର ଅହଂଟି ଉପରେ, ଏହି ଖଣ୍ଡିତ ଚେତନାଟି ଉପରେ ଏବଂ ଆତ୍ମାର ଏହି ପ୍ରଚ୍ଛନ୍ନ ଅଗ୍ନିକଣାଟି ଉପରେ ହିଁ ବିଶ୍ୱର ନାନା ସାମର୍ଥ୍ୟର ସମ୍ମୁଖୀନ ହେବା ଏବଂ ସେଗୁଡ଼ିକ ସହିତ ସଂଘାତରେ ଆସିବାର କାର୍ଯ୍ୟଟି ନ୍ୟସ୍ତ ହୋଇ ରହିଥାଏ, ଆପଣାଠାରୁ ବହିର୍ଗତ ଭାବରେ ଅବସ୍ଥିତ ରହିଥିବା ପରି ମନେହେଉଥିବା ଯାବତୀୟ ସକଳ କିଛି ସହିତ ସମ୍ପର୍କବଦ୍ଧ ହେବାର କାର୍ଯ୍ୟଟି ନ୍ୟସ୍ତ ହୋଇ ରହିଥାଏ ; ଅନ୍ତର୍ଗତ ତଥା ବହିର୍ଗତ ପ୍ରକୃତିର ରୂପଟି ଦ୍ୱାରା ତାହା ବୃଦ୍ଧିପ୍ରାପ୍ତ ହେବାରେ ଲାଗିଥାଏ ଏବଂ ଶେଷରେ ସମଗ୍ର ଅସ୍ତିତ୍ୱଟି ସହିତ ଏକାତ୍ମକତା ଅର୍ଜନ କରିବାକୁ ସମର୍ଥ ହେବା ପର୍ଯ୍ୟନ୍ତ ବୃଦ୍ଧିପ୍ରାପ୍ତ ହେଉଥାଏ । ଏହାକୁ ଆତ୍ମଜ୍ଞାନ ତଥା ବିଶ୍ୱଜ୍ଞାନ ମଧ୍ୟକୁ ବିକଶିତ ହେବାକୁ ପଡ଼େ, ଆପଣା ମଧ୍ୟରେ ପ୍ରବେଶ କରିବାକୁ ପଡ଼େ ଏବଂ ଆପଣାକୁ ଏକ ଆଧ୍ୟାତ୍ମିକ ସତ୍ତା ବୋଲି ଆବିଷ୍କାର କରିବାକୁ ପଡ଼େ, ଆପଣାର ବାହାରକୁ ଯିବାକୁ ପଡ଼େ ଏବଂ ଆପଣାର ବୃହତ୍ତର ସତ୍ୟଟିକୁ ସେହି ବିଶ୍ୱମୟ ପରମବ୍ୟକ୍ତି ବୋଲି ଆବିଷ୍କାର କରିବାକୁ ପଡ଼େ ; ଆପଣାର ଯାବତୀୟ ସୀମାକୁ ପାର ହୋଇ ଚାଲିଯିବାକୁ ପଡ଼େ, ଏବଂ କୌଣସି ସର୍ବୋଚ୍ଚ ପରମସତ୍ତା, ପରମ ଚେତନା ତଥା ପରମ ଆନନ୍ଦକୁ ଜାଣି ତାହାରି ମଧ୍ୟରେ ଜୀବନ

'oaob.nitrkl.ac.in' images reprocessed

ବନ୍ଧିବାକୁ ପଡ଼େ । ଏହି ବିରାଟ କାର୍ଯ୍ୟଟିର ସମ୍ପାଦନ କରିବା ସକାଶେ ତା' ପାଖରେ ସାଧନରୂପେ କେବଳ ତାହାର ସେହି ମୂଳଭୂତ ଅଜ୍ଞାନ ହିଁ ମହଜୁଦ ହୋଇ ରହିଥାଏ । ତାହାର ସୀମାବଦ୍ଧ ସତ୍ତ୍ୱହିଁ ତାହାର ସକଳ ପ୍ରମାଦ, ବିସମ୍ବାଦ, ସଂଗ୍ରାମ ତଥା ବିଭାଜନର କାରଣ ହୋଇ ଠିଆହୁଏ ଓ ଏଗୁଡ଼ିକଦ୍ୱାରା ତା'ର ଜୀବନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଏ । ତା'ର ଚେତନାଗତ ସୀମାବଦ୍ଧତା ବିଶ୍ୱମୟ ଶକ୍ତିସମଷ୍ଟି ସହିତ ତାହାର ସଂସ୍ପର୍ଶଗୁଡ଼ିକୁ ଆପଣାର ଅକ୍ତିଆରରେ ରଖିପାରେ ନାହିଁ କିମ୍ବା ସେଗୁଡ଼ିକୁ ଆପଣା ମଧ୍ୟରେ ଗ୍ରହଣ କରି ନେଇପାରେ ନାହିଁ ଏବଂ ତାହାହିଁ ତା'ର ସକଳ କଷ୍ଟ, ଯନ୍ତ୍ରଣା ଓ ଦୁଃଖର କାରଣ ହୋଇ ଠିଆହୁଏ । ଏକ ଅଜ୍ଞାନଗ୍ରସ୍ତ ଇଚ୍ଛାର ସୂତ୍ରରେ ବାନ୍ଧିହୋଇ ରହିଥିବା ଏହାର ଚେତନାର ସୀମାବଦ୍ଧ ସାମର୍ଥ୍ୟ ଆପଣା ଜୀବନ ତଥା କର୍ମର ଯଥାର୍ଥ ବିଧାନଟିକୁ ବୁଝିବାଲାଗି ଅଥବା ତାହାର ଅନୁସରଣ କରିବାଲାଗି ଆଦୌ ସମର୍ଥ ହୁଏ ନାହିଁ ଏବଂ ତାହାହିଁ ତା'ର ଯାବତୀୟ ଭୁଲ, ଅକାର୍ଯ୍ୟ ତଥା ଅନର୍ଥର କାରଣ ହୁଏ । ଏହାକୁ ଛାଡ଼ିଦେଲେ ଯଥାର୍ଥ କାରଣ ଆଉ କିଛି ନ ଥାଏ ; କାରଣ ବାହାରକୁ କାରଣ ବୋଲି ପ୍ରତୀତ ହେଉଥିବା ସବୁକିଛି ସତ୍ତ୍ୱର କେବଳ ଏହି ସର୍ବମୂଳ ପ୍ରମାଦଗ୍ରସ୍ତତାର ହିଁ ପରିବେଶ ଏବଂ ପରିଣାମ ହୋଇ ରହିଥାଏ । କେବଳ ଏହି ସୀମାବଦ୍ଧ ଓ ବିଭେଦମୂଳ ଚେତନାଟିର ବେଢ଼ ଭିତରୁ ଉପରକୁ ଉଠି ଆପଣାକୁ ପରିମୁକ୍ତ ଚିଦ୍‌ଗତତାର ଏକତ୍ୱ ମଧ୍ୟକୁ ପ୍ରସାରିତ କରିଦେଇପାରିଲେ ଯାଇ ତାହା ପରମ ନିଶ୍ଚେତନାରୁ ବିକଶିତ ହୋଇଥିବା ଜଗତ ଏହିସବୁ ପରିମାଣ ମଧ୍ୟରୁ ନିଷ୍କୃତି ଲାଭ କରିବାକୁ ସମର୍ଥ ହୁଏ ।

ଜୀବନ ପଛରେ ଅଧିଷ୍ଠିତ ଏହି ସତ୍ୟଟିକୁ ଦେଖିବାକୁ ସମର୍ଥ ହେଲେ, ଏହାକୁ ଯେ କାହିଁକି ବର୍ତ୍ତମାନର ଅଜ୍ଞାନାଚ୍ଛନ୍ନ ଆତ୍ମରୂପାୟନର ବକ୍ରରେଖାଟିକୁ ଅନୁସରଣ କରି ଅଗ୍ରସର ହେବାକୁ ପଡ଼ିଲା, ଆମେ ସେକଥାଟିକୁ ତତ୍‌କ୍ଷଣାତ୍ ହୃଦୟଙ୍ଗମ କରି-ପାରିବା । ମାତ୍ର, ଏହିସବୁ ପଥ ଦେଇ ସେ ପ୍ରକୃତରେ କ'ଣ ଖୋଜୁଛି, କାହାକୁ ବୁଝିବାକୁ ଏବଂ ରୂପ ଦେବାକୁ ଚେଷ୍ଟା କରୁଛି, ଆପଣାର ଉଚ୍ଚତର ଆବେଗ ତଥା ଗଭୀରତମ ଅଭିପ୍ରାୟଗୁଡ଼ିକୁ ଅନୁଭବ କରିବାଲାଗି କାହିଁକି ଅଗ୍ରସର ହେବାରେ ଲାଗିଛି ଏବଂ ଆପଣାକୁ ଆବିଷ୍କାର କରିବାର ତଥା ଆପଣାର ନିମ୍ନତର ଆତ୍ମକ୍ଷେତ୍ରଟିକୁ ଆପଣାର ବଶକୁ ଆଣି, ସେଠାରେ ଏକ ଏକତ୍ୱ ସ୍ଥାପନ କରି ତାହାର କବଳରୁ ମୁକ୍ତିଲାଭ କରିବାର ଓ ଆଧ୍ୟାତ୍ମିକ ସ୍ୱାଧୀନତା ଲାଭ କରିବାର ଏହିସବୁ ଆକାଙ୍‌କ୍ଷା ଓ ଆକୂତି ତାହାମଧ୍ୟରେ କାହିଁକି କାର୍ଯ୍ୟ କରୁଛି, ଆମେ ସେକଥାଟିକୁ ମଧ୍ୟ ଦେଖିବାକୁ ପାଇବା । କାରଣ ଏହି ଜୀବନ ଯଦି ପ୍ରକୃତରେ କେବଳ ଚେତନାହୀନ ପ୍ରକୃତିର ଏକ ପ୍ରାଣୀସ୍ତରୀୟ ଉତ୍ପାଦିତ ସାମଗ୍ରୀ ହିଁ ହୋଇଥାଏ, ତେବେ ଏସବୁ ଆକାଙ୍‌କ୍ଷାକୁ ଖାଲି ଅନାବଶ୍ୟକ ବୋଲି ବୁଝାଯିବ, ବ୍ୟାଘାତକାରୀ ଏବଂ ଭୁଆଁ ବୁଲାଉଥିବା ଏକ ଅବାସ୍ତବତା ବୋଲି ବୁଝାଯିବ । ପ୍ରଥମେ ଜଡ଼ ତଥା ଉଦ୍‌ଭିଦର ସ୍ତରରେ ଥିବା ଆପଣାର ସଂବୃତ ଅବସ୍ଥାଟିରୁ

'oaob.nitrkl.ac.in' images reprocessed

କ୍ରମବିବର୍ତ୍ତିତ ହୋଇ, ତା'ପରେ ଇତରପ୍ରାଣୀର ସ୍ତରରେ ଏକ ପ୍ରଥମକାଳୀନ ଏବଂ ଅତି ଅପୂର୍ଣ୍ଣ ଭାବରେ ସଂଗଠିତ ଚେତନାକୁ ସମ୍ଭବ କରାଇ ତା'ପରେ ଯାଇ ତାହା ମନୁଷ୍ୟର ସୋପାନରେ ଆସି ପହଞ୍ଚେ, ଏକ ମନୋମୟ ସତ୍ତା ପାଖରେ ପହଞ୍ଚେ ଅର୍ଥାତ୍ ଏପରି ଏକ ନୂତନ ଓ ଚେତନାଶୀଳ ବିବର୍ତ୍ତନର ସମ୍ଭାବନାରେ ଆସି ଉପନୀତ ହୁଏ, ଯାହାକି ତାକୁ ତା'ର ଲକ୍ଷ୍ୟସ୍ଥଳରେ ଆଣି ପହଞ୍ଚାଇଦେଇପାରିବ । ଏବଂ ମନୁଷ୍ୟ-ବିକାଶର ଏକ ନିର୍ଦ୍ଦିଷ୍ଟ ସ୍ତରରେ ତାହା ମନୁଷ୍ୟ ଭିତରେ ମନୋଗତ ସ୍ତରଟିକୁ ଅତିକ୍ରମ କରି ଆଧ୍ୟାତ୍ମିକ ସତ୍ତା ମଧ୍ୟରେ ଯାଇ ପ୍ରବେଶ କରିବାର ଅତି ପ୍ରବଳ ଆକାଙ୍‌କ୍ଷାଟିକୁ ମଧ୍ୟ ଜାଗ୍ରତ କରିଦିଏ । ସହଜାତ ପ୍ରବୃତ୍ତି ତଥା ବାସନାର ସେହି ପ୍ରଥମସ୍ତରୀୟ ଅବବୌଦ୍ଧିକ ପ୍ରେରକଶକ୍ତିଗୁଡ଼ିକୁ ଅନୁସରଣ କରି ଜୀବନ କଦାପି ତାହାର ସଂଗୁପ୍ତ ପରମ ଲକ୍ଷ୍ୟଗୁଡ଼ିକରେ ଯାଇ ଉପନୀତ ହୋଇପାରିବ ନାହିଁ । କାରଣ ଏହି ସ୍ତରରେ ଖାଲି ଅନ୍ଧ ପରି ହାତ ବୁଲାଇବା ଚାଲିଥିବ, ଖାଲି ଖୋଜିବା ହିଁ ଚାଲିଥିବ, ମାତ୍ର ଦେଖିବା ବା ଆବିଷ୍କାର କରିବା କଦାପି ସମ୍ଭବ ହେବ ନାହିଁ । ଏହି ସ୍ତରରେ କେବଳ ସାମୟିକ ତୃପ୍ତି ହିଁ ମିଳିବ, ଏବଂ ସେହିସବୁ ତୃପ୍ତି ଉପରେ ସର୍ବଦା ସେହି ନିଶ୍ଚେତନାଗତ ଅସମ୍ପୂର୍ଣ୍ଣତା ଏବଂ ଅସ୍ଥାୟିତାର ମୋହର ମରାହୋଇ ରହିଥିବ । ମାତ୍ର ଜୀବନ ପ୍ରକୃତରେ ଯାହାର ଅନ୍ୱେଷଣ କରୁଛି, ମନୁଷ୍ୟର ବୁଦ୍ଧି ମଧ୍ୟ ତାହାକୁ ସେଇଟିକୁ ଦେଇପାରିବ ନାହିଁ; କାରଣ ବୁଦ୍ଧିର ଯାବତୀୟ ସମର୍ଥତା କେବଳ କେତେଟା ଅର୍ଦ୍ଧ-ଆଲୋକର ହିଁ ପ୍ରତିଷ୍ଠା କରିପାରିବ, ଅସ୍ଥାୟୀଭାବରେ ହୁଏତ ଗୋଟାଏ ବ୍ୟବସ୍ଥା ବି ବାନ୍ଧି ରଖିଦେଇ ପାରିବ । ତେଣୁ ମନୁଷ୍ୟ ମୂଳତଃ ଯେଉଁ ଆକୂତିଟି ସହିତ ଜନ୍ମଲାଭ କରିଛି, ତା'ର ଜୀବନସ୍ଥ ସେହି ଊର୍ଦ୍ଧ୍ୱାକାଂକ୍ଷୀ ବାସନାଟି କଦାପି ସର୍ବଦା ପରିତୃପ୍ତ ହୋଇ ରହିଯିବ ନାହିଁ; ବର୍ତ୍ତମାନର ଏହି ମଧ୍ୟବର୍ତ୍ତୀ ଅବସ୍ଥାଟିରେ ଅର୍ଥାତ୍ ଅର୍ଦ୍ଧସିଦ୍ଧିର ଏହି ସୋପାନଟିରେ ଜୀବନର ବିବର୍ତ୍ତନଗତ ଆବେଗଟି କଦାପି ଅଟକି ଯିବନାହିଁ । ଚେତନାର ଏକ ଉଚ୍ଚତର ସୋପାନରେ ଯାଇ ପହଞ୍ଚିବାଲାଗି ତାହା ଅବଶ୍ୟ ସ୍ପର୍ଦ୍ଧା ରଖିବ; ଏହି ପ୍ରାଣ ଏବଂ ମନର ସ୍ତରରେ ଯାହା ଏବେ ମଧ୍ୟ ଅନ୍ତର୍ନିହିତ ଏବଂ ଅପରିଣତ ଅବସ୍ଥାରେ ରହିଛି, ଜୀବନ ତାହାକୁ ସେଠାରୁ ମୁକ୍ତ କରି ବାହାରକୁ ନେଇଆସିବ ।

ଜୀବନର ଚରମ ଲକ୍ଷ୍ୟଗୁଡ଼ିକ ହେଉଛି କେବଳ ଆଧ୍ୟାତ୍ମିକ ପ୍ରକୃତିର ହିଁ ଲକ୍ଷ୍ୟ, ଏବଂ କେବଳ ଏକ ପୂର୍ଣ୍ଣବିମୋଚିତ ଆତ୍ମା ତଥା ତଦ୍‌ଗତତାର ପରିପୂର୍ଣ୍ଣ ଆଲୋକିତତା ଦ୍ୱାରା ହିଁ ଜୀବନର ସେହି ଲକ୍ଷ୍ୟସିଦ୍ଧି ସମ୍ଭବ ହୋଇପାରିବ । ସେହି ପରିପୂର୍ଣ୍ଣ ଆଲୋକକୁ ଆମେ ବୁଦ୍ଧି କିମ୍ବା ବୁଦ୍ଧିଗତ ବିସ୍ତରଣା ବୋଲି କଦାପି କହିବା ନାହିଁ ; ଏହାକୁ ଆମେ ଅନ୍ତର୍ଗତ ଏକତ୍ୱ ଏବଂ ତଦାତ୍ମକତାର ଏପରି ଏକ ଜ୍ଞାନ ବୋଲି କହିବା, ଯାହା କି ପରିପୂର୍ଣ୍ଣଭାବରେ ବିକାଶ ଲାଭ କରିଥିବା ସେହି ଅଧ୍ୟାତ୍ମଚେତନାର ସ୍ୱକୀୟ ଆତ୍ମଆଲୋକ ବ୍ୟତୀତ ଆଉ କିଛି ନୁହେଁ । ଏବଂ ଯେଉଁ ଜ୍ଞାନଟି ସେହି ପରିପୂର୍ଣ୍ଣ ଜ୍ଞାନଟିଲାଗି କ୍ଷେତ୍ର

'oaob.nitrkl.ac.in' images reprocessed

ପ୍ରସ୍ତୁତ କରିବାରେ ଲାଗିଛି ଓ ତାହାର ଅଭିମୁଖରେ ଅଗ୍ରସର ହୋଇ ଚାଲିଛି, ସକଳ ବସ୍ତୁ ତଥା ଜୀବମାନଙ୍କର ପ୍ରତ୍ୟେକ ସତ୍ତାର ଅନ୍ତର୍ଗତ ଅନ୍ତରଙ୍ଗ ସମ୍ପର୍କରେ ଆସି ଏକ ନିଗୂଢ଼ ଏକତ୍ୱରୁ ହିଁ ଯେଉଁ ସଂବୃଦ୍ଧ ଜ୍ଞାନର ଜନ୍ମ ହୋଇଛି, ସେଇଟି ମଧ୍ୟ ସେହି ପୂର୍ଣ୍ଣ ଆଲୋକ ମଧ୍ୟରେ ଅବସ୍ଥିତ ରହିଛି । ଜୀବନ କେବଳ ଆତ୍ମଜ୍ଞାନର ହିଁ ଅନୁସନ୍ଧାନ କରୁଛି ଏବଂ କେବଳ ଚିଦ୍‌ଗତତାର ଆଲୋକ ସାହାଯ୍ୟରେ ହିଁ ସେ ସେହି ଜ୍ଞାନର ସାକ୍ଷାତ କରିପାରିବ । ଆପଣାର ଯାବତୀୟ ଗତିସ୍ପନ୍ଦନଲାଗି ଜୀବନ ଏକ ଜ୍ୟୋତିର୍ମୟ ମାର୍ଗଦର୍ଶନ ଖୋଜୁଛି, ସେଗୁଡ଼ିକ ଉପରେ ଆପେ ନିୟନ୍ତ୍ରା ହୋଇ ରହିବାକୁ ଇଚ୍ଛା କରୁଛି; ଆପଣା ମଧ୍ୟରେ କେବଳ ଏହି ଅନ୍ତରତର ଚିଦ୍‌ଗତତା ଓ ଆତ୍ମାଟିର ଦର୍ଶନ ଲାଭ କରିପାରିଲେ ଏବଂ ତାହାରଦ୍ୱାରା ଅଥବା ତାହାର ଆଜ୍ଞାନୁସାରେ ଆପଣାର ପଦକ୍ଷେପଗୁଡ଼ିକୁ ନିୟନ୍ତ୍ରିତ କରି ରଖିପାରିଲେ ଯାଇ ତାହା ଆପେ ଲୋଡ଼ୁଥିବା ସେହି ଜ୍ୟୋତିର୍ମୟ ଇଚ୍ଛାର ଅଧିକାରୀ ହୋଇପାରିବ, ସେହି ପ୍ରମାଦମୁକ୍ତ ନେତୃତ୍ୱ ଏବଂ ମାର୍ଗଦର୍ଶନଟି ମଧ୍ୟ ପାଇପାରିବ । କାରଣ କେବଳ ଏହିପରିଭାବରେ ହିଁ ସହଜାତ ପ୍ରବୃତ୍ତିର ଦୃଷ୍ଟିହୀନ ଯାବତୀୟ ନିଶ୍ଚୟତା ତଥା ବୁଦ୍ଧିର ଯାବତୀୟ କଳ୍ପନାଆଶ୍ରିତ ଅନୁମାନ ଏବଂ ସିଦ୍ଧାନ୍ତ ତଥା ପ୍ରସ୍ତୋର ଓ ଅନୁମାନଲବ୍ଧ ଯାବତୀୟ ନିଶ୍ଚୟତାର ସ୍ଥାନରେ ଦୃଷ୍ଟିସମ୍ପନ୍ନ ଆଧ୍ୟାତ୍ମିକ ନିଶ୍ଚୟତାଗୁଡ଼ିକର ପ୍ରତିଷ୍ଠା ସମ୍ଭବ ହୋଇପାରିବ । ଜୀବନରେ ପ୍ରେମ ତଥା ସହାନୁଭୂତିର ଯେଉଁ ସହଜାତ ପ୍ରବୃତ୍ତିସବୁ ରହିଛି, ସୁସମ୍ବନ୍ଧ ଏବଂ ସମ୍ମେଳନଲାଗି ଯେଉଁ ଆକାଙ୍‌କ୍ଷାମାନ ରହିଛି, ଜୀବନ ସେହିଗୁଡ଼ିକର ପରିପୂର୍ଣ୍ଣତା ଲୋଡ଼ୁଛି । ମାତ୍ର ଏହି ଆକାଙ୍‌କ୍ଷାଗୁଡ଼ିକ ବିପରୀତକାମୀ ଆଉରି ନାନା ଆକାଙ୍‌କ୍ଷାଦ୍ୱାରା ଗ୍ରସ୍ତ ଓ ପରିକ୍ଳାନ୍ତ ହୋଇପଡ଼ୁଛି ; ଏବଂ ଆଧ୍ୟାତ୍ମିକ ଚେତନାଟି ମଧ୍ୟରେ ସେହି ଏକତ୍ୱବୋଧ ସ୍ଥାୟୀ ଓ ଉପଲବ୍ଧ ଭାବରେ ରହିଥିବାରୁ ହିଁ କେବଳ ତାହାରିଦ୍ୱାରା ସେଗୁଡ଼ିକର ନିରାକରଣ ସମ୍ଭବ ହେବ । ଏହି ଜୀବନ ଭିତରେ ସତ୍ତାଗତ ପରିପୂର୍ଣ୍ଣ ଅଭିବୃଦ୍ଧିର କାମନା ନିହିତ ହୋଇ ରହିଛି ; ମାତ୍ର ଯେତେବେଳେ ଆମର ଏହି ସୀମାସଙ୍କୁଚିତ ସତ୍ତା ଆପଣା ମଧ୍ୟରେ ଆପଣାର ସତ୍ତାଗତ ସ୍ୱକୀୟ ଅନ୍ତରତମ ଆତ୍ମାଟିକୁ ଆବିଷ୍କାର କରିପାରିବ ଏବଂ ଆପଣାର ଚତୁଃପାର୍ଶ୍ୱରେ ଆପଣା ମଧ୍ୟରେ ଏହି ବିଶ୍ୱଜଗତ ତଥା ସକଳ ସତ୍ତାକୁ ଅଭିନ୍ନରୂପେ ଅନୁଭବ କରିପାରୁଥିବା ବିଶ୍ୱଚେତନାରୂପୀ ଆପଣାର ବ୍ୟାପ୍ତତର ଆତ୍ମାଟିକୁ ଆବିଷ୍କାର କରିପାରିବ, ସେତିକବେଳେ ଯାଇ ତାହା ସମ୍ଭବ ହେବ । ଜୀବନ ସାମର୍ଥ୍ୟର ଆକାଙ୍‌କ୍ଷା ରଖିଛି ; ମାତ୍ର କେବଳ ଚିଦ୍‌ଗତତାର ସାମର୍ଥ୍ୟ ଓ ଏହି ସଚେତନ ଏକତାବଦ୍ଧତାର ସାମର୍ଥ୍ୟ ହିଁ ତାହାକୁ ଆପଣା ଉପରେ ତଥା ଆପଣାର ଜଗତ ଉପରେ ନିସ୍ତାମକ ଅଧିକାରୀରୂପେ ପ୍ରତିଷ୍ଠିତ କରିପାରିବ । ଜୀବନ ସୁଖର ଆକାଙ୍‌କ୍ଷା ରଖିଛି, ହର୍ଷ ଓ ଆନନ୍ଦର ଆକାଙ୍‌କ୍ଷା ରଖିଛି ; ମାତ୍ର ଅବବୌଦ୍ଧିକ ଜନ୍ମାନ୍ତରରେ ଏଗୁଡ଼ିକର ଯେଉଁସବୁ ସ୍ୱରୂପ ଉପଲବ୍ଧ ହେଉଛି, ତାହା ଅପୂର୍ଣ୍ଣତା, ଖଣ୍ଡିତତା ଏବଂ ଅସ୍ଥାୟିତ୍ୱଦ୍ୱାରା ଜର୍ଜର ହୋଇ ରହିଛି, ସେଗୁଡ଼ିକର ବିପରୀତ ତତ୍ତ୍ୱଗୁଡ଼ିକଦ୍ୱାରା ମଧ୍ୟ ବିଦ୍ଧ ହୋଇ

'oaob.nitrkl.ac.in' images reprocessed

ରହିଛି । ତଦ୍‌ବ୍ୟତୀତ ଅବଚୈତନିକ ଜୀବନସ୍ତରଟି ତଥାପି ପରମ ନିଶ୍ଚେତନାର କେତୋଟି ରୂପକୁ ବହନ କରି ରହିଛି ; ଏହାଭିତରେ ଏକ ବୋଧଶୂନ୍ୟତା ପ୍ରଚ୍ଛନ୍ନ ହୋଇ ରହିଛି, ଏକ ଚେତନାହୀନସତ୍ତା ରହିଛି ଏବଂ ସ୍ପନ୍ଦନଗତ ପ୍ରତିକ୍ରିୟାଟି ମଧ୍ୟ ବଡ଼ ଦୁର୍ବଳ ହୋଇ ରହିଛି । ତେଣୁ ତାହା କଦାପି ଯଥାର୍ଥ ସୁଖ ବା ଆନନ୍ଦର ଅଧିକାରୀ ହୋଇପାରିବ ନାହିଁ ; ପୁଣି ଯେତିକି ସୁଖର ଅଧିକାରୀ ହେବାକୁ ସମର୍ଥ ହେବ, ସେଇଟିକୁ ମଧ୍ୟ ଅଧିକ କାଳ ଧରି ରଖିପାରିବ ନାହିଁ ଏବଂ ଏହିସବୁ ତତ୍ତ୍ୱର କୌଣସି ଚରମ ପ୍ରଗାଢ଼ତାକୁ ସହ୍ୟ କରି ଅଥବା ଧାରଣ କରିପାରିବ ନାହିଁ । କେବଳ ଚିଦ୍‌ଗତତା ମଧ୍ୟରେ ହିଁ ଏକ ଅବିମିଶ୍ରିତ ଓ ସ୍ଥାୟୀ ସୁଖାନୁଭୂତି ବା ଅଭିଭୂତିର ସାମର୍ଥ୍ୟ ଲୁକ୍‌କାୟିତ ହୋଇ ରହିଛି, କେବଳ ତାହାରି ମଧ୍ୟରେ ହିଁ ସେହି ଅନୁଭୂତିଟିକୁ ଦୃଢ଼ ଓ ପ୍ରଗାଢ଼ଭାବରେ ଏକ ସ୍ପନ୍ଦନମୟ ପ୍ରତିକ୍ରିୟା ଜଣାଇପାରିବାର ସାମର୍ଥ୍ୟ ରହିଛି ଏବଂ କେବଳ ଚିଦ୍‌ଗତତା ହିଁ ଅନନ୍ତ ଏବଂ ବିଶ୍ୱମୟ ଆନନ୍ଦର ଗୋଟିଏ ରୂପ ହିସାବରେ ଏକ ଆଧ୍ୟାତ୍ମିକ ସୁଖ ଅଥବା ଜୀବନଗତ ଆନନ୍ଦର ଉପଲବ୍‌ଧି କରିପାରିବ ଓ ତାହାର ଔଚିତ୍ୟଟିକୁ ପ୍ରତିପାଦନ କରିପାରିବ । ଜୀବନ ଆପଣାର ସକଳ ସାମର୍ଥ୍ୟର ଏକ ସମତାଯୁକ୍ତ ପରିପୂର୍ଣ୍ଣତାଲାଗି ଆକାଙ୍‌କ୍ଷା ରଖିଛି ଏବଂ ଏହି ସାମର୍ଥ୍ୟଗୁଡ଼ିକ ବର୍ତ୍ତମାନ ନାନାପ୍ରକାରରେ ବିଭକ୍ତ ହୋଇ ରହିଛି, ପରସ୍ପର ସହିତ ନାନା ଦ୍ୱନ୍ଦ୍ୱ ଓ କନ୍ଦଳରେ ଲିପ୍ତ ହୋଇପଡ଼ିଛି । ଜୀବନ ତାହାର ଯାବତୀୟ ସମ୍ଭାବନା, ଯାବତୀୟ ଭୋଗ ଓ ଯାବତୀୟ କ୍ଷେତ୍ରଗୁଡ଼ିକର ମଧ୍ୟ ଏକ ସମତାଯୁକ୍ତ ପରିପୂର୍ଣ୍ଣତାଲାଗି ଆକାଙ୍‌କ୍ଷା ରଖିଛି ଏବଂ ଏଗୁଡ଼ିକ ମଧ୍ୟ ନାନାଭାବେ ବିଭକ୍ତ ଓ କଳହରତ ହୋଇ ରହିଛନ୍ତି । କେବଳ ଅଦ୍ୱିତୀୟ ପରମ ଆତ୍ମା ତଥା ପରମଚିଦ୍‌ଗତତାର ଚେତନା ମଧ୍ୟରେ ହିଁ ସେହି ପରିପୂର୍ଣ୍ଣତାର ଦର୍ଶନଲାଭ ହୋଇପାରିବ ; କାରଣ ସେଇଠାରେ ଯାଇ ପହଞ୍ଚିପାରିଲେ ହିଁ ସେମାନେ ଆପଣାର ସମ୍ପୂର୍ଣ୍ଣ ସତ୍ୟଟିରେ ଉପନୀତ ହେବେ, ସମଗ୍ର ଆତ୍ମ-ଅସ୍ତିତ୍ୱର ଆତ୍ମୈକତତା ମଧ୍ୟରେ ସେମାନେ ଆପଣାର ପରିପୂର୍ଣ୍ଣ ସଙ୍ଗତି ଓ ସମ୍ମତିଟିକୁ ଉପଲବ୍‌ଧି କରିବେ ।

ତେଣୁ ବୁଦ୍ଧିର ଅତୀତ ହୋଇ ଏକ ପରମ ସତ୍ୟ, ପରମ ଶିବ ଏବଂ ପରମ ସୌନ୍ଦର୍ଯ୍ୟ ବିଦ୍ୟମାନ ରହିଥିବା ପରି ଏହି ଜୀବନର ଓ ଏହି ପ୍ରାଣର ମଧ୍ୟ ଏକ ବୁଦ୍ଧିର ଅତୀତ ଚରମ ଲକ୍ଷ୍ୟ ଅବଶ୍ୟ ରହିଛି । ସେହି ଲକ୍ଷ୍ୟଟିର ଉପଲବ୍‌ଧିଲାଗି ସକଳ ପ୍ରୟାସକୁ ହିଁ ଆମେ ଏଠି ଏହି ଅନ୍ୱେଷୀ ଓ ସଗ୍ରାମୀ ପ୍ରାଣପ୍ରକୃତିର ଆଧ୍ୟାତ୍ମିକ ଯଥାର୍ଥ ତାତ୍ପର୍ଯ୍ୟ ବୋଲି ଜାଣିରଖିବା ।

'oaob.nitrkl.ac.in' images reprocessed

## ସପ୍ତଦଶ ପରିଚ୍ଛେଦ

# ଜୀବନର ବିଧାନରୂପେ ଧର୍ମ

ଯିଏ ଅନନ୍ତ ଓ ଯିଏ ପରମ, ଯିଏ ବିଶ୍ୱାତୀତ ଓ ବିଶ୍ୱମୟ, ସେହି ପରମ ଅଦ୍ୱିତୀୟ ହେଉଛନ୍ତି ଏହି ସକଳ ଜୀବନ ତଥା ସକଳ ଅସ୍ତିତ୍ୱର ପ୍ରଚ୍ଛନ୍ନ ନିବାସ ଓ ପରମ ଶିଖର ; ଏବଂ ସେହି ଆଧ୍ୟାତ୍ମିକ ଚେତନା ଓ ପରମ ଦିବ୍ୟତାରେ ଯାଇ ପହଞ୍ଚିବା ହେଉଛି ଆମ ସତ୍ତାର ପରମ ଉଦ୍ଦେଶ୍ୟ ଓ ଲକ୍ଷ୍ୟ । ତେଣୁ ଆପଣାର ଯାବତୀୟ ବିଭାଗ ଓ ଯାବତୀୟ କର୍ମରେ ତାହାହିଁ ହେଉଛି ବ୍ୟକ୍ତି ତଥା ସମୂହର ଯାବତୀୟ ବିକାଶର ଉଦ୍ଦେଶ୍ୟ ଓ ଲକ୍ଷ୍ୟ । ସେହି କାରଣରୁ ଏହି ଲକ୍ଷ୍ୟସିଦ୍ଧିର ପଥରେ ବୁଦ୍ଧି କଦାପି ଆମର ସର୍ବଶେଷ ଏବଂ ସର୍ବୋଚ୍ଚ ମାର୍ଗଦର୍ଶକରୂପେ କାର୍ଯ୍ୟ କରିପାରିବ ନାହିଁ । ସଂସ୍କୃତି କହିଲେ ସାଧାରଣ ଅର୍ଥରେ ଯେଉଁ କଥାଟିକୁ ବୁଝାଇଥାଏ, ସେଇଟି ମଧ୍ୟ ଏହି ପଥରେ ଆମକୁ ଯଥାର୍ଥ ଆଲୋକରୂପେ ବାଟ ଦେଖାଇପାରିବ ନାହିଁ ଏବଂ ଆମଲାଗି ଆମ ଜୀବନ ତଥା କର୍ମର ଏକ ନିୟାମକ ଏବଂ ସମନ୍ୱୟକାରୀ ତତ୍ତ୍ୱ ବାହାର କରିଦେଇ-ପାରିବ ନାହିଁ । କାରଣ ବୁଦ୍ଧି କଦାପି ସେହି ପରମ ଦିବ୍ୟତାଯାଏ ଯାଇପାରିବ ନାହିଁ ଏବଂ ଜୀବନର ନାନା ସମସ୍ୟାକୁ ନେଇ କେବଳ କେତେ ପ୍ରକାରେ ସାଲିସ୍ କରିବାରେ ହିଁ ଲାଗିଥିବ । ଏବଂ ପରମ ବିଶ୍ୱାତୀତ ତଥା ପରମ ଅନନ୍ତଙ୍କ ପାଖରେ ନେଇ ପହଞ୍ଚାଇ-ପାରିବାକୁ ହେଲେ ସଂସ୍କୃତିକୁ ମଧ୍ୟ ଏକ ଆଧ୍ୟାତ୍ମିକ ସଂସ୍କୃତିରେ ପରିଣତ ହେବାକୁ ପଡ଼ିବ, ଅର୍ଥାତ୍ କେବଳ ବୁଦ୍ଧିପ୍ରଣୋଦିତ, କେବଳ ସୌନ୍ଦର୍ଯ୍ୟକାମୀ, ନୈତିକତାବଦ୍ଧ ଓ ବ୍ୟାବହାରିକ ପ୍ରଶିକ୍ଷିତତା ଅପେକ୍ଷା ଏହାକୁ ଅନେକ ଅଧିକ କିଛି ହେବାକୁ ପଡ଼ିବ । ତେବେ କେଉଁଠାକୁ ଯାଇ ଆମେ ଏହି ମାର୍ଗଦର୍ଶନକାରୀ ଆଲୋକ ପାଇପାରିବା, ସେହି ନିୟାମକ ତଥା ସମନ୍ୱୟକାରୀ ତତ୍ତ୍ୱଟିକୁ ପାଇପାରିବା ? ଏହି କ୍ଷେତ୍ରରେ ଆମକୁ ପ୍ରଥମେ ଯେଉଁ ଉତ୍ତରଟି ମିଳିବ, ସେଇଟି ହେଉଛି ଏସିଆର ମାନସ ଆମକୁ ଚିରକାଳ ଦେଇ-ଆସିଥିବା ଉତ୍ତର । ଏହି ଉତ୍ତରଟି ଆମକୁ ଆସି କହିବ ଯେ ଏହି ପଥକୁ ଆମେ ଗୁହିଲ ମାନବକେ ଧର୍ମ ଭିତରେ ହିଁ ସିଧା ପାଇପାରିବା । ଏବଂ ଏଇଟି ବେଶ୍ ଯୁକ୍ତିଯୁକ୍ତ ଉତ୍ତରଟିଏ ପରି ମନେହେଉଛି, ପ୍ରଥମ ଦୃଷ୍ଟିରେ ଏକ ସନ୍ତୋଷଜନକ ସମାଧାନ ବୋଲି ମଧ୍ୟ ମନେହେଉଛି । କାରଣ ଧର୍ମକୁ ଆମେ ମଣିଷର ଭିତରେ ଥିବା ସେହି ସହଜାତ ପ୍ରବୃତ୍ତି,

'oaob.nitrkl.ac.in' images reprocessed

ଧାରଣା, କ୍ରିୟାଶୀଳତା ଓ ଶୃଙ୍ଖଳା ବୋଲି କହିବା, ଯାହା କି ପରମ ଦିବ୍ୟତାକୁ ହିଁ ସିଧା ଆପଣାର ଧ୍ୟେୟ କରି ରଖିଛି । ଅନ୍ୟ ଆଉମାନେ କେବଳ ପରୋକ୍ଷଭାବରେ ହିଁ ସେଇଟିକୁ ଲକ୍ଷ୍ୟରୂପେ ଥାପିଛନ୍ତି ଏବଂ କେବଳ ବାହ୍ୟ ତଥା ଅପୂର୍ଣ୍ଣ ନାନା ବସ୍ତୁ ପ୍ରତିଭାସର ପଛରେ ଧାଇଁ ଅନେକ ଭ୍ରମିଲା ଓ ଝୁଣ୍ଟିଲା ପରେ ଯାଇ ଅତି କଷ୍ଟରେ ସେଠାରେ ପହଞ୍ଚିପାରୁଛନ୍ତି । ସମଗ୍ର ଜୀବନଟିକୁ ଧର୍ମରେ ପରିଣତ କରି ରଖିବା ଏବଂ ଧର୍ମର ବିଧିରଦ୍ୱାରା ହିଁ ଜୀବନର ଯାବତୀୟ କର୍ମାଚରଣକୁ ଅନୁଶାସିତ କରି ରଖିବା,—ଆଦର୍ଶ ବ୍ୟକ୍ତି ଓ ଆଦର୍ଶ ସମାଜର ବିକାଶଲାଗି ଏବଂ ମନୁଷ୍ୟର ସମଗ୍ର ଜୀବନଟିକୁ ସେହି ପରମ ଦିବ୍ୟତା ମଧ୍ୟକୁ ଉତ୍ତୋଳିତ କରିନେବାଲାଗି ତାହାହିଁ ହୁଏତ ଏକ ଯଥାର୍ଥ ପଥ ବୋଲି ପ୍ରତୀତ ହୋଇପାରେ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଧର୍ମକୁ ଜୀବନରେ କୌଣସି ଏକ ପ୍ରାଧାନ୍ୟସ୍ଥାନ ଦେବା, ଧର୍ମଗତ ପ୍ରବୃତ୍ତି ଓ ଧର୍ମାଭିମୁଖୀ ଧାରଣାଦ୍ୱାରା ଜୀବନକୁ ପରିପ୍ଲାବିତ ବା ଅନ୍ତତଃ ରଞ୍ଜିତ କରି ରଖିବା, ଜୀବନସ୍ଥ ଅନ୍ୟ ଯାବତୀୟ ପ୍ରବୃତ୍ତି ଏବଂ ମୌଳିକ ଧାରଣାଗୁଡ଼ିକୁ ତାହାଦ୍ୱାରା ହିଁ ଆଲୋଡ଼ିତ କରି ରଖିବାର ରୀତି ବା ସଂସ୍କାରଟି କେବଳ ଏସିଆରେ ବିକାଶ ଲାଭ କରିଥିବା ସଭ୍ୟତାଗୁଡ଼ିକର ହିଁ ସଂସ୍କାର ନୁହେଁ, ମାତ୍ର ତାହାହିଁ ଚିରକାଳ ସର୍ବତ୍ର ମନୁଷ୍ୟର ମନ ତଥା ମନୁଷ୍ୟସମାଜର ଅଲଙ୍ଘିତ ଏକ ସାଧାରଣ ସ୍ଥିତି ହୋଇ ରହିଆସିଛି ; ଅଥବା ଠିକ୍ ସେହି କଥା ନ ହେଲେ ମଧ୍ୟ ତଥାପି ସକଳ ସମାଜରେ ସେମାନଙ୍କର ଜଟିଳ ଓ ନାନାଭାବେ ମିଶ୍ରିତ ପ୍ରବୃତ୍ତିଗୁଡ଼ିକ ମଧ୍ୟରେ ଏକ ବଡ଼ ଉଲ୍ଲେଖଯୋଗ୍ୟ ଓ ପ୍ରଧାନସ୍ଥାନୀୟ ଅଂଶ ହୋଇ ରହିଆସିଛି । ଅବଶ୍ୟ ଅପେକ୍ଷାକୃତ ଅଧିକ ଅଳ୍ପକାଳ ସ୍ଥାୟୀ ଗୋଟିଏ ଗୋଟିଏ ଯୁଗପର୍ଯ୍ୟାୟରେ ଏଥିରେ ଏକ ବ୍ୟତିକ୍ରମ ଅବଶ୍ୟ ଘଟିଛି ; ଏବଂ ଆମେ ବର୍ତ୍ତମାନ ସେହିପରି ଗୋଟିଏ ପର୍ଯ୍ୟାୟ ମଧ୍ୟଦେଇ ଗତି କରୁଛୁ । ବସ୍ତୁତଃ ଏଇଟିରୁ ମଧ୍ୟ ବାହାରିଆସିବା ଲାଗି ଆମେ ପ୍ରାୟ ଅଧେ ପ୍ରବୃତ୍ତି ଦେଖାଇଲୁଣି, ମାତ୍ର ତଥାପି ଠିକ୍ ବାହାରି ଆସିପାରି ନାହୁଁ । ତେଣୁ ଆମକୁ ଅବଶ୍ୟ ଅନୁମାନ କରିବାକୁ ପଡ଼ିବ ଯେ ମନୁଷ୍ୟର ସାମୂହିକ ଜୀବନ-ଧାରଣା ସଚରାଚର ଧର୍ମକୁ ଯେଉଁ ଶୀର୍ଷସ୍ଥାନୀୟ ଓ ପ୍ରଧାନ ସ୍ଥାନ ଦେଇଆସିଛି, ସେଥିରେ ନିଃସନ୍ଦେହଭାବରେ ଆମ ସ୍ୱାଭାବିକ ସତ୍ତାର ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଆବଶ୍ୟକତା ଏବଂ ସତ୍ୟ ନିହିତ ହୋଇ ରହିଛି, ଯାହା ପାଖକୁ କି ଆମକୁ ସର୍ବଦା ଫେରିଆସିବାକୁ ପଡ଼ୁଥିବ ; ଯେତେ ଦୀର୍ଘକାଳପାଇଁ ବିଶ୍ୱାସ ହରାଇ ଆଉ କେଉଁ ଆଡ଼କୁ ଛୁଟିଗଲେ ମଧ୍ୟ ତଥାପି ବାରବାର ପୁଣି ତାହାରି ପାଖକୁ ଫେରିଆସିବାକୁ ପଡ଼ୁଥିବ । ପୁଣି ଅନ୍ୟ ପକ୍ଷରେ ଆମକୁ ଏ କଥାଟି ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଆମର ଆଧୁନିକ ଏହି ଯୁଗଟି ପରି ବିପୁଳ କର୍ମପ୍ରଧାନତା, କେତେ କେତେ ଉଚ୍ଚ ଆକାଙ୍‌କ୍ଷା, ଗମ୍ଭୀର ବିପନ୍ନ ବା ଶକ୍ତିନିୟୋଜନ ଓ ବିଭବପୂର୍ଣ୍ଣ ଫଳୋତ୍ପାଦନର ଏକ ଯୁଗରେ ହୁଏତ ଅନେକ

'oaob.nitrkl.ac.in' images reprocessed

ଭୁଲ ତଥା ଭ୍ରାନ୍ତ ଅବଶ୍ୟ ରହିପାରେ, ମାତ୍ର ଠିକ୍ ଏହି ଯୁଗଟିରେ ହିଁ ମନୁଷ୍ୟଜାତି ଆପଣାକୁ ଅନେକ କ୍ରୂରତା, ଅନେକ ଅନର୍ଥ ଶକ୍ତି, ଅଜ୍ଞାନ, ଅନ୍ଧକାର ତଥା ଘୃଣ୍ୟତା ମଧ୍ୟରୁ ମୁକୁଳାଇ ଆଣିପାରିଛି । ମାତ୍ର ଧର୍ମର ଶକ୍ତିବଳରେ ନୁହେଁ, ଜାଗ୍ରତ ବୁଦ୍ଧି ତଥା ମାନବିକ ଆଦର୍ଶ ତଥା ସଂବେଦନଶୀଳତାବଳରେ ହିଁ ସେ ତାହା ସମ୍ଭବ କରିପାରିଛି । ଏବଂ ମନୁଷ୍ୟସମାଜର ଯେଉଁ ବର୍ଗଟି ସେହି ସଂପୃକ୍ତ ଯୁଗରେ ବିସ୍ତର ତଥା ପ୍ରଗାଢ଼ତର ଧ୍ୱଜାବାହକ ହୋଇ ରହିଥିଲା, ସେଇ ଧର୍ମର ଏହି ପାରମ୍ପରିକ ପ୍ରାଧାନ୍ୟଟି ଉପରେ ତାହା ନିର୍ମମ ଆକ୍ରମଣ କରିଛି ଓ ତାହାକୁ ବର୍ଜନ କରିଆସିଛି । ରେନେସାଁ ଅର୍ଥାତ୍ ପୁନର୍ଜାଗରଣର ଯୁଗ ପରେ ଇଉରୋପ ବା ଆଧୁନିକ ଇଉରୋପ ହିଁ ଏହି କଥା କରିଛି ।

ଆପଣା ଅତିଶଯ୍ୟତାର ସୀମାରେ ଏହି ବିଦ୍ରୋହଟି ଧର୍ମକୁ ସମ୍ପୂର୍ଣ୍ଣଭାବରେ ନଷ୍ଟ କରିଦେବାକୁ ଚେଷ୍ଟା କଲା, ବସ୍ତୁତଃ ମଣିଷ ଭିତରୁ ଧର୍ମଗତ ପ୍ରବୃତ୍ତିଟିକୁ ଏକାବେଳେକେ ଉତ୍ପାଟିତ କରିଦେଲା ବୋଲି କେତେ ଆସ୍ଫାଳନ ମଧ୍ୟ କଲା । ଏହି ଆସ୍ଫାଳନକୁ ଆମେ କେବଳ ଏକ ବୃଥା ଏବଂ ଅଜ୍ଞାନ ଆସ୍ଫାଳନ ବୋଲି ହିଁ କହିବା, କାରଣ ବର୍ତ୍ତମାନ ଆମେ ଯେପରି ଦେଖିବାକୁ ଆରମ୍ଭ କଲୁଣି, ମଣିଷ ଭିତରେ ରହିଥିବା ଧର୍ମଗତ ପ୍ରବୃତ୍ତିଟିକୁ କଦାପି ମାରିଦିଆଯାଇପାରିବ ନାହିଁ; ଆଉ ଅନ୍ୟଗୁଡ଼ିକୁ ମାରିଦିଆଯାଇ-ପାରିବ ପଛକେ, ମାତ୍ର ସେଇଟିକୁ କଦାପି ମାରିହେବ ନାହିଁ । ଧର୍ମଗତ ପ୍ରବୃତ୍ତିର ଆକାରଟି ହୁଏତ ବଦଳିଯାଉଥିବ । ଆପଣାର ଉଦାରତମ ଆନ୍ଦୋଳନଗୁଡ଼ିକରେ ଏହି ବିଦ୍ରୋହ ଧର୍ମକୁ ଆତ୍ମାର କେବଳ ଗୋଟାଏ କଣକୁ ହୁଏତ ଠେଲିଦେଇପାରିଲା, ସେଠାରେ ତାକୁ ହୁଏତ ଏକାକୀ ନିର୍ବାସିତ କରି ରଖିଲା ; ତାକୁ ଆମର ବୌଦ୍ଧିକ, ସୌନ୍ଦର୍ଯ୍ୟବୋଧଗତ ଓ ବ୍ୟାବହାରିକ ଜୀବନରେ, ଏପରି କି ଆମର ନୈତିକ ଜୀବନରେ ମଧ୍ୟ ମିଶିବାକୁ ଅନୁମତି ଦେଲା ନାହିଁ । ବିଜ୍ଞାନ, ଦର୍ଶନ, ରାଜନୀତି, ସମାଜ ତଥା ଜୀବନକ୍ଷେତ୍ରରେ ଧର୍ମ ଗୋଳିଆମିଶା ହୋଇ ପଶିଯିବାଦ୍ୱାରା ତାହା ମନୁଷ୍ୟର ଅଗ୍ରଗତିକୁ ମନ୍ଥର କରିପକାଇଛି ଓ ତାକୁ ନାନା ଅନ୍ଧବିଶ୍ୱାସ ଓ ଉତ୍ପୀଡ଼ନକାରୀ ଅଜ୍ଞାନ ଭିତରେ ବୁଡ଼ାଇ ରଖିଛି ଓ କାଳକାଳ ଏହାହିଁ ସେ କରୁଥିବ, ଏହିପରି ଏକ କାରଣ ଦର୍ଶାଇ ଧର୍ମକୁ ସେସବୁ କ୍ଷେତ୍ରରୁ ଅଲଗା କରି ରଖିଦିଆହୋଇଛି । ହୁଏତ ଧର୍ମବାଦୀ ଏହି ଦୋଷାରୋପକୁ ଏକ ଭୁଲ ବୋଲି କହିବ, ସେ ଏହାକୁ ଏକ ନାସ୍ତିକବାଦୀ ବିକୃତି ବୋଲି କହିବ ; ଅଥବା ହୁଏତ ଏପରି କହି ବାହାରିବ ଯେ ଧର୍ମ ହେତୁ ଯଦି ଅଗ୍ରଗତିରେ ମନ୍ଥରତା ଆସେ, ଧର୍ମପରାୟଣ ହେବାକୁ ଯାଇ ଯଦି ଅଜ୍ଞାନ ହୋଇ ରହିବାକୁ ପଡ଼େ, ଧର୍ମରତ ମନୁଷ୍ୟ ଯଦି ଆଗକୁ ଯିବାକୁ ମନ ନ କରି ଯେଉଁଠି ଅଛି ସେଇଠି ସନ୍ତୁଷ୍ଟ ହୋଇ ରହେ ଏବଂ ଏପରି କି ପରମ ବିଶ୍ୱାତୀତଙ୍କର ଉପାସନାରେ ପୂର୍ଣ୍ଣ ନିମଜ୍ଜିତ ରହିବାଦ୍ୱାରା ଯଦି ସେ କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ମଧ୍ୟରେ ସ୍ଥାଣୁ ହୋଇ ଅଟକିଯାଏ, ତେବେ କେବଳ

'oaob.nitrkl.ac.in' images reprocessed

ସଦାବ୍ୟସ୍ତ ଅବିଶ୍ରାନ୍ତ ଭାବରେ ଅଧିକରୁ ଅଧିକ ଜ୍ଞାନଲାଗି ଧାବିତ ହୋଇ ରହିବା, ଆତ୍ମାର ପ୍ରଭୁତ୍ୱ, ଆତ୍ମାର ସୁଖ ଏବଂ ଏହି କ୍ଷଣିକ ସଂସାର ଭିତରେ ଆତ୍ମାର ହର୍ଷ ଓ ଆତ୍ମାର ଆଲୋକଲାଗି ଉନ୍ମତ୍ତପ୍ରାୟ ଚେଷ୍ଟା କରିବାରେ ଲାଗିଥିବା ତୁଳନାରେ ତାହା ତଥାପି ଅନେକ କମ୍ କ୍ଷତିକାରକ ଓ ତେଣୁ ଅଧିକ କାମ୍ୟ ହୋଇ ରହିଥିବ । ମାତ୍ର କୌଣସି ଉଦାରମନା ଦାର୍ଶନିକ ଏହି ଯୁକ୍ତିକୁ କେବେହେଲେ ଗ୍ରହଣ କରିବ ନାହିଁ । ସେ ଏକଥାଟି ଅବଶ୍ୟ ଦେଖିବାକୁ ପାଇବ ଯେ ମନୁଷ୍ୟ ଯେପର୍ଯ୍ୟନ୍ତ ଆପଣାର ଜୀବନରେ ଦେବତ୍ୱର ତଥା ସେହି ଆଦର୍ଶଟିର ଉପଲବ୍ଧି କରିପାରି ନାହିଁ, ସେପର୍ଯ୍ୟନ୍ତ କୌଣସି ଗତିରହିତ ଏକକସ୍ଥିତି ନୁହେଁ, ମାତ୍ର ପ୍ରଗତି ହିଁ ତାହାର ଜୀବନରେ ଏକମାତ୍ର ଆବଶ୍ୟକ ଏବଂ କାମ୍ୟ ବିଧାନ ହୋଇ ରହିଥିବ । ଏପରିକି ଯେତେବେଳେ ସେ ଦେବତ୍ୱ ତଥା ଆଦର୍ଶର ଉପଲବ୍ଧି କରିବ, ସେତେବେଳେ ମଧ୍ୟ ତାକୁ ତଥାପି ଏହି ବିଧାନଟିକୁ ମାନି ଚାଲିବାକୁ ହେବ ; କାରଣ ଦେବତ୍ୱ କହିଲେ ସବୁବେଳେ କେବଳ ଏକ ଅନନ୍ତକୁ ହିଁ ବୁଝାଇଥାଏ । ଅବଶ୍ୟ ଏକଥା ସତ ଯେ ଏଠାରେ ପ୍ରଗତି କହିଲେ କେବଳ ଅଣନିଃଶ୍ୱାସୀ ହୋଇ ନୂଆ ଓ ଆହୁରି ନୂଆ ପଛରେ ଖାଲି ଧାବିତ ହୋଇ ରହିବା କଥା ବୁଝାଯାଉ ନାହିଁ, ମାତ୍ର ଚିଦ୍‌ଗତ ସତ୍ୟର ଏକ କ୍ରମବୃଦ୍ଧିର ସୋପାନ ଦେଇ ଏକ ସତତ ଗତି କରିବାକୁ ହିଁ ବୁଝାଉଛି ; କେବଳ ବ୍ୟକ୍ତିର ଭାବନା ଓ ଜୀବନରେ ନୁହେଁ, ମାତ୍ର ସମୂହ ମଧ୍ୟରେ, ସାମୂହିକ ତଥା ଗୋଷ୍ଠୀଗତ ଯାବତୀୟ ପ୍ରଚେଷ୍ଟାରେ, ସମାଜର ଯାବତୀୟ ରୂପପରିକଳ୍ପନା, ଆଦର୍ଶ, ଭାବଦୃଷ୍ଟି ଏବଂ ଗଠନର କ୍ଷେତ୍ରରେ, ପରିପୂର୍ଣ୍ଣତା ଅଭିମୁଖରେ କରାଯାଉଥିବା ପ୍ରତ୍ୟେକ ପ୍ରଚେଷ୍ଟାରେ ମଧ୍ୟ ଅଧିକରୁ ଅଧିକ ଅଗ୍ରସର ହେବାକୁ ବୁଝାଉଛି । ଉଦାରମନା ଦାର୍ଶନିକ ଏକଥାଟିକୁ ମଧ୍ୟ ଅବଶ୍ୟ ଦେଖିବ ଯେ ଧର୍ମନାମରେ ଯେଉଁସବୁ ଅପବାଦର ଉତ୍‌ଥାପନ କରାଯାଇଛି, ସେଗୁଡ଼ିକର ସିଦ୍ଧାନ୍ତରେ ନ ହେଲେ ମଧ୍ୟ ସେଗୁଡ଼ିକର ଅନୁମାନ ମଧ୍ୟରେ ସର୍ବଦା ଏପରି କେତେକ କଥା ବା ଏପରିକି ଅନେକ କଥା ଅବଶ୍ୟ ରହିଆସିଥିଲା, ଯାହାକୁ କି ଉଚିତ ବୋଲି କହିବାକୁ ହିଁ ପଡ଼ିବ । ଖାସ୍ ଧର୍ମ ନୁହେଁ, ମାତ୍ର ଇତିହାସରେ ଧର୍ମ ଯେପରି ହୋଇ-ଆସିଛି ଓ ବସ୍ତୁତଃ ପ୍ରତିଷ୍ଠିତ ଯାବତୀୟ ଧର୍ମ, ସେଗୁଡ଼ିକର ନାନା ପାହିଆରେ ବସିଥିବା କର୍ତ୍ତା ଓ ବେବର୍ତ୍ତାମାନେ ଯେପରି ହୋଇଆସିଛନ୍ତି, ସେଥିରୁ ଅତ୍ୟନ୍ତ ପ୍ରକୃତରେ ଅନେକ ପରିମାଣରେ ମନ୍ଥର ହୋଇଯାଇଛି ; ସେମାନେ ଅନେକ ସମୟରେ କେବଳ ଅନ୍ଧକାର, ଅତ୍ୟାଚାର ଏବଂ ଅଜ୍ଞାନ ତରଫକୁ ହିଁ ଆପଣାକୁ ଢଳାଇ ରଖିଛନ୍ତି । ତେଣୁ ଏହାକୁ ଅସ୍ୱୀକାର ବା ବର୍ଜନ କରିବାର ଏକ ଆବଶ୍ୟକତା ଆସି ପଡ଼ିଥିଲା, ଏହିସବୁ ପ୍ରମାଦକୁ ଠିକ୍ କରିବାଲାଗି ଓ ଧର୍ମକୁ ବାଟକୁ ଆଣିବାଲାଗି ଉତ୍ପୀଡ଼ିତ ମନୁଷ୍ୟମନ ତଥା ମନୁଷ୍ୟ-ହୃଦୟର ବିଦ୍ରୋହ କରିବା ଏକାନ୍ତ ଆବଶ୍ୟକ ହୋଇଛି । ମାତ୍ର ଯଦି ଧର୍ମ ମନୁଷ୍ୟର ସକଳ କ୍ରିୟା ତଥା ସମଗ୍ର ଜୀବନର ଯଥାର୍ଥ ଓ ଯଥେଷ୍ଟ ପଥପ୍ରଦର୍ଶକ ଏବଂ କ୍ଷମ୍ୟାମକ ହୋଇଥାଏ, ତେବେ ଏପରି ଘଟିବା ଉଚିତ କି ହେଲା କାହିଁକି ?

'oaob.nitrkl.ac.in' images reprocessed

ବୁଦ୍ଧି-ଅବଲମ୍ବିତ ଅଥବା ନାସ୍ତିକ ମନ ଧର୍ମ ଉଦ୍ଦେଶ୍ୟରେ ଯେଉଁସବୁ ଉଗ୍ର ଓ ଆକ୍ରମକ ନିନ୍ଦାବାଦ ବ୍ୟକ୍ତ କରିଆସିଛି, ସେଗୁଡ଼ିକୁ ଗୋଟି ଗୋଟି କରି ଉଖାରିବାର ଆଦୌ ଆବଶ୍ୟକତା ନାହିଁ । ଉଦାହରଣସ୍ୱରୂପ, ଆପଣାର କୌଣସି ଉଦ୍ଦେଶ୍ୟ ହାସଲ କରିବାପାଇଁ ଧର୍ମାନୁଷ୍ଠାନ, ଧର୍ମସମ୍ପ୍ରଦାୟ ଓ ବିଭିନ୍ନ ଧର୍ମଗତ ଯେଉଁସବୁ ଅନ୍ଧବିଶ୍ୱାସ, ବିଚ୍ୟୁତି, ହିଂସାତ୍ମକତା ଓ ଏପରି କି ଅପରାଧଗୁଡ଼ିକୁ ମଧ୍ୟ ପ୍ରଶ୍ରୟ ଦେଇଛନ୍ତି ଗ୍ରହଣ, ସ୍ୱୀକାର ବା ସମର୍ଥନ କରିଛନ୍ତି ଅଥବା ସେଗୁଡ଼ିକର ସୁଯୋଗ ନେଇଛନ୍ତି, ଆମେ ଅତିରିକ୍ତ ଜୋର ଦେଇ ସେଗୁଡ଼ାକୁ ଦେଖାଇଦେବାଲାଗି କୌଣସି ଚେଷ୍ଟା କରିବା ନାହିଁ । "ଏତେ ଏତେ ଅନର୍ଥ ଓ ଅଧର୍ମଲାଗି ଧର୍ମ ମନୁଷ୍ୟଜାତିକୁ ସତରେ ପ୍ରବର୍ତ୍ତାଇ-ପାରିଲା !"—ନାସ୍ତିକବାଦୀ ରୋମାନ୍ କବିଙ୍କର ସେହି ଉଚ୍ଚନାଦଟିକୁ ପ୍ରତିଧ୍ୱନିତ କରି-ପାରିବାଲାଗି ଆମେ ଶତ୍ରୁ ପରି ଧର୍ମର କୁକର୍ମଗୁଡ଼ିକୁ ଗୋଟି ଗୋଟି କରି ଗଣନା କରିବାକୁ ବି ଯିବା ନାହିଁ । ସ୍ୱାଧୀନତା ଅଥବା ଶୃଙ୍ଖଳା ନାମରେ ଇତିହାସରେ ଯେତେଯେତେ ଅପରାଧ ଓ ପ୍ରମାଦର ଆଚରଣ କରାଯାଇଛି, ସେଇଗୁଡ଼ିକୁ ଉଦ୍ଧାର କରି ସ୍ୱାଧୀନତା ଅଥବା ସାମାଜିକ ଶୃଙ୍ଖଳାର ଆଦର୍ଶକୁ କେହି ନିନ୍ଦିତ କରି ଦେଖାଇଲେ ତାହା ଯେପରି ହେବ, ଧର୍ମ କ'ଣ ସବୁ ଅନାଚାର ଘଟାଇଛି, ସେଗୁଡ଼ିକୁ ଉଦ୍ଧାର କରି ଧର୍ମକୁ ଧିକ୍କୃତ କରି ଦେଖାଇବାକୁ ବାହାରିଲେ ତାହା ମଧ୍ୟ ଠିକ୍ ସେହିପରି ହିଁ ହେବ । ମାତ୍ର ଏହା ଯେ ସମ୍ଭବ ହୋଇଛି, ଆମକୁ କେବଳ ସେହି କଥାଟିକୁ ମନେ ରଖିବାକୁ ହେବ ଏବଂ ତାହାର କାରଣ ନିର୍ଣ୍ଣୟ କରିବାକୁ ପଡ଼ିବ । ଉଦାହରଣସ୍ୱରୂପ, ପ୍ରାୟ ସମ୍ରାଟ୍ କନ୍‌ଷ୍ଟାଣ୍ଟାଇନ୍‌ଙ୍କ ରାଜତ୍ୱ ସମୟରୁ ମଧ୍ୟଯୁଗୀୟ ଇଉରୋପର ଇତିହାସ ଲଗାଏତ୍ ଔପଚାରିକ ବାହ୍ୟ ଖ୍ରୀଷ୍ଟିଆନ୍ ଧର୍ମ ଆପଣାର ସମସ୍ତ ପଥଟିରେ ଯେଉଁ ରକ୍ତାକ୍ତ ଓ ଅଗ୍ନିଦହନର ଗାର ଟାଣି ଟାଣି ଆସିଛି, ଆମେ କଦାପି ସେହି ପ୍ରସଙ୍ଗଟିକୁ ଏଡ଼ିଦେଇ-ପାରିବା ନାହିଁ । ପ୍ରଥମ ପର୍ଯ୍ୟାୟରେ ସେଠାରେ ଧର୍ମ ଉପରେ ଅଧର୍ମର ବା ଧର୍ମେତରତାର ହିଁ ବିଜୟ ହୋଇଛି ଓ ତାହା ଅତି ଆଧୁନିକ କାଳଯାଏ ମଧ୍ୟ ପ୍ରଲମ୍ବିତ ହୋଇଆସିଛି । ଆମର ନୈତିକ ଜୀବନ ଓ ସମାଜରେ ଏକ ଯୋଗ୍ୟ ମାର୍ଗଦର୍ଶକ ଆଲୋକ ତଥା ନିୟାମକ ଶକ୍ତି ହୋଇ ରହିବାଲାଗି ଧର୍ମ ଯେଉଁ ଦାବି କରିଥାଏ, ଧର୍ମଦ୍ରୋହୀ-ମାରଣର କ୍ରୂର ଅଭିଯାନ ଓ ଅନୁଷ୍ଠାନ ତାହାଉପରେ ସବୁ କାଳକୁ ଏକ ରକ୍ତାକ୍ତ ମନ୍ତବ୍ୟ ହୋଇ ରହିଥିବ ; ଅଥବା ମନୁଷ୍ୟଜାତିର ରାଜନୀତିକ ଜୀବନକୁ ବାଟ ଦେଖାଇବ ବୋଲି ଧର୍ମ ଯେଉଁ ଦାବି କରିଥାଏ, ଧର୍ମନାମରେ ହୋଇଥିବା ଯାବତୀୟ ଯୁଦ୍ଧ ଏବଂ ଧର୍ମଲାଗି ପ୍ରାୟ ଚାରିଆଡ଼େ ଆଚରିତ ହୋଇଥିବା ରାଷ୍ଟ୍ରୀୟ ଧର୍ଷଣ ଓ ନିର୍ଯ୍ୟାତନମାନ ତାହାଲାଗି ସର୍ବଦା ଏକ ଆହ୍ୱାନ ହୋଇ ରହିଥିବ । ମାତ୍ର ଆମେ ଏହି ଅଧର୍ମ ଓ ଅନର୍ଥର ମୂଳକୁ ଯିବାକୁ ଓ ମୂଳଟିକୁ ଦେଖିବାକୁ ଚେଷ୍ଟା କରିବା ; ଏହି ମୂଳଟିକୁ ଆମେ ଯଥାର୍ଥ ଧର୍ମ ଭିତରେ କଦାପି ପାଇବା ନାହିଁ, ମାତ୍ର ତାହାର ଅବବୌଦ୍ଧିକ ଅଂଶଗୁଡ଼ିକରେ ହିଁ ପାଇପାରିବା । ଅଧ୍ୟାତ୍ମବିଶ୍ୱାସ ବା ଆଧ୍ୟାତ୍ମିକ ଆକାଙ୍କ୍ଷା ମଧ୍ୟରେ ଆମେ ସେହି ମୂଳଟିକୁ

'oaob.nitrkl.ac.in' images reprocessed

ପାଇବା ନାହିଁ, ମାତ୍ର ଆମର ଏହି ମନୁଷ୍ୟସୁଲଭ ଅଜ୍ଞାନର କଡ଼େଇ ଭିତରେ ଆମେ ଯେପରି ଧର୍ମକୁ କୌଣସି ଗୋଟିଏ ବିଶେଷ ମତ, ସମ୍ପ୍ରଦାୟ, ଭେକ, ଧର୍ମସମାଜ କିମ୍ବା ଧର୍ମଗୋଷ୍ଠୀ ମଧ୍ୟରେ ଏକାଠି ଘାଣ୍ଟିଦେବାର ଚେଷ୍ଟା କରିଥାଉ ଓ ତାହାରି ଫାନ୍ଦରେ ପଡ଼ିଯାଇଥାଉ, ଅନର୍ଥର ମୂଳଟିକୁ ଆମେ ତାହାରି ଭିତରେ ଯାଇ ପାଇପାରିବା । ଏହିପରି ଏକ ଭ୍ରମ ବା ପ୍ରମାଦଲାଗି ମନୁଷ୍ୟର ଏତେ ବେଶି ପ୍ରବଣତା ରହିଛି ଯେ ଏହାରି ବଶବର୍ତ୍ତୀ ହୋଇ ସେହି ପ୍ରାଚୀନ ସହନଧର୍ମୀ ପାଗାନ୍ ମତ ମଧ୍ୟ ଧର୍ମ ଓ ନୀତିରକ୍ଷା ନାମରେ ସକ୍ରେଟିସ୍‌ଙ୍କର ପ୍ରାଣନାଶ କରିପାରିଲା, ଇସିସ୍ ଅଥବା ମିଥ୍ରାଙ୍କର ଉପାସନା କରୁଥିବା ବିଜାତୀୟ ଧର୍ମଶାଖାଗୁଡ଼ିକୁ ଯେତେ ନରମ ଭାବରେ ହେଲେ ମଧ୍ୟ ତଥାପି ନିର୍ଯାତିତ କରୁଥିଲା ଏବଂ ପ୍ରଥମ କାଳର ଖ୍ରୀଷ୍ଟିଆନ୍‌ମାନଙ୍କର ଆଚରିତ ଧର୍ମଟିକୁ ଅପଘାତୀ ଏବଂ ଅସାମାଜିକ ବୋଲି ଭାବି ଅତ୍ୟନ୍ତ ଶକ୍ତିର ସହିତ ତାହା ଉପରେ ପ୍ରହାର କରୁଥିଲା । ଏବଂ ଆପଣାର ମୂଳରେ ଅନ୍ୟର ଅଧିକ ପରିମାଣରେ ସହନଶୀଳ ଓ ଉଦାର ହୋଇ ରହିଥିବା ହିନ୍ଦୁଧର୍ମ ମଧ୍ୟ ଆପଣାର ସକଳ ଆଧ୍ୟାତ୍ମିକ ଉଦାରତା ଏବଂ ଆଲୋକିତତା ସତ୍ତ୍ୱେ ଏକଦା ବୌଦ୍ଧ, ଜୈନ, ଶୈବ ଓ ବୈଷ୍ଣବମାନଙ୍କୁ ଯେତେ ନରମଭାବରେ ହେଲେ ମଧ୍ୟ ତଥାପି ଘୃଣା କରୁଥିଲା ଏବଂ ଯେତେ ଅଳ୍ପକାଳସ୍ଥାୟୀ ହେଲେ ମଧ୍ୟ ବେଳେବେଳେ ସେମାନଙ୍କ ଉପରେ ଅତ୍ୟାଚାର ମଧ୍ୟ କରୁଥିଲା ।

ମନୁଷ୍ୟସମାଜର ପଥପ୍ରଦର୍ଶକ ଏବଂ ନିୟାମକ ହିସାବରେ ଧର୍ମ ଯେ ଇତିହାସରେ ଆପଣାକୁ ଏପରି ଅନୁପଯୁକ୍ତ ବୋଲି ପ୍ରତିପାଦିତ କରି ରଖିଛି, ଆମେ ଏହିଠାରେ ହିଁ ତାହାର ସମଗ୍ର ମୂଳକାରଣଟିକୁ ଖୋଜି ପାଇବା । ଉଦାହରଣ-ସ୍ୱରୂପ, ଗୀର୍ଜା ଓ ଧର୍ମମତମାନ ବଡ଼ ହିଂସାଦର୍ପିତଭାବରେ ଦର୍ଶନ ତଥା ବିଜ୍ଞାନର ବାଟକୁ ଉଗାଳି ଠିଆହୋଇଛନ୍ତି ; ସେମାନେ ଜିଓର୍ଡ଼ାନୋ ବ୍ରୁନୋଙ୍କର ହତ୍ୟା କରିଛନ୍ତି, ଗାଲିଲିଓଙ୍କୁ ଜେଲ୍ ଦେଇଛନ୍ତି ଏବଂ ଏହିସବୁ ବ୍ୟାପାରରେ ଆପଣାକୁ ସାଧାରଣତଃ ଏପରି ଅବିବେକୀଭାବରେ ପରିଚାଳିତ କରିଛନ୍ତି ଯେ ଆତ୍ମରକ୍ଷା କରିବାକୁ ଯାଇ ଦର୍ଶନ ଓ ବିଜ୍ଞାନ ମଧ୍ୟ ଧର୍ମଉପରେ ପ୍ରତିଆଘାତ କରିବାକୁ ବାଧ୍ୟ ହୋଇଛନ୍ତି ଏବଂ ଆପଣା ଆପଣାର ନ୍ୟାଯ୍ୟ ବିକାଶସାଧନଲାଗି ଏକ ମୁକ୍ତ କ୍ଷେତ୍ର ପାଇପାରିବେ ବୋଲି ଧର୍ମକୁ ବିଦୀର୍ଣ୍ଣ ଓ ଖଣ୍ଡଖଣ୍ଡ କରିପକାଇଛନ୍ତି । ଏଭଳି ପ୍ରକୃତରେ ଘଟିଛି, କାରଣ ଆପଣାର ମୋହକାମନା ତଥା ଆପଣା ପ୍ରାଣିକତାର ଅନ୍ଧକାର ମଧ୍ୟରେ ବୁଡ଼ି-ରହି ଲୋକେ ଏଭଳି ମଧ୍ୟ ଭାବିବାଲାଗି ଆରମ୍ଭ କରିଛନ୍ତି ଯେ ଧର୍ମ ଜଗତ ତଥା ଈଶ୍ୱରଙ୍କ ସମ୍ବନ୍ଧରେ କେବଳ କେତେଟା ବୁଦ୍ଧିଗତ ନିର୍ଦ୍ଦିଷ୍ଟ ଧାରଣା ସହିତ ହିଁ ବନ୍ଧା ହୋଇ ରହିଛି, ସେହି ଧାରଣାଗୁଡ଼ିକୁ କଦାପି ପରୀକ୍ଷା କରି ଦେଖାଯାଇପାରିବ ନାହିଁ ଏବଂ ତେଣୁ ଧର୍ମକୁ ନେଇ ଯିଏ କୌଣସି ପରୀକ୍ଷା ବା ବିଚାର କରିବାକୁ ମନ କରିବ, ତାହାକୁ ନିଆଁରେ ପୋଡ଼ିଦିଆଯିବାର କିମ୍ବା ତରବାରିରେ କାଟିପକାଇବାର ଭୟ

'oaob.nitrkl.ac.in' images reprocessed

ଦେଖାଇ ଦମନ କରିଆସିବ । ଏହିପରି ଭାବରେ ଧର୍ମଗତ ଭ୍ରାନ୍ତିଗୁଡ଼ାକୁ ଜୀଆଇ ରଖିବାର ଜିଦ୍‌ରେ ବିଜ୍ଞାନ ଏବଂ ଦର୍ଶନର କେତେ କେତେ ସତ୍ୟକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିଲା । ଆମେ ଏକଥା ମଧ୍ୟ ଦେଖିପାରିବା ଯେ ଧର୍ମର ଭାବନାଟି ସଂକୀର୍ଣ୍ଣ ହୋଇ-ପଡ଼ିଲେ ତାହା ଅନେକ ସମୟରେ ଜୀବନର ହର୍ଷମୟ ତଥା ସୌନ୍ଦର୍ଯ୍ୟର ଦିଗଟିକୁ ମଧ୍ୟ ବଡ଼ ଅତ୍ୟାଗ୍ରହିତ ଓ ଦୁର୍ବଳ କରିପକାଏ । ହୁଏତ ଏକ ଅସହିଷ୍ଣୁ ବୈରାଗ୍ୟାସକ୍ତି ଫଳରେ ଏପରି ହୋଇଥାଏ, ଯେପରି କି ଆପଣା ଯୁଗରେ ପିୟୁରିଟାନ୍‌ମାନେ ଏକ ଅନୁରୂପ ଚେଷ୍ଟା କରିଥିଲେ । ଧର୍ମଗତ କୃଚ୍ଛ୍ର ଓ ଦମନବୃତ୍ତି ଯେ ଧର୍ମର ସମଗ୍ର କଥା ନୁହେଁ, ସେମାନେ ସେକଥାଟିକୁ ହୃଦୟଙ୍ଗମ କରି ନ ଥିଲେ । ଏଇଟି ଧର୍ମଭୂମିର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଦିଗ ଅବଶ୍ୟ ହୋଇପାରେ; ମାତ୍ର ଈଶ୍ୱରଙ୍କର ଉପଲବ୍ଧି କରିବାକୁ ହେଲେ କେବଳ ଏଇଟିକୁ ହିଁ ଏକମାତ୍ର ସତ୍‌ଧର୍ମ ବା ମାର୍ଗ ବୋଲି କଦାପି ଗ୍ରହଣ କରାଯାଇପାରିବ ନାହିଁ । କାରଣ ପ୍ରେମ, ଦାକ୍ଷିଣ୍ୟ, ଉଦାରତା, ସହିଷ୍ଣୁତା ଓ ସଦୟତା ପ୍ରଭୃତି ଆହୁରି କେତେ କେତେ ମାର୍ଗ ବା ଗୁଣ ରହିଛି, ଯେଉଁଗୁଡ଼ିକୁ ମଧ୍ୟ ଅବଶ୍ୟ ଦିବ୍ୟ ବୋଲି କୁହାଯିବ, ହୁଏତ ଅଧିକ ଦିବ୍ୟ ବୋଲି କୁହାଯାଇପାରିବ । ଭଗବାନ କହିଲେ ପରମ ବିଶୁଦ୍ଧତାକୁ ଯେପରି ବୁଝାଏ, ପରମ ପ୍ରେମ ଓ ପରମ ସୌନ୍ଦର୍ଯ୍ୟକୁ ମଧ୍ୟ ଠିକ୍ ସେହିପରି ବୁଝାଏ ; ସେମାନେ ଏକଥାଟିକୁ ହୁଏତ ପାସୋରି ପକାଇଲେ କିମ୍ବା କେବେହେଲେ ଜାଣି ମଧ୍ୟ ନ ଥିଲେ । ରାଜନୀତିର କ୍ଷେତ୍ରରେ ଧର୍ମ ଆପଣାକୁ ଅଧିକାଂଶ ସମୟରେ କ୍ଷମତାର ପକ୍ଷରେ ହିଁ ନେଇ ରଖିଛି ଏବଂ ବୃହତ୍ତର ରାଜନୀତିକ ନାନା ଆଦର୍ଶର ବିକାଶ ବିରୁଦ୍ଧରେ ପ୍ରତିରୋଧ କରି ବାହାରିଛି । କାରଣ ଏକ ଗୀର୍ଜା ବା ଆନୁଷ୍ଠାନିକତାର ରୂପରେ ତାହା ସ୍ୱୟଂ କ୍ଷମତାଦ୍ୱାରା ହିଁ ଆଶ୍ରିତ ଓ ସମର୍ଥିତ ହୋଇ ରହିଛି, କାରଣ ଧର୍ମ କହିଲେ ତାହା କେବଳ ସେହି ଗୀର୍ଜା ବୋଲି ହିଁ ଭ୍ରମ କରିଛି । ଅଥବା ତାହା ଏକ ଭ୍ରାନ୍ତ ଧର୍ମତନ୍ତ୍ରର ହିଁ ପ୍ରତିନିଧିତ୍ୱ କରିଛି ଏବଂ ପ୍ରକୃତ ଧର୍ମତନ୍ତ୍ର କହିଲେ ଯେ ପ୍ରକୃତରେ ମଣିଷ ଭିତରେ ବିରାଜି ରହିଥିବା ପରମେଶ୍ୱରଙ୍କର ସାମ୍ରାଜ୍ୟ ବା ତନ୍ତ୍ରକୁ ହିଁ ବୁଝାଏ ଏବଂ କେବେହେଲେ କୌଣସି ପୋପ୍, ପାଦ୍ରୀଗୋଷ୍ଠୀ ଅଥବା ପୁରୋହିତବର୍ଗର ତନ୍ତ୍ର ବା ସାମ୍ରାଜ୍ୟକୁ କଦାପି ବୁଝାଏ ନାହିଁ, ସେ କଥାଟିକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଇଛି । ଠିକ୍ ଏହିପରିଭାବରେ ତାହା ଅନେକ ସମୟରେ ବଦ୍ଧ ହୋଇ ବସିରହିଥିବା ଏକ ଜୀର୍ଣ୍ଣ ସମାଜବ୍ୟବସ୍ଥାକୁ ଆପଣାର ସମର୍ଥନ ଜଣାଇଛି ; କାରଣ ଆପଣା ଇତିହାସର ଏକ ଦୀର୍ଘକାଳଲାଗି ତାହା ସମାଜର ଯେଉଁ ବା ଯେଉଁଭଳି ବ୍ୟବସ୍ଥା ବା ପ୍ରକାରଗୁଡ଼ିକ ସହିତ ସମ୍ବନ୍ଧିତ ହୋଇ ରହିଆସିଛି, ସେହିଗୁଡ଼ିକ ସହିତ ହିଁ ତାହାର ଜୀବନ ସତେଅବା ଚିରଦିନ ସକାଶେ ବନ୍ଧାହୋଇ ରହିଛି ବୋଲି ସେ ଭାବିବାକୁ ଆରମ୍ଭ କରିଛି ଏବଂ ବଡ଼ ଭ୍ରମବଶ ହୋଇ ସେଇଥିରୁ କଷ୍ଟରି କରିପକାଇଛି ଯେ ସେହି ବ୍ୟବସ୍ଥାରେ ହୁଏତ ଏକ ଆବଶ୍ୟକ ପରିବର୍ତ୍ତନ ଘଟିଲେ ମଧ୍ୟ ତାଦ୍ୱାରା ଧର୍ମର ଲଙ୍ଘନ ହୋଇଯିବ ଓ ତାହାର ଅସ୍ତିତ୍ୱଟି ମଧ୍ୟ ବିପନ୍ନ ହୋଇପଡ଼ିବ । ସିଏ ଭାବିଛି,

'oaob.nitrkl.ac.in' images reprocessed

ସତେ ଯେପରି ସମାଜର ଆକାର ବା ବ୍ୟବସ୍ଥାରେ କୌଣସି ଏକ ପରିବର୍ତ୍ତନ ଘଟିବାର ଏକ ଶ୍ରେଷ୍ଠ ଘଟଣା ଅଥବା ସମାଜର ଚଳଣିରେ ଟିକିଏ କେଉଁଠି ଏପାଖ ସେପାଖ କରିଦେବାର ଏକ ବାହ୍ୟ ଘଟଣା ହିଁ ମନୁଷ୍ୟର ଧର୍ମଗତ ଭାବନା ଓ ଧର୍ମପ୍ରବଣତା ପରି ଏତେ ବଡ଼ ଓ ଏତେ ଅନ୍ତରତର ଏକ ସାମର୍ଥ୍ୟକୁ ପ୍ରକୃତରେ ନଷ୍ଟ କରିଦେଇ-ପାରିବ । ନାନା ଆକାରରେ ଏହି ଭ୍ରାନ୍ତିଟି ହିଁ ଅତୀତରେ ଆଚରିତ ହୋଇଆସିଥିବା ଧର୍ମର ଏକ ବଡ଼ ଦୁର୍ବଳତା ହୋଇ ରହିଆସିଛି ଏବଂ ତାହାହିଁ ମଣିଷର ବୁଦ୍ଧି, ସୌନ୍ଦର୍ଯ୍ୟବୋଧ, ତା'ର ସାମାଜିକ ତଥା ରାଜନୈତିକ ଆଦର୍ଶବାଦ ଓ ଏପରି କି ତାହାର ନୈତିକବୋଧକୁ ଧର୍ମ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବାଲାଗି ଏକ ସୁଯୋଗ ତଥା ଉଚିତ କାରଣ ମଧ୍ୟ ଯୋଗାଇଦେଇଛି ; ଯେଉଁ ଧର୍ମ ପ୍ରକୃତରେ ତାହାର ଉଚ୍ଚତମ ପ୍ରବୃତ୍ତି ଏବଂ ଉଚ୍ଚତମ ବିଧାନ ହୋଇ ରହିଥାନ୍ତା, ତାହାରି ବିରୁଦ୍ଧରେ ହିଁ ବିଦ୍ରୋହ ଘୋଷଣା କରିବାଲାଗି ଅବସର ଦେଇଆସିଛି ।

ତେବେ ପ୍ରାଚୀନ ଏବଂ ଆଧୁନିକ, ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ଆଦର୍ଶ ମଧ୍ୟରେ ରହିଆସିଥିବା ବ୍ୟବଧାନଟିକୁ ବୁଝିବାଲାଗି ଏହିଠାରେ ହିଁ ଗୋଟିଏ କାରଣ ପ୍ରଚ୍ଛନ୍ନ ହୋଇ ରହିଛି ଏବଂ ସେଗୁଡ଼ିକୁ ପୁଣି ଏକାଠି ଯୋଡ଼ିପାରିବାଲାଗି ଗୋଟିଏ ସୂତ୍ର ମଧ୍ୟ ଏହିଠାରେ ରହିଛି । ଦୁଇଟିଯାକ ଆଦର୍ଶ ଆପଣାର ଗୋଟିଏ ଗୋଟିଏ ଦୃଢ଼ ଔଚିତ୍ୟର ଆଧାର ଉପରେ ପ୍ରତିଷ୍ଠିତ ହୋଇ ରହିଛନ୍ତି ଏବଂ ଏକ ଭୁଲ ବୁଝାମଣାଫଳରେ ହିଁ ଦୁହିଁଙ୍କ ମଧ୍ୟରେ କନ୍ଦଳ ରହିଆସିଛି । ଗୋଟିଏ ଦୃଷ୍ଟିରୁ ବିଚାର କଲେ ଏ କଥା ଏକାନ୍ତ ସତ୍ୟ ଯେ ଧର୍ମ ହିଁ ଜୀବନରେ ସର୍ବପ୍ରଧାନ ଓ ସର୍ବନିୟାମକ ବସ୍ତୁ ହୋଇ ରହିବା ଉଚିତ, ଧର୍ମ ହିଁ ଜୀବନର ମାର୍ଗଦର୍ଶକ ଆଲୋକ ଏବଂ ବିଧାନ ହୋଇ ରହିବା ଉଚିତ ; ମାତ୍ର ଆପଣାର ଅନ୍ତର୍ଗତ ପ୍ରକୃତିଟି ଅନୁସାରେ ଓ ଆପଣାର ସତ୍ତ୍ୱଗତ ମୌଳିକ ବିଧାନଟି ଅନୁସାରେ ଧର୍ମ ଈଶ୍ୱରଙ୍କଲାଗି ହିଁ ଏକ ଆକାଙ୍‌କ୍ଷା ଓ ଅନ୍ୱେଷଣ ହୋଇ ରହିବା ଉଚିତ, ତାହା ଆଧ୍ୟାତ୍ମିକତାର ହିଁ ଏକ ଆରାଧନ ଓ ଅନୁଶୀଳନ ହୋଇ ରହିବା ଉଚିତ, ଅନ୍ତରଧିବାସୀ ସେହି ପରମ ଦେବତାଙ୍କ ଆଡ଼କୁ, ସେହି ଶାଶ୍ୱତ ଓ ପରମ ସର୍ବବିଦ୍ୟମାନଙ୍କ ଆଡ଼କୁ ଆତ୍ମାର ଗଭୀରତମ ଜୀବନଟିର ଉନ୍ମୋଚନ ହୋଇ ରହିବା ଉଚିତ । ମାତ୍ର ଅନ୍ୟ ପକ୍ଷରେ ଏ କଥା ମଧ୍ୟ ସତ ଯେ ଯେତେବେଳେ ଧର୍ମ କେବଳ ଏକ ବିଶେଷ ଉପାସନାମାର୍ଗ, ଏକ ବିଶେଷ ବିଶ୍ୱାସ, ଗୀର୍ଜା ଅଥବା ଉତ୍ସବାନୁଷ୍ଠାନର କେତେଟା ରୀତିସମ୍ବଳିତ ଏକ ବିଶେଷ ପ୍ରକାରଟି ସହିତ ଆପଣାକୁ ଗୋଟାଯାକ ଜଡ଼ିତ କରି ରଖେ ଏବଂ ତାହାକୁ ହିଁ ସର୍ବସ୍ୱ ବୋଲି ମଣେ, ସେତେବେଳେ ତାହା ହୁଏତ ଆମର ସକଳ ଅଗ୍ରଗତିରେ ଏକ ମନ୍ଥରତା ଆଣିଦେବାଭଳି ଏକ ଅପସାମର୍ଥ୍ୟରେ ପରିଣତ ହୋଇଯାଇପାରେ, ଏବଂ ହୁଏତ ସେତିକିବେଳେ ମନୁଷ୍ୟର ଭାବଭୂମିରେ ତାହାକୁ ବର୍ଜନ କରିବାଲାଗି ଅର୍ଥାତ୍ ଆପଣା ଜୀବନର ବିବିଧ କ୍ରିୟାତ୍ମକତାର କ୍ଷେତ୍ରରୁ-

'oaob.nitrkl.ac.in' images reprocessed

ତାହାର ନିୟନ୍ତ୍ରଣଟିକୁ କାଢ଼ି ଫିଙ୍ଗିଦେବାଲାଗି ଏକ ଆବଶ୍ୟକତା ମଧ୍ୟ ଆସି ପଡ଼ିଥିପାରେ। ଧର୍ମର ଦୁଇଟି ଢଗ ରହିଛି; ଗୋଟିଏ ହେଉଛି ଯଥାର୍ଥ ଢଗ ଓ ଅନ୍ୟଟି ହେଉଛି ଧାର୍ମିକତାର ଢଗ। ଯଥାର୍ଥ ଧର୍ମ ହେଉଛି ଅଧ୍ୟାତ୍ମର ଧର୍ମ; ସେହି ଧର୍ମ ଆଧ୍ୟାତ୍ମିକତା ମଧ୍ୟରେ ହିଁ ଜୀବନ ଯାପନ କରିବାର ଆକାଙ୍‌କ୍ଷା ରଖିଥାଏ, ବୁଦ୍ଧିର ସେପାଖରେ ବୁଦ୍ଧିକୁ ଅତିକ୍ରମ କରି ଯାହା ବିଦ୍ୟମାନ ରହିଛି, ତାହାର ଭୂମିଟିରେ ଜୀବନ ବଞ୍ଚିବାର ଶ୍ରଦ୍ଧା ରଖେ; ମନୁଷ୍ୟର ସୌନ୍ଦର୍ଯ୍ୟବୋଧ, ନୀତିଧର୍ମୀ ତଥା ବ୍ୟାବହାରିକ ସତ୍ତାଗୁଡ଼ିକର ସୀମାତିକ୍ରମ କରି ଯାହା ଅବସ୍ଥିତ ରହିଛି, ତାହାରି ମଧ୍ୟରେ ବଞ୍ଚିବାର ଆକାଙ୍‌କ୍ଷା ବହନ କରି ରହିଥାଏ। ଯଥାର୍ଥ ଧର୍ମ ଆମ ଜୀବନର ଏହିସବୁ ବିଭିନ୍ନ ଢଗକୁ ତଦ୍‌ଗତତାର ସେହି ଉଚ୍ଚତର ଆଲୋକ ଏବଂ ବିଧାନଦ୍ୱାରା ଅନୁପ୍ରେରିତ ତଥା ଅନୁଶାସିତ କରି ରଖିବାକୁ ଇଚ୍ଛା କରିଥାଏ। ଅନ୍ୟ ପକ୍ଷରେ ଧାର୍ମିକତା ବା ଧର୍ମଲିପ୍ତତା ଜୀବନର ନିମ୍ନତର ଭାବଗୁଡ଼ିକୁ ବଡ଼ ସଙ୍କୀର୍ଣ୍ଣଭାବରେ ଏକ ଧର୍ମବିଗଳିତ ଭାବପ୍ରବଣତା-ଦ୍ୱାରା ଅତିରଞ୍ଜିତ କରି ରଖିବାରେ ହିଁ ବ୍ୟସ୍ତ ହୋଇ ରହିଥାଏ, ବୁଦ୍ଧିଆଶ୍ରିତ କେତେଟା ବିଭିନ୍ନ ବିଶ୍ୱାସ, ଉପଚାର ଏବଂ ଉପାସନା ଉପରେ ଅତିରିକ୍ତ ଗୁରୁତ୍ୱ ଦେବାରେ ଲାଗିଥାଏ, କୌଣସି ଏକ କଠୋର ଓ ଅନମନୀୟ ନୀତିବଦ୍ଧତାର ସମାହାରକୁ କାମୁଡ଼ି ପଡ଼ି-ରହିଥାଏ, ଅଥବା କୌଣସି ଏକ ଧାର୍ମିକ-ରାଜନୀତିକ କିମ୍ବା ଧାର୍ମିକ-ସାମାଜିକ ବ୍ୟବସ୍ଥାକୁ ସର୍ବସ୍ୱ ବୋଲି ଆଦରି ରହିଥାଏ। ଏସବୁ ବିଷୟକୁ ଯେ ସର୍ବଥା କେବଳ ଅବହେଳିତ ହିଁ କରି ରଖିବା ଉଚିତ, ଏଠାରେ ସେକଥା ଆଦୌ କୁହାଯାଉ ନାହିଁ; ସେଗୁଡ଼ାକର ଯେ କୌଣସି ମୂଲ୍ୟ ନାହିଁ ବା ଆବଶ୍ୟକତା ନାହିଁ, ସେକଥା ମଧ୍ୟ କୁହାଯାଉ ନାହିଁ, ଏବଂ ଏକ ଅଧ୍ୟାତ୍ମମୂଳ ଧର୍ମରେ ଯେ ଆଚାର, ଉପଚାର, ବିଶ୍ୱାସ କିମ୍ବା ନିୟମବଦ୍ଧତାର ସାହାଯ୍ୟ ଗ୍ରହଣ କରିବାଲାଗି ଆଦୌ କୌଣସି ଆବଶ୍ୟକତା ରହିବ ନାହିଁ, ସେକଥା ମଧ୍ୟ କଦାପି କୁହାଯାଉ ନାହିଁ। ଅନ୍ୟ ପକ୍ଷରେ ମନୁଷ୍ୟଲାଗି ସେଗୁଡ଼ିକର ସବୁବେଳେ ଆବଶ୍ୟକତା ରହିଛି; କାରଣ ଆଧ୍ୟାତ୍ମିକତାଦ୍ୱାରା ପୂର୍ଣ୍ଣଭାବେ ଅନୁରଞ୍ଜିତ ହୋଇପାରିବା ପୂର୍ବରୁ ଆମ ଜୀବନର ନିମ୍ନତର ଭାଗଗୁଡ଼ିକୁ ଅନୁପ୍ରେରିତ ତଥା ଉଦ୍ବେଳିତ କରିବାକୁ ହିଁ ପଡ଼ିବ; ଆଧ୍ୟାତ୍ମିକତାର ପ୍ରତ୍ୟକ୍ଷାନୁଭୂତି ଲାଭ କରିବା ପୂର୍ବରୁ ଓ ତାହାରି ବିଧାନଟି ଦ୍ୱାରା ପ୍ରଶାସିତ ହୋଇପାରିବା ପୂର୍ବରୁ ସେଗୁଡ଼ିକୁ ଉଦ୍ବେଳିତ ହେବାକୁ ହିଁ ପଡ଼ିବ। ମନନସମର୍ଥ ଏବଂ ତର୍କବୁଦ୍ଧିରେ ଅଭ୍ୟସ୍ତ ମନଲାଗି ଅନେକ ସମୟରେ ଏକ ବୌଦ୍ଧିକ ସୂତ୍ରର ଆବଶ୍ୟକତା ରହିଥାଏ, ଆମର ସୌନ୍ଦର୍ଯ୍ୟକାମୀ ଭାବଦୃଷ୍ଟି ଏବଂ ଅବବୌଦ୍ଧିକ ସତ୍ତାର ଅନ୍ୟ ଭାବଗୁଡ଼ିକଲାଗି ଏକ ଆଚାର କିମ୍ବା ଉତ୍ସବର ବି ଆବଶ୍ୟକତା ରହିଥାଏ, ସେହି ଭାବଗୁଡ଼ିକୁ ଜୀବନଆଡ଼କୁ ଅନ୍ତର୍ମୁଖୀ କରାଇବା ସମୟରେ ମନୁଷ୍ୟର ପ୍ରାଣିକ ପ୍ରକୃତିଲାଗି ଏକ ଦୃଢ଼ ନୈତିକ ନିୟମବଦ୍ଧତାର ଆବଶ୍ୟକତା ମଧ୍ୟ ରହିଥାଏ; ମାତ୍ର ଏଗୁଡ଼ାକ ହେଉଛି କେବଳ ସହାୟକ, କେବଳ ଆଲମ୍ବନ; ଏଗୁଡ଼ିକ ଆଦୌ ଅସଲ କଥା ନୁହନ୍ତି; କାରଣ ସେଗୁଡ଼ିକ ହେଉଛନ୍ତି ଆମ ସତ୍ତାର ବୌଦ୍ଧିକ ତଥା

'oaob.nitrkl.ac.in' images reprocessed

ଅତିଭୌତିକ ପ୍ରଦେଶଗୁଡ଼ିକର ବ୍ୟାପାର ଏବଂ ସେଗୁଡ଼ିକ ତା'ଠାରୁ ଆଉ ଅଧିକ କିଛି ନେଲେ ହୋଇପାରିବେ ନାହିଁ ଏବଂ ଅତି ଅନ୍ଧଭାବରେ କେବଳ ସେହିଗୁଡ଼ିକୁ ଆବୋରି ପଡ଼ିରହିଲେ ତଦ୍ଦ୍ୱାରା ବୁଦ୍ଧିର ଅଜ୍ଞାତ ହୋଇ ରହିଥିବା ଆଲୋକଟି ଆମ ଉପରେ ଆସି ପଡ଼ିବା ପଥରେ ବାଧା ପହଞ୍ଚିବାର ବି ଆଶଙ୍କା ଆସି ପହଞ୍ଚିବ । ତେଣୁ ସେଗୁଡ଼ିକ ସେଠିକି ମଧ୍ୟରେ ଅଛନ୍ତି, କେବଳ ସେହିପରିଭାବରେ ହିଁ ମନୁଷ୍ୟ ସେଗୁଡ଼ିକୁ ଗ୍ରହଣ କରିବ ଓ ସେଗୁଡ଼ିକୁ କାମରେ ଲଗାଇବ ; ମାତ୍ର କୌଣସି ବଳାତ୍କାର କିମ୍ବା ଅନମନୀୟ କର୍ତ୍ତୃତ୍ୱଦ୍ୱାରା ସେଗୁଡ଼ିକୁ ତା'ର ଏକମାତ୍ର ବିଧାନରୂପେ ମଣିଷ ଉପରେ ଲଦିଦିଆଯାଇପାରିବ ନାହିଁ । ସେଗୁଡ଼ିକର ବ୍ୟବହାର-କ୍ଷେତ୍ରରେ ସହନଶୀଳତା ପ୍ରଥମ ନିୟମ ହୋଇ ରହିଥିବ, ସେଗୁଡ଼ିକରେ ପରିବର୍ତ୍ତନ ଆଣିବାଲାଗି ମଧ୍ୟ ପୂର୍ଣ୍ଣ ଅନୁମତି ରହିଥିବ ଏବଂ ଏହି ନିୟମଟିର ଅବଶ୍ୟ ପାଳନ କରାଯିବ । ଧର୍ମଭିତରେ ରହିଥିବା ଆଧ୍ୟାତ୍ମିକ ସାରଟି ହେଉଛି ସବୁଠାରୁ ଅଧିକ ଏକାନ୍ତଭାବରେ ଆବଶ୍ୟକ ; ଆମେ ତାହାକୁ ହିଁ ସର୍ବଦା ଆପଣା ଜୀବନରେ ଧାରଣ କରି ରହିଥିବା ଏବଂ ଅନ୍ୟ ସକଳ ଉପାଦାନ ବା ଅଭିପ୍ରାୟକୁ ସର୍ବଦା ତାହାର ଅଧୀନ କରି ହିଁ ରଖିଥିବା ।

ମାତ୍ର ଏଠାରେ ଏକ 'ଦ୍ୱିଅର୍ଥବୋଧକତା ଆସି ଉପସ୍ଥିତ ହେଉଛି, ଯାହା କି ବ୍ୟବଧାନଟି ଲାଗି ଏକ ଗମ୍ଭୀରତର ଆଉ ଗୋଟିଏ କାରଣର ଆଭାସ ଆଣି-ଦେଉଛି; କାରଣ ଆଧ୍ୟାତ୍ମିକତାଦ୍ୱାରା ଧର୍ମ ଅନେକ ସମୟରେ ଏହି ପାର୍ଥିବ ଜୀବନଠାରୁ ଅନେକ ଦୂରରେ ରହିଥିବା ଏହାଠାରୁ ଅନ୍ୟ ପ୍ରକାର ହୋଇ ରହିଥିବା ଏବଂ ଏହାପ୍ରତି ବୈରଭାବ ରଖିଥିବା ଆହୁରି କିଛିକୁ ବୁଝାଇବାପରି ବୋଧ ହେଉଛି । ଏହି ପୃଥିବୀଗତ ଲକ୍ଷ୍ୟଗୁଡ଼ିକୁ ଏକ ଆଧ୍ୟାତ୍ମିକ ଜୀବନୋପଲବ୍ଧିର ବିରୋଧୀ ବୋଲି କହି ତାହା ସେଗୁଡ଼ିକର ଅନୁଧ୍ୟାନକୁ ସତେଅବା ଧିକ୍କାର କରୁଥିବାପରି ମନେ ହେଉଛି ; ଏହି ପୃଥିବୀରେ ମନୁଷ୍ୟର ଯାବତୀୟ ଆଶା ତଥା ଆକାଙ୍‌କ୍ଷାକୁ ତାହା ସତେଅବା କେବଳ ଏକ ଭ୍ରାନ୍ତି କିମ୍ବା ଅଳୀକତା ବୋଲି ଘୋଷଣା କରୁଛି ଏବଂ ସ୍ୱର୍ଗରାଜ୍ୟରେ ନିହିତ ହୋଇ ରହିଥିବା ମନୁଷ୍ୟର ଆଶାଗୁଡ଼ିକ ସହିତ ତାହାର ଆଦୌ କୌଣସି ସଙ୍ଗତି ନାହିଁ ବୋଲି କହୁଛି । ଏହି କ୍ଷେତ୍ରରେ ତଦ୍‌ଗତ ଜୀବନ ଓ ତଦ୍‌ଗତ ଆକାଙ୍‌କ୍ଷା ଆମଠାରୁ ଅଲଗା ସତେ ଅବା ଆଉ କିଛି ହୋଇ ରହୁଛି, ଯାହାକୁ ଲାଭ କରିବାକୁ ହେଲେ କି ମଣିଷକୁ ତା'ର ନିମ୍ନତର ଭାଗଗୁଡ଼ିକର ଜୀବନଟିକୁ ନିରର୍ଥକ ମଣି ଏକାବେଳେକେ ଫିଙ୍ଗିଦେବାକୁ ପଡ଼ିବ । କେତେ ବାଟ ଯାଇ ସେ ହୁଏତ ଏହି ଅଧୋଜୀବନଟିକୁ ବର୍ଜନ କରିବ, ତାହାର ଉଦ୍ଦେଶ୍ୟଟି ସିଦ୍ଧ ହୋଇଯିବା-ପରେ ତାହାକୁ ଛାଡ଼ି ଚାଲିଆସିବ ; ଅଥବା ସବୁପ୍ରକାର ଅଦମ୍ୟତାସହକାରେ ସେ ତାକୁ ନିରୁତ୍ସାହିତ କରି ରଖିବ, ନାନା କୃଚ୍ଛ୍ର ସାଧନାଦ୍ୱାରା ଦମନ କରି ରଖିବ କିମ୍ବା ଏକାବେଳେକେ ନିର୍ବାପିତ କରିଦେବ । ଯଦି ତାହାହିଁ ଧର୍ମର ପ୍ରକୃତ ତାତ୍ପର୍ଯ୍ୟ ହୋଇଥାଏ,

'oaob.nitrkl.ac.in' images reprocessed

ତେବେ କହିବାକୁ ହେବ ଯେ ସାମାଜିକ ପ୍ରୟାସର ବିଶେଷ କ୍ଷେତ୍ରଟିରେ ଆମ ମନୁଷ୍ୟ-ସମାଜ ଲାଗି ଧର୍ମ ଭିତରେ ସ୍ପଷ୍ଟତଃ ଆଦୌ କୌଣସି ସକାରାତ୍ମକ ସନ୍ଦେଶ ବା ଆବେଦନ ନାହିଁ ; ତା'ର ସମାଜଗତ ଆଶା ତଥା ଆକାଙ୍କ୍ଷାର କ୍ଷେତ୍ରଟି ଲାଗି ଏବଂ ଆପଣା ସତ୍ତାର ନିମ୍ନତର କ୍ଷେତ୍ରଗୁଡ଼ିକରେ ବ୍ୟକ୍ତିଲାଗି ମଧ୍ୟ ଧର୍ମର କୌଣସି ଭାବାତ୍ମକ ଆବେଦନ ନାହିଁ ; କାରଣ; ଆମ ପ୍ରକୃତିର ପ୍ରତ୍ୟେକ ତତ୍ତ୍ୱ ସ୍ୱଭାବପ୍ରେରିତ ଭାବରେ ଆପଣାର ସ୍ୱକୀୟ କ୍ଷେତ୍ରଟିରେ ହିଁ ପରିପୂର୍ଣ୍ଣତାର କାମନା ରଖିଛି, ଏବଂ ଯଦି ତାହାକୁ କୌଣସି ଉଚ୍ଚତର ସାମର୍ଥ୍ୟର ଆଜ୍ଞା ଅନୁସାରେ ପରିଚାଳିତ ହେବାକୁ ହୁଏ, ତେବେ ତାହା କେବଳ ସେତିକବେଳେ ସମ୍ଭବ ହେବ, ଯେତେବେଳେ କି ସେହି ସାମର୍ଥ୍ୟ ଏହାକୁ ଏକ ବୃହତ୍ତର ପରିପୂର୍ଣ୍ଣତା ଆଣିଦେଇପାରିବ ଏବଂ ତାହାର ଆପଣା କ୍ଷେତ୍ରରେ ମଧ୍ୟ ତାହାକୁ ଏକ ପୂର୍ଣ୍ଣତର ସନ୍ତୋଷ ଦେଇପାରିବ । ମାତ୍ର ସେଭଳି ଅଧିକରୁ ଅଧିକ ପରିପୂର୍ଣ୍ଣ ହୋଇ-ପାରିବାର ଯଦି କୌଣସି ସମ୍ଭାବନା ନ ଥାଏ, ଏବଂ ଆଧ୍ୟାତ୍ମିକତାର ଆକାଙ୍କ୍ଷାଟି ଆସି ତା' ଭିତରୁ ଯଦି ତାହାର ପରିପୂର୍ଣ୍ଣ ହେବାର ଆକାଙ୍କ୍ଷାଟିକୁ ହରଣ କରି ନେଇଯାଏ, ତେବେ ତାହା ହୁଏତ ଆପଣା ଉପରୁ ସକଳ ବିଶ୍ୱାସ ହରାଇବସିବ, ଏବଂ ଆପଣାର ଶକ୍ତିମତ୍ତା ତଥା କ୍ରିୟାତ୍ମକତାଗୁଡ଼ିକର ସ୍ୱାଭାବିକ ସଂପ୍ରସାରଣଲାଗି କାର୍ଯ୍ୟ କରିବାର ସାମର୍ଥ୍ୟଟିକୁ ମଧ୍ୟ ହରାଇବସିବ ; ଅଥବା ଆପଣା ଧର୍ମଟିର ଅନୁସରଣ କରି-ପାରିବାଲାଗି ତାହାକୁ ଚିନ୍ମୟତାର ଆହ୍ୱାନଟିକୁ ବର୍ଜନ କରିବାକୁ ପଡ଼ିବ । ମର୍ତ୍ତ୍ୟ ଏବଂ ସ୍ୱର୍ଗ ମଧ୍ୟରେ, ଇହ ଏବଂ ପରତ୍ର ମଧ୍ୟରେ ରହିଥିବା ଏହି କଳହଟି, ଚିନ୍ମୟତା ଏବଂ ତାହାର ଅନ୍ୟ ବିଭାଗଗୁଡ଼ିକ ମଧ୍ୟରେ ରହିଥିବା ବିବାଦଟି ଆହୁରି ଅଧିକ ଶକ୍ତିଶାଳୀ ଭାବରେ ଆମର ସକଳ ସମ୍ଭାବନାକୁ ପ୍ରାୟ ବନ୍ଧ୍ୟା କରିଦେବାକୁ ଆସେ, ଯେତେବେଳେ ଆଧ୍ୟାତ୍ମିକତା ଏକ ବିଷାଦଧର୍ମର ଆକାର ଗ୍ରହଣ କରି ବାହାରେ, ଦୁଃଖଭୋଗ ଏବଂ କୃଚ୍ଛ୍ରସାଧନାକୁ ସମ୍ବଳ କରି ଧରେ ଏବଂ ଏହି ବିଷୟଜଗତର ଅଳୀକତାକୁ ହିଁ ଆପଣାର ପ୍ରଚାରସାର କରି ଗ୍ରହଣ କରିନଏ । ଆପଣାର ଅତିରଞ୍ଜିତ ଅବସ୍ଥାରେ ତାହା ଆମକୁ ନେଇ ଆତ୍ମାର ଏପରି ଏକ ଆର୍ତ୍ତନାଦମୟ ଅବସ୍ଥାରେ ପହଞ୍ଚାଇଦିଏ, ଯେତେବେଳେ କି ମଧ୍ୟଯୁଗର ଏକ ନିକୃଷ୍ଟତମ ମୁହୂର୍ତ୍ତରେ ଏକ ଭୟଙ୍କର ଅନ୍ଧକାର ଓ ଅସହାୟତାକୁ ହିଁ ଆମର ଏକମାତ୍ର ଗତି ବୋଲି ଦର୍ଶାଇ ଦିଆଯାଉଥିଲା, ଯେତେବେଳେ ଏକ ଆସନ୍ନପ୍ରାୟ ଓ ପ୍ରତ୍ୟାଶିତ ଯୁଗଶେଷ ଅର୍ଥାତ୍ ଏକ ଅନିବାର୍ଯ୍ୟ ଏବଂ ଆକାଙ୍କ୍ଷିତ ପ୍ରଳୟରେ ହିଁ ମାନବଜାତିର ଏକମାତ୍ର ଆଶା ନିହିତ ହୋଇ ରହିଥିଲା ; ମାତ୍ର ପୃଥିବୀ ବିଷୟରେ ଏହାଠାରୁ ଅପେକ୍ଷାକୃତ କମ୍ ଉଦ୍‌ଘୋଷିତ ଏବଂ କମ୍ ଅସହିଷ୍ଣୁ ସଂସ୍କରଣର ନିରାଶାବାଦୀ ଦୃଷ୍ଟିଭିତରେ ମଧ୍ୟ ଏହା କାର୍ଯ୍ୟତଃ ଜୀବନକୁ ହତୋତ୍ସାହିତ କରି-ରଖିବାଲାଗି ଏକ ସାମର୍ଥ୍ୟରୂପେ କାର୍ଯ୍ୟ କରିଥାଏ ଏବଂ ତେଣୁ ଜୀବନଲାଗି କଦାପି ଏକ ଯଥାର୍ଥ ବିଧାନ ବା ମାର୍ଗଦର୍ଶକ ହୋଇ ରହିପାରେ ନାହିଁ । ସେହି ଦୃଷ୍ଟିରୁ ବିଚାର କରି ଯାବତୀୟ ନିରାଶାବାଦକୁ ଆମେ ପରମ ଚିନ୍ମୟତାର କେବଳ ଏକ ଖଣ୍ଡିତ

'oaob.nitrkl.ac.in' images reprocessed

ବା ପ୍ରତ୍ୟାଖ୍ୟାନ ବୋଲି କହିପାରିବା, ତାହାର ପରିପୂର୍ଣ୍ଣତା ଓ ସାମର୍ଥ୍ୟକୁ କେବଳ ଅସ୍ୱୀକାର କରିବା ବୋଲି କହିବା ; ଏହି ସଂସାରରେ ଭଗବତ୍-ଇଚ୍ଛାପୂରଣର ସ୍ୱକୀୟ ସ୍ୱାତନ୍ତ୍ର୍ୟଗୁଡ଼ିକ ବିଷୟରେ ଅଧୀର ହୋଇପଡ଼ିବା ବୋଲି କହିବା, ଏହି ସଂସାରକୁ ସୃଷ୍ଟି କରିଥିବା ଏବଂ ତାହାକୁ ନିୟତ ବାଟ ଦେଖାଇନେଉଥିବା ସେହି ଦିବ୍ୟ ପରମ ବିବେକ ତଥା ପରମ ସଂକଳ୍ପ ଉପରେ ଯଥେଷ୍ଟ ବିଶ୍ୱାସ ନ ରଖିବାର ପରିଚାୟକ ବୋଲି କହିବା । ସେହି ସର୍ବୋଚ୍ଚ ବିବେକ ଓ ସାମର୍ଥ୍ୟ ବିଷୟରେ ଏହି ଦୃଷ୍ଟିଟି ମଧ୍ୟରେ ଏକ ଭ୍ରମଧାରଣାକୁ ପ୍ରଶ୍ରୟ ଦିଆଯାଇଛି, ଏବଂ ସେହି କାରଣରୁ ହିଁ ତାହା କଦାପି ଚିନ୍ମୟତାର ସେହି ସର୍ବୋଚ୍ଚ ବିବେକ ଏବଂ ସର୍ବୋଚ୍ଚ ସାମର୍ଥ୍ୟରୂପେ ଆପଣାକୁ ଅବସ୍ଥାପିତ କରିପାରିବ ନାହିଁ, ଆପଣାର ମାର୍ଗଦର୍ଶନଲାଗି ଜଗତ ଯାହା ଉପରେ ପ୍ରକୃତରେ ନିର୍ଭର କରିପାରିବ, ଆପଣାର ସମଗ୍ର ଜୀବନଟିକୁ ପରମ ଦିବ୍ୟତା ଆଡ଼କୁ ଉନ୍ମୀଳିତ କରିନେବାପାଇଁ ଜଗତ ଯାହାର ମାର୍ଗଦର୍ଶନ ଉପରେ ପ୍ରକୃତରେ ଭରସା ବି ରଖିପାରିବ ।

ଧର୍ମରୁ ବୀତଶ୍ରଦ୍ଧ ହୋଇ ଲେଉଟିଆସିବା ଓ ଧର୍ମର ଦାବିକୁ ଜୀବନର କ୍ଷେତ୍ରରେ ଯଥାସମ୍ଭବ କମ୍ କରି ରଖିବା,—ପାଶ୍ଚାତ୍ୟ ଜଗତର ଏହି ପ୍ରବୃତ୍ତିଦ୍ୱାରା ହିଁ ଇଉରୋପ ମଧ୍ୟଯୁଗୀୟ ଧର୍ମପ୍ରଧାନ ଦୃଷ୍ଟି ମଧ୍ୟରୁ ବାହାରି ରେନେସାଁ ଏବଂ ଧର୍ମସଂସ୍କାର ଆନ୍ଦୋଳନର ମଧ୍ୟଦେଇ ଏଯୁଗର ବୁଦ୍ଧିବାଦୀ ଦୃଷ୍ଟି ପାଖରେ ଆସି ପହଞ୍ଚିଛି ; ଏହି ନିତ୍ୟନୈମିତ୍ତିକ ସଂସାର ଭୂମିରେ ଜୀବନଟିକୁ ହିଁ ଆମର ଏକମାତ୍ର ଜୀବନ ଧନ୍ଦା କରି ରଖାଯାଇଛି, ଆମ ଜୀବନର କେବଳ ନିମ୍ନତର ସ୍ତରଗୁଡ଼ିକର ବିଧାନଟିଦ୍ୱାରା ହିଁ ଆପଣାକୁ ଯଥାସମ୍ଭବ ପୂର୍ଣ୍ଣ କରି ରଖିବାଲାଗି ପ୍ରାଣାନ୍ତ ସାଧନା ଲାଗିରହିଛି ଏବଂ ଆଧ୍ୟାତ୍ମିକ ଯାବତୀୟ ଆକାଙ୍କ୍ଷା ଓ ଅନ୍ୱେଷଣ ସହିତ ଗିଅ କାଟିଦିଆଯାଇଛି । ଏଇଟିକୁ ଆମେ ପୂର୍ବଭ୍ରାନ୍ତିର ବିପରୀତ ଆଡ଼େ ଯାଇଥିବା ଆଉ ଗୋଟିଏ ଭ୍ରାନ୍ତି ବୋଲି କହିବା, ଏକ ବିପରୀତମୁଖୀ ଅଜ୍ଞାନଜଡ଼ିତ ଅତିଶଯ୍ୟତା ବୋଲି କହିବା ; ଏକ ଭ୍ରାନ୍ତିପ୍ରେରିତ ସ୍ୱୀକାରରୁ ଆସି ଅନିବାର୍ଯ୍ୟଭାବରେ ଏକ ଭ୍ରାନ୍ତିପ୍ରେରିତ ଅସ୍ୱୀକାର ଆଡ଼କୁ ଢଳିପଡ଼ିବା ବୋଲି କହିବା । ଏଇଟା ପ୍ରକୃତରେ ଗୋଟାଏ ଭ୍ରାନ୍ତି ; କାରଣ ଏପରି ଏକ ସୀମାବଦ୍ଧତା ଏବଂ ସୀମାୟିତତା ମଧ୍ୟରେ ଆମକୁ କଦାପି ପରିପୂର୍ଣ୍ଣତା ମିଳିପାରିବ ନାହିଁ ; କାରଣ ଏହା ମନୁଷ୍ୟ-ଅସ୍ତିତ୍ୱର ସମଗ୍ର ବିଧାନଟିକୁ ଏକାବେଳେକେ ଅସ୍ୱୀକାର କରି ରଖିଛି, ଜୀବନର ଗଭୀରତମ ଆବେଗ ତଥା ନିଗୂଢ଼ତମ ଆକାଙ୍କ୍ଷାଟିକୁ ମଧ୍ୟ ଅସ୍ୱୀକାର କରି ରଖିଛି । କେବଳ ସର୍ବୋଚ୍ଚ ସୋପାନର ସେହି ଆଲୋକର ସମ୍ପାତ ଏବଂ ସେହି ସାମର୍ଥ୍ୟର ଅନୁପ୍ରେରଣ ଫଳରେ ହିଁ ନିମ୍ନତର ସ୍ତର ତଥା ସୋପାନଗୁଡ଼ିକର ଯଥାଥ ପରିଚାଳନା ସମ୍ଭବ ହୋଇପାରିବ, ସେଗୁଡ଼ିକୁ ଉନ୍ମୀଳିତ କରାଯାଇପାରିବ, ସେଗୁଡ଼ିକର ସିଦ୍ଧି ହୋଇପାରିବ । ମନୁଷ୍ୟର ନିମ୍ନତର ଜୀବନ ଆକାରତଃ ଦିବ୍ୟତା

'oaob.nitrkl.ac.in' images reprocessed

ମଧ୍ୟରୁ ବିଚ୍ଛିନ୍ନ ହୋଇ ରହିଛି ; ଏ କଥା ଅବଶ୍ୟ ସତ ଯେ ତାହାର ଅନ୍ତଃସ୍ଥଳରେ ସେହି ଦିବ୍ୟତତ୍ତ୍ୱଟି ହିଁ ପ୍ରଚ୍ଛନ୍ନ ହୋଇ ରହିଛି ଏବଂ କେବଳ ସେହି ଉଚ୍ଚତର ବିଧାନଟିର ସନ୍ଧାନ କରିପାରିବାଦ୍ୱାରା ଏବଂ ଆଧ୍ୟାତ୍ମିକ ଆଲୋକଟିକୁ ଏଠାରେ ଆଣି ପ୍ରତିଫଳିତ କରାଇବାଦ୍ୱାରା ହିଁ ଅଦିବ୍ୟକୁ ଦିବ୍ୟରୂପେ ରୂପାନ୍ତରିତ କରାଯାଇପାରିବ । ଅନ୍ୟ ପକ୍ଷରେ ଯେଉଁ ଅଳସ ବୈରାଗ୍ୟ, ଅବିଶ୍ୱାସ ଜୀବନକୁ ଧିକ୍‌କୃତ କରି ରଖିଛି, ଜୀବନକୁ ନେଇ ଆର୍ତ୍ତନାଦ କରିବାରେ ଲାଗିଛି ଅଥବା ବର୍ତ୍ତମାନ ଏହା ଦିବ୍ୟତାଠାରୁ ଏପରି ବିଚ୍ଛିନ୍ନ ହୋଇ ରହିଛି ଏବଂ ଆଧ୍ୟାତ୍ମିକ ଜୀବନଟି ସହିତ ସମତାଯୁକ୍ତ ହୋଇ ରହିନାହିଁ ବୋଲି ଏହାର ଅଭିବୃଦ୍ଧିକୁ ନିରୁତ୍ସାହିତ କରିବାରେ ଲାଗିଛି, ଆମେ ସେଇଟିକୁ ମଧ୍ୟ ଠିକ୍ ସେହିଭଳି ଗୋଟିଏ ଭ୍ରାନ୍ତି ବୋଲି କହିବା, ଅନ୍ଧଂ ତମଃ ବୋଲି କହିବା । ଯେଉଁ ସଂସାରବିରାଗୀ ଯତି ସଂସାରକୁ ପ୍ରତ୍ୟାଖ୍ୟାନ କରୁଛି ବା ଯେଉଁ କେବଳବୈରାଗୀ ସଂସାରଠାରୁ ନିଜକୁ ଅଲଗା କରି ରଖୁଛି, ଏପରି କରିବାଦ୍ୱାରା ସେ ହୁଏତ ନିଜର ବ୍ୟକ୍ତିଗତ ବିଦେହ ମୁକ୍ତିଟିକୁ ବେଶ୍ ପାଇଯାଉଛି, ଆପଣାର ଯାବତୀୟ ତ୍ୟାଗ ଓ ତପସ୍ୟାର ଆଧ୍ୟାତ୍ମିକ କ୍ଷତିପୂରଣଟି ପାଇଯାଉଛି ; ଆପଣାର ବହିଃସ୍ଥାରଧର୍ମୀ ପଦ୍ଧତିଟିଦ୍ୱାରା ଜଡ଼ବାଦୀ ମଧ୍ୟ ହୁଏତ ଯେପରି ଆପଣାର ବ୍ୟକ୍ତିଗତ ସାମର୍ଥ୍ୟ ଏବଂ ଏକଶ୍ରେଣୀୟ ସକଳ ଅନୁସନ୍ଧାନର ଉପଯୁକ୍ତ ବା ପ୍ରତ୍ୟାଶିତ ପୁରସ୍କାରମାନ ପାଇଯାଉଛି, ଠିକ୍ ସେହିପରି । ମାତ୍ର ବୈରାଗୀ ଅଥବା ଜଡ଼ବାଦୀ କେହି ମନୁଷ୍ୟସମାଜକୁ ଯଥାର୍ଥ ବାଟ ଦେଖାଇପାରିବ ନାହିଁ କିମ୍ବା ତାହାକୁ ତାହାର ଯଥାର୍ଥ ବିଧାନଟି ଆଣିଦେଇପାରିବ ନାହିଁ । ସଂସାରତ୍ୟାଗୀ ଆଶ୍ରମବାସୀର ଦୃଷ୍ଟିଟି ମଧ୍ୟରେ ଏକ ଭୟ ନିହିତ ହୋଇ ରହିଛି, ଏକ ଘୃଣା ରହିଛି, ଜୀବନ ଓ ଜୀବନଗତ ନାନା ଆକାଙ୍‌କ୍ଷା ପ୍ରତି ଅବିଶ୍ୱାସ ରହିଛି, ଏବଂ ଯେଉଁଟି ସହିତ ତାହାର ଆଦୌ କୌଣସି ସହାନୁଭୂତି ନାହିଁ, ସେ ତାହାକୁ ବିବେକସମ୍ପନ୍ନଭାବରେ କୌଣସି ବାଟ ଦେଖାଇପାରିବ କିପରି ? ଜଣେ ଯାହାକୁ ଆହୁରି କ୍ଷୀଣ କରିଦେବାକୁ ଚାହୁଁଛି, ଯାହାକୁ ନିରୁତ୍ସାହିତ କରି ରଖିବାକୁ ଚାହୁଁଛି, ସେ ତାହାର ଆଉ କି ମାର୍ଗଦର୍ଶକ ହୋଇପାରିବ ? ତେଣୁ ଯଦି ଏହି କେବଳବୈରାଗୀର ଭାବଦୃଷ୍ଟିଟି ଜୀବନ ତଥା ମନୁଷ୍ୟସମାଜର ପରିଚାଳନା କରୁଥାଆନ୍ତା, ତେବେ ତାହା ଜୀବନକୁ କେବଳ ଆପଣାକୁ ଅସ୍ୱୀକାର କରିବାରେ ହିଁ ଏକ ସାଧନରୂପେ ପ୍ରସ୍ତୁତ ହେବାରେ ସାହାଯ୍ୟ କରୁଥାଆନ୍ତା, ଆପଣାର ସ୍ୱକୀୟ ଅଭିପ୍ରାୟଗୁଡ଼ିକ ମଧ୍ୟରୁ ବାହାରି ଚାଲିଯିବାରେ ହିଁ ତାକୁ ପ୍ରରୋଚନା ଦେଉଥାଆନ୍ତା । ବୈରାଗୀ ହାତରେ ଅଙ୍କୁଶ ବା ପରିଚାଳନାର ଦାୟିତ୍ୱ ରହିଥିଲେ ସେ ଜୀବନର ନିମ୍ନତର କ୍ରିୟାତ୍ମକତାଗୁଡ଼ିକୁ ହୁଏତ ଏକାବେଳେକେ ନିକାଲିଦିଅନ୍ତା ନାହିଁ, ମାତ୍ର ପରିଶେଷରେ ଆପଣାକୁ କ୍ରମଶଃ କ୍ଷୀଣ କରିଆଣି ଶେଷକୁ ଆପଣାର ଯାବତୀୟ କ୍ରିୟାରୁ ନିବୃତ୍ତ ହୋଇ ରହିବାଲାଗି ସେଗୁଡ଼ିକୁ ପ୍ରବର୍ତ୍ତାଇବା ସକାଶେ ହିଁ ସେ ତାହା କରନ୍ତା । ମାତ୍ର ଆପେ ଜୀବନର ଜାଲଭିତରେ ନ ପଡ଼ି ତଥାପି ଜୀବନକୁ ଆଚ୍ଛାଦିତ

'oaob.nitrkl.ac.in' images reprocessed

କରି ରଖିବା ଉଦ୍ଦେଶ୍ୟରେ ଯେଉଁ ଆଧ୍ୟାତ୍ମିକତା ଆପଣାକୁ ଜୀବନଠାରୁ ପ୍ରତ୍ୟାହୃତ କରି ଆଣେ, ତାକୁ କଦାପି ଏଭଳି ଏକ ଅସମର୍ଥତା ସହିତ କାମ କରିବାକୁ ପଡ଼େ ନାହିଁ । ପ୍ରାଚୀନ ଭାରତୀୟ ବିଚାରରେ ରହିଥିବା ଋଷିର କଳ୍ପନାଟିରେ ମନୁଷ୍ୟଜୀବନକୁ ତା'ର ପରିପୂର୍ଣ୍ଣତା ଆଡ଼କୁ ବାଟ ଦେଖାଇ ନେଇଯିବାର ସାମର୍ଥ୍ୟ ରଖିଥିବା ସେହି ଉପଯୁକ୍ତ ଆଧ୍ୟାତ୍ମିକ ବ୍ୟକ୍ତିର ଦୃଷ୍ଟାନ୍ତଟି ହିଁ ଦର୍ଶିତ ହୋଇ ରହିଛି । ଋଷି ଅର୍ଥାତ୍ ଯିଏ ମନୁଷ୍ୟର ଜୀବନଟିକୁ ପରିପୂର୍ଣ୍ଣଭାବରେ ବଞ୍ଚିଛି ଏବଂ ବୁଦ୍ଧିର ଅତୀତ ସେହି ଅତିମାନସ ଏବଂ ଆଧ୍ୟାତ୍ମିକ ସତ୍ୟର ବାଣୀଟିକୁ ଆବିଷ୍କାର କରିପାରିଛି, ସେ ନିମ୍ନତର ସୀମାର ଏହିସବୁ ଆବଦ୍ଧତା ମଧ୍ୟରୁ ଆପଣାକୁ ଉତ୍ତୋଳିତ କରିନେଇପାରିଛି ଏବଂ ଉପରୁ ସବୁ କିଛିକୁ ସମଗ୍ରଭାବରେ ଅବଲୋକନ କରିପାରିବାର ସାମର୍ଥ୍ୟ ରଖିଛି । ମାତ୍ର ସଂସାରସ୍ଥ ଯାବତୀୟ ବିଷୟ ସହିତ ସେ ଏକ ସହାନୁଭୂତିର ସୂତ୍ରରେ ଯୁକ୍ତ ହୋଇ ରହିଛି ଏବଂ ତେଣୁ ସେଗୁଡ଼ିକୁ ଭିତରୁ ମଧ୍ୟ ଅବଲୋକନ କରିପାରିବାର ସାମର୍ଥ୍ୟ ଅବଶ୍ୟ ରଖିଛି । ତା' ଭିତରେ ସମ୍ପୂର୍ଣ୍ଣ ଅନ୍ତର୍ଜ୍ଞାନ ରହିଛି ଏବଂ ସକଳ ଜ୍ଞାନର ସୀମାକୁ ପାର ହୋଇ ରହିଥିବା ସେହି ଉଚ୍ଚତର ଜ୍ଞାନଟି ମଧ୍ୟ ରହିଛି । ତେଣୁ ପରମେଶ୍ୱର ଯେପରି ଦିବ୍ୟଭାବରେ ଏହି ପୃଥିବୀର ପରିଚାଳନା କରୁଛନ୍ତି, ମାନବିକଭାବରେ ତାହାକୁ ପରିଚାଳିତ କରିନେବାର ଶକ୍ତି ସେହି ଋଷି ମଧ୍ୟରେ ରହିଛି ; କାରଣ ଠିକ୍ ସେହି ପରମ ଦିବ୍ୟସତ୍ତାଙ୍କ ପରି ସେ ଏହି ଜଗତର ଜୀବନ ମଧ୍ୟରେ ଅବସ୍ଥିତ ରହିଛି, ତଥାପି ଏହି ଜଗତର ଊର୍ଦ୍ଧ୍ୱରେ ରହିଛି ।

ତେଣୁ ଆଧ୍ୟାତ୍ମିକତାର ଅର୍ଥକୁ ଏହି ଦୃଷ୍ଟିରୁ ଗ୍ରହଣ କରିପାରିଲେ ଆମେ ସେଇଟି ମଧ୍ୟରେ ଅବଶ୍ୟ ଆପଣାଲାଗି ଏକ ମାର୍ଗଦର୍ଶକ ଆଲୋକ ଏବଂ ସମତାବିଧାନକାରୀ ନିୟମର ସନ୍ଧାନ କରିପାରିବା; ଏବଂ ଧର୍ମ ଯେଉଁ ଅନୁପାତରେ ଏହି ଆଧ୍ୟାତ୍ମିକତାଟି ସହିତ ଏକାତ୍ମକ ହୋଇ ରହିଥିବ, ସେହି ଅନୁପାତରେ ଧର୍ମଭିତରେ ମଧ୍ୟ ଆମେ ସେଗୁଡ଼ିକର ସନ୍ଧାନ କରିପାରିବା । ମାତ୍ର ତାହା କରି ନ ପାରୁଥିବା ପର୍ଯ୍ୟନ୍ତ ଏହା ମନୁଷ୍ୟର ଅନ୍ୟାନ୍ୟ ଯାବତୀୟ କ୍ରିୟାତ୍ମକତା ମଧ୍ୟରେ କେବଳ ଗୋଟିଏ କ୍ରିୟାତ୍ମକତା ହୋଇ ରହିଥିବ, ତାହାର ନାନା ସାମର୍ଥ୍ୟ ମଧ୍ୟରେ କେବଳ ଗୋଟିଏ ସାମର୍ଥ୍ୟ ମାତ୍ର ହୋଇ ରହିଥିବ । ଏବଂ ସେଇଟିକୁ ତାହାର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ସବୁଠାରୁ ଅଧିକ ଶକ୍ତିଶାଳୀ କ୍ରିୟାତ୍ମକତା ଏବଂ ସାମର୍ଥ୍ୟ ବୋଲି ବିଚାର କରାଗଲେ ମଧ୍ୟ ତାହା ତଥାପି ଅନ୍ୟ କ୍ରିୟାତ୍ମକତା ଓ ସାମର୍ଥ୍ୟଗୁଡ଼ିକୁ ବାଟ ଦେଖାଇପାରିବ ନାହିଁ । ଯଦି ତାହା ସେଗୁଡ଼ିକୁ ସର୍ବଦା କୌଣସି ଏକ ଧର୍ମମତ, ଏକ ଅପରିବର୍ତ୍ତନୀୟ ବିଧାନ ବା ଏକ ନିର୍ଦ୍ଦିଷ୍ଟ ଆୟତନ ବା ବ୍ୟବସ୍ଥା ମଧ୍ୟରେ ଭର୍ତ୍ତି କରି ରଖିବାକୁ ଇଚ୍ଛା କରୁଥିବ, ତେବେ ସେଗୁଡ଼ିକ ଦିନେ ନା ଦିନେ ତାହା ବିରୁଦ୍ଧରେ ବିଦ୍ରୋହ କରିଉଠିବେ ଏବଂ ତାହାର ନିୟନ୍ତ୍ରଣରୁ ବାହାରି ଖସିଯିବାକୁ ଇଚ୍ଛା କରିବେ; ତାକୁ ସେଥିଲାଗି ମଧ୍ୟ

'oaob.nitrkl.ac.in' images reprocessed

ପ୍ରସ୍ତୁତ ରହିବାକୁ ପଡ଼ିବ । କାରଣ ସେମାନେ ତାହାର ଏହି ରୂପଟିକୁ କେବଳ ମାତ୍ର କେତେ ସମୟପାଇଁ ସ୍ୱୀକାର କରିନେବେ ଏବଂ ତାହାଦ୍ୱାରା ପ୍ରଭୂତଭାବରେ ଲାଭବାନ ହୋଇପାରିବେ ସତ, ମାତ୍ର ଶେଷରେ ଆପଣା ସତ୍ତାଟିର ବିଧାନଟିକୁ ମାତ୍ର ସେମାନେ ଏକ ଅଧିକ ବନ୍ଧନହୀନ କ୍ରିୟାତ୍ମକତା ଆଡ଼କୁ ପ୍ରଲୁବ୍ଧ ହୋଇ ଚାଲିଯିବେ, ଏକ ନିୟନ୍ତ୍ରଣମୁକ୍ତ ଗତିଶୀଳତା ଲାଗି ଧାଇଁବେ । ଯଥାର୍ଥ ଆଧ୍ୟାତ୍ମିକତା ମଧ୍ୟ ମନୁଷ୍ୟାତ୍ମାର ବନ୍ଧନମୁକ୍ତତା ଲାଗି ଯଥୋଚିତ ସମ୍ମାନ ଦେଖାଏ, କାରଣ ତାହା ସ୍ୱୟଂ କୌଣସି ବନ୍ଧନ ମଧ୍ୟରେ ନ ଥାଏ, ମୁକ୍ତତାଦ୍ୱାରା ପରିପୂର୍ଣ୍ଣ ରହିଥାଏ ; ଏବଂ ଆପଣାକୁ ସମ୍ପ୍ରସାରିତ କରି-ପାରିବାର ସାମର୍ଥ୍ୟ ଓ ଆପଣା ଧର୍ମଟି ଅନୁସାରେ ପରିପୂର୍ଣ୍ଣତା ଆଡ଼କୁ ବିକଶିତ ହୋଇ ଯାଉଥିବାର ସାମର୍ଥ୍ୟ,—ଏହାହିଁ ମୁକ୍ତତା ବା ସ୍ୱାଧୀନତାର ଗଭୀରତମ ତାତ୍ପର୍ଯ୍ୟ । ଆଧ୍ୟାତ୍ମିକତା ଆମ ସତ୍ତାର ଆଧାରସ୍ଥ ସକଳ ଅଂଶଗୁଡ଼ିକ ଲାଗି ଏହି ମୁକ୍ତିକୁ ବହନ କରି-ଆଣିବ । ପ୍ରାଚୀନ ଭାରତୀୟ ଧର୍ମ ଯାହା କରିପାରିଥିଲା, ଏହା ଦର୍ଶନ ଓ ବିଜ୍ଞାନକୁ ମଧ୍ୟ ସେହି ସ୍ୱାଧୀନତା ଦେଇପାରିବ, ଏପରିକି ଚିନ୍ମୟତା ଓ ଭଗବଦ୍‌ଗତତାକୁ ଅସ୍ୱୀକାର କରିବାର ସ୍ୱାଧୀନତା ମଧ୍ୟ ଦେଇପାରିବ । ଏହି କାରଣରୁ ହିଁ ପ୍ରାଚୀନ ଭାରତର ବିଜ୍ଞାନ ଓ ଦର୍ଶନ ଧର୍ମ ସହିତ ଆପଣାର ଖିଅଟିକୁ ଛିଣ୍ଡାଇ ଦେବାଲାଗି କେବେହେଲେ କୌଣସି ଆବଶ୍ୟକତା ଅନୁଭବ କରି ନ ଥିଲା, ମାତ୍ର ବରଂ ସେହି ଧର୍ମର ଆଲୋକଟିଦ୍ୱାରା ଆପଣାକୁ ସମୃଦ୍ଧ କରିଥିଲା ଓ ସେହି ଧର୍ମର ଆୟତନ ମଧ୍ୟକୁ ଆପଣାକୁ ବିକଶିତ କରାଇନେଇଥିଲା । ରାଜନୀତି ତଥା ସମାଜର କ୍ଷେତ୍ରରେ ମନୁଷ୍ୟ ଯେଉଁ ପରିପୂର୍ଣ୍ଣତାର ସନ୍ଧାନ କରୁଛି, ଆଧ୍ୟାତ୍ମିକତା ତାହାକୁ ମଧ୍ୟ ସେହି ସ୍ୱାଧୀନତା ଆଣିଦେବ, ମନୁଷ୍ୟର ଅନ୍ୟ ସକଳ ଆକାଙ୍‌କ୍ଷା ତଥା ସାମର୍ଥ୍ୟକୁ ମଧ୍ୟ ମୁକ୍ତ କରିଦେବ । ସେଗୁଡ଼ିକୁ କେବଳ ଆପଣାର ଆଲୋକଦ୍ୱାରା ଦୀପ୍ତ କରି ରଖିବାକୁ ତାହା ସର୍ବଦା ସତର୍କ ରହିଥିବ, ଯେପରିକି ସେଗୁଡ଼ିକ ମଧ୍ୟ କ୍ରମେ ଚିନ୍ମୟତାର ଆଲୋକ ତଥା ବିଧାନ ମଧ୍ୟକୁ ବିକଶିତ ହୋଇଯାଇପାରିବେ । ବିକାଶର ଏହି ପ୍ରକ୍ରିୟାଟିରେ ସୀମାବଦ୍ଧ କରି ରଖିବା କିମ୍ବା ଦବାଇ ରଖିବାଲାଗି କଦାପି କୌଣସି ଅବକାଶ ନ ଥିବ; କେବଳ ଆପଣାର ଅନୁସନ୍ଧାନ କରିବାରେ ଲାଗିଥିବା ଓ ଆପଣାକୁ ଆପଣାର ନିୟନ୍ତ୍ରଣ ମଧ୍ୟରେ ରଖିଥିବା ଏକ ସମ୍ପ୍ରସାରଣଦ୍ୱାରା ଏହି ବିକାଶ ସଂଘଟିତ ହେବ, ଏବଂ ଆପଣାର ବୃହତ୍ତମ, ଉଚ୍ଚତମ ତଥା ଗଭୀରତମ ସମ୍ଭାବନାଗୁଡ଼ିକର ବହୁମୁଖୀ ଆବିଷ୍କାରଦ୍ୱାରା ହିଁ ତାହା ସମ୍ଭବ ହେବ । କାରଣ ଏଗୁଡ଼ିକ ହେଉଛନ୍ତି କେବଳ ସେହି ଚିନ୍ମୟ ସତ୍ତାର ହିଁ ସମ୍ଭାବନା ।

'oaob.nitrkl.ac.in' images reprocessed

ଅଷ୍ଟାଦଶ ପରିଚ୍ଛେଦ

# ବିବର୍ତ୍ତନର ଅତିବୌଦ୍ଧିକ ପର୍ଯ୍ୟାୟ

ବ୍ୟକ୍ତିମନୁଷ୍ୟ ହେଉ ଅଥବା ଗୋଷ୍ଠୀଗତ ମନୁଷ୍ୟ ହେଉ, ତେବେ ଏହି ଆଧ୍ୟାତ୍ମିକତା ମଧ୍ୟରେ ହିଁ ଆମର ଚରମ ଲକ୍ଷ୍ୟ ନିହିତ ହୋଇ ରହିଛି, ପରିପୂର୍ଣ୍ଣ ହେବାଲାଗି ଆମର ଏକମାତ୍ର ଆଶା ନିହିତ ହୋଇ ରହିଛି । ଯେଉଁ ଆଧ୍ୟାତ୍ମିକତା ଆପଣାର ଏକ ସ୍ୱତନ୍ତ୍ର ପରିତର୍ପଣ ଲାଗି ସଂସାର ଏବଂ ସଂସାରର ଯାବତୀୟ କାର୍ଯ୍ୟରୁ ବିମୁଖ ହୋଇ ରହେ, ଏଠାରେ ସେହି ଆଧ୍ୟାତ୍ମିକତାର କଥା ବୁଝି ଯାଉ ନାହିଁ ; ମାତ୍ର ଯେଉଁ ଆଧ୍ୟାତ୍ମିକତା ସେଗୁଡ଼ିକର ସୀମାକୁ ଅତିକ୍ରମ କରିଯାଇଥାଏ ଏବଂ ତଥାପି ସେଗୁଡ଼ିକୁ ଗ୍ରହଣ କରେ ଓ ପରିପୂର୍ଣ୍ଣ କରିଦିଏ, ଏଠାରେ ସେହି ବୃହତ୍ତର ପରିପୂର୍ଣ୍ଣତାର କଥା ବୁଝାଯାଉଛି । ମନୁଷ୍ୟର ସକଳ ବୁଦ୍ଧିପ୍ରେରଣା, ସୌନ୍ଦର୍ଯ୍ୟବୋଧ, ନୈତିକତା, ପ୍ରାଣଗତତା ତଥା ଦୈହିକତାକୁ ଯେଉଁ ଆଧ୍ୟାତ୍ମିକତା ଆପଣା ଭିତରେ ଗ୍ରହଣ କରିନିଏ, ଜ୍ଞାନ ଲାଗି ମନୁଷ୍ୟର ଯେଉଁ ଆକାଙ୍‌କ୍ଷା ରହିଛି, ସୌନ୍ଦର୍ଯ୍ୟ ଲାଗି ଯେଉଁ ଆକର୍ଷଣ ରହିଛି, ପ୍ରେମ ଲାଗି ଯେଉଁ ଆବଶ୍ୟକତା ରହିଛି, ପରିପୂର୍ଣ୍ଣ ହେବାଲାଗି ଯେଉଁ ଆକୂତି ରହିଛି, ଜୀବନ ଏବଂ ସତ୍ତାଗତ ସକଳ ସାମର୍ଥ୍ୟ ତଥା ସମ୍ପୂର୍ଣ୍ଣତା ଲାଗି ତା'ର ଯେଉଁ ଦାବି ରହିଛି, ଯେଉଁ ଆଧ୍ୟାତ୍ମିକତା ସେଗୁଡ଼ିକୁ ଆପଣା ମଧ୍ୟକୁ ଗ୍ରହଣ କରିନିଏ, ଯେଉଁ ଆଧ୍ୟାତ୍ମିକତା ଏହିସବୁ ଅସମନ୍ୱିତ ସାମର୍ଥ୍ୟ ଆଗରେ ସେମାନଙ୍କର ଦିବ୍ୟବୋଧ ତଥା ଦେବତ୍ୱର ସମ୍ଭାବ୍ୟତାଗୁଡ଼ିକୁ ଉଦ୍‌ଘାଟିତ କରି ଦେଇଥାଏ, ସେଗୁଡ଼ିକୁ ପରସ୍ପର ସହିତ ସନ୍ତୁଳିତ କରି ରଖେ, କେବଳ ଅର୍ଦ୍ଧାଲୋକ ଏବଂ ଛାୟା ଭିତରେ ସେମାନେ ବିଚରଣ କରୁଥିବା ପଥଟିକୁ ଦେଖିପାରିବାଲାଗି ସେମାନଙ୍କର ଚକ୍ଷୁରୁନ୍ମୀଳନ ଘଟାଇ ଦେଇପାରେ, କେବଳ ଅନ୍ଧ ଓ ବନ୍ଦଦୃଷ୍ଟି ହୋଇ ସେମାନେ ଖୋଜୁଥିବା ବାଟଟିକୁ ସେମାନଙ୍କୁ ଦେଖାଇ ଦେଇଯାଏ, ସେହି ଆଧ୍ୟାତ୍ମିକତା ଏପରି ଏକ ସାମର୍ଥ୍ୟ, ଯାହାକୁ କି ଆପଣାକୁ ଅତିରିକ୍ତ ପରିମାଣରେ ଆତ୍ମ-ସଂପୂର୍ଣ୍ଣ ବୋଲି ମନେ କରୁଥିବା ମନୁଷ୍ୟର ବୁଦ୍ଧି ଆପଣା ମଧ୍ୟରେ ସ୍ୱୀକାର କରିନେଇପାରିବ, ଅଥବା ସେଇଟିକୁ ଆପଣାର ସର୍ବୋଚ୍ଚ ନିୟାମକରୂପେ ଗ୍ରହଣ କରିବାଲାଗି ଦିନେ ନା ଦିନେ ପ୍ରସ୍ତୁତ ହୋଇଯାଇପାରିବ । ତାହାର ମଧ୍ୟରେ ହିଁ ଆପଣାର ସର୍ବୋତ୍ତମ ଆଲୋକଟିକୁ

'oaob.nitrkl.ac.in' images reprocessed

ପ୍ରତ୍ୟକ୍ଷ କରିବ ଓ ଆପଣାର ଅନନ୍ତ ଉତ୍ସଟିକୁ ଚହ୍ନି ନେଇପାରିବ । କାରଣ ଏଥିରେ ଆଉ କୌଣସି ସନ୍ଦେହ ନାହିଁ ଯେ ତାହାହିଁ ସର୍ବଶେଷରେ ଆପଣାକୁ ନ୍ୟାୟତଃ ଆମର ଚରମ ପ୍ରତିଶ୍ରୁତି ରୂପରେ ଆସି ଉଦ୍‌ଘାଟିତ କରିଦେବ, ବ୍ୟକ୍ତିଗତ ଏବଂ ସାମାଜିକଭାବରେ ମନୁଷ୍ୟ ଯେତେ ଯାହାକଛି ଲାଗି ଯେଉଁସବୁ ପ୍ରୟାସ କରିବାରେ ଲାଗିଛି, ତାହାର ଅନିବାର୍ଯ୍ୟ ପରିଣତି ଏବଂ ପରିପୂର୍ଣ୍ଣତାଟିକୁ ଉଦ୍‌ଘାଟିତ କରିଦେଇଯିବ । ଏଇଠି ଜନ୍ମଲାଭ କରୁଥିବା ଯେଉଁ ଆଧ୍ୟାତ୍ମିକତା ମନୁଷ୍ୟଜାତି ମଧ୍ୟରେ ଏବେ ମଧ୍ୟ ବଡ଼ ଅଶୋଧିତ ତଥା ପ୍ରାଥମିକ ସ୍ତରରେ ହିଁ ରହିଛି, ସେଇଟି ପୂର୍ଣ୍ଣ ପରିତୁଷ୍ଟି ସହିତ ବିବର୍ତ୍ତିତ ହୋଇ ଆସିବାର ସମ୍ଭାବନାଟି ଆମ ଆଗରେ ନିଃସନ୍ଦେହଭାବରେ ରହିଛି; ଆତ୍ମସ୍ଥ-ପ୍ରଧାନତାର ଏକ ଯୁଗରେ ତାହାର ଜାଗ୍ରତ ହେବାରହିଁ ପ୍ରଥମ ଆଭାସ ମିଳିଯାଉଛି ଅଥବା ତାହାର ଆଡ଼କୁ ଲେଉଟିଯିବାପାଇଁ ଏହି ଯୁଗଟି ମଧ୍ୟରେ ଏକ ପ୍ରଥମ ଅଥଚ ଗଭୀର ଅନ୍ତର୍ନିହିତ ପ୍ରବୃତ୍ତି ଦେଖାଦେବାକୁ ଆରମ୍ଭ କଲାଣି । ଆମର ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଆତ୍ମା ଏବଂ ଏହାର ଜୀବନଟିକୁ ଆମେ ଆହୁରି ଗଭୀର, ବ୍ୟାପ୍ତତର ଓ ବୃହତ୍ତର ଭାବରେ ବୁଝିବାକୁ ସମର୍ଥ ହେବା, ତାହାକୁ ଆମେ ଅଧିକ ଅଧ୍ୟାତ୍ମପ୍ରେରିତ ଓ ଆତ୍ମସ୍ଥିତ ଭାବରେ ବୁଝିପାରିବା, ତାହାର ସମସ୍ୟାଗୁଡ଼ିକର ଯଥାର୍ଥ ସମାଧାନଟି ଲାଗି ଆମେ ଆଧ୍ୟାତ୍ମିକ ଆଲୋକ ତଥା ଆଧ୍ୟାତ୍ମିକ ସାଧନଗୁଡ଼ିକ ଉପରେ ଆହୁରି ଅଧିକ ଆସ୍ଥା ରଖିବାକୁ ସମର୍ଥ ହେବା,—ଆମର ସାମାଜିକ ଜୀବନରେ ଏକ ଯଥାର୍ଥ ପରିପୂର୍ଣ୍ଣତା ଲାଭ କରିବାକୁ ହେଲେ ଏହାହିଁ ଏକମାତ୍ର ପନ୍ଥା । ଆଜି ମନୁଷ୍ୟସମାଜରେ ଅର୍ଦ୍ଧ-ଆଧ୍ୟାତ୍ମିକ ପୁରୋହିତର ନେତୃତ୍ୱ ରହିଛି, ଠିକ୍ ସେହିଭଳି ସୋପାନର ସନ୍ଥ, ପୈଗମ୍ବର କମ୍ବା ଅପକ୍ୱ ଧର୍ମବାଦୀରହିଁ ନେତୃତ୍ୱ ରହିଛି; ତାହା ସ୍ଥାନରେ ପୂର୍ଣ୍ଣବିକଶିତ ଆଧ୍ୟାତ୍ମିକ ମନୁଷ୍ୟର ହିଁ ମୁକ୍ତ ଶାସନ ଚାଲିବ, ଅର୍ଥାତ୍ ସେହି ଆଧ୍ୟାତ୍ମିକ ମନୁଷ୍ୟ ହିଁ ନେତୃତ୍ୱ ଦେବ, ନିୟନ୍ତ୍ରଣ ରଖିବ ଓ ପ୍ରଭାବିତ କରିବ,—ମନୁଷ୍ୟସମାଜର ଭବ୍ୟ ମାର୍ଗଦର୍ଶନ ସକାଶେ ଏହାକୁ ହିଁ ଆମେ ଆମର ସବୁଠାରୁ ବଡ଼ ଆଶା ବୋଲି ଜାଣିରଖିବା । ଆଧ୍ୟାତ୍ମିକ ଭାବଦ୍ୱାରା ଅନୁପ୍ରାଣିତ ଏକ ସମାଜ ହିଁ ଏଠାରେ ବ୍ୟକ୍ତିଲାଗି ଏକ ସମନ୍ୱିତ ଜୀବନ ତଥା ସାମୂହିକ ଜୀବନ ଲାଗି ତା'ର ଈପ୍ସିତ ଯଥାର୍ଥ ସୁଖଟିକୁ ସମ୍ଭବ କରିଦେଇପାରିବ । ଅଥବା, ବୁଦ୍ଧି ଓ ଆମର ଯାବତୀୟ କାମନାପୂରିତତାଦ୍ୱାରା ସେଗୁଡ଼ିକର କଦର୍ଥ କରାଯିବାର ଆଶଙ୍କା ରହିଥିଲେ ମଧ୍ୟ ତଥାପି ଯେଉଁସବୁ ଶବ୍ଦ ଆମର କଥାଟିକୁ ସବୁଠାରୁ ଅଧିକ ଯଥାର୍ଥ ଭାବରେ ପ୍ରକାଶ କରିପାରିବ, ଆମେ ସେହି ଶବ୍ଦଗୁଡ଼ିକର ସାହାଯ୍ୟ ନେଇ କହିବା ଯେ ଆଧ୍ୟାତ୍ମିକ ଭାବଦ୍ୱାରା ଅନୁପ୍ରେରିତ ଏକ ସମାଜ ଏଠାରେ ଏକ ନୂତନ ପ୍ରକାରର ଈଶ୍ୱରତନ୍ତ୍ରର ପ୍ରବର୍ତ୍ତନ ଘଟାଇବ, ଏହି ଧରା ଉପରେ ଭଗବତ୍‌ସାମ୍ରାଜ୍ୟର ପ୍ରତିଷ୍ଠା କରାଇବ; ଏହା ଏପରି ଏକ ଈଶ୍ୱରତନ୍ତ୍ର ହୋଇ ରହିବ, ଯେଉଁଥିରେ କି ମନୁଷ୍ୟ-ମାନଙ୍କର ହୃଦୟ ଓ ମନ ଭିତରେ ଅଧିଷ୍ଠିତ ରହିଥିବା ପରମଦେବ ତା ହିଁ ଏଠାରେ ମନୁଷ୍ୟସମାଜର ଶାସନ କରୁଥିବ, ତାକୁ ବାଟ ଦେଖାଇ ନେଉଥିବ ।

'oaob.nitrkl.ac.in' images reprocessed

ଏଇଟି କଦାପି ସହଜରେ ଘଟିଯିବ ନାହିଁ, ଅଥବା ଏହି ପୃଥିବୀର ଲୋକମାନେ ଯେପରି ସବୁବେଳେ ପ୍ରତ୍ୟେକ ବଡ଼ ପରିବର୍ତ୍ତନ ଓ ରାଜନୀତି ତଥା ସମାଜକ୍ଷେତ୍ରର ବିପ୍ଳବରୁ ବୃଥା ଆଶା କରିଆସିଛନ୍ତି, ସତେଅବା କୁହୁକ କରିଦେଲାଭଳି ଗୋଟାଏ ରୂପାନ୍ତର କିମ୍ବା ଏକ ହଠାତ୍ ଓ ସମ୍ପୂର୍ଣ୍ଣ ସନ୍ତୋଷଜନକ ପରିବର୍ତ୍ତନଦ୍ୱାରା ମଧ୍ୟ ତାହା କଦାପି ହେବ ନାହିଁ । ଅବଶ୍ୟ ବସ୍ତୁତଃ ଏହି ନୂତନ ଘଟଣାଟି ପ୍ରକୃତରେ ଏକ କୁହୁକ ପରି ହିଁ ବୋଧ ହେବ, ଏକ ଅଲୌକିକ ଘଟଣା ପରି ଘଟିବ ; ପ୍ରତ୍ୟେକ ଗଭୀର ପରିବର୍ତ୍ତନ ଏବଂ ବିପୁଳ ବିକାଶ ସାଧାରଣତଃ ଯେଉଁ ସ୍ୱଭାବର ହୋଇଥାଏ, ଏଇଟି ମଧ୍ୟ ସେହିଭଳି ହେବ । କାରଣ ସେସବୁ ଘଟିବାଦ୍ୱାରା ସତେଅବା ଏକ ଅସମ୍ଭବ ସମ୍ଭବ ହୋଇଗଲା ପରି ଲାଗୁଥିବ । ମାତ୍ର ପ୍ରଚ୍ଛନ୍ନ ସମ୍ଭାବନାଗୁଡ଼ିକୁ ପ୍ରକାଶିତ କରାଇ ହିଁ ଈଶ୍ୱର ତାଙ୍କର ଯାବତୀୟ ଅଲୌକିକ ଘଟଣାଗୁଡ଼ିକୁ ଘଟାଇଥାନ୍ତି ; ଅନ୍ତତଃ ସେଗୁଡ଼ିକର ଉପାଦାନ-ସ୍ତରରେ ସେହି ସମ୍ଭାବନାଗୁଡ଼ିକ ଦୀର୍ଘକାଳରୁ ପ୍ରସ୍ତୁତ ହେବାରେ ଲାଗିଥାଏ, ଏବଂ ଶେଷରେ ଅତି କ୍ଷିପ୍ରତାର ସହିତ ସବୁଗୁଡ଼ିକ ଆସି ଏକ ହୁଡ଼ମୁଣ୍ଡରେ ପହଞ୍ଚିଯାʼନ୍ତି, ବିଭିନ୍ନ ଉପାଦାନଗୁଡ଼ିକ ସତେଅବା ଏକତ୍ର ଗୋଟିଏ ପାତ୍ରରେ ଆସି ନିକ୍ଷିପ୍ତ ହୁଅନ୍ତି, ଯେପରିକି ଏହି ସମ୍ମିଳନଟି ଦ୍ୱାରା ବିଷୟଗୁଡ଼ିକର ଏକ ନୂତନ ରୂପ ଓ ନୂତନ ନାମ ନିଷ୍ପନ୍ନ ହୋଇଆସେ ଏବଂ ଏକ ନୂତନ ଭାବାତ୍ମକତାର ଉନ୍ମୋଚନ କରିଦିଏ । ଅନେକ ସମୟରେ ଏହି ମୀମାଂସକ ପରିବର୍ତ୍ତନଟି ଘଟିବା ପୂର୍ବରୁ ଆସନ୍ନ ନୂତନ ସୃଷ୍ଟି ତଥା ନୂତନ ତତ୍ତ୍ୱଟିର ସମ୍ପୂର୍ଣ୍ଣ ବିପରୀତ ବୋଲି ମନେହେଉଥିବା ଓ ତାହାର ଖଣ୍ଡନ କରୁଥିବା ବିଷୟଗୁଡ଼ିକୁ ଆପାତତଃ ଭାରି ଗୁରୁତ୍ୱ ଦିଆଯାଏ ବା ସେଗୁଡ଼ିକ ସତେଅବା ଆପଣାର ଚରମ ଅତିଶୟତାର ସ୍ତରରେ ଆସି ପହଞ୍ଚିଯିବା ପରି ବୋଧହୁଏ । ଆଧ୍ୟାତ୍ମିକତାଦ୍ୱାରା ଅନୁପ୍ରେରିତ ଏକ ସମାଜର ଉପାଦାନଗୁଡ଼ିକର ବିବର୍ତ୍ତନ ଏକ ଆତ୍ମପ୍ରଧାନ ଯୁଗରେ ଅନ୍ତତଃ ସମ୍ଭାବନାର ସୀମା ଭିତରେ ଆସି ଦେଖାଦିଏ; ଏବଂ ଯଦି ତାହା ସଙ୍ଗେ ସଙ୍ଗେ ସେହି ସମାଜ ଏହିଭଳି ଏକ ସମ୍ଭାବନାର ଏକାନ୍ତ ବିରୋଧୀ ଓ ବିପରୀତ ବୋଲି ମନେହେଉଥିବା ବିଷୟଗୁଡ଼ିକୁ ମଧ୍ୟ ସହିଷ୍ଣୁ ଶକ୍ତିମତ୍ତାର ଶେଷ ସୀମାଟିଯାଏ ଉଦ୍ବେଳିତ କରି ନେଇଯାଏ, ତାହାଦ୍ୱାରା ଉଦ୍ଦିଷ୍ଟ ନୂତନ ଜନ୍ମଟି ବାସ୍ତବିକ ଅସମ୍ଭବ ହୋଇପଡ଼ିଲା ବୋଲି ଆମେ କଦାପି ଭାବିବସିବା ନାହିଁ ; ବରଂ ଏଥିରୁ ଆମକୁ ଠିକ୍ ବିପରୀତ ସୂଚନାଟି ମିଳିବା ଦରକାର, ନୂତନ ଜନ୍ମଟି ପ୍ରକୃତରେ ଆସନ୍ନ ହୋଇଆସିଲାଣି ବୋଲି ଅନୁଭବ କରିବା ଦରକାର, ବା ଅନ୍ତତଃ ସେହି ସିଦ୍ଧିଟି ଲାଗି ପ୍ରବଳ ଉଦ୍ୟମ ଆରମ୍ଭ ହେଲାଣି ବୋଲି ଜାଣିରଖିବା ଦରକାର । ଏ କଥା ସତ ଯେ, ଯେକୌଣସି ଆତ୍ମପ୍ରଧାନ ଯୁଗର ଯାବତୀୟ ଉଦ୍ୟମ ଓ ପ୍ରୟାସ ଆପଣାକୁ ଏକ ଭୁଲ ବାଟରେ ମଧ୍ୟ ପରିଚାଳିତ କରିପାରେ ; ମାତ୍ର ଯେତେବେଳେ ଏହି ଯୁଗଟି ପାଖରେ ଯଥେଷ୍ଟ ପରିମାଣରେ ଆବଶ୍ୟକ ସାମଗ୍ରୀ ନ ଥାଏ, ବଡ଼ ଅଶୋଧିତଭାବରେ ତାହା ଆପଣାର ଯାତ୍ରା ଆରମ୍ଭ କରିଥାଏ ଏବଂ

'oaob.nitrkl.ac.in' images reprocessed

ଆପଣା ପ୍ରତି ତଥା ବିଷୟଗୁଡ଼ିକ ପ୍ରତି ତାହାର ଅନ୍ତଃଦୃଷ୍ଟିପାତରେ ଯେତେବେଳେ ଏକ ତରବରିଆ ଅଗଭୀରତା କିମ୍ବା ସଙ୍କୀର୍ଣ୍ଣତାଜନିତ ସଘନତା ରହିଥାଏ, ଅଧିକାଂଶତଃ ସେତିକିବେଳେ ହିଁ ସେହି ଯୁଗ ଆତ୍ମଜ୍ଞାନର କ୍ଷେତ୍ରରେ ଏକ ମୌଳିକ ଭୁଲ୍ କରି-ପକାଇବ ବୋଲି ଆଗରୁ ଉଦ୍ଦିଷ୍ଟ ହୋଇ ରହିଥାଏ। ମାତ୍ର ଯେତେବେଳେ ଯୁଗର ଭାବଗତ ଦୃଷ୍ଟି ପୂର୍ଣ୍ଣମୁକ୍ତ ହୋଇ ରହିଥାଏ; ଯେତେବେଳେ ସେଥିରେ ବହୁ ବିବିଧତା ଏବଂ ବହୁମୁଖୀ ଅନ୍ୱେଷଣର ଏକ ପ୍ରବୃତ୍ତି ଥାଏ ଏବଂ ମାନବୀୟ କ୍ରିୟାତ୍ମକତାର ଯାବତୀୟ କ୍ଷେତ୍ରରେ ଯେତେବେଳେ ଜ୍ଞାନ ତଥା ପରିପୂର୍ଣ୍ଣତା ଲାଗି ତାହା ଏକ ଅବିଶ୍ରାନ୍ତ ଉଦ୍ୟମ କରିବାରେ ଲାଗିଥାଏ, ସେତେବେଳେ ସେଭଳି ଏକ ଭ୍ରମରେ ପଡ଼ିବାର ସମ୍ଭାବନା ଅନେକ ପରିମାଣରେ ଊଣା ହୋଇଯାଏ। ସେତେବେଳେ ତାହାର ସେହି ଚେଷ୍ଟା ଆପଣାକୁ ଅନେକ ଦିଗ ଓ ଅନେକ ବିଭାବରୁ ସେହି ଅନନ୍ତ ଏବଂ ଦିବ୍ୟ ତତ୍ତ୍ୱଟିର ଉପଲବ୍ଧି ଲାଗି ଏକ ପ୍ରଗାଢ଼ ଅଥଚ ନମନୀୟତାଯୁକ୍ତ ସାଧନାରୂପେ ମଧ୍ୟ ପ୍ରେରିତ କରିବାର ସାମର୍ଥ୍ୟ ରଖିଥାଏ। ଏବଂ ଏହି ପରିସ୍ଥିତିରେ, ଏକ ସମ୍ପୂର୍ଣ୍ଣ ପ୍ରଗତି ହୁଏତ ସମ୍ଭବ ହୋଇ ନ ପାରିଲେ ମଧ୍ୟ ତଥାପି ଯେ ପୂର୍ବୋକ୍ତ ଦିଗକୁ ଏକ ବୃହତ୍ ପଦକ୍ଷେପ ନିଶ୍ଚୟ ସମ୍ଭବ ହେବ, ପ୍ରାୟ ଭବିଷ୍ୟବାଣୀ କଲାପରି ତାହା କହିହୁଏ।

ଆମେ ଦେଖିପାରିଛୁ ଯେ ସାମାଜିକ ବିବର୍ତ୍ତନ ଭିତରେ ପ୍ରୟୋଜନତଃ ତିନୋଟି ପର୍ଯ୍ୟାୟ ନିହିତ ହୋଇ ରହିଛି; ଅର୍ଥାତ୍ ମନୁଷ୍ୟବ୍ୟକ୍ତି ଏବଂ ମନୁଷ୍ୟସମାଜ ଉଭୟର ବିବର୍ତ୍ତନରେ ସାଧାରଣତଃ ତିନୋଟି କ୍ରମ ରହିଛି। ଏକ ଅବବୌଦ୍ଧିକ ସୋପାନରୁ ହିଁ ଆମର ଏହି ବିବର୍ତ୍ତନ ଆରମ୍ଭ ହେଉଛି; ଏହି ସୋପାନଟିରେ ଲୋକମାନେ ଆପଣାର ଜୀବନ ତଥା କ୍ରିୟାକୁ ତତ୍ତ୍ୱତଃ ଏବଂ ଆକାରତଃ ପରିଚ୍ଛନ୍ନ ବୁଦ୍ଧିର ବିଚାରଟି ଦ୍ୱାରା ପରିଚାଳିତ କରିବାର ବିଦ୍ୟାଟିକୁ ତଥାପି ଶିକ୍ଷା କରିନାହାନ୍ତି। କାରଣ ମୁଖ୍ୟତଃ ଆପଣାର ସହଜାତ ପ୍ରବୃତ୍ତି, ଆବେଗ, ସ୍ୱତଃସ୍ଫୂର୍ତ୍ତ ଧାରଣା ତଥା ପ୍ରାଣିକ ସଂବୃଦ୍ଧତା ଦ୍ୱାରା ହିଁ ସେମାନେ ଯାବତୀୟ ଯାହାକିଛି କରିବାରେ ଲାଗିଛନ୍ତି, ଅଥବା ବଡ଼ ସଂସ୍କାରଗତ ଭାବରେ ଆପଣାର ବାସନା, ଆବଶ୍ୟକତା ଏବଂ ପରିବେଶଟିର ବୋଲ ମାନି ଚାଲୁଛନ୍ତି। ବସ୍ତୁତଃ ଏହିଗୁଡ଼ିକହିଁ ସେମାନଙ୍କର ସାମାଜିକ ଅନୁଷ୍ଠାନଟିକୁ ରୂପ ଦେଇଛି ବା ସେହି-ଗୁଡ଼ିକର ମଧ୍ୟଦେଇ ଗତି କରି ଚାଲିଛି। ବହୁବିଧ ଉପସୋପାନ ଦେଇ ମନୁଷ୍ୟ ପ୍ରାରମ୍ଭିକ ଏହି ସୋପାନଟିରୁ ଏପରି ଗୋଟିଏ ବୁଦ୍ଧିପ୍ରଧାନ ପର୍ଯ୍ୟାୟ ମଧ୍ୟକୁ ଅଗ୍ରସର ହୋଇଯାଉଛି, ଯେଉଁଠାରେ କି ତା'ର ଅଳ୍ପବହୁତ ବିକଶିତ ହୋଇଥିବା ବୁଦ୍ଧି ଓ ବୁଦ୍ଧିପ୍ରେରିତ ଇଚ୍ଛା ହିଁ ବିଚାରକର ଆସନ ଗ୍ରହଣ କରୁଛି, ସେଇ ନିୟାମକ ହେଉଛି, ତା'ର ଭାବନାର ବିଧାୟକ ଅଭିପ୍ରାୟରୂପେ କାର୍ଯ୍ୟ କରୁଛି। ସେହି ବୁଦ୍ଧି ହିଁ ତା'ର ଅନୁଭୂତି ତଥା କ୍ରିୟାକୁ ଚାଳିତ କରୁଛି, ତାର ପ୍ରଧାନ ବିଚାର, ଲକ୍ଷ୍ୟ ଏବଂ ଅନ୍ତଃଦ୍ୟୋତନାଗୁଡ଼ିକୁ ଗଢ଼ୁଛି, ଭାଙ୍ଗୁଛି ଓ ପୁଣି ଥରେ ଗଢ଼ିବାରେ ଲାଗିଛି ; ଏବଂ

'oaob.nitrkl.ac.in' images reprocessed

ପରିଶେଷରେ ଯଦି ଆମର ବିଶ୍ଳେଷଣ ତଥା ଅନୁମାନ ଠିକ୍ ହୋଇଥାଏ, ମନୁଷ୍ୟର ଏହି ବିବର୍ତ୍ତନଟି ଏକ ଆଶୟପ୍ରଧାନ ପର୍ଯ୍ୟାୟ ଦେଇ ଅବଶ୍ୟ ଏକ ବୁଦ୍ଧିର ଅତୀତ ଅର୍ଥାତ୍ ଆଧ୍ୟାତ୍ମିକ ପର୍ଯ୍ୟାୟକୁ ମଧ୍ୟ ଉନ୍ନୀତ ହୋଇଯିବ, ଯେତେବେଳେ କି ସେ ଆପଣା ଭିତରେ କ୍ରମଶଃ ଏକ ବୃହତ୍ତର ଆଧ୍ୟାତ୍ମିକ, ଅତିଲୌକିକ ଏବଂ ସମ୍ବୋଧିପ୍ରେରିତ, ଏବଂ ସମ୍ଭବତଃ ଶେଷରେ ସଂବୋଧିପ୍ରେରିତଠାରୁ ମଧ୍ୟ ଅଧିକ ଅର୍ଥାତ୍ ଏକ ବିଜ୍ଞାନମୟ ଚେତନାର ବିକାଶ ଘଟାଇପାରିବ । ଯେତେବେଳେ ସେ ଏକ ଉଚ୍ଚତର ଦିବ୍ୟ ଆଦର୍ଶର ଅବଧାରଣା କରିବାକୁ ସମର୍ଥ ହେବ, ଏକ ଦିବ୍ୟ ଆଜ୍ଞାଦ୍ୱାରା ଆପଣାକୁ ପ୍ରେରିତ କରିପାରିବ ଏବଂ ସେ ଆପେ ଯାହା ହେବାକୁ ଲୋଡ଼ୁଛି, ଯାହା ଅନୁଭବ କରିବାକୁ ଭାବିପାରିବାକୁ ଏବଂ କାର୍ଯ୍ୟରେ ପରିଣତ କରିବାକୁ ଇଚ୍ଛା କରୁଛି, ସେଥିଲାଗି ସେହି ଦିବ୍ୟ ଆଲୋକଟିର ମାର୍ଗଦର୍ଶନ ଲାଭ କରିପାରିବ ତଥା ଏହି ବୃହତ୍ତର ଆଲୋକ ଏବଂ ସାମର୍ଥ୍ୟଟି ମଧ୍ୟରେ ଅଧିକରୁ ଅଧିକ ପରିମାଣରେ ବାସ କରିବାକୁ ସମର୍ଥ ହେବ ଏବଂ ତାହାରି ବୋଲକୁ ହିଁ ମାନିପାରିବ । ଅତିଲୌକିକ ସ୍ତରର କୌଣସି ଧର୍ମଗତ ଆବେଗ ଅଥବା ଅତିଭୂତି ଦ୍ୱାରା ତାହା ସିଦ୍ଧ ହେବନାହିଁ; ମଧ୍ୟଯୁଗର ଅସ୍ପଷ୍ଟ ସଂଶୟାଚ୍ଛନ୍ନତା ଏବଂ ପଶୁତୁଲ୍ୟ ହିଂସାଳୁବୁଦ୍ଧିତା ରୂପେ ନିଜକୁ ପ୍ରକାଶିତ କରିଥିବା ଓ ସେଗୁଡ଼ିକୁ ଏକ ତମିସ୍ର ଉଜ୍ଜ୍ୱଳତା ପ୍ରଦାନ କରିଥିବା କୌଣସି ଅତିଲୌକିକ ଧର୍ମଗତ ଉତ୍ସାହ କିମ୍ବା ଉଚ୍ଛ୍ୱାସଦ୍ୱାରା ତାହା ହେବ ନାହିଁ । ସେକଥାଟି କେବଳ ଏକ ଉଚ୍ଚତର ଅଧ୍ୟାତ୍ମଜୀବନ ଦ୍ୱାରା ହିଁ ସମ୍ଭବ ହେବ; ବୁଦ୍ଧିଯୁଗର ଯାବତୀୟ ସ୍ପଷ୍ଟପ୍ରମାଣ ଧାର୍ମିକତା-ମାନ ଯାହାରି ପ୍ରସ୍ତୁତ କରିବାରେ ହିଁ ଲାଗିଛନ୍ତି ଏବଂ ସେଗୁଡ଼ିକ ସ୍ୱୟଂ ଦିନେ ଯାହାର ମଧ୍ୟକୁ ସ୍ୱୀକୃତ ହୋଇ ଚାଲିଯିବେ, ରୂପାନ୍ତର ଲାଭ କରିବେ ଏବଂ ଆପଣାର ସେହି ଅଦୃଶ୍ୟ ଉତ୍ସସ୍ଥଳକୁ ଆନୀତ ହୋଇପାରିବ, ସେହି ଅଧ୍ୟାତ୍ମଜୀବନ ଦ୍ୱାରା ହିଁ ତାହା ସମ୍ଭବ ହେବ ।

ମନୁଷ୍ୟର ସାଧନଗତ ସଂସ୍କୃତିରେ ବିଜ୍ଞାନ ଯେଉଁ ପ୍ରସ୍ତର ତଥା ଅନ୍ୟ ଯୁଗଗୁଡ଼ିକୁ ନିରୂପିତ କରିଦେଇଛି, ମନୁଷ୍ୟସମାଜର ମନୋଗତ ବିବର୍ତ୍ତନରେ ଏହିସବୁ ସୋପାନ ବା ପର୍ଯ୍ୟାୟର ସେଗୁଡ଼ିକ ଅପେକ୍ଷା ଅଧିକ ଅନିବାର୍ଯ୍ୟତା ରହିଛି; କାରଣ ସେସବୁ କୌଣସି ବାହ୍ୟ ସାଧନ କିମ୍ବା ଆକସ୍ମିକତା ଉପରେ ନିର୍ଭର କରି ରହିନାହାନ୍ତି, ମାତ୍ର ତା' ସତ୍ତାର ଖାସ୍ ସ୍ୱଭାବଟି ଉପରେ ହିଁ ଆଧାରିତ ହୋଇ ରହିଛନ୍ତି । ମାତ୍ର ସେଗୁଡ଼ିକ ଆପଣାର ସ୍ୱଭାବରେ ଏକାନ୍ତ ଭିନ୍ନ, ଆପଣାର ସଞ୍ଚାରକ୍ଷେତ୍ରରେ ଆସି ପ୍ରବେଶ କଲାମାତ୍ରକେ ସେମାନେ ଯେ ଆପଣାର ପ୍ରବୃତ୍ତି ବା ଚରିତାର୍ଥତାରେ ଏକାବେଳେକେ ସ୍ୱୟଂସମ୍ପୂର୍ଣ୍ଣ ହୋଇ ରହିଥାନ୍ତି ଅଥବା ଆପଣାର ସ୍ଥିତି ବା କାଳଗତତାରେ ସେମାନେ ଯେ ପରସ୍ପରଠାରୁ ଏକାବେଳେକେ ଅଲଗା ହୋଇ ସୂଚିତ ହୋଇ ରହିଥାନ୍ତି, ଆମେ ଆଦୌ ଏଭଳି କୌଣସି ଅନୁମାନ କରିବାକୁ ଯିବାନାହିଁ । କାରଣ ସେମାନେ ଯେ ପରସ୍ପର ଭିତରୁ ହିଁ ଜନ୍ମଲାଭ କରନ୍ତି, କେବଳ ତାହାହିଁ ନୁହେଁ; ମାତ୍ର ଆଂଶିକଭାବରେ ପରସ୍ପର

'oaob.nitrkl.ac.in' images reprocessed

ମଧ୍ୟରେ ବିକଶିତ ବି ହୋଇପାରନ୍ତି, ଏବଂ ଏକା ସମୟରେ ପୃଥିବୀର ବିଭିନ୍ନ ଅଂଶରେ ପରସ୍ପର ସହାବସ୍ଥାନ ମଧ୍ୟ କରୁଥାନ୍ତି । ମାତ୍ର, ବିଶେଷତଃ ମନୁଷ୍ୟ ସର୍ବଦା ଏକ ଜଟିଳ ଓ ବହୁମୁଖୀ ସତ୍ତା ହୋଇଥିବାରୁ, ଏପରିକି ଆପଣାର ଅତିବର୍ବର ପତିତ ଅବସ୍ଥାରେ ମଧ୍ୟ ତାହା ତଥାପି ବହୁମୁଖୀ ଓ ବହୁବିଭାବଯୁକ୍ତ ହୋଇ ରହିଥିବାରୁ ସେ କଦାପି ଗୋଟାସୁଦ୍ଧା କେବଳ ଏଥିଭିତରୁ କୌଣସି ଗୋଟିଏ ପର୍ଯ୍ୟାୟର ହୋଇ ରହିପାରିବ ନାହିଁ । ଯେପର୍ଯ୍ୟନ୍ତ ସେ ଆପଣାର ସୀମାଗୁଡ଼ିକୁ ଅତିକ୍ରମ କରି ନ ଯାଇଛି, ଅତିମାନବ ରୂପେ ବିକାଶଲାଭ ନ କରିଛି, ଅର୍ଥାତ୍ ସେ ଯେପର୍ଯ୍ୟନ୍ତ ଆପଣାର ସମଗ୍ର ସତ୍ତାକୁ ଅଧ୍ୟାତ୍ମଭାବ ବା ଦିବ୍ୟଭାବ ଦ୍ୱାରା ପୂର୍ଣ୍ଣପ୍ରେରିତ କରି ନ ରଖିଛି, ସେପର୍ଯ୍ୟନ୍ତ ତାହା କଦାପି ସମ୍ଭବ ହେବ ନାହିଁ । ଆପଣାର ଅତିପଶୁତୁଲ୍ୟ ଅବସ୍ଥାରେ ମଧ୍ୟ ତା'ଭିତରେ ତଥାପି ଭାବିବାର ଓ ମନନ କରିବାର କିଛି ନା କିଛି ସାମର୍ଥ୍ୟ ଅବଶ୍ୟ ରହିଛି । ଏପରିକି ଅବବୌଦ୍ଧିକ ସ୍ତରର ମନୁଷ୍ୟକୁ ମଧ୍ୟ ଆମେ କଦାପି ଗୋଟାସୁଦ୍ଧା ଅବବୌଦ୍ଧିକ ବୋଲି କହିପାରିବା ନାହିଁ, ମାତ୍ର ସଂବୃତଭାବରେ ହେଉ ଅଥବା ବିକଶିତ ରୂପରେ ହେଉ, ତା'ଭିତରେ ବୁଦ୍ଧିର କୌଣସି ନା କୌଣସି ପ୍ରକାର ଏକ କ୍ରିୟାତ୍ମକତା ନିଶ୍ଚୟ ରହିଥିବ, ଅଳ୍ପବହୁତ ଅଶୋଧିତ ବୁଦ୍ଧି-ଅତୀତ ଉପାଦାନ ମଧ୍ୟ ରହିଥିବ ଏବଂ ଅଳ୍ପ-ବହୁତ ଛଦ୍ମ ଓ ଗୋପ୍ୟଭାବରେ ତା'ଭିତରେ ଚିନ୍ମୟତା ମଧ୍ୟ କାର୍ଯ୍ୟ କରିବାରେ ଲାଗିଥିବ । ଏବଂ ତାହାର ତରଳତମ ସର୍ବୋତ୍କୃଷ୍ଟ ମାନସାବସ୍ଥାରେ ସିଏ ତଥାପି ବିଶୁଦ୍ଧ ଭାବରେ କେବଳ ଗୋଟିଏ ମନୋମୟ ସତ୍ତା ହୋଇ ରହି ନ ଥିବ, କେବଳ ବୁଦ୍ଧିର ହିଁ ଗୋଟିଏ ବିଶୁଦ୍ଧ ପିଣ୍ଡୁଳା ହୋଇ ରହି ନ ଥିବ । ଏପରିକି ସର୍ବାଧିକ ଓ ସର୍ବପରିପୂର୍ଣ୍ଣ ଭାବରେ ବୁଦ୍ଧିଦ୍ୱାରା ଚାଳିତ କୌଣସି ମନୁଷ୍ୟ କଦାପି ସଂପୂର୍ଣ୍ଣ ଭାବରେ କିମ୍ବା କେବଳ ବୁଦ୍ଧିଗତ ନୁହେଁ ବା କଦାପି ବୁଦ୍ଧିଗତ ହୋଇ ରହି ନ ପାରେ । ତା'ଭିତରେ ପ୍ରାଣଗତ ଏପରି ଅନେକ ଆବେଗ ନିଶ୍ଚୟ ରହିବ ଯାହାକୁ ସେ କଦାପି ଆପଣା ଭିତରୁ ବାହାର କରିଦେଇପାରିବ ନାହିଁ; ଉପରୁ ଏପରି ଏକ ଆଲୋକର ବିକୀରଣ କିମ୍ବା ସ୍ପର୍ଶ ଘଟୁଥିବ, ଯେଉଁଗୁଡ଼ିକର ଉତ୍ପତ୍ତିସ୍ଥଳଟିକୁ ସେ ଠିକ୍‌ଭାବରେ ଚିହ୍ନି ନ ପାରୁଛି ବୋଲି ଯାହାକୁ କି କଦାପି କମ୍ ଅତିବୌଦ୍ଧିକ ବୋଲି କୁହାଯାଇପାରିବ ନାହିଁ । ଏବଂ ଯେଉଁ ପର୍ଯ୍ୟାୟଟିକୁ ଆସି ମନୁଷ୍ୟ ଭଗବାନ ହୋଇଯିବ ନାହିଁ; ମାତ୍ର ଆପଣାର ଉଚ୍ଚତମ ସିଦ୍ଧିସ୍ଥାନରେ ତାକୁ ଦିବ୍ୟ ପ୍ରଭାବର ଏକ ରଶ୍ମିସ୍ପର୍ଶ ଲାଭ କରିଥିବା ଏକ ମାନବୀୟ ସତ୍ତା ବୋଲି ହିଁ କୁହାଯିବ । ସେତେବେଳେ ମନୁଷ୍ୟର ଆଧ୍ୟାତ୍ମିକତା ଯେତେ ପ୍ରଭାବଶାଳୀ ହୋଇ ରହିଥିଲେ ମଧ୍ୟ ସ୍ୱୟଂ ମନୁଷ୍ୟ ଏହି ଅପୂର୍ଣ୍ଣଭାବରେ ବିକଶିତ ହୋଇଥିବା ଏକ ମନୁଷ୍ୟସତ୍ତା ରୂପେ ବିଚରଣ କରୁଥିବା ପର୍ଯ୍ୟନ୍ତ ତାହା ଭିତରେ ତଥାପି ତାହାର ବୁଦ୍ଧିପ୍ରେରିତ ତଥା ଅବବୌଦ୍ଧିକ ପ୍ରବୃତ୍ତି ଓ ଉପାଦାନଗୁଡ଼ିକ ଅବଶ୍ୟ ମହଜୁଦ ରହିଥିବ । ଏବଂ ବ୍ୟକ୍ତିର ମନୋଗତ ଜୀବନରେ ଯାହା, ମନୁଷ୍ୟର ସାମାଜିକ ଅସ୍ତିତ୍ୱର ବିଭିନ୍ନ ପର୍ଯ୍ୟାୟଗୁଡ଼ିକର କ୍ଷେତ୍ରରେ ମଧ୍ୟ ଠିକ୍ ସେଇଆ ଅବଶ୍ୟ ଘଟିବ;

'oaob.nitrkl.ac.in' images reprocessed

ହୁଏତ କୌଣସି ଗୋଟିଏ ବିଶେଷ ଉପାଦାନର ସର୍ବାଧିକ କ୍ରିୟାତ୍ମକତା ଦ୍ୱାରା ଏହିସବୁ ପର୍ଯ୍ୟାୟ ପରସ୍ପରଠାରୁ ଭିନ୍ନ ବୋଲି ଦେଖାଯାଉଥିବେ, ଏହି ଉପାଦାନଟିର ସାମର୍ଥ୍ୟଟି ହୁଏତ ଅନ୍ୟ ସାମର୍ଥ୍ୟଗୁଡ଼ିକୁ ଅନେକ ପରିମାଣରେ ବଳିଯିବ ଅଥବା ସେଗୁଡ଼ିକୁ ଆପଣା ଭିତରକୁ ଗ୍ରହଣ କରିନେବ ବା ସେଗୁଡ଼ିକ ସହିତ କୌଣସି ସାଲିସ୍ ମଧ୍ୟ କରିପକାଇବ ; ମାତ୍ର ତଥାପି କୌଣସି ପର୍ଯ୍ୟାୟକୁ କେବଳ ଗୋଟିଏ ଉପାଦାନର ଏକ ଅବିମିଶ୍ରିତ କ୍ରିୟାତ୍ମକତା ବୋଲି କହିବା ଆଦୌ ସମ୍ଭବ ହେବ ନାହିଁ କିମ୍ବା ସେପରି ହେବାଲାଗି ତାହା ଅଭିପ୍ରେତ ହୋଇ ମଧ୍ୟ ଆସିନାହିଁ ।

ତେଣୁ ମାନବର ତଥା ସାମାଜିକ ବିକାଶର ଏକ ଅବରୌକ୍ତିକ ପର୍ଯ୍ୟାୟରେ ଯେ ବୁଦ୍ଧି ତଥା ଆଧ୍ୟାତ୍ମିକତାର ଉପାଦାନଗୁଡ଼ିକ, ତାହାର ବଳିଷ୍ଠ ଉପାଦାନଗୁଡ଼ିକ ଆଦୌ ଅନ୍ତର୍ଗତ ହୋଇ ରହି ନ ଥିବ, ସେ କଥା ମଧ୍ୟ ଆଦୌ କୁହାଯାଇପାରିବ ନାହିଁ । ଏପରିକି ବର୍ବର ମଣିଷ ଭିତରେ ମଧ୍ୟ, ସେଯେତେ ଆଦିମ କିମ୍ବା ଯେତେ ଅଧୋଗତ ଓ ପତିତ ହୋଇଥାଉ ପଛକେ, ତା'ର ଆପଣା ସଂସାର ତଥା ପରଲୋକଟି ସମ୍ବନ୍ଧରେ ନିଶ୍ଚୟ କିଛି ନା କିଛି ଧାରଣା ରହିଥିବ, ଏବଂ ଜୀବନ ତଥା ଧର୍ମ ବିଷୟରେ ମଧ୍ୟ କୌଣସି ନା କୌଣସି ସିଦ୍ଧାନ୍ତ ରହିଥିବ । ବୁଦ୍ଧିଗତ ବ୍ୟୁତ୍ପତ୍ତିରେ ଅନେକ ଅଗ୍ରସର ହୋଇ ଆସିଥିବା ଆମକୁ ଜୀବନ ସମ୍ବନ୍ଧରେ ସେହି ବର୍ବର ଓ ଆଦିମ ମଣିଷର ସିଦ୍ଧାନ୍ତ ହୁଏତ ବଡ଼ ସଂଗତିହୀନ ବୋଲି ମନେ ହୋଇପାରେ, କାରଣ ଆମେ ତା'ର ସେହି ଦୃଷ୍ଟିକୋଣଟିକୁ ହରାଇ ପକାଇଛୁ ଏବଂ ମାନସିକ ସମ୍ବନ୍ଧତତ୍ତ୍ୱର ତା'ର ମୂଳ ନିୟମଗୁଡ଼ିକୁ ମଧ୍ୟ ଛାଡ଼ି ଚାଲିଆସିଛୁ । ମାତ୍ର ତଥାପି ତା'ର ସିଦ୍ଧାନ୍ତ ବା ବିଶ୍ୱାସଟିରେ ବୁଦ୍ଧିର ମଧ୍ୟ ଏକ ସ୍ଥାନ ଅବଶ୍ୟ ରହିଛି ଏବଂ ତାହାର ଆପଣା ପଦ୍ଧତି ମଧ୍ୟରେ ଆଦିମ ମଣିଷର ମଧ୍ୟ ଯେ ମନନମୂଳକ ଏବଂ ବ୍ୟାବହାରିକ ଉଭୟ ପ୍ରକାର ଭାବନାର ଯଥେଷ୍ଟ ଅନୁଶୀଳନ ଲାଗି ଏକ ସାମର୍ଥ୍ୟ ରହିଛି ଓ ଏକ ସ୍ପଷ୍ଟ ନୈତିକ ଧାରଣା ଓ ଉତ୍‌ପ୍ରେରଣା ତଥା ସୌନ୍ଦର୍ଯ୍ୟ ବିଷୟରେ କେତେକ ଧାରଣା ଅବଶ୍ୟ ରହିଛି, ଏଥିରେ କୌଣସି ସନ୍ଦେହ ନାହିଁ । ସମାଜବ୍ୟବସ୍ଥା କହିଲେ ସେ ଯାହା ବୁଝିଛି, ତାହା ଆମ ଦୃଷ୍ଟିରେ ଯେତେ ଦୁର୍ବଳ ଏବଂ ବର୍ବର ବୋଲି ଲାଗିଲେ ମଧ୍ୟ, ସେହି ବୁଝିବା ପଛରେ ବିଚାରଶକ୍ତିର ମଧ୍ୟ ପ୍ରୟୋଗ କରାଯାଇଛି ଏବଂ ଆପଣା ବିଷୟଗୁଡ଼ିକର ସରଳତାଟିକୁ ଖାପ ଖାଇପାରିବା ଭଳି ଚମତ୍କାରଭାବରେ ଏକାଠି ଖଞ୍ଜାହୋଇ ରହିଛି । ଅଥବା ଜୀବନ ବିଷୟରେ କୌଣସି ଆଦିମ ସମାଜର ସିଦ୍ଧାନ୍ତରେ ରହିଥିବା ବୁଦ୍ଧିଗତ ଉପାଦାନଟିକୁ କିମ୍ବା କୌଣସି ବର୍ବର ସମାଜର ଧର୍ମରେ ରହିଥିବା ଆଧ୍ୟାତ୍ମିକତାର ଉପାଦାନକୁ ହୃଦୟଙ୍ଗମ କରିବା ଆମ ପକ୍ଷରେ ହୁଏତ ସମ୍ଭବ ହୋଇ ନ ପାରେ, କାରଣ ଆମ ଆଖିକୁ ତାହା ଏପରି ସବୁ ପ୍ରତୀକ ଓ ଆକାର ଦ୍ୱାରା ଗଢ଼ା ହୋଇଥିବାର ଦେଖାଯାଇଥାଏ, ଯାହା ଉପରେ କି ଏହିସବୁ ଲୋକଙ୍କର ଅବିକଶିତ ମନ ନାନା ଅନ୍ଧବିଶ୍ୱାସପୂର୍ଣ୍ଣ ମୂର୍ଖର

'oaob.nitrkl.ac.in' images reprocessed

ଆରୋପ କରିଦେଇଥାଏ । ମାତ୍ର ଏପରି ହୁଏ, କାରଣ ଏହି ପର୍ଯ୍ୟାୟଟିରେ ବୁଦ୍ଧି କେବଳ ଏକ ଅପୂର୍ଣ୍ଣ ଓ ସୀମାବଦ୍ଧ ପରିଧି ମଧ୍ୟରେ ରହି କାର୍ଯ୍ୟ କରୁଥାଏ ଏବଂ ଆଧ୍ୟାତ୍ମିକତାର ଉପାଦାନଟି ବଡ଼ ଅଶୋଧିତ ଓ ଅବିକଶିତ ଅବସ୍ଥାରେ ଥାଏ ଏବଂ ଏ ପର୍ଯ୍ୟନ୍ତ କୌଣସି ଆତ୍ମସଚେତନତା ଲାଭ କରି ନ ଥାଏ । ସେଗୁଡ଼ିକର ସ୍ଥିତିକୁ ଦୃଢ଼ ଭାବରେ ଧରି ରଖିପାରିବାକୁ ଏବଂ ଆପଣାର ମନ ତଥା ଭାବଚେତନାର ଭୂମିରେ ସେଗୁଡ଼ିକୁ ବାସ୍ତବ ଓ ମୂର୍ତ୍ତି ରୂପ ଦେଇ ରଖିବାକୁ ଆଦିମ ମନୁଷ୍ୟକୁ ସେଗୁଡ଼ିକୁ କେବଳ ପ୍ରତୀକ ସାହାଯ୍ୟରେ ହିଁ ରୂପ ଦେବାକୁ ପଡ଼େ ଏବଂ ସେହି ପ୍ରତୀକ ଏବଂ ରୂପଗୁଡ଼ିକୁ ହିଁ ତାକୁ ଏକ ବର୍ବରୋଚିତ ବିସ୍ମୟ ତଥା ପ୍ରଗାଢ଼ ବିଶ୍ୱାସର ସହିତ ଜାବୁଡ଼ି ରହିବାକୁ ପଡ଼େ, କାରଣ କେବଳ ସେହିଗୁଡ଼ିକର ମାଧ୍ୟମରେ ହିଁ ସେ ଆପଣା ଜୀବନର ପରିଚାଳନା ଲାଗି ଏକ ପଦ୍ଧତି ଲାଭ କରିପାରେ ସମର୍ଥ ହୋଇଥାଏ । କାରଣ ତା’ ଭିତରେ ତା’ର ସହଜାତ ପ୍ରବୃତ୍ତିଗୁଡ଼ିକର ଜୀବନଟି ହିଁ ସବୁଠାରୁ ଅଧିକ ପ୍ରଭାବଶାଳୀ ହୋଇ ରହିଥାଏ ; ପ୍ରାଣଗତ ସମ୍ବୃଦ୍ଧତା ଓ ଆବେଗ ତଥା ଯନ୍ତ୍ର ପରି ଆବୋରି ରହିଥିବା ବିଧି ଓ ପରମ୍ପରା ହିଁ ମୀମାଂସକ ହୋଇ ରହିଥାଏ, ଏବଂ ଏଇଟିକୁ ହିଁ ତା’ର ଜୀବନର ଅବଶିଷ୍ଟ ଅଂଶଟିକୁ କୌଣସି ନା କୌଣସି ପ୍ରକାର ପ୍ରାଥମିକତା ଦେଇ ରଖିଥାଏ, ସେଇଟିକୁ ହିଁ ଆଲୋକର ପ୍ରଥମ ସମ୍ପାତ ଦେଇ ରଖିଥାଏ । ସେତେବେଳେ ତା’ ଭିତରେ ରହିଥିବା ଅଶୋଧିତ ବୁଦ୍ଧି ଏବଂ ଅନାଲୋକିତ ଚିଦ୍‌ଗତତା ଆପଣାର ସ୍ୱକୀୟ ଲକ୍ଷ୍ୟଗୁଡ଼ିକ ଲାଗି ଆଦୌ ସମର୍ଥ ହୋଇ ନ ଥାନ୍ତି ; ସେମାନେ ତା’ର ଅବବୌଦ୍ଧିକ ପ୍ରକୃତିଟି ପାଖରେ କୋଠିଆ ହୋଇ ରହିଥାନ୍ତି ।

ବିକାଶର ଏକ ଉଚ୍ଚତର ସୋପାନରେ ଅଥବା ଏକ ପୂର୍ଣ୍ଣତର ବିବର୍ତ୍ତନ ଅଭିମୁଖରେ ଫେରିଆସିବାବେଳେ ସମାଜର ଅବବୌଦ୍ଧିକ ପର୍ଯ୍ୟାୟଟି ହୁଏତ ସଭ୍ୟତାର ଏକ ଅତ୍ୟୁଚ୍ଚ ସ୍ତରରେ ଆସି ବେଶ୍ ଉପନୀତ ହୋଇପାରେ । କାରଣ ପ୍ରଥମ ଯୁଗର ସେହି ଆଦିମ ମନୁଷ୍ୟକୁ ଆମେ କଦାପି ପ୍ରକୃତ ବର୍ବର ବୋଲି କହିବା ନାହିଁ, ପ୍ରକୃତ ବର୍ବର କହିଲେ ଆଦିମତା ଆଡ଼କୁ ପ୍ରକୃତରେ ଏକ ପ୍ରତ୍ୟାବର୍ତ୍ତନ ଓ ଅଧୋଗମନ ବୋଲି ହିଁ ବୁଝିବା । ସେତେବେଳେ ସେହି ସଭ୍ୟତାରେ କେତେ ବଡ଼ ବଡ଼ ଅର୍ଥସମ୍ବୃଦ୍ଧତା ନିହିତ ଥାଇପାରେ, ଅଥବା ଜୀବନର ଅଭିପ୍ରାୟ ସମ୍ବନ୍ଧରେ ବଡ଼ ବଡ଼ ଧାରଣା ଥାଇପାରେ, ଜୀବନରେ ବ୍ୟବସ୍ଥା ବିଷୟରେ ପ୍ରଶଂସାଯୋଗ୍ୟ ବିସ୍ତରମାନ ବି ଥାଇପାରେ; ଏକ ସମତାବଦ୍ଧ, ସୁଅନୁକୂଳିତ, ସ୍ଥାୟୀ ଓ କାର୍ଯ୍ୟସାଧକ ସାମାଜିକ ବିଧାନ ଥାଇପାରେ, ଏକ ସୁବ୍ୟବସ୍ଥିତ ଧର୍ମ ବି ଥାଇପାରେ ଓ ତାହା ଭିତରେ କେତେକ ଗଭୀରତା ମଧ୍ୟ ଥାଇପାରେ ; ମାତ୍ର ତଥାପି ସେଥିରେ ପ୍ରତୀକ ଓ ଉତ୍ସବଗୁଡ଼ିକ ହିଁ ସବୁଠାରୁ ଅଧିକ ଅଂଶ ହୋଇ ରହିଥାଏ ଏବଂ ସାଧାରଣ ମନୁଷ୍ୟମାନେ ତାହାକୁ ହିଁ ପ୍ରାପ୍ୟ ସମୁଦାୟ ଧର୍ମ ବୋଲି ବିଶ୍ୱାସ କରି ରହିଥାନ୍ତି । ଏହି ପର୍ଯ୍ୟାୟଟିରେ ବିଶୁଦ୍ଧ ବୁଦ୍ଧି ଅଥବା ବିଶୁଦ୍ଧ ଆଧ୍ୟାତ୍ମିକତା କଦାପି

'oaob.nitrkl.ac.in' images reprocessed

ସମାଜର ଶାସନ କରିପାରନ୍ତି ନାହିଁ ଅଥବା ବହୁସଂଖ୍ୟକ ମନୁଷ୍ୟଙ୍କୁ ପ୍ରେରଣା ଦେଇପାରନ୍ତି ନାହିଁ ; ମାତ୍ର ଆଦୌ ସମ୍ଭବ ହେଲେ କେବଳ କେତେଜଣ ବ୍ୟକ୍ତି ହିଁ ତାହାର ପ୍ରତିନିଧିତ୍ୱ କରୁଥାନ୍ତି । ପ୍ରଥମେ ଏଭଳି ବ୍ୟକ୍ତିଙ୍କର ସଂଖ୍ୟା ଅତି କମ୍ ହୋଇ ରହିଥାଏ, ମାତ୍ର ଏହି ଦୁଇଟିଯାକ ସାମର୍ଥ୍ୟ ଆପଣାର ଶୁଦ୍ଧତା ଓ ଶକ୍ତିମତ୍ତାରେ ବୃଦ୍ଧି ପାଉଥିବା ସଙ୍ଗେ ସଙ୍ଗେ ଓ ଅଧିକରୁ ଅଧିକ ଲୋକଙ୍କୁ ଅନୁରକ୍ତ ଓ ଆକୃଷ୍ଟ କରି ଆଣିବା ସଙ୍ଗେ ସଙ୍ଗେ ସେମାନଙ୍କର ସଂଖ୍ୟାଟି ମଧ୍ୟ ବୃଦ୍ଧି ପାଇବାରେ ଲାଗିଥାଏ ।

ବୁଦ୍ଧିର ବିକାଶ ସର୍ବାଧିକଭାବରେ ବଳିଷ୍ଠ ହୋଇ ରହିଥିଲେ ଏଥିରୁ ହୁଏତ ମହାନ୍ ବ୍ୟକ୍ତିଗତ ଚିନ୍ତକ ଓ ଦାର୍ଶନିକମାନଙ୍କର ଏପରି ଏକ ଯୁଗ ଜନ୍ମଲାଭ କରିପାରେ ଯେଉଁମାନେ କି ଜୀବନର, ଜୀବନର ଉତ୍ପତ୍ତି ଓ ତାହାର ବିଧାନ ବିଷୟରେ କେତୋଟି ଧାରଣାକୁ ମୂଳ କରି ଧରି ତାହାକୁ ଏକ ଦର୍ଶନରୂପେ ଆଣି ପ୍ରତିଷ୍ଠିତ କରାନ୍ତି ; ଅଥବା ସମୀକ୍ଷାତ୍ମକ କେତୋଟି ମାନସର ଉଦ୍‌ଭବ ହୋଇପାରେ ଯେଉଁମାନେ କି ବୃହତ୍ତର ଜନସାଧାରଣଙ୍କଠାରୁ ଆପଣାକୁ ଅଲଗା କରି ରଖିଥାନ୍ତି ଏବଂ ଜୀବନର ସମୀକ୍ଷା କରିବସନ୍ତି । ସେମାନେ ତଥାପି କୌଣସି ଆଲୋକପ୍ରେରିତ ପ୍ରଶସ୍ତତା, ବୁଦ୍ଧିର କୌଣସି ସୂକ୍ଷ୍ମ ସ୍ଥିତିସ୍ଥାପକତା ଅଥବା ଏକ ପରିଷ୍କାର ଏବଂ ବ୍ୟାପ୍ତିଯୁକ୍ତ ଗଭୀରତା ଦ୍ୱାରା ଜୀବନର ବିଚାର କରନ୍ତି ନାହିଁ, ମାତ୍ର ଆପଣାର ବୁଦ୍ଧି, ଅନ୍ତର୍ଦୃଷ୍ଟି ଏବଂ ତୀକ୍ଷ୍ଣତା ଦ୍ୱାରା ତାହା କରିଥାନ୍ତି । ସେତେବେଳେ ହୁଏତ ଏଠି ସେଠି ଜଣେ ଜଣେ ଅନେକ ପ୍ରାଧାନ୍ୟଯୁକ୍ତ ସାମାଜିକ ବିଚାରକମାନଙ୍କର ମଧ୍ୟ ଉଦୟ ହୋଇଥାଏ, ଯେଉଁମାନେ କି କୌଣସି ସଙ୍କଟକାଳ କିମ୍ବା ଅଶାନ୍ତ ସ୍ଥିତିର ସୁଯୋଗ ନେଇ କୌଣସି ନା କୌଣସି ବୁଦ୍ଧିପ୍ରସୂତ ଏବଂ ବୁଦ୍ଧିମତ୍ତାସମ୍ପନ୍ନ ସିଦ୍ଧାନ୍ତର ଭିତ୍ତି ଉପରେ ଆପଣାକୁ ପୁନର୍ଗଠିତ ବା ପରିବର୍ତ୍ତିତ କରାଇବାଲାଗି ସମାଜକୁ ପ୍ରବୃତ୍ତ ମଧ୍ୟ କରାଇଥାନ୍ତି । ଗ୍ରୀକ୍ ସଭ୍ୟତାର ଆରମ୍ଭକାଳୀନ ପର୍ଯ୍ୟାୟଗୁଡ଼ିକରେ ଯେଉଁ ପରମ୍ପରାମାନ ରହିଥିଲା କିମ୍ବା ବରଂ ତାହାର ଗତିଧର୍ମୀ ଓ ପ୍ରଗତିଶୀଳ ପର୍ଯ୍ୟାୟଟିର ଆରମ୍ଭବେଳେ ଯେଉଁ ପରମ୍ପରାଟି ରହିଥିଲା, ସେହି ପରମ୍ପରାଟି ହିଁ ଏହିଭଳି ଏକ ଯୁଗର ପ୍ରତିନିଧିତ୍ୱ କରୁଥିବା ପରି ମନେହୁଏ । ଅଥବା, ଯଦି ଏହି କ୍ଷେତ୍ରରେ ଆଧ୍ୟାତ୍ମିକତା ହିଁ ସର୍ବାଧିକ ପ୍ରଭାବଶାଳୀ ହୋଇ ରହିଥାଏ, ତେବେ ସେତେବେଳେ ମହାନ୍ ରହସ୍ୟଦ୍ରଷ୍ଟା ବା ତତ୍ତ୍ୱଦ୍ରଷ୍ଟାମାନଙ୍କର ବି ଆବିର୍ଭାବ ଘଟିଥାଏ ଯେଉଁମାନେ କି ଆମ ପ୍ରକୃତିର ଗଭୀର ଏବଂ ତଥାପି ସଗୁପ୍ତ ହୋଇ ରହିଥିବା ନାନା ମନୋଗତ ସମ୍ଭାବନାଗୁଡ଼ିକର ତଳକୁ ଅଧିଗମିପାରିବାଲାଗି ସମର୍ଥ ହୁଅନ୍ତି, ମନୁଷ୍ୟସ୍ଥ ଚିଦ୍‌ଗତତା ଏବଂ ଆତ୍ମାର ସତ୍ୟଟିକୁ ଆବିଷ୍କାର କରନ୍ତି, ତାହାର ଉପଲବ୍ଧି କରନ୍ତି ; ଏବଂ ଏହିସବୁ ପ୍ରସଙ୍ଗକୁ ଗୋପ୍ୟ କରି ରଖୁଥିଲେ ମଧ୍ୟ ଏବଂ ଅଳ୍ପସଂଖ୍ୟକ କେବଳ କେତେକ ଦୀକ୍ଷିତଙ୍କୁ ହିଁ ତାହା ପ୍ରଦାନ କରୁଥିଲେ ମଧ୍ୟ ତଥାପି ସେମାନେ ଆପଣା ସହିତ ଲୋକଜୀବନର ଅଶୋଧିତ ରୂପଗୁଡ଼ିକୁ ମଧ୍ୟ ଅଧିକ ଗଭୀର କରିବାରେ

'oaob.nitrkl.ac.in' images reprocessed

ସଫଳତା ଲାଭ କରିଥାନ୍ତି । ଧର୍ମ-ରହସ୍ୟବାଦର ପ୍ରାଚୀନ ପରମ୍ପରାଗୁଡ଼ିକରେ ମଧ୍ୟ ଆମେ ଏହିପରି ଏକ ବିକାଶର ଅସ୍ପଷ୍ଟ ନିଦର୍ଶନ ଦେଖିବାକୁ ପାଇଥାଉ । ପ୍ରାଗୈତିହାସିକ ଭାରତବର୍ଷରେ ଆମେ ଏହାକୁ ଏକ ବିଚିତ୍ର ଓ ଅସାଧାରଣ ଧାରା ଅନୁସରଣ କରିଥିବାର ଦେଖିଥାଉ, ଯେଉଁ ଧାରାଟି କି ସମାଜର ଭବିଷ୍ୟତ ଯାବତୀୟ ପ୍ରବୃତ୍ତିକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେଇଛି ଓ ମାନବଜାତିର ଇତିହାସରେ ଭାରତର ସଭ୍ୟତାକୁ ମଧ୍ୟ ଏକ ସ୍ୱତନ୍ତ୍ର ଏବଂ ଏକକ ପ୍ରବୃତ୍ତିରୂପେ ପରିଣତ କରିପାରିଛି । ମାତ୍ର ଏହିସବୁ ବିଷୟକୁ ଆମେ ତଥାପି ଅବବୌଦ୍ଧିକ ତଥା ଅବ-ଆଧ୍ୟାତ୍ମିକ ହୋଇ ରହିଥିବା ଏକ ମନୁଷ୍ୟସମାଜର ମଝିରେ ଆଲୋକର କେବଳ ଏକ ପ୍ରଥମ ଆରମ୍ଭ ବୋଲି ହିଁ ଜାଣିରଖିବା ଏବଂ ଏହି-ସବୁ କ୍ଷେତ୍ରରେ ସେହିସବୁ ପୁରୋଗାମୀ ପ୍ରଥମ ପ୍ରବୃତ୍ତିଗୁଡ଼ିକର ପ୍ରଭାବ ପଡ଼ୁଥିଲେ ମଧ୍ୟ ଏସବୁ କେବଳ ଭାରି ଅସ୍ପଷ୍ଟଭାବରେ ସେଗୁଡ଼ିକ ଲାଗି ଆପଣାର ପ୍ରତିସ୍ପନ୍ଦନ ଜଣାଇ, ପାରନ୍ତି ଏବଂ ସେହି ସବୁ ପ୍ରଭାବ ଏଗୁଡ଼ିକ ଉପରେ ଯାହା ଆଣି ଲଦିଦିଅନ୍ତି ଅଥବା ଏଗୁଡ଼ିକ ମଧ୍ୟକୁ ଯାହାକିଛି ବହନ କରି ଆଣନ୍ତି, ତାହାକୁ ଏଗୁଡ଼ିକ କୌଣସି ସ୍ପଷ୍ଟ ବୁଦ୍ଧିସମ୍ପନ୍ନତା ଅଥବା ଜାଗ୍ରତ ଆଧ୍ୟାତ୍ମିକ ଭାବମୟତା ସହିତ ଆଦୌ ଗ୍ରହଣ କରିପାରନ୍ତି ନାହିଁ । ଏଇଟି ତଥାପି ସବୁ କିଛିକୁ କେବଳ ଅବବୌଦ୍ଧିକ ଆକାର ଏବଂ ବିକୃତ ପାରମ୍ପରିକତାରେ ହିଁ ପରିଣତ କରିଦେବାରେ ଲାଗିଥାଏ ଏବଂ ଆପଣାର ଆଧ୍ୟାତ୍ମିକ ଜୀବନକ୍ଷେତ୍ରରେ ମଧ୍ୟ କେବଳ ଭ୍ରାନ୍ତି-ବୋଧ ଆନୁଷ୍ଠାନିକତା ତଥା ଛଦ୍ମବେଶୀ ପ୍ରତୀକ-ଗୁଡ଼ିକ ମଧ୍ୟରେ ବାସ କରି ରହିଥାଏ । ବଡ଼ ଅସ୍ପଷ୍ଟ ଭାବରେ ତାହା ଉଚ୍ଚତର ବସ୍ତୁଗୁଡ଼ିକୁ ଅନୁଭବ କରେ ସତ, ଏବଂ ଆପଣାର ଝୁଣ୍ଟାପଡ଼ା ଗତିରେ ସେଗୁଡ଼ିକୁ ବଞ୍ଚିପାରିବା ଲାଗି ଚେଷ୍ଟା କରେ ସତ, ମାତ୍ର ତଥାପି ସେଗୁଡ଼ିକୁ ବୁଝିପାରି ନ ଥାଏ ; କେବଳ ସେଗୁଡ଼ିକର ତାତ୍ପର୍ଯ୍ୟଗତ ବୁଦ୍ଧିପ୍ରଣୋଦିତ ରୂପ ଅଥବା ଚିତ୍‌ଗତ ହୃଦ୍‌ସ୍ଥିତିକୁ ଧରିପାରିବା ଲାଗି ହିଁ ତାହା ଭିତରେ ଯାହା କିଛି ସାମର୍ଥ୍ୟ ରହିଥାଏ ।

ମାତ୍ର ବୁଦ୍ଧି ଓ ଆଧ୍ୟାତ୍ମିକତା ବୃଦ୍ଧି ପାଉଥିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଶକ୍ତିମତ୍ତାରେ ମଧ୍ୟ ବୃଦ୍ଧି ହେବାରେ ଲାଗିଥାଏ, ସେଥିରେ ଅଧିକ ବ୍ୟାପକତା ମଧ୍ୟ ଆରମ୍ଭ ହେବାରେ ଲାଗିଥାଏ । ଅବଶ୍ୟ ଏପର୍ଯ୍ୟନ୍ତ ଯଥେଷ୍ଟ ସଘନତା ଆସି ନ ଥାଏ; ମାତ୍ର ତଥାପି ପିଣ୍ଡ ଉପରେ ତାହା ଅଧିକ ବ୍ୟାପକ ହୁଏ ଓ ଅଧିକ ପ୍ରଭାବ ପକାଇବାକୁ ସମର୍ଥ ହୁଏ । ସତ୍ୟ ତଥା ରହସ୍ୟର ଦ୍ରଷ୍ଟାମାନେ ଏପରି ଏକ ବିପୁଳ ଆଧ୍ୟାତ୍ମ ବିକାଶର ବୀଜ ବପନ କରିଦିଅନ୍ତି, ଯାହା ମଧ୍ୟରେ କି ସମାଜର ସମ୍ପୂର୍ଣ୍ଣ କେତେକେତେ ବର୍ଗ ଏବଂ ଏପରିକି ସକଳ ବର୍ଗରୁ କେତେ କେତେ ବ୍ୟକ୍ତି ଆଲୋକର ଅନ୍ୱେଷଣ କରିବାରେ ଲାଗିଥାଆନ୍ତି । ଆମ ଭାରତବର୍ଷରେ ଉପନିଷଦର ଯୁଗରେ ଠିକ୍ ଏଇଆ ଘଟିଥିଲା । ଏହିପରି ଜଣେ ଜଣେ ବ୍ୟକ୍ତିଗତ ଦାର୍ଶନିକଙ୍କ ସ୍ଥାନରେ କେତେକେତେ ସଂଖ୍ୟାରେ ଲେଖକ, କବି, ବିଗ୍ରହକ, ଭାଷାପ୍ରବୀଣ, ଶିକ୍ଷାଦାତା ଓ ବୈଜ୍ଞାନିକ ଜିଜ୍ଞାସୁମାନଙ୍କର

'oaob.nitrkl.ac.in' images reprocessed

ଆବିର୍ଭାବ ହେବାକୁ ଲାଗେ, ଯେଉଁମାନେ କି ତୀକ୍ଷ୍ଣ ଚିନ୍ତନ ଓ ଅନୁସନ୍ଧାନର ଏକ ଉନ୍ମୁକ୍ତ ବନ୍ୟାକୁ ପ୍ରବାହିତ କରିଦିଅନ୍ତି, ମନନର ଅନୁଶୀଳନରେ ଉଦ୍‌ପ୍ରେରଣା ଭରିଦିଅନ୍ତି ଏବଂ ଏପରିକି ସାଧାରଣ ଜନଗଣଙ୍କ ସ୍ତରରେ ମଧ୍ୟ ବୁଦ୍ଧିଗତ ଏକ ସାଧାରଣ ଉତ୍ସୁକତା ଓ ଜିଜ୍ଞାସାମୂଳକତାର ସଞ୍ଚାର କରନ୍ତି । ସୋଫିଷ୍ଟମାନଙ୍କର ଯୁଗରେ ଗ୍ରୀସ୍‌ରେ ଠିକ୍ ସେହିକଥା ଘଟିଥିଲା । ଏକ ଅବବୌଦ୍ଧିକ ସମାଜରେ ଯେତେବେଳେ କୌଣସି ଆଧ୍ୟାତ୍ମିକ ବିକାଶ ଆରମ୍ଭ ହୁଏ ଏବଂ ବୁଦ୍ଧି ତାହାକୁ ଖର୍ବ କରିଦେବାଲାଗି ଆଦୌ କୌଣସି ଚେଷ୍ଟା କରେ ନାହିଁ, ସେତେବେଳେ ସେଥିରେ ବୁଦ୍ଧିଗତ ଓ ବୁଦ୍ଧିପ୍ରସୂତ ଗତିସ୍ପନ୍ଦନଟିକୁ ଟପି ଆଗକୁ ମାଡ଼ିଯିବାର ଏକ ପ୍ରବୃତ୍ତି ମଧ୍ୟ ରହିଥାଏ । କାରଣ ଅବବୌଦ୍ଧିକ ମନୁଷ୍ୟ କ୍ରମଶଃ ଅଧିକରୁ ଅଧିକ ବିକାଶଲାଭ କରିବା ସଙ୍ଗେ ସଙ୍ଗେ ଆଲୋକମୟ ଯେଉଁ ସର୍ବୋଚ୍ଚ ଶକ୍ତିଟିର ଅଧିକାରୀ ହେବାକୁ ସମର୍ଥ ହୋଇଥାଏ, ତାହା କେବଳ ଏକ ନିମ୍ନସ୍ତରର ପ୍ରଭବୋଧରେ ହିଁ ସୀମିତ ଥାଏ, ତା'ମଧ୍ୟରେ ରହିଥିବା ପ୍ରାଣଶକ୍ତିଟିକୁ ଜାଗ୍ରତ ହୋଇଥିବା ଏକ ସହଜାତ ପ୍ରବୃତ୍ତିଗତ ସଂବୃଦ୍ଧ ଦୃଷ୍ଟି ମଧ୍ୟରେ ହିଁ ସୀମାବଦ୍ଧ ଥାଏ ; ଏବଂ ଏହି ସ୍ତରଟିରୁ ଉତ୍ତୀର୍ଣ୍ଣ ହୋଇ ବୁଦ୍ଧିର ଅତିକାନ୍ତ ଓ ବୁଦ୍ଧିର କୌଣସି ସାହାଯ୍ୟ ଗ୍ରହଣ କରୁ ନ ଥିବା ଏକ ଅନ୍ତର୍ଜୀବନର ପ୍ରଗାଢ଼ତା ଏବଂ ଏକ ଗଭୀରତର ଆଧ୍ୟାତ୍ମିକ ପ୍ରବୁଦ୍ଧତାର ବିକାଶ ମଧ୍ୟକୁ ଯାଇପାରିବା ସେତେବେଳେ ବ୍ୟକ୍ତିମନୁଷ୍ୟ ଲାଗି ବେଶ୍ ସହଜ ହୋଇଯାଏ । ମାତ୍ର ସମଗ୍ରତଃ ମନୁଷ୍ୟଜାତି ଲାଗି ଏହି ଗତିଟି ଆଦୌ ସ୍ଥାୟୀ ହୋଇପାରେ ନାହିଁ ; ସମଗ୍ର ଜାତିର ଆଧ୍ୟାତ୍ମିକତାଟିକୁ ମନୁଷ୍ୟସ୍ଥ ନିମ୍ନତର ପ୍ରକୃତିର ଏକ ସୁବିକଶିତ ଭୂମିଉପରେ ନିଶ୍ଚିତ ଭାବରେ ଉତ୍ତୋଳିତ କରିନେଇପାରିବାକୁ ହେଲେ ଅର୍ଥାତ୍ ବୁଦ୍ଧିପ୍ରେରିତ ମନୋମୟ ସତ୍ତାକୁ ଭିତ୍ତି କରି ତାହାର ବିକାଶ ସାଧନ କରିବାକୁ ହେଲେ ପ୍ରଥମେ ମନ ଓ ବୁଦ୍ଧିକୁ ଉତ୍ତମରୂପେ ବିକାଶ ଲାଭ କରିବାକୁ ହୁଏ । ତେଣୁ ଆମେ ଦେଖିବାକୁ ପାଉ ଯେ ଆପଣାର ବୃଦ୍ଧିକ୍ରମରେ ବୁଦ୍ଧି ଅନ୍ତତଃ କେତେ ସମୟ ଲାଗି ହୁଏତ ସ୍ୱତନ୍ତ୍ର ଆଧ୍ୟାତ୍ମିକ ବୃତ୍ତିଟିକୁ ପରିହାର କରି ରଖିଥାଏ ଅଥବା ଏଇଟିକୁ ଗ୍ରହଣ କରିନଏ ସତ; ମାତ୍ର ତାହାର ପ୍ରଥମ ପୃଷ୍ଠଭୂମି ଓ ଜିଜ୍ଞାସାମୂଳକତା-ଗୁଡ଼ିକର ଚାରିପାଖରେ ବୁଦ୍ଧିଗତ ଯାବତୀୟ କେତେ କେତେ କରଣୀର ଏକ ପ୍ରକାଣ୍ଡ ଜାଲ ବୁଣିକରି ରଖିଦିଏ, ଯାହାଫଳରେ କି ପ୍ରଥମରୁ ରହସ୍ୟଦ୍ରଷ୍ଟାକୁ ସ୍ଥାନାନ୍ତରିତ କରି ତାହା ପରିବର୍ତ୍ତିରେ ଦାର୍ଶନିକ ତତ୍ତ୍ୱର ରହସ୍ୟଦ୍ରଷ୍ଟା, ଧର୍ମବିଚାରକ ଏବଂ ଏପରିକି ଶୁଦ୍ଧ ଓ ଅମିଶ୍ରିତ ବିଚାରକ ବା ଦାର୍ଶନିକର ହିଁ ଆବିର୍ଭାବ ଘଟିଥାଏ । ପ୍ରଥମଟି ଲାଗି ଆମେ ପ୍ରାଚୀନ ଗ୍ରୀସ୍‌କୁ ଦୃଷ୍ଟାନ୍ତରୂପେ ଗ୍ରହଣ କରିପାରିବା ଏବଂ ଭାରତବର୍ଷକୁ ଦ୍ୱିତୀୟଟିର ଦୃଷ୍ଟାନ୍ତ ବୋଲି ଜାଣିବା ।

ଏଥେନ୍ସ କିମ୍ବା ଆର୍ଷକାଳୀନ ଭାରତରେ ଯାହା ଘଟିଥିଲା, କୌଣସି ଏକ ନୂତନ ବିକାଶୋନ୍ମୁଖତା ଏବଂ ଆବେଗ ଅନ୍ତତଃ କିଛୁକାଳ ସକାଶେ ସମସ୍ତ ସମାଜକୁ

'oaob.nitrkl.ac.in' images reprocessed

ଅଧିକାର କରିନେଇଥିବା ପରି ମନେ ହୋଇପାରେ ; ମାତ୍ର ଏହିସବୁ ପ୍ରାରମ୍ଭିକ ଉଷାକାଳ ଆଦୌ ସ୍ଥାୟୀଭାବରେ ଶୁଦ୍ଧ ହୋଇ ରହିପାରନ୍ତି ନାହିଁ, ଅନ୍ତତଃ ସମାଜ ବା ଜାତି ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ ନ ହୋଇଥିବା ପର୍ଯ୍ୟନ୍ତ ତାହା ଆଦୌ ହୋଇପାରେ ନାହିଁ । କ୍ରମେ ଧାରଣି ବସିଗଲା ପରେ ଲାଗେ, ପ୍ରଥମ ଆବେଗଟିର ପ୍ରେରଣା ସତେଅବା ହ୍ରାସ ହୋଇଯାଏ, ଏପରି ଅନେକ ଅବଚୌଦ୍ଧିକ ବସ୍ତୁର ଉଦ୍‌ଭବ ହେବାକୁ ଆରମ୍ଭ କରେ, ଯେଉଁଥିରେ କି ଅସଲ ଭାବନା ଓ ଆଧ୍ୟାତ୍ମିକତାଟି ନିମ୍ନତର ସ୍ତରର ନାନା ଅନାବନାଦ୍ୱାରା ଆବୃତ ହୋଇ ରହିଯାଏ, ଅଥବା ତାହା ସେହି ଆକାରଟି ମଧ୍ୟରେ ହିଁ କୁଆଡ଼େ ଲୀନ ହୋଇ ରହିଯାଏ; ହୁଏତ ପଞ୍ଚତ୍ୱପ୍ରାପ୍ତ ବି ହୋଇପାରେ ଏବଂ ତେଣେ ଜୀବନଜ୍ଞାନର ପରିସ୍ଫୁଟି, ଉଚ୍ଚତର ଜୀବନଟି ତଥା କ୍ରିୟାତ୍ମକତାଟି କେବଳ ଉଚ୍ଚତର ବର୍ଗଗୁଡ଼ିକର ହିଁ ସମ୍ପତ୍ତି ହୋଇ ରହେ, ଅଥବା ସବୁଠାରୁ ଉଚ୍ଚରେ ଯାଇ ରହିଥିବା କେବଳ ଗୋଟିଏ ବର୍ଗର ହିଁ ଏକଚାଟିଆ ହୋଇ ରହେ । ଆପଣାର ମନୋଗତ ଅଭ୍ୟାସ ଓ ସଂସ୍କାରରେ ଜନଗଣ କେବଳ ଅବଚୌଦ୍ଧିକ ହୋଇ ରହିଥାଏ । ଅବଶ୍ୟ ଅତୀତରୁ ପାଇଥିବା ଏକ ଲାଭ ହିସାବରେ ତା'ଭିତରେ ଏକ ସରଳ ବୁଦ୍ଧିମତ୍ତା ବା ଏକ ସୁଗଭୀର ଏବଂ ସୂକ୍ଷ୍ମ ଆଧ୍ୟାତ୍ମିକ ଗ୍ରହଣଶୀଳତା ମଧ୍ୟ ଜୀବନ୍ତ ହୋଇ ରହିଥାଏ । ବୁଦ୍ଧିଗତ ଯୁଗର ଯଥାର୍ଥ ମୁହୂର୍ତ୍ତଟି ଆସି ନ ପହଞ୍ଚିଥିବା ପର୍ଯ୍ୟନ୍ତ ସମାଜର ଅବଚୌଦ୍ଧିକ ପର୍ଯ୍ୟାୟଟିକୁ ପଛରେ ଛାଡ଼ି ମୋଟେ ଆଗକୁ ଯାଇ ହୁଏ ନାହିଁ ; ଏବଂ କେବଳ ଯେତେବେଳେ ଖାଲି ଗୋଟାଏ ବିଶେଷ ବର୍ଗ କିମ୍ବା ଅଳ୍ପ କେତେସଂଖ୍ୟକ ବ୍ୟକ୍ତି ନୁହନ୍ତି, ମାତ୍ର ସମଗ୍ର ଜନଗଣ ହିଁ ଭାବିଶିଖନ୍ତି ଏବଂ ସକ୍ରିୟଭାବରେ ଆପଣାର ବୁଦ୍ଧିକୁ ବ୍ୟବହାରରେ ଆଣିପାରନ୍ତି ଅର୍ଥାତ୍ ପ୍ରଥମେ ଯେଉଁ ଅପୂର୍ଣ୍ଣଭାବରେ ହେଲେ ମଧ୍ୟ ତଥାପି କ୍ରମେ ଆପଣାର ଜୀବନରେ, ଆପଣାର ଆବଶ୍ୟକତାଗୁଡ଼ିକରେ, ଆପଣାର ଅଧିକାର ତଥା କର୍ତ୍ତବ୍ୟରେ ତଥା ଜଣେ ଜଣେ ମନୁଷ୍ୟ ହିସାବରେ ଆପଣାର ଆକାଂକ୍ଷାଗୁଡ଼ିକର କ୍ଷେତ୍ରରେ ଆପଣାର ବୁଦ୍ଧିକୁ ନେଇ ଖଟାଇପାରନ୍ତି, ସେତେବେଳେ ଯାଇ ବୁଦ୍ଧିର ଯୁଗ ଆସି ପହଞ୍ଚିଲା ବୋଲି କହିବା ସମ୍ଭବ ହୁଏ ଏବଂ ସେପର୍ଯ୍ୟନ୍ତ ଆମର ସର୍ବୋଚ୍ଚ ଓ ସମ୍ଭାବ୍ୟତମ ବିକାଶ ହିସାବରେ କେବଳ ଏକ ମିଶ୍ରିତ ସମାଜକୁ ନେଇ ପଡ଼ିରହିବାକୁ ପଡ଼େ ; ଜନଗଣ ଅର୍ଥାତ୍ ଅନେକଙ୍କ ସ୍ତରରେ ତାହା ଅବଚୌଦ୍ଧିକ ହୋଇ ରହିଥାଏ, ମାତ୍ର ଉପରେ ଗୋଟିଏ ଶ୍ରେଣୀ ସେହି ସମାଜଟିକୁ ଏକ ସଭ୍ୟତାରୂପେ ବଞ୍ଚାଇରଖିଥାନ୍ତି । ବୁଦ୍ଧି ଏବଂ ଆଧ୍ୟାତ୍ମିକତାର ଅନୁଶୀଳନ କେବଳ ସେହି ଉଚ୍ଚ ଶ୍ରେଣୀଟିର ହିଁ ଧନ୍ଦା ହୋଇ ରହିଥାଏ, ସେହିମାନେ ହିଁ ମନୁଷ୍ୟଜାତିର ଏହି କ୍ଷେତ୍ରୀୟ ସମ୍ପଦଗୁଡ଼ିକୁ ସାଇତି ରଖିଥାନ୍ତି, ସେଥିରେ ଅଧିକ କିଛି ଯୋଗ କରନ୍ତି ଏବଂ ସମଗ୍ରର ଜୀବନଟିକୁ ଯଥାସମ୍ଭବ ଆଲୋକିତ କରି ଆପଣା ସହିତ ଯଥାସମ୍ଭବ ଉନ୍ନୀତ କରିନେବାକୁ ପ୍ରୟାସ ମଧ୍ୟ କରୁଥାନ୍ତି ।

'oaob.nitrkl.ac.in' images reprocessed

ଆଲୋଚନାର ଏହି ବିନ୍ଦୁଟିଯାଏ ଆସି ଆମେ ଦେଖିବାକୁ ପାଉଛୁ ଯେ, ଆପଣାର ମନୁଷ୍ୟାକୃତି ପିଣ୍ଡଟିରେ ପ୍ରକୃତି କ୍ରିୟାତ୍ମକ ପ୍ରାଣର ବହୁବିଧ ପଥ ଧରି ବୁଦ୍ଧି ତଥା ଆଧ୍ୟାତ୍ମିକତା'ର ଏକ ବୃହତ୍ତର ପ୍ରୟୋଗ ଅଭିମୁଖରେ ଅଗ୍ରସର ହେବାର ପ୍ରବୃତ୍ତି ରଖିଥାଏ ଏବଂ ତାହା ହିଁ ଅବଶେଷରେ ମନୁଷ୍ୟଜାତି ଲାଗି ଏକ ବୁଦ୍ଧିପ୍ରଧାନ ଓ ତା'ପରେ ଏକ ଆଧ୍ୟାତ୍ମିକ ଯୁଗର ସମ୍ଭାବନାଟିକୁ ସମୀପବର୍ତ୍ତୀ କରି ନେଇଆସେ । ଏହି କ୍ଷେତ୍ରରେ ତାହାକୁ ଦୁଇଆଡ଼ୁ ଦୁଇଟି ଅସୁବିଧାର ସମ୍ମୁଖୀନ ହେବାକୁ ହୋଇଥାଏ । ପ୍ରଥମତଃ, ପ୍ରଥମ ସୋପାନଟିରେ କେବଳ ବିଶେଷ ବିଶେଷ ବ୍ୟକ୍ତିଙ୍କର ମାଧ୍ୟମରେ ହିଁ ପ୍ରକୃତି ଭାବନା, ବୁଦ୍ଧି ତଥା ଆଧ୍ୟାତ୍ମିକତାର ବିକାଶ ଘଟାଇଥାଏ ଏବଂ ବର୍ତ୍ତମାନ ବିଶେଷ ବିଶେଷ ଗୋଷ୍ଠୀ ବା ଜାତିମାନଙ୍କର ମାଧ୍ୟମରେ ତାକୁ ସମୂହଭାବରେ ସେଗୁଡ଼ିକର ବିକାଶ ଘଟାଇବାକୁ ପଡ଼େ । ଏଠାରେ ଅନ୍ତତଃ ଏକ ଆପେକ୍ଷିକ ଅର୍ଥରେ ହିଁ 'ଜାତି' ଶବ୍ଦଟିର ବ୍ୟବହାର କରାଯାଇଛି, ଯେଉଁଥିରେ କି ଆପଣାର ଏକ ବୌଦ୍ଧିକ ବା ଆଧ୍ୟାତ୍ମିକଭାବରେ କୃଷ୍ଟିଯୁକ୍ତ ବର୍ଗଟି କିମ୍ବା ବର୍ଗଗୁଡ଼ିକ ଦ୍ୱାରା ସେହି ଜାତି ପ୍ରଶାସିତ, ପରିଚାଳିତ ଏବଂ କ୍ରମରୂପାୟିତ ତଥା ପ୍ରଶିକ୍ଷିତ ହେଉଥାଏ । ମାତ୍ର ପ୍ରାଚୀନ ଇଉରୋପରେ ଗ୍ରୀସ୍ ଓ ତା'ପରେ ରୋମ୍‌ରେ ତଥା ପ୍ରାଚୀନ ଏସିଆରେ ଭାରତବର୍ଷ, ଚୀନ ଓ ପାରସ୍ୟରେ ଯାହା ଘଟିଥିଲା, ଆପଣାର ଉଚ୍ଚତର ସ୍ତରଗୁଡ଼ିକରେ ଏକ ସୁବିକଶିତ ବୁଦ୍ଧି କିମ୍ବା ଆଧ୍ୟାତ୍ମିକତା ଅଥବା ଉଭୟର ସ୍ପର୍ଶ ଲାଭ କରିଥିବା ସେହି ବିଶେଷ ଜାତିଟିର ଚତୁଷ୍ପାର୍ଶ୍ୱ ଅଥବା ପ୍ରତିବେଶକୁ ଘେରି ସେହି ପୁରୁଣା ଅବବୌଦ୍ଧିକ ମନୁଷ୍ୟଙ୍କର ଅତିକାୟ ସମୂହମାନ ଅବସ୍ଥିତ ରହିଥାନ୍ତି ଏବଂ ଏହିଭଳି ଏକ ସମୀପବର୍ତ୍ତିତା ଦ୍ୱାରା ତାହାକୁ ବିପଦଗ୍ରସ୍ତ କରି ରଖିଥାନ୍ତି । କାରଣ, ବିକାଶଲାଭ କରିଥିବା ଏକ ବିଜ୍ଞାନ ଆସି ଏହି ଅବସ୍ଥାରେ ଏକ ସୁସ୍ଥ ଭାରସାମ୍ୟ ନ ଆଣିବା ପର୍ଯ୍ୟନ୍ତ ସର୍ବଦା ବର୍ବରଠାରେ ହିଁ ସଂସ୍କୃତିଯୁକ୍ତ ଜାତିମାନଙ୍କ ତୁଳନାରେ ଅଧିକ ଶାରୀରିକ ଶକ୍ତି ଏବଂ ଜନ୍ମଜାତ ଅକ୍ଲାନ୍ତ ଆକ୍ରମଣ ଶକ୍ତି ମହଜୁଦ ହୋଇ ରହିଥାଏ । ଏହି ପର୍ଯ୍ୟାୟଟିରେ ବହିଃସ୍ଥ ଅନ୍ଧକାରଟିର ଆକ୍ରମଣଦ୍ୱାରା ପରିଶେଷରେ ସଭ୍ୟତାର ଆଲୋକ ଏବଂ ସାମର୍ଥ୍ୟଟି ହିଁ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିପଡ଼ିଥାଏ । ତା'ପରେ ଆକ୍ରମଣରତ ପ୍ରକୃତିକୁ ବିଜୟୀମାନଙ୍କୁ ଅଳ୍ପବହୁତ ମନ୍ଥର ଭାବରେ ଶିକ୍ଷିତ କରିନେବାକୁ ପଡ଼େ ; ସେଥିଲାଗି ଦୀର୍ଘକାଳବ୍ୟାପି ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ହୁଏ, ଏବଂ ସେମାନଙ୍କର ଆକ୍ରମଣ ଫଳରେ ଯାହାକିଛି ସାମୟିକ ଭାବରେ ନଷ୍ଟ ବା ବିପନ୍ନ ହୋଇଯାଇଥିଲା, ସେଇଟିର ପୁନର୍ବିକାଶ ସମ୍ଭବ କରାଇବାରେ ଅନେକ ବିଳମ୍ବ ଓ ଅନେକ କ୍ଷତି ମଧ୍ୟ ସହିବାକୁ ପଡ଼େ । ଶେଷରେ ଏହି ପ୍ରକ୍ରିୟାଟିରେ ମନୁଷ୍ୟସମାଜର ଲାଭ ହିଁ ହୁଏ, ଜାତିମାନଙ୍କ ମଧ୍ୟରୁ ଅଧିକତର-ସଂଖ୍ୟକ ଜାତି ଏହି ପ୍ରୟୋଗରେ ଆସି ଅନ୍ତର୍ଭୁକ୍ତ ହୁଅନ୍ତି, ପ୍ରଗାଢ଼ତର ଏକ ବୃହତ୍ତର ତଥା ଅଧିକ ଜୀବନ୍ତ ଶକ୍ତିର ପ୍ରୟୋଗ କରାଯାଏ, ଏହା ଫଳରେ ଅଗ୍ରସର ହେବାର ଏକ ପ୍ରଥମ ବିନ୍ଦୁ ମିଳିଯାଏ, ଯେଉଁଠାରୁ କି ଯାତ୍ରା ଆରମ୍ଭ କରି ଏହା ବୃହତ୍ତର ତଥା

'oaob.nitrkl.ac.in' images reprocessed

ବିଚାରରେ ଆହୁରି ଅନେକ ଲାଭଆଡ଼କୁ ଗତି କରିବାକୁ ଲାଗେ । ମାତ୍ର ଏହି ଅଗ୍ରଗତିଟି ଲାଗି ସର୍ବଦା କେତେକ ପରିମାଣରେ ଏକ ମୂଲ୍ୟ ଦେବାକୁ ପଡ଼ିଥାଏ, ଏକ କ୍ଷତି ସହିବାକୁ ପଡ଼ିଥାଏ ।

କିନ୍ତୁ ଗୋଷ୍ଠୀଗୁଡ଼ିକର ଭିତରେ ମଧ୍ୟ ଏହି ସୋପାନଟିରେ ବୁଦ୍ଧି ତଥା ଆଧ୍ୟାତ୍ମିକତା ସର୍ବଦା ବାଧାପ୍ରାପ୍ତ ଓ ବିପନ୍ନ ହୋଇ ରହିଥାନ୍ତି, କାରଣ ସେଗୁଡ଼ିକ ଏକ ବିଜାତୀୟ ଜନସମୂହ ତଥା ପରିବେଶ ଭିତରେ ରହିବାକୁ ବାଧ୍ୟ ହେଉଥାନ୍ତି । ସମ୍ପନ୍ନ ଶ୍ରେଣୀଟି, ଅର୍ଥାତ୍ ଏହିସବୁ ସାମର୍ଥ୍ୟର ନ୍ୟାସୀ ହୋଇ ରହିଥିବା ବର୍ଗଟି ଆପଣାକୁ କେବଳ ସେହିଭଳି ରୂପାୟନରେ ଢଳାଇ ରଖିବାଲାଗି ବାଧ୍ୟ ହୁଅନ୍ତି, ଯାହାକୁ କି ସେମାନେ ପରିଚାଳନ ଏବଂ ଶାସନ କରୁଥିବା ବୃହତ୍ତର ଜନସମୂହ ସହଜରେ ଗ୍ରହଣ କରିପାରିବ ଏବଂ ଏହିସବୁ ରୂପାୟନ ଭିତରକୁ ଆସି ବୁଦ୍ଧି ଓ ଆଧ୍ୟାତ୍ମିକତା ଉଭୟେ ପ୍ରକୃତରେ ଖର୍ବ ହୋଇ ପଡ଼ନ୍ତି ; କୌଣସି ଏକ ନିର୍ଦ୍ଦିଷ୍ଟ ଗୁମ୍ଫଭିତରେ ଯାଇ ପଡ଼ିଯାନ୍ତି, ଅସ୍ଥିସାର ଓ ଜୀବନଶୂନ୍ୟ ହୋଇପଡ଼ନ୍ତି ଏବଂ ଆପଣାର ସ୍ୱାଭାବିକ ସାବଲୀଳତାକୁ ହରାଇ ବସନ୍ତି । ଦ୍ୱିତୀୟତଃ, ସେମାନେ ବସ୍ତୁତଃ ସମଗ୍ର ପିଣ୍ଡଟିର ହିଁ ଏକ ଅଂଶ ହୋଇ ରହିଥିବାରୁ ଏହିସବୁ ଉଚ୍ଚତର ଓ ଆଲୋକିତ ଉପାଦାନଗୁଡ଼ିକ ସ୍ୱୟଂ ଅନେକ ପରିମାଣରେ ସେମାନଙ୍କର ଅବବୌଦ୍ଧିକ ଅଂଶଗୁଡ଼ିକର ପ୍ରଭାବର ବଶବର୍ତ୍ତୀ ହୋଇ ରହିଥାନ୍ତି, ଏବଂ କେବଳ ବ୍ୟକ୍ତିବିଶେଷଙ୍କୁ ଛାଡ଼ିଦେଲେ, କଦାପି ସମ୍ପୂର୍ଣ୍ଣଭାବରେ ବୁଦ୍ଧିର ବନ୍ଧନମୁକ୍ତ ସକ୍ରିୟତା କିମ୍ବା ଚିଦ୍‌ଗତତାର ବନ୍ଧନମୁକ୍ତ ଆଲୋକରେ ଯାଇ ଉପନୀତ ହୋଇପାରନ୍ତି ନାହିଁ । ତୃତୀୟତଃ, ଏହି ଉପାଦାନଗୁଡ଼ିକ ନିମ୍ନସ୍ଥ ଅଜ୍ଞାନମଧ୍ୟକୁ ତଳକୁ ଟାଣିହୋଇ ଆସିବେ ବୋଲି ଏକ ବିପଦ ମଧ୍ୟ ସବୁବେଳେ ବିଦ୍ୟମାନ ରହିଥାଏ, ଏପରିକି ତାହାର ଭିତରକୁ ଏକାବେଳକେ ଭୁଷୁଡ଼ିପଡ଼ିବାର ଭୟ ମଧ୍ୟ ରହିଥାଏ । ଅନୁଗୃହୀତ ବର୍ଗଗୁଡ଼ିକ ମଧ୍ୟରେ ବୌଦ୍ଧିକ ତଥା ଚିଦ୍‌ଗତ କ୍ରିୟାତ୍ମକତାଟିର ପରମ୍ପରାଟିକୁ ବଜାୟ ରଖିବା ସକାଶେ ପ୍ରକୃତି ନାନା କୌଶଳ ଅବଲମ୍ବନ କରି ଆପଣାକୁ ସତର୍କ ରଖିଥାଏ ; ଗୋଟିଏ କ୍ଷେତ୍ରରେ ଜାତୀୟ କୃଷ୍ଟିର ସଂରକ୍ଷଣ ତଥା ସଂବର୍ଦ୍ଧନକୁ ତାହା ଏହି ବିଶିଷ୍ଟ ବର୍ଗଙ୍କ ଲାଗି ଏକ ସମ୍ମାନରକ୍ଷାର ପ୍ରଶ୍ନ କରି ରଖିଥାଏ ଏବଂ ଅନ୍ୟ ଆଉ କୌଣସି କ୍ଷେତ୍ରରେ ସେ ଶିକ୍ଷା ଓ ଶୃଙ୍ଖଳାର ଏକ ସଂରକ୍ଷଣମୂଳକ ବ୍ୟବସ୍ଥାକୁ ପ୍ରତିଷ୍ଠିତ କରି ରଖିଥାଏ । ଏବଂ ଏଗୁଡ଼ିକ ଯେପରି ରୁଦ୍ଧ ପାରମ୍ପରିକତା ମଧ୍ୟରେ ଅଧୋଗତି ନ ଲଭିବେ, ସେଥିଲାଗି ପ୍ରକୃତି କେତେକେତେ ବୌଦ୍ଧିକ ତଥା ଚିଦ୍‌ଗତ ଆନ୍ଦୋଳନର ମଧ୍ୟ ସୂତ୍ରପାତ କରାଏ, ଯାହାକି ଆଘାତ ମାରିଲା ପରି ମୁମୂର୍ଷୁ ଜୀବନଟିକୁ ତଥାପି ବଞ୍ଚାଇ ରଖିବାକୁ ଚେଷ୍ଟା କରନ୍ତି, ଏକ ପ୍ରସାରଣ ଏବଂ ପରିବର୍ତ୍ତନ ଘଟାଇବାରେ ସାହାଯ୍ୟ କରନ୍ତି ଏବଂ ପ୍ରଭାବଶାଳୀ ବୁଦ୍ଧି ତଥା ଚିଦ୍‌ଗତତାକୁ ଅବବୌଦ୍ଧିକ ପିଣ୍ଡଟି ମଧ୍ୟରେ ଅଧିକ ଗଭୀରଭାବରେ ଭେଦାଇ ରଖିବାକୁ ଉଦ୍ୟମ କରୁଥାନ୍ତି । ମାତ୍ର ବସ୍ତୁତଃ ଅଳ୍ପ କିମ୍ବା

'oaob.nitrkl.ac.in' images reprocessed

ଦୀର୍ଘ କେତେକ ସମୟ ସକ୍ରିୟ ହେବା ପରେ ଏହି ଯାବତୀୟ ଆନ୍ଦୋଳନ କେବଳ ସ୍ଥାଣୁ ହୋଇଯିବାର ହିଁ ଏକ ପ୍ରବୃତ୍ତି ରଖିଥାନ୍ତି ; ମାତ୍ର ତଥାପି ସମୟ ଜାଣି ପୁଣି ଏକ ଆଘାତ ଆସି ପହଞ୍ଚିଯାଏ ଏବଂ ତାହାକୁ ବଞ୍ଚାଇରଖେ, ପୁନର୍ଜୀବିତ କରାଏ । ସର୍ବଶେଷରେ ପ୍ରକୃତି ଏପରି ଗୋଟିଏ ବିନ୍ଦୁରେ ଆସି ପହଞ୍ଚେ, ଯେତେବେଳେ ପୁଣି ସେହିପରି ସ୍ଥାଣୁ ହୋଇ ପଡ଼ିରହିବାର ସକଳ ଆସନ୍ନ ବିପଦ ଅତିକ୍ରାନ୍ତ ହୋଇଯାଏ, ଏବଂ ସାମାଜିକ ବିବର୍ତ୍ତନର ସମଷ୍ଟିରେ ପ୍ରକୃତି ଆପଣାର ପରବର୍ତ୍ତୀ ମୀମାଂସକ ଆରୋହଣଟି ଲାଗି ଅଗ୍ରସର ହେବାର ସାମର୍ଥ୍ୟ ଲାଭ କରେ । ମାତ୍ର ଏଇଟିକୁ ସମ୍ଭବ କରିବାଲାଗି ପ୍ରଥମେ ବୁଦ୍ଧିର ସଂସ୍କାରଟିକୁ ସାର୍ବଜନୀନ କରି ରଖିବାକୁ ପଡ଼େ ଏବଂ ଜୀବନକ୍ଷେତ୍ରରେ ବୁଦ୍ଧିମତ୍ତା ତଥା ବୁଦ୍ଧିସମ୍ପନ୍ନ ଇଚ୍ଛାଟିକୁ ପ୍ରୟୋଗ କରିପାରିବାକୁ ହୁଏ । ଏହାର ପରିଣାମସ୍ୱରୂପ ମନୁଷ୍ୟସମାଜରେ ବୁଦ୍ଧିର ଯୁଗଟି ପ୍ରବର୍ତ୍ତିତ ହୁଏ ; ଆମେ ଯାହାକିଛି ହୋଇପାରୁଛୁ ଏବଂ ଯାହାକିଛି କରୁଛୁ, ସେମାନଙ୍କର ସେହି ସକଳ କ୍ଷେତ୍ରରେ ବୁଦ୍ଧିଗତ ବିସ୍ତରଣ ତଥା ବୁଦ୍ଧିମତ୍ତାର ସାମର୍ଥ୍ୟଟିକୁ ଖଟାଇପାରିବାର ମହାନ୍ ଉଦ୍ୟମ ଆରମ୍ଭ ହୁଏ, ଏବଂ ଜାତି ବା ସମୂହଗତ ସମ୍ପୂର୍ଣ୍ଣ ଅସ୍ତିତ୍ୱଟିକୁ ସେମାନଙ୍କର ଶକ୍ତିମତ୍ତାରୂପୀ ଆଲୋକଟି ଦ୍ୱାରା ସଂଗଠିତ କରିବାର ପ୍ରୟାସଟି ମଧ୍ୟ ଆରମ୍ଭ ହୋଇଯାଏ ।

'oaob.nitrkl.ac.in' images reprocessed

## ଊନବିଂଶ ପରିଚ୍ଛେଦ

# ବୁଦ୍ଧିଗତ ଯୁଗର ଗତିରେଖା

ମନୁଷ୍ୟଜାତିର ମନୋଭୂମିଟିକୁ ଏକ ସୋପାନକ୍ରମର ଦୃଷ୍ଟିରୁ ବିଚାର କଲେ ଆମର ବର୍ତ୍ତମାନ ଯୁଗଟିକୁ ଆମେ ସେହି ଅନୁସାରେ ସମାଜର ଏକ ବୁଦ୍ଧିଗତ ବ୍ୟବସ୍ଥାର ଯଥାର୍ଥ ତତ୍ତ୍ୱ ତଥା ସ୍ଥାୟୀ ଆଧାରଗୁଡ଼ିକୁ ଆବିଷ୍କାର କରି ତାହାକୁ କାର୍ଯ୍ୟକାରୀ କରିବା-ଲାଗି ଅଧିକରୁ ଅଧିକ ବେଗରେ ବୃଦ୍ଧି ପାଉଥିବା ଏକ ପ୍ରୟାସ ବୋଲି ବର୍ଣ୍ଣନା କରିପାରିବା । ଏହି ବୁଦ୍ଧିଗତ ଯୁଗଟି ଏକ ପ୍ରଗତିର ଯୁଗ ବି ହୋଇଆସିଛି । ମାତ୍ର ପ୍ରଗତି ଦୁଇ ପ୍ରକାରର ରହିଛି; ଗୋଟିଏ ହେଉଛି ଅନୁକୂଳନଧର୍ମୀ ପ୍ରଗତି, ଯେଉଁଥିରେ କି ସମାଜ ଏକ ଅପରିବର୍ତ୍ତନୀୟ ସାମାଜିକ ତତ୍ତ୍ୱକୁ ଆପଣାର ସ୍ଥାୟୀ ଭିତ୍ତି ରୂପେ ଗ୍ରହଣ କରି ତାହାରି ଉପରେ ପ୍ରତିଷ୍ଠିତ ରହିଥିବ ଓ ତେଣେ ନୂଆ ଧାରଣା ଓ ନୂଆ ଆବଶ୍ୟ-କତା ସହିତ ଖାପ ଖାଇପାରିବା ଲାଗି କେବଳ ଆପଣା ପ୍ରୟୋଗଭୂମିର ପରିଧି ତଥା ଯାନ୍ତ୍ରିକ ବିଧାନଟିରେ ହିଁ ଅବିରତ ନାନା ପରିବର୍ତ୍ତନ ହେବାରେ ଲାଗିଥିବ । ଦ୍ୱିତୀୟ ପ୍ରଗତିଟିକୁ ଆମେ ମୌଳିକ ବା ପ୍ରକୃତ ପ୍ରଗତି ବୋଲି କହିବା, ଯେଉଁଥିରେ କି ସମାଜର ଭିତ୍ତି କେବେହେଲେ ଦୀର୍ଘସ୍ଥାୟୀ ହୋଇ ରହି ନ ଥାଏ; ମାତ୍ର ବସ୍ତୁତଃ ପ୍ରତିଷ୍ଠିତ ସମାଜଟିର ବ୍ୟାବହାରିକ ଯାବତୀୟ ଆଧାର ଏବଂ ଏପରିକି ତାହାର ସର୍ବମୂଳ ଗତିସୂତ୍ରଟି ବିଷୟରେ ସବୁବେଳେ ସଂଶୟ ପ୍ରକାଶ କରାଯାଉଥାଏ ଏବଂ ସବୁବେଳେ ପ୍ରଶ୍ନ ପଚରା-ଯାଉଥାଏ । ଆମର ଆଧୁନିକ ଯୁଗଟି ଆପଣାକୁ ବର୍ତ୍ତମାନ ଏହିଭଳି ନାନା ମୌଳିକ ପ୍ରଗତିଶୀଳତାର ଏକ ଅବିଚ୍ଛିନ୍ନ କ୍ରମବଦ୍ଧତା ମଧ୍ୟରେ ପର୍ଯ୍ୟବସିତ କରି ରଖିଛି ।

ଏହି କ୍ରମବଦ୍ଧତା ସର୍ବଦା ସତେଅବା ଏକ ନିର୍ଦ୍ଦିଷ୍ଟ ଓ ସୁନିବଦ୍ଧ ଗତିପଥ ଅନୁ-ସରଣ କରି ଚାଲୁଥିବା ପରି ମ ,ନହୋଇଥାଏ; ପ୍ରଥମ ଅବସ୍ଥାଟି ହେଉଛି ଏକ ସନ୍ଦୀପନ-ଯୁକ୍ତ ବୀଜାବସ୍ଥା ଯେତେବେଳେ କି କେତେ ଉତ୍ସାହର ସହିତ କେତେ ପ୍ରୟାସ ଓ କେତେ ସଂଗ୍ରାମ ଲାଗିରହିଥାଏ, ତା'ପରେ ଏକ ଆଂଶିକ ସିଦ୍ଧି ବିଜୟଲାଭ କରିବାର ଅବସ୍ଥା ଆସି ପହଞ୍ଚେ ଏବଂ ଏକ ସଂକ୍ଷିପ୍ତ ସମୟ ଲାଗି ସେହି ସିଦ୍ଧିର ଅଧିକାରୀ ହୋଇ-ରହିବା ସମ୍ଭବ ହୁଏ । ତା'ପରେ ସେଇଟି ବିଷୟରେ ଭ୍ରମ ତୁଟିଯାଏ, ମୋହ ଭାଙ୍ଗିଯାଏ ; ଏବଂ ଏକ ନୂତନ ବିଚାର ଜନ୍ମଲାଭ କରେ ଓ ଏକ ନୂତନ ପ୍ରୟାସ ଆରମ୍ଭ ହୁଏ ।

'oaob.nitrkl.ac.in' images reprocessed

ସମାଜର ବିଶୃଙ୍ଖଳ ସମାଜ ବିଷୟରେ ଏକ ନୂତନ ସିଦ୍ଧାନ୍ତ ଆଣି ବାଢ଼ିଦିଏ, ସେହି ସିଦ୍ଧାନ୍ତଟି ସମାଜର ସାଧାରଣ ମନକୁ ଅଧିକାର କରିନିଏ ଏବଂ ସମାଜର ଏକ ପରିତ୍ରାଣ ପଥରେ ପରିଣତ ହୋଇଯାଏ। ତାହାକୁ ସଙ୍ଗେ ସଙ୍ଗେ ହେଉ ଅଥବା ଅତିକ୍ଷିପ୍ର କେତୋଟି ପର୍ଯ୍ୟାୟ ଦେଇ ହେଉ, ସମାଜର ବ୍ୟବହାରକ୍ଷେତ୍ରରେ ପ୍ରୟୋଗ କରାଯାଏ। ଏହି ନୂତନ ସିଦ୍ଧାନ୍ତଟି ପ୍ରତିଷ୍ଠିତ ପୂର୍ବବର୍ତ୍ତୀ ସିଦ୍ଧାନ୍ତଟିକୁ ସିଂହାସନେଚ୍ୟୁତ କରେ ଏବଂ ସମୂହସ୍ଥ ସାମାଜିକ ତଥା ରାଜନୀତିକ ଜୀବନର ଆଧାରରୂପେ ଆପଣାର ସ୍ଥାନ ଗ୍ରହଣ କରେ। ଏହି ବିଜୟଟି ହାସଲ ହୋଇଗଲା ପରେ ଲୋକମାନେ କିଛିକାଳ ସକାଶେ ତାହାର ଉତ୍ସାହ ମଧ୍ୟରେ ହିଁ ଜୀବନ ବଞ୍ଚନ୍ତି ଏବଂ ସେହି ଉତ୍ସାହଟି ଚାଲିଗଲେ ଆପଣାର ବିରାଟ ଓ ମହାନ୍ ସିଦ୍ଧିଟିର ମୁଗ୍ଧ ଆବେଶଟି ମଧ୍ୟରେ କାଳାତିପାତ କରୁଥାନ୍ତି। କେତେ ସମୟ ଅନ୍ତ ହୋଇଯିବା ପରେ ସେମାନେ ପ୍ରଥମ ପର୍ଯ୍ୟାୟର ସେହି ପରିଣାମ-ଗୁଡ଼ିକ ବିଷୟରେ କ୍ରମଶଃ କମ୍ ଆଗ୍ରହ ଅନୁଭବ କରିବାକୁ ଆରମ୍ଭ କରନ୍ତି ଏବଂ ତା'ପରେ ସେହି ନୂତନ ବ୍ୟବସ୍ଥାଟିରେ କେତେପ୍ରକାର ଅନୁକୂଳନ ଆଣି ଭର୍ତ୍ତି କରନ୍ତି, ବାରବାର ତାହାକୁ ବଦଳାଇ ଦେଉଥାନ୍ତି ଓ ଅଳ୍ପବହୁତ ଅଶାନ୍ତ ଓ ଅସ୍ଥିର ଭାବରେ ସେହି ନୂତନ ବ୍ୟବସ୍ଥାଟିକୁ ବିକଶିତ କରାଇନେବାକୁ ଇଚ୍ଛା କରନ୍ତି। କାରଣ ଆପଣାର ସ୍ୱଭାବଦ୍ୱାରା ପ୍ରେରିତ ହୋଇ ହିଁ ବୁଦ୍ଧି ସତତ ପର୍ଯ୍ୟବେକ୍ଷଣ କରିବାରେ ଲାଗିଥାଏ, ନୂତନ ବିଚାରଲାଗି ଆପଣାକୁ ଉନ୍ମୁକ୍ତ ରଖିଥାଏ, ନୂତନ ଆବଶ୍ୟକତା ତଥା ସମ୍ଭାବନାଗୁଡ଼ିକ ଲାଗି ତତ୍କ୍ଷଣାତ୍ ଆପଣାର ପ୍ରତିସ୍ପନ୍ଦନ ଜଣାଇବାକୁ ଉଦ୍‌ଗ୍ରୀବ ରହିଥାଏ ଏବଂ କୌଣସି ପ୍ରକାର ପ୍ରଶ୍ନ ନ କରି କେବଳ ସେହି ପୁରୁଣା ଅଭ୍ୟାସ ଓ ଅଭ୍ୟସ୍ତତାଟାକୁ ହିଁ ସବୁବେଳେ ଧରି ପଡ଼ିରହିବାକୁ ଆଦୌ ଇଚ୍ଛା କରେନାହିଁ। ମାତ୍ର ମଣିଷମାନେ ତଥାପି ଆପଣାର ସମାଜସମ୍ବନ୍ଧୀ ସିଦ୍ଧାନ୍ତଟି ବିଷୟରେ ସଂଶୟ ପ୍ରକାଶ କରିବାକୁ ଭାବି ମଧ୍ୟ ପାରନ୍ତି ନାହିଁ ଅଥବା ସେଥିରେ ଆଦୌ କୌଣସି ପରିବର୍ତ୍ତନର କେବେ କୌଣସି ଆବଶ୍ୟକତା ରହିଛି ବୋଲି କଳ୍ପନା ବି କରନ୍ତି ନାହିଁ; ସେମାନେ କେବଳ ତାହାର ଆକାରଗୁଡ଼ାକୁ ହିଁ ଅଧିକରୁ ଅଧିକ ପକ୍କା କରିବାରେ ଲାଗିଥାନ୍ତି, ସେହି ସିଦ୍ଧାନ୍ତଟିର ପ୍ରୟୋଗକୁ ଆହୁରି ଦୋଷମୁକ୍ତ କରିବାଲାଗି ଚେଷ୍ଟା କରୁଥାନ୍ତି ଓ ଅଧିକ କଷ୍ଟାପର ଏବଂ ଫଳଦାୟକ ଭାବରେ ତାହାକୁ କାର୍ଯ୍ୟକାରୀ କରିବାରେ ଲାଗିଥାନ୍ତି। ଅବଶ୍ୟ କ୍ରମେ ଏପରି ଏକ ସମୟ ଆସି ପହଞ୍ଚେ ଯେତେବେଳେ କି ବୁଦ୍ଧି ଏକାବେଳେକେ ଅସନ୍ତୁଷ୍ଟ ହୋଇପଡ଼େ ଏବଂ ଦେଖିବାକୁ ପାଏ ଯେ ତାହା କେବଳ କେତେଟା ନୂଆ ପରମ୍ପରାକୁ ହିଁ ଗୋଟିକ ପରେ ଗୋଟିଏ କରି ଠିଆ କରିବାରେ ଲାଗିଛି ଏବଂ ପ୍ରକୃତରେ ସନ୍ତୋଷ ଦେଇପାରିଲା ଭଳି ଆଦୌ କୌଣସି ପରିବର୍ତ୍ତନ କେଉଁଠି ହେଲେ ହୋଇନାହିଁ; କେବଳ ଗୋଟାଏ କ୍ଷେତ୍ରରେ ଗୁରୁତ୍ୱ ହ୍ରାସ କରି ଅନ୍ୟଏକ କ୍ଷେତ୍ରରେ ଗୁରୁତ୍ୱ ଆରୋପ କରାହୋଇଛି ସତ, ମାତ୍ର ସମାଜ କୌଣସି ଉଲ୍ଲେଖଯୋଗ୍ୟ ଭାବରେ ପରିପୂର୍ଣ୍ଣତାର ନିକଟବର୍ତ୍ତୀ ହୋଇପାରିନାହିଁ। ଯେଉଁ ଅଳ୍ପ କେତେଜଣ ବିଚାରକ ସେତେବେଳକୁ

ବା ସମ୍ଭବତଃ ପ୍ରଥମରୁ ହିଁ ସମାଜରେ ପ୍ରଚଳିତ ସେହି ସିଦ୍ଧାନ୍ତଟିର ସ୍ୱୟଂପୂର୍ଣ୍ଣତା ବିଷୟରେ ସଂଶୟ ପ୍ରକାଶ କରିବାକୁ ଆରମ୍ଭ କରିଦେଇଥାନ୍ତି, ଏହି ଅବସ୍ଥାରେ ହିଁ ସେମାନଙ୍କର ବିରୋଧଟି କ୍ରମେ ଅନୁଭୂତ ହେବାକୁ ଆରମ୍ଭ କରେ ଏବଂ କ୍ରମେ ଅଧିକରୁ ଅଧିକସଂଖ୍ୟକ ବ୍ୟକ୍ତି ସେଇଟିକୁ ଗ୍ରହଣ କରିବାକୁ ଆରମ୍ଭ କରନ୍ତି । ଫଳରେ ଏକ ବିଦ୍ରୋହ ସଙ୍ଘଟିତ ହୁଏ ଓ ସମାଜରେ ପୁଣି ଆଉଏକ ନୂତନ ଓ ମୌଳିକ ପଦକ୍ଷେପ ନେବାର ସେଇ ପରିଚିତ ପ୍ରକରଣଟି ଆରମ୍ଭ ହୋଇଯାଏ ; ଏକ ନୂତନ ବିପ୍ଲବ ଆସି ଦେଖାଦିଏ ଓ ଏକ ଅଧିକ ବିକଶିତ ସାମାଜିକ ସିଦ୍ଧାନ୍ତ ନିୟାମକ ହୋଇ ବାହାରେ ।

ଆପଣାର ସନ୍ତୋଷ ଆସିଲାଭଳି କୌଣସି ଏକ ସମାଜସିଦ୍ଧାନ୍ତ ଅଥବା ନାନା ସିଦ୍ଧାନ୍ତକୁ ନେଇ ବୁଦ୍ଧି ଏକ ସଂଯୋଜନ ଅଥବା ଅନୁକୂଳନର ଆବିଷ୍କାର କରି ନ ପାରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟାଟି ଲାଗିରହିଥାଏ । ଏଠାରେ ଅସଲ ପ୍ରଶ୍ନଟି ହେଉଛି, ବୁଦ୍ଧି କଣ କେବେ ପ୍ରକୃତରେ ସନ୍ତୁଷ୍ଟ ହୋଇପାରିବ ଏବଂ ପ୍ରତିଷ୍ଠିତ ବିଷୟ ବିଧିଗୁଡ଼ିକର ଭିତ୍ତିଟି ବିଷୟରେ ଆପଣାର ସଂଶୟ ପ୍ରକାଶ କରିବାରୁ କେବେହେଲେ ବିରତ ହୋଇପାରିବ ? ଅବଶ୍ୟ କେବଳ ସେହି ପରମୀଙ୍ଗଟିକୁ ଆଦର ଶୋଇପଡ଼ିଲେ ଅଥବା ଏକ ମହାନ୍ ଜାଗରଣ ଦ୍ୱାରା ଆପଣାଠାରୁ ଅଧିକ ଉଚ୍ଚ ଏକ ଭାବାତ୍ମକତାର ଶାସନ ମଧ୍ୟକୁ ଅଗ୍ରସର ହୋଇଯାଇପାରିଲେ ଏବଂ ମନୁଷ୍ୟସମାଜର ବୁଦ୍ଧି-ଅତୀତ ବା ଆଧ୍ୟାତ୍ମିକ ଏକ ଯୁଗ ଭିତରକୁ ଆପଣାକୁ ଉନ୍ମୋଚିତ କରିଦେଲେ ହୁଏତ ସେକଥା ସମ୍ଭବ ହେବ । ବର୍ତ୍ତମାନର ଏହି ଆନ୍ଦୋଳନଟିକୁ ଆମେ ହୁଏତ ବିଚାର କରି କହିପାରିବା ଯେ ସମାଜର ଏକ ପୁନରୁଦ୍ଧାରକାରୀ ଏବଂ ସୃଜନକାରୀ ଭାବରେ ବୁଦ୍ଧିର ଏହି ଅଗ୍ରଗାମୀ ଗତିଟି ଯଦି କୌଣସି ପ୍ରକାରେ ବାଧାପ୍ରାପ୍ତ ନ ହୁଏ, ତେବେ ତାହା ତିନୋଟି କ୍ରମବଦ୍ଧ ପର୍ଯ୍ୟାୟ ମଧ୍ୟଦେଇ ଗତି କରିବାକୁ ବାଧ୍ୟ ହେବ । ସେହି ତିନୋଟି ପର୍ଯ୍ୟାୟ ହେଉଛନ୍ତି ତା'ର ଅଭିବୃଦ୍ଧିର ହିଁ ନ୍ୟାୟତଃ ତିନୋଟି ପର୍ଯ୍ୟାୟ । ପ୍ରଥମ ପର୍ଯ୍ୟାୟଟି ହେଉଛି ବ୍ୟକ୍ତିବାଦର ପର୍ଯ୍ୟାୟ ଓ ଏକ କ୍ରମବର୍ଦ୍ଧମାନ ଗଣତନ୍ତ୍ରର ପର୍ଯ୍ୟାୟ ; ଏବଂ ସ୍ୱାଧୀନତା ବା ବନ୍ଧନମୁକ୍ତତା ହେଉଛି ତାହାର ସବମୂଳ ତତ୍ତ୍ୱ । ଦ୍ୱିତୀୟଟି ହେଲା ସମାଜବାଦର ପର୍ଯ୍ୟାୟ, ଯାହାର ଶେଷ ପରିଣତିରୂପେ ସମ୍ଭବତଃ ଏଥିରେ ଏକ ସୁଶୃଙ୍ଖଳିତ ସାମ୍ୟତନ୍ତ୍ର ବା କମ୍ୟୁନିଜ୍‌ମର୍ ଉଦ୍ଭବ ମଧ୍ୟ ହେବ, ଯାହାକି ସାମ୍ୟ ଏବଂ ରାଷ୍ଟ୍ରକୁ ହିଁ ଆପଣାର ନୀତି ଓ ସିଦ୍ଧାନ୍ତରୂପେ ଗ୍ରହଣ କରିନେବ ଏବଂ ତୃତୀୟ ପର୍ଯ୍ୟାୟଟି ଯଦି କେବେ କେବଳ ତାତ୍ତ୍ୱିକତାର ବେଢ଼ ମଧ୍ୟରୁ ବାହାରି ଆସି ଅନ୍ୟକିଛି ହେବାକୁ ସମର୍ଥ ହୁଏ, ତେବେ ଏକ ନୈରାଜ୍ୟବାଦର ରୂପ ଧାରଣ କରିବ । ଅଧିକାଂଶତଃ ଅବବ୍ୟବହୃତ ହୋଇ-ଆସିଥିବା ସେହି ଶବ୍ଦଟିକୁ ଏଠାରେ ତାହାର ଉଚ୍ଚତର ଅର୍ଥରେ ହିଁ ବ୍ୟବହାର କରାଯାଉଛି । ଏହି ନୈରାଜ୍ୟବାଦରେ ହୁଏତ ଯଥାସମ୍ଭବ କମ୍ ନିୟନ୍ତ୍ରଣ ସହିତ ଲୋକମାନଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ସହଯୋଗରେ ଏକ ବ୍ୟବସ୍ଥା ପ୍ରବର୍ତ୍ତିତ ହେବ, ଅଥବା

'oaob.nitrkl.ac.in' images reprocessed

ସମସ୍ତେ ମିଶି ଗୋଟିଏ ଗୋଷ୍ଠୀ ବା ସମ୍ପ୍ରଦାୟ ମଧ୍ୟରେ ଆବଦ୍ଧ ହୋଇ ରହିବେ, ଯେଉଁଥିରେ କି କୌଣସି ସରକାରୀ କର୍ତ୍ତୃତ୍ୱକୁ ମୂଳମନ୍ତ୍ର ବୋଲି ସ୍ୱୀକାର କରାଯିବ ନାହିଁ, ଭ୍ରାତୃତ୍ୱ ଓ ସାଥିତ୍ୱକୁ ହିଁ ମୂଳମନ୍ତ୍ର ବୋଲି ସ୍ୱୀକାର କରାଯିବ । ଆପଣାର ଏହି ତୃତୀୟ ଏବଂ ପରିପୂର୍ଣ୍ଣ ଅବସ୍ଥାଟିକୁ ପରିବର୍ତ୍ତିତ ହୋଇଯିବାର ସମୟଟି ଯଦି ବା ଯେତେବେଳେ ଆସି ପହଞ୍ଚିବ, ସେତିକିବେଳେ ଯାଇ ବୁଦ୍ଧି ଓ ବୌଦ୍ଧିକତାର ସାମର୍ଥ୍ୟ ଓ ଯଥେଷ୍ଟତା ଅସଲ ପରୀକ୍ଷାର ସମ୍ମୁଖୀନ ହେବ । ବୁଦ୍ଧି ପ୍ରକୃତରେ ଆମ ପ୍ରକୃତିର ନିୟାମକ ହୋଇ ରହିପାରିବ କି ନାହିଁ, ଆମର ଅନ୍ତଃସମ୍ବନ୍ଧିତ ଅଥଚ ନାନା ଦ୍ୱନ୍ଦ୍ୱଯୁକ୍ତ ଯାବତୀୟ ଅହଂକାମିତାର ସମସ୍ୟାଗୁଡ଼ିକୁ ସମାଧାନ କରିପାରିବ କି ନାହିଁ ଏବଂ ଆପଣା ମଧ୍ୟରେ ସମାଜସମ୍ବନ୍ଧୀ ଏକ ପରିପୂର୍ଣ୍ଣ ସିଦ୍ଧାନ୍ତକୁ ସମ୍ଭବ କରିପାରିବ କି ନାହିଁ, ଅଥବା ତାହା ଆଉ ଏକ ଉଚ୍ଚତର ପଥପ୍ରଦର୍ଶକ ଲାଗି ବାଟ ଛାଡ଼ିଦେବ, ସେତିକିବେଳେ ଯାଇ ତାହାର ପ୍ରମାଣ ମିଳିବ । କାରଣ ଏହି ତୃତୀୟ ପର୍ଯ୍ୟାୟଟି ଆପଣାର ପରୀକ୍ଷାରେ ଅବତୀର୍ଣ୍ଣ ହେବା ପର୍ଯ୍ୟନ୍ତ ପ୍ରକୃତରେ କେବଳ ଏକ ଶକ୍ତିମନ୍ତ୍ର ହିଁ କ୍ଷେତ୍ରଟିର ଶାସକ ଓ ନିୟାମକ ହୋଇ ରହିଥିବ । ସେହି ଶକ୍ତିମନ୍ତ୍ରର ହାତରେ ହିଁ ବୁଦ୍ଧି ଆପଣା କର୍ମର ଏକ ଯୋଜନାକୁ ନେଇ ଧରାଇଦେଉଥିବ ଏବଂ ପ୍ରଶାସନର ଏକ ବିଧି ଓ ବ୍ୟବସ୍ଥା ଆଣି ଯୋଗାଇଦେଉଥିବ ।

ଆମେ ଆଗରୁ ଦେଖିସାରିଛୁ ଯେ, ବ୍ୟକ୍ତିବାଦ ହିଁ ପ୍ରଥମେ ବୁଦ୍ଧିଗତ ଏକ ଯୁଗ ଲାଗି ବାଟ ଫିଟାଇଦିଏ ଏବଂ ପ୍ରାଧାନ୍ୟ ବିସ୍ତାର କରି ରହିଥିବା ଏକ ପାରମ୍ପରିକତାର ଅନୁସରଣ କରିବାଦ୍ୱାରା ହିଁ ବ୍ୟକ୍ତିବାଦ ଆପଣାର ବିକାଶଲାଗି ଆବଶ୍ୟକ ଆବେଗ ତଥା ସୁଯୋଗଟିକୁ ଲାଭ କରିଥାଏ । ଅବଶ୍ୟ ତଦ୍ଦ୍ୱାରା ଆଦୌ ଏକଥା ବୁଝାଯାଉନାହିଁ ଯେ ବ୍ୟକ୍ତିବାଦ ତଥା ବୁଦ୍ଧିବାଦର ପୂର୍ବବର୍ତ୍ତୀ ଯୁଗମାନଙ୍କରେ କେହି ସମାଜ ବିଷୟରେ ଆଦୌ କୌଣସି ଚିନ୍ତା କରୁ ନ ଥିଲେ ବା ମନୁଷ୍ୟର ଗୋଷ୍ଠୀଗତ ଜୀବନ ବିଷୟରେ ସେତେବେଳେ ଆଦୌ କୌଣସି ବିଚାର ନ ଥିଲା । ମାତ୍ର ସେମାନେ ନ୍ୟାୟପ୍ରେରିତ ବୁଦ୍ଧିର ସ୍ୱକୀୟ ରୀତିଟିରେ ପ୍ରକୃତରେ କେବେହେଲେ ଚିନ୍ତା କରୁ ନ ଥିଲେ ; ସେଥିରେ କଠୋର ସମୀକ୍ଷଣ ଲାଗି ସ୍ଥାନ ନ ଥିଲା, ସେମାନେ ସକଳ କ୍ଷେତ୍ରଟିକୁ ପର୍ଯ୍ୟବେକ୍ଷଣ କରୁ ନ ଥିଲେ କିମ୍ବା ସକଳ ବିଷୟରେ ସଂଶୟ ପ୍ରକାଶ କରୁ ନ ଥିଲେ । ଯେଉଁ ଅତି ଅଧିକ ପରିମାଣରେ ମସ୍ତିଷ୍କଗତ ବୁଦ୍ଧି କୌଣସି ଏକ ସତ୍ୟର ବୁଦ୍ଧିଗତ ଅବଧାରଣା ଲାଭ କରିବା ସଙ୍ଗେ ସଙ୍ଗେ ତାହାକୁ ବିଶୁଦ୍ଧ, ସୁସମ୍ପୂର୍ଣ୍ଣ ତଥା ସାର୍ବଜନୀନ ଓ ଶୃଙ୍ଖଳାବଦ୍ଧ ଭାବରେ ପ୍ରୟୋଗ କରିବାଲାଗି ଆଗଭର ହୋଇଯାଏ, ସେମାନେ ସେହି ବୁଦ୍ଧିର ଅତି ଯତ୍ନଶୀଳ ଭାବରେ ଯନ୍ତ୍ରବତ୍ କାର୍ଯ୍ୟ କରୁଥିବା ପଦ୍ଧତିଗୁଡ଼ିକ ଦ୍ୱାରା କଦାପି ଆପଣାର ଗଠନମୂଳକ କ୍ଷେତ୍ରଟିରେ ପ୍ରବୃତ୍ତ ହେଉ ନ ଥିଲେ । ସେମାନେ ଯାହା ଭାବୁଥିଲେ ଓ ଜୀବନକୁ ନେଇ ଯାହାକିଛି

'oaob.nitrkl.ac.in' images reprocessed

ରଚନା କରୁଥିଲେ, ସେଥିରେ ନ୍ୟାୟବୁଦ୍ଧିର ସ୍ଥାନ ଆଦୌ ଅଧିକ ନ ଥିଲା ; ତାହା କେବଳ ସ୍ୱତଃସ୍ଫୂର୍ତ୍ତିଭାବରେ ହିଁ ବୁଦ୍ଧିସମ୍ପନ୍ନ, ପ୍ରାଣସଚଳ ଓ ସବୁଜ ଦୃଷ୍ଟିଯୁକ୍ତ ହୋଇ ରହିଥିଲା । ସେମାନଙ୍କ ଆଗରେ ଜୀବନ ଯେଉଁଭଳି ଭାବରେ ପ୍ରତିଭାତ ହେଉଥିଲା, ସେମାନେ ଜୀବନକୁ କେବଳ ସେହିଭଳିଭାବରେ ହିଁ ଦେଖୁଥିଲେ ଏବଂ ତୀକ୍ଷ୍ଣ ଭେଦନନିରୂପଣ ଶକ୍ତି, ସବୁଜତା ତଥା ଅନ୍ତଃଦୃଷ୍ଟି ଦ୍ୱାରା ଜୀବନର ରହସ୍ୟକୁ ଜାଣିବାର ଚେଷ୍ଟା କରୁଥିଲେ । ସେତେବେଳେ ଜୀବନ ତଥା ସତ୍ତାର ବାସ୍ତବ ଏବଂ ଆଦର୍ଶଗତ ସତ୍ୟଗୁଡ଼ିକୁ ମୂର୍ତ୍ତିରୂପ ଦେଇ କେତେକେତେ ପ୍ରତୀକ ରହିଥିଲା, ସ୍ୱୀକୃତ କେତୋଟି ଶ୍ରେଣୀବଦ୍ଧତା ବା ଗୀତ ସେହି ପ୍ରତୀକଗୁଡ଼ିକୁ ଏକ ମନୋବନ୍ଧ ଶୃଙ୍ଖଳା ଭିତରେ ଆଣି ଖଞ୍ଜି ଦେଇଥିଲା, ସେହି ପ୍ରତୀକସବୁ ଜୀବନକ୍ଷେତ୍ରରେ ଯେପରି ଭାବରେ କାର୍ଯ୍ୟକାରୀ ହେଉଥିଲେ, ସମାଜର ଅନୁଷ୍ଠାନଗୁଡ଼ିକ ସେଗୁଡ଼ିକୁ ସେହିପରି ଏକ ଭୌତିକ ଦୃଢ଼ମୂଳତା ଆଣି ଦେଉଥିଲେ ; ଏହିପରି ଭାବରେ ହିଁ ଜୀବନକୁ ବୁଝିବାକୁ ଏବଂ ତାହାକୁ ଏକ ମନୋମୟ ବ୍ୟଞ୍ଜନା ଦେବାଲାଗି ପ୍ରୟାସ କରୁଥିଲେ, ପ୍ରାଣକୁ ମନର ଶାସନରେ ରଖିବାକୁ ଚେଷ୍ଟା କରୁଥିଲେ । ମାତ୍ର ମନ ହେଲେ ସେତେବେଳେ ଏକ ସ୍ୱତଃସ୍ଫୂର୍ତ୍ତ ସବୁଜ ମନକୁ ବୁଝାଉଥିଲା, କେବଳ ଏକ ମନୋମୟ ଦର୍ଶନସାମର୍ଥ୍ୟର ଗତିସ୍ପନ୍ଦନକୁ ହିଁ ବୁଝାଉଥିଲା । ସେହି ଗତିସ୍ପନ୍ଦନଗୁଡ଼ିକ ସେତେବେଳଯାଏ ନ୍ୟାୟଦ୍ୱାରା ପରିଚାଳିତ ବୁଦ୍ଧିର ଜ୍ୟାମିତିକ ଗ୍ରନ୍ଥିଗୁଡ଼ିକ ଭିତରେ ଆଦୌ ଢଳାହୋଇ ରହି ନ ଥିଲେ ।

ମାତ୍ର କେବଳ ଧାରଣା ବା ଅବବୋଧର ପ୍ରତୀକଟି ଦେଇ ହିଁ ବୁଦ୍ଧି ଜୀବନକୁ ବୁଝିବାକୁ ଏବଂ ଜୀବନର ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଥାଏ । କେବଳ ଆପଣାର ଅତି କଠୋରଭାବରେ କଳ୍ପିତ ହୋଇ ରହିଥିବା ଧାରଣାମୂଳକ ଅବବୋଧ ଦ୍ୱାରା ହିଁ ବୁଦ୍ଧି ଜୀବନର ବାସ୍ତବ ଘଟଣାଗୁଡ଼ିକୁ ଏକ ସାଧାରଣ ନିୟମରେ ଆଣି ବାନ୍ଧିବାକୁ ପ୍ରୟାସ କରେ, ଯେପରିକି ତାହା ସେଗୁଡ଼ିକୁ ଆପଣାର ଆୟତ୍ତ ଭିତରକୁ ଆଣିପାରିବ, ସେଗୁଡ଼ିକୁ ସଜାଇ ରଖିପାରିବ ; ଏବଂ କୌଣସି ଗୋଟିଏ ଧାରଣାକୁ ଏହିଭଳି ପୂର୍ଣ୍ଣାୟତ୍ତ କରି ରଖିସାରିବା ପରେ ତାହା ଯଥାସମ୍ଭବ ଅଧିକ ବ୍ୟାପକ ଓ ସାଧାରଣ-ଭାବରେ ସେଇଟିର ପ୍ରୟୋଗ କରିବାଲାଗି ବାଟ ଖୋଜୁଥାଏ । ଏବଂ ଏହି ଧାରଣାଗୁଡ଼ିକ ଯେପରି ଉପଲବ୍ଧ ତଥା ଉପଲବ୍ଧ ଯାବତୀୟ ବସ୍ତୁସତ୍ୟରୁ ବିଚ୍ଛିନ୍ନ ହୋଇ ରହିଥିବା କେବଳ ଏକ ବାୟୁବୀୟତା ହିଁ ହୋଇ ନ ରହେ, ବୁଦ୍ଧି ସେଗୁଡ଼ିକୁ ବାସ୍ତବ ସତ୍ୟଗୁଡ଼ିକ ସହିତ ସତତ ତୁଳନା କରିବାରେ ମଧ୍ୟ ଲାଗିଥାଏ । ବାସ୍ତବ ସତ୍ୟଗୁଡ଼ିକ ବିଷୟରେ ବୁଦ୍ଧିକୁ ସର୍ବଦା ସଂଶୟ ହିଁ ପ୍ରକାଶ କରିବାକୁ ହୋଇଥାଏ, ଯେପରିକି ତାହା ସର୍ବଦା ଏପରି ସବୁ ନୂତନ ଧାରଣାମାନ ଆବିଷ୍କାର କରିବାକୁ ସମର୍ଥ ହେଉଥିବ, ଯାହାଦ୍ୱାରା କି ବାସ୍ତବ ସତ୍ୟଗୁଡ଼ିକୁ ଅଧିକରୁ ଅଧିକ ଯଥେଷ୍ଟଭାବରେ ବ୍ୟାଖ୍ୟା କରିବା ସମ୍ଭବ ହୋଇପାରିବ, ଅଧିକରୁ ଅଧିକ ଶୃଙ୍ଖଳାବଦ୍ଧ ଓ ନିୟନ୍ତ୍ରିତ କରିବା ସମ୍ଭବ ହୋଇପାରିବ ।

'oaob.nitrkl.ac.in' images reprocessed

ଏବଂ ଧାରଣା ବା ବିଗ୍ରହଗୁଡ଼ିକ ଉପରେ ମଧ୍ୟ ତାହାକୁ ସର୍ବଦା ସଂଶୟ ବ୍ୟକ୍ତ କରିବାକୁ ପଡ଼ୁଥିବ, ଯେପରିକି, ପ୍ରଥମତଃ ସେଗୁଡ଼ିକ ପ୍ରକୃତ ଘଟଣା ସହିତ ଖାପ ଖାଉଛି କି ନାହିଁ, ତାହା ସେକଥା ଜାଣିପାରିବ ଓ ଦ୍ୱିତୀୟତଃ, ଏହି କ୍ଷେତ୍ରରେ ନୂତନ ଅନ୍ୟ ବାସ୍ତବସତ୍ୟମାନ ରହିଛି କି ନାହିଁ, ତାହା ସହିତ ଖାପ ଖାଇବା ସକାଶେ ଏହି ବିଗ୍ରହଗୁଡ଼ିକରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ପଡ଼ିବ ବା ସେଗୁଡ଼ିକରେ ଅଧିକ ବ୍ୟାପକତା ଆଣିଦେବାକୁ ପଡ଼ିବ ବା ସେଗୁଡ଼ିକରୁ ହୁଏତ କୌଣସି ନୂତନ ବାସ୍ତବ ସତ୍ୟର ବିକାଶ କରାଯାଇପାରିବ, ସେକଥାଟି ମଧ୍ୟ ଜାଣିବାକୁ ପାଇବ । କାରଣ ବୁଦ୍ଧି କେବଳ ବାସ୍ତବ ଘଟଣାଗୁଡ଼ିକରେ ବାସ କରୁ ନ ଥାଏ, ତାହା ସମ୍ଭାବନାଗୁଡ଼ିକ ମଧ୍ୟରେ ବି ବିଚରଣ କରୁଥାଏ ; କେବଳ ଉପଲବ୍‌ଧ ସତ୍ୟ ନୁହେଁ, ଆଦର୍ଶଗତ ନାନା ସତ୍ୟରେ ମଧ୍ୟ ବିଚରଣ କରୁଥାଏ ଏବଂ ଥରେ କୌଣସି ଆଦର୍ଶ ସତ୍ୟର ସନ୍ଧାନ ପାଇଲେ ଆଦର୍ଶସୃଜକ ବୁଦ୍ଧିର ଆବେଗଟି ସେହି ଆଦର୍ଶ ସତ୍ୟଟିକୁ ଏକ ବାସ୍ତବ ସତ୍ୟରେ ପରିଣତ କରାଯାଇପାରିବ କି ନାହିଁ, ଆମର ଜୀବନକ୍ଷେତ୍ରରେ ସେକଥାଟି ତତ୍‌କ୍ଷଣାତ୍ କିମ୍ବା ଶୀଘ୍ର ଉପଲବ୍‌ଧ ହୋଇପାରିବ କି ନାହିଁ, ବୁଦ୍ଧି ତାହାର ସନ୍ଧାନ କରି ବାହାରିବ । ଅନ୍ତର୍ନିହିତ ଏହି ଲକ୍ଷଣଟି ସକାଶେ ହିଁ ବୁଦ୍ଧିର ଯୁଗଟିକୁ ସର୍ବଦା ଏକ ପ୍ରଗତି ବା ଅଗ୍ରଗତିର ଯୁଗ ହୋଇ ରହିବାକୁ ହିଁ ପଡ଼ିବ ।

ଜୀବନର କ୍ଷେତ୍ରଟିକୁ ମନୋମୟ କରି ରଖିବାର ପୁରାତନ ପଦ୍ଧତିଟି ଦ୍ୱାରା ଯେପର୍ଯ୍ୟନ୍ତ କାମ ଚଳାଯାଉଥିଲା, ସେପର୍ଯ୍ୟନ୍ତ ବୃହତ୍ତର ଜନସାଧାରଣଙ୍କ ସକାଶେ ବୁଦ୍ଧିର ସାହାଯ୍ୟରେ ଆପଣା ଜୀବନଗୁଡିକୁ ବିସ୍ତୃତ କରିବାଲାଗି ଆଦୌ କୌଣସି ଆବଶ୍ୟକତା ନ ଥିଲା । ମାତ୍ର ସେହି ପୁରାତନ ପଦ୍ଧତିଟି ଦ୍ୱାରା ସୃଷ୍ଟ ହୋଇଥିବା ପ୍ରତୀକ, ରୀତି ତଥା ଅନୁଷ୍ଠାନଗୁଡ଼ିକ କ୍ରମେ ଏପରି ସଙ୍କୁଚିତ ହୋଇପଡ଼ିଲା ଯେ ସେଗୁଡ଼ିକ ସତ୍ୟକୁ ମଧ୍ୟ ଅବରୁଦ୍ଧ କରି ରଖିଲା ଏବଂ ତାହାର ବାହାର ପରସ୍ତଗୁଡ଼ିକ ମଧ୍ୟରୁ ପ୍ରଚ୍ଛନ୍ନ ବସ୍ତୁସତ୍ୟଟିକୁ ପ୍ରକାଶ କରିପାରିବାଲାଗି ସେଥିରେ ଆଉ ଯଥେଷ୍ଟ ଅନ୍ତର୍ଦୃଷ୍ଟିଶକ୍ତି ମଧ୍ୟ ରହିଲା ନାହିଁ ଏବଂ ସେତେବେଳେ ସେହି ପୁରାତନ ପଦ୍ଧତିଟି ମଧ୍ୟ ଆଉ କୌଣସି କାମ ଦେଇପାରିଲା ନାହିଁ । ମାତ୍ର କେତେକାଳଲାଗି ଏବଂ ହୁଏତ ଏକ ଦୀର୍ଘକାଳ ଲାଗି ମନୁଷ୍ୟ ବସ୍ତୁଗୁଡ଼ିକର ସତ୍ୟଟିକୁ ହରାଇ ବସିପାରେ ଏବଂ ତଥାପି କେବଳ ସେଗୁଡ଼ିକର ପରମ୍ପରାଟିକୁ ନେଇ ଜୀବନ ବଞ୍ଚିପାରେ ; ମାତ୍ର ସେ କଦାପି ସ୍ଥାୟୀଭାବରେ ତାହା କରିପାରିବ ନାହିଁ । ଏବଂ ସେଥିଲାଗି ତା'ର ସକଳ ପରମ୍ପରା ଓ ରୀତି ବିଷୟରେ ଆପଣାର ସଂଶୟ ପ୍ରକଟ କରିବାର ଏକ ଆବଶ୍ୟକତା ଆସି ପହଞ୍ଚେ ଏବଂ ସେହି ଆବଶ୍ୟକତାଟି ଦ୍ୱାରା ବୁଦ୍ଧି ଏକ ସଂପୂର୍ଣ୍ଣ ଆତ୍ମବିକାଶ ଲାଗି ଆପଣାର ପ୍ରଥମ ପ୍ରକୃତ ସୁଯୋଗଟି ମଧ୍ୟ ପାଇଯାଏ । କୌଣସି ପରମ୍ପରା ଏକ ଅନେକଦିନର ପରମ୍ପରା ବୋଲି ଅଥବା ଆଗରୁ କେବେ ତାହା ଏକ ମହାନ୍ ପରମ୍ପରାରୂପେ ପ୍ରତିଷ୍ଠିତ ହୋଇଥିଲା

'oaob.nitrkl.ac.in' images reprocessed

ବୋଲି ବୁଦ୍ଧି ତାହାକୁ ଗ୍ରହଣ କରିନିଏ ନାହିଁ । ସେହି ପରମ୍ପରାଟି-ମଧ୍ୟରେ ତଥାପି କୌଣସି ସତ୍ୟ ଲାଗି ରହିଛି କି ନାହିଁ, ଏବଂ ତା'ର ଜୀବନର ନିୟନ୍ତ୍ରଣ ସକାଶେ ମନୁଷ୍ୟ ଲାଗି ଉପଲବ୍‌ଧ ପ୍ରକୃଷ୍ଟ ସତ୍ୟଟି ତାହାଭିତରେ ରହିଛି କି ନାହିଁ, ବୁଦ୍ଧି ଏହି ଦୁଇଟି ପ୍ରଶ୍ନ ପଗ୍ଚାରିବାକୁ ଆରମ୍ଭ କରେ । ମଣିଷମାନେ କୌଣସି ପରମ୍ପରାକୁ ଏକ ପରମ୍ପରାରୂପେ ମାନିନେଉଛନ୍ତି ବୋଲି ବୁଦ୍ଧି ସେଇଟିକୁ ଅନ୍ଧଭାବରେ ମାନିନିଏ ନାହିଁ ; ଏପରି ମାନିନେବା ଦ୍ୱାରା ସେମାନେ ଠିକ୍ କରୁଛନ୍ତି କି ଭୁଲ କରୁଛନ୍ତି, ଅଥବା କେବଳ ଜୀବନହୀନ ଓ ଭ୍ରାନ୍ତଭାବରେ ସେମାନେ ଏଥିରେ ହିଁ ଭରିଦେଉଛନ୍ତି, ବୁଦ୍ଧିକୁ ଆଗ ସେହି କଥାଟି ପଗ୍ଚାରିବାକୁ ପଡ଼େ । ଜୀବନର କୌଣସି ନା କୌଣସି ଉଦ୍ଦେଶ୍ୟର ସାଧନ କରୁଛି ବୋଲି ହିଁ ବୁଦ୍ଧି କୌଣସି ଅନୁଷ୍ଠାନକୁ ଏକ ଅନୁଷ୍ଠାନ ବୋଲି ମାନିନିଏ ନାହିଁ ; ଅନ୍ୟ ନୂତନ ଅନୁଷ୍ଠାନଗୁଡ଼ିକ ଦ୍ୱାରା ବୃହତ୍ତର ତଥା ଉପାଦେୟତର ଅନ୍ୟ ଉଦ୍ଦେଶ୍ୟମାନ କେତେଦୂର ସାଧିତ ହୋଇପାରିବ କି ନାହିଁ, ବୁଦ୍ଧିକୁ ଆଗ ସେହି ପ୍ରଶ୍ନଟି ପଗ୍ଚାରିବାକୁ ହୁଏ । ଏହା ଫଳରେ ଏକ ସାର୍ବଜନୀନ ପ୍ରଶ୍ନ ପଗ୍ଚାରିବାର ପ୍ରୟୋଜନ ଆସି ପହଞ୍ଚେ ଏବଂ ସେହି ପ୍ରୟୋଜନଟିରୁ ଏହି ବିଚାରଟି ଜନ୍ମଲାଭ କରିଥାଏ ଯେ ଜୀବନର ସମୁଦାୟ କ୍ଷେତ୍ରରେ, ଜୀବନ ବଞ୍ଚିବାର ସିଦ୍ଧାନ୍ତଟିରେ ଓ ତାହାର ଟିକିନିଖି ଯାବତୀୟ ଭାଗରେ, ତାହାର ଯାନ୍ତ୍ରିକ ବ୍ୟବସ୍ଥାଟିରେ ଏବଂ ସେହି ବ୍ୟବସ୍ଥା ବା ଯନ୍ତ୍ରଟିକୁ ଚଳାଉଥିବା ସାମର୍ଥ୍ୟଗୁଡ଼ିକର କ୍ଷେତ୍ରରେ ଏକ ସାର୍ବଜନୀନ ନିୟମ ହିସାବରେ ମସ୍ତିଷ୍କବୁଦ୍ଧିର ପ୍ରୟୋଗ କରାଯାଇପାରିଲେ ଯାଇ ଆମର ସମାଜ ପରିପୂର୍ଣ୍ଣତା ଲାଭ କରିପାରିବ ।

ଏବଂ ଏକ ସାର୍ବଜନୀନ ନିୟମ ହିସାବରେ ଯେଉଁ ବୁଦ୍ଧିଟିର ପ୍ରୟୋଗ କରାଯିବ ତାହା କଦାପି କୌଣସି ଏକ ଶାସକଶ୍ରେଣୀର ବୁଦ୍ଧି ହୋଇପାରିବ ; ନାହିଁ କାରଣ ମନୁଷ୍ୟସମାଜର ବର୍ତ୍ତମାନର ଏହି ଅପୂର୍ଣ୍ଣ ଅବସ୍ଥାରେ ସେକଥା କହିଲେ କାର୍ଯ୍ୟତଃ ବୁଦ୍ଧିର କେବଳ ଏକ ଅପପ୍ରୟୋଗକୁ ହିଁ ବୁଝାଇବ, ତଦ୍ୱାରା ବୁଦ୍ଧିର ଗୋଡ଼ରେ କେବଳ ବେଡ଼ି ପକାଇଦିଆଯିବ ; ବୁଦ୍ଧି କେବଳ କ୍ଷମତାର ହିଁ ପରିକର ହୋଇ ରହିବ ଏବଂ ଶାସକଶ୍ରେଣୀର ବିଶେଷାଧିକାରଗୁଡ଼ିକୁ ସୁରକ୍ଷିତ କରି ରଖିବାରେ କେବଳ ଏକ ସାଧନ ରୂପେ ବ୍ୟବହୃତ ହେବ ଓ ପ୍ରଚଳିତ ବ୍ୟବସ୍ଥାଟାକୁ ହିଁ ଉଚିତ ବ୍ୟବସ୍ଥା ବୋଲି ପ୍ରଗ୍ଚାର କରିବ । ସେହି ବୁଦ୍ଧି କେବଳ ଅଳ୍ପ କେତେଜଣ ବିଚାରଶୀଳ ପ୍ରଧାନ ବ୍ୟକ୍ତିଙ୍କର ବି ବୁଦ୍ଧି ହୋଇ ରହିବ ନାହିଁ ; କାରଣ ଯଦି ବୃହତ୍ତର ଜନସମୂହ ଅବବୌଦ୍ଧିକର ଖାତ ଭିତରେ ପଡ଼ି ରହିଥିବେ, ତେବେ ମୁଷ୍ଟିମେୟ ବିଚାରଶୀଳଙ୍କର ବିଗ୍ଚାରକୁ ପ୍ରୟୋଗର କ୍ଷେତ୍ରକୁ ଆଣିଲାବେଳେ ତାହା କାର୍ଯ୍ୟତଃ କେବଳ ବିକୃତ ହୋଇପଡ଼ିବ, ଫଳଶୂନ୍ୟ ଓ ଅପୂର୍ଣ୍ଣ ହୋଇ ରହିବ, ଏବଂ ଅଚିରେ କେବଳ କେତେଟା ବାହ୍ୟ ଭେକ ଓ ପରମ୍ପରାରେ ହିଁ ପରିଣତ ହୋଇଯିବ । ତେଣୁ ଯଥାର୍ଥ ବୁଦ୍ଧିକୁ ସର୍ବସମ୍ମତର ଏକ ଭିତ୍ତିର ସନ୍ଧାନ କରୁଥିବା ସମସ୍ତଙ୍କର ହିଁ ବୁଦ୍ଧି ହୋଇ ରହିବାକୁ

'oaob.nitrkl.ac.in' images reprocessed

ସମ୍ଭବ । ଏଇଥିରୁ ହିଁ ବ୍ୟକ୍ତିକେନ୍ଦ୍ରିତ ଗଣତନ୍ତ୍ରର ସିଦ୍ଧାନ୍ତଟି ଜନ୍ମଲାଭ କରିଥାଏ; ସମାଜରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିର ବୁଦ୍ଧି ଓ ଇଚ୍ଛାକୁ ପ୍ରତ୍ୟେକ ଅପର ବ୍ୟକ୍ତିର ବୁଦ୍ଧି ଓ ଇଚ୍ଛା ସହିତ ସମାନ ସ୍ଥାନ ଓ ସମାନ ସ୍ୱୀକାର ଦେଇ ତେବେ ଯାଇ ଯେ ଶାସନ ବ୍ୟବସ୍ଥାର ନିର୍ଦ୍ଧାରଣ କରାଯାଇପାରିବ, ଏବଂ ସାଧାରଣ ଜୀବନର ମୂଳ ଭିତ୍ତିଟିକୁ ସ୍ଥିର କରାଯାଇପାରିବ ଓ ତାହାର ଠିକଣାଟି ବ୍ୟବସ୍ଥାର ନିର୍ଣ୍ଣୟ ହୋଇପାରିବ, ସେଥିରୁ ଏହି ସିଦ୍ଧାନ୍ତଟି ଜନ୍ମଲାଭ କରିଥାଏ । ଜଣକର ବୁଦ୍ଧି ଆଉ ଜଣକ ବୁଦ୍ଧି ପରି ସମାନଭାବରେ କୁଶଳତାଯୁକ୍ତ ବୋଲି ଯେ ଏପରି ଅବଶ୍ୟ ହେବ, ସେକଥା ନୁହେଁ; ମାତ୍ର ସେପରି ନ ହେଲେ ଆମକୁ ପ୍ରାୟ ଅନିବାର୍ଯ୍ୟଭାବରେ ହିଁ ସର୍ବାଧିକ ପ୍ରତିପତ୍ତିଯୁକ୍ତ ଏକ ଶ୍ରେଣୀର ଶାସନ ଭିତରକୁ ଯେ ଲେଉଟିଯିବାକୁ ପଡ଼ିବ, ସେଥିଲାଗି ହିଁ ତାହା କରିବାକୁ ପଡ଼ିବ । ସର୍ବାଧିକ ପ୍ରତିପତ୍ତି ରହିଥିବା ଏହି ଶ୍ରେଣୀଟି କେତେକ ପରିମାଣରେ ଶାସିତମାନଙ୍କର ମତାମତର ବିଚାର କରିବାପାଇଁ ଯେତେ ବାଧ୍ୟ ହେଲେ ମଧ୍ୟ ତାହା ତଥାପି ସର୍ବଦା ବୁଦ୍ଧିକୁ କ୍ଷମତାଗତ ଉଦ୍ଦେଶ୍ୟ ସାଧନର ଅଧୀନ କରି ରଖିବାର ଅନର୍ଥ ଅଜ୍ଜୁଥିବ ଏବଂ ସେପରି କ୍ଷେତ୍ରରେ ବୁଦ୍ଧି ଯଥେଷ୍ଟ ସ୍ଥିତିସ୍ଥାପକତା ସହିତ କଦାପି ଆପଣାର ଆଦର୍ଶ ଲକ୍ଷ୍ୟଗୁଡ଼ିକର ସାଧନରେ ନିୟୋଜିତ ହୋଇପାରିବ ନାହିଁ । ଦ୍ୱିତୀୟତଃ, ଆପଣା ବୁଦ୍ଧି ତଥା ଆପଣା ଇଚ୍ଛାର ନିର୍ଦ୍ଦେଶ ଅନୁସାରେ ଆପଣାର ଜୀବନଟିକୁ ପରିଚାଳିତ କରିବାଲାଗି ପ୍ରତ୍ୟେକ ବ୍ୟକ୍ତିକୁ ପୂର୍ଣ୍ଣ ଅବକାଶ ମିଳିବ; ଅନ୍ୟମାନଙ୍କର ଠିକ୍ ସେହି ଅଧିକାରଟି ଉପରେ ହସ୍ତକ୍ଷେପ ନ କରୁଥିବା ପର୍ଯ୍ୟନ୍ତ ତା'ର ଏହି ଅଧିକାରଟି ଅବଶ୍ୟ ରହିବ । ଯେଉଁ ମୂଳ ସିଦ୍ଧାନ୍ତଟିକୁ ଭିତ୍ତିକରି ବୁଦ୍ଧିର ଯୁଗ ଆପଣାର ସର୍ବପ୍ରଥମ ଗତିସ୍ପନ୍ଦନଟିକୁ ପ୍ରତିଷ୍ଠିତ କରି ରଖିଛି, ଏଇଟିକୁ ଆମେ ତାହାର ଏକ ଆବଶ୍ୟକ ଅନୁସିଦ୍ଧାନ୍ତ ରୂପେ ହିଁ ଗ୍ରହଣ କରିବା । ପ୍ରତ୍ୟେକ ବ୍ୟକ୍ତି ଆଗରେ ଯେଉଁସବୁ ମତର ଉପସ୍ଥାପନା ଅଥବା ବ୍ୟାଖ୍ୟା କରାହେବ, ସେଗୁଡ଼ିକୁ ବୁଝିପାରିବାଲାଗି, ଆପଣାର ସାଥୀ ଅନ୍ୟ ବ୍ୟକ୍ତିମାନଙ୍କର ମତାମତକୁ ବିଚାର କରିପାରିବାଲାଗି ଓ ସେମାନଙ୍କ ସହିତ ଏକତ୍ର ବିଚାରବିମର୍ଷ କରି ଆପଣାର ଏକ ବିଚାରରେ ଉପନୀତ ହୋଇପାରିବାଲାଗି ଯେତିକି ବୁଦ୍ଧିଶକ୍ତିର ଆବଶ୍ୟକତା ରହିଛି, ପ୍ରତ୍ୟେକ ବ୍ୟକ୍ତି ପାଖରେ ସେହି ବୁଦ୍ଧିଶକ୍ତିଟି ଅବଶ୍ୟ ଅଛି ବୋଲି ଅନୁମାନ କରିନେବା ହିଁ ବୁଦ୍ଧିଯୁଗର ପ୍ରାଥମିକ ଉଦ୍ଦେଶ୍ୟଗୁଡ଼ିକ ଲାଗି ନିଶ୍ଚୟ ଯଥେଷ୍ଟ ହେବ । ଏହିପରିଭାବରେ ତା'ର ଯେଉଁ ବ୍ୟକ୍ତିଗତ ବିଚାରଟି ତିଆରି ହେବ ଓ କୌଣସି ନା କୌଣସି ଉପାୟରେ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଜିତ ହେବ, ତାହାକୁ ଆମେ ସମଗ୍ର ସାଧାରଣ ବିଚାରଟିର ନିର୍ମାଣଲାଗି ବ୍ୟକ୍ତିର ଅଂଶ ବା ଅବଦାନ ବୋଲି କହିପାରିବା ଏବଂ ସେହି ସାଧାରଣ ବିଚାରଟି ଦ୍ୱାରା ହିଁ ସମାଜ ଆପଣାକୁ ପରିଚାଳିତ କରିଥାଏ । ସମାଜ ବା ସମାଜକୁ ପରିଚାଳିତ କରୁଥିବା ବିଚାରରୂପୀ ବିରାଟ ଓ ସମଗ୍ର ଅଟ୍ଟାଳିକାଟିରେ ପ୍ରତ୍ୟେକ ବ୍ୟକ୍ତିର ବିଚାରକୁ ଆମେ ହୁଏତ ଖଣ୍ଡିଏ ସାନ ଇଟା ବୋଲି କହିପାରିବା,

'oaob.nitrkl.ac.in' images reprocessed

ଯାହାକି ଦେଖିଲାବେଳକୁ ବଡ଼ ନଗଣ୍ୟ ବା ତାତ୍ପର୍ଯ୍ୟହୀନ ବୋଲି ଦେଖାଯାଏ ଅଥଚ ସମଗ୍ରଟି ଲାଗି ଯାହା ସବୁବେଳେ ଅପରିହାର୍ଯ୍ୟ ହୋଇ ରହିଥାଏ । ଏବଂ ବୁଦ୍ଧିଯୁଗର ପ୍ରଥମ ଆଦର୍ଶଟିର ପୂରଣଲାଗି ଏତିକି ମଧ୍ୟ ଯଥେଷ୍ଟ ଯେ କେବଳ ସମାଜର କେତୋଟି ଅପରିହାର୍ଯ୍ୟ ଲକ୍ଷ୍ୟ ସାଧନ ଲାଗି ହିଁ ଏହି ସାଧାରଣ ବିଗ୍ରହଟିକୁ ଫଳପ୍ରଦଭାବରେ ସଂଗଠିତ କରି ରଖିବାକୁ ପଡ଼େ ; ଏବଂ ଅବଶିଷ୍ଟ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକରେ ବ୍ୟକ୍ତିମାନଙ୍କୁ କେବଳ ଆପଣା ଆପଣାର ବୁଦ୍ଧି ଓ ଇଚ୍ଛା ଅନୁସାରେ ଆପଣା ଆପଣା ଜୀବନର ପରିଚାଳନା କରିବାଲାଗି ଛାଡ଼ିଦେବାକୁ ପଡ଼େ ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ଅନ୍ୟମାନଙ୍କର ଜୀବନ ସହିତ ଆପଣା ଜୀବନର ଏକ ଯଥାସମ୍ଭବ ସ୍ୱାଭାବିକତମ ଅନୁକୂଳନର ସୂତ୍ର ଖୋଜି ବାହାର କରିବାକୁ ପଡ଼େ । ଏହିପରିଭାବରେ ଆପଣାର ବୁଦ୍ଧିଶକ୍ତିକୁ ମୁକ୍ତଭାବରେ କାମରେ ଲଗାଇ ମନୁଷ୍ୟମାନେ କ୍ରମେ ଜଣେ ଜଣେ ବୁଦ୍ଧିସମ୍ପନ୍ନ ସତ୍ତାରେ ପରିଣତ ହୋଇଯାଇପାରିବେ ଏବଂ ଆପଣାର ଏକ ସାଧାରଣ ସହମତି ସହିତ ଏକ ଉଦାର ଦୃଷ୍ଟିସମ୍ପନ୍ନ, ଶକ୍ତିମନ୍ତ, ଏକ ସ୍ୱାଭାବିକ ଅଥଚ ବୁଦ୍ଧିପ୍ରେରିତ ଜୀବନ ଯାପନ କରିବାକୁ ଶିକ୍ଷା କରିପାରିବେ ।

କାର୍ଯ୍ୟକ୍ଷେତ୍ରରେ ଏ କଥାଟି ସର୍ବଦା ଦେଖାଯାଇଥାଏ ଯେ ଏହି ବିଗ୍ରହଗୁଡ଼ିକ ଦୀର୍ଘକାଳ ସ୍ଥାୟୀ ହୋଇ ରହିପାରନ୍ତି ନାହିଁ । କାରଣ ସାଧାରଣ ମଣିଷ ତଥାପି ବୁଦ୍ଧିଦ୍ୱାରା ଆପଣାକୁ ପରିଚାଳିତ କରେ ନାହିଁ ; ଏକ ଦୀର୍ଘ ଅବବୌଦ୍ଧିକ ଅତୀତ ମଧ୍ୟରୁ ବାହାରିଥିବାରୁ ସେ ସ୍ୱଭାବପ୍ରେରିତ ଭାବରେ ଆପଣାର ବୁଦ୍ଧି ବିଚାର ଖଟାଇ ସାଧାରଣତଃ କୌଣସି ମୀମାଂସାରେ ଆସି ପହଞ୍ଚେ ନାହିଁ । ସେ ହୁଏତ କେବଳ ଆପଣାର ସ୍ୱାର୍ଥ, ଆବେଗ ତଥା ପୂର୍ବଗ୍ରହଗୁଡ଼ିକ ଦ୍ୱାରା ପ୍ରେରିତ ହୋଇ ଯାହାକିଛି ଭାବେ, ଅଥବା ତା'ଠାରୁ ବୁଦ୍ଧିରେ ଅଧିକ ସକ୍ରିୟ ଓ କାର୍ଯ୍ୟରେ ଅଧିକ ପ୍ରଖର ଯେଉଁମାନେ କୌଣସି ନା କୌଣସି କାରଣରୁ ତା'ର ମନ ଉପରେ ଏକ ପ୍ରଭାବର ପ୍ରତିଷ୍ଠା କରାଇପାରିବାରେ ସମର୍ଥ ହୋଇଥାନ୍ତି, ସେ ସେହି ଅନ୍ୟମାନଙ୍କର ବିଚାର ଅନୁସାରେ ହିଁ ଯାହାକିଛି ଭାବିପାରେ । ଦ୍ୱିତୀୟତଃ, ଆପଣାର ସାଥୀ ଅନ୍ୟମାନଙ୍କ ସହିତ ସହମତ ହେବାଲାଗି ସେ ଆପଣାର ବୁଦ୍ଧିଶକ୍ତିକୁ ଏପର୍ଯ୍ୟନ୍ତ କାମରେ ଲଗାଇ ଶିଖି ନ ଥାଏ ; ମାତ୍ର ଅନ୍ୟମାନଙ୍କର ମତ ସହିତ ତା' ମତର ଯେଉଁଠାରେ ସଂଘାତ ଉପସ୍ଥିତ ହେଉଥାଏ, ସେଇଠି ସଂଗ୍ରାମ କରି ନିଜର ମତଟିକୁ ଜୋର କରି ପ୍ରତିଷ୍ଠିତ କରି ରଖିବାଲାଗି ହିଁ ସେ ବୁଦ୍ଧିକୁ କାମରେ ଲଗାଏ । କୌଣସି ବିଶେଷ କ୍ଷେତ୍ରରେ ହୁଏତ ସତ୍ୟର ଅନୁସନ୍ଧାନ କରିବାଲାଗି ସେ ବୁଦ୍ଧିର ସାହାଯ୍ୟ ନେଇପାରେ, ମାତ୍ର ସାଧାରଣତଃ ତା'ର ବୁଦ୍ଧି ତା'ର ଆବେଗ, ପୂର୍ବଗ୍ରହ ତଥା ସ୍ୱାର୍ଥଗୁଡ଼ିକର ଔଚିତ୍ୟ ପ୍ରମାଣ କରିବାରେ ହିଁ ବ୍ୟବହୃତ ହୋଇଥାଏ । ଏବଂ ଯେତେବେଳେ ସେ ଆପଣା ଲାଗି କୌଣସି ଆଦର୍ଶ ରଖିବାକୁ ସମର୍ଥ ହୁଏ, ସେତେବେଳେ ପ୍ରଧାନତଃ ଏହିଗୁଡ଼ିକ ହିଁ ତା'ର ଆଦର୍ଶଗୁଡ଼ିକର ନିୟନ୍ତ୍ରଣ କରନ୍ତି ।

'oaob.nitrkl.ac.in' images reprocessed

ଅଥବା ସେଗୁଡ଼ିକୁ ଅନ୍ତତଃ ବେଶ୍ ବିକୃତ ବା ବିକଳ ମଧ୍ୟ କରିପକାନ୍ତି । ପରିଶେଷରେ, ବୁଦ୍ଧିସମ୍ପନ୍ନଭାବରେ ଅନ୍ୟମାନଙ୍କର ଜୀବନ ସହିତ ଆପଣାର ଜୀବନଟିକୁ ଅନୁକୂଳିତ କରି ରଖିପାରିବାକୁ ଯେ କଦାପି ଆପଣାର ସ୍ୱାଧୀନତାକୁ କାମରେ ଲଗାଏ ନାହିଁ ; ଅନ୍ୟମାନଙ୍କର ଜୀବନକୁ ଦଳିଦେଇ, ଅଥବା, ସାଧାରଣତଃ ଟିକିଏ ବଞ୍ଚେଇକରି ଯେପରି ବୁଝାଯାଇଥାଏ, ଅନ୍ୟମାନଙ୍କ ଜୀବନ ସହିତ ନାନା ପ୍ରତିଦ୍ୱନ୍ଦ୍ୱିତାରେ ଲିପ୍ତ ରହି ଆପଣା ଜୀବନର ଲକ୍ଷ୍ୟଗୁଡ଼ିକୁ ବଳପୂର୍ବକ ପ୍ରତିଷ୍ଠିତ କରି ରଖିବାକୁ ହିଁ ତା'ଭିତରେ ଏକ ସ୍ୱାଭାବିକ ପ୍ରବୃତ୍ତି ରହିଥାଏ । ଏହିପରିଭାବରେ ଆଦର୍ଶ ଓ ତାକୁ କାର୍ଯ୍ୟକାରୀ କରିବାର ପ୍ରଥମ ପରିଣତିଗୁଡ଼ିକ ମଧ୍ୟରେ ଏକ ଦୂର ବ୍ୟବଧାନର ସୃଷ୍ଟି ହୋଇଯାଏ । ଏହି କ୍ଷେତ୍ରରେ ବାସ୍ତବ ସ୍ଥିତି ଓ ବିଚାର ମଧ୍ୟରେ ଏକ ବୈଷମ୍ୟ ଆସି ଉପସ୍ଥିତ ହୁଏ, ଯାହାକି ଅବଶ୍ୟମ୍ଭାବୀ ଭାବରେ ମୋହଭଙ୍ଗ ଏବଂ ବିଫଳତା ଆଡ଼କୁ ବାଟ କାଢ଼ି ନେଇଯାଏ ।

ବ୍ୟକ୍ତିବାଦୀ ଗଣତନ୍ତ୍ରର ଆଦର୍ଶଟି ମଧ୍ୟ ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ଆମକୁ ପ୍ରଥମ ଅବସ୍ଥାରେ ଏପରି ଏକ ଶୋଚନୀୟ ସ୍ଥିତିରେ ଆଣି ପହଞ୍ଚାଇଦିଏ, ଯେତେବେଳେ ସର୍ବାଧିକ ପ୍ରଭାବଶାଳୀ ଶ୍ରେଣୀ ହିଁ ଗଣତନ୍ତ୍ର ନାମରେ ଅଜ୍ଞାନ ଓ ଦୁର୍ଭାଗ୍ୟ ବହୁଜନଙ୍କ ଉପରେ ଶାସନ କରିବାକୁ ଲାଗେ । ଦ୍ୱିତୀୟତଃ, ଯେତେବେଳେ ସ୍ୱାଧୀନତା ଓ ସମାନତାର ଆଦର୍ଶଗୁଡ଼ିକ ପ୍ରଚଳିତ ହୋଇସାରିଥିବାରୁ ଏବଂ ସେଗୁଡ଼ିକର ମୁହଁ ବନ୍ଦ କରି ରଖିବାଲାଗି ଆଉ କୌଣସି ବାଟ ନ ଥିବାରୁ ତାହା ଆପଣାର ଅବଦଳିତ ଅଧିକାର-ଗୁଡ଼ିକର ପ୍ରତିଷ୍ଠା କରାଇବାକୁ ଏବଂ ସମ୍ଭବ ହେଲେ ଗଣତନ୍ତ୍ରର ଛଦ୍ମବେଶ ଧାରଣ କରିଥିବା ଏହି ମିଥ୍ୟାଟାକୁ ପୁଣି ଏକ ଯଥାର୍ଥ ଗଣତାନ୍ତ୍ରିକ ସତ୍ୟର ରୂପ ଦେଇପାରିବାକୁ ଶୋଷିତ ଜନଗଣଙ୍କୁ ଅଧିକରୁ ଅଧିକ ପ୍ରୟାସ କରିବାଲାଗି ପ୍ରବୃତ୍ତ କରାଇଥାଏ । ଅର୍ଥାତ୍, ଏହିପରିଭାବରେ ଶ୍ରେଣୀ ଶ୍ରେଣୀ ମଧ୍ୟରେ ଯୁଦ୍ଧର ହିଁ ସୂତ୍ରପାତ ହୁଏ । ତୃତୀୟତଃ, ଆପଣା ପ୍ରକ୍ରିୟାଟିର ଏକ ଅନିବାର୍ଯ୍ୟ ଅଂଶରୂପେ ତାହା ଦଳ ଦଳ ଭିତରେ ପ୍ରାୟ ଏକ ଚିରନ୍ତନ କଳହ ଓ ସଂଘର୍ଷକୁ ବହନ କରି ଆଣେ ; ଏହି ଦଳଗୁଡ଼ିକ ପ୍ରଥମେ ଅଳ୍ପ ସଂଖ୍ୟାରେ ଆଆନ୍ତି ଏବଂ ବେଶ୍ ସରଳଭାବରେ ଗଢ଼ା ହୋଇଥାନ୍ତି, ମାତ୍ର ପରେ ଅର୍ଥାତ୍ ଆମର ବର୍ତ୍ତମାନ ଯୁଗରେ ଯେପରି ହୋଇଛି, ସେମାନେ କେବଳ ନାନା ନାମ, ଭେକ, କାର୍ଯ୍ୟକ୍ରମ ଓ କଳହନାଦର ଏକ ଅଶକ୍ତ ଓ ସାମର୍ଥ୍ୟହୀନ ଅଫଳପ୍ରସୂ ଅରାଜକତାରେ ଆସି ପର୍ଯ୍ୟବସିତ ହୁଅନ୍ତି । ଏହି ଦଳଗୁଡ଼ିକ ପ୍ରତ୍ୟେକେ ପରସ୍ପର ଦ୍ୱନ୍ଦ୍ୱପୂର୍ଣ୍ଣ ନାନା ଧାରଣା ବା ଆଦର୍ଶର ପତାକା ଉଡ଼ାଇ ବୁଲନ୍ତି ; ମାତ୍ର ଯଥାର୍ଥ ଭାବରେ ବିଚାର କଲେ ସେମାନେ ସେହି ପତାକାଟିର ତଳେ ରହି କେବଳ ନାନା ପରସ୍ପରଦ୍ୱନ୍ଦ୍ୱୀ ସ୍ୱାର୍ଥର ହିଁ ଯୁଦ୍ଧ ଲଢ଼ିବାରେ ବ୍ୟସ୍ତ ହୋଇ ରହିଥାନ୍ତି । ପରିଶେଷରେ, ବ୍ୟକ୍ତିବାଦୀ ଗଣତାନ୍ତ୍ରିକ ସ୍ୱାଧୀନତାର ଏକ ଆତ୍ମବିନାଶୀ ଶେଷ ପରିଣାମସ୍ୱରୂପ ଏଥିରେ ପରସ୍ପର-ପ୍ରତିଦ୍ୱନ୍ଦ୍ୱିତାର ଦୁଷ୍ଟଗ୍ରୁପଟା ହିଁ

'oaob.nitrkl.ac.in' images reprocessed

ଅଧିକରୁ ଅଧିକ ବଢ଼ିବାରେ ଲାଗିଥାଏ ଏବଂ ତାହାହିଁ ମନୁଷ୍ୟ-ଇତିହାସର ଅବବୌଦ୍ଧିକ ପର୍ଯ୍ୟାୟଗୁଡ଼ିକର ସଂଗଠିତ ଉତ୍ପୀଡ଼ନଗୁଡ଼ିକର ସ୍ଥାନାପନ୍ନଭାବରେ ଏକପ୍ରକାର ଶୃଙ୍ଖଳିତ ଦ୍ୱନ୍ଦ୍ୱରତତାରୂପେ ଆପଣାକୁ ପ୍ରତିଷ୍ଠିତ କରିଥାଏ । ଏବଂ ଏହି ଦ୍ୱନ୍ଦ ବା ଯୁଦ୍ଧରେ ଚରିତ୍ରଗତ, ବୁଦ୍ଧିଗତ ଅଥବା ଶାରୀରିକ ଦୃଷ୍ଟିରୁ ଯୋଗ୍ୟତମ ସାବ୍ୟସ୍ତ ହେଉଥିବା ବ୍ୟକ୍ତି ଜୟଲାଭ କରେ ନାହିଁ, ଅର୍ଥାତ୍ ବଞ୍ଚି ରହେନାହିଁ ; ମାତ୍ର ସବୁଠାରୁ ଅଧିକ ଭାଗ୍ୟବନ୍ତ ଓ ପ୍ରାଣଗତ କ୍ଷେତ୍ରରେ ସବୁଠାରୁ ଅଧିକ ସଫଳମାନେ ହିଁ ଜୟଲାଭ କରନ୍ତି ଓ ବଞ୍ଚି ରହନ୍ତି । ଏଥିରୁ ଅତି ସ୍ପଷ୍ଟ ହୋଇଯାଉଛି ଯେ ଏହି ବ୍ୟାପାରଟି ଆଉ ଯାହା କିଛି ହୋଇଥାଉ ପଛକେ, ଏହାକୁ ଆମେ ସମାଜର ଏକ ବୁଦ୍ଧି-ଅନୁପ୍ରେରିତ ସମାଜ ବୋଲି କଦାପି କହିବାକୁ ଯିବାନାହିଁ; ମନୁଷ୍ୟର ବ୍ୟକ୍ତିଧର୍ମୀ ବୁଦ୍ଧି ଯାହାକୁ ଆପଣାର ଆଦର୍ଶରୂପେ କଳ୍ପନା କରିଥିଲା ଏବଂ ଯାହାକୁ କାର୍ଯ୍ୟରେ ପରିଣତ କରିବାଲାଗି ବାହାରିଥିଲା, ଏଇଟିକୁ ଆମେ ତାହାର ପରିପୂର୍ଣ୍ଣତା ବୋଲି କଦାପି କହିବା ନାହିଁ ।

ବ୍ୟକ୍ତିବାଦୀ ସିଦ୍ଧାନ୍ତଟିକୁ କାର୍ଯ୍ୟକାରୀ କରିବାର କ୍ଷେତ୍ରରେ ପ୍ରଥମକାଳୀନ ଯେଉଁ ଦୋଷ ବା ଅଭାବଗୁଡ଼ିକ ଦୃଷ୍ଟିଗୋଚର ହୁଏ, ଶିକ୍ଷା ହିଁ ତାହାର ଏକ ପ୍ରତିବିଧାନ ବା ପ୍ରତିକାର ବୋଲି ମନେ ହୋଇପାରେ । କାରଣ, ଯଦି ମଣିଷ ସ୍ୱଭାବତଃ ବୁଦ୍ଧି ଦ୍ୱାରା ଅନୁପ୍ରେରିତ ଏକ ଜୀବ ହୋଇ ନ ଥାଏ, ତେବେ ଆମେ ହୁଏତ ଆଶା କରିପାରିବା ଯେ ଅନ୍ତତଃ ଶିକ୍ଷଣ ଓ ପ୍ରଶିକ୍ଷଣ ଦ୍ୱାରା ତାକୁ ଏକ ବୁଦ୍ଧି ପ୍ରେରିତ ଜୀବ ବା ସେହିପରି ଆଉ କିଛିରେ ପରିଣତ କରିବା ନିଶ୍ଚୟ ସମ୍ଭବ ହେବ । ତେଣୁ ଆପଣାର ଅନିବାର୍ଯ୍ୟ ଦ୍ୱିତୀୟ ପଦକ୍ଷେପରୂପେ ଗଣତନ୍ତ୍ରର ଆନ୍ଦୋଳନ ସାର୍ବଜନୀନ ଶିକ୍ଷାର କାର୍ଯ୍ୟକ୍ରମଟିକୁ ହିଁ ଗ୍ରହଣ କରିଥାଏ ଓ ତାହାର ଦ୍ୱାରା ମନୁଷ୍ୟସମାଜକୁ ବୁଦ୍ଧିଗତ ପରିଚାଳନାର କ୍ଷେତ୍ରକୁ ଆଣିବାକୁ ଚେଷ୍ଟା କରିଥାଏ । ମାତ୍ର ବୁଦ୍ଧିଭିତ୍ତିକ ଶିକ୍ଷାରେ ସର୍ବଦା ତିନୋଟି କଥା ରହିବ ହିଁ ରହିବ ; ପ୍ରଥମତଃ, ଯେଉଁସବୁ ବାସ୍ତବ ସତ୍ୟ ଉପରେ ସେମାନେ ଆପଣାର ବିଚାରନିର୍ଣ୍ଣୟ କରିପାରିବେ, ସେଗୁଡ଼ିକୁ ନିର୍ଭୁଲଭାବରେ ଅବଲୋକନ କରିବା ଓ ଜାଣିବାଲାଗି ସେମାନଙ୍କୁ ଉଚିତ ଶିକ୍ଷା ଦିଆଯିବ, ଦ୍ୱିତୀୟତଃ, ସେମାନଙ୍କୁ ଫଳପ୍ରଦ ଓ ସୁସଙ୍ଗତ ଭାବରେ ଭାବି ଶିଖାଇବାକୁ ପଡ଼ିବ, ଏବଂ ତୃତୀୟତଃ, ଆପଣାର ମଙ୍ଗଳ ତଥା ସମସ୍ତଙ୍କର ମଙ୍ଗଳ ଲାଗି ସେମାନେ ଯେପରି ଆପଣାର ଜ୍ଞାନ ତଥା ଆପଣାର ବିଚାରକୁ ସଫଳଭାବରେ କାମରେ ଲଗାଇପାରିବେ, ସେଥିଲାଗି ସେମାନଙ୍କୁ ଯୋଗ୍ୟ କରି ଗଢ଼ିବାକୁ ମଧ୍ୟ ପଡ଼ିବ । ବୁଦ୍ଧି ଉପରେ ଆପଣାକୁ ବ୍ୟବସ୍ଥିତ କରି ରଖିଥିବା ଏକ ସମାଜରେ ଉପଯୁକ୍ତ ନାଗରିକ ହୋଇପାରିବା ଲାଗି ଯଥାର୍ଥ ଅବଲୋକନ ଏବଂ ଜ୍ଞାନର ସାମର୍ଥ୍ୟ ରହିଥିବ, ଯଥାର୍ଥ ବୁଦ୍ଧି ଓ ବିଚାରନିର୍ଣ୍ଣୟର ସାମର୍ଥ୍ୟ ରହିଥିବ ଏବଂ କ୍ରିୟାଶୀଳତା ତଥା ଚରିତ୍ରର ମଧ୍ୟ ସାମର୍ଥ୍ୟ ରହିଥିବ । ଏବେ ଆୟାସସାଧ୍ୟ ଏହିସବୁ ସାମର୍ଥ୍ୟ ଭିତରୁ କୌଣସି ଗୋଟିକରେ ଅଭାବ ରହିଥିଲେ ସେଇଥିରୁ ହିଁ ଅତି ସୁନିଶ୍ଚିତ

'oaob.nitrkl.ac.in' images reprocessed

ଭାବରେ ବିଫଳତାର ଜନ୍ମ ହେବ । କୋଟି କୋଟି ମଣିଷଙ୍କୁ ମିଳୁଥିବା ସେହି ଶିକ୍ଷା କେବଳ ବଡ଼ କ୍ୱଚିତ୍ ହିଁ ଏହିପରି ଉପଯୁକ୍ତ ପ୍ରକାରର ହୋଇପାରିବ ବୋଲି ଅନୁମାନ କରିନେଲେ ମଧ୍ୟ, ଦୁର୍ଭାଗ୍ୟବଶତଃ ପୃଥିବୀର ସବୁଠାରୁ ଅଧିକ ଉନ୍ନତ ଦେଶମାନଙ୍କରେ ଆଜି ପ୍ରକୃତରେ ଯେଉଁ ଶିକ୍ଷା ଦିଆଯାଉଛି, ଏହିସବୁ ଆବଶ୍ୟକତା ସହିତ ତାହାର ଆଦୌ କେବେ କୌଣସି ସମ୍ବନ୍ଧ ରହିଛି ବୋଲି ମୋଟେ କୁହାଯାଇ-ପାରିବ ନାହିଁ । ଏବଂ ଗଣତନ୍ତ୍ରର ପ୍ରଥମ ଅଭାବ ଓ ବିଫଳତାଗୁଡ଼ିକ ଯେପରି ତାହାର ନାନାପ୍ରକାର ନିନ୍ଦା କରିବାଲାଗି ଶତ୍ରୁଙ୍କୁ ଏକ ଅବସର ଯୋଗାଇଦେଇଛି, ଆଦର୍ଶ ଅତୀତ ଯୁଗଟି ଏହାଠାରୁ ଯଥେଷ୍ଟ ଭଲ ଥିଲା ବୋଲି କହିବାର ଅବସର ଦେଇଛି ଏବଂ ସେହି ଅତୀତରେ ହିଁ କାଳ୍ପନିକ ଏକ ପରିପୂର୍ଣ୍ଣତାର ମୋହର ବାଡ଼େଇଦେବାଲାଗି ତାକୁ ଯେପରି ପ୍ରରୋଚିତ କରିଛି, ଠିକ୍ ସେହିପରି ଏହାର ଏକ ମହାନ୍ ପ୍ରତିକାରରୂପେ ପ୍ରବର୍ତ୍ତିତ ହୋଇଥିବା ଶିକ୍ଷାର ପ୍ରଥମ ଦୋଷ ଓ ଅଭାବଗୁଡ଼ିକ ମଧ୍ୟ ଅନେକ ମହାମତିଙ୍କୁ ଶିକ୍ଷାର ପ୍ରକୃତ ଫଳପ୍ରଦତାଟିକୁ ଅସ୍ୱୀକାର କରିବାକୁ ହିଁ ପ୍ରବର୍ତ୍ତନା ଦେଇଛି; ମନୁଷ୍ୟର ମନରେ ଏକ ରୂପାନ୍ତର ଘଟାଇବାଲାଗି ଏହି ଶିକ୍ଷାର କୌଣସି ସାମର୍ଥ୍ୟ ରହିଛି ବୋଲି ସେମାନେ ଆଉ ସ୍ୱୀକାର କରୁନାହାନ୍ତି ଏବଂ ସେମାନେ ଗଣତାନ୍ତ୍ରିକ ଆଦର୍ଶଟିକୁ ମଧ୍ୟ ଏକ ବିସ୍ଫୋଟିତ କଳ୍ପନା ବୋଲି ନିନ୍ଦା କରିବାକୁ ଅଗ୍ରସର ହୋଇଯାଇଛନ୍ତି ।

ଗଣତନ୍ତ୍ର ଏବଂ ଏହାର ସର୍ବରୋଗନିବାରକରୂପେ ପରିଗଣିତ ହେଉଥିବା ଶିକ୍ଷା ଓ ସ୍ୱାଧୀନତା ଦ୍ୱାରା ମନୁଷ୍ୟଜାତିର ନିଶ୍ଚୟ କିଛି ନା କିଛି କଲ୍ୟାଣ ସାଧିତ ହୋଇଛି । ପ୍ରଥମତଃ, ଇତିହାସର ଏହି ଐତିହାସିକ ଯୁଗରେ ଅନ୍ତତଃ ପ୍ରଥମ ଥର ପାଇଁ ମଣିଷମାନେ ସିଧା ହୋଇ ଠିଆ ହୋଇପାରିଛନ୍ତି, ସଚେଷ୍ଟ ହୋଇଛନ୍ତି ଓ ଜୀବନ ଥିଲାପରି ମନେହେଉଛନ୍ତି । ଏବଂ ଯେଉଁଠାରେ ଜୀବନ ଅଛି, ସେଠାରେ ଆହୁରି ଭଲ ଓ ଅଧିକ ଭଲ ଲାଗି ଏବଂ ଆଶା ମଧ୍ୟ ସର୍ବଦା ବଳବତ୍ତର ରହିଛି । ପୁଣି, ଗୋଟାଏ ପ୍ରକାରର ଜ୍ଞାନ, ସେହି ଜ୍ଞାନଉପରେ ପ୍ରତିଷ୍ଠିତ ଗୋଟାଏ ପ୍ରକାର କ୍ରିୟାଶୀଳ ବୁଦ୍ଧି ଯାବତୀୟ ବ୍ୟାପାରର କ୍ଷେତ୍ରରେ ପରସ୍ପରସଂଘାତୀ ପ୍ରଶ୍ନ ଓ ମତଗୁଡ଼ିକ ମଧ୍ୟରେ ଆପଣାର ବିଚାର ପ୍ରୟୋଗ କରି ଏକ ନିଷ୍ପତ୍ତି ଗ୍ରହଣ କରିପାରୁଥିବା ଅଭ୍ୟାସଟି ଦ୍ୱାରା ଅଧିକ ବଳିଷ୍ଠ ହୋଇପାରିଛି ଏବଂ ପୂର୍ବର ଯେକୌଣସି ଯୁଗରେ ଯେତେ କଦାପି ସମ୍ଭବ ହେଉ ନ ଥିଲା, ବର୍ତ୍ତମାନ ତାହା ସେହି ପରିଣାମରେ ସାର୍ବଜନୀନ ହୋଇପାରିଛି । ଆପଣାର ମନକୁ କାମରେ ଲଗାଇବାକୁ, ଜୀବନର କ୍ଷେତ୍ରରେ ବୁଦ୍ଧିର ପ୍ରୟୋଗ କରିବାକୁ ଲୋକମାନେ ଏବେ କ୍ରମଶଃ ଅଧିକରୁ ଅଧିକ ପ୍ରଶିକ୍ଷିତ ହେଉଛନ୍ତି ; ଏବଂ ତାହାକୁ ଆମେ ଏକ ବଡ଼ ଲାଭ ବୋଲି ନିଶ୍ଚୟ କହିବା । ସେମାନେ ଏପର୍ଯ୍ୟନ୍ତ ଆପଣା ଉପରେ ହିଁ ନିର୍ଭର କରି ଭାବି ଶିଖିନାହାନ୍ତି ଅଥବା ସୁସଙ୍ଗତ, ସ୍ପଷ୍ଟ ଓ ନିର୍ଭୁଲ ଭାବରେ ଭାବି ଶିଖିନାହାନ୍ତି ବୋଲି କୁହାଗଲେ ମଧ୍ୟ ଅନ୍ତତଃ ଏତିକି ଅବଶ୍ୟ କହିବାକୁ ପଡ଼ିବ ଯେ ସେମାନେ କୌଣସି ନା କୌଣସି

'oaob.nitrkl.ac.in' images reprocessed

ପ୍ରକାରର ଏକ ପ୍ରାଥମିକ ବୁଦ୍ଧିର ସାହାଯ୍ୟ ନେଇ ଆପଣାର ବୃତ୍ତିଗୁଡ଼ିକୁ ବାଛିନେବା-ଲାଗି ପୂର୍ବାପେକ୍ଷା ଅଧିକ ସମର୍ଥ ହୋଇପାରୁଛନ୍ତି ; ଏପର୍ଯ୍ୟନ୍ତ ଯେତେ ଅପୂର୍ଣ୍ଣଭାବରେ ହେଲେ ମଧ୍ୟ ସେମାନେ କେଉଁ ବୃତ୍ତିଟିକୁ ଗ୍ରହଣ କରିବେ ବା ନ କରିବେ ଓ କେଉଁ ନିୟମଟିକୁ ମାନିବେ ବା ନ ମାନିବେ, ପୂର୍ବାପେକ୍ଷା ଅଧିକ ସମର୍ଥତା ସହିତ ସେମାନେ ତାହାର ନିର୍ଣ୍ଣୟ କରିପାରୁଛନ୍ତି । ଆମକୁ ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ସମସ୍ତଙ୍କ ପାଇଁ ସମାନ ଶିକ୍ଷାଗତ ସାଧନ ଓ ଜୀବନର ନିର୍ମାଣଲାଗି ସମାନ ଶିକ୍ଷାଗତ ସୁଯୋଗ ଏବେସୁଦ୍ଧା ଉପଲବ୍ଧ ହୋଇନାହିଁ ; ମାତ୍ର ସମାଜର ଅତୀତ ଯେକୌଣସି ଯୁଗରେ ଯେତିକି ହୋଇପାରିଥିଲା, ବର୍ତ୍ତମାନ ତାହାଠାରୁ ଅଧିକ ସମାନତା ସମ୍ଭବ ହୋଇଛି । ମାତ୍ର ଏହି କ୍ଷେତ୍ରରେ ଏକ ନୂତନ ତଥା ବିରାଟ ଦୋଷ ମଧ୍ୟ ଆସି ଦେଖାଦେଇଛି, ଯାହାକି ତାହାକୁ ଜନ୍ମ ଦେଇଥିବା ସାମାଜିକ ବୃତ୍ତିଟି ଲାଗି ଘାତକରୂପେ ହିଁ ପ୍ରତିପାଦିତ ହେଉଛି । ଏ କଥା ସତ ଯେ, ଶିକ୍ଷାଗତ ତଥା ଅନ୍ୟାନ୍ୟ ସୁଯୋଗ-କ୍ଷେତ୍ରରେ ଏପର୍ଯ୍ୟନ୍ତ ପରିପୂର୍ଣ୍ଣ ସମାନତା ହାସଲ ହୋଇନାହିଁ ଏବଂ ସମାଜର ଏହି ବ୍ୟକ୍ତିବାଦୀ ଯୁଗରେ ତାହା କଦାପି ହାସଲ ହୋଇପାରିବ ନାହିଁ । ମାତ୍ର ତଥାପି ସେହି ପରିପୂର୍ଣ୍ଣ ସମାନତା ସମ୍ଭବ ହୋଇଯିବ ବୋଲି ଯଦି ଧରିନିଆଯାଏ, ତେବେ ସେହି ସୁଯୋଗଟି କେଉଁ ଉଦ୍ଦେଶ୍ୟର ସାଧନରେ ବା କିପରିଭାବରେ ବ୍ୟବହୃତ ହେବ ବୋଲି ଆମର ମନେହେଉଛି ? ଆପଣାର ସନ୍ତୋଷବିଧାନ ଲାଗି ମନୁଷ୍ୟରୂପୀ ଅର୍ଦ୍ଧ-ଅବବୌଦ୍ଧିକ ସତ୍ତ୍ୱ ତିନୋଟି କଥା ଦାବି କରିଥାଏ ;—ସାମର୍ଥ୍ୟ ଥିଲେ ସେ କ୍ଷମତାର ଦାବି କରେ, ମାତ୍ର ସକଳ ପରିସ୍ଥିତିରେ ମଧ୍ୟ ଆପଣାର ଶକ୍ତି ଓ ବୃତ୍ତିଗୁଡ଼ିକୁ କାମରେ ଲଗାଇପାରିବାକୁ ଓ ସେହି କାର୍ଯ୍ୟର ପ୍ରତିଦାନ ବା ପୁରସ୍କାର ପାଇବାକୁ ଅବଶ୍ୟ ଦାବି କରେ ଏବଂ ଆପଣା ବାସନାଗୁଡ଼ିକର ତର୍ପଣ ବା ଉପଭୋଗ ମଧ୍ୟ ଦାବି କରେ । ପୁରାତନ କାଳର ସମାଜଗୁଡ଼ିକରେ ମନୁଷ୍ୟ ଆପଣାର ଜନ୍ମ, ବଂଶ, ସମାଜରେ ତା'ଲାଗି ନିର୍ଦ୍ଦିଷ୍ଟ ହୋଇ ରହିଥିବା ସ୍ଥାନ ଏବଂ ବଂଶାନୁକ୍ରମିକତା ଦ୍ୱାରା ନିୟନ୍ତ୍ରିତ ହୋଇ ରହିଥିବା ସୀମାଗୁଡ଼ିକ ମଧ୍ୟରେ ଆପଣା ସାମର୍ଥ୍ୟଟିର ପ୍ରୟୋଗ ଦ୍ୱାରା ହିଁ କେତେକ ପରିମାଣରେ ଏହି ଦାବିଗୁଡ଼ିକର ପୂରଣ ସମ୍ଭବ କରିପାରୁଥିଲା । କାଳକ୍ରମେ ସେହି ଭିତ୍ତିଟି ଭୁଷୁଡ଼ିପଡ଼ିଲା ଏବଂ ତାହାସ୍ଥାନରେ ଆଉ ନୂତନ କୌଣସି ଭିତ୍ତି ମହଜୁଦ ରହିଲା ନାହିଁ ; ଏବଂ ତେଣୁ ଅବଶିଷ୍ଟ କେବଳ ଗୋଟିଏ ସାମର୍ଥ୍ୟ ଅର୍ଥାତ୍ ଧନର ସାମର୍ଥ୍ୟ ଲାଭ କରିବାର କଳହ ଓ ଉଗ୍ରାନୁଧାବନରେ ସଫଳତା ହାସଲ କରିବା ହିଁ ସେହି ଲକ୍ଷ୍ୟଗୁଡ଼ିକୁ ସିଦ୍ଧ କରିବାର ଏକମାତ୍ର ବାଟରେ ପରିଣତ ହେଲା । ଫଳରେ, ପରସ୍ପର-ସମନ୍ୱିତତା ଦ୍ୱାରା ସୁସଂଗଠିତ ଏକ ସମାଜର ସ୍ଥାନରେ ସେହିଦିନଠାରୁ ସଂଗଠିତ ପରସ୍ପର ପ୍ରତିଦ୍ୱନ୍ଦ୍ୱିତାର ହିଁ ଏକ ବିରାଟ ବ୍ୟବସ୍ଥା ବିକାଶଲାଭ କରିବାକୁ ଲାଗିଲା । ଏଣେ ଅଣନିଶ୍ୱାସୀ ହେଲାପରି ଅତ୍ୟନ୍ତ ବେଗର ସହିତ ଶିଳ୍ପପ୍ରଧାନତାର ଏକପାଖିଆ ବିକାଶ ହେଲା ଓ ତେଣେ ଗଣତନ୍ତ୍ରର ପରିଚ୍ଛଦ ତଳେ ଅଧିକରୁ ଅଧିକ ପ୍ରବଳଭାବରେ ଏକ ସମ୍ଭ୍ରାନ୍ତତନ୍ତ୍ରୀ

'oaob.nitrkl.ac.in' images reprocessed

ପ୍ରବୃତ୍ତିର ପ୍ରାଦୁର୍ଭାବ ମଧ୍ୟ ଆରମ୍ଭ ହେଲା, ଯାହାକି ଆପଣାର ମହାଡ଼ମ୍ବରମୟ ସ୍ଥୂଳତା ଏବଂ ଆପଣାର ଦୂରତା ତଥା ବ୍ୟବଧାନଗୁଡ଼ିକର ବିଶାଳତାଦ୍ୱାରା କେବଳ ଆଶଙ୍କିତ ଓ ସନ୍ତ୍ରସ୍ତ ହିଁ କରିଦେଲା । ଏହିଗୁଡ଼ାକୁ ଆମେ ବ୍ୟକ୍ତିକେନ୍ଦ୍ରିତ ଆଦର୍ଶ ଏବଂ ଏହାର ଗଣତାନ୍ତ୍ରିକ ସାଧନଯନ୍ତ୍ରଟିର ସର୍ବଶେଷ କେତୋଟି ପରିଣାମ ବୋଲି କହିପାରିବା, ଏହି ବୁଦ୍ଧିବାଦୀ ଯୁଗର କେତୋଟି ପ୍ରଥମକାଳୀନ ସର୍ବସ୍ୱାନ୍ତତା ବୋଲି କହିପାରିବା ।

ଏହାର ପ୍ରଥମ ପରିଣାମରୂପେ ଯେଉଁ ବୁଦ୍ଧିବାଦୀ ମନ ଆଗେ ଗଣତାନ୍ତ୍ରିକ ବ୍ୟକ୍ତିବାଦକୁ ଅବଲମ୍ବନ କରି ରହିଥିଲା, ତାହା ଏବେ ଗଣତାନ୍ତ୍ରିକ ସମାଜବାଦର କ୍ଷେତ୍ରକୁ ପରିବର୍ତ୍ତିତ ହୋଇସାରିଲାଣି । ପୁଞ୍ଜିବାଦ ବିରୁଦ୍ଧରେ ଏକ ବିଦ୍ରୋହରୁ ହିଁ ସମାଜବାଦ ଜନ୍ମଗ୍ରହଣ କରିଥିଲା; ସଫଳତା ହାସଲ କରିଥିବା ବୁର୍ଜୁଆ ଓ ସମ୍ଭ୍ରାନ୍ତତନ୍ତ୍ରୀର ଶାସନ ବିରୁଦ୍ଧରେ ଏକ ବିପ୍ଳବ ଓ ଜାଗରଣରୁ ତାହାର ଜନ୍ମ ହୋଇଥିଲା । ଆପଣାର ଜନ୍ମଜନିତ ଏହି ଅସୁବିଧାଜନକ ଆକସ୍ମିକତାଟି ମଧ୍ୟରେ ଆପଣାର ସକଳ କ୍ରିୟାତ୍ମକତାକୁ ବୁଝିରଖି ସମାଜବାଦ କେବଳ ଏକ ଶ୍ରେଣୀସଂଗ୍ରାମ ଦେଇ ହିଁ ଆପଣାକୁ କାର୍ଯ୍ୟକାରୀ କରିବାକୁ ବାଧ୍ୟ ହୋଇଛି । ଏବଂ, ଏହାଠାରୁ ଅଧିକ ଦୁର୍ଭାଗ୍ୟର ବିଷୟ ହେଉଛି ଯେ, ଏକ ଶିଳ୍ପପ୍ରଧାନ ସମାଜବ୍ୟବସ୍ଥାରୁ ହିଁ ସମାଜବାଦ ଜନ୍ମଲାଭ କରିଛି ଏବଂ ଆପଣାର ପ୍ରଥମ ପର୍ଯ୍ୟାୟରେ ଏକ ବିଶୁଦ୍ଧ ଶିଳ୍ପପ୍ରଧାନ ଓ ଅର୍ଥନୈତିକ ବାହ୍ୟାକୃତି ଧାରଣ କରି ରହିଛି । ଏବଂ ଏହିସବୁ ଆକସ୍ମିକତା ତା'ର ଅସଲ ସ୍ୱଭାବଟିକୁ ବଡ଼ ବିକୃତ କରିପକାଇଛି । ବୁଦ୍ଧିର ବିଧାନଦ୍ୱାରା ସମାଜର ବ୍ୟବସ୍ଥାଟିକୁ ଏକ ପରିପୂର୍ଣ୍ଣ ରୂପ ଦେଇପାରିବାର ଉଦ୍ୟମ କରିବା ହେଉଛି ସମାଜବାଦର ପ୍ରକୃତ ସ୍ୱଭାବ, ତାହାର ପ୍ରକୃତ ଔଚିତ୍ୟ; କୌଣସି ଲଗାମ ନ ଥାଇ ଆଖିବୁଜା ପ୍ରତିଦ୍ୱନ୍ଦ୍ୱିତା ଫଳରେ ସମାଜରେ ଯେଉଁ ପରିଶୋଷୀ ପ୍ରକାଣ୍ଡ ଅଧିକାୟୁକ୍ତତାମାନ ଗଢ଼ିଉଠୁଛି ଓ ମାନବୀୟ ଜୀବନର ଯାବତୀୟ ସୁରୁଚିସମ୍ପନ୍ନ ଆଦର୍ଶ ଏବଂ ବାସ୍ତବ ଲାଗି ବାଟ ଓଗାଳି ଦୈତ୍ୟପରି ଠିଆହୋଇ ରହିଛି, ସମାଜବାଦ ତାହାର କବଳରୁ ନିସ୍ତାରଲାଭ କରିବାକୁ ହିଁ ଇଚ୍ଛା ପ୍ରକାଶ କରୁଛି । ଏହି ବ୍ୟବସ୍ଥାଟିର ପରିବର୍ତ୍ତରେ ଏକ ସଂଗଠିତ ସମାଜଶୃଙ୍ଖଳା ଓ ଶାନ୍ତିର ସାହାଯ୍ୟରେ ସମାଜବାଦ ସଂଗଠିତ ଆର୍ଥିକ ସଂଗ୍ରାମର ଏକ ନୂତନ ବ୍ୟବସ୍ଥାର ପ୍ରବର୍ତ୍ତନ କରିବାକୁ ବାହାରିଛି । ଏ କଥାଟି ସେହି ପୁରୁଣା ରାଷ୍ଟ୍ରଦ୍ୱାରା କଦାପି ସମ୍ଭବ ହେବନାହିଁ ; ପୂର୍ବର ରୀତିଟି ଅନୁସାରେ ସମାଜସ୍ଥ ଅନ୍ୟାୟ ଓ ତା'ର ପରିଣାମଗୁଡ଼ିକୁ ସମାଜ ତଥା ପ୍ରକୃତିର ଚିରନ୍ତନ ଅକାଟ୍ୟ ନିୟମ ବୋଲି ବୁଝାଯାଉଥିଲା, ସେହି ଅନ୍ୟାୟକୁ ହିଁ ଉଚିତ ବୋଲି କହି ତାହାର ସମର୍ଥନ କରାଯାଉଥିଲା; ସମାଜରେ ସମସ୍ତଙ୍କୁ ସମାନ ସୁଯୋଗ ନ ଦେଇ ଏକ ବଡ଼ କୃତ୍ରିମ ଓ ବଂଶାନୁକ୍ରମିକ ବିଷମତାକୁ ହିଁ ପୂର୍ଣ୍ଣ ପ୍ରଶ୍ରୟ ଦିଆଯାଉଥିଲା । ସେତେବେଳେ ଏକ ମିଥ୍ୟା ହିଁ ବିଧାନରୂପେ ଚାଲୁଥିଲା ଏବଂ ମନୁଷ୍ୟର ବୌଦ୍ଧିକ ଓ ବୁଦ୍ଧିପ୍ରେରିତ ଦୃଷ୍ଟି ସେଇଟିକୁ ଆଉ କଦାପି ଅଧିକକାଳ ଲାଗି

'oaob.nitrkl.ac.in' images reprocessed

ବନ୍ଦୀ ରହିବାକୁ ଦେବ ନାହିଁ । ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଆଦର୍ଶଟି ଦ୍ୱାରା ମଧ୍ୟ ତାହା ସମ୍ଭବ ହେଲାପରି ଆଦୌ ଲାଗୁନାହିଁ; କାରଣ, କାର୍ଯ୍ୟକ୍ଷେତ୍ରରେ ତାହା ସମ୍ପୂର୍ଣ୍ଣରୂପେ ଭାଙ୍ଗିରୁଜିଯାଇପାରଲଣି । ତେଣୁ ସମାଜବାଦକୁ ବ୍ୟକ୍ତିସ୍ୱାଧୀନତାର ଗଣତାନ୍ତ୍ରିକ ଭିତ୍ତିଟିକୁ ଛାଡ଼ି ଚାଲିଆସିବାକୁ ହିଁ ପଡ଼ିବ; ଏପରିକି ତାହା ତଥାପି ସେହି ସ୍ୱାଧୀନତାକୁ ସବୁବେଳେ ସମ୍ମାନ ଦେଉଛି ଏବଂ ବୁଦ୍ଧିସମର୍ଥିତ ଏକ ଉଚ୍ଚତର ସ୍ୱାଧୀନତା ଆଡ଼କୁ ଅଗ୍ରସର ହୋଇଯାଉଛି ବୋଲି ଯେତେ କହୁଥିଲେ ମଧ୍ୟ ସମାଜବାଦକୁ ସେହି ଭିତ୍ତିଟିକୁ ବର୍ଜନ କରିବାକୁ ପଡ଼ିବ । ପ୍ରଥମ ପର୍ଯ୍ୟାୟରେ ତାହା ଗଣତାନ୍ତ୍ରିକ ଆଦର୍ଶଟିର ଅନ୍ୟାନ୍ୟ ବସ୍ତୁର ତଥା ପରିଣାମଗୁଡ଼ିକ ଉପରେ ମୌଳିକ ପ୍ରାଧାନ୍ୟ ଦେବାକୁ ଆରମ୍ଭ କରିବ ଏବଂ ଏହିପରି ଭାବରେ ପ୍ରାଧାନ୍ୟ ଓ ଅଗ୍ରାଧିକାର ଦେବାକୁ ଭୂମିଟିକୁ ବଦଳାଇଦେବା ସଙ୍ଗେ ସଙ୍ଗେ ତାହା ଏକ ବୁଦ୍ଧିପରିଚାଳିତ ସମାଜର ଆଧାରଭୂତ ସିଦ୍ଧାନ୍ତଟିରେ ଏକ ମୌଳିକ ପରିବର୍ତ୍ତନର ହିଁ ସୂତ୍ରପାତ କରିଦେବ । ସେତେବେଳେ କେବଳ ରାଜନୀତିକ ସମାନତା ନୁହେଁ, ମାତ୍ର ଏକ ସକଳକ୍ଷେତ୍ରୀୟ ସାମାଜିକ ସମାନତାହିଁ ଭିତ୍ତି ହୋଇ ରହିବ । ସମସ୍ତଙ୍କ ସକାଶେ ସମାନ ସମାନ ସୁଯୋଗ ଉପଲବ୍ଧ ହୋଇ ରହିବ ସତ, ମାତ୍ର ସମାଜରେ ସମସ୍ତଙ୍କର ସ୍ଥାନକୁ ମଧ୍ୟ ସମାନ କରିଦିଆଯିବ; କାରଣ, ଦ୍ୱିତୀୟଟି ବିନା ପ୍ରଥମଟି ଆଦୌ କୌଣସିମତେ ସମ୍ଭବ ହୋଇପାରିବ ନାହିଁ; ଏବଂ ସମ୍ଭବ ହେଲେ ମଧ୍ୟ କଦାପି ସ୍ଥାୟୀ ହୋଇପାରିବ ନାହିଁ । ପୁଣି, ଧନସମ୍ପତ୍ତିର କ୍ଷେତ୍ରରେ ବ୍ୟକ୍ତିଗତ ବା ଅନ୍ତତଃ ବଂଶାନୁକ୍ରମିକ ଅଧିକାରକୁ ବଞ୍ଚାଇ ରଖିବାକୁ ହେଲେ ଏହି ସମାନତା ମଧ୍ୟ କେବେ ସମ୍ଭବ ହେବ ନାହିଁ; ତେଣୁ ସମ୍ପତ୍ତି ଉପରେ ବ୍ୟକ୍ତିଗତ ମାଲିକାନା କହିଲେ ବର୍ତ୍ତମାନ ଯାହା ବୁଝାଉଛି, ସମାଜବାଦ ତାହାକୁ ଏକାବେଳେ ବିଲୁପ୍ତ କରିଦିଏ, ଅବଶ୍ୟ ଖୁବ୍ ବେଶି ହେଲେ ଏକ ଅଳପ ସ୍ତରରେ ତାହା କରିଥାଏ ଏବଂ ବଂଶାନୁକ୍ରମିକ ଭାବରେ ସମ୍ପତ୍ତିର ମାଲିକ ହୋଇ ରହିବାର ନୀତିଟି ବିରୁଦ୍ଧରେ ଯୁଦ୍ଧ ଘୋଷଣା କରେ । ତେବେ ସମ୍ପତ୍ତିର ଅଧିକାର କାହା ହାତରେ ରହେ ? ସମଗ୍ରଭାବରେ କେବଳ ସମାଜହିଁ ସମ୍ପତ୍ତିର ଅଧିକାରୀ ହୋଇ ରହେ । ପୁଣି, ଏହି ସମ୍ପତ୍ତିର ତତ୍ତ୍ୱାବଧାନ କିଏ କରେ ? ଏହାର କି ଉତ୍ତର ହେବ, ସମଗ୍ର ଭାବରେ ସମାଜ ହିଁ ତତ୍ତ୍ୱାବଧାନ କରେ । ଏହି ବସ୍ତୁରଟିକୁ ଉଚିତ ବୋଲି ପ୍ରମାଣ କରିବାଲାଗି ସମାଜବାଦୀ ସିଦ୍ଧାନ୍ତକୁ କାର୍ଯ୍ୟତଃ ବ୍ୟକ୍ତିର ଅସ୍ତିତ୍ୱକୁ ହିଁ ଅସ୍ୱୀକାର କରିବାକୁ ପଡ଼େ, ଅସ୍ତିତ୍ୱ ଧରି ରହିବାଲାଗି ତା'ର ଯେ କୌଣସି ଅଧିକାର ରହିଛି, ସେକଥା ଅସ୍ୱୀକାର କରିବାକୁ ପଡ଼େ; ବ୍ୟକ୍ତି କେବଳ ସମାଜ ଭିତରେ ଜଣେ ହୋଇ ରହିବ ଏବଂ ସମାଜଲାଗି ହିଁ ରହିବ, ସମାଜବାଦ କେବଳ ଏତିକି ସ୍ୱୀକାର କରିଥାଏ । ବ୍ୟକ୍ତି ହେଉଛି ଗୋଷ୍ଠୀସ୍ୱରୂପ ସେହି ସମାଜର ସମ୍ପତ୍ତି; କେବଳ ତା'ର ଧନସମ୍ପତ୍ତି ନୁହେଁ, ମାତ୍ର ସେ ନିଜେ, ତା'ର ଶ୍ରମ, ତା'ର ସକଳ ସାମର୍ଥ୍ୟ, ସମାଜରୁ ତାକୁ ପ୍ରାପ୍ତ ହେଉଥିବା ଶିକ୍ଷା ଓ ସେହି ଶିକ୍ଷାଜନିତ ଯାବତୀୟ ଲାଭ, ତା'ର ମନ, ତା'ର ଜ୍ଞାନ, ତା'ର ବ୍ୟକ୍ତିଗତ ଜୀବନ, ତା'ର ପାରିବାରିକ ଜୀବନ ଓ

'oaob.nitrkl.ac.in' images reprocessed

ତା'ର ପିଲାଙ୍କର ଜୀବନ,—ଏସବୁ କିଛି ତା'ର ନୁହେଁ, ଏସବୁ କେବଳ ସମାଜର ! ପୁନଶ୍ଚ, ଅନ୍ୟ ସମସ୍ତଙ୍କର ଜୀବନ ସହିତ ତା'ର ଆପଣା ଜୀବନକୁ ଯଥାର୍ଥ ଓ ବୁଦ୍ଧିସମ୍ମତ ଭାବରେ ଅନୁକୂଳିତ କରିବାର ଲକ୍ଷ୍ୟଟିକୁ ସ୍ୱଭାବତଃ କାର୍ଯ୍ୟକାରୀ କରିପାରିବାଲାଗି ତା'ର ବ୍ୟକ୍ତିଗତ ବୁଦ୍ଧି ଉପରେ ଯେହେତୁ ପୂର୍ଣ୍ଣ ଆସ୍ଥା ରଖିବା ଆଦୌ ସମ୍ଭବ ନୁହେଁ, ତେଣୁ ସମଗ୍ର ସମାଜର ବୁଦ୍ଧି ହିଁ ବ୍ୟକ୍ତିଲାଗି ସେଇଟିର ମଧ୍ୟ ବିଚାର ଓ ବ୍ୟବସ୍ଥା କରାଇଦେବ । ବସ୍ତୁତଃ ଅନେକ ବ୍ୟକ୍ତିଙ୍କର ବିଚାରବୁଦ୍ଧିଶୀଳ ସମ୍ମିଳିତ ମନ ଓ ଇଚ୍ଛା ନୁହେଁ, ମାତ୍ର ସମଗ୍ର ସମାଜର ହିଁ ସାମୂହିକ ବୁଦ୍ଧିଗତ ମନ ଓ ଇଚ୍ଛା ହିଁ ଶାସନ କରିବ, ନିୟନ୍ତ୍ରଣ କରିବ । ତାହା ଯେ ସମାଜଗତ କେବଳ ଆର୍ଥିକ ତଥା ରାଜନୀତିକ ବ୍ୟବସ୍ଥାଟିର ଯାବତୀୟ ସିଦ୍ଧାନ୍ତ ଏବଂ ଟିକିନିଖି ସବୁକଥାର ନିରୂପଣ କରିଦେବ, ତାହା ନୁହେଁ, ମାତ୍ର ସମାଜସ୍ଥ ସମୁଦାୟ ଜୀବନଟିକୁ ମଧ୍ୟ ନିରୂପଣ କରିବ, ସମାଜଜୀବନର ଏକ କର୍ମସମର୍ଥ, ଭାବନା ତଥା ଅନୁଭୂତିସମର୍ଥ ଏକ ଏକକ କୋଷରୂପେ ତାହା ବ୍ୟକ୍ତିର ସମୁଦାୟ ଜୀବନଟିର ମଧ୍ୟ ନିରୂପଣ କରିବ ; ବ୍ୟକ୍ତି ଭିତରେ ଯାବତୀୟ ସାମର୍ଥ୍ୟର ବିକାଶ କରାଇବ, ତା'ର ଯାବତୀୟ କ୍ରିୟାତ୍ମକତାର ନିରୂପଣ କରିଦେବ, ସେ ଅର୍ଜିଥିବା ଯାବତୀୟ ଜ୍ଞାନକୁ କାମରେ ଲଗାଇବ, ଏବଂ ତାହାର ପ୍ରାଣିକ, ନୈତିକ ଏବଂ ବୁଦ୍ଧିସମ୍ବଳିତ ସତ୍ତାଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ମଧ୍ୟରେ ନିରୂପିତ କରି ରଖିବ । କାରଣ, କେବଳ ଏହିପରି ଭାବରେ ହିଁ ଜାତି ଅଥବା ସମୂହର ସାମୂହିକ ବୁଦ୍ଧି ଓ ବୁଦ୍ଧିପରିଚାଳିତ ଇଚ୍ଛା ବ୍ୟକ୍ତିବାଦୀ ଜୀବନର ଅହଂକେନ୍ଦ୍ରିକତାଟିକୁ ଅତିକ୍ରମ କରିଯାଇପାରିବ ଏବଂ ଏକ ସମନ୍ୱିତତାପୂର୍ଣ୍ଣ ସଂସାରରେ ସାମାଜିକ ଜୀବନର ଏକ ପରିପୂର୍ଣ୍ଣ ସୈଦ୍ଧାନ୍ତିକତା ତଥା ବୁଦ୍ଧିପ୍ରେରିତ ବ୍ୟବସ୍ଥାର ପ୍ରତିଷ୍ଠା କରିପାରିବ ।

ଏକଥା ସତ ଯେ ଅଧିକ ସଂଖ୍ୟାରେ ରହିଥିବା ଗଣତନ୍ତ୍ରୀ ସମାଜବାଦୀମାନେ ସମାଜବାଦର ଏହି ସ୍ୱରୂପଟିକୁ ଅନିବାର୍ଯ୍ୟ ବୋଲି ସ୍ୱୀକାର କରନ୍ତି ନାହିଁ ବା ତାହାକୁ ଏତେଦୂର ଅନିବାର୍ଯ୍ୟ ବୋଲି ଭାବନ୍ତି ନାହିଁ ; କାରଣ, ସମାଜବାଦର ଚିନ୍ତା କରୁଥିବା ମାନସଟି ଭିତରେ ଏପର୍ଯ୍ୟନ୍ତ ବି ସେହି ପୁରାତନ ଗଣତାନ୍ତ୍ରିକତାର ବିଚାରଗୁଡ଼ିକ ଆପଣାର କୌଣସି ନା କୌଣସି ପ୍ରଭାବ ବିସ୍ତାର କରି ରହିଛି, ଏବଂ ତାହା ଏଭଳି ଆଶାମାନ ଆପଣା ମଧ୍ୟରେ ପୋଷଣ କରି ରହିଛି, ଯାହାକି ଅନେକ ସମୟରେ ତାହାକୁ ନ୍ୟାୟଗତ ନାନା ଅଦ୍ଭୁତ ଅସଙ୍ଗତି ଭିତରେ ନେଇ ପକାଇଦେଉଛି । ଏହା ଆମକୁ ବାରବାର ଭରସା ଦେବାରେ ଲାଗିଛି ଯେ ସମୂହବାଦୀ କଠୋର ବିଚାର ବା ଆଦର୍ଶଟି ସହିତ ଏହା କୌଣସି ନା କୌଣସି ପ୍ରକାରର ବ୍ୟକ୍ତିସ୍ୱାଧୀନତା ଏବଂ ଯେତେ ସୀମାବଦ୍ଧ ହେଲେ ମଧ୍ୟ ତଥାପି ଅଧିକ ଯଥାର୍ଥ ଏକ ବୌଦ୍ଧିକ ସ୍ୱାଧୀନତାର ବିଚାରଗୁଡ଼ିକୁ ସବୁବେଳେ ଅବଶ୍ୟ ସମ୍ମିଳିତ କରି ରଖିଥିବ । ମାତ୍ର ଯଦି ସମୂହବାଦୀ ବିଚାରଟିକୁ ହିଁ ଆଖିର ପ୍ରଧାନ ହୋଇ ରହିବାକୁ ହୁଏ, ଏବଂ ଅଧାରୁ ଅଟକିଯାଇ ବାଟମଝିରେ ପଥଚ୍ୟୁତ

'oaob.nitrkl.ac.in' images reprocessed

ହେବାକୁ ନ ହୁଏ, ତେବେ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯେତେ ଯାହା ଯୋଡ଼ାହୋଇ ରହିଲେ ମଧ୍ୟ ସବୁକଛି କ୍ରମେ ସେହି କଠୋରତା ଆଡ଼କୁ ହିଁ ଗତି କରିବାର ପ୍ରବୃତ୍ତି ରଖିଥିବ । ଏବଂ ଯଦି ଏହିପରି ଭାବରେ ଏଥିରେ ନ୍ୟାୟଯୁକ୍ତତା ଓ ସାହସର ଅଭାବ ରହିଛି ବୋଲି ପ୍ରମାଣିତ ହୁଏ, ତେବେ ହୁଏତ ଏପରି ହେବ ଯେ ଏହା ଆପଣା ମଧ୍ୟରେ ସ୍ଥାନ ଦେଇଥିବା ବିଜାତୀୟ ଉପାଦାନଟି ଦ୍ୱାରା ହିଁ ଅଚିରେ ଅଥବା ପରିଶେଷରେ ବିଧ୍ୱସ୍ତ ହୋଇଯିବ ଏବଂ ଆପଣାର ସ୍ୱକୀୟ ସମ୍ଭାବନାଗୁଡ଼ିକର ପରିଚୟ ଦେଇପାରିବା ପୂର୍ବରୁ ବିଲୟ ଲଭିବାକୁ ବାଧ୍ୟ ହେବ । ସମ୍ଭବତଃ ଆପଣାର ନାନାଭ୍ୟନ୍ତରୀଣ ଅସମର୍ଥତାରେ * ପ୍ରତିଯୋଗିତାଧର୍ମୀ ବ୍ୟକ୍ତିବାଦୀ ସମାଜକୁ ମଧ୍ୟ ଅତିକ୍ରମି ଯାଇ ତାହା ସଂସାରରୁ ବିଦାୟ ନେଇଯିବ । ଅବଶ୍ୟ ଏକ ବୁଦ୍ଧି ବଳିଷ୍ଠ ବିଜ୍ଞତା ଦ୍ୱାରା ପରିଚାଳିତ ହୋଇପାରିଲେ ଏଥିରେ ନିଶ୍ଚୟ ଏକ ବ୍ୟତିକ୍ରମ ଘଟିବ; ମାତ୍ର ଶାସନ-କ୍ଷେତ୍ରରେ ରହିଥିବା ମନୁଷ୍ୟର ମନ ଏପର୍ଯ୍ୟନ୍ତ କେଉଁଠି ହେଲେ ଏଭଳି ବିଜ୍ଞତାର କୌଣସି ପରିଚୟ ଦେଇପାରିନାହିଁ । ମାତ୍ର ଆପଣାର ସର୍ବୋତ୍ତମ ପର୍ଯ୍ୟାୟରେ ମଧ୍ୟ

* ସମାଜବାଦୀ ଗଣତନ୍ତ୍ରର ଏହିସବୁ କୁଣ୍ଠିତତା, ସମାଜବାଦୀ ସଂହତି ସ୍ୱତ୍ତ୍ୱ ଏବଂ ଗଣତନ୍ତ୍ରବାଦୀ ସ୍ୱାଧୀନତାର ଦୁଇ ବିରୋଧୀ ଆଦର୍ଶ ଭିତରେ ଆପଣାକୁ ଅବସ୍ଥାପିତ କରି ରଖିଥିବାରୁ ସେଥିରୁ ଉପୁଜୁଥିବା ଏହାର ମନୋଗତ ନାନାବିଧ ଅସ୍ଥିରତା ଓ ଅସ୍ୱସ୍ତିତା,—ଏହାହିଁ ଏତେ ଅଧିକସଂଖ୍ୟକ ଦେଶରେ ଆପଣାକୁ ପ୍ରତିଷ୍ଠିତ କରିପାରିବା ଲାଗି ସମାଜବାଦର ବିଫଳତାର ମୂଳ କାରଣ ବୋଲି ବୁଝାଯାଇପାରିବ । ଏପରିକି ସମସ୍ତ ସୁଯୋଗ ଯେତେବେଳେ ତା'ର ସପକ୍ଷରେ ରହିଥିଲା, ସେତେବେଳେ ମଧ୍ୟ ତାହା ସଫଳ ହୋଇପାରିଲା ନାହିଁ; ଏବଂ ତାହା ସ୍ଥାନରେ କମ୍ୟୁନିଜମ୍ ଓ ଫାସିଜମ୍ ପ୍ରଭୃତି ଅଧିକ ଶକ୍ତିସମ୍ପନ୍ନ ଓ ଅଧିକ ନିର୍ମମ ଭାବରେ ନ୍ୟାୟବୁଦ୍ଧିଯୁକ୍ତ ପ୍ରବୃତ୍ତିମାନ ବିକଳ୍ପରୂପେ ଆସନ ମାଡ଼ିବସିଲା । ଅପର ପକ୍ଷରେ, ଇଉରୋପର ବିଲକୁଲ ଉତ୍ତରାଞ୍ଚଳରେ ଅବସ୍ଥିତ ଦେଶଗୁଡ଼ିକରେ ଏକ ଚତୁରଦୃଷ୍ଟିସମ୍ପନ୍ନ, ସଂସ୍କାରକାମୀ ଓ ବ୍ୟବହାରକୁଶଳ ସମାଜବାଦର ପ୍ରତିଷ୍ଠା ସମ୍ଭବ ହୋଇପାରିଲା, ଯାହାକି କେତେକ ପରିମାଣରେ ସମାଜସ୍ଥ ଜୀବନର ଯଥାର୍ଥ ନିୟନ୍ତ୍ରଣ ଏବଂ ବ୍ୟକ୍ତିର ସ୍ୱାଧୀନତା ମଧ୍ୟରେ ବେଶ୍ ଏକ ସାଲିସ୍ କରିନେଇପାରିଲା । ମାତ୍ର ଏହା କେତେଦୂର ଶେଷ ପର୍ଯ୍ୟନ୍ତ ଆପଣାର ଏହି ବାଟଟିରେ ଅଗ୍ରସର ହେବାର ଅନୁମତି ପାଇବ, ସେଥିରେ ଅନେକ ସନ୍ଦେହ ରହିଛି । ଯଦି ତାହା ପ୍ରକୃତରେ ସେହି ଅନୁମତି ଓ ସୁଯୋଗଟି ପାଇଯାଏ, ତେବେ ଏକଥାଟି ମଧ୍ୟ ଦେଖିବାକୁ ବାକି ରହିଛି ଯେ ତାହାଭିତରେ ପରିପୂର୍ଣ୍ଣ ଆତ୍ମପ୍ରତିଷ୍ଠା ଲାଗି ବର୍ବର ତଥା ସମର୍ଥତାର ଯେଉଁ ପ୍ରବେଗଟି ରହିଛି, ତାହା ପରିଶେଷରେ ସାଲିସ୍ ଓ ସମନ୍ୱୟର ଆଗ୍ରହଟି ଉପରେ କ୍ରମେ ଅଧିକ ପ୍ରଭାବଶାଳୀ ହେବ ଅଥବା ସେହି ଆଗ୍ରହଟିକୁ ତଥାପି ବଜାୟ ରଖିବାକୁ ସମର୍ଥ ହେବ ।

'oaob.nitrkl.ac.in' images reprocessed

ସମୂହବାଦୀ ବିଗ୍ରହଟି ମଧ୍ୟରେ ଏପରି ଏକାଧିକ ଭ୍ରାନ୍ତିମାନ ଭର୍ତ୍ତି ହୋଇ ରହିଛି, ଯେଉଁଗୁଡ଼ିକର କି ମନୁଷ୍ୟଜୀବନ ତଥା ମନୁଷ୍ୟପ୍ରକୃତିର ପ୍ରକୃତ ସତ୍ୟଗୁଡ଼ିକ ସହିତ ଆଦୌ କୌଣସି ସଙ୍ଗତି ନାହିଁ । ଏବଂ ଜୀବନର ବାସ୍ତବ ସତ୍ୟ ଏବଂ ମନର କଳ୍ପନା ମଧ୍ୟରେ ଯେଉଁ ବିଷମତାଟି ଉପସ୍ଥିତ ହେବାରୁ ବ୍ୟକ୍ତିକେନ୍ଦ୍ରୀ ଗଣତନ୍ତ୍ରର ବିଗ୍ରହଟି ଅତୀତରେ ଆପଣାକୁ ନାନା ପ୍ରମାଦ ଭିତରେ ଆଣି ଜଡ଼ିତ କରିପକାଇଲା ଏବଂ ଯେଉଁ ପ୍ରମାଦଗୁଡ଼ିକ ଫଳରେ ହିଁ ତାହା ଉପହସିତ ହେଲା ଏବଂ ଆପଣାର ପତନକୁ ଡାକି-ନେଲାଆସିଲା, ସମୂହବାଦୀ ଗଣତନ୍ତ୍ରର ବିଗ୍ରହଟିକୁ ମଧ୍ୟ ହୁଏତ ଅତୀତରେ ସେହିଭଳି ଅନେକ ପ୍ରମାଦ ଭିତରେ ଆସି ପଡ଼ିବାକୁ ହୋଇପାରେ, ଯାହାଦ୍ୱାରା କି ତାହା ସ୍ୱୟଂ ଉପହସିତ ହେବ ଏବଂ ଏହି ଅନିବାର୍ଯ୍ୟ ପରିଣତିକ୍ରମରେ ଏକ ତୃତୀୟ ପର୍ଯ୍ୟାୟକୁ ବାଟ ଛାଡ଼ିଦେଇ ଆପେ ବିଲୁପ୍ତ ହୋଇଯିବ । ରାଜନୀତିକ କ୍ଷେତ୍ରରେ ରାଷ୍ଟ୍ରର ଆଖିରେ ସବୁ ମଣିଷ ସମାନ ହୋଇ ରହିବେ ଓ ରାଷ୍ଟ୍ର ହିଁ ସବୁ ମଣିଷଙ୍କର ସ୍ୱାଧୀନତାର ରକ୍ଷକ ହୋଇ ରହିଥିବ,—ବ୍ୟକ୍ତିକେନ୍ଦ୍ରୀ ଗଣତନ୍ତ୍ର ଏହି ବିଗ୍ରହଟିକୁ ହିଁ ଏକ ବ୍ୟାପକ ରୂପ ଦେବାକୁ ପ୍ରୟାସ କରୁଥିଲା । ଏକ ପରିପୂର୍ଣ୍ଣ ଓ ସଯତ୍ନ ଅନୁବନ୍ଧ ଶୃଙ୍ଖଳାଦ୍ୱାରା ସମଗ୍ର ସମୂହଟିର ସଂଗଠିତ ଇଚ୍ଛାଟିକୁ ଅଭିବ୍ୟକ୍ତ କରୁଥିବା ରାଷ୍ଟ୍ର ହିଁ ସାମାଜିକ ତଥା ରାଜନୀତିକ ସମାନତାକୁ ଦୃଢ଼ଭାବରେ ପ୍ରତିଷ୍ଠିତ କରି ରଖିଥିବ,—ଆପଣାର ଭବିଷ୍ୟାକାଙ୍‌କ୍ଷାର କ୍ଷେତ୍ରରେ ସମାଜବାଦୀ ଗଣତନ୍ତ୍ର ଏହି ବିଗ୍ରହଟିକୁ ଅବଲମ୍ବନ କରି ରହିଛି । ଯଦି ସେଇଟି ମଧ୍ୟ ବିଫଳ ହୋଇଯାଏ, ତେବେ ବୁଦ୍ଧିପ୍ରେରିତ ଗଣତାନ୍ତ୍ରିକତାର ବିଗ୍ରହଟି ହୁଏତ ସମାଜର ଏକ ତୃତୀୟ ବ୍ୟବସ୍ଥା ପାଖରେ ଯାଇ ହାବୁଡ଼ିଯିବ, ଯାହାକି କେବଳ ଔପଚାରିକ ସ୍ୱାଧୀନତା କିମ୍ବା ଔପଚାରିକ ସମାନତା ନୁହେଁ, ମାତ୍ର ଏକ ଯଥାର୍ଥ ସ୍ୱାଧୀନତା ତଥା ସମାନତାକୁ ଆପଣାର କାମ୍ୟରୂପେ ଦେଖୁଥିବ, ଏକ ବନ୍ଧନହୀନ ମୁକ୍ତ ସମାଜରେ ମଣିଷ ମଣିଷ ଭିତରେ ରହିଥିବା ସାଥିତ୍ୱ ଓ ଭ୍ରାତୃତ୍ୱକୁ ଭିତ୍ତି କରି ହିଁ ଯାହା ସେହି ସ୍ୱାଧୀନତା ଏବଂ ସମାନତାକୁ କାର୍ଯ୍ୟକାରୀ କରିବ; ସେତେବେଳେ ବୁଦ୍ଧିପ୍ରେରିତ ତଥା ଭାବଗତ ନୈରାଜ୍ୟବାଦ * ହିଁ ଆଦର୍ଶ ହୋଇ ରହିବ ।

---

* କମ୍ୟୁନିଜମ୍‌ର ସିଦ୍ଧାନ୍ତଟିରେ ରାଷ୍ଟ୍ରୀୟକୃତ ସମାଜବାଦକୁ କେବଳ ଏକ ମଧ୍ୟବର୍ତ୍ତୀ ପଥ ବୋଲି ଗ୍ରହଣ କରାଯାଏ । ଏକ ପୂର୍ଣ୍ଣମୁକ୍ତ ଶ୍ରେଣୀହୀନ ଓ ରାଷ୍ଟ୍ରହୀନ ଗୋଷ୍ଠୀଗତ ସମୂହ ଜୀବନକୁ ହିଁ ଚରମ ଓ ସମ୍ଭାବ୍ୟ ଆଦର୍ଶ ବୋଲି ଧରାଯାଏ । ମାତ୍ର ଏକଥାଟି ମୋଟେ ସମ୍ଭବ ବୋଲି ଲାଗୁନାହିଁ ଯେ ରାଷ୍ଟ୍ରରୂପୀ ଜୀବନ୍ତ ଯନ୍ତ୍ରଟି ଯେତେବେଳେ ଥରେ କ୍ଷମତାକୁ ଆସିଯିବ ଏବଂ ସେହି ଯନ୍ତ୍ରଟିକୁ ପୋଷଣ କରି ରଖିବା ଲାଗି ତାହାଭିତରେ ସବୁକିଛି ରଖିଥିବ ଓ ସମସ୍ତେ ଆବଦ୍ଧ ହୋଇ ରହିଥିବେ, ସେତେବେଳେ ସେହି ଯନ୍ତ୍ର ପ୍ରକୃତରେ ଆପଣାର ଶିକାରଟିକୁ ନ ଗିଳି ଛାଡ଼ିଦେବ ଅଥବା କୌଣସି ପ୍ରକାର ପ୍ରତିରୋଧ ବା ସଂଗ୍ରାମ ନ କରି ଆପଣାର ବିଲୁପ୍ତି ଲାଗି ବାଟ ଛାଡ଼ିଦେବ ।

'oaob.nitrkl.ac.in' images reprocessed

ବସ୍ତୁତଃ, ମୁକ୍ତିର ଆକାଙ୍‌କ୍ଷା ପରି ସମାନତାର ଦାବିଟିକୁ ମଧ୍ୟ ଆମେ ମୂଳତଃ ବ୍ୟକ୍ତିଅନୁପ୍ରାଣିତ ବୋଲି କହିପାରିବା ଏବଂ ସାମୂହିକତାର ଆଦର୍ଶ ଭିତରେ ଏଇଟି ଯେ ଜନ୍ମଜାତ ଭାବରେ ଅବଶ୍ୟ ରହିବ ଅଥବା ତାହାର ସାରଟିକୁ ବଜାୟ ରଖିବାଲାଗି ତା' ସହିତ ଅବଶ୍ୟ ଅପରିହାର୍ଯ୍ୟ ହୋଇ ରହିବ, ସେକଥା ଆଦୌ କୁହାଯାଇପାରିବ ନାହିଁ। ବସ୍ତୁତଃ ବ୍ୟକ୍ତି ହିଁ ଆପଣାଲାଗି ମୁକ୍ତିର ଆକାଙ୍‌କ୍ଷା ରଖିଥାଏ ଏବଂ ମୁକ୍ତିର ଦାବି କରେ; ଆପଣାର ମନ, ପ୍ରାଣ, ଇଚ୍ଛା ଓ କ୍ରିୟାଲାଗି ଏକ ବନ୍ଧନମୁକ୍ତ ଗତିସ୍ପନ୍ଦନର ଆକାଙ୍‌କ୍ଷା ରଖିଥାଏ ଓ ତାହାର ଦାବି କରେ। ଅପର ପକ୍ଷରେ ସମୂହବାଦୀ ଦୃଷ୍ଟି ଏବଂ ରାଷ୍ଟ୍ରର ପ୍ରକୃତି ମଧ୍ୟରେ ବରଂ ଠିକ୍ ବିପରୀତ ପ୍ରବୃତ୍ତିଟି ହିଁ ଅଧିକ ସ୍ୱାଭାବିକ ଭାବରେ ରହିଥାଏ। ସମୂହର ମନ, ପ୍ରାଣ, ଇଚ୍ଛା ତଥା କର୍ମକୁ ଅଧିକରୁ ଅଧିକ ବାଧ୍ୟତାମୂଳକ ଭାବରେ ପରିଚାଳିତ ତଥା ନିୟନ୍ତ୍ରିତ କରିବାଲାଗି ସମୂହବାଦୀ ଦୃଷ୍ଟି ଏବଂ ରାଷ୍ଟ୍ରର ପ୍ରକୃତି ସତେଅବା ଆପଣା ଭିତରର କୌଣସି ଆବଶ୍ୟକତାରେ ପଡ଼ି ବାଧ୍ୟ ହେବାରେ ଲାଗିଥାନ୍ତି। ଏବଂ ବ୍ୟକ୍ତିର ମନ, ପ୍ରାଣ, ଇଚ୍ଛା ଏବଂ କର୍ମକୁ ସେମାନେ କେବଳ ସମୂହର ମନ, ପ୍ରାଣ, ଇଚ୍ଛା ତଥା କର୍ମର ଅନ୍ତର୍ଗତ ବୋଲି ହିଁ ବୁଝିଥାନ୍ତି। ଏହିପରି ଭାବରେ ଅର୍ଥାତ୍ ଏହିପରି ନିୟନ୍ତ୍ରିତ କରି ରଖୁରଖୁ ବ୍ୟକ୍ତିର ସ୍ୱାଧୀନତା ସତେଅବା ଚାପିହୋଇ କୁଆଡ଼େ ଅଦୃଶ୍ୟପ୍ରାୟ ହୋଇଯାଏ ଓ ପରିଶେଷରେ ତାହାର କୌଣସି ଅସ୍ତିତ୍ୱ ହିଁ ରହେ ନାହିଁ। ମାତ୍ର ଠିକ୍ ସେହିପରି ବ୍ୟକ୍ତି ହିଁ ଆପଣାଲାଗି ଅନ୍ୟ ସମସ୍ତଙ୍କ ସହିତ ସମାନତାର ଦାବି କରିଥାଏ। ଯେତେବେଳେ ଏକ ବର୍ଗ ବା ଶ୍ରେଣୀ ସମାନତାର ଦାବି କରି ବାହାରେ, ସେତେବେଳେ ବସ୍ତୁତଃ ଏକ ସମଷ୍ଟୀଭୂତ ବ୍ୟକ୍ତି ହିଁ ଆପଣାଲାଗି ଓ ଆପଣାର ସ୍ତରଟିରେ ରହିଥିବା ଆଉ ସମସ୍ତଙ୍କ ଲାଗି ଅର୍ଥାତ୍ ତାହାର ସମାନ ରାଜନୈତିକ ଅଥବା ଆର୍ଥିକ ସ୍ତରରେ ରହିଥିବା ସମସ୍ତଙ୍କ ଲାଗି ସମାନ ସ୍ଥାନ, ସମାନ ସୁବିଧା ଓ ସୁଯୋଗମାନ ହିଁ ଦାବି କରିଥାଏ; ଯେଉଁମାନେ ଏକ ଉଚ୍ଚତର ସ୍ତରରେ ରହିଛନ୍ତି ଅଥବା ବଂଶାନୁକ୍ରମିକ ଭାବରେ ଉଚ୍ଚତର ସ୍ତର ଲାଭ କରିଛନ୍ତି, ସେ ସେହିମାନଙ୍କ ସହିତ ସମାନ ହେବାକୁ ଓ ସମାନ ସ୍ଥାନ ଓ ସୁଯୋଗ ଲାଭ କରିବାକୁ ଦାବି କରୁଥାଏ। ସମାଜୀକୃତ ବୁଦ୍ଧି ପ୍ରଥମେ ସ୍ୱାଧୀନତାର ଏହି ଦାବିଟିକୁ ସ୍ୱୀକାର କରୁଥିଲା ସତ, ମାତ୍ର ସିଦ୍ଧାନ୍ତ ଅନୁସାରେ ଯାହା ହୋଇଥାଉ ପଛକେ, କାର୍ଯ୍ୟକ୍ଷେତ୍ରରେ ସମସ୍ତଙ୍କ ଲାଗି ଏକ ନ୍ୟାୟ୍ୟଯୁକ୍ତ ସ୍ୱାଧୀନତା ଅବଶ୍ୟ ଉପଲବ୍ଧ ହୋଇପାରିଲାଭଳି ଯେତିକି ଆବଶ୍ୟକ, କେବଳ ସେତିକି ସମାନତାକୁ ଆପଣାର ସ୍ୱୀକୃତି ଦେଉଥିଲା; ଅର୍ଥାତ୍ ଆଇନ୍‌ର ଆଖିରେ ସମସ୍ତଙ୍କୁ ସମାନ ବୋଲି ଦେଖୁଥିଲା, ଏବଂ ଭୋଟ୍ ଦେଇପାରିବାର ଏକ ସହାୟକ ଅଥଚ ସେତେ ବେଶି ଫଳପ୍ରଦ ହୋଇପାରୁ ନ ଥିବା ରାଜନୈତିକ ସମାନତାକୁ ମଧ୍ୟ ସ୍ୱୀକାର କରୁଥିଲା। ଏକ ପରବର୍ତ୍ତୀ କାଳରେ ଯେତେବେଳେ ସମସ୍ତଙ୍କୁ ସମାନ ଭାବରେ ମିଳି ନ ଥିବା ପ୍ରତିଯୋଗିତା-ମୂଳକ ସ୍ୱାଧୀନତାରୁ ନାନା ଅନ୍ୟାୟ ଓ ଅବିବେକତାର ସୃଷ୍ଟି ହେଲା, ଏହା ସୃଷ୍ଟି କରିଦେଇଥିବା ବ୍ୟବଧାନଗୁଡ଼ିକ ଯେତେବେଳେ ବିରାଟ ଆକାର ଧାରଣ କଲା, ସେତେ-

'oaob.nitrkl.ac.in' images reprocessed

ତେବେ ସମାଜର ବୁଦ୍ଧି ଆପଣାର ଆଧାରଟିକୁ ବଦଳାଇଦେଲା ଏବଂ ଯଥାସମ୍ଭବ ଅଧିକ ପରିପୂର୍ଣ୍ଣ ଏକ ରାଜନୀତିକ, ଆର୍ଥିକ, ଶିକ୍ଷାଗତ ତଥା ସାମାଜିକ ସମାନତାର ଭିତ୍ତି ଉପରେ ଏକ ଅଧିକ ସମ୍ପୂର୍ଣ୍ଣ ସାମାଜିକ ନ୍ୟାୟପରତାରେ ଆସି ଉପନୀତ ହେବାକୁ ଚେଷ୍ଟା କଲା । ଏହାଫଳରେ ଏହା ସମାଜରେ ଏପରି ଏକ ସମତଳ ଭୂମି ତିଆରି କରିବାକୁ ଚେଷ୍ଟା କରିଆସିଛି, ଯାହାଉପରେ କି ସମସ୍ତେ ଏକାଠି ହୋଇ ଠିଆହୋଇ ପାରିବେ । ଏହି ପରିବର୍ତ୍ତନଟି ହେବାଦ୍ୱାରା ସ୍ୱାଧୀନତାକୁ ମଧ୍ୟ ସମାନତା ଆଗରୁ ଭୋଗିଥିବା ଭାଗ୍ୟକୁ ହିଁ ଭୋଗିବାକୁ ପଡ଼ିଲା ; କାରଣ ସମ୍ଭବତଃ ଅଥବା ସାମୟିକ ଭାବରେ କେବଳ ସେତିକି ସ୍ୱାଧୀନତା ବଞ୍ଚିରହିପାରିଲା, ସମନ୍ୱୟଯୁକ୍ତ ସାମାଜିକ ଭୂମିଟିକୁ ଏକାବେଳେକେ ଭଙ୍ଗୁର କରିଦେବାକୁ ବା ବିପନ୍ନ କରିପକାଇବା ଭଳି ପ୍ରତିଯୋଗିତାପ୍ରିୟ ମନୁଷ୍ୟବ୍ୟକ୍ତିକୁ ଆପଣାର ହିଁ ପ୍ରତିଷ୍ଠା ଓ ବୃଦ୍ଧି ସାଧନ କରିବା ସକାଶେ ଖୁବ୍ ବେଶୀ ସୁଯୋଗ ଅବସର ଦିଆ ନ ଯାଇ ସେହି ସ୍ୱାଧୀନତାକୁ ଯେତିକି ପରିମାଣରେ ନିରାପଦ ଭାବରେ ଦିଆଯାଇ-ପାରିଲା, ମାତ୍ର ଏହି କ୍ଷେତ୍ରରେ ମଧ୍ୟ ଏହି କଥାଟି ଆବିଷ୍କାର କରିବାଲାଗି ଆମେ କଦାପି ଆଖି ଏଡ଼ାଇ ଯାଇପାରିବା ନାହିଁ ଯେ କୃତ୍ରିମ ଭାବରେ ସମାଜରେ ଯେଉଁ ସମାନତାଟିକୁ ଗଢ଼ି ତୋଳିଦିଆଯାଏ, ସେଥିରୁ ତାହାର ଅବିବେକିତାଗୁଡ଼ିକ ମଧ୍ୟ ଅବଶ୍ୟ ବାହାରେ, ସମୂହ କଲ୍ୟାଣଗତ ବିରୋଧଗୁଡ଼ିକ ଅବଶ୍ୟ ଜନ୍ମ ନିଏ ; ଏପରିକି ଏଥିରୁ ନାନା ଅନ୍ୟାୟର ବି ସୂତ୍ରପାତ ହୁଏ, ଓ ବଡ଼ ମହାର୍ଘ ଭାବରେ ପ୍ରକୃତିଗତ ସତ୍ୟର ମଧ୍ୟ ଅବମାନନା କରାଯାଏ । ବ୍ୟକ୍ତିକେନ୍ଦ୍ରିତ ସ୍ୱାଧୀନତା ପରି ସମାନତାର ଆଦର୍ଶଟି ମଧ୍ୟ ଯେ ସକଳ ସମସ୍ୟାର କଦାପି ନିରାକରଣ କରିପାରିବ ନାହିଁ, ହୁଏତ ସେହି କଥାଟି କ୍ରମେ ସ୍ପଷ୍ଟ ହୋଇ ଦିଶିଯାଏ ; ଅପର ପକ୍ଷରେ ସାମୂହିକ ବୁଦ୍ଧି ତଥା ସମାଜର ଇଚ୍ଛାଦ୍ୱାରା ଜୀବନର ସର୍ବୋତ୍ତମ ପରିଚାଳନ ତଥା ନିୟନ୍ତ୍ରଣର ପଥରେ ତାହା ଯେ ଏକ ପ୍ରତିବନ୍ଧକ ହୋଇ ବି ଠିଆ ହୋଇପାରେ, ସେକଥାଟି ଅନୁଭୂତ ହେବାକୁ ଲାଗେ ।

ମାତ୍ର ମନୁଷ୍ୟର ଜୀବନକ୍ଷେତ୍ରରୁ ଯଦି ସମାନତା ଓ ସ୍ୱାଧୀନତା ଦୁଇଟିଯାକକୁ କାଢ଼ିନିଆଯାଏ, ତେବେ ଗଣତନ୍ତ୍ରର ତ୍ରିସତ୍ୟ ମଧ୍ୟରୁ କେବଳ ଗୋଟିଏ ମାତ୍ର ଅବଶିଷ୍ଟ ରହିଯାଏ ; କେବଳ ଭ୍ରାତୃତ୍ୱ ହିଁ ଅବଶିଷ୍ଟ ରହେ । ଅଥବା, ଏବେ ଏହିଟିକୁ ଯେପରି ଭାବରେ ବୁଝାଯାଏ, କେବଳ ସାଥିତ୍ୱ ବା ସହଚରତ୍ୱଟି ହିଁ ବାକି ରହିଯାଏ ; ଏବଂ ସାମାଜିକ ଆଧାରଟିର ଅଂଶ ହିସାବରେ ସେଇଟିର ତିଷ୍ଠି ରହିବା ଲାଗି କେତେକ ସମ୍ଭାବନା ମଧ୍ୟ ରହିଥାଏ । ଏପରି ହୁଏ, କାରଣ ସାମୂହିକତାର ଭାବଟି ସହିତ ଏଇଟି ଅଧିକ ଭଲ ଭାବରେ ଖାପ ଖାଇଯାଉଥିଲା ପରି ମନେହୁଏ ; ତେଣୁ ଏ ଯୁଗର ନୂତନ ସାମାଜିକ ବ୍ୟବସ୍ଥାଗୁଡ଼ିକରେ ଏହାର ବାସ୍ତବ ସତ୍ତାଟି ନ ହେଲେ ମଧ୍ୟ ଏହାର ବାହ୍ୟରୂପଟି ତଥାପି ଏକ ଅବଲମ୍ବନ ହୋଇ ରହିଥିବାର ବେଶ୍ ଦୃଷ୍ଟିଗୋଚର ହୋଇଥାଏ, ଏପରିକି ଯେଉଁସବୁ ବ୍ୟବସ୍ଥାରେ ସ୍ୱାଧୀନତା ଓ ସମାନତାକୁ ମଧ୍ୟ ଗଣତନ୍ତ୍ରପ୍ରଭାବିତ

'oaob.nitrkl.ac.in' images reprocessed

ଅନାବଶ୍ୟକୀୟ ବୋଲି କହି ଉଡ଼ାଇଦିଆଯାଇଥାଏ, ସେଥିରେ ମଧ୍ୟ ଭ୍ରାତୃତ୍ୱ ବା ସାଥିତ୍ୱର ବସ୍ତୁରକୁ ଏକ ସ୍ୱୀକାର ମିଳିଥାଏ । ମାତ୍ର ସ୍ୱାଧୀନତା ଏବଂ ସମାନତା ନ ଥିଲେ ଭ୍ରାତୃତ୍ୱ ବା ସାଥିତ୍ୱ କହିଲେ ବସ୍ତୁତଃ ସମାନ ମନ ରହିଥିବା କେତେକଙ୍କର ଏକଜୁଟ ହେବା ବ୍ୟତୀତ ଆଉ ଅଧିକ କିଛି ହେଲେ ବୁଝାଇବ ନାହିଁ । ଏହିପରି ଭାବରେ ବ୍ୟକ୍ତିମାନେ ପରସ୍ପର ସହିତ ଆସି ଏକଜୁଟ ହେବେ, ସମାଜରେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ କରୁଥିବା ଶ୍ରେଣୀମାନେ ଏକଜୁଟ ହେବେ, ଗିଲ୍ଡ୍, ସିଣ୍ଡିକେଟ୍, ସୋଭିଏଟ୍ ବା ସେହିପରି ଅନ୍ୟାନ୍ୟ ଏକକଗୁଡ଼ିକ ମଧ୍ୟ ଏକଜୁଟ ହେବେ ଏବଂ ସମୂହବାଦୀ ରାଷ୍ଟ୍ରର ନିୟନ୍ତ୍ରଣ ମଧ୍ୟରେ ରହି ସେମାନେ ସାଧାରଣ ଭାବରେ ଜାତିର ଜୀବନରେ କୌଣସି ନା କୌଣସି କାର୍ଯ୍ୟରେ ଆପଣାକୁ ନିୟୋଜିତ କରି ରଖିବେ । ସମସ୍ତଙ୍କ ଉପରେ ରାଷ୍ଟ୍ରର କର୍ତ୍ତୃତ୍ୱ ହିଁ ରହିଥିବ ଓ ସମସ୍ତଙ୍କୁ ଆପଣାର କଠୋର ନିୟନ୍ତ୍ରଣ ଭିତରେ ରଖିଥିବ ଏବଂ ସେହି ନିୟନ୍ତ୍ରଣଟିକୁ ମାନି ସମାଜ ବା ସମୂହ ଲାଗି କୌଣସି କାର୍ଯ୍ୟ କରିପାରିବାର ସ୍ୱାଧୀନତା ହିଁ ଏହି କ୍ଷେତ୍ରରେ ଏକମାତ୍ର ସ୍ୱାଧୀନତା ବା ସ୍ୱାଧୀନ ଇଚ୍ଛା ହୋଇ ରହିଥିବ । ଲୋକକାର୍ଯ୍ୟ କହିଲେ ସ୍ପାର୍ଟା ବା ରୋମ୍‌ରେ ଯାହା ବୁଝାଉଥିଲା, ସେହିପରି ଏକ ଭାବଦ୍ୱାରା ସମାନ ହୋଇ ରହିଥିବା ସମସ୍ତଙ୍କୁ ନେଇ ଏକଜୁଟ ହେବାଟା ହିଁ ସେତେବେଳେ ଏକମାତ୍ର ସମାନତା ହୋଇ ରହିବ । ତୁଏତ ସମାଜରେ ବା ସେହି ସମବେତ ହେବା ମଧ୍ୟରେ ସେମାନଙ୍କ ଲାଗି ଏକ ସମାନ ସ୍ଥାନ ରହିବ, ଅନ୍ତତଃ ଯାବତୀୟ ଆନୁଷ୍ଠାନିକତାରେ ସେମାନଙ୍କୁ ସୈଦ୍ଧାନ୍ତିକ ଭାବରେ ପରସ୍ପରର ସମାନ ବୋଲି ମାନିନିଆଯିବ ; ଏବଂ ରାଷ୍ଟ୍ରରୂପୀ ସେହି ସଂଗଠିତ ସାମାଜିକ ଆତ୍ମଗତତା ଲାଗି ସମସ୍ତ ଭକ୍ତି ଓ ନିଷ୍ଠାର ସହିତ ଆପଣାକୁ ଉତ୍ସର୍ଗୀକୃତ କରି ରଖିବାରୁ ସାଥିତ୍ୱର ଯେଉଁ ବୋଧଟି ମିଳୁଥିବ, ତାହାହିଁ ସେହି କ୍ଷେତ୍ରରେ ଏକମାତ୍ର ଭ୍ରାତୃତ୍ୱ ହୋଇ ରହିବ । ଆପଣାର ଦେବତ୍ୱ ଅର୍ଥାତ୍ ମର୍ମସତ୍ୟଟିକୁ ହରାଇବସି ଗଣତନ୍ତ୍ରର ଏହି ତ୍ରିସତ୍ୟଟିର ବସ୍ତୁତଃ କୌଣସି ଅସ୍ତିତ୍ୱ ହିଁ ରହିବ ନାହିଁ ; ଏବଂ ସାମୂହିକତାର ଆଦର୍ଶଟି ସେଗୁଡ଼ିକ ନ ହେଲେ ମଧ୍ୟ ବେଶ୍ ଚାଲିପାରିବ, କାରଣ ଏହାର ମର୍ମ ତଥା ସ୍ୱକୀୟ ଉପାଦାନଟି ମଧ୍ୟରେ ସେଗୁଡ଼ିକ ମଧ୍ୟରୁ ଆଦୌ କୌଣସିଟି ମଧ୍ୟ ଅନ୍ତର୍ଭୁକ୍ତ ହୋଇ ରହିନାହିଁ ।

ଏହିଭଳି ଏକ ଭାବଦୃଷ୍ଟି, ଏକ ସାମାଜିକ ଯୌକ୍ତିକତା ଅର୍ଥାତ୍ ସମାଜଧର୍ମର ସନ୍ଦେଶରୁ ହିଁ ବସ୍ତୁତଃ ଏକଚ୍ଛତ୍ରବାଦୀ ଅନେକ ପ୍ରେରଣା ଲାଭ କରିଛି ଏବଂ ଏହି ଏକଚ୍ଛତ୍ରବାଦୀ ହିଁ ଆଜି ସମଗ୍ର ଇଉରୋପ ଓ ଇଉରୋପ ବାହାରକୁ ମଧ୍ୟ ଆପଣା ପ୍ରାଦୁର୍ଭାବର ନିର୍ମୋଘ ପ୍ଲାବନରେ ଆକ୍ରାନ୍ତ କରିବାକୁ ବସିଛି । ବସ୍ତୁତଃ କୌଣସି ନା କୌଣସି ପ୍ରକାରର ଏକଚ୍ଛତ୍ରବାଦ ହିଁ ସମାଜବାଦର, ଅଥବା ଅଧିକ ସାଧାରଣ ଭାବରେ କହିବାକୁ ଗଲେ ସମୂହବାଦୀ ବସ୍ତୁର ତଥା ଆବେଗଟିର ଅତି ସ୍ୱାଭାବିକ ତଥା ପ୍ରାୟ ଏକ ଅନିବାର୍ଯ୍ୟ ପରିଣତି ଅଥବା ଅନ୍ତତଃ ଏକ ଚରମ ତଥା ପରିପୂର୍ଣ୍ଣତମ ପ୍ରତିଫଳ ବୋଲି ମନେ ହେଉଛି । କାରଣ ସମାଜବାଦର ମର୍ମ ଅର୍ଥାତ୍ ତାହାକୁ ଯଥାର୍ଥ ବୋଲି

'oaob.nitrkl.ac.in' images reprocessed

କରୁଥିବା ଆଦର୍ଶଟି ଅନୁସାରେ ସମଗ୍ର ଭାବରେ ସମାଜର ସମୁଦାୟ ଜୀବନଟିର ଶାସନ ତଥା କଠୋର ନିୟନ୍ତ୍ରଣ କରିବାକୁ ହିଁ ନୀତି ବୋଲି ଗ୍ରହଣ କରାଯାଏ ; ଆପଣାର ସଚେତନ ବୁଦ୍ଧି ଓ ଇଚ୍ଛାକୁ ପ୍ରୟୋଗ କରି ସମାଜବାଦ ସମାଜର ଯାବତୀୟ ଟିକନିଖିକୁ ଆପଣା ଶାସନ ଓ ନିୟନ୍ତ୍ରଣରେ ଆଣି ରଖେ, ସମସ୍ତଙ୍କର ସବୁଠାରୁ ଅଧିକ ଭଲ ହେବ ବୋଲି ଓ ସର୍ବସାଧାରଣଙ୍କର ହିତ ସାଧିତ ହେବ ବୋଲି ସମାଜବାଦ ତାହା କରିଥାଏ । ଆଗରୁ ବ୍ୟକ୍ତି ବା କୌଣସି ବିଶେଷ ଶ୍ରେଣୀ ଦ୍ୱାରା ଯେଉଁ ଶୋଷଣ ଚାଲୁଥିଲା, ସମାଜବାଦ ତାହାର ସମାପ୍ତି କରିଦିଏ, ସମାଜ ଭିତରେ ରହିଥିବା ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାକୁ ଦୂର କରିଦିଏ, ଅନେକ ମତଭିନ୍ନ ଅମୀମାଂସିତତା ଏବଂ କ୍ଷତିରୁ ସମାଜକୁ ବଞ୍ଚାଏ, ଆପଣାର ବଳକୁ ଖଟାଇ ପାରସ୍ପରିକ ସମ୍ବନ୍ଧତାର ପ୍ରବର୍ତ୍ତନ କରେ, ତାହାକୁ ପରିପୂର୍ଣ୍ଣ କରେ ଏବଂ ସମାଜରେ ସମସ୍ତଙ୍କ ସକାଶେ ସର୍ବୋତ୍ତମ ଭାବରେ କାର୍ଯ୍ୟକାରୀ ହେଉଥିବା ଏକ ଅଭିବଦ୍ଧିତ ଜୀବନର ନିର୍ଭର ପ୍ରତିଶ୍ରୁତି ଆଣିଦିଏ । ପ୍ରଥମେ ଯେପରି ଚିନ୍ତା କରାଯାଉଥିଲା, ଏକ ଗଣତାନ୍ତ୍ରିକ ରାଜନୀତି ତଥା ଗଣତାନ୍ତ୍ରିକ ବିଧାନଯନ୍ତ୍ର ଦ୍ୱାରା ଏଇଟି ସର୍ବୋତ୍ତମ ଭାବରେ କାର୍ଯ୍ୟକାରୀ ହୋଇପାରିବ ବୋଲି ଯଦି ସମସ୍ତଙ୍କର ପ୍ରତ୍ୟୟ ହୁଏ, ତେବେ ସମସ୍ତେ ସେହି ମାର୍ଗଟିକୁ ହିଁ ସ୍ୱୀକୃତ ମାର୍ଗ ବୋଲି ଗ୍ରହଣ କରିନେବେ ଏବଂ ତା'ର ପରିଣାମସ୍ୱରୂପ ସମାଜବାଦୀ ଗଣତନ୍ତ୍ରର ହିଁ ପ୍ରତିଷ୍ଠା ହେବ । ଇଉରୋପର କେତେ ଅଞ୍ଚଳରେ ଏବେ ମଧ୍ୟ ସେହି ଆଦର୍ଶଟି କାର୍ଯ୍ୟକାରୀ ହେଉଛି, ଏବଂ ସମାଜକୁ ସମୂହ ଭାବରେ ବୁଦ୍ଧିଗତ ବିବେକଦ୍ୱାରା ପରିଚାଳିତ କରିବା ଯେ ପ୍ରକୃତରେ ସମ୍ଭବ ଓ ସଫଳ ହୋଇପାରେ, ସେଠାରେ ହୁଏତ ତାହାର ଏକ ପ୍ରମାଣ ମିଳିବାର ସମ୍ଭାବନା ରହିଛି । ମାତ୍ର ଏକ ଅଗଣତାନ୍ତ୍ରିକ ରାଜନୀତି ତଥା ଅଗଣତାନ୍ତ୍ରିକ ଶାସନ ଯନ୍ତ୍ର ହିଁ ଅଧିକ ଭଲ ଭାବରେ ସେହି ଉଦ୍ଦେଶ୍ୟଟିର ସାଧନ କରି-ପାରିବ ବୋଲି ଯଦି ବିବେଚିତ ହୁଏ, ତେବେ ସମୂହର ମାନସ ଗଣତାନ୍ତ୍ରିକ ଆଦର୍ଶଟିକୁ ହିଁ ଅନିର୍ବିହିତ ଭାବରେ ଆଦୌ ପବିତ୍ର ବୋଲି କଦାପି ଗ୍ରହଣ କରିବ ନାହିଁ । ଏକଦା ପବିତ୍ର ବୋଲି ମନେ କରାଯାଉଥିବା କେତେ କେତେ ଆଦର୍ଶ ଯେପରି ବହିଷ୍କୃତ ହୋଇ ଅଳିଆଗଦାରେ ପଡ଼ିଛନ୍ତି, ସେହିପରି ଏଇଟି ମଧ୍ୟ ଅଳିଆଗଦାକୁ ଫୋପଡ଼ା-ହେବ । ଠିକ୍ ସେହିପରି ଭାବରେ ଓ ସେହିପରି ଅଶ୍ରଦ୍ଧା ଦେଖାଇ ଋଷିଆର କମ୍ୟୁନିଜମ୍ ଗଣତାନ୍ତ୍ରିକ ସ୍ୱାଧୀନତାକୁ ଅଳିଆଗଦାକୁ ଫିଙ୍ଗିଦେଇଥିଲା ଏବଂ କେତେ ସମୟ ଲାଗି ଗଣତାନ୍ତ୍ରିକ ବ୍ୟବସ୍ଥାଟି ସ୍ଥାନରେ ସୋଭିଏଟ୍‌ଗୁଡ଼ିକ ଉପରେ ଭିତ୍ତି କରି ଏକ ନୂତନ ଗଠନ ଠିଆ କରାଇବାର ଚେଷ୍ଟା ମଧ୍ୟ କରିଥିଲା । ଏ କଥା ସତ ଯେ ଏକ ଶ୍ରେଣୀହୀନ ସମାଜରେ ତାହା ସର୍ବହରାର ସମାନତାଟିକୁ ଆଦର୍ଶରୂପେ ରକ୍ଷା କରିପାରିଛି । ତଥାପି ଆପଣାର ଭାବଦୃଷ୍ଟିରେ ତାହା ଏକ ଅତି କଠୋର ଏକଚ୍ଛତ୍ରବାଦରେ ହିଁ ପରିଣତ ହୋଇଛି ଏବଂ ସର୍ବହରା ଶ୍ରେଣୀର ଏକଚ୍ଛତ୍ର ଶାସନକୁ ହିଁ ଆଧାରରୂପେ ମାନିନେଇଛି । ଅର୍ଥାତ୍ ବାସ୍ତବ କ୍ଷେତ୍ରରେ ସେଠି ସର୍ବହରା ଶ୍ରେଣୀର ପକ୍ଷରୁ କମ୍ୟୁନିଷ୍ଟ ପାର୍ଟିର ହିଁ ଏକଚ୍ଛତ୍ର

'oaob.nitrkl.ac.in' images reprocessed

ରାଜତ୍ୱ ଚାଲିଛି । ଅଣ-ସର୍ବହରା ଏକଚ୍ଛତ୍ରବାଦ ଏହାଠାରୁ ଆହୁରି ପାଦେ ଆଗକୁ ଚାଲିଯାଉଛି ଏବଂ ଗଣତାନ୍ତ୍ରିକ ସମାନତା ତଥା ଗଣତାନ୍ତ୍ରିକ ସ୍ୱାଧୀନତା ଦୁଇଟିଯାକକୁ ପରିତ୍ୟାଗ କରିଦେଉଛି । ହୁଏତ ଏକ ନିର୍ଦ୍ଦିଷ୍ଟ ଅବଧି ଲାଗି ହେଲେ ମଧ୍ୟ ତାହା ଶ୍ରେଣୀଗୁଡ଼ିକୁ ସୁରକ୍ଷିତ କରି ରଖୁଛି ; ବଡ଼ସାନକୁ ଏକ ସୋପାନକ୍ରମରେ ସଜାଇରଖିବା ଉଦ୍ଦେଶ୍ୟରେ ନୁହେଁ, ମାତ୍ର ସମାଜକୁ କାର୍ଯ୍ୟକାରୀ କରି ରଖିବାର ଏକ ସାଧନରୂପେ ତାହା ଶ୍ରେଣୀଗୁଡ଼ିକୁ ସୁରକ୍ଷିତ କରି ରଖୁଛି । ବୁଦ୍ଧିର ନିର୍ଦ୍ଦେଶ ମାନି ସମାଜର ବ୍ୟବସ୍ଥା ବା ପରିଚାଳନା କରିବା ଆଉ ଅଭିପ୍ରାୟ ହୋଇ ରହୁ ନାହିଁ ; ଏକ ବିପ୍ଳବାତ୍ମକ ଏକାଭିଭୂତ ହିଁ ତାହାର ସ୍ଥାନଟିକୁ ଅଧିକାର କରିନେଉଛି ଏବଂ ତାହାହିଁ ବର୍ତ୍ତମାନ ଯୁଗ-ଆତ୍ମାର ସର୍ବପ୍ରଧାନ ପ୍ରବେଗରେ ପରିଣତ ହୋଇଥିଲା ପରି ମନେ ହେଉଛି ।

ଏହା ଏପରି ଏକ ଲକ୍ଷଣ, ଯାହାର କି ପ୍ରଭୂତ ତାତ୍ପର୍ଯ୍ୟ ରହିପାରେ ଓ ଯାହାର ନାନା ତାତ୍ପର୍ଯ୍ୟପୂର୍ଣ୍ଣ ପରିଣତି ସମ୍ଭବ ହୋଇପାରେ । ଋଷିଆରେ ମାର୍କ୍ସ୍‌ବାଦୀ ସମାଜବାଦଟିକୁ ପ୍ରାୟ ଏକ ଧର୍ମମତରେ ପରିଣତ କରିଦିଆଗଲାଣି । ପ୍ରଥମେ ନ୍ୟାୟବୁଦ୍ଧିଦ୍ୱାରା ପ୍ରେରିତ ହୋଇଥିବା ଜଣେ ବିଚାରକ, ନୂତନ ଉଦ୍‌ଭାବକ ଆପଣା ବୁଦ୍ଧିଗତ ବିଚାର ଦ୍ୱାରା ଅଗ୍ରସର ହୋଇ ଏକ ସବଳ ବ୍ୟବସ୍ଥାରୂପେ ସମାଜବାଦର ସୂତ୍ରଗୁଡ଼ିକୁ ଏକାଠି ଗୋଟିଏ ବିଚାରରେ ଆଣି ସଜାଇ ଦେଇଥିଲେ ; ମାତ୍ର ଋଷୀୟ ମାନସର ଏକ ବିଚିତ୍ର ଦୃଷ୍ଟିଭଙ୍ଗୀଟି ଦ୍ୱାରା ଏହାକୁ ପ୍ରାୟ ଏକ ସାମାଜିକ ଧର୍ମରେ ହିଁ ରୂପାନ୍ତରିତ କରିଦିଆଯାଇଛି, ତାହାକୁ ଏକ ସାମୂହିକ ରହସ୍ୟ-ବନ୍ଦନରେ ପରିଣତ କରିଦିଆଯାଇଛି । ଏହା ଭିତରେ ଯେଉଁ ସୂତ୍ର ବା ବିଧାନଗୁଡ଼ିକୁ ଅମୋଘ ନିୟମରୂପେ ରଖାଯାଇଛି, ସେଥିରେ ଯାବତୀୟ ଅସ୍ୱୀକୃତି ଏବଂ ବିଚ୍ୟୁତିକୁ ସତେ ଅବା ଏକ ଧର୍ମଦ୍ରୋହ ବୋଲି ବିଚାର କରାଯାଉଛି ଓ ସେଗୁଡ଼ିକ ଲାଗି ନାନା ଶାସ୍ତିର ବି ବ୍ୟବସ୍ଥା ରହିଛି । ନବଧର୍ମରେ ଦୀକ୍ଷିତ ହୋଇଥିବା ଏକ ଜନସମୂହର ଅସହିଷ୍ଣୁ ଆଦର୍ଶପରାୟଣତା ଏବଂ ଅତ୍ୟୁତ୍ସାହ ଦ୍ୱାରା ଏକ ସାମାଜିକ ମତକୁ ସତେ ଅବା ଏକ ଧର୍ମମତ ପରି ଜୋର କରି ଲଦିଦିଆଯାଉଛି । ତେଣେ ଫାସିଷ୍ଟ ଦେଶମାନଙ୍କରେ ବୁଦ୍ଧିପରିଚାଳିତ ମାର୍ଗରୁ ବିଚ୍ୟୁତ ହୋଇ ଦୂରକୁ ଚାଲିଯିବାର ଏହି ପ୍ରବୃତ୍ତିଟି ପରିଷ୍କାର ହୋଇ ବାହାରକୁ ଦିଶୁଛି ଏବଂ ତାହା ବଡ଼ ଖୋଲାଖୋଲି ଭାବରେ ଆପଣାକୁ କାର୍ଯ୍ୟକାରୀ କରୁଛି । ବୁଦ୍ଧିର ନେତୃତ୍ୱ ଜାଗାରେ ଏକ ଉପରିଭାଗୀୟ ପ୍ରାଣିକ ଆଶୟମୁଖିତା ତାହାର ସ୍ଥାନକୁ ଅଧିକାର କରିନେଇଛି, ଏବଂ ଜାତୀୟ ଆତ୍ମା, ସେହି ଆତ୍ମାର ଅଭିବ୍ୟକ୍ତି ତଥା ଆତ୍ମପ୍ରକାଶର ଦ୍ୱାହି ଦେଇ ସେଠି ନେତା ଓ ସନ୍ଦେଶବାହକମାନେ ଆପଣାର ଏକଚ୍ଛତ୍ରବାଦୀ ଅନ୍ଧ ଧର୍ମଟିକୁ ପ୍ରଚାର କରିବାରେ ଓ ହିଂସାର ପ୍ରୟୋଗ ଦ୍ୱାରା ସେଇଟିକୁ ଜାରି କରି ରଖିବାରେ ଲାଗିଛନ୍ତି । ଏକଚ୍ଛତ୍ରବାଦର ମୂଳବୃତ୍ତି ଓ ପ୍ରବୃତ୍ତିଗୁଡ଼ିକ ଋଷିଆରେ ଯେଉଁଭଳି ରହିଛି,

'oaob.nitrkl.ac.in' images reprocessed

ଫାସିଷ୍ଟ ଦେଶଗୁଡ଼ିକରେ ମଧ୍ୟ ଠିକ୍ ସେହିଭଳି ରହିଛି ; ଏବଂ ସେହି କାରଣରୁ ବାହାରୁ ଦେଖଣାହାରର ଆଖିକୁ ସେମାନଙ୍କ ମଧ୍ୟରେ ଲାଗିରହିଥିବା ପ୍ରାଣଘାତୀ କଳହଗୁଡ଼ାକ ଗଣତନ୍ତ୍ର ତଥା ବୁଦ୍ଧିବାଦୀ ଯୁଗରୂପୀ ସେମାନଙ୍କର ନିହତ ପିତାମାତାଙ୍କର ଅର୍ଜିତ ସମ୍ପତ୍ତିଗୁଡ଼ାକର ଅଧିକାରକୁ ଆତ୍ମସାତ୍ କରିବାଲାଗି ପରସ୍ପର ମଧ୍ୟରେ ଯୁଦ୍ଧରତ ହୋଇ ରହିଥିବା ଜାତି ଓ କୁଟୁମ୍ବ ଭିତରେ ରକ୍ତପାତ ଓ ଯୁଦ୍ଧ ପରି ହିଁ ମନେ ହେଉଛି । ସର୍ବପ୍ରଭୁଶକ୍ତିସମ୍ପନ୍ନ ଜଣେ ବ୍ୟକ୍ତି ନେତା ହୋଇ ଉପରୁ ସମଗ୍ର ସମୂହଟିର ଜୀବନକୁ ହାତମୁଠା ଭିତରେ ଧରିରଖିଛି ; ସେ ସର୍ବାଧିନାୟକ (Fuehrer, Dux) ବୋଲାଉଛି, ଡିକ୍ଟେଟର ବୋଲାଉଛି, ଏକ ଅତ୍ୟଳ୍ପସଂଖ୍ୟକ ଅଥଚ ଅତ୍ୟନ୍ତ ସଂହିସ୍ତ ସଂଖ୍ୟାଲଘୁ ଦଳର, ନାତ୍ସି, ଫାସିଷ୍ଟ ଅଥବା କମ୍ୟୁନିଷ୍ଟ ପାର୍ଟିର ସର୍ବୋଚ୍ଚ ହୋଇ ବସିଛି ଏବଂ ଏକ ସାମରିକ ଶକ୍ତିଯୁକ୍ତ ଏକପକ୍ଷୀୟ ବାହିନୀ ତାକୁ ସମର୍ଥନ ଦେଇ ବଳୀୟାନ୍ କରି ରଖିଛି । ତେଣେ ଜନସାଧାରଣଙ୍କର ସାମାଜିକ, ଆର୍ଥିକ ଏବଂ ରାଜନୀତିକ ଜୀବନ ଅତ୍ୟନ୍ତ ଦୃଢ଼ଭାବରେ ଏକ ଅତି କଠୋର ନୂତନ ସଂଗଠନରୂପେ ଗୋଟି ବାନ୍ଧିସିବାରେ ଲାଗିଛି ଏବଂ ତାହା ଉପରେ ପ୍ରତ୍ୟେକ ସ୍ଥାନରେ ଏକ ସଫଳ ନିୟନ୍ତ୍ରଣ ଜାରି ହୋଇ ରହିଛି । ଲୋକମାନଙ୍କର ଭାବନା, ଶିକ୍ଷା, ଅଭିବ୍ୟକ୍ତି ଓ ଯାବତୀୟ କାର୍ଯ୍ୟକୁ ବାଧ୍ୟତାମୂଳକ ଭାବରେ ଏକ ଲୁହା ଛାଞ୍ଚ ଭିତରେ ଢାଳିଦିଆହେଉଛି, ବାହ୍ୟର ଏବଂ ଜୀବନାଭିପ୍ରାୟର ଏକ କଠିନ ବ୍ୟବସ୍ଥା ମଧ୍ୟରେ ଆଣି ବାନ୍ଧି ଦିଆଯାଉଛି । ଏହି ବ୍ୟବସ୍ଥାଟିକୁ ଯିଏ ଅସ୍ୱୀକାର କରୁଛି କିମ୍ବା ଏଥିରୁ କିଞ୍ଚିତ୍ ଏପାଖ ସେପାଖ ହୋଇଯାଉଛି, ତାହାକୁ ଅତ୍ୟନ୍ତ ଭୟଙ୍କର ଓ ନିର୍ମମ ଭାବରେ ଏବଂ ଅନେକ ସମୟରେ ରକ୍ତପାତ ଦ୍ୱାରା ମଧ୍ୟ ତାହାକୁ ଦବାଇ ଦିଆଯାଉଛି । ଆଗରୁ ଯାହା କେବେ ହୋଇ ନ ଥିଲା, ସେହିପରି ଦୁର୍ଦ୍ଦାନ୍ତ ଭାବରେ ଗୋଷ୍ଠୀଗତ ସମୁଦାୟ ଜୀବନଟିକୁ ଏକାଠି ଗୋଟିଏ ଗୁଳା ଭିତରେ ଆଣି ଗୁମ୍ଫିଦିଆଯାଉଛି, ତାହାକୁ ସର୍ବାଧିକ କାର୍ଯ୍ୟସାଧକତା ସହିତ ଜବରଦସ୍ତି ଜାରି କରି ରଖାଯାଉଛି ଏବଂ ଭାବିବା, କହିବା, ଅନୁଭବ କରିବା ଓ ଜୀବନ ବଞ୍ଚିବାର ସକଳ କ୍ଷେତ୍ରରେ ଏକ ପରିପୂର୍ଣ୍ଣ ଅଭିନ୍ନତା ହାସଲ କରାଯାଉଛି ।

ଯଦି ଏହି ପ୍ରବୃତ୍ତିଟି କ୍ରମେ ସର୍ବବ୍ୟାପୀ ହେବାକୁ ଆରମ୍ଭ କରେ, ତେବେ ତାହାକୁ ହିଁ ବୁଦ୍ଧି ଯୁଗର ଅନ୍ତ ହୋଇଗଲା ବୋଲି ଜାଣିବାକୁ ହେବ; ମନୁଷ୍ୟର ଯେଉଁ ମନୋମୟ ସତ୍ତାଟିର ବୁଦ୍ଧିଗତ ଅର୍ଥାତ୍ ମସ୍ତିଷ୍କଗତ ଆତ୍ମର ପ୍ରସାରଣ ହୋଇଆସିଥିଲା, ତାହାର ଆତ୍ମହତ୍ୟା ଅଥବା ସଂହାର ଘଟିଲା ବୋଲି ଜାଣିବାକୁ ହେବ । ଏହି ସଂହାର ଶିରଚ୍ଛେଦ ଦ୍ୱାରା ହେବ ଅଥବା ଉପରୁ ଦୁର୍ଦ୍ଧର୍ଷ ଓ କଠୋର ଯନ୍ତ୍ରଣାଦାୟକ ଚାପ ଅସି ପଡ଼ିବ ଯେ ସେଇଥିରେ ହିଁ ପ୍ରାଣନାଶ ଘଟିବ । ଯଦି ମଣିଷ ପାଖରେ ଚିନ୍ତା କରିବାକୁ ହିଁ କୌଣସି ସ୍ୱାଧୀନତା ନ ରହେ ଏବଂ ଜୀବନରେ ସେହି ଚିନ୍ତାକୁ କାର୍ଯ୍ୟକାରୀ କରିବାର

'oaob.nitrkl.ac.in' images reprocessed

ମଧ୍ୟ କୌଣସି ସ୍ୱାଧୀନତା ନ ରହେ, ତେବେ ବୁଦ୍ଧି ଆପଣାର କାର୍ଯ୍ୟଟିକୁ ଆଦୌ କରି-ପାରିବ ନାହିଁ, ବୁଦ୍ଧି କୌଣସି କାର୍ଯ୍ୟ କରିପାରିବ ନାହିଁ କିମ୍ବା କୌଣସି କ୍ଷେତ୍ରରେ କର୍ତ୍ତୃତ୍ୱାତ୍ମକ ହୋଇ ରହିପାରିବ ନାହିଁ । ମାତ୍ର ଏଥିରୁ କୌଣସି ଆତ୍ମପ୍ରଧାନ ଯୁଗ ମଧ୍ୟ ସମ୍ଭବ ହେବ ନାହିଁ ; କାରଣ ସ୍ଥିତିସ୍ଥାପକତା ବ୍ୟତୀତ, ଆତ୍ମଜିଜ୍ଞାସାର ଗତିଶୀଳତା ବ୍ୟତୀତ ଏବଂ ସଞ୍ଚାଳିତ ହେବାର, ପ୍ରସାରିତ ହେବାର, ବିକଶିତ ହେବାର ଓ ପରିବର୍ତ୍ତିତ ହେବାର ଯଥେଷ୍ଟ କ୍ଷେତ୍ର ବ୍ୟତୀତ ଆତ୍ମପ୍ରଧାନତା ମଧ୍ୟ କଦାପି ବିକାଶଲାଭ କରି-ପାରିବ ନାହିଁ । ବରଂ ଏହାର ପରିଣାମସ୍ୱରୂପ ଏକ ମନ୍ଦ୍ରାନିର୍ଜନତାର ଅନ୍ଧକାରାଚ୍ଛନ୍ନ ଭୂଖଣ୍ଡ ହିଁ ସୃଷ୍ଟ ହୋଇ ରହିବ, ଯେଉଁଠାରେ କି ଜଡ଼ବାଦୀ, ପ୍ରାଣପ୍ରଧାନ କିମ୍ବା ଦୁହିଁଙ୍କର ମିଶ୍ରଣରେ କେତେ କେତେ ଅସ୍ପଷ୍ଟ ରହସ୍ୟବାଦିତାର ହିଁ ସୃଷ୍ଟି ହେବ ଓ ସେଗୁଡ଼ିକ ମନୁଷ୍ୟର ଜୀବନ ଉପରେ ଏକଚ୍ଛତ୍ର ପ୍ରଭୁ ହୋଇ ରହିବାକୁ ପରସ୍ପର ମଧ୍ୟରେ କେବଳ ସଂଘାତ ଓ ସମରରେ ହିଁ ମତ୍ତ ହୋଇ ରହିଥିବେ । ମାତ୍ର ଏହି ଅନ୍ତିମ ବା ଚରମ ଅବସ୍ଥାଟି ଯେ ପ୍ରକୃତରେ ଆସିବ, ସେକଥା ଆଦୌ କୁହାଯାଇପାରିବ ନାହିଁ ; କାରଣ ଏହି କ୍ଷେତ୍ରରେ ତଥାପି ନାନା ଅସ୍ୱଚ୍ଛକତା ଓ ନାନା ସନ୍ଦିଗ୍ଧତାର ରାଜତ୍ୱ ଲାଗି-ରହିଥିବ ଓ ସବୁ କଥା ଯେତେଅବା ସୂତାଅଗରେ ଝୁଲିକରି ରହିଥିବା ପରି ଲାଗୁଥିବ । ଏକଚ୍ଛତ୍ରବାଦୀ ଏକାଚ୍ଛନ୍ନତା ହୁଏତ ସମଗ୍ର ଭୂପୃଷ୍ଠକୁ ଅଧିକାର କରିବାର ବିନାଶ-ଯୋଜନାରେ ଏକାନ୍ତ ଅସଫଳ ହେବ, ହୁଏତ ଏହା ଆଦୌ ସ୍ଥାୟୀ ବି ହେବ ନାହିଁ । ଏହି ପୃଥିବୀରେ ତଥାପି ଏପରି ସ୍ଥାନମାନ ଏକାଧିକ ସଂଖ୍ୟାରେ ରହିବ, ଯେଉଁଠାରେ କି ତଥାପି ବୁଦ୍ଧିପ୍ରେରିତ ଆଦର୍ଶବାଦ ବଞ୍ଚି ରହିପାରୁଥିବ । ଜାତୀୟ ଜୀବନ ଓ ଜାତୀୟ ମନ ଉପରେ ବର୍ତ୍ତମାନ ଯେଉଁ ଭୟଙ୍କର ଚାପ ଦିଆଯାଉଛି, ତାହାଫଳରେ ହୁଏତ ଭିତରୁ ହିଁ ଏକ ବିସ୍ଫୋରଣ ଆସି ଘଟିବ ; ଅଥବା ଅନ୍ୟପକ୍ଷରେ, ଆପଣାର ତାତ୍କାଳିକ ଉଦ୍ଦେଶ୍ୟଟିକୁ ପୂର୍ତ୍ତି କରିସାରିଲା ପରେ ସେହି ଚାପ କ୍ରମେ ଶିଥିଳ ହୋଇଆସିବ ଏବଂ ଅପେକ୍ଷାକୃତ ଅଧିକ ଶାନ୍ତ ପର୍ଯ୍ୟାୟଗୁଡ଼ିକରେ ତାହା ଏପରି ଏକ ବୃହତ୍ତର ସ୍ଥିତି-ସ୍ଥାପକତାକୁ ବାଟ ଛାଡ଼ିଦେଇଯିବ, ଯାହାକି ମନୁଷ୍ୟର ମନ ବା ଆତ୍ମାକୁ ପୁନର୍ବାର ପ୍ରଗତିର ଏକ ଅଧିକ ସ୍ୱାଭାବିକ ମାର୍ଗଧାରା ଆଣିଦେବ, ସେମାନଙ୍କର ଆତ୍ମପ୍ରସାରଣଶୀଳ ଆବେଗଗୁଡ଼ିକୁ ଏକ ମୁକ୍ତତର କ୍ଷେତ୍ର ଯୋଗାଇଦେଇପାରିବ ।

ଏବଂ ସେପରି କ୍ଷେତ୍ରରେ, ବର୍ତ୍ତମାନ ହଠାତ୍ ଏଇଯାଏ ଆସି ବନ୍ଦ ହୋଇଯିବାର ଆଶଙ୍କା ରହିଥିବା ବୁଦ୍ଧିବାଦୀ ଯୁଗପର୍ଯ୍ୟାୟର ଗତିରେଖାଟି ହୁଏତ ଆପଣାକୁ ପୁନର୍ବାର ପ୍ରଲମ୍ବିତ କରିଦେଇପାରିବ ଓ ଆପଣାର ଗତିଟିକୁ ସମ୍ପୂର୍ଣ୍ଣ କରିପାରିବ । ଆପଣାକୁ ଆବିଷ୍କାର କରିପାରିବା ପୂର୍ବରୁ କୌଣସି ସାମାନ୍ୟ ବାହ୍ୟ କ୍ରିୟା ମଧ୍ୟରେ ଅକାଳରେ ଆପଣାକୁ ନେଇ ଭର୍ତ୍ତି କରିଦେବାରୁ ରକ୍ଷା ପାଇ ମାନବୀୟ ମନ ତଥା ଜୀବନର ଆତ୍ମ-ପ୍ରଧାନ ବୃତ୍ତିଟି ହୁଏତ ଆହୁରି ଅଧିକ ବିବର୍ତ୍ତିତ ହେବାଲାଗି ଓ ଆପଣା ସତ୍ୟ ଓ ମାର୍ଗ-

'oaob.nitrkl.ac.in' images reprocessed

ଗୁଡ଼ିକୁ ଆବିଷ୍କାର କରିବାଲାଗି ଆହୁରି ସମୟ ଓ ମୁକ୍ତ ଅବସର ପାଇବ; ଏବଂ ସେଉଁଠାରେ ବୁଦ୍ଧି ବାଧା ଯୁଗର ଗଡ଼ରେଖାଟି ଆପଣା ସ୍ୱାଭାବିକ ବିବର୍ତ୍ତନଟିର ପ୍ରାନ୍ତକୁ ଆସି ସମ୍ପୂର୍ଣ୍ଣ ସ୍ୱାଭାବିକ ଭାବରେ ଶେଷ ହୋଇଯାଏ ଏବଂ ଏକ ଗଭୀରତମ ସ୍ୱବାତ୍ମକତାର ମାର୍ଗଗୁଡ଼ିକୁ ପ୍ରସ୍ତୁତ କରି ରଖେ, ସେଇଠାରେ ପହଞ୍ଚି ତାହା ମାନବୀୟ ସମାଜବିବର୍ତ୍ତନର କୁଣ୍ଡଳୀଟିକୁ ବି ଆପଣା ମଧ୍ୟକୁ ଗ୍ରହଣ କରିନେବାକୁ ପ୍ରସ୍ତୁତ ହୋଇଯାଏ ।

'oaob.nitrkl.ac.in' images reprocessed

ବିଂଶ ପରିଚ୍ଛେଦ

# ବୁଦ୍ଧିବାଦର ଶେଷସୀମା

ସମାଜ ବିଷୟରେ ବୁଦ୍ଧିଦ୍ୱାରା ପ୍ରେରିତ ଏହି ସମୂହବାଦୀ ବିଚାରଟିର ପ୍ରଥମେ ଏକ ଭାରି ଶକ୍ତିଶାଳୀ ଆକର୍ଷଣ ଥିବାର ମନେ ହୋଇଥାଏ । ଏହି ବିଚାରଟି ପଛରେ ଯେଉଁ ବୃହତ୍ ସତ୍ୟଟି ନିହିତ ହୋଇ ରହିଥାଏ, ସେଇଟି ହେଉଛି ଯେ ପ୍ରତ୍ୟେକ ସମାଜକୁ ଆମେ ପ୍ରକୃତରେ ଏକ ସମୂହସତ୍ତା ବୋଲି ଜାଣିବା, ଯେଉଁଥିରେ ଏବଂ ଯାହାଦ୍ୱାରା କି ବ୍ୟକ୍ତି ଜୀବନଧାରଣ କରି ରହିଥାଏ ଏବଂ ବ୍ୟକ୍ତି ଯାହାକିଛି ସମାଜଲାଗି ଦେବାକୁ ସମର୍ଥ ହୁଏ, କେବଳ ସେହି ସମାଜଲାଗି ହିଁ ଦେବାକୁ ସମର୍ଥ ହୋଇଥାଏ । ଏବଂ କେବଳ ସେହି ସମାଜ ସହିତ ହିଁ ତା'ର ଏକ ବିଶେଷ ସମ୍ବନ୍ଧ ରହିଥିବାରୁ ଅର୍ଥାତ୍ ଏହି ବୃହତ୍ତର ସମୂହାତ୍ମାଟି ସହିତ ସେ ଏକ ବିଶେଷ ସମନ୍ୱିତତା ମଧ୍ୟରେ ଆବଦ୍ଧ ହୋଇ ରହିଥିବାରୁ ହିଁ ବ୍ୟକ୍ତି ଆପଣାର ବିକଶିତ ତଥା ବିକାଶମାନ ବହୁବିଧ ଶକ୍ତି ଓ ସାମର୍ଥ୍ୟକୁ ପରିପୂର୍ଣ୍ଣ ଭାବରେ କାମରେ ଲଗାଇପାରେ । ଆମର ସମାଜ ଏକ ସାମୂହିକ ସତ୍ତା ହୋଇଥିବାରୁ, ଜଣେ ଅତି ସ୍ୱାଭାବିକଭାବରେ ଏକଥାଟି ନିଶ୍ଚୟ ଅନୁମାନ କରିବ ଯେ ତାହାଭିତରେ ଏପରି ଏକ ସାମୂହିକ ବୁଦ୍ଧି ଓ ଇଚ୍ଛା ରହିଛି, ଯାହାକୁ କି ଆବିଷ୍କାର କରାଯାଇପାରିବ ଏବଂ ଆପଣାକୁ ସଂଗଠିତ ଭାବରେ ଅଭିବ୍ୟକ୍ତ ଏବଂ କ୍ରିୟାଶୀଳ କରିପାରିବାର ସଚେତନ ତଥା ଫଳପ୍ରଦ ସାଧନମାନ ଯୋଗାଇ-ଦିଆଯାଇପାରିଲେ ତାହା ଆପଣାର ଯଥାର୍ଥ ଅଭିବ୍ୟକ୍ତି ଏବଂ କ୍ରିୟାଶୀଳତାକୁ ନିଶ୍ଚୟ ସମ୍ଭବ କରିପାରିବ । ଏବଂ ମୂଳ ବିଚାରଟି ଅନୁସାରେ ଏହି ସାମୂହିକ ଇଚ୍ଛା ତଥା ସାମୂହିକ ବୁଦ୍ଧି ପରିପୂର୍ଣ୍ଣ ସାମ୍ୟାବସ୍ଥାରେ ରହିଥିବା ସମସ୍ତଙ୍କର ଇଚ୍ଛା ଓ ବୁଦ୍ଧି ହୋଇ-ଥିବାରୁ ଏକଥା ପୂର୍ଣ୍ଣ ବିଶ୍ୱାସର ସହିତ କୁହାଯାଇପାରିବ ଯେ ଶାସନ କରୁଥିବା କୌଣସି ବ୍ୟକ୍ତି ବା ବର୍ଗ ହୁଏତ ଅନ୍ୟ କୌଣସି ଉଦ୍ଦେଶ୍ୟ ସାଧନରେ ଆପଣା ଶକ୍ତିର ଅପପ୍ରୟୋଗ କରିବାର ଏକ ଆଶଙ୍କା ସବୁବେଳେ ରହିଥିବ ; ମାତ୍ର ସମୂହ ଇଚ୍ଛା ଓ ସମୂହ ବୁଦ୍ଧି ସର୍ବଦା ଅତ୍ୟନ୍ତ ସ୍ୱାଭାବିକ ଭାବରେ କେବଳ ଆପଣାର ହିତକୁ ହିଁ ଚିହ୍ନି-ନେଇପାରିବ ଏବଂ କେବଳ ସେଇଟିକୁ ହିଁ କାର୍ଯ୍ୟକାରୀ କରିବ । ସମାନତା ଓ ସହଚରଭାବକୁ ଭିତ୍ତି କରି ସାମାଜିକ ଜୀବନର ଯେଉଁ ଯଥାର୍ଥ ସଂଗଠନ ହେବ, ତାହା

'oaob.nitrkl.ac.in' images reprocessed

ପ୍ରତ୍ୟେକ ବ୍ୟକ୍ତିକୁ ମଧ୍ୟ ସମାଜ ଭିତରେ ତା'ର ଉପଯୁକ୍ତ ସ୍ଥାନଟିକୁ ଅବଶ୍ୟ ଯୋଗାଇ-ଦେଇପାରୁଥିବ, ସାଧାରଣ ଉଦ୍ଦେଶ୍ୟଗୁଡ଼ିକର ସାଧନ ପାଇଁ ତାକୁ ପୂର୍ଣ୍ଣ ତାଲିମ ଦେଇ-ପାରୁଥିବ ଓ ତା'ର ପରିପୂର୍ଣ୍ଣ ବିକାଶ ଘଟାଇପାରୁଥିବ, ତା'ର ପ୍ରାପ୍ୟରୂପେ ଯାବତୀୟ କର୍ମ, ଅବସର ତଥା ପୁରସ୍କାରରେ ତା'ର ଅଂଶଟିକୁ ତାକୁ ଦେଇପାରୁଥିବ ଏବଂ ସମୂହସତ୍ତା ଅର୍ଥାତ ସମାଜର ସମୃଦ୍ଧିଭୂମିଟି ଉପରେ ତା'ର ଜୀବନକୁ ମଧ୍ୟ ଉପଯୁକ୍ତ ମୂଲ୍ୟ ଦେଇପାରୁଥିବ । ପୁନଶ୍ଚ ବ୍ୟକ୍ତିର ଏହି ସ୍ଥାନ, ଅଂଶ ଓ କେବଳ ବ୍ୟକ୍ତିଗତ ତଥା ସମୂହର ହିତଦୃଷ୍ଟିରୁ ହିଁ ନିର୍ଦ୍ଧାରିତ ହେଉଥିବ, ଏବଂ ଆକସ୍ମିକ ଭାବରେ ଜନ୍ମ ଅଥବା ଧନ ଦେଇ କିଣା ହୋଇଥିବା ଭାଗ୍ୟଦ୍ୱାରା ସେହି ମୂଲ୍ୟକୁ ଅତିରଞ୍ଜିତ ଭାବରେ ବଢ଼ାଇ-ଦିଆଯିବ ନାହିଁ ଅଥବା ଊଣା ମଧ୍ୟ କରିଦିଆଯାଇପାରିବ ନାହିଁ ; କୌଣସି ଦୁଃଖଦ ଅଥବା କ୍ଷତିସାପେକ୍ଷ ସଂଗ୍ରାମଦ୍ୱାରା ମଧ୍ୟ ସେହି ମୂଲ୍ୟଟିକୁ ଅର୍ଜନ କରିବାକୁ ପଡ଼ିବ ନାହିଁ ଏବଂ ନିକଟ ଅତୀତରେ ବଡ଼ ଅପୂର୍ଣ୍ଣ ଭାବରେ ବିକଶିତ ହୋଇଥିବା ସାମୂହିକ କ୍ରିୟାଶୀଳତାରୁ ମଧ୍ୟ ଆମକୁ ଯାହା ପ୍ରମାଣ ମିଳିପାରିଛି, ଗୋଷ୍ଠୀଜୀବନର ବାହ୍ୟ ଯାବତୀୟ କାର୍ଯ୍ୟଦକ୍ଷତା, ତାହାର ପରିମାପନସିଦ୍ଧି, ସୁଶୃଙ୍ଖଳିତ ତଥା ଅର୍ଥନୀତିଗତ କର୍ମନିପୁଣତା ତଥା ଏହାର ଉତ୍ପାଦନ-ସାମର୍ଥ୍ୟ ଓ ସାଧାରଣ କଲ୍ୟାଣଟି କେବଳ ଏକ ସୁସଂଗଠିତ ଏବଂ କେନ୍ଦ୍ରୀକୃତ ରାଷ୍ଟ୍ର ମଧ୍ୟରେ ହିଁ ବିପୁଳ ଅଭିବୃଦ୍ଧି ଲାଭ କରି-ପାରିବ ।

ଏଠାରେ ଯଦି ଆପତ୍ତି ଉଠାଇ କୁହାଯାଏ ଯେ ଏହି ପରିପୂର୍ଣ୍ଣ ପରିଣାମଗୁଡ଼ିକୁ ସମ୍ଭବ କରିବାକୁ ହେଲେ ବ୍ୟକ୍ତିର ସ୍ୱାଧୀନତାକୁ ବିନଷ୍ଟ କରିଦେବାକୁ ଅଥବା ପ୍ରାୟ ଏକ ଅତି ନଗଣ୍ୟ ମାତ୍ରା ବା ସ୍ତରକୁ ତାହାକୁ ହ୍ରାସ କରି ଆଣିବାକୁ ମଧ୍ୟ ବାଧ୍ୟ ହେବାକୁ ପଡ଼ିବ, ତାହାର ଉତ୍ତରରେ ହୁଏତ ଏସବୁ କୁହାଯିବ ଯେ ରାଷ୍ଟ୍ର ଯେତେବେଳେ ସମୁଦାୟ ସମୂହଟିର ମନ, ଇଚ୍ଛା, କଲ୍ୟାଣ ତଥା ସ୍ୱାର୍ଥର ପ୍ରତିନିଧିତ୍ୱ କରି 'ସର୍ବଂ ବ୍ରହ୍ମ'ରୂପେ ବିରାଜିତ ରହିଛି, ସେତେବେଳେ ବ୍ୟକ୍ତିର କୌଣସି ଅହଂକେନ୍ଦ୍ରିତ ସ୍ୱାଧୀନତାଲାଗି ଅଧିକାର ରହିଛି ବୋଲି ପ୍ରଶ୍ନ ଉଠାଇବାକୁ କେବଳ ଏକ ବିପଜ୍ଜନକ କଳ୍ପନା ବୋଲି ହିଁ କୁହାଯିବ, କେବଳ ଏକ ଧ୍ୱଂସକାମୀ କଳ୍ପନା ବୋଲି ହିଁ କୁହାଯିବ । ବ୍ୟକ୍ତିଲାଗି ହୁଏତ କେତେକ ସମୟ ପର୍ଯ୍ୟନ୍ତ ଚିନ୍ତା କରିବାର ଅଥବା କଥା କହିବାର ସ୍ୱାଧୀନତାକୁ ସ୍ୱୀକାର କରିନିଆଯାଇପାରେ ; ଅବଶ୍ୟ ଏକଥା ସତ ଯେ ସମାଜବାଦୀ ରାଷ୍ଟ୍ର ବ୍ୟକ୍ତି ଉପରେ ଆପଣାର ଅଧିକାରକୁ ସୁଦୃଢ଼ କରି ଆଣିବା ସଙ୍ଗେ ସଙ୍ଗେ ସେଗୁଡ଼ିକ ଉପରେ ମଧ୍ୟ ହସ୍ତକ୍ଷେପ ନ କରିବା ଲାଗି ଆଉ କୌଣସି ବାଟ ନ ଥିବ । ମାତ୍ର ବ୍ୟକ୍ତିର ଆପଣା ଜୀବନ ବଞ୍ଚିବାଲାଗି ଓ ଆପଣାର କାର୍ଯ୍ୟଟିକୁ କରିବାଲାଗି ସ୍ୱାଧୀନତା ରହିଛି ବୋଲି ଦାବି କରିବସିଲେ ତଦ୍ଦ୍ୱାରା କାର୍ଯ୍ୟତଃ ତା'ର ପ୍ରକୃତିର ଅବବୌଦ୍ଧିକ ଅଂଶଗୁଡ଼ିକୁ ହିଁ ଏକ ଅନୁଚିତ ସ୍ୱାଧୀନତା ଦେଇଦେବା ପରି ହେବ । ଏବଂ ବ୍ୟକ୍ତି ଏକ ବୁଦ୍ଧିଯୁକ୍ତ

'oaob.nitrkl.ac.in' images reprocessed

ଜୀବନ ଯାପନ କରୁଥିବା ଏକ ବୁଦ୍ଧିଯୁକ୍ତ ସତ୍ତ୍ୱାରୂପେ ବଞ୍ଚିବାକୁ ହେଲେ ବ୍ୟକ୍ତିଭିତରେ ରହିଥିବା ଠିକ୍ ସେହି ଅବବୌଦ୍ଧିକ ଅଂଶଟିକୁ ହିଁ ଏକାବେଳେକେ ଦବାଇ ନ ରଖିଲେ ମଧ୍ୟ ତଥାପି ସମ୍ପୂର୍ଣ୍ଣଭାବରେ ନିୟନ୍ତ୍ରଣାଧୀନ କରି ରଖିବାକୁ ସମ୍ଭବ ନାହିଁ କି ? କେବଳ ରାଷ୍ଟ୍ରର ସମୂହବୁଦ୍ଧି ଓ ସମୂହଇଚ୍ଛା ହିଁ ସର୍ବୋତ୍କୃଷ୍ଟଭାବରେ, ସବୁଠାରୁ ଅଧିକ ବିଜ୍ଞତାର ସହିତ ଏହି ନିୟନ୍ତ୍ରଣଟିକୁ ଫଳପ୍ରଦ ତଥା କାର୍ଯ୍ୟକାରୀ କରିପାରିବ ; କାରଣ ରାଷ୍ଟ୍ରର ବୁଦ୍ଧି ଏବଂ ବ୍ୟକ୍ତିର ଇଚ୍ଛାଠାରୁ ଅଧିକ ବଡ଼, ଅଧିକ ଉନ୍ନତ ଏବଂ ଅଧିକ ସନ୍ଦୀପିତ । କାରଣ ସମାଜର ଯେକୌଣସି ସାଧାରଣ ବ୍ୟକ୍ତି ଯାହା କରି ନ ପାରୁଛି, ରାଷ୍ଟ୍ର ହିଁ ସମାଜସ୍ଥ ସକଳ ଉପଲବ୍‌ଧ ପ୍ରଜ୍ଞା ଓ ଆକାଙ୍‌କ୍ଷାଦ୍ୱାରା ସର୍ବୋତ୍କୃଷ୍ଟଭାବରେ ଲାଭବାନ୍ ହେଉଛି । ବସ୍ତୁତଃ ସନ୍ଦୀପିତ ଯେକୌଣସି ବ୍ୟକ୍ତି ମଧ୍ୟ ସମୂହର ବୁଦ୍ଧି ଓ ଇଚ୍ଛାକୁ ଯେ ପ୍ରକୃତରେ ଆପଣାର ହିଁ ବୃହତ୍ତର ମାନସ, ଇଚ୍ଛା ତଥା ବିବେକ ବୋଲି ଅନୁଭବ କରିବ ଏବଂ ଖୁସି ହୋଇ ତାହାର ବୋଲଦ୍ୱାରା ପରିଚାଳିତ ହେଲେ ଯେ ସେ ଆପଣାର କ୍ଷୁଦ୍ରତର ଏବଂ କମ୍ ବୁଦ୍ଧିସମ୍ପନ୍ନ ଆତ୍ମହେଜଟି ମଧ୍ୟରୁ ସତେଅବା ମୁକ୍ତିଲାଭ କଲାପରି ଭାବିବ ଏବଂ ସେହି କାରଣରୁ ସମୂହଠାରୁ ବିଚ୍ଛିନ୍ନ ତା'ର କ୍ଷୁଦ୍ର ଅହଂଟି ବର୍ତ୍ତମାନ ଯେତିକି ସ୍ୱାଧୀନତାର ଦାବି କରୁଛି, ତାହାଠାରୁ ଅନେକ ଗୁଣ ଅଧିକ ଯଥାର୍ଥ ସ୍ୱାଧୀନତା ଲାଭ କରିପାରିବ, ସେଥିରେ ତିଳେମାତ୍ର ସନ୍ଦେହ ନାହିଁ । ଯୁକ୍ତି ଦେଇ ଏକଥା ମଧ୍ୟ କୁହାଯାଇପାରିଛି ଯେ ପୋଲିସ୍, ସରକାରୀ କର୍ମଚାରୀ ଓ ସାମରିକ ଅଫିସରଙ୍କର କ୍ଷୁଦ୍ର କ୍ଷୁଦ୍ର ସମସ୍ତ ସଙ୍କେତ ଓ ଆଦେଶ ମାନି ଚଳୁଥିବା ସୁଶୃଙ୍ଖଳିତ ଜର୍ମାନ୍ ମଣିଷ ହେଉଛି ସାରା ଇଉରୋପ ମଧ୍ୟରେ ସବୁଠାରୁ ଅଧିକ ମୁକ୍ତ ସବୁଠାରୁ ଅଧିକ ସୁଖୀ, ଏବଂ ସବୁଠାରୁ ଅଧିକ ନୀତିଶୀଳ ବ୍ୟକ୍ତି, ଏବଂ ତେଣୁ ସମଗ୍ର ପୃଥିବୀରେ ମଧ୍ୟ ସେଇ ହେଉଛି ସବୁଠାରୁ ଅଧିକ ସ୍ୱାଧୀନ, ସବୁଠାରୁ ଅଧିକ ସୁଖୀ ଓ ସବୁଠାରୁ ଅଧିକ ନୀତିମାନ୍ । ଫାସିଷ୍ଟ୍ ଇଟାଲୀ ଏବଂ ନାତ୍‌ସି ଜର୍ମାନୀରେ ନାଗରିକମାନଙ୍କୁ ଡ୍ରିଲ୍ କରାଇଲା ପରି କରାଇ ଯେଉଁସବୁ ସୁଖାଡ଼ମ୍ବରର ବିପୁଳ ଆୟୋଜନମାନ କରାଯାଉଛି, ସେହି କ୍ଷେତ୍ରରେ ମଧ୍ୟ ଏହିପରି ଯୁକ୍ତିଗୁଡ଼ାକୁ ହୁଏତ ଆହୁରି ବଢ଼ାଇକରି ବେଶ୍ ବାଢ଼ି ଦିଆଯାଇପାରିବ । ବ୍ୟକ୍ତିକୁ ଶିକ୍ଷା ଦେବାର ଦାୟିତ୍ୱ ଗ୍ରହଣ କରିଥିବା ଓ ତାହାର ଶାସନ କରୁଥିବା ରାଷ୍ଟ୍ର ହିଁ ସେଠାରେ ତା'ର ବୁଦ୍ଧିର କର୍ଷଣ କରାଇବା, ତାକୁ ନୀତିମାନ୍ କରାଇବା ଏବଂ ତାକୁ ବ୍ୟାବହାରିକ ବୁଦ୍ଧିମତ୍ତା ଓ କୁଶଳତା ଦ୍ୱାରା ସମ୍ପନ୍ନ ଓ ପୂର୍ଣ୍ଣଦକ୍ଷ କରି ରଖିବାର ଯାବତୀୟ କାର୍ଯ୍ୟକୁ ନିଜ ହାତରେ ନେଇ ରଖିଛି ଏବଂ ସେ ପ୍ରକୃତରେ ଇଚ୍ଛା କରୁଥାଉ ବା ନ କରୁଥାଉ, ସେ ଯେପରି ସର୍ବଦା ଓ ଆପଣା ଜୀବନର ସକଳ ବ୍ୟାପାରରେ କେବଳ ରାଷ୍ଟ୍ରଦ୍ୱାରା ବର୍ଣ୍ଣିତ ମାର୍ଗଟି ଅନୁସାରେ ପୂର୍ଣ୍ଣ ନିଷ୍ଠାର ସହିତ ବୁଦ୍ଧିସମ୍ପନ୍ନ, ନୀତିମାନ୍, କର୍ମକୁଶଳ ଏବଂ ସମ୍ପୂର୍ଣ୍ଣ ଭାବରେ ଦକ୍ଷ ଓ ନିପୁଣ ହୋଇ ରହିପାରିବ, ରାଷ୍ଟ୍ର ସେଇଟି ଉପରେ ମଧ୍ୟ ପୂର୍ଣ୍ଣ ଦୃଷ୍ଟି ରଖିଛି ଓ ସେହି କାର୍ଯ୍ୟଟିକୁ ମଧ୍ୟ ଆପଣା ହାତକୁ ନେଇଛି ।

'oaob.nitrkl.ac.in' images reprocessed

ମାତ୍ର ବଡ଼ ଦୁର୍ଭାଗ୍ୟର କଥା ହେଉଛି ଯେ ଏହାର ପୂର୍ବଗାମୀ ବ୍ୟକ୍ତିବାଦୀ ସିଦ୍ଧାନ୍ତଟି ପରି ଏହି ଚମତ୍କାର ସିଦ୍ଧାନ୍ତଟି ମଧ୍ୟ ଆପଣାର ସ୍ୱନିର୍ଦ୍ଦେଶିତ ବିଶ୍ୱର ଏବଂ ମନୁଷ୍ୟପ୍ରକୃତିର ବାସ୍ତବ ସତ୍ୟଟି ମଧ୍ୟରେ ରହିଥିବା ବିଷମତାଟି ସହିତ ଧକ୍କା ଖାଇ ଝୁଣ୍ଟି ପଡ଼ିଯିବାକୁ ନିଶ୍ଚୟ ବାଧ୍ୟ ହେବ । କାରଣ ମନୁଷ୍ୟର ପ୍ରକୃତି ଯେ ଏକ ଜଟିଳ ଓ ବହୁମୁଖୀ ପ୍ରକୃତି, ଏହି ସିଦ୍ଧାନ୍ତ ସେହି ସତ୍ୟଟିକୁ ଆଦୌ ସ୍ୱୀକାର କରିନାହିଁ ; ଏହି ଜଟିଳତା ବା ବହୁମୁଖିତା କହିଲେ ପ୍ରକୃତରେ କ'ଣ ବୁଝାଏ, ଏହି ସିଦ୍ଧାନ୍ତଟି ସେକଥାକୁ ମଧ୍ୟ ଆଖି ବୁଜିଦେଇଛି । ଏବଂ ମଣିଷ ଭିତରେ ଯେଉଁ ଆତ୍ମା ରହିଛି, ସ୍ୱାଧୀନତା ଲାଗି ତାହାର ଯେଉଁ ପରମ ଆବଶ୍ୟକତାଟି ରହିଛି, ଏହି ସିଦ୍ଧାନ୍ତ ବିଶେଷତଃ ସେହି ସତ୍ୟଟିକୁ ଅସ୍ୱୀକୃତ କରି ରଖିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ମଣିଷ ନିଜର ନିମ୍ନତର ପ୍ରକୃତିଗୁଡ଼ିକର ନିୟନ୍ତ୍ରଣରୁ ମଧ୍ୟ ମୁକ୍ତିଲାଭ କରିବା'ର ଆବଶ୍ୟକତା ରହିଛି, କାରଣ ସେ ଯେଉଁ ସମଗ୍ର ସ୍ୱାଧୀନତାଟି ଲାଗି ସଂଗ୍ରାମ କରି ଚାଲିଛି, ଏଇଟି ମଧ୍ୟ ତା'ର ଗୋଟିଏ ଅଂଶ ; ମାତ୍ର ତା'ଭିତରେ କ୍ରମଶଃ ବୃଦ୍ଧି ପାଉଥିବା ଏକ ଆତ୍ମନିୟନ୍ତ୍ରଣର ମଧ୍ୟ ଆବଶ୍ୟକତା ରହିଛି ; ଏବଂ ଅନ୍ୟମାନଙ୍କର ମନ ବା ଅନ୍ୟମାନଙ୍କର ଇଚ୍ଛା ଯେ ଯାନ୍ତ୍ରିକ ଭାବରେ ତାକୁ ନିୟନ୍ତ୍ରିତ ବା ନିୟମବଦ୍ଧ କରି ରଖୁ, ସେ ଏକଥା ଆଦୌ ଇଚ୍ଛା କରୁନାହିଁ । ମନୁଷ୍ୟ ଆପଣା ଲାଗି ଯେଉଁ ପରିପୂର୍ଣ୍ଣତା ଖୋଜୁଛି, ଆଦେଶ ପାଳନ କରିବାକୁ ମଧ୍ୟ ଆମେ ସେହି ପରିପୂର୍ଣ୍ଣତାର ପଥରେ ଏକ ଅଂଶ ବା ଅଙ୍ଗ ବୋଲି ଅବଶ୍ୟ କହିବା ; ମାତ୍ର ଏହି କ୍ଷେତ୍ରରେ ସେ ସ୍ୱାଧୀନ ଓ ସ୍ୱଭାବପ୍ରେରିତ ଭାବରେ ହିଁ ଏକ ଯଥାର୍ଥ ନିର୍ଦ୍ଦେଶିକା ଶକ୍ତିର ଆଦେଶ ମାନିବାକୁ ଚାହୁଁଛି, କୌଣସି ଯାନ୍ତ୍ରିକବିଧାନସର୍ବସ୍ୱ ସରକାର କିମ୍ବା ଶାସନର ଆଦେଶ ବା ହୁକୁମ ଅନୁସାରେ କାର୍ଯ୍ୟ କରିବାକୁ ଆଦୌ ଚାହୁଁନାହିଁ । ସମୂହସତ୍ତାକୁ ଆମେ ଅବଶ୍ୟ ଏକ ବାସ୍ତବ ସତ୍ୟ ବୋଲି କହିବା ; ସମଗ୍ର ମାନବଜାତିକୁ ମଧ୍ୟ ଏକ ସମୂହସତ୍ତା ବୋଲି ନିଶ୍ଚୟ କୁହାଯାଇପାରିବ । ମାତ୍ର ଏହି ସତ୍ତା ହେଉଛି ଏକ ଆତ୍ମିକ ସତ୍ତା, ଏକ ଜୀବନମୟ ସତ୍ତା ; ତାହା କେବଳ ମନ ନୁହେଁ କି କେବଳ ଶରୀର ମଧ୍ୟ ନୁହେଁ । ପ୍ରତ୍ୟେକ ସମାଜ ଏହି ବୃହତ୍ତର ମାନବସମାଜର ପ୍ରାୟ ଏକ ଉପ-ଆତ୍ମା ବା ଗୋଷ୍ଠୀ-ଆତ୍ମାରୂପେ ବିକାଶଲାଭ କରିଥାଏ ; ଏବଂ ତାହା ସଙ୍ଗେ ସଙ୍ଗେ ଆପଣା ଲାଗି ଏକ ସାଧାରଣ ଭାବଦୃଷ୍ଟି, ସାମଗ୍ରିକ ଚରିତ୍ର ଓ ମନୋଭାବର ମଧ୍ୟ ବିକାଶ ଘଟାଇଥାଏ ; ଏପରି କେତୋଟି ନିର୍ଦ୍ଦିଷ୍ଟ ବିଶ୍ୱର ଏବଂ ପ୍ରବୃତ୍ତିର ବିକାଶ କରାଏ, ଯାହାଦ୍ୱାରା କି ତାହା ଆପଣାକୁ ପରିଚାଳିତ କରୁଥାଏ ଯାହାର ସାହାଯ୍ୟରେ ଆପଣାର ଜୀବନକୁ ଓ ଆପଣା ଅନୁଷ୍ଠାନଗୁଡ଼ିକୁ ମଧ୍ୟ ଆକାର ଦେବାରେ ଲାଗିଥାଏ । ମାତ୍ର କୌଣସି ସମାଜ ବା ସମୂହ ଭିତରେ ଏପରି ଏକ ସର୍ବସାମାନ୍ୟ ବୁଦ୍ଧି କିମ୍ବା ଇଚ୍ଛା ଆଦୌ କେବେହେଲେ ହୋଇ ନ ଥାଏ, ଯାହାକୁ କି ଆମେ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ-ଦେଇପାରିବା ବା ଯାହାକି ସେହି ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ସମାନ ଓ ଅବିକଳ ଭାବରେ ଅବସ୍ଥିତ ରହିଛି ବୋଲି କହିପାରିବା । କାରଣ ପ୍ରକୃତ କ୍ଷେତ୍ରରେ

'oaob.nitrkl.ac.in' images reprocessed

କେବଳ ନାନା ସ୍ୱତନ୍ତ୍ର ମତ, ନାନା ସ୍ୱତନ୍ତ୍ର ଇଚ୍ଛା ତଥା ନାନା ସ୍ୱତନ୍ତ୍ର ଜୀବନକୁ ନେଇ ହିଁ ଗୋଷ୍ଠୀର ଜୀବନ-ସଂଗ୍ରାମରେ ଆପଣାକୁ କାର୍ଯ୍ୟକାରୀ କରିଥାଏ ଓ ପ୍ରଧାନତଃ ଏହି ବହୁବିଧତା ବା ସ୍ୱତନ୍ତ୍ରତା ଯେତିକି ଅବିଚ୍ଛିନ୍ନ ଓ ଐଶ୍ୱର୍ଯ୍ୟସମ୍ପନ୍ନ ଭାବରେ କାର୍ଯ୍ୟକାରୀ ହୋଇ ରହିଥାଏ, ତାହାରି ଉପରେ ହିଁ ଗୋଷ୍ଠୀଜୀବନର ପ୍ରାଣବନ୍ତତା ପ୍ରଧାନତଃ ନିର୍ଭର କରୁଥାଏ । ପ୍ରକୃତ ବ୍ୟାପାରଟି ଏହିପରି ହୋଇଥିବାରୁ ସଂଗଠିତ ରାଷ୍ଟ୍ରଶାସନ କହିଲେ ସର୍ବଦା କେବଳ କେତେଜଣ ବ୍ୟକ୍ତିଙ୍କର ଶାସନକୁ ହିଁ ବୁଝାଇବ; ତତ୍ତ୍ୱତଃ ସେହି କେତେଜଣ ପ୍ରକୃତରେ ସଂଖ୍ୟାଲଘୁ ହୋଇ ରହିଛନ୍ତି କିମ୍ବା ସଂଖ୍ୟାଗରିଷ୍ଠର ପ୍ରତିନିଧିତ୍ୱ କରୁଛନ୍ତି, ଆଗର ସେଥିରେ ଖୁବ୍ ବେଶି ମୌଳିକ ପାର୍ଥକ୍ୟ ଉପୁଜିବ ନାହିଁ । କାରଣ ଯେତେବେଳେ କୌଣସି ସମୂହରେ ସଂଖ୍ୟାଗରିଷ୍ଠଙ୍କ ନାମରେ ମଧ୍ୟ ଶାସନ ଚାଲିଥାଏ, ସେତେବେଳେ ମଧ୍ୟ ବସ୍ତୁତଃ ଅପେକ୍ଷାକୃତ କମ୍‌ସଂଖ୍ୟକ ଏବଂ ଦକ୍ଷ ବୋଲି ବିବେଚିତ ବ୍ୟକ୍ତିଙ୍କର ବୁଦ୍ଧି ଓ ଇଚ୍ଛା ହିଁ ସମୂହର ଯାବତୀୟ ବ୍ୟାପାରକୁ ଶାସନ ଓ ନିୟନ୍ତ୍ରଣ କରୁଥାଏ ଏବଂ କୌଣସି ସମୂହ ବୁଦ୍ଧି ବା ଇଚ୍ଛା ଶାସକ ହୋଇ ବସି ନ ଥାଏ । * ଅବଶ୍ୟ ଏକଥା ସତ୍ୟ ଯେ ଅର୍ଦ୍ଧମୋହିତ ବା ଅର୍ଦ୍ଧବଶ ହୋଇ ରହିଥିବା ଜନଗଣଙ୍କର ସମ୍ମତି ନେଇ ହିଁ ଅଳ୍ପସଂଖ୍ୟକ ବ୍ୟକ୍ତି ସମାଜର ଶାସନ କରୁଥାନ୍ତି । ଏକଥା ମଧ୍ୟ ଅନୁମାନ କରିନେବାପାଇଁ ଆଦୌ କୌଣସି ଯୁକ୍ତି ନାହିଁ ଯେ ବୃହତ୍ତର ଜନସମୂହ ଆପଣାର ବୁଦ୍ଧି ଦ୍ୱାରା ହିଁ ପୂର୍ଣ୍ଣରୂପେ ପରିଚାଳିତ ନ କରିବା-ଯାଏ ଏବଂ ସେମାନଙ୍କର ମନ ପୂର୍ଣ୍ଣରୂପେ ବିକଶିତ ନ ହେବାଯାଏ ରାଷ୍ଟ୍ରଦ୍ୱାରା ରାଜ୍ୟର ଶାସନ କରିବାର ଯେଉଁ ବାସ୍ତବ ଆବଶ୍ୟକତାଟି ବର୍ତ୍ତମାନ ରହିଛି, ରାଷ୍ଟ୍ରର ସାମାଜୀକରଣ କରିଦେବା ସଙ୍ଗେ ସଙ୍ଗେ ସେଥିରେ ମଧ୍ୟ କୌଣସି ପରିବର୍ତ୍ତନ ଘଟିଯିବ ।

ପୂର୍ବକାଳର ଅବୈଦିକ ସମାଜଗୁଡ଼ିକରେ ଅନ୍ତତଃ ସେଗୁଡ଼ିକର ପ୍ରଥମ ପର୍ଯ୍ୟାୟରେ, ପ୍ରକୃତରେ ରାଷ୍ଟ୍ର ଜନଗଣର ଶାସନ କରୁ ନ ଥିଲା, ମାତ୍ର ଆପଣାର

---

* ଅନ୍ୟ ଦେଶମାନଙ୍କ କଥା ଛାଡ଼ିଦେଲେ ହେବ; ମାତ୍ର କମ୍ୟୁନିଷ୍ଟ ରୁଷିଆ ଏବଂ ଜାତୀୟ ସମାଜବାଦୀ ଜର୍ମାନୀରେ ମଧ୍ୟ ଏହି ସତ୍ୟଟି ସ୍ପଷ୍ଟ ଅବା ଜଳଜଳ ହୋଇ ଦେଖା-ଯାଉଛି । ମୁକୁଟଧାରୀ ଅଥବା ମୁକୁଟହୀନ ଜଣେ ଅଧିପତି ରାଜା ଲାଗି,—ଜଣେ ଡିକ୍ଟେଟର, ଜାତୀୟ ନେତା, Duce ବା Fuehrer ଲାଗି,—ମନୁଷ୍ୟ-ସମାଜର ଯେଉଁ ଆବଶ୍ୟକତା ରହିଛି, ତାହା ନିଜକୁ ବଡ଼ ଶକ୍ତିଶାଳୀ ଭାବରେ ପୁନଃପ୍ରତିଷ୍ଠିତ କରି-ପାରିଛି; ଦେଢ଼ ଶହ ବର୍ଷର ଗଣତନ୍ତ୍ର-ଶାସନର ସର୍ବଶେଷ ପରିଣାମରୂପେ ରୁଷରେ ଏକ ସମ୍ଭ୍ରାନ୍ତ ଗୋଷ୍ଠୀର ହିଁ ଶାସନ ବା ପ୍ରଶାସନ ଚାଲିଛି ଏବଂ ତାହାହିଁ ସର୍ବହରା ଶ୍ରେଣୀ କ୍ଷମତାକୁ ଆସିବ ବୋଲି ଯାହା ଅନୁମାନ କରାଯାଉଥିଲା, ତାହାର ସର୍ବପ୍ରଥମ ବସ୍ତୁସ୍ୱୀକାର ଫଳରୂପେ ଆପଣାକୁ ପ୍ରକଟ କରିଦେଇଛି ।

'oaob.nitrkl.ac.in' images reprocessed

ଅଭିବ୍ୟକ୍ତିଟିକୁ କ୍ରମଶଃ ବିବର୍ତ୍ତିତ କରି ଆଣୁଥିବା ସ୍ୱୟଂ ଗୋଷ୍ଠୀ-ଆତ୍ମା ହିଁ ଆପଣାକୁ ନାନା ସାଂସ୍କାରିକ ଅନୁଷ୍ଠାନ ତଥା ଆତ୍ମ-ଅନୁଶାସନରୂପେ ସଂଗଠିତ କରିନେଇଥିଲା ଓ ସମସ୍ତେ ତାହାରି ଅନୁସାରେ ହିଁ ଚଳୁଥିଲେ । କାରଣ ଶାସକମାନେ କେବଳ ସେହି ଗୋଷ୍ଠୀ-ଆତ୍ମାର କାର୍ଯ୍ୟସାଧକ ନିମିତ୍ତମାତ୍ର ହୋଇ ରହୁଥିଲେ । ଏଇଟି ଦ୍ୱାରା ମଧ୍ୟ ବ୍ୟକ୍ତି ସମାଜର ଅତିବେଶି ଅଧୀନ ହୋଇ ରହୁଥିଲା, ମାତ୍ର ବ୍ୟକ୍ତି ତାହାକୁ ପ୍ରକୃତରେ ଅନୁଭବ କରିପାରୁ ନ ଥିଲା ; କାରଣ ସେତେବେଳେ ମଧ୍ୟ ବ୍ୟକ୍ତିବାଦୀ ବିଗ୍ରହଟିର ଜନ୍ମ ହୋଇ ନ ଥିଲା ଏବଂ ସମାଜରେ ଯେତେବେଳେ କୌଣସି ବ୍ୟତିକ୍ରମ ବା ବିଭିନ୍ନତା ଦେଖାଦେଉଥିଲା, ସେତେବେଳେ କୌଣସି ନା କୌଣସି ଉପାୟରେ ଏବଂ ବଡ଼ ସ୍ୱାଭାବିକ ଭାବରେ ସେଥିଲାଗି ଜାଗା ବି ଛାଡ଼ିଦିଆଯାଉଥିଲା । କେତେକ କ୍ଷେତ୍ରରେ ସାମାଜିକ ବ୍ୟତିକ୍ରମ ବା ବିଭିନ୍ନତା ଲାଗି ଏତେ ଉଲ୍ଲେଖଯୋଗ୍ୟ ଭାବରେ ସୁଯୋଗ ଦିଆଯାଉଥିଲା, ଯାହାକୁ କି ଯେ କୌଣସି ରାଷ୍ଟ୍ରୀୟ ଶାସନ ସାଧାରଣତଃ ଦବାଇ-ଦେବାକୁ ହିଁ ପ୍ରବୃତ୍ତ ହୋଇଥାଏ । ରାଷ୍ଟ୍ରଶାସନର ପ୍ରାଦୁର୍ଭାବ ବଢ଼ିବା ସଙ୍ଗେ ସଙ୍ଗେ ଆମେ ସାଧାରଣତଃ ସଂଖ୍ୟାଗରିଷ୍ଠ ପକ୍ଷ ସଂଖ୍ୟାଲଘୁ ପକ୍ଷକୁ ପ୍ରକୃତରେ ଦବାଇ ରଖିଥିବାର ଅଥବା ସେମାନଙ୍କ ଉପରେ ନାନା ଅତ୍ୟାଚାର କରୁଥିବାର ଦେଖିବାକୁ ପାଇବା, କିମ୍ବା ସଂଖ୍ୟାଲଘୁ ପକ୍ଷଟି ସଂଖ୍ୟାଗରିଷ୍ଠଙ୍କ ଉପରେ ଅତ୍ୟାଚାର କରୁଥିବାର ମଧ୍ୟ ଦେଖିବାକୁ ପାଇପାରିବା ; ଅଥବା ସମୂହ ବ୍ୟକ୍ତି ଉପରେ ଏବଂ ସର୍ବଶେଷରେ ରାଷ୍ଟ୍ର-ରୂପୀ ଦୁର୍ଦ୍ଦଣ୍ଡ ଯନ୍ତ୍ରଟି ସମସ୍ତଙ୍କ ଉପରେ ଅତ୍ୟାଚାର କରୁଥିବାର ଓ ସମସ୍ତଙ୍କୁ ଦବାଇ କରି ରଖିଥିବାର ବେଶ୍ ଦେଖିବାକୁ ପାଇବା । ଗଣତାନ୍ତ୍ରିକ ସ୍ୱାଧୀନତା ଦବାଇ ରଖିବାର ଏହି ପ୍ରବୃତ୍ତିଟିକୁ ଯଥାସମ୍ଭବ କମ୍ କରି ରଖିବାକୁ ଚେଷ୍ଟା କଲା, ବ୍ୟକ୍ତି ଲାଗି ସ୍ୱାଧୀନ ବିଚରଣର ଏକ ନିର୍ଦ୍ଦିଷ୍ଟ ଭୂମି ଛାଡ଼ିଦେଲା ଏବଂ ରାଷ୍ଟ୍ରର ଭୂମିକାଟିକୁ ଯଥାସମ୍ଭବ ସୀମା ଭିତରେ ରଖିବାକୁ ଚେଷ୍ଟା କଲା । ମାତ୍ର ଗଣତନ୍ତ୍ର ଯେଉଁଆଡ଼େ ଯାଏ, ସମୂହବାଦର ମୁହଁଟି ଠିକ୍ ତା'ର ବିପରୀତ ଦିଗକୁ ହୋଇ ରହିଥାଏ ; ବ୍ୟକ୍ତିର ସ୍ୱାଧୀନ-ଇଚ୍ଛା ଲାଗି ଏହା କୌଣସି ଖାଲି ଜାଗା ଛାଡ଼ି ରଖିବାକୁ ଇଚ୍ଛା କରେ ନାହିଁ ଏବଂ ଉଚ୍ଚବିକଶିତ ଏକ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଏହା ବ୍ୟକ୍ତିକୁ ଯେତିକି ବୃଦ୍ଧି-ଆୟତ୍ତ କରି ରଖିବାର ବିଧାନ କରେ, ଏହି ଦବାଇ ରଖିବାଟି ସେତିକି ଅଧିକ ପରିମାଣରେ ଅନୁଭୂତ ହେଉଥାଏ । ଅବଶ୍ୟ ଯେତେବେଳେ ବିଚାରର ସକଳ ସ୍ୱାଧୀନତାକୁ ପୂର୍ଣ୍ଣ ଭାବରେ ନାକଚ କରିଦିଆଯାଏ ଏବଂ ସମସ୍ତଙ୍କର ମନକୁ ଜବରଦସ୍ତି ଭାବନାର ଗୋଟିଏ ମାତ୍ର ଗାଳା ଭିତରେ ଆଣି ପକାଇଦିଆଯାଏ, ସେତେବେଳେ ଏକ ଅନ୍ୟ କଥା ହୁଏ ।

ଆପଣାର ବୃଦ୍ଧି ଓ ବିକାଶ ସକାଶେ ମନୁଷ୍ୟ ବିଚାର କରିବାର ସ୍ୱାଧୀନତା ଦରକାର କରେ, ଆପଣା ଜୀବନଟିକୁ ବଞ୍ଚିବାର ତଥା ଆପଣାର କାର୍ଯ୍ୟଗୁଡ଼ିକୁ କରି ପାରିବାର

'oaob.nitrkl.ac.in' images reprocessed

ସ୍ୱାଧୀନତା ଦରକାର କରେ । ଏହି ସ୍ୱାଧୀନତାଗୁଡ଼ିକ ନ ପାଇଲେ ସିଏ ଯେଉଁଠି ଥିଲା ସେଇଠି ସ୍ଥାଣୁ ହୋଇ ରହିଯାଏ, ତା'ର ବିକାଶ ଖର୍ବ ହୋଇ ରହେ, ତା'ର ଗତିଶୀଳତା ଲୁପ୍ତ ହୋଇଯାଏ । ତା'ର ବ୍ୟକ୍ତି ମନ ଏବଂ ବ୍ୟକ୍ତିଗତ ବୁଦ୍ଧିର ଉପଯୁକ୍ତ ବିକାଶ ହୋଇ ନ ପାରିଲେ ସେ ଅବବୌଦ୍ଧିକ ସ୍ତରର ମନଟି ପରି ହୁଏତ କେବଳ ସମୂହର ଆତ୍ମାଟି ଭିତରେ, କେବଳ ଦଳ ବା ସମଷ୍ଟି ଭିତରେ ହିଁ ବିକଶିତ ହେବାଲାଗି ଆପଣାର ସମ୍ମତି ଦେଇପକାଏ ଏବଂ ପ୍ରକୃତିର ନିମ୍ନତର ସୋପାନଗୁଡ଼ିକରେ ରହିଥିବା ପ୍ରଜାତିମାନଙ୍କ ମଧ୍ୟରେ ଯେଉଁମାନେ ଗତି କରୁଛନ୍ତି, ସେହିମାନଙ୍କ ସହିତ ଏକ ସୂକ୍ଷ୍ମ ଅର୍ଦ୍ଧଚେତନ ସାଧାରଣ ବିବର୍ତ୍ତନର ହିଁ ଅନ୍ତର୍ଗତ ହୋଇ ରହିଯାଏ । ମାତ୍ର ଆପଣାର ବ୍ୟକ୍ତି-ଇଚ୍ଛା ଓ ବ୍ୟକ୍ତିଗତ ବୁଦ୍ଧି ଶକ୍ତିର ବିକାଶସାଧନ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ବିଭିନ୍ନସ୍ୱାଧୀନତା ଏବଂ ବିଚିତ୍ରତା ନିମିତ୍ତ ମାନ ଅନୁଶୀଳନ କରିପାରିବା ଲାଗି ସେ ଯଥେଷ୍ଟ ଓ ଉପଯୁକ୍ତ ପରିସର ଲୋଡ଼ିଥାଏ ଏବଂ ସମାଜକୁ ମଧ୍ୟ ତାକୁ ସେହି ପରିସରଟିକୁ ଯୋଗାଇଦେବାକୁ ପଡ଼େ । ଅନ୍ତତଃ ତଦ୍ଦ୍ୱାରା ଯେପର୍ଯ୍ୟନ୍ତ ଅନ୍ୟମାନଙ୍କ ଲାଗି ଏବଂ ସମଗ୍ରଭାବରେ ସମାଜଟି ଲାଗି କୌଣସି ପରିହାର୍ଯ୍ୟ କ୍ଷତି ଆସି ନ ପହଞ୍ଚେ, ସେପର୍ଯ୍ୟନ୍ତ ଅବଶ୍ୟ ଯୋଗାଇ-ଦେବାକୁ ପଡ଼େ । ବ୍ୟକ୍ତିର ମନ ଯେତେବେଳେ ଆପଣାର ପୂର୍ଣ୍ଣ ବିକାଶ ତଥା ମୁକ୍ତ ବିଚରଣଲାଗି ଉପଯୁକ୍ତ ପରିସର ପାଏ, ସେତେବେଳେ ଏହି ବିକାଶଟି ଫଳରେ ଏକ ବିପୁଳ ବୈଚିତ୍ର୍ୟର ସହିତ ମୁକ୍ତି ବା ସ୍ୱାଧୀନତାର ଆବଶ୍ୟକତାର ମଧ୍ୟ ବୃଦ୍ଧି ହେବାରେ ଲାଗିଥାଏ; ଏବଂ ସେତିକିବେଳେ ଯଦି କେବଳ ଭାବନା ଏବଂ ବୁଦ୍ଧି ଲାଗି ଏକ ମୁକ୍ତ ବିଚରଣର ଅନୁମତି ଦିଆଯାଏ ଏବଂ ଜୀବନର ଅତିରିକ୍ତ ନିୟନ୍ତ୍ରଣଦ୍ୱାରା ଜୀବନକ୍ଷେତ୍ରରେ ବୁଦ୍ଧିସମ୍ପନ୍ନ ଇଚ୍ଛାଟିକୁ ମୁକ୍ତଭାବରେ କାର୍ଯ୍ୟକାରୀ ହେବାରୁ ନିଷିଦ୍ଧ କରି ରଖାଯାଏ, ତେବେ ସେଇଥିରୁ ହିଁ ଏକ ଅସହ୍ୟ ବିରୋଧ ଏବଂ ମିଥ୍ୟା ଜନ୍ମଲାଭ କରିଥାଏ । ବାହାରୁ ଦେଖିବାକୁ ସମାଜର ସମୂହଧର୍ମୀ ବ୍ୟବସ୍ଥାଟିର ଦୃଢ଼ ଶୃଙ୍ଖଳାବଦ୍ଧତା, ଅର୍ଥନୀତିଗତ ବିକାଶ ଏବଂ ଦକ୍ଷତା ଅର୍ଜନ କରିବାର ନାନା ସାଧନ ତଥା ବୁଦ୍ଧିର ବୈଜ୍ଞାନିକ ସନ୍ତୋଷବିଧାନ ଦ୍ୱାରା ଯେଉଁସବୁ ପ୍ରଭୂତ ଉପକାର ସାଧିତ ହେଉଥାଏ, ସେହିଗୁଡ଼ିକ ଦୃଷ୍ଟିରୁ ମନୁଷ୍ୟମାନେ ସେହି ବିରୋଧ ଏବଂ ମିଥ୍ୟାଟିକୁ ଅନ୍ତତଃ କେତେ ସମୟଲାଗି ଚୁପ୍ ହୋଇ ସହ୍ୟ କରିନିଅନ୍ତି ; ମାତ୍ର ଉପଲବ୍ଧ ଏହିସବୁ ଲାଭ ଓ ଉପକାର ଯେତେବେଳେ କ୍ରମେ ଏକ ସ୍ୱାଭାବିକ ଦୈନନ୍ଦିନତାରେ ପରିଣତ ହେବାକୁ ଲାଗେ ଏବଂ ତନ୍ନିହିତ ଦୋଷଗୁଡ଼ିକ ଯେତେବେଳେ ଅଧିକ ପରିମାଣରେ ଓ ପ୍ରଧାନଭାବରେ ଅନୁଭୂତ ହୁଏ, ସେତେବେଳେ ସମାଜର ସବୁଠାରୁ ଅଧିକ ଦୃଷ୍ଟିସମ୍ପନ୍ନ ଓ ଶକ୍ତିଶାଳୀ ମନଭିତରେ ତାହା ବିରୁଦ୍ଧରେ ତୀବ୍ର ଅସନ୍ତୋଷ ଆସି ଦେଖାଦିଏ ଏବଂ ତାହା ଏକ ବିଦ୍ରୋହରୂପେ ଆପଣାକୁ ପ୍ରକଟ କରିବାକୁ ଲାଗେ । ତା'ପରେ ସେହି ଅସନ୍ତୋଷ ଓ ବିଦ୍ରୋହ ସମୁଦାୟ ଜନଗଣଟି ମଧ୍ୟକୁ ସଞ୍ଚାରିତ ହୋଇଯାଏ । ଏହିଭଳି ପରିସ୍ଥିତି-ମାନଙ୍କରେ ଏହି ବୌଦ୍ଧିକ ତଥା ପ୍ରାଣିକ ଅସନ୍ତୋଷ ହୁଏତ ନୈରାଜ୍ୟବାଦୀ ଭାବନାର

'oaob.nitrkl.ac.in' images reprocessed

ଏକ ରୂପ ଗ୍ରହଣ କରିପାରେ ; କାରଣ ଏହି ନୈରାଜ୍ୟବାଦୀ ଭାବନା ହିଁ ଅନ୍ତର୍ଜୀବନରେ ମୁକ୍ତ ବ୍ୟକ୍ତିତ୍ୱ ଓ ସ୍ୱାଧୀନତା ଲାଗି ଏହି ଆବଶ୍ୟକତା ଏବଂ ବିଦ୍ରୋହର ଜନନୀରୂପେ କାର୍ଯ୍ୟ କରୁଥିବା ସେହି ଆବଶ୍ୟକତାର ବହିଃପ୍ରକାଶକୁ ଅବିକଳ ତା'ର ସେହି କାମ୍ୟ ଆଦର୍ଶଟିକୁ ଆଣି ଯୋଗାଇଦିଏ ; ଏବଂ ପ୍ରତ୍ୟେକ ନୈରାଜ୍ୟବାଦୀ ଭାବନାରେ ସର୍ବଦା ସମାଜବାଦୀ ବ୍ୟବସ୍ଥାଟିକୁ ଭାଙ୍ଗି ଓଲଟପାଲଟ କରିଦେବାର ବୀଜଟି ମଧ୍ୟ ନିହିତ ହୋଇ ରହିଥାଏ । ଆପଣାର ନିର୍ଦ୍ଦିଷ୍ଟ ଜୀବନଗ୍ରନ୍ଥଗୁଡ଼ିକର ଅନୁକୂଳ ହେଲାଭଳି ଏକ ଶିକ୍ଷାର ପ୍ରବର୍ତ୍ତନ କରି ହୁଏତ ରାଷ୍ଟ୍ର ସେହି ନୈରାଜ୍ୟବାଦୀ ଭାବନା ସହିତ ଯୁଝି ବାହାରିପାରେ ; ଆପଣାର ଏହି ଶିକ୍ଷାବ୍ୟବସ୍ଥାଟି ବଳରେ ତାହା ରାଜ୍ୟର ନାଗରିକକୁ ନିର୍ଦ୍ଦିଷ୍ଟ ଓ ନିର୍ବାଚିତ କେତୋଟି ବିଚାର, ମୌଳିକ ଦୃଷ୍ଟିଭଙ୍ଗୀ ଓ ପ୍ରବଣତାର କବାୟଦ ଭିତରେ ବଡ଼ ଚମତ୍କାରଭାବରେ ମଣି କରି ରଖିବାକୁ ଚାହୁଁଥାଏ ; ସମାଜର ଯାବତୀୟ ବ୍ୟାପାର ଏହାପୂର୍ବରୁ ଅବବୌଦ୍ଧିକ ଢଙ୍ଗରେ ଚାଲୁଥିଲାବେଳେ ଯେପରି ହେଉଥିଲା, ସେହିପରି କରି ରଖିବାକୁ ଇଚ୍ଛା କରୁଥାଏ । କଥା କହିବାର ତଥା ଚିନ୍ତା କରିବାର ସ୍ୱାଧୀନତାକୁ ଦବାଇରଖି ସମସ୍ତଙ୍କୁ କେବଳ ଗୋଟିଏ ମନର, ଗୋଟିଏ ଭାବର ଏବଂ ଗୋଟିଏ ମତର କରି ତାଲିମ ଦେବାଦ୍ୱାରା ଓ ବାଧ୍ୟ କରି ରଖିବାଦ୍ୱାରା ମଧ୍ୟ ତାହା ନୈରାଜ୍ୟବାଦ ସହିତ ଯୁଝିବାକୁ ଆସେ । ମାତ୍ର ବୁଦ୍ଧିଦ୍ୱାରା ପରିଚାଳିତ ହେବାକୁ ନୀତିରୂପେ ଗ୍ରହଣ କରିଥିବା ଏକ ସମାଜରେ ଏହି ପ୍ରତିକାରଟି କେବଳ ଆତ୍ମବିରୋଧୀ ହିଁ ସାବ୍ୟସ୍ତ ହୋଇଥାଏ, ତାହା ଉଦ୍ଦିଷ୍ଟ କାର୍ଯ୍ୟଟିକୁ ଆଦୌ ସାଧନ କରିପାରେ ନାହିଁ ; ଅଥବା ସାଧନ କରିପାରିଲେ ମଧ୍ୟ ଯେଉଁ ଅନର୍ଥଟି ସହିତ ତାହା ଯୁଝିବାକୁ ଯାଉଥାଏ, ସ୍ୱୟଂ ତା'ଠାରୁ ବଳି ଏକ ଅନର୍ଥରେ ପରିଣତ ହୁଏ । ଅପର ପକ୍ଷରେ ଯଦି ପ୍ରଥମରୁ ହିଁ ଚିନ୍ତା କରିବାର ସ୍ୱାଧୀନତାକୁ ନିଷିଦ୍ଧ କରି ରଖାଯାଏ, ତେବେ ତଦ୍ଦ୍ୱାରା ବୁଦ୍ଧିପ୍ରଧାନ ଯୁଗଟିକୁ ହିଁ ତଣ୍ଟି ଚିପି ମାରିଦିଆଯାଏ ଏବଂ ବୁଦ୍ଧିଦ୍ୱାରା ପରିଚାଳିତ ଏକ ସମାଜର ଆଦର୍ଶଟିକୁ ମଧ୍ୟ ମୃତ୍ୟୁଦଶା ଭୋଗିବାକୁ ପଡ଼େ । କେବଳ ଏକ ସଙ୍କୀର୍ଣ୍ଣ ଓ ନିର୍ଦ୍ଦିଷ୍ଟ ଗୁଳାଟିକୁ ଛାଡ଼ି ଅନ୍ୟ ଯାବତୀୟ କ୍ଷେତ୍ରରେ ମନୁଷ୍ୟରୂପୀ ମନୋମୟ ସତ୍ତାଟିକୁ ତା'ର ମନକୁ କାମରେ ଲଗାଇବାର ସ୍ୱାଭାବିକ ଧର୍ମଟିରୁ ବଞ୍ଚିତ କରି ରଖାଗଲେ ତଦ୍ଦ୍ୱାରା ମନୁଷ୍ୟର ବିକାଶ ଅଧାରୁ ବନ୍ଦ ହୋଇଯାଏ ଏବଂ ମନୁଷ୍ୟ କ୍ରମେ ପଶୁ ବା ପତଙ୍ଗ ପରି ଏକ ଗତିରହିତ ଜୀବରେ ମଧ୍ୟ ପରିଣତ ହୋଇଯାଏ ।

ଏହି ସର୍ବପ୍ରଧାନ ଦୋଷଟିରେ ହିଁ ଏକ ସମାଜବାଦୀ ରାଷ୍ଟ୍ରକୁ ଅଯଥେଷ୍ଟତା ଦ୍ୱାରା ଦଣ୍ଡିତ ହେବାକୁ ପଡ଼େ ଏବଂ ଏକ ନୂତନ ଆଦର୍ଶ ବିକାଶ ଲାଭ କରିବା ପୂର୍ବରୁ ତାହାକୁ ତିରସ୍କୃତ ହୋଇ ବିଦାୟ ନେଇଯିବାକୁ ପଡ଼େ । ବ୍ୟକ୍ତିର ଜୀବନ ଉପରେ ରାଷ୍ଟ୍ରଗତ ସଙ୍ଗଠନର ଚାପଟି ବର୍ତ୍ତମାନ ମଧ୍ୟ ଏପରି ଦୃଢ଼ଭାବରେ ପଡ଼ିବାକୁ ଆରମ୍ଭ କଲାଣି ଓ ଏପରି ଏକ ଅବସ୍ଥାରେ ଆସି ପହଞ୍ଚିଲାଣି, ଯାହାକି କ୍ରମେ ଅସହ୍ୟ ହୋଇପଡ଼ିଲାଣି ।

'oaob.nitrkl.ac.in' images reprocessed

ବର୍ତ୍ତମାନ ଏହା ଯେପରି ଚାଲୁଛି, ଯଦି ଅବିଚ୍ଛିନ୍ନ ଭାବରେ ତାହାହିଁ ଚାଲିବାରେ ଲାଗେ, ଅର୍ଥାତ୍ ଅପେକ୍ଷାକୃତ ଅଳ୍ପସଂଖ୍ୟକ ମଣିଷଙ୍କଦ୍ୱାରା ବ୍ୟକ୍ତିର ଜୀବନ ଏହିପରି ନିୟନ୍ତ୍ରିତ ଓ ଶାସିତ ହେବାରେ ଲାଗିଥାଏ ଏବଂ ବାହାରେ ଛଳନା କରି ଯାହା ପ୍ରଚାର କରାଯାଉଛି, ଯଦି ସାଧାରଣଙ୍କର ଇଚ୍ଛା ଓ ସାଧାରଣଙ୍କର ବୁଦ୍ଧିକୁ ହିଁ ନିୟାମକର ସ୍ଥାନରେ ବସାଇ ରଖା ନ ଯାଏ, ଅର୍ଥାତ୍ ଯଦି ଏହା ମର୍ମତଃ ଅଗଣତାନ୍ତ୍ରିକ ହୋଇ-ଯିବ ବା କେବଳ ଛଦ୍ମ-ଗଣତନ୍ତ୍ରୀ ହୋଇ ରହେ, ତେବେ ଏହାର ଏହି ମିଥ୍ୟାଟି ମଧ୍ୟ-ଦେଇ ହିଁ ନୈରାଜ୍ୟବାଦୀ ଚିନ୍ତାଧାରା ଏହାର ଅସ୍ତିତ୍ୱଟି ଉପରେ ଆକ୍ରମଣ କରିବାକୁ ଆସିବ । ମାତ୍ର ସମାଜବାଦୀ ରାଷ୍ଟ୍ର ଆପଣାକୁ ପ୍ରକୃତରେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର କରି ରଖିଲେ ମଧ୍ୟ ଅସଲ ମଜ୍ଜା ଭିତରେ ରହିଥିବା ଅସୁବିଧାଟି ତଥାପି ଦୂର ହେବ ନାହିଁ ; ଅର୍ଥାତ୍ ପରସ୍ପର ସହିତ ସମ୍ମତ ରହିଥିବା ସଂଖ୍ୟାଗରିଷ୍ଠର ମୁକ୍ତ ଓ ବୁଦ୍ଧିସମ୍ପନ୍ନ ଇଚ୍ଛାକୁ ହିଁ ଅଭିବ୍ୟକ୍ତ କରୁଥିଲେ ମଧ୍ୟ ତଥାପି ଅସଲ ଅସୁବିଧାଟି ଆଦୌ ଯିବ ନାହିଁ । ବସ୍ତୁତଃ ସେହିଭଳି କୌଣସି ଏକ ବିକାଶପ୍ରବୃତ୍ତି ଏହିପରି ଏକ ଭୂମି ଉପରେ ବଡ଼ ଆୟାସସାପେକ୍ଷ ହୋଇ ରହିବ ଏବଂ ହୁଏତ ଏକ ଅପ୍ରକୃତ ବ୍ୟାପାର ପରି ଦେଖାଯିବ । କାରଣ, ଯେକୌଣସି ସଂଗଠିତ ସମାଜରେ ଯାହା ସଚରାଚର ଅବଶ୍ୟ ହେବା ଉଚିତ, ସମୂହବାଦ ଜୀବନର କେବଳ ଅଳ୍ପ କେତେକ ଆଧାରଭୂତ ସିଦ୍ଧାନ୍ତ ଏବଂ ପ୍ରଧାନ କେତୋଟି ମାତ୍ର କ୍ଷେତ୍ରରେ ହିଁ ଯେ ଜୀବନକୁ ଅନୁଶାସିତ ବା ନିୟନ୍ତ୍ରିତ କରି ରଖିବାର ଛଳନା କରିଥାଏ ତାହା ନୁହେଁ, ଜୀବନର ଟିକିନିଖି ଯାବତୀୟ ବ୍ୟାପାରରେ ମଧ୍ୟ ତାହା ଆପଣାର ନିୟନ୍ତ୍ରଣକୁ ଜାରି ରଖିଥାଏ, ସମ୍ପୂର୍ଣ୍ଣ ଏକ ବୈଜ୍ଞାନିକ ପଦ୍ଧତିରେ ସବୁକିଛିର ନିୟନ୍ତ୍ରଣ କରିବାକୁ ତାହା ଆପଣାର ଧ୍ୟେୟରୂପେ ଗ୍ରହଣ କରିଥାଏ ; ଏବଂ କୋଟି କୋଟି ମନୁଷ୍ୟଙ୍କର ସ୍ୱାଧୀନ ଏବଂ ବୁଦ୍ଧିପ୍ରେରିତ ଇଚ୍ଛା ଜୀବନର ଯାବତୀୟ କ୍ଷେତ୍ରରେ ଏବଂ ଅଧିକାଂଶ ଟିକିନିଖି ବ୍ୟାପାରରେ ପରସ୍ପର ସହିତ ପୂର୍ଣ୍ଣରୂପେ ସହମତ ହୋଇ-ପାରିବ ବୋଲି ଯଦି ଦାବି କରାଯାଏ, ତେବେ ତାହାକୁ କେବଳ ଦୁଇଟି ବିରୋଧୀ ସତ୍ୟର ହିଁ ଏକତ୍ର ମିଳନ ବୋଲି କହିବାକୁ ପଡ଼ିବ । ରାଷ୍ଟ୍ରର ସଂଗଠନ ଆପଣାକୁ ଯେତେ ଦୂର ଓ ସୁସମ୍ପୂର୍ଣ୍ଣ କରି ରଖିଥାଉ ନା କାହିଁକି, ତାହା ଭିତରେ ଏକ ସଂଖ୍ୟାଗରିଷ୍ଠର ଅଥବା ସଂଖ୍ୟାଲଘୁର ଇଚ୍ଛା ଦ୍ୱାରା ବ୍ୟକ୍ତିଗତ ସ୍ୱାଧୀନତାକୁ ଦବାଇକରି ରଖିବା ଅଥବା ତାହା ଉପରେ ନାନା ଅତ୍ୟାଚାର କରିବା ତଥାପି ଏକ ପ୍ରଧାନ ଦୋଷ ହୋଇ ରହିବ ହିଁ ରହିବ ଏବଂ ସେହି ଦୋଷଟି ତାହାର ମର୍ମସିଦ୍ଧାନ୍ତଟିକୁ ହିଁ ଦୂଷିତ କରିପକାଇବ । ଏବଂ ଏହି କ୍ଷେତ୍ରରେ ଅନ୍ୟସ୍ଥାନ ଭାବରେ ଅଧିକ ଅନର୍ଥକାରୀ ଆଉ ଗୋଟିଏ କଥା ମଧ୍ୟ ରହିଥିବ । କାରଣ ଜୀବନକୁ ପରିପୂର୍ଣ୍ଣ ଏବଂ ସକଳାଙ୍ଗ ଭାବରେ ଏକ ଯାନ୍ତ୍ରିକ ବିଧାନସର୍ବସ୍ୱତାର ବଶ କରି ରଖିପାରିଲେ ଯାଇ ଏକ ବିଜ୍ଞାନନିର୍ଦ୍ଦେଶିତ ପଦ୍ଧତି ଦ୍ୱାରା ଜୀବନର ପରିପୂର୍ଣ୍ଣ ନିୟନ୍ତ୍ରଣ ସମ୍ଭବ ହୋଇପାରିବ । ଯାନ୍ତ୍ରିକ ବିଧାନ ଓ ନିୟମବଦ୍ଧତା ଦ୍ୱାରା ସବୁକିଛିକୁ ସାଧି କରି ରଖିବାର ପ୍ରବୃତ୍ତିଟି ରାଷ୍ଟ୍ରର ଭିତ୍ତିର ଓ

ଆଚରଣ ମଧ୍ୟରେ ସର୍ବଦା ଏକ ଦୋଷରୂପେ ଅନ୍ତର୍ନିହିତ ହୋଇ ରହିଛି । ଏହାର ଏହି ଦୋଷଟି ଉପରେ ହିଁ ବର୍ତ୍ତମାନ ବୁଦ୍ଧିପ୍ରେରିତ ନୈରାଜ୍ୟବାଦୀ ବର୍ଗର ଏବଂ ଆଧ୍ୟାତ୍ମିକ ବର୍ଗରକର ଅନ୍ତଃଦୃଷ୍ଟି ଉଭୟେ ଗୁରୁତ୍ୱ ଆରୋପ କରିବାକୁ ଆରମ୍ଭ କଲେଣି ; ଏବଂ ଆପଣାର ଆଚରଣ ଓ ଉଦ୍ଦେଶ୍ୟସାଧନର କ୍ଷେତ୍ରରେ ରାଷ୍ଟ୍ର ଯେତିକି ଯେତିକି ଏକ ବୃହତ୍ତର ପରିପୂର୍ଣ୍ଣତାର ବର୍ତ୍ତୁଳାକାର ଧାରଣ କରିବାରେ ଲାଗିଥିବ, ତାହାର ଏହି ଦୋଷଟି ମଧ୍ୟ ସେତିକି ବିପୁଳ ଭାବରେ ବୃଦ୍ଧି ପାଉଥିବ । ବସ୍ତୁତଃ ଯେତେବେଳେ ବୁଦ୍ଧି ଜୀବନଟାକୁ ଆପଣାର ଶାସନରେ ରଖିବାଲାଗି ବାହାରେ ଏବଂ ଜୀବନକୁ କୌଣସି ଏକ ବୁଦ୍ଧିନିଷ୍ପନ୍ନ ବ୍ୟବସ୍ଥା ବା ଯୋଜନା ଭିତରେ ଆଣି ପକାଇପାରିବା ଲାଗି ଜୀବନର ସ୍ୱାଭାବିକ ପ୍ରବୃତ୍ତି-ଗୁଡ଼ିକୁ ମାରିଦେବାକୁ ଉତ୍ସାହ ଦେଖାଏ, ସେତେବେଳେ ସେହି ବୁଦ୍ଧି ଭିତରେ ହିଁ ଏହି ଦୋଷଟି ଅନ୍ତର୍ନିହିତ ହୋଇ ରହିଥାଏ ।

ଜୀବନର ବ୍ୟବସ୍ଥା ଏହି ଭୌତିକ ଜଗତର ଯନ୍ତ୍ରଚାଳିତ ବ୍ୟବସ୍ଥାଠାରୁ ଅନେକ ପୃଥକ୍ ; ଏବଂ ବୁଦ୍ଧି କେବଳ ଏହି ଭୌତିକ ଜଗତଟିର ବ୍ୟବସ୍ଥା ସହିତ ଯାହାକିଛି କାରବାର କରିପାରିଛି ଓ ତାହାଉପରେ ବିଜୟ ହାସଲ କରିଛି, କାରଣ ବୁଦ୍ଧି ମଧ୍ୟ ସ୍ୱୟଂ ଯନ୍ତ୍ରବତ୍ ନିଜକୁ ପରିଚାଳିତ କରୁଛି ଏବଂ ଅପରିବର୍ତ୍ତନୀୟ ଭାବରେ କେବଳ କେତୋଟି ନିର୍ଦ୍ଦିଷ୍ଟ ବିଶ୍ୱଗତ ଅଭ୍ୟାସର ଗୁଳାଉପରେ ହିଁ ଗତି କରିପାରୁଛି । ମାତ୍ର ଅପର ପକ୍ଷରେ ଜୀବନ ବା ପ୍ରାଣ ହେଉଛି ଏକ ଗତିଶୀଳ ଶକ୍ତି, ଏକ କ୍ରମାଗ୍ରସର ଓ ବିବର୍ତ୍ତନଶୀଳ ଶକ୍ତି ; ପ୍ରାଣୀମାନଙ୍କ ଭିତରେ ବିରାଜି ରହିଥିବା ଏକ ଅନନ୍ତ ଆତ୍ମାର କ୍ରମବର୍ଦ୍ଧିମାନ ଅଭିବ୍ୟକ୍ତି ରୂପେ ଏହି ଶକ୍ତି ବିଦ୍ୟମାନ ରହିଛି ଏବଂ ଅଗ୍ରସର ହେବା ସଙ୍ଗେ ସଙ୍ଗେ ତାହା ଆପଣାର ନାନା ସୂକ୍ଷ୍ମ ବୈଚିତ୍ର୍ୟ, ଆବଶ୍ୟକତା ଏବଂ ବହୁବିଧତା ସମ୍ବନ୍ଧରେ ଅଧିକରୁ ଅଧିକ ସଚେତନସମ୍ପନ୍ନ ହେବାରେ ଲାଗିଛି । ପ୍ରାଣର ଅଗ୍ରସର ହେବା ସଙ୍ଗେ ସଙ୍ଗେ ପରସ୍ପର ସହିତ ଦ୍ୱନ୍ଦ୍ୱଜଡ଼ିତ ହୋଇ ରହିଥିବା ଓ ଅନେକ ସମୟରେ ପରସ୍ପରର ପରମ ବିରୋଧୀ ଓ ବିପରୀତଧର୍ମୀ ବୋଲି ବୋଧ ହେଉଥିବା କେତେ କେତେ ବିପୁଳ ଓ ଅଗଣିତ ବିଷୟର ମଧ୍ୟ ବିକାଶ ଘଟିବାରେ ଲାଗିଛି, ସେଗୁଡ଼ିକ ପରସ୍ପର ସହିତ କେତେପ୍ରକାରେ ବାନ୍ଧିହୋଇଯିବାରେ ଲାଗିଛନ୍ତି । ଏହିସବୁ ଅଶେଷ ବିରୋଧ ମଧ୍ୟରେ ଏକ ଐକ୍ୟସୂତ୍ର ବା ଐକ୍ୟର ଭୂମିଟିଏ ଖୋଜି ପାଇବା, ପରସ୍ପରକୁ ମିଳାଇଦେବାର ଏପରି ଏକ କାର୍ଯ୍ୟକାରୀ ଲିଭର୍ ଆବିଷ୍କାର କରିପାରିବା, ଯାହାକି ଦ୍ୱନ୍ଦ୍ୱ ଓ ସଂଘର୍ଷକୁ ଭିତ୍ତି କରି ନୁହେଁ, ମାତ୍ର ସୌଷମ୍ୟକୁ ହିଁ ଭିତ୍ତି କରି ଏକ ବୃହତ୍ତର ତଥା ଉତ୍କୃଷ୍ଟତର ବିକାଶକୁ ମଧ୍ୟ ସମ୍ଭବ କରିପାରିବ ;—ଏହାକୁ ହିଁ ତା'ର ସଚେତନ ଜୀବନ-ବିବର୍ତ୍ତନର ପଥରେ ଓ ଅଧିକରୁ ଅଧିକ ଭାବରେ ମନୁଷ୍ୟସମାଜର ସାଧାରଣ ଲକ୍ଷ୍ୟରୂପେ ଗ୍ରହଣ କରିନେବାକୁ ପଡ଼ିବ । ଯଦି ମନୁଷ୍ୟସମାଜ ପ୍ରକୃତରେ ତା'ର ବର୍ତ୍ତମାନ ଜୀବନଗତ କ୍ଷେତ୍ରର ଯାବତୀୟ ବିମୋହକ, ଯନ୍ତ୍ରଣାଦାୟକ ତଥା

'oaob.nitrkl.ac.in' images reprocessed

ଅସ୍ପଷ୍ଟ ଗଠନ୍ଧନ ମଧ୍ୟରୁ ଉତ୍ତୀର୍ଣ୍ଣ ହୋଇ ଆସିବାକୁ ଇଚ୍ଛା କରୁଥାଏ, ପ୍ରାଣଗତ ମନ ତଥା ଜଡ଼ର ଚେତନାହୀନତାର ଅଜ୍ଞାନଟି ସହିତ ପ୍ରକୃତ ବର୍ତ୍ତମାନ କରବାରେ ଲାଗିଥିବା ନାନା ସାଲିସ୍‌ର ଜାଲ ଭିତରୁ ଯଦି ସେ ବାହାରିଆସିବାକୁ ଚାହୁଁଥାଏ, ତେବେ ମନୁଷ୍ୟସମାଜକୁ ତାହା କରିବାକୁ ହିଁ ପଡ଼ିବ । ଯେତେବେଳେ ଆମର ଆତ୍ମା ଆପଣାର ସର୍ବୋଚ୍ଚ ତଥା ସକଳ ପୂର୍ଣ୍ଣ ଆଧ୍ୟାତ୍ମିକ ସତ୍ୟଟି ମଧ୍ୟରେ ଆପଣାକୁ ଆବିଷ୍କାର କରିପାରିବ ଏବଂ ଆପଣାର ପ୍ରାଣମୂଳଗୁଡ଼ିକୁ କ୍ରମଶଃ ଊର୍ଦ୍ଧ୍ୱୋତ୍ଥିତ କରନେଇ ସେଗୁଡ଼ିକୁ ଚତ୍‌ଗତତାର ମୂଲ୍ୟରେ ରୂପାନ୍ତରିତ କରିଦେବ, ସେତିକିବେଳେ ଯାଇ ତାହା ଯଥାର୍ଥ ଭାବରେ ଏବଂ ସନ୍ତୋଷଜନକ ଭାବରେ ସମ୍ଭବ ହୋଇପାରିବ । କାରଣ ସେଇଠାରେ ହିଁ ସେହି ମୂଲ୍ୟଗୁଡ଼ିକ ଆପଣାର ଆଧ୍ୟାତ୍ମିକ ସତ୍ୟରେ ଉପନୀତ ହୋଇପାରିବେ ଏବଂ ସେହି ସତ୍ୟଟିରେ ପରସ୍ପର-ସ୍ୱୀକାର ତଥା ପରସ୍ପର-ସମ୍ମିଳନର ଆପଣାର ଭୂମିଟିକୁ ମଧ୍ୟ ଆବିଷ୍କାର କରିପାରିବେ । ଆଧ୍ୟାତ୍ମିକ ସତ୍ୟଟି ହେଉଛି ଏକମାତ୍ର ସତ୍ୟ ଏବଂ ଆଉ ଯେତେଯେତେ ସତ୍ୟ ରହିଛି ସେଗୁଡ଼ିକ ହେଉଛି କେବଳ ତାହାର ନାନା ପ୍ରଚ୍ଛନ୍ନ ବିଭାବ ମାତ୍ର, କେବଳ ତାହାର ସମୁଜ୍ଜ୍ୱଳ ଛଦ୍ମରୂପ ଅଥବା ତାମସ ବିକୃତରୂପ ମାତ୍ର ଏବଂ କେବଳ ସେହି ସତ୍ୟଟି ମଧ୍ୟରେ ହିଁ ସେଗୁଡ଼ିକ ଆପଣାର ସ୍ୱକୀୟ ଯଥାର୍ଥ ରୂପଟିକୁ ତଥା ପରସ୍ପର ସହିତ ରହିଥିବା ସେମାନଙ୍କର ଯଥାର୍ଥ ସମ୍ବନ୍ଧଟିକୁ ମଧ୍ୟ ଆବିଷ୍କାର କରିପାରିବେ । ବୁଦ୍ଧି କଦାପି ଏହି କାର୍ଯ୍ୟଟିକୁ କରିପାରିବ ନାହିଁ । କାରଣ କେବଳ ମଧ୍ୟବର୍ତ୍ତୀ କ୍ଷେତ୍ରଟି ହିଁ ହେଉଛି ବୁଦ୍ଧିର ବିଚରଣକ୍ଷେତ୍ର; ବୁଦ୍ଧି କେବଳ ମସ୍ତିଷ୍କଶକ୍ତି ଦ୍ୱାରା ଏହି ଜୀବନଟିକୁ ଦେଖିବ ଓ ବୁଝିବ ଏବଂ ଏହି ଜୀବନଟି ଯେଉଁଆଡ଼କୁ ଯାଉଛି, ଆପଣାଲାଗି ସେଇଟିକୁ ଆବିଷ୍କାର କରିବ ଏବଂ ଏହି ପଥଟିରେ ଜୀବନର ଆତ୍ମବିକାଶଗତ ନିୟମଗୁଡ଼ିକୁ ମଧ୍ୟ ଆବିଷ୍କାର କରିବ । ଆପଣାର ଏହି କାର୍ଯ୍ୟଟିକୁ ନିର୍ବାହ କରିପାରିବା ଲାଗି ବୁଦ୍ଧିକୁ ବଡ଼ ଅସ୍ଥାୟୀ ଓ ସାମୟିକ ଭାବରେ ଏପରି କେତୋଟି ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ଗ୍ରହଣ କରିବାକୁ ହୋଇଥାଏ, ଯେଉଁଗୁଡ଼ିକ କି କେବଳ ଆଂଶିକ ଭାବରେ ହିଁ ସତ୍ୟ ହୋଇ ରହିଥାନ୍ତି ଏବଂ ଏପରି ସାମାନ୍ୟ ନିଷ୍କର୍ଷ ଓ ବ୍ୟବସ୍ଥାଗୁଡ଼ିକର ସୃଷ୍ଟି କରିବାକୁ ପଡ଼ିଥାଏ, ବିଷୟଗୁଡ଼ିକର ସମଗ୍ର ସତ୍ୟଟିର ଚରମ ଅଭିବ୍ୟକ୍ତିରୂପେ ଦଣ୍ଡାୟମାନ ହୋଇପାରିବା ଲାଗି ଯେଉଁଗୁଡ଼ିକର କି ଯଥାର୍ଥରେ କୌଣସି ସାମର୍ଥ୍ୟ ନ ଥାଏ । ବିଷୟଗୁଡ଼ିକର ସମଗ୍ର ସତ୍ୟଟି ଏକ ବୁଦ୍ଧିର ସତ୍ୟ ନୁହେଁ, ତାହା ହେଉଛି ଚତ୍‌ଗତତାର ସତ୍ୟ, ଏକ ଅଧ୍ୟାତ୍ମ ସତ୍ୟ ।

ଭାବନାର ରାଜ୍ୟାଧିକ୍ତନ ମଧ୍ୟରେ ସମଗ୍ର ସତ୍ୟଲାଗି କୌଣସି ମୁଣ୍ଡ ଘୂରାଇବାକୁ ପଡ଼େନାହିଁ; କାରଣ କାର୍ଯ୍ୟତଃ ବୁଦ୍ଧି ସେଠାରେ ବିଚରଣ କରିବାଲାଗି ଆଦୌ କୌଣସି ଆକାଙ୍‌କ୍ଷା ରଖି ନ ଥାଏ, ପରସ୍ପରର ଏକାନ୍ତ ବିରୋଧୀ ଓ ବିପରୀତ ନାନା ବ୍ୟବସ୍ଥା ଓ ଦୃଷ୍ଟିକୋଣକୁ ବୁଦ୍ଧି ନିଃସଙ୍କୋଚ ଭାବରେ ପରସ୍ପରର ସହାବସ୍ଥିତ ହୋଇ

'oaob.nitrkl.ac.in' images reprocessed

ରହିବାକୁ ପୂର୍ଣ୍ଣ ଅନୁମତି ଦେଇ ରଖିଥାଏ, ସେଗୁଡ଼ିକୁ ପରସ୍ପର ସହିତ ତୁଳନା କରି ଦେଖେ, ନାନା ବିଚିତ୍ର ପ୍ରକାରରେ ଗଢ଼ିଠାଇ ଅଥବା ଯୋଡ଼ିକରି ରଖିବ ବୋଲି ଇଚ୍ଛା କରୁଥାଏ, ସେଗୁଡ଼ିକୁ ଅବିରତ ବଦଳାଇବାରେ ଲାଗିଥାଏ, ସେଗୁଡ଼ିକର ଆୟତନକୁ ବଢ଼ାଇ ଦେଉଥାଏ ବା ଉପରକୁ ମଧ୍ୟ ଉଠାଇ ନେଉଥାଏ ; ପ୍ରତ୍ୟେକ ସ୍ତରରେ ତାତ୍କାଳିକ କୌଣସି ବ୍ୟାବହାରିକ ପରିଣାମ ବିଷୟରେ ଆଦୌ କିଛି ନ ଭାବି ବୁଦ୍ଧି ମୁକ୍ତ ଭାବରେ ଆପଣାର କାର୍ଯ୍ୟଟିକୁ କରି ଚାଲିଯାଉଥାଏ । ମାତ୍ର ଯେତେବେଳେ ସେହି ବୁଦ୍ଧି ଜୀବନର ନିୟନ୍ତ୍ରଣ କରିବାକୁ ବାହାରେ, ସେତେବେଳେ ତାହା ଆପଣାର ଦୃଷ୍ଟିକୋଣଟିକୁ ଦୃଢ଼ଭାବରେ ପ୍ରତିଷ୍ଠିତ କରିବାକୁ ବାଧ୍ୟ ହୁଏ, ଆପଣାର ବ୍ୟବସ୍ଥାଟିକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବାକୁ ବାଧ୍ୟ ହୁଏ; ସେତେବେଳେ ଯାବତୀୟ ପରିବର୍ତ୍ତନକୁ ବୁଦ୍ଧି ଅନ୍ତତଃ ଏକ ସଂଶୟପୂର୍ଣ୍ଣ ବିଷୟ ବୋଲି ଭାବିବାକୁ ଲାଗେ, ତାହାକୁ ଆୟାସସାଧ୍ୟ ଓ ଅନିଷ୍ଟକାରକ ବୋଲି ମନେକରେ ; ତାହାର ଯାବତୀୟ ପରିଣାମଗୁଡ଼ିକ ଉପରେ ଏଥିପାଇଁ ଆଦୌ ଦୃଷ୍ଟିପାତ କରିପାରେ ନାହିଁ ଏବଂ ତେଣେ ବିଭିନ୍ନ ଦୃଷ୍ଟିଭଙ୍ଗୀ, ମୂଳସିଦ୍ଧାନ୍ତ ଓ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱଟି ନାନାପ୍ରକାର ସଂଘର୍ଷ ଓ ବିପ୍ଳବର ସୂତ୍ରପାତ କରେ ଏବଂ ସମନ୍ୱିତ ପ୍ରକାରର କୌଣସି ଭିତ୍ତି ତିଆରି କରି-ପାରିବାରେ ଏକାନ୍ତ ଅସମର୍ଥ ହୋଇ ରହେ । ଆଚରଣ ଓ କାର୍ଯ୍ୟକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେଇପାରିବାଲାଗି ବୁଦ୍ଧି ଯାନ୍ତ୍ରିକ ପଦ୍ଧତିର ଆଶ୍ରୟ ନେଇ ସବୁ କରିବାକୁ ଲାଗେ; ବସ୍ତୁ ଓ ବ୍ୟାପାରର ସତତ ପ୍ରବାହ ମଧ୍ୟରେ ସେ ସବୁଟିକୁ ଏକ ଯାନ୍ତ୍ରିକତା ଭିତରେ ଆଣି ଭର୍ତ୍ତି କରିଦିଏ । ମାତ୍ର ଭୌତିକ କ୍ଷେତ୍ରଗୁଡ଼ିକର ସମ୍ମୁଖୀନ ହେବାବେଳେ ଯାନ୍ତ୍ରିକତାର ଦୃଷ୍ଟି ଏକ ଯଥେଷ୍ଟ ଓ ସମ୍ପୂର୍ଣ୍ଣ ପଦ୍ଧତି ବୋଲି ପ୍ରତୀୟମାନ ହୋଇଯାଏ, କାରଣ ସେଠାରେ ତାହା ଭୌତିକ ପ୍ରକୃତିର ଧର୍ମ ସହିତ ବେଶ୍ ସୁଷମ ଅବସ୍ଥାରେ ରହିଥାଏ । ମାତ୍ର ଚେତନାସମ୍ପନ୍ନ ଜୀବନକୁ ନେଇ କାରବାର କରିବାରେ ବୁଦ୍ଧିକୁ ପ୍ରକୃତରେ କୌଣସି ସଫଳତା ମିଳେ ନାହିଁ, କାରଣ ସେଠାରେ ଜୀବନର ବିଧାନଟି ଆଗରେ ବୁଦ୍ଧି ବିପରୀତଧର୍ମୀ ବୋଲି ପ୍ରତିପାଦିତ ହୁଏ, ଜୀବନର ସର୍ବୋଚ୍ଚ ଧର୍ମଟିର ବିରୋଧୀରୂପେ ପ୍ରତିପାଦିତ ହୁଏ । ଅବବୌଦ୍ଧିକ ସୋପାନରେ ରହିଥିବା ସମାଜଗୁଡ଼ିକରେ ପରିବର୍ତ୍ତନ କେବଳ ଅତି ଧୀର, ଅବଚେତନ ଅଥବା ଅର୍ଦ୍ଧଚେତନ ହୋଇ ରହିଥିଲା ଏବଂ ତୁଳନାତ୍ମକ ଭାବରେ ବିଚାର କରି ଦେଖିଲେ ପ୍ରାୟ ଅଚଳ ଓ ସ୍ଥାଣୁ ହୋଇ ରହିଥିଲା । ତେଣୁ ସେହି ସମାଜକୁ ଆଣି ଏକ ବୁଦ୍ଧିପ୍ରେରିତ ବ୍ୟବସ୍ଥିତତାର ସ୍ତରରେ ଆଣି ପହଞ୍ଚାଇବାର ପ୍ରୟାସକୁ ଆମେ ନିଶ୍ଚୟ ଗୋଟିଏ ପାଦ ଆଗକୁ ଯିବା ବୋଲି କହି-ପାରିବା; ଅର୍ଦ୍ଧବୌଦ୍ଧିକ ସ୍ତରରେ ରହିଥିବା ସମାଜଗୁଡ଼ିକର ଅସ୍ପଷ୍ଟତାପୂର୍ଣ୍ଣ ଓ ନାନାଭାବେ ମିଶ୍ରିତ ସ୍ପନ୍ଦନଟିର ତୁଳନାରେ ମଧ୍ୟ ଆମେ ଏହାକୁ ଅବଶ୍ୟ ଏକ ଅଗ୍ରଗତି ବୋଲି କହିବା । ମାତ୍ର କେବଳ ଆପଣାର ପଦ୍ଧତିଗୁଡ଼ିକରେ ହିଁ ଆପଣାକୁ ଛନ୍ଦି ରଖିଥିବା ପର୍ଯ୍ୟନ୍ତ ତାହା କଦାପି କୌଣସି ପରିପୂର୍ଣ୍ଣତାରେ ଉପନୀତ ହୋଇ-

'oaob.nitrkl.ac.in' images reprocessed

ପାରିବ ନାହିଁ, କାରଣ ବୁଦ୍ଧି ଜୀବନର ସର୍ବପ୍ରଥମ ସିଦ୍ଧାନ୍ତ ବା ନିୟାମକ ନୁହେଁ; ସର୍ବଶେଷ, ସର୍ବୋଚ୍ଚ ବା ସମ୍ପୂର୍ଣ୍ଣ ସିଦ୍ଧାନ୍ତ ମଧ୍ୟ ନୁହେଁ ।

ସମୂହବାଦୀ ବିଚାରଟିର କ୍ଷେତ୍ରରେ ଉପରୁ ଆସି ହସ୍ତକ୍ଷେପ କରୁଥିବା ନୈରାଜ୍ୟବାଦୀ ବିଚାର ସମାଜର ପରିଚାଳନ ସକାଶେ ଏକ ସନ୍ତୋଷଜନକ ଆଧାର ଓ ସିଦ୍ଧାନ୍ତ ଆଣିଦେବାରେ ପ୍ରକୃତରେ କୌଣସି ପ୍ରକାରେ ଅଧିକ ସଫଳ ହୋଇପାରିବ କି ନାହିଁ, ବର୍ତ୍ତମାନ ସେହି ପ୍ରଶ୍ନଟିର ଆଲୋଚନା କରି ଦେଖିବା ଉଚିତ । କାରଣ ଜୀବନକୁ ବୁଦ୍ଧି ଦ୍ୱାରା ହିଁ ସମ୍ବଦ୍ଧ ଓ ସଂଗଠିତ କରି ରଖିବାର ଏକମାତ୍ର ବ୍ୟାବହାରିକ ସାଧନରୂପେ ବ୍ୟବହୃତ ହେଉଥିବା ଯାନ୍ତ୍ରିକତାର ବ୍ୟବସ୍ଥାଟିରୁ ଯଦି ଏହା ଆପଣାକୁ କୌଣସି ପ୍ରକାରେ ମୁକ୍ତ କରିଦେଇପାରେ, ତେବେ ଅନ୍ୟ ଆଉ କେଉଁ ଆଧାରଟି ଉପରେ ତାହା ଆପଣାକୁ ଠିଆ କରି ରଖିପାରିବ, ରଚନା କରିପାରିବ ଓ ଆଉ କାହାକୁ ନେଇ ସୃଷ୍ଟି କରିପାରିବ ? ନୈରାଜ୍ୟବାଦୀ ଆଦର୍ଶଟି ବିରୁଦ୍ଧରେ ଯୁକ୍ତି ଦର୍ଶାଇ ହୁଏତ କୁହାଯାଇପାରେ ଯେ ସମାଜବିବର୍ତ୍ତନର ସମୂହବାଦୀ ପର୍ଯ୍ୟାୟଟି ତାହାର ସର୍ବଶେଷ ଓ ସର୍ବୋତ୍କୃଷ୍ଟ ପର୍ଯ୍ୟାୟ ନ ହେଲେ ମଧ୍ୟ ସମାଜର ପ୍ରଗତିପଥରେ ତାହାକୁ ଅନ୍ତତଃ ଏକ ଆବଶ୍ୟକ ପର୍ଯ୍ୟାୟ ବୋଲି କହିବାକୁ ହିଁ ପଡ଼ିବ । କାରଣ ବ୍ୟକ୍ତିବାଦୀ ବିଚାରଟିରୁ ଏହି ଅନର୍ଥଟି ଆସି ଉପୁଜିଥାଏ ଯେ ବ୍ୟକ୍ତି ମଧ୍ୟରେ ତାହାର ପ୍ରାଣ, ମନ ବା ପ୍ରାଣ-ଆତ୍ମାର ମୁକ୍ତ ଓ ବନ୍ଧନହୀନ ବିକାଶ ଏବଂ ଆତ୍ମଅଭିବ୍ୟକ୍ତି ଉପରେ ସର୍ବଦା ଜୋର ଦେଇ ତାହା ସାଧାରଣତଃ ମନୋମୟ ତଥା ପ୍ରାଣମୟ ସତ୍ତାର ହିଁ ଅହଂକେନ୍ଦ୍ରିକତାକୁ ଅତିରଞ୍ଜିତ କରି ଦେଖାଇବାର ପ୍ରବୃତ୍ତି ଦେଖାଇଥାଏ ଏବଂ ଅନ୍ୟମାନଙ୍କ ସହିତ ଯେଉଁ ଏକତ୍ୱବୋଧ ଉପରେ ହିଁ ଏକ ପରିପୂର୍ଣ୍ଣ ଆତ୍ମବିକାଶ ଏବଂ ଏକ ଆପଦଶୂନ୍ୟ ବନ୍ଧନମୁକ୍ତତା ପ୍ରତିଷ୍ଠିତ ହୋଇପାରନ୍ତା, ତଦ୍ଦ୍ୱାରା ତାହା ସେହି ଏକତ୍ୱବୋଧଟିକୁ ସ୍ୱୀକାର କରିବାର ବାଟଟିକୁ ବି ବନ୍ଦ କରି ରଖିଦିଏ । ବିଚ୍ଛିନ୍ନ ଅହଂଗତ ଜୀବନକୁ ବୃହତ୍ତର ଗୋଷ୍ଠୀଅହଂର ଜୀବନର ଅଧୀନ କରି ରଖି ସମୂହବାଦ ସେହି ଏକତ୍ୱଟିର ସ୍ଥାପନା ଉପରେ ସବୁବେଳେ ଜୋର ଦେଇଥାଏ । ଅନ୍ୟ ସମସ୍ତଙ୍କର ଜୀବନ ସହିତ ବ୍ୟକ୍ତିର ଜୀବନକୁ ଏକାଠି ଗୁନ୍ଥି କରି ରଖିବା ଲାଗି ଯେଉଁ ଆବଶ୍ୟକତାଟି ରହିଛି, ବ୍ୟକ୍ତିର ମନୋଭୂମି ତଥା ପ୍ରାଣଗତ ସଂସ୍କାରଭୂମି ଉପରେ ସେହି ସତ୍ୟଟି ବିଷୟରେ ଏକ ସଚେତନତା ସୃଷ୍ଟି କରି ରଖିବାକୁ ହିଁ ହୁଏତ ସମୂହବାଦର ପ୍ରକୃତ କାର୍ଯ୍ୟ ବୋଲି କୁହାଯାଇପାରେ । ଏବଂ ଏହାଫଳରେ ଏକ ପରବର୍ତ୍ତୀ କାଳରେ ଯେତେବେଳେ ବ୍ୟକ୍ତି ଆପଣାର ସ୍ୱାଧୀନତାଟିକୁ ପୁନଃପ୍ରତିଷ୍ଠିତ କରି ରଖିବାକୁ ସମର୍ଥ ହୁଏ,—ଯଦି ନା ଯଦି ସେ ତାହା ଅବଶ୍ୟ କରେ,— ସେତେବେଳେ ସେ ଆପଣାର ବିଚ୍ଛିନ୍ନ ଅହଂକେନ୍ଦ୍ରୀ ଜୀବନଟିର ଭିତ୍ତି ଉପରେ ତାହା ନ କରି ଏହି ଏକତ୍ୱଟିର ଆଧାର ଉପରେ ହିଁ ସେକଥା କରିଥାଏ । ମନୁଷ୍ୟର ସମାଜକୁ କ୍ଷେତ୍ରରୂପେ

'oaob.nitrkl.ac.in' images reprocessed

ବ୍ୟବହାର କରି ସାମାଜିକ ଜୀବନର ଏକ ସମୂହଧର୍ମୀ ସିଦ୍ଧାନ୍ତ ଆଡ଼କୁ ପ୍ରକୃତି ଯେଉଁ ଗତି କରିବାରେ ଲାଗିଛି, ସେଥିରେ ହୁଏତ ଏଇଟି ହିଁ ତାହାର ପ୍ରକୃତ ଅଭିପ୍ରାୟ ହୋଇ ରହିଛି । ଯଦି ସମୂହବାଦ ଆପଣାର ସର୍ବପ୍ରଧାନ ସିଦ୍ଧାନ୍ତଟିରେ କାଙ୍କ୍ଷିତ୍ ପରିବର୍ତ୍ତନ ସମ୍ଭବ କରିପାରେ ଏବଂ ଏକତ୍ୱବୋଧ ତଥା ନିବିଡ଼ଭାବରେ ପରସ୍ପରସମନ୍ୱିତ ହୋଇ ରହିଥିବା ଏକ ସାର୍ବଜନୀନ ଅସ୍ତିତ୍ୱକୁ ଭୂମି କରି ବ୍ୟକ୍ତିର ମୁକ୍ତ ବିକାଶଲାଗି ଏକ ଅନୁରୂପ ପରିସର ଯୋଗାଇଦେଇପାରେ, ତେବେ ସେହି ସମୂହବାଦ ହିଁ ହୁଏତ ଶେଷରେ ସ୍ୱୟଂ ଏହି ଲକ୍ଷ୍ୟଟିରେ ଯାଇ ଉପନୀତ ହୋଇପାରେ । ମାତ୍ର ତାହା କରିପାରିବାକୁ ହେଲେ ସମୂହବାଦକୁ ନିଜକୁ ଏକ ଚିଦ୍‌ଗତ ସ୍ତରରେ ଆଣି ଅବସ୍ଥାପିତ କରିବାକୁ ହେବ ଏବଂ ଆପଣାର ପ୍ରେରିକା ଶକ୍ତିଟିରେ ହିଁ ରୂପାନ୍ତର ଘଟାଇବାକୁ ପଡ଼ିବ ; କେବଳ ତର୍କ ଓ ନ୍ୟାୟର ବୁଦ୍ଧିକୁ ଅବଲମ୍ବନ କରି ରହିଥିବା ପର୍ଯ୍ୟନ୍ତ ଓ ଜୀବନକୁ ଏକ ବିଜ୍ଞାନସମ୍ମତ ଯାନ୍ତ୍ରିକତାଦ୍ୱାରା ବ୍ୟବସ୍ଥାବଦ୍ଧ କରି ରଖୁଥିବା ପର୍ଯ୍ୟନ୍ତ ସମୂହବାଦ କଦାପି ତାହା କରିପାରିବ ନାହିଁ ।

ଆଜିପର୍ଯ୍ୟନ୍ତ ନୈରାଜ୍ୟବାଦୀ ଭାବନା କୌଣସି ଏକ ନିଶ୍ଚିତ ରୂପ ଗ୍ରହଣ କରି ନ ଥିଲେ ମଧ୍ୟ, ବ୍ୟକ୍ତି ଉପରେ ସମାଜର ଚାପ ଯେଉଁ ଅନୁପାତରେ ବୃଦ୍ଧି ପାଉଥିବ, ତାହା କେବଳ ସେହି ଅନୁପାତରେ ହିଁ ବିକାଶଲାଭ କରୁଥିବ । କାରଣ ସେହି ଚାପଟି ଭିତରେ ଏପରି କିଛି ଅବଶ୍ୟ ରହିଛି ଯାହାକି ମାନବର ପରିପୂର୍ଣ୍ଣତାର ଏକ ଆବଶ୍ୟକ ଉପାଦାନ ଉପରେ ବଡ଼ ଅନୁଚିତ ଭାବରେ ଆପଣାର ଦୌରାତ୍ମ୍ୟ କରିବାରେ ଲାଗିଥାଏ । ଯେଉଁ ସ୍ଥୂଳପ୍ରାଣିକ ଅଥବା ଉଗ୍ର ନୈରାଜ୍ୟବାଦ ସମାଜଗତ ମୂଳ ସିଦ୍ଧାନ୍ତଟି ବିଷୟରେ ଏକ ବିରୁଦ୍ଧ ପ୍ରତିକ୍ରିୟା ଦେଖାଇଥାଏ ଏବଂ ଏକ ଅହଂକେନ୍ଦ୍ରିତ ବା ଏକ ଅଶୋଧିତ ପ୍ରାଣଗତ ଅର୍ଥରେ ପ୍ରତ୍ୟେକ ମନୁଷ୍ୟର "ଆପଣା ଜୀବନଟିକୁ ବଞ୍ଚିବାଲାଗି" ପୂର୍ଣ୍ଣ ଅଧିକାର ରହିଛି ବୋଲି ଦାବି କରିଥାଏ, ଆମେ ସେଇଟି ଉପରେ ଖୁବ୍ ବେଶି ଗୁରୁତ୍ୱ ଦେବାକୁ ଆଦୌ ଆବଶ୍ୟକ ବୋଲି ଭାବୁନାହୁଁ । ମାତ୍ର ଏଇଟି ବ୍ୟତୀତ ଆଉ ଗୋଟିଏ ଉଚ୍ଚତର ଓ ବୁଦ୍ଧିଦ୍ୱାରା ପ୍ରେରିତ ନୈରାଜ୍ୟବାଦୀ ଭାବନା ମଧ୍ୟ ରହିଛି, ଯାହାକି ଆପଣାର ଉଦ୍ଦେଶ୍ୟ ଏବଂ ସୂତ୍ରର କ୍ଷେତ୍ରରେ ପ୍ରକୃତି ତଥା ମନୁଷ୍ୟ ଭିତରେ ରହିଥିବା ଦିବ୍ୟତାର ଏକ ଅତି ଯଥାର୍ଥ ସତ୍ୟଟିକୁ ପୁନରୁଦ୍ଧାର କରି ଆଣିବାର ଇଚ୍ଛା ରଖିଥାଏ ଏବଂ ତାହାକୁ ତାହାର ପୂର୍ଣ୍ଣତମ ନ୍ୟାୟଗତ ସୈଦ୍ଧାନ୍ତିକ ରୂପ ଦେବାକୁ ଚେଷ୍ଟା କରିଥାଏ । ସମାଜଗତତାର ବିରୁଦ୍ଧ ସିଦ୍ଧାନ୍ତଟିକୁ ଅତିରଞ୍ଜିତ କରିପକାଇବାର ପ୍ରବୃତ୍ତିଟି ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ଏହା ବାଧ୍ୟବାଧକତା ଅର୍ଥାତ୍ ବଳପ୍ରୟୋଗ କରି ବସିଥିବା ମଣିଷ ଉପରେ ମଣିଷର ଯାବତୀୟ ପ୍ରକାରର ଶାସନକୁ ଏକ ପାପ ବା ଅନ୍ୟାୟ ବୋଲି ଘୋଷଣା କରେ, ତାହାକୁ ସେହି ସ୍ୱାଭାବିକ ଶିବ ବା କଲ୍ୟାଣଶକ୍ତିର ଏକ ବିରୁଦ୍ଧାଚରଣ, ଦମନ ବା ବିକୃତି ବୋଲି କହେ ଯାହାକି ଏଭଳି ବିରୁଦ୍ଧାଚରଣ

'oaob.nitrkl.ac.in' images reprocessed

କରାଯାଇ ନ ଥିଲେ ମନୁଷ୍ୟଜାତିର ପରିପୂର୍ଣ୍ଣତା ସାଧନଲାଗି ବିକାଶଲାଭ କରିଥାନ୍ତା ଓ ସ୍ଥାୟୀ ହୋଇ ରହିପାରିଥାନ୍ତା । ଏହି ନୈରାଜ୍ୟବାଦୀ ଭାବନା ସମାଜଗତତାର ସିଦ୍ଧାନ୍ତଟି ଉପରେ ହିଁ ସଂଶୟ ବ୍ୟକ୍ତ କରିଥାଏ ଏବଂ ତାହାକୁ ମନୁଷ୍ୟର ଜୀବନକ୍ଷେତ୍ରରେ ଏକ ସ୍ୱାଭାବିକ ସୈଦ୍ଧାନ୍ତିକ ଆଧାରରୁ ଏକ ଅସ୍ୱାଭାବିକ ଓ କୃତ୍ରିମ ସିଦ୍ଧାନ୍ତକୁ ଘଟିଥିବା ସତେ ଅବା ଗୋଟିଏ ସ୍ଖଳନ ବା ପତନ ରୂପେ ବିଚାର କରିଥାଏ ।

ଏହି ସ୍ୱୀକାରକାରର ବିବୃତିଟି ମଧ୍ୟରେ ଯେଉଁ ଅତିଶଯ୍ୟତା ଏବଂ ଅନ୍ତର୍ଗତ ଦୁର୍ବଳତାଟି ନିହିତ ହୋଇ ରହିଛି, ତାହା ନିଶ୍ଚୟ ଯଥେଷ୍ଟଭାବରେ ସ୍ପଷ୍ଟ ହୋଇଯାଉଥିବ । ମନୁଷ୍ୟ ପ୍ରକୃତରେ ଏପରି ଏକ ବିଚ୍ଛିନ୍ନ ସତ୍ତାଭାବରେ ଜୀବନଧାରଣ କରେ ନାହିଁ ବା ଏହିପରି ବିଚ୍ଛିନ୍ନଭାବରେ ମୁକ୍ତ ଓ ସ୍ୱତନ୍ତ୍ର ହୋଇ ରହିଲେ ତା'ର କୌଣସି ବିକାଶ ମଧ୍ୟ କଦାପି ସମ୍ଭବ ହୁଅନ୍ତା ନାହିଁ । ଅନ୍ୟମାନଙ୍କ ସହିତ ନାନା ସମ୍ବନ୍ଧରେ ବାନ୍ଧିହୋଇ ରହି ହିଁ ସେ ଆପଣାର ବିକାଶସାଧନ କରିଥାଏ ଏବଂ ତା'ର ସ୍ୱତନ୍ତ୍ରତାଟି ମଧ୍ୟ ତା'ର ସାଥୀ ଓ ସହଯାତ୍ରୀ ଅନ୍ୟ ଅନେକ ମଣିଷଙ୍କର ସ୍ୱତନ୍ତ୍ରତା ସହିତ ଏକ କ୍ରମବର୍ଦ୍ଧମାନ ଆତ୍ମସମନ୍ୱିତତା ଦ୍ୱାରା ହିଁ ଆପଣାକୁ କାର୍ଯ୍ୟକାରୀ କରିଥାଏ । ତେଣୁ ମଣିଷକୁ ଯେ ସମାଜ ଭିତରେ ରହିବାକୁ ପଡ଼ିବ, ଏହି ସିଦ୍ଧାନ୍ତଟି ବିଭିନ୍ନ ପରିସ୍ଥିତିରେ ଯାହାକିଛି ରୂପ ଗ୍ରହଣ କରିଥାଉ ପଛକେ, ତାହାକୁ ସମ୍ପୂର୍ଣ୍ଣଭାବରେ ଏକ ଉଚିତ ଓ ଯଥାର୍ଥ ସିଦ୍ଧାନ୍ତ ବୋଲି କହିବାକୁ ହିଁ ପଡ଼ିବ । ଆଉ କୌଣସି କାରଣରୁ ନ ହେଲେ ମଧ୍ୟ, ନାନା ସମ୍ବନ୍ଧିତତାର ଏକ କ୍ଷେତ୍ର ହିସାବରେ ବ୍ୟକ୍ତିକୁ ଏକ ଅଧିକତର ପରିପୂର୍ଣ୍ଣତା ଅଭିମୁଖରେ ବିକଶିତ ହେବାପାଇଁ ତା'ର ଆବଶ୍ୟକ ଅବସରଟି ଯୋଗାଇଦେବାରେ ଯେ ସମାଜର ସର୍ବଦା ଏକ ଆବଶ୍ୟକତା ରହିଛି, ସେଇଥିରୁ ହିଁ ତାହାକୁ ଉଚିତ ଓ ଯଥାର୍ଥ ବୋଲି କହିବାକୁ ପଡ଼ିବ । ଅବଶ୍ୟ ଆମ ସମ୍ମୁଖରେ ସେହି ପ୍ରାଚୀନ ବିଶ୍ୱାସଟି ରହିଛି ଯେ ମନୁଷ୍ୟ ସର୍ବପ୍ରଥମେ ସକଳ ଦୋଷରୁ ମୁକ୍ତ ହୋଇ ରହିଥିଲା, ନିର୍ଦ୍ଦୋଷ ଓ ପରିପୂର୍ଣ୍ଣ ହୋଇ ରହିଥିଲା । ମନୁଷ୍ୟଜାତିକୁ ନେଇ ଯେଉଁ ପ୍ରଥମ ଆଦର୍ଶ ସ୍ଥିତିଟିର କଳ୍ପନା କରାଯାଏ, ସେଥିରେ ତାହାକୁ ମୁକ୍ତ ତଥା ସ୍ୱାଭାବିକ ଜୀବନଯାପନର ଏପରି ଏକ ପୂର୍ଣ୍ଣସମନ୍ୱିତ ସୁଖସ୍ଥିତ ବୋଲି କଳ୍ପନା କରାଯାଏ, ଯେଉଁଥିରେ କି ସାମାଜିକ କୌଣସି ନିୟମାଧୀନତା ନ ଥିଲା, କୌଣସି ବାଧ୍ୟବାଧକତା ମଧ୍ୟ ନ ଥିଲା ; କାରଣ ସେଗୁଡ଼ିକ ଲାଗି କୌଣସି ଆବଶ୍ୟକତା ନ ଥିଲା । ଏହି ବିଶ୍ୱାସଟି ମହାଭାରତର ଯୁଗରୁ ମଧ୍ୟ ରହିଆସିଛି । ମାତ୍ର ଏହି ସିଦ୍ଧାନ୍ତଟିକୁ ମଧ୍ୟ ମନୁଷ୍ୟ ତା'ର ଏକ ସ୍ୱାଭାବିକ ପରିପୂର୍ଣ୍ଣାବସ୍ଥାରୁ ନିମ୍ନକୁ ସ୍ଖଳିତ ହୋଇଆସିଛି ବୋଲି ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ । ତା'ର ଜୀବନରେ ସମାଜଗତତାର ସିଦ୍ଧାନ୍ତଟିକୁ ଆଣି ପୂରାଇଦେବା ଦ୍ୱାରା ଯେ ତା'ର ଏହି ପତନ ବା ସ୍ଖଳନ ଘଟିଲା ତାହା ନୁହେଁ, ବରଂ ସେହି ପତନଟିର ଏକ ପରିଣାମରୂପେ ହିଁ ସମାଜଗତ ହୋଇ ରହିବାର ସିଦ୍ଧାନ୍ତ ଏବଂ ବାଧ୍ୟବାଧକତାର

'oaob.nitrkl.ac.in' images reprocessed

ରାଷ୍ଟ୍ରଯନ୍ତ୍ରଟିକୁ ଆଣି ପ୍ରବର୍ତ୍ତିତ କରାଇବାକୁ ପଡ଼ିଲା । ମାତ୍ର ଯଦି ଅପର ପକ୍ଷରେ ଆମେ ମନୁଷ୍ୟର ବିବର୍ତ୍ତନକୁ କୌଣସି ପୂର୍ଣ୍ଣାବସ୍ଥାରୁ ଏକ ପତନରୂପେ ସ୍ୱୀକାର ନ କରି ଏକ ସୋପାନକ୍ରମୀ ଆରୋହଣ ବୋଲି ସ୍ୱୀକାର କରିବା, ଆମେ ଯଦି ତାହାକୁ ତା'ର ପୂର୍ବର ଏକ ଅବବୌଦ୍ଧିକ ଅବସ୍ଥାରୁ ଅଗ୍ରସର ହୋଇ ଆସିଥିବା ଏକ ଅଭିବୃଦ୍ଧି ବୋଲି କହିବା, ତେବେ ଏ କଥା ପରିଷ୍କାର ହୋଇଯିବ ଯେ, ମନୁଷ୍ୟର ଅବବୌଦ୍ଧିକ ଅହଂଗତ ଜୀବନର ପ୍ରାଣିକତା ତଥା ଭୌତିକତାର ନାନା ସହଜାତ ପ୍ରବୃତ୍ତିଗୁଡ଼ିକ ଉପରେ କେବଳ ଏକ ସାମାଜିକ ଯନ୍ତ୍ରବଦ୍ଧତାର ଶାସନକୁ ଆଣି ଲଦିଦେବା ଦ୍ୱାରା ହିଁ ଅର୍ଥାତ୍ ତାକୁ ସାମାଜିକ ଜୀବନର ଆବଶ୍ୟକତା ତଥା ବିଧାନଗୁଡ଼ିକର ଅଧୀନ କରି ରଖିବା ଫଳରେ ହିଁ ଏକ ବୃହତ୍ତର କ୍ଷେତ୍ରରେ ତା'ର ଏହି ଅଭିବୃଦ୍ଧି ଏପରି ପ୍ରଭୂତଭାବରେ ସମ୍ଭବ ହୋଇପାରିଛି । କାରଣ ଆପଣାର ସେହି ପ୍ରଥମ ଅଶୋଧିତ ଅବସ୍ଥାରେ ଉପରୁ କୌଣସି ଆବଶ୍ୟକତା ଏବଂ ବାଧ୍ୟବାଧକତାର ଚାପ ଆସି ନ ପଡ଼ିଲେ ମନୁଷ୍ୟର ଅବବୌଦ୍ଧିକ ମୂଳପ୍ରବୃତ୍ତିଗୁଡ଼ିକ କଦାପି ସ୍ୱେଚ୍ଛାପ୍ରେରିତ ହୋଇ ଆପଣାର ସ୍ୱଭାବରେ ସଂଶୋଧନ ଆଣନ୍ତି ନାହିଁ ; ମାତ୍ର ପରିଶେଷରେ ସେମାନଙ୍କର ସଂଶୋଧନ ଓ ବିଶୋଧନ ଲାଗି ସେମାନଙ୍କ ମଧ୍ୟରେ ଏକ ବୃହତ୍ତର ବିଧାନକୁ ପ୍ରତିଷ୍ଠିତ କରି ରଖିବାଲାଗି ସେମାନଙ୍କୁ ଶିକ୍ଷା ଦେଇ ଯେତେବେଳେ ସେମାନଙ୍କର ଆପଣା ବିଧାନଠାରୁ ଭିନ୍ନ ଆଉ ଗୋଟିଏ ବିଧାନର ପ୍ରତିଷ୍ଠା ସମ୍ଭବ ହୁଏ, ସେତିକିବେଳେ ଯାଇ ସେଗୁଡ଼ିକ ଆପଣାର ସଂଶୋଧନ ଲାଗି ପ୍ରବୃତ୍ତ ହୁଅନ୍ତି । ସାମାଜିକ ବାଧ୍ୟବାଧକତାର ନୀତିଟିକୁ ହୁଏତ ସବୁବେଳେ ବିଜ୍ଞତାର ସହିତ ବ୍ୟବହାର କରାଯାଇନାହିଁ, ହୁଏତ କେବେହେଲେ ବିଜ୍ଞତାର ସହିତ ତାହାର ପ୍ରୟୋଗ ଆଦୌ ହୋଇନାହିଁ ; କାରଣ ଅପରିପୂର୍ଣ୍ଣ ମନୁଷ୍ୟର ହିଁ ଏକ ବିଧାନରୂପେ ତାହା ସ୍ୱୟଂ ଅପରିପୂର୍ଣ୍ଣ ହୋଇ ରହିଛି ଏବଂ ଆପଣାର ରୀତି ଓ ପରିଣାମରେ ତାହା ସବୁଦିନ ଲାଗି ନିଶ୍ଚୟ ଅପରିପୂର୍ଣ୍ଣ ହୋଇ ରହିବ । ମାତ୍ର ମନୁଷ୍ୟବିବର୍ତ୍ତନର ସେହି ପ୍ରଥମ ପର୍ଯ୍ୟାୟଗୁଡ଼ିକରେ ସେହି ବିଧାନଟି ସ୍ପଷ୍ଟତଃ ଏକାନ୍ତ ଅନିବାର୍ଯ୍ୟ ହୋଇ ରହିଥିଲା ; ଏବଂ ଏହି ଆବଶ୍ୟକତାଟିର କାରଣଗୁଡ଼ିକୁ କାଟାଇ ବାହାର ନ ଆସିବା ପର୍ଯ୍ୟନ୍ତ ମନୁଷ୍ୟ ପ୍ରକୃତରେ ନୈରାଜ୍ୟବାଦୀ ସ୍ତରକୁ ଆସି ଜୀବନ ବଞ୍ଚିବାଲାଗି କଦାପି ସମର୍ଥ ହୋଇପାରିବ ନାହିଁ ।

ମାତ୍ର ଏଠାରେ ଏ କଥାଟି ମଧ୍ୟ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ ବାହ୍ୟ ବିଧାନଟିର ସ୍ଥାନାପନ୍ନ ଭାବରେ ଏକ ଅନ୍ତର୍ଗତ ବିଧାନ ଆପଣାକୁ ଯେତିକି ଯେତିକି ପ୍ରତିଷ୍ଠିତ କରୁଥିବ, ମନୁଷ୍ୟ ଆପଣାର ଯଥାର୍ଥ ଓ ସ୍ୱାଭାବିକ ପରିପୂର୍ଣ୍ଣତାର ସେତିକି ଅଧିକ ସମୀପବର୍ତ୍ତୀ ହୋଇଆସୁଥିବ ଏବଂ ଯେଉଁ ରାଷ୍ଟ୍ରରେ ରାଷ୍ଟ୍ର ତରଫରୁ ଆଦୌ କୌଣସି ବାଧ୍ୟବାଧକତା ରହିବ ନାହିଁ ଏବଂ ମୁକ୍ତ ସହମତି ତଥା ସହଯୋଗିତା ସହିତ ମନୁଷ୍ୟ ଆପଣାର ସାଥୀ ଅନ୍ୟ ମଣିଷଙ୍କ ସହିତ ଆପଣାର ଜୀବନଟିକୁ ବଞ୍ଚିପାରିବ,

'oaob.nitrkl.ac.in' images reprocessed

ତାହାକୁ ହିଁ ଆମେ ଏକ ପରିପୂର୍ଣ୍ଣ ସମାଜଗତ ରାଷ୍ଟ୍ର ବୋଲି କହିପାରିବା । ମାତ୍ର ଏହି ବୃହତ୍ତର ଏବଂ ଆୟାସସାଧ୍ୟ ପରିପୂର୍ଣ୍ଣାବସ୍ଥାଟିରେ ଆସି ପହଞ୍ଚିବା ସକାଶେ ମନୁଷ୍ୟଙ୍କୁ ପ୍ରକୃତରେ କେଉଁଭଳି ଉପାୟରେ ପ୍ରସ୍ତୁତ କରାଯାଇପାରିବ ? ଏଥିଲାଗି ବୁଦ୍ଧିପ୍ରେରିତ ନୈରାଜ୍ୟବାଦ ମନୁଷ୍ୟ ଭିତରେ ରହିଥିବା ଦୁଇଟି ସାମର୍ଥ୍ୟ ଉପରେ ଆସ୍ଥା ରଖିଥାଏ । ପ୍ରଥମଟି ହେଲା ମନୁଷ୍ୟବୁଦ୍ଧିର ସନ୍ଦୀପନ ; ଅର୍ଥାତ୍ ମନୁଷ୍ୟର ମନ ଯଥାର୍ଥରୂପେ ସନ୍ଦୀପିତ ହୋଇପାରିଲେ ସେ ଯେ କେବଳ ଆପଣାଲାଗି ସ୍ୱାଧୀନତାର ଦାବି କରିବ ତା' ନୁହେଁ, ମାତ୍ର ସେହିପରି ଅନ୍ୟମାନଙ୍କ ମଧ୍ୟରେ ବି ସେ ସେହି ଅଧିକାରଟିକୁ ନିଶ୍ଚୟ ସ୍ୱୀକାର କରିନେବ । ଏକ ଯଥାର୍ଥ, ସୁପ୍ରତିଷ୍ଠ ଏବଂ ଅବିକୃତ ମନୁଷ୍ୟସ୍ୱଭାବରୁ ଏକ ନ୍ୟାୟୋଚିତ ସମୀକୃତ ଆପେ ଆପେ ଉଦ୍ଭୂତ ହୋଇଆସିବ । ଏତିକି ହେଲେ ହିଁ ଯଥେଷ୍ଟ ହୋଇଗଲା ବୋଲି ଅବଶ୍ୟ କଳ୍ପନା କରାଯାଇପାରେ ; ମାତ୍ର, ଯଦି ବ୍ୟକ୍ତିକୁ ପ୍ରଧାନତଃ ବିଚ୍ଛିନ୍ନ ଓ ଏକାନ୍ତଭାବରେ ଆପଣାର ଜୀବନଟିକୁ ବଞ୍ଚିବାକୁ ପଡ଼େ ଏବଂ ଅନ୍ୟମାନଙ୍କର ଜୀବନ ସହିତ ତା'ର ଯଦି ମାତ୍ର ଅଳ୍ପ କେତୋଟି ଆବଶ୍ୟକ ସମ୍ପର୍କ ହିଁ ରହେ, ତେବେ ସେଥିଲାଗି ତା'ର ମାନସିକ ସାମର୍ଥ୍ୟଗୁଡ଼ିକରେ ପ୍ରଭୂତ ପରିବର୍ତ୍ତନ ଓ ପ୍ରଗତି ସାଧିତ ହେବା ମଧ୍ୟ ଆବଶ୍ୟକ ହେବ । ପ୍ରକୃତ ସତ୍ୟ ହେଉଛି ଯେ, ଆମର ଏହି ଅସ୍ତିତ୍ୱଟି ଆମ ଚାରିପାଖରେ ରହିଥିବା ଅସ୍ତିତ୍ୱ ସହିତ ବଡ଼ ନିବିଡ଼ଭାବରେ ଗ୍ରଥିତ ହୋଇ ରହିଛି ଏବଂ ଏହି କ୍ଷେତ୍ରରେ ଏକ ସମଷ୍ଟୀଭୂତ ସାଧାରଣ ଜୀବନ, ସାଧାରଣ କ୍ରିୟାତ୍ମକତା ଓ ସାଧାରଣ ପ୍ରୟାସ ତଥା ଆକାଙ୍‌କ୍ଷା ରହିଛି ଯାହା ବ୍ୟତୀତ କି ମନୁଷ୍ୟସମାଜ ଆପଣାର ପରିପୂର୍ଣ୍ଣ ଉଚ୍ଚତା ଅଥବା ପ୍ରସ୍ଥଟିକୁ କଦାପି ଲାଭ କରି-ପାରିବ ନାହିଁ । ଏହି ଅନ୍ତରଙ୍ଗ ସମ୍ପର୍କ ଓ ସମ୍ବନ୍ଧିତତାରେ ଏକ ପରସ୍ପର-ସମଞ୍ଜସତା ବଜାୟ ରଖିବାକୁ ହେଲେ ଏବଂ ସବୁପ୍ରକାର ସଂଘାତ ଓ ଦ୍ୱନ୍ଦ୍ୱର ନିରାକରଣ କରିବାକୁ ହେଲେ କେବଳ ସନ୍ଦୀପିତ ବୁଦ୍ଧି ବ୍ୟତୀତ ଆଉ ଗୋଟିଏ ସାମର୍ଥ୍ୟର ବି ଆବଶ୍ୟକତା ରହିଛି । ଏକ ସ୍ୱଭାବଗତ ମାନବୀୟ ସହାନୁଭୂତିକୁ ହିଁ ନୈରାଜ୍ୟବାଦୀ ବିଶ୍ୱର ଏହି ଦ୍ୱିତୀୟ ସାମର୍ଥ୍ୟ ବୋଲି କହିଛି ; ଏବଂ ଯଥାର୍ଥ ପରିପ୍ରେକ୍ଷୀରେ ଆପଣାକୁ ମୁକ୍ତଭାବରେ କାର୍ଯ୍ୟକାରୀ କରିବାରେ ସୁଯୋଗ ଦିଆଯାଇପାରିଲେ ଏକ ସ୍ୱାଭାବିକ ସହଯୋଗର ନିଶ୍ଚିତ ପ୍ରବର୍ତ୍ତନ ଲାଗି ଏହି ସହାନୁଭୂତି ଉପରେ ବେଶ୍ ନିର୍ଭର କରାଯାଇପାରିବ । ଆମେରିକାର କବି ଯାହାକୁ ବନ୍ଧୁ ବନ୍ଧୁ ମଧ୍ୟରେ ସୌହାର୍ଦ୍ଦ୍ୟ ବୋଲି କହିଛନ୍ତି, ଯାହାକୁ ଆମେ ଭ୍ରାତୃତ୍ୱଭାବର ସିଦ୍ଧାନ୍ତ ବୋଲି କହିପାରିବା, ବିପ୍ଳବର ସେହି ପ୍ରଖ୍ୟାତ ସୂତ୍ରଟିରେ ରହିଆସିଥିବା ସେହି ତୃତୀୟ ଓ ସବୁଠାରୁ ଅଧିକ ଅବହେଳିତ କଥାଟି ପ୍ରତି ଏଠାରେ ଆବେଦନ କରାଯାଇଛି । ଯେଉଁ ବନ୍ଧନମୁକ୍ତ ସମତାଦର୍ଶ ଆପଣାକୁ ସ୍ୱତଃସ୍ଫୂର୍ତ୍ତ ସହଯୋଗ ଉପରେ ଭିତ୍ତି କରି ରଖିଥିବ ଏବଂ କୌଣସି ରାଷ୍ଟ୍ର ବା ସରକାରର ବଳାତ୍କାର ଅଥବା ସାମାଜିକ ବାଧ୍ୟବାଧକତାକୁ ଆଶ୍ରୟ କରି ରହି ନ ଥିବ, ତାହାକୁ ହିଁ ଆମେ ନୈରାଜ୍ୟବାଦୀ ସର୍ବୋଚ୍ଚ ଆଦର୍ଶ ବୋଲି କହିପାରିବା ।

'oaob.nitrkl.ac.in' images reprocessed

ଏହି ବିସ୍ତୃତିର ମାର୍ଗରେ ଆଗକୁ ଯାଇ ଆମେ ହୁଏତ ଏକ ମୁକ୍ତିଧର୍ମୀ ଓ ସହଯୋଗମୂଳକ କମ୍ୟୁନିଷ୍ଟ ଆଦର୍ଶରେ ଯାଇ ପହଞ୍ଚିବା ଅର୍ଥାତ୍ ଏକ ଐକ୍ୟବଦ୍ଧ ଜୀବନରେ ଯାଇ ପହଞ୍ଚିବା ଯେଉଁଠାରେ କି ସମସ୍ତଙ୍କର ସମ୍ପତ୍ତି ତଥା ସମସ୍ତଙ୍କର ଶ୍ରମ କେବଳ ସମସ୍ତଙ୍କର କଲ୍ୟାଣସାଧନ ଲାଗି ହିଁ ଉଦ୍ଦିଷ୍ଟ ହୋଇ ରହିଥିବ ; ଅଥବା, ଏହା ଆମକୁ ଏପରି ଏକ ଆଦର୍ଶରେ ନେଇ ପହଞ୍ଚାଇଦେବ, ଯାହାକୁ କି ଆମେ ବରଂ ଗୋଷ୍ଠୀବାଦ ବୋଲି କହିପାରିବା, ଯେଉଁଠାରେ କି ପ୍ରତ୍ୟେକ ବ୍ୟକ୍ତି ସ୍ୱେଚ୍ଛାପ୍ରେରିତ ଭାବରେ ଏକ ସମାଜ ଭିତରେ ବାସ କରିବାଲାଗି ଆପଣାର ସମ୍ମତି ଦେଇଥିବ, ଯେଉଁ ସମାଜରେ କି ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱ ଲାଗି ତାହାର ନ୍ୟାଯ୍ୟ ସ୍ୱାଧୀନତାଟି ସ୍ୱୀକୃତ ହୋଇ ରହିଥିବ, ମାତ୍ର ଆପଣାର ଉଦ୍‌ବୃତ୍ତ ଶ୍ରମ ଓ ସମ୍ପତ୍ତିକୁ ତା'ର ବିନା ଆପତ୍ତିରେ ସାଧାରଣ କଲ୍ୟାଣ ଲାଗି ବ୍ୟବହୃତ କରାଯାଇପାରିବ ଅଥବା ଏକ ସ୍ୱାଭାବିକ ସହଯୋଗୀ ଇଚ୍ଛା ଦ୍ୱାରା ପ୍ରେରିତ ହୋଇ ସେ ସେଗୁଡ଼ିକୁ ସମସ୍ତଙ୍କର କଲ୍ୟାଣ ଲାଗି ଉତ୍ସର୍ଗ କରିଦେବ । ନୈରାଜ୍ୟବାଦର ସର୍ବକଠୋର ଶାଖାଟି କମ୍ୟୁନିଷ୍ଟବାଦ ସହିତ କୌଣସି ପ୍ରକାର ସାଲିସ୍ କରିବାଲାଗି କେବେହେଲେ ରାଜି ହୁଏ ନାହିଁ । ରାଷ୍ଟ୍ରହୀନ କମ୍ୟୁନିଷ୍ଟବାଦର ଯେଉଁ ଆଦର୍ଶଟିକୁ ରୁଷିଆରେ ସର୍ବଶେଷ ଈପ୍ସିତ ବୋଲି ଗ୍ରହଣ କରାଯାଇଛି, ଆଧୁନିକ ଜୀବନ-ଦ୍ୱାରା ଆବଶ୍ୟକ ହୋଇପଡ଼ିଥିବା ଏକ ବୃହତ୍ ଏବଂ ଅତି ଜଟିଳ ପରିପ୍ରେକ୍ଷୀଟି ଉପରେ ତାହା କିପରି ଯେ ଆପଣାକୁ କାର୍ଯ୍ୟକାରୀ କରିପାରିବ, ତାହା ସ୍ପଷ୍ଟ କରି କହିପାରିବା ପ୍ରକୃତରେ ବଡ଼ କଷ୍ଟକର । ଏବଂ ଉପରେ ସରକାରୀ କୌଣସି ବଳ ବା ସାମାଜିକ କୌଣସି ବାଧ୍ୟବାଧକତା ନ ଥାଇ ଏକ ମୁକ୍ତିକାମୀ ଗୋଷ୍ଠୀବାଦ ବି କିପରି ପ୍ରତିଷ୍ଠିତ ହୋଇପାରିବ ଓ ସ୍ଥାୟୀ ହୋଇ ରହିପାରିବ, ଅଥବା ପରିଶେଷରେ ତାହା ହୁଏତ ଏକ-ପାଖରେ ଏକ ଅତି କଠିନ ଓ ନିର୍ମମ ସମୂହବାଦ କିମ୍ବା ଅନ୍ୟ ପାଖରେ କେବଳ ସଂଘର୍ଷମୟତା, ଅରାଜକତା ବା ବିଘଟନ ମଧ୍ୟରେ ହିଁ ବିଫଳତା ଲଭିବ ବା ଭୁସୁଡ଼ି-ପଡ଼ିବ, ବସ୍ତୁତଃ ସେକଥା ମଧ୍ୟ କଦାପି ସ୍ପଷ୍ଟ କରି କହିହେବ ନାହିଁ । କାରଣ ନ୍ୟାୟଦ୍ୱାରା ପରିଚାଳିତ ହେଉଥିବା ମନ ଯେତେବେଳେ ଆପଣାର ସାମାଜିକ ବିଚାର ବା ଆଦର୍ଶଟିକୁ ଗଢ଼ିବାରେ ଲାଗିଥାଏ, ସେତେବେଳେ ତାହା ମଣିଷ ଭିତରେ ରହିଥିବା ଅବୌଦ୍ଧିକ ଉପାଦାନଟି ସମ୍ବନ୍ଧରେ ଆଦୌ ଯଥେଷ୍ଟ ଭାବରେ ବିଚାର କରି ନ ଥାଏ ; ଯେଉଁ ପ୍ରାଣପ୍ରଧାନ ଅହଂକାରିତାଟି ସହିତ ମନୁଷ୍ୟସ୍ୱଭାବର ସବୁଠାରୁ ଅଧିକ ସକ୍ରିୟ ଓ କାର୍ଯ୍ୟସାଧକ ଅଂଶଟି ବନ୍ଧା ହୋଇ ରହିଥାଏ, ସେଇଟିର ମଧ୍ୟ ଯଥେଷ୍ଟ ବିଚାର କରି-ପାରେ ନାହିଁ । ତାହାର ଅଭିପ୍ରାୟଟି ଅଧିକାଂଶତଃ ଏହିପରି ଭାବରେ କାର୍ଯ୍ୟ କରୁଥାଏ ଏବଂ ପରିଶେଷରେ ତାହାହିଁ ଆଦର୍ଶବାଦୀ ବୁଦ୍ଧିର ସକଳ କଳନା ଓ ଗଣନାକୁ ପରାହତ କରି ରଖେ, ବିଶଦ ଭାବରେ ଗଢ଼ା ହୋଇଥିବା ତାହାର ସୁନିବଦ୍ଧତାଗୁଡ଼ିକୁ ଛିନ୍ନ ଛିନ୍ନ କରିପକାଏ ଅଥବା ଆପଣାର ଉଦ୍ଦେଶ୍ୟ ଏବଂ ଆବଶ୍ୟକତାଟି ଲାଗି ତାହା ଯେତିକି ଗ୍ରହଣ କରିବାକୁ ସମର୍ଥ ହୁଏ, ଯତ୍‌କିଞ୍ଚିତ୍ କେବଳ ସେତିକି ମାତ୍ର ଗ୍ରହଣ କରିନିଏ ।

'oaob.nitrkl.ac.in' images reprocessed

ମନୁଷ୍ୟ ମଧ୍ୟରେ ଏକ ବଳଶାଳୀ ଉପାଦାନ ହୋଇ ରହିଥିବା ସେହି ଅହଂଗତ ଶକ୍ତିଟିକୁ ଯଦି ଅତିରିକ୍ତ ପରିମାଣରେ ଆଚ୍ଛନ୍ନ କରି ରଖାଯାଏ, ଭୟଗ୍ରସ୍ତ ବା ହତୋତ୍ସାହିତ କରି ବଶରେ ରଖାଯାଏ, ଅଥବା ଯଦି ଅତିରିକ୍ତ ଭାବରେ ବୁଦ୍ଧି ଦ୍ୱାରା ଜର୍ଜର କରି ରଖାଯାଏ ଏବଂ ଆତ୍ମଅଭିବ୍ୟକ୍ତି ଲାଗି ତାହାର ସକଳ ପଥକୁ ବନ୍ଦ କରି ରଖାଯାଏ, ତେବେ ମନୁଷ୍ୟର ଜୀବନ ବଡ଼ କୃତ୍ରିମ ହୋଇପଡ଼େ, ଉପରଗୁରୁ ହୋଇ ରହେ, ତାହାର ପ୍ରାଣରସ ଦୁର୍ବଳ ହୋଇଆସେ ; ତାହାର ଜୀବନ ବଡ଼ ଯାନ୍ତ୍ରିକ ହୋଇପଡ଼େ ଓ ସୃଷ୍ଟି କରିବାର ସାମର୍ଥ୍ୟ ହରାଇବସେ । ଏବଂ ଅନ୍ୟ ପକ୍ଷରେ, ଯଦି ତାହାକୁ ଦବାଇ ରଖା ନ ଯାଏ, ତେବେ ତାହା ପରିଶେଷରେ ଆପଣାକୁ ପ୍ରତିଷ୍ଠିତ କରିବାର ପ୍ରବୃତ୍ତି ମଧ୍ୟ ରଖେ ଏବଂ ମନୁଷ୍ୟର ବୁଦ୍ଧିଆଶ୍ରିତ ପାର୍ଟିର ଯୋଜନାଗୁଡ଼ିକୁ ଅସ୍ତବ୍ୟସ୍ତ କରିଦେବାକୁ ବସିଥାଏ ; କାରଣ ତାହାଭିତରେ ଏପରି ସାମର୍ଥ୍ୟମାନ ନିହିତ ହୋଇ ରହିଥାଏ, ଯାହାର ଯଥାର୍ଥ ପରିତର୍ପଣ ତଥା ରୂପାନ୍ତରୀକରଣର ପଥମାନ ଆବିଷ୍କାର କରିପାରିବା ଲାଗି ବୁଦ୍ଧିର ଅଦୌ କୌଣସି ସାମର୍ଥ୍ୟ ନ ଥାଏ । ଏହି ବୁଦ୍ଧିଟି ହିଁ ଯଦି ବିଶ୍ୱଜଗତର ସଂଗୁପ୍ତ ସର୍ବୋଚ୍ଚ ବିଧାନଟି ହୋଇଥାନ୍ତା କିମ୍ବା ଏହି ମନୋଭୂମିଟି ଭିତରେ ହିଁ ମନୁଷ୍ୟରୂପୀ ମନୋମୟ ସତ୍ତ୍ୱର ସକଳ ସୀମା ଧାର୍ଯ୍ୟ ହୋଇ ରହିଥାନ୍ତା, ତେବେ ହୁଏତ ଯେଉଁ ଅତିଲୌକିକ ସ୍ୱଭାବଟିକୁ ମଣିଷ ଇତର ପ୍ରାଣୀଠାରୁ ଉତ୍ତରାଧିକାର ସୂତ୍ରରେ ପାଇଛି, ଆପଣାର ବୁଦ୍ଧିବଳରେ ହିଁ ସେ ସେଇଟି ଭିତରୁ ଉତ୍ତୀର୍ଣ୍ଣ ହୋଇ ବାହାରିଯାଇପାରନ୍ତା । ସେତେବେଳେ ସେ ଏକ ସକଳାଙ୍ଗ ଓ ସୁସଂପୂର୍ଣ୍ଣ ବୁଦ୍ଧିଆଶ୍ରିତ ତଥା ସହାନୁଭୂତିସମର୍ଥ ସତ୍ତା ହିସାବରେ ଆପଣାର ସର୍ବୋତ୍ତମ ମାନବାତ୍ମକ୍ଷେତ୍ରରେ ପୂର୍ଣ୍ଣ ନିରାପତ୍ତା ଓ ନିଶ୍ଚିତତା ସହିତ ଅବଶ୍ୟ ଜୀବନଧାରଣ କରି ରହିପାରନ୍ତା, ତାହାର ସକଳ ଅଂଶରେ ପୂର୍ଣ୍ଣ ଭାରସାମ୍ୟଯୁକ୍ତ ଓ ସୁସଂସ୍ଥିତ ହୋଇ ରହିପାରନ୍ତା ; ଭାରତୀୟ ଦର୍ଶନରେ ଯାହାକୁ ସାତ୍ତ୍ୱିକ ମନୁଷ୍ୟ ବୋଲି କୁହାଯାଇଛି, ସେ ସେତେବେଳେ ତାହା ଅବଶ୍ୟ ହୋଇପାରନ୍ତା ; ଏବଂ ତାହା ହିଁ ସମ୍ଭବତଃ ତା'ର ପରିପୂର୍ଣ୍ଣ ଉପଲବ୍ଧିରେ ସର୍ବଶୀର୍ଷ ସ୍ଥାନ ହୋଇ ରହନ୍ତା । ମାତ୍ର ବୁଦ୍ଧିସର୍ବସ୍ୱ ମନୁଷ୍ୟର ପ୍ରକୃତି ହେଉଛି କେବଳ ଏକ ମଧ୍ୟବର୍ତ୍ତୀକାଳୀନ ପ୍ରକୃତି ; ପ୍ରକୃତିର ବିବର୍ତ୍ତନରେ ବୌଦ୍ଧିକ ସତ୍ତାକୁ କେବଳ ଏକ ମଧ୍ୟବର୍ତ୍ତୀ ଅବସ୍ଥା ବୋଲି ହିଁ କୁହାଯିବ । କେବଳ ଏକ ବୁଦ୍ଧିଗତ ପରିତର୍ପଣ ଦ୍ୱାରା ସେ କଦାପି ଆପଣାର ନିମ୍ନଭାଗସ୍ଥ ଆକର୍ଷଣଟିରୁ ପୂର୍ଣ୍ଣ ନିରାପଦ ରହିପାରିବ ନାହିଁ ଅଥବା ଊର୍ଦ୍ଧ୍ୱସ୍ଥ ଆକର୍ଷଣଟିରୁ ତାକୁ ନିଷ୍କୃତି ମଧ୍ୟ ଦେଇପାରିବ ନାହିଁ । ଯଦି ତାହା ହୋଇ ନ ଥାନ୍ତା, ତେବେ ଆପଣାର ଯୁକ୍ତିବୁଦ୍ଧିଗତ ପରିପୂର୍ଣ୍ଣତାରେ ମନୁଷ୍ୟର ଜୀବନ ଆପଣାର ସମ୍ଭାବ୍ୟତମ ସ୍ତରରେ ପ୍ରକୃତରେ କ'ଣ ହୋଇପାରନ୍ତା, ତାହାର ଏକ ସିଦ୍ଧାନ୍ତ ହିସାବରେ ବୁଦ୍ଧିଅବଲମ୍ବିତ ନୈରାଜ୍ୟବାଦର ଆଦର୍ଶଟି ହୁଏତ ଅଧିକ ସମ୍ଭବ ବୋଲି ପ୍ରତିପାଦିତ ହୁଅନ୍ତା ଓ ଗ୍ରହଣଯୋଗ୍ୟ ବି ହୋଇପାରନ୍ତା । ମାତ୍ର ମନୁଷ୍ୟ ପ୍ରକୃତରେ

'oaob.nitrkl.ac.in' images reprocessed

ଯାହା, ଠିକ୍ ତାହାହିଁ ହୋଇଥିବାରୁ ଆମେ ପରିଶେଷରେ ଆହୁରି ଉଚ୍ଚକୁ ସ୍ପର୍ଦ୍ଧା କରିବା-ଲାଗି ଏବଂ ଆହୁରି ଆଗକୁ ଯାଇପାରିବାଲାଗି ସତତ ବାଧ୍ୟ ହୋଇଥାଉ ।

ଏକ ଆଧ୍ୟାତ୍ମିକ ଅର୍ଥାତ୍ ଅଧ୍ୟାତ୍ମଭାବ ଦ୍ୱାରା ଅନୁପ୍ରେରିତ ନୈରାଜ୍ୟବାଦ ହୁଏତ ପ୍ରକୃତ ସମାଧାନଟିର ଅଧିକ ନିକଟବର୍ତ୍ତୀ ହୋଇପାରିବା ପରି ମନେହୋଇପାରେ ଅଥବା ଦୂରରେ ଥାଇ ମଧ୍ୟ ଏହାର ଅନ୍ତତଃ କେତେକ ଉପାଦାନକୁ ସ୍ପର୍ଶ କରୁଥିଲା ପରି ବୋଧ ହୋଇପାରେ । ବର୍ତ୍ତମାନ ଏ ଯୁଗରେ ଏହି ନୈରାଜ୍ୟବାଦଟି ଯେଉଁଭଳି ଆକାରରେ ରହିଛି, ସେଥିରେ ନାନାପ୍ରକାର ଅତିରଞ୍ଜନ ଓ ଅପୂର୍ଣ୍ଣତା ଆସି ପଶିଯାଇଛି । ଏହି ଆଦର୍ଶଟିର ଅନୁପ୍ରାଣିତ ନେତାମାନେ ଅନେକ ସମୟରେ ସତେ ଯେପରି ପ୍ରାଣଗତ ଜୀବନର ଏକ ଅସମ୍ଭବ ଆତ୍ମଅସ୍ୱୀକାରର ହିଁ ପ୍ରଚାର କରିବାରେ ଲାଗିଛନ୍ତି ଏବଂ ଏପରି ଏକ ବୈରାଗ୍ୟଧର୍ମର ଉପସ୍ଥାପନା କରୁଛନ୍ତି ଯାହାକି ପ୍ରାଣିକ ସତ୍ତାଟିର କୌଣସି ସଂଶୋଧନ କିମ୍ବା ରୂପାନ୍ତର ସମ୍ଭବ କରିବା ପରିବର୍ତ୍ତେ ସେଇଟିକୁ ଦବାଇ ରଖିବା-ଲାଗି ଏବଂ ଏପରିକି ସେଇଟିକୁ ଏକାବେଳକେ ମାରିଦେବାଲାଗି ମଧ୍ୟ ଆଗଭର ହୋଇ ରହିଥିବା ପରି ମନେହେଉଛି । ଏହି ସୁକଠୋର କୃଚ୍ଛ୍ରାଚରଣ ଫଳରେ ଜୀବନର ଉତ୍ସମୂଳଗୁଡ଼ିକ ହିଁ ଦୁର୍ବଳ ଓ ଶୁଷ୍କ ହୋଇଯାଉଛି । ବିଦ୍ରୋହର ଏକ ଭାବୋଚ୍ଛ୍ୱାସରେ ସତେ ଅବା କେତେ ଦୂରକୁ ଭାସିଯାଇ ଏହି ବାର୍ତ୍ତାବହ ନାୟକମାନେ ସଭ୍ୟତାର ପ୍ରାଣପ୍ରାଚୁର୍ଯ୍ୟ ଅତିରିକ୍ତତାଗୁଡ଼ିକ ସକାଶେ ତାହାକୁ କେବଳ ଏକ ବିଫଳତା ବୋଲି ହିଁ ଘୋଷଣା କରୁଛନ୍ତି, ମାତ୍ର ତାହାର ବିକଳ୍ପରୂପେ ଆହୁରି ଏକ ଅତିରିକ୍ତତାକୁ ଆଣି ଥୋଇଦେଉଛନ୍ତି, ଯାହା ହୁଏତ ଆମ ସଭ୍ୟତାର କେତେକ ପ୍ରଧାନ ପ୍ରଧାନ ଦୋଷ ବା କୁତ୍ସିତତାଗୁଡ଼ିକର ଅପନୋଦନ କରିଦେଇପାରିବ ସତ, ମାତ୍ର ତାହି ସଙ୍ଗେ ସଙ୍ଗେ ଆମକୁ ଏହାର ଅନେକ ପ୍ରକୃତ ତଥା ମୂଲ୍ୟବାନ୍ ଲାଭରୁ ମଧ୍ୟ ବଞ୍ଚିତ କରି ରଖିବ । ମାତ୍ର ଅତିରିକ୍ତ ଭାବରେ ନ୍ୟାୟବୁଦ୍ଧିର ଆଶ୍ରୟ ନେଉଥିବା ଭାବନା ଓ ଏକପାଖିଆ ଆବେଗର ଅତିରିକ୍ତତାକୁ ଛାଡ଼ିଦେଲେ, ସକଳ ଆୟତନ ଓ ବେଢ଼କୁ ଅତିକ୍ରମ କରି ରହିଥିବା ଚିଦ୍‌ଗତତାର ସତ୍ୟଟିକୁ ପ୍ରକାଶ କରିପାରିବା ଲାଗି ଯେକୌଣସି "ବାଦ"ର ଯେଉଁ ଅସମର୍ଥତା ରହିଛି, ସେଇଟିକୁ ବାଦ୍ ଦେଲେ, ଆମେ ଏଠାକୁ ଆସି ଯଥାର୍ଥ ସମାଧାନଟିର ନିକଟବର୍ତ୍ତୀ ହୋଇଆସିଲା ପରି ଏବଂ ସେହି ସମାଧାନକାଙ୍କ୍ଷୀ ପ୍ରେରିକାଶକ୍ତିର ଆବିଷ୍କାର କରିବା ପରି ମନେହୋଇଥାଏ । ପ୍ରକୃତ ସମାଧାନଟି ବୁଦ୍ଧିର କ୍ଷେତ୍ରରେ ନାହିଁ, ତାହା ମନୁଷ୍ୟର ଆତ୍ମା ଭିତରେ ରହିଛି, ତାହାର ଆଧ୍ୟାତ୍ମିକ ପ୍ରବୃତ୍ତିଗୁଡ଼ିକରେ ରହିଛି । କେବଳ ଏକ ଆଧ୍ୟାତ୍ମିକ ଓ ଅନ୍ତର୍ଗତ ସ୍ୱାଧୀନତା ହିଁ ଏକ ପରିପୂର୍ଣ୍ଣ ମାନବୀୟ ବ୍ୟବସ୍ଥାର ରଚନା କରିପାରିବ । ଏକ ଆଧ୍ୟାତ୍ମିକ, ଅର୍ଥାତ୍ କେବଳ ବୁଦ୍ଧି ଦ୍ୱାରା ପ୍ରେରିତ ସନ୍ଦୀପନଠାରୁ ବୃହତ୍ତର ଏକ ସନ୍ଦୀପନ ହିଁ ମନୁଷ୍ୟର ପ୍ରାଣପ୍ରଧାନ ପ୍ରକୃତିଟିକୁ ସନ୍ଦୀପିତ କରିଦେଇପାରିବ ଓ ତାହାର ଯାବତୀୟ

'oaob.nitrkl.ac.in' images reprocessed

ସ୍ୱାର୍ଥାନ୍ୱେଷିତା, ବିରୋଧ ଏବଂ ବିସମ୍ବାଦ ଉପରେ ଏକ ସମତାର ପ୍ରତିଷ୍ଠା ମଧ୍ୟ କରିପାରିବ । କେବଳ ଏକ ଗଭୀରତର ଭ୍ରାତୃଭାବାପନ୍ନତା, ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ପାରି ନ ଥିବା ଶ୍ରଦ୍ଧାର ଏକ ବିଧାନ ଦ୍ୱାରା ହିଁ ଏକ ପରିପୂର୍ଣ୍ଣ ସାମାଜିକ ବିବର୍ତ୍ତନର ଭିତ୍ତି-ସ୍ଥାପନ ସମ୍ଭବ ହେବ ଏବଂ ଆଉ କୌଣସି କଥାକୁ ଏହାର ଏକ ବିକଳ୍ପରୂପେ ଗ୍ରହଣ କରାଯାଇ ପାରିବ ନାହିଁ । ମାତ୍ର ଏହି ଭ୍ରାତୃଭାବାପନ୍ନତା ବା ଏହି ଶ୍ରଦ୍ଧା କଦାପି ଆମର ପ୍ରାଣିକ ମୂଳପ୍ରବୃତ୍ତିଗୁଡ଼ିକ ଦ୍ୱାରା ଅଥବା ବୁଦ୍ଧି ଦ୍ୱାରା ପ୍ରେରିତ ହୋଇପାରିବେ ନାହିଁ, କାରଣ ସେହି କ୍ଷେତ୍ରରେ ସେଗୁଡ଼ିକ ବିରୁଦ୍ଧ ଆହୁରି ନାନା ବୁଦ୍ଧିଯୁକ୍ତ ଓ ବିସମ୍ବାଦୀ ମୂଳପ୍ରବୃତ୍ତିଗୁଡ଼ିକର ସମ୍ମୁଖୀନ ହେବେ, ସେଗୁଡ଼ିକ ଦ୍ୱାରା ପ୍ରତିହତ ହୋଇପଡ଼ିବେ ଅଥବା ପଥଚ୍ୟୁତ ହୋଇଯିବେ । ମନୁଷ୍ୟର ଏହି ପ୍ରକୃତିଅଧୀନ ହୃଦୟଟିରେ ମଧ୍ୟ ତାହାର ମୂଳଦୁଆ ଗଢ଼ିପାରିବ ନାହିଁ, କାରଣ ସେଠାରେ ଆହୁରି ଅନେକସଂଖ୍ୟକ ଅନ୍ୟ କାମନାମାନ ତାହା ସହିତ ଯୁଟିବା ଲାଗି ଆସି ମହଜୁଦ ହୋଇଯିବେ । ତେଣୁ କେବଳ ଆତ୍ମାରେ ହିଁ ତାହା ଆପଣାର ମୂଳଗୁଡ଼ିକୁ ନେଇ ପ୍ରତିଷ୍ଠିତ କରି ରଖିପାରିବ; ଯେଉଁ ଶ୍ରଦ୍ଧା ଆମ ସତ୍ତାର ଏକ ଗଭୀରତର ସତ୍ୟ ଉପରେ ପ୍ରତିଷ୍ଠିତ ହୋଇ ରହିଛି, ଯେଉଁ ଭ୍ରାତୃଭାବାପନ୍ନତା,—ବା ଆମେ ଯାହାକୁ ଏକ ଆଧ୍ୟାତ୍ମିକ ସହଚରିତା ବୋଲି କହିପାରିବା, ଏକତ୍ୱର ଏକ ଅନ୍ତରତର ଉପଲବ୍‌ଧିକୁ ଅଭିବ୍ୟକ୍ତ କରିଦେଉଛି, ତାହାରି ଉପରେ ହିଁ ତାହା ଆପଣାକୁ ପ୍ରତିଷ୍ଠିତ କରିପାରିବ । ଏକ ପ୍ରାଣଗତ ବା ମନୋଗତ ଅର୍ଥରେ ଭ୍ରାତୃଭାବାପନ୍ନତା କହିଲେ ସାଧାରଣତଃ ଯାହା ବୁଝାଇଥାଏ, ଏଠାରେ ତାହାଠାରୁ ଭିନ୍ନ ଏକ ଆବେଗର କଥା କୁହାଯାଉଛି, ଏଠାରେ ଏକ ଅଧିକ ପ୍ରଶାନ୍ତ ଓ ଅଧିକ ସ୍ଥାୟୀ ପ୍ରେରକଶକ୍ତି କଥା କୁହାଯାଉଛି । କାରଣ, କେବଳ ଏହାରି ଦ୍ୱାରା ହିଁ ଅହଂସଚେତନତାର ବିଲୟ ଘଟିବ ଏବଂ ପ୍ରତ୍ୟେକ ମନୁଷ୍ୟ ଭିତରେ ରହିଥିବା ଅନନ୍ୟସାଧାରଣ ଦେବତ୍ୱର ଯଥାର୍ଥ ବ୍ୟକ୍ତିବୈଶିଷ୍ଟ୍ୟଟି ଆପଣାକୁ ସମଷ୍ଟି ବା ଗୋଷ୍ଠୀ ମଧ୍ୟରେ ରହିଥିବା ଦେବତ୍ୱର ଯଥାର୍ଥ ସାମ୍ୟାଦର୍ଶଟି ଉପରେ ପ୍ରତିଷ୍ଠିତ କରି ରଖିପାରିବ । କାରଣ ପ୍ରତ୍ୟେକ ସତ୍ତା ମଧ୍ୟରେ ଯେଉଁ ପରମ ଚିନ୍ମୟତା, ଯେଉଁ ଅନ୍ତରତମ ଆତ୍ମା ଓ ବିଶ୍ୱଗତ ପରମ ଦେବତ୍ୱ ବିଦ୍ୟମାନ ରହିଛି, ତାହାହିଁ ଆପଣାର ଅନେକମୁଖୀ ଏକତ୍ୱର ସ୍ୱଭାବଟି ଦ୍ୱାରା ପ୍ରେରିତ ହୋଇ ସମସ୍ତଙ୍କର ଅସ୍ତିତ୍ୱ ମଧ୍ୟରେ ଅର୍ଥାତ୍ ଏହି ବିଶ୍ୱଗତ ଜୀବନ ଓ ପ୍ରକୃତି ମଧ୍ୟରେ ଆପଣାର ବ୍ୟକ୍ତିଜୀବନ ତଥା ବ୍ୟକ୍ତିପ୍ରକୃତିର ପରିପୂର୍ଣ୍ଣତାକୁ ହିଁ ଉପଲବ୍‌ଧି କରିବାରେ ଲାଗିଛି ।

ଏହି ସମାଧାନଟି ବିଷୟରେ ଆପତ୍ତି ଉଠାଇ କୁହାଯାଇପାରେ ଯେ ଏହା ଏକ କାମ୍ୟତର ମନୁଷ୍ୟସମାଜର ପରିପୂର୍ଣ୍ଣ ଉପଲବ୍‌ଧିକୁ ମନୁଷ୍ୟଜାତିର ଅନାଗତ ବିବର୍ତ୍ତନ ମଧ୍ୟରେ ରହିଥିବା କୌଣସି ଏକ ଦୂର ଭବିଷ୍ୟବିନ୍ଦୁ ଆଡ଼କୁ ଅତିବେଶି ଘୁଞ୍ଚାଇଦେଉଛି । କାରଣ ଏହି ସମାଧାନଟିର ତାତ୍ପର୍ଯ୍ୟ ହେଉଛି ଯେ ବୁଦ୍ଧିଦ୍ୱାରା

'oaob.nitrkl.ac.in' images reprocessed

ଉଦ୍‌ଭାବିତ କୌଣସି ଯନ୍ତ୍ର ବା କୌଣସି ବ୍ୟବସ୍ଥାକୌଶଳ ବ୍ୟକ୍ତିକୁ ଅଥବା ସମୂହଗତ ମନୁଷ୍ୟଙ୍କୁ କେବେହେଲେ ପରିପୂର୍ଣ୍ଣତା ଆଣି ଦେଇପାରିବ ନାହିଁ ; ଅର୍ଥାତ୍ ମନୁଷ୍ୟର ପ୍ରକୃତି ମଧ୍ୟରେ ଏକ ଅନ୍ତର୍ଗତ ପରିବର୍ତ୍ତନ ଆଣିବା ଆବଶ୍ୟକ ହେବ, ଯେଉଁ ପରିବର୍ତ୍ତନଟିକୁ ସମ୍ଭବ କରିବା କେବଳ ମୁଷ୍ଟିମେୟ କେତେକଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତଙ୍କ ଲାଗି ବଡ଼ କଷ୍ଟକର ବ୍ୟାପାର ହୋଇ ରହିବ । ଠିକ୍ ଏହିକଥା ଘଟିବ ବୋଲି କେହି ନିଶ୍ଚିତ ଭାବରେ କହିପାରିବ ନାହିଁ ; ମାତ୍ର ସେ ଯାହାହେଉ ପଛକେ, ଯଦି ଏଇଟି ସମାଧାନ ନ ହୁଏ, ତେବେ ଏହି କ୍ଷେତ୍ରରେ ଆଉ କୌଣସି ଅନ୍ୟ ସମାଧାନ ନାହିଁ ବୋଲି ଜାଣିରଖିବାକୁ ହେବ ; ଯଦି ଏଇଟି ପଥ ନ ହୁଏ, ତେବେ ମନୁଷ୍ୟଜାତି ଲାଗି ଅନ୍ୟ କୌଣସି ପଥ ନାହିଁ ବୋଲି ଜାଣିରଖିବାକୁ ହେବ । ତେବେ, ପୃଥିବୀର ଏହି ବିବର୍ତ୍ତନ ଏକଦା ଯେପରି ଇତରପ୍ରାଣୀର ସୋପାନକୁ ଅତିକ୍ରମ କରି ଚାଲିଆସିଛି, ସେହିପରି ତାହାକୁ ମନୁଷ୍ୟର ଏହି ସୋପାନଟିକୁ ମଧ୍ୟ ଅତିକ୍ରମ କରି ଆଗକୁ ଚାଲିଯିବାକୁ ହେବ ଏବଂ ତାହାସ୍ଥାନରେ ବୃହତ୍ତର ଆଉରି ଏକ ଗଣର ଆବିର୍ଭାବ ହେବ ଯିଏ କି ସେହି ଆଧ୍ୟାତ୍ମିକ ପରିବର୍ତ୍ତନ ଲାଗି ସମର୍ଥ ହୋଇପାରିବ ; ଜୀବନର ଆଉରି ଏକ ରୂପାୟନ ଏଠାରେ ଆସି ଅବତୀର୍ଣ୍ଣ ହେବ ଯିଏ କି ଦିବ୍ୟରୂପର ଅପେକ୍ଷାକୃତ ଅଧିକ ନିକଟବର୍ତ୍ତୀ ହୋଇ ରହିଥିବ । ଅବଶ୍ୟ ବର୍ତ୍ତମାନ ଏପରି ଏକ ମୀମାଂସା କରି ବସିଯିବାକୁ ନ୍ୟାୟସଙ୍ଗତ ଆଦୌ କୌଣସି କାରଣ ବା ଆବଶ୍ୟକତା ନାହିଁ ଯେ ଇପ୍‌ସିତ ପରିବର୍ତ୍ତନଟି ପରିପୂର୍ଣ୍ଣ ହେବାଲାଗି ହଠାତ୍ କୌଣସି ସମ୍ଭାବନା ଦିଶୁନାହିଁ ବୋଲି ଏହି ପରିବର୍ତ୍ତନ ଆଦୌ ଆରମ୍ଭ ବି ହୋଇପାରିବ ନାହିଁ । ଆପଣାର ସେହି ଆଧ୍ୟାତ୍ମିକ ଆଦର୍ଶଟି ଆଡ଼କୁ ମନୁଷ୍ୟଜାତି ଏକ ମୀମାଂସକ ଅଭିମୁଖିତା ଦେଖାଇବ ଏବଂ ଉପଲବ୍‌ଧିର ସେହି ଶିଖରଗୁଡ଼ିକ ଆଡ଼କୁ ଏକ ସତତ ଆରୋହଣ ଆରମ୍ଭ ହେବ ଏବଂ ସେଥିଲାଗି ସତତ ମାର୍ଗଦର୍ଶନ ବି ମିଳିବ,—ଏସବୁ ହୁଏତ କଦାପି ଏକାବେଳେକେ ଅସମ୍ଭବ ହୋଇ ରହିବ ନାହିଁ ; ପ୍ରଥମ ପର୍ଯ୍ୟାୟରେ ମାତ୍ର ଅଳ୍ପ କେତେକଜଣ ପୁରୋଗାମୀ ସେହିସବୁ ଶିଖରଦେଶରେ ପହଞ୍ଚିବାଲାଗି ସମର୍ଥ ହୋଇପାରିଲେ ହେଁ ଏବଂ ସମସ୍ତ ମନୁଷ୍ୟଜାତିର ପହଞ୍ଚିଲାଗି ତାହା ସୁଦୂରପରାହତ ହୋଇ ରହିଥିଲେ ହେଁ ସେସବୁ କଦାପି ଏକାବେଳେକେ ଅସମ୍ଭବ ହୋଇ ରହିବ ନାହିଁ । ଏବଂ ସେହି ପ୍ରାରମ୍ଭର ପରିଣାମସ୍ୱରୂପ, ହୁଏତ ଏପରି ଏକ ପରମ ପ୍ରଭାବ ଅବତୀର୍ଣ୍ଣ ହୋଇଆସିବ, ଯାହାକି ମନୁଷ୍ୟଜାତିର ବୃତ୍ତି ଓ ପ୍ରବୃତ୍ତିଗତ ସମଗ୍ର ଜୀବନଟିରେ ଏକ ଆଶୁ ପରିବର୍ତ୍ତନର ସଂଘଟନ କରାଇଦେଇପାରିବ ; ଏବଂ ଯିଏ ତା'ର ବୁଦ୍ଧିର ବିକାଶ ଯେପରି କରିଥିଲା ସେହିପରି, ଏବଂ ବୁଦ୍ଧିର ଯେକୌଣସି ବିକାଶ ଆଦୌ ଯାହାକରିଛି କରି-ପାରିବାର ସାମର୍ଥ୍ୟ ରଖିଛି, ତାହାର ଯାବତୀୟ ସୀମାକୁ ଅତିକ୍ରମ କରି ସେହି ପ୍ରଭାବଟିର ଅବତରଣ ମନୁଷ୍ୟର ସକଳ ଶକ୍ତିସମ୍ଭାବନା ଏବଂ ତାହାର ଯାବତୀୟ ସଂଗଠନଟିକୁ ଚିରକାଳ ଲାଗି ଏକ ବୃହତ୍ତରତା ଆଣି ଦେଇପାରିବ ।

'oaob.nitrkl.ac.in' images reprocessed

୨୨.୧୨.'୭୫

ଏକବିଂଶ ପରିଚ୍ଛେଦ

# ଆଧ୍ୟାତ୍ମିକ ଲକ୍ଷ୍ୟ ଓ ଜୀବନ

ଯେଉଁ ନିତ୍ୟନୈମିତ୍ତିକ ମାନବସମାଜ ନିମ୍ନସ୍ତରସ୍ଥ ପ୍ରକୃତିଟିଠାରୁ ଆରମ୍ଭ କରି ସେହି ନିମ୍ନସ୍ତରସ୍ଥ ପ୍ରକୃତିଟିରେ ହିଁ ଆପଣାକୁ ଇତି କରିଦେଉଛି, ଆଧ୍ୟାତ୍ମିକତା ଉପରେ ଆଧାରିତ ଏକ ସମାଜର ସେଇଟିଠାରୁ ଦୁଇଟି ମୌଳିକ ପାର୍ଥକ୍ୟ ରହିବ । ମନୁଷ୍ୟର ନିତ୍ୟନୈମିତ୍ତିକ ସମାଜ ସମାଜରେ ବାସ କରି ରହିବାଲାଗି ମନୁଷ୍ୟ ଭିତରେ ଯେଉଁ ମୂଳପ୍ରବୃତ୍ତିଟି ରହିଛି, ସେଇଥିରୁ ହିଁ ଆରମ୍ଭ ହୋଇଛି ; ସେହି ମୂଳପ୍ରବୃତ୍ତିଟି ମଧ୍ୟରେ କେତେ କେତେ ସ୍ୱାର୍ଥର ନାନା ବିଚିତ୍ରତା ଏବଂ ସାମଞ୍ଜସ୍ୟ କେତେ ବିରୋଧ ସେଇଟିକୁ ନାନା ବର୍ଣ୍ଣ ଦେଇ ରଖିଛି । ଅନେକ ଅହଂର ସମ୍ମିଳନ ଓ ସଂଘାତରୁ ଏହି ସମାଜ ଜନ୍ମଲାଭ କରିଛି ; କେତେ କେତେ ବିଗ୍ରହ, ପ୍ରବୃତ୍ତି ଓ ସିଦ୍ଧାନ୍ତର ସମ୍ମିଳନ, ସଂଯୋଗ ଓ ଦ୍ୱନ୍ଦ୍ୱ ଭିତରୁ ଏହି ସମାଜ ବାହାରିଛି । ପ୍ରଥମ ପର୍ଯ୍ୟାୟରେ ଏହି ସମାଜ ଏକାଠି ଗୋଳେଇହୋଇ ରହିଥିବା ନାନା ସ୍ୱାର୍ଥ ଭିତରେ କେତେପ୍ରକାର ତାଳ ପକାଇବାକୁ କେତେ ଚେଷ୍ଟା କରୁଛି, କେତେକେତେ ବିସମ୍ବାଦ ମଧ୍ୟରେ ଏକ ଶାନ୍ତିଚୁକ୍ତି କରି ରଖିବାକୁ ଚେଷ୍ଟା କରୁଛି ; ଏହି ସନ୍ଧି ବା ଚୁକ୍ତିଟି ସର୍ତ୍ତମୂଳକ କେତେ ଆପୋଷ ବୁଝାମଣା ଏବଂ ସ୍ୱାଭାବିକ ଅଥବା ଆବଶ୍ୟକ କେତେ ଅନୁକୂଳନ ଉପରେ ଠିଆହୋଇ ରହିଛି, ଯାହାକି କ୍ରମେ ସମାଜଗତ ଜୀବନର ବିଧି ଓ ରୀତିରେ ପରିଣତ ହୋଇଯାଉଛି ଏବଂ ଏହିସବୁ ଚୁକ୍ତି ଉତ୍ତରୋତ୍ତର ବିକାଶଲାଭ କରିବା ସଙ୍ଗେ ସଙ୍ଗେ ସମାଜ ଏଗୁଡ଼ିକୁ ସାମାଜିକ ନିୟମର ନାମଦ୍ୱାରା ଅଭିହିତ କରୁଛି । ପରସ୍ପର ସହିତ ସଂଘାତଲିପ୍ତ ହୋଇ ରହିବାକୁ ଚାହୁଁଥିବା ସ୍ୱାର୍ଥଗୁଡ଼ିକର ସମ୍ମୁଖୀନ ହେବାକୁ ଯାଇ ଏହି ସମାଜ ସମ୍ମିଳନ ତଥା ପାରସ୍ପରିକ ସହକାରିତାର ଆବେଦନଟିକୁ ବହନ କରୁଥିବା ଅନ୍ୟ ସ୍ୱାର୍ଥଗୁଡ଼ିକୁ ପ୍ରତିଷ୍ଠିତ କରି ରଖୁଛି ଏବଂ ତଦ୍ଦ୍ୱାରା ଏପରି ନାନା ସହାନୁଭୂତିଶୀଳତା ଓ ପରସ୍ପରର ସହାୟକ ହୋଇପାରିବାର ଅଭ୍ୟାସ ବା ସଂସ୍କାରମାନ ସୃଷ୍ଟି କରୁଛି ବା ସେଗୁଡ଼ିକୁ ଉତ୍ପ୍ରେରଣା ଯୋଗାଇଦେଉଛି, ଯାହାକି ନିୟମ, ବିଧି ଓ ଚୁକ୍ତିବଦ୍ଧତାର ସମାଜଗତ ବ୍ୟବସ୍ଥାଟିକୁ ଏକ ମନୋଗତ ସମର୍ଥନ ଓ ସ୍ୱୀକୃତି ମଧ୍ୟ ଆଣିଦେଇପାରୁଛି । ମନୁଷ୍ୟର ଭୌତିକ, ପ୍ରାଣଗତ ତଥା ମାନସିକ ଜୀବନକୁ ଅଧିକରୁ ଅଧିକ ପରିତୃପ୍ତି

'oaob.nitrkl.ac.in' images reprocessed

ଆଣିଦେଇ ଏବଂ ତାହାକୁ ଅଧିକ ସମର୍ଥ କରାଇ, ଅର୍ଥାତ୍ ଗୋଟିଏ ଶବ୍ଦରେ କହିଲେ ସଭ୍ୟତାର ବିକାଶ ଘଟାଇ ଏବଂ ସଭ୍ୟତାଗତ ସୁଫଳଗୁଡ଼ିକୁ ମନୁଷ୍ୟ ଆଗରେ ବାଢ଼ିଦେଇ ଏହି ସମାଜ ସାମାଜିକ ଯାବତୀୟ ଅନୁଷ୍ଠାନଲାଗି ବେଶ୍ ଏକ ଔଚିତ୍ୟ ଆଣି ଯୋଗାଇଦେଉଛି ଏବଂ ଜୀବନର ନାନା ଅଭ୍ୟାସ ତଥା ସଂସ୍କାରର ଆବଶ୍ୟକତାକୁ ମଧ୍ୟ ସିଦ୍ଧ କରିଦେଇପାରୁଛି । ଏହାଫଳରେ ଏହି ଯେଉଁସବୁ ଲାଭ ଉପଲବ୍ଧ ହୋଇଛି, ତାହା ଆଗରେ ଆମକୁ ତଦ୍‌ଜନିତ ବହୁଳ କ୍ଷତିର ଫର୍ଦ୍ଦଟିକୁ ପ୍ରାୟ କାଟିଦେବାକୁ ପଡ଼ୁଛି ; ମାତ୍ର ସଭ୍ୟତାର ନ୍ୟାଯ୍ୟମୂଲ୍ୟରୂପେ ଆମକୁ ସେହି କ୍ଷତିଗୁଡ଼ିକୁ ମାନିନେବାକୁ ପଡ଼ୁଛି ବୋଲି କହିବାକୁ ହେବ ।

ଏହି ସ୍ୱୀକୃତ ଓ ନିତ୍ୟନୈମିତ୍ତିକ ସମାଜ ମନୁଷ୍ୟକୁ ମୂଳତଃ ଗୋଟିଏ ଭୌତିକ, ପ୍ରାଣିକ ଏବଂ ମନୋଗତ ସତ୍ତ୍ୱରୂପେ ଦେଖିଥାଏ ଏବଂ ସେହି ଭାବରେ ହିଁ ତାହାର ସମ୍ମୁଖୀନ ହୋଇଥାଏ । କାରଣ ପ୍ରାଣ, ମନ ଓ ଶରୀର,—ଆମ ଅସ୍ତିତ୍ୱର ଏହି ତିନୋଟିମାତ୍ର ଭୂମିରେ ଆପଣାକୁ କାର୍ଯ୍ୟକାରୀ କରିପାରିବାଲାଗି ହିଁ ଏହାର ଯାହାକିଛି ଦକ୍ଷତା ରହିଛି । ଏହାଫଳରେ ଆମର ସମାଜ ମାନସିକ ଅଭିରୁଚି ତଥା ମନୋଗତ ଦକ୍ଷତାର ଏକ ସ୍ୱୀତିର ବିକାଶ ଘଟାଇପାରୁଛି, ବୁଦ୍ଧିଦ୍ୱାରା ଅନୁପ୍ରେରିତ, ସୌନ୍ଦର୍ଯ୍ୟ-ବୋଧଗତ ଓ ନୀତିବଦ୍ଧ ଏକ ସଂସ୍କୃତିର ବିକାଶ କରାଇପାରୁଛି । ମନୁଷ୍ୟଜୀବନର ପ୍ରାଣିକ ଦିଗଟିର ବିକାଶସାଧନ ଘଟାଇ ତାହା ଆର୍ଥିକ ନୈପୁଣ୍ୟ ଏବଂ ପ୍ରାଣିକ ସମ୍ଭୋଗର ଏକ କ୍ରମବର୍ଦ୍ଧମାନ ବ୍ୟବସ୍ଥାକୁ ସୃଷ୍ଟି କରୁଛି, ଏବଂ ସଭ୍ୟତାର ଉତ୍ତରୋତ୍ତର ବିକାଶ ସଙ୍ଗେ ସଙ୍ଗେ ଏହି ବ୍ୟବସ୍ଥାଟି ମଧ୍ୟ ଅଧିକରୁ ଅଧିକ ଐଶ୍ୱର୍ଯ୍ୟପୂର୍ଣ୍ଣ, ଜଟିଳ ଏବଂ ବାଧାଯୁକ୍ତ ହେବାରେ ଲାଗିଛି । ଭୌତିକ ତଥା ପ୍ରାଣୀସ୍ତରଗତ ମନୁଷ୍ୟର ପ୍ରକୃତିଗତ ସତ୍ୟମୟତାକୁ ଉପର ସ୍ତରର ମନୋଗତ ତଥା ପ୍ରାଣିକ ଅଭିରୁଚିଦ୍ୱାରା ତଳକୁ ଘୁଞ୍ଚାଇଦେଇ ଏହି ସମାଜ ଭୌତିକ କୃଷ୍ଟିର ନାନା ରୀତି ଓ ବ୍ୟବସ୍ଥା, ନାନା ସଂସ୍କାର, ଅଭ୍ୟସ୍ତତା ଏବଂ ଆପେ ଉଆଇଥିବା ଅନର୍ଥଗୁଡ଼ିକୁ ଦୂର କରିବାଲାଗି ଅଭିପ୍ରେତ ନାନା ପ୍ରକାରର ଏକ ଭାରିକାନ୍ତ ବିଜ୍ଞାନ ଏବଂ ଆପଣାର ସାମାଜିକ ବ୍ୟବସ୍ଥାଟି ଲାଗି ଆବଶ୍ୟକ ହେଉଥିବା କୃତ୍ରିମ ଜୀବନରୀତିଗୁଡ଼ିକର ଯଥାସମ୍ଭବ ଓ ଯଥାସାଧ୍ୟ ଉନ୍ନତିସାଧନ ଦ୍ୱାରା ସବୁବେଳେ ଭାରସାମ୍ୟଟିକୁ ଠିକ୍ ରଖିବାଲାଗି ଚେଷ୍ଟା କରିବାରେ ଲାଗିଛି । ଅବଶ୍ୟ ଇତିହାସ ଓ ଅଭିଜ୍ଞତା ଏକଥାଟିକୁ ମଧ୍ୟ ପ୍ରମାଣ କରିଦେଉଛି ଯେ ଆପଣାର ବିକାଶ ଫଳରେ ହିଁ ସମାଜରେ କ୍ରମେ ବିଲୁପ୍ତି ଲଭିବାର ଏକ ପ୍ରବୃତ୍ତି ମଧ୍ୟ ଜନ୍ମଲାଭ କରୁଛି ଏବଂ ଏଥିରୁ ହିଁ ଏକ ସ୍ପଷ୍ଟ ସଙ୍କେତ ମିଳିଯାଉଛି ଯେ ତାହାର ସମଗ୍ର ବ୍ୟବସ୍ଥାଟିରେ କେଉଁଠି ନା କେଉଁଠି ଏକ ମୌଳିକ ଦୋଷ ଅବଶ୍ୟ ରହିଛି । ମନୁଷ୍ୟ ସମ୍ବନ୍ଧରେ ଏହି ସମାଜର ଯେଉଁ ଧାରଣା ରହିଛି ଏବଂ ଯେଉଁ ପଦ୍ଧତିରେ ତାହା ଆପଣାର ବିକାଶ ସାଧନ କରୁଛି, ମନୁଷ୍ୟସତ୍ତ୍ୱର ସମଗ୍ର ସତ୍ୟ ତଥା ସେହି ସତ୍ୟଟି ଆମ ଆଗରେ ଆଣି ଉପସ୍ଥାପିତ କରିଦେଉଥିବା ଜୀବନଗତ ଲକ୍ଷ୍ୟଟି ସହିତ ଯେ ତାହାର

କୌଣସି ସମଞ୍ଜସତା ନାହିଁ, ସେଇଟି ବିଷୟରେ ମଧ୍ୟ କେତେକ ପରିମାଣରେ ଏକ ପ୍ରମାଣ ମିଳିଯାଉଛି ।

ତେଣୁ ମନୁଷ୍ୟର ସଭ୍ୟତା ଭିତରେ କୌଣସି ନା କୌଣସିଠାରେ ଏକ ମୌଳିକ ଅଭାବ ବା ଦୋଷଟିଏ ନିଶ୍ଚୟ ରହିଛି । ମାତ୍ର ଏହି ଦୋଷଟି ଠିକ୍ କେଉଁଠାରେ ରହିଛି ଏବଂ ବିଫଳତାର ଏହି ଅବିରତ ଚକ୍ରଟିରୁ ଆମେ କେଉଁ ବାଟରେ ବାହାରିଆସି-ପାରିବା ? ଆମ ଜୀବନର ସଭ୍ୟ ବିକାଶଟି ପ୍ରାଣିକତାର ସମ୍ପୂର୍ଣ୍ଣ କ୍ଷେତ୍ରଟିକୁ ନିଃଶେଷିତ କରିଦେଇ ସେହିଠାରେ ହିଁ ଅଟକି ରହିଯାଉଛି ଏବଂ ତା'ପରେ ଠିକ୍ ସେହି ମାର୍ଗଗୁଡ଼ିକର ହିଁ ଅନୁସରଣ କରି ଅବିଚ୍ଛିନ୍ନଭାବରେ ଆହୁରି ଆଗକୁ ଯାଇପାରିବାଲାଗି ଆପଣାର ସମର୍ଥନ ଦେବାକୁ ପ୍ରକୃତି ଆଉ ସମ୍ମତ ହେଉନାହିଁ । ଆପଣାର ଅଧିକତର ଲାଭ ଉଦ୍ଦେଶ୍ୟରେ ମାନବୀୟ ଜୀବନବ୍ୟବସ୍ଥାଟିର ଭାରସାମ୍ୟକୁ ଟହଲାଇଦେଇ ଆମର ସଭ୍ୟତାମଣ୍ଡ ମନୋଗତତା ପରିଶେଷରେ ଆବିଷ୍କାର କରୁଛି ଯେ ଯାହାଦ୍ୱାରା ସେ ସ୍ୱୟଂ ପୁଷ୍ଟ ହୋଇ ଆସିଥିଲା, ସେଇଟିକୁ ହିଁ ସେ କ୍ରମେ ନିଃଶେଷିତ ଓ ବିନଷ୍ଟ କରିଦେଇଛି; ଏବଂ ତା'ପରେ ମନ ସ୍ୱୟଂ ଜିଜ୍ଞାସାତ୍ମକତା ଏବଂ ସ୍ୱୟଂ ଉତ୍ପାଦନସାମର୍ଥ୍ୟଲାଗି ଆପଣାର ସକଳ ଶକ୍ତିକୁ ହରାଇ ବସୁଛି । କ୍ରମେ ଏକଥାଟି ମଧ୍ୟ ଜଣାପଡ଼ିଯାଉଛି ଯେ ସଭ୍ୟତା ଯେତିକି ସମସ୍ୟାର ସମାଧାନ କରିପାରିବ, ତାହାଠାରୁ ଅନେକ ଅଧିକ ସମସ୍ୟାକୁ ଉଠାଇ ରଖିଛି ଏବଂ ଏତେ ଅତିରିକ୍ତଭାବରେ ଅଗଣିତ ନାନା ଆବଶ୍ୟକତା ଏବଂ କାମନାଗୁଡ଼ିକୁ ଜନ୍ମ ଦେଇଛି, ଯାହାର ତୃପ୍ତି ବିଧାନ କରିପାରିବାଲାଗି ତା'ହା ମଧ୍ୟରେ ଆଦୌ ଯଥେଷ୍ଟ ପ୍ରାଣଗତ ସାମର୍ଥ୍ୟ ନାହିଁ ; ନାନା ଦାବି ଏବଂ କୃତ୍ରିମ ପ୍ରବୃତ୍ତିର ଏପରି ଏକ ଗହନ ସୃଷ୍ଟି କରି ରଖିଛି, ଯାହାଭିତରେ ପଶି ଜୀବନ ବାଟବଣା ହୋଇଯାଉଛି ଏବଂ ଆପଣାର ଲକ୍ଷ୍ୟଟିକୁ ମଧ୍ୟ ଆଉ ସ୍ପଷ୍ଟଭାବରେ ଆଦୌ ଦେଖିପାରୁନାହିଁ । ସମାଜରେ ରହିଥିବା ଅପେକ୍ଷାକୃତ ଅଧିକ ପୁରୋଗାମୀ ମନସ୍ୱୀମାନେ ସଭ୍ୟତାକୁ ଏକ ବିଫଳତା ବା ବ୍ୟର୍ଥ ପ୍ରୟାସ ବୋଲି ଘୋଷଣା କରୁଛନ୍ତି ଏବଂ ସେମାନେ ଯାହା କହୁଛନ୍ତି ଠିକ୍ କହୁଛନ୍ତି ବୋଲି ସମାଜ ମଧ୍ୟ ଅନୁଭବ କରିବାକୁ ଆରମ୍ଭ କରୁଛି । ମାତ୍ର ଏହି ବିଫଳତାରୁ ରକ୍ଷା ପାଇବାଲାଗି ସେମାନେ ଆଉ ଆଗକୁ ନ ଯାଇ ଏଇଠି ଅଟକି ରହିବାଲାଗି ପରାମର୍ଶ ଦେଉଛନ୍ତି ଅଥବା ଏପରିକି ପଛକୁ ଫେରିଯିବାଲାଗି କହୁଛନ୍ତି ; ମାତ୍ର ଏହାଦ୍ୱାରା ପରିଶେଷରେ ଆହୁରି ଅଧିକ ଗୋଳମାଳ ଆସି ପହଞ୍ଚୁଛି, ଆହୁରି ଅଧିକ ଭ୍ରାନ୍ତତା ଏବଂ ଅବକ୍ଷୟ ଆସି ଦେଖାଦେଉଛି । ସେହି ମନୀଷୀମାନେ ଅନେକ ସମୟରେ 'ପ୍ରକୃତି' ମଧ୍ୟକୁ ଫେରିଯିବାକୁ ମଧ୍ୟ ଉପଦେଶ ଦେଉଛନ୍ତି, ଯାହାକି କେବେହେଲେ ସମ୍ଭବ ହେବ ନାହିଁ ଏବଂ କେବଳ ସମାଜର ଏକ ପ୍ରଳୟସାଧନ କିମ୍ବା ବିଘଟନ ଦ୍ୱାରା ହିଁ ହୁଏତ ସମ୍ଭବ ହୋଇପାରିବ । ଅଥବା ନାନାବିଧ କୃତ୍ରିମ ପ୍ରତିକାର ବ୍ୟବସ୍ଥାକୁ ସେଗୁଡ଼ିକର ଚରମ ସୀମାକୁ ବହନ କରିନେଇ ସଭ୍ୟତାର

'oaob.nitrkl.ac.in' images reprocessed

ବ୍ୟାଧିଟିକୁ ଆରୋଗ୍ୟ କରିଦେବାଲାଗି ଚେଷ୍ଟା କରାଯାଉଛି ; ଆହୁରି ବିଜ୍ଞାନ, ଆହୁରି ଯନ୍ତ୍ରସାଧନ ଓ ଯାନ୍ତ୍ରିକ କୌଶଳଦ୍ୱାରା ଏବଂ ବିଜ୍ଞାନର ନିୟମଗୁଡ଼ିକ ଅନୁସାରେ ଜୀବନକୁ ଆହୁରି ଅଧିକ ସଂଗଠିତଭାବରେ ବାନ୍ଧିରଖି ସେଥିଲାଗି ଚେଷ୍ଟା କରାଯାଉଛି । ଅର୍ଥାତ୍ ହୁଏତ ଆଶା କରାଯାଉଛି ଯେ ଜୀବନ ପରିବର୍ତ୍ତିରେ ଗୋଟାଏ ନିୟମଚାଳିତ ଇଞ୍ଜିନ୍‌କୁ ଆଣି ବସାଇ ଦିଆଯାଇ ପାରିବ, ଏବଂ ଅନେକମୁଖୀ ବିଚିତ୍ର ପ୍ରକୃତିର ସ୍ଥାନରେ ଏକାଗ୍ରମୁଖୀ ତର୍କନ୍ୟାୟଗତ ବୌଦ୍ଧିକତା ଆସନସ୍ଥ ହୋଇ ବସିବ ; ଅର୍ଥାତ୍ ଯାନ୍ତ୍ରିକ ନିୟମ ଓ ଯନ୍ତ୍ରଦ୍ୱାରା ହିଁ ମନୁଷ୍ୟର ଉଦ୍ଧାର କରାଯାଇପାରିବ । ବରଂ ଏପରି କହିବା ଉଚିତ ଯେ କୌଣସି ଏକ ବ୍ୟାଧିକୁ ତା'ର ସର୍ବୋଚ୍ଚ ସୀମାଯାଏ ବର୍ଦ୍ଧନ କରି-ନେବାଦ୍ୱାରା ହିଁ ପ୍ରକୃଷ୍ଟଭାବରେ ବ୍ୟାଧିଟିର ଆରୋଗ୍ୟବିଧାନ କରାଯାଇପାରିବ ।

ମାତ୍ର ଅପର ପକ୍ଷରେ ପ୍ରକୃତ ଦୁଆରଟି ଉପରେ କରାଘାତ କରିପାରିବାଲାଗି ଏଠାରେ ଆଉ ଗୋଟିଏ କଥା କୁହାଯାଇପାରିବ; କୁହାଯିବ ଯେ ସମାଜ ଯେଉଁଟିର ବିକାଶକୁ ସବୁଠାରୁ ଅଧିକ ଅବହେଳା ପ୍ରଦର୍ଶନ କରିଆସିଛି ; ଆମ ସାମାଜିକ ବ୍ୟବସ୍ଥା-ଗୁଡ଼ିକ ବଡ଼ ଦୋଷଯୁକ୍ତ ଭାବରେ ତାହାର ବିକାଶ କରିଥିବାରୁ ହିଁ ଆମ ସମାଜରେ ବର୍ତ୍ତମାନର ମୌଳିକ ଅଭାବଟି ଆସି ଦେଖାଦେଇଛି । ଅର୍ଥାତ୍ ଆମର ସମାଜଜୀବନର ଆଧ୍ୟାତ୍ମିକ ଉପାଦାନଟିକୁ ସବୁଠାରୁ ଅଧିକ ଅବହେଳା କରିଥିବାରୁ ଅର୍ଥାତ୍ ମନୁଷ୍ୟ ଭିତରେ ତାହାର ଯଥାର୍ଥ ସତ୍ତାରୂପେ ଅବସ୍ଥିତ ରହିଥିବା ତା'ର ଆତ୍ମାଟିର ଅବହେଳା କରିଥିବାରୁ ହିଁ ଆମ ସଭ୍ୟତା ଏପରି ମୌଳିକ ଭାବରେ ଦୋଷଯୁକ୍ତ ହୋଇପଡ଼ିଛି । ଏକ ସୁସ୍ଥ ଶରୀର, ଏକ ବଳିଷ୍ଠ ପ୍ରାଣମୟତା ଏବଂ ଏକ ସକ୍ରିୟ ଓ ସ୍ୱଚ୍ଛୀକୃତ ମନର ସମ୍ପଦଗୁଡ଼ିକୁ ଲାଭ କରି ସେଗୁଡ଼ିକର କ୍ରିୟାଶୀଳତା ତଥା ସମ୍ଭୋଗଲାଗି ଏକ ପର୍ଯ୍ୟାପ୍ତ କ୍ଷେତ୍ର ପାଇସାରିବା ପରେ ମଧ୍ୟ ମନୁଷ୍ୟ ତଦ୍ଦ୍ୱାରା କେବଳ ଏକ ନିର୍ଦ୍ଦିଷ୍ଟ ଦୂରଯାଏ ଯାଇପାରୁଛି ଏବଂ ତା'ପରେ ଆହୁରି ଆଗକୁ ଯିବାଲାଗି ତା'ର ସାମର୍ଥ୍ୟ ପାଉନାହିଁ । ସେ ଆପଣାର ପଥ ଉପରେ ସତେ ଅବା କେବଳ ଅନିଶ୍ଚିତ ଭାବରେ ଏଣେତେଣେ ଧାଇଁବାରେ ଲାଗିଛି ଏବଂ ଏକ ଯଥାର୍ଥ ଆତ୍ମ-ଆବିଷ୍କାରର ଅଭାବରେ ସେ କ୍ରମେ କ୍ଳାନ୍ତ ଓ ଅବସନ୍ନ ମଧ୍ୟ ହୋଇପଡ଼ୁଛି । ତା'ର କ୍ରିୟା ତଥା ଅଗ୍ରଗତି ଲାଗି ଏକ ସନ୍ତୋଷ-ବିଧାୟକ ଉଦ୍ଦେଶ୍ୟ ନ ପାଇ ସେ ଅବସନ୍ନ ହୋଇପଡ଼ୁଛି । କାରଣ ଏହି ତିନୋଟିଯାକ ସମ୍ପନ୍ନତା ଏକାଠି ମିଶି ମନୁଷ୍ୟଜୀବନର ଏକ ସକଳାଙ୍ଗ ପୂର୍ଣ୍ଣସମ୍ପନ୍ନତାକୁ କଦାପି ସମ୍ଭବ କରିପାରନ୍ତି ନାହିଁ, ସେଗୁଡ଼ିକର ବାହାରେ ରହିଥିବା ଆହୁରି ଏକ ବୃହତ୍ତର ଲକ୍ଷ୍ୟଲାଗି ହିଁ ସେଗୁଡ଼ିକ ସାଧନମାତ୍ର ହୋଇ ରହିଥାନ୍ତି ଏବଂ ତେଣୁ ସେଗୁଡ଼ିକୁ ସ୍ଥାୟୀଭାବରେ ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ଲକ୍ଷ୍ୟରୂପେ ଜାବୁଡ଼ିଧରିଥିବା ପର୍ଯ୍ୟନ୍ତ କୌଣସି ଯଥାର୍ଥ ଉଦ୍ଦେଶ୍ୟ ସାଧିତ ହୋଇପାରେ ନାହିଁ । ତାହା ସହିତ ଏକ ସୁଶୃଙ୍ଖଳିତ ନୈତିକ ମାନଦ୍ୱାରା ନିୟନ୍ତ୍ରିତ ହେଉଥିବା ଏକ ପ୍ରାଚୁର୍ଯ୍ୟମୟ ସଂବେଗଶାଳୀ ଜୀବନକୁ ଆଣି

'oaob.nitrkl.ac.in' images reprocessed

ଯୋଡ଼ିଦେଲେ ମଧ୍ୟ ତଥାପି ଆତ୍ମର କିଛି ବାକି ରହିଗଲା ପରି ସର୍ବଦା ଅନୁଭୂତ ହେଉଥାଏ ; ଏପରି କୌଣସି ଉଚ୍ଚତମ କଲ୍ୟାଣକରତାର ତଥାପି ଅଭାବ ରହିଗଲା ପରି ଲାଗୁଥାଏ, ଆଲୋଚିତ ଏହିସବୁ ସମ୍ପନ୍ନତା ଯାହାକୁ ପ୍ରତିପନ୍ନ କରାଇଦିଅନ୍ତି ସତ, ମାତ୍ର ସ୍ୱୟଂ ଯେଉଁଠାରେ ଯାଇ ଉପନୀତ ହୋଇପାରନ୍ତି ନାହିଁ ଏବଂ ଆପଣାର ବହିତ ସୀମାଗୁଡ଼ିକୁ ଡେଇଁ ନ ବାହାରିବା ପର୍ଯ୍ୟନ୍ତ ସେମାନେ ଯେଉଁଗୁଡ଼ିକର ସନ୍ଧାନ ବି କରିପାରନ୍ତି ନାହିଁ । ତାହା ସହିତ କୌଣସି ଏକ ଧର୍ମମତ ଏବଂ ବିଶ୍ୱାସ ତଥା ଧର୍ମପରାୟଣତାର ଏକ ବୃହତ୍ ବ୍ୟାପ୍ତିଯୁକ୍ତ ଭାବନାକୁ ଆଣି ମିଶାଇଦେଲେ ମଧ୍ୟ ତଥାପି ସମାଜର ପରିତ୍ରାଣ ଲାଗି ଯଥାର୍ଥ ଉପାୟଟି ଆଦୌ ଉପଲବ୍ଧ ହୋଇପାରେ ନାହିଁ । ମାନବସମାଜରେ ଏହିସବୁ ଯାବତୀୟ କଥାର ବିକାଶ ହୋଇସାରିଛି, ମାତ୍ର ଏଥିରୁ କୌଣସିଟି ମନୁଷ୍ୟକୁ ତା'ର ମୋହଭଞ୍ଜନ, ଅବସାଦ ଏବଂ ଅବକ୍ଷୟରୁ ରକ୍ଷା କରିପାରି ନାହିଁ । ଇଉରୋପର ପ୍ରାଚୀନ ବୁଦ୍ଧିଭିତ୍ତିକ ସାଂସ୍କୃତିକତାଗୁଡ଼ିକ ସର୍ବଶେଷରେ ଆସି କେବଳ ବିଘଟନାତ୍ମକ ଏକ ସଂଶୟ ଏବଂ ସଂଶୟଗ୍ରସ୍ତ ଏକ ସାମର୍ଥ୍ୟହୀନତାରେ ହିଁ ଆପଣାକୁ ନିଃଶେଷିତ କରିଦେଲା, ଏସିଆର ସକଳ ଧର୍ମପରାୟଣତା କେବଳ ଅସହିଷ୍ଣୁତା ଏବଂ ସ୍ଥାଣୁତା ଭିତରେ ବିଲୟ ଲଭିଲା । ଆଧୁନିକ ସମାଜ ପ୍ରଗତିକୁ ହିଁ ଜୀବନଧାରଣର ଏକ ନୂତନ ସିଦ୍ଧାନ୍ତରୂପେ ଆବିଷ୍କାର କରିଛି ସତ, ମାତ୍ର ସେହି ପ୍ରଗତିର ଯଥାର୍ଥ ଉଦ୍ଦେଶ୍ୟଟିକୁ ତାହା ଏପର୍ଯ୍ୟନ୍ତ ଆବିଷ୍କାର କରିପାରି ନାହିଁ; ଏହି ଉଦ୍ଦେଶ୍ୟ ବୋଲି ଭାବି ତାହା ଆପଣାର ଜ୍ଞାନପରିମାଣକୁ ବଢ଼ାଇ ବଢ଼ାଇ ଯାଇଛି, ଆପଣାର ନାନା ସାଧନରେ ବୃଦ୍ଧିସାଧନ କରିଛି, ଆପଣାର ସୁବିଧା, ସୁଖ ଏବଂ ସମ୍ଭୋଗଗୁଡ଼ିକୁ ବହୁଗୁଣିତ କରିଛି, ସାମାଜିକ ଅର୍ଥବ୍ୟବସ୍ଥା ମଧ୍ୟରେ ଅଧିକରୁ ଅଧିକ ଜଟିଳତା ଆଣି ପୂରାଇଦେଇଛି, ଏବଂ ଆପଣାର ଜୀବନକୁ ଅଧିକରୁ ଅଧିକ ଭାରାକ୍ରାନ୍ତ କରି ଏକ ଐଶ୍ୱର୍ଯ୍ୟବହୁଳତାର ସୃଷ୍ଟି କରି ରଖିଛି । ମାତ୍ର ପୂର୍ବର ସାଧନଗୁଡ଼ିକ ତାକୁ ଶେଷରେ ଯେଉଁଠାକୁ ବହନ କରିନେଇ ଯାଇଥିଲେ, ଏସବୁ ସାଧନ ମଧ୍ୟ ତାକୁ ଠିକ୍ ସେହିଠାକୁ ବହନ କରିନେବ ; କାରଣ, କେବଳ ସେହି ପୁରାତନର ପରିମାଣବୃଦ୍ଧି ଦ୍ୱାରା ହିଁ ଏହି ନୂତନଟି ଜନ୍ମଲାଭ କରିଛି, ସେଗୁଡ଼ିକ ଆମକୁ କେବଳ ଏକ ଚକ୍ରାବର୍ତ୍ତନରେ ବୁଲାଇବାରେ ଲାଗିଛନ୍ତି ଅର୍ଥାତ୍ କେଉଁଠି ହେଲେ ପହଞ୍ଚାଇପାରୁନାହାନ୍ତି । ଜନ୍ମ, ବୃଦ୍ଧି, କ୍ଷୟ ଓ ମୃତ୍ୟୁର ଅବଶ୍ୟ ଚକ୍ରଟିରୁ ସେଗୁଡ଼ିକ ଆଦୌ ବାହାରିପାରୁ ନାହାନ୍ତି, ଅମରତ୍ୱଲାଭର ପ୍ରଚ୍ଛନ୍ନ ଉପାୟରୂପେ ପ୍ରତିଷ୍ଠିତ ରହିଥିବା ସତତ ଆତ୍ମ-ନବୀକରଣ ଦ୍ୱାରା ଆପଣାକୁ ପ୍ରଲମ୍ବିତ କରି ରଖିବାର ସତ୍ୟ ରହସ୍ୟଟିର ସେମାନେ କୌଣସି ସନ୍ଧାନ ପାଉନାହାନ୍ତି । ମାତ୍ର ଜମାକୃତ କେତୋଟି ପ୍ରୟୋଗ ବା ପରୀକ୍ଷାର ଭ୍ରମବଶତା ଦ୍ୱାରା ହିଁ ସେମାନେ ସତେଅବା ମୁହୂର୍ତ୍ତିକ ପାଇଁ ସେଗୁଡ଼ିକ ଲାଭ କରୁଥିବା ପରି ଅନୁଭବ କରୁଛନ୍ତି ଏବଂ ଏହି ପ୍ରୟୋଗଗୁଡ଼ିକ ଗୋଟିକ ପରେ ଗୋଟିଏ ହୋଇ କେବଳ ବ୍ୟର୍ଥତାରେ ହିଁ ପରିଣତ ହୋଇଯାଉଛନ୍ତି । ଆଜିଯାଏ ଆଧୁନିକ ପ୍ରଗତି ବା ଅଗ୍ରଗତିର ସ୍ୱଭାବଟି ଏହିପରି ହୋଇ ରହିଆସିଛି । କେବଳ ଅନ୍ତରପ୍ରଦେଶ

'oaob.nitrkl.ac.in' images reprocessed

ଆଡ଼କୁ ନୂତନ କରି ଗତି କରିବାରେ, ବର୍ତ୍ତମାନ କେବଳ ଉନ୍ମେଷ ଲାଭ କରୁଥିବା ଏକ ବୃହତ୍ତର ଆଧ୍ୟାତ୍ମିକତା ଆଡ଼କୁ ପ୍ରବୃତ୍ତ ହେବାରେ ହିଁ ଏକ ଉଜ୍ଜ୍ୱଳତର ଆଶା ନିହିତ ହୋଇ ରହିଛି । କେବଳ ସେହି ନୂତନ ଗତ୍ୟାତ୍ମକତାଟି ଦ୍ୱାରା ହିଁ ମନୁଷ୍ୟର ଆତ୍ମାରେ ହିଁ ଯେ ତା'ର ଯଥାର୍ଥ ସତ୍ୟଟିର ସନ୍ଧାନ ମିଳିପାରିବ, ତାହା ସେହି ସତ୍ୟଟିକୁ ଆବିଷ୍କାର କରିପାରିବ । ବସ୍ତୁତଃ ଏକଥା କଦାପି ନିଶ୍ଚିତ କରି କହି-ହେବ ନାହିଁ ଯେ ଏକ ଆତ୍ମନ୍ଦ୍ରପ୍ରଧାନ ଯୁଗ ଆମକୁ ସେହି ଲକ୍ଷ୍ୟଟିରେ ଅବଶ୍ୟ ନେଇ ପହଞ୍ଚାଇଦେବ, ମାତ୍ର ଏହା ଆମ ହାତରେ ସେହି ସମ୍ଭାବନାଟି ଆଣି ଦେଇଯିବ, ଉଚିତ ନିର୍ଦ୍ଦେଶନା ପାଇଲେ ଆମର ଅଧିକ ଅନ୍ତର୍ମୁଖୀ ଗତିସ୍ପନ୍ଦନଟିକୁ ତାହାର ଦିଗରେ ହିଁ ଧାବିତ କରି ରଖିପାରିବ ।

ଏଠାରେ ଯୁକ୍ତି କରି କୁହାଯିବ ଯେ ଏଇଟି ହେଉଛି ଗୋଟିଏ ପୁରାତନ ଆବିଷ୍କାର ଏବଂ ଧର୍ମ ନାମରେ ଏହାହିଁ ପ୍ରାଚୀନ ସମାଜଗୁଡ଼ିକୁ ଶାସନ କରିଆସିଛି । ମାତ୍ର ପ୍ରକୃତରେ କେବଳ ଉପରକୁ ଦେଖିବାକୁ ହିଁ ସେପରି ହୋଇଛି । ପୁରାତନ କାଳରେ ସେହି ଆବିଷ୍କାରଟି ହୋଇଥିଲା ସତ, ମାତ୍ର କେବଳ ବ୍ୟକ୍ତିର ଜୀବନପାଇଁ ହିଁ ସେଇଟି ହୋଇଥିଲା ; ଏବଂ ବ୍ୟକ୍ତିଲାଗି ମଧ୍ୟ ତାହା ଆପଣାର ଉପଲବ୍ଧି ସକାଶେ ଏହି ପୃଥିବୀର ବାହାରେ ଥିବା ଆଉ ଏକ ଲୋକକୁ ଅଙ୍ଗୁଳି ନିର୍ଦ୍ଦେଶ କରିଦେଉଥିଲା ଏବଂ ଏହି ପୃଥିବୀକୁ ଏକ ଏକକମୁକ୍ତିର ଅର୍ଥାତ୍ ଜୀବନର ଦୁସ୍ତର ବୋଝଟିରୁ ନିଷ୍କୃତି ପାଇବାର ଏକ ପ୍ରସ୍ତୁତିଥଳ ରୂପେ ହିଁ ଦେଖୁଥିଲା । ଆପଣା ସତ୍ତ୍ୱାଟିର ବିଧାନକୁ ଆବିଷ୍କାର କରିବାର ଏକ ସାଧନରୂପେ ଆତ୍ମାର ଆବିଷ୍କାର କରିବାକୁ ଏବଂ ଆତ୍ମାର ପ୍ରକୃତ ସ୍ୱଭାବ, ଆବଶ୍ୟକତା ଓ ପାର୍ଥିବ ପରିପୂର୍ଣ୍ଣତାର ଯଥାର୍ଥ ମାର୍ଗରୂପେ ଆତ୍ମାର ପରିପୂର୍ଣ୍ଣତା ସମ୍ବନ୍ଧରେ ଜ୍ଞାନଲାଭ କରିବାକୁ ମନୁଷ୍ୟର ସମାଜ କେବେହେଲେ ଲକ୍ଷ୍ୟ କରି ଗ୍ରହଣ କରିନାହିଁ । ପ୍ରାଚୀନ ଧର୍ମଗୁଡ଼ିକର ବ୍ୟକ୍ତିଗତ ଦିଗଟିରୁ ଅଲଗା କରି ସେଗୁଡ଼ିକର ସାମାଜିକ ଦିଗଟି ଉପରେ ଦୃଷ୍ଟିପାତ କଲେ ଆମେ ଦେଖିବାକୁ ପାଇବା ଯେ ସମାଜ ସେଗୁଡ଼ିକର ସବୁଠାରୁ ଅଧିକ ଅନାଧ୍ୟାତ୍ମିକ ଅଂଶଗୁଡ଼ିକୁ ଅଥବା ନିଶ୍ଚିତ ଭାବରେ ସେଗୁଡ଼ିକର ଅପେକ୍ଷାକୃତ କମ୍ ଆଧ୍ୟାତ୍ମିକ ଅଂଶଗୁଡ଼ିକୁ ହିଁ ସର୍ବଦା ଆପଣାର କାମରେ ଲଗାଇଛି । ଆପଣାର ସ୍ୱୀକୃତ ବିଧି ତଥା ଅନୁଷ୍ଠାନଗୁଡ଼ିକୁ ହିଁ ଏକ ସୁଦୃଶ୍ୟ, ବିସ୍ମୟୋତ୍ପାଦକ ଏବଂ ଭବିଷ୍ୟତ ଲାଗି ଏକ ଚିରସ୍ଥାୟୀ ସମର୍ଥନ ଦେବାକୁ ହିଁ ତାହା ଧର୍ମଗୁଡ଼ିକର ବ୍ୟବହାର କରିଆସିଛି । ମନୁଷ୍ୟର ଯାବତୀୟ ପ୍ରଶ୍ନବାଚୀ ସମ୍ମୁଖରେ ସମାଜ ସେଗୁଡ଼ିକୁ ଏକ ରହସ୍ୟାବରଣ ରୂପେ ଠିଆକରି ରଖିଛି ଏବଂ ନୂତନ ଉଦ୍ଭାବକ ବିରୁଦ୍ଧରେ ସେଗୁଡ଼ିକୁ ଅନ୍ଧାରର ଗୋଟିଏ ଗୋଟିଏ ରକ୍ଷାଢାଲ ରୂପେ ବ୍ୟବହାର କରିଆସିଛି । ତାହା ଧର୍ମକୁ ଯେତିକି ପରିମାଣରେ ମନୁଷ୍ୟର ମୁକ୍ତି ତଥା ପୂର୍ଣ୍ଣୋପଲବ୍ଧି ଲାଗି ଏକ ସାଧନରୂପେ ଦେଖିବାକୁ ପାଇଛି, ତାହା ସେତିକି ବେଶି ସେଗୁଡ଼ିକ ଉପରେ ଆପଣାର ହାତ

'oaob.nitrkl.ac.in' images reprocessed

ଚଳାଇବାକୁ ଆଗଭର ହୋଇଯାଇଛୁ ; ତାହାକୁ ନାନା ଯାନ୍ତ୍ରିକ ନିୟମଦ୍ୱାରା ବନ୍ଧ କରି ରଖିଛୁ, ମନୁଷ୍ୟର ଆତ୍ମାଟିକୁ ଧରି ତାହାକୁ ଏକ ସାମାଜିକ-ଧାର୍ମିକ ଚକ୍ରରେ ଆଣି ବାନ୍ଧିଦେଇଛୁ, ଯଥାର୍ଥ ଆଧ୍ୟାତ୍ମିକ ସ୍ୱାଧୀନତା ପରିବର୍ତ୍ତେ ତାହାଉପରେ ଏକ ଅନ୍ଧତ ନିୟମବୋଝ ଆଣି ଲଦିଦେଇଛୁ, ତାହାକୁ ଲୌହପ୍ରାଚୀରଯୁକ୍ତ ଗୋଟାଏ ବନ୍ଦୀଶାଳା ଭିତରେ ଆଣି ଅବରୁଦ୍ଧ କରି ରଖିଛୁ । ମନୁଷ୍ୟର ଧର୍ମଜୀବନ ଉପରେ ତାହା ଗୋଟାଏ ଗୀର୍ଜା ବା ମନ୍ଦିରକୁ ଆଣି ସଇସ କରି ବସାଇଦେଇଛୁ, ଏକ ପୁରୋହିତ-ତନ୍ତ୍ର ଓ ଆନୁଷ୍ଠାନିକତାର ବହୁଳତାକୁ ଆଣି ଲଦିଦେଇଛୁ ଏବଂ ବିଶ୍ୱାସ ତଥା ଧର୍ମସୂତ୍ରଗୁଡ଼ାକର ନାଆଁରେ ଗଦାଏ କୁକୁରଙ୍କୁ ଆଣି ପହରା ଦିଆଇଛୁ । ଏଇଠି ଏଇ ଧରାତଳେ ଜଣେ ମରଣଶୀଳ ବିଚାରପତିଙ୍କ ଦ୍ୱାରା କୌଣସି ଇହକାରାବାସ ଅଥବା ମୃତ୍ୟୁର ଦଣ୍ଡ ଭୋଗ କରିବାକୁ ପଡ଼ିବାର ଭୟରେ ଯେମିତି ମଣିଷକୁ ସମାଜର ନିୟମଗୁଡ଼ାକୁ ଗ୍ରହଣ କରିବାକୁ ଏବଂ ମାନିବାକୁ ପଡ଼ୁଥିଲା, ଠିକ ସେହିପରି ଆରପାଖରେ ବସିଥିବା ଜଣେ ମରଣାତୀତ ବିଚାରପତି ଦ୍ୱାରା ଅନନ୍ତର ନର୍କଭୋଗରେ ଦଣ୍ଡିତ ହେବାର ଭୟରେ ହିଁ ମଣିଷକୁ ଧର୍ମର ଏହି ନିୟମଗୁଡ଼ାକୁ ଗ୍ରହଣ କରିବାକୁ ଏବଂ ମାନିବାକୁ ପଡ଼ୁଛି । ଧର୍ମର ଏହି ମିଥ୍ୟା ସମାଜୀକରଣ ହିଁ ସର୍ବଦା ମନୁଷ୍ୟଜାତିକୁ ପୁନରୁଦ୍‌ବୁଦ୍ଧ କରିବାରେ ବିଫଳ ହେବାର ପ୍ରଧାନ କାରଣ ହୋଇ ରହିଛି ।

ଧର୍ମର ବାହ୍ୟ ସହାୟକ, ବାହ୍ୟାଙ୍ଗ ତଥା ସାଧନଗୁଡ଼ିକ ଦ୍ୱାରା ଏଥିରେ ରହିଥିବା ଆଧ୍ୟାତ୍ମିକ ଉପାଦାନଟିକୁ ଦଳମକଚଦେଇ ଅଥବା କେବଳ କେତୋଟି ନିୟମ ଭିତରେ ତାକୁ ଆବଦ୍ଧ କରି ରଖି ତାହାର ଅସ୍ତିତ୍ୱ ଲୁପ୍ତ କରିଦେବାଠାରୁ ଧର୍ମଲାଗି ଅଧିକ ଘାତକ ଆଉ କ'ଣ ହୋଇପାରେ ? ଧର୍ମକୁ ସମାଜଲାଗି କାମରେ ଲଗାଇବାର ମିଥ୍ୟାଟି ତାହାର ପରିଣାମଗୁଡ଼ିକଦ୍ୱାରା ହିଁ ସ୍ପଷ୍ଟ ହୋଇଯାଇଛୁ । ଏଣେ ଧର୍ମକୁ ନେଇ ଅତିପ୍ରବଳ ଉତ୍ସାହ ଓ ଧର୍ମପରାୟଣତା ପ୍ରଦର୍ଶିତ ହେଉଥିବ ଓ ତେଣେ ଯୁଗପତ୍ ଭାବରେ ଅନ୍ଧତମ ଅଜ୍ଞାନ ଗ୍ରାସ କରି ରହିଥିବ ଏବଂ ଅଧିକତର ମନୁଷ୍ୟଜୀବନ ଏକ ଅସ୍ପଷ୍ଟ ଆବର୍ଜନା ଏବଂ ଦୀର୍ଘକାଳବ୍ୟାପୀ ଅଧଃସ୍ତରରେ ପ୍ରାଣ ଧରି ପଡ଼ିଥିବ ; ନୃଶଂସତା, ଅନ୍ୟାୟ ତଥା ଅତ୍ୟାଚାରର ରାଜତ୍ୱ ଚାଲିଥିବ, ଅଥଚ କେହି ସେଗୁଡ଼ାକ ବିରୁଦ୍ଧରେ ମୁହଁ ବି ଖୋଲିପାରୁ ନ ଥିବେ, ଅଥବା କୌଣସି ଅନୁପ୍ରେରଣା ଏବଂ ଉଦ୍‌ବେଳତା ନ ଥିବା ଏକ ସାଧାରଣ ଜୀବନ କେଡ଼େ ଚମତ୍କାର ଭାବରେ ସଂଗଠିତ ହୋଇ ରହିଥିବ ଏବଂ ଉପରିଭାଗରେ ଥିବା ବୌଦ୍ଧିକ ବା ଅର୍ଦ୍ଧ-ଆଧ୍ୟାତ୍ମିକ କଷ୍ଟିର୍ ସ୍ପର୍ଶଗୁଡ଼ିକ ତାହାର ନୀରସତାକୁ ପ୍ରାୟ କୌଣସିପ୍ରକାରେ ଲଘବ କରି ପାରୁ ନ ଥିବେ;— ଇତିହାସରେ ଏହି ଦୃଷ୍ଟାନ୍ତଟି ଏକାଧିକ ବାର ପ୍ରଦର୍ଶିତ ହୋଇସାରିଛି । ଏବଂ ଏହାର ଶେଷ ପରିଣାମରୂପେ ଏକ ବିଦ୍ରୋହ ଆସି ଚତୁର୍ଦ୍ଦିଗରେ ବ୍ୟାପିଯାଇଛି ଏବଂ ଆସ୍ଥାନ ମାତ୍ର ରହିଥିବା ଏକ ମିଥ୍ୟା, ଅପଶକ୍ତି ତଥା ଅଜ୍ଞାନର ମୂଳ ସନ୍ତତିଟି

'oaob.nitrkl.ac.in' images reprocessed

ରୂପେ ତାହା ସେହି ପ୍ରତିଷ୍ଠିତ ଧର୍ମର ବିରୁଦ୍ଧରେ ହିଁ ଆପଣାର ପ୍ରଥମ ଖଡ୍‌ଗ ଉତ୍ତୋଳନ କରିଛି । ଯେତେବେଳେ ଏକ ସାମାଜିକ-ଧର୍ମଗତ ବ୍ୟବସ୍ଥା, ଏହାର ବିଧି ତଥା ବାହ୍ୟରୂପଗୁଡ଼ିକୁ ଅତ୍ୟନ୍ତ ନିଖୁଣ ଓ ଠିକଣଠି ଭାବରେ ପାଳନ କରାଯାଉଥାଏ, ସେତେବେଳେ ତାହାର ଏକ ଅନ୍ୟତମ ସନ୍ତକରୂପେ ଧର୍ମର ଅପ୍ରଧାନ କଥାଗୁଡ଼ିକ ଉପରେ ହିଁ ଅଧିକ ପ୍ରାଧାନ୍ୟ ଦିଆଯିବାରେ ଲାଗିଥାଏ ଏବଂ ତାହାଫଳରେ ସେଗୁଡ଼ିକ ସେଗୁଡ଼ିକର ଯଥାର୍ଥ ଧର୍ମଗତ ମୂଲ୍ୟକୁ ହରାଇବସିଥାନ୍ତି ; ସେତେବେଳେ ସେହି ନିୟମ ଓ ବାହ୍ୟାଙ୍ଗଗୁଡ଼ାକର ପାଳନ କରିବା ହିଁ ଧର୍ମର ପ୍ରଧାନ ଏବଂ ସର୍ବପ୍ରଧାନ ଉଦ୍ଦେଶ୍ୟ ହେବାକୁ ଆରମ୍ଭ କରେ ଏବଂ ବ୍ୟକ୍ତି ତଥା ସମଷ୍ଟିର ଯାବତୀୟ ଆଧ୍ୟାତ୍ମିକ ଅଭିବୃଦ୍ଧି ଗୌଣ ହୋଇ ଉପେକ୍ଷିତ ହୁଏ । ଏହି ବିଫଳତାର ଆନ୍ତୁରେ ଏକ ବଡ଼ ସଙ୍କେତ ଆସି ଦେଖାଦିଏ ଯେତେବେଳେ ଆପଣାର ଆଧ୍ୟାତ୍ମିକ ବିକାଶ ଲାଗି ଟିକିଏ ଥାନ କରିପାରିବା ସକାଶେ ବ୍ୟକ୍ତିକୁ ସମାଜ ଛାଡ଼ି ଅନ୍ୟତ୍ର ପଳାଇଯିବାକୁ ପଡ଼େ । ମନୁଷ୍ୟର ଜୀବନ ଏକାବେଳେକେ ଏକ ଅନୁଦ୍‌ବୋଧିତ ଓ ଅନୁତ୍ତୋଳିତ ଦେହ, ପ୍ରାଣ ଓ ମନଦ୍ୱାରା ଅଧିକୃତ ହୋଇଛି ଏବଂ କେତେଟା ବାହ୍ୟରୂପର ବନ୍ଧନ ଅର୍ଥାତ୍ ଧର୍ମସ୍ଥାନ ଓ ଶାସ୍ତ୍ରର ବନ୍ଧନ ତଥା ଅଜ୍ଞାନର ହିଁ କୌଣସି ନା କୌଣସି ବିଧାନ ଆଧ୍ୟାତ୍ମିକ ସ୍ୱାଧୀନତାର ସ୍ଥାନଟିକୁ ଆତ୍ମସାତ୍ କରିନେଇଥିବାର ଦେଖିପାରି ଆପଣାର ବିକାଶ ଓ ଉଦୟ କାମନା କରୁଥିବା ବ୍ୟକ୍ତି ଏହିସବୁ କ୍ଷେତ୍ରରୁ ଆପଣାକୁ ପ୍ରତ୍ୟାହୃତ କରିନିଏ ଓ କୌଣସି ଆଶ୍ରମ, ପର୍ବତଶିଖର, କୁଟୀର, ମରୁପ୍ରାନ୍ତର ଅଥବା ଅରଣ୍ୟରେ ଯାଇ ଆଶ୍ରୟ ଗ୍ରହଣ କରିବାକୁ ବାଧ୍ୟ ହୁଏ । ଜୀବନ ଏବଂ ଅଧ୍ୟାତ୍ମ ମଧ୍ୟରେ ଏହି ବିଭାଜନଟି ଆସି ଘଟିବା ପରେ ମନୁଷ୍ୟର ଏହି ଜୀବନ ଉପରେ ତିରସ୍କାରର ବର୍ଷଣ ଆରମ୍ଭ ହୋଇଯାଏ । ହୁଏତ ଆପଣା ନିମ୍ନସର୍ବସ୍ୱତାର ଅନ୍ଧାବର୍ତ୍ତ ଭିତରେ ପଡ଼ି ଆବର୍ତ୍ତିତ ହେବାଲାଗି ଜୀବନକୁ ଛାଡ଼ିଦିଆଯାଏ ଅଥବା ତାହାକୁ ମୂଲ୍ୟହୀନ ଓ ଅସତ୍ୟ ବୋଲି କହି ତାହାର ନିନ୍ଦା କରାଯାଏ, ସକଳ ଦମ୍ଭ ଭିତରେ ସର୍ବପ୍ରଧାନ ଦମ୍ଭ ବୋଲି ବୁଝାଯାଏ ; ଜୀବନ ଆପଣା ଉପରୁ ବିଶ୍ୱାସ ହରାଇବସେ ଏବଂ ଆପଣା ପାର୍ଥିବ ଲକ୍ଷ୍ୟଗୁଡ଼ିକର ମୂଲ୍ୟ ଉପରୁ ଶ୍ରଦ୍ଧା ମଧ୍ୟ ହରାଇବସେ ଏବଂ ସେହି ବିଶ୍ୱାସ ଏବଂ ଶ୍ରଦ୍ଧା ବ୍ୟତୀତ ତାହା ଆଉ ଆଦୌ କୌଣସି କାର୍ଯ୍ୟର ହୋଇ ରହେ ନାହିଁ । କାରଣ ମନୁଷ୍ୟର ଚିଦ୍‌ଗତ ଭାବକୁ ସର୍ବଦା ଶିଖରଦୃଷ୍ଟି ହୋଇ ଅନୁଧାବିତ ହେବାକୁ ପଡ଼େ ଏବଂ ଆପଣାର ସେହି ଉଦ୍ୟମଟିକୁ ଛାଡ଼ିଦେଲେ ମନୁଷ୍ୟସମାଜ ଅଚଳ ଓ ସ୍ଥାଣୁ ହୋଇ ରହେ, ଅଥବା ଏପରିକି ଅନ୍ଧାର ଭିତରେ ନିମଜ୍ଜିତ ହୋଇଯାଏ, ଧୂଳିରେ ପରିଣତ ହୋଇଯାଏ । ଯେତେବେଳେ ଜୀବନ ଅଧ୍ୟାତ୍ମକୁ ବର୍ଜନ କରିଦିଏ କିମ୍ବା ଅଧ୍ୟାତ୍ମ ଜୀବନକୁ ବର୍ଜନ କରିପକାଏ, ସେତେବେଳେ ମଧ୍ୟ ଅନ୍ତର୍ଗତ ସତ୍ତ୍ୱର ଏକ ଆତ୍ମପ୍ରତିଷ୍ଠା ହୁଏତ ସମ୍ଭବ ହୁଏ, ଏପରିକି ଆଧ୍ୟାତ୍ମିକତାର ଏକ ବାଧକାରୀ ଭୂମି ଉପରେ କେତେ କେତେ ସନ୍ଥ ଓ ସନ୍ନ୍ୟାସୀ ଯତିଙ୍କର ଏକ ଗୌରବମୟ ଆବାଦ ମଧ୍ୟ ବେଶ୍ ସମ୍ଭବ ହୋଇପାରେ ; ମାତ୍ର

'oaob.nitrkl.ac.in' images reprocessed

ଯେପର୍ଯ୍ୟନ୍ତ ସମସ୍ତ ସମାଜ ବା ଜାତି ବା ଗୋଷ୍ଠୀ ଜୀବନର ଆଧ୍ୟାତ୍ମିକରଣ ଆଡ଼କୁ ସଂକଳିତ ହୋଇ ନ ଯାଏ ଅର୍ଥାତ୍ ଏକ ଆଦର୍ଶର ଆଲୋକଦ୍ୱାରା ଉଦ୍‌ବୁଦ୍ଧ ହୋଇ ଅଗ୍ରସର ନ ହୁଏ, ସେପର୍ଯ୍ୟନ୍ତ କେବଳ କ୍ଷୁଦ୍ରତା ହିଁ ଶେଷ ପରିଣାମ ହୁଏ, ଦୁର୍ବଳତା ଓ ଶ୍ରାନ୍ତିତା ହିଁ ଲେଖାହୋଇ ରହିଥାଏ । ଅଥବା, ଆପଣାର ଉଦ୍ଧାର ଲାଗି ମନୁଷ୍ୟ-ଜାତିକୁ ବୁଦ୍ଧିର ଶରଣ ନେବାକୁ ହୁଏ, କୌଣସି ଆଶା ବା ନୂତନ ଆଦର୍ଶଲାଗି ବୁଦ୍ଧିର ଦ୍ୱାରରେ ଯାଇ ପହଞ୍ଚିବାକୁ ହୁଏ ଏବଂ ବୁଦ୍ଧିବାଦର ଏକ ଯୁଗପଥରେ ବୁଲିଟିଏ ବୁଲି ଆଧ୍ୟାତ୍ମସତ୍ୟର ଏକ ପୁନର୍ବାର ଉପସ୍ଥାପନ ଲାଗି ନୂତନ କରି ପୁଣି ଥରେ ଉଦ୍ୟମ ଆରମ୍ଭ କରିବାକୁ ପଡ଼େ ଏବଂ ମନୁଷ୍ୟଜୀବନର ଆଧ୍ୟାତ୍ମିକରଣ ଲାଗି ଆଉ ଥରେ ପ୍ରୟାସୀ ହେବାକୁ ହୁଏ ।

ସମାଜସ୍ଥ ଯଥାର୍ଥ ଓ ପରିପୂର୍ଣ୍ଣ ଆଧ୍ୟାତ୍ମିକ ଲକ୍ଷ୍ୟଟି ମଣିଷକୁ ଗୋଟାଏ ମନ, ଗୋଟାଏ ପ୍ରାଣ ଅଥବା ଗୋଟାଏ ଦେହରୂପେ ଦେଖିବ ନାହିଁ, ସେ ତାହାକୁ ଏହି ପୃଥିବୀରେ ଦିବ୍ୟ ଇଚ୍ଛାର ପରିପୂର୍ଣ୍ଣ ଉପଲବ୍‌ଧି ସକାଶେ ଏଠାରେ ଅବତୀର୍ଣ୍ଣ ହୋଇଥିବା ଗୋଟିଏ ଆତ୍ମାରୂପେ ହିଁ ଦେଖିବ । ସେହି ଦିବ୍ୟ ବା ଭାଗବତ ପରିପୂର୍ଣ୍ଣତା କେବଳ ପୃଥିବୀ ବାହାରେ ରହିଥିବା କେଉଁ ସ୍ୱର୍ଗରେ ହିଁ ଫଳବତୀ ହେବ ନାହିଁ ; କାରଣ ଭୌତିକ, ପ୍ରାଣଗତ ଏବଂ ମନୋମୟ ପ୍ରକୃତିର ଏହି ସଂସାରଭୂମିରେ ତାହାର କୌଣସି ଦିବ୍ୟ ଉଦ୍ଦେଶ୍ୟସାଧନର ଅଭିପ୍ରାୟ ନ ଥିଲେ ତାହା କଦାପି ସେହି ସ୍ୱର୍ଗଭୂମି ଛାଡ଼ି ଓହ୍ଲାଇ ଆସି ନ ଥାନ୍ତା । ତେଣୁ ସମାଜର ଆଧ୍ୟାତ୍ମିକ ଲକ୍ଷ୍ୟ ପ୍ରାଣ, ମନ ଓ ଦେହକୁ ଗୋଟିଏ ଗୋଟିଏ ସ୍ୱୟଂପୂର୍ଣ୍ଣ ଚରମ ଲକ୍ଷ୍ୟ ବୋଲି ଆଦୌ ସ୍ୱୀକାର କରିବ ନାହିଁ, ସେଗୁଡ଼ିକର ପରିତର୍ପଣ ଲାଗି ସେହିଗୁଡ଼ିକୁ ହିଁ କଦାପି ଯଥେଷ୍ଟ ବୋଲି ଭାବିବ ନାହିଁ ଅଥବା କେବଳ ନାନା ବ୍ୟାଧିପୂର୍ଣ୍ଣ ଗୋଟିଏ ଗୋଟିଏ ନଶ୍ୱର ତନ୍ତ୍ର ବୋଲି ମଧ୍ୟ ଭାବିବ ନାହିଁ, ଯାହାକୁ କି ଏଗୁଡ଼ିକର ବନ୍ଧନ ଭିତରୁ ମୁକ୍ତିଲାଭ କରିଥିବା ଆତ୍ମାଟି ଯେପରି ଆପଣାର ସ୍ୱକୀୟ ବିଶୁଦ୍ଧ ଧାମଗୁଡ଼ିକୁ ପ୍ରସ୍ଥାନ କରିପାରିବ, ସେଥିଲାଗି କେବଳ ଛାଡ଼ିଆସିବାକୁ ହିଁ ପଡ଼ିବ । ତାହା ଏଗୁଡ଼ିକୁ ଆତ୍ମାର ପ୍ରଥମ ସାଧନରୂପେ ଗ୍ରହଣ କରିବ, ଏକ ଅନୁପଲବ୍‌ଧ ଦିବ୍ୟତର ଉଦ୍ଦେଶ୍ୟର ସିଦ୍ଧି ଲାଗି ତଥାପି ଅପୂର୍ଣ୍ଣ ହୋଇ ରହିଥିବା ଗୋଟିଏ ଗୋଟିଏ ସାଧନରୂପେ ଗ୍ରହଣ କରିବ । ଏହା ସେଗୁଡ଼ିକର ଚରମ ନିୟତି ଓ ପରିଣତି ଉପରେ ସମ୍ପୂର୍ଣ୍ଣ ଆସ୍ଥା ରଖିଥିବ ଏବଂ ସେଗୁଡ଼ିକୁ ଆପଣା ଉପରେ ଆସ୍ଥାବାନ୍ ହେବାରେ ମଧ୍ୟ ସାହାଯ୍ୟ କରିବ ; ଏବଂ ଠିକ୍ ସେହି କାରଣଟି ସକାଶେ କେବଳ ସେଗୁଡ଼ିକର ନିମ୍ନତମ ଅଥବା ନିମ୍ନତର ସମ୍ଭାବନାଗୁଡ଼ିକ ଉପରେ ନୁହେଁ, ସେଗୁଡ଼ିକର ସର୍ବୋଚ୍ଚ ସମ୍ଭାବନାଗୁଡ଼ିକ ଉପରେ ମଧ୍ୟ ପୂର୍ଣ୍ଣ ଆସ୍ଥା ରଖିଥିବ । ସେଗୁଡ଼ିକ ଆପଣାକୁ ଆଧ୍ୟାତ୍ମିକଭାବରେ ଉଦ୍‌ପ୍ରାଣିତ କରିଦେବେ ଏବଂ ଚିନ୍ମୟତାର ଗୋଟିଏ ଗୋଟିଏ ସାକାର ତତ୍ତ୍ୱରୂପେ ବିକାଶଲାଭ କରିବେ, ଚିନ୍ମୟତାର ଅଭିବ୍ୟକ୍ତିରେ ଉଜ୍ଜ୍ୱଳ

'oaob.nitrkl.ac.in' images reprocessed

ସାଧନରୂପେ କାର୍ଯ୍ୟ କରିବେ, ଆପେ ଚିନ୍ମୟ ହୋଇପାରିବେ, ସନ୍ଦୀପିତ ହେବେ ଏବଂ ଅଧିକରୁ ଅଧିକ ଚେତନାଯୁକ୍ତ ତଥା ପରିପୂର୍ଣ୍ଣ ହୋଇପାରିବେ ; ଆଧ୍ୟାତ୍ମିକ ଚରମ ଲକ୍ଷ୍ୟଟିର ଦୃଷ୍ଟିରେ ଏହା ହିଁ ସେଗୁଡ଼ିକର ଉଦ୍ଦିଷ୍ଟ ହୋଇ ରହିଥିବ । କାରଣ ମନୁଷ୍ୟାତ୍ମାର ସତ୍ୟଟିକୁ ସର୍ବତଃ ଏକ ଦିବ୍ୟ ସତ୍ୟ ବୋଲି ଗ୍ରହଣ କରିନେଇ ଏହା ତାହାର ସମୁଦାୟ ସତ୍ତାଟି ମଧ୍ୟ ଦିନେ ଦିବ୍ୟତ୍ୱ ଅର୍ଜନ କରିବାର ସମ୍ଭାବନାଟିକୁ ମଧ୍ୟ ସତ୍ୟ ବୋଲି ଗ୍ରହଣ କରିବ ; ଏହି ସମ୍ଭାବନାଟିର ପ୍ରଥମ ସ୍ତରରେ ପ୍ରକୃତିଗତ ନାନା ବିରୋଧ ରହିଥିଲେ ମଧ୍ୟ ଏବଂ ସେହି ଚରମ ଅବଶ୍ୟମ୍ଭାବିତାକୁ ତମସାବୃତ ପ୍ରକୃତି ନାନାଭାବେ ଖଣ୍ଡନ କରିଦେଉଥିଲେହେଁ ତାହା ତଥାପି ସେହି ସମ୍ଭାବନାଟିକୁ ସତ୍ୟ ବୋଲି ଗ୍ରହଣ କରିବ ଏବଂ ଏଗୁଡ଼ିକୁ ଏହି ଇହଭୂମିର ଆବଶ୍ୟକ ପ୍ରାଥମିକ କେତୋଟି ଚରଣରୂପେ ଗ୍ରହଣ କରିନେବ । ଏବଂ ତାହା ବ୍ୟକ୍ତିମନୁଷ୍ୟକୁ ଯେଉଁଭଳି ଦୃଷ୍ଟିରେ ଦେଖିବ, ସମୂହସ୍ଥ ମଣିଷକୁ ମଧ୍ୟ ଠିକ୍ ସେହିଭଳି ସେହି ପରମ ଅନନ୍ତଙ୍କର ହିଁ ଆତ୍ମରୂପ ବୋଲି ପ୍ରତ୍ୟକ୍ଷ କରିବ ; ଆପଣାର ବହୁବିଧ ସମ୍ବନ୍ଧତତା ଏବଂ ବହୁକ୍ଷେତ୍ରୀୟ ନିଃସ୍ୱାତ୍ମକତାର ଭୂମି ଉପରେ ଏକ ଦିବ୍ୟ ପରିପୂର୍ଣ୍ଣତା ଲାଗି ହିଁ ଏକ ସମୂହ-ଆତ୍ମା ବହୁସଂଖ୍ୟକ ଦେହ ଧାରଣ କରି ଅବସ୍ଥିତ ରହିଛି ବୋଲି ଜାଣିବ । ତେଣୁ ମନୁଷ୍ୟଜାତିର ବିଭିନ୍ନ ଅଂଶୋପାଦାନଗୁଡ଼ିକର ଅନୁରୂପ ହୋଇ ଅବସ୍ଥିତ ରହିଥିବା ତା'ର ଜୀବନର ଯାବତୀୟ ବିଭିନ୍ନ ଅଂଶଗୁଡ଼ିକୁ ପବିତ୍ର ବୋଲି ଅନୁଭବ କରିବ ; ତାହାର ଯାବତୀୟ ଭୌତିକ, ପ୍ରାଣଗତ, ଗତିଶୀଳ, ସଂବେଗଗତ, ସୌନ୍ଦର୍ଯ୍ୟକାମୀ, ନୈତିକ, ବୌଦ୍ଧିକ ତଥା ଚୈତ୍ୟ ବିବର୍ତ୍ତନକୁ ମଧ୍ୟ ପବିତ୍ର ବୋଲି ଅନୁଭବ କରିବ ଏବଂ ସେଗୁଡ଼ିକୁ ଏକ ଦିବ୍ୟତର ଜୀବନ ଅଭିମୁଖରେ ବିକଶିତ ହୋଇଯିବାଲାଗି ଗୋଟିଏ ଗୋଟିଏ ସାଧନରୂପେ ଦେଖିବାକୁ ସମର୍ଥ ହେବ । ପ୍ରତ୍ୟେକ ମନୁଷ୍ୟସମାଜ, ଜାତି, ଜନଗୋଷ୍ଠୀ ଅଥବା ଯେକୌଣସି ଅନ୍ୟ ଜନସମୂହକୁ ମଧ୍ୟ ତାହା ଠିକ୍ ସେହିପରି ଦୃଷ୍ଟିରେ ଦେଖିବ ; ସେଗୁଡ଼ିକୁ ବିକଶମାନ ଅଂଶ-ଆତ୍ମାରୂପେ ଦେଖିବ, ଅର୍ଥାତ୍ ଏହି ପୃଥିବୀପୃଷ୍ଠରେ ମନୁଷ୍ୟ ମଧ୍ୟଦେଇ ସେହି ପରମ ଚିନ୍ମୟତା, ଦିବ୍ୟ ପରମ ସତ୍ୟ ଏବଂ ଚେତନାମୟ ପରମ ଅନନ୍ତଙ୍କର ବହୁମୁଖୀ ଅଭିବ୍ୟକ୍ତ ତଥା ଆତ୍ମପରିପୂର୍ଣ୍ଣତାର ହିଁ ଏକ ସାଧନରୂପେ ଦେଖିବ । ଅନ୍ତର୍ଗତଭାବରେ ମନୁଷ୍ୟର ସତ୍ତା ହେଉଛି ଭଗବାନଙ୍କଠାରୁ ଅଭିନ୍ନ ହୋଇ ରହିଥିବା ଏକ ସତ୍ତା ; ଏବଂ ସେହି କାରଣରୁ ହିଁ ମନୁଷ୍ୟର ସମ୍ଭାବ୍ୟ ଦେବତ୍ୱକୁ ହିଁ ସମାଜର ଆଧ୍ୟାତ୍ମିକ ଲକ୍ଷ୍ୟ ଆପଣାର ଏକମାତ୍ର ବିଶ୍ୱାସ ତଥା ଧର୍ମସୂତ୍ରରୂପେ ଗ୍ରହଣ କରିନେବ ।

ମାତ୍ର ଏହି ଉଦ୍ବେଳନକାରୀ ସୂତ୍ର ବା ବିଧାନଟିକୁ ମଧ୍ୟ ତାହା ମାନବୀୟ ପ୍ରକୃତିଅଧୀନ ସତ୍ତାର ନିମ୍ନତର ଅଙ୍ଗଗୁଡ଼ିକ ଉପରେ କୌଣସିପ୍ରକାର ବାହ୍ୟ ବାଧ୍ୟବାଧକତାଦ୍ୱାରା ଜୋରକରି ଲଦିଦେବାକୁ ଆଦୌ କୌଣସି ଚେଷ୍ଟା କରିବ ନାହିଁ ।

'oaob.nitrkl.ac.in' images reprocessed

କାରଣ ସେଇଟିକୁ ମଧ୍ୟ ନିଗ୍ରହ ବୋଲି ବୁଝାଯିବ, ଅର୍ଥାତ୍ ମନୁଷ୍ୟପ୍ରକୃତିକୁ ସଙ୍କୁଚିତ କରିପକାଇବ ବୋଲି ବୁଝାଯିବ, ଯାହାଦ୍ୱାରା କି କେବଳ ବାହାରକୁ ଦେଖିବାଲାଗି ଅପଗଣ୍ଡ ଅଥବା ଅନର୍ଥକାରୀଟି ହୁଏତ କେବଳ ଅବଦମିତ ହୋଇ ରହିଯିବ ଏବଂ ଭଲ ଅର୍ଥାତ୍ ଶିବର ଉପାଦାନଟି ହୁଏତ ଯଥାର୍ଥ ଓ ସୁସ୍ଥଭାବରେ ଆଦୌ ବୃଦ୍ଧିପ୍ରାପ୍ତ ହୋଇପାରିବ ନାହିଁ । ମନୁଷ୍ୟଜୀବନର ସକଳ ଅଙ୍ଗ ଯେପରି ଆପଣାଗ୍ରହେଁ ଓ ଆପଣା ଭିତରୁ ହିଁ ପ୍ରେରିତ ଓ ପ୍ରବୃତ୍ତ ହୋଇ ଦେବତ୍ୱଆଡ଼କୁ ସମୁଦ୍ଧ ହୋଇଆସିବ ଓ ମୁକ୍ତଭାବରେ ଉଦବ୍ୟ ହୋଇପାରିବ, ସେଥିଲାଗି ଏହି ବିଶ୍ୱାସ ଓ ଆଦର୍ଶକୁ ଏହା ତାହାର ସମ୍ମୁଖରେ ବରଂ ଏକ ଆଲୋକ ଏବଂ ଉତ୍ପ୍ରେରଣାରୂପେ ଧରିକରି ରଖିଥିବ । ବ୍ୟକ୍ତି ଅଥବା ସମାଜ କୌଣସିଟି କ୍ଷେତ୍ରରେ ତାହା ବନ୍ଦୀ କରି ରଖିବାର, ପ୍ରାଚୀର ଘେରାଇଦେବାର, ଦାବିଦେବାର କିମ୍ବା ଦୁର୍ବଳ କରିଦେବାର କୌଣସି ପ୍ରୟାସ କରିପାରିବ ନାହିଁ ; ତାହା ବରଂ ପ୍ରଶସ୍ତତମ ବାୟୁ ଏବଂ ଉଚ୍ଚତମ ଆଲୋକକୁ ହିଁ ଭିତରକୁ ଡାକିନେଇ ଆସିବ । ଏକ ଉଦାର ଓ ପ୍ରଶସ୍ତ ମୁକ୍ତତା ହିଁ ଆଧ୍ୟାତ୍ମିକ ସମାଜର ବିଧାନ ହୋଇ ରହିବ ଏବଂ ଏହି ମୁକ୍ତତାର ଅଭିବୃଦ୍ଧି ହିଁ ମନୁଷ୍ୟର ସମାଜ ଯଥାର୍ଥ ଅଧ୍ୟାତ୍ମୀକରଣର ସମ୍ଭାବନାଟିଆଡ଼କୁ ବିକଶିତ ତଥା ସମୃଦ୍ଧ ହୋଇ ଯାଉଥିବାର ଏକ ସଙ୍କେତ ହୋଇ ରହିବ । ନାନା ଦାସତ୍ୱରେଛ ଘହୋଇ ରହିଥିବା ଦାସମାନଙ୍କର ଏକ ସମାଜକୁ ଏହି ଅର୍ଥରେ କଦାପି ସଫଳଭାବରେ ଆଧ୍ୟାତ୍ମିକତାର ସ୍ତରକୁ ଉତ୍ତୋଳିତ କରି ଅଣାଯାଇପାରିବ ନାହିଁ । ସେହି ଦାସମାନେ କ୍ଷମତାର ଦାସ ହୋଇ ରହିଛନ୍ତି, କର୍ତ୍ତୃତ୍ୱର ଦାସ ହୋଇ ରହିଛନ୍ତି , ସଂସ୍କାର ଓ ଧର୍ମ-ସୂତ୍ରର ଦାସ ହୋଇ ରହିଛନ୍ତି ; ଉପରୁ ଆଣି ଲଦିଦିଆଯାଇଥିବା କେତେକେତେ ନିୟମର ଦାସ ହୋଇ ରହିଛନ୍ତି । ସେମାନେ ସେହି ନିୟମର ଅଧୀନ ହୋଇ ଜୀବନ ବଞ୍ଚୁଛନ୍ତି, ମାତ୍ର ସେଗୁଡ଼ିକଦ୍ୱାରା ଆଦୌ ବଞ୍ଚିପାରୁନାହାନ୍ତି । ଅନ୍ତର୍ଗତ ଭାବରେ ସେମାନେ ଆପଣାର ନାନା ଦୁର୍ବଳତା, ଅଜ୍ଞାନ ତଥା ଦୁର୍ବାର କେତେ କାମନାର ଦାସ ହୋଇ ରହିଛନ୍ତି ଏବଂ ଏଗୁଡ଼ିକର ଉତ୍କଟତମ ପରିଣାମଗୁଡ଼ିକରୁ ରକ୍ଷା ପାଇପାରିବା ଲାଗି ସେମାନେ ହୁଏତ ଅନ୍ୟ ଆଉ କୌଣସି ବାହ୍ୟ ଦାସତ୍ୱର ଶରଣ ଲୋଡ଼ୁଛନ୍ତି ବା ତାହାକୁ ଅବଶ୍ୟକ ବୋଲି ଭାବୁଛନ୍ତି । ଏମାନଙ୍କର ଦାସତ୍ୱର ମୋଚନ କରାଯାଇ-ପାରିବ ନାହିଁ ବା ସେମାନଙ୍କୁ ଆଧ୍ୟାତ୍ମିକତା ମଧ୍ୟକୁ ଅଣାଯାଇପାରିବ ନାହିଁ । ଏମାନଙ୍କୁ ଆପଣାକୁ ହିଁ ପ୍ରଥମେ ସେହିସବୁ ବେଡ଼ିକୁ ଭାଙ୍ଗିଦେବାକୁ ପଡ଼ିବ ଓ ତେବେ ଯାଇ ସେମାନେ ଏକ ଉଚ୍ଚତର ମୁକ୍ତିର ଯୋଗ୍ୟ ହୋଇପାରିବେ । ଆପଣାର ଊର୍ଦ୍ଧ୍ୱଯାତ୍ରାରେ ମନୁଷ୍ୟକୁ ଯେ ଏକାଧିକ ବାର ଆପଣାର କାନ୍ଧ ଉପରେ କୌଣସି ଶୃଙ୍ଖଳା ଆଦୌ ବୋହିବାକୁ ପଡ଼ିବ ନାହିଁ, ସେକଥା ଆଦୌ ନୁହେଁ ; ମାତ୍ର ଯେଉଁ ଶୃଙ୍ଖଳାକୁ ସେ ଆପେ ଗ୍ରହଣ କରିନେବ, ତାକୁ କେବଳ ସେହି ଶୃଙ୍ଖଳାଟି ହିଁ ବହନ କରିବାକୁ ପଡ଼ିବ । ଯେଉଁ ଶୃଙ୍ଖଳା ତା'ର ଆପଣା ପ୍ରକୃତି ଓ ସେହି ପ୍ରକୃତିର ଆକାଙ୍କ୍ଷାଗତ

'oaob.nitrkl.ac.in' images reprocessed

କାମ୍ୟତର ଓ ସର୍ବୋଚ୍ଚ ଅନ୍ତର୍ବିଧାନଟିର ପରିପୂର୍ଣ୍ଣତର ପ୍ରତିନିଧିତ୍ୱ କରୁଥିବ, ସିଏ କେବଳ ସେହି ଶୃଙ୍ଖଳାକୁ ହିଁ ଗ୍ରହଣ କରିବ; ଯେଉଁଟି ତାହାଲାଗି ସମ୍ପୂର୍ଣ୍ଣ ଭାବରେ ସହାୟକ ହୋଇପାରିବ, ସେଇଟିକୁ ହିଁ ଗ୍ରହଣ ଓ ବହନ କରିବ । ଏଇଟିକୁ ଛାଡ଼ିଦେଲେ ଆଉ ଯେତେଯାହା ଶୃଙ୍ଖଳା ରହିଛି, କେବଳ ଏକ ମହାର୍ଘ ପ୍ରତିମୂଲ୍ୟ ଦେଇ ହିଁ ସେଗୁଡ଼ିକର ସୁପରିଣାମଗୁଡ଼ିକୁ ଭୁଞ୍ଜାଯାଇପାରିବ ଏବଂ ସେମାନେ ମଣିଷର ଅଗ୍ରସର ହେବାରେ ଯେତେ ସାହାଯ୍ୟ ନ କରିବେ, ତା'ର ଅଗ୍ରଗତିରେ ହୁଏତ ସେତିକି ବାଧା ଆଣି ପହଞ୍ଚାଇବାରେ ଲାଗିଥିବେ, ଏପରିକି ତା'ଠାରୁ ଅଧିକ ପରିମାଣରେ ମଧ୍ୟ ସେହି ଅଗ୍ରଗତିରେ ପ୍ରତିବନ୍ଧକ ହୋଇ ରହିଥିବେ ।

ଆପଣାର ସତ୍ତାଗତ କ୍ଷେତ୍ରରେ ମନୁଷ୍ୟ ଯେତିକି ଅଭିବୃଦ୍ଧି ଲାଭ କରୁଥିବ, ତାହାର ପ୍ରତ୍ୟେକ ଜୀବନାଙ୍ଗଗୁଡ଼ିକ ମଧ୍ୟ ସେତିକି ଅଧିକ ପରିମାଣରେ ଏକ ପୂର୍ଣ୍ଣମୁକ୍ତ ପରିସର ଅବଶ୍ୟ ପ୍ରାପ୍ତ ହେଉଥିବ, ଯେପରିକି ସେମାନେ ଆପଣାର ବଳରେ ଆପେ ବୃଦ୍ଧି ଲାଭ କରିପାରୁଥିବେ, ଆପଣାର ତଥା ଆପଣା ଅନ୍ତର୍ନିହିତ ଶକ୍ତିଗୁଡ଼ିକର ଅଧିକରୁ ଅଧିକ ପୂର୍ଣ୍ଣୋପଲବ୍‌ଧି କରିପାରୁଥିବେ ;—ଆଧ୍ୟାତ୍ମିକ ଯଥାର୍ଥ ଉଦ୍ଦେଶ୍ୟଟି ଏହି ସତ୍ୟଟିକୁ ଅବଶ୍ୟ ସ୍ୱୀକୃତି ଦେବ । ଆପଣାର ମୁକ୍ତପଥଯାତ୍ରାରେ ସେମାନେ ଅନେକ ଭୁଲ କରିବେ, କାରଣ କେବଳ କେତେକେତେ ଭୁଲ କରିବାରୁ ହିଁ ଯଥାର୍ଥ ଅଭିଜ୍ଞତାଲାଭ ସମ୍ଭବ ହୋଇପାରିବ । ମାତ୍ର ପ୍ରତ୍ୟେକଟି ମଧ୍ୟରେ ଯେଉଁ ଦିବ୍ୟ ତତ୍ତ୍ୱଟି ଅନ୍ତର୍ନିହିତ ହୋଇ ରହିଛି, ସେମାନେ ସେଇଟିକୁ ମଧ୍ୟ ଆବିଷ୍କାର କରିପାରିବେ ଏବଂ ଆପଣା ସମ୍ବନ୍ଧରେ ସେମାନଙ୍କର ଅଭିଜ୍ଞତା ଅଧିକ ଗଭୀର ଓ ବୃଦ୍ଧିପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ସେମାନେ ସେହି ଦିବ୍ୟତତ୍ତ୍ୱଟିର ସାନ୍ନିଧ୍ୟ, ତାତ୍ପର୍ଯ୍ୟ ତଥା ବିଧାନଟିକୁ ମଧ୍ୟ ସଚେତନ ଭାବରେ କାର୍ଯ୍ୟକାରୀ କରିପାରିବେ । ତେଣୁ ଯଥାର୍ଥ ଆଧ୍ୟାତ୍ମିକତା ବିଜ୍ଞାନ କିମ୍ବା ଦର୍ଶନ ଉପରେ କଦାପି କୌଣସିପ୍ରକାର ଯୁଆଳିକୁ ନେଇ ଲଦିଦେବ ନାହିଁ ଅଥବା କୌଣସି ସୂତ୍ରଗତ, ଧର୍ମଗତ ଏବଂ ଏପରିକି କୌଣସି ସୁନିଶ୍ଚିତ ଆଧ୍ୟାତ୍ମିକ ସତ୍ୟର ବିବୃତିଟି ସହିତ ଆପଣାର ସିଦ୍ଧାନ୍ତଗୁଡ଼ିକୁ କେବଳ ଖାପ ଖୁଆଇନେବାକୁ ସେମାନଙ୍କୁ କଦାପି ବାଧ୍ୟ କରିବ ନାହିଁ । ଅନେକ ପୁରାତନ ଧର୍ମ ସମ୍ପୂର୍ଣ୍ଣ ଅଜ୍ଞାନ ଭାବରେ ଏକ ଆଧ୍ୟାତ୍ମିକତାବର୍ଜିତ ଅନମନୀୟତା ଔଦ୍ଧତ୍ୟ ଦେଖାଇ ଯେଉଁ ବ୍ୟର୍ଥ ଚେଷ୍ଟାଟି କରିଆସିଛନ୍ତି, ପ୍ରକୃତ ଆଧ୍ୟାତ୍ମିକତା ତାହା କଦାପି କରିବାକୁ ଯିବ ନାହିଁ । ମାନବସତ୍ତାର ପ୍ରତ୍ୟେକ ଅଙ୍ଗ ବା ବିଭାଗଟିର ଏକ ସ୍ୱକୀୟ ଧର୍ମ ରହିଛି, ତାହାକୁ ସେହି ଧର୍ମଟିର ଅନୁସରଣ କରିବାକୁ ହିଁ ପଡ଼ିବ ; ଏବଂ ପରିଶେଷରେ ତାହା ପ୍ରକୃତରେ ସେହି ଧର୍ମଟିକୁ ହିଁ ଅନୁସରଣ କରିବ ଏବଂ ଆପେ ଯେଉଁ ଶୃଙ୍ଖଳାଟିକୁ ଉଚିତ ବୋଲି ବୁଝିବ, ସେଇଟିକୁ ହିଁ ଗ୍ରହଣ କରିବ । ତଟସ୍ଥ ଓ ଆସକ୍ତିରହିତ ହୋଇ ବୁଦ୍ଧିପ୍ରେରିତ ଭାବରେ ସତ୍ୟର ଅନୁସନ୍ଧାନ କରିବା ହେଉଛି ବିଜ୍ଞାନ, ବିଚାର ଓ ଦର୍ଶନର ଧର୍ମ ; ଏମାନଙ୍କର ଏହି ଅନୁସନ୍ଧାନରେ କୌଣସି

'oaob.nitrkl.ac.in' images reprocessed

ପୂର୍ବାଧିକାର ନ ଥିବ କିମ୍ବା ପୂର୍ବାଗ୍ରହ ମଧ୍ୟ ନ ଥିବ ଏବଂ ସ୍ୱୟଂ ବସ୍ତୁର ତଥା ଅବଲୋକନର ବିଧାନଟି ସେମାନଙ୍କ ଉପରେ ଯାହା ଆଣି ଲଦିଦେବ, ସେଇଟି ବ୍ୟତୀତ ସେମାନଙ୍କ ପାଖରେ ଅନ୍ୟ କୌଣସି ପ୍ରାରମ୍ଭ ବା ଅନୁମାନ ମଧ୍ୟ ନ ଥିବ । ଧର୍ମଗତ ସୂତ୍ର, ନୀତିଗତ ବିଧାନ କିମ୍ବା ସୌନ୍ଦର୍ଯ୍ୟବୋଧଗତ କୌଣସି ପୂର୍ବାନୁମାନର ପ୍ରଚଳିତ ଧାରଣାଗୁଡ଼ିକ ସହିତ ଆପଣାକୁ ଅର୍ଥାତ୍ ଆପଣାର ଅବଲୋକନଗୁଡ଼ିକୁ ଖାପ ଖୁଆଇନେବାଲାଗି ବିଜ୍ଞାନ ବା ଦର୍ଶନ କଦାପି ବାଧ୍ୟ ନୁହନ୍ତି । ଆପଣାର କ୍ଷେତ୍ରରେ ମୁକ୍ତ ବିଚରଣର ସୁଯୋଗ ପାଇଲେ ସେମାନେ ପରିଶେଷରେ ଶିବ, ସୁନ୍ଦର ଏବଂ ଭଗବାନଙ୍କ ସହିତ ରହିଥିବା ସତ୍ୟର ଏକତ୍ୱଟିକୁ ନିଶ୍ଚୟ ଆବିଷ୍କାର କରିପାରିବେ ଏବଂ ସୂତ୍ରାୟିତ କୌଣସି ଧର୍ମ ଅଥବା ଔପଚାରିକ କୌଣସି ନୀତିଶାସ୍ତ୍ର ବା ସଂକୀର୍ଣ୍ଣସୀମାର ଅଧୀନ ହୋଇ ରହିଥିବା କୌଣସି ସୌନ୍ଦର୍ଯ୍ୟବସ୍ତୁର ଯାହା କରିପାରନ୍ତେ, ସେମାନେ ସେଗୁଡ଼ିକୁ ତାହାଠାରୁ ଅନେକ ଅଧିକ ତାତ୍ପର୍ଯ୍ୟ ଓ ଅର୍ଥବ୍ୟଞ୍ଜକତା ଆଣି ଦେଇପାରିବେ । ମାତ୍ର ତା'ପୂର୍ବରୁ ସେଗୁଡ଼ିକୁ ମୁକ୍ତଭାବରେ ଛାଡ଼ିଦେବାକୁ ହିଁ ପଡ଼ିବ, ସେମାନେ ଇଚ୍ଛା କଲେ ଭଗବାନ, ଶିବ ଅଥବା ସୁନ୍ଦରକୁ ଅସ୍ୱୀକାର କରିବାଲାଗି ମଧ୍ୟ ଛାଡ଼ିଦେବାକୁ ପଡ଼ିବ ; ସେମାନଙ୍କର ସତ୍ୟାନ୍ୱେଷୀ ଅବଲୋକନ ସେମାନଙ୍କୁ ସେହିପରି ଏକ ସିଦ୍ଧାନ୍ତର ନିର୍ଦ୍ଦେଶ ଦେଉଥିବା ପର୍ଯ୍ୟନ୍ତ ସେମାନଙ୍କୁ ସେଥିଲାଗି ଛାଡ଼ିଦେବାକୁ ହିଁ ପଡ଼ିବ । କାରଣ, ଆପଣାର ପୂର୍ଣ୍ଣ ବୃତ୍ତଟିକୁ ବୁଲିସାରିବା ପରେ ଏହିସବୁ ବର୍ଜନ ତଥା ଅସ୍ୱୀକାର ପରିଶେଷରେ ପୁଣି ଯଥାର୍ଥ ସ୍ଥାନଟିକୁ ବାହୁଡ଼ିଆସିବେ ; ବର୍ତ୍ତମାନ ସେମାନେ ଯେଉଁସବୁ ବିଷୟକୁ ଅସ୍ୱୀକାର କରୁଛନ୍ତି, ସେଗୁଡ଼ିକର ଏକ ବୃହତ୍ତର ସତ୍ୟମଧ୍ୟକୁ ହିଁ ବାହୁଡ଼ିଆସିବେ । ଧର୍ମ ଓ ଆଧ୍ୟାତ୍ମିକତାର ଗଭୀରତର ସତ୍ୟରେ ଯାଇ ପହଞ୍ଚିବାକୁ ହେଲେ ଏକ ମଧ୍ୟବର୍ତ୍ତୀ ପଥରୂପେ ବ୍ୟକ୍ତି ଏବଂ ସମାଜ ଉଭୟ କ୍ଷେତ୍ରରେ ଅସ୍ୱୀକାର ଏବଂ ନାସ୍ତିକତାର ଯେ ଏକ ଆବଶ୍ୟକତା ରହିଛି, ଆମେ ଅନେକ ସମୟରେ ସେକଥାଟି ମଧ୍ୟ ଦେଖିବାକୁ ପାଉଥାଉ ; ବେଳେବେଳେ ଭଗବାନଙ୍କୁ ଲାଭକରିବାକୁ ହେଲେ ତାଙ୍କୁ ଆଗ ଅସ୍ୱୀକାର କରିବାକୁ ପଡ଼ୁଥାଏ ଏବଂ ଯାବତୀୟ ନିଷ୍ଠାପର ସଂଶୟ ତଥା ବର୍ଜନର ଶେଷରେ ଏକ ଅନିବାର୍ଯ୍ୟ ପରିଣାମରୂପେ ସେହି ଭଗବାନଙ୍କର ଦର୍ଶନ ହିଁ ପ୍ରାପ୍ତ ହୋଇଥାଏ ।

କଳାର କ୍ଷେତ୍ରରେ ମଧ୍ୟ ଠିକ୍ ଏହି ବିଧାନଟି କାର୍ଯ୍ୟକାରୀ ହୋଇ ରହିଛି ; ମନୁଷ୍ୟର ସୌନ୍ଦର୍ଯ୍ୟକାମୀ ସତ୍ତା ଆପଣାର ସ୍ୱକୀୟ ପ୍ରକୃତିର ପଥ ଅନୁସରଣ କରି ଠିକ୍ ସେହିପରି ଭାବରେ ଆପଣାର ଉଦ୍ଧ୍ୱତର ସମ୍ଭାବନାଗୁଡ଼ିକ ଆଡ଼କୁ ହିଁ ଗତି କରିବାରେ ଲାଗିଥାଏ । ସୌନ୍ଦର୍ଯ୍ୟକୁ ମାଧ୍ୟମ କରି ସେହି ପରମ ଦିବ୍ୟତାର ସନ୍ଧାନ କରିପାରିବା,— ତାହାହିଁ ହେଉଛି ଆମ ସୌନ୍ଦର୍ଯ୍ୟକାମୀ ସତ୍ତାର ସର୍ବୋଚ୍ଚ ଲକ୍ଷ୍ୟ ; ପୂର୍ଣ୍ଣ ପ୍ରେରଣାଯୁକ୍ତ ଭାବରେ ତାତ୍ପର୍ଯ୍ୟ ତଥା ବ୍ୟଞ୍ଜନାମୟ ନାନା ଆଙ୍ଗିକ ଓ ରୂପର ଅନୁପ୍ରାଣିତ ଉପଯୋଗ ଦ୍ୱାରା ଚିନ୍ମୟତାର ଦ୍ୱାରୋଦ୍‌ଘାଟନ କରିପାରିବା ହେଉଛି ସର୍ବୋଚ୍ଚ ଓ ସର୍ବୋତ୍ତମ

'oaob.nitrkl.ac.in' images reprocessed

କଳା । ମାତ୍ର ପ୍ରଶସ୍ତ ତଥା ନିଷ୍ଠାପୂର୍ଣ୍ଣ ଭାବରେ ଏହି ବୃହତ୍ତମ ବିଷୟଗୁଡ଼ିକୁ ସାଧି କରିପାରିବାକୁ ହେଲେ ତାହାକୁ ପ୍ରଥମେ ଗୋଟିଏ ଗୋଟିଏ ସାଧିରୂପେ ପ୍ରକୃତ ଓ ଜୀବନର ସନ୍ଦର୍ଶନ କରିବାଲାଗି ଉଦ୍ୟମ କରିବାକୁ ହେବ, ସେଗୁଡ଼ିକର ସ୍ୱକୀୟ ସତ୍ୟ ଓ ସୌନ୍ଦର୍ଯ୍ୟ ଦେଇ ସେଗୁଡ଼ିକର ଚିତ୍ରଣ କରିପାରିବାଲାଗି ଚେଷ୍ଟା କରିବାକୁ ହେବ । କାରଣ, ଏହିସବୁ ପ୍ରାଥମିକ ଆଙ୍ଗିକ ପଛରେ ହିଁ ଜୀବନ, ମନୁଷ୍ୟ ତଥା ପ୍ରକୃତିର କ୍ଷେତ୍ରରେ ସର୍ବଦା ସେହି ପରମ ଦ୍ୟୋତନାର ସୌନ୍ଦର୍ଯ୍ୟଟି ହିଁ ଲୁକ୍କାୟିତ ହୋଇ ରହିଥାଏ ଏବଂ ସେହିଗୁଡ଼ିକୁ ଯଥାର୍ଥ ଭାବରେ ରୂପାନ୍ତରିତ କରିଦେଇପାରିଲେ ହିଁ ସେଗୁଡ଼ିକ ପ୍ରଥମେ ଯେଉଁ ସତ୍ୟଟିକୁ ଆବରଣଦ୍ୱାରା ଘୋଡ଼ାଇ ରଖିଥିଲେ, ସେଇଟିକୁ ଉଦ୍‌ଘାଟିତ କରିଦେବା ସମ୍ଭବ ହୁଏ । କଳାରେ କେବଳ ଧର୍ମକଥାର ହିଁ ବର୍ଣ୍ଣନା ଓ ଚିତ୍ରଣ ରହିବା ଉଚିତ ଏବଂ ତାହା ନ ହୋଇଥିବା କୌଣସି କଳାକୁ କଳା ବୋଲି ହିଁ କହିବା ଉଚିତ ନୁହେଁ ବୋଲି ଯେଉଁ ବିଶ୍ୱାସଟି ରହିଛି, ତାହା ହେଉଛି ଏକ ମିଥ୍ୟା ବିଶ୍ୱାସ ; କଳାକୁ ସର୍ବଦା ନୈତିକତା, ପ୍ରୟୋଜନୀୟତା, ବୈଜ୍ଞାନିକ ସିଦ୍ଧାନ୍ତ ଅଥବା ଦାର୍ଶନିକ ଧାରଣାର ଅଧୀନ ହୋଇ ରହିବାକୁ ପଡ଼ିବ ବୋଲି କରାଯାଉଥିବା ବିଶ୍ୱାସଟି ଯେପରି ଏକ ମିଥ୍ୟା ବିଶ୍ୱାସ, ଏଇଟି ମଧ୍ୟ ଠିକ୍ ସେହିପରି ଗୋଟିଏ ମିଥ୍ୟା ବିଶ୍ୱାସ । କଳା ଗୋଟିଏ ଗୋଟିଏ ଉପାଦାନ ହିସାବରେ ଏଗୁଡ଼ିକୁ ହୁଏତ କାମରେ ଲଗାଇପାରେ ; ମାତ୍ର ତଥାପି କଳାର ଆପଣାର ଏକ ସ୍ୱକୀୟ ସ୍ୱଧର୍ମ ଅବଶ୍ୟ ରହିଛି, ଏବଂ ଆପଣା ସତ୍ତାର ଅନ୍ତରଙ୍ଗ ବିଧାନଟି ବ୍ୟତୀତ ଆଉ ଅନ୍ୟ କୌଣସି ବିଧାନର ବନ୍ଧନକୁ ନ ମାନି ଆପଣାର ସ୍ୱାଭାବିକ ମାର୍ଗଟିରେ ଅଗ୍ରସର ହୋଇପାରିଲେ କଳା ଅବଶ୍ୟ ଆପଣାର ପ୍ରଶସ୍ତତମ ଆଧ୍ୟାତ୍ମିକତାଟି ମଧ୍ୟକୁ ଉନ୍ନୀତ ହୋଇଯାଇପାରିବ ।

ମନୁଷ୍ୟର ନିମ୍ନତର ସ୍ୱଭାବଟିର କ୍ଷେତ୍ରରେ ଆମେ ଅତି ଗତାନୁଗତିକଭାବରେ ବାଧ୍ୟବାଧକତାକୁ ହିଁ ହୁଏତ ଏକମାତ୍ର ଗତି ବା ପ୍ରତିକାର ବୋଲି ଅନୁମାନ କରିବସିବା ; ମାତ୍ର ଏହି କ୍ଷେତ୍ରଟିରେ ମଧ୍ୟ ଆଧ୍ୟାତ୍ମିକ ଚରମ ଲକ୍ଷ୍ୟ ବାହାରୁ ମନୁଷ୍ୟର ଗତିଶୀଳ ଓ ପ୍ରାଣଗତ ସତ୍ତାଟିକୁ କୌଣସିମତେ ଦବାଇରଖିବାକୁ ଚେଷ୍ଟା ନ କରି ଏକ ବନ୍ଧନମୁକ୍ତ ଆତ୍ମଶାସନକୁ ହିଁ ଧ୍ୟେୟ କରି ରଖିଥିବ । ଯାବତୀୟ ଅଭିଜ୍ଞତା ଆମକୁ କେବଳ ଏହି କଥାଟି ସୂଚାଇଦେଉଛି ଯେ ଆପଣା ଭିତରୁ ହିଁ ଯାବତୀୟ ଭ୍ରମପୂର୍ଣ୍ଣ ଗତି ଏବଂ ପ୍ରମାଦରୁ ଆପଣାର ସ୍ୱାଧୀନତାଟି ଲାଭ ନ କରିଥିବା ପର୍ଯ୍ୟନ୍ତ ଆପଣାର କର୍ମପଥରେ ବାରବାର ଝୁଣ୍ଟିପଡ଼ିଯିବାକୁ ଏବଂ ଆପଣାର ଜ୍ଞାନରେ ବାରବାର ଭୁଲ କରିବାଲାଗି ମନୁଷ୍ୟର କେତେକ ପରିମାଣରେ ଅବଶ୍ୟ ଏକ ସ୍ୱାଧୀନତା ରହିବ । ତା' ନ ହେଲେ ତା' ଜୀବନରେ ଆଦୌ କୌଣସି ଯଥାର୍ଥ ଅଭିବୃଦ୍ଧି ସମ୍ଭବ ହେବ ନାହିଁ । ଆପଣାର ଉଦ୍ଦେଶ୍ୟ ପୂରଣ ଲାଗି ହୁଏତ ସମାଜ ଗତିଶୀଳ ଓ ପ୍ରାଣଗତ ମନୁଷ୍ୟକୁ ନାନାପ୍ରକାରେ ବାଧି ଓ ସାଧି କରି ରଖିବ ; ମାତ୍ର ଏହିସବୁ ବାଧ୍ୟବାଧକତା

'oaob.nitrkl.ac.in' images reprocessed

ଏବଂ ବଳପ୍ରୟୋଗ ଦ୍ୱାରା ଶକ୍ତିମାନଙ୍କୁ କେବଳ ଗୋଟାଏ ଦଉଡ଼ିରେ ବାନ୍ଧିରଖିବା ହିଁ ସାର ହେବ ଏବଂ ଖୁବ୍ ବେଶି ହେଲେ ତା'ର କ୍ରିୟାଶୀଳତାରେ କିଞ୍ଚିତ୍ ପରିବର୍ତ୍ତନ ଆଣି ତାହାକୁ କିଛିଏ ଅଧିକ ନମନୀୟ ଅଥବା ସଭ୍ୟ ଏକ ସ୍ତରରେ ପରିଣତ କରିଦେଇପାରିବ; ମାତ୍ର ତାହା ଶକ୍ତିମାନଙ୍କୁ କଦାପି ବିଲୁପ୍ତ କରିବ ନାହିଁ ବା କରିପାରିବ ନାହିଁ । ଯେତେବେଳେ ପ୍ରାଣପୁରୁଷ ଆପଣାର ଯାବତୀୟ କ୍ରିୟାତ୍ମକତା ଲାଗି ଆପଣାର ଭିତରୁ ହିଁ ଏକ ଉଚ୍ଚତର ବିଧାନର ଆବିଷ୍କାର କରିପାରିବ, ସେତିକିବେଳେ ଯାଇ ତାହାର ଯଥାର୍ଥ ଶୁଭୋଦୟ ହେବ; ତାହାକୁ ସେହି ବିଧାନଟି ଆଣି ଧରାଇଦେବା, ତା'ର ଆବେଗଗୁଡ଼ିକୁ କୌଣସି ମତେ ନଷ୍ଟ କରି ନ ଦେଇ ତାହାକୁ ସନ୍ଦୀପିତ କରିଦେବା ଓ ରୂପାନ୍ତରିତ କରିଦେବା, — ପୁନରୁଦୟ ପାଇଁ ଆମେ ତାହାକୁ ହିଁ ଆମର ଯଥାର୍ଥ ଆଧ୍ୟାତ୍ମିକ ସାଧନ ବୋଲି କହିପାରିବା ।

ତେଣୁ ଜୀବନର ନିମ୍ନତର ଅଙ୍ଗଗୁଡ଼ିକର ସ୍ୱାଧୀନତା ଲାଗି ଆଧ୍ୟାତ୍ମିକତା ସବୁବେଳେ ସମ୍ମାନ ରଖିଥିବ ; କିନ୍ତୁ ତାହା କଦାପି ସେମାନଙ୍କୁ ଆପଣା ହାତରେ ଛାଡ଼ିଦେବ ନାହିଁ । ସେମାନଙ୍କ ମଧ୍ୟରେ ଯେଉଁ ଚିନ୍ମୟ ସତ୍ୟଟି ନିହିତ ହୋଇ ରହିଛି, ଆଧ୍ୟାତ୍ମିକତା ସେମାନଙ୍କ ଆଗରେ କେବଳ ସେଇଟିକୁ ହିଁ ନେଇ ଉପସ୍ଥାପିତ କରିଦେଉଥିବ, ସେଇଟିକୁ ସେଗୁଡ଼ିକର ସ୍ୱକୀୟ କ୍ରିୟାଗତ କ୍ଷେତ୍ରଟିର ଭାଷାରେ ହିଁ ତର୍ଜମା କରିଦେଉଥିବ ଏବଂ ଏପରି ଏକ ସନ୍ଦୀପିତତା ସହିତ ସେଇଟିକୁ ନେଇ ଉପସ୍ଥାପିତ କରୁଥିବ, ଯାହାକି ସେମାନଙ୍କ ଯାବତୀୟ କ୍ରିୟାକୁ ଆଲୋକିତ କରିଦେବ ଏବଂ ସେମାନଙ୍କୁ ସେମାନଙ୍କର ସ୍ୱକୀୟ ସ୍ୱାଧୀନତାଟିର ଉଚ୍ଚତମ ବିଧାନଟିକୁ ଦର୍ଶାଇଦେଇପାରିବ । ଉଦାହରଣସ୍ୱରୂପ, ଭୌତିକ ଜୀବନ ପ୍ରତି ଏକ ନିଷ୍ଫଳ ହେୟ ଭାବ ଦେଖାଇ ଅଥବା ଜଡ଼କୁ ଅସ୍ୱୀକାର କରି ତାହା ବୈଜ୍ଞାନିକ ଭୌତିକବାଦଠାରୁ ଦୂରକୁ ପଳାଇଯିବା ଲାଗି ଚେଷ୍ଟା କରିବ ନାହିଁ ; ମାତ୍ର ଅପର ପକ୍ଷରେ ତାହା ସଂଶୟବାଦୀ ମନର ସହଚର ଭାବରେ ଯାଇ ତାହାର ଯାବତୀୟ ଗ୍ରହଣ ତଥା ବର୍ଜନ ମଧ୍ୟରେ ପ୍ରବେଶ କରିବ ଓ ତାହାକୁ ସେଇଠାରେ ହିଁ ପରମ ଦେବତାର ଦର୍ଶନ କରାଇଦେବ । ଯଦି ତାହା ସେକଥା କରି ନ ପାରେ, ତେବେ ସେଥିରୁ ନିଶ୍ଚିତ ଭାବରେ ପ୍ରମାଣିତ ହୋଇଯିବ ଯେ ସେହି ଆଧ୍ୟାତ୍ମିକତା ସ୍ୱୟଂ ସନ୍ଦୀପିତ ହୋଇପାରିନାହିଁ ଏବଂ ତାହା ମଧ୍ୟରେ ତଥାପି ଅନେକ ଦୋଷ ରହିଛି ଏବଂ କେବଳ ଗୋଟିଏ ପାଖକୁ ହିଁ ଦେଖିପାରୁଥିବାରୁ ତାହାର ଆଲୋକଟିରେ ମଧ୍ୟ ଅନେକ ଅଭାବ ରହିଯାଇଛି । ଜୀବନର ବର୍ଜନ କରି ଆଧ୍ୟାତ୍ମିକତା ମନୁଷ୍ୟର ମଧ୍ୟରେ ରହିଥିବା ପ୍ରାଣଶକ୍ତିଟିକୁ କଦାପି ହତ୍ୟା କରିବାକୁ ଯିବ ନାହିଁ, ମାତ୍ର ଅପର ପକ୍ଷରେ ତାହା ପ୍ରାଣ ଆଗରେ ପ୍ରାଣସ୍ଥ ଦେବତାଟିକୁ ହିଁ ତାହାର ରୂପାନ୍ତରକାରୀ ସିଦ୍ଧାନ୍ତରୂପେ ଉନ୍ମୋଚିତ କରିଦେବ । ଯଦି ତାହା ସେକଥା କରି ନ ପାରେ, ତେବେ ଜାଣିବାକୁ ହେବ ଯେ ତାହା ଏ ପର୍ଯ୍ୟନ୍ତ ଏହି ସୃଷ୍ଟିର ତାତ୍ପର୍ଯ୍ୟଟିକୁ ସମ୍ପୂର୍ଣ୍ଣରୂପେ

'oaob.nitrkl.ac.in' images reprocessed

ଅଧିଗମି ପାରି ନାହିଁ ଏବଂ ଦିବ୍ୟ ପରମ ଅବତାରର ସତ୍ୟ ରହସ୍ୟଟିରେ ପ୍ରବେଶ କରି-ପାରି ନାହିଁ ।

ତେଣୁ ବ୍ୟକ୍ତି ତଥା ସମୂହଗତ ସତ୍ତାରେ ହିଁ ଜୀବନ ତଥା ମନୁଷ୍ୟର ଏକ ପରିପୂର୍ଣ୍ଣତା ମଧ୍ୟରେ ଆଧ୍ୟାତ୍ମିକ ଚରମ ଲକ୍ଷ୍ୟ ମଧ୍ୟ ଆପଣାକୁ ପରିପୂର୍ଣ୍ଣ କରିବ, ଏଗୁଡ଼ିକ ଚିନ୍ମୟତାର ଶିଖରଗୁଡ଼ିକରେ ଯାଇ ପହଞ୍ଚିପାରିବା ଲାଗି ଭୂମିରୂପେ ହିଁ ବ୍ୟବହୃତ ହେବ । ଏବଂ ଏହି ଭୂମିଟି ମଧ୍ୟ ସର୍ବଶେଷରେ ସେହି ଶିଖରଗୁଡ଼ିକ ସହିତ ମର୍ମତଃ ଗୋଟିଏ ଉପାଦାନରେ ହିଁ ପରିଣତ ହେବ । ଦେହର କୌଣସି ପ୍ରକାର ଅବଜ୍ଞା ବା ଅବହେଳା କରି ଆଧ୍ୟାତ୍ମିକ ଲକ୍ଷ୍ୟ ଆପଣାକୁ ଅଗ୍ରସର କରାଇବ ନାହିଁ, ପ୍ରାଣଗତ ସତ୍ତାଟିକୁ ତାହା କୌଣସି ପ୍ରକାର ବୈରାଗ୍ୟର ମୋହରେ ପଡ଼ି କୌଣସି ପ୍ରକାରେ ଉପବାସୀ କରି ରଖିବ ନାହିଁ, ଆଧ୍ୟାତ୍ମିକ ଜୀବନଯାପନର ନିୟମ ରୂପେ ତାହା କୌଣସି ଚରମ ନିଷ୍ଠୁରତା ଅଥବା ଆବର୍ଜନାକୁ ମଧ୍ୟ ଆଦୌ ଗ୍ରହଣ କରିବ ନାହିଁ । କୌଣସି ଉଗ୍ର ଶୁଦ୍ଧତାବାଦୀ ପରି ତାହା କଳା, ସୌନ୍ଦର୍ଯ୍ୟ ଅଥବା ଜୀବନର ସୌନ୍ଦର୍ଯ୍ୟବୋଧଗତ ଆନନ୍ଦକୁ ମଧ୍ୟ ଅସ୍ୱୀକାର କରିବ ନାହିଁ, ବିଜ୍ଞାନ କିମ୍ବା ଦର୍ଶନକୁ କେବଳ ହୀନ, ଅବହେଳାଯୋଗ୍ୟ ଅଥବା ପଥଭ୍ରଷ୍ଟ କରିନେଉଥିବା ବୁଦ୍ଧିଗତ ଅନୁଧାବନ ବୋଲି କହି ସେଗୁଡ଼ିକର ଅବହେଳା ବି କରିବ ନାହିଁ । ଏହିସବୁ ଅନ୍ତରଜ୍ଞାନ ବା ଅନ୍ତଃସ୍ଫୂର୍ତ୍ତିଗୁଡ଼ିକର ଏହାର ସ୍ୱପକ୍ଷୀୟ ଅନ୍ତରଜ୍ଞାନ ଓ ଅନ୍ତଃସ୍ଫୂର୍ତ୍ତିଗୁଡ଼ିକ ପରି ଯେ ନିଶ୍ଚୟ ଏକ ସାମୟିକ ଆବଶ୍ୟକତା ରହିଛି, ସେକଥା କଦାପି ଅସ୍ୱୀକାର କରାଯାଉନାହିଁ । ଏସବୁ କଥା ସବୁ ଲୋକଙ୍କୁ ସବୁ ପ୍ରକାର ହୋଇ ଦେଖାଯିବ ସତ, ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଏହା ହିଁ ଏକାଧାରରେ ସେଗୁଡ଼ିକର ସର୍ବୋଚ୍ଚ କାମ୍ୟ ଓ ସର୍ବୋଚ୍ଚ ତାତ୍ପର୍ଯ୍ୟ ହୋଇ ରହିବ, ତାହାହିଁ ସେଗୁଡ଼ିକର ସବୁଠାରୁ ଅଧିକ ସର୍ବଗ୍ରାହୀ ଅଭିବ୍ୟକ୍ତି ହୋଇ ରହିବ, ଯେଉଁଥିରେ କି ସେଗୁଡ଼ିକର ଯାବତୀୟ ସତ୍ୟ ଓ ଯାବତୀୟ ଅନ୍ୱେଷଣ ପରିପୂର୍ଣ୍ଣତା ଲାଭ କରିବ । ସମାଜରେ ସେହି ଯଥାର୍ଥ ଓ ଅନ୍ତର୍ଗତ ଈଶ୍ୱରତନ୍ତ୍ରର ପ୍ରତିଷ୍ଠା ହିଁ ଏହି ଆଧ୍ୟାତ୍ମିକତାର ଲକ୍ଷ୍ୟ ହୋଇ ରହିବ ; କୌଣସି ପ୍ରତିପତ୍ତିସମ୍ପନ୍ନ ଗୀର୍ଜା, ମନ୍ଦିର ବା ପୁରୋହିତକୁଳର ମିଛ ଈଶ୍ୱର-ତନ୍ତ୍ରର ସ୍ଥାପନାକୁ ତାହା ଆପଣାର ଉଦ୍ଦେଶ୍ୟ କରି ରଖିବ ନାହିଁ; ମାତ୍ର ଅନ୍ତରସ୍ଥ ସେହି ପରମ ଯାଜକ, ପରମ ସନ୍ଦେଶବାହକ ଏବଂ ପରମ ସମ୍ରାଟଙ୍କର ତନ୍ତ୍ରପ୍ରତିଷ୍ଠା ହିଁ ତାହାର ଲକ୍ଷ୍ୟ ହୋଇ ରହିବ । ତାହା ପ୍ରତ୍ୟେକ ମନୁଷ୍ୟ ଆଗରେ ତାହାରି ମଧ୍ୟରେ ଅଧିଷ୍ଠିତ ରହିଥିବା ଦିବ୍ୟତାକୁ ହିଁ ଅନ୍ତରସ୍ଥ ପରମ ଆଲୋକ, ପରମ ବଳ, ପରମ ସୌନ୍ଦର୍ଯ୍ୟ, ପରମ କଲ୍ୟାଣ, ପରମ ଆନନ୍ଦ ଓ ପରମ ଅମୃତତ୍ୱ ରୂପେ ଉଦ୍‌ଘାଟିତ କରିଦେଇଯିବ ଏବଂ ତାହାର ବାହ୍ୟ ଜୀବନଟିର କ୍ଷେତ୍ରରେ ମଧ୍ୟ ପ୍ରଥମେ ଆମରି ଭିତରେ ଆବିଷ୍କୃତ ହୋଇଥିବା ଭଗବତ୍ ସାମ୍ରାଜ୍ୟଟିର ନିର୍ମାଣ କରିଦେବ । ଆପଣା ସତ୍ତାର ସକଳ ଭାବରେ ('ସର୍ବଭାବେନ'—ଗୀତା) ସେହି ପରମ ଦିବ୍ୟତାଟିକୁ ହିଁ ଲୋଡ଼ିବାଲାଗି ତାହା

'oaob.nitrkl.ac.in' images reprocessed

ମନୁଷ୍ୟଙ୍କୁ ବାଟ ଦେଖାଇଦେବ । ତାହାର ଆବିଷ୍କାର କରି ତାହାରି ମଧ୍ୟରେ ବାସ କରିବାର ବାଟ ବତାଇ ଦେଇଯିବ, ଯେପରିକି ମନୁଷ୍ୟ ଯେପରି ଭାବରେ ଅର୍ଥାତ୍ ଯାବତୀୟ ସକଳ ଭାବରେ ଜୀବନ ବଞ୍ଚୁଥିଲେ ଏବଂ କାର୍ଯ୍ୟ କରୁଥିଲେ ମଧ୍ୟ ସିଏ କେବଳ ତାହାରି ମଧ୍ୟରେ ହିଁ ଜୀବନ ବଞ୍ଚିବ ଓ କାର୍ଯ୍ୟ କରୁଥିବ (ଗୀତା—ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ) ; ସେହି ପରମ ଐକ୍ୟତା ମଧ୍ୟରେ, ସେହି ପରମ ଚିନ୍ମୟତା ମଧ୍ୟରେ ଅର୍ଥାତ୍ ତା'ର ଆପଣା ସତ୍ତାର ଶାଶ୍ୱତ ପରମ ସତ୍ୟଟି ମଧ୍ୟରେ ହିଁ ସେ ଆପଣାର ଜୀବନ ବଞ୍ଚୁଥିବ ଓ ସକଳ କାର୍ଯ୍ୟ କରୁଥିବ ।

'oaob.nitrkl.ac.in' images reprocessed

ଦ୍ୱାବିଂଶ ପରିଚ୍ଛେଦ

# ଆଧ୍ୟାତ୍ମିକ ରୂପାନ୍ତରର ପ୍ରୟୋଜନ

ବ୍ୟକ୍ତିଗତ ହେଉ ଅଥବା ସମାଜଗତ ହେଉ, ଆମର ନିତ୍ୟନୈମିତ୍ତିକ ଜୀବନର ଧାରଣାଟି ପ୍ରକୃତରେ ପରସ୍ପରର ଅନୁପୂରକ ଦୁଇଟି ସାମର୍ଥ୍ୟ ମଧ୍ୟରେ ରହିଥିବା ଏକ ଭାରସାମ୍ୟଦ୍ୱାରା ହିଁ ପରିଚାଳିତ ହୋଇଥାଏ । ପ୍ରଥମଟି ହେଉଛି ଏକ ଅନ୍ତର୍ନିହିତ ବା ପ୍ରଚ୍ଛନ୍ନ ଇଚ୍ଛାଶକ୍ତି, ଯାହାକି ଜୀବନର କେନ୍ଦ୍ରରୂପେ ଅବସ୍ଥାପିତ ହୋଇ ରହିଥାଏ ଏବଂ ଜୀବନର ଯାବତୀୟ କ୍ରିୟାତ୍ମକତାରେ ପ୍ରଧାନ ସାମର୍ଥ୍ୟଟି ରୂପେ କାର୍ଯ୍ୟ କରୁଥାଏ ; ଦ୍ୱିତୀୟତଃ, ମନୁଷ୍ୟ ଏକ ମନୋମୟ ସତ୍ତା ହୋଇଥିବାରୁ, ମନୋଭୂମିସ୍ଥ ପରମ ଭାବନାଟିରୁ ଯାହାକିଛି ଇଚ୍ଛାଶକ୍ତି ଜୀବନ ମଧ୍ୟରେ ପ୍ରବେଶ କରିପାରେ ଓ ପ୍ରଥମ ଇଚ୍ଛାଟିର ଆବଶ୍ୟକ ପରିବର୍ତ୍ତନ ମଧ୍ୟ ଘଟାଇଥାଏ ଏବଂ ଏହି ପ୍ରାଣଶକ୍ତିକୁ ଏକ ସଚେତନ ଦିଗ୍‌ଦର୍ଶନ ଏବଂ ଏକ ସଚେତନ ପଦ୍ଧତି ଆଣି ଯୋଗାଇଦେବାଲାଗି ତାହା ଏପର୍ଯ୍ୟନ୍ତ କେବଳ ଅପୂର୍ଣ୍ଣ ହୋଇ ରହିଥିବା ମନୋଗତ ସାଧନଗୁଡ଼ିକର ମଧ୍ୟଦେଇ ହିଁ ଆପଣାର କାର୍ଯ୍ୟ କରୁଥାଏ । ଆମର ନିତ୍ୟନୈମିତ୍ତିକ ଜୀବନଟି ଆମର ପ୍ରାଣମୟ ଏବଂ ଭୌତିକ ସତ୍ତାକୁ ହିଁ ଆପଣାର କେନ୍ଦ୍ର କରି ରଖିଥାଏ ; ସେହି ସତ୍ତାଟିର ଯାବତୀୟ ଆକାଙ୍‌କ୍ଷା ଓ ଆବଶ୍ୟକତାରେ, ତିଷ୍ଠି ରହିବାପାଇଁ, ବୃଦ୍ଧିଲାଭ କରିବାପାଇଁ, ପ୍ରସାରିତ ହେବାପାଇଁ ଓ ସମ୍ଭୋଗ କରିବାପାଇଁ ତାହାର ଯାବତୀୟ ଦାବିରେ, ଯାବତୀୟ ପ୍ରକାରର ସାମର୍ଥ୍ୟ, ଅଧିକାର, କ୍ରିୟାଶୀଳତା, ଗୌରବ ଓ ବ୍ୟାପ୍ତିରେ ଯାଇ ଉପନୀତ ହେବାଲାଗି ତାହାର ସକଳ ଉଦ୍ୟମରେ ହିଁ ଆପଣାକୁ କାର୍ଯ୍ୟକାରୀ କରି ରଖିଥାଏ । ଏହି ପ୍ରାଣଶକ୍ତିର ପ୍ରଥମ ଆତ୍ମ-ନିର୍ଦ୍ଦେଶନା ତଥା ପଦ୍ଧତିଗତ ପ୍ରଥମ ବ୍ୟବସ୍ଥାଗୁଡ଼ିକ ଆମର ମୂଳ ପ୍ରବୃତ୍ତି-ଗୁଡ଼ିକର ସ୍ତରରେ ହିଁ ରହିଥାଏ, ଏବଂ ସମ୍ପୂର୍ଣ୍ଣ ଭାବରେ ଅଥବା ବେଶ୍ ଅନେକ ପରିମାଣରେ ଅବଚେତନ ହୋଇ ରହିଥାଏ, ବଡ଼ ଚମତ୍କାର ଭାବରେ ସ୍ୱୟଂକ୍ରିୟ ହୋଇ ରହିଥାଏ । ଇତର ପ୍ରାଣୀର ସ୍ତରଯାଏ ପ୍ରକୃତିର ମନୁଷ୍ୟପୂର୍ବ ଜୀବନକ୍ଷେତ୍ରରେ ଆମେ ଯେଉଁ ସ୍ୱଚ୍ଛନ୍ଦତା, ସ୍ୱତଃସ୍ଫୂର୍ତ୍ତିତା, ଚମତ୍କାର ଚରିତାର୍ଥତା, ସୌନ୍ଦର୍ଯ୍ୟ, ଆତ୍ମ-ପରିତର୍ପଣ ଏବଂ ପ୍ରାଣଶକ୍ତି ତଥା ପ୍ରାଣଗତ ସାମର୍ଥ୍ୟର ପ୍ରାଚୁର୍ଯ୍ୟ ଦେଖିବାକୁ ପାଇଥାଉ, ସେଠାରେ ଜୀବନ ଏହି ମୂଳ ପ୍ରବୃତ୍ତିଗତ ଏବଂ ସ୍ୱୟଂକ୍ରିୟ ଅବେଗଟିକୁ ଏକାବେଳକେ

'oaob.nitrkl.ac.in' images reprocessed

ମାନଙ୍କର ଚାଲୁଥିବାରୁ ହିଁ ତାହା ସମ୍ଭବ ହୁଏ । ଏହି ସତ୍ତାଟିର ଏକ ଅସ୍ପଷ୍ଟ ବୋଧହେତୁ ଏବଂ ମନୁଷ୍ୟର ଜୀବନସ୍ତରରେ ଏକ ଅତ୍ୟନ୍ତ ଭିନ୍ନ ଓ ସେହି ଦୃଷ୍ଟିରୁ ବିଚାର କଲେ ଏକ ନିମ୍ନତର ସ୍ୱୀତ ଓ ସମର୍ଥତାର ସମ୍ମୁଖୀନ ହେବା କାରଣରୁ ହିଁ ବିଗ୍ୟକ ମନୁଷ୍ୟ ଆମର ବର୍ତ୍ତମାନ ସ୍ଥିତିଟି ବିଷୟରେ ଏକ ଅସନ୍ତୋଷ ପ୍ରକାଶ କରେ ଏବଂ ଆମର ସକଳ ବ୍ୟାଧି ଓ ଅନର୍ଥର ପ୍ରତିକାର ରୂପେ ପ୍ରକୃତି ଅନୁରୂପ ଅର୍ଥାତ୍ ଏକ ପ୍ରାକୃତିକ ଜୀବନଯାପନର ପରାମର୍ଶ ଦେଇଥାଏ । ମନୁଷ୍ୟର ମୂଳପ୍ରକୃତିଟି ମଧ୍ୟରେ ଏହିପରି ଏକ ବିଧାନ କାର୍ଯ୍ୟ କରୁଛି ବୋଲି ଦେଖାଇଦେଇ ପାରିବାର ଚେଷ୍ଟାରୁ ପ୍ରେରଣା ପାଇ ନୀତିଶାସ୍ତ୍ରରେ ବୈପ୍ଳବିକ କେତେ କେତେ କଳ୍ପନା ଜନ୍ମଲାଭ କରିଛି, ସମାଜ ତଥା ବ୍ୟକ୍ତିଗତ ବିକାଶ ସମ୍ବନ୍ଧରେ ବି କେତେ ବୈପ୍ଳବିକ କଳ୍ପନାର ଉଦ୍‌ଭବ ହୋଇଛି । ଏହି କ୍ରମରେ ଏକ ଅଦ୍ୟତମ ପ୍ରକରଣ ରୂପେ ଦାର୍ଶନିକ ନିତ୍‌ସେଙ୍କର ଏକ ବିଚିତ୍ର ପ୍ରେରଣାଯୁକ୍ତ ପ୍ରାଣବାଦୀ ଦର୍ଶନଟି ମଧ୍ୟ ଆମ ସମ୍ମୁଖରେ ଆସି ଆବିର୍ଭୂତ ହୋଇଛି । ଏହିସବୁ କଳ୍ପନାରେ ସାଧାରଣ ଭାବରେ ସବୁଠି ଏହି ଦୋଷଟି ନିହିତ ହୋଇ ରହିଛି ଯେ ତାହା ମନୁଷ୍ୟର ଯଥାର୍ଥ ପ୍ରକୃତି ବିଷୟରେ ଏକାବେଳେକେ ବିସ୍ମୃତ ହୋଇ-ପଡ଼ିଛି ଏବଂ ମନୁଷ୍ୟର ଅସଲ ଧର୍ମଟିର କଥାକୁ ଆଦୌ ବିଚାର କରିପାରି ନାହିଁ ।

ଆମର ଏହି ବର୍ତ୍ତମାନ ପର୍ଯ୍ୟାୟର ଅତ୍ୟନ୍ତ ଅସନ୍ତୋଷଜନକ ମନୁଷ୍ୟସ୍ଥିତିରୁ ଅତିମାନବର ବିକାଶ ଘଟାଇବା ହିଁ ଆମର ସର୍ବପ୍ରଧାନ ଓ ପ୍ରକୃତ କର୍ତ୍ତବ୍ୟ ବୋଲି ନିତ୍‌ସେ ଯେଉଁ କଳ୍ପନା କରିଥିଲେ, ତାହାକୁ ତାହାର ସୀମାଗୁଡ଼ିକ ମଧ୍ୟରେ ଆମେ ନିଶ୍ଚୟ ଏକ ସମ୍ପୂର୍ଣ୍ଣ ସଙ୍ଗତିଯୁକ୍ତ ଦାର୍ଶନିକ ବିଚାର ବୋଲି କହିପାରିବା । "ଆମେ ଯଥାର୍ଥରେ ଯାହା, ଠିକ୍ ତାହାହିଁ ହେବା", "ଆମେ ଆମର ସୀମାଟିକୁ ଅତିକ୍ରମ କରିଯିବା" ପ୍ରଭୃତି ବାକ୍ୟଦ୍ୱାରା ନିତ୍‌ସେ ମନୁଷ୍ୟ ହିସାବରେ ଆମର ଲକ୍ଷ୍ୟଟିକୁ ଯେପରି ସୂତ୍ରବଦ୍ଧ କରିଦେଇଥିଲେ, ତଦ୍ଦ୍ୱାରା ସେ ମୂଳତଃ ଏହି କଥାଟି କହିବାକୁ ଇଚ୍ଛା କରୁଥିଲେ ଯେ ମନୁଷ୍ୟ ଏପର୍ଯ୍ୟନ୍ତ ତା'ର ଯଥାର୍ଥ ଆତ୍ମସତ୍ତାଟିକୁ ଉପଲବ୍ଧି କରିନାହିଁ, ତାହାର ଯଥାର୍ଥ ସ୍ୱଭାବଟିର ଆବିଷ୍କାର କରିପାରିନାହିଁ, ଯାହାଦ୍ୱାରା କି ସେ ସଫଳ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଆପଣାର ଜୀବନଟିକୁ ବଞ୍ଚିବାଲାଗି ସମର୍ଥ ହେବ । ନିତ୍‌ସେଙ୍କର ଏହି ସୂତ୍ରଗୁଡ଼ିକ ଆଉ କେଉଁଠାରେ ଅଧିକ ଭଲଭାବରେ ଅଭିବ୍ୟକ୍ତ ହୋଇପାରିଛି ? ମାତ୍ର ତଥାପି ଏହିଠାରେ ହିଁ ଯାବତୀୟ ପ୍ରଶ୍ନର ଅସଲ ପ୍ରଶ୍ନଟି ରହିଛି : ଆମର ଆତ୍ମା କହିଲେ ଆମେ ପ୍ରକୃତରେ କାହାକୁ ବୁଝିବା, ଆମର ପ୍ରକୃତ ସ୍ୱଭାବଟି କହିଲେ ବି କ'ଣ ବୁଝିବା ? ଆମର ଭିତରେ ରହି ପ୍ରକୃତରେ କେଉଁ ପଦାର୍ଥଟି ବିକାଶ ଲାଭ କରିବାରେ ଲାଗିଛି, ମାତ୍ର ଯାହାଭିତରକୁ କି ଆମେ ଏପର୍ଯ୍ୟନ୍ତ ବିକଶିତ ହୋଇପାରିନାହୁଁ ? ଏହାର ଉତ୍ତର ହେବ ଯେ ଏହି ପଦାର୍ଥଟି ହେଉଛି ଏକ ଦିବ୍ୟ ପଦାର୍ଥ, ଏକ ମହାନ୍ ଦିବ୍ୟତା, ଏକ ସୌନ୍ଦର୍ଯ୍ୟମୟ ଦିବ୍ୟତା ଏବଂ ଏକ ବୀର୍ଯ୍ୟବାନ୍ ଦିବ୍ୟତା ଯାହାକୁ କି

'oaob.nitrkl.ac.in' images reprocessed

ମନୁଷ୍ୟରୂପୀ ଏହି ବୁଦ୍ଧିଶୀଳ ଓ ସଚେତନ ଇଚ୍ଛାଯୁକ୍ତ ପ୍ରାଣୀ ଅଳ୍ପବହୁତ ଅସ୍ପଷ୍ଟ ଭାବରେ ଆପଣା ସମ୍ମୁଖରେ ଲକ୍ଷ୍ୟରୂପେ ସ୍ଥାପିତ କରିଛି ଓ ଯାହାପରି ହେବାଲାଗି ପ୍ରୟାସ ମଧ୍ୟ କରୁଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଦିବ୍ୟତା କହିଲେ ସେସବୁଗୁଡ଼ିକୁ ଅବଶ୍ୟ ବୁଝାଇବ; ମାତ୍ର ସେହି ଦିବ୍ୟତାର ବୀଜଟିକୁ ଆମେ ପ୍ରକୃତରେ କାହାଭିତରେ ଆବିଷ୍କାର କରିପାରିବା ଏବଂ ପରେ ଆପଣାକୁ ଉପଲବ୍ଧି କରିପାରିବା ପରେ ଅତିମାନବ ପ୍ରକୃତରେ କେଉଁ ଆଧାରଟିରେ ଅବସ୍ଥିତ ହୋଇ ରହିବ ଓ ପୁଣି ଅପୂର୍ଣ୍ଣ ମାନବତ୍ୱର ଏହି ନିମ୍ନସ୍ତରଟିକୁ ଖସି ନ ଆସି ନିରାପଦ ହୋଇ ରହିପାରିବ ? ଭାରତୀୟ ମନୋବିଦ୍ୟାରେ ଯାହାକୁ ଦ୍ୱିବିଧବିଯୁକ୍ତ ବୁଦ୍ଧି ବୋଲି କୁହାଯାଇଛି, ସେହି ବୁଦ୍ଧି ଓ ଇଚ୍ଛା ମଧ୍ୟରେ ତାହା ଅବସ୍ଥିତ ରହିବ କି ? ମାତ୍ର ଏଇଟି ତାହାର ବର୍ତ୍ତମାନ ସ୍ଥିତିରେ ବଡ଼ ସଂଶୟାଚ୍ଛନ୍ନ, ଆପଣା ଭିତରେ ବଡ଼ ବିଭକ୍ତ ଓ ଆପେ ଲାଭ କରୁଥିବା ଯାବତୀୟ ବିଷୟରେ ଭାରି ଅନିଶ୍ଚୟତାଗ୍ରସ୍ତ ହୋଇ ରହିଛି ; କେତେକ ସ୍ଥାନରେ ବସ୍ତୁତଃ ସତେଅବା ଅଲୌକିକ ଭାବରେ ସୃଜନଶୀଳ ଓ ନୈପୁଣ୍ୟଯୁକ୍ତ ହୋଇ ରହିଛି ସତ, ମାତ୍ର ସେସବୁ ସତ୍ତ୍ୱେ ସମଗ୍ରତଃ ବଡ଼ ଚମତ୍କାରଭାବରେ ବ୍ୟର୍ଥତାପୂର୍ଣ୍ଣ ହୋଇ ରହିଛି ଓ ଆମର ନିମ୍ନତର ପ୍ରକୃତିଟି ସହିତ ସତତ ଯୁଦ୍ଧରତ ହୋଇ ରହିଛି, ଅଥଚ ତାହାରି ଉପରେ ଏତେ ନିର୍ଭରଶୀଳ ଓ ତାହାର ଏତେଦୂର ଅଧୀନ ହୋଇ ରହିଛି ଯେ, ତାହାର ଭିତରେ ସମ୍ପୂର୍ଣ୍ଣ ଦିବ୍ୟତାର କୌଣସି ନା କୌଣସି ବୀଜ ପ୍ରଚ୍ଛନ୍ନ ହୋଇ ରହିଥିଲେ ମଧ୍ୟ ସେଇଟି ଭିତରେ ସ୍ୱୟଂ ବୀଜ ହୋଇପାରିବାଲାଗି କ୍ୱଚିତ୍ ସାମର୍ଥ୍ୟ ରହିଛି ଏବଂ ଆମେ ଅନ୍ତତଃ ଯେଉଁ ନିଶ୍ଚିତ ଓ ଦିବ୍ୟ ସ୍ଥିତିଟିର ସନ୍ଧାନ କରିବାରେ ଲାଗିଛୁ, ତାହା ଆମକୁ ସେଇଟିକୁ କଦାପି ଦେଇପାରୁନାହିଁ । ତେଣୁ ଆମେ କହୁଛୁ ଯେ ମସ୍ତିଷ୍କର ବୁଦ୍ଧି ବା ଇଚ୍ଛା କଦାପି ଏହି ଦିବ୍ୟତାର ବୀଜ ହୋଇପାରିବ ନାହିଁ ; ମାତ୍ର ସକଳ ବୁଦ୍ଧିଶକ୍ତିଠାରୁ ଉଚ୍ଚତର ହୋଇ ଏବଂ ଆମ ନିମ୍ନତର ପ୍ରକୃତିଟିର ସକଳ ବହିରାବରଣର ପଛରେ ପ୍ରଚ୍ଛନ୍ନ ହୋଇ ରହି ଆମ ଭିତରେ ଯେଉଁ ସର୍ବୋଚ୍ଚ ଓ ସର୍ବୋତ୍ତମ ତତ୍ତ୍ୱଟି ଅବସ୍ଥିତ ରହିଛି, ତାହା ହିଁ ସେହି ଦିବ୍ୟତାର ବୀଜରୂପେ ଅବସ୍ଥିତ ରହିଛି, ଏବଂ ଆମେ ଯେତେବେଳେ ସେଇଟିକୁ ଆବିଷ୍କାର କରିପାରିବା, ମନୋଭୂମିର ଊର୍ଦ୍ଧ୍ୱରେ ତାହାକୁ ଦୀପ୍ତିମନ୍ତଭାବରେ ମୁକ୍ତ କରିଦେଇପାରିବା, ସେତେବେଳେ ମନୁଷ୍ୟସତ୍ତ୍ୱାର ଏକ ଦିବ୍ୟ ଜୀବନକୁ ଦୃଢ଼ପ୍ରତିଷ୍ଠିତ କରି ରଖିବାଲାଗି ତାହା ହିଁ ଏକ ପ୍ରଶସ୍ତ ଭୂମିରୂପେ କାର୍ଯ୍ୟ କରିପାରିବ ।

ଅତିମାନବର କଥା କହିଲାବେଳେ ଆମେ ବଡ଼ ସ୍ପଷ୍ଟଭାବରେ ଆମର ଏହି ବର୍ତ୍ତମାନ ପ୍ରକୃତି ବା ସ୍ୱଭାବଟିର ତୁଳନାରେ ଏକ ପ୍ରକୃତିବହିର୍ଭୂତ ଅଥବା ଅତିପ୍ରାକୃତ ଏପରି ଗୋଟାଏ କିଛିର କଥା କହିଲାପରି କଳ୍ପନା କରିଥାଉ ଯେ ଅତିମାନବର କଳ୍ପନାଟା ହିଁ ଭାରି ସହଜରେ ଆମର ଏହି ସବୁଦିନର ମଣିଷସୁଲଭତା ପାଖରେ ସତେଅବା ଆତଙ୍କଦାୟକ ଓ ଅସଙ୍ଗତିପୂର୍ଣ୍ଣ କୌଣସି ଗୋଟାଏ ଅସମ୍ଭବ ବ୍ୟାପାର

'oaob.nitrkl.ac.in' images reprocessed

ବୋଲି ମନେହୋଇଥାଏ । ଆପଣାର ଚିରାଚରିତ ଯାନ୍ତ୍ରିକ ବିଧାନର ବ୍ୟବସ୍ଥାଟି ଭିତରେ ତାକୁ ବାହାର କରିଆଣି ତା'ଲାଗି ଅସମ୍ଭବ ବୋଲି ମନେହେଉଥିବା କୌଣସି ଉଚ୍ଚ ଶିଖରର ଆରୋହଣ କରିବାଲାଗି ତାକୁ କୁହାଯାଉ ବୋଲି ଆମର ଏହି ସବୁଦିନିଆ ସ୍ୱାଭାବିକ ମଣିଷଟି ଆଦୌ ଇଚ୍ଛା କରେ ନାହିଁ; ପୁଣି ସେ ତା'ର ସୀମାଟିକୁ ଅତିକ୍ରମ କରିଯିବ, ତା'ର ବର୍ତ୍ତମାନର ବୃତ୍ତିଟି ପଛରେ ପଡ଼ିରହିବ ଏବଂ ଆଉ ଏକ ବୃହତ୍ତର ଶକ୍ତି ତା'ର ନିୟନ୍ତ୍ରଣ ଓ ପରିଚାଳନା କରିବ,—ଏଗୁଡ଼ାକ ସକାଶେ ତା'ର ଆଦୌ କମ୍ ଆଗ୍ରହ ରହିଥାଏ । ଅବଶ୍ୟ ଏକଥା ସତ ଯେ ଯଥାର୍ଥ ଅତିମାନବତ୍ୱ ଆପଣାଲାଗି ହିଁ କୌଣସି ସୀମାତିକ୍ରମଣ କିମ୍ବା ନିୟନ୍ତ୍ରଣ ଓ ପରିଚାଳନକୁ ଆପଣାର ଉଦ୍ଦେଶ୍ୟ କରି ରଖି ନ ଥାଏ; ମାତ୍ର ବସ୍ତୁତଃ ଏହା ଆମର ଏହି ସ୍ୱଭାବର ଅଧୀନ ମନୁଷ୍ୟଜାତିକୁ ଏପରି ଏକ ସମ୍ପଦଆଡ଼କୁ ଉନ୍ମୋଚିତ କରିଦେଇଯାଏ ଯାହାକି ବର୍ତ୍ତମାନ ତାହାର ଅଜ୍ଞାତ ହୋଇ ରହିଥାଏ ଏବଂ ଯେଉଁ ନିୟତିନିର୍ଦ୍ଦିଷ୍ଟ ପରିପୂର୍ଣ୍ଣତାରେ ଯାଇ ପହଞ୍ଚିବା ଏବେ ମଧ୍ୟ ବାକି ରହିଥାଏ । ମାତ୍ର ସ୍ମରଣ ରଖିବା ଉଚିତ ଯେ ଯେଉଁଟିକୁ ଆମେ ଆମ ସ୍ୱଭାବର ଅଧୀନ ବା ସ୍ୱଭାବଦ୍ୱାରା ଚାଳିତ ମନୁଷ୍ୟତ୍ୱ ବୋଲି କହୁଛୁ, ପ୍ରକୃତିର ସମଗ୍ର ଭୂମିରେ ସେଇଟି ପ୍ରକୃତରେ ଅପୂର୍ଣ୍ଣସ୍ୱଭାବର ଅର୍ଥାତ୍ ଅସ୍ୱାଭାବିକ ହୋଇ ରହିଛି, ଯାହାର ତୁଳନା କରି କିଛି ଦେଖିପାରିବାଲାଗି ଚତୁର୍ଦ୍ଦିଗକୁ ଅନାଇଲେ ଆମକୁ କେବଳ ବ୍ୟର୍ଥ ହିଁ ହେବାକୁ ପଡ଼ୁଛି; ମନେହେଉଛି, ସତେଅବା କାହାର ଖିଆଲରେ ଗୋଟାଏ କ'ଣ ହଠାତ୍ ଆସି ସୃଷ୍ଟି ହୋଇଯାଇଛି ବା ଅଲୌକିକ କିଛି ଘଟିଲାପରି ଗୋଟାଏ କିଛି ହଠାତ୍ ଘଟିଯାଇଛି । ପ୍ରକୃତି ଭିତରେ କୌଣସି ଅସ୍ୱାଭାବିକତା ଲାଗି କାହାର କୌଣସି ଆପତ୍ତି ରହିବା ଉଚିତ ନୁହେଁ, ଏହାକୁ କୌଣସି ଅପୂର୍ଣ୍ଣତାର ଏକ ଅବଶ୍ୟ ସଙ୍କେତ ବୋଲି କହିବା ମଧ୍ୟ ଉଚିତ ନୁହେଁ । ଏହାକୁ ଏକ ବୃହତ୍ତର ପରିପୂର୍ଣ୍ଣତା ଲାଗି ହିଁ ଏକ ଉଦ୍ୟମ ବୋଲି ବରଂ କହିବା ଉଚିତ । ମାତ୍ର ଏହି ଅସ୍ୱାଭାବିକ ଯେପର୍ଯ୍ୟନ୍ତ ଆପଣାର ସ୍ୱକୀୟ ଏକ ସ୍ଥାୟୀ ସ୍ୱାଭାବିକ ସ୍ଥିତିକୁ ପ୍ରାପ୍ତ ନ ହୋଇଛି, ଆପଣାର ସ୍ୱକୀୟ ସ୍ଥିତି ଓ ସାମର୍ଥ୍ୟରେ ଏବଂ ଆପଣାର ସ୍ୱକୀୟ ସୋପାନଟି ଉପରେ ତାହା ଆପଣାର ଜୀବନଟିକୁ ଯେପର୍ଯ୍ୟନ୍ତ ଯଥାର୍ଥ ଭାବରେ ସଂଗଠିତ କରି ନ ପାରିଛି, ସେପର୍ଯ୍ୟନ୍ତ ଏହି ବୃହତ୍ତର ପରିପୂର୍ଣ୍ଣତା କଦାପି ସମ୍ଭବ ହେବ ନାହିଁ । ମନୁଷ୍ୟ ହେଉଛି ଏକ ଅସ୍ୱାଭାବିକ ସ୍ଥିତିରେ ରହିଥିବା ଜୀବ, ଯିଏକି ତା'ର ସ୍ୱକୀୟ ସ୍ୱାଭାବିକତାଟିକୁ ଲାଭ କରିପାରି ନାହିଁ । ବର୍ତ୍ତମାନ ସେ ଯେଉଁ ସ୍ଥିତିରେ ଅଛି, ସେଇଟିକୁ ହିଁ ଆପଣାର ସ୍ୱାଭାବିକ ସ୍ଥିତି ବୋଲି ସେ ହୁଏତ ବେଶ କଳ୍ପନା କରିପାରେ, ଆପଣାର ଏହି ଗୋଷ୍ଠୀ ବା ସମଷ୍ଟି ଭିତରେ ସେ ବେଶ୍ ସ୍ୱାଭାବିକ ପରି ଦେଖାଯାଇପାରେ; ମାତ୍ର ସେହି ସ୍ୱାଭାବିକତା କେବଳ ଗୋଟାଏ ପ୍ରକାରର ଅସ୍ଥାୟୀ ବ୍ୟବସ୍ଥା ମାତ୍ର । କାରଣ, ଉଦ୍ଭିଦ ଅଥବା ଇତରପ୍ରାଣୀର ତୁଳନାରେ ମନୁଷ୍ୟ ଅନନ୍ତଗୁଣରେ ଅଧିକ ବଡ଼ ହୋଇଥିଲେ ମଧ୍ୟ ଉଦ୍ଭିଦ ତଥା ଇତରପ୍ରାଣୀ ଆପଣାର ସ୍ୱଭାବଗତ କ୍ଷେତ୍ରଟିରେ ଯେପରି ପରିପୂର୍ଣ୍ଣ ହୋଇପାରିଛନ୍ତି,

'oaob.nitrkl.ac.in' images reprocessed

ମନୁଷ୍ୟ ଆପଣାର ଯଥାର୍ଥ ସ୍ୱଭାବରେ ସେଭଳି ଆଦୌ ପ୍ରତିଷ୍ଠିତ ଓ ପରିପୂର୍ଣ୍ଣ ହୋଇ-ପାରିନାହିଁ । ଏହି ଅପରିପୂର୍ଣ୍ଣତାକୁ ନେଇ କୌଣସି ନିନ୍ଦା ବା ବିଳାପ କରିବାକୁ ହେବ ନାହିଁ, ବରଂ ଏହାକୁ ଏକ ସୌଭାଗ୍ୟ ଓ ଏକ ପ୍ରତିଶ୍ରୁତି ରୂପେ ଗ୍ରହଣ କରିବାକୁ ହେବ; କାରଣ, ତାହା ଆମ ସମ୍ମୁଖରେ ଆତ୍ମବିକାଶ ତଥା ଆତ୍ମ-ଅତିକ୍ରମଣର ଏକ ବିପୁଳ ଭୂମିକୁ ଉନ୍ମୋଚିତ କରିଦେଇଯାଉଛି । ବର୍ତ୍ତମାନ ସୁଦ୍ଧା ସେ ଉପଲବ୍ଧ କରିଥିବା ତାହାର ସର୍ବୋଚ୍ଚ ସିଦ୍ଧିସ୍ତରରେ ମନୁଷ୍ୟଙ୍କୁ ଆମେ ପ୍ରାୟ ଏକ ଅର୍ଦ୍ଧ-ଈଶ୍ୱର ବୋଲି କହିପାରିବା, ଯିଏକି ଇତର ପ୍ରାଣୀଗତ ସ୍ୱଭାବର ସୋପାନଟି ମଧ୍ୟରୁ ଊର୍ଦ୍ଧ୍ୱକୁ ଉତ୍ତୀର୍ଣ୍ଣ ହୋଇଯାଇଛି ଏବଂ ଆପଣାର ବର୍ତ୍ତମାନ ସ୍ଥିତିଟିରେ ବଡ଼ ଚମତ୍କାରଭାବରେ ଅସ୍ୱାଭାବିକ ହୋଇ ରହିଛି; ମାତ୍ର ପରିପୂର୍ଣ୍ଣ ଈଶ୍ୱରତ୍ୱର ଯେଉଁ ସିଦ୍ଧିଟି ଲାଗି ସେ ଆପଣାର ଯାତ୍ରାରମ୍ଭ କରି ବାହାରିଛି, ସେଇଟି ତାହାର ବର୍ତ୍ତମାନ ପୀଠଟିରୁ ପ୍ରକୃତରେ ଏତେ ବେଶୀ ବୃହତ୍ ଯେ ନିଜେ ଇତରପ୍ରାଣୀର ତୁଳନାରେ ଯେପରି ଏକାନ୍ତ ଅସମ୍ଭବ ଓ ଅସ୍ୱାଭାବିକ ପରି ଦେଖାଯାଉଛି, ସେହି ପରବର୍ତ୍ତୀ ପୂର୍ଣ୍ଣସିଦ୍ଧିଟି ମଧ୍ୟ ତାକୁ ଠିକ୍ ସେହିଭଳି ଅସମ୍ଭବ ଓ ଅସ୍ୱାଭାବିକ ବୋଲି ଲାଗୁଛି । ଅର୍ଥାତ୍ ମନୁଷ୍ୟର ସମ୍ମୁଖରେ ଏକ ଅତି ବୃହତ୍ ଓ କଠୋର ସାଧନାପଥ ତା'ଲାଗି ଅପେକ୍ଷା କରି ରହିଛି, ମାତ୍ର ତା'ର ଜୀବନ୍ତରଟି ଲାଗି ଏକ ଗୌରବୋଜ୍ଜ୍ୱଳ ମୁକୁଟ ମଧ୍ୟ ଅପେକ୍ଷା କରି ରହିଛି, ତା'ଲାଗି ଏକ ବିଜୟ ଅପେକ୍ଷା କରି ରହିଛି । ଏପରି ଏକ ବିରାଟ ସାମ୍ରାଜ୍ୟର ପ୍ରତିଶ୍ରୁତି ତା'ଲାଗି ଅପେକ୍ଷା କରି ରହିଛି, ଯାହା ଆଗରେ କି ମନର ସ୍ତରରେ ଅଥବା ବାହ୍ୟ ପ୍ରକୃତି ଉପରେ ସେ ଏବେ ଯେଉଁସବୁ ବିଜୟ ହାସଲ କରିପାରିଛି ତାହାକୁ ଅନାଗତ ସେହି ମହାନ୍ ବିଜୟର କେବଳ ଏକ ସ୍ଥୂଳ ସୂଚନା ଏବଂ ଏକ ବଡ଼ ଅସମ୍ପନ୍ନ ଆରମ୍ଭମାତ୍ର ବୋଲି ହିଁ କହିବାକୁ ପଡ଼ିବ ।

ପ୍ରକୃତରେ କେଉଁ ଦୋଷ ବା ଅଭାବଟିରୁ ତା'ର ଏହିସବୁ ଯାବତୀୟ ଅସମ୍ପୂର୍ଣ୍ଣତାର ଉଦ୍ଭବ ହୋଇଛି ? ଏହାର ସୂଚନା ଆମେ ଆଗରୁ ଦେଇସାରିଛୁ ଏବଂ ତାହାହିଁ ପୂର୍ବବର୍ତ୍ତୀ ପରିଚ୍ଛେଦଗୁଡ଼ିକରେ ଆମର ସାଧାରଣ ଅଭିପ୍ରାୟ ହୋଇ ରହିଛି । ତଥାପି ଏଠାରେ ମଧ୍ୟ ତାହାକୁ ସଂକ୍ଷିପ୍ତ ତଥା ନିର୍ଦ୍ଦିଷ୍ଟରୂପେ ପୁଣି ଥରେ କହିଦେବାର ଆବଶ୍ୟକତା ରହିଛି । ଆମେ ବେଶ୍ ଜାଣିପାରୁଛୁ ଯେ ହଠାତ୍ ଦୃଷ୍ଟିପାତ କଲାବେଳକୁ ମନୁଷ୍ୟ ସତେ ଅବା ଦୁଇଟି ପ୍ରକୃତିକୁ ନେଇ ବଞ୍ଚିଥିବା ପରି ଦେଖାଯାଉଛି । ପ୍ରଥମଟି ହେଉଛି ତା'ର ପ୍ରାଣିକ ତଥା ଭୌତିକ ସତ୍ତାର ପ୍ରାଣୀପ୍ରକୃତି, ଯାହାକି ତା'ର ସହଜାତ ନାନା ପ୍ରବୃତ୍ତି, ଆବେଗ, କାମନା, ଯାନ୍ତ୍ରିକ ଗତିନିର୍ଦ୍ଦେଶନା ଓ ପଦ୍ଧତିଟିକୁ ନେଇ ବଞ୍ଚିଛି; ଏବଂ ତାହା ସଙ୍ଗେ ସଙ୍ଗେ ଏକ ଆତ୍ମସଚେତନ ବୁଦ୍ଧି-ପରିଚାଳିତ, ନୀତି-ନିୟନ୍ତ୍ରିତ, ସୌନ୍ଦର୍ଯ୍ୟକାମୀ, ବୁଦ୍ଧିସମ୍ପନ୍ନ ଭାବରେ ସଂବେଗଚାଳିତ ଓ ବୁଦ୍ଧିସମ୍ପନ୍ନ ଭାବରେ ଗତିଶୀଳ ସତ୍ତାର ଆଉ ଗୋଟିଏ ଅର୍ଦ୍ଧଦିବ୍ୟ ପ୍ରକୃତି ମଧ୍ୟ ମନୁଷ୍ୟ ଭିତରେ

'oaob.nitrkl.ac.in' images reprocessed

ରହିଛି, ଯାହା ଭିତରେ କି ଆପଣା ନିଜସ୍ୱର ବିଧାନଟିକୁ ଆବିଷ୍କାର କରି ଓ ବୁଝି ତାହାକୁ ସଚେତନ ଭାବରେ କାର୍ଯ୍ୟରେ ଲଗାଇବାର ସାମର୍ଥ୍ୟ ରହିଛି, ସେଥିରେ ଅଧିକ ଉନ୍ନତି ସାଧନ କରିବାର ସାମର୍ଥ୍ୟ ମଧ୍ୟ ରହିଛି । ମନନଶୀଳ ଏକ ମନରୂପେ ସେହି ସ୍ୱଭାବଟି ପ୍ରକୃତିକୁ ବୁଝିପାରୁଛି, ଏକ ଇଚ୍ଛାରୂପେ ସେହି ପ୍ରକୃତିକୁ କାର୍ଯ୍ୟରେ ଲଗାଉଛି, ଉତ୍ତୋଳିତ କରିନେଇ ପାରୁଛି ଓ ସେଥିରେ ପରିପୂର୍ଣ୍ଣତା ଆଣି ଦେଉଛି । ଏକ ବୋଧ-ରୂପେ ତାହା ବୃଦ୍ଧିସମ୍ପନ୍ନ ଭାବରେ ସେହି ପ୍ରକୃତିର ଉପଭୋଗ ବି କରିପାରୁଛି । ପ୍ରାଣଗତ ସମ୍ପନ୍ନତା ଓ ପ୍ରାଣଗତ ସମ୍ଭୋଗର ବୃଦ୍ଧିସାଧନ ଆମ ପ୍ରକୃତିର ପ୍ରାଣୀ-ଅଂଶଟିର ଉଦ୍ଦେଶ୍ୟ ହୋଇ ରହିଛି ; ଆମର ଅର୍ଦ୍ଧ-ଦିବ୍ୟ ଅଂଶଟି ବୃଦ୍ଧି, ସମ୍ପନ୍ନତା ଏବଂ ସମ୍ଭୋଗକୁ ହିଁ ଉଦ୍ଦେଶ୍ୟ କରି ରଖିଛି ; ମାତ୍ର ପ୍ରଥମେ ଅଧିକାରକୁ ଆଣି ତା'ପରେ ବୁଦ୍ଧିସମ୍ପନ୍ନ, ସୁରୁଚିସମ୍ପନ୍ନ ତଥା ନୀତିସମର୍ଥିତ ଭାବରେ ସେ ତାହାକୁ ଉପଭୋଗ କରିବାକୁ ଚାହୁଁଛି ; ପ୍ରାଣ ତଥା ଦେହର ସାମର୍ଥ୍ୟଗୁଡ଼ିକ ଅପେକ୍ଷା ଅଧିକତର ପରିମାଣରେ ମନର ସାମର୍ଥ୍ୟଗୁଡ଼ିକ ଦ୍ୱାରା ହିଁ ତାହାକୁ ଉପଭୋଗ କରିବାକୁ ଇଚ୍ଛା କରୁଛି ଏବଂ ଦ୍ୱିତୀୟତଃ ଆମର ଭୌତିକ ଏବଂ ପ୍ରାଣଗତ ଅଂଶଗୁଡ଼ିକ କେବଳ ଯେତିକି ପରିମାଣରେ ଏକ ଭୂମି ଓ ଯାତ୍ରା-ରମ୍ଭର ବିନ୍ଦୁ, ଏକ ପ୍ରଥମକାଳୀନ ଆବଶ୍ୟକତା ବା ପରିବେଶ, ଠିଆ ହୋଇପାରିବାଲାଗି ଏକ ଭୂଇଁ ଓ ଆଧାରରୂପେ ଆବଶ୍ୟକ ହେଉଛି, ତାହା ସେତିକି ପରିମାଣରେ ସେଗୁଡ଼ିକୁ ଅଧିକାରକୁ ଆଣୁଛି ଓ ସେଗୁଡ଼ିକର ଉପଭୋଗ କରୁଛି ; ମାତ୍ର ସେଗୁଡ଼ିକ ଅପେକ୍ଷା ତାହା ବୁଦ୍ଧି, ନୈତିକତା ଓ ସୌନ୍ଦର୍ଯ୍ୟବୋଧର କ୍ଷେତ୍ରରେ ରହିଥିବା ବସ୍ତୁଗୁଡ଼ିକୁ ଅଧିକ ଅଧିକାର କରିବାକୁ ଏବଂ ଉପଭୋଗ କରିବାକୁ ଚାହୁଁଛି । ଆମର ସେହି ପ୍ରକୃତିଟି ଜୀବନର ବହିଃକ୍ଷେତ୍ରଗୁଡ଼ିକ ଅପେକ୍ଷା ସତ୍ୟ, ଶିବ ଏବଂ ସୁନ୍ଦରର କ୍ଷେତ୍ରରେ ହିଁ ଅଧିକ ପରିମାଣରେ ବୃଦ୍ଧି ଲାଭ କରିବାକୁ ଇଚ୍ଛା କରୁଛି ; ଆମର ଏହି ମାନବୀୟ ଅଭିବ୍ୟକ୍ତି ପ୍ରକାଶେ ଅର୍ଥାତ୍ ତାହାର ନିରାପତ୍ତା, ସ୍ୱାଚ୍ଛନ୍ଦ୍ୟ ଏବଂ ମୂଳପ୍ରତିଷ୍ଠାଟି ପ୍ରକାଶେ ବହିର୍ଜୀବନରେ ଯେତିକି ବୃଦ୍ଧିଲାଭ ଆବଶ୍ୟକ ହେଉଛି, ତାହା କେବଳ ସେତିକି ବୃଦ୍ଧିଲାଭର ହିଁ ଅଭିଳାଷ ରଖିଛି । ଏହାକୁ ହିଁ ଆମେ ମନୁଷ୍ୟର ମନୁଷ୍ୟତା ବୋଲି କହିବା, ତା'ର ସେହି ଅନନ୍ୟ ବୈଶିଷ୍ଟ୍ୟଟି ବୋଲି କହିବା, ଏହି ଚେତନାହିତ ଭୌତିକ ପ୍ରକୃତିର ସ୍ୱାଭାବିକତା ମଧ୍ୟରେ ଆମେ ତାହାକୁ ହିଁ ତାହାର ଅସ୍ୱାଭାବିକତା ବୋଲି କହିବା ।

ଏସବୁର ତାତ୍ପର୍ଯ୍ୟ ହେଉଛି ଯେ ମନୁଷ୍ୟ ତା'ର ସତ୍ତାମଧ୍ୟରେ ଏକ ନୂତନ ସାମର୍ଥ୍ୟର ବିକାଶ ଘଟାଇଛି ; ଏହି ସାମର୍ଥ୍ୟଟିକୁ ଆମେ ଏକ ନୂତନ ଆତ୍ମଗତ ସାମର୍ଥ୍ୟ ବୋଲି କହିବା ଏବଂ ତାହା ସହିତ ପ୍ରାଣ ଓ ଶରୀରକୁ ମଧ୍ୟ ସେହି ଆତ୍ମାର ହିଁ ଗୋଟିଏ ଗୋଟିଏ ସାମର୍ଥ୍ୟ ବୋଲି ଗ୍ରହଣ କରୁଥିବା । ଏବଂ ଯେଉଁ ସତ୍ତା ମନୁଷ୍ୟ ଭିତରେ ଏହି ନୂତନ ସାମର୍ଥ୍ୟଟିର ବିକାଶ ଘଟାଇଛି, ତାହା ଅନ୍ତଃପ୍ରେରିତ ଭାବରେ କେବଳ ଯେ ଆପଣାର ଊର୍ଦ୍ଧ୍ୱଭୂମିଟିରେ ଅବସ୍ଥିତ ରହି ପୃଥିବୀଆଡ଼କୁ ଦୃଷ୍ଟିପାତ କରିବାକୁ ଏବଂ

'oaob.nitrkl.ac.in' images reprocessed

ତାହାର ପୁନଃମୂଲ୍ୟାନ କରିବାକୁ ବାଧ୍ୟ ହେଉଛୁ, ତା' ନୁହେଁ, ତାହା ମନୁଷ୍ୟର ସମୁଦାୟ ପ୍ରକୃତିଟିକୁ ମଧ୍ୟ ଏହି ସାମର୍ଥ୍ୟଟିର ବୋଲ ମାନିବାକୁ ବାଧ୍ୟ କରୁଛୁ । ଗୋଟିଏ ଦୃଷ୍ଟିରୁ ବିଚାର କଲେ ସେହି ସାମର୍ଥ୍ୟଟିର ଛାଞ୍ଚରେ ଆପଣାକୁ ଗଢ଼ିବାଲାଗି ତାକୁ ବାଧ୍ୟ କରୁଛୁ, ଏବଂ ଏପରିକି ଏହି ବୃହତ୍ତର ସତ୍ୟ ଓ ବିଧାନଟିର କୌଣସି ଏକ ପ୍ରତିରୂପ ରୂପେ ଆପଣାର ପରିବେଶଗତ ଜୀବନଟିକୁ ମଧ୍ୟ ଯଥାଶକ୍ତି ନୂଆକରି ଗଢ଼ିବାଲାଗି ତାକୁ ବାଧ୍ୟ କରୁଛୁ । ଏହିପରି କରିବାରେ ହିଁ ତାହାର ସ୍ୱଧର୍ମ ନିହିତ ହୋଇ ରହିଛି, ତା' ସତ୍ତାର ଯଥାର୍ଥ ବିଧାନ ଓ ଯଥାର୍ଥ ଗତିଟି ନିହିତ ରହିଛି, ତା'ର ପରିପୂର୍ଣ୍ଣତା ଏବଂ ଯଥାର୍ଥ ସୁଖର ପନ୍ଥାଟି ମଧ୍ୟ ନିହିତ ହୋଇ ରହିଛି । ଯଦି ସେ ଏହି କାର୍ଯ୍ୟଟିରେ ବିଫଳ ହୋଇଯିବ, ତେବେ ଆପଣାର ସ୍ୱଭାବ ଓ ଆପଣାର ସତ୍ତାର ଅଭିପ୍ରାୟଟିରେ ମଧ୍ୟ ସେ ବିଫଳ ହେବ; ଏବଂ ଆପଣାର ଯଥାର୍ଥ ପନ୍ଥାଟିକୁ ପାଇବା ପର୍ଯ୍ୟନ୍ତ ଏବଂ ଏକ ସଫଳ ନିର୍ଦ୍ଦେଶକ ବିନ୍ଦୁରେ ଆସି ପହଞ୍ଚିବା ପର୍ଯ୍ୟନ୍ତ ତାକୁ ସବୁକଥା ପୁଣି ମୂଳରୁ ହିଁ ଆରମ୍ଭ କରିବାକୁ ହେବ, ଆପଣା ରୂପାନ୍ତରର ଏକ ମୀମାଂସକ ସନ୍ଧିକ୍ଷଣରେ ଆସି ପହଞ୍ଚିବା ପର୍ଯ୍ୟନ୍ତ ତାକୁ ପୁଣି ମୂଳରୁ ହିଁ ଆରମ୍ଭ କରିବାକୁ ପଡ଼ିବ । ଏବଂ ଏପର୍ଯ୍ୟନ୍ତ ଏଇଟିକୁ କରିବାରେ ହିଁ ମନୁଷ୍ୟ ବିଫଳ ହୋଇ ରହିଛି । ସେ କେତେକ ପରିମାଣରେ ଅବଶ୍ୟ ନୈପୁଣ୍ୟ ଲାଭ କରିଛି ଓ ଆପଣା ଯାତ୍ରାପଥର କେତୋଟି ସୋପାନକୁ ଅବଶ୍ୟ ଅତିକ୍ରମ କରିଯାଇଛି । ଆପଣା ଜୀବନର ଭୌତିକ ତଥା ପ୍ରାଣଗତ ଅଂଶଗୁଡ଼ିକ ଉପରେ ସେ ବୁଦ୍ଧି, ନୈତିକତା ଏବଂ ସୌନ୍ଦର୍ଯ୍ୟବୋଧର କେତେକ ଶାସନକୁ ନିଶ୍ଚୟ ଲଦିଦେଇପାରିଛି ଏବଂ କେବଳ ଏକ ମନୁଷ୍ୟପ୍ରାଣୀ ହୋଇ ରହି ସେଇଥିରେ ହିଁ ସନ୍ତୁଷ୍ଟ ହୋଇ ରହିବାଟାକୁ ସେ ଆପଣାଲାଗି ସମ୍ପୂର୍ଣ୍ଣ ଅସମ୍ଭବ କରିପକାଇଛି । ମାତ୍ର ଏତିକଠାରୁ ଆଉକିଛି ଅଧିକ ସାଫଲ୍ୟ ଅର୍ଜନ କରିବାରେ ସେ ଆଦୌ ସମର୍ଥ ହୋଇନାହିଁ । ତା'ର ଆପଣା ଜୀବନକୁ ସତ୍ୟ, ଶିବ ଓ ସୁନ୍ଦରର ଏକ ପ୍ରତିରୂପ ରୂପେ ରୂପାନ୍ତରିତ କରିଦେବା ତା'ଲାଗି ଆଜି ମଧ୍ୟ ସବୁଦିନ ପରି ସୁଦୂରପରାହତ ହୋଇ ରହିଛି । ଏହିସବୁର କୌଣସି ଅପୂର୍ଣ୍ଣ ରୂପାୟନର କେବେକେବେ ସମୀପବର୍ତ୍ତୀ ହୋଇ ଆସିଲେ ମଧ୍ୟ ସେ ତଥାପି ସେଥିରୁ ସ୍ଖଳିତ ହୋଇଯାଉଛି ଏବଂ ଆପଣା ଜୀବନର ଏକ ସାଧାରଣ ଅବସ୍ଥା ମଧ୍ୟରେ ପଡ଼ିରହୁଛି । ସେତେବେଳେ ମଧ୍ୟ ଏକଥାଟି କେବଳ ଗୋଟିଏ ଶ୍ରେଣୀ ବା ଅଳ୍ପ କେତେଜଣ ବ୍ୟକ୍ତିଙ୍କଦ୍ୱାରା ହିଁ ସମ୍ଭବ ହେଉଛି ଏବଂ ଜନଗଣଙ୍କର ବୃହତ୍ତର ଜୀବନକ୍ଷେତ୍ରରେ ତାହାର କେବଳ ଏକ ପରୋକ୍ଷ ପ୍ରତିବିମ୍ବ ହିଁ ଯାଇ ପଡ଼ିପାରୁଛି । ଅଥବା ଏହି ଲକ୍ଷ୍ୟଟିର ସମୀପବର୍ତ୍ତୀ ହୋଇ ସେ ଏଥିରୁ ଘୂର୍ଣ୍ଣିପଡ଼ି ଆଉ କୌଣସି ବିମୂଢ଼କାରୀ ଉତ୍ପ୍ଲାବନ ମଧ୍ୟରେ ଯାଇ ନିକ୍ଷିପ୍ତ ହୋଇପଡ଼ୁଛି, ଯାହା ଭିତରୁ କି ସେ ଅବଶ୍ୟ କୌଣସି ନା କୌଣସି ଲାଭର ସହିତ ବାହାରିଆସି ପାରୁଛି, ମାତ୍ର ତାହା ସଙ୍ଗେ ସଙ୍ଗେ ତାକୁ ଅନେକ ଗୁରୁତର କ୍ଷତି ମଧ୍ୟ ସହିବାକୁ ପଡ଼ୁଛି । ମନୁଷ୍ୟ ଏବେ ମଧ୍ୟ କୌଣସି ମହାନ୍ ବା ଯୁଗାନ୍ତକାରୀ ବିକ୍ପରିବର୍ତ୍ତନର ବିନ୍ଦୁରେ ଆସି ପହଞ୍ଚି ପାରିନାହିଁ, ରୂପାନ୍ତରିତ ହେବାର କୌଣସି ମୀମାଂସକ ସନ୍ଧିକ୍ଷଣରେ ଆସି ଉପନୀତ ହୋଇନାହିଁ ।

'oaob.nitrkl.ac.in' images reprocessed

ପ୍ରଧାନ ବିଫଳତାଟି, ବସ୍ତୁତଃ ସମଗ୍ର ବିଫଳତାଟିର ମୂଳ କାରଣଟି ହେଉଛି ଯେ ଆମେ ଯେଉଁ ଇଚ୍ଛାଟିକୁ ତା' ଜୀବନର କେନ୍ଦ୍ରରୂପେ ଅବସ୍ଥିତ ରହିଛି ବୋଲି ଆଗରୁ କହିଛୁ, ମନୁଷ୍ୟ ସେହି ଇଚ୍ଛାକୁ ଊର୍ଦ୍ଧ୍ୱଦିଗରେ ଧାବିତ କରିବାଲାଗି ସମର୍ଥ ହୋଇପାରି ନାହିଁ, ସେହି ଇଚ୍ଛାଟିର କ୍ରିୟାଗତ ପ୍ରଧାନ ସାମର୍ଥ୍ୟଟିରେ ଅନ୍ତର୍ନିହିତ ଶ୍ରଦ୍ଧା ଓ ନିଶ୍ଚିତ ବିଶ୍ୱାସଟିକୁ ସେ ଊର୍ଦ୍ଧ୍ୱଗତ କରିପାରି ନାହିଁ । ତା' ଜୀବନର କେନ୍ଦ୍ରସ୍ଥ ଇଚ୍ଛାଟି ଏପର୍ଯ୍ୟନ୍ତ ତା'ର ପ୍ରାଣଗତ ଏବଂ ଭୌତିକ ସତ୍ତାରେ ହିଁ ଅବସ୍ଥିତ ହୋଇ ରହିଛି, ଏହାର ପ୍ରବାହଟି ପ୍ରାଣଗତ ଏବଂ ଭୌତିକ ସମ୍ଭୋଗ ଆଡ଼କୁ ହିଁ ଉନ୍ମୁଖ ହୋଇ ରହିଛି । ଉଚ୍ଚତର ସାମର୍ଥ୍ୟଗୁଡ଼ିକ ସେହି ପ୍ରବାହଟିର ଆବେଗଗୁଡ଼ିକୁ କେତେକ ପରିମାଣରେ ଅବଶ୍ୟ ଆଲୋକିତ ତଥା ନିୟନ୍ତ୍ରିତ କରିପାରୁଛନ୍ତି ସତ, ମାତ୍ର କେବଳ ଆଲୋକିତ ହିଁ କରିପାରୁଛନ୍ତି ଏବଂ ଅତ୍ୟନ୍ତ ଆଂଶିକଭାବରେ ତାହା କରିପାରୁଛନ୍ତି; କିନ୍ତୁ ରୂପାନ୍ତରିତ କରିପାରୁନାହାନ୍ତି । ନିୟନ୍ତ୍ରିତ କରିପାରୁଛନ୍ତି ବା ଅଟକାଇ ରଖିପାରୁଛନ୍ତି ସତ, ମାତ୍ର ସେଗୁଡ଼ିକର ବିଧାୟକ ହୋଇପାରୁନାହାନ୍ତି କିମ୍ବା ସେଗୁଡ଼ିକୁ ଏକ ଊର୍ଦ୍ଧ୍ୱତର ଭୂମିକୁ ଉତ୍ତୋଳିତ କରିନେଇ ପାରୁନାହାନ୍ତି । ଉଚ୍ଚତର ଜୀବନଟି ନିମ୍ନତର ଜୀବନଟି ଉପରେ ସତେଅବା ବାହାରୁ ଆସି କେବଳ ଲଦାହୋଇ ରହିଛି, ଆମର ଏହି ନିତ୍ୟନୈମିତ୍ତିକ ଜୀବନାୟତନଟି ଭିତରେ ସତେଅବା ଏକ ସ୍ଥାୟୀ ଅନଧିକାରୀରୂପେ ଆସି ପଶିଯାଇଛି । ସେହି ଅନଧିକାରୀ ଓ ବହିରାଗତ ଆମର ସ୍ୱାଭାବିକ ଜୀବନଯାତ୍ରାରେ ଅବିରତ ହସ୍ତକ୍ଷେପ କରିବାରେ ଲାଗିଛି, ଆମକୁ ଗାଳିଦେଉଛି, ଉତ୍ସାହ ଦେଉଛି, ହତୋତ୍ସାହିତ କରୁଛି, ବକ୍ତୃତା ଦେବାରେ ଲାଗିଛି, କେତେ ଫିକରରେ ତାକୁ ବଦଳାଇ ଦେବାକୁ ଇଚ୍ଛା କରୁଛି, କୌଣସି ନୂତନ ଛାଞ୍ଚରେ ଖାପଖୁଆଇ ରଖୁଛି ଏବଂ ପୁଣି ତଳକୁ ପଡ଼ିଯିବାକୁ ଦେବାଲାଗି ଉପରକୁ ଉଠାଇ ମଧ୍ୟ ଧରୁଛି ; ମାତ୍ର ଏକ ରୂପାନ୍ତର ଘଟାଇବା ଲାଗି, ଅନ୍ତଃ-ରସରେ କୌଣସି ଯଥାର୍ଥ ପରିବର୍ତ୍ତନ ଆଣିବାଲାଗି ବା ନୂଆକରି ସୃଷ୍ଟି କରିବାଲାଗି ତା'ର ଆଦୌ କୌଣସି ସାମର୍ଥ୍ୟ ପାଉନାହିଁ । ଏହିସବୁ ଶ୍ରମପ୍ରୟାସ ଓ ଅସ୍ୱସ୍ତ ସଂଗ୍ରାମ ପ୍ରକୃତରେ ଆମକୁ କୁଆଡ଼କୁ ନେଇଯିବାଲାଗି ବସିଛି, ସତେଯେପରି ସିଏ ନିଜେ ମଧ୍ୟ ସେହି ବିଷୟରେ ଭଲକରି କିଛି ନ ଜାଣିଥିଲା ପରି ମନେହେଉଛି । ବେଳେବେଳେ ସେ ଭାବୁଛି ଯେ ଏହି ପୃଥିବୀରେ ବେଶ୍ ସହନୀୟ ମାନବଜୀବନକୁ ସମ୍ଭବ କରି ରଖିବାକୁ ହିଁ ଏହିସବୁ ପ୍ରୟାସ ଓ ସଂଗ୍ରାମ ଲାଗିଛି, ମାତ୍ର ସେହି ଜୀବନଟି ଲାଗି ଏକ ସୁନିଶ୍ଚିତ ମାନଦଣ୍ଡ ଠିକ୍‌କରି ରଖିବାରେ ସେ ଆଦୌ ସଫଳ ହୋଇପାରୁନାହିଁ । ପୁଣି ବେଳେବେଳେ ଆମ ଜୀବନର ଏହି ଯାତ୍ରାପଥଟି ପାରଲୌକିକ ଅନ୍ୟଏକ ଜଗତକୁ ପଡ଼ିଛି ବୋଲି ସେ କଳ୍ପନା କରୁଛି ; ଏକ ଧର୍ମାନୁଚରିତ ଜୀବନ ଅଥବା ଆମକୁ ଉଚ୍ଚତର ଏକ ନୈତିକ ଭୂମିକୁ ଉତ୍ତୀର୍ଣ୍ଣ କରି ନେଉଥିବା ଏକ ମୁକ୍ତି ଦ୍ୱାରା ସେ ଏହି ମରଣଶୀଳ ସତ୍ତାର ଜଞ୍ଜାଳ ଓ କଷଣକୁ ପାରି ହୋଇ ଚାଲିଯାଇପାରିବ ବୋଲି କଳ୍ପନା କରୁଛି । ତେଣୁ ଦୁଇଟିଯାକ ଉପାଦାନ ଏକତ୍ର ଏକ ନିରନ୍ତର ଓ ପାରସ୍ପରିକ ଅସ୍ୱସ୍ତି ଭିତରେ ବାସ କରି

'oaob.nitrkl.ac.in' images reprocessed

ବାନ୍ଧିଛନ୍ତି ଓ ପରସ୍ପରକୁ ହଟହଟାରେ ପକାଉଛନ୍ତି, ବ୍ୟତିବ୍ୟସ୍ତ କରି ରଖିଛନ୍ତି ଓ ନିଷ୍ଫଳ କରିଦେଉଛନ୍ତି । ପରସ୍ପର ସହିତ ଭାଲ ମିଳୁ ନ ଥିବା ସ୍ୱାମୀ ଓ ସ୍ତ୍ରୀ ଯେପରି ଗୋଟିଏ ଘରେ ରହିଆନ୍ତି, ପରସ୍ପର ମଧ୍ୟରେ ସର୍ବଦା କଳହ ଲଗାଇଆନ୍ତି ଅଥଚ ପରସ୍ପରର ଅଧା ପ୍ରେମରେ ପଡ଼ି ରହିଆନ୍ତି ଅଥବା ଅନ୍ତତଃ ପରସ୍ପରଲାଗି ଆବଶ୍ୟକ ହୋଇ ରହିଆନ୍ତି ; ପରସ୍ପର ମଧ୍ୟରେ କୌଣସି ସୁଷମତା ସମ୍ଭବ କରିପାରନ୍ତି ନାହିଁ ଅଥଚ ମୁଖୁ ଆସି ସେମାନଙ୍କୁ ପରସ୍ପରଠାରୁ ବିଚ୍ଛିନ୍ନ କରିଦେବା ପର୍ଯ୍ୟନ୍ତ ପରସ୍ପର ସହିତ ବଡ଼ ଅସୁଖକର ଗୋଟିଏ ପଟିରେ ଏକାଠି ବାନ୍ଧିହୋଇ ରହିବାକୁ ବାଧ୍ୟ ହେଉଆନ୍ତି, ତାହାକୁ ଆମେ ପ୍ରାୟ ସେହିପରି ଏକ ଏକତ୍ରାବସ୍ଥାନ ରୂପେ କଳ୍ପନା କରିପାରିବା । ଆପଣାର ଏହି ଦ୍ୱିଗ୍ରନ୍ଥିତ ସ୍ୱଭାବଟିର ପ୍ରହେଳିକା ଓ ଅସୁବିଧାଟିର ସମାଧାନ କରିବାର ଅସମର୍ଥତାରୁ ହିଁ ମନୁଷ୍ୟମନର ଯାବତୀୟ ଅସ୍ୱସ୍ତି, ଅସନ୍ତୋଷ, ମୋହଭଙ୍ଗ, ଅବସାଦ, ବିଷଣ୍ଣତା ଏବଂ ନୈରାଶ୍ୟ ଜନ୍ମଲାଭ କରିଥାଏ ।

ଏହି କ୍ଷେତ୍ରରେ ଭିତରର ସାମର୍ଥ୍ୟଟି କେବଳ ଏକ ମଧ୍ୟସ୍ଥରୂପେ ରହିଥାଏ, ଏବଂ ସମ୍ଭବତଃ ସେଇଥିଲାଗି ଆପଣାର ପ୍ରତିରୂପଟି ଅନୁସାରେ ପ୍ରାଣଗତ ତଥା ଭୌତିକ ଜୀବନଟିକୁ ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରିତ କରିଦେବା କେବେ ସମ୍ଭବ ହୋଇପାରେ ନାହିଁ, ମାତ୍ର ସେ ଯାହାହେଉ ପଛକେ ଆମ ଭିତରେ କାର୍ଯ୍ୟ କରୁଥିବା ପ୍ରକୃତିର ଅନ୍ତତଃ ସେହିଭଳି କୌଣସି ଅଭିପ୍ରାୟ ହିଁ ନ ଥାଏ,—ଏହି କାରଣଟିରୁ ହିଁ ଆଲୋଚିତ ବିଫଳତାଟି ସମ୍ଭବ ହୋଇଥାଏ ବୋଲି ଆମେ ଅଗରୁ କହିଛୁ । ହୁଏତ ଏଠାରେ ପ୍ରତିବାଦ କରି କୁହାଯାଇପାରେ ଯେ କେତେକେତେ ବ୍ୟକ୍ତିବିଶେଷ କେତେକ ପରିମାଣରେ ଏହି ରୂପାନ୍ତରଟିକୁ ନିଶ୍ଚିତ ଭାବରେ ସମ୍ଭବ କରିପାରିଛନ୍ତି, ସେମାନେ ସମ୍ପୂର୍ଣ୍ଣ ଭାବରେ କୌଣସି ଏକ ନୀତି, କଳାତ୍ମକତା କିମ୍ବା ସୌନ୍ଦର୍ଯ୍ୟବୋଧ ଦ୍ୱାରା ଆପଣାର ଜୀବନକୁ ପରିଚାଳିତ କରିପାରିଛନ୍ତି, ଏପରିକି ଆପଣାର ଜୀବନକୁ ସତ୍ୟ, ଶିବ ଓ ସୁନ୍ଦରର କୌଣସି ଆଦର୍ଶର ଅନୁରୂପ କରି ଗଢ଼ିପାରିଛନ୍ତି ; ଏବଂ ଜଣେ ବ୍ୟକ୍ତି ବା କେତେକ ବ୍ୟକ୍ତି ଯାହା କରିପାରିଛନ୍ତି, ସମାଜ ବା ସମଷ୍ଟି ମଧ୍ୟ ଦିନେ ନା ଦିନେ ତାହା କରିପାରିବାରେ ହୁଏତ ନିଶ୍ଚୟ ସଫଳ ହେବ କିମ୍ବା ସଫଳ ହୋଇପାରିବା ଉଚିତ । କାରଣ ଯେଉଁ ବ୍ୟକ୍ତିକୁ ଆମେ ଆଜି ଏକ ବ୍ୟତିକ୍ରମ ବା ବିଶେଷ ସାମର୍ଥ୍ୟଯୁକ୍ତ ବ୍ୟକ୍ତି ବୋଲି କହୁଛୁ, ସିଏ ହେଉଛି ଏକ ପୁରୋଗାମୀ; ତାହାରି ଜୀବନରୁ ହିଁ ଭବିଷ୍ୟତ ସିଦ୍ଧିର ସୂଚନା ଆମକୁ ମିଳିଯାଉଛି । ମାତ୍ର ସେମାନେ ଯେଉଁ ସଫଳତାମାନ ଲାଭ କରିଛନ୍ତି, ତାହାକୁ ଆମେ ପ୍ରକୃତରେ କେତେ ଦୂର ସଫଳତା ବୋଲି କହିପାରିବା ? ଆପଣା ସତ୍ତାର କୌଣସି ଗୋଟିଏ ଉପାଦାନକୁ ବିଶେଷ ଭାବରେ ସକ୍ରିୟ କରିବା ଉଦ୍ଦେଶ୍ୟରେ ସେମାନେ ସେମାନଙ୍କ ଭିତରେ ଥିବା ପ୍ରାଣପ୍ରଧାନ ଓ ଭୌତିକ ସତ୍ତାଟିକୁ ହୁଏତ କ୍ଷୀଣ ବା ଦୁର୍ବଳ କରି ରଖିଥିଲେ ଏବଂ କେବଳ ଏକ ଏକପାଖିଆ ଓ ସୀମିତ ଜୀବନ ଯାପନ

'oaob.nitrkl.ac.in' images reprocessed

କରିଥିଲେ; ଅଥବା ସେମାନେ ଏପରି ଏକ ସାଲିସ୍‌ରେ ଆସି ପହଞ୍ଚିପାରିଥିଲେ, ଯାହା ଦ୍ୱାରା କି ତେଣେ ଉଚ୍ଚତର ଜୀବନଟିକୁ ପ୍ରଭୁତ୍ୱ ପ୍ରାଧାନ୍ୟ ଦିଆଯାଉଥିବାବେଳେ ଏଣେ ନିମ୍ନତର ଜୀବନଟିକୁ ତାହାର ଆପଣା ପଦ୍ଧତିରେ ବେଶ୍ ଚରିବାଲାଗି ଛାଡ଼ିଦିଆହେଉଥିଲା ଏବଂ ସେହି ଉଚ୍ଚତର ସାମର୍ଥ୍ୟଟିର ଅଥବା ସାମର୍ଥ୍ୟଗୁଡ଼ିକର ଅଳ୍ପବହୁତ କଡ଼ା ଆଖି କିମ୍ବା ଅଳ୍ପବହୁତ ଢ଼ିଲା ନିୟନ୍ତ୍ରଣ ତାହା ଉପରେ ପହରା ଦେଇ ରହିଥିଲା । ମାତ୍ର ଆପଣା କ୍ଷେତ୍ରରେ, ଅର୍ଥାତ୍ ଆପଣାର ମୂଳପ୍ରବୃତ୍ତି ଓ ଦାବିଗୁଡ଼ିକରେ ତାହା ସେହିପରି ଅପରିବର୍ତ୍ତନୀୟ ହୋଇ ରହିଥିଲା । ସେଠାରେ ଏକ ଆଧିପତ୍ୟ ଅବଶ୍ୟ ରହିଥିଲା, ମାତ୍ର କୌଣସି ରୂପାନ୍ତର ହେଉ ନ ଥିଲା ।

ଏହି ଜୀବନ କଦାପି ବୁଦ୍ଧି ଦ୍ୱାରା ଗୋଟାସୁଦ୍ଧା ପ୍ରେରିତ କିମ୍ବା ପରିଚାଳିତ ହୋଇପାରିବ ନାହିଁ, ଏହା କଦାପି କେବଳ ଏକ ନୈତିକ ଅଥବା ସୌନ୍ଦର୍ଯ୍ୟବୋଧଗତ କିମ୍ବା ବିଜ୍ଞାନ ଓ ଦର୍ଶନ ଦ୍ୱାରା ପ୍ରଣୋଦିତ ମନୋଗତତା ଗୁଳା ଭିତରେ ବାଧ୍ୟ ହୋଇ ରହିପାରିବ ନାହିଁ । ଏହି ମନଟା ହିଁ ଯେ ଆମ ରୂପାନ୍ତରର ସର୍ବୋଚ୍ଚ ସନ୍ଦେଶବାହକରୂପେ କାର୍ଯ୍ୟ କରିବ, ସେକଥା କଦାପି ନିଶ୍ଚିତନିର୍ଦ୍ଦିଷ୍ଟ ହୋଇ ରହିନାହିଁ । ଏହି ସତ୍ୟର ବିପରୀତ ହୋଇ ବାହାରକୁ ଯାହାକିଛି ଦେଖାଯାଇଥାଏ, ସେସବୁ କେବଳ ଛଳନା ମାତ୍ର; ଏକ ବୁଦ୍ଧିଗତ ସୌନ୍ଦର୍ଯ୍ୟବୋଧଗତ ଅଥବା ନୈତିକ ଛଳନା ମାତ୍ର । ଏହି ଜୀବନକୁ କବଳିତ କରି ରଖାଯାଇପାରେ, ଦବାଇ କରି ମଧ୍ୟ ରଖାଯାଇପାରେ; ମାତ୍ର ତଥାପି ତାହାର ଏକ ସ୍ୱାଧିକାର ସର୍ବଦା ଅବଶ୍ୟ ରହିଥାଏ । ଏବଂ କେତେକ ବ୍ୟକ୍ତିବିଶେଷ ଅଥବା କୌଣସି ଗୋଟିଏ ବର୍ଗ କେତେ ସମୟ ସକାଶେ ଏହିପରି ଏକ ଆଧିପତ୍ୟକୁ ବିସ୍ତାର କରି ରଖିଲେ ମଧ୍ୟ ଓ ସମାଜ ଉପରେ ଏକ ଆଧିପତ୍ୟ ଅଥବା ତଦନୁରୂପ କୌଣସି ଛଳନା ମଡ଼ାଇ ରହିଲେ ମଧ୍ୟ ପ୍ରାଣ ପରିଶେଷରେ ବୁଦ୍ଧି ଉପରେ ନିଶ୍ଚୟ ଅଧିକ ଶକ୍ତିଶାଳୀ ବୋଲି ସାବ୍ୟସ୍ତ ହୁଏ । ଜୀବନ ମଧ୍ୟରେ ସବୁବେଳେ ନାନା ପ୍ରବଞ୍ଚକ ଉପାଦାନ ମଧ୍ୟ କାର୍ଯ୍ୟକାରୀ ହୋଇ ରହିଥାଏ ଏବଂ ତାହା ସବୁବେଳେ ସେଗୁଡ଼ିକୁ ଆପଣା ପକ୍ଷକୁ ଆଉଜାଇଆଣେ, ଆପଣାର ମୂଳପ୍ରବୃତ୍ତିଗୁଡ଼ିକୁ ପୁଣି ପ୍ରତିଷ୍ଠିତ କରିଦିଏ ଏବଂ ଆପଣାର କ୍ଷେତ୍ରଟିକୁ ପୁଣି ଆପଣାର ଅଧିକାରକୁ ନେଇଆସେ । ଅଥବା, ଏଥିରେ ସଫଳତା ଲାଭ କରି ନ ପାରିଲେ ଜୀବନ ଆପଣାର କ୍ଷୟ ଘଟାଇ ହିଁ କ୍ଷତିଟିର ପ୍ରତିଶୋଧ ନିଏ ଏବଂ ତାହାର କ୍ଷୟ ସମାଜକୁ ମଧ୍ୟ କ୍ଷୟମୁଖରେ ଆଣି ପକାଇଦିଏ ଏବଂ ବୁଦ୍ଧିଦ୍ୱାରା ସବୁକିଛିକୁ ଦୋରସ୍ତ କରି ଗଢ଼ିବାର ଚିରନ୍ତନ ଆଶାଟି ପ୍ରତିହତ ହୋଇ ରହିଯାଏ । ଏହି ପ୍ରତିଶୋଧ ନେବାର ପ୍ରବୃତ୍ତିଟି ବେଳେବେଳେ ଏପରି ପ୍ରବଳ ହୋଇଉଠେ ଯେ ମନୁଷ୍ୟସମାଜ ଏହି ସତ୍ୟଟିକୁ ସ୍ପଷ୍ଟ ପ୍ରତ୍ୟକ୍ଷ କରିବାକୁ ସମର୍ଥ ହୁଏ, ଏବଂ ପ୍ରାଣଗତ ପ୍ରବୃତ୍ତିଟିକୁ ଆପଣା ବଶରେ ରଖିବାର ଯାବତୀୟ ପ୍ରୟାସକୁ ପରିତ୍ୟାଗ କରି ବୁଦ୍ଧିକୁ ଆଣି ଆପଣାର କାର୍ଯ୍ୟରେ ହିଁ ଲଗାଇବାକୁ ସଂକଳ୍ପବଦ୍ଧ ହୁଏ

'oaob.nitrkl.ac.in' images reprocessed

ଏବଂ କୌଣସି ଉଚ୍ଚତର ଅଥଚ ଅସ୍ପଷ୍ଟ ଆଦର୍ଶ ଲାଗି ତାହାକୁ କଙ୍କର କରି ନ ରଖି ତାକୁ ଆପଣାର ନିଜସ୍ୱ କ୍ଷେତ୍ରଟିକୁ ନେଇ ଆସି ଆପଣାର ଆଲୋକଟିରେ ଆଲୋକିତ କରି ରଖିବାରେ ଲାଗିପଡ଼େ ।

ଏବର ଜଡ଼ବାଦୀ ଯୁଗଟିକୁ ଆମେ ସେହିପରି ଏକ ପର୍ଯ୍ୟାୟ ବୋଲି କହି ପାରିବା । ସେତେବେଳେ ମନୁଷ୍ୟର ବୁଦ୍ଧି ପ୍ରାଣ ଓ ଜଡ଼ର ଭୂମି ଦୁଇଟିକୁ ପୂର୍ଣ୍ଣଭାବରେ ଅଧ୍ୟୟନ କରିବାଲାଗି ଏକ ନିଷ୍ପତ୍ତି ଗ୍ରହଣ କରିଥିବା ପରି ବୋଧ ହେଉଥିଲା । ସେହି ପର୍ଯ୍ୟାୟଟି କେବଳ ପ୍ରାଣ ଓ ଜଡ଼କୁ ହିଁ ସ୍ୱୀକୃତି ଦେଉଥିଲା ଓ ମନକୁ ମଧ୍ୟ ସେହି ପ୍ରାଣ ଓ ଜଡ଼ର ଏକ ସାଧନ ବା ନିମିତ୍ତ ବୋଲି ହିଁ କହୁଥିଲା ; ପ୍ରାଣଗତ ତଥା ଭୌତିକ ଜୀବନର ବିପୁଳ ବିସ୍ତାରଭୂମି, ତାହାର ବ୍ୟାବହାରିକତା, ଫଳପ୍ରଦତା, ସୁଖଦାୟକତା ଏବଂ ଉତ୍ପାଦନ, ସମ୍ପତ୍ତିଅର୍ଜନ ଓ ସମ୍ପତ୍ତିଭୋଗର ପ୍ରବୃତ୍ତିଗୁଡ଼ିକୁ ତାହା ଯେପରି ଅତି ଚମତ୍କାର ଭାବରେ ସୁବ୍ୟବସ୍ଥିତ କରି ରଖିଥିଲା, ସେହିସବୁ ସକାଶେ ହିଁ ତାହା ଆପଣାର ଯାବତୀୟ ଜ୍ଞାନକୁ ଉତ୍ସର୍ଗୀକୃତ କରି ରଖିଥିଲା । ମନୁଷ୍ୟସମାଜର ଏକ ଜଡ଼ଧର୍ମୀ, ବାଣିଜ୍ୟରତ ଓ ଅର୍ଥନୀତିପ୍ରଧାନ ଯୁଗରେ ଏହା ହିଁ ବିଶିଷ୍ଟ ଲକ୍ଷଣ ହୋଇ ରହିଥିଲା । ସେହି ଯୁଗରେ ନୀତିବାଦୀ ମନଟି ମଧ୍ୟ ବଡ଼ ଆଡ଼ମ୍ବରର ସହିତ ତିଷ୍ଠି ରହିଥିଲା, ମାତ୍ର ତାହାର ଆତ୍ମବିଶ୍ୱାସ କ୍ରମେ ହ୍ରାସ ହୋଇଯାଉଥିଲା, ଆପଣା ବିଷୟରେ ତାହାର ଅଧିକରୁ ଅଧିକ ସଂଶୟ ଜାତ ହେଉଥିଲା ଏବଂ ନୈତିକ ଯାବତୀୟ ବିଧାନର ଦୁର୍ଗଟିକୁ ନେଇ ପ୍ରାଣପ୍ରବୃତ୍ତିଟି ପାଖରେ ସମର୍ପଣ କରିଦେବାଲାଗି ତାହା ଭିତରେ କ୍ରମେ ଏକ ପ୍ରବୃତ୍ତି ମଧ୍ୟ ଜନ୍ମଲାଭ କରୁଥିଲା । ସେତେବେଳେ ସୌନ୍ଦର୍ଯ୍ୟବୋଧର ଇଚ୍ଛା ତଥା ବୁଦ୍ଧି ସତେ ଅବା ଏକ ଚକଚକ ଝକମକ କୌଣସି ଅଳଙ୍କାର ପରି କେବଳ ଶୋଭା ପାଇ ରହିଥିଲେ, ସତେ ଅବା ପ୍ରାଣଗତ ମନୁଷ୍ୟର କୋଟ୍ ବୋତାମ ଉପରେ ଏକ ଦୁଷ୍ପ୍ରାପ୍ୟ ଶୋଭାବର୍ଦ୍ଧକ ଫୁଲ ପରି ମଗ୍ନହୋଇ ରହିଥିଲେ । ସେତେବେଳେ ସକଳ ବୁଦ୍ଧିଶକ୍ତି କେବଳ ପ୍ରାଣ ଏବଂ ଜଡ଼ର ହିଁ ପ୍ରତିଷ୍ଠାଲବ୍ଧ ଭୃତ୍ୟରୂପେ ନିଯୁକ୍ତ ହୋଇ ରହିଥିଲେ । ବୃହଦାକାର ଓ ବୃହଦ୍‌ବଳମାନେ ସବୁଯୁଗରେ ଯେପରି ବିଦାୟ ନେଇ ଯାଆନ୍ତି, ପ୍ରାଣସର୍ବସ୍ୱ ପ୍ରାଣର ଏହି ଅତିବୃହତ୍ ବିକାଶର ଯାବତୀୟ ପରିଣାମଗୁଡ଼ିକ ମଧ୍ୟ ବର୍ତ୍ତମାନ କ୍ରମେ ବିଦାୟ ନେଇ ଯିବାକୁ ଲାଗିଛି । ଆପଣାର ସ୍ୱାଭାବିକ ପରିଣାମରୂପେ ଏକ ବିଶ୍ୱଯୁଦ୍ଧର ପ୍ରଜ୍ଜ୍ୱଳନ ଘଟାଇ ଏହା ଆପଣାର ଜୀବନଟିକୁ ଆପେ ଜଳାଇଦେଇଛି ; ଏହି ପୃଥିବୀକୁ ଭୋଗ କରିବାପାଇଁ, ଏହାର ଧନସମ୍ପତ୍ତି, ହାଟବଜାର ଓ ଉପଲବ୍ଧ ସକଳ ଭୂମିର ସମ୍ଭୋଗ କରିବାପାଇଁ ଓ ଅଧିକାର କରିବାପାଇଁ ଆଜି "ପାରଙ୍ଗମ" ଓ "ସଭ୍ୟ" ଜାତିମାନଙ୍କ ଭିତରେ ତୁମୁଳ ଯୁଦ୍ଧ ଲାଗିଛି । ଆପଣାର ବାଣିଜ୍ୟିକ ବିସ୍ତାରଟାକୁ ଆହୁରି ସ୍ଫୀତ ଓ ବିସ୍ତାରିତ କରି ରଖିବା ଲାଗି ଓ ଆପଣା ସାମ୍ରାଜ୍ୟର ଆକାର ତଥା ଶାସନକୁ ଆହୁରି ବଡ଼ କରିବାଲାଗି ସେମାନେ ଆଜି ପରସ୍ପର ସହିତ

'oaob.nitrkl.ac.in' images reprocessed

ଯୁଝିବାରେ ଲାଗିଛନ୍ତି । କାରଣ ମହାଯୁଦ୍ଧ କହିଲେ ବସ୍ତୁତଃ ସେହିସବୁ କଥାକୁ ହିଁ ବୁଝାଉଥିଲା ଏବଂ ମୂଳତଃ ଏହା ପ୍ରକୃତରେ ତାହାହିଁ ହୋଇ ରହିଥିଲା । କାରଣ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ କୂଟନୀତି ଏବଂ ଆନ୍ତର୍ଜାତିକ ରାଜନୀତି ନାମରେ ଯାହାକିଛି ଚାଲୁଥିଲା, ସେସବୁ ପଛରେ ପ୍ରଚ୍ଛନ୍ନ ଅଥବା ପ୍ରକାଶ୍ୟ ଭାବରେ କେବଳ ସେହି ଅଭିପ୍ରାୟଟି ହିଁ ରହିଥିଲା । ଏବଂ ମଝିରେ ଅନ୍ତତଃ କିଛି ସମୟ ପାଇଁ ସେହି କ୍ଷେତ୍ରରେ ଯେଉଁ ଉଦାର ଓ ହିତୈଷୀ ଭାବନାଟିର ଉଦୟ ହୋଇଥିଲା, ତାହା କେବଳ ଏକ କରାଳ ମୃତ୍ୟୁର ଭୟରୁ ହିଁ ଜନ୍ମଲାଭ କରିଥିଲା, ଏକ ଅକଳ୍ପନୀୟ ଓ ବିରାଟ ପାରସ୍ପରିକ ସର୍ବନାଶର ଅତି ଭୟଙ୍କର ଆଶଙ୍କାଟି ଭିତରୁ ତାହାର ଜନ୍ମ ହୋଇଥିଲା । ମାତ୍ର ତଥାପି ସେହି ଉଦୟ ବା ଜାଗରଣଟି କେବେହେଲେ ପୂର୍ଣ୍ଣତା ଲାଭ କରି ନ ଥିଲା, ସବୁଠାରେ ତାହା ଯଥେଷ୍ଟ ପରିମାଣରେ ନିଷ୍ଠାପର ବି ନ ଥିଲା ; ମାତ୍ର ତଥାପି ତାହା ରହିଥିଲା ଏବଂ ଏପରିକି ଏକଦା ପ୍ରାଣବାଦୀ ଜୀବନଦର୍ଶନର ଏକ ବଡ଼ ପୋଷକ ଏବଂ ସମର୍ଥକ ହୋଇ ରହିଥିବା ଜର୍ମାନୀ ଦେଶରେ ମଧ୍ୟ ତାହା ଜନ୍ମଲାଭ କରିବାଲାଗି ସଂଗ୍ରାମ ଚଳାଇଥିଲା । ସେହି ଜାଗରଣଟିରେ ଅପେକ୍ଷାକୃତ ଏକ କାମ୍ୟତର ସ୍ଥିତି ଆସି ପହଞ୍ଚିବ ବୋଲି ଏକ ଆଶା ମଧ୍ୟ ଅଙ୍କୁରିତ ହୋଇ ଉଠିଥିଲା । ମାତ୍ର ପୁଣି ଏକ ଅଳ୍ପକାଳସ୍ଥାୟୀ ପର୍ଯ୍ୟାୟ ସକାଶେ ହେଲେ ମଧ୍ୟ ସମାଜର ପ୍ରାଣବାଦୀ ଉଦ୍ଦେଶ୍ୟଟି ଏକ ନୂତନ ରୂପରେ ପୁଣି ମସ୍ତକୋତ୍ତୋଳନ କରିବାକୁ ଆରମ୍ଭ କରିଛି ଏବଂ ପୂର୍ବର ସେହି ଆଶାଟି କ୍ରମେ କ୍ଷୀଣ ହୋଇଆସୁଛି । ଏକ ଅନ୍ଧକାର ଓ ଅରାଜକତା ମଧ୍ୟରେ ହିଁ ତାହା କ୍ଷୀଣ ହୋଇଆସୁଛି ଏବଂ ଏହି ଅରାଜକତା ମଧ୍ୟରୁ ଯେ ପରବର୍ତ୍ତୀ ବସ୍ତୁସତ୍ୟ ରୂପେ ଏକ ନୂତନ ବିଶ୍ୱ କ୍ରମଶଃ ପ୍ରସ୍ତୁତ ହୋଇଆସୁଛି, କେବଳ ବିଶ୍ୱାସର ଆଖିରେ ଦେଖିଲେ ଯାଇ ଜଣେ ତାହା ଦେଖିବାଲାଗି ସମର୍ଥ ହୋଇପାରିବ ।

ଏକ ପୁରାତନ ଆଦର୍ଶ ପାଖକୁ ଲେଉଟିଆସିବା, ତଥା ବ୍ୟକ୍ତିଗତ, ଜାତୀୟ ଏବଂ ଆନ୍ତର୍ଜାତିକ ଜୀବନକୁ ସୁବ୍ୟବସ୍ଥିତ କରି ରଖିବାରେ ବୁଦ୍ଧିଶକ୍ତି ଏବଂ ନୀତିପ୍ରେରିତ ମାନସକୁ ଅଧିକ ଭଲ ଓ ଅଧିକ ବ୍ୟାପକ ଭାବରେ ବ୍ୟବହାର କରିପାରିବାକୁ ଏକ ଇଚ୍ଛା ପ୍ରକାଶ କରିବା,—ଉକ୍ତ ଅପୂର୍ଣ୍ଣ ଜାଗରଣଟି ଫଳରେ ଏହିଗୁଡ଼ିକ ହିଁ ପ୍ରଥମ ପରିଣାମରୂପେ ଦେଖାଦେଉଥିବା ପରି ଲାଗିଥିଲା । ମାତ୍ର ଏକ ପ୍ରଥମ ପଦକ୍ଷେପ ହିସାବରେ ଯଥେଷ୍ଟ ଫଳପ୍ରଦ ହୋଇଥିଲେ ହେଁ ଏହିପରି ଗୋଟିଏ ଉଦ୍ୟମକୁ କଦାପି ଆମର ଉପସ୍ଥିତ ଯଥାର୍ଥ ଓ ଚୂଡ଼ାନ୍ତ ସମାଧାନ ବୋଲି କୁହାଯାଇପାରିବ ନାହିଁ । ଏବଂ ଯଦି ସେହିଠାରେ ହିଁ ଆମର ଉଦ୍ୟମଟି ଇତି ହୋଇଯାଏ, ତେବେ ତାହା ଆମକୁ ଆଉ ଆଗ କୌଣସିଠାରେ ନେଇ ପହଞ୍ଚାଇ ଦେଇ ପାରିବ ନାହିଁ । ଆମେ ଆଗରୁ କହିସାରିଛୁ ଯେ କେବଳ ଆମ ଯଥାର୍ଥ ସ୍ୱଭାବଟିର କ୍ଷେତ୍ରକୁ ଜାଗ୍ରତ ହୋଇପାରିବାରେ ହିଁ ସମାଧାନଟି ନିହିତ ହୋଇ ରହିଛି । ଆମର ଉଚ୍ଚତମ ଆତ୍ମକ୍ଷେତ୍ର ଓ ସ୍ୱଭାବର କ୍ଷେତ୍ର

'oaob.nitrkl.ac.in' images reprocessed

ହୋଇଥିବାରୁ ତାହାହିଁ ହେଉଛି ଆମ ଯଥାର୍ଥ ସ୍ୱଭାବଟିର କ୍ଷେତ୍ର ; ସେହି ହେଉଛି ଆମର ପ୍ରଚ୍ଛନ୍ନ ଆତ୍ମାଟିର କ୍ଷେତ୍ର, ଯାହା ଆମେ ଏପର୍ଯ୍ୟନ୍ତ ହୋଇପାରିନାହୁଁ, ମାତ୍ର ଯାହା ଆମକୁ ହେବାକୁ ହିଁ ପଡ଼ିବ । ଦାର୍ଶନିକ ନିତ୍ସେ ଯେଉଁ ବଳୀୟାନ ଓ ଆତ୍ମକେନ୍ଦ୍ରିକ ପ୍ରାଣପ୍ରଧାନ ଇଚ୍ଛାର ଜୟଗାନ କରିଛନ୍ତି, ଏହା ସେଇଟି ମଧ୍ୟ ନୁହେଁ । ଏହା ହେଉଛି ଏକ ଅଧ୍ୟାତ୍ମ-ଇଚ୍ଛା ଓ ଅଧ୍ୟାତ୍ମ-ସ୍ୱଭାବ, ଯାହାକି ଆମେ ହୋଇପାରିଥିବା ମନୋମୟ ସତ୍ତାଟିକୁ ଆପଣାର ନିମିତ୍ତରୂପେ ବ୍ୟବହାର କରିବ, ମାତ୍ର କେବଳ ଅଧ୍ୟାତ୍ମଭାବଦ୍ୱାରା ଅନୁସିକ୍ତ ହୋଇଥିବା ମନୋମୟ ସତ୍ତାକୁ ହିଁ ସେ ଆପଣାର ନିମିତ୍ତରୂପେ ବ୍ୟବହାର କରିବ ଏବଂ ଏକ ଆଧ୍ୟାତ୍ମିକ ଆଦର୍ଶଗତତା ଦ୍ୱାରା ଆମ ପ୍ରାଣଗତ ଓ ଭୌତିକ ପ୍ରକୃତିର ଲକ୍ଷ୍ୟ ଓ କ୍ରିୟା ମଧ୍ୟରେ ରୂପାନ୍ତର ଘଟାଇପାରିବ । କାରଣ ମନୁଷ୍ୟର ସର୍ବୋଚ୍ଚ ସମ୍ଭାବନାର କ୍ଷେତ୍ରରେ ଏହା ହିଁ ହେଉଛି ତା'ର ଏକମାତ୍ର ସୂତ୍ର ; ଏବଂ ଏକ ନିମ୍ନତର ସମ୍ଭାବନାର କ୍ଷେତ୍ରରେ ଆପଣାକୁ ପୂର୍ଣ୍ଣ ସନ୍ତୁଷ୍ଟ କରି ପଡ଼ିରହିବାରେ ନୁହେଁ, ମାତ୍ର ଆମ ଉଚ୍ଚତମ ସମ୍ଭାବନାର କ୍ଷେତ୍ରଟି ଆଡ଼କୁ ଆକାଂକ୍ଷିତ ଓ ଉନ୍ମୁଖ ହୋଇ ରହିବାରେ ହିଁ ଆମର ଯଥାର୍ଥ ନିରାପତ୍ତା ନିହିତ ହୋଇ ରହିଛି । ନିତ୍ସେଙ୍କର ପ୍ରେରଣାମୟ ଉକ୍ତିଗୁଡ଼ିକରୁ ପୁଣି ଗୋଟିଏ ଉଦ୍ଧାର କରି କହିବାକୁ ଗଲେ, ଆମର ଉଚ୍ଚତମ ସମ୍ଭାବନାଗୁଡ଼ିକ ଉଦ୍ଦେଶ୍ୟରେ ଧାବିତ ହୋଇ ରହିବାଟା ଆମକୁ ହୁଏତ ଆପଦପୂର୍ଣ୍ଣ ହୋଇ ଜୀବନ ବଞ୍ଚିବା ପରି ମନେ ହୋଇପାରେ, ମାତ୍ର ସେହି ଆପଦରୁ ହିଁ ବିଜୟ ଆସିବ, ନିରାପତ୍ତା ସେଇଥିରୁ ହିଁ ଆସିବ । ଏକ ନିମ୍ନତର ଶକ୍ତି ଓ ସମ୍ଭାବନାକୁ ଧରି ପଡ଼ିରହିବା ଏବଂ ସେଇଥିରେ ସନ୍ତୋଷ ଅନୁଭବ କରିବା ଆମକୁ ହୁଏତ ବେଶ୍ ନିରାପଦ ବୋଲି ମନେ-ହୋଇପାରେ, ବେଶ୍ ବୁଦ୍ଧିସଙ୍ଗତ, ଆରାମଦାୟକ ଓ ସହଜ ବୋଲି ବି ମନେ-ହୋଇପାରେ ; ମାତ୍ର ତାହାର ପରିଣାମ କେବଳ ମନ୍ଦ ହିଁ ହୁଏ, ଏଥିରେ କେବଳ ବ୍ୟର୍ଥତା ହିଁ ମିଳେ ଅଥବା କେବଳ ଏକ ବୃତ୍ତ ମଧ୍ୟରେ ହିଁ ବୁଲିବାକୁ ପଡ଼େ, ଅତଳ କେଉଁ ଗର୍ତ୍ତ ଭିତରେ ଯାଇ ପଡ଼ିବାକୁ ପଡ଼େ, ଅଥବା ଏକ ଆବଦ୍ଧ କର୍ଦ୍ଦମମୟତା ମଧ୍ୟରେ ଲାଖିଯିବାକୁ ହୁଏ । ମାତ୍ର ଆମର ଯଥାର୍ଥ ଓ ସ୍ୱାଭାବିକ ପଥଟି କେବଳ ଶିଖର ଆଡ଼କୁ ହିଁ ପଡ଼ିଥାଏ ।

ତେଣୁ ଆମକୁ ଏକ ପୁରାତନ ସତ୍ୟରହସ୍ୟର ଅନୁଧାବନପଥକୁ ହିଁ ଫେରିଆସିବାକୁ ପଡ଼ିବ । ଏକ ଜାତି ବା ସମଷ୍ଟି ହିସାବରେ ମନୁଷ୍ୟ ସେଇଟିକୁ କେବଳ ବଡ଼ ଅସ୍ପଷ୍ଟଭାବରେ ଦେଖିବାକୁ ପାଇଛି ଏବଂ କେବଳ ଶ୍ରେଷ୍ଠାଙ୍କ ପରି ସେଇଟିର ଅନୁଧାବନ କରିଛି ; କେବଳ ଆପଣାର ଉପରିସ୍ତରସ୍ଥ ମନଟି ଦ୍ୱାରା ହିଁ ତାହାକୁ ବୁଝିଛି ଏବଂ ତେଣୁ ତା'ର ଯଥାର୍ଥ ଅର୍ଥର ହୃଦୟଟିକୁ ଆଦୌ ପାଇପାରି ନାହିଁ । ମାତ୍ର ତଥାପି କେବଳ ଏହି ପଥଟିର ଅନୁଧାବନ କରିବାରେ ହିଁ ତା'ର ବ୍ୟକ୍ତିଗତ ତଥା ସମଷ୍ଟିଗତ ମୁକ୍ତି ନିହିତ ହୋଇ ରହିଛି । ସେଇଟିକୁ ଆମେ ଭଗବତ୍‌ସାମ୍ରାଜ୍ୟର ସେହି ମହାନ୍

'oaob.nitrkl.ac.in' images reprocessed

ଆଦର୍ଶ ବୋଲି କହିପାରିବା; ମନ, ପ୍ରାଣ ତଥା ଦେହ ଉପରେ ପରମ ଚୈତନ୍ୟସତ୍ତାର ହିଁ ରାଜତ୍ୱଟିକୁ ପ୍ରତିଷ୍ଠା କରିବାର ଗୁପ୍ତ ସତ୍ୟ ବୋଲି କହିପାରିବା । ଏହି ଗୁପ୍ତ ସତ୍ୟଟିକୁ କଦାପି ସମ୍ପୂର୍ଣ୍ଣ ଭାବରେ ହାତରୁ ଛାଡ଼ିଦେଇ ନ ଥିବାରୁ, ଅନ୍ୟ କୌଣସି କ୍ଷୁଦ୍ରତର ବିଜୟର ଅଧୀରତାରେ ପଡ଼ି ସେଇଟିକୁ କେବେହେଲେ ହରାଇଦେଇ ନ ଥିବାରୁ ହିଁ ପ୍ରାଚୀନ ଏସୀୟ ଜାତିମାନେ କଦାପି ବିଲୁପ୍ତ ହୋଇଯାଇନାହାନ୍ତି ଓ ଏପର୍ଯ୍ୟନ୍ତ ବଞ୍ଚିରହିଛନ୍ତି ; ଏବଂ ଆଜି ମଧ୍ୟ ସତେଅବା ଅମର ହୋଇ ରହିଆସିଥିଲା ପରି ସେମାନେ ଏକ ନୂତନ ଉଷାଲାଗି ମୁଖୋନ୍ନତ କରି ପୁଣି ପ୍ରତୀକ୍ଷା କରିପାରିବେ । କାରଣ, ସେମାନେ ନିଦ୍ରାମଗ୍ନ ହୋଇ ରହିଛନ୍ତି ସତ, ମାତ୍ର କଦାପି ବିଲୁପ୍ତ ହୋଇଯାଇନାହାନ୍ତି । ଏକଥା ସତ ଯେ କେତେ ସମୟଲାଗି ସେମାନେ ଜୀବନରେ ବିଫଳ ହୋଇ ପଡ଼ିଛନ୍ତି ଏବଂ ତେଣେ ଦେହଗତତା ଏବଂ ବୁଦ୍ଧିକୁ ଅବଲମ୍ବନ କରିଥିବା ଇଉରୋପୀୟ ଜାତିମାନେ ସଫଳତା ଅର୍ଜନ କରିଛନ୍ତି । ମାତ୍ର ଏହି ସଫଳତା ବାହାରକୁ ଯେତେ ସମ୍ପୂର୍ଣ୍ଣ ପରି ଦିଶୁଥିଲେ ମଧ୍ୟ ତାହା ତଥାପି ମାତ୍ର ଅଳ୍ପ କେତେ ସମୟଲାଗି ହୋଇଛି ଓ କେବଳ ଦୁର୍ଗତିରେ ହିଁ ତାହାର ସମାପ୍ତି ଘଟିଛି । ତଥାପି ଏସିଆର ବିଫଳତାକୁ ଆମେ କେବଳ ବିଫଳତା ବୋଲି ହିଁ କହିବା । ଏସିଆ ଆପଣା ଜୀବନରେ ବିଫଳ ହୋଇଛି, ଭୂଲୁଣ୍ଠିତ ହୋଇଛି । ଏବଂ ଯେଉଁ ଧୂଳି ମଧ୍ୟକୁ ତାହାର ଏହି ପତନଟି ଘଟିଛି ଏସିଆର କବି ତାହାକୁ ପବିତ୍ର ଧୂଳି ବୋଲି ଘୋଷଣା କରିଛନ୍ତି ସତ, ଅବଶ୍ୟ ସେହି ପବିତ୍ରତା ପ୍ରକୃତ ପବିତ୍ରତା କି ନୁହେଁ, ସେ ବିଷୟରେ ବି ସନ୍ଦେହ ପ୍ରକାଶ କରାଯାଇପାରେ,—ତଥାପି ଆମେ ଧୂଳିକୁ କଦାପି ମନୁଷ୍ୟର ଯୋଗ୍ୟ ସ୍ଥାନ ବୋଲି କହିପାରିବା ନାହିଁ ଏବଂ ସେହି ଧୂଳି ଭିତରେ ଅସି ଚିତ୍ ହୋଇ ପଡ଼ିଯିବାକୁ ମଧ୍ୟ କୌଣସି ମନୁଷ୍ୟଲାଗି ଏକ ଯଥାର୍ଥ ଦୃଷ୍ଟିକୋଣ ବୋଲି ମଧ୍ୟ କହିବ ନାହିଁ । ଅନେକେ ଯେପରି ଆପଣାକୁ ସାନ୍ତ୍ୱନା ଦେଇ କହିଆନ୍ତି, ଅଧ୍ୟାତ୍ମ ବିଷୟର ଅନୁଧାବନ କଲା ବୋଲି ଏସିଆକୁ ସାମଗ୍ରିକ ଭାବରେ ଏହି ବିଫଳତା ଭୋଗିବାକୁ ପଡ଼ିନାହିଁ । ଯେଉଁମାନେ ଏଭଳି କହିଆନ୍ତି, ସେମାନେ ଆଧ୍ୟାତ୍ମିକତା ହିଁ ସତେଅବା କେବେ ଏକ ଦୁର୍ବଳତାର ବ୍ୟାପାର ବା ଦୁର୍ବଳତାର କାରଣ ହୋଇପାରିବ ବୋଲି ଭାବୁଆନ୍ତି । ଏସିଆ ବିଫଳ ହୋଇଛି, କାରଣ ସେ ଯଥେଷ୍ଟ ଭାବରେ ଆଧ୍ୟାତ୍ମିକତାର ଅନୁଧାବନ କରିପାରିନାହିଁ ; ଆଧ୍ୟାତ୍ମିକତାକୁ କିପରି ଜୀବନର ସର୍ବୋଚ୍ଚ ମୀମାଂସକ ଓ ନିୟାମକରୂପେ ପ୍ରତିଷ୍ଠିତ କରାଯାଇପାରେ, ସେକଥାଟିକୁ ସମ୍ପୂର୍ଣ୍ଣ ଭାବରେ ଶିକ୍ଷା କରିପାରି ନ ଥିବାରୁ ଏସିଆ ବିଫଳ ହୋଇଛି । ଗୋଟାଏ ପାଖରେ ଜୀବନ ଓ ଅନ୍ୟ ପାଖରେ ଆଧ୍ୟାତ୍ମିକତା ମଧ୍ୟରେ ଏସିଆର ମାନସ ହୁଏତ ଏକ ବ୍ୟବଧାନ ବା ବିଭାଜନ ରଚନା କରିପକାଇଛି ଅଥବା ଦୁହିଙ୍କ ମଧ୍ୟରେ ଗୋଟାଏ ପ୍ରକାର ସାଲିସ୍ କରିନେଇ ତାହାକୁ ହିଁ ଅବଲମ୍ବନ କରି ଧରିଛି ଏବଂ ସେହି ସାଲିସ୍‌କୁ ମୂଳ କରି ଗଢ଼ିଉଠିଥିବା ସମାଜଗତ-ଧାର୍ମିକ ବ୍ୟବସ୍ଥା-ଗୁଡ଼ିକୁ ହିଁ ଅନ୍ତିମ ସମାଧାନ ବୋଲି ଗ୍ରହଣ କରିପକାଇଛି । ତେଣୁ ସନ୍ତୁଷ୍ଟ ହୋଇ

'oaob.nitrkl.ac.in' images reprocessed

ରହିଯିବାରେ କେବଳ ପ୍ରମାଦ ହିଁ ରହିଛି ; କାରଣ ଆଉ ଅନ୍ୟ ଯାବତୀୟ ଆହ୍ୱାନ ଅପେକ୍ଷା ଆଧ୍ୟାତ୍ମିକତାର ଆହ୍ୱାନ ଆମକୁ ସବୁଠାରୁ ଅଧିକ ଭାବରେ ସର୍ବଦା ଶେଷ ପର୍ଯ୍ୟନ୍ତ ହିଁ ତାହାର ଅନୁଧାବନ କରିବାଲାଗି ଡାକ ଦେବାରେ ଲାଗିଥାଏ । ଏବଂ ସେହି ଶେଷ କହିଲେ କଦାପି ଏକ ଉତ୍ସାଦନ, ବିଚ୍ୟୁତ କିମ୍ବା ସାଲିସ୍‌କୁ ବୁଝାଏ ନାହିଁ ; ଏହା ସବୁ-କିଛୁ ଉପରେ କେବଳ ସେହି ଚିନ୍ମୟତା ବା ଆଧ୍ୟାତ୍ମିକତାର ବିଜୟକୁ ହିଁ ବୁଝାଏ ଏବଂ ପରିପୂର୍ଣ୍ଣତାର ଅନ୍ୱେଷଣ କରୁଥିବା ସାଧକମାନଙ୍କର ହିଁ ସେହି ରାଜତ୍ୱକୁ ବୁଝାଏ, ହିନ୍ଦୁ ଧର୍ମପ୍ରତୀକ ଅନୁସାରେ ଯେଉଁ ପରିପୂର୍ଣ୍ଣତାଟିକୁ ସାଧନ କରିବାଲାଗି ହିଁ ଶେଷ ଅବତାରଙ୍କର ଆବିର୍ଭାବ ହୋଇଥାଏ ।

ଏହି ସତ୍ୟଟିକୁ ସ୍ମରଣ ରଖିବା ବଡ଼ ମହତ୍ତ୍ୱପୂର୍ଣ୍ଣ ; କାରଣ ପଥଟିରୁ ବିଚ୍ୟୁତ ହୋଇଗଲେ ଯେଉଁସବୁ ପ୍ରମାଦରେ ପଡ଼ିବାକୁ ହୋଇଥାଏ, ପଥଟି ଉପରେ ଅଗ୍ରସର ହେଉ ହେଉ ଆମେ କରିବସୁଥିବା ଭୁଲଗୁଡ଼ିକ ଆମକୁ ତାହାଠାରୁ ଆହୁରି ବେଶୀ ଶିକ୍ଷା ଦେଇଥାଏ । ଆମର ବୁଦ୍ଧିପରିଚାଳିତ, ନୀତିପ୍ରେରିତ ଅଥବା ସୌନ୍ଦର୍ଯ୍ୟବୋଧୀ ଜୀବନଟିକୁ ଅଥବା ସେଗୁଡ଼ିକର ଅଭିପ୍ରାୟଗୁଡ଼ିକର ସମଷ୍ଟିକୁ ଆଣି ଆମର ପ୍ରାଣଗତ ଏବଂ ଭୌତିକ ପ୍ରକୃତିଟି ଉପରେ ଅବସ୍ଥାପିତ କରି ରଖିବା ଯେଉଁଭଳି ସମ୍ଭବ, ସେଗୁଡ଼ିକ ଦ୍ୱାରା ଆଂଶିକ ଭାବରେ ଅଧିକୃତ ହୋଇ ରହିବା ଅଥବା ସେଗୁଡ଼ିକ ସହିତ ଏକ ସାଲିସ୍ କରିବା ଯେଉଁଭଳି ସମ୍ଭବ, ଆଧ୍ୟାତ୍ମିକ ଜୀବନ କିମ୍ବା ଆଧ୍ୟାତ୍ମିକ ଅଭିପ୍ରାୟ ବା ଧାରଣାର କୌଣସି ବଳିଷ୍ଠ ରୂପାୟନ ଅଥବା ପ୍ରତିପତ୍ତିକୁ ଆଣି ଆମର ମନୋମୟ, ପ୍ରାଣଗତ ଏବଂ ଭୌତିକ ପ୍ରକୃତିଟି ଉପରେ ଲଦିଦେବା ମଧ୍ୟ ଠିକ୍ ସେହିଭଳି ସମ୍ଭବ ; ଏବଂ ଭୌତିକ ପ୍ରକୃତିଟିକୁ ଦୁର୍ବଳ ଓ କ୍ଷୀଣ କରି ରଖିବା, ଆମର ପ୍ରାଣଗତ ଓ ଭୌତିକ ଅସ୍ତିତ୍ୱଟିକୁ ମଧ୍ୟ ଦୁର୍ବଳ ଓ କ୍ଷୀଣ କରି ରଖିବା ଏବଂ ଏପରିକି ଅଧ୍ୟାତ୍ମକୁ ଏକ ସହଜ ଆଧିପତ୍ୟ ଦେଇପାରିବା ଲାଗି ମନୋଗତଟିକୁ ମଧ୍ୟ ଅଶକ୍ତ ଓ ଦୁର୍ବଳ କରି ରଖିବା ମଧ୍ୟ ଠିକ୍ ସେହିଭଳି ସମ୍ଭବ । ଅଥବା ଦୁହିଁଙ୍କ ମଧ୍ୟରେ ଗୋଟାଏ ସାଲିସ୍ କରି ରଖିବା ଏବଂ ଆମର ଜନ୍ମତର ପ୍ରକୃତିଟି ଆଧ୍ୟାତ୍ମିକ ଅସ୍ତିତ୍ୱଟି ପାଖରେ ଯାଇ ବାରବାର ଦଣ୍ଡବତ କରି ଆସୁଥିବ, ଅଳ୍ପ ବା ବହୁତ ପରିମାଣରେ ତାହାର ପ୍ରଭାବକୁ ଗ୍ରହଣ ବି କରୁଥିବ ଏବଂ ଔପଚାରିକ ଭାବରେ ତାହାକୁ ହିଁ ମନୁଷ୍ୟର ସର୍ବଶେଷ ଗନ୍ତି ଏବଂ ସର୍ବୋଚ୍ଚ ସିଦ୍ଧି ବୋଲି ସ୍ୱୀକୃତ ମଧ୍ୟ ଦେଉଥିବ, ଏହିସବୁ ସର୍ତ୍ତରେ ଜନ୍ମତର ସତ୍ତାଟିକୁ ଆପଣା କ୍ଷେତ୍ରଟିରେ ଚରି ବୁଲିବାକୁ ଛାଡ଼ିଦେବା ମଧ୍ୟ ସେହିପରି ସମ୍ଭବ । ଅତୀତରେ ମନୁଷ୍ୟର ସମାଜ ଯାଇ ଯାଇ ଏତିକଯାଏ ଯାଇଛି ଏବଂ ଏହାର ଅନ୍ତକୁ କେବେହେଲେ ଯାଇପାରିନାହିଁ । ଏବଂ ଯଦି ସମ୍ପୂର୍ଣ୍ଣ ପଥଟିରେ ଏହାକୁ କେବଳ ଏକ ଅନ୍ୟତମ ପର୍ଯ୍ୟାୟ ବା ସୋପାନ ବୋଲି ମାନିନଆଯାଏ, ତେବେ ସେହିଠାରେ ହିଁ ଅଟକି ରହିଗଲେ ଆମେ ବିଷୟଟିର ଅସଲ ହୃଦୟଟିକୁ ହିଁ ହରାଇ ବସିବା, ଅସଲ ପ୍ରୟୋଜନୀୟ ବସ୍ତୁଟିକୁ ହିଁ ହରାଇ ବସିବା ।

'oaob.nitrkl.ac.in' images reprocessed

କେବଳ କେତେକ କ୍ଷଣରେ ଆଧ୍ୟାତ୍ମିକତାର ସ୍ପର୍ଶମାତ୍ର ଲାଭ କରୁଥିବ, ମାତ୍ର ମନୁଷ୍ୟଜାତି ବର୍ତ୍ତମାନ ଯେଉଁ ସଂସାରର ଚକଟି ଭିତରେ ରହିଛି, ସେଇଠି ରହିଥିବ,—ଏହି ନିତ୍ୟନୈମିତ୍ତିକତାର ଜଞ୍ଜିର ଭିତରେ ପଡ଼ିରହିଥିବାଯାଏ କଦାପି କାମ ଚଳିବ ନାହିଁ । ମାତ୍ର ଆପଣାର ସମୁଦାୟ ଜୀବନକୁ ଆଧ୍ୟାତ୍ମିକତା ମଧ୍ୟକୁ ଉତ୍ତୋଳିତ କରିନେଇ ନ ଯିବା ପର୍ଯ୍ୟନ୍ତ ଯେଉଁ ସ୍ଥିତି ବା ବିଧାନ ମନୁଷ୍ୟସମାଜ ଲାଗି ଅସମ୍ଭବ ବା ଅସ୍ୱାଭାବିକ ହୋଇ ରହିଛି, ଆପଣାର ସକଳ ହୃଦୟ ଦେଇ ସେ ସେହି ବିଧାନଟି ଲାଗି ଆକାଙ୍‌କ୍ଷା ରଖିବ ଓ ତାହାର ଦ୍ୱାରା ପ୍ରେରିତ ହୋଇ ଅଗ୍ରସର ହେବ,—ଆପଣାର ପରିପୂର୍ଣ୍ଣତା ଲାଗି ମନୁଷ୍ୟସମାଜ ଆଗରେ ଏହି ଆରୋହଣପଥଟି ପଡ଼ିରହିଛି ଏବଂ ଏହି ପଥରେ ଉପରକୁ ଉଠିଯାଇ ପାରିଲେ ସେ ଆପଣାର କାମ୍ୟ ରୂପାନ୍ତରଟିକୁ ସମ୍ଭବ କରିପାରିବ ।

ଆମ ଜୀବନ ବଞ୍ଚିବାର କେନ୍ଦ୍ରଟିକୁ ଏସବୁ ସୀମାର ବାହାରକୁ ଏକ ଉଚ୍ଚତର ଚେତନା ମଧ୍ୟକୁ ଉତ୍ତୀର୍ଣ୍ଣ କରିନେବାରେ ଏବଂ ଆମ ଜୀବନପ୍ରେରଣାର ସର୍ବପ୍ରଧାନ ସାମର୍ଥ୍ୟଟିକୁ ପରିବର୍ତ୍ତିତ କରିଦେବାରେ ହିଁ ଏହି ରୂପାନ୍ତରର ଗୋପନ ସତ୍ୟଟି ନିହିତ ହୋଇ ରହିଛି । ଇତର ପ୍ରାଣୀସ୍ତରର ଭୌତିକ ମନର ସୋପାନରୁ ଆମ ମନୁଷ୍ୟବୁଦ୍ଧିର ସ୍ତରରେ ତଥାପି ବଡ଼ ଅପୂର୍ଣ୍ଣ ହୋଇ ରହିଥିବା ମନନଶୀଳ ମନର ସୋପାନକୁ ଉତ୍ତୀର୍ଣ୍ଣ ହୋଇଯିବାଲାଗି ପ୍ରକୃତି ଏକଦା ଯେଉଁ ଲମ୍ଫ ପ୍ରଦାନ କରିଥିବ, ଏହି ଲମ୍ଫ ପ୍ରଦାନ ଅଥବା ଆରୋହଣଟି ତାହାଠାରୁ ମଧ୍ୟ ଅଧିକ ସ୍ମରଣୀୟ ଏବଂ ମହତ୍ତ୍ୱପୂର୍ଣ୍ଣ ହୋଇ ରହିବ । ଜୀବନ ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ଇଚ୍ଛାଶକ୍ତି ସେତେବେଳେ ଆଉ ଏହି ପ୍ରାଣ ଏବଂ ଜଡ଼ର ସ୍ତରରେ କାର୍ଯ୍ୟ କରୁଥିବା କେବଳ ଏହି ପ୍ରାଣପ୍ରଧାନ ଇଚ୍ଛାଟି ହୋଇ ରହିବ ନାହିଁ ; ମାତ୍ର ତାହା ମୂଳତଃ ଏକ ଆଧ୍ୟାତ୍ମିକ ଇଚ୍ଛା ହୋଇ ରହିବ, ଯାହା ବିଷୟରେ ଆମେ ବର୍ତ୍ତମାନ କ୍ୱଚିତ୍ କେବଳ ଏକ ଅତି ଅସ୍ପଷ୍ଟ ସ୍ପର୍ଶ ବା ଆଘାତ ମାତ୍ର ପାଇପାରୁଛୁ । କାରଣ ଏହା ବର୍ତ୍ତମାନ ଆମ ପାଖକୁ କ୍ୱଚିତ୍ ଅନାବୃତ ଭାବରେ ଆସୁଛି, ପ୍ରଧାନତଃ କେବଳ ଏକ କ୍ଷୀଣ ଭାବରେ ଆସୁଛି ଏବଂ ମନୋଗତ ଧାରଣାର ଛଦ୍ମବେଶ ପିନ୍ଧି ହିଁ ଆସୁଛି । ମାତ୍ର ଆପଣାର ସ୍ୱକୀୟ ପ୍ରକୃତିରେ ତାହା ସର୍ବଦା ଅତିମାନସ ହୋଇ ରହିଛି ଏବଂ ଯେକୌଣସି ପ୍ରକାରେ ଆମକୁ ତାହାର ଏହି ଅତିମାନସ ସାମର୍ଥ୍ୟ ତଥା ସତ୍ୟଟିର ହିଁ ଆବିଷ୍କାର କରିବାକୁ ପଡ଼ିବ । ପ୍ରକୃତିର ନିମ୍ନତର ପ୍ରାଣଗତ ଆବେଗଟି ହିଁ ଆଉ ଆମ ଜୀବନର ପ୍ରଧାନତମ ପ୍ରେରକଶକ୍ତି ହୋଇ ରହିବ ନାହିଁ । ସେହି ଆବେଗଟି ଆମ ଭିତରେ ସିଦ୍ଧ ହୋଇସାରିଛି ଏବଂ ଏଣିକି ସେଇଟି କେବଳ ଆମ ଅହଂକେନ୍ଦ୍ରଟିର ଚାରିପାଖରେ ଆପଣାର ଘେରାଗୁଡ଼ିକୁ ବୁଣିବାରେ ହିଁ ଲାଗିଥିବ । ମାତ୍ର ଯେଉଁ ଆଧ୍ୟାତ୍ମିକ ସାମର୍ଥ୍ୟଟି ବିଷୟରେ ଆମେ ଅନେକ ସମୟରେ ଶୁଣୁଛୁ ଓ କହୁଛୁ, ମାତ୍ର ଯାହାର ଅନ୍ତରତମ ଗୁପ୍ତ ସତ୍ୟଟିର ଏପର୍ଯ୍ୟନ୍ତ ପରିଚୟ ପାଇନାହୁଁ, ତାହାହିଁ ଆମ ଜୀବନର ସର୍ବପ୍ରଧାନ ସାମର୍ଥ୍ୟ ହୋଇ ରହିବ । କାରଣ ସେଇଟି

'oaob.nitrkl.ac.in' images reprocessed

ଆମ ଭିତରେ ତଥାପି ନିଗୂଢ଼ ହୋଇ ରହିଛି ଏବଂ ଯେଉଁ ମୁହୂର୍ତ୍ତରେ ଆମେ ଏହି ଅହଂସୀମାଗୁଡ଼ିକରୁ ଉତ୍ତୀର୍ଣ୍ଣ ହୋଇପାରିବା, ଆମ ଭିତରେ ସେହି ଯଥାର୍ଥ ବ୍ୟକ୍ତିସତ୍ତାଟିର ପରିଚୟ ପାଇବା ଓ ତାହାର ବଶ୍ୟତାସ୍ୱୀକୃତି ମଧ୍ୟରେ ଆମେ ଅନ୍ୟ ସମସ୍ତଙ୍କ ସହିତ ଏକାତ୍ମ ଓ ଏକତ୍ୱବଦ୍ଧ ହୋଇଯାଇପାରିବା, ସେ ସେହି ମୁହୂର୍ତ୍ତଟି ଲାଗି ଅପେକ୍ଷା କରି ରହିଛି । ଆମେ ଏପର୍ଯ୍ୟନ୍ତ ଯାହାକିଛି କରିଛୁ, ତଦ୍ୱାରା କେବଳ ଆମର ଏହି ଇଚ୍ଛାଶକ୍ତି ତଥା ସାମର୍ଥ୍ୟଟିକୁ ମନର ଭୂମିଟି ପର୍ଯ୍ୟନ୍ତ ସ୍ଥାନାନ୍ତରିତ କରିନେବା ଲାଗି ଏକ ଅର୍ଦ୍ଧସଫଳ ପ୍ରୟତ୍ନ ମାତ୍ର କରିଛୁ । ଏକ ମନୋମୟ ସତ୍ତାରେ ପରିଣତ ହୋଇପାରିବାଲାଗି ଏବଂ ମାନସଧାରଣାର ବଳସମର୍ଥନ ମଧ୍ୟରେ ବାସ କରିପାରିବାଲାଗି ହିଁ ଏପର୍ଯ୍ୟନ୍ତ ଆମର ସର୍ବୋଚ୍ଚ ଉଦ୍ୟମ ଓ ଶ୍ରମ ନିୟୋଜିତ ହୋଇଆସିଛି । ମାତ୍ର ଆମ ଭିତରର ମାନସ-ଧାରଣାଟି ହେଉଛି କେବଳ ଏକ ମଧ୍ୟବର୍ତ୍ତୀ ତତ୍ତ୍ୱ ଏବଂ ତାହା କେବଳ ଅନ୍ୟର ଏକ ସାଧନ ରୂପେ ହିଁ କାର୍ଯ୍ୟ କରିଆସିଛି । ଆପଣାର ଯାବତୀୟ କ୍ରିୟାତ୍ମକତା ଲାଗି ଏକ ଆଧାର ପାଇବା ସକାଶେ ତାହାକୁ ସର୍ବଦା ଆପଣା ବ୍ୟତୀତ ଆଉ ଅନ୍ୟ ଗୋଟିଏ ତତ୍ତ୍ୱ ଉପରେ ନିର୍ଭର କରିବାକୁ ହେଉଛି ; ଏବଂ ସେହି କାରଣରୁ ସାମୟିକ ଭାବରେ ଆପଣା ସ୍ୱତନ୍ତ୍ର ପରିଚର୍ଯ୍ୟାର ମାର୍ଗଟିକୁ ଅନୁସରଣ କରିବାକୁ ସମର୍ଥ ହେଉଥିଲେ ମଧ୍ୟ ତଥାପି କେବଳ ସେତିକିକୁ ନେଇ ପରିତୃପ୍ତ ହୋଇ ରହିବାଲାଗି ତାହାର ଆଦୌ କୌଣସି ସାମର୍ଥ୍ୟ ନାହିଁ । ତେଣୁ ଏହାକୁ ବାଧ୍ୟ ହୋଇ ନିମ୍ନମୁଖୀ ଅଥବା ବହିର୍ମୁଖୀ ହୋଇ ପ୍ରାଣଗତ ତଥା ଭୌତିକ ଜୀବନ ଅଭିମୁଖରେ ଆକର୍ଷିତ ହୋଇଆସିବାକୁ ପଡ଼ିବ ଅଥବା ଅନ୍ତରମଧ୍ୟକୁ ତଥା ଉର୍ଦ୍ଧ୍ୱକୁ ଆପଣାକୁ ଉତ୍ତୋଳିତ କରିନେଇ ତାକୁ ଚିନ୍ମୟତା ଉଦ୍ଦେଶ୍ୟରେ ଗତି କରିବାକୁ ହେବ ।

ଏବଂ ଆମେ ଯେ ଆମର ଭାବନା, କଳା, ଆଚରଣ ତଥା ଜୀବନର ଭୂମିରେ ଆଦୌ ଆଦର୍ଶବାଦୀ ଏବଂ ବାସ୍ତବବାଦୀ ଏହିପରି ଦୁଇଟି ପ୍ରବୃତ୍ତି ମଧ୍ୟରେ ବିଭକ୍ତ ହୋଇ ରହିଛୁ, ଏହାକୁ ହିଁ ତାହାର କାରଣ ବୋଲି କହିବାକୁ ହେବ । ବାସ୍ତବବାଦୀ ପ୍ରବୃତ୍ତିଟି ଆମକୁ ବଡ଼ ସହଜରେ ଅଧିକ ସତ୍ୟ ବୋଲି ମନେହେଉଛି, ତାହାର ଆଧାରଟି ଅଧିକ ଦୃଢ଼ ବୋଲି ଲାଗୁଛି ଏବଂ ତାହା ବସ୍ତୁଜଗତ ସହିତ ପ୍ରକୃତରେ ଅଧିକ ସମ୍ପର୍କ ଓ ସଙ୍ଗତ ରକ୍ଷିଛି ବୋଲି ମନେହେଉଛି, କାରଣ ଏହା ଏପରି ଅତିସ୍ପଷ୍ଟ ଇନ୍ଦ୍ରିୟବୋଧ ଓ ପ୍ରତ୍ୟକ୍ଷୋପଲବ୍ଧ ଏକ ବସ୍ତୁସତ୍ତା ଉପରେ ଦଣ୍ଡାୟମାନ ରହିଛି । ଆଦର୍ଶବାଦୀ ପ୍ରବୃତ୍ତିଟି ବଡ଼ ସହଜରେ ଆମକୁ ସତେଅବା ଏକ ଅବାସ୍ତବ କିଛି ବୋଲି ଲାଗୁଛି, କେବଳ କଳ୍ପନା ପରି ଲାଗୁଛି, ଅସାର ଓ ଅସ୍ପଷ୍ଟ ପରି ଲାଗୁଛି ; ତାହାଭିତରେ ଜୀବନ୍ତ ବାସ୍ତବତା ପରିବର୍ତ୍ତରେ ଅଧିକ ପରିମାଣରେ କେବଳ ଭାବନା ଓ ଶବ୍ଦଗୁଡ଼ାଏ ଭର୍ତ୍ତିହୋଇ ରହିଥିଲା ପରି ଲାଗୁଛି ; କାରଣ ତାହା ଏପରି ଏକ ସତ୍ତାକୁ ରୂପ ଦେବାକୁ ଚେଷ୍ଟା କରୁଛି ଯାହାକି ଏପର୍ଯ୍ୟନ୍ତ ଉପଲବ୍ଧ ହୋଇନାହିଁ । କେତେକ

'oaob.nitrkl.ac.in' images reprocessed

ଦୃଷ୍ଟିରୁ ଦେଖିଲେ ଆମର ଏହି ଧାରଣାଟିକୁ ହୁଏତ ଠିକ୍ ବୋଲି ବି ବୁଝାଯିବ ; କାରଣ ଆମ ଭୌତିକ ଅସ୍ତିତ୍ୱର ଏହିସବୁ ବାସ୍ତବ ସତ୍ୟ ମଧ୍ୟରେ ନୂତନ ଓ ବହିର୍ଗତଭାବରେ ଆସି ପ୍ରବେଶ କରିଥିବା ଆଦର୍ଶଟି ବସ୍ତୁତଃ ସେତେବେଳଯାଏ ଅବାସ୍ତବ ହୋଇ ରହିଥିବ, ଯେତେବେଳଯାଏ ତାହା କୌଣସି ନା କୌଣସି ଉପାୟରେ ଆମ ବହିର୍ଜୀବନର ଅପୂର୍ଣ୍ଣତାଗୁଡ଼ିକ ସହିତ ଆପଣାକୁ ଖାପ ଖୁଆଇ ନେଇପାରି ନ ଥିବ ଅଥବା ଆପେ ଅନ୍ୱେଷଣ କରି ବାହାରିଥିବା ସେହି ବୃହତ୍ତର ଏବଂ ଶୁଦ୍ଧତର ସତ୍ୟଟିର ସନ୍ଧାନ ପାଇ ନ ଥିବ ଏବଂ ତାହାକୁ ଆମର ବହିଃକ୍ଷେତ୍ରୀୟ କ୍ରିୟାତ୍ମକତାଗୁଡ଼ିକ ଉପରେ ଆଣି ଲଦିଦେଇ ପାରୁ ନ ଥିବ । ସେପର୍ଯ୍ୟନ୍ତ ତାହା କେବଳ ଦୁଇଟି ପୃଥିବୀ ମଧ୍ୟରେ ଲଟକି ରହିଥିବ ଏବଂ ଉର୍ଦ୍ଧ୍ୱସ୍ଥିତ ଆଲୋକ ଅଥବା ନିମ୍ନସ୍ଥ ଅନ୍ଧକାର, କୌଣସିଟିକୁ ଜୟ କରିପାରି ନ ଥିବ । ଗୋଟାଏ କିଛି ସାଲିସ୍ କରିନେଇ, ଯାହା ଯେପରି ଅଛି, ତାହାର ପାଖରେ ଆତ୍ମସମର୍ପଣ କରିନେବା ବଡ଼ ସହଜ ; ମାତ୍ର ଅଧ୍ୟାତ୍ମ ସତ୍ୟଟିକୁ ଆବିଷ୍କାର କରି ତାହାରିଦ୍ୱାରା ଆମ ଜୀବନ ବଞ୍ଚିବାର ପ୍ରକୃତ ଧାରାଟିରେ ଏକ ରୂପାନ୍ତର ଘଟାଇପାରିବା ପ୍ରକୃତରେ କଷ୍ଟକର । ମାତ୍ର ଠିକ୍ ଏହି କଷ୍ଟକର କଥାଟିକୁ ହିଁ ଆମକୁ ସାଧ କରିବାକୁ ହେବ ; ମନୁଷ୍ୟକୁ ଯଦି ଆପଣାର ଯଥାର୍ଥ ପ୍ରକୃତିଟିକୁ ଆବିଷ୍କାର କରି ତାହାକୁ ପରିପୂର୍ଣ୍ଣ କରିବାକୁ ହୁଏ, ତେବେ ସେଇଟି କରିବାକୁ ହିଁ ପଡ଼ିବ । ଆମର ଆଦର୍ଶଟି ହେଉଛି ସବୁଠାରୁ ଅଧିକ ଯଥାର୍ଥଭାବରେ ଆମଭିତରେ ରହିଥିବା ସବୁଠାରୁ ଅଧିକ ମନୁଷ୍ୟତ୍ୱଲବ୍ଧ ସମ୍ପଦ, ମାତ୍ର କେବଳ ଏକ ମନୋଜ୍ଞ ଆଦର୍ଶବାଦ ହୋଇ ରହିଥିବା ପର୍ଯ୍ୟନ୍ତ ତାହା କଦାପି ଆପଣାକୁ ଫଳପ୍ରଦ କରିପାରିବ ନାହିଁ । ଫଳପ୍ରଦ ହେବାକୁ ହେଲେ ତାହାକୁ ଏକ ଆଧ୍ୟାତ୍ମିକ ବାସ୍ତବ ସତ୍ୟରେ ହିଁ ରୂପାନ୍ତରିତ ହୋଇଯିବାକୁ ପଡ଼ିବ ; ସେହି ଆଧ୍ୟାତ୍ମିକ ବାସ୍ତବ ସତ୍ୟଟି ଚିଦ୍‌ଗତତାର ସର୍ବୋଚ୍ଚ ସତ୍ୟଟିଯାଏ ଆପଣାକୁ ନେଇ ପହଞ୍ଚାଇଦେଇପାରିବ ଏବଂ ତାହାର କ୍ରିୟା ଲାଗି ଆମର ଏହି ଇନ୍ଦ୍ରିୟବୋଧଗତ, ପ୍ରାଣପ୍ରଧାନ ତଥା ଭୌତିକ ପ୍ରକୃତିର ନିମ୍ନତର ସତ୍ୟଟିକୁ ମଧ୍ୟ ଗ୍ରହଣ କରିନେଇପାରିବ ।

ତେବେ, ଆମ ଭିତରେ ଯେଉଁ ବଞ୍ଚିରହିବାର ଇଚ୍ଛାଟି କାର୍ଯ୍ୟ କରୁଛି ଓ ଆମର ଯେଉଁ ପ୍ରାଣସାମର୍ଥ୍ୟଟି ରହିଛି, ତାହାକୁ ଉତ୍ତୋଳିତ କରି ଅନ୍ୟ ଏକ ସ୍ତରକୁ ନେଇଯିବାକୁ ହିଁ ଆମେ ଆମ ପରିପୂର୍ଣ୍ଣତାର ମୂଳନୀତି କରି ରଖିବା । ଆମ ଭିତରେ ରହିଥିବା ପ୍ରାଣିକ ଅଂଶଟା ଆମକୁ ନିୟନ୍ତ୍ରଣ କରିବ ନା ଆମେ ଆପଣାକୁ ଚିଦ୍‌ଗତତାର ଅଧୀନ କରି ରଖିବା, ସେହି ଇଚ୍ଛା ତଥା ସେହି ସାମର୍ଥ୍ୟକୁ ଏହି ଦୁଇଟି ମଧ୍ୟରୁ ଗୋଟିକୁ ବାଛିନେବାକୁ ପଡ଼ିବ । ପ୍ରାଣଗତ ସତ୍ତାର ବୃତ୍ତିଟି ଭିତରେ ପ୍ରକୃତ ବେଶ୍ ସନ୍ତୁଷ୍ଟ ହୋଇ ରହିପାରିବ, ସେଠାରେ ଗୋଟାଏ ପ୍ରକାର ପରିପୂର୍ଣ୍ଣତା ମଧ୍ୟ ଗଢ଼ି ଥୋଇଦେଇ-

'oaob.nitrkl.ac.in' images reprocessed

ପାରିବ; ମାତ୍ର ତାହାକୁ ଆମେ କେବଳ ଏକ ବ୍ୟାହତ ପ୍ରକାରର ପରିପୂର୍ଣ୍ଣତା ବୋଲି କହିବା ଓ ତାହା ଆପଣାର ଦୃଢ଼ବଦ୍ଧ ସୀମାଟି ଭିତରେ ହିଁ ବେଶ୍ ପରିତୁଷ୍ଟ ହୋଇ ରହିଥିବ । ଉଦ୍‌ଭିଦ ଏବଂ ଇତରପ୍ରାଣୀର ସ୍ତରରେ ପ୍ରକୃତି ଏହି କାର୍ଯ୍ୟଟିକୁ ବେଶ୍ ଚଳାଇନେଇପାରିବ, କାରଣ ସେହି କ୍ଷେତ୍ରରେ ପ୍ରାଣ ତଥା ଅନ୍ନ ଏକାଧାରରେ ସାଧନ ହୋଇ ରହିଥିବେ, ସାଧ୍ୟ ଅର୍ଥାତ୍ ଅଭୀଷ୍ଟ ହୋଇ ବି ରହିଥିବେ । ମାତ୍ର ସେମାନେ ଆପଣାର ସୀମାଗୁଡ଼ିକୁ ଡେଇଁ କଦାପି ଆହୁରି ଉପରକୁ ଅନାଇପାରିବେ ନାହିଁ । ପ୍ରକୃତି ମନୁଷ୍ୟର କ୍ଷେତ୍ରରେ ଏ କଥାଟିକୁ କେବେହେଲେ ସମ୍ଭବ କରିପାରିବ ନାହିଁ, କାରଣ ସେ ଏଠାରେ ନିଶ୍ଚିତ ଭାବରେ ଆପଣାର ଭୌତିକ ଏବଂ ପ୍ରାଣିକ ଭୂମିଟିକୁ ଅତିକ୍ରମ କରି ଆହୁରି ଆଗକୁ ବଢ଼ିଯାଇଛି, ପ୍ରକୃତି ଏଠାରେ ମନୁଷ୍ୟ ଭିତରେ ମନର ବି ବିକାଶ ଘଟାଇଛି । ଅର୍ଥାତ୍ ଏଠାରେ ପ୍ରାଣ ପରମ ଚିନ୍ମୟତାର ଆଲୋକଟି ଆଡ଼କୁ ଆପଣାକୁ ଉନ୍ମୋଚିତ କରି ରଖିଛି ଏବଂ ଏଠି ପ୍ରାଣ ଓ ଦେହ ଆଉ ନିଜନିଜର ଅଭୀଷ୍ଟ ହୋଇ ରହୁନାହାନ୍ତି, ସେମାନେ ବର୍ତ୍ତମାନ ଗୋଟିଏ ଗୋଟିଏ ସାଧନ ପରି କାର୍ଯ୍ୟ କରୁଛନ୍ତି । ତେଣୁ କେବଳ ଭୌତିକ ଜୀବନଟିର ଅନାଲୋକିତ କୁଣ୍ଡଳୀଟିକୁ ଅନୁଧାବନ କଲେ ତଦ୍ୱାରା ମନୁଷ୍ୟ କଦାପି ପରିପୂର୍ଣ୍ଣ ହୋଇପାରିବ ନାହିଁ । ମନୋମୟ ସତ୍ତାର ଅପେକ୍ଷାକୃତ ବୃହତ୍ତର କୁଣ୍ଡଳୀଗୁଡ଼ିକ ମଧ୍ୟରେ ବି ଏହି ପରିପୂର୍ଣ୍ଣତା ଉପଲବ୍ଧ ହେବ ନାହିଁ ; କାରଣ ଏଠାରେ ମନ ମଧ୍ୟ ଗୋଟିଏ ସାଧନ ହୋଇ ରହିଥିବ ଏବଂ ଆପଣାର ସୀମା ବାହାରେ ଥିବା ଆଉକିଛିର ଅନ୍ୱେଷଣ କରୁଥିବ, ବସ୍ତୁତଃ ଯାହାର ସାମର୍ଥ୍ୟଟି ଏହି ମନଭିତରେ ମଧ୍ୟ କାର୍ଯ୍ୟ କରିବାରେ ଲାଗିଛି, ମନ ଆପଣା ସୀମାର ଅତୀତ ସେହି ସମ୍ପଦଟିର ଅନ୍ୱେଷଣ କରୁଥିବ । କିନ୍ତୁ ସେହି ଆକାଂକ୍ଷିତ ସମ୍ପଦଟିର ବୃହତ୍ତର ସତ୍ୟଟି ମନର ବର୍ତ୍ତମାନ ବୁଦ୍ଧି ସ୍ତର ଲାଗି ଅତିଚେତନ ହୋଇ ରହିଛି, ତାହା ଅତିମାନସ ହୋଇ ରହିଛି । ସେହି ସଦାପରିପୂର୍ଣ୍ଣ ପରମ ଚିନ୍ମୟତାକୁ ଉନ୍ମୋଚିତ କରିଦେବାରେ ହିଁ ମନୁଷ୍ୟର ପରିପୂର୍ଣ୍ଣତା ନିହିତ ହୋଇ ରହିଛି ।

ଉଦ୍‌ଭିଦ ଏବଂ ଇତରପ୍ରାଣୀର ସୋପାନରେ ଆମେ ପ୍ରକୃତିର ଯେଉଁ ନିମ୍ନସ୍ତରସ୍ଥ ପରିପୂର୍ଣ୍ଣତାଟି ଦେଖିବାକୁ ପାଇଥାଉ, ସେଇଟି ପ୍ରତ୍ୟେକ ବସ୍ତୁ ତା'ର ଆପଣା ସତ୍ତା ମଧ୍ୟରେ ଅବସ୍ଥିତ ପ୍ରାଣଗତ ସତ୍ୟଟି ପ୍ରତି କେବଳ ଏକ ମୂଳପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ଯନ୍ତ୍ରବତ୍ ଓ ଅବଚେତନ ଭାବରେ ଅନୁଗତ ହୋଇ ରହିବା-ଦ୍ୱାରାହିଁ ସମ୍ଭବ ହୋଇଥାଏ । ଅଧ୍ୟାତ୍ମଭାବରେ ଅନୁପ୍ରାଣିତ ମନୁଷ୍ୟ ଯେତେବେଳେ ସ୍ୱତଃପ୍ରଣୋଦିତ ହୋଇ ତା'ର ଆପଣାର ଉପଲବ୍ଧ ସତ୍ତାଟିର ସତ୍ୟପ୍ରତି ଅନୁଗତ ରହିପାରିବ, କେବଳ ସେତିକିବେଳେ ହିଁ ଆଧ୍ୟାତ୍ମିକ ଜୀବନର ଉଚ୍ଚତର ପରିପୂର୍ଣ୍ଣତାଟି ସମ୍ଭବ ହୋଇପାରିବ ; ସେ ଆପେ ଯଥାର୍ଥରେ ଯାହା, ତାହାହିଁ ହୋଇପାରିଲେ ଓ ଆପଣାର ଯଥାର୍ଥ ପ୍ରକୃତିଟିକୁ ଆବିଷ୍କାର କରିପାରିଲେ ତାହା ହେବ । କାରଣ ଏହି

'oaob.nitrkl.ac.in' images reprocessed

ସ୍ୱତଃପ୍ରଣୋଦିତତା କଦାପି ମୂଳପ୍ରବୃତ୍ତି କିମ୍ବା ଅବଚେତନର ସ୍ତରରେ ସମ୍ଭବ ହେବ ନାହିଁ ; ଏହା ସବୋଧି ଦ୍ୱାରା ପ୍ରେରିତ ହେବ ଓ ସମ୍ପୂର୍ଣ୍ଣ ତଥା ସମଗ୍ର ଭାବରେ ଚେତନାଶୀଳ ହୋଇ ରହିବ । ତାହା ଏକ ସ୍ୱତଃସ୍ଫୂର୍ତ୍ତି ଖୁସି ଦ୍ୱାରା ହିଁ ଆଧ୍ୟାତ୍ମ ଆଲୋକର ସ୍ୱତଃସ୍ଫୂର୍ତ୍ତି ସିଦ୍ଧାନ୍ତଟିର ଅନୁଗତ ହୋଇ ରହିବ; ଏକତ୍ୱବଦ୍ଧ ଓ ସମଗ୍ର ଉଚ୍ଚତମ ସତ୍ୟ, ସର୍ବବ୍ୟାପ୍ତତମ ସୌନ୍ଦର୍ଯ୍ୟ, କଲ୍ୟାଣ, ସାମର୍ଥ୍ୟ, ଆନନ୍ଦ, ପ୍ରେମ ଓ ଏକତ୍ୱର ଶକ୍ତି ପାଖରେ ଅନୁଗତ ହୋଇ ରହିବ । ଜୀବନର ଯାବତୀୟ କ୍ଷେତ୍ର ପରି ଏଠାରେ ମଧ୍ୟ ଏହି କ୍ରିୟାଶୀଳ ଶକ୍ତିଟି ଅଭିବୃଦ୍ଧି, ଅଧିକାର ଲାଭ ଓ ଉପଭୋଗକୁ ଆପଣାର ଉଦ୍ଦେଶ୍ୟ କରି ରଖିଥିବ ; ମାତ୍ର ଏହି ଅଭିବୃଦ୍ଧି ଦିବ୍ୟ ଅଭିବ୍ୟକ୍ତିର ଦ୍ୟୋତକ ହୋଇଥିବ, ଏହି ଅଧିକାର ଲାଭ ଓ ଏହି ଉପଭୋଗ ଏକ ଆଧ୍ୟାତ୍ମିକ ଅର୍ଥାତ୍ ସକଳ ବସ୍ତୁରେ ରହିଥିବା ଚିନ୍ମୟତାର ହିଁ ଅଧିକାର ଲାଭ ଓ ଉପଭୋଗ ହୋଇଥିବ । ଏହି ଉପଭୋଗ ଆମ ଜୀବନକ୍ଷେତ୍ରର ମନୋମୟ, ପ୍ରାଣଗତ ଏବଂ ଭୌତିକ ପ୍ରତୀକଗୁଡ଼ିକୁ ଅବଶ୍ୟ ଆପଣାର କାମରେ ଲଗାଉଥିବ ; ମାତ୍ର କଦାପି ସେଗୁଡ଼ିକର ଅଧୀନ ହୋଇ ରହିବ ନାହିଁ । ତେଣୁ ଏଠାରେ ଯେଉଁ ପରିପୂର୍ଣ୍ଣତା ଉପଲବ୍ଧ ହେବ, ତାହା କଦାପି କୌଣସି ବ୍ୟାହତ ପ୍ରକାରର ସୀମାବଦ୍ଧ ପରିପୂର୍ଣ୍ଣତା ହୋଇ ରହିବ ନାହିଁ ଓ କେବଳ ସେହି ଏକା ରୂପାୟନଗୁଡ଼ିକୁ କିମ୍ବା ସେହି ଏକା କର୍ମାଭ୍ୟସ୍ତତାଗୁଡ଼ିକର ପୁନରାବୃତ୍ତି କରିବା ଉପରେ ନିର୍ଭର କରିବ ନାହିଁ ଏବଂ ସେହି ପୁନରାବୃତ୍ତିରୁ ଏବେ ଟିକିଏ ଏପାଖ ସେପାଖ ହୋଇଗଲେ କେବେହେଲେ କୌଣସି ବିଘ୍ନ ବା ସର୍ବନାଶ ଘଟିଯିବ ନାହିଁ । ଏହି ପରିପୂର୍ଣ୍ଣତା ଏକ ଅନ୍ତହୀନ ପରିପୂର୍ଣ୍ଣତା ହୋଇ ରହିବ ଏବଂ ଆପଣାର ରୂପାୟନଗୁଡ଼ିକରେ ଅନନ୍ତ ବୈଚିତ୍ର୍ୟ ସୃଷ୍ଟି କରିବାଲାଗି ତାହାର ସବୁ ସାମର୍ଥ୍ୟ ରହିଥିବ । କାରଣ ପରମ ଚିନ୍ମୟତାର କ୍ଷେତ୍ରରେ ଓ ସ୍ରୋତରେ ଆଉ କୌଣସି ଗଣନା ବା ଶେଷ ବା କାହିଁକି ରହିବ ? ମାତ୍ର ସକଳ ବୈଚିତ୍ର୍ୟ ମଧ୍ୟରେ ତାହା ମୂଳତଃ ଯାହା ଥିଲା, ସ୍ଥିରଦୃଢ଼ ଭାବରେ ଠିକ୍ ତାହାହିଁ ହୋଇ ରହିଥିବ ; ଅନେକ ଭାବରେ ଅନନ୍ତ ହୋଇପାରିବାର ସକଳ ସାମର୍ଥ୍ୟ ସହିତ ତାହା ତଥାପି ଏକ ହୋଇ ରହିଥିବ ।

ତେଣୁ, ମନୋଭୂମିର ଧାରଣାଟି ପ୍ରାଣର ଭୂମିଟି ସହିତ ଯେଭଳି କାରବାର କରୁଛି, ପରମ ଚିଦ୍‌ଗତତା ସହିତ ସେହିଭଳି କୌଣସି କାରବାର କରିବା ଦ୍ୱାରା ଏହି ପରିପୂର୍ଣ୍ଣତା କଦାପି ସମ୍ଭବ ହେବ ନାହିଁ । ପରମ ଚିଦ୍‌ଗତତା ମଧ୍ୟରେ କାର୍ଯ୍ୟ କରୁଥିବା କେନ୍ଦ୍ରସ୍ଥ ଇଚ୍ଛାଟିକୁ ଆବୋରି ଧରି ଏବଂ ବୁଦ୍ଧିଗତ ଅବଧାରଣାଗୁଡ଼ିକ ଅନୁସାରେ ଏହି ଉଚ୍ଚତର ସାମର୍ଥ୍ୟଟିକୁ ଏକ ସଚେତନ ଦିଗ୍‌ଦର୍ଶନ ଏବଂ ନିୟନ୍ତ୍ରଣ ଆଣିଦେବାର ଚେଷ୍ଟା କରି ମନୋଭୂମିର ଧାରଣାଟି ଯାହାକିଛି କରିବ, ତାହା ବଡ଼ ସୀମାବଦ୍ଧ ଓ ଅନ୍ଧକାରାଚ୍ଛନ୍ନ ହୋଇ ରହିବ, ଏବଂ ଏହି ଅଲୌକିକ ସାଧନଟିକୁ ସ୍ତମ୍ଭିତ କରିପାରିବା

'oaob.nitrkl.ac.in' images reprocessed

ଲାଗି ତାହା ଅତ୍ୟନ୍ତ ସ୍ୱାଭାବିକ ହୋଇ ରହିବ । ଏବଂ ଯଦି ଆମେ ଚିଦ୍‌ଗତତାକୁ କୌଣସି ଏକ ନିଶ୍ଚିତ ମନୋଗତ ଧାରଣା କିମ୍ବା ଧର୍ମୋପାସନାର ମତ ସହିତ ଏକାଠି ଛନ୍ଦିଦେବାକୁ ବସିବା, ବୁଦ୍ଧିଲବ୍‌ଧ ସତ୍ୟ, ସୌନ୍ଦର୍ଯ୍ୟବୋଧଗତ କୌଣସି ମାନ, ନୀତିଗତ ବିଧାନ, ବ୍ୟାବହାରିକ କୌଣସି କ୍ରିୟା ଅଥବା କୌଣସି ପ୍ରାଣଗତ ତଥା ଭୌତିକ ଜୀବନମାର୍ଗ ସହିତ ଏକାଠି ଗଣ୍ଠି ବାନ୍ଧିଦେବା ଏବଂ ବସ୍ତୁ ଓ କ୍ରିୟାଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ସଂଯୋଜନ ସହିତ ଗଣ୍ଠି ଯୋଡ଼ିଦେବାକୁ ଚେଷ୍ଟା କରିବା ଏବଂ ସେଥିରୁ ଟିକିଏ ମଧ୍ୟ ଏଣେତେଣେ ବିଚ୍ୟୁତ ହୋଇଯିବାକୁ ଏକ ସର୍ବନାଶ, ଏକ ବିଘ୍ନ କିମ୍ବା ଆଧ୍ୟାତ୍ମିକ ଜୀବନରୁ ଏକ ପଥଚ୍ୟୁତି ବୋଲି କହି ପାଟି କରୁଥିବା, ତେବେ ସେହି ପରିପୂର୍ତ୍ତିଟି ଲାଗି ଅନ୍ତତଃ କମ୍ ସମ୍ଭାବନା ରହିବ । ଏସିଆରେ ସେହି ଭୁଲ୍‌ଟି କରାହୋଇଥିଲା ଏବଂ ତାହା ହିଁ ସେଠାରେ ଆଧ୍ୟାତ୍ମିକତାର ବ୍ୟାହତ ବିକାଶ ଏବଂ ନିମ୍ନ-ଗତିର କାରଣ ହେଲା । କାରଣ ଏପରି କରିବାର ଅର୍ଥ ହେଉଛି ଉଚ୍ଚତର ତତ୍ତ୍ୱଟିକୁ ନିମ୍ନସ୍ଥ ତତ୍ତ୍ୱଟିର ଅଧୀନ କରି ରଖିବା ଏବଂ ଆପଣାକୁ ଉନ୍ମୋଚିତ କରିଦେଉଥିବା ସେହି ପରମ ଚିଦ୍‌ଗତତାକୁ ନେଇ ମନ ଓ ପ୍ରାଣିକ ପ୍ରକୃତି ସହିତ ଏକ ଅସ୍ଥାୟୀ ଓ ଅପୂର୍ଣ୍ଣ ସାଲିସ୍ ଭିତରେ ବାନ୍ଧିକରି ରଖିବା । ଯେତେବେଳେ ମନ ଓ ପ୍ରାଣର ବାହ୍ୟ ରୂପାୟନଗୁଡ଼ିକ ମଧ୍ୟରୁ ଅନ୍ତରସ୍ଥ ଚିଦ୍‌ଗତତା ଆପେ ଫୁଟି ବାହାରିଆସିବ ଓ ମହାକାଶେ ଆପଣାର ସେହି ବିଜ୍ଞାନମୟ ଅଗ୍ନିସନ୍ଦୀପ୍ତ ଉଚ୍ଚତାକୁ ଉଡ଼ି ବୁଲିଯାଇ-ପାରିବ, ଏବଂ ଯେତେବେଳେ ତାହା ସେହି ଆଲୋକ ଓ ସନ୍ଦୀପ୍ତତାର ଭୂମିରୁ ପୁଣି ଏଗୁଡ଼ିକ ମଧ୍ୟକୁ ଫେରିଆସିବ, ସେଗୁଡ଼ିକୁ ଅଧିକାର କରିବ ଏବଂ ଆପଣାର ରୂପଟି ଅନୁସାରେ ସେଗୁଡ଼ିକୁ ରୂପାନ୍ତରିତ କରିଦେବ, ସେତିକିବେଳେ ଯାଇ ମନୁଷ୍ୟ ତା'ର ଯଥାର୍ଥ ସ୍ୱାଧୀନତା ଲାଭ କରିବ ଓ ଯଥାର୍ଥ ଭାବରେ ପରିପୂର୍ଣ୍ଣ ହେବ ।

ଆମେ ଆଗରୁ ଯାହା ଜାଣିବାକୁ ପାଇଛୁ, ମନ କିମ୍ବା ବୁଦ୍ଧି କଦାପି ଆମ ଅସ୍ତିତ୍ୱର ସର୍ବମୂଳ ସାମର୍ଥ୍ୟ ବା ପ୍ରେରକଶକ୍ତି ନୁହନ୍ତି । କାରଣ ସେମାନେ କେବଳ କେତେକ ଅର୍ଦ୍ଧସତ୍ୟ ଓ ଅନିଶ୍ଚିତତାର ଏକ ସମାହାରର ହିଁ ଆବିଷ୍କାର କରିପାରିବେ ଏବଂ କଦାପି ପରିତୁଷ୍ଟି ବିଧାନ କରିପାରୁ ନ ଥିବା ସେହି ବୃତ୍ତିଟି ଭିତରେ ବୁଲିବାରେ ହିଁ ଲାଗିଥିବେ । ମାତ୍ର ମନ ତଥା ପ୍ରାଣ ମଧ୍ୟରେ, ଆମର ବୁଦ୍ଧିଗତ, ସୌନ୍ଦର୍ଯ୍ୟକାମୀ, ନୀତି ଦ୍ୱାରା ପରିଚାଳିତ, ଗତିଶୀଳ ଓ ବ୍ୟାବହାରିକ, ସଂବେଗଗତ, ଇନ୍ଦ୍ରିୟଲବ୍‌ଧ ଏବଂ ପ୍ରାଣିକ ତଥା ଭୌତିକ ସତ୍ତାର ଯାବତୀୟ କ୍ରିୟା ମଧ୍ୟରେ ପ୍ରଚ୍ଛନ୍ନ ହୋଇ ଏପରି ଗୋଟିଏ ଶକ୍ତିମନ୍ତ୍ର ସର୍ବଦା ବର୍ତ୍ତମାନ ରହିଛି ଯାହାକୁ କେବଳ ତାଦାତ୍ମ୍ୟ ଓ ସଂବୋଧି ଦ୍ୱାରା ହିଁ ଯାହା କିଛି ଦେଖୁଛୁ, ଏବଂ ଏହିସବୁ ତତ୍ତ୍ୱଗୁଡ଼ିକ ମଧ୍ୟରେ ଅବଧାରଣାର ଯେତିକି ସାମର୍ଥ୍ୟ ରହିଛି, ତାହା ସେଗୁଡ଼ିକୁ ଠିକ୍ ସେହିଭଳି ସତ୍ୟ, ସେହିଭଳି ନିଶ୍ଚିତତା ଓ ସ୍ଥାୟିତ୍ୱମାନ ପ୍ରଦାନ କରିଦେଇପାରୁଛି । ଯେତେ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ

'oaob.nitrkl.ac.in' images reprocessed

ଆମେ ଏବେ ଆମର ଯାବତୀୟ ବିଜ୍ଞାନ, ଦର୍ଶନ ଏବଂ ଅନ୍ୟ ଯାବତୀୟ କ୍ରିୟାତ୍ମକତାର ପଛରେ ଏହାର କିଛି ନା କିଛି ଆଭାସ ପାଇବାକୁ ଆରମ୍ଭ କଲୁଣି । ମାତ୍ର ଏହି ଶକ୍ତିମତ୍ତାଟି ଯେପର୍ଯ୍ୟନ୍ତ ଆପଣା ଲାଗି କାର୍ଯ୍ୟ ନ କରି କେବଳ ମନ ଓ ପ୍ରାଣ ଲାଗି ହିଁ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛି, ଆପଣାର ସ୍ୱତଃସ୍ଫୂର୍ତ୍ତି ଆଲୋକ ମଧ୍ୟରେ କାର୍ଯ୍ୟ ନ କରି କେବଳ ମନ ଓ ପ୍ରାଣର ରୂପାୟନଗୁଡ଼ିକରେ ହିଁ କାର୍ଯ୍ୟ କରୁଛି, ସେପର୍ଯ୍ୟନ୍ତ ଆମେ ଏହି ପରିଚୟ ବା ଆବିଷ୍କାରଟିକୁ ଖୁବ୍ ବେଶି କାମରେ ଲଗାଇପାରିବା ନାହିଁ, ଏହି ଅନ୍ତର୍ନିହିତ ପ୍ରେରଣାଟିର ସ୍ୱକୀୟ ସହାୟତାଟିକୁ କଦାପି ପାଇପାରିବା ନାହିଁ । ମନୁଷ୍ୟ ଯେଉଁ ବୁଦ୍ଧିଶକ୍ତିର ବିକାଶ କରିପାରିଛି, ସେଥିଲାଗି ସେ ବଡ଼ ଯଥାର୍ଥ ଭାବରେ ଅଥଚ ବୃଥା ବଡ଼ ଗର୍ବ ଅନୁଭବ କରିବାରେ ଲାଗିଛି । ଏହି ବୁଦ୍ଧି ସମେତ ସେ ଆପଣା ଭିତରେ ଏପର୍ଯ୍ୟନ୍ତ ଯାହାକିଛିର ବିକାଶ କରିଛି, ତାହା ବର୍ତ୍ତମାନ ତା' ଲାଗି ଆଉ ଆଦୌ ଯଥେଷ୍ଟ ହୋଇପାରୁ ନାହିଁ ଏବଂ ତେଣୁ ଅନ୍ତରସ୍ଥ ସେହି ବୃହତ୍ତର ପରମ ଆଲୋକଟିକୁ ଅନାବୃତ, ଆବିଷ୍କାର ଓ ବିମୋଚିତ କରିଆଣିବା ହିଁ ଏଣିକି ତା'ର ସର୍ବପ୍ରଧାନ ପ୍ରଥମ କାର୍ଯ୍ୟ ହୋଇ ରହିବ ବୋଲି ମନୁଷ୍ୟ ଯେତେବେଳେ ସାହସର ସହିତ ଘୋଷଣା କରି କହିଦେଇପାରିବ, ସେତିକିବେଳେ ହିଁ ଆଧ୍ୟାତ୍ମିକ ଅଭିମାନବତ୍ୱ ଲାଭ ଲାଗି ତା'ର ପଥ ଉନ୍ମୁକ୍ତ ହୋଇଯିବ । ସେତେବେଳେ ତାର ଏହି ଯାବତୀୟ ଦର୍ଶନ, କଳା, ବିଜ୍ଞାନ, ନୀତିଶାସ୍ତ୍ର, ସାମାଜିକ ଜୀବନ ତଥା ପ୍ରାଣଗତ ଯାବତୀୟ ଅନୁଧାବନ ଆଉ କେବଳ ମନ ଓ ପ୍ରାଣଭୂମିର ଏକ କସରତ ହୋଇ ରହିବ ନାହିଁ, ସେଗୁଡ଼ିକ କେବଳ ଆପଣା ଲାଗି କରାଯାଉଥିବା ଗୋଟିଏ ଗୋଟିଏ ଅନୁଶୀଳନ ହୋଇ ରହିବ ନାହିଁ, କେବଳ ଗୋଟିଏ ବୃତ୍ତ ଭିତରେ ଘୁରି ବୁଲିବ ନାହିଁ ; ମାତ୍ର ମନ ଓ ପ୍ରାଣର ପଛରେ ଗୁପ୍ତ ହୋଇ ରହିଥିବା ଏକ ବୃହତ୍ତର ପରମ ସତ୍ୟର ଆବିଷ୍କାରରେ ସେଗୁଡ଼ିକ ଗୋଟିଏ ଗୋଟିଏ ସାଧନ ହୋଇ ରହିବ, ସେହି ସତ୍ୟର ଶକ୍ତିମତ୍ତାକୁ ଆମର ଏହି ମନୁଷ୍ୟଜୀବନର ଭୂମିକୁ ଅବତୀର୍ଣ୍ଣ କରାଇଆଣିବାରେ ସାଧନ ହୋଇ ରହିବ । ସେତେବେଳେ ଆମେ ଆପଣାର ଯଥାର୍ଥ ସମ୍ଭାବ୍ୟତାଟିକୁ ଉପଲବ୍ଧି କରିବା ଦିଗରେ ପ୍ରକୃତ ମାର୍ଗଟିରେ ଯାତ୍ରୀ ହୋଇ ବାହାରିପାରିବା, ଆମ ପରିପୂର୍ଣ୍ଣତାର ଯଥାର୍ଥ ବିଧାନଟିକୁ ଆବିଷ୍କାର କରିପାରିବା, ଏବଂ ଆମର ଯଥାର୍ଥ ସତ୍ତା ଏବଂ ଦିବ୍ୟ ପ୍ରକୃତିର ଭୂମିରେ ଆପଣାର ଯଥାର୍ଥ ଓ ପୂର୍ଣ୍ଣପରିତୃପ୍ତ ଜୀବନଟିକୁ ବଞ୍ଚିବାଲାଗି ସମର୍ଥ ହୋଇପାରିବା ।

'oaob.nitrkl.ac.in' images reprocessed

## ତ୍ରୟୋବିଂଶ ପରିଚ୍ଛେଦ

# ଆଧ୍ୟାତ୍ମିକ ଯୁଗାବର୍ତ୍ତ'ର ପରିବେଶ

ଏହିପରି ଏକ ପରିବର୍ତ୍ତନ, ମନୋମୟ ତଥା ପ୍ରାଣଗତରୁ ଉତ୍ତୀର୍ଣ୍ଣ ହୋଇ ଜୀବନର ଉନ୍ନତ ସୋପାନରେ ଯାଇ ଉପସ୍ଥିତ ହେବାର ଏହି ପରିବର୍ତ୍ତନଟି ଗୋଷ୍ଠୀର ଜୀବନ ଉପରେ ଫଳପ୍ରଦ ଭାବରେ ଆପଣାକୁ ପ୍ରତିଷ୍ଠିତ କରିପାରିବା ପୂର୍ବରୁ ପ୍ରଥମେ ବ୍ୟକ୍ତି ମଧ୍ୟରେ ଓ ଅନେକସଂଖ୍ୟକ ବ୍ୟକ୍ତିଙ୍କ ମଧ୍ୟରେ ହିଁ ପ୍ରତିଷ୍ଠିତ ହେବ । ମନୁଷ୍ୟ-ଜାତିରେ ଅବସ୍ଥିତ ରହିଥିବା ପରମ ଚିନ୍ମୟତା ପ୍ରଥମେ ବ୍ୟକ୍ତିକୁ ହିଁ ଆବିଷ୍କାର କରେ, ବ୍ୟକ୍ତିକୁ ବିକଶିତ କରିଆଣେ ଓ ବ୍ୟକ୍ତିକୁ ହିଁ ଅନୁରୂପ କରି ତିଆରି କରେ ; କ୍ରମବିକଶିତ ଏବଂ ପରିଣତିଶୀଳ ମନୁଷ୍ୟ ବ୍ୟକ୍ତିର ମାଧ୍ୟମରେ ହିଁ ତାହା ସମଗ୍ର ଜାତି ବା ସମୂହର ମାନସରେ ସେହି ଆବିଷ୍କାର ତଥା ଏକ ନୂତନ ଆତ୍ମସୃଜନର ସମ୍ଭାବନାଟିକୁ ଆଣି ଉପସ୍ଥାପିତ କରିଦେଇଥାଏ । କାରଣ ସମୂହର ମନଟି ଏହି ବିଷୟଗୁଡ଼ିକୁ ପ୍ରଥମେ କେବଳ ଅବଚେତନ ଭାବରେ ହିଁ ଆପଣା ଭିତରେ ଧାରଣ କରି ରହିଥାଏ ; ଅଥବା ସଚେତନ ଭାବରେ ଧାରଣ କରିଥିଲେ ମଧ୍ୟ ତାହାକୁ ବଡ଼ ଅବ୍ୟବସ୍ଥିତ ଓ ଅରାଜକତାପୂର୍ଣ୍ଣ ଭାବରେ ଧାରଣ କରି ରହିଥାଏ । କେବଳ ବ୍ୟକ୍ତିମନର ଜରିଆରେ ହିଁ ସମୂହ ଏ ପର୍ଯ୍ୟନ୍ତ ଯେଉଁ ବିଷୟଟିକୁ ଆପଣାର ଅବଚେତନ ଆତ୍ମକ୍ଷେତ୍ରଟି ମଧ୍ୟରେ ଧାରଣ କରି ରହିଥିଲା, ତାହା ସେଇଟି ବିଷୟରେ ଏକ ସ୍ପଷ୍ଟ ଜ୍ଞାନ ଲାଭ କରିପାରେ ଓ ତାହାକୁ ସୃଷ୍ଟି କରିବାକୁ ସମର୍ଥ ହୁଏ । ଯେଉଁ ଚିନ୍ତକ, ଇତିହାସକାର ଓ ସମାଜବିତ୍‌ମାନେ ବ୍ୟକ୍ତିକୁ କେବଳ ଏକ ଗୌଣ ମୂଲ୍ୟ ଦିଅନ୍ତି ଏବଂ ବ୍ୟକ୍ତିକୁ ସମୂହ ଭିତରେ ବୁଡ଼ାଇଦେବାକୁ ଚାହାନ୍ତି ଅଥବା ତାହାକୁ ମୁଖ୍ୟତଃ କେବଳ ଗୋଟାଏ କୋଷ କିମ୍ବା ଅଣୁ ପରି ଭାବିବାକୁ ଇଚ୍ଛା କରନ୍ତି, ସେମାନେ ମନୁଷ୍ୟସମୂହ ଭିତରେ ପ୍ରକୃତିର କାର୍ଯ୍ୟକାରିତାର ସତ୍ୟଟିର କେବଳ ଅସ୍ପଷ୍ଟ ପାଖଟିକୁ ହିଁ ଜାଣିଥାଆନ୍ତି । ମନୁଷ୍ୟକୁ ଆମେ ପ୍ରକୃତିର କୌଣସି ଜଡ଼ ଗଠନାକାର ସହିତ ସମତୁଲ କରିପାରିବା ନାହିଁ, ଇତରପ୍ରାଣୀ ସହିତ ବି ସମତୁଲ କରି-ପାରିବା ନାହିଁ ; କାରଣ ମନୁଷ୍ୟ ଭିତରେ ପ୍ରକୃତି ଏକ ଅଧିକରୁ ଅଧିକ ସଚେତନ ବିବର୍ତ୍ତନର ଅଭିପ୍ରାୟଟିକୁ ପୋଷଣ କରି କାର୍ଯ୍ୟ କରୁଛି, ମନୁଷ୍ୟ ଭିତରେ ବ୍ୟକ୍ତିତ୍ୱର ଏତେ ବେଶି ବିକାଶ ହୋଇପାରୁଛି ଏବଂ ସେହି ବ୍ୟକ୍ତିତ୍ୱ ହିଁ ତାହା ଲାଗି ଏତେ

'oaob.nitrkl.ac.in' images reprocessed

ମୀମାଂସକ ଭାବରେ ମହତ୍ତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ହୋଇ ରହିଛି । ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଯାହାକିଛି ବ୍ୟକ୍ତିର ଜୀବନରେ ପ୍ରକାଶିତ ହେଉଛି ଓ ପରେ ସମୂହକୁ ମଧ୍ୟ ଆପଣା ଦ୍ୱାରା ସଂପ୍ରେରିତ ଏବଂ ସଞ୍ଚାଳିତ କରିପାରୁଛି, ତାହା ପୂର୍ବରୁ ହିଁ ବିଶ୍ୱଗତ ପରମ ମନଟି ଭିତରେ ଅବଶ୍ୟ ଅବସ୍ଥିତ ରହିଛି । ସେହି ପରମ ମନର ଅଭିବ୍ୟକ୍ତି, ଆବିଷ୍କାର ଏବଂ ବିକାଶ ଲାଗି ବ୍ୟକ୍ତି କେବଳ ଏକ ନିମିତ୍ତରୂପେ ହିଁ କାର୍ଯ୍ୟ କରୁଛି । ମାତ୍ର ଏକ ନିମିତ୍ତ ହୋଇଥିଲେ ମଧ୍ୟ ସେ ହେଉଛି ଏକ ଅପରିହାର୍ଯ୍ୟ ନିମିତ୍ତ ; କେବଳ ଅଚେତନ ପ୍ରକୃତିର ହିଁ ନିମିତ୍ତ ମାତ୍ର ନୁହେଁ, ସମୂହର ଜୀବନକୁ ପ୍ରେରିତ କରୁଥିବା ଏକ ସହଜାତ ପ୍ରବୃତ୍ତିଗତ ଆବେଗର ହିଁ ନିମିତ୍ତ ନୁହେଁ, ସେ ହେଉଛି ଅଧିକ ପ୍ରତ୍ୟକ୍ଷ ଭାବରେ ସେହି ପରମ ଚିଦ୍‌ଗତତାର ହିଁ ନିମିତ୍ତ । ସ୍ୱୟଂ ପ୍ରକୃତି ଯାହା କିଛି କରୁଛି, ତାହା ସେ କେବଳ ସେହି ଚିଦ୍‌ଗତତାର ନିମିତ୍ତ ରୂପେ ହିଁ କରୁଛି ଏବଂ ତାହାର ବିମୁକ୍ତିଲାଗି ଉଦ୍ଦିଷ୍ଟ ଭୂମି ହୋଇ ରହିଛି । ତେଣୁ ଯେଉଁଠି ଯାହା କିଛି ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟୁଛି, ତାହା କେବଳ ଜଣେ ମନୁଷ୍ୟବ୍ୟକ୍ତିର ଅଥବା ମାତ୍ର ଅଳ୍ପ କେତେସଂଖ୍ୟକ ବ୍ୟକ୍ତିଙ୍କର ମନ ତଥା ଭାବକ୍ଷେତ୍ରରେ ହିଁ ଆପଣାର ସ୍ପଷ୍ଟ ଏବଂ ଫଳଦାୟକ ପ୍ରଥମ ସାମର୍ଥ୍ୟଟିକୁ ଲାଭ କରିପାରୁଛି, ଆପଣାର ପ୍ରତ୍ୟକ୍ଷ ରୂପାୟନକାରୀ ସମ୍ପନ୍ନତାଟିକୁ ଲଭ କରିପାରୁଛି । ଏମାନେ ଯାହା କରୁଛନ୍ତି, ବୃହତ୍ତର ସମୂହ ତାହାର ମାର୍ଗାନୁସରଣ କରୁଛି ସତ, ମାତ୍ର ଦୁର୍ଭାଗ୍ୟବଶତଃ ବଡ଼ ଅପୂର୍ଣ୍ଣ ଓ ବିମୂଢ଼ ଭାବରେ ହିଁ ତାହା ସେକଥା କରିପାରୁଛି, . ଯାହା ଫଳରେ କି ସୃଷ୍ଟ ବସ୍ତୁଟି ସାଧାରଣତଃ ଶେଷରେ ବ୍ୟର୍ଥ ହିଁ ହୋଇଯାଉଛି ଅଥବା ବଡ଼ ବିକୃତ ହୋଇପଡ଼ୁଛି । ଯଦି ସେପରି ହୋଇ ନ ଆନ୍ତା, ତେବେ ଏକ ବିଜୟୀ ବେଗସମ୍ପନ୍ନତା ସହିତ ମନୁଷ୍ୟଜାତି ଆପଣାର ମାର୍ଗରେ କେତେକେତେ ଦୂରକୁ ଅଗ୍ରସର ହୋଇପାରିଥାନ୍ତା ଏବଂ ଆଜିଯାଏ ସେ କେବଳ ଯେତିକ ମାତ୍ର କରିପାରିଥିବା ପରି ମନେହେଉଛି, ସେ କେବଳ ନାନା ପ୍ରତିବନ୍ଧକ-ସୃଷ୍ଟିକାରୀ କୁଣ୍ଠା ଏବଂ ଅତିଶୀଘ୍ର ଆପଣାକୁ ନିଃଶେଷିତ କରିଦେଉଥିବା କ୍ଷିପ୍ରତାର ସହିତ ଗତି କରିବାକୁ ବାଧ୍ୟ ହେଉ ନ ଥାନ୍ତା ।

ତେଣୁ ଯେଉଁ ଆଧ୍ୟାତ୍ମିକ ପରିବର୍ତ୍ତନଟି ସମ୍ବନ୍ଧରେ ଆମେ ଏପର୍ଯ୍ୟନ୍ତ ଆଲୋଚନା କରିଆସିଲୁ, ଯଦି ତାହାକୁ ହିଁ କାର୍ଯ୍ୟକାରୀ କରିବାକୁ ହୁଏ, ତେବେ ତାହାକୁ ଦୁଇଟି ପରିବେଶକୁ ଏକାତ୍ର ସମ୍ଭବ କରିବାକୁ ପଡ଼ିବ । ଦୁଇଟିଯାକ ପରିବେଶକୁ ଯୁଗପତ୍ ଭାବରେ ସମ୍ଭବ କରିବାକୁ ପଡ଼ିବ ସତ, ମାତ୍ର ସେଗୁଡ଼ିକୁ ଏକାତ୍ର ପରସ୍ପର ସହିତ ସଂଯୁକ୍ତ କରିପାରିବା ହେଉଛି ସବୁଠାରୁ ଅଧିକ କଷ୍ଟକର । ଗୋଟିଏ ପାଖରେ ଦ୍ରଷ୍ଟିକ୍ଷମ ବ୍ୟକ୍ତି ରହିବ ଏବଂ ବ୍ୟକ୍ତିମାନେ ରହିବେ, ସେମାନେ ପରମ ଚିଦ୍‌ଗତତାର ଅନୁରୂପ କରି ଆପଣାକୁ ନୂତନଭାବରେ ସୃଷ୍ଟି କରୁଥିବେ ଏବଂ ଆପଣାର ବିଚାର ତଥା ବିଚାରଗତ ସାମର୍ଥ୍ୟକୁ ଜନଗଣଙ୍କ ମଧ୍ୟକୁ ସଂଚାରିତ କରିଦେଉଥିବେ । ଏବଂ ତେଣେ ଯୁଗପତ୍

'oaob.nitrkl.ac.in' images reprocessed

ଭାବରେ ଏକ ଜନଗଣ ବା ସମାଜ ରହିଥିବ ଅର୍ଥାତ୍ ଏକ ସମୂହଗତ ମନ ଅଥବା ଅନ୍ତତଃ ଏକ ଗୋଷ୍ଠୀଶରୀରର ବହୁଳ ଏକକମାନେ ରହିଥିବେ ତଥା ସମୂହଆତ୍ମାର ଏକ ସମ୍ଭାବନାଟି ମଧ୍ୟ ରହିଥିବ, ଯାହାକି ସେହି ବସ୍ତୁଟିକୁ ଗ୍ରହଣ କରିବା ଲାଗି ସମର୍ଥ ହେଉଥିବ, ତାହାକୁ ସଫଳ ଭାବରେ ହଜମ କରିପାରୁଥିବ, ତାହାର ଅନୁଶୀଳନ କରି ସେହି କ୍ଷେତ୍ରରେ ସଫଳ ଭାବରେ ଯାଇ ପହଞ୍ଚିପାରୁଥିବ ; ଯାହାକି ଆପଣାର ଅନ୍ତର୍ନିହିତ ଅପୂର୍ଣ୍ଣତାଗୁଡ଼ିକ ଦ୍ୱାରା କୌଣସିପ୍ରକାରେ ବାଧା ହେଉ ନ ଥିବ, ଆପଣାର ପ୍ରସ୍ତୁତିଗତ କୌଣସି ଅଭାବ ଦ୍ୱାରା ବାଧା ହୋଇ ମୀମାଂସକ ପରିବର୍ତ୍ତନଟି ସଂଘଟିତ ହେବା ପୂର୍ବରୁ ଅଧବାଟରେ ଅଟକି ଯାଉ ନ ଥିବ କିମ୍ବା ପଛରେ ପଡ଼ିଯାଉ ନ ଥିବ । ଦୁଇଟିଯାକ ପରିବେଶ ମଧ୍ୟରେ ଏପର୍ଯ୍ୟନ୍ତ କୌଣସି ସମ୍ମିଳନ ସମ୍ଭବ ହୋଇ ନାହିଁ ; ଅବଶ୍ୟ ବିଶେଷ ବିଶେଷ କୌଣସି ମୁହୂର୍ତ୍ତର ଉତ୍ସାହ ଦ୍ୱାରା ସୃଷ୍ଟ ହୋଇ ତାହା ବେଳେବେଳେ ସତେ ଅବା ବେଶ୍ ସମ୍ଭବ ହୋଇଗଲା ପରି ମନେହୋଇଛି । ଦିନେ ନା ଦିନେ ଏହି ସମ୍ମିଳନଟି ଯେ ଅବଶ୍ୟ ଘଟିବ, ସେଥିରେ ଲେଶମାତ୍ର ସନ୍ଦେହ ନାହିଁ ; ମାତ୍ର ମୁକ୍ତିକାଟି ଉପଯୁକ୍ତ ଭାବରେ ପ୍ରସ୍ତୁତ ହେବା ପୂର୍ବରୁ ପ୍ରକୃତରେ କେତେ ଥର ଉଦ୍ୟମ କରିବାକୁ ହେବ ଏବଂ ସମୂହଗତ ମନୁଷ୍ୟସତ୍ତାର ଅବଚେତନ ମନୋଭୂମିଟି ଉପରେ ଆଧ୍ୟାତ୍ମିକ ଅନୁଭବର କେତେ ପରସ୍ତ ମାଟି ପକାଇବାକୁ ପଡ଼ିବ, ସେକଥା କେହି ଗଣନା କରି କହିପାରିବ ନାହିଁ । କାରଣ ଆମ ସ୍ୱଭାବର ଏକାବେଳେକେ ମୂଳଗୁଡ଼ିକୁ ସ୍ପର୍ଶ ଓ ପ୍ରଭାବିତ କରିପାରିଲା ଭଳି ଏକ ଅତ୍ୟାସାଧ୍ୟ ଅନ୍ୱେଷଣଧର୍ମୀ ଏହି ଉଦ୍ୟମଟିରେ ସଫଳତାର ସମ୍ଭାବନା ଯେତେ ରହିଛି, ଅଗଣିତ ବିଫଳତାର ସମ୍ଭାବନା ତା' ଠାରୁ ଅନେକ ଅଧିକ ମାତ୍ରାରେ ରହିଛି । ପ୍ରେରକ ଅଥବା ପ୍ରଥମ ସଞ୍ଚାରକ ହୁଏତ ସ୍ୱୟଂ ଅପୂର୍ଣ୍ଣ ହୋଇ ରହିଥିବ, ଆପଣାର ଦୃଷ୍ଟ ସମ୍ପଦଟିର ପୂର୍ଣ୍ଣୋପଲବ୍ଧି ଲାଗି ସେ ହୁଏତ ଆଦୌ ଅପେକ୍ଷା କରି ନ ଥିବ । ସନ୍ଦେଶଟିକୁ ବହନ କରି ଆଣିବାର ଦାୟିତ୍ୱରେ ଥିବା ସେହି ଅଳ୍ପ କେତେ ଜଣ ମଧ୍ୟ ପରମ ଚରିତଗତତାର ସାମର୍ଥ୍ୟଟିକୁ ସମ୍ପୂର୍ଣ୍ଣଭାବରେ ହଜମ କରି ପାରି ନ ଥିବେ, ଆପଣା ଭିତରେ ତାହାକୁ ପରିପୂର୍ଣ୍ଣ ଭାବରେ ରୂପାୟିତ କରି ନ ଥିବେ ଏବଂ ଅନୁଗାମୀ ଅନେକଙ୍କ ହାତରେ ସେଇଟିକୁ ଆଣି ପହଞ୍ଚାଇବାବେଳେ ତାହାର ଶକ୍ତିକୁ ଆହୁରି କ୍ଷୀଣ କରିଦେଉଥିବେ । ବୁଦ୍ଧି, ପ୍ରାଣଗତତା, ନୈତିକତା ଏବଂ ଭାବଗତତାର କ୍ଷେତ୍ରରେ ସମାଜ ହୁଏତ ତଥାପି ପ୍ରସ୍ତୁତ ହୋଇ ନ ଥିବ, ଏବଂ ତାହା ଫଳରେ ସମାଜ ପରିବେଶରେ ଆଧ୍ୟାତ୍ମିକ ବସ୍ତୁଟିକୁ ଗ୍ରହଣ କରିନେବା ସଙ୍ଗେ ସଙ୍ଗେ ହୁଏତ ସେହି ବସ୍ତୁଟି ମଧ୍ୟରେ ରହିଥିବା ମୂଳ ଚରିତଗତତାଟି ହିଁ ହୃତମୂଲ୍ୟ ଓ ବିକୃତ ହୋଇପଡ଼ିବ, ଏବଂ ପରିଣାମରେ ହୁଏତ ବିଲୁପ୍ତ ଅଥବା ଖର୍ବ ହିଁ ହୋଇ ରହିବ । ଏହାମଧ୍ୟରୁ ଯେକୌଣସି ଘଟଣାଟି ଘଟିପାରେ ଅଥବା ସବୁଗୁଡ଼ିକ ଏକାଠି ଘଟିପାରେ ; ଏବଂ ଅତୀତରେ ଅନେକ ସମୟରେ ଯାହା ହୋଇଛି, କେତେକ ପରିମାଣରେ ଏକ ଅନ୍ତରତ ହାସଲ ହୋଇପାରିଲେ ଏବଂ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ସମ୍ଭବ ହେଲେ

'oaob.nitrkl.ac.in' images reprocessed

ମଧ୍ୟ, ତାହାଫଳରେ ଏକ ଦିବ୍ୟ ପ୍ରତିରୂପ ଦେଇ ମନୁଷ୍ୟସମାଜର ପୁନଃସୃଜନ କରିପାରିବା ଭଳି ସେହି ମୀମାଂସକ ପରିବର୍ତ୍ତନଟି ହୁଏତ ଆଦୌ ସମ୍ଭବ ହେବ ନାହିଁ ।

ତେଣୁ ଏହି ପରିବର୍ତ୍ତନଟି ସକାଶେ ସବୁଠାରୁ ଅଧିକ ଅନୁକୂଳ ହୋଇପାରିବାଲାଗି ସମାଜର ପରିବେଶଟି ଠିକ୍ କପରି ହେବା ଉଚିତ ଓ ମନୁଷ୍ୟର ସମୂହଗତ ମନ ସେଥିଲାଗି ଠିକ୍ କପରି ଭାବରେ ପ୍ରସ୍ତୁତ ହୋଇପାରିବା ଉଚିତ ? ଏହି ପରିବର୍ତ୍ତନଟି ଆପଣାକୁ ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ନ କଲେ ମଧ୍ୟ ତାହା ଯେପରି ଏପର୍ଯ୍ୟନ୍ତ ଯେତିକି ସମ୍ଭବ ହୋଇଛି, ଆପଣାର ଶକ୍ତିଗୁଡ଼ିକ ଲାଗି ତାହାଠାରୁ ଅଧିକ ମୀମାଂସକ ସାବ୍ୟସ୍ତ ହେଉଥିବା ପ୍ରସ୍ତୁତିଟିକୁ ସମ୍ଭବ କରିପାରିବ, ସେଥିଲାଗି ସମାଜ ଓ ସାମାଜିକ ମନ କପରି ଭାବରେ ତିଆରି ହୋଇଥିବା ଦରକାର ? ତାହାହିଁ ଏହି କ୍ଷେତ୍ରରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଉପାଦାନ ବୋଲି ମନେହେଉଛି ; କାରଣ ଏହାହିଁ ଅର୍ଥାତ୍ ସମାଜ ଅଥବା ମନୁଷ୍ୟର ସାଧାରଣ ମନଟି ଏଥିଲାଗି ପ୍ରସ୍ତୁତ ହୋଇ ନ ପାରିବା କିମ୍ବା ଉପଯୁକ୍ତ ହୋଇ ନ ରହିବା ହିଁ ସର୍ବଦା ସେହି ପରିବର୍ତ୍ତନର ପଥରେ ମୁଖ୍ୟ ପ୍ରତିବନ୍ଧକରୂପେ ଠିଆହୋଇ ରହିଛି । ସାଧାରଣ ମନର ଏହି ପ୍ରସ୍ତୁତ ହୋଇ ରହିବା ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ; କାରଣ ସମାଜର ପରିବେଶଟି ତଥା ସମାଜକୁ ପରିଚାଳିତ କରୁଥିବା ମୂଳ ସିଦ୍ଧାନ୍ତ ଓ ବିଧାନଟି ଆଧ୍ୟାତ୍ମିକ ପରିବର୍ତ୍ତନର ବିରୋଧ କରୁଥିଲେ ମଧ୍ୟ, ବର୍ତ୍ତମାନ ସାଧାରଣ ସ୍ତରରେ ବୃହତ୍ ଜନସମୂହର ଅବସ୍ଥା ନିଶ୍ଚିତ ଭାବରେ ଯେପରି ଅଛି, ସେସବୁ ବ୍ୟାପାର ପ୍ରାୟ ସମ୍ପୂର୍ଣ୍ଣ ଭାବରେ କେବଳ ପ୍ରାଣଗତ, ବାହ୍ୟ, ଆର୍ଥିକ ବା ଯାନ୍ତ୍ରିକ ବ୍ୟବସ୍ଥାର ଅଧୀନ ହୋଇ ରହିଥିଲେ ମଧ୍ୟ, ତଥାପି ସାଧାରଣ ମନୁଷ୍ୟମନ ପରିଶେଷରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ଉଚ୍ଚତର ବିଶ୍ୱବ୍ୟବସ୍ଥାଟିର ଅନୁରୂପ ବିଚାରଗୁଡ଼ିକୁ ଯଦି ଗ୍ରହଣ କରିବାକୁ ଆରମ୍ଭ କରିଥାଏ, ଏବଂ ଯଦି ମନୁଷ୍ୟର ହୃଦୟ ଏହି ବିଚାରଗୁଡ଼ିକଦ୍ୱାରା ସଞ୍ଜାତ ଆକାଙ୍କ୍ଷାଗୁଡ଼ିକ ଦ୍ୱାରା ଆନ୍ଦୋଳିତ ହେବାକୁ ଆରମ୍ଭ କରିଥାଏ, ତେବେ ଅଦୂର ଭବିଷ୍ୟତରେ ଏହି ଦିଗରେ ନିଶ୍ଚୟ କିଛି ଅଗ୍ରଗତି କରାଯାଇପାରିବ, ସେଥିଲାଗି ଅବଶ୍ୟ ଏକ ଆଶା ପୋଷଣ କରିହେବ । ଏବଂ ଏହି କ୍ଷେତ୍ରରେ ଜୀବନର ଆତ୍ମଗତ ଧାରଣାଟିର ଅଭିବୃଦ୍ଧିକୁ ହିଁ ପ୍ରଥମ ପ୍ରକୃତ ସଙ୍କେତ ବୋଲି ମାନିବାକୁ ହେବ ; ଆତ୍ମା ଅର୍ଥାତ୍ ଅନ୍ତର୍ଗତ ସତ୍ତାଟିର ଧାରଣାକୁ, ତାହାର ଯାବତୀୟ ସାମର୍ଥ୍ୟ, ସମ୍ଭାବନା, ଅଭିବୃଦ୍ଧି ଓ ଅଭିବ୍ୟକ୍ତିକୁ ଏବଂ ତାହାଲାଗି ଏକ ଯଥାର୍ଥ, ସୁନ୍ଦର ତଥା ସହାୟକ ପରିବେଶର ସୃଷ୍ଟି କରିବାକୁ ହିଁ ପ୍ରଥମ ଓ ସର୍ବଶେଷ ମହତ୍ତ୍ୱର ବିଷୟ ବୋଲି ମାନିନେବାକୁ ପଡ଼ିବ । ମନୁଷ୍ୟସମୂହର ବିଚାର ତଥା ସମାଜଗତ ଉଦ୍ୟମରେ ଯେଉଁଗୁଡ଼ିକୁ ଆମେ ଏକ ଆତ୍ମଧର୍ମୀ ଯୁଗର ପୁରୋଗାମୀ ପ୍ରେରଣା ବୋଲି କହିବା, ସେଗୁଡ଼ିକର ସଙ୍କେତ ମଧ୍ୟ ଆମକୁ ମିଳିଯାଉଥିବ ।

'oaob.nitrkl.ac.in' images reprocessed

ଖୁବ୍ ସମ୍ଭବ ଏହି ବସ୍ତୁଗୁଡ଼ିକ ପ୍ରଥମେ ଦର୍ଶନ ଭିତରେ, ମନସ୍ତାତ୍ତ୍ୱିକ ଭାବନାରେ, କଳା, କାବ୍ୟ ଓ ଚିତ୍ରବିଦ୍ୟାରେ ଏବଂ ସ୍ଥାପତ୍ୟ ତଥା ସଙ୍ଗୀତରେ ଆପଣାର ନୂତନ ପ୍ରବୃତ୍ତିଗୁଡ଼ିକର ଘୋଷଣା କରିବେ ; ନୀତିଶାସ୍ତ୍ରର ପ୍ରଧାନ ସିଦ୍ଧାନ୍ତଗୁଡ଼ିକରେ, ସାମାଜିକ ବିଭିନ୍ନ ସମସ୍ୟାର ସମାଧାନଲାଗି ଚିନ୍ତାଶୀଳ ବ୍ୟକ୍ତିମାନଙ୍କର ଏହି ଆଶୟଗତ ସିଦ୍ଧାନ୍ତ-ଗୁଡ଼ିକର ହିଁ ପ୍ରୟୋଗ କରିବାରେ ହିଁ ଆପଣାକୁ ଅଭିବ୍ୟକ୍ତ କରିବେ ଏବଂ ଏହା ଏକ ବିପଦପୂର୍ଣ୍ଣ ଚେଷ୍ଟା ହୋଇଥିଲେ ମଧ୍ୟ, କେବଳ ଏକ ସ୍ଥୂଳ ପ୍ରୟୋଜନବାଦୀ ବ୍ୟବହାର ଓ ବିଧାନ ବ୍ୟତୀତ ଆଉ ଯାବତୀୟ ନିଯ୍ୟାତ୍ମକତାର ସବୁଠାରୁ ଅଧିକ ପ୍ରତିରୋଧ କରୁଥିବା ଓ ସହଜରେ ବଶ ହେଉ ନ ଥିବା ସେହି ଅତି କଠିନ ଭୂମି ଅର୍ଥାତ୍ ରାଜନୀତି ଏବଂ ଅର୍ଥନୀତି କ୍ଷେତ୍ରର ନାନା ସମସ୍ୟାର ସମାଧାନରେ ସେମାନେ ତାହାକୁ କାମରେ ଲଗାଇବାର ଚେଷ୍ଟା ବି କରିବାକୁ ଆରମ୍ଭ କରିବେ । ବିଜ୍ଞାନର କ୍ଷେତ୍ରରେ, ବା ଅନ୍ତତଃ ଗବେଷଣାର କ୍ଷେତ୍ରରେ ଅପ୍ରତ୍ୟାଶିତ ଭାବରେ ଅନେକ ନୂତନ ଦିଗରେ ବିଚରଣ କରିବା ଆରମ୍ଭ ହୋଇଯିବ ; କାରଣ ରକ୍ଷଣଶୀଳ କର୍ତ୍ତାମାନେ ଗବେଷଣାର ସବୁଠାରୁ ଅଧିକ ଫଳପ୍ରଦ କ୍ଷେତ୍ରଗୁଡ଼ିକରେ ମଧ୍ୟ ଏପରି ଏକ ଦିକ୍ପରିବର୍ତ୍ତନକୁ ତଥାପି ବିଜ୍ଞାନ ବୋଲି କହିବାକୁ ଆଦୌ ସମ୍ମତ ହୋଇପାରନ୍ତି ନାହିଁ । ସେତେବେଳେ ଏପରି ନାନା ନୂତନ ଉଦ୍ଭାବନ ମଧ୍ୟ ସମ୍ଭବ ହେବ, ଯାହାକି ଆତ୍ମା ଓ ଜଡ଼ ମଧ୍ୟରେ ରହିଥିବା ବ୍ୟବଧାନଗୁଡ଼ିକୁ କ୍ରମଶଃ ହ୍ରାସ କରିଆଣିବ ; ମନୋଗତ ଏବଂ ଚୈତ୍ୟ କ୍ଷେତ୍ରଗୁଡ଼ିକର ନିଜସ୍ୱ ବିଧାନମାନ ରହିଛି ଏବଂ ସେଗୁଡ଼ିକ ବାହ୍ୟ ଭୌତିକ ବିଧାନଗୁଡ଼ିକ ଦ୍ୱାରା କଦାପି ପରିଚାଳିତ ହେଉନାହାନ୍ତି ଓ ବାହ୍ୟ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ଧରା ଦେଉ ନ ଥିବାରୁ ଓ ଅତ୍ୟନ୍ତ ଭାବରେ ସ୍ଥିତିସ୍ଥାପକ ତଥା ସୂକ୍ଷ୍ମ ହୋଇଥିବାରୁ ସେଗୁଡ଼ିକୁ ଯେ ତଥାପି କୌଣସି ନିମ୍ନସ୍ତରର ବିଧାନ ବୋଲି ଆଦୌ ବୁଝାଯାଇପାରିବ ନାହିଁ, ଏହି ସତ୍ୟଟିର ଉପଲବ୍ଧିଦ୍ୱାରା ପ୍ରେରିତ ହୋଇ ସେହିସବୁ କ୍ଷେତ୍ରର ଯଥାର୍ଥଲବ୍ଧ ଜ୍ଞାନକୁ ମଧ୍ୟ ସଂଶୟମୁକ୍ତ ଯଥାର୍ଥ ଜ୍ଞାନ ବୋଲି ବୁଝାଯିବ । ସେତେବେଳେ ଧର୍ମରେ ମଧ୍ୟ ଅତୀତ ଆବହମାନରୁ ଜମାହୋଇ ରହିଥିବା ଆପଣାର ଜୀବନହୀନ ଅସାରବସ୍ତୁଗୁଡ଼ିକୁ ଛାଡ଼ି ବାହାରି-ଆସିବାପାଇଁ ଏକ ଚେଷ୍ଟା କରାଯିବ ଏବଂ ଭାବାତ୍ମକତା ଓ ଚିଦ୍ଗତତାର ଉତ୍ସଗୁଡ଼ିକରେ ପ୍ରବେଶ କରି ଆପଣାର ସାମର୍ଥ୍ୟଟିକୁ ପୁନର୍ବଳିତ ଓ ପୁନର୍ଜୀବିତ କରିବାର ଉଦ୍ୟମ ମଧ୍ୟ ହେବ । ଏହିସବୁକୁ ସମ୍ଭବ ହେବାକୁ ଯାଉଥିବା ସେହି ସତ୍ୟଟିର ସଙ୍କେତ ବୋଲି ବୁଝା ନ ଗଲେ ମଧ୍ୟ ଅନ୍ତତଃ ତାହାର ଏକ ମହାନ୍ ସମ୍ଭାବନାର ସଙ୍କେତ ବୋଲି ଅବଶ୍ୟ ବୁଝାଯିବ; ଯେଉଁ ପ୍ରୟାସଟି ଅବଶ୍ୟ କରିବାକୁ ପଡ଼ିବ, ଆପଣାକୁ ଅନୁଭୂତ କରାଇବାକୁ ଓ ଆପଣାର ଆହ୍ୱାନଟିକୁ ଶୁଣାଇବାର ଦାବି କରୁଥିବା ସେହି ପରମ ସତ୍ୟଟିକୁ ଯିଏ କେବଳ ଅନୁଭବ ମାତ୍ର କରୁ ନ ଥିବ, ମାତ୍ର ତାହାକୁ ଯଥାର୍ଥ ଭାବରେ ହୃଦୟଙ୍ଗମ କରିପାରୁଥିବ,—ସେହିପରି ଏକ ଦକ୍ଷତର ବୁଦ୍ଧିମତ୍ତା ଦ୍ୱାରା ସମ୍ଭବତଃ ଏକ ବୃହତ୍ତର ଗତିଶୀଳତା ଓ ପ୍ଲାବନ ସହିତ ଯେଉଁ ଉଦ୍ୟମଟି ଅବଶ୍ୟ କରିବାକୁ

ପଡ଼ିବ, ଆମେ ଏସବୁକୁ ତାହାର ସଂକେତ ବୋଲି କହିବା । କେବଳ ଆରମ୍ଭ ସ୍ତରରେ ରହିଥିଲେ ମଧ୍ୟ ଓ କେବଳ ଏଠିସେଠି କେତେବେଳେ କମିତ ଘଟୁଥିଲେ ମଧ୍ୟ, ଏକ ଆସ୍ଥା ଦେଇପାରୁଥିବା ଭଳି ନିଶ୍ଚୟତା ଜନ୍ମାଇପାରିବାଲାଗି ଯଥେଷ୍ଟ ଅଗ୍ରସର ହୋଇ ନ ଥିଲେ ମଧ୍ୟ ଆମେ ବର୍ତ୍ତମାନ ବି ସେହିଭଳି କେତେକ ସଙ୍କେତ ଅବଶ୍ୟ ଦେଖିବାକୁ ପାଇବା । ଅନ୍ଧାରରେ ହାତ ବଢ଼ାଇ କାହାକୁ ଖୋଜୁଥିବା ଏହିସବୁ ପ୍ରଥମ ପ୍ରୟାସଗୁଡ଼ିକ ଯେତେବେଳେ ଆପଣାର ଖୋଜୁଥିବା ସମ୍ପଦଟିକୁ ପ୍ରକୃତରେ ଲାଭ କରିପାରିବେ, ସେତିକିବେଳେ ଯାଇ ମନୁଷ୍ୟଜୀବନକୁ ନୂଆ କରି ପୁଣି ଗଢ଼ିବାର କାର୍ଯ୍ୟଟିରେ ତାହାର ବିନିଯୋଗ କରାଯାଇପାରିବ । ସେତେବେଳ ପର୍ଯ୍ୟନ୍ତ କେବଳ ଅନ୍ତଃପ୍ରସ୍ତୁତ ହିଁ ଚାଲିବ, ତା'ଠାରୁ ଆଉ ଅଧିକ କିଛି ହୋଇପାରିବ ନାହିଁ ; ଏବଂ କେବଳ ସେତିକିକୁ ଛାଡ଼ିଦେଲେ, ସେହି ବୃହତ୍ ଓ ସ୍ୱଗ୍ରହାନ୍ତ ଯନ୍ତ୍ରାଧୀନତାଟି ମଧ୍ୟରେ ଜୀବନ ବର୍ତ୍ତମାନ କେବଳ ପାଣ୍ଡୁରିହେବାରେ ଲାଗିଛି ଓ ଆର୍ତ୍ତନାଦ କରୁଛି, ଖାଲି ସେଇଗୁଡ଼ାକୁ ନେଇ ବଡ଼ ସଂଶୟସମାଚ୍ଛନ୍ନ ଭାବରେ କେତେକେତେ ମୌଳିକ ଅଥବା ବୈପ୍ଳବିକ ପ୍ରୟୋଗମାନ ହିଁ ହେବାରେ ଲାଗିଥିବ ।

ଏକ ଆତ୍ମପ୍ରଧାନ ଯୁଗ ହୁଏତ ଆଧ୍ୟାତ୍ମିକତାରେ ଆସି ପହଞ୍ଚିବାର ଅନେକ ପୂର୍ବରୁ ଅଧବାଟରେ ଅଟକି ରହିଯାଇପାରେ । କାରଣ ଆତ୍ମପ୍ରଧାନତା ହେଉଛି କେବଳ ଏକ ପ୍ରଥମ ପରିବେଶ ମାତ୍ର ; ତାହାହିଁ କାମ୍ୟ ବସ୍ତୁ ନୁହେଁ ଅଥବା ଏହି କ୍ଷେତ୍ରରେ ସର୍ବଶେଷ ଲକ୍ଷ୍ୟ ମଧ୍ୟ ନୁହେଁ । ବରୁଣପୁତ୍ର ଭୃଗୁଙ୍କର ଅନୁସନ୍ଧାନଗୁଡ଼ିକ ବିଷୟରେ ପ୍ରଦତ୍ତ ଗମ୍ଭୀର କାହାଣୀଟିରେ ଯେଉଁ ପ୍ରକୃତିସିଦ୍ଧ ବ୍ୟବସ୍ଥାଟିର ବର୍ଣ୍ଣନା ଦିଆଯାଇଛି, ପରମସତ୍ୟ ଅର୍ଥାତ୍ ମନୁଷ୍ୟର ଯଥାର୍ଥ ଆତ୍ମାଟିର ଅନ୍ୱେଷଣ ହୁଏତ ବଡ଼ ସହଜ ଭାବରେ ସେହି ବ୍ୟବସ୍ଥାଟିର ଅନୁସରଣ କରିପାରେ । କାରଣ ସେହି ଉପାଖ୍ୟାନଟିରେ ସାଧକ ସର୍ବପ୍ରଥମେ ଜଡ଼ ବା ଅନ୍ନକୁ ଏବଂ ଏହି ଭୌତିକ ଓ ଜଡ଼ଗତ ସତ୍ତାକୁ ହିଁ ବ୍ରହ୍ମ ବୋଲି ଜାଣିଥିଲେ; ଏହି ବହିଃସ୍ଥ ମନୁଷ୍ୟଟିକୁ ଆମର ଏକମାତ୍ର ଆତ୍ମସତ୍ତା ଓ ଚିଦ୍‌ଗତତା ବୋଲି ଜାଣିଥିଲେ । ତା'ପରେ ସେ ପରମସତ୍ୟରୂପେ ପ୍ରାଣରେ ଯାଇ ପହଞ୍ଚିଲେ, ପ୍ରାଣମୟ ସତ୍ତାକୁ ହିଁ ଆତ୍ମା ଓ ଚିଦ୍‌ଗତତା ବୋଲି ଜାଣିଲେ । ଆପଣାର ତୃତୀୟ ପ୍ରୟାସରେ ମନ ଓ ମନୋମୟ ସତ୍ତାରେ ଉପନୀତ ହେଲେ ଏବଂ କେବଳ ତତ୍‌ପରବର୍ତ୍ତୀ ସୋପାନଗୁଡ଼ିକରେ ହିଁ ସେ ଏହି ବହିର୍ଗାମୀ ଆତ୍ମଗତତାର ସୀମାତିକ୍ରମ କରିପାରିଲେ ଓ ଅତିମାନସ ଋତଚିତ୍ ମଧ୍ୟଦେଇ ସେହି ଚିରନ୍ତନ, ଆନନ୍ଦମୟ ଓ ସଦାସୃଜନଶୀଳ ପରମସତ୍ୟରେ ଯାଇ ପହଞ୍ଚିଲେ ଏବଂ ଏଗୁଡ଼ିକୁ ତାହାର କେବଳ ଗୋଟିଏ ଗୋଟିଏ କୋଷ ବୋଲି ଆବିଷ୍କାର କରିପାରିଲେ । ମାତ୍ର ସାଧାରଣ ମନୁଷ୍ୟଜାତି ହୁଏତ ବରୁଣଙ୍କ ପୁତ୍ର ପରି ଏତେ ଅପ୍ରତିହତ ଓ ସ୍ଥିତିସ୍ଥାପକ ଭାବରେ ଆଦୌ ପ୍ରୟାସ କରି ନ ପାରେ, ହୁଏତ ତାହାର ସେହି ଅନ୍ୱେଷଣ ଅଧବାଟରେ ଯେକୌଣସି

'oaob.nitrkl.ac.in' images reprocessed

ଜାଗାରେ ମଧ୍ୟ ଅଟକିଯାଇପାରେ । ମାତ୍ର ଯେ ଏଥିର ପରମସତ୍ୟଟିରେ ଆସି ଉପନୀତ ହେଉ ଓ ତାହାର ଆବିଷ୍କାର କରୁ ବୋଲି ଯଦି ଅନୁପ୍ରେରିତ ହୋଇ ରହିଥିବ, ତେବେଯାଇ ପ୍ରତ୍ୟେକଟି କୋଷରେ ଆପଣାର ରୂପଟିକୁ ପୂର୍ଣ୍ଣବିକଶିତ କରିବାମାତ୍ରକେ ପରମ ଉଦ୍‌ଗତତା ସେହି ଅପର୍ଯ୍ୟାପ୍ତ କୋଷଗୁଡ଼ିକୁ ବିଦୀର୍ଣ୍ଣ କରି ବାହାରିଯିବ ଏବଂ ମନୁଷ୍ୟର ଭାବନାକୁ ଏକ ବୃହତ୍ତର ଆବିଷ୍କାର ଲାଗି ଆଗକୁ ବାଟ କଢ଼ାଇନେବ ଏବଂ ସର୍ବଶେଷରେ ସେହି ବୃହତ୍ତମ ତଥା ଦୀପ୍ତତମ ସୋପାନଟିକୁ ମଧ୍ୟ ଉନ୍ନୀତ କରି ନେଇଯିବ । ବର୍ତ୍ତମାନ ମଧ୍ୟ ଠିକ୍ ସେହିପରି କିଛି ନିଶ୍ଚୟ ଘଟୁଛି, ମାତ୍ର ଅତ୍ୟନ୍ତ ବାହ୍ୟ ଭାବରେ ଏବଂ କେବଳ ଉପରିଭାଗରେ ହିଁ ଘଟୁଛି । ଊନବିଂଶ ଶତାବ୍ଦୀର ଅଧିକତର ଅଂଶଟିରେ ଯେଉଁ ଭୌତିକ ଜୀବନବିଧାନ ମନୁଷ୍ୟକୁ ନିୟନ୍ତ୍ରିତ କରିଥିଲା, ତାହା ମନୁଷ୍ୟକୁ କ୍ରମେ ବାହ୍ୟ ଭୌତିକ ଜୀବନର ଯାନ୍ତ୍ରିକତାଗୁଡ଼ିକ ପ୍ରତି ଏତେ ଅତିରିକ୍ତ ଦାସତ୍ୱର ବୋଝରେ ଭାରାକ୍ରାନ୍ତ କରି ରଖିଲା ଯେ ସେ ଆଉ ତାହାକୁ ସହ୍ୟ କରିବାଲାଗି ମଧ୍ୟ ସମର୍ଥ ହେଲା ନାହିଁ; ସେଇଥିରୁ ହିଁ ସୀମାଟିକୁ ଭାଙ୍ଗି ବାହାରିଆସିବାର ପ୍ରଥମ ଉଦ୍ୟମ ଆରମ୍ଭ ହେଲା, ବସ୍ତୁଗୁଡ଼ିକ ମଧ୍ୟରେ ନିହିତ ପ୍ରାଣମୟ ସତ୍ୟଟିରେ ଆସି ପହଞ୍ଚିବାକୁ ଓ ଜୀବନଧାରଣ ତଥା ସମାଜର ଏକ ଯାନ୍ତ୍ରିକ କଳ୍ପନାର କବଳ ମଧ୍ୟରୁ ବାହାରିଆସିବାକୁ ପ୍ରଥମ ପ୍ରୟାସ ହେଲା । ତାହାଫଳରେ ଆମେ ଏକ ଉପରିଭାଗସ୍ଥ ପ୍ରାଣବାଦର ସୋପାନରେ ଆସି ପହଞ୍ଚିଲୁ ଏବଂ ଜଡ଼ ଓ ପ୍ରାଣର ସୂତ୍ର ଦୁଇଟି ପରସ୍ପର ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇ ବିଶ୍ୱଯୁଦ୍ଧରୂପୀ ଭୟଙ୍କର ଅଗ୍ନିଟିକୁ ପ୍ରଜ୍ୱଳିତ କରି ଦୁହେଁଯାକ ତାହାର ମଧ୍ୟକୁ ଝାସଦେବା ପୂର୍ବରୁ ହିଁ ସେହି ପ୍ରାଣବାଦ ହିଁ ମନୁଷ୍ୟର ସକଳ ଭାବନାକୁ ନିୟନ୍ତ୍ରଣ କରିବାରେ ଲାଗିଥିଲା । ଏହି ପ୍ରାଣଧର୍ମୀ ପ୍ରେରକଶକ୍ତି ମଧ୍ୟ ଆମକୁ ଅସଲ ମୁକ୍ତି ଦେଇ-ପାରିଲା ନାହିଁ, ମାତ୍ର ଆଗରୁ ତିଆରି ହୋଇ ରହିଥିବା ଯାନ୍ତ୍ରିକ ବ୍ୟବସ୍ଥାଟିକୁ ତାହା ଅଧିକ ଉତ୍ତାପ ଓ ଉତ୍ସାହର ସହିତ କାମରେ ଲଗାଇଲା, ଆହୁରି ଅଧିକ ବେଗ ଓ ଗତି ସହିତ ଅଧିକ ସଘନ ଭାବରେ ବଞ୍ଚିବାଲାଗି ଏକ ବଳଦୃପ୍ତ ଚେଷ୍ଟା କରିବାରେ ଲାଗିଲା, କର୍ମରତ ହୋଇ ରହିବାର ଏବଂ ସଫଳ ହେବାର କେବଳ ଜୀବନଧାରଣ କରିବାର ଶକ୍ତିଟିରେ ଅଧିକ ପ୍ରସାର ଆଣିଦେବାର ଏବଂ ଜୀବନର ଏକ ପ୍ରଚଣ୍ଡ ସମ୍ପନ୍ନତାକୁ ସ୍ତୂପୀକୃତ କରି ରଖିବାର ଏକ ପ୍ରବଳ ଇଚ୍ଛା ସହିତ ତାହା ସେହି ପୁରୁଣା ଯନ୍ତ୍ରଗୁଡ଼ାକୁହିଁ ଆପଣାର କାର୍ଯ୍ୟରେ ଲଗାଇଲା । ଏହି ପ୍ରାଣବାଦ ହୁଏତ ଏତେଦୂର ଉପରିଭାଗୀୟ ଓ ବହିଃକ୍ଷେତ୍ରୀୟ ହୋଇ ନ ଥିଲେ ମଧ୍ୟ ତାହା ତଥାପି ଯାହା ହେଲା ତାହାଠାରୁ କଦାପି ପୃଥକ୍ ହୋଇ ନ ଥାନ୍ତା, ଅଧିକ ଯଥାର୍ଥ ଭାବରେ ଆତ୍ମପ୍ରଧାନ ହୋଇଥିଲେ ମଧ୍ୟ ତାହା ତଥାପି ଅନ୍ୟ ପ୍ରକାର ହୋଇ ନ ଥାନ୍ତା । ଜୀବନକୁ ବଞ୍ଚିବା, କ୍ରିୟାଶୀଳ ହେବା, ବୃଦ୍ଧି ପାଇବା, ଜୀବନୀ-ଶକ୍ତିରେ ଅଭିବୃଦ୍ଧି ଘଟାଇବା ତଥା ଜୀବନର ସବୁଜ ଆବେଗଟିକୁ ବୁଝିବା, ତାହାକୁ କାମରେ ଲଗାଇବା ଏବଂ ପରିପୂର୍ଣ୍ଣ କରିବା,—ଏଗୁଡ଼ିକୁ ଆମେ ଧର୍ମତଃ ଗୋଟିଏ ଗୋଟିଏ ଅନର୍ଥଶକ୍ତି ବୋଲି ଆଦୌ କହିପାରିବା ନାହିଁ ; ବରଂ ଯଥାର୍ଥ ଭାବରେ

'oaob.nitrkl.ac.in' images reprocessed

ସେଗୁଡ଼ିକର ଅନୁସରଣ କରିପାରିଲେ ଓ ସେଗୁଡ଼ିକୁ କାମରେ ଲଗାଇପାରିଲେ, ଅର୍ଥାତ୍ କେବଳ ପ୍ରାଣଗତ ଆବେଗର ସୀମାକୁ ପାର ହୋଇଯାଇ ସେଗୁଡ଼ିକୁ ଆଉ କୌଣସି ଅସ୍ପଷ୍ଟ ଅନ୍ତକୁ ମୁହାଁଇ ରଖିପାରିଲେ ଏବଂ ଅନ୍ତର ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ପ୍ରାଣଠାରୁ ଉଚ୍ଚତର ସେହି ପରମସତ୍ତାଟି ଦ୍ୱାରା ସେଗୁଡ଼ିକର ନିୟନ୍ତ୍ରଣ କରାଇ-ପାରିଲେ ସେଗୁଡ଼ିକ ଗୋଟିଏ ଗୋଟିଏ ଅତି ଉପକାରୀ ଓ ଅତି ଚମତ୍କାର ତନ୍ତ୍ର ହୋଇ ରହିବେ । ପ୍ରାଣର ଶକ୍ତି ଏକ ଉଦ୍ଦେଶ୍ୟ ନୁହେଁ, ତାହା ଏକ ସାଧନ ମାତ୍ର; ଆରୋହଣର ମାର୍ଗରେ ଦୃଢ଼ ହେଉଛି ପରମ ଚିତ୍‌ଗତତାର ପ୍ରଥମ ଓ ମହାନ ଆତ୍ମଗତ ଜଡ଼ାତୀତ ସାଧନ ଏବଂ ସକଳ କ୍ରିୟା ତଥା ଜୀବନୋଦ୍ୟମର ମୂଳଭିତ୍ତି । ମାତ୍ର ଯେଉଁ ପ୍ରାଣଶକ୍ତି ଆପଣାର ନିଜସ୍ୱ ସୀମାଗୁଡ଼ିକୁ ଡେଇଁ ଆଉ କିଛିହେଲେ ଦେଖିପାରେ ନାହିଁ, କେବଳ ଆପଣାର ସଂଗଠିତ ଦାବି ତଥା ଆବେଗଗୁଡ଼ିକୁ ଛାଡ଼ିଦେଲେ ଆଉ କାହାର କୌଣସି କାମରେ ଲାଗେନାହିଁ, ତାହା ଅଚିରେ କେବଳ ଗୋଟାଏ ଇଞ୍ଜିନ୍‌କୁ ଆଗକୁ ଠେଲିନେଇ ଯାଉଥିବା ଏକ ବାଷ୍ପଶକ୍ତିରେ ହିଁ ପରିଣତ ହୋଇ ରହିଯିବ ଏବଂ ସେହି ଇଞ୍ଜିନ୍‌ରେ କୌଣସି ଚାଳକ ନ ଥିବେ ଅଥବା ସେହି ଇଞ୍ଜିନରେ ଧାବନଶକ୍ତି ଆପଣାର ଚାଳକକୁ ଆପଣାର ନିୟନ୍ତ୍ରଣକାରୀ ନୁହେଁ, ମାତ୍ର ଆପଣାର ଭୃତ୍ୟରେ ହିଁ ପରିଣତ କରି ରଖିଥିବ । ତାହା ସହିତ ଭୌତିକ ଜଗତର ପ୍ରାକୃତ ଶକ୍ତିଗୁଡ଼ିକ ହୁଏତ କେବଳ ଏକ ଉଚ୍ଚ କପଟ ଏବଂ ପ୍ରଶସ୍ତିଭିତ୍ତିକ ଚୈତ୍ୟତାର ଅଦମ୍ୟ ଆବେଗକୁ ହିଁ ସମ୍ମିଳିତ କରି ରଖିଥିବ ଅଥବା କେବଳ ନିମ୍ନତର ସ୍ତରଗୁଡ଼ିକୁ ପ୍ରଜ୍ୱଳିତ କରି ରଖିଥିବା ଏକ ଆସୁରିକତାରେ ପରିଣତ ହୋଇ ରହିବ; ବୁଦ୍ଧିକୁ ଆପଣାର ଭୃତ୍ୟ କରି ରଖିବ, ଅମାପ ଓ ଅବିଶ୍ରାନ୍ତ ସୃଷ୍ଟିର କେବଳ ଏକ ଆବେଗ ହୋଇ ରହିଥିବ, କେବଳ ଆତ୍ମସାତ୍ କରୁଥିବ ଓ ପ୍ରସାରିତ ହେଉଥିବ, ଯାହାକି ସର୍ବଶେଷରେ କେବଳ କୌଣସି ଏକ ପ୍ରଚଣ୍ଡ, ପ୍ରବଳ ଓ 'ଅତିକାୟ' ପରିଣାମରେ ପର୍ଯ୍ୟବସିତ ହୋଇ ରହିବ, ସ୍ୱଭାବତଃ କେବଳ ଅତିରିକ୍ତତା ଏବଂ ବିନାଶ ଲାଗି ହିଁ ଉଦ୍ଦିଷ୍ଟ ହୋଇ ରହିଥିବ । କାରଣ ସେଥିରେ ଆଲୋକର କୌଣସି ସ୍ଥାନ ନ ଥିବ, ଆତ୍ମାର କୌଣସି ସତ୍ୟ ନ ଥିବ, ଦେବତାମାନଙ୍କର କୌଣସି ସମର୍ଥନ ନ ଥିବ କିମ୍ବା ସେମାନଙ୍କର ପ୍ରଶାନ୍ତ ଶାଶ୍ୱତ ଇଚ୍ଛା ଅଥବା ଜ୍ଞାନମୟତା ଆଦୌ କାର୍ଯ୍ୟ କରୁ ନ ଥିବ ।

ମାତ୍ର ପ୍ରାଣମୟ ସତ୍ତାର ଆତ୍ମଗତତା ସେପାଖକୁ ଏକ ମନୋମୟ ଓ ଏପରିକି ଏକ ଚୈତ୍ୟ ଆତ୍ମଗତତାର ସମ୍ଭାବନା ମଧ୍ୟ ରହିଛି, ଯାହାକି ସହିତ ପ୍ରାଣ ହିସାବରେ ଆତ୍ମାର ଏକ ପୂର୍ବୋପଲବ୍ଧ କଳ୍ପନାକୁ ଅବଲମ୍ବନ କରି ରହିଥିବ, ମାତ୍ର ତାହାକୁ ସଂଶୋଧିତ କରିଦେଉଥିବ, ସେହି ଆତ୍ମଗତତା ପ୍ରଥମେ ହୁଏତ ଅତିମାତ୍ରାରେ ମନୋଗତ ଏକ ବ୍ୟାବହାରିକତା ପରି ମନେହେବ, ମାତ୍ର ତା'ପରେ ଗୋଟିଏ ଆତ୍ମାରୂପେ ମନୁଷ୍ୟର କଳ୍ପନା କରିପାରିବା ଲାଗି ହୁଏତ ଆପଣାକୁ ଉନ୍ନୀତ କରିନେଇ ପାରିବ,

'oaob.nitrkl.ac.in' images reprocessed

ଯେଉଁ ଆତ୍ମା କି ଏକ ସତତପ୍ରସାରିତ ମନୋମୟ ଅଭିବ୍ୟକ୍ତିଲୀଳାର ମାଧ୍ୟମରେ ଆପଣାକୁ ବ୍ୟକ୍ତିଗତ ତଥା ସାମୂହିକ ଉଭୟ ଭାବରେ ପ୍ରାଣ ତଥା ମନର ସୋପାନଦ୍ୱୟରେ ବିକଶିତ କରିଚାଲିଥିବ । କେବଳ ଜଡ଼ଗତ ବା ଭୌତିକ ନୈପୁଣ୍ୟଦ୍ୱାରା ଅଥବା ପ୍ରାଣଗତ ପ୍ରବୃତ୍ତିଗୁଡ଼ିକର ତର୍ପଣ ସକାଶେ ବୁଦ୍ଧିର ସାହାଯ୍ୟ ନେଇ ଭୌତିକ ପ୍ରକୃତିର ସାମର୍ଥ୍ୟଗୁଡ଼ିକୁ ଆପଣାର ଆୟତ୍ତାଧୀନ କରି ରଖିଥିବା ତା'ର ପ୍ରାଣଗତ ଏବଂ ଗତିଶୀଳ ସମ୍ଭାବନାଗୁଡ଼ିକର ଅନେକମୁଖୀ ଲୀଳାଦ୍ୱାରା ଯେ ମନୁଷ୍ୟର ଏହି ଅଭିବ୍ୟକ୍ତିକୁ ଉନ୍ମୋଚିତ କରିନେବା ଆଦୌ ସମ୍ଭବ ହେବ ନାହିଁ, ଏହି ଉଚ୍ଚତର କଳ୍ପନାଟି ତାହା ଅବଶ୍ୟ ଉପଲବ୍ଧି କରିପାରିବ । ସେସବୁ ଦ୍ୱାରା ତାହାର ବର୍ତ୍ତମାନ ଜୀବନଯାତ୍ରାଟି କେବଳ ଅଳ୍ପରେ ଅଧିକ ସଘନ ଓ ପ୍ରଗାଢ଼ ହିଁ ହୋଇପାରିବ; ମାତ୍ର ଆପଣାର ମନୋଗତ ତଥା ଚୈତ୍ୟ ସତ୍ତ୍ୱର ଭୂମିଗୁଡ଼ିକୁ ବୃହତ୍ତର କରିଦେଇପାରିଲେ ସେହି ଉନ୍ମୋଳନ ସମ୍ଭବ ହେବ, ଏକ ନୂତନ ଆବିଷ୍କାର ଦ୍ୱାରା ସମ୍ଭବ ହେବ, ଆପଣାର ପ୍ରଚ୍ଛନ୍ନ ଅଧିଚେତନ ପ୍ରକୃତି ଓ ତାହାର ସାମର୍ଥ୍ୟଗୁଡ଼ିକୁ ସଂଗଠିତ କରି ପୁରୋଭାଗକୁ ଆଣିପାରିଲେ ଯାଇ ତାହା ସମ୍ଭବ ହୋଇପାରିବ । ଜୀବନର ଭୂମିଟିକୁ ତାହା ଜ୍ଞାନର ହିଁ ଆନନ୍ଦ ତଥା ସାମର୍ଥ୍ୟ ଲାଗି ଏକ ଅବସରରୂପେ ପ୍ରତ୍ୟକ୍ଷ କରିବ, ସୌନ୍ଦର୍ଯ୍ୟର ଆନନ୍ଦ ତଥା ସାମର୍ଥ୍ୟ ଲାଗି ଏକ ଅବସରରୂପେ ପ୍ରତ୍ୟକ୍ଷ କରିବ; କେବଳ ଏହି ଜଡ଼ ପ୍ରକୃତିକୁ ନୁହେଁ, ମାତ୍ର ପ୍ରାଣଗତ ତଥା ମନୋମୟ ପ୍ରକୃତିକୁ ମଧ୍ୟ ଆପଣାର ଆୟତ୍ତରେ ରଖିପାରୁଥିବା ମାନବୀୟ ଇଚ୍ଛାର ଆନନ୍ଦ ତଥା ସାମର୍ଥ୍ୟ ଲାଗି ଏକ ଅବସରରୂପେ ପ୍ରତ୍ୟକ୍ଷ କରିବ । ମନ ଏବଂ ପ୍ରାଣ ଭିତରେ ଯେଉଁସବୁ ସାମର୍ଥ୍ୟ ରହିଛି ବୋଲି ଆଜିଯାଏ ସ୍ୱପ୍ନରେ ମଧ୍ୟ କଳ୍ପନା କରାଯାଇ ନାହିଁ, ତାହା ହୁଏତ ସେଗୁଡ଼ିକର ଆବିଷ୍କାର କରିପାରିବ ଏବଂ ଏହି ବନ୍ଧନଗ୍ରସ୍ତ ଶାରୀର ଜୀବନର ସୀମାଗୁଡ଼ିକ ମଧ୍ୟରୁ ମନୁଷ୍ୟର ଏକ ମୁକ୍ତତର ପାଶମୋଚନ ଲାଗି ତାହାକୁ କାମରେ ଲଗାଇପାରିବ । ତାହା ହୁଏତ ନାନା ନୂତନ ଚୈତ୍ୟ ସମ୍ବନ୍ଧର ସନ୍ଧାନ ପାଇବ; ସଦ୍ଭୂତ ବିଜ୍ଞାନର ଆପଣାକୁ କାର୍ଯ୍ୟାନ୍ୱିତ କରିବାର ଯେଉଁ ସାର୍ବଭୌମତର ସାମର୍ଥ୍ୟଟି ରହିଛି, ତାହାକୁ ଆବିଷ୍କାର କରିପାରିବ, ଦୂରତା ତଥା ବିଚ୍ଛେଦନଗତ ନାନା ପ୍ରତିବନ୍ଧକକୁ ଅତିକ୍ରମ କରିବାର ଏପରି ନାନା ଅନ୍ତର୍ଗତ ସାଧନର ସନ୍ଧାନ ପାଇବ, ଯାହା ଆଗରେ କି ପ୍ରାକୃତ ବିଜ୍ଞାନର ଆଧୁନିକତମ ଉଦ୍ଭାବନଗୁଡ଼ିକ ସୁଦ୍ଧା ତାତ୍ପର୍ଯ୍ୟହୀନ ହୋଇ ପଡ଼ିରହିବ । ସାଧାରଣ ଜନସମୂହ ଏଭଳି ଏକ ବିକାଶ ବା ସମ୍ଭାବନା ପ୍ରକୃତରେ କାର୍ଯ୍ୟକାରୀ ହେବ ବୋଲି ସ୍ୱପ୍ନରେ ମଧ୍ୟ ଅବଧାରଣା କରିପାରିବେ ନାହିଁ । ମାତ୍ର ଏପରି ସମ୍ଭାବନାର ଏକ ଅସ୍ପଷ୍ଟ ସଙ୍କେତ ଓ ପୂର୍ବାଭାସ ବର୍ତ୍ତମାନ ମଧ୍ୟ ମିଳିବାକୁ ଆରମ୍ଭ କଲାଣି ଏବଂ ଏଗୁଡ଼ିକ ଆଡ଼କୁ ବାଟ ଦେଖାଇନେଇ ଯାଉଥିବା କେତେ କେତେ ବିସ୍ମୟ ଏବେ ବହୁସଂଖ୍ୟକ ବ୍ୟକ୍ତିଙ୍କ ଦ୍ୱାରା ପ୍ରକଟ ହେବାକୁ ଆରମ୍ଭ କଲାଣି, ଯେଉଁମାନଙ୍କୁ କି ମନୁଷ୍ୟସମାଜ ମଧ୍ୟରେ ଏ ପର୍ଯ୍ୟନ୍ତ ଅସ୍ୱୀକୃତ ହୋଇ ରହିଥିବା ପୁରୋଗାମୀ ବୋଲି ଜଣସ୍ପଷ୍ଟ ବୁଝାଯାଇପାରିବ । ଏ କଥାଟି ମଧ୍ୟ ଆଦୌ ଅସମ୍ଭବ ନୁହେଁ ଯେ ବର୍ତ୍ତମାନ ମୁହୂର୍ତ୍ତିଟିର ଉନାରମ୍ଭକାଳୀନ

'oaob.nitrkl.ac.in' images reprocessed

ଅସ୍ପଷ୍ଟ ସ୍ୱରଗୁଡ଼ିକରେ ମଧ୍ୟ ତଥାପି ଦିଗ୍‌ବଳୟର ତଳେ ରହିଥିବା ଏହିପରି ଏକ ଆଲୋକ ହୁଏତ ଆପଣାର ପୂର୍ଣ୍ଣ ଗୌରବ ନେଇ ଉପରକୁ ଉଠିଆସିବା ଲାଗି ଅପେକ୍ଷା କରି ରହିଥିବ ।

ମନୁଷ୍ୟର ବିଚାର, ଉଦ୍ୟମ, ଜୀବନସମ୍ବନ୍ଧୀ ଯାବତୀୟ ଧାରଣାରେ ଏହିପରି ଏକ ରୂପପରିବର୍ତ୍ତନ ଯଦି ସମୂହର ମନଟିକୁ ଆସି ଅଧିକାର କରିପାରେ, ତେବେ ତାହା ମନୁଷ୍ୟଅସ୍ତିତ୍ୱର ସମଗ୍ର ଭୂମିଟିରେ ଏକ ଗଭୀର ବିପ୍ଳବର ସଂଘଟନ କରାଇବାକୁ ନିଶ୍ଚୟ ବାଟ କଢ଼ାଇ ନେଇଯିବ । ଏହି ରୂପପରିବର୍ତ୍ତନ ମନୁଷ୍ୟର ଜୀବନ ମଧ୍ୟରେ ପ୍ରଥମରୁ ହିଁ ଏକ ନୂତନ ସ୍ୱର ଓ ନୂତନ ପରିବେଶ ଆଣିଦେବ, ଏକ ଉଚ୍ଚତର ସ୍ୱବଶତା ଆଣିଦେବ ଓ ପ୍ରଶସ୍ତତର ନାନା ଦିଗନ୍ତ ତଥା ଏକ ବୃହତ୍ତର ଉଦ୍ଦେଶ୍ୟ ମଧ୍ୟ ଆଣିଦେବ । ଏହା ସମ୍ଭବତଃ ବଡ଼ ସହଜରେ ଏପରି ଏକ ବିଜ୍ଞାନର ବିକାଶ ଘଟାଇବ, ଯାହାକି ଏହି ଭୌତିକ ଜଗତର ଶକ୍ତିଗୁଡ଼ିକ ଉପରେ କେବଳ ଏକ ଆକସ୍ମିକ କିମ୍ବା ଯାନ୍ତ୍ରିକ ନିୟନ୍ତ୍ରଣଶକ୍ତି ନୁହେଁ, ମାତ୍ର ଏକ ଯଥାର୍ଥ ନିୟନ୍ତ୍ରଣ ଶକ୍ତି ଆଣିଦେବ ଏବଂ ଅନ୍ୟ ନାନା ପୃଥିବୀଆଡ଼କୁ ନାନା ଦ୍ୱାରର ଉଦ୍‌ଘାଟନ କରିଦେଇଯିବ । ଏହା ହୁଏତ କଳାର କ୍ଷେତ୍ରରେ ଏପରି ଏକ ସିଦ୍ଧିର ବିକାଶ ଘଟାଇବ, ଯାହାକି ଅତୀତର ଯାବତୀୟ ମହାନତାକୁ ଅପେକ୍ଷାକୃତ ଦୃଷ୍ଟିରେ ଏକ ଗୌଣ ବ୍ୟାପାର କରି ରଖିବ ଏବଂ ଏବେ ମଧ୍ୟ ସତେ ଅବା ଏକ ବ୍ୟାଧି ପରି ଆକ୍ରାନ୍ତ କରି ରହିଥିବା ଏହି ପ୍ରୟୋଜନବାଦୀ ନାନା କୁତ୍ସିତତାର ଅତ୍ୟନ୍ତ ବିସ୍ମୟଜନକ ଏକ ହୃଦୟହୀନ ଆଧିପତ୍ୟରୁ ଆମର ଏହି ପୃଥିବୀକୁ ବଞ୍ଚାଇ ରଖି-ପାରିବ । ବିଭିନ୍ନ ମନୁଷ୍ୟଙ୍କର ମନ ଭିତରେ ଏହା ଏକ ଅଧିକ ଅନ୍ତରଙ୍ଗ ଏବଂ ଅଧିକ ମୁକ୍ତ ପାରସ୍ପରିକ ଆଦାନପ୍ରଦାନ ଲାଗି ବାଟ ଫିଟାଇଦେବ, ଏବଂ ହୁଏତ ଏ କଥା ମଧ୍ୟ ଆଶା କରାଯାଇପାରିବ ଯେ ମନୁଷ୍ୟମାନଙ୍କର ହୃଦୟ ତଥା ଜୀବନ ମଧ୍ୟରେ ଏକ ଅଧିକ କରୁଣାପ୍ରେରିତ ଆଦାନପ୍ରଦାନ ଲାଗି ମଧ୍ୟ ପଥ ଉନ୍ମୋଚିତ କରିଦେବ । ଏହାର ସିଦ୍ଧିସବୁ ଏହିଯାଏ ଆସି ତଥାପି ଅଟକିଯିବ ନାହିଁ; ମାତ୍ର ତାହା ଆହୁରି ମହାନ୍ ଅନ୍ୟ ନାନା ସମ୍ପଦ ଆଡ଼କୁ ମଧ୍ୟ ଅଗ୍ରସର କରାଇ ନେଇଯିବ, ଏହି ସିଦ୍ଧିଗୁଡ଼ିକ ଯାହାର କେବଳ ଏକ ଆରମ୍ଭପର୍ବ ରୂପେ ହିଁ କାର୍ଯ୍ୟ କରୁଥିବେ । ମନୋଗତ ତଥା ଚୈତ୍ୟ ଆତ୍ମଗତତାର କ୍ଷେତ୍ରରେ ତାହାର ସ୍ୱକୀୟ ବିପଦଗୁଡ଼ିକ ମଧ୍ୟ ନିହିତ ହୋଇ ରହିଥିବ, ଏପରି କି ପ୍ରାଣସ୍ତରୀୟ ଆତ୍ମଗତତାର କ୍ଷେତ୍ରରେ ରହିଥିବା ବିପଦଗୁଡ଼ିକ ତୁଳନାରେ ଏଗୁଡ଼ିକୁ ବୃହତ୍ତର ବିପଦ ବୋଲି ମଧ୍ୟ କୁହାଯିବ ; କାରଣ ଏହାର କ୍ରିୟାତ୍ମକ ସାମର୍ଥ୍ୟଟି ମଧ୍ୟ ତୁଳନାତ୍ମକ ଦୃଷ୍ଟିରେ ଆରଟିଠାରୁ ନିଶ୍ଚୟ ଅଧିକ ହେବ । ମାତ୍ର ଏହା ପାଖରେ ଏପରି ଗୋଟିଏ କଥା ରହିଥିବ, ଯାହାକି ପ୍ରାଣସ୍ତରୀୟ ଆତ୍ମଗତତା ମଧ୍ୟରେ କେବେ-ହେଲେ ନ ଥିବ ଅଥବା ରହି ମଧ୍ୟ ପାରିବ ନାହିଁ ;—ଏହା ପାଖରେ ଏକ ସୂକ୍ଷ୍ମ-ଦୃଷ୍ଟିସମ୍ପନ୍ନ ବିବେଚନାଶକ୍ତି ରହିଥିବ, ବଳିଷ୍ଠ ନାନା ନିରୋଧକ ରହିଥିବ ଏବଂ ଏକ ଶକ୍ତିସମ୍ପନ୍ନ ଓ ବିମୋଚକ ଆଲୋକ ମଧ୍ୟ ବର୍ତ୍ତମାନ ରହିଥିବ ।

'oaob.nitrkl.ac.in' images reprocessed

ଅଧ୍ୟାତ୍ମଯୁକ୍ତ ହୋଇ ଜଡ଼ରୁ ଚିଦ୍‌ଗତତାର ସ୍ତର ପର୍ଯ୍ୟନ୍ତ ଗତି କଲାବେଳେ ଆମେ ଏଇଟିକୁ ମନୁଷ୍ୟର ବିକାଶକ୍ରମରେ ସମ୍ଭବତଃ ଏକ ଆବଶ୍ୟକ ପର୍ଯ୍ୟାୟ ବୋଲି କହିପାରିବା । ମନୁଷ୍ୟକୁ ଆଧ୍ୟାତ୍ମିକତାର ସ୍ତରକୁ ଉଠାଇଆଣିବା ଲାଗି ଅତୀତର ସକଳ ପ୍ରୟାସ ଯେ ବିଫଳ ହୋଇଯାଇଛି, ତାହାର ଏକ ମୁଖ୍ୟ କାରଣ ହେଉଛି ଯେ ସହଜେଅବା ଶୀଘ୍ର କାମ କରିପାରୁଥିବା କୌଣସି ଏକ କୁହୁକ ବା କମିଆଁ ଦ୍ୱାରା ସେମାନେ ଜଡ଼ପ୍ରକୃତିସ୍ଥ ମନୁଷ୍ୟଙ୍କୁ ଏକାମୁଥକେ ଆଧ୍ୟାତ୍ମିକ କରିଦେବାର ଚେଷ୍ଟା କରି-ଆସିଛନ୍ତି । ସେକଥା ମଧ୍ୟ ବେଶ୍ ସମ୍ଭବ ହୋଇପାରିବ ; କିନ୍ତୁ ଯଦି ତାହା ତା' ଆରୋହଣର ବିଭିନ୍ନ ପର୍ଯ୍ୟାୟ ବା ସୋପାନଗୁଡ଼ିକୁ ଉପରେ ଉପରେ ଡେଇଁ ଚାଲିଯାଏ ଏବଂ ମଧ୍ୟବର୍ତ୍ତୀ ସୋପାନଗୁଡ଼ିକୁ ଆଦୌ ସ୍ପର୍ଶ ନ କରି ଓ ତେଣୁ ସେଗୁଡ଼ିକୁ ସେହିପରି ଅନାବୃତ ଭାବରେ ଛାଡ଼ି ଚାଲିଯାଏ, ତେବେ ସେହି କମିଆଁ ସମ୍ଭବତଃ କଦାପି ସ୍ଥାୟୀ ହୋଇ ରହିପାରିବ ନାହିଁ । ଏହି ପ୍ରୟାସଟି ବ୍ୟକ୍ତିର କ୍ଷେତ୍ରରେ ହୁଏତ ସଫଳତା ଲାଭ କରିପାରେ ; ଭାରତୀୟ ଦର୍ଶନ ହୁଏତ କହିବ ଯେ ଯେଉଁମାନେ ଆପଣାର ଏକ ପୂର୍ବତନ ଜନ୍ମରେ ଆପଣାକୁ ସେଥିଲାଗି ଉପଯୁକ୍ତ ଭାବରେ ପ୍ରସ୍ତୁତ କରିପାରିଛନ୍ତି, ସେହିମାନଙ୍କ କ୍ଷେତ୍ରରେ ଏହା ସଫଳତା ଲାଭ କରିପାରେ ; ମାତ୍ର ସାଧାରଣ ସମସ୍ତଙ୍କ କ୍ଷେତ୍ରରେ ତାହା କଦାପି ସଫଳ ହେବ ନାହିଁ । କେବଳ କେତେ ଜଣ ଅଳ୍ପସଂଖ୍ୟକଙ୍କର ସୀମାଟିକୁ ଅତିକ୍ରମ କରିଗଲେ ଏହି ଭାବଗତତାର ଶକ୍ତିଶାଳୀ କମିଆଁଟି ଟଳିବାକୁ ହିଁ ଆରମ୍ଭ କରିଥାଏ । କୌଣସି ଅନ୍ତର୍ଗତ ଶକ୍ତିମତ୍ତା ଦ୍ୱାରା ରୂପାନ୍ତର ଘଟାଇବାରେ ସମର୍ଥ ନ ହୋଇ ଏହି ନୂତନ ଧର୍ମଟି କୌଣସି ଏକ ଯନ୍ତ୍ର-ବ୍ୟବସ୍ଥା ଦ୍ୱାରା ମୁକ୍ତିର ବିଧାନ କରାଇବାକୁ ଚେଷ୍ଟା କରେ, ଆପଣାର ସାଧନଗୁଡ଼ିକୁ ସ୍ୱତେଅବା ଯନ୍ତ୍ର ପରି ପରିଚାଳିତ କରିବା ମଧ୍ୟରେ ଯାଇ ଜଡ଼ିତ ହୋଇପଡ଼େ ; ପରିଣାମରେ ଅସଲ ମର୍ମଭାବଟିକୁ ହରାଇବସେ ଏବଂ ହୁଏତ ସଙ୍ଗେ ସଙ୍ଗେ ବିନଷ୍ଟ ହୋଇଯାଏ ଅଥବା ଧୀରେ ଧୀରେ କ୍ଷୟପ୍ରାପ୍ତ ହେଉଥାଏ । ମୁଖ୍ୟତଃ ଭୌତିକ ମନ ଅଥବା ଏକମାତ୍ର ଭୌତିକ ମନ ଦେଇ ଜଡ଼ସ୍ଥ ମନୁଷ୍ୟର ସମ୍ମୁଖୀନ ହେବାଲାଗି ପ୍ରାଣଗତ, ବୁଦ୍ଧି ଓ ମନୋଗତ ଓ ଏପରିକି ଆଧ୍ୟାତ୍ମିକ ପ୍ରୟାସର ସକଳ ଉଦ୍ୟମ ପରିଶେଷରେ ଏହିପରି ଏକ ଦଶା ଲଭିବାକୁ ହିଁ ବାଧ୍ୟ ହୋଇଥାଏ । ସେହି ପ୍ରୟାସଟି ଆପଣା ଦ୍ୱାରା ସୃଷ୍ଟ ସାଧନଯନ୍ତ୍ରଟିର ଶକ୍ତିଦ୍ୱାରା ସ୍ୱୟଂ କବଳିତ ହୋଇପଡ଼େ ଏବଂ ସେହି ଯନ୍ତ୍ରଟିର ହିଁ ଦାସ ଓ ଶିକାର ହୋଇ ରହେ । ଆପେ ନିୟମତଃ ଏକ ଯନ୍ତ୍ର ପରି କାର୍ଯ୍ୟ କରୁଥିବା ଆମର ଜଡ଼ପ୍ରକୃତି ହିଁ ଏହିପରି ହିଂସାପ୍ରଣୋଦିତ ପ୍ରୟାସଗୁଡ଼ିକର ଏହି ପ୍ରତିଶୋଧ ନେଇଥାଏ ; ସେହି ପ୍ରୟାସସବୁ ପ୍ରକୃତିର ସ୍ୱକୀୟ ବିଧାନଟିକୁ ଯେତିକି ବାଟ ଛାଡ଼ିଦିଅନ୍ତି, ପ୍ରକୃତି ତାହାର ଦ୍ୱାରା ହିଁ ସେଗୁଡ଼ିକୁ କବଳଗତ କରି ରଖିବାର ପ୍ରତୀକ୍ଷା କରି ବସିଥାଏ । ତେଣୁ ମନୁଷ୍ୟଜାତି ଯଦି ପ୍ରକୃତରେ ଆଧ୍ୟାତ୍ମିକ ସ୍ତରକୁ ଉନ୍ନୀତ ହେବାର ଆକାଙ୍‌କ୍ଷା ରଖିଥାଏ, ତେବେ ଏକ ସମୂହ ଭାବରେ ତାହାକୁ ପ୍ରଥମେ

'oaob.nitrkl.ac.in' images reprocessed

ଭୌତିକ ଅଥବା ପ୍ରାଣଗତ ମନୁଷ୍ୟର ସୀମା ଭିତରେ ବନ୍ଦ ହୋଇ ରହିବାର ସ୍ଥିତିଟିକୁ ଛାଡ଼ିବାକୁ ପଡ଼ିବ, ଏବଂ ଚୈତ୍ୟ ତଥା ଯଥାର୍ଥ ମନୋମୟ ସ୍ତରରେ ପରିଣତ ହେବାକୁ ପଡ଼ିବ । ସମୂହ ସ୍ତରରେ ଏଭଳି ଏକ ପ୍ରଗତି ଅଥବା ନୂତନ ଦୀକ୍ଷାନ୍ତର ଆଦୌ ସମ୍ଭବ ହେବ କି ନାହିଁ, ଏଠାରେ ହୁଏତ ସେହି ପ୍ରଶ୍ନଟି ଉଠିପାରେ; ମାତ୍ର ତାହା ଯଦି ସମ୍ଭବ ନ ହୁଏ ; ତେବେ ସମୂହ ଭାବରେ ମନୁଷ୍ୟଜାତିର ଅଧ୍ୟାତ୍ମୀକରଣକୁ କେବଳ ଏକ ଅସମ୍ଭବ ଅଳୀକତା ବୋଲି ହିଁ କହିବାକୁ ହେବ ।

ସଭ୍ୟତାର ଚକ୍ର ଆପଣାର ଅତୀତ ତଥା ବର୍ତ୍ତମାନର ଗତିରେଖାରେ ପ୍ରଥମେ ଏକ ଦୃଢ଼ମୂଳ ଭୌତିକ ଜ୍ଞାନର ସ୍ତରରୁ କ୍ରମୋନ୍ମୀଳିତ ହୋଇ ଜଡ଼ ଏବଂ ଚିତ୍‌ଗତତା ମଧ୍ୟରେ ରହିଥିବା କ୍ରମୋଚ୍ଚ ନାନା ସୋପାନ ମଧ୍ୟ ଦେଇ ଯେ ଊର୍ଦ୍ଧ୍ୱଭାବରେ ଗତି କରି ଆସିଛି, ଏହି ଦୃଷ୍ଟିରୁ ବିଚାର କରି ଆମେ ତାହାକୁ ଅବଶ୍ୟ ଏକ ବଡ଼ ଚମତ୍କାର କଥା ବୋଲି କହିବା, ମହାନ୍ ପ୍ରତିଶ୍ରୁତିସମ୍ପନ୍ନ ଏକ ସଙ୍କେତ ବୋଲି ଜାଣିବା । ଏକମାତ୍ର ସତ୍ୟ ହିସାବରେ କେବଳ ଜଡ଼କୁ ହିଁ ମାନି ଅର୍ଥାତ୍ ଜଡ଼କୁ ହିଁ ସବଶାଶ୍ୱତ ତଥା ବ୍ରହ୍ମ ବା ଅନ୍ନଂବ୍ରହ୍ମ ବୋଲି ସ୍ୱୀକାର କରି ତାହାର ଭିତ୍ତି ଉପରେ ମନୁଷ୍ୟର ବୁଦ୍ଧି ଆଧୁନିକ ଯୁଗରେ ଜୀବନ ଓ ପୃଥିବୀକୁ ନେଇ ନାନା ବିପୁଳ ଅନୁସନ୍ଧାନରେ ତତ୍ପର ହୋଇ ରହିଛି ଏବଂ ଜଡ଼ବାଦର ଯାବତୀୟ ସମ୍ଭାବନାକୁ ପ୍ରାୟ ନିଃଶେଷିତ କରିଦେଇଛି । ତା'ର ପରବର୍ତ୍ତୀ ସୋପାନରେ ତାହା ଏକ ମହାନ୍ ବିବର୍ତ୍ତନଶୀଳ ପ୍ରାଣର ବିପୁଳ ସ୍ପନ୍ଦନ ରୂପରେ ହିଁ ଅସ୍ତିତ୍ୱର କଳ୍ପନା କରିବାକୁ ପ୍ରବୃତ୍ତ ହୋଇଛି ଓ ପ୍ରାଣକୁ ହିଁ ଜଡ଼ର ସ୍ରଜକ ବୋଲି ଗ୍ରହଣ କରିଛି । ଏହା ଫଳରେ ପ୍ରାଣକୁ ହିଁ ମୌଳିକ ସତ୍ୟ, ପରମ ଓ ମହାନ୍ ଶାଶ୍ୱତ ତଥା ପ୍ରାଣଂ ବ୍ରହ୍ମ ବୋଲି ମାନିନେଇ ତାହାରି ଭିତ୍ତି ଉପରେ ସେ ଆମ ଅସ୍ତିତ୍ୱଟିର ସମ୍ମୁଖୀନ ହେବାର ସାମର୍ଥ୍ୟ ଲାଭ କରିଛି । ଏବଂ ତା'ପରେ ସେ ଏକ ତୃତୀୟ କଳ୍ପନାରି ପ୍ରସ୍ତୁତିରେ ଅର୍ଥାତ୍ ତାହାକୁ ଅଙ୍କୁରିତ କରିବାରେ ମଧ୍ୟ ଲାଗିପଡ଼ିଲାଣି ; ଆମର ଏହି ଉପରିସ୍ତରସ୍ଥ ମନଠାରୁ ଭିନ୍ନ ଏକ ମହାନ୍ ଆତ୍ମଅଭିବ୍ୟକ୍ତିଶୀଳ ଓ ଆତ୍ମସନ୍ଧାନରତ ଅନ୍ତର୍ମନର ଆବିଷ୍କାର କରିବାକୁ ସେ ଆରମ୍ଭ କଲାଣି ଏବଂ ତାହାକୁ ହିଁ ଆମ ଅସ୍ତିତ୍ୱର ସର୍ବାନ୍ତର୍ୟାମକ ଶକ୍ତି ବୋଲି ସ୍ୱୀକାର କଲାଣି । ତା'ର ଏହି ପ୍ରୟାସଟି ହିଁ ତାକୁ ସର୍ବମୂଳ ସତ୍ୟ, ପରମ ଶାଶ୍ୱତ ମନ ବା ମନୋବ୍ରହ୍ମର ଭିତ୍ତି ଉପରେ ଆମର ନାନା ସମ୍ଭାବନା ତଥା ଆମ ଜୀବନସମସ୍ୟାଗୁଡ଼ିକର ସମ୍ମୁଖୀନ ହେବାଲାଗି ଏକ ସମନ୍ନତର ପ୍ରୟାସ ଆଡ଼କୁ ପରିଚାଳିତ କରି ନେଇଯିବ । ଏବଂ କଳ୍ପନାଗୁଡ଼ିକ ଯଦି କ୍ଷିପ୍ରଗତିରେ ଗୋଟିକ ପରେ ଗୋଟିଏ ହୋଇ ସଙ୍ଘଟିତ ହୋଇଯାଆନ୍ତି ଏବଂ ପ୍ରତ୍ୟେକ ସୋପାନରେ ଯଦି ସମ୍ଭାବନା-ଗୁଡ଼ିକ ବ୍ୟାପକ ଓ ବେଗଯୁକ୍ତ ଭାବରେ ଅଭିବ୍ୟକ୍ତ ହୋଇ ଆସନ୍ତି, ତେବେ ସେଥିରୁ ମଧ୍ୟ ଆମକୁ ଏକ ମହାନ୍ ପ୍ରତିଶ୍ରୁତିର ସଙ୍କେତ ମିଳିଯିବ ; କାରଣ ତାହା ଦର୍ଶାଇ ଦେବ ଯେ ଆମ ଅବଚେତନ ପ୍ରକୃତି ମଧ୍ୟରେ ସର୍ବଦା ଏକ ସହଜମତି ମହଜୁଦ ହୋଇ ରହିଛି

'oaob.nitrkl.ac.in' images reprocessed

ଏବଂ ପ୍ରତ୍ୟେକଟି ସୋପାନରେ ଶତାବ୍ଦୀ ଶତାବ୍ଦୀ ସକାଶେ ପଡ଼ିରହିବା ଲାଗି ଆଦୌ କୌଣସି ଆବଶ୍ୟକତା ନାହିଁ ।

କିନ୍ତୁ ମନୁଷ୍ୟଜାତିର ଯେକୌଣସି ଆତ୍ମଗତ ଯୁଗ ତଥାପି ଏକ ଦୁଃସାହସିକତାର ଯୁଗ ହୋଇ ରହିବ, ଏବଂ ତାହାର ଯେକୌଣସି ଦୁଃସାହସିକ ଅଭିଯାନ ପରି ଏଥିରେ ମଧ୍ୟ ଅନେକ ବିପଦ ଓ ଅନେକ ଅନିଶ୍ଚିତତା ପୂର୍ଣ୍ଣ ହୋଇ ରହିଥିବ । ଆପଣାକୁ ଆବିଷ୍କାର କରିପାରିବା ପୂର୍ବରୁ ହୁଏତ ଏହାକୁ ଅନେକ ଦୀର୍ଘପଥ ଭ୍ରମିବାକୁ ପଡ଼ିବ, ଅଥବା ହୁଏତ ତାହା ଆପଣାକୁ ଆଦୌ ଆବିଷ୍କାର କରିପାରିବ ନାହିଁ ଏବଂ ଚକ୍ରଟିର ପୁନରାବୃତ୍ତି କରିବାଲାଗି ତାକୁ ପୁନର୍ବାର ପଛକୁ ଫେରିଆସିବାକୁ ପଡ଼ିବ ।

ଯଦି ତୃତୀୟ ସୋପାନଟିରେ, ଅର୍ଥାତ୍ ମନୋଗତ ଆତ୍ମଗତତାର ଏକ ଯୁଗରେ ଆମେ ଏହି ଧାରଣାଟି ବିଷୟରେ ଆବଶ୍ୟକ ପରିମାଣରେ ଦୃଢ଼ ହୋଇପାରିବା ଯେ ଏହି ମନ ହେଉଛି ସେହି କ୍ରିୟାତ୍ମକ ଚିଦ୍‌ଗତତାର ଏକ ଗୌଣ ସାମର୍ଥ୍ୟ ମାତ୍ର, ଏବଂ ସେହି ପରମ ଚିଦ୍‌ଗତତା ହିଁ ପରମ ଶାଶ୍ୱତ ଓ ପରମ ସତ୍ୟ, ତାହାହିଁ ସର୍ବମୂଳ ସତ୍ୟ ଏବଂ ତାହାକୁ ଏକାଧାରରେ ପ୍ରକାଶିତ ଏବଂ ପ୍ରଚ୍ଛନ୍ନ କରି ରଖିଥିବା ଯାବତୀୟ ପର୍ଯ୍ୟାୟଗୁଡ଼ିକ ସତ୍ତ୍ୱେ ତାହାହିଁ ହେଉଛି ଏକମାତ୍ର ସତ୍ୟ, ସ୍ୱୟଂ ଆତ୍ମା ବ୍ରହ୍ମ,—ତେବେଯାଇ ଆମେ ଯଥାର୍ଥ ସତ୍ୟରହସ୍ୟଟିକୁ ଉଦ୍‌ଘାଟନ କରିପାରିବା, ତାହାର ଆବିଷ୍କାର କରିପାରିବା । ତେବେଯାଇ ଆମର ଯଥାର୍ଥ ଓ ମୀମାଂସକ ପ୍ରୟାସଟି ଆରମ୍ଭ ହୋଇପାରିବ ଏବଂ କେବଳ ସେହି ପରମ ଚିଦ୍‌ଗତତାର ହିଁ ଆତ୍ମଆବିଷ୍କାର ତଥା ଆତ୍ମଅଭିବ୍ୟକ୍ତି ରୂପେ ଏହି ଜୀବନ ଏବଂ ଜଗତର ଯାବତୀୟ ଦିଗର ଅଧ୍ୟୟନ ଓ ଜ୍ଞାନଲାଭ ସମ୍ଭବ ହୋଇପାରିବ, ଯଥାର୍ଥ ଭାବରେ ତାହାର ସମ୍ମୁଖୀନ ହେବା ସମ୍ଭବ ହେବ । ତେବେଯାଇ ମାନବଜାତି ଲାଗି ଏକ ଆଧ୍ୟାତ୍ମିକ ଯୁଗ ମଧ୍ୟ ସମ୍ଭବ ହୋଇପାରିବ । ସେହି ସମ୍ଭାବନାଟି ଦ୍ୱାରା ପ୍ରକୃତରେ କ'ଣ ସବୁ ଘଟିବ, ତାହାକୁ ପର୍ଯ୍ୟାପ୍ତଭାବରେ ଆଲୋଚନା କରିବାଲାଗି ଚେଷ୍ଟା କରି ବସିଲେ [illegible] ଅନ୍ତତଃ ଗୋଟିଏ କିମ୍ବା ଦୁଇଗୋଟି ପ୍ରବନ୍ଧ ପୁସ୍ତକ ଲେଖିବାକୁ ପଡ଼ିବ, ଏବଂ ପର୍ଯ୍ୟାପ୍ତ ହେଉ ନ ଥିବା କୌଣସି ଆଲୋଚନାରୁ ଆଦୌ କୌଣସି ଲାଭ ମିଳିବ ନାହିଁ । କାରଣ ସେପରି କରିବାକୁ ହେଲେ ଆମକୁ ଏକ ବୃହତ୍ ଉପଲବ୍ଧ ଜ୍ଞାନର ଆଲୋଚନା କରିବାକୁ ପଡ଼ିବ, ସର୍ବତ୍ର କେବଳ ପ୍ରାଥମିକ ସ୍ତରରୁ ହିଁ ଅଧିକ ଆଗକୁ ଯାଇପାରି ନ ଥିବା ଜ୍ଞାନକୁ ପରୀକ୍ଷା କରି ଦେଖିବାକୁ ପଡ଼ିବ । ଏଠାରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଆଧ୍ୟାତ୍ମିକତା ମନୁଷ୍ୟସମାଜ ଅସ୍ତିତ୍ୱର ତିନୋଟି ମର୍ମସତ୍ୟକୁ ହିଁ ଆପଣାର ଯାତ୍ରା ଆରମ୍ଭ କରିବ ଏବଂ ସେଗୁଡ଼ିକର ଉପଲବ୍ଧି ଲାଗି ଚେଷ୍ଟା କରିବ । ସେଗୁଡ଼ିକର ବିପରୀତ ତତ୍ତ୍ୱଗୁଡ଼ିକ ଦ୍ୱାରା ହିଁ ସେଗୁଡ଼ିକୁ ଘୋଡ଼ାଇ ରଖିବାଲାଗି ଲାଗିରହିଥିବା ପ୍ରଚେଷ୍ଟାଟିକୁ ଆମେ ଏହି ସମଗ୍ର ପ୍ରକୃତି ବୋଲି

'oaob.nitrkl.ac.in' images reprocessed

କହୁଚୁ ଏବଂ ସେହି କାରଣରୁ ହିଁ ସେହି ସତ୍ୟଗୁଡ଼ିକ ମନୁଷ୍ୟଜାତିର ବୃହତ୍ ସମୂହଟି ଲାଗି ଏପର୍ଯ୍ୟନ୍ତ କେବଳ କେତୋଟା ଶବ୍ଦ ବା କେତୋଟା ସ୍ୱପ୍ନ ହୋଇ ରହିଛି । ଏହି ତିନୋଟି ମୂଳସତ୍ୟ ହେଉଛି ଈଶ୍ୱର, ମୁକ୍ତି ଓ ଏକତ୍ୱ । ଏହି ତିନୋଟିଯାକ ମଧ୍ୟ ମୂଳତଃ ସେହି ଗୋଟିଏ ସତ୍ୟ ; କାରଣ ଈଶ୍ୱରୋପଲବ୍ଧି ବ୍ୟତୀତ କଦାପି ମୁକ୍ତି ବା ଏକତ୍ୱର ଉପଲବ୍ଧି ହୋଇପାରିବ ନାହିଁ, ଈଶ୍ୱରଙ୍କୁ ଆପଣା ଭିତରେ ଗ୍ରହଣ କରିନେବା ପର୍ଯ୍ୟନ୍ତ ମୁକ୍ତି ବା ଏକତ୍ୱକୁ ମଧ୍ୟ ଧାରଣ କରାଯାଇପାରିବ ନାହିଁ ; ଏକାଧାରରେ ଆପଣାର ଉଚ୍ଚତମ ଆତ୍ମା ତଥା ସକଳ ପ୍ରାଣୀଙ୍କର ଆତ୍ମାର ଅଧିକାର ଲାଭ ନ କରିବାଯାଏ ଈଶ୍ୱରଙ୍କର ଅଧିକାର କଦାପି ଲବ୍ଧ ହେବ ନାହିଁ । ଏଇଟି ବ୍ୟତୀତ ଆମେ ଯାହାକୁ ମୁକ୍ତି ବା ଏକତ୍ୱ ବୋଲି କହୁଥାଉ, ତାହାକୁ କେବଳ ଆମେ ଆମର ପାଶବଦ୍ଧତା ତଥା ବିଭକ୍ତତାର ହିଁ ଆପଣାଠାରୁ ମୁକୁଳି ବାହାରିଯିବାର ନାନାବିଧ ପ୍ରୟାସ ବୋଲି କହିପାରିବା, ଏଣେ ଆପଣାର କେନ୍ଦ୍ରଟି ଚାରିପାଖରେ ମାଙ୍କଡ଼ଚଡ଼ ମାରି ବୁଲୁଥିବା-ବେଳେ ତେଣେ ଆପଣାର ଆଖି ବୁଜିରଖି ତଦ୍ଦ୍ୱାରା ଆପଣାର ଫାଶଭିତରୁ ମୁକୁଳି ବାହାରିଯିବାର ଗୋଟିଏ ଗୋଟିଏ ପ୍ରୟାସ ବୋଲି ହିଁ କହିପାରିବା । ଯେତେବେଳେ ମଣିଷ ଈଶ୍ୱରଙ୍କର ଦର୍ଶନ ଲାଭ କରିବ ଓ ତାଙ୍କୁ ଧରି ରଖିପାରିବ, ସେତେବେଳେ ଯାଇ ସେ ପ୍ରକୃତ ମୁକ୍ତି ପାଇପାରିବ ଏବଂ ପ୍ରକୃତ ଏକତ୍ୱରେ ଯାଇ ପହଞ୍ଚିପାରିବ । ଏହା ବ୍ୟତୀତ ଆଉ ଅନ୍ୟ ପନ୍ଥା ହିଁ ନାହିଁ । ଏଣେ ମଣିଷ ଯେତେବେଳେ ଈଶ୍ୱରଙ୍କୁ ସବୁଠାରେ ଖୋଜି ବୁଲୁଛି, ପରମ ଦିବ୍ୟପୁରୁଷଙ୍କର କେତେକେତେ ପ୍ରତିରୂପ ଗଢ଼ି ଥୋଇଦେଉଛି, ମାତ୍ର ସବୁବେଳେ ବସ୍ତୁତଃ କେବଳ ଆପଣାର ମନୋଗତ ତଥା ପ୍ରାଣଗତ ଅହଂପ୍ରତିରୂପଟାକୁ ହିଁ ଆବିଷ୍କାର କରୁଛି, ଫଳସ୍ୱରୂପରେ କେବଳ ସେଇଟାକୁହିଁ ଥାପି ରଖିପାରୁଛି ଓ ତାହାର ହିଁ ଉପାସନା କରୁଛି, ସେତେବେଳେ ଈଶ୍ୱର ତା'ର ଜ୍ଞାନଦ୍ୱାରା ଲବ୍ଧ ହେବାଲାଗି କେବଳ ଅପେକ୍ଷା କରି ହିଁ ରହିଛନ୍ତି । ଏହି ଅହଂର ଖୁଣ୍ଟଟିକୁ ଛାଡ଼ିଦେଲେ ଓ ଅହଂଧାବନ ବନ୍ଦ ହୋଇଗଲେ ଯାଇ ମନୁଷ୍ୟ ତା'ର ଅନ୍ତର୍ଗତ ତଥା ବହିର୍ଗତ ଉଭୟ ଜୀବନରେ ଆଧ୍ୟାତ୍ମିକତାକୁ ସିଦ୍ଧ କରିପାରିବାର ଏକ ପ୍ରକୃତ ସୁଯୋଗ ଲାଭ କରିବ । ଅବଶ୍ୟ ସେତିକରେ କଦାପି ସବୁ ହୋଇଯିବ ନାହିଁ । ମାତ୍ର ଏହାକୁ ଏକ ଉପଯୁକ୍ତ ଆରମ୍ଭ ବୋଲି ଅବଶ୍ୟ କୁହାଯିବ ; ଏହା ଏକ ଯଥାର୍ଥ ତୋରଣ ହୋଇ ରହିବ, ଆମକୁ କୌଣସି ଅମୁହାଁ ମାର୍ଗଭିତରେ ନେଇ ପୂରାଇଦେବ ନାହିଁ ।

ଅଧ୍ୟାତ୍ମଦ୍ୱାରା ପ୍ରେରିତ ଏକ ସମାଜ ତାହାର ଅଧ୍ୟାତ୍ମ-ଅନୁସିକ୍ତ ବ୍ୟକ୍ତିମାନଙ୍କପରି କଦାପି ଅହଂକୁ ନେଇ ବଞ୍ଚିବ ନାହିଁ, ତାହା ଅଧ୍ୟାତ୍ମକୁ ନେଇ ବଞ୍ଚିବ ; ଏକ ସାମୂହିକ ଅହଂ ହୋଇ ବଞ୍ଚିବନାହିଁ, ମାତ୍ର ଏକ ସମୂହ-ଆତ୍ମା ହୋଇ ବଞ୍ଚିବ । ଅହଂବାଦୀ ଭୂମିଟି ଭିତରୁ ମୁକ୍ତ ହୋଇ ବାହାରିଆସିବା ହିଁ ତାହାର ପ୍ରଥମ ଓ ସର୍ବପ୍ରଧାନ ଲକ୍ଷଣ ହୋଇ ରହିବ । ବର୍ତ୍ତମାନ ସାଧାରଣତଃ ଯେପରି ପରାମର୍ଶ ଦିଆଯାଉଛି, ଜଣେ ବ୍ୟକ୍ତି

'oaob.nitrkl.ac.in' images reprocessed

ହିସାବରେ ଆପଣାର ଇଚ୍ଛା ଓ ଆକାଂକ୍ଷାକୁ ତଥା ତାହାର ବହୁମୂଲ୍ୟ ଓ ବହୁ-ଆୟାସଲବ୍ଧ ବ୍ୟକ୍ତିତ୍ୱକୁ ସମାଜର ସମୂହଗତ ଇଚ୍ଛା, ନାନା ଉଦ୍ଦେଶ୍ୟ ତଥା ଅହଂଟି ପାଖରେ ସମର୍ପି ଦେବାଲାଗି ବ୍ୟକ୍ତିକୁ ପ୍ରବର୍ତ୍ତାଇବାଦ୍ୱାରା ଅଥବା ତାକୁ ବାଧ୍ୟ କରିବାଦ୍ୱାରା ଅହଂକେନ୍ଦ୍ରିକତାର ବିଲୋପସାଧନ କଦାପି ସମ୍ଭବ ହେବ ନାହିଁ । ପ୍ରାଚୀନ ଯଜ୍ଞାନୁଷ୍ଠାନର ବଳିପଶୁ ପରି ଆପଣାର ଆତ୍ମାଟିକୁ ସେହି ପ୍ରକାଣ୍ଡ ଏବଂ ଆକାରଶୂନ୍ୟ ପିତ୍ତଳାଟିର ବେଦୀ ଉପରେ ବଳି ଦେବାଲାଗି ତାକୁ ସେଠାକୁ ଅଡ଼ାଇ ନେଇଗଲେ କଦାପି ତା'ର ଅହଂ ବିଲୁପ୍ତ ହୋଇଯିବ ନାହିଁ । କାରଣ ତଦ୍ଦ୍ୱାରା କେବଳ ଏକ ବୃହତ୍ତର ଅହଂବାଦିତା ପାଖରେ ଏକ କ୍ଷୁଦ୍ରତର ଅହଂବାଦିତାକୁ ନେଇ ବଳି ଦେବାପରି ହେବ ; ଏହି ବୃହତ୍ତର ଅହଂବାଦିତାର କେବଳ ବପୁ ବା ବିସ୍ତାରଟା ହିଁ ବୃହତ୍ ; ଏହା ଯେ ଗୁଣରେ ମଧ୍ୟ କୌଣସି ଗୁଣରେ ଅନ୍ୟଟି ଅପେକ୍ଷା ବୃହତ୍ତର, ଅଧିକ ପ୍ରଶସ୍ତ ଅଥବା ଅଧିକ ଉଦାର, ତାହା କଦାପି କହିହେବ ନାହିଁ । କାରଣ ସମୂହଗତ ଅହଂ ହେଉଛି ସମୂହ ଭିତରେ ବାସ କରୁଥିବା ସମସ୍ତଙ୍କର ଅହଂଗୁଡ଼ାକର ଏକ ସମଷ୍ଟି ମାତ୍ର, ଏବଂ ଉପାସନାର ଏକ ବସ୍ତୁ ହିସାବରେ ବ୍ୟକ୍ତିର ଅହଂ ଯେତିକି କ୍ଷୁଦ୍ର ଓ ଯେତିକି ଦୋଷଯୁକ୍ତ, ସମୂହଗତ ଅହଂଟି ମଧ୍ୟ ଠିକ୍ ସେତିକି କ୍ଷୁଦ୍ର ଓ ସେତିକି ଦୋଷଯୁକ୍ତ ; ବରଂ ସମୂହର ଅହଂଟି ଅନେକ ସମୟରେ ଆରଟିର ତୁଳନାରେ ଅଧିକ କୁତ୍ସିତ ଏବଂ ଅଧିକ ବର୍ବରସ୍ୱଭାବ । ଆପଣାର ବ୍ୟକ୍ତିସୀମାଯୁକ୍ତ ଅହଂଟିକୁ ବର୍ଜନ କରି ଅଧ୍ୟାତ୍ମପ୍ରେରିତ ମଣିଷ ଏପରି ଏକ ଆତ୍ମାର ଉପଲବ୍ଧି ଲାଗି ବାହାରିଛି, ଯାହାକି ସମସ୍ତଙ୍କ ଭିତରେ ସେହି ଏକ ଓ ଅଭିନ୍ନ ଆତ୍ମା ହୋଇ ରହିଛି ଏବଂ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସମ୍ପୂର୍ଣ୍ଣ ଓ ପରିପୂର୍ଣ୍ଣ ହୋଇ ରହିଛି । ସେହି ଆତ୍ମାଟି ମଧ୍ୟରେ ଜୀବନ ବଞ୍ଚି ଅଧ୍ୟାତ୍ମପ୍ରେରିତ ମନୁଷ୍ୟ ନିଜକୁ ଆପଣା ସମ୍ପୂର୍ଣ୍ଣତାର ଆଦର୍ଶ ମଧ୍ୟକୁ ହିଁ ସମୁଚ୍ଚ ଓ ଅଭିବୃଦ୍ଧ କରିନେବାକୁ ଇଚ୍ଛା କରୁଛି । ଜଣେ ବ୍ୟକ୍ତି ହିସାବରେ ହିଁ ସେ ଏସବୁ କଥା କରିପାରିବାକୁ ବାହାରିଛି ; ଅବଶ୍ୟ ଏ କଥା ସତ ଯେ ସେ ଆପଣା ସ୍ୱଭାବର ଏକ ସର୍ବଗ୍ରାହୀ ବିଶ୍ୱଗତତା ଏବଂ ତାହାର ସଚେତନ ପରିବେଷ୍ଟନୀଟି ଦ୍ୱାରା ତାହା କରିବାଲାଗି ବାହାରିଛି । ଭାରତବର୍ଷର ପ୍ରାଚୀନ ଶାସ୍ତ୍ରମାନଙ୍କରେ କୁହାଯାଇଛି ଯେ ଦ୍ୱିତୀୟ ଯୁଗ ଅର୍ଥାତ୍ ଶକ୍ତି-ପ୍ରଦର୍ଶନର ଯୁଗରେ ବିଷ୍ଣୁ ରାଜା ମଧ୍ୟରେ ଅବତୀର୍ଣ୍ଣ ହୁଅନ୍ତି, ତୃତୀୟ ଯୁଗରେ ଅର୍ଥାତ୍ ଭାରସାମ୍ୟ ରକ୍ଷା କରିବାର ଯୁଗରେ ସେ ବିଧାୟକ ଓ ସନ୍ତୁଳକ ହୋଇ ଆସନ୍ତି ; ଏବଂ ସତ୍ୟଯୁଗରେ ଯଜ୍ଞରୂପେ ଅବତରଣ କରନ୍ତି, ଅର୍ଥାତ୍ ତାଙ୍କର ପ୍ରାଣୀମାନଙ୍କର ହୃଦୟରେ ସେ ସକଳ କର୍ମର ପରମ କର୍ତ୍ତାରୂପେ ଅବତୀର୍ଣ୍ଣ ହୁଅନ୍ତି । ଏଠାରୁ ଦୂରରେ ଆଉ କୌଣସି ସ୍ଥାନରେ ଅବସ୍ଥିତ ଏକ ସ୍ୱର୍ଗରେ ନୁହେଁ, ମାତ୍ର ଆମ ଆପଣା ଭିତରେ ଈଶ୍ୱରଙ୍କର ଆବିଷ୍କାର କରିବାଫଳରେ ଆମ ଭିତରେ ହିଁ ଯେଉଁ ଭଗବତ୍‌ସାମ୍ରାଜ୍ୟର ପ୍ରତିଷ୍ଠା ହେବ, ସତ୍ୟଯୁଗରେ ଅର୍ଥାତ୍ ଆଧ୍ୟାତ୍ମିକ ଯୁଗରେ ସମାଜର ସ୍ଥିତିଟି କେବଳ ତାହାର ପରିଣାମ ହୋଇପାରିବ ଓ ତାହାର ପ୍ରକାଶରୂପ ହୋଇ ରହିଥିବ ।

'oaob.nitrkl.ac.in' images reprocessed

ତେଣୁ ଯେଉଁ ସମାଜ, ଏପରିକି ଆଧ୍ୟାତ୍ମିକତାର ପ୍ରଥମ ଅବସ୍ଥାରେ ମଧ୍ୟ ରହିଥିବ, ସିଏ ମଧ୍ୟ ପ୍ରତ୍ୟେକ ମନୁଷ୍ୟ ଭିତରେ ଦିବ୍ୟ ଆତ୍ମାର ଉଦ୍‌ଘାଟନ ତଥା ଆବିଷ୍କାରକୁ ହିଁ ଆପଣା ଯାବତୀୟ କ୍ରିୟାତ୍ମକତାର ସମଗ୍ର ଏବଂ ସର୍ବପ୍ରଥମ ଉଦ୍ଦେଶ୍ୟ କରି ରଖିବ; ଆପଣାର ଶିକ୍ଷା, ଆପଣାର ଜ୍ଞାନ, ବିଜ୍ଞାନ, ନୈତିକତା, କଳା ଏବଂ ଆର୍ଥିକ ତଥା ରାଜନୀତିକ ଗଠନଗତ ଜୀବନରେ ମଧ୍ୟ ତାହାହିଁ ତାହାର ସର୍ବପ୍ରଧାନ ଧ୍ୟେୟ ହୋଇ ରହିବ । ପ୍ରାଚୀନ ବୈଦିକ ଅମଳରେ ସମାଜର ଉଚ୍ଚତର ଶ୍ରେଣୀଗୁଡ଼ିକର କ୍ଷେତ୍ରରେ ସାଂସ୍କୃତିକ ଶିକ୍ଷାର କେତେକ ପରିମାଣରେ ଯେଉଁଭଳି ବ୍ୟବସ୍ଥା ହୋଇଥିଲା, ଶିକ୍ଷାର ସକଳ କ୍ଷେତ୍ରରେ ବର୍ତ୍ତମାନ ଠିକ୍ ସେହିପରି ବ୍ୟବସ୍ଥା ଗ୍ରହଣ କରାଯିବ । ଅର୍ଥାତ୍ ଯାବତୀୟ ଜ୍ଞାନକୁ ଏହା ତାହାର ପରିପୂର୍ଣ୍ଣ ପରିସରରେ ଗ୍ରହଣ କରିନେବ; ମାତ୍ର କେବଳ ପାର୍ଥିବ ନିପୁଣତାକୁ ହିଁ ଏହା ଶିକ୍ଷାର ଯାବତୀୟ ପ୍ରବୃତ୍ତି, ଲକ୍ଷ୍ୟ କରି ରଖିବ ନାହିଁ ବା କେବଳ ତାହାର ଭାବଦ୍ୱାରା ହିଁ ଶିକ୍ଷାକୁ ଗୋଟାହୁଡ଼ା ଛେଦାଇ ରଖିବ ନାହିଁ, ଆତ୍ମ-ବିକାଶ ଏବଂ ଆତ୍ମ-ଆବିଷ୍କାରକୁ ହିଁ ଧ୍ୟେୟ କରି ରଖିଥିବ । ତାହା ଭୌତିକ ତଥା ମାନସିକ ବିଜ୍ଞାନଗୁଡ଼ିକର ପୂର୍ଣ୍ଣ ଅନୁଧାବନ କରିବ, ମାତ୍ର କେବଳ ଏହି ପୃଥିବୀ ଓ ପ୍ରକୃତିର ପ୍ରକ୍ରିୟାଗୁଡ଼ିକୁ ଜାଣିବାଲାଗି ଏବଂ ସେଗୁଡ଼ିକୁ କେବଳ ମାନବର ଭୌତିକ ଉଦ୍ଦେଶ୍ୟସାଧନ କରିବାଲାଗି ହିଁ ତାହା ସେହି ଅନୁଧାବନ କରିବ ନାହିଁ, ମାତ୍ର ସେଗୁଡ଼ିକର ମଧ୍ୟଦେଇ ତାହା ଏହି ବିଶ୍ୱମଧ୍ୟରେ ରହିଥିବା ପରମ ଦିବ୍ୟତାଟିକୁ ହିଁ ଜାଣିବାଲାଗି ଏବଂ ସକଳ ଆବରଣର ଉପରେ ଏବଂ ଆବରଣ ତଳେ କାର୍ଯ୍ୟ କରୁଥିବା ପରମ ଚିଦ୍‌ଘନତାର ରୀତିଗୁଡ଼ିକୁ ଜାଣିବାଲାଗି ସେ ତାହା କରିବ; ସକଳ ବିଷୟରେ, ସକଳ ବିଷୟର ପଛରେ ତଥା ସକଳ ବିଷୟର ଉପରେ ସେ ତାହାକୁ ହିଁ ଜାଣିବାଲାଗି ନିଜର ଉଦ୍ଦେଶ୍ୟ କରି ରଖିଥିବ । ସାମାଜିକ ବିଧାନ ବା ସଂସ୍କାରଗୁଡ଼ିକର ପରିପୂରକ ଭାବରେ ଅଥବା ସେଥିରେ କୌଣସିପ୍ରକାର ସଂଶୋଧନ ଆଣିବାଲାଗି ହିଁ ତାହା ଆପଣାର ନୈତିକତାକୁ ଉଦ୍ଦିଷ୍ଟ କରି ରଖିବ ନାହିଁ; ଅନେକ ସମୟରେ ବଡ଼ କଦାକାର ଅବିନ୍ୟସ୍ତ ଓ ଅଜ୍ଞାନପୂରିତ ହୋଇ ରହିଥିବା ଯେଉଁ ସମାଜବିଧାନ କେବଳ ଏହି ଦ୍ୱିପଦ ପଲ ବା ମାନବଯୂଥଗୁଡ଼ାକର ହିଁ ନିୟମଶୃଙ୍ଖଳା ହୋଇ ରହିଛି, ତାହାର ପରିପୂରକ ହେବାକୁ ହିଁ ତାହା କୌଣସି ନୀତିବିଧାନର ପ୍ରବର୍ତ୍ତନ କରିବ ନାହିଁ, ମାତ୍ର ମନୁଷ୍ୟର ଦିବ୍ୟ ସ୍ୱଭାବଟିର ବିକାଶକୁ ହିଁ ସକଳ ନୈତିକତାର ଲକ୍ଷ୍ୟ ଓ ଧ୍ୟେୟ କରି ରଖିବ । କେବଳ ଏହି ଅନ୍ତର୍ଜଗତ ତଥା ବହିର୍ଜଗତର ପ୍ରତିରୂପଗୁଡ଼ାକୁ ଆଙ୍କି ଥୋଇଦେବା ହିଁ ସେତେବେଳେ କଳାର ଏକମାତ୍ର ଉଦ୍ଦେଶ୍ୟ ହୋଇ ରହିବ ନାହିଁ, ମାତ୍ର ସେଗୁଡ଼ିକର ବହିଃପ୍ରତିଭାସକୁ ଭେଦ କରି ସେଗୁଡ଼ିକର ଅନ୍ତର ଭିତରେ ପ୍ରବେଶ କରିପାରୁଥିବା ଏକ ତାତ୍ପର୍ଯ୍ୟ ତଥା ସୃଜନାତ୍ମକ ଅନ୍ତର୍ଦୃଷ୍ଟି ଦ୍ୱାରା ହିଁ ସେହି କଳା ଯାବତୀୟ ବିଷୟକୁ ଦେଖିବାର ସାମର୍ଥ୍ୟ ଅର୍ଜନ କରିବ; ଆମର ଦୃଶ୍ୟ ତଥା ଅଦୃଶ୍ୟ ବସ୍ତୁଗୁଡ଼ିକ ଯେଉଁ ପରମ ସତ୍ୟ ଓ ପରମ ସୌନ୍ଦର୍ଯ୍ୟର ପ୍ରକଟରୂପ ହୋଇ ରହିଛନ୍ତି, ସେମାନେ ଯାହାର

'oaob.nitrkl.ac.in' images reprocessed

ମୁଖାପକ୍ଷ ହୋଇ ରହିଛନ୍ତି ଅର୍ଥାତ୍ ଯାହାର ପ୍ରତୀକ ଏବଂ ବ୍ୟଞ୍ଜନାତ୍ମକ ରୂପାୟନ ହୋଇ ରହିଛନ୍ତି, ସେତେବେଳେ କଳା ସେହି ପରମ ସତ୍ୟ ଓ ପରମ ସୌନ୍ଦର୍ଯ୍ୟକୁ ହିଁ ଉଦ୍‌ଘାଟିତ କରିଦେଉଥିବ ।

ସନ୍ଥଠାରୁ ଆରମ୍ଭ କରି ଅପରାଧୀ ପର୍ଯ୍ୟନ୍ତ ସକଳ ବ୍ୟକ୍ତିଙ୍କୁ ଆଧ୍ୟାତ୍ମିକ ସ୍ୱବଦ୍ୱାରା ପ୍ରେରିତ ଯେକୌଣସି ସମାଜ ଆପଣାର ସମାଜଶାସ୍ତ୍ରରେ କେବଳ କୌଣସି ନା କୌଣସି ସାମାଜିକ ସମସ୍ୟାର କେତେଗୁଡ଼ିକ ଏକକରୂପେ ହିଁ ଦେଖିବ ନାହିଁ, ଶୃଙ୍ଖଳତାର ସହିତ ବାହାର କରାଯାଇଥିବା କୌଣସି ଯାନ୍ତ୍ରିକ ବ୍ୟବସ୍ଥାକୁ ନେଇ ସେମାନଙ୍କ ଉପରେ ମଡ଼ାଇ ଦିଆଯାଇ ପାରିବ ଓ ସମାଜର ଆଭ୍ୟନ୍ତରୀ ଭିତରେ ସେମାନଙ୍କୁ ଯେକୌଣସି ପ୍ରକାରେ ଖୁନ୍ଦିଦେଇ ସାଧ୍ୟ କରି ରଖାଯାଇପାରିବ ଅଥବା ସେମାନଙ୍କୁ ଦଳିଦେଇ ସମାଜ ଭିତରୁ ବାହାର କରି ଦିଆଯାଇ ପାରିବ ବୋଲି ମଧ୍ୟ କଦାପି ବିଚାର କରିବ ନାହିଁ । ଆଧ୍ୟାତ୍ମିକ ସମାଜ ସେହି ବ୍ୟକ୍ତିମାନଙ୍କୁ ଦୁଃଖସନ୍ତପ୍ତ ଓ ଜାଲଗ୍ରସ୍ତ ହୋଇ ରହିଥିବା ଏବଂ ସେଥିରୁ ଉଦ୍ଧାର ପାଇବାଲାଗି ଅପେକ୍ଷା କରିଥିବା ଆତ୍ମା ପରି ହିଁ ଦେଖିବ । ସେମାନଙ୍କୁ ସେ କ୍ଲିଷ୍ଟ ଆତ୍ମା ବୋଲି ଗ୍ରହଣ କରିବ, ଆପଣା ବିକାଶପଥରେ ପ୍ରୋତ୍ସାହନର ଅପେକ୍ଷା ରଖିଥିବା ଆତ୍ମା ବୋଲି ଗ୍ରହଣ କରିବ, ସେମାନଙ୍କୁ ସେ ବିକଶିତ ଆତ୍ମା ବୋଲି ଗ୍ରହଣ କରିବ ଏବଂ ଏପର୍ଯ୍ୟନ୍ତ ବୟଃପ୍ରାପ୍ତ ହୋଇ ନ ଥିବା ଅପେକ୍ଷାକୃତ ଦୃଷ୍ଟିରୁ କମ୍ ବଳସମ୍ପନ୍ନ ଆତ୍ମାଗୁଡ଼ିକ ଯେଉଁଗୁଡ଼ିକଠାରୁ ସହାୟ ଏବଂ ବଳ ଆହରଣ କରିପାରିବେ, ସେଗୁଡ଼ିକୁ ସେ ସେହିଭଳି ଆତ୍ମା ବୋଲି ଗ୍ରହଣ କରୁଥିବ । ପ୍ରତିଯୋଗିତା ଅଥବା ସହଯୋଗିତା ଯେକୌଣସି ଆଧାର ଉପରେ ହେଉ ପଛକେ, ଉତ୍ପାଦନର ଏକ ପ୍ରକାଣ୍ଡ ଇଞ୍ଜିନ୍ ତିଆରି କରି ରଖିଦେବା ହିଁ ସେହି ସମାଜରେ ଅର୍ଥନୀତିର ଉଦ୍ଦେଶ୍ୟ ହୋଇ ରହିବ ନାହିଁ ; ସେତେବେଳେ ସେହି ଅର୍ଥନୀତି ପ୍ରତ୍ୟେକ ମନୁଷ୍ୟକୁ ତାହାର ସ୍ୱକୀୟ ସ୍ୱଭାବର ଅନୁରୂପ ହେବାଭଳି କର୍ମଜନିତ ଆନନ୍ଦଟିକୁ ଯୋଗାଇଦେଇପାରିବ । କେବଳ କେତେକ ଲୋକଙ୍କୁ ନୁହେଁ, ମାତ୍ର ସମସ୍ତଙ୍କୁ ତାହାର ଯଥାସମ୍ଭବ ସର୍ବୋଚ୍ଚ ପରିମାଣରେ ସେହି ଆନନ୍ଦଟିକୁ ଯୋଗାଇ-ଦେଇପାରିବ । ଆପଣା ଜୀବନର ଅନ୍ତର୍ପଥରେ ବିକଶିତ ହୋଇପାରିବା ଲାଗି ପ୍ରତ୍ୟେକ ମନୁଷ୍ୟ ମୁକ୍ତ ଅବସର ପାଇପାରିବେ, ଏବଂ ସମସ୍ତଙ୍କ ଲାଗି ସରଳ, ସମ୍ପନ୍ନ ତଥା ସୁନ୍ଦର ଜୀବନ ଉପଲବ୍ଧ ହୋଇ ରହିଥିବ । ଆଧ୍ୟାତ୍ମିକ ସମାଜ ଆପଣାର ରାଜନୀତିରେ ବିଭିନ୍ନ ଜାତିମାନଙ୍କୁ ସେମାନଙ୍କର ସ୍ୱକୀୟ ଅନ୍ତର୍ବ୍ୟାପାରଗତ ଜୀବନର ପରିସରରେ କେବଳ ଯନ୍ତ୍ରରୂପୀ ଗୋଟିଏ ଗୋଟିଏ ଅତିକାୟ ଯନ୍ତ୍ର ପରି କଦାପି ଦେଖିବ ନାହିଁ, ଯେଉଁଠି କି ମଣିଷ କେବଳ ସେହି ନିୟମବଦ୍ଧ ଓ ଅସ୍ୱସର୍ଜିତ ଯନ୍ତ୍ର ବା ରାଷ୍ଟ୍ରଟା ଲାଗି ହିଁ ଆପଣାର ଜୀବନ ବଞ୍ଚୁଥିବ, ତାହାକୁ ହିଁ ଆପଣାର ଭଗବାନ ତଥା ବୃହତ୍ତର ଆତ୍ମ-ଆସ୍ୱତନ ଭାବି ପୂଜା କରୁଥିବ, ତାଙ୍କର ଅଧିବାସୀମାନେ ତାହାର ବେଦୀ ଉପରେ ଅନ୍ୟମାନଙ୍କର ପ୍ରାଣ

'oaob.nitrkl.ac.in' images reprocessed

ନେବାକୁ ବାହାରିପଡ଼ୁଥିବ ଏବଂ ଆପଣାର ରକ୍ତକୁ ମଧ୍ୟ ବୁହାଇଦେବାକୁ ପ୍ରସ୍ତୁତ ହୋଇଯାଉଥିବ, ଯେପରିକି ସେହି ମହାନ୍ ଯନ୍ତ୍ରଟା ହିଁ ଅକ୍ଷୁଣ୍ଣ ଏବଂ ଅମିତଶକ୍ତି ହୋଇ ରହିପାରିବ ଏବଂ ତାହାର ବିସ୍ତାର ଅଧିକରୁ ଅଧିକ ହେବାରେ ଲାଗିଥିବ, ଅଧିକ ଜଟିଳ ଏବଂ ସୁବିନ୍ୟସ୍ତ ହେଉଥିବ, ଏକ ଯନ୍ତ୍ର ହିସାବରେ ତାହା ଅଧିକରୁ ଅଧିକ ଦକ୍ଷତା ଅର୍ଜନ କରୁଥିବ ଏବଂ ଅଧିକ ସମ୍ପୂର୍ଣ୍ଣ ହେବାରେ ଲାଗିଥିବ । ଏହିସବୁ ଜାତି ବା ରାଷ୍ଟ୍ର ଆପଣାର ପାରସ୍ପରିକ ସମ୍ବନ୍ଧରେ କେବଳ ଗୋଟିଏ ଗୋଟିଏ ଅନିଷ୍ଟକାରୀ ଯନ୍ତ୍ର ହୋଇ ରହିଥିବେ, ଅର୍ଥାତ୍ ଶାନ୍ତି ସମୟରେ ପରସ୍ପର ଉପରେ କେବଳ ବିଷାକ୍ତ ବାଷ୍ପୋଦ୍‌ଗାର କରୁଥିବେ ଏବଂ ସଂଘର୍ଷର ବେଳ ଆସି ପହଞ୍ଚିଗଲେ ପରସ୍ପରର ଅସ୍ତ୍ରଶସ୍ତ୍ରସଜ୍ଜିତ ବାହିନୀ ଏବଂ ନିରସ୍ତ୍ର କୋଟି କୋଟି ଲୋକଙ୍କ ଉପରେ ଆକ୍ରମଣ କରିବାକୁ ଧାଇଁଯାଉଥିବେ ଏବଂ ଆଧୁନିକ କୌଣସି ରଣକ୍ଷେତ୍ରରେ ପରସ୍ପରକୁ ଆକ୍ରମଣ କରିବାକୁ ଧାଇଁଥିବା ଟ୍ୟାଙ୍କଗୁଡ଼ିକ ପରି ଗର୍ଜନକାରୀ କମାଣ ଓ ହତ୍ୟା କରିବାକୁ ହିଁ ନିର୍ଦ୍ଦେଶ ପାଇଥିବା ମଣିଷଙ୍କୁ ନେଇ ଯୁଦ୍ଧ କରୁଥିବେ ;—ଆଧ୍ୟାତ୍ମିକ ସମାଜ ଏହିଭଳି କେତେଟା ରାଷ୍ଟ୍ର ବା ଜାତିର ପୋଷଣ କରି କଦାପି ସନ୍ତୁଷ୍ଟ ହୋଇ ରହିବ ନାହିଁ । ବିଭିନ୍ନ ଜାତିଗୁଡ଼ିକୁ ତାହା ଗୋଟିଏ ଗୋଟିଏ ଗୋଷ୍ଠୀ-ଆତ୍ମା ପରି ଦେଖିବ, ପ୍ରତ୍ୟେକ ଜାତି ଭିତରେ ଏକ ପରମ ଦିବ୍ୟତା ପ୍ରଚ୍ଛନ୍ନ ହୋଇ ରହିଛି ଏବଂ ତାହାର ମାନବୀୟ ସାମୂହିକତାଗୁଡ଼ିକରେ ହିଁ ତାହା ଆପଣାକୁ ଆବିଷ୍କାର କରିବ ବୋଲି ଅନୁଭବ କରିବ । ବ୍ୟକ୍ତିମାନଙ୍କ ପରି ଏହି ଗୋଷ୍ଠୀ-ଆତ୍ମାଗୁଡ଼ିକ ମଧ୍ୟ ଆପଣାର ସ୍ୱଧର୍ମ ଓ ସ୍ୱଭାବ ଅନୁସାରେ ବିକାଶ ଲାଭ କରିବାଲାଗି ଏବଂ ସେହି ବିକାଶଦ୍ୱାରା ପରସ୍ପରର ସାହାଯ୍ୟ କରିବାଲାଗି ଏବଂ ସମସ୍ତ ମନୁଷ୍ୟଜାତିର ସାଧାରଣ କର୍ମବ୍ରତରେ ସମଗ୍ର ଜାତିକୁ ମଧ୍ୟ ସାହାଯ୍ୟ କରିବାଲାଗି ଉଦ୍ଦିଷ୍ଟ ହୋଇ ରହିଛନ୍ତି ବୋଲି ଅନୁଭବ କରିବ । ବ୍ୟକ୍ତି ତଥା ସମୂହ ମଧ୍ୟରେ ଦିବ୍ୟ ପରମଆତ୍ମାର ପରିଚୟ ଲାଭ କରିବା ତଥା ସବୁ ମଣିଷଙ୍କର ଅନ୍ତର୍ଜୀବନରେ ଏବଂ ସେମାନଙ୍କର ବାହ୍ୟ ସକଳ କର୍ମ ଓ ସକଳ ସ୍ୱଭାବରେ ଆଧ୍ୟାତ୍ମିକ, ମନୋଗତ, ପ୍ରାଣଗତ ଏବଂ ଭୌତିକ ଯାବତୀୟ କ୍ଷେତ୍ରରେ ଆପଣାର ବୃହତ୍ତମ, ପ୍ରଶସ୍ତତମ, ସମୃଦ୍ଧତମ ତଥା ଗଭୀରତମ ସମ୍ଭାବନାଗୁଡ଼ିକର ଉପଲବ୍ଧି କରିବା,—ଆମେ ଏହାକୁ ହିଁ ସମସ୍ତ ମନୁଷ୍ୟଜାତିର ସାଧାରଣ କର୍ମବ୍ରତ ବୋଲି ଜାଣିରଖିବା ।

କାରଣ ପ୍ରତ୍ୟେକ ବ୍ୟକ୍ତି ଓ ଜାତିକୁ ପ୍ରତ୍ୟେକ ମନୁଷ୍ୟ ଓ ପ୍ରତ୍ୟେକ ମନୁଷ୍ୟ-ସମୂହ ମଧ୍ୟରେ ଅବସ୍ଥିତ କେବଳ ଅନ୍ତରସ୍ଥ ସେହି ପରମ ଦିବ୍ୟତା ମଧ୍ୟକୁ ହିଁ ବିକଶିତ ହୋଇ ଉଠିବାକୁ ପଡ଼ିବ । ଏହି ପରମ ଦିବ୍ୟତା କଦାପି ଏକ ବହିଃସ୍ଥ ପଦାର୍ଥ ନୁହେଁ ଓ ବାହାରୁ ଆଣି ତାହାକୁ ଲୋକମାନଙ୍କ ଉପରେ କଦାପି ଲଦି ଦିଆଯାଇପାରିବ ନାହିଁ । ତେଣୁ ମନୁଷ୍ୟଜାତିର ସେହି ଆଧ୍ୟାତ୍ମିକ ଯୁଗପର୍ଯ୍ୟାୟରେ ଏକ ବିକାଶଧର୍ମୀ ଅନ୍ତର୍ଗତ ମୁକ୍ତି ହିଁ ଯଥାର୍ଥ ବିଧାନ ହୋଇ ରହିବ ଓ ସବୁଠାରୁ ଅଧିକ ସମ୍ମାନର ଅଧିକାରୀ ହେବ ।

'oaob.nitrkl.ac.in' images reprocessed

ଏକଥାରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ମନୁଷ୍ୟବ୍ୟକ୍ତି ଆତ୍ମଜ୍ଞାନର ଏକ ପରିମେୟ ଦୂରତା ମଧ୍ୟରେ ଆସି ନ ପହଞ୍ଚିବା ପର୍ଯ୍ୟନ୍ତ ଏବଂ ଆପଣାକୁ ତାହାରଆଡ଼କୁ ମୁହାଁଇ ନ ରଖିଲା ପର୍ଯ୍ୟନ୍ତ ସେ କଦାପି ବାହ୍ୟ ବାଧ୍ୟବାଧକତାର ଏହି ନିୟମଟି ଭିତରୁ ମୁକୁଳିପାରିବ ନାହିଁ ଏବଂ ଏପରି କରିବାଲାଗି ତାହାର ସକଳ ଚେଷ୍ଟା କେବଳ ବିଫଳ ହେବାରେ ହିଁ ଲାଗିଥିବ । ଏବଂ ସେହି ସ୍ଥିତିଟି ରହିଥିବା ପର୍ଯ୍ୟନ୍ତ ସେ ସର୍ବଦା କେବଳ ଅନ୍ୟମାନଙ୍କର ହିଁ ଭୃତ୍ୟ ହୋଇ ରହିଥିବ ; ତା'ର ପରିବାରର ଭୃତ୍ୟ ହୋଇ ରହିଥିବ, ଜାତି ବା ବଂଶର ଭୃତ୍ୟ ହୋଇରହିଥିବ, ତା'ର ଧର୍ମାନୁଷ୍ଠାନକର୍ତ୍ତା, ତା'ର ସମାଜ ଓ ତା'ର ଜାତିର ମଧ୍ୟ ଭୃତ୍ୟ ହୋଇ ରହିଥିବ । ଏହା ବ୍ୟତୀତ ଆଉ କିଛି ହେଲେ ହୋଇପାରିବାଲାଗି ତାହାର କୌଣସି ସ୍ଥିର ନ ଥିବ ଏବଂ ସେହି ଅନୁଷ୍ଠାନଗୁଡ଼ିକ ମଧ୍ୟ ବ୍ୟକ୍ତି ଉପରେ କେବଳ ଆପଣାର ବଡ଼ ଅଶୋଧିତ ଓ ଯନ୍ତ୍ରବତ୍ ଜବରଦସ୍ତିଗୁଡ଼ାକୁ ନେଇ ନିକ୍ଷିପ୍ତ କରିବା ବ୍ୟତୀତ ବ୍ୟକ୍ତି ବିଷୟରେ ଆଉ କିଛି ହେଲେ କରିପାରୁ ନ ଥିବେ । କାରଣ ବ୍ୟକ୍ତି ତଥା ସେହି ଯାବତୀୟ ଅନୁଷ୍ଠାନ କେବଳ ଆପଣା ଅହଂର ଦାସ ହୋଇ ରହିଥିବେ, କେବଳ ଆପଣା ଆପଣାର ନିମ୍ନତର ସ୍ୱଭାବର ହିଁ ଦାସ ହୋଇ ରହିଥିବେ । ଅନ୍ୟ ବା ବାହ୍ୟ ଯାବତୀୟ ବାଧ୍ୟବାଧକତାକୁ ଏଡ଼ିପାରିବାଲାଗି ଆପଣାର ଅନ୍ତର୍ଗତ ଅଧିକାରଟିକୁ ପ୍ରତିଷ୍ଠିତ କରିବାକୁ ହେଲେ ଆମକୁ ସେହି ପରମ ଚିଦ୍‌ଗତତାର ନିର୍ଦ୍ଦେଶଟିକୁ ଅନୁଭବ କରିବାକୁ ପଡ଼ିବ, ତାହାର ବୋଲଟିକୁ ହିଁ ମାନିପାରିବାକୁ ହେବ । ଆମ ଭିତରେ ଯେଉଁ ପରମ ଦିବ୍ୟସତ୍ତାଟି ଅଧିଷ୍ଠିତ ହୋଇ ରହିଛି, ଆମେ ସ୍ୱେଚ୍ଛାପ୍ରଣୋଦିତ ହୋଇ ଆପଣାର ଏହି ନିମ୍ନତର ପ୍ରକୃତିଟିକୁ କେବଳ ତାହାର ପରିକର ଓ ଦାସ କରି ରଖିବା, ତାକୁ ଆମେ କେବଳ ତାହାର ଏକ ସଚେତନ ଓ ସନ୍ଦୀପିତ ନିମିତ୍ତରେ ପରିଣତ କରିଦେବା, ତାହାର ଏକ ଉଦାର ଅଥଚ ଆପଣାକୁ କେବଳ ତାହାର ଅନୁଗତ କରି ରଖିଥିବା ଏକ ଅଂଶରେ ପରିଣତ କରି ରଖିବା, ତାହାର ସହଯାତ୍ରୀ ବା ସାଥୀ କରି ରଚିବା । କାରଣ ସେହି ଆତ୍ମସମର୍ପିତତା ଏବଂ ଅନୁଗତତା ହିଁ ଆମର ସକଳ ମୁକ୍ତିର ଏକମାତ୍ର ସର୍ତ୍ତ ହୋଇ ରହିବ ; ଆଧ୍ୟାତ୍ମିକ ସ୍ୱାଧୀନତା କହିଲେ ବିଚ୍ଛିନ୍ନ ହୋଇ ରହିଥିବା ଆମର ଏହି ମନ ଓ ପ୍ରାଣର କେବଳ ଏକ ଅହଂପ୍ରଣୋଦିତ ଆତ୍ମପ୍ରତିଷ୍ଠାକୁ କଦାପି ବୁଝାଇବ ନାହିଁ, ମାତ୍ର ଆମରି ଭିତରେ ଯେଉଁ ପରମ ଦିବ୍ୟ ସତ୍ୟଟି ସଦାବିରାଜିତ ହୋଇ ରହିଛି, ଆମର ସକଳ ଜୀବନାଙ୍ଗ ଓ ଆମର ଚରିତ୍ରିଗରେ ଯାହା ପୂର୍ଣ୍ଣ ହୋଇ ପ୍ରତିଷ୍ଠିତ ରହିଛି, ତାହାରି ପାଖରେ ନେଇ ଆପଣାକୁ ସମର୍ପିତ କରିଦେବା ଓ ତାହାରି ବାଧ୍ୟ ହୋଇ ରହିବାକୁ ହିଁ ବୁଝାଇବ । ମାତ୍ର ଏଠାରେ ମଧ୍ୟ ଏହି କଥାଟିକୁ ଅବଶ୍ୟ ସ୍ମରଣରଖିବା ଉଚିତ ଯେ ପରମେଶ୍ୱର ଆମ ସତ୍ତାର ପ୍ରାକୃତିକ ଜୀବନାଙ୍ଗଗୁଡ଼ିକର ସବୁମନ୍ତେ ସମ୍ମାନ କରନ୍ତି, ସେମାନଙ୍କୁ ସେ ଆପଣା ଆପଣା ସ୍ୱଭାବର ଅନୁସରଣ କରି ବିକଶିତ ହେବାଲାଗି ଆବଶ୍ୟକ କ୍ଷେତ୍ର ମଧ୍ୟ ଯୋଗାଇଦିଅନ୍ତି, ଯେପରିକି ଆପଣାକୁ ନିର୍ବାପିତ କରିଦେଇ ନୁହେଁ, ମାତ୍ର ଆପଣାର ସ୍ୱାଭାବିକ

'oaob.nitrkl.ac.in' images reprocessed

ବିକାଶ ତଥା ଅନ୍ତର୍ବୃଦ୍ଧି ସାଧନ କରି ସେମାନେ ଆପଣା ଭିତରେ ସେହି ପରମ ଦିବ୍ୟ ସତ୍ତାଟିର ଆବିଷ୍କାର କରିବାଲାଗି ସମର୍ଥ ହୋଇପାରିବେ । ଏବଂ ପରିଶେଷରେ ସେମାନେ ଯେଉଁ ସମ୍ପୂର୍ଣ୍ଣ ଓ ପରମ ଅନୁଗତତାଟିକୁ ସ୍ୱୀକାର କରିନେବେ, ଆଲୋକ ତଥା ସାମର୍ଥ୍ୟର ସେମାନଙ୍କର ଆପଣା ଉତ୍ସ ଏବଂ ସେମାନଙ୍କର ସର୍ବୋଚ୍ଚ ସତ୍ତାଟିକୁ ସ୍ୱୀକାର କରିନେବା ଓ ତାହାର ଆକାଙ୍କ୍ଷା ପୋଷଣ କରିବାର ମାଧ୍ୟମରେ ହିଁ ତାହା ସମ୍ପୂର୍ଣ୍ଣ ସ୍ୱେଚ୍ଛାକୃତ ଭାବରେ ହିଁ ଆପଣାକୁ ପ୍ରକଟ କରିପାରୁଥିବ । ତେଣୁ, ଯଥାସମ୍ଭବ ଅଧିକ ସ୍ୱାଧୀନତା ମଧ୍ୟରେ ଯେଉଁ ବିକାଶ ଓ ଯେଉଁ କ୍ରିୟାତ୍ମକତା ସମ୍ଭବ ହୋଇଥାଏ, ଅନନୁପ୍ରାଣିତ ଅବସ୍ଥାରେ ମଧ୍ୟ ତାହାହିଁ ଉତ୍କୃଷ୍ଟତମ, ସତ୍ୟତମ ଓ ସବୁଠାରୁ ଅଧିକ ଜୀବନ୍ତ ବିକାଶ ଓ କ୍ରିୟାତ୍ମକତା ରୂପେ ଆପଣାକୁ ପ୍ରତିପାଦିତ କରେ ବୋଲି ଆମେ ସର୍ବଦା ଦେଖିବାକୁ ପାଇଥାଉ । ଏବଂ ଅତିରିକ୍ତ ବାଧ୍ୟବାଧକତା ଓ ବଳପ୍ରୟୋଗର କ୍ଷେତ୍ରରେ କେବଳ ଏକ କ୍ରମାଗତ ବିକୃତିର ବିଧାନ ହିଁ କାର୍ଯ୍ୟ କରୁଥାଏ ଅଥବା ଏପରି ଏକ ଉଦ୍ଦୀପନ ଲାଗି ତାହା ବାଟ ଛାଡ଼ିଦେଇଥାଏ, କେବଳ ଉତ୍କଟ ବିଶୃଙ୍ଖଳାର ସାମୟିକ ଦୁର୍ବିପାକ ଦ୍ୱାରା ହିଁ ଯାହାର ପରିବର୍ତ୍ତନ କିମ୍ବା ପ୍ରତିବିଧାନ କରାଯାଏ । ଏବଂ ମନୁଷ୍ୟ ଆପଣାର ଆଧ୍ୟାତ୍ମିକ ଆତ୍ମସତ୍ତାଟି ସହିତ ପରିଚୟ ଲାଭ କରିବା ସଙ୍ଗେ ସଙ୍ଗେ ସେହି ଆବିଷ୍କାରଟି ଦ୍ୱାରା ଅଥବା ପ୍ରାଚୀନ ଋଷିର ତଥା ପ୍ରାଚୀନ ଧର୍ମରେ ଯାହା ହୋଇଥିଲା, ଏପରିକି ସେହି ଅନୁସନ୍ଧାନଟି ଦ୍ୱାରା ମଧ୍ୟ ସେ ବାହ୍ୟ ସକଳ ବିଧାନର ବନ୍ଧନ ଭିତରୁ ମୁକୁଳି ବାହାରିଯାଏ ଏବଂ ସ୍ୱାଧୀନ ଅନ୍ତଃପ୍ରେରଣାର ବିଧାନଟି ମଧ୍ୟରେ ଯାଇ ପ୍ରବେଶ କରିଥାଏ ।

ମନୁଷ୍ୟସମାଜର ଆଧ୍ୟାତ୍ମିକ ଯୁଗ ଏହି ସତ୍ୟଟିର ସ୍ପଷ୍ଟ ଅବଧାରଣା କରିପାରିବ । କୌଣସି ଯାନ୍ତ୍ରିକତାର ବ୍ୟବହାରଦ୍ୱାରା ତାହା ମନୁଷ୍ୟକୁ ପରିପୂର୍ଣ୍ଣ କରି ଗଢ଼ିବାର ମନ୍ଦଚେଷ୍ଟା କରିବ ନାହିଁ ବା ତାହାର ଗୋଡ଼ହାତକୁ ବାନ୍ଧିଦେଇ ତାକୁ ସିଧା କରି ରଖିବାର ଆଦୌ କୌଣସି ପ୍ରୟାସ କରିବ ନାହିଁ । ପୋଲିସ୍ ଉଚ୍ଚ କର୍ମସ୍ଥା, ସେନାପତି କିମ୍ବା କୌଣସି ସାମ୍ୟବାଦୀ ନୌକରଶାହୀ ଅଥବା ଶ୍ରମିକ ସୋଭିଏତକୁ ମଡେଲ୍ ବା ଆଦର୍ଶ ପ୍ରତୀକରୂପେ ଗ୍ରହଣ କରି ତାହା ସମାଜର ମଣିଷ ଆଗରେ ତାହାକୁ ହିଁ ମନୁଷ୍ୟର ଉଚ୍ଚତର ଆତ୍ମସ୍ୱରୂପ ରୂପେ ନେଇ ଉପସ୍ଥାପିତ କରିଦେବ ନାହିଁ । ଯଥା-ସମ୍ଭବ ତ୍ୱରା ସହିତ ଓ ଯଥାସମ୍ଭବ ଅଧିକ ଭାବରେ ଅନ୍ତରସ୍ଥ ଚୈତନ୍ୟସତ୍ତାର ଅନ୍ତର୍ଗତ ଦିବ୍ୟ ନିୟମଶୃଙ୍ଖଳତାର ଜାଗରଣ ଘଟାଇ ତାହା ମନୁଷ୍ୟର ଜୀବନରେ ବାହ୍ୟ ବାଧ୍ୟବାଧକତାର ସକଳ ଉପାଦାନକୁ ହ୍ରାସ କରିଦେବାଲାଗି ହିଁ ଲକ୍ଷ୍ୟ ରଖିଥିବ ଏବଂ ସେ କାମରେ ଲଗାଉଥିବା ପ୍ରାଥମିକ ଯାବତୀୟ ସାଧନରେ ମଧ୍ୟ କେବଳ ସେହି ଲକ୍ଷ୍ୟଟି ହିଁ ତାହାର ସମ୍ମୁଖରେ ଅବସ୍ଥିତ ରହିଥିବ । ଏବଂ ପରିଶେଷରେ ତାହା ସମ୍ପୂର୍ଣ୍ଣଭାବରେ ନ ହେଲେ ମଧ୍ୟ ମୁଖ୍ୟତଃ ଆଧ୍ୟାତ୍ମିକ ପ୍ରେରଣାଦ୍ୱାରା ହିଁ ବାଧ୍ୟ କରି ଆପଣାର କାର୍ଯ୍ୟ

'oaob.nitrkl.ac.in' images reprocessed

ସାଧନ କରିବ ଏବଂ ଏପରିକି ଅଧ୍ୟାତ୍ମଦ୍ୱାରା ଅନୁପ୍ରେରିତ ବ୍ୟକ୍ତି ମଧ୍ୟ ନିଜର ଚତୁଃପାର୍ଶ୍ୱରେ ବାସ କରୁଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ବି ସେହିପରି ବାଧ୍ୟ କରିପାରିବ । ପୁଣି, ଆଧ୍ୟାତ୍ମିକ ଭୂମିରେ ଆସି ପ୍ରତିଷ୍ଠିତ ହୋଇପାରିଥିବା ଏକ ସମାଜ ମଧ୍ୟ କେତେ ଅଧିକ ପରିମାଣରେ ତାହା କରିବାକୁ ସମର୍ଥ ନ ହେବ ! ଆମ ଭିତରର ସକଳ ପ୍ରତିରୋଧ ଓ ବାହ୍ୟବର୍ଜନ ସତ୍ତ୍ୱେ ସେହି ଆଧ୍ୟାତ୍ମିକ ବାଧ୍ୟତା ଆମଭିତରେ ସେହି ପରମ ଆଲୋକର ବାଧ୍ୟତାଟିକୁ ଆଣି ଜାଗ୍ରତ କରିଦେବ, ଆପଣାର ସ୍ୱକୀୟ ସ୍ୱଭାବଟିର ମାର୍ଗ ଦେଇ ସେହି ପରମ ଦିବ୍ୟତା ମଧ୍ୟକୁ ବିକଶିତ ହୋଇଉଠିବାଲାଗି ଆମ ଭିତରେ ଆବଶ୍ୟକ ଆକାଂକ୍ଷା ତଥା ସାମର୍ଥ୍ୟଟିକୁ ଜାଗ୍ରତ କରାଇଆଣିବ । କାରଣ, ଆଧ୍ୟାତ୍ମିକ ନୈରାଜ୍ୟବାଦୀ ଚିରକାଳ ଯେପରି ସ୍ୱପ୍ନ ଦେଖି ଆସିଛି, ସମ୍ପୂର୍ଣ୍ଣ ଭାବରେ ଆଧ୍ୟାତ୍ମିକତା ମଧ୍ୟରେ ପ୍ରବିଷ୍ଟ ହୋଇଥିବା ଏକ ସମାଜରେ ସବୁ ମଣିଷ ଯଥାର୍ଥତମ ଅର୍ଥରେ ଜଣେ ଜଣେ ମୁକ୍ତ ମନୁଷ୍ୟ ହୋଇ ରହିବେ, ଏବଂ ଏହାର ପ୍ରାଥମିକ ଆବଶ୍ୟକତାଗୁଡ଼ିକ ପୂର୍ଣ୍ଣ ହୋଇଯାଇଥିବାରୁ ହିଁ ତାହା ସମ୍ଭବ ହୋଇପାରିବ । ସେହିଭଳି ଏକ ଅବସ୍ଥାରେ ପ୍ରତ୍ୟେକ ମନୁଷ୍ୟ ଆପଣାଲାଗି ସ୍ୱତନ୍ତ୍ର ଭାବରେ ଗୋଟିଏ ଗୋଟିଏ ନିୟମ ହୋଇ କଦାପି ରହିବ ନାହିଁ, ମାତ୍ର କେବଳ ସେହି ଗୋଟିଏ ବିଧାନ ହିଁ ପ୍ରତିମୂର୍ତ୍ତି ବାହକ ହୋଇ ରହିବ, ଯେ କେବଳ ସେହି ଗୋଟିଏ ଦିବ୍ୟ ପରମବିଧାନର ହିଁ ବାହକ ହୋଇ ରହିବ । କାରଣ ସେତେବେଳେ ସେ କେବଳ ଏକ ଆତ୍ମା ହିସାବରେ ସେହି ପରମ ଦିବ୍ୟତା ମଧ୍ୟରେ ହିଁ ଅବସ୍ଥିତ ରହିଥିବ ଓ ସମ୍ପୂର୍ଣ୍ଣ ଭାବରେ ନ ହେଲେ ମଧ୍ୟ ପ୍ରଧାନତଃ କେବଳ ଆପଣାର ବ୍ୟକ୍ତି-ସ୍ୱାର୍ଥ ଓ ବ୍ୟକ୍ତି-ଅଭିପ୍ରାୟଟି ଲାଗି କଦାପି ଜୀବନ ବଞ୍ଚୁ ନ ଥିବ । ସେତେବେଳେ ତାହାର ଜୀବନ ସମ୍ପୂର୍ଣ୍ଣ ଅହଂମୁକ୍ତ ତା'ର ନିଜର ଦିବ୍ୟ ସ୍ୱଭାବଟିର ବିଧାନଟି ଦ୍ୱାରା ହିଁ ପରିଚାଳିତ ହେବାରେ ଲାଗିଥିବ ।

ମାତ୍ର ତଦ୍ୱାରା ସକଳ ମାନବସମାଜକୁ ନାନା ବ୍ୟକ୍ତିଙ୍କର ପରସ୍ପରଠାରୁ ବିଚ୍ଛିନ୍ନ ନିଃସ୍ୱାତ୍ମକତା ମଧ୍ୟରେ ହିଁ ଖଣ୍ଡିତ କରିଦେବାକୁ ମଧ୍ୟ କଦାପି ବୁଝାଇବ ନାହିଁ । କାରଣ ଏକତ୍ୱକୁ ହିଁ ଆମେ ପରମ ତଦ୍‌ଗତତାର ଭିତ୍ତିସ୍ୱ ମର୍ମଶିଳରୂପେ ଗ୍ରହଣ କରିପାରିଛୁ । କୌଣସି ଏକ ଲକ୍ଷଣହୀନ ଏକତ୍ୱରୂପେ ନୁହେଁ, ମାତ୍ର ଏକ ଚେତନାମୟ ଓ ବହୁବିଚିତ୍ର ଏକତ୍ୱରୂପେ ହିଁ ଆଧ୍ୟାତ୍ମିକ ଜୀବନ ରୂପାୟିତ ହୋଇ ଉଠିଥାଏ । କେବଳ ଆପଣାର ବ୍ୟକ୍ତିସତ୍ତାର ମଧ୍ୟଦେଇ ପ୍ରତ୍ୟେକ ମନୁଷ୍ୟକୁ ତା'ର ଅନ୍ତରସ୍ଥ ପରମ ଦିବ୍ୟତାଟି ମଧ୍ୟକୁ ବିକଶିତ ହୋଇ ଉଠିବାକୁ ପଡ଼ିବ, ଏବଂ ସେଇଥି ସକାଶେ ହିଁ ଆପଣାର ବିକାଶପଥରେ ପ୍ରତ୍ୟେକ ବ୍ୟକ୍ତିଲାଗି ଏକ କ୍ରମବର୍ଦ୍ଧମାନ ମାତ୍ରାର ସ୍ୱାଧୀନତାର ନିଶ୍ଚୟ ଆବଶ୍ୟକତା ରହିବ ଏବଂ ପରିପୂର୍ଣ୍ଣ ସ୍ୱାଧୀନତା ହିଁ ପରିପୂର୍ଣ୍ଣ ଜୀବନର ସଙ୍କେତ ଏବଂ ସର୍ତ୍ତ ହୋଇ ରହିବ । ମାତ୍ର ଏହିପରି ଭାବରେ ସେ ଆପଣା ଭିତରେ ଯେଉଁ ପରମଦିବ୍ୟତାର ସନ୍ଦର୍ଶନ କରିବ, ତାହାକୁ ସେ ସମାନ ଭାବରେ ଅନ୍ୟ ସମସ୍ତଙ୍କ ଭିତରେ ମଧ୍ୟ ଦେଖିବାକୁ ପାଇବ ଓ ସମସ୍ତଙ୍କ ଭିତରେ ସେହି ଏକ ପରମତଦ୍‌ଗତତା ରୂପେ ହିଁ

'oaob.nitrkl.ac.in' images reprocessed

ଦେଖିବାକୁ ପାଇବ । ତେଣୁ ଅନ୍ୟମାନଙ୍କ ସହିତ ଏକ କ୍ରମବର୍ଦ୍ଧମାନ ଅନ୍ତର୍ଗତ ଏକତ୍ୱ ମଧ୍ୟ ତା' ସତ୍ତାର ଏକ ଆବଶ୍ୟକତା ହୋଇ ରହିଥିବ ଏବଂ ପରିପୂର୍ଣ୍ଣ ଏକତ୍ୱ ହିଁ ପରିପୂର୍ଣ୍ଣ ଜୀବନର ସଙ୍କେତ ତଥା ସର୍ତ୍ତ ହୋଇ ମଧ୍ୟ ରହିଥିବ । କେବଳ ଆପଣା ଭିତରେ ନୁହେଁ, ମାତ୍ର ଅନ୍ୟ ସଭିଙ୍କ ଭିତରେ ମଧ୍ୟ ସେହି ପରମଦେବତାର ଦୃଷ୍ଟିଲାଭ କରିବା ଓ ତାହାକୁ ଆବିଷ୍କାର କରିପାରିବା, କେବଳ ଆପଣାର ବ୍ୟକ୍ତିଗତ ମୁକ୍ତି ଅଥବା ପରିପୂର୍ଣ୍ଣତାଟିକୁ ଲୋଡ଼ିବା ନୁହେଁ, ମାତ୍ର ଅନ୍ୟ ସମସ୍ତଙ୍କର ମୁକ୍ତି ତଥା ପରିପୂର୍ଣ୍ଣତାକୁ ମଧ୍ୟ ଲୋଡ଼ିବା,—ଏହାକୁ ହିଁ ଆମେ ଆଧ୍ୟାତ୍ମିକ ସତ୍ତାର ସମ୍ପୂର୍ଣ୍ଣ ବିଧାନଟି ବୋଲି ଜାଣିରଖିବା । ଆମେ ଯେଉଁ ଦେବତା ବା ଦେବସତ୍ତାର ଅନୁସନ୍ଧାନ କରୁଛୁ, ତାହା ଯଦି କେବଳ ଆପଣା ଭିତରେ ରହିଥିବା ଏକ ବିଚ୍ଛିନ୍ନ ଦେବତା ହିଁ ହୋଇଥାଏ ଏବଂ ସେହି ଅଭିନ୍ନ ଓ ଏକ ପରମଦେବତା ହୋଇ ନ ଥାଏ, ଅଥବା ଯଦି ଜଣେ କେବଳ ଆପଣାଲାଗି ହିଁ ପରମେଶ୍ୱରଙ୍କର ଅନ୍ୱେଷଣ କରୁଥାଏ, ତେବେ ତାହାର ପରିଣାମସ୍ୱରୂପ ଆମକୁ କେବଳ ଏକ ମହାଡ଼ମ୍ବରପୂର୍ଣ୍ଣ ଅହଂବାଦିତା ହିଁ ପ୍ରାପ୍ତ ହୋଇପାରିବ, ମହାକବି ଗ୍ୟେଟେଙ୍କ କଳ୍ପିତ ସେହି ସ୍ୱର୍ଗୀୟ ଅହଂବାଦିତା ଅଥବା ଦାର୍ଶନିକ ନିତ୍‌ଶେଙ୍କର କଳ୍ପିତ ଏକ ବିଶାଳାୟତନ ଅହଂବାଦିତା ହିଁ ପ୍ରାପ୍ତ ହେବ ; ଅଥବା ତଦ୍ୱାରା କୌଣସି ହସ୍ତୀଦନ୍ତନିର୍ମିତ ବିଳାସପ୍ରାସାଦ କିମ୍ବା ଷ୍ଟାଇଲାଇଟ୍‌ସ୍‌ ସ୍ତମ୍ଭର ସେହି ବିଚ୍ଛିନ୍ନ ଆତ୍ମଜ୍ଞାନ ବା ବୈରାଗ୍ୟ ଉପଲବ୍‌ଧ ହୋଇପାରିବ । ମାତ୍ର ଯିଏ ସମସ୍ତଙ୍କ ଭିତରେ ପରମେଶ୍ୱରଙ୍କୁ ଦେଖୁଛି, ସିଏ ପୂର୍ଣ୍ଣମୁକ୍ତ ଭାବରେ ଏବଂ ଏକ ଶ୍ରଦ୍ଧାଯୁକ୍ତ ସେବାନୁରାଗ ସହିତ ସମସ୍ତଙ୍କ ମଧ୍ୟରେ ବିରାଜିତ ସେହି ପରମେଶ୍ୱରଙ୍କର ହିଁ ସେବା କରିବ । ଅର୍ଥାତ୍ ସିଏ କେବଳ ଆପଣାର ହିଁ ବନ୍ଧନମୁକ୍ତି କଦାପି ଲୋଡ଼ିବାକୁ ଯିବ ନାହିଁ, ମାତ୍ର ସମସ୍ତଙ୍କର ବନ୍ଧନମୁକ୍ତିର ପଥ ଅନ୍ୱେଷଣ କରିବ ; ସିଏ କେବଳ ଆପଣାର ହିଁ ପରିପୂର୍ଣ୍ଣତା ଚାହିଁବ ନାହିଁ, ମାତ୍ର ସମସ୍ତଙ୍କର ପରିପୂର୍ଣ୍ଣତା ଇଚ୍ଛା କରିବ । ବୃହତ୍ତମ ଓ ପ୍ରସାରିତତମ ବିଶ୍ୱଗତତା ବ୍ୟତୀତ ସେ ଆପଣାର ବ୍ୟକ୍ତିସତ୍ତାଟିକୁ କଦାପି ପରିପୂର୍ଣ୍ଣ ବୋଲି ଅନୁଭବ କରିବ ନାହିଁ ଏବଂ ବିଶ୍ୱଗତ ଜୀବନ ସହିତ ଆପଣାର ଜୀବନକୁ ଏକାତ୍ମ କରି ନ ରଖିବା ପର୍ଯ୍ୟନ୍ତ ନିଜର ଜୀବନଟିକୁ ସେ କଦାପି ଏକ ସମ୍ପୂର୍ଣ୍ଣ ଜୀବନ ବୋଲି ଅନୁଭବ କରିପାରିବ ନାହିଁ । ସିଏ ଆପଣାଲାଗି ଜୀବନ ବଞ୍ଚିବ ନାହିଁ, ରାଷ୍ଟ୍ରଲାଗି ଅଥବା ସମାଜଲାଗି ବଞ୍ଚିବ ନାହିଁ, ବ୍ୟକ୍ତିଅହଂ କିମ୍ବା ସମୂହଗତ ଅହଂଟିଲାଗି ମଧ୍ୟ ଜୀବନ ବଞ୍ଚିବ ନାହିଁ ; ଏସବୁଠାରୁ ଅନେକ ବୃହତ୍ତର ଓ ଅନେକ ମହତ୍ତର କୌଣସି ଏକ ସମ୍ପନ୍ନତା ଲାଗି ସେ ଆପଣାର ଜୀବନ ବଞ୍ଚିବ, ଆପଣା ଭିତରେ ବିରାଜି ରହିଥିବା ପରମେଶ୍ୱରଙ୍କ ଲାଗି ଜୀବନ ବଞ୍ଚିବ ତଥା ବିଶ୍ୱଜଗତକୁ ପୂର୍ଣ୍ଣ କରି ରଖିଥିବା ସେହି ପରମ ଜଗଦୀଶ୍ୱରଙ୍କ ଲାଗି ହିଁ ଜୀବନ ବଞ୍ଚିବ ।

'oaob.nitrkl.ac.in' images reprocessed

ଯେତେବେଳେ ମନୁଷ୍ୟର ସାଧାରଣ ଓ ସମୂହଗତ ମନ ଏହିସବୁ ସତ୍ୟ ବିଷୟରେ ସଚେତନ ହେବାକୁ ଆରମ୍ଭ କରିବ, ଏବଂ ଏହି ବିସ୍ମୃତପ୍ରାୟ ବା ଲୁପ୍ତ ପରମ ଚିନ୍ମୟତାଟି ଦ୍ୱାରା ପରିଚାଳିତ ହେବାଲାଗି ବାସନା ରଖିବ ଅଥବା ସେଇଟିଦ୍ୱାରା ହିଁ ପରିଚାଳିତ ହେବ, ସେତେବେଳେ ଯାଇ ଆଧ୍ୟାତ୍ମିକ ଯୁଗଟି ଆବିର୍ଭୂତ ହେବାଲାଗି ଯଥାର୍ଥରେ ପ୍ରସ୍ତୁତ ହୋଇଯିବ । ସେତିକବେଳେ ହିଁ ଆମେ ଆଲୋଚନା କରିଆସିଥିବା ସମାଜବିକାଶର ଚକ୍ରଟି ଆପଣାର ଅସମ୍ପୂର୍ଣ୍ଣ ପୁନରାବୃତ୍ତି-ଗୁଡ଼ିକର ବ୍ୟୂହଟି ମଧ୍ୟରୁ ବାହାରକୁ ବାହାରି ପଡ଼ିବ ଏବଂ ଏକ ଊର୍ଦ୍ଧ୍ୱପଥ ଧରି ଆପଣାର ଯଥାର୍ଥ ଲକ୍ଷ୍ୟଟି ଆଡ଼କୁ ଗତି କରିବ । କାରଣ, ଆମର ଅନୁମାନଟି ଅନୁସାରେ, ଏକ ପ୍ରତୀକପ୍ରଧାନ ଯୁଗରୁ, ଅର୍ଥାତ୍ ଯେଉଁ ଯୁଗରେ ମନୁଷ୍ୟ ସକଳ ଜୀବନ ପଛରେ ଏକ ପରମ ମହାନ୍ ସତ୍ୟର ଅବସ୍ଥିତିକୁ ଅନୁଭବ କରୁଥିଲା ଓ ନାନା ପ୍ରତୀକ ଦେଇ ତାହାର ସନ୍ଧାନ କରୁଥିଲା, ସେହି ଯୁଗରୁ ହିଁ ଆପଣାର ଯାତ୍ରା ଆରମ୍ଭ କରି ସମାଜର ବିବର୍ତ୍ତନ ଶେଷରେ ଏପରି ଏକ ପର୍ଯ୍ୟାୟରେ ଆସି ପହଞ୍ଚିବ, ଯେଉଁଠାରେ କି ସମାଜ ସେହି ପରମ ସତ୍ୟ ମଧ୍ୟରେ ହିଁ ଜୀବନ ବଞ୍ଚିବାକୁ ଆରମ୍ଭ କରିବ । କୌଣସି ପ୍ରତୀକ ମଧ୍ୟଦେଇ ନୁହେଁ, କୌଣସି ଗତମୂଳକତାକୁ ଅବଲମ୍ବନ କରି ନୁହେଁ, ବା କୌଣସି ପାରମ୍ପରିକତା କିମ୍ବା ବ୍ୟକ୍ତିବୁଦ୍ଧି ଓ ବୁଦ୍ଧିପ୍ରେରିତ ଇଚ୍ଛାଶକ୍ତି ଦ୍ୱାରା ନୁହେଁ, ମାତ୍ର ଆମ ଆପଣାର ସର୍ବୋଚ୍ଚ ପ୍ରକୃତିର ଭୂମିରେ ହିଁ ସମାଜ ସେହି ଜୀବନ ବଞ୍ଚିବାକୁ ଆରମ୍ଭ କରିବ । ଏଠାରେ ଆମ ଆପଣାର ସର୍ବୋଚ୍ଚ ପ୍ରକୃତି କହିଲେ ଏହି ପାର୍ଥିବ ଅସ୍ତିତ୍ୱର ପରିବେଶଗୁଡ଼ିକ ମଧ୍ୟରେ ଆପଣାକୁ ପୂର୍ଣ୍ଣାଭିବ୍ୟକ୍ତ କରିଥିବା ସେହି ପରମସତ୍ୟର ପ୍ରକୃତିକୁ ହିଁ ବୁଝିବାକୁ ପଡ଼ିବ । ଏବଂ ପୃଥିବୀର ଏହି ପରିବେଶଗୁଡ଼ିକ ମଧ୍ୟ ଯେ ବର୍ତ୍ତମାନ ଯେପରି ରହିଛି, ସେତେବେଳେ ଠିକ୍ ସେହିପରି ଅବଶ୍ୟ ରହିବ ବୋଲି କେହି ଆଦୌ କହିପାରିବ ନାହିଁ । ଅଳ୍ପବହୁତ ଯଥୋପଯୁକ୍ତ ସମ୍ବୋଧିଦୃଷ୍ଟିର ସାହାଯ୍ୟରେ ଆମର ଧର୍ମଗୁଡ଼ିକ ଠିକ୍ ଏହି କଥାଟିକୁ ହିଁ ଦେଖିପାରିଛନ୍ତି, ମାତ୍ର ଅଧିକାଂଶ ସମୟରେ ସତେଅବା କୌଣସି କାଚଖଣ୍ଡ ଦେଇ ଦେଖୁଥିଲା ପରି ତାହାକୁ ବଡ଼ ତମିସ୍ରାଚ୍ଛନ୍ନ ଭାବରେ ଦେଖିଛନ୍ତି । ତାହାକୁ ହିଁ ସେମାନେ ଏହି ପୃଥିବୀ ଉପରେ ଭଗବତ୍‌ସାମ୍ରାଜ୍ୟର ପ୍ରତିଷ୍ଠା ବୋଲି ବର୍ଣ୍ଣନା କରିଛନ୍ତି, ଅର୍ଥାତ୍ ସବୁ ମଣିଷଙ୍କର ଚିତ୍‌ଗତ କ୍ଷେତ୍ରରେ ତାଙ୍କର ସାମ୍ରାଜ୍ୟର ପ୍ରତିଷ୍ଠା ବୋଲି ବର୍ଣ୍ଣନା କରିଛନ୍ତି ଏବଂ ତେଣୁ ଜନସମୂହଗୁଡ଼ିକର ବାହ୍ୟ ଜୀବନକ୍ଷେତ୍ରରେ ମଧ୍ୟ ସେହି ସାମ୍ରାଜ୍ୟର ପ୍ରତିଷ୍ଠା ବୋଲି ବର୍ଣ୍ଣନା କରିଛନ୍ତି । କାରଣ ସେଇଟି ଯେତେବେଳେ ଯଥାର୍ଥ ଭାବରେ ଫଳପ୍ରଦ ଓ ବାସ୍ତବ ହୋଇପାରିବ, ସେତେବେଳେ ତାହାରି ଏକ ଭୌତିକ ବା ଜାଗତିକ ପରିଣାମରୂପେ ଏଇଟି ମଧ୍ୟ ଅବଶ୍ୟ ବାସ୍ତବ ହୋଇଉଠିବ ।

'oaob.nitrkl.ac.in' images reprocessed

## ଚତୁର୍ବିଂଶ ପରିଚ୍ଛେଦ

# ଅଧ୍ୟାତ୍ମଯୁଗର ଆବିର୍ଭାବ ଓ ଅଗ୍ରଗତି

ସମାଜ-ବିବର୍ତ୍ତନର ଶେଷ ପର୍ଯ୍ୟାୟ ଏହି ଅଧ୍ୟାତ୍ମଯୁଗ ଯଦି ଏକ ଅଧ୍ୟାତ୍ମଭାବ ଦ୍ୱାରା ସଂପ୍ରେରିତ ସମାଜ ଏବଂ ଏକ ଉଚ୍ଚତର ବିବର୍ତ୍ତନ-ସୋପାନକୁ ଉତ୍ତୀର୍ଣ୍ଣ ହୋଇଯାଇଥିବା ଏକ ମନୁଷ୍ୟଜାତିରେ ହିଁ ଆପଣାକୁ ଅଭିବ୍ୟକ୍ତ କରେ ଏବଂ ଆପଣାର ପୂର୍ଣ୍ଣ ସାଫଲ୍ୟ ଲାଭ କରେ, ତେବେ କେବଳ ଏତିକି ହେଲେ କଦାପି ଯଥେଷ୍ଟ ହେବ ନାହିଁ ଯେ ମାନବୀୟ ଜୀବନର ଏହି ନୂତନ ପରିବର୍ତ୍ତନଟି ଲାଗି ଅନୁକୂଳ କେବଳ କେତୋଟି ବିଶେଷ ବିଶେଷ ବିଚାର ହିଁ ମନୁଷ୍ୟଜାତିର ସାଧାରଣ ମାନସକୁ ଅଧିକାର କରି ରହିଥିବ, ତାହାର ବିଚାର, କଳା, ନୀତିଗତ ଜୀବନ, ରାଜନୀତିକ ଆଦର୍ଶ ତଥା ସମାଜିକ ଉଦ୍ୟମର କେବଳ ସାଧାରଣ ଅଭିପ୍ରାୟଗୁଡ଼ିକୁ ଭେଦକରି ରହିଥିବ, ଅଥବା ଏପରିକି ବେଶ୍ ଚମତ୍କାର ଭାବରେ ତାହାର ଭାବନା ତଥା ଅନୁଭୂତିର ଅନ୍ତର୍ପଥରେ ମଧ୍ୟ ଯାଇ ପ୍ରବେଶ କରିପାରିଥିବ । ଏ କଥା ମଧ୍ୟ କଦାପି ଯଥେଷ୍ଟ ନୁହେଁ ଯେ ପୃଥିବୀ ଉପରେ ଭଗବତ୍‌ସାମ୍ରାଜ୍ୟର ପ୍ରତିଷ୍ଠା, ଆଧ୍ୟାତ୍ମିକତା, ସ୍ୱାଧୀନତା ତଥା ଏକତ୍ୱର ଏକ ନିୟାମକତ୍ୱ, ଏବଂ କେବଳ କେତେଟା ବହିଃକ୍ଷେତ୍ରରେ ହିଁ ଯାନ୍ତ୍ରିକ ଭାବରେ ସମାନତା ଓ ସମ୍ମେଳନର ପ୍ରତିଷ୍ଠା ନୁହେଁ, ଏକ ଯଥାର୍ଥ ଅନ୍ତର୍ଗତ ସମାନତା ଓ ସୌଷମ୍ୟର ପ୍ରତିଷ୍ଠା,—ଏହିଗୁଡ଼ିକ ହିଁ ଜୀବନର ଏକ ନିର୍ଦ୍ଦିଷ୍ଟ ଆଦର୍ଶରୂପେ ସ୍ୱୀକୃତ ହୋଇ ରହିଥିବ ; ଏ କଥା ଆଦୌ ଯଥେଷ୍ଟ ନୁହେଁ ଯେ ଯଥାସମ୍ଭବ ଅଧିକ କ୍ରିୟାଶୀଳ ଭାବରେ ଏହି ଆଦର୍ଶଟିର ଅନୁଶୀଳନ କରାଯାଉଥିବ, ତାହା ହିଁ କାମ୍ୟ ହୋଇ ରହିଥିବ, ସମସ୍ତେ ତାହାର ହିଁ ସନ୍ଧାନ କରୁଥିବେ ଓ ସେଇଟିର ଉପଲବ୍ଧି ଲାଗି ପ୍ରୟାସ କରୁଥିବେ । ଏବଂ ଏ କଥାଟି ମଧ୍ୟ ଆଦୌ ଯଥେଷ୍ଟ ହେବ ନାହିଁ ଯେ ଏହି ଆଦର୍ଶଟି ହିଁ ମନୁଷ୍ୟର ମନକୁ ସବୁଠାରୁ ଅଧିକ ପରିମାଣରେ ଅଧିକାର କରି ରହିଥିବ ଓ ତାହାର ଶାସନ କରୁଥିବ । ଏଇଟାକୁ ଯଥାର୍ଥ ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ଅବଶ୍ୟ ବୁଝାଯାଇପାରିବ ; ମନୁଷ୍ୟଜାତିର ଆଦର୍ଶଗୁଡ଼ିକ ବର୍ତ୍ତମାନ ଯେଉଁଭଳି ହୋଇ ରହିଛି, ସେହି ଦୃଷ୍ଟିରୁ ତାହାକୁ ଏକ ବିପୁଳ ପଦକ୍ଷେପ ବୋଲି ବୁଝାଯାଇପାରିବ । ଏହା ଏକ ଅତ୍ୟାବଶ୍ୟକ ଅଗ୍ରୀମାରମ୍ଭ ହୋଇ ରହିବ, ଏକ ଉଚ୍ଚତର ସୋପାନକୁ ମନୁଷ୍ୟଜାତିର ଜୀବନମଧ୍ୟ ଉନ୍ନୟନ ବା

'oaob.nitrkl.ac.in' images reprocessed

ପୁନରୁଜ୍ଜୀବନ ଲାଗି ଏକ ଅତ୍ୟନ୍ତ ଅପରିହାର୍ଯ୍ୟ ମାନସିକ ପରିବେଶ ହୋଇ ରହିବ । ମାତ୍ର କେବଳ ଏତକ ହୋଇଗଲେ କେବଳ ଏକ ଆଂଶିକ ସଫଳତା ହିଁ ମିଳିବ ; ମନୁଷ୍ୟର ଜୀବନ ତଥା ଜୀବନଗତ ନାନା ଅନୁଷ୍ଠାନ ମଧ୍ୟକୁ ଅଭିବ୍ୟକ୍ତ ଚିଦ୍‌ଗତତାକୁ କେତେକାଂଶରେ ପ୍ରବିଷ୍ଟ କରାଇବାରେ ଏହାକୁ କେବଳ ଏକ ଆଂଶିକ ଓ ଅର୍ଦ୍ଧନିଷ୍ଠା-ସମ୍ପନ୍ନ ଚେଷ୍ଟା ବୋଲି କୁହାଯିବ, ଯେତେ ଶକ୍ତିଶାଳୀ ହେଲେ ମଧ୍ୟ କେବଳ ଏକ ସାମୟିକ ଭାବରେ ହିଁ ସଫଳ ହୋଇପାରୁଥିବା ଚେଷ୍ଟା ବୋଲି କୁହାଯିବ । ଅତୀତରେ ଏହି ଦିଗରେ ମନୁଷ୍ୟଜାତି କେବଳ ଏତିକିମାତ୍ର ହିଁ କରିଛି । ଏବଂ ସେହି ଅଳ୍ପ ପରିମାଣଟିକୁ ମଧ୍ୟ ପରିପୂର୍ଣ୍ଣ ଭାବରେ କରିପାରିବାକୁ ତାହା କେବେହେଲେ ସମର୍ଥ ହୋଇପାରି ନାହିଁ ; କେବଳ କୌଣସି ବିଶେଷ ଧର୍ମସୃଜନ ଏବଂ ବିଶେଷ ସମ୍ପ୍ରଦାୟ ବା ଗୋଷ୍ଠୀଭିତରେ ରହି ସେ ତାହା କରିପାରିଛି ଏବଂ ସେହି କ୍ଷେତ୍ରରେ ମଧ୍ୟ ସେ ଏଭଳି ଗୁରୁତ୍ୱପୂର୍ଣ୍ଣ ନାନା ଭୁଲ କରିପକାଇଛି ଏବଂ ଏପରି ନାନା କଠୋର ସୀମାବଦ୍ଧତା ମଧ୍ୟରେ ଆପଣାକୁ ବାନ୍ଧିରଖିଛି ଯେ ତାହାର ସକଳ ପ୍ରୟୋଗ ବ୍ୟର୍ଥପ୍ରାୟ ହୋଇ ରହିଛି ଏବଂ ମନୁଷ୍ୟର ଜୀବନ ଉପରେ ତାହାର କୌଣସି ପ୍ରକୃତ ପ୍ରଭାବ ମଧ୍ୟ ପଡ଼ିପାରି ନାହିଁ । କେବଳ ଏହି ଆଦର୍ଶଟିକୁ ପୋଷଣ କରିବା ଏବଂ ମନୁଷ୍ୟର ଜୀବନ ଉପରେ ତାହାର କେବଳ ଏକ ସାଧାରଣ ପ୍ରଭାବକୁ ହିଁ ପଡ଼ିବାକୁ ଦେବା ବ୍ୟତୀତ ଯଦି ଆମେ ଅଧିକକିଛି ନ କରୁ ଅର୍ଥାତ୍ ଏତିକିର ସୀମାଟିକୁ ଅତିକ୍ରମ କରି ଆଉ ଆଗକୁ ନ ଯାଉ, ତେବେ ଭବିଷ୍ୟତରେ ମଧ୍ୟ ମନୁଷ୍ୟଜାତି କେବଳ ଏତିକିମାତ୍ର ହିଁ ଚେଷ୍ଟା କରୁଥିବ, ଏହି ଅଳପ ଭିତରେ ବାନ୍ଧିହୋଇ ରହିଥିବ । ଏହାଠାରୁ ଆହୁରି ଅନେକ ବେଶି ଆବଶ୍ୟକ ; ମନୁଷ୍ୟଜାତି ମଧ୍ୟରେ ଏକ ସର୍ବସାମାନ୍ୟ ଆଧ୍ୟାତ୍ମିକ ଜାଗରଣ ଓ ଆଧ୍ୟାତ୍ମିକ ଆକାଙ୍‌କ୍ଷାକୁ ଆମେ ଅବଶ୍ୟ ଏକ ବୃହତ୍ ଏବଂ ଆବଶ୍ୟକ ପ୍ରେରକଶକ୍ତି ବୋଲି କହିବା, ମାତ୍ର ଯେଉଁ ଶକ୍ତିଟି ଦ୍ୱାରା ପ୍ରକୃତ ଫଳଗୁଡ଼ିକ ପ୍ରାପ୍ତ ହୋଇପାରିବ, ସେଇଟି ହେଉଛି କେବଳ ଏତିକିଠାରୁ ଏକ ବୃହତ୍ତର ଶକ୍ତି । ସେଥିଲାଗି ଆଧ୍ୟାତ୍ମିକତାର ଗୁଣଟି ଅନୁସାରେ ବ୍ୟକ୍ତିମନୁଷ୍ୟକୁ ପୂର୍ଣ୍ଣ ଗତିଶୀଳତା ଦେଇ ସମ୍ପୂର୍ଣ୍ଣ ନୂତନ କରି ସୃଷ୍ଟି କରିପାରିବାକୁ ହେବ ।

କାରଣ କୌଣସି ଏକ ଆଦର୍ଶର ସମ୍ମୁଖୀନ ହେଲାବେଳେ ମନୁଷ୍ୟଜାତି ସେହି ଆଦର୍ଶଲାଗି ଏକ ଆକାଙ୍‌କ୍ଷା ପୋଷଣ କରିବାରେ ହିଁ ସନ୍ତୁଷ୍ଟ ହୋଇ ରହିଯାଉଛି ଓ ସେହି ଆକାଙ୍‌କ୍ଷାଟି ମଧ୍ୟ ଅଧିକାଂଶତଃ କେବଳ ଏକ ଆକାଙ୍‌କ୍ଷାରେ ହିଁ ସୀମାବଦ୍ଧ ହୋଇ ରହିଯାଉଛି, କେବଳ ଏକ ଆଂଶିକ ପ୍ରଭାବରୂପେ ହିଁ ସେହି ଆଦର୍ଶକୁ ସ୍ୱୀକାର କରାଯାଉଛି । ସମଗ୍ର ଜୀବନଟିକୁ ଆପଣାର ଅନୁରୂପ କରି ଗଢ଼ିବାଲାଗି ସେହି ଆଦର୍ଶକୁ କୌଣସି ଅବକାଶ ଦିଆଯାଉ ନାହିଁ । ଆଦର୍ଶଟିର ରଙ୍ଗଦ୍ୱାରା ଜୀବନଟିକୁ କେବଳ ଅଳଙ୍କୃତ ରଙ୍ଗାଇଦିଆଯାଉଛି ଏବଂ ଅନେକ ସମୟରେ ତାହାକୁ ଏକ ଆଚ୍ଛାଦନ

'oaob.nitrkl.ac.in' images reprocessed

ପରି ବି ବ୍ୟବହାର କରାଯାଉଛି ଏବଂ ସେହି ଆଦର୍ଶଗତ ମୂଳତତ୍ତ୍ୱଟିର ଏକାନ୍ତ ବିରୋଧ କରୁଥିବା କେତେ କେତେ ଅନ୍ୟ ପଦାର୍ଥଲାଗି ଏକ ଆଳ ବା ଛଳନା ପରି ବ୍ୟବହାର କରାଯାଉଛି । ସେହି ଭାବଗୁଡ଼ିକୁ ଏକ ମୂର୍ତ୍ତିରୂପ ଦେବାଲାଗି କେତେକେତେ ଅନୁଷ୍ଠାନ ଗଢ଼ାଯାଉଛି, ମାତ୍ର ବଡ଼ ହାଲୁକାଭାବରେ ହିଁ ଅନୁଷ୍ଠାନଗୁଡ଼ିକୁ ତାହାର ଅନୁରୂପ କରି ତିଆରି କରାଯାଉଛି । ଉପରେ ଗୋଟାଏ କୌଣସି ଆଦର୍ଶକୁ ଧରାହୋଇଛି ଏବଂ ଲୋକମାନେ ବି ତାହାର ଅନୁଷ୍ଠାନଗୁଡ଼ିକ ମଧ୍ୟରେ ବାସ କରୁଛନ୍ତି,—ଏହାକୁ ହିଁ ଯଥେଷ୍ଟ ବୋଲି ଗ୍ରହଣ କରାଯାଉଛି । କୌଣସି ଗୋଟାଏ ଆଦର୍ଶକୁ ଧରିରଖିବାଟାକୁ ସେହି ଆଦର୍ଶ ଅନୁସାରେ ଜୀବନ ନ ବଞ୍ଚିବାଲାଗି ସତେଅବା ଏକ ଆଳ ପରି ବ୍ୟବହାର କରାଯାଉଛି । ଅନୁଷ୍ଠାନଗୁଡ଼ାକୁ ବଜାୟ ରଖି ଅନୁଷ୍ଠାନଗୁଡ଼ିକୁ ତିଆରି କରିଥିବା ମୂଳ ଭାବଗୁଡ଼ିକ ପ୍ରତି ନିଷ୍ଠାପର ହୋଇ ରହିବା ଉପରେ ସତେଅବା ଆଉ ଯଥେଷ୍ଟ ଗୁରୁତ୍ୱ ଆଦୌ ଦିଆଯାଉ ନାହିଁ । ମାତ୍ର ତାହାର ଅସଲ ସ୍ୱଭାବଟି ଦୃଷ୍ଟିରୁ ବିଚାର କରି ଦେଖିଲେ ଆଧ୍ୟାତ୍ମିକତା ହେଉଛି ଏକ ଆତ୍ମଗତ ସମ୍ପଦ, ତାହାକୁ ଆମେ କୌଣସି ଯାନ୍ତ୍ରିକତା ମଧ୍ୟରେ ନେଇ ଆଦୌ ପକାଇପାରିବା ନାହିଁ । ଅନ୍ତର୍ଗତ ଜୀବନରେ ତାହାକୁ ନେଇ ବଞ୍ଚି ନ ପାରିବା ପର୍ଯ୍ୟନ୍ତ ଆଧ୍ୟାତ୍ମିକତା କଦାପି ସମ୍ଭବ ହୁଏ ନାହିଁ ; ଯାହା ସମ୍ଭବ ହୁଏ, ତାହାକୁ ଆଦୌ ଆଧ୍ୟାତ୍ମିକତା ବୋଲି ବୁଝାଯିବ ନାହିଁ । ଏବଂ ଆମର ବାହ୍ୟ ଜୀବନଟି ଯଦି ସେହି ଅନ୍ତର୍ଗତ ଜୀବନରୁ ସ୍ଫୁରିତ ହୋଇ ଆସି ନ ପାରେ, ତେବେ କୌଣସି ଆଧ୍ୟାତ୍ମିକତା ଆଉ ଆଧ୍ୟାତ୍ମିକତା ହୋଇ ରହିବ ନାହିଁ । ପ୍ରତୀକ, ଶାସ୍ତ୍ର, ଭେକ ଓ ପରମ୍ପରା,—ଏଗୁଡ଼ାକ କଦାପି ଯଥେଷ୍ଟ ନୁହେଁ । ପ୍ରତୀକର ପଛରେ ରହିଥିବା ଅସଲ ପଦାର୍ଥଟିର ତଦ୍‌ଗତ ଉପଲବ୍‌ଧି ନ ହେବା ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଯେକୌଣସି ପ୍ରତୀକକୁ କେବଳ ଖଣ୍ଡେ ନିରର୍ଥକ ଟିକେଟ୍ ବୋଲି କହିବାକୁ ପଡ଼ିବ । ଯେକୌଣସି ଆଧ୍ୟାତ୍ମିକ ପରମ୍ପରା ବଡ଼ ସହଜ ଭାବରେ ଆପଣା ଭିତରୁ ଆପଣାର ଜୀବାତ୍ମକତାଟିକୁ ହରାଇ ବସିପାରିବ, ତାହାକୁ ବହିଷ୍କୃତ କରି ରଖିପାରିବ ଏବଂ ଏକ ମିଥ୍ୟାରେ ହିଁ ପରିଣତ ହୋଇପାରିବ । ଯେକୌଣସି ଆଧ୍ୟାତ୍ମିକ ଶାସ୍ତ୍ର ବା ଗ୍ରନ୍ଥ ହୁଏତ କେବଳ ଏକ ସାମ୍ପ୍ରଦାୟିକ ଗ୍ରନ୍ଥ ମାତ୍ର ହୋଇ ରହିପାରିବ, ଯାହାଭିତରୁ କି ଆଧ୍ୟାତ୍ମିକ ଜୀବନ ବଞ୍ଚିବାର ପ୍ରେରଣାଟି ମାତ୍ର କେତେ ସମୟଲାଗି ପ୍ରବାହିତ ହୋଇ ଆସିପାରିବ ; ମାତ୍ର ସେହି ଗ୍ରନ୍ଥ ଏକ କ୍ଷୁଦ୍ର ଆସ୍ଥାନ ପରି ମଧ୍ୟ ବେଶ୍ କାମ କରିପାରିବ, ଏକ କାରାଗାରରେ ପରିଣତ ହୋଇଯାଇ-ପାରିବ, ଯେଉଁଠାରେ କି ତାହା ସତେଅବା ପଥର ପାଲଟିଯିବ ଏବଂ ବିଲୟ ଲଭିବ । ଏକ ଆଧ୍ୟାତ୍ମିକ ଧାରଣାକୁ ଆମେ ଏକ ଶକ୍ତିମନ୍ତ୍ର ବୋଲି କହିବା ; ମାତ୍ର ଯେତେବେଳେ ତାହା ଆମର ଭିତରେ ଏବଂ ବାହାରେ ଉଭୟ କ୍ଷେତ୍ରରେ ସୃଷ୍ଟିଶୀଳ ହୋଇ କାର୍ଯ୍ୟ କରୁଥିବ, ସେତିକିବେଳେ ଯାଇ ତାହାକୁ ଏକ ଶକ୍ତିମନ୍ତ୍ର ବୋଲି ବୁଝାଯାଇପାରିବ । ଏଠାରେ ଆମକୁ ଏକ ବ୍ୟାବହାରିକ ତତ୍ତ୍ୱକୁ ଅଧିକ ପ୍ରସାରି ତଥା ଅଧିକ ଗମ୍ଭୀରତା ଦେଇ କହିରଖିବାକୁ ହେବ ଯେ ଆମେ ପ୍ରକୃତରେ ସେତିକିମାତ୍ର ସୃଷ୍ଟି କରିପାରୁଛୁ, ଆମନ୍ଦଙ୍କ

'oaob.nitrkl.ac.in' images reprocessed

କେବଳ ସେତିକିମାତ୍ର ହିଁ ସତ୍ୟ; ଆମେ ଆମ ଭିତରେ ଯାହା କିଛି ସୃଷ୍ଟି କରୁଛୁ ଅର୍ଥାତ୍ ଆମେ ଯାହା କିଛି ହୋଇପାରୁଛୁ, ପ୍ରଥମେ ଏହି ଅର୍ଥରେ ହିଁ ତାହା ସେତିକି ପରିମାଣରେ ସତ୍ୟ । ଏଥିରେ କେହି କୌଣସି ସନ୍ଦେହ ପ୍ରକାଶ କରୁନାହିଁ ଯେ ଚିଦାତ୍ମକତାର ସ୍ୱର୍ଗବିସ୍ତାର ମଧ୍ୟରେ ଆଧ୍ୟାତ୍ମିକ ସତ୍ୟ ଆମର ସକଳ ସୀମାକୁ ଅତିକ୍ରମ କରି ରହିଛି ଓ ଆମଠାରୁ ସ୍ୱତନ୍ତ୍ର ହୋଇ ରହିଛି; ମାତ୍ର ଯେପର୍ଯ୍ୟନ୍ତ ସେହି ସତ୍ୟର ଏହି ଜୀବନ ଉପରେ କୌଣସି ଅବତରଣ ଘଟିନାହିଁ, ସେପର୍ଯ୍ୟନ୍ତ ଏଠାରେ ବାସ କରୁଥିବା ମନୁଷ୍ୟଜାତି ଲାଗି ତାହାର ଆଦୌ କୌଣସି ଅର୍ଥ ନାହିଁ, ସେପର୍ଯ୍ୟନ୍ତ ତାହା ଏହି ପୃଥିବୀର ଅଥବା ଜୀବନର ସତ୍ୟରେ କଦାପି ପରିଣତ ହୋଇପାରିବ ନାହିଁ । ଆମ ଊର୍ଦ୍ଧ୍ୱରେ ଦିବ୍ୟ ପରିପୂର୍ଣ୍ଣତା ଚିରବସ୍ଥିତ ହୋଇ ରହିଛି; ମାତ୍ର ଏହି ମନୁଷ୍ୟ ହିଁ ତା'ର ଚେତନା ତଥା କର୍ମରେ ଦିବ୍ୟତାର ସୋପାନକୁ ଉନ୍ନୀତ ହେବ ଏବଂ ବାହ୍ୟ ତଥା ଆନ୍ତର ଉଭୟ ଭାବରେ ସେହି ଦିବ୍ୟ ଜୀବନଟିକୁ ବଞ୍ଚିପାରିବ,—ଏଠାରେ ଆଧ୍ୟାତ୍ମିକତା ବହିଲେ ଏହା ହିଁ ବୁଝାଉଛି । ଏହାଠାରୁ ଊଣା କରି ଏହି ଶବ୍ଦଟିକୁ ଆଉ ଯେତେଯେତେ ଅର୍ଥ ଦିଆଯାଉଛି, କେବଳ ବଡ଼ ଅଯଥେଷ୍ଟ ଓ ଅଯଥାର୍ଥ ହୋଇ ରହୁଛି ଅଥବା ଆଧ୍ୟାତ୍ମିକତାର ଭେକ ଧରି ତଦ୍ଦ୍ୱାରା ଆଉକିଛି ଆସି ତାହାର ଆସନ ମାଡ଼ିବସୁଛି ।

ପ୍ରତ୍ୟେକ ମନୁଷ୍ୟର ଜୀବନରେ ଏକ ବ୍ୟକ୍ତିଗତ ପରିବର୍ତ୍ତନ ସମ୍ଭବ କରିବାଦ୍ୱାରା ହିଁ ଏହି ଆଧ୍ୟାତ୍ମିକତାଟିକୁ ସମ୍ଭବ କରାଯାଇପାରିବ; ଆତ୍ମପ୍ରଧାନ ଧର୍ମଗୁଡ଼ିକ ମଧ୍ୟ ଠିକ୍ ଏହି କଥାଟିକୁ ସ୍ୱୀକାର କରିଛନ୍ତି । ସମୂହର ଆତ୍ମା ବୋଲି ଏକ ସତ୍ୟ ଅବଶ୍ୟ ରହିଛି, ମାତ୍ର ବ୍ୟକ୍ତି-ଅସ୍ତିତ୍ୱର କେବଳ ଏକ ବିରାଟ ଅର୍ଦ୍ଧାବଚେତନ ଉତ୍ସରୂପେ ହିଁ ତାହା ଅବସ୍ଥିତ ରହିଛି । ଯଦି ତାହାକୁ ଏକ ନିର୍ଦ୍ଦିଷ୍ଟ ମନୋମୟ ଆକାର ଗ୍ରହଣ କରିବାକୁ ହୁଏ ଅଥବା ଏକ ନୂତନ ପ୍ରକାରର ସମୂହଗତ ଜୀବନରେ ପରିଣତ ହେବାକୁ ହୁଏ, ତେବେ ନବ ନବ ରୂପ ଓ ବ୍ୟଞ୍ଜନା ସହିତ ଅଭିବୃଦ୍ଧ ହୋଇଉଠୁଥିବା ଏହାର ବ୍ୟକ୍ତିମାନଙ୍କ ଦ୍ୱାରା ହିଁ ତାହା ପ୍ରକୃତରେ ସମ୍ଭବ ହୋଇପାରିବ । କୌଣସି ସମୂହସ୍ଥ ବ୍ୟକ୍ତିମାନଙ୍କର ଚିଦ୍‌ଗତତା ତଥା ଜୀବନ ଯେପରି ହେବ, ସେହି ସମୂହର ଉପଲବ୍ଧି, ସ୍ୱବାତ୍ମକତା ତଥା ତା'ର ଜୀବନର ପ୍ରକୃତ ଶକ୍ତିଟି ମଧ୍ୟ ଠିକ୍ ସେହିପରି ହେବାକୁ ହିଁ ବାଧ୍ୟ ହେବ । ଯେଉଁ ସମାଜ ଆପଣାର ବ୍ୟକ୍ତିମାନଙ୍କ ମଧ୍ୟରେ ନ ବଞ୍ଚି ଆପଣା ଅନୁଷ୍ଠାନ-ଗୁଡ଼ିକ ମଧ୍ୟରେ ପଡ଼ିରହିଛି ଓ ତାହାକୁ ଜୀବନ ବୋଲି କହୁଛି, ତାହାକୁ ଆମେ କଦାପି ଏକ ସମୂହ-ଆତ୍ମା ବୋଲି କହିବା ନାହିଁ, ଆମେ ତାକୁ ଗୋଟାଏ ମେସିନ୍ ବୋଲି ହିଁ କହିବା । ସେହି ସମାଜର ଜୀବନ ସେତେବେଳେ କୌଣସି ମେସିନ୍‌ରୁ ବାହାରିଥିବା ଏକ ପଦାର୍ଥଠାରୁ ଆଉ କୌଣସିପ୍ରକାରେ ଭିନ୍ନ ହୋଇ ରହିବ ନାହିଁ ଏବଂ ତାହା ଜୀବନ୍ତ ଅଭିବୃଦ୍ଧିର ସକଳ ସାମର୍ଥ୍ୟକୁ ହରାଇବସିବ । ତେଣୁ ଏକ ଆଧ୍ୟାତ୍ମିକ ଯୁଗର ଉଦୟ ହେବା ପୂର୍ବରୁ ଆମ ସମାଜରେ ପ୍ରଥମେ ଅଧିକରୁ ଅଧିକସଂଖ୍ୟକ ଏପରି

'oaob.nitrkl.ac.in' images reprocessed

ବ୍ୟକ୍ତିଙ୍କର ଆବିର୍ଭାବ ଘଟିବ, ଯେଉଁମାନେ କି ଆଉ ଏହି ନିତ୍ୟନୈମିତ୍ତିକ ବୁଦ୍ଧିଗତ, ପ୍ରାଣିକ ଏବଂ ଭୌତିକ ମନୁଷ୍ୟଜୀବନକୁ ନେଇ ସନ୍ତୁଷ୍ଟ ହୋଇ ରହିପାରିବେ ନାହିଁ, ମାତ୍ର ଏକ ବୃହତ୍ତର ବିବର୍ତ୍ତନକୁ ହିଁ ମନୁଷ୍ୟଜାତିର ଯଥାର୍ଥ ଲକ୍ଷ୍ୟ ଓ କାମ୍ୟରୂପେ ପ୍ରତ୍ୟକ୍ଷ କରିବେ ଏବଂ ସ୍ୱୟଂ ଆପଣା ଜୀବନରେ ତାହାକୁ କାର୍ଯ୍ୟକାରୀ କରିବାଲାଗି ପ୍ରୟାସ କରିବେ, ଅନ୍ୟମାନଙ୍କୁ ସେହି ପ୍ରୟାସର ମାର୍ଗକୁ ବାଟ କଢ଼ାଇଆଣିବେ, ଏବଂ ସମସ୍ତ ଜାତିଲାଗି ମଧ୍ୟ ଏହାକୁ ହିଁ ସ୍ୱୀକୃତ ଲକ୍ଷ୍ୟରୂପେ ପ୍ରତିଷ୍ଠିତ କରି ରଖିବେ । ଏହି ଉଦ୍ୟମଟିରେ ସେମାନେ ଯେତିକି ସଫଳତା ଲାଭ କରିପାରିବେ ଏବଂ ଯେତିକି ପରିମାଣରେ ସେମାନେ ଏହି ବିବର୍ତ୍ତନଟିକୁ ଅଗ୍ରସର କରାଇନେଇଯିବେ, କେବଳ ସେହି ଅନୁପାତରେ ହିଁ ସେମାନେ ପ୍ରତିନିଧିତ୍ୱ କରୁଥିବା ଅଥଚ ତଥାପି ଅନୁପଲବ୍ଧ ହୋଇ ରହିଥିବା ସେହି ନିହିତ ସମ୍ଭାବନାଟି ଭବିଷ୍ୟତଲାଗି ଏକ ସତ୍ୟସମ୍ଭାବନାରେ ପରିଣତ ହୋଇପାରିବ ।

ଅତୀତରେ ଯେତେବେଳେ ଆଧ୍ୟାତ୍ମିକତାର କ୍ଷେତ୍ରରେ କୌଣସି ବୃହତ୍ ଅଭ୍ୟୁଦୟ ଘଟିଛି, ସେତେବେଳେ ତାହାର ପରିଣାମସ୍ୱରୂପ କୌଣସି ଏକ ବିଶେଷ ରୀତିକୁ ଅବଲମ୍ବନ କରି ଏକ ନୂତନ ଧର୍ମର ଆବିର୍ଭାବ ହୋଇଛି ଏବଂ ଏକ ନୂତନ ବିଶ୍ୱବ୍ୟବସ୍ଥା ହିସାବରେ ସେହି ଧର୍ମ ମନୁଷ୍ୟଜାତି ଉପରେ ଆପଣାକୁ ଲଦିଦେବାକୁ ଚେଷ୍ଟା କରିଆସିଛି । ମାତ୍ର ଉଚିତ ସମୟ ଆସିବା ପୂର୍ବରୁ ଅର୍ଥାତ୍ ଆପଣାର ଅପରିପକ୍ୱ ଅବସ୍ଥାରୁ ଯେ ଏହି ଧର୍ମ ଗୋଟା ବାନ୍ଧି ବସିଯିବାକୁ ଚେଷ୍ଟା କରିଛି ତା' ନୁହେଁ, ମାତ୍ର ତାହା ସମ୍ପୂର୍ଣ୍ଣ ପ୍ରମାଦପୂର୍ଣ୍ଣ ଭାବରେ ଗୋଟା ବାନ୍ଧିବାକୁ ବସିଛି ଏବଂ ତାହାଫଳରେ କୌଣସି ଗଭୀର ଓ ଯଥାର୍ଥ ସିଦ୍ଧିର ସହାୟକ ହେବା ପରିବର୍ତ୍ତେ ତାହା ସେହି ସିଦ୍ଧିର ବାଟ ଓଗାଳି ରହିଛି । ମନୁଷ୍ୟଜାତିର ଯେକୌଣସି ଆଧ୍ୟାତ୍ମିକ ଯୁଗର ଲକ୍ଷ୍ୟ ଏବଂ ଆତ୍ମପ୍ରଧାନ ଧର୍ମଗୁଡ଼ିକର ଯଥାର୍ଥ ଲକ୍ଷ୍ୟ ଭିତରେ ବସ୍ତୁତଃ ଆଦୌ କୌଣସି ଭିନ୍ନତା ରହିବ ନାହିଁ;—ଉଭୟ କ୍ଷେତ୍ରରେ ଏକ ନୂତନ ଜନ୍ମ ସଂଘଟିତ ହେବ, ଏକ ନୂତନ ଚେତନା ଜନ୍ମ ଲାଭ କରିବ, ମନୁଷ୍ୟସତ୍ତା ଊର୍ଦ୍ଧ୍ୱଦିଗକୁ ବିବର୍ତ୍ତିତ ହେବ, ଆମର ଜୀବନାଙ୍ଗ-ଗୁଡ଼ିକରେ ପରମ ଚିଦ୍‌ଗତତାର ଅବତରଣ ଘଟିବ ଏବଂ ଆମର ଜୀବନକ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପୁନଃସଂଗଠନ ଘଟିବ । ମାତ୍ର ଯଦି ତାହା ଆପଣାକୁ ଯେକୌଣସି ଧର୍ମ ଆନ୍ଦୋଳନର ସେହି ପରିଚିତ ପୁରୁଣା ଯନ୍ତ୍ରଟି ଭିତରେ ଓ ତାହାର ଅତ୍ୟନ୍ତ ଅପୂର୍ଣ୍ଣ ସାଧନଗୁଡ଼ିକ ଭିତରେ ସୀମାବଦ୍ଧ କରି ରଖେ, ତେବେ ଅଧିକା ଆଉ ଗୋଟିଏ ବିଫଳତାକୁ ଲିପିବଦ୍ଧ କରି ରଖିବା ବ୍ୟତୀତ ତାହା ଆଉ କିଛି ହେଲେ କରିପାରିବ ନାହିଁ । ଯେକୌଣସି ଧର୍ମ-ଆନ୍ଦୋଳନଫଳରେ ସାଧାରଣତଃ ଆଧ୍ୟାତ୍ମିକ ଉତ୍ତେଜନାର ଗୋଟିଏ ତରଙ୍ଗ ସୃଷ୍ଟି ହୋଇଥାଏ, ଆଧ୍ୟାତ୍ମିକ ଆକାଂକ୍ଷାର ବି ଏକ ତରଙ୍ଗ ସୃଷ୍ଟି ହୋଇଥାଏ ; ସେହି ଉତ୍ତେଜନା ଓ ଆକାଂକ୍ଷା ଆପଣାକୁ ବହୁସଂଖ୍ୟକ ବ୍ୟକ୍ତିଙ୍କ ପାଖକୁ

'oaob.nitrkl.ac.in' images reprocessed

ବହନ କରି ନେଇଆସେ ଏବଂ ତାହାଫଳରେ ଏକ ସାମୟିକ ଉଦ୍ବେଳନ ସଂଘଟିତ ହୁଏ, ଏକ ଫଳଦାୟକ ସଂଗଠନ ବି ସମ୍ଭବ ହୁଏ, ଯାହାକି ଆଂଶିକ ଭାବରେ ଆଧ୍ୟାତ୍ମିକ ଓ ଆଂଶିକ ଭାବରେ ନୈତିକତାଦ୍ୱାରା ପ୍ରେରିତ ହୋଇ ରହିଥାଏ ଏବଂ ଆପଣାର ସ୍ୱଭାବରେ ଆଂଶିକ ଭାବରେ ଅକାଟ୍ୟ ବିଶ୍ୱାସସୂତ୍ରରେ ବାନ୍ଧିହୋଇ ରହିଥାଏ । ମାତ୍ର ଗୋଟିଏ ଦୁଇଟି ପୁରୁଷ ଅନ୍ତେ ଅଥବା ଖୁବ୍ ବେଶି ହେଲେ କେତୋଟି ପୁରୁଷ ଅନ୍ତେ ସେହି ତରଙ୍ଗର ସ୍ଥିତିଟି କ୍ରମେ ତଳକୁ ଖସିଯିବାକୁ ଆରମ୍ଭ କରେ ଏବଂ ଆନୁଷ୍ଠାନିକ ଗଠନଟା ଯେପରି ଥିଲା ସେହିପରି ରହିଯାଏ । ଯଦି କୌଣସି ମହାନ୍ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କୁ ଆପଣା ପ୍ରେରଣାର ଉତ୍ସ କରି ଧରି କୌଣସି ଧର୍ମର କ୍ଷେତ୍ରରେ ଏକ ଅତ୍ୟନ୍ତ ଶକ୍ତିଶାଳୀ ଆନ୍ଦୋଳନ ସଂଘଟିତ ହୋଇଥାଏ, ତେବେ ପ୍ରଥମକାଳୀନ ଉତ୍ସାହଟି ଊଣା ହୋଇଯିବା ପରେ ମଧ୍ୟ ଧର୍ମଚେତନର କେନ୍ଦ୍ରରୂପେ ଏକ ବିଶେଷ ପ୍ରଭାବଶାଳିତା ଅବଶେଷ ରହିଯାଇପାରେ ଓ ଏକ ଅନ୍ତର୍ଗତ ଶୃଙ୍ଖଳା ମଧ୍ୟ ଅବଶେଷ ରହିପାରେ, ଯାହା କି ହୁଏତ ଆହୁରି କେତେକ ନୂତନ ତରଙ୍ଗକୁ ମଧ୍ୟ ଜନ୍ମ ଦେଇପାରେ; ମାତ୍ର ଏହି ପରବର୍ତ୍ତୀ ଉତ୍ସାହ ଓ ତରଙ୍ଗଗୁଡ଼ିକର ଶକ୍ତି କ୍ରମଶଃ ହ୍ରାସ ହୋଇଆସୁଥାଏ ଏବଂ ଆନ୍ଦୋଳନଟି ଆପଣାର ଅସଲ ମୂଳଟିଠାରୁ ଦୂରକୁ ଦୂରକୁ ଚାଲିଯିବା ସଙ୍ଗେ ସଙ୍ଗେ ସେହି ଅନୁପାତରେ ସେଗୁଡ଼ିକର ସ୍ଥାୟିତ୍ୱ ମଧ୍ୟ ଊଣା ହୋଇଆସୁଥାଏ । କାରଣ ଏହି ପର୍ଯ୍ୟାୟଟିରେ ସେହି ଧର୍ମପନ୍ଥାଗତ ବିଶ୍ୱାସୀ ଓ ଅନୁଯାୟୀମାନଙ୍କୁ ଏକାଠି ଗୋଟିଏ ଗଣରେ ବାନ୍ଧିରଖିବା ଲାଗି ଏବଂ ଅବଶିଷ୍ଟ ଅନାଲୋକିତ ପୃଥିବୀଠାରୁ ସେମାନଙ୍କୁ ଏକ ଅଲଗା ଭେକଦ୍ୱାରା ନିର୍ଦ୍ଦିଷ୍ଟ କରି ରଖିବାଲାଗି ଏକ ଧର୍ମଗୋଷ୍ଠୀ ଗଢ଼ିଉଠିଥାଏ, ଗୋଟିଏ ଗୀର୍ଜା ବା ମନ୍ଦିରର ଆନୁଷ୍ଠାନିକତା ଗଢ଼ିଉଠିଥାଏ, ଏକ ସୋପାନକ୍ରମ ବନ୍ଧା ହୋଇଯାଇଥାଏ, ନୈତିକ ଜୀବନଯାପନ ବିଷୟରେ ଏକ କଠୋର ଏବଂ ପ୍ରଗତିବିରୋଧୀ ରୀତି ପ୍ରଚଳିତ ହେବାକୁ ଆରମ୍ଭ କରିଥାଏ, କେତୋଟି ବଦ୍ଧମୂଳ ବିଶ୍ୱାସକୁ ଧର୍ମର ନିର୍ଦ୍ଦିଷ୍ଟ ଅଙ୍ଗରୂପେ ଗ୍ରହଣ କରାଯାଇଥାଏ, କେତେଟା ଆଡ଼ମ୍ବର, କେତେଟା ଉତ୍ସବବିଧି, ପବିତ୍ର ବୋଲି ସ୍ୱୀକୃତ ଲାଭ କରିଥିବା କେତେଟା ଅନ୍ଧବିଶ୍ୱାସ ଏବଂ ସମଗ୍ର ମନୁଷ୍ୟଜାତି ଲାଗି ମୁକ୍ତିର ବିଧାନ କରିପାରିବାର ଦାବି କରୁଥିବା ଏକ ଅତିବିସ୍ତୃତ ଯାନ୍ତ୍ରିକ ସଂଗଠନ ତିଆରି ହୋଇ ରହିଥାଏ । ପରିଣାମତଃ ଆଧ୍ୟାତ୍ମିକତା ଅଧିକରୁ ଅଧିକ ମାତ୍ରାରେ ଗୌଣ ଓ ଅପ୍ରଧାନ ହୋଇଯାଏ ଏବଂ ବୁଦ୍ଧିପ୍ରେରିତ ବିଶ୍ୱାସ, ଆଚରଣର କେତେଟା ବାହ୍ୟରୂପ ଏବଂ ବାହ୍ୟ କେତେଟା ବିଧି ଓ ଆଚାର ପ୍ରଧାନ ହୋଇ ରହେ, ଭିତରର ପ୍ରେରଣାଗୁଡ଼ିକ ତୁଳନାରେ ନିମ୍ନତର ପ୍ରେରଣାମାନ ପ୍ରଧାନ ହୋଇ ରହେ ; ଅନ୍ତଃସାର ଅସଲ ପଦାର୍ଥଟି ତୁଳନାରେ ସହାୟକ, ସାଧନ ଏବଂ ଆକସ୍ମିକତାଗୁଡ଼ିକ ହିଁ ପ୍ରଧାନ ହୋଇ ରହେ । ସମଗ୍ର ଜୀବନକୁ ଏକ ଅଧ୍ୟାତ୍ମପ୍ରେରିତ ଜୀବନ ବିଷୟରେ ଦୀକ୍ଷିତ କରିପାରିବା ସକାଶେ ପ୍ରଥମେ ଅତି ସ୍ୱତଃସ୍ଫୂର୍ତ୍ତି ଏବଂ ଶକ୍ତିମନ୍ତ ଭାବରେ ଯେଉଁ ଚେଷ୍ଟାଟି ହୋଇଥିଲା, ସେଇଟି କୁଆଡ଼େ ଅପସରିଯାଏ ଏବଂ ତାହା ସ୍ଥାନରେ ଆଧ୍ୟାତ୍ମିକ ସଚେତରେ କଳ୍ପିତ୍ ପୂର୍ଣ୍ଣ ଦିଆହୋଇଥିବା

ବିଶ୍ୱାସ ଏବଂ ନୀତିଶୀଳତାର ଏକ ନିର୍ଦ୍ଦିଷ୍ଟ ରୀତି ଓ ବ୍ୟବସ୍ଥା ହିଁ ଆସନରେ ଆସି ବସି-ଯାଏ । ଏବଂ ସେହି ପରିତ୍ରାଣଦାୟୀ ଉପାଦାନଟି ମଧ୍ୟ ବାହ୍ୟ ଯାନ୍ତ୍ରିକତାଟି ଦ୍ୱାରା ପ୍ରାଦୁର୍ଭୂତ ହୋଇ ରହେ, ତାହାକୁ ବାଡ଼ ଦେଇ ଘୋଡ଼ାଇରଖିଥିବା ଅନ୍ଥାଳିକାଟି ଏକ ସମାଧିସ୍ଥାନରେ ପରିଣତ ହୋଇଯାଏ । ଗୀର୍ଜା ବା ମନ୍ଦିରକୁ ମୂଳ କରି ରହିଥିବା ଏକ ଆନୁଷ୍ଠାନିକତା ଅସଲ ଭାବାତ୍ମକତାଟିର ସ୍ଥାନ ମାଡ଼ିବସେ ଏବଂ ସମସ୍ତେ କେବଳ ବିଶ୍ୱାସ, ବିଧି ଓ ବ୍ୟବସ୍ଥାଗୁଡ଼ିକୁ ମାନନ୍ତୁ ବୋଲି ସବୁଆଡ଼ୁ ଦାବି କରାଯାଏ । ମାତ୍ର କେତେ ଜଣ ଅଳ୍ପସଂଖ୍ୟକ ଲୋକ ଆଧ୍ୟାତ୍ମିକ ଜୀବନାଚରଣର ମାର୍ଗରେ ରହିଥାନ୍ତି ଓ ସେମାନେ ମଧ୍ୟ ଆପଣା ଆପଣାର ସୁନିର୍ବନ୍ଧ ବିଶ୍ୱାସ ଓ ବ୍ୟବସ୍ଥାଟି ଦ୍ୱାରା ନିର୍ଦ୍ଦେଶିତ ହୋଇ ରହିଥିବା ସୀମାଗୁଡ଼ିକ ମଧ୍ୟରେ ରହି ଯାହା କିଛି ଆଧ୍ୟାତ୍ମିକତାର ଆଚରଣ କରୁଥାନ୍ତି । ଅଧିକସଂଖ୍ୟକ ଲୋକ ସେହି ଅଳ୍ପପରିସର ଉଦ୍ୟମଟିର ବି ଅବହେଳା କରିବାରେ ଲାଗିଥାନ୍ତି ଏବଂ ଏକ ଗଭୀରତର ଜୀବନର ଆହ୍ୱାନ ପରିବର୍ତ୍ତେ ଏକ ଯନ୍ତ୍ରାଚରିତ ଅଥବା ଅବହେଳାମୟ ଧର୍ମପରାୟଣତାରେ ହିଁ ବେଶ୍ ସନ୍ତୁଷ୍ଟ ହୋଇ ରହିଥାନ୍ତି । ଶେଷକୁ ଏହା ହିଁ ଦେଖିବାକୁ ବାକି ରହିଥାଏ ଯେ ଧର୍ମରେ ରହିଥିବା ଯଥାର୍ଥ ଭାବାତ୍ମକତାଟି କ୍ରମେ ଅତି କ୍ଷୀଣ ହୋଇଯାଏ, ତା'ର ପ୍ରବାହଟି ନାନା ବାଲିବନ୍ଧଦ୍ୱାରା ସତେଅବା ଅବରୁଦ୍ଧ ହୋଇ ରହିଯାଏ । ଖୁବ୍ ବେଶି ହେଲେ ତାହାର ସେହି ପାରମ୍ପରିକତାର ଶୁଷ୍କ ବାଲିଶଯ୍ୟା ଉପରେ ସାମୟିକ ଓ ଅଳ୍ପକ୍ଷଣସ୍ଥାୟୀ ବନ୍ୟାପ୍ଲାବନ ହୋଇଥାଏ ସତ, ମାତ୍ର ସେସବୁ ତାକୁ ତଥାପି ମହାକାଳର ବିଲୁପ୍ତ ଅଧ୍ୟାୟଗୁଡ଼ିକରେ ଏକ ସ୍ମୃତିପ୍ରାପ୍ତ ହୋଇ ରହିବାରୁ ମଧ୍ୟ ବଞ୍ଚିତ କରି ରଖିଥାଆନ୍ତି ।

ସମଗ୍ର ପୃଥିବୀ ଉପରେ ଆପଣାକୁ ଅଧିଷ୍ଠିତ କରି ରଖିବାଲାଗି କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମବିଶ୍ୱାସ ଓ ଧର୍ମମତର ଯେଉଁ ଉଚ୍ଚାକାଂକ୍ଷା ରହିଥାଏ, ତାହା ପ୍ରକୃତରେ ମନୁଷ୍ୟର ସ୍ୱଭାବକ୍ଷେତ୍ରରେ ରହିଥିବା ବୈଚିତ୍ର୍ୟ ଏବଂ ବହୁବିଧତାର ହିଁ ବିରୁଦ୍ଧାଚରଣ କରିଥାଏ । ଏବଂ ପରମ ଚିଦ୍‌ଗତତାର ଅନ୍ତତଃ ଗୋଟିଏ ମର୍ମସ୍ୱଭାବର ମଧ୍ୟ ତାହା ବିରୁଦ୍ଧାଚରଣ କରିଥାଏ । କାରଣ, ଏକ ପ୍ରସାରଯୁକ୍ତ ଅନ୍ତର୍ଗତ ସ୍ୱାଧୀନତା ଏବଂ ଏକ ବୃହତ୍‌ପରିସର ଏକତ୍ୱ ହେଉଛି ପରମ ଚିଦ୍‌ଗତତାର ସ୍ୱଭାବ, ଏବଂ ସେହି ସ୍ୱାଧୀନତା ତଥା ଏକତ୍ୱ ମଧ୍ୟକୁ ବିକଶିତ ହୋଇପାରି ପାରିବାଲାଗି ପ୍ରତ୍ୟେକ ମନୁଷ୍ୟବ୍ୟକ୍ତିକୁ ତା'ର ଆପଣା ସ୍ୱଭାବଟିର ଅନୁରୂପ ପୂର୍ଣ୍ଣ ଅବକାଶ ଅବଶ୍ୟ ମିଳିବା ଉଚିତ । ପୁଣି,—ଏବଂ ଏଥିରୁ ମଧ୍ୟ ଅନିବାର୍ଯ୍ୟ ବିଫଳତାର ଆଉରି ଏକ କାରଣ ଉତ୍ପନ୍ନ ହୋଇଥାଏ,—ଆପଣାର ଏକ ଚରିତାର୍ଥତ ପ୍ରବୃତ୍ତିଦ୍ୱାରା ପ୍ରେରିତ ହୋଇ ମତପ୍ରଧାନ ଧର୍ମଗୁଡ଼ିକ ଏକ ପରଲୋକ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଦେଇଥାନ୍ତି ଏବଂ ପାର୍ଥିବ ଜୀବନର ଉଦୟ ତଥା ଉତ୍କର୍ଷନକୁ ଏକ ଅପ୍ରଧାନ ପ୍ରସଙ୍ଗ କରି ରଖିଥାନ୍ତି । ଏହି ପୃଥିବୀ ଉପରେ ମନୁଷ୍ୟସମାଜର ଏକ ବିଶ୍ୱବ୍ୟାପୀ ଅଭ୍ୟୁଦୟର ମୂଳ ଆଶାଟି ଯେତିକି ଯେତିକି ଅଧିକ

'oaob.nitrkl.ac.in' images reprocessed

କ୍ଷୀଣ ହେବାରେ ଲାଗିଥାଏ, ପ୍ରାୟ ସେହି ଅନୁପାତରେ ପରଲୋକ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିବାର ପ୍ରବୃତ୍ତିଟି ମଧ୍ୟ ବୃଦ୍ଧି ପାଇବାରେ ଲାଗିଥାଏ । ତେଣୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆଧ୍ୟାତ୍ମିକ ଯୁଗଟିର ଆବିର୍ଭାବ ପୂର୍ବରୁ ଆପଣା ଆପଣାର ବଳିଷ୍ଠ ନାନା ବିଶେଷ ପ୍ରେରଣା ତଥା ଶୃଙ୍ଖଳାକୁ ଅବଲମ୍ବନ କରି ହୁଏତ କେତେ କେତେ ଆଧ୍ୟାତ୍ମିକ ନୂତନ ତରଙ୍ଗମାନ ଉତ୍ଥିତ ହୋଇ ଆସିବ ; ମାତ୍ର ତଥାପି ଜାତିର ତଥା ଜାତିର ଆଧ୍ୟାତ୍ମିକ ନାୟକମାନଙ୍କର ସାଧାରଣ ମନୋଭୂମିରେ ସେହିସବୁ ନୂତନ ତରଙ୍ଗର ଭାବଗୁଡ଼ିକୁ ସର୍ବଦା ଗୌଣ ଓ ଅପ୍ରଧାନ କରି ହିଁ ରଖିବାକୁ ପଡ଼ିବ । ସକଳ ପ୍ରେରଣା ଏବଂ ସକଳ ବିଶୃଙ୍ଖଳାର ଏକ ଯଥାର୍ଥତା ଅବଶ୍ୟ ରହିଛି, ଏବଂ ତଥାପି ସେଗୁଡ଼ିକ କେହି ସମ୍ପୂର୍ଣ୍ଣ ଭାବରେ କଦାପି ଯଥାର୍ଥ ନୁହନ୍ତି । କାରଣ, ସେଗୁଡ଼ିକ ହେଉଛନ୍ତି କେବଳ ଗୋଟିଏ ଗୋଟିଏ ସାଧନ ମାତ୍ର ଏବଂ କେବଳ ସେହିଗୁଡ଼ିକର ଯେ ଆଚରଣ କରିବାକୁ ହେବ, ଏପରି ଦାବି କରିବାରେ ଆଦୌ କୌଣସି ଯଥାର୍ଥତା ନାହିଁ,—ଏହି କଥାଟିକୁ ସର୍ବପ୍ରଧାନ କଥା ରୂପେ ସ୍ୱୀକୃତ ଦେବାକୁ ପଡ଼ିବ । ସବୁଠାରୁ ଅଧିକ ସାରକଥାଟିକୁ ହିଁ ସମସ୍ତଙ୍କ ମଧ୍ୟରେ ଅଗ୍ରସ୍ଥାନ ଦିଆଯିବ ; ଅର୍ଥାତ୍ ଭଗବତ୍ତାଦ୍ୱାରା ପରିଚାଳିତ ହୋଇ-ପାରିବାଲାଗି ମନୁଷ୍ୟର ସମଗ୍ର ଜୀବନଟିକୁ ଅନୁରୂପ ଭାବରେ ଦୀକ୍ଷିତ ଓ ପ୍ରସ୍ତୁତ କରି-ନିଆଯିବ,—ଏହି କଥାଟିକୁ ହିଁ ପ୍ରଥମ ଅଗ୍ରାଧିକାର ଦିଆଯିବ । ଏଥିଲାଗି କୌଣସି ସ୍ୱର୍ଗ-ମଧ୍ୟକୁ ମନୁଷ୍ୟର ଆରୋହଣକୁ ଆମେ ଅସଲ ମୁକ୍ତିକାଠି ବୋଲି କଦାପି କହିପାରିବା ନାହିଁ ; ମାତ୍ର ମନୁଷ୍ୟ ଏଇଠି ପରମ ଭଗବତ୍ତା ମଧ୍ୟକୁ ଉନ୍ନୋଳିତ ହୋଇଯିବ ଏବଂ ତାହା ସଙ୍ଗେ ସଙ୍ଗେ ତାହାର ଏହି ଚରାଚରିତ ମନୁଷ୍ୟଭୂମିଟିର ଉପରକୁ ପରମ ଭଗବତ୍ତାର ମଧ୍ୟ ଅବତରଣ ଘଟିବ ଓ ତାହାଫଳରେ ଏହି ପାର୍ଥିବ ପ୍ରକୃତିରେ ଏକ ପୂର୍ଣ୍ଣ ରୂପାନ୍ତର ଘଟିବ,—ତାହା ହିଁ ହେଉଛି ଅସଲ ମୁକ୍ତିକାଠି । କାରଣ, ମୃତ୍ୟୁ ପରେ ପ୍ରାପ୍ତ ହେଉଥିବା କୌଣସି କଳ୍ପିତ ମୋକ୍ଷକୁ ନୁହେଁ, ମାତ୍ର ତାହାକୁ ହିଁ ଆମେ ଅଭିଳଷିତ ସେହି ନୂତନ ଜନ୍ମ ବୋଲି କହିବା ; ଆପଣାର ବହୁଦୀର୍ଘ ଓ ବହୁ ଅନିଶ୍ଚିତତା ଦ୍ୱାରା ପୂର୍ଣ୍ଣ ଅତି ଯନ୍ତ୍ରଣାଦାୟକ ଗତିପଥଟିର ସର୍ବଶେଷ ପରିପୂର୍ତ୍ତି ଓ ପଦକ୍ଷେପ ରୂପେ ମନୁଷ୍ୟସମାଜ କେବଳ ସେହି ନୂତନ ଜନ୍ମଟି ଲାଗି ହିଁ ଅପେକ୍ଷା କରି ରହିଛି ।

ତେଣୁ ଯେଉଁ ବ୍ୟକ୍ତିମାନେ ଏକ ଆଧ୍ୟାତ୍ମିକ ବିବର୍ତ୍ତନକୁ ହିଁ ମନୁଷ୍ୟର ନିୟତି ଓ ସେହି କାରଣରୁ ତା'ର ମହତ୍ତମ ଆବଶ୍ୟକତା ବୋଲି ସ୍ୱୀକାର କରିବେ, ସେହିମାନେ ହିଁ ଆଗାମୀ ନୂତନ ଯୁଗଟିରେ ମନୁଷ୍ୟଜାତିର ଭବିଷ୍ୟତ ସକାଶେ ସବୁଠାରୁ ଅଧିକ ସହାୟକ ହୋଇପାରିବେ । ପଶୁସ୍ତରୀୟ ମନୁଷ୍ୟ ଯେପରି ଅଧିକାଂଶତଃ ମନଦ୍ୱାରା ପରିଚାଳିତ ଏବଂ ସର୍ବୋଚ୍ଚ ସ୍ତରରେ ଅତି ସୂକ୍ଷ୍ମଭାବରେ ମଧ୍ୟ ମନଦ୍ୱାରା ପରିଚାଳିତ ଏକ ମନୁଷ୍ୟସମୂହରେ ପରିବର୍ତ୍ତିତ ହୋଇପାରିଛି, ଠିକ୍ ସେହିପରି ଆମର ଏହି ଯୁଗରେ ଅଥବା ଭବିଷ୍ୟତରେ ମନୁଷ୍ୟର ଏହି ବର୍ତ୍ତମାନ ଜାତିଟିର ଏକ

'oaob.nitrkl.ac.in' images reprocessed

ଅଧ୍ୟାତ୍ମପ୍ରେରିତ ଓ ଅଧ୍ୟାତ୍ମସ୍ଥିତ ମନୁଷ୍ୟସମୂହ ରୂପେ ଏକ ପରିବର୍ତ୍ତନ ବା ନବଦୀକ୍ଷା ଗ୍ରହଣ, ତାହା ହିଁ ହେଉଛି ବର୍ତ୍ତମାନ ମନୁଷ୍ୟଜାତିର ଆବଶ୍ୟକତା ଓ ତାହା ହିଁ ନିଶ୍ଚିତଭାବରେ ପ୍ରକୃତିର ମଧ୍ୟ ଅଭିପ୍ରାୟ । ଏହାର ସମର୍ଥନ କରିବାକୁ ଯାଇ ଆମେ କେଉଁ ପ୍ରକାର ରୂପ କଳ୍ପନାର ସାହାଯ୍ୟ ନେବା କିମ୍ବା କେଉଁ ସିଦ୍ଧାନ୍ତଟିକୁ ଗ୍ରହଣ କରିବା, ସେଥିରେ ଆଦୌ ଖୁବ୍ ବେଶି ପାର୍ଥକ୍ୟ ରହିବ ନାହିଁ ଏବଂ ଏହି ଆଧ୍ୟାତ୍ମିକ ପରିବର୍ତ୍ତନ ହିଁ ମନୁଷ୍ୟ ତଥା ପ୍ରକୃତିର ସର୍ବୋଚ୍ଚ ଆଦର୍ଶ ତଥା ସର୍ବୋଚ୍ଚ ପ୍ରୟାସ ହୋଇ ରହିବ । କୌଣସି ଏକ ନିର୍ଦ୍ଦିଷ୍ଟ ବିଶ୍ୱାସ ବା ସୂତ୍ରପ୍ରଥ ସେମାନେ ସାଧାରଣତଃ ଉଦାସ ରହିବେ ଏବଂ ମନୁଷ୍ୟ ତା'ର ସ୍ୱଭାବଦ୍ୱାରା ପ୍ରେରିତ ହୋଇ ଯେଉଁସବୁ ବିଶ୍ୱାସ ବା ସୂତ୍ର ଆଡ଼କୁ ଆକୃଷ୍ଟ ହେବ, ସେମାନେ ତାକୁ ତାହାକୁ ହିଁ ଗ୍ରହଣ କରିବାକୁ ହିଁ ଛାଡ଼ିଦେବେ । ମାତ୍ର ମୂଳତଃ ଏହି ଆଧ୍ୟାତ୍ମିକ ନବଦୀକ୍ଷାରେ ପୂର୍ଣ୍ଣ ବିଶ୍ୱାସ ରହିବ, ସେହି ବିଶ୍ୱାସଟି ଅନୁସାରେ ଜୀବନ ବଞ୍ଚିବାର ପୂର୍ଣ୍ଣ ଉଦ୍ୟମ ହେଉଥିବ ଏବଂ ଯଥାସମ୍ଭବ ଅଧିକ ପରିମାଣରେ ଆମର ଅର୍ଜିତ ଜ୍ଞାନକୁ ଏହି ଜୀବନଲାଗି ଉଦ୍ଦିଷ୍ଟ ଓ ନିୟୋଜିତ କରି ରଖାଯାଇପାରୁଥିବ,— ସେମାନେ କେବଳ ତାହାକୁ ହିଁ ସର୍ବସାର ଓ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମାନିବେ । ଏହି ଅର୍ଜିତ ଜ୍ଞାନ ଆପଣାକୁ କୌଣସି ନିର୍ଦ୍ଦିଷ୍ଟ ମତରୂପେ ପ୍ରକଟ କରିବ, ତାହା ଆଦୌ ଖୁବ୍ ବେଶି ବଡ଼ କଥା ହୋଇ ରହିବ ନାହିଁ । କୌଣସି ଏକ ଯାନ୍ତ୍ରିକ ବିଧାନ ଅଥବା ବାହ୍ୟ ଯାବତୀୟ ଅନୁଷ୍ଠାନଦ୍ୱାରା ଏହି ପରିବର୍ତ୍ତନଟିକୁ ସମ୍ଭବ କରାଯାଇ-ପାରିବ ବୋଲି ଭାବିବାର କୌଣସି ଭୁଲ୍ ସେମାନେ କଦାପି କରିବେ ନାହିଁ । ସେମାନେ ଏହି ଅସଲ କଥାଟିକୁ ଅବଶ୍ୟ ଜାଣିଥିବେ ଓ ସେଇଟିକୁ କଦାପି ଭୁଲିଯିବେ ନାହିଁ ଯେ ହୁଏତ ପ୍ରତ୍ୟେକ ମନୁଷ୍ୟ ପୂର୍ଣ୍ଣ ଅନ୍ତର୍ଗତ ଭାବରେ ତା'ର ଆପଣା ଜୀବନରେ ହିଁ ଏହି ପରିବର୍ତ୍ତନଟିକୁ କାର୍ଯ୍ୟକାରୀ କରିବ ଅଥବା ତାହା ନ ହେଲେ ମନୁଷ୍ୟସମାଜଲାଗି ତାହା କଦାପି ଏକ ବାସ୍ତବ ସମ୍ପଦରେ ପରିଣତ ହୋଇପାରିବ ନାହିଁ । ପ୍ରାଚ୍ୟର ଯେଉଁ ଅନ୍ତର୍ଗତ ଦୃଷ୍ଟିଟି ମନୁଷ୍ୟକୁ ତା'ର ନିଭୃତ ତଥା ମୁକ୍ତିର ସତ୍ୟ ରହସ୍ୟଟିକୁ କେବଳ ତା' ଭିତରେ ହିଁ ସନ୍ଧାନ କରିବାର ଉଦ୍‌ବୋଧନ ଦେଇଥାଏ, ସେମାନେ ସେହି ଦୃଷ୍ଟିଟିର ମର୍ମାର୍ଥଟିକୁ ଅବଶ୍ୟ ଗ୍ରହଣ କରିବେ ; ମାତ୍ର ଅପର ପକ୍ଷରେ ପାଶ୍ଚାତ୍ୟ ଯଥାର୍ଥ ଭାବରେ ଜୀବନ ଉପରେ ଏବଂ ଆମ ଉପାର୍ଜିତ ଜ୍ଞାନ ତଥା ଉପଲବ୍ଧିର ଯଥାସମ୍ଭବ ପ୍ରକୃଷ୍ଟ ବିନିଯୋଗକୁ ହିଁ ସମୁଦାୟ ଜୀବନର ସାଧାରଣ ନିୟମରୂପେ ଗ୍ରହଣ କରିଦେବା ଉପରେ ଯେଉଁ ଗୁରୁତ୍ୱ ସର୍ବଦା ଦେଇଆଏ, ସେଥିରେ ଏକ ଭିନ୍ନ ବ୍ୟଞ୍ଜନା ସହିତ ସେଇଟିକୁ ମଧ୍ୟ ଗ୍ରହଣ କରିନେବେ । ଏହି ସମାଜକୁ ସେମାନେ କେବଳ ମୁଷ୍ଟିମେୟ କେତେ ଜଣ ଜ୍ୟୋତିରୁଜ୍ଜ୍ୱଳ ଅଧ୍ୟାତ୍ମମୂର୍ତ୍ତି ବ୍ୟକ୍ତିଙ୍କ ସକାଶେ ଏକ ଛାୟାଚ୍ଛନ୍ନ ପୃଷ୍ଠଭୂମିରୂପେ ପ୍ରସ୍ତୁତ କରି ରଖିବେ ନାହିଁ, ଅଥବା ବୈରାଗ୍ୟପ୍ରଧାନ ଆଧ୍ୟାତ୍ମିକତାର ଏକ ଅପେକ୍ଷାକୃତ ଅଧିକ ବିରଳ ତଥା ନିଷ୍ଫଳ କୌଣସି ଫୁଲଟିଏ ସମ୍ଭବ କରିବାଲାଗି ସମାଜକୁ ସୂକ୍ଷ୍ମପାଙ୍କରେ ବଡ଼ କଷ୍ଟକଣା ସହିତ ବାଡ଼ ଦିଆଯାଇଥିବା ଏବଂ କେବଳ ମାଟିଆଡ଼କୁ ଯୋଡ଼ିହୋଇ

'oaob.nitrkl.ac.in' images reprocessed

ରହିଥିବା କେବଳ କୌଣସି ମୂଳଟିଏ କରି ମଧ୍ୟ ରଖିବ ନାହିଁ । ସମାଜର ଅନେକ ଓ ଅଧିକାଂଶ ଚିରଦିନଲାଗି ଜୀବନର କେବଳ ନିମ୍ନତର ପରିସରଗୁଡ଼ିକରେ ହିଁ ପଡ଼ି-ରହିଥିବେ ଏବଂ କେବଳ ଅଳ୍ପ କେତେସଂଖ୍ୟକ ବ୍ୟକ୍ତି ମୁକ୍ତ ବାୟୁ ଓ ଆଲୋକ ଭିତରକୁ ଆରୋହଣ କରିଯିବାର ବିଶେଷ ସୁଯୋଗ ଲାଭ କରୁଥିବେ, ସେମାନେ ଏହି ସିଦ୍ଧାନ୍ତଟିକୁ କଦାପି ଗ୍ରହଣ କରିବେ ନାହିଁ । ମାତ୍ର ଯେଉଁ ମହାନ୍ ଆତ୍ମାମାନେ ଏହି ପୃଥିବୀ ଉପରର ଜୀବନଟିକୁ ହିଁ ପୁନରୁଜ୍ଜୀବିତ କରିବାର ସାଧନା ଓ ଚେଷ୍ଟା କରିଯାଇଛନ୍ତି ଏବଂ ପୂର୍ବର ଯାବତୀୟ ବିଫଳତା ସତ୍ତ୍ୱେ ତଥାପି ଆପଣାର ବିଶ୍ୱାସକୁ ଉତ୍ତୋଳିତ କରି ରଖିଛନ୍ତି, ସେମାନେ ସେହିମାନଙ୍କର ଦୃଷ୍ଟିକୁ ଆପଣାର କରି ହିଁ ଯାତ୍ରା ଆରମ୍ଭ କରିବେ । ଯେକୌଣସି ମହାନ୍ ତଥା ଆୟାସସାଧ୍ୟ କାର୍ଯ୍ୟ ଏବଂ ଲକ୍ଷ୍ୟସାଧନରେ ପ୍ରଥମ ଅବସ୍ଥାରେ କେତେ କେତେ ବିଫଳତା ଆସି ପହଞ୍ଚିବ ; ମାତ୍ର ତା'ପରେ ଏପରି ଗୋଟିଏ ସମୟ ଆସିବ । ଯେତେବେଳେ କି ପୂର୍ବ ବିଫଳତାର ଅଭିଜ୍ଞତାଟିକୁ ସମ୍ପୂର୍ଣ୍ଣ କାର୍ଯ୍ୟସାଧକ ଭାବରେ କାମରେ ଲଗାଯାଇପାରିବ ଏବଂ ସେପର୍ଯ୍ୟନ୍ତ ଆମର ପଥଟିକୁ ରୁଦ୍ଧ କରି-ରଖିଥିବା ତୋରଣଦ୍ୱାରଟି ଉନ୍ମୁକ୍ତ ବି ହୋଇଯିବ । ମନୁଷ୍ୟର ଯାବତୀୟ ମହାନ୍ ଆକାଙ୍‌କ୍ଷା ତଥା ଉଦ୍ୟମରେ ଯାହା ହୋଇଥାଏ, ଏଠାରେ ମଧ୍ୟ ଆମେ ତାହାକୁ ହିଁ ସତ୍ୟ ବୋଲି ଜାଣିରଖିବା;—ଅର୍ଥାତ୍ ଉଦ୍ୟମଟିକୁ ଆରମ୍ଭ କରିବା ଆଗରୁ ସକଳ ପ୍ରୟାସଟିକୁ ଅସମ୍ଭବ ବୋଲି ଘୋଷଣା କରି ବାହାରିଲେ ତାହାକୁ କେବଳ ଅଜ୍ଞାନ ଓ ଦୁର୍ବଳତା ବୋଲି ହିଁ କହିବାକୁ ହେବ । ଅର୍ଥାତ୍ ଯେକୌଣସି ନୂତନ ଆବିଷ୍କାରକ ଏବଂ ଉଦ୍‌ଭାବକର 'ଯାଇ ଯାଇ ସମାଧାନ ବାହାର କରିବା' ହିଁ ସାଧକର ଯାବତୀୟ ସାଧନାରେ ମୂଳ ପ୍ରେରଣଶକ୍ତି ହୋଇ ରହିବ । କାରଣ, କେବଳ କର୍ମଦ୍ୱାରା ହିଁ ଆମେ ସକଳ ଦୁରୂହତାର ସମାଧାନ ପାଇପାରିବା । ପ୍ରଥମେ ଯଥାର୍ଥ ଭାବରେ ଆରମ୍ଭ କରିବାକୁ ପଡ଼ିବ, ଏବଂ କାଳ ହିଁ ଅବଶିଷ୍ଟ ଯାବତୀୟ ବିଷୟର ଦାୟିତ୍ୱ ଗ୍ରହଣ କରିବ । ତ୍ୱରିତଗତି ନାନା ସିଡ଼ି ମଧ୍ୟ ଦେଇ ହେଉ, ଅଥବା ଦୀର୍ଘ ଓ ଧୀର ଏକ ଶ୍ରମସାଧନାଦ୍ୱାରା ହେଉ, କାଳ ତାହାର କାର୍ଯ୍ୟଟିକୁ ନିଶ୍ଚୟ ସମ୍ପନ୍ନ କରିବ ।

ମନୁଷ୍ୟର ଜୀବନ ଯେତିକି ବୃହତ୍, କରିବାକୁ ରହିଥିବା ଏହି କାର୍ଯ୍ୟଟି ମଧ୍ୟ ଠିକ୍ ସେତିକି ବୃହତ୍ ; ଏବଂ ସେଥିଲାଗି ଯେଉଁ ବ୍ୟକ୍ତିମାନେ ଏହି କାର୍ଯ୍ୟସାଧନପଥରେ ଅଗ୍ରଗାମୀ ହୋଇ ବାହାରିବେ, ସେମାନେ ଆପଣାର କ୍ଷେତ୍ରରୂପେ ସମୁଦାୟ ମାନବଜୀବନକୁ ହିଁ ଅବଶ୍ୟ ଗ୍ରହଣ କରିବେ । ଏହି ପଥନିର୍ମିତା ପୁରୋଗାମୀମାନେ କୌଣସି ଗୋଟିଏ ବିଷୟକୁ ମଧ୍ୟ ଆପଣା କ୍ଷେତ୍ରର ବହିର୍ଗତ ବୋଲି ବିଚାର କରିବେ ନାହିଁ, ଆପଣାର କର୍ମସୀମାର ବହିର୍ଗତ ବୋଲି ଭାବିବେ ନାହିଁ । କାରଣ, ଆମେ ଯାହାକୁ ଅଧ୍ୟାତ୍ମ ବୋଲି କହୁଛୁ, ତାହା ମନୁଷ୍ୟଜୀବନର ପ୍ରତ୍ୟେକ ବିଭାଗକୁ ଆପଣା ଭିତରେ ଗ୍ରହଣ କରିବାକୁ ସମର୍ଥ ହେବ; କେବଳ ବୁଦ୍ଧିଗତ, ସୌନ୍ଦର୍ଯ୍ୟବୋଧଗତ

'oaob.nitrkl.ac.in' images reprocessed

ଅଥବା ନୈତିକତାଦ୍ୱାରା ପରିଚାଳିତ ଭାଗଗୁଡ଼ିକୁ ନୁହେଁ, ମାନବ ଜୀବନର ଗତିଶୀଳ, ଭୌତିକ ତଥା ପ୍ରାଣଗତ ଭାଗଗୁଡ଼ିକୁ ମଧ୍ୟ ତାହା ଗ୍ରହଣ କରିନେବ । ତେଣୁ ଏଗୁଡ଼ିକ ମଧ୍ୟରୁ କୌଣସି ବିଷୟଟି ପ୍ରତି ଏବଂ ସେଥିରୁ ଉତ୍ପନ୍ନ ହେଉଥିବା କୌଣସିଟି କ୍ରିୟା ପ୍ରତି ସେହି ପୁରୋଗାମୀମାନଙ୍କର କଦାପି କୌଣସି ଅବଜ୍ଞା ବା ବିଦ୍ୱେଷଭାବ କେବେହେଲେ ରହିବ ନାହିଁ ; ସେଗୁଡ଼ିକର ଭାବାତ୍ମକତାରେ ସେମାନେ ଯାହା କିଛି ପରିବର୍ତ୍ତନ ଇଚ୍ଛା କରୁଥିଲେ ମଧ୍ୟ ଏବଂ ସେଗୁଡ଼ିକର ବାହ୍ୟରୂପକୁ ଭାଙ୍ଗି ସେମାନେ ଯେତେ ନୂଆ କରି ଗଢ଼ିବାକୁ ଚାହୁଁଥିଲେ ମଧ୍ୟ ତଥାପି କୌଣସିଟି ପ୍ରତି ସେମାନଙ୍କର କୌଣସି ଘୃଣା କିମ୍ବା ଅବଜ୍ଞା ରହିବ ନାହିଁ । ଆମ ପ୍ରକୃତିର ପ୍ରତ୍ୟେକ ସାମର୍ଥ୍ୟଟି ମଧ୍ୟରେ ସେମାନେ ସେଗୁଡ଼ିକର ଯଥୋପଯୁକ୍ତ ସାଧନାର ସନ୍ଧାନ କରି ସେହିଗୁଡ଼ିକଦ୍ୱାରା ହିଁ ସେଗୁଡ଼ିକୁ ନବଦୀକ୍ଷିତ କରିବାର ପ୍ରୟାସ କରିବେ । ଯାବତୀୟ ସବୁକିଛି ମଧ୍ୟରେ ସେହି ପରମ ଦିବ୍ୟତା ହିଁ ପ୍ରଚ୍ଛନ୍ନ ରହିଛନ୍ତି ବୋଲି ଜାଣି ସେମାନେ ଏହି ସତ୍ୟଟିକୁ ଧାରଣ କରି ରହିବେ ଯେ ଯାବତୀୟ ସକଳ ସାଧନକୁ ମଧ୍ୟ କେବଳ ସେହି ଚିଦ୍‌ଗତତାର ଆତ୍ମ-ଆବିଷ୍କାରର ସାଧନରୂପେ ପରିଣତ କରାଯାଇପାରିବ ଏବଂ ସମସ୍ତଙ୍କୁ ହିଁ କେବଳ ତାହାରି ଦିବ୍ୟ ଜୀବନସ୍ଫୁରଣାର ଭୂମିଷ୍ଠରୂପେ ପରିବର୍ତ୍ତିତ କରିଦିଆଯାଇପାରିବ । ଏହି ନିତ୍ୟନୈମିତ୍ତିକ ସାଧାରଣ ମନଟି ଅଧ୍ୟାତ୍ମମନର ନୂତନ ରୂପ ଗ୍ରହଣ କରିବ ଏବଂ ତା'ପରେ ସେହି ମନ ଆପଣାକୁ ଆପଣାର ଉଚ୍ଚତର ସମ୍ଭାବନାଗୁଡ଼ିକ ମଧ୍ୟକୁ ଉନ୍ମୋଚିତ କରିଦେବ ଓ ଆପଣାର ଗତିସ୍ପନ୍ଦନକୁ ଅଧିକରୁ ଅଧିକ ସମଗ୍ର କରିବାଲାଗି ସାମର୍ଥ୍ୟ ଅର୍ଜନ କରିବ ;—ସେହି ପୁରୋଗାମୀମାନେ ଏହାକୁ ହିଁ ସର୍ବପ୍ରଧାନ ଓ ସର୍ବମହାନ୍ ଆବଶ୍ୟକତା ବୋଲି ଗ୍ରହଣ କରିବେ । କାରଣ, ସେହି ଚୂଡ଼ାନ୍ତ ପରିବର୍ତ୍ତନଟି ସମ୍ଭବ ହେବା ପୂର୍ବରୁ ବାରବାର ଝୁଣ୍ଟି ଜଖମ ହୋଇ ବାଟ ଚାଲୁଥିବା ଆମର ଏହି ବୁଦ୍ଧିଗତ ବିଚାରଣାକୁ ସେହି ଯଥାର୍ଥ ଏବଂ ଜ୍ୟୋତିର୍ମୟ ସମ୍ବୋଧିପ୍ରେରିତ ବୁଦ୍ଧିରେ ରୂପାନ୍ତରିତ ହୋଇଯିବାକୁ ପଡ଼ିବ ଏବଂ ତା'ପରେ ଆପଣାର ଆନ୍ତର ଉଚ୍ଚ ବିସ୍ତାରଗୁଡ଼ିକ ମଧ୍ୟକୁ ଅଧିଗମି ତାହା ଅଧିମାନସରେ ପ୍ରବିଷ୍ଟ ହେବ ଏବଂ ତା'ପରେ ଅତିମାନସ ବା ବିଜ୍ଞାନମୟତାରେ ପ୍ରବେଶ କରିପାରିବ । ମନୋଭୂମିଟା ଉପରେ ଆତଯାତ ହେଉଥିବା ଆମର ଏହି ଅନିଶ୍ଚିତପାଦ ଓ ଅନିଶ୍ଚିତଲକ୍ଷ୍ୟ ଇଚ୍ଛାକୁ ମଧ୍ୟ ଏକ ସୋପାନକ୍ରମରେ ସେହି ନିଶ୍ଚିତନିର୍ଭର ସମ୍ବୋଧିମୟ ଇଚ୍ଛାଟିର ଅଭିମୁଖରେ ଉନ୍ନୀତ ହୋଇଯିବାକୁ ପଡ଼ିବ ତଥା ଏକ ଅଧିକ ଉଚ୍ଚ ଦିବ୍ୟ ଏବଂ ବିଜ୍ଞାନମୟ ଇଚ୍ଛା ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ ଏବଂ 'ହୃଦୟେ ଗୁହାୟାଂ' ଅବସ୍ଥିତ ସେହି ଆତ୍ମାର ଚୈତ୍ୟ ମାଧୁର୍ଯ୍ୟ, ଅଗ୍ନି ତଥା ଆଲୋକ ମଧ୍ୟରେ ପ୍ରବିଷ୍ଟ ହେବାକୁ ପଡ଼ିବ । ଆମ ପ୍ରାଣାତ୍ମକ ପ୍ରକୃତିଟିର ସ୍ଥୂଳ ସଂବେଗଗୁଡ଼ିକୁ କଠିନ ଯାବତୀୟ ଅହଂମନ୍ୟତାକୁ ଏବଂ ଦୁର୍ବାର ବାସନାଗୁଡ଼ିକୁ ତାହା ନୂତନ ରସରେ ରସାଣିତ ଓ ରୂପାନ୍ତରିତ କରିଦେବ । ଆମ ଜୀବନର ଅନ୍ୟ ସକଳ ଅଙ୍ଗଗୁଡ଼ିକୁ ମଧ୍ୟ ଊର୍ଦ୍ଧ୍ୱସ୍ଥ ସେହି ଉତ୍‌ପ୍ରେରକ ଶକ୍ତି ଓ ଆଲୋକର ପ୍ରେରଣାଦ୍ୱାରା

'oaob.nitrkl.ac.in' images reprocessed

ପରିଚାଳିତ ହୋଇ ଏହିପରି ଏକ ନୂତନ ଦୀକ୍ଷା ମଧ୍ୟଦେଇ ଗତି କରିବାକୁ ପଡ଼ିବ । ଏହି ଲକ୍ଷ୍ୟଟିର ଉପଲବ୍ଧି ଦିଗରେ ପୂର୍ବରୁ କରାଯାଇଥିବା ସକଳ ପ୍ରୟାସଦ୍ୱାରା ଯେଉଁ ଜ୍ଞାନ ଓ ସାଧନଗୁଡ଼ିକର ବିକାଶ ହୋଇଆସିଛି, ଅଧ୍ୟାତ୍ମଯାତ୍ରାର ନାୟକମାନେ ସେହିଠାରୁ ହିଁ ଆରମ୍ଭ କରିବେ ଓ ସେହିସବୁ ସାଧନ ଓ ଜ୍ଞାନକୁ କାମରେ ଲଗାଇବେ ସତ, ମାତ୍ର ସେଗୁଡ଼ିକରେ ଆବଶ୍ୟକ ଗଭୀର ପରିବର୍ତ୍ତନ ନ କରି ସେଗୁଡ଼ିକ ଯେଉଁଭଳି ରହିଛନ୍ତି, ଠିକ୍ ସେହିଭଳି ଭାବରେ ହିଁ ସେଗୁଡ଼ିକୁ ଗ୍ରହଣ କରିନେବେ ନାହିଁ ଅଥବା ବର୍ତ୍ତମାନ କେବଳ ଯେତିକି ଜ୍ଞାନଭୂମିର ଗୋଚରକୁ ଆସିଛି, କେବଳ ସେତିକଦ୍ୱାରା ହିଁ ଆପଣାକୁ ବାନ୍ଧି ଦେଇ ରଖିବେ ନାହିଁ ; ସେମାନେ ସୁନିର୍ଦ୍ଦିଷ୍ଟ କେବଳ କେତୋଟି ନିର୍ଦ୍ଦିଷ୍ଟ ଚଳଣିଭିତରେ ଲାଗି ରହିଯିବେ ନାହିଁ କିମ୍ବା ପରିଣାମର କୌଣସି ଦୃଢ଼ ଶ୍ରେଣୀବଦ୍ଧତାକୁ କାମୁଡ଼ି ଧରିବେ ନାହିଁ ; ସେମାନେ ପ୍ରକୃତିର କ୍ଷେତ୍ରରେ କାର୍ଯ୍ୟ କରୁଥିବା ସେହି ପରମ ଚିତ୍‌ଶକ୍ତିର ନିୟମକୁ ହିଁ ଅନୁସରଣ କରିବେ । ଅର୍ଥାତ୍ ସର୍ବଦା ନୂଆ ନୂଆ ଉଦ୍‌ଭାବନ ଓ ପୁନରୁଦ୍‌ଭାବନ ଲାଗିରହିଥିବ, ନାନା ନୂତନ ସୂତ୍ରର ପ୍ରବର୍ତ୍ତନ କରାଯାଉଥିବ ଓ ମନଃକ୍ଷେତ୍ରରେ ସତତ ଏକ ବୃହତ୍ତର ସମନ୍ୱୟର ହିଁ ପ୍ରସ୍ତୁତି ଚାଲିଥିବ ; ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନ ଥିବା ବା ସୁସମ୍ବଦ୍ଧ ଅର୍ଥାତ୍ ସୁନିର୍ଦ୍ଦିଷ୍ଟ କରି ରଖାଯାଇ-ପାରି ନ ଥିବା ଏକ ବୃହତ୍ତର ଓ ପ୍ରସାରଧର୍ମୀ ପରମସତ୍ୟ ସେହି ମନଭିତରେ ପ୍ରଚ୍ଛନ୍ନ ହୋଇ ରହିଛି ବୋଲି ତାହାର ଗଭୀରତର ପ୍ରଦେଶଗୁଡ଼ିକରେ ସ୍ଫୂର୍ତ୍ତି ଶକ୍ତିମତ୍ତାର ସହିତ ନୂତନ ନାନା ରଚନ ଓ ସଂରଚନ ଲାଗିରହିଥିବ ;—ଅଧ୍ୟାତ୍ମମାର୍ଗର ପୁରୋଗାମୀ ଭବିଷ୍ୟତର ସେହି ବୃହତ୍ତ୍ୱଟିର ଅଭିମୁଖରେ ଗତି କରିଯାଉଥିବାବେଳେ କେବଳ ଏହିପରି ଭାବରେ ହିଁ ଆମର ପରମ ଚିତ୍‌ଶକ୍ତି ପ୍ରାକ୍ତନ ସକଳ ସିଦ୍ଧିର ସମ୍ମୁଖୀନ ହେଉଥିବ ।

ଏହି ସାଧନାଟି ବ୍ୟକ୍ତିଲାଗି ମଧ୍ୟ ଏକ ଅତି ଆୟାସସାଧ୍ୟ ସାଧନା ହୋଇ ରହିବ ଏବଂ ତାହାଠାରୁ ସର୍ବୋଚ୍ଚ ପ୍ରଚେଷ୍ଟା ଦାବି କରିବ ; ମନୁଷ୍ୟସମାଜଲାଗି ତ ଆହୁରି ଅନେକ ଗୁଣରେ ଆୟାସଯୁକ୍ତ ହୋଇ ରହିବ । ହୁଏତ ଏପରି ହୋଇପାରେ ଯେ ଆରମ୍ଭ ହୋଇସାରିବା ପରେ ଏହି ସାଧନା ହୁଏତ ଆବଶ୍ୟକ କ୍ଷିପ୍ରତା ସହିତ ଆପଣାର ପ୍ରଥମ ମୀମାଂସକ ପର୍ଯ୍ୟାୟଟି ଯାଏ ମଧ୍ୟ ଗତି କରିପାରିବ ନାହିଁ, କୌଣସି ପ୍ରକାରର ଏକ ସ୍ଥାୟୀ ଜନ୍ମଲାଭର ଅବସ୍ଥାରେ ଆସି ପହଞ୍ଚିବାକୁ ହୁଏତ ତାକୁ ଦୀର୍ଘ ଅନେକ ଶତାବ୍ଦୀର କଠୋର ପ୍ରୟାସ କରିବାକୁ ପଡ଼ିବ । ମାତ୍ର ତାହାକୁ କେବେହେଲେ ଅନିବାର୍ଯ୍ୟ ବୋଲି ବୁଝାଯିବ ନାହିଁ ; କାରଣ ପ୍ରକୃତିର କ୍ଷେତ୍ରରେ ଏହିସବୁ ପରିବର୍ତ୍ତନ ସାଧାରଣତଃ ଯେଉଁ ରୀତିଟିର ଅନୁସରଣ କରିଥାଏ, ସେଥିରୁ ମନେହୁଏ ଯେ ପ୍ରଥମେ ବଡ଼ ଅସ୍ପଷ୍ଟଭାବରେ ଏକ ଦୀର୍ଘକାଳବ୍ୟାପୀ ପ୍ରସ୍ତୁତି ଚାଲିଥାଏ ଏବଂ ତା'ପରେ ଅତୀବ ବେଗର ସହିତ ସମ୍ପୃକ୍ତ ଉପାଦାନଗୁଡ଼ିକ ଏକତ୍ର ସମାହୃତ ଓ ସମ୍ଭୃତ ହୋଇଆସେ, ତା'ପରେ ଏକ ସତ୍ୱର

'oaob.nitrkl.ac.in' images reprocessed

ରୂପାନ୍ତର ସଙ୍ଘଟିତ ହୁଏ ଏବଂ ଆପଣାର ସେହି ଜ୍ୟୋତିର୍ମୟ ଜନ୍ମମୁହୂର୍ତ୍ତଟିରେ ରୂପାନ୍ତରଟି ସତେଅବା ଏକ ଅଲୌକିକ ଘଟଣା ପରି ଦୃଷ୍ଟିଗୋଚର ହେବାକୁ ଲାଗେ । ସ୍ମରଣ ରଖିବାକୁ ହେବ ଯେ ପ୍ରଥମ ମୀମାଂସକ-ପର୍ଯ୍ୟାୟଟି ଉପଲବ୍ଧ ହୋଇଯିବା ପରେ ମଧ୍ୟ ସମୁଦାୟ ମନୁଷ୍ୟସମାଜ ସେହି ସୋପାନଟିକୁ ଉନ୍ନୀତ ହୋଇଯିବାରେ ଆଦୌ ସମର୍ଥ ହେବେ ନାହିଁ । ଏ କଥା ଅବଶ୍ୟ ଘଟିବ ଯେ ସେହି ସୋପାନଟିର ମନର ଭୂମିମଧ୍ୟକୁ ଅବତୀର୍ଣ୍ଣ ହୋଇ ଆସୁଥିବା ଆଲୋକ ମଧ୍ୟରେ ହିଁ ଯେଉଁମାନେ ଆପଣାର ଜୀବନ ବଞ୍ଚିବା-ଲାଗି ସମର୍ଥ ହେବେ, ସେମାନେ ଅନ୍ୟମାନଙ୍କଠାରୁ ଏକ ଶ୍ରେଣୀରୂପେ ବିଭକ୍ତ ହୋଇ ରହିଯିବେ । ଏବଂ ଏମାନଙ୍କ ତଳକୁ ମଧ୍ୟ ଜନସମୂହର ଏପରି ଏକ ବୃହତ୍ ଖଣ୍ଡ ଅବସ୍ଥିତ ରହିଥିବ, ଯିଏ କି ଊର୍ଦ୍ଧ୍ୱସ୍ଥ ସେହି ଆଲୋକଦ୍ୱାରା ପ୍ରଭାବିତ ହେଉଥିବ ସତ, ମାତ୍ର ତଥାପି ସେହି ଆଲୋକଲାଗି ପ୍ରସ୍ତୁତ ହୋଇ ନ ଥିବ ; ମାତ୍ର ତଥାପି ତାହାକୁ ମଧ୍ୟ ଅବଶ୍ୟ ଏକ ରୂପାନ୍ତର ବୋଲି ବୁଝାଯିବ ; ଏବଂ ଏପର୍ଯ୍ୟନ୍ତ ଯେତିକି ସିଦ୍ଧ ହୋଇଛି, ତାହାର ସୀମାଟିକୁ କେତେ କେତେ ଦୂରକୁ ଅତିକ୍ରମିଯାଇଥିବା ଏକ ଆରମ୍ଭ ବୋଲି ମଧ୍ୟ ବୁଝାଯିବ । ଆମର ବର୍ତ୍ତମାନର ପ୍ରାଣିକ ସତ୍ତ୍ୱଭୂମିରେ ଯାହା ହେଉଛି, ସେହିଭଳି ଏକ ନ୍ୟାୟଦ୍ୱାରା ପ୍ରଣୋଦିତ ହୋଇ ଆମେ ଏହି ସୋପାନକ୍ରମକୁ କଦାପି ଅବିକଶିତମାନଙ୍କ ଉପରେ ଅପେକ୍ଷାକୃତ ଅଧିକ ବିକଶିତଙ୍କର ଏକ ଆଧିପତ୍ୟ ବୋଲି କହିବାକୁ ଯିବା ନାହିଁ ; ଆମେ ଏହାକୁ ସେହି ଗୋଟିଏ ମନୁଷ୍ୟସମାଜର ବଡ଼ଭାଇମାନଙ୍କଦ୍ୱାରା ସାନ-ଭାଇମାନଙ୍କୁ ବାଟ ଦେଖାଇନେଇଯିବା ବୋଲି ହିଁ କହିବା, ସେମାନଙ୍କୁ ଏକ ବୃହତ୍ତର ଆଧ୍ୟାତ୍ମିକ ସୋପାନ ଏବଂ ଅଧିକ ପ୍ରଶସ୍ତ ଆହୁରି କେତେ ଦିଗନ୍ତ ଆଡ଼କୁ ଉତ୍ତୋଳିତ କରି ନେଇଯିବା ସକାଶେ ଏକ ସତତ ଯତ୍ନଶୀଳତା ବୋଲି କହିପାରିବା । ଏବଂ ପ୍ରଥମ ପର୍ଯ୍ୟାୟର ଏହି ଅଧ୍ୟାତ୍ମସ୍ତରଗୁଡ଼ିକୁ ଉଠିଗଲେ ହିଁ ଏହି ପଥର ପୁରୋଗାମୀମାନଙ୍କର ଊର୍ଦ୍ଧ୍ୱ ପଥଯାତ୍ରାଟି କଦାପି ଅନ୍ତ ହୋଇଯିବ ନାହିଁ ; ଯେଉଁଠି ଆଉ ଏହି ପୃଥିବୀ ଉପରେ ଆଉ ଅଧିକ କିଛି ଉପଲବ୍ଧ କରିବାକୁ ନ ଥିବ, ସେପରି ଏକ ପୂର୍ଣ୍ଣସିଦ୍ଧିରେ ତାହା ସେମାନଙ୍କୁ ଆଣି କଦାପି ପହଞ୍ଚାଇଦେବ ନାହିଁ । କାରଣ, ସେହି ଅତିମାନସ ପ୍ରସ୍ତାରଟି ମଧ୍ୟରେ ହିଁ ଆହୁରି ଅନେକ ଉଚ୍ଚତର ସୋପାନ ଅବସ୍ଥିତ ରହିଥିବ । ସେହିସବୁ ସୋପାନ ବିଷୟରେ ଆପଣାର ଜ୍ଞାନକୁ ପ୍ରକଟ କରିଦେଇ ପ୍ରାଚୀନ ବୈଦିକ କବିମାନେ ଆଧ୍ୟାତ୍ମିକ ଜୀବନକୁ ଏକ ନିରନ୍ତର ଆରୋହଣରୂପେ ହିଁ ବର୍ଣ୍ଣନା କରିଥିଲେ—

"ବ୍ରହ୍ମାଣଃ ତ୍ୱା ଶତକ୍ରତୋ
ଉଦ୍ ବାଂଶଂ ଇବ ଯେମିରେ
ଯତ୍ ସାନୋଃ ସାନୁମ୍ ଆରୁହତ୍
ଭୂରି ଅସ୍ପଷ୍ଟ କର୍ତ୍ତ୍ୱମ୍ ।।"

'oaob.nitrkl.ac.in' images reprocessed

—ହେ ଶତଶକ୍ତିମାନ୍, ଶକ୍ତିର ଉପାସକମାନେ ସିଢ଼ି ଉଠିଗଲା ପରି ତୁମକୁ ଅନ୍ୱେଷଣ କରନ୍ତି । ଗୋଟିଏ ଶୃଙ୍ଗରୁ ଆଉ ଗୋଟିଏ ଶୃଙ୍ଗକୁ ଉଠିଗଲା ପରେ ଯାହା ତଥାପି କରିବାକୁ ବାକି ରହିଥାଏ, ତାହାକୁ ସିଦ୍ଧ ବା ସମ୍ପନ୍ନ କରାଯାଏ ।

ମାତ୍ର ଥରେ ଭିତ୍ତିଟି ଦୃଢ଼ସିଦ୍ଧ ହୋଇଗଲେ ତା'ପରେ ଆଉସବୁ ସତେଅବା ଏକ କ୍ରମପର୍ଯ୍ୟାୟୀ ଆତ୍ମ-ଉନ୍ମୋଚନର ସ୍ୱଭାବରେ ବିକଶିତ ହୋଇଯାଏ ଏବଂ ଆତ୍ମା ଆପଣାର ପଥଟି ସମ୍ବନ୍ଧରେ ସୁନିଶ୍ଚିତ ହୋଇ ରହିଥାଏ । ସେହି ବୈଦିକ ପ୍ରାଚୀନ ସ୍ତୋତ୍ରରଚୟିତାମାନେ ଯେପରି ପୁଣି କହିଛନ୍ତି—

"ଅତ୍ୟବସ୍ଥାଃ ପ୍ର ଜାୟନ୍ତେ,
ପ୍ର ବବ୍ରେଃ ବବ୍ରିଶ୍ ଚିକେତ;
ଉପସ୍ଥେ ମାତୁଃ ଵି ଚଷ୍ଟେ ।"

—ଅବସ୍ଥା ପରେ ଅବସ୍ଥା ଜନ୍ମଲାଭ କରେ, ଗୋଟିଏ ଆବରଣ ପରେ ଆଉ ଗୋଟିଏ ଆବରଣ ଚେତନାଯୁକ୍ତ ହେବାରେ ଲାଗିଥାଏ; ସେହି ମାତୃକୋଡ଼ରେ ବର୍ତ୍ତମାନ ରହି ଆତ୍ମା ଦେଖିବାକୁ ସମର୍ଥ ହୁଏ ।

ଅନ୍ତତଃ ଏହାକୁ ହିଁ ଆମେ ଆମର ସର୍ବୋଚ୍ଚ ଆକାଙ୍କ୍ଷା ବୋଲି କହିବା, ମନୁଷ୍ୟର ଦୃଷ୍ଟିସମକ୍ଷରେ ଉନ୍ମୋଚିତ ହୋଇଯାଉଥିବା ତାହାର ସମ୍ଭାବ୍ୟ ସେହି ନିୟତିଟି ବୋଲି କହିବା । ଏବଂ ମନୁଷ୍ୟର ମନୋଭୂମି ଯେଉଁଭଳି ଭାବରେ ବିକାଶ ଲାଭ କରୁଛି ଓ ଅଗ୍ରସର ହେଉଛି, ସେଥିରୁ ତାହା ସେହି ସମ୍ଭାବନାଟିର ପୁନର୍ବିକାଶ ଘଟାଇବାଲାଗି ଆଗେଇ ଚାଲିଛି ବୋଲି ହିଁ ପ୍ରତୀତ ହେଉଛି । ବର୍ତ୍ତମାନ ଜନ୍ମଲାଭ କରୁଥିବା ଆଲୋକଟି ଯଦି ବୃଦ୍ଧିପ୍ରାପ୍ତ ହୁଏ, ଆପଣା ଭିତରେ ତଥା ଏହି ବିଶ୍ୱଜଗତରେ ସେହି ସମ୍ଭାବନାଟିର ଉପଲବ୍ଧି କରିବାର ସାଧନା କରୁଥିବା ବ୍ୟକ୍ତିମାନଙ୍କର ସଂଖ୍ୟା ଯଦି ଆହୁରି ବୃଦ୍ଧି ପାଏ ଏବଂ ସେମାନେ ଯଥାର୍ଥ ପଥଟିର ଅଧିକ ନିକଟବର୍ତ୍ତୀ ହୋଇ-ଆସନ୍ତି, ତେବେ ଯେଉଁ ପରମ ଚିଦ୍‌ଗତତାଟି ଏଇଠି ଏହି ମନୁଷ୍ୟ ଭିତରେ ଅବସ୍ଥିତ ରହିଛି ଓ ବର୍ତ୍ତମାନ ଏକ ପ୍ରଚ୍ଛନ୍ନ ଦିବ୍ୟତାରୂପେ ଅବସ୍ଥାନ କରୁଛି, ନିମ୍ନବିକଶିତ ଏକ ଆଲୋକ ତଥା ସାମର୍ଥ୍ୟରୂପେ ଅବସ୍ଥାନ କରୁଛି, ତାହା ଊର୍ଦ୍ଧ୍ୱଦେଶରୁ ଏପର୍ଯ୍ୟନ୍ତ ଅଗୋଚର ଏବଂ ଅନନୁମିତ ହୋଇ ରହିଥିବା ଏକ ପରମ ଦେବତାଙ୍କର ଅବତାର-ରୂପେ ଅଧିକ ପରିପୂର୍ଣ୍ଣ ଭାବରେ ସମଗ୍ର ମନୁଷ୍ୟସମାଜର ଆତ୍ମାମଧ୍ୟକୁ ଅବତୀର୍ଣ୍ଣ ହୋଇ-ଆସିବ ; ଏବଂ ଯେଉଁ ମହାନ୍ ବ୍ୟକ୍ତିତ୍ୱସକଳଙ୍କ ମଧ୍ୟରେ ସେହି ଆଲୋକ ଏବଂ ସାମର୍ଥ୍ୟ ସବୁଠାରୁ ଅଧିକ ଶକ୍ତିଶାଳୀ ହୋଇ ଅବସ୍ଥାନ କରୁଛି, ସେହିମାନଙ୍କର ଜୀବନ ଭିତରକୁ ଅବତୀର୍ଣ୍ଣ ହୋଇ ଆସିବ । ସେତିକବେଳେ ଈପ୍‌ସିତ ଏଭଳି ଏକ ପରିବର୍ତ୍ତନ ସଂଘଟିତ ହେବ, ଯାହାକି ମନୁଷ୍ୟ ଜୀବନକୁ ତାହାର ଏହି ବର୍ତ୍ତମାନ ସୀମାଗୁଡ଼ିକ ମଧ୍ୟରୁ ଅନାଗତ

'oaob.nitrkl.ac.in' images reprocessed

'ସେହି ବୃହତ୍ତର ତଥା ଶୁଭ୍ରତର କେତେକେତେ ଦିଗନ୍ତ ଭିତରକୁ ଉନ୍ନୀତ ଓ ଉନ୍ମୀଳିତ ହୋଇଯିବାଲାଗି ପ୍ରସ୍ତୁତ କରିବାକୁ ଆରମ୍ଭ କରିବ । ସେତେବେଳେ ଏହି ପୃଥିବୀର ବିବର୍ତ୍ତନ ଆପଣାର ଅନ୍ତର୍ନିହିତ ମହାନ୍ ଆବେଗଟିକୁ ଊର୍ଦ୍ଧ୍ୱଦିଗରେ ଧାବିତ କରାଇବ ଏବଂ ଏପରି ଏକ ଉଦ୍‌ବ୍ୟ ଆରୋହଣକ୍ରମରେ ସେହି ପରମୋନ୍ମୋଚନକାରୀ ପଦକ୍ଷେପଟିକୁ ସିଦ୍ଧ କରିଦେବ, ଇତରପ୍ରାଣୀର ସ୍ତରରୁ ଭାବନାସମର୍ଥ ଏବଂ ଆକାଂକ୍ଷାପ୍ରେରିତ ମନୁଷ୍ୟର ଆବିର୍ଭାବ ଯାହାର କି କେବଳ ଏକ ଅସ୍ପଷ୍ଟ ପ୍ରସ୍ତୁତିମାତ୍ର ହୋଇ ରହିଥିଲା ଏବଂ କେବଳ ଏକ ସୁଦୂର ସମ୍ଭାବନାର ପ୍ରତିଶ୍ରୁତି ହିଁ ଦେଇଯାଉଥିଲା ।

---

'oaob.nitrkl.ac.in' images reprocessed